# ଦିବ୍ୟ ଜୀବନ

## ପ୍ରଥମ ଖଣ୍ଡ

'oaob.nitrkl.ac.in' images reprocessed

*Oriya Translation*

*of*

# THE LIFE DIVINE

Vol. I

ଏକ ସେଟ୍(ଦଶଖଣ୍ଡ)ର ମୂଲ୍ୟ :

ଅଗଷ୍ଟ, ୧୯୭୨ ପୂର୍ବରୁ : ଟ ୧୫୦·୦୦

ଅଗଷ୍ଟ, ୧୯୭୨ ପରେ : ଟ ୨୫୦·୦୦

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ସାହିତ୍ୟ-ସଂଗ୍ରହ
ଖଣ୍ଡ-୪

# ଦିବ୍ୟ ଜୀବନ

( ପ୍ରଥମ ଖଣ୍ଡ )

ଶ୍ରୀଅରବିନ୍ଦ

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କ 'The Life Divine—Vol. I' ଗ୍ରନ୍ଥର
ଓଡ଼ିଆ ଅନୁବାଦ ।

ଅନୁବାଦ :

ଶ୍ରୀ ଚନ୍ଦ୍ରରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ୨୪ ଏପ୍ରିଲ, ୧୯୭୨

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨

ଏକ ସେଟ୍ (ଦଶଖଣ୍ଡ)ର ମୂଲ୍ୟ :

ଟ ୧୫୦·୦୦ ( ଅଗଷ୍ଟ, ୧୯୭୨ ପୂର୍ବରୁ )
ଟ ୨୫୦·୦୦ ( ଅଗଷ୍ଟ, ୧୯୭୨ ପରେ )

Printed at Sri Aurobindo Ashram Press, Pondicherry-2, India.

'oaob.nitrkl.ac.in' images reprocessed

# ସୂଚୀପତ୍ର

## ଦିବ୍ୟ ଜୀବନ (ପ୍ରଥମ ଖଣ୍ଡ)


| ବିଷୟ | ପୃଷ୍ଠା |
|---|---|
| ୧. ମନୁଷ୍ୟର ଅଭୀପ୍ସା | ୧ |
| ୨. ନେତିଦ୍ୱିବିଧ—ଜଡ଼ବାଦୀର ନାସ୍ତି | ୯ |
| ୩. ନେତିଦ୍ୱିବିଧ—ବୈରାଗୀର ନେତି ··· | ୨୬ |
| ୪. ସର୍ବଂ ଖଲ୍ୱିଦଂ ବ୍ରହ୍ମ | ୩୮ |
| ୫. ଜୀବର ନିୟତି | ୫୦ |
| ୬. ବିଶ୍ୱାୟତନରେ ମାନବ | ୬୩ |
| ୭. ଅହଂ ଓ ଦ୍ୱନ୍ଦ୍ୱଜାଲ | ୭୬ |
| ୮. ବୈଦାନ୍ତିକ ବିଦ୍ୟାର ସାଧନଚର୍ଯ୍ୟା | ୮୯ |
| ୯. ଶୁଦ୍ଧ ସତ୍ତା | ୧୦୪ |
| ୧୦. ଚିତ୍-ଶକ୍ତି | ୧୧୮ |
| ୧୧. ଆନନ୍ଦରୂପଂ ଯଦ୍ ବିଭାତି : ସଂଶୟ | ୧୩୫ |
| ୧୨. ଆନନ୍ଦରୂପଂ ଯଦ୍ ବିଭାତି : ସମାଧାନ ··· | ୧୫୧ |
| ୧୩. ଦେବ-ମାୟା | ୧୬୯ |
| ୧୪. ସ୍ରଷ୍ଟାରୂପେ ଅତିମାନସ | ୧୮୫ |
| ୧୫. ପରମ ଋତ-ଚିତ୍ | ୨୦୩ |
| ୧୬. ଅତିମାନସର ତିନି ପର୍ଯ୍ୟାୟ | ୨୨୦ |
| ୧୭. ଦିବ୍ୟ ଆତ୍ମା | ୨୩୩ |
| ୧୮. ମାନସ ଓ ଅତିମାନସ | ୨୪୬ |
| ୧୯. ପ୍ରାଣ | ୨୬୯ |
| ୨୦. ମୃତ୍ୟୁ, ବାସନା ଓ ଅସମର୍ଥତା | ୨୯୨ |
| ୨୧. ପ୍ରାଣଶକ୍ତିର ଊର୍ଦ୍ଧ୍ୱାୟନ | ୩୦୮ |
| ୨୨. ପ୍ରାଣର ସମସ୍ୟା | ୩୨୪ |


'oaob.nitrkl.ac.in' images reprocessed

| ବିଷୟ | ପୃଷ୍ଠା |
|---|---|
| ୧୩. ମାନବର ଦ୍ୱିବିଧ ଆତ୍ମା | ୩୪୨ |
| ୧୪. ଜଡ଼ | ୩୬୪ |
| ୧୫. ଜଡ଼ର ଗଣ୍ଡି | ୩୭୮ |
| ୧୬. ବସ୍ତୁର ଉତ୍କ୍ରମଣ | ୩୯୮ |
| ୧୭. ସତ୍ତ୍ୱର ସାତୋଟି ଖିଅ | ୪୧୪ |
| ୧୮. ଅନ୍ତମାନସ, ମାନସ ଓ ଅଧିମାନସୀ ମାୟା | ୪୨୭ |

'oaob.nitrkl.ac.in' images reprocessed

# ଢବଧ ଜୀବନ

( ପ୍ରଥମ ଖଣ୍ଡ )

## ବ୍ରହ୍ମ ଓ ଜଗତ୍

'oaob.nitrkl.ac.in' images reprocessed



ଶ୍ରୀଅରବିନ୍ଦ

'oaob.nitrkl.ac.in' images reprocessed

## ପ୍ରଥମ ପରିଚ୍ଛେଦ

# ମନୁପୁତ୍ରର ଅଭୀପ୍ସା

ପରାୟତୀନାମନ୍ୱେତି ପାଥ ଆୟତୀନାଂ ପ୍ରଥମା ଶଶ୍ୱତୀନାମ୍ ।
ବ୍ୟୁଚ୍ଛନ୍ତୀ ଜୀବମୁଦୀରୟନ୍ତ୍ୟୁଷା ମୃତଂ କଂ ଚନ ବୋଧୟନ୍ତୀ ॥
କିୟାତ୍ୟା ତତ୍ ସମୟା ଭବାତି ଯା ବ୍ୟୂଷୁର୍ଯାଶ୍ଚ ନୂନଂ ବ୍ୟୁଚ୍ଛାନ୍ ।
ଅନୁ ପୂର୍ବାଃ କୃପତେ ବାବଶାନା ପ୍ରଦୀଧ୍ୟାନା ଜୋଷମନ୍ୟାଭିରେତି ॥

—କୁତ୍ସ ଆଙ୍ଗିରସଃ, ଋକ୍‌ବେଦ, ୧।୧୧୩।୮, ୧୦

ଯେଉଁ ଉଷାସକଳ ପରପାରକୁ ଅତିକ୍ରମ କରି ଯାଉଛନ୍ତି, ଏହି ଉଷା ସେହିମାନଙ୍କର ଲକ୍ଷ୍ୟରହିଁ ଅନୁସରଣ କରି ଚାଲିଛନ୍ତି; ଅନାଗତ ଆହୁରି ଅନେକ ଉଷାର ଶାଶ୍ୱତ କ୍ରମପରମ୍ପରାରେ ଇଏ ହେଉଛନ୍ତି ସର୍ବପ୍ରଥମ। ଆପଣାକୁ ବିଚ୍ଛୁରିତ କରି ଏହି ଉଷା ଜୀବକୁ ପ୍ରକାଶିତ କରୁଛନ୍ତି, ମୃତକୁ ପ୍ରବୁଦ୍ଧ କରାଉଛନ୍ତି । ··· ଅତୀତରେ ପ୍ରକାଶିତ ହୋଇଥିବା ଉଷାଗୁଡ଼ିକ ସହିତ ବର୍ତ୍ତମାନ ପ୍ରକାଶିତ ହେବାକୁ ଯାଉଥିବା ଉଷାଗୁଡ଼ିକୁ ସମନ୍ୱିତ କରି ଦେଉଥିବାବେଳେ ସେ କେତେଦୂର ପରିବ୍ୟାପ୍ତ ହୋଇ ରହିଥା'ନ୍ତି ? ପୂର୍ବତନ ଉଷାଗୁଡ଼ିକ ସକାଶେ ସେ ଆକାଙ୍କ୍ଷିତ ହୋଇ ରହିଥା'ନ୍ତି ଓ ସେମାନଙ୍କର ଆଲୋକକୁ ପରିପୂର୍ଣ୍ଣ କରିଦିଅନ୍ତି । ଆପଣାର ଦିବ୍ୟ ଉଦ୍ଭାସକୁ ସମ୍ମୁଖ ଦିଗରେ ପ୍ରକ୍ଷେପିତ କରି ସେ ଅବଶିଷ୍ଟ ଅନାଗତ ଉଷାଗୁଡ଼ିକ ସହିତ ସଂଯୁକ୍ତ ଓ ସଂପ୍ରବିଷ୍ଟ ହୋଇ ରହନ୍ତି ।

ତ୍ରିରସ୍ୟ ତା ପରମା ସନ୍ତି ସତ୍ୟା ସ୍ପାର୍ହା ଦେବସ୍ୟ ଜନିମାନ୍ୟଗ୍ନେଃ ।
ଅନନ୍ତେ ଅନ୍ତଃ ପରିବୀତ ଆଗାଚ୍ଛୁଚିଃ ଶୁକ୍ରୋ ଅର୍ଯ୍ୟୋ ରୋରୁଚାନଃ ॥
ଯୋ ମର୍ତ୍ତ୍ୟେଷ୍ୱମୃତ ଋତାବା ଦେବୋ ଦେବେଷ୍ୱରତିର୍ନିଧାୟି ।
ହୋତା ଯଜିଷ୍ଠୋ ମହ୍ନା ଶୁଚଧ୍ୟୈ ହବ୍ୟୈରଗ୍ନିର୍ମନୁଷ ଈରୟଧ୍ୟୈ ॥
ଊର୍ଦ୍ଧ୍ୱୋ ଭବ ପ୍ରତି ବିଧ୍ୟାଧ୍ୟସ୍ମଦାବିଷ୍କୃଣୁଷ୍ୱ ଦୈବ୍ୟାନ୍ୟଗ୍ନେ ।···

—ବାମଦେବ, ଋକ୍‌ବେଦ, ୪।୧।୭, ୪।୨।୧, ୪।୪।୫

ବସ୍ତୁତଃ ଏହି ଦିବ୍ୟଶକ୍ତିର ପରମ ଆବିର୍ଭାବଗୁଡ଼ିକ ତିନୋଟି ଧାରାରେ ସଂଘଟିତ ହୋଇଥାଏ । ସେଗୁଡ଼ିକ ସତ୍ୟ, ସେଗୁଡ଼ିକ କାମ୍ୟ । ସେ ଅନନ୍ତ ମଧ୍ୟରେ

'oaob.nitrkl.ac.in' images reprocessed

> ସୁବ୍ୟକ୍ତ ଓ ସୁପ୍ରକାଶିତ ଭାବରେ ବିଚରଣ କରୁଥା'ନ୍ତି ଓ ଶୁଦ୍ଧ ଭାସ୍ୱର ରୂପରେ ପ୍ରକାଶିତ ହୋଇ ସମସ୍ତଙ୍କୁ ପୂର୍ଣ୍ଣ କରି ଦେଉଥା'ନ୍ତି । ...ମର୍ତ୍ତ୍ୟ ମଧ୍ୟରେ ଅମୃତତ୍ୱରୂପେ ଅବସ୍ଥିତ ଓ ସତ୍ୟର ଅଧୀଶ୍ୱରରୂପ ସେହି ଦେବତା ଆମର ଦିବ୍ୟଶକ୍ତିଗୁଡ଼ିକୁ ନେଇ କାର୍ଯ୍ୟ କରୁଥିବା ଏକ ପରମ ସାମର୍ଥ୍ୟରୂପେ ଆମର ଭିତରେ ପ୍ରତିଷ୍ଠିତ ରହିଛନ୍ତି । ...ହେ ଶକ୍ତିଦେବତା, ତୁମେ ଉତ୍ଥିତ ହୁଅ, ଊର୍ଦ୍ଧ୍ୱକୁ ଗତି କର, ସକଳ ଆବରଣକୁ ବିଦୀର୍ଣ୍ଣ କର, ଦେବତ୍ୱର ସକଳ ଗୁଣକୁ ଆମର ଭିତରେ ପ୍ରକଟ କରାଇଦିଅ !

ଆପଣାର ପ୍ରବୁଦ୍ଧ ଓ ଜାଗ୍ରତ ଚିନ୍ତାବସ୍ଥାରେ ମନୁଷ୍ୟ ସର୍ବପ୍ରଥମେ ଯାହା ଚିନ୍ତା କରିଥିଲା ବା ଯେଉଁଠି ଯାଇ ପହଞ୍ଚିବାକୁ ଆକାଙ୍କ୍ଷା ପୋଷଣ କରିଥିଲା, ତାହାକୁହିଁ ଆମେ ଏପର୍ଯ୍ୟନ୍ତ ତା'ର ସର୍ବୋଚ୍ଚ ଚିନ୍ତା ବା ସର୍ବୋଚ୍ଚ ଆକାଙ୍କ୍ଷା ବୋଲି ମଧ୍ୟ କହିପାରିବା । ଏହାହିଁ ତା'ର ଅବଶ୍ୟମ୍ଭାବୀ ଆକାଙ୍କ୍ଷା, ତା'ର ଚରମ ଆକାଙ୍କ୍ଷା । ସମସ୍ତ ସମୟରେ ଯେତେ ଦୀର୍ଘକାଳ ଧରି ସଂଶୟାଚ୍ଛନ୍ନ ହୋଇ ରହିଲେ ମଧ୍ୟ ମନୁଷ୍ୟ ବାରମ୍ବାର ସେହି ନିର୍ବାସନରୁ ପୁଣି ତା'ର ଅସଲ ବାଟକୁ ବାହୁଡ଼ି ଆସେ ଓ ଏହି ସର୍ବୋଚ୍ଚ ଆକାଙ୍କ୍ଷାର ଅନୁଧାବନ କରେ । ଏହି ଆକାଙ୍କ୍ଷା ଈଶ୍ୱରଙ୍କର ସ୍ୱରୂପ ଅନୁଭବ କରିବାର ଆକାଙ୍କ୍ଷା, ପରିପୂର୍ଣ୍ଣତା ଅଭିମୁଖରେ ଅଗ୍ରସର ହେବାର ଆକାଙ୍କ୍ଷା, ବିଶୁଦ୍ଧ ସତ୍ୟ ଓ ଅବିମିଶ୍ର ଆନନ୍ଦଲାଗି ଆକାଙ୍କ୍ଷା, ଏକ ପ୍ରଚ୍ଛନ୍ନ ଅମୃତମୟତାର ଅନୁଭୂତିଲାଗି ଆକାଙ୍କ୍ଷା । ଏହି ଆକାଙ୍କ୍ଷା ବା ଅଭୀପ୍ସା ଯେ ମଣିଷକୁ ନିତ୍ୟ ଉଦ୍‌ବୁଦ୍ଧ କରି ରଖିଛି, ମାନବୀୟ ଜ୍ଞାନାନୁଶୀଳନର ପ୍ରାଚୀନ କେତେକେତେ ଊଷାକାଳ ଆମକୁ ତାହାର ସାକ୍ଷ୍ୟ ଦେଇଯାଏ । ବାହ୍ୟ ପ୍ରକୃତିଜଗତର ଆପାତସ୍ୱରୂପଗୁଡ଼ିକୁ ସଫଳଭାବେ ବିଶ୍ଳେଷଣ କରି ପାରିଥିବାରୁ ଆଜି ମନୁଷ୍ୟସମାଜ ସର୍ବସନ୍ତୋଷ ଲାଭ କରିଥିବାପରି ଆମକୁ ପ୍ରତୀତ ହେଉଛି । ମାତ୍ର ସେଥିରେ ତା'ର ଯଥାର୍ଥ ସନ୍ତୋଷ ଆଦୌ ସଂଘଟିତ ହୋଇ ନାହିଁ । ସେହି କାରଣରୁ ସେ ଆଜି ଆପଣାର ଆଦିମ ଆଦିକାଳର ସେହି ଅନିବାର ଆକାଙ୍କ୍ଷା ପାଖକୁ ପୁଣି ଫେରି ଆସିବାକୁ ପ୍ରସ୍ତୁତ ହେଲାଣି । ଭଗବାନ୍, ଆଲୋକ, ମୁକ୍ତି ଓ ଅମରତ୍ୱ,—ମନୁଷ୍ୟ-ପ୍ରଜ୍ଞାର ଏହି ଆଦିମତମ ସୂତ୍ରଗୁଡ଼ିକ ଏବେ ମଧ୍ୟ ଯେପରି ତା'ର ସର୍ବଶ୍ରେଷ୍ଠ ଅଭୀପ୍ସା ହୋଇ ରହିଛି !

ମନୁଷ୍ୟଜୀବନର ନିତ୍ୟନୈମିତ୍ତିକ ବାସ୍ତବ ଜୀବନର ଅଭିଜ୍ଞତା ସହିତ ମନୁଷ୍ୟ ପୋଷଣ କରିଆସିଥିବା ସେହି ଅନିର୍ବାଣ ଆଦର୍ଶଚୟର ଚିରକାଳ ଏକ ବିରୋଧ ରହିଆସିଛି । ତଥାପି ଆମ ଭିତରେ ଯେ ଉଚ୍ଚତର ଓ ଗଭୀରତର ଉପଲବ୍ଧି ଲାଗି ଏକ ସମ୍ଭାବନା ଅବଶ୍ୟ ରହିଛି, ଉକ୍ତ ଆଦର୍ଶଚୟ ସେହି ସତ୍ୟର ସ୍ୱୀକୃତିସ୍ତମ୍ଭରୂପେ କାର୍ଯ୍ୟ କରିଆସିଛନ୍ତି । ଏହିସବୁ ଉଚ୍ଚତର ଓ ଗଭୀରତର ଉପଲବ୍ଧି ମନୁଷ୍ୟ-

'oaob.nitrkl.ac.in' images reprocessed

ସମାଜର ସାଧାରଣ ଓ ସଚରାଚର ଜୀବନର ବହିର୍ଭୂତ ହୋଇ ରହିଥାଏ ଏବଂ କେବଳ କୌଣସି ବିଶେଷ ବ୍ୟକ୍ତିର ଉତ୍କ୍ରାନ୍ତ ଉଦ୍ୟମ କିମ୍ବା ମାନବପ୍ରକୃତିର କ୍ରମପରିଣତି ଅଗ୍ରଗତି ଦ୍ୱାରାହିଁ ଏହାର ପରିପୂର୍ଣ୍ଣ ଓ ସର୍ବାଙ୍ଗୀନ ପ୍ରକାଶ ସମ୍ଭବ ହୁଏ । ଏକ ଅହମିକାକ୍ଲିଷ୍ଟ ଜୈବଚେତନାର ଆଧାର ଉପରେ ଦିବ୍ୟପୁରୁଷଙ୍କୁ ଜାଣିବା, ଲାଭକରିବା ବା ତାଙ୍କ ସହିତ ଏକାତ୍ମ ହୋଇପାରିବା, ଆମ ଜଡ଼ମନର ଅର୍ଦ୍ଧସଚେତ ଅସ୍ପଷ୍ଟତାକୁ ଅତିମାନସର ପରିପୂର୍ଣ୍ଣ ଜ୍ୟୋତିଦ୍ୱାରା ଉଦ୍‌ଭାସିତ ଓ ରୂପାନ୍ତରିତ କରିଦେବା, ଶରୀରଗତ ବ୍ୟାଧି ଓ ମାନସିକ ସଂବେଗ-ଉଦ୍‌ବେଗଦ୍ୱାରା କବଳିତ ରହି କ୍ଷଣିକ ସୁଖ ଭୁଞ୍ଜିବାର ସନ୍ତୃପ୍ତତା ମଧ୍ୟରେ ଶାନ୍ତି ଓ ସ୍ୱୟଂସମ୍ପୂର୍ଣ୍ଣ ଆନନ୍ଦର ପ୍ରତିଷ୍ଠା କରିବା, କେବଳ କେତୋଟି ଯାନ୍ତ୍ରିକ ଆବଶ୍ୟକତାର ସମାହାର ପରି ପ୍ରତୀତ ହେଉଥିବା ଏହି ଜଗତରେ ଅନନ୍ତ ସ୍ୱାତନ୍ତ୍ର୍ୟର ସ୍ଥାପନା କରିବା, ମୃତ୍ୟୁ ଏବଂ ସତତ-ଭଙ୍ଗୁରତାର ଅଧୀନ ଏହି ଦେହରେ ଅମର ଜୀବନର ଆବିଷ୍କାର ଓ ଉପଲବ୍ଧି କରିବା,—ଏହିପରି ଭାବେହିଁ ଜଡ଼ ମଧ୍ୟରେ ପରମଦେବତାର ଦିବ୍ୟ ରୂପାୟନ ହୁଏ ଏବଂ ଏହାହିଁ ଆପଣାର ପାର୍ଥିବ କ୍ରମପରିଣତିଶୀଳତାରେ ପ୍ରକୃତିର ଚରମ ଉଦ୍ଦେଶ୍ୟ ବୋଲି ମନେହୁଏ । ସାଧାରଣ ଜଡ଼ବୁଦ୍ଧି ଆପଣାର ବର୍ତ୍ତମାନ ଚେତନା-ସଂସ୍ଥାନକୁହିଁ ତତ୍ତ୍ୱବିକାଶର ସର୍ବଶେଷ ସୀମାବୋଲି ଗ୍ରହଣ କରି ନେଇଥାଏ; ତେଣୁ ଅନୁପଲବ୍ଧ ଆଦର୍ଶତତ୍ତ୍ୱ ସହିତ ଉପଲବ୍ଧ ବାସ୍ତବର ଏକ ପ୍ରତ୍ୟକ୍ଷ ବିରୋଧାଭାସ ଦେଖିପାରି ସେ ତାହାକୁହିଁ ଆଦର୍ଶତତ୍ତ୍ୱର ମିଥ୍ୟାତ୍ୱ ବିଷୟରେ ଏକ ଅଖଣ୍ଡନୀୟ ପ୍ରମାଣ ବୋଲି ମାନିନିଏ । ମାତ୍ର ପୃଥିବୀର ପ୍ରକ୍ରିୟାରାଜି ବିଷୟରେ ଅଧିକ ଗଭୀରଭାବେ ନିରୀକ୍ଷଣ କରି ଦେଖିବା ମାତ୍ରକେ ଏହି ପ୍ରତ୍ୟକ୍ଷ ବିରୋଧାଭାସ ସବୁତକ ପ୍ରକୃତିର ଗଭୀରତମ ସୂତ୍ରଗୁଡ଼ିକର ଏକ ଅଂଶରୂପେ ଓ ତାହାର ପରିପୂର୍ଣ୍ଣତମ ସମର୍ଥନର ନାମାଙ୍କନ ବହନ କରୁଥିବା ଭଳି ଅନୁଭୂତ ହୋଇଥାଏ ।

କାରଣ, ଜୀବନର ଯାବତୀୟ ସମସ୍ୟା ହେଉଛି ମୂଳତଃ ସୌଷମ୍ୟ ବା ସମନ୍ୱୟର ସମସ୍ୟା । କେଉଁଠି କୌଣସି ଅଜ୍ଞାତ ଅସମାହିତ ରହିଛି ବୋଲି ମନେ ହେଉଥାଏ, ଅଥଚ ତଥାପି ଏକ ଐକ୍ୟ ବା ସମଗ୍ରତା ଅନାବିଷ୍କୃତ ହୋଇ ରହିଛି ବୋଲି ଏଣେ ମନ ବାରମ୍ବାର କହୁଥାଏ;—ସେଇଥିରୁହିଁ ସବୁ ସମସ୍ୟାର ଉତ୍ପତ୍ତି । ଜୀବନରେ କୌଣସି ଏକ ବିରୋଧ ବା ବ୍ୟବଚ୍ଛିନ୍ନତାରେ ସମନ୍ୱୟ ଖୋଜି ନପାଇ-ଥିଲେ ମଧ୍ୟ ମନୁଷ୍ୟର ବ୍ୟାବହାରିକ ଓ ଅପେକ୍ଷାକୃତ ଅଧିକ ଜୀବଧର୍ମୀ ମନ ସେଥିରେ ବେଶ୍ ସନ୍ତୁଷ୍ଟ ହୋଇ ରହି ଯାଇପାରେ, ମାତ୍ର ତା'ର ଜାଗ୍ରତ ଓ ପ୍ରବୁଦ୍ଧ ମନ ପକ୍ଷରେ ତାହା ସମ୍ଭବ ହୁଏ ନାହିଁ । ଏବଂ ସାଧାରଣତଃ ତା'ର ବ୍ୟାବହାରିକ ଅଂଶଗୁଡ଼ିକ ମଧ୍ୟ ସମନ୍ୱୟ ସାଧନ କରିବାର ଆବଶ୍ୟକତାକୁ କେବଳ ଏଡ଼ାଇ ଦେବାରେ

'oaob.nitrkl.ac.in' images reprocessed

ଲାଗିଥା'ନ୍ତି । ସମସ୍ୟାଟିକୁ ଆଦୌ ଅନାବୃତ ନକରି କିମ୍ବା ସମସ୍ୟା ସହିତ ଏକ ସ୍ଥୂଳ, ପ୍ରୟୋଜନବାଦୀ ଓ ଅନୁଦ୍‌ଭାସିତ ସ୍ତରରେ ଗୋଟାଏ ସାଲିସ୍ କରିନେଇ ସେମାନେ ସମନ୍ୱୟ-ସାଧନର ଦାୟିତ୍ୱକୁ ଏଡ଼ାଇ ଦେବାରେ ଲାଗିଥା'ନ୍ତି । କାରଣ ବିଶ୍ୱପ୍ରକୃତି ଭିତରେ ଏହି ସମନ୍ୱୟ ଲାଗି ମୂଳତଃ ଏକ ବ୍ୟାକୁଳତା ନିରନ୍ତର ବିଦ୍ୟମାନ ରହିଛି । ପ୍ରାଣ ଓ ଜଡ଼ର ଜଗତ୍ ଆପଣା ଆପଣାର ସ୍ତରରେ ଏହି ସମନ୍ୱୟ ଖୋଜୁଛନ୍ତି, ଏବଂ ଆପଣାର ଇନ୍ଦ୍ରିୟଲବ୍ଧ ସଂସାରକୁ ଏକ ସଂଗଠିତ ରୂପ ଦେବାକୁ ଚେଷ୍ଟା କରି ମନ ମଧ୍ୟ ଏହି ସମନ୍ୱୟ ଖୋଜୁଛି । ବାହାରର ବିରୋଧ ଓ ଅସାମଞ୍ଜସ୍ୟ ଯେତିକି ପ୍ରବଳ ହେଉଥାଏ, ସେଗୁଡ଼ିକ ମଧ୍ୟରେ ଏକ ସାମଞ୍ଜସ୍ୟ ଆଣି ପାରିବା ଯେତିକି ଅସମ୍ଭବ ବୋଲି ମନେ ହେଉଥାଏ, ଏଣେ ସମନ୍ୱୟର ଆକାଙ୍କ୍ଷା ଓ ସମନ୍ୱୟ-ସାଧନର ଚେଷ୍ଟା ମଧ୍ୟ ସେତିକି ପ୍ରବଳ ହେବାର ଲାଗିଥାଏ । ଅପେକ୍ଷାକୃତ ଅଳ୍ପତର ଆୟାସରେ ସାଧାରଣତଃ ଯେତିକି ସମନ୍ୱୟ-ସାଧନ ସମ୍ଭବ ହୋଇପାରନ୍ତା, ଆମର ଆକାଂକ୍ଷା ତାହାଠାରୁ ଏକ ସୂକ୍ଷ୍ମତର ଓ ଅଧିକ ଶକ୍ତିଶାଳୀ ସମନ୍ୱୟ ଅଭିମୁଖରେ ଧାବିତ ହେବାକୁ ଲାଗେ । ପ୍ରକୃତି ନାନାଭାବେ ବିରୋଧଗୁଡ଼ିକର ସମାଧାନ କରିବାରେ ଲାଗିଛି । ଜଡ଼ତାହିଁ ଯେଉଁଠି ଜଡ଼ର ଏକମାତ୍ର କ୍ରିୟାତ୍ମକତା ବୋଲି ମନେହୁଏ, କ୍ରିୟାତ୍ମକ ପ୍ରାଣଶକ୍ତି ସେହି ଜଡ଼ମଧ୍ୟରେ ରୂପାୟିତ ହେବାକୁ ଇଚ୍ଛା କରୁଛି । ପ୍ରାଣ ଓ ପ୍ରାଣହୀନ ଜଡ଼ମଧ୍ୟରେ ରହିଥିବା ଆପାତବିରୋଧଟିରେ ପ୍ରକୃତି ଏହିପରି ଭାବରେ ଏକ ସମାଧାନ ସାଧନ କରିଛି ଏବଂ ଏହି ସମାଧାନ-ସାଧନରେ ଅଧିକରୁ ଅଧିକ ଉତ୍କର୍ଷ ଲାଭ କରିବାର ପ୍ରୟାସ ବଳବତ୍ତର ରଖିଛି । ଏହିପରି କ୍ରମରେ ଯେଉଁଦିନ ମନୋମୟ କୋଷକୁ ଧାରଣ କରିଥିବା ଏକ ପରିପୂର୍ଣ୍ଣ-ସଂଗଠିତ ଜୀବର ଦେହରେହିଁ ଅମୃତତ୍ୱର ଅବତରଣ ହୋଇପାରିବ, ସେହିଦିନ ଏହି ପ୍ରୟାସରେ ଚରମ ସିଦ୍ଧି ଘଟିବ । ଦେହ ଏବଂ ପ୍ରାଣ ସ୍ପଷ୍ଟତଃ ଆତ୍ମସଚେତନ ନୁହନ୍ତି । ସେମାନଙ୍କଠାରେ ଖୁବ୍ ବେଶୀ ହେଲେ ଅବଚେତନାର କେବଳ ଏକ ଯାନ୍ତ୍ରିକ ପ୍ରବୃତ୍ତିହିଁ ସୂଚିତ ହୋଇଥାଏ । ଅଥଚ ଏଣେ ସେହି ଦେହ ଓ ପ୍ରାଣରେ ସଚେତନ ଇଚ୍ଛାଶକ୍ତିର ସ୍ପଷ୍ଟ ସମନ୍ୱୟ ସାଧିତ ହୋଇଛି । ଦୁଇ ବିରୋଧୀ ବସ୍ତୁମଧ୍ୟରେ ସମନ୍ୱୟ-ସାଧନ କରିବାରେ ଏଇଟି ହେଉଛି ଆଉ ଗୋଟିଏ ଦ୍ୱିତୀୟ ଉଦାହରଣ, ଯେଉଁ କ୍ଷେତ୍ରରେ ପ୍ରକୃତି ଏକ ବିସ୍ମୟକାରୀ ସଫଳତା ଅର୍ଜନ କରିପାରିଛି ଏବଂ ଆହୁରି ଅଧିକ ବିସ୍ମୟକାରୀ ସଫଳତାମାନ ହାସଲ କରିବାର ଉଦ୍ଦେଶ୍ୟରେ ଅଗ୍ରସର ହେବାରେ ଲାଗିଛି । ଯେଉଁଦିନ ଏହି ଜୈବ ଚେତନାକୁ ସତ୍ୟ ଓ ଆଲୋକର ଆଉ ସନ୍ଧାନ କରିବାକୁ ପଡ଼ିବ ନାହିଁ, ଯେଉଁଦିନ ସେ ସ୍ୱୟଂ ସତ୍ୟ ଓ ଆଲୋକର ଅଧିକାରୀ ହେବ, ସେହିଦିନହିଁ ଏହି ସଫଳତା ଚରମ ବିସ୍ମୟର ସ୍ତରରେ ଯାଇ ଉପନୀତ ହୋଇପାରିବ । ଏକ ପ୍ରତ୍ୟକ୍ଷ ଓ ପରିପୂର୍ଣ୍ଣତାପ୍ରାପ୍ତ ଜ୍ଞାନର ଅଧିକାର ସେଦିନ ଏକ

'oaob.nitrkl.ac.in' images reprocessed

ବ୍ୟାବହାରିକ ସର୍ବଶକ୍ତିମତ୍ତା ମଧ୍ୟ ଆଣିଦେଇ ପାରିବ । ତେଣୁ ଆହୁରି ଅନ୍ୟାନ୍ୟ ଉଚ୍ଚତର ବିରୋଧଗୁଡ଼ିକରେ ସମନ୍ୱୟ ଆନୟନ କରିବାଲାଗି ମନୁଷ୍ୟ ଭିତରେ ରହିଥିବା ଏହି ଊର୍ଦ୍ଧ୍ୱସର୍ପିଣୀ ଆକାଙ୍‌କ୍ଷାକୁ କେବଳ ଯେ ଯୁକ୍ତିବିରୁଦ୍ଧ ବୋଲି କୁହାଯାଇ ପାରିବନାହିଁ ତାହା ନୁହେଁ, ମାତ୍ର ଯେଉଁ ସୂତ୍ର ଓ ଯେଉଁ ପ୍ରଯ୍ନାସ ବିଶ୍ୱପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଛି ଏବଂ ତାହାର ଯାବତୀୟ ପ୍ରଚେଷ୍ଟାରେ ମର୍ମପରି ହୋଇ ରହିଛି, ନ୍ୟାୟତଃ ଏହିଠାରେହିଁ ସେହି ସୂତ୍ର ଓ ସେହି ପ୍ରଯ୍ନାସର କ୍ରମଟି ଆସି ସମ୍ପୂର୍ଣ୍ଣତା ଲାଭ କରିପାରିବ ।

ଆମେ ଜଡ଼ଭିତରେ ପ୍ରାଣର କ୍ରମବିବର୍ତ୍ତନ ବା କ୍ରମପରିଣତି ବିଷୟରେ କହିଥାଉ, ଜଡ଼ଭିତରେ ମନର କ୍ରମବିବର୍ତ୍ତନ ବିଷୟରେ ମଧ୍ୟ କହିଥାଉ; ମାତ୍ର କ୍ରମବିବର୍ତ୍ତନ ଏପରି ଗୋଟିଏ ଶବ୍ଦ, ଯାହାକି ଆମକୁ ଘଟଣା-ପରମ୍ପରାର ଏକ ବିବରଣ ମାତ୍ର ଦେଇଥାଏ, କିନ୍ତୁ ସେଗୁଡ଼ିକର କୌଣସି ବ୍ୟାଖ୍ୟା କରିପାରେ ନାହିଁ । ଜଡ଼ଭିତରେ ପ୍ରାଣ ମୂଳରୁ ପ୍ରତିଷ୍ଠିତ ହୋଇ ରହିଛି, ପ୍ରାଣ ଭିତରେ ମନ ବି ପ୍ରତିଷ୍ଠିତ ରହିଛି ବୋଲି ବେଦାନ୍ତ ଆମକୁ ଏକ ସମାଧାନ ଦେଇଥାଏ । ବେଦାନ୍ତ ଜଡ଼କୁ ମୂଳତଃ ସଂବୃତ ପ୍ରାଣଶକ୍ତିର ଏକ ରୂପ ବୋଲି କହେ, ପ୍ରାଣକୁ ମୂଳତଃ ସଂବୃତ ଚେତନାଶକ୍ତିର ଏକ ରୂପ ବୋଲି କହେ । ବେଦାନ୍ତର ଏହି ସମାଧାନଟିକୁ ଗ୍ରହଣ କରି ନନେଲେ, ଭୌତିକ ଉପାଦାନଚୟରୁ କାହିଁକି ଯେ ପ୍ରାଣର ଉଦ୍ଭବ ହୋଇ-ପାରିବ କିମ୍ବା ପ୍ରାଣୀଦେହରେ କାହିଁକି ଯେ ମନର ଆବିର୍ଭାବ ହେବ, ସେଥିଲାଗି ଆମପାଖରେ ଆଉ କୌଣସି ଯୁକ୍ତିହିଁ ନଥାଏ । ଏବଂ ଏହି କ୍ରମରେ ଆଉ ଗୋଟିଏ ପାଦ ଆଗକୁ ଯିବାଲାଗି ଏବଂ ମାନସିକ ଚେତନା ମଧ୍ୟ ସମ୍ଭବତଃ ମନଃପରିଧିର ଊର୍ଦ୍ଧ୍ୱରେ ରହିଥିବା ଅନ୍ୟାନ୍ୟ ଏକାଧିକ ଉଚ୍ଚତର ଅବସ୍ଥାର କେବଳ ଏକ ସଂବୃତ ରୂପ ବୋଲି ସ୍ୱୀକାର କରିନେବା ଲାଗି ଆଉ ଧ୍ରୁବଏତ କୌଣସି ଆପତ୍ତି ନଥାଏ । ତେବେ ଭଗବାନଙ୍କ ସକାଶେ, ଆଲୋକ, ଆନନ୍ଦ, ସ୍ୱାତନ୍ତ୍ର୍ୟ ଏବଂ ଅମରତ୍ୱ ସକାଶେ ମନୁଷ୍ୟ ଭିତରେ ଯେଉଁ ଅପରାଜେୟ ଆକାଙ୍‌କ୍ଷା ରହିଛି, ଆମେ ସେହି ଆକାଙ୍‌କ୍ଷାର ଏକ କାରଣ ନିରୂପଣ କରିବାକୁ ସମର୍ଥ ହୋଇଥାଉ । ଯେଉଁ ଅନିବାର ଆକାଙ୍‌କ୍ଷା ଦ୍ୱାରା ବିଶ୍ୱପ୍ରକୃତି ମାନସାତୀତ ଓ ଅନ୍ୟାନ୍ତରଗୁଡ଼ିକୁ ବିବର୍ତ୍ତିତ ହେବାକୁ ଇଚ୍ଛା କରୁଛି, ତାହାକୁ ଆମେ ଏକ ସମଗ୍ର କ୍ରମରେ ଅନ୍ୟତମରୂପେ ବୁଝିବାକୁ ଆରମ୍ଭ କରୁ । ଜଡ଼ର କେତୋଟି ରୂପରେ ଯେପରି ପ୍ରାଣର ରୋପଣ କରାହୋଇଛି ବା ପ୍ରାଣର କେତୋଟି ରୂପରେ ଯେପରି ମନର ରୋପଣ କରାହୋଇଛି, ମନୋମୟ ସୀମାର ଅତିକ୍ରାନ୍ତ ଆହୁରି ଅନ୍ୟ ସ୍ତରଗୁଡ଼ିକୁ ବିବର୍ତ୍ତିତ ହେବାଲାଗି ଏହି ଆକାଂକ୍ଷା ମଧ୍ୟ ଆମକୁ ସେହିପରି ଅତ୍ୟନ୍ତ ସ୍ୱାଭାବିକ, ସତ୍ୟ ଓ ନ୍ୟାୟସଙ୍ଗତ ବୋଧ ହେବାକୁ ଲାଗେ । ସେହିସବୁ

'oaob.nitrkl.ac.in' images reprocessed

କ୍ଷେତ୍ରରେ ଯେପରି, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି; ପ୍ରକୃତିର ବିଭିନ୍ନ ଆଧାରରେ ଏହି ଆକାଙ୍କ୍ଷା ଅବଶ୍ୟ ବିଦ୍ୟମାନ ରହିଛି । କେଉଁଠି ଅଧିକ ଅସ୍ପଷ୍ଟଭାବେ ରହିଛି, କେଉଁଠି ବା ଅଳ୍ପ ଅସ୍ପଷ୍ଟଭାବରେ ରହିଛି । ଆପଣାର ନବନବ ସମ୍ଭବର ଆକାଂକ୍ଷାରେ ଏକ ନିରନ୍ତର ଊର୍ଦ୍ଧ୍ୱଗତିଶୀଳ କ୍ରମପର୍ଯ୍ୟାୟରେ ଏହା ବିଦ୍ୟମାନ ରହିଛି । ସେହିସବୁ କ୍ଷେତ୍ରଭଳି ଏହି କ୍ଷେତ୍ରରେ ମଧ୍ୟ ଧୀରେ ଧୀରେ ଏହାର ବିବର୍ତ୍ତନ ହେବାରେ ଲାଗିଛି, ଏବଂ ଏଥିଲାଗି ଆବଶ୍ୟକ ଅଙ୍ଗ ତଥା ସାମର୍ଥ୍ୟଗୁଡ଼ିକୁ ମଧ୍ୟ ଏହା କ୍ରମପରିଣତ କରିବାରେ ଲାଗିଛି । ପ୍ରାଣମୟ ସ୍ତରରେ ମାନସଲୋକ ଲାଗି ଆକାଂକ୍ଷା ବିଭିନ୍ନ ଆଧାରରେ ବିଭିନ୍ନ ରୂପେ ଆତ୍ମପ୍ରକାଶ କରିଥାଏ । ଧାତୁ ଓ ଉଦ୍‌ଭିଦ-ସ୍ତରରେ ଏହା ଏକ ସୂକ୍ଷ୍ମତର ଗ୍ରହଣଶୀଳତା ରୂପେ ପ୍ରକାଶିତ ହୁଏ, ପୁଣି ମନୁଷ୍ୟ-ସ୍ତରକୁ ଆସି ଏହା ସମ୍ପୂର୍ଣ୍ଣ ସଂଗଠିତ ରୂପେ ଦେଖା ଦେଇଥାଏ । ସେହିଭଳି ମନୁଷ୍ୟ-ସ୍ତରରେ ମଧ୍ୟ ଏହି ଆରୋହଣ-କ୍ରମ ଲାଗି ରହିଥାଏ, ଏହି ସ୍ତରରେ ଏକ ଉଚ୍ଚତର ଏବଂ ଦିବ୍ୟ ଜୀବନର ଅନ୍ତତଃ ଏକ ପ୍ରସ୍ତୁତି ଚାଲିଥାଏ । ପ୍ରାଣୀରୂପକ ଜୀବନ୍ତ ପ୍ରୟୋଗଶାଳାରେ ପ୍ରକୃତି ମଣିଷକୁ ଗଢ଼ିବାରେ ସମର୍ଥ ହୋଇଛି ବୋଲି କୁହା ଯାଇଥାଏ । ଠିକ୍ ସେହିପରି ମନୁଷ୍ୟକୁ ମଧ୍ୟ ଆମେ ଏକ ବିଚାରକ୍ଷମ ଓ ଜୀବନ୍ତ ପ୍ରୟୋଗଶାଳା ରୂପେ କଳ୍ପନା କରିପାରିବା, ଯେଉଁଠାରେ ଓ ଯାହାର ସଚେତନ ସହଯୋଗରେ କି ପ୍ରକୃତି ଅତିମାନବ ବା ଦେବତା ଗଢ଼ିବାର ଅଭିଳାଷ ନେଇ କାର୍ଯ୍ୟ କରିଚାଲିଛି । ସେ ମନୁଷ୍ୟଭିତରେ ଭଗବାନଙ୍କୁ ପ୍ରକାଶିତ କରିବାର ଅଭିଳାଷ ରଖିଛି ବୋଲି କ'ଣ ଆମେ କହି ପାରିବା ନାହିଁ କି ? କାରଣ ଆପଣାଭିତରେ ଯାହା ସୁପ୍ତ ରହିଛି କିମ୍ବା କାର୍ଯ୍ୟକରି ଚାଲିଛି, ପ୍ରକୃତିର ତାହାକୁହିଁ ପ୍ରକାଶିତ କରିବାର ପ୍ରକ୍ରିୟାକୁ ଯଦି କ୍ରମବିବର୍ତ୍ତନ ବୋଲି କୁହାଯାଏ, ତେବେ ଅନ୍ୟ ଭାଷାରେ ପ୍ରକୃତି କ୍ରମବିବର୍ତ୍ତନର ମାଧ୍ୟମରେ ଅପର ସଂବୃତ ଓ ସମ୍ଭାବ୍ୟ ରୂପକୁହିଁ ସ୍ପଷ୍ଟ ପ୍ରକାଶରୂପ ଦେଇଚାଲିଛି ବୋଲି ଆମେ ଅବଶ୍ୟ କହିପାରିବା । ତେଣୁ ତା'ର ଏହି ବିବର୍ତ୍ତନ-ପଥରେ ଆମେ କେଉଁଠି-ହେଲେ ଏକ ବ୍ୟବଚ୍ଛେଦ ଟାଣିଦେଇ ପାରିବା ନାହିଁ । ତେଣୁ ବର୍ତ୍ତମାନର ଗଣ୍ଡିକୁ ଅତିକ୍ରମ କରିଯିବା ଲାଗି ପ୍ରକୃତି ଭିତରେ ନିରନ୍ତର ଯେଉଁ ଆକାଂକ୍ଷା ଓ ପ୍ରୟାସ କାର୍ଯ୍ୟ କରିଆସୁଛି, ଧର୍ମବାଦୀମାନଙ୍କ ପରି ସେଗୁଡ଼ିକୁ କେବଳ ଏକ ବିକାରଗ୍ରସ୍ତ ସ୍ପର୍ଦ୍ଧା ବୋଲି କହି ଆମେ ସେଗୁଡ଼ିକର ନିନ୍ଦା କରିପାରିବା ନାହିଁ, ଅଥବା ବୁଦ୍ଧିବାଦୀ-ମାନଙ୍କ ପରି ଏକ ରୋଗ କିମ୍ବା ବ୍ୟାଧିତ ବିଭ୍ରମ ବୋଲି କହି ଉଡ଼ାଇ ବି ଦେଇ ପାରିବା ନାହିଁ । ଜଡ଼ଭିତରେ ଆତ୍ମା ଅନ୍ତର୍ନିହିତ ରହିଛି ଏବଂ ପ୍ରକୃତିର ପ୍ରକାଶରୂପ ଭିତରେ ଯେ ଭଗବାନ ପ୍ରଚ୍ଛନ୍ନ ହୋଇ ରହିଛନ୍ତି, ଯଦି ଏହାହିଁ ସତ୍ୟ ହୁଏ, ତେବେ ମନୁଷ୍ୟ ଯେ ନିଜ ଭିତରେ ଦିବ୍ୟପୁରୁଷଙ୍କୁ ପ୍ରକାଶିତ କରିପାରିବ ଏବଂ ଭିତରେ ତଥା ବାହାରେ ଯେ ଭଗବାନଙ୍କୁ ଉପଲବ୍ଧି କରିପାରିବ, ଇହଜୀବନରେ ଏହିଗୁଡ଼ିକୁହିଁ

'oaob.nitrkl.ac.in' images reprocessed

ଆମେ ମନୁଷ୍ୟର ଉଚ୍ଚତମ ଓ ସବୁଠାରୁ ଅଧିକ ନ୍ୟାୟସଙ୍ଗତ ସମ୍ଭାବ୍ୟ ଲକ୍ଷ୍ୟ ବୋଲି ନିଶ୍ଚୟ କଳ୍ପନା କରିପାରିବା ।

ଏହି ଦୃଷ୍ଟିରୁ ବିଚାର କଲେ, ଏକ ଜୈବ ଶରୀରରେ ଦିବ୍ୟ ଜୀବନକୁ ସମ୍ଭବ କରିବାର ସେହି ଶାଶ୍ୱତ ବିରୋଧ ଓ ଶାଶ୍ୱତ ସତ୍ୟ, ଏକ ମରଣଶୀଳ ଆଧାର ଭିତରେ ବାସ କରୁଥିବା ଏକ ଅମର ଅଭୀପ୍ସା ଓ ଅମର ବାସ୍ତବତା, ସୀମାବଦ୍ଧ ମନ ଓ ବିଭକ୍ତ ଅହଂଗୁଡ଼ିକ ଭିତରେ ଆପଣାର ଉପସ୍ଥିତି ଘୋଷଣା କରୁଥିବା ଏକ ଅଖଣ୍ଡ ବିଶ୍ୱଚେତନା, ସକଳ କାଳ, ଦେଶ ଓ ବିଶ୍ୱକୁ ସମ୍ଭାଳିଥିବା ଏବଂ ଏହିସବୁର ଆଧାର ଉପରେ ନିମ୍ନତର ଆଶୟଦ୍ୱାରା ଉଚ୍ଚତର ସତ୍ୟକୁ ଉପଲବ୍ଧି କରାଉଥିବା ଏକ ଲୋକୋତ୍ତର, ଅନିର୍ଦ୍ଦେଶ୍ୟ ଓ ଦେଶକାଳାତୀତ ପରମାର୍ଥ-ସତ୍ତା,— ଏସବୁକୁ ଆମେ ଆଉ ଅଯୌକ୍ତିକ ବୋଲି କଦାପି ଉଡ଼ାଇଦେଇ ପାରିବା ନାହିଁ । ମନୁଷ୍ୟର ସ୍ଥିରବିବେଚକ ବୁଦ୍ଧି, ସହଜାତ ସଂସ୍କାର କିମ୍ବା ପ୍ରତିବୋଧ ପାଖରେ ଏହା ସମ୍ପୂର୍ଣ୍ଣରୂପେ ସମୀଚୀନ ବୋଲି ଅବଶ୍ୟ ପରିଦୃଷ୍ଟ ହେବ । କେବଳ ତର୍କବୁଦ୍ଧିଦ୍ୱାରା ଯେଉଁସବୁ ପ୍ରଶ୍ନକୁ ସମାଧାନର ବହିର୍ଭୂତ ବୋଲି ଘୋଷଣା କରାଯାଇଛି, ସେହିସବୁ ପ୍ରଶ୍ନର ଆଉ ଉତ୍ଥାପନ ନ କରିବାକୁ ଏବଂ ସଂସାର ଭିତରେ ଆମେ ବଞ୍ଚୁଥିବା ଭୌତିକ ଜୀବନର ବାସ୍ତବିକ ଓ ତାତ୍କାଳିକ ସମସ୍ୟା ଗୁଡ଼ିକରେହିଁ ଚିତ୍ତର ସମସ୍ତ ଶକ୍ତିକୁ ନିୟୋଜିତ ରଖିବା ଲାଗି ମନୁଷ୍ୟକୁ ପ୍ରବର୍ତ୍ତାଇବାକୁ ଅନେକ ସମୟରେ ଚେଷ୍ଟା କରାଯାଇଛି । କିନ୍ତୁ ଏତିଦେଇ ଗ୍ରହଲିଯିବାର ଏହିସବୁ ଚେଷ୍ଟାର କଦାପି କୌଣସି ସ୍ଥାୟୀ ପ୍ରଭାବ ପଡ଼ିନାହିଁ । ଅନୁସନ୍ଧିତ୍ସାର ଏକ ଅଧିକ ବଳବତୀ ଆକାଙ୍‌କ୍ଷା ନେଇ ଏବଂ ସମସ୍ୟାଟିର ସତ୍ୱର ସମାଧାନ ଲାଗି ଏକ ଅଧିକ ଅଶାନ୍ତ କ୍ଷୁଧା ନେଇ ମନୁଷ୍ୟସମାଜ ବାରମ୍ବାର ସେହିସବୁ ଭୁଲାଇ ରଖିବାର ଚକ୍ରାନ୍ତ ପାଖରୁ ବାହୁଡ଼ି ଆସିଛି । ସେହି କ୍ଷୁଧା ତତ୍ତ୍ୱଦୃଷ୍ଟିର ସାଧନାକୁ ଅଧିକ ବଳ ଯୋଗାଇ ଦେଇଛି । ଅନୁସନ୍ଧିତ୍ସାକୁ ଆପଣାର କର୍ତ୍ତବ୍ୟରୂପେ ଗ୍ରହଣ କରିଥିଲେହେଁ ଯେଉଁ ସଂଶୟବାଦ ପର୍ଯ୍ୟାପ୍ତ ଅନୁସନ୍ଧାନ ଲାଗି ଅନିଚ୍ଛା ପ୍ରକାଶ କରିଛି, ମନୁଷ୍ୟର ଜିଜ୍ଞାସା ମେଣ୍ଟାଇବାରେ ଅକ୍ଷମ ସେହି ସଂଶୟବାଦ ଯେତେବେଳେ ପ୍ରତିଷ୍ଠିତ ପୁରାତନ ଧର୍ମଗୁଡ଼ିକୁ ନଷ୍ଟ ବା ନିରର୍ଥକ କରି ପକାଇଛି, ସେତିକବେଳେ ମନୁଷ୍ୟର କ୍ଷୁଧା ପୁରାତନର ସ୍ଥାନରେ କେତେକେତେ ନୂତନ ଧର୍ମର ପ୍ରତିଷ୍ଠା କରିଛି । କୌଣସି ସତ୍ୟ ଆପଣାର ବାହ୍ୟ ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଓ ବ୍ୟାହତ ରହିଛି ବୋଲି କିମ୍ବା ପ୍ରକାଶକାତର ଅନ୍ଧ-କୁସଂସ୍କାର ଅଥବା ଏକ ଯୁକ୍ତିହୀନ ବିଶ୍ୱାସର ପରିଚ୍ଛେଦରେ ଅନେକ ସମୟରେ ତାହାର ପ୍ରଚାର କରାଯାଉଛି ବୋଲି ତାହାକୁ ଅସ୍ୱୀକାର କରିବା ବା ଦବାଇ ରଖିବାର ଚେଷ୍ଟାକୁ ମଧ୍ୟ ଏକପ୍ରକାର ପ୍ରକାଶ-କାତରତା ବୋଲି କୁହାଯାଇପାରେ । ବିଶ୍ୱର ନିୟତିରୂପେ ଯେଉଁ ସତ୍ୟ ଆପଣାର ଉଦ୍‌ଘାଟନ ଲାଗି

'oaob.nitrkl.ac.in' images reprocessed

ଅପେକ୍ଷା କରି ରହିଛି, ତାହାର ସାଧନା ବଡ଼ ଦୁର୍ଗମ ବୋଲି, ତାତ୍କାଳିକ ବାସ୍ତବ ପରିଣାମରେ ପ୍ରମାଣଦ୍ୱାରା ଏହାକୁ ସିଦ୍ଧ କରାଯାଇ ପାରୁନାହିଁ ବୋଲି ଅଥବା ତାହାର ପ୍ରକ୍ରିୟାମାନ ମନ୍ଥର ବୋଲି ପ୍ରତୀତ ହେଉଥିବାରୁ ତାହାର ସମୀପରୁ ପଳାଇଯିବାର ଇଚ୍ଛା ପରିଣାମତଃ ଯେ ବିଶ୍ୱପ୍ରକୃତିର ସତ୍ୟକୁ କେବଳ ଅସ୍ୱୀକାର କରାଭଳି ହେବ ତାହା ନୁହେଁ, ମାତ୍ର ଏହାଦ୍ୱାରା ମହାଶକ୍ତି ଜନନୀଙ୍କର ପ୍ରଚ୍ଛନ୍ନ ଅଥଚ ଅଧିକ ଶକ୍ତିଶାଳୀ ଇଚ୍ଛା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରାଯିବ । ସେହି ଜନନୀ ଆମକୁ ସାମୂହିକଭାବେ କଦାପି ଏହି ସତ୍ୟଟିର ପ୍ରତ୍ୟାଖ୍ୟାନ କରିବାକୁ ଦେବେ ନାହିଁ । ତେଣୁ ତାହାକୁ ଗ୍ରହଣ କରିନେବା, ଏହାକୁ ଅନ୍ଧ ସହଜାତ ସଂସ୍କାରର ସ୍ତରରୁ ଉନ୍ନୀତ କରିଆଣିବା, ଅନବସ୍ଥିତ ଓ ଅସ୍ପଷ୍ଟ ପ୍ରଗତିବୋଧ ଓ ଅସଂବଦ୍ଧ ଆକାଙ୍କ୍ଷାର ସ୍ତରରୁ ଆମେ ଏହାକୁ ପ୍ରଜ୍ଞାର ଆଲୋକ ତଥା ପ୍ରଶିକ୍ଷିତ ଏବଂ ସଚେତଭାବେ ସ୍ୱୟଂସଞ୍ଚାଳିତ ଇଚ୍ଛାଶକ୍ତିର ସ୍ତରକୁ ଉତ୍ତୋଳିତ କରି ନେଇଯିବା । ହୁଏତ ଆହୁରି ଊର୍ଦ୍ଧ୍ୱରେ ଉଦ୍‌ଭାସିତ ପ୍ରଗତିବୋଧ ଓ ସ୍ୱୟଂପ୍ରକାଶମୟ ସତ୍ୟର ଏକ ଉଚ୍ଚତର ଆଲୋକ ଅବଶ୍ୟ ବିଦ୍ୟମାନ ରହିଛି । କୌଣସି କାରଣରୁ ମନୁଷ୍ୟ ଭିତରେ ଏହା ବର୍ତ୍ତମାନ ବ୍ୟାହତ ବା ନିଷ୍କ୍ରିୟ ହୋଇ ରହିଛି, ଅଥବା ସତେଅବା କୌଣସି ଆବରଣର ସେପାଖରେ ରହିଥିଲାପରି କେବଳ ବେଳେବେଳେ ଉଙ୍କିମାରି ଅନାଇ ଦେଉଛି । କିମ୍ବା ପାର୍ଥିବ ଆକାଶର ମେରୁ-ଆଲୋକ ପରି ଏହା ବେଳେବେଳେ ଆବିର୍ଭୂତ ହେଉଛି । ତେବେ ସେଠାରେ ମଧ୍ୟ ଉପନୀତ ହୋଇ ପାରିବାଲାଗି ଆକାଙ୍କ୍ଷା କରିବାରେ ବି ଆମଭିତରେ କୌଣସି ଭୟ ରହିବା ଉଚିତ ନୁହେଁ । କାରଣ ସମ୍ଭବତଃ ତାହାହିଁ ହେଉଛି ଆରୋହଣ-କ୍ରମରେ ବିଚାର କଲେ ଆମ ଚେତନାର ପରବର୍ତ୍ତୀ ଅବସ୍ଥା । ଆମର ମନ ସେହି ଉଚ୍ଚତର ଅବସ୍ଥାଲାଗି ହୁଏତ କେବଳ ଏକ ପ୍ରଗତିରୂପ ବା ଆବରଣ ରୂପେ କାର୍ଯ୍ୟ କରୁଛି । ଏବଂ ନିଖିଳ ମାନବର ଆରୋହଣ-ଯାତ୍ରାରେ ଯେଉଁ ଊର୍ଦ୍ଧ୍ୱତମ ଧାମ ମନୁଷ୍ୟର ଅପେକ୍ଷା କରି ରହିଛି, ସେହି ଧାମକୁ ଆପଣାକୁ ଉତ୍ତରୋତ୍ତର ଭାବେ ପ୍ରସାରିତ କରିନେବାର ପଥ ଯେ ହୁଏତ ସେହି ଆଲୋକର ବର୍ଦ୍ଧିଷ୍ଣୁ ଐଶ୍ୱର୍ଯ୍ୟ ମଧ୍ୟଦେଇ ପଡ଼ିଛି, ସେକଥାଟିକୁ କିଏ ଅସ୍ୱୀକାର କରିପାରିବ ?

'oaob.nitrkl.ac.in' images reprocessed

ଦ୍ୱିତୀୟ ପରିଚ୍ଛେଦ

# ନେତିଦ୍ୱିବିଧ

## ( ୧ )

## ଜଡ଼ବାଧାର ନାସ୍ତି

ସ ତପୋଽତପ୍ୟତ ॥ ସ ତପସ୍ତପ୍ତ୍ୱା ॥
ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ । ଅନ୍ନାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ ।
ଅନ୍ନେନ ଜାତାନି ଜୀବନ୍ତି । ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତି । ତଦ୍‌ବିଜ୍ଞାୟ ।
ପୁନରେବ ବରୁଣଂ ପିତରମୁପସସାର । ଅଧୀହି ଭଗବୋ ବ୍ରହ୍ମେତି ।
ତଂ ହୋବାଚ । ତପସା ବ୍ରହ୍ମ ବିଜିଜ୍ଞାସସ୍ୱ । ତପୋ ବ୍ରହ୍ମେତି ॥

ତୈତ୍ତିରୀୟୋପନିଷତ୍, ୩ । ୧ । ୨

ତପୋଦୀପ୍ତ ମନନଦ୍ୱାରା ସେ ଚିତ୍‌ଶକ୍ତିର ଉଦ୍‌ବୋଧନ କରାଇ ଅନ୍ନକୁ ବ୍ରହ୍ମ ବୋଲି ଜାଣିଲେ । କାରଣ ଅନ୍ନରୁହିଁ ଏହି ଭୂତଜଗତର ଉତ୍ପତ୍ତି ହୋଇଛି । ଉତ୍ପନ୍ନ ହେବାପରେ ସେମାନେ ଅନ୍ନଦ୍ୱାରା ବଢୁଛନ୍ତି, ବୃଦ୍ଧି ପାଉଛନ୍ତି ଏବଂ ଏଠାରୁ ଯାଇ ସେହି ଅନ୍ନରେହିଁ ଅନୁପ୍ରବିଷ୍ଟ ହେଉଛନ୍ତି । ସେଠାରୁ ସେ ପିତା ବରୁଣଙ୍କ ସମୀପକୁ ଯାଇ କହିଲେ, "ଭଗବନ୍, ଆପଣ ମୋତେ ବ୍ରହ୍ମ ବିଷୟରେ ଉପଦେଶ ପ୍ରଦାନ କରନ୍ତୁ ।" କିନ୍ତୁ ସେ ତାଙ୍କୁ ଉତ୍ତର ଦେଲେ, "ତୁମେ ଚିତ୍‌ଶକ୍ତିକୁ ପୁନର୍ବାର ଆପଣା ଭିତରେ ଉଦ୍ଦୀପ୍ତ କର, କାରଣ ତପଃଶକ୍ତିର ଚେତନାହିଁ ବ୍ରହ୍ମ ।"

ଶାଶ୍ୱତ ଆତ୍ମା ଯେ ଏହି ଶରୀରରୂପୀ ସଦନର ଅଧିବାସୀ ହୋଇ ରହିଛନ୍ତି ଏବଂ କାଳର ଅଧୀନ ଏହି କ୍ଷଣଭଙ୍ଗୁର ପରିଚ୍ଛଦର ପରିଧାନ କରିଛନ୍ତି, କେବଳ ଏତିକି ସ୍ୱୀକାର କରିବାଦ୍ୱାରା ନୁହେଁ, ମାତ୍ର ଏହି ଶରୀର ଯେଉଁ ଜଡ଼ ଉପାଦାନରୁ ତିଆରି ହୋଇଛି ଓ ଯେଉଁଥିରୁ ସେ ସତେ ଆପଣାର ପରିଚ୍ଛେଦମାନ ବୟନ କରି ଚାଲିଛନ୍ତି, ଏବଂ ଅନନ୍ତ କ୍ରମରେ ତାଙ୍କର ସଦନଗୁଡ଼ିକୁ ନିରନ୍ତର ନିର୍ମାଣ କରିବାରେ ଲାଗିଛନ୍ତି, ତାହାକୁ ତାଙ୍କର ଯୋଗ୍ୟ ଏକ ମହାନ୍ ଉପାଦାନ ରୂପେ ମାନି ନେଇପାରିଲେ ଯାଇ ପୃଥିବୀପୃଷ୍ଠରେ ଦିବ୍ୟଜୀବନ ଯେ ସମ୍ଭବ ହେବ ଏବଂ ମର ଜୀବନର ଆଧାର ଉପରେ

'oaob.nitrkl.ac.in' images reprocessed

ଯେ ଅମୃତତତ୍ତ୍ୱର ଆବିର୍ଭାବ ହେବ, ଏହି ବିଶ୍ୱାସର ପ୍ରତିଷ୍ଠାଲାଗି ଆମେ ଏକ ଯଥାଯୋଗ୍ୟ ଭୂମି ଲାଭ କରିପାରିବା ।

ତଥାପି ଏତିକରେ ମଧ୍ୟ ଆମେ ଦେହପ୍ରତି ରହିଥିବା ସେହି ଅଭ୍ୟାସଗତ ବିତୃଷ୍ଣାଟିକୁ କଟାଇ ପାରିବା ନାହିଁ । ସେଥିଲାଗି ଆମକୁ ଉପନିଷଦର ସ୍ତରଯାଏ ଆପଣାର ବୋଧଶକ୍ତିକୁ ବିସ୍ତାର କରିବାକୁ ପଡ଼ିବ । ଉପନିଷଦର ଯେଉଁ ଦୃଷ୍ଟି ଚିନ୍ମୟ ଅନ୍ନମୟରୂପୀ ଦୁଇ ଏକାନ୍ତ ବିରୋଧୀ ତତ୍ତ୍ୱର ସକଳ ବିରୋଧକୁ ଅତିକ୍ରମ କରି ଉଭୟର ମୂଳରେ ସେହି ଗୋଟିଏ ଅଦ୍ୱୟତତ୍ତ୍ୱକୁହିଁ ଦେଖିବାକୁ ସମର୍ଥ ହୋଇଥିଲା, ସେହି ଦୃଷ୍ଟିଦ୍ୱାରା ଆପଣାକୁ ଅନୁପ୍ରେରିତ କରି ସେହି ପୁରାତନ ବାକ୍ୟଗୁଡ଼ିକର ଅବିକଳ ଭାଷାରେହିଁ ଆମକୁ କହିବାକୁ, "ଅନ୍ନ ବା ଜଡ଼ ମଧ୍ୟ ବ୍ରହ୍ମ"; ଏବଂ ଯେଉଁ ବୀର୍ଯ୍ୟବାନ୍ ଆକାରଟି ଦ୍ୱାରା ଶରୀରମୟ ଏହି ବିଶ୍ୱକୁ ଦିବ୍ୟପୁରୁଷଙ୍କର କାୟାରୂପେ ବର୍ଣ୍ଣନା କରାଯାଇଛି, ତାହାକୁ ମଧ୍ୟ ପୂର୍ଣ୍ଣମୂଲ୍ୟରେ ଆପଣାର ଚେତନାରେ ଧରି ରଖିବାଲାଗି ସମର୍ଥ ହେବାକୁ ପଡ଼ିବ । ସେହି ଦୁଇଟି ଏକାନ୍ତ ବିରୋଧୀ ତତ୍ତ୍ୱକୁ ଆପାତତଃ ପରସ୍ପରଠାରୁ ଏତେଦୂର ବିଭକ୍ତଭାବେ ଦେଖାଯାଇଛି ଯେ, ଚିନ୍ମୟ ତଥା ଅନ୍ନମୟ ମଧ୍ୟରେ ଅର୍ଥାତ୍ ବ୍ରହ୍ମ ଏବଂ ଜଡ଼ ମଧ୍ୟରେ ଆରୋହକ୍ରମରେ ଆଉ କେତୋଟି ସ୍ତରକୁ (ପ୍ରାଣ, ମନ, ଅତିମାନସ, ଏବଂ ମନଠାରୁ ଅତିମାନସଯାଏ ରହି ଉଭୟକୁ ଯୁକ୍ତ କରି ରଖିଥିବା ଅନ୍ୟ ସ୍ତରଗୁଡ଼ିକ) ସ୍ୱୀକାର ନ କଲେ କେବଳ ଏହି ଦୁଇଟି ତତ୍ତ୍ୱକୁ ମୂଳତଃ ଏକ ବୋଲି ଘୋଷଣା କରିଦେଲେ ତଦ୍ୱାରା ଯୁକ୍ତି ଓ ବୁଦ୍ଧିର ତୃପ୍ତିବୋଧ ହେବା ଆଦୌ ସମ୍ଭବ ହେବ ନାହିଁ । ତା' ନହେଲେ ଦୁଇଟିଯାକ ଭିତରେ ସତେଅବା କୌଣସି ସମନ୍ୱୟ ହୋଇ ପାରିବ ନାହିଁ ବୋଲି ପ୍ରତୀତ ହେବାକୁ ଲାଗିବ । ସତେ ଯେପରି ଦୁହିଁଙ୍କୁ ଜବରଦସ୍ତି ଆଣି ଏକାଠି ଗଅଁଠାଇ ଦିଆଯାଇଛି, ଓ ତେଣୁ ଦୁହିଁଙ୍କୁ ପରସ୍ପରଠାରୁ ବିଚ୍ଛିନ୍ନଭାବେ ଗ୍ରହଣ କରିପାରିଲେହିଁ କୌଣସି ଯୁକ୍ତିସଙ୍ଗତ ସମାଧାନ ହୁଏତ ସମ୍ଭବ ହୋଇପାରିବ ବୋଲି ମନେହେବ । ଚିତ୍ ଓ ଜଡ଼ ଉଭୟଙ୍କୁ ଏକ ବୋଲି କହିବା ବା ପରସ୍ପରକୁ ପରସ୍ପରର ପ୍ରତିରୂପ ବୋଲି ଦେଖାଇବାର ଚେଷ୍ଟାକରିବା କେବଳ ଆପଣା ଭାବନାର ଡାଳରେ ବସି କୃତ୍ରିମ ସୃଷ୍ଟି କରିବାଭଳି ହେବ । ଏହା ବାସ୍ତବ ଯୁକ୍ତିର ବିରୁଦ୍ଧାଚରଣ କରିବ ଏବଂ ଏକ ଯୁକ୍ତିବିରୋଧୀ ରହସ୍ୟବାଦରେହିଁ ପର୍ଯ୍ୟବସିତ ହୋଇ ରହିବ ।

ଯଦି ଆମେ ଏକ ପକ୍ଷରେ କେବଳ ଏକ ବିଶୁଦ୍ଧ ଚିନ୍ମୟ ତତ୍ତ୍ୱ ଓ ଅପର ପକ୍ଷରେ ଏକ ଯାନ୍ତ୍ରିକ ଓ ଚିଦ୍‌ରହିତ ବସ୍ତୁ କିମ୍ବା ଶକ୍ତିର କଳ୍ପନା କରିବା, ଗୋଟିକୁ ଭଗବାନ ଓ ଆରଟିକୁ ପ୍ରକୃତି ବୋଲି କହିବା, ତେବେ ତାହାର ଅବଶ୍ୟମ୍ଭାବୀ ପରିଣାମସ୍ୱରୂପ ଆମକୁ ହୁଏତ ଭଗବାନଙ୍କୁ ବର୍ଜନ କରିବାକୁ ପଡ଼ିବ କିମ୍ବା

'oaob.nitrkl.ac.in' images reprocessed

ପ୍ରକୃତିଠାରୁ ବିବିକ୍ତ ହୋଇ ଆସିବାକୁ ପଡ଼ିବ । କାରଣ ଆମର ବୁଦ୍ଧି ତଥା ଜୀବନକୁ ଦୁଇଟି ଭିତରୁ କେବଳ ଗୋଟିକୁ ବାଛିନେବାକୁ ହେବ । ଗୋଟିକୁ ଆମ କଳ୍ପନାର କେବଳ ଏକ ପ୍ରତିଭାସ ବୋଲି କହି ବା ଆଉଟିକୁ ଇନ୍ଦ୍ରିୟଜନିତ ମାୟା ବୋଲି କହି ବୁଦ୍ଧି ଦୁଇଟିରୁ ଗୋଟିକୁ ପ୍ରତ୍ୟାଖ୍ୟାନ କରିବାକୁହିଁ ବାଧ ହେବ । ସେହିପରି ଜୀବନ ମଧ୍ୟ ଏକ କାଣ୍ଡହୀନ କଳ୍ପନାର ପୌତ୍ତଳିକତାରେ ବାନ୍ଧିହୋଇ ରହିବାରେ ବିରକ୍ତ ହୋଇ ଆପଣାଠାରୁ ପଳାଇଯିବାକୁ ଚାହିଁବ ବା ଏକ ଆତ୍ମବିସ୍ମରଣ କାଳର ତଥାକଥିତ ସମାଧି ଭିତରେ ପରିହୃତ ହୋଇ ରହିବ । ବା ଅପର ପକ୍ଷରେ ତାହା ଆପଣାର ଅମରତ୍ୱକୁ ଅସ୍ୱୀକାର କରିବ ଏବଂ ଭଗବତ୍-ବିମୁଖ ହୋଇ ପଶୁତ୍ୱର ବିଚିକିତ୍ସାରେ ଅଧିକ ରୁଚି ରଖିବାକୁ ଅନୁରାଗୀ ହେବ । ସାଂଖ୍ୟ ଦର୍ଶନର ଚିତ୍-ସ୍ୱରୂପ ଅଥଚ ନିଷ୍କ୍ରିୟ ପୁରୁଷ ଏବଂ ଜଡ଼ାତ୍ମିକା ଅଥଚ କ୍ରିୟାଶୀଳା ପ୍ରକୃତି ମଧ୍ୟରେ କେଉଁଠି ହେଲେ କୌଣସି ସାମ୍ୟ ଦୃଷ୍ଟିଗୋଚର ହୁଏନାହିଁ । ଏପରିକି ଉଭୟଙ୍କର ଅବିକ୍ଷୁବ୍ଧ ଅବ୍ୟକ୍ତ ସ୍ୱରୂପରେ ମଧ୍ୟ ଆମେ କୌଣସି ସାମ୍ୟ ଦେଖିବାକୁ ପାଉନାହିଁ । ତେଣୁ ପୁରୁଷର ବିକ୍ଷୋଭହୀନ ପ୍ରଶାନ୍ତିର ବକ୍ଷ ଉପରେ ଯେତେବେଳେ କ୍ଷୁବ୍ଧା ଓ ବିମୂଢ଼ା ପ୍ରକୃତିର ପ୍ରତିବିମ୍ବ-କ୍ଷେପଣଲୀଳାରେ ଅବସାନ ଘଟେ, ସାଂଖ୍ୟ ମତରେ ସେତିକିବେଳେ ଯାଇ ଉଭୟଙ୍କ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱର ଅପନୋଦନ ସମ୍ଭବ ହୁଏ । ଶଙ୍କରବର୍ଣ୍ଣିତ ନିର୍ବାକ୍, ଓ ସକଳ କ୍ରିୟାରହିତ ବ୍ରହ୍ମ ତଥା ଅନେକ ନାମ ଓ ରୂପ ଧାରଣ କରିଥିବା ମାୟାର କଳ୍ପନାରେ ମଧ୍ୟ ଏହି ଅନତିକ୍ରମଣୀୟ ବିରୋଧ ପରିଲକ୍ଷିତ ହୋଇଥାଏ । ସେହି କ୍ଷେତ୍ରରେ ମଧ୍ୟ ଏକ ଶାଶ୍ୱତ ନିଃଶବ୍ଦତାର ଏକମେବ ସତ୍ୟ ମଧ୍ୟରେ ମାୟାର ବହୁବିଚିତ୍ରତା ବିଲୟ ଲଭିଲେହିଁ ଏହି ବିରୋଧର ଅନ୍ତ ହୋଇପାରିବ ବୋଲି କୁହାଯାଇଛି ।

କିନ୍ତୁ ଜଡ଼ବାଦୀର ସମାଧାନ ଏହାଠାରୁ ଅଧିକ ସହଜ । ଈଶ୍ୱର ବା ଚିତ୍‌ସତ୍ତାକୁ ଅସ୍ୱୀକାର କରି ଏବଂ ଜଡ଼ ବା ଶକ୍ତିକୁହିଁ ବିଶ୍ୱର ଏକମାତ୍ର ତତ୍ତ୍ୱ ବୋଲି ଘୋଷଣା କରିଦେଲେ ତଦ୍ୱାରା ଏକପ୍ରକାର ବାସ୍ତବ ଅଦ୍ୱୈତବାଦର ଅବତାରଣା ହୋଇଥାଏ ଏବଂ ହୃଦ୍‌ବୋଧ ହେବାଲାଗି ସେତିକି ଯଥେଷ୍ଟ ବୋଲି ଜଡ଼ବାଦୀ ଅନୁମାନ କରିନିଏ । କିନ୍ତୁ କେବଳ ଏତିକିରେ ସମାଧାନ ହୋଇଗଲା ବୋଲି ଧରି ବସିଲେ ତଦ୍ୱାରା ତାର ଜାଣିବାର ପିପାସା କଦାପି ଶାନ୍ତ ହୁଏ ନାହିଁ । ତା'ର କଳ୍ପିତ ଅଦ୍ୱୈତତତ୍ତ୍ୱ ମଧ୍ୟ ଯେ ପ୍ରତ୍ୟକ୍ଷର ଅଗୋଚର, ଅକର୍ତ୍ତା ପୁରୁଷ ବା ଅଶରୀ ଆତ୍ମାପରି ତାହା ଯେ ଦୃଶ୍ୟଜଗତ୍‌ଠାରୁ ଅନେକ ଦୂରରେ, ଶେଷରେ ଜଡ଼ବାଦୀ ମଧ୍ୟ ଏକଥା ମାନିବାକୁ ବାଧ ହୋଇଥାଏ । ମାତ୍ର ଏହାଦ୍ୱାରା କେବଳ ଏକ ନିରର୍ଥକ ନମନୀୟତା ଦେଖାଇବାର ଛଳନାରେ ବୁଦ୍ଧିଶକ୍ତିର ଅନମନୀୟ ଦାବିଗୁଡ଼ିକ ଭୁଲାଇ

'oaob.nitrkl.ac.in' images reprocessed

ରଖିବା କିମ୍ବା ଜିଜ୍ଞାସାର ସୀମାଗୁଡ଼ିକୁ ଆହୁରି ଅଧିକ ପ୍ରସାରିତ କରିଦେବାରେ କୃପଣତା ପ୍ରକାଶ କରିବା ବ୍ୟତୀତ ଆଉ ଅଧିକ କିଛି ଲାଭ ହୁଏ ନାହିଁ ।

ତେଣୁ ଏହିସବୁ ନିଷ୍ଫଳ ବିରୋଧଗୁଡ଼ିକୁ ମାନିନେଇ ମନୁଷ୍ୟର ମନ କଦାପି ତୃପ୍ତ ହୋଇ ରହିପାରେ ନାହିଁ । ଏହା ସତତ ଏକ ସମଗ୍ର ସ୍ୱୀକୃତିର ଅନୁସନ୍ଧାନ କରି ଚାଲିଥାଏ । କେବଳ ଏକ ଜ୍ଞାନାଲୋକିତ ସମନ୍ୱୟଦ୍ୱାରାହିଁ ଏହା ପାଇବା ସମ୍ଭବପର । ସେହି ସମନ୍ୱୟରେ ଉପନୀତ ହେବାକୁ ହେଲେ ତାକୁ ଆମର ଅନ୍ତର୍ଗତ ଚେତନା ଆମଲାଗି ନିର୍ଦ୍ଦିଷ୍ଟ କରି ରଖିଥିବା ବିଭିନ୍ନ ପର୍ଯ୍ୟାୟ ମଧ୍ୟଦେଇ ଗତି କରିବାକୁ ହୁଏ । ଜଡ଼କୁ ଦେଖିବା ପରି ପ୍ରାଣ ଓ ମନକୁ ମଧ୍ୟ ବାହାରୁ ଦେଖିବାର ଓ ବିଶ୍ଳେଷଣ କରିବାର ପ୍ରଣାଳୀଦ୍ୱାରା ହେଉ କିମ୍ବା ଆପଣାର ଭିତରକୁ ଅନାଇ ଅନ୍ତର ଭିତରେ ସେଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସନ୍ଧିପନ କରାଇ ହେଉ, ତାହାର ବହୁତର-ରୂପାୟନ-ଶକ୍ତିକୁ କୌଣସି ପ୍ରକାରେ ଅସ୍ୱୀକାର ନ କରି ତଥାପି ସେହି ପରମ ଐକ୍ୟର ପ୍ରଶାନ୍ତକୋଡ଼ରେ ଯାଇ ପହଞ୍ଚିବାକୁ ହୁଏ । କେବଳ ଏହିଭଳି ଏକ ସମ୍ପୂର୍ଣ୍ଣ ଏବଂ ଉଦାର ସ୍ୱୀକୃତିଧର୍ମୀ ବୃତ୍ତିଦ୍ୱାରାହିଁ ଅନେକ ରୂପ ଓ ଆପାତବିରୋଧୀ ଜୀବନସଂସାରରେ ସେହି ଐକ୍ୟତାନଟିକୁ ଖୋଜି ପାଇବା ସମ୍ଭବ ହୋଇପାରିବ; ଏବଂ ଆମର ବିଶ୍ୱର ଓ ଜୀବନକୁ ନିୟନ୍ତ୍ରିତ କରୁଥିବା ପରସ୍ପର-ସଂଘାତୀ ଶକ୍ତିଗୁଡ଼ିକ କେନ୍ଦ୍ରସ୍ଥ ସେହି ମୂଳ ସତ୍ୟର ଆବିଷ୍କାର କରିବାକୁ ସମର୍ଥ ହେବେ, ଯେଉଁ ସତ୍ୟର ପ୍ରତୀକ ହୋଇ ରହିବାକୁ ଓ ଯେଉଁଗୁଡ଼ିକୁ ନାନାଭାବେ ପରିପୂର୍ଣ୍ଣ କରିବାକୁହିଁ ଇହଜଗତରେ ସେମାନଙ୍କର ଧର୍ମ ବୋଲି କୁହାଯାଇ ପାରିବ । କେବଳ ସେତିକିବେଳେହିଁ ପୂର୍ବାଚରିତ ଚକ୍ରାବର୍ତ୍ତନ ଗୁଡ଼ି ତାହା ଏକ ଯଥାର୍ଥ କେନ୍ଦ୍ରରେ ପ୍ରତିଷ୍ଠିତ ହେବ; ସେତେବେଳେ ଉପନିଷଦରେ ବର୍ଣ୍ଣିତ ହୋଇଥିବା ବ୍ରହ୍ମପରି ନିଖିଳ ବିଶ୍ୱର ଲୀଳାପ୍ରବାହ ଭିତରେ ରହି ମଧ୍ୟ ତାହା ଏକାଗ୍ର ଓ ଅଚଞ୍ଚଳ ହୋଇପାରିବ । ଏବଂ ଆପଣାର ଯଥାର୍ଥ ଲକ୍ଷ୍ୟକୁ ଜାଣି ଆମର ଜୀବନ ମଧ୍ୟ ଏକ ପ୍ରଶାନ୍ତ ଓ ଅବିଚଳ ଆନନ୍ଦ ଏବଂ ଆଲୋକ ତଥା ଏକ ଛନ୍ଦୋମୟ ବୁଦ୍ଧିନିର୍ଦ୍ଦେଶିତ ଶକ୍ତିଦ୍ୱାରା ସେହି ଲକ୍ଷ୍ୟର ଚର୍ଯ୍ୟା କରିପାରିବ ।

ମାତ୍ର ଥରେ ସେହି ଛନ୍ଦୋମୟତାରେ ବ୍ୟାଘାତ ଘଟିଲେ ବିରୋଧର ଉଭୟ କୋଟିକୁ ଐକାନ୍ତିକ ମର୍ଯ୍ୟାଦା ଦେଇ ସ୍ୱତନ୍ତ୍ରଭାବେ ସେଗୁଡ଼ିକର ମୂଲ୍ୟ ନିରୂପଣ କରିବା ମନୁଷ୍ୟ ପକ୍ଷରେ ଉଚିତ ଓ ସହାୟକ ବୋଲି କୁହାଯାଇ ପାରିବ । ବୈଷମ୍ୟକୁ ଏହିପରି ଭାବରେ ଏକାନ୍ତରୂପେ ବିଚାର କରିବା ପରେ ପୁଣି ଏକ ବୃହତ୍ତର ସାମ୍ୟର ସ୍ତରକୁ ଫେରିଆସିବା ମନର ଏକ ସ୍ୱାଭାବିକ ପ୍ରବୃତ୍ତି । ଫେରିବା ବାଟରେ ମଝିରେ

'oaob.nitrkl.ac.in' images reprocessed

ସେ ହୁଏତ ଏକାଧିକ ସ୍ଥାନରେ ଅଟକି ଘଡ଼ିଏ ଠିଆ ହୋଇଯିବାକୁ ମଧ୍ୟ ଇଚ୍ଛା କରିପାରେ, ଅସ୍ତିତ୍ୱର ଯାବତୀୟ ରୂପାୟନକୁ କେବଳ ଏକ ପ୍ରାଣବାଚୀ ମୂଳଶକ୍ତି, ଇନ୍ଦ୍ରିୟସଂବେଦନ କିମ୍ବା ଭାବମୟତାର ଲୀଳା ବୋଲି କଳ୍ପନା କରିପାରେ । ମାତ୍ର ଏହିସବୁ ଏକତରଫା ସମାଧାନ ଭିତରେ ସର୍ବଦା ଅବାସ୍ତବତାର ଏକ ଗନ୍ଧ ରହିଯିବାର ଭୟ ରହିଥାଏ । ବିଶୁଦ୍ଧ ଭାବରାଜ୍ୟରେ ବିଚରଣ କରୁଥିବା ଯୁକ୍ତିବୁଦ୍ଧିକୁ ଏହି ସମାଧାନଗୁଡ଼ିକ ହୁଏତ ସାମୟିକ ସନ୍ତୋଷ ଦେଇପାରନ୍ତି, କିନ୍ତୁ ମନର ବାସ୍ତବିକତା-ବୋଧର ପିପାସାକୁ ସେଗୁଡ଼ିକ କଦାପି ସନ୍ତୁଷ୍ଟ କରି ପାରନ୍ତି ନାହିଁ । କାରଣ ମନ ଏକଥା ସବୁବେଳେ ଜାଣିଥାଏ ଯେ ଏହା ପଛରେ ଆହୁରି ଏକ ପଦାର୍ଥ ରହିଛି, ଯାହାକି କେବଳ ଭାବସର୍ବସ୍ୱ ନୁହେଁ । ତା'ର ଆପଣା ଭିତରେ କେବଳ ପ୍ରାଣବାୟୁର ଅତିରିକ୍ତ ଆହୁରି କିଛି ରହିଛି ବୋଲି ଅପର ପକ୍ଷରେ ମନ ସେ କଥା ମଧ୍ୟ ଜାଣିଥାଏ । କେବଳ ଆତ୍ମା ବା କେବଳ ଜଡ଼କୁ ଚରମ ସତ୍ୟ ରୂପେ ମାନି ନେଲେ ତଦ୍ୱାରା ଏକ ସାମୟିକ ହୃଦ୍‌ବୋଧ ସମ୍ଭବ ହୋଇପାରେ, ମାତ୍ର ଉଭୟର ମଧ୍ୟବର୍ତ୍ତୀ କୌଣସି ତତ୍ତ୍ୱକୁ ଆମର ମନ ଚରମ ବୋଲି ମାନିନେବାକୁ ଆଦୌ ସମ୍ମତ ହୋଇପାରେ ନାହିଁ । ତେଣୁ ସାର୍ଥକଭାବେ ସମଗ୍ରକୁ ଫେରି ଆସିବା ପୂର୍ବରୁ ଏହାକୁ ପ୍ରଥମେ ତାହାର ଦୁଇଟିଯାକ ପରସ୍ପରବିରୋଧୀ କୋଟିକୁ ଅତିକ୍ରମ କରିବାକୁ ହୁଏ । କାରଣ ମନ ଆପଣା ସ୍ୱଭାବର ବଶବର୍ତ୍ତୀ ହୋଇ କେବଳ ଇନ୍ଦ୍ରିୟ ଓ ଭାଷାର ମାଧ୍ୟମରେହିଁ ତଥ୍ୟ ଓ ତତ୍ତ୍ୱ ଆହରଣ କରିଥାଏ । ଅଖଣ୍ଡ ସତ୍ତାର ଖଣ୍ଡରୂପର କରିଆରେହିଁ ଇନ୍ଦ୍ରିୟ ସଂସାରକୁ ଦେଖେ, ଏବଂ ଭାଷା ମଧ୍ୟ ନୈପୁଣ୍ୟ ସହକାରେ ଭାବକୁ ଖଣ୍ଡିତ କରିହିଁ ଭାବର ପ୍ରକାଶ କରିଥାଏ । ତେଣୁ ଏହି ସାଧନ ଦୁଇଟିର ସାହାଯ୍ୟ ନେଇ ଯେତେବେଳେ ମନ ଏହି ବିଶ୍ୱର ମହାବିଚିତ୍ର ମୌଳିକ ପ୍ରକୃତିଗୁଡ଼ିକ ଭିତରେ ଏକ ସମାହାର ଆଣିବାକୁ ଇଚ୍ଛା କରେ, ଅର୍ଥାତ୍ ନାନା ତତ୍ତ୍ୱକୁ ବୁଝିବା ଉଦ୍ଦେଶ୍ୟରେ କୌଣସି ଗୋଟିଏ ଚରମ ତତ୍ତ୍ୱକୁ ଧରିବାକୁ ଚେଷ୍ଟା କରେ, ସେତେବେଳେ ସବୁଗୁଡ଼ିକ ଯେକୌଣସି ପ୍ରକାରେ ଏକାକାର କରି ଗୋଟିକର ଅନ୍ତର୍ଗତ କରି ଦେଖିବା ବ୍ୟତୀତ ତାହାର ଆଉ କୌଣସି ଉପାୟ ନ ଥାଏ । ଗୋଟିକୁ ପ୍ରତିଷ୍ଠିତ କରିବାକୁ ଯାଇ ସେ ବସ୍ତୁତଃ ଅନ୍ୟଗୁଡ଼ିକରୁ ଯେକୌଣସି ପ୍ରକାରେ ନିଷ୍କୃତି ପାଇବାକୁ ଉଦ୍ୟମ କରେ । ତେଣୁ ଏସବୁ ବର୍ଜନ ଓ ବହିଷ୍କାରର ପଥକୁ ଏଡ଼ାଇ ସକଳର ମୂଳସ୍ୱରୂପ ହୋଇ ରହିଥିବା ଏକ ଓ ଅଦ୍ୱିତୀୟ ସତ୍ୟଟିକୁ ଆବିଷ୍କାର କରିବା ଲାଗି ବାହାରିବା ମାତ୍ରକେ ମନକୁ ଆପଣାର ପୂର୍ବସିଦ୍ଧ ସୀମାଗୁଡ଼ିକୁ ଡେଇଁ ଗୁଲିଯିବାକୁ ପଡ଼େ, କେତେବେଳେ ଲମ୍ଫ ପ୍ରଦାନ କରି ବା ଆଉ କେତେବେଳେ ସମସ୍ତ ବର୍ତ୍ତୁଳ ପଥଟିକୁ ଅତିକ୍ରମ କରି ଗୁଲିଯିବାକୁ ପଡ଼େ । ଏବଂ ପ୍ରତ୍ୟେକ ଥର ପଥ ଶେଷରେ ପହଞ୍ଚି ସେ ସେହି ଅଲକ୍ଷଣ ଓ

'oaob.nitrkl.ac.in' images reprocessed

ଅବର୍ଣ୍ଣନୀୟ ତତ୍ତ୍ୱସ୍ୱରୂପକୁହିଁ ଦେଖିବାକୁ ପାଏ । ସେହି ସ୍ୱରୂପ ଭିତରେ ଯାବତୀୟ ଯାହାକିଛିର ଅବସାନ ହୁଏ, ଅଥଚ ସେହି ହେଉଛନ୍ତି ସତ୍ୟ, ସେହି ହେଉଛନ୍ତି ଉପଲବ୍ଧି । ଆମେ ଯେକୌଣସି ବାଟ ଦେଇ ଯିବା ପଛକେ, ଆମର ସକଳ ପଥ ଅତିକ୍ରାନ୍ତ କରି ଆମେ କେବଳ ତାହାଙ୍କୁହିଁ ପାଇବା । ମାତ୍ର ବାଟରେ କେଉଁଠି ଅଟକି ଯାଇ ସମସ୍ତ ପଥ ଅତିକ୍ରମ କରିବା ଲାଗି ନାସ୍ତି କରିବସିଲେ ଆମେ ଆଉ ସେଠାରେ ଯାଇ ଅବହୁଁ ପାରିବା ନାହିଁ ।

ଅନେକ ଯୁଗର ବହୁ ପ୍ରୟୋଗ ଓ ସୂତ୍ରଗତ ସମାଧାନ ପରେ ଆମେ ଆଜି ଯେ ସେହି ଆପାତବିରୋଧୀ ଦୁଇଟି ତତ୍ତ୍ୱ ପାଖରେ ଆସି ପହଞ୍ଚିଛୁ, ଏହାକୁ ଏକ ଶୁଭ ସୂଚନା ବୋଲି କୁହାଯାଇ ପାରିବ । ଯୁଗ ଯୁଗ ଅଭିଜ୍ଞତାର ନାନା କଠୋର ପରୀକ୍ଷା ପାର ହୋଇ କେବଳ ଏହି ଦୁଇଟି ତତ୍ତ୍ୱ ଆମ ଆଗରେ ବିଦ୍ୟମାନ ରହିଛନ୍ତି । ଏବଂ ସକଳ ଅଭିଜ୍ଞତା ପରେ ଉଭୟେ ଯେଉଁ ସାମାନ୍ୟ ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି, ବିଶ୍ୱସତ୍ୟର ପ୍ରଚ୍ଛନ୍ନ ବିଗ୍ରହକ, ରକ୍ଷକ ଓ ମୁଖପାତ୍ର ରୂପେ କାର୍ଯ୍ୟ କରି ଆସିଥିବା ଆମର ସହଜ ବୁଦ୍ଧି ବା ସହଜାତ ପ୍ରବୃତ୍ତି ତାହାକୁ ଯଥାର୍ଥ ବା ସନ୍ତୋଷଜନକ ବୋଲି ଗ୍ରହଣ କରିବାକୁ ରାଜି ହେଉ ନାହିଁ । ଇଉରୋପ ଏବଂ ଭାରତବର୍ଷରେ ଯଥାକ୍ରମେ ଜଡ଼ବାଦୀର ନାସ୍ତିଦୃଷ୍ଟି ଓ ବୈରାଗୀର ନେତିଦୃଷ୍ଟି ଆପଣା-ଆପଣାକୁ ଏକମାତ୍ର ସତ୍ୟରୂପେ ଘୋଷଣା କରିଛନ୍ତି ଓ ଜୀବନଦର୍ଶନର କ୍ଷେତ୍ରକୁ କବଳିତ କରି ରଖିଛନ୍ତି । ଏହା ଫଳରେ ଭାରତବର୍ଷରେ ଅଧ୍ୟାତ୍ମସମ୍ପଦର କେତେକେତେ, ବା ଅନ୍ତତଃ କେତେକ, ବିରାଟ ସ୍ତୂପ ସଞ୍ଚିତ ହୋଇ ରହିଛୁ ସତ, ମାତ୍ର ଏହାଦ୍ୱାରା ଜୀବନ ସମ୍ବଳଶୂନ୍ୟ ହୋଇ ପଡ଼ିଛୁ । ପରିପୂର୍ଣ୍ଣ ଐଶ୍ୱର୍ଯ୍ୟର ସହଜସମ୍ପନ୍ନତା ତଥା ପୃଥିବୀଯାକର ଶକ୍ତି ଓ ସମ୍ପତ୍ତି ଉପରେ ବିଜୟୋନ୍ମତ୍ତ ପ୍ରଭୁତ୍ୱ ହାସଲ କରି ଇଉରୋପର ମନୀଷ ଆଧ୍ୟାତ୍ମିକ ସମ୍ପଦର ଜଗତରେ ଠିକ୍ ସେହିପରି ଦେବାଳିଆ ହେବାକୁ ଧାଉଁଛି । ଜଡ଼ବାଦ ମଧ୍ୟରେ ସକଳ ସମସ୍ୟାର ସମାଧାନ ଖୋଜିବାକୁ ଦମ୍ଭ କରିଥିବା ବୁଦ୍ଧି ତଥାପି ଆପଣାର ଲବ୍ଧ ସମାଧାନଗୁଡ଼ିକରେ ସନ୍ତୋଷ ପାଇ ପାରିନାହିଁ ।

ତେଣୁ ଏକ ନୂତନ ଓ ସର୍ବପ୍ରସାରୀ ଅନ୍ତର୍ସ୍ୱୀକାର ଲାଗି ଆମର ଯୁଗ କ୍ରମେ ପରିଣତ ଓ ପରିପକ୍ୱ ହେବାରେ ଲାଗିଛି, ପୃଥିବୀର ଚିନ୍ତାଧାରା ମଧ୍ୟ ଆଜି ସେହି ଅଭିମୁଖରେ ଗଲିଛୁ । ଏହି ଅନ୍ତର୍ସ୍ୱୀକାର ଭାବନାର ଅନ୍ତର୍ସ୍ୱୀକାର, ଅନ୍ତର୍ଗତ ଅନୁଭବ ତଥା ବହିର୍ଜୀବନର ସକଳ ଅଭିଜ୍ଞତାରେ ଅନ୍ତର୍ସ୍ୱୀକାର, ଏବଂ ଏହାର ଏକ ଆନୁସଙ୍ଗିକ ରୂପେ, ଆମର ବ୍ୟକ୍ତିଗତ ତଥା ସାମୂହିକ ଜୀବନରେ ଅଖଣ୍ଡ ମାନବତାର ଏକ ନୂତନ ଏବଂ ଐଶ୍ୱର୍ଯ୍ୟଶାଳୀ ଆତ୍ମପରିପୂର୍ଣ୍ଣତା ।

'oaob.nitrkl.ac.in' images reprocessed

ଚିତ୍ ଏବଂ ଜଡ଼ ଉଭୟେ ଏକ ଅନଧିଗମ୍ୟ ତତ୍ତ୍ୱର ବିଭୂତି ହେଲେ ମଧ୍ଯ ସେହି ତତ୍ତ୍ୱଟି ସହିତ ସେମାନଙ୍କର ସମ୍ବନ୍ଧ ଆଦୌ ଏକାଭଳି ନୁହେଁ, ତେଣୁ ଜଡ଼ବାଦୀ ନାସ୍ତି ଏବଂ ଚିତ୍ତ୍ୱବାଦୀ ନେତିର ପ୍ରଭାବ ଭିତରେ ମଧ୍ଯ ଏକ ପାର୍ଥକ୍ୟ ନିଶ୍ଚୟ ଉପୁଜିବ । ଜଡ଼ବାଦୀର ନାସ୍ତି ଖୁବ୍ ଦୃଢ଼ ଭାବରେ ଆପଣାକୁ ଘୋଷଣା କରିବାକୁ ଆସେ, ତାତ୍କାଳିକ ଦୃଷ୍ଟିରୁ ବିଚାର କଲେ ଏହା ବେଶ୍ ସଫଳତା ବି ହାସଲ କରିଥାଏ ଏବଂ ସାଧାରଣ ମଣିଷର ମନ ଉପରେ ବେଶ୍ ସହଜରେ ଆପଣାର ପ୍ରଭାବ ବିସ୍ତାର କରିପାରେ ସତ, ମାତ୍ର ବୈରାଗୀର ମଣ୍ଡଳୀଗତ ଓ ଘାଘାତକ ନେତିପରି ଏହା ସେତେ ଦୀର୍ଘକାଳ ସ୍ଥାୟୀ ରହି ପାରେ ନାହିଁ ବା ଏହାର ପରିମାଣ ସେତେ ଦୂର ଗଭୀରକୁ ଯାଇପାରେ ନାହିଁ । କାରଣ ଏହାର ଆପଣା ଭିତରେହିଁ ଏହାର ଆରୋଗ୍ୟ ଅନ୍ତର୍ନିହିତ ହୋଇ ରହିଥାଏ । ତତ୍ତ୍ୱର ଜ୍ଞାନକୁ ଭେଦ କରିବା ସର୍ବଥା ଅସମ୍ଭବ ବୋଲି ଘୋଷଣା କରୁଥିବା ନାସ୍ତିବାଦୀ ସୃଷ୍ଟ ବ୍ରହ୍ମାଣ୍ଡର ପଛରେ ପ୍ରତିଷ୍ଠିତ ରହିଥିବା ଅନଧିଗମ୍ୟକୁ ଅବଶ୍ୟ ସ୍ୱୀକାର କରେ, ଅନଧିଗମ୍ୟର ସୀମାକୁ କ୍ରମଶଃ ପ୍ରସାରିତ କରି ସେ ସେଥିରେ କେବଳ ଅଜ୍ଞାତକୁ ମଧ୍ଯ ଅନ୍ତର୍ଭୁକ୍ତ କରିନଏ । କେବଳ ଇନ୍ଦ୍ରିୟଗୁଡ଼ିକୁହିଁ ଜ୍ଞାନର ଏକମାତ୍ର ସାଧନ ବୋଲି ମାନି ନେଇଥିବାରୁ ଏବଂ ଆପଣାକୁ ଯେତେ ସୁଦୂରପ୍ରସାରୀ ଓ ଶକ୍ତିଶାଳୀ କଲେ ମଧ୍ଯ ବୁଦ୍ଧି ଯେ କେବେହେଲେ ଇନ୍ଦ୍ରିୟଲବ୍ଧ ଜଗତର ସୀମାକୁ ଅତିକ୍ରମ କରି ପାରିବ ନାହିଁ, ଏହିପରି ଏକ ଅନୁମାନକୁ ମୂଳ କରି ଧରିଥିବାରୁ କେବଳ ଇନ୍ଦ୍ରିୟମାନେ ତାକୁ ଯେତିକ ସତ୍ୟ ଆଣି ଯୋଗାଇ ଦିଅନ୍ତି, ନାସ୍ତିବାଦୀ କେବଳ ସେତିକ ଭିତରେ ଆପଣାକୁ ସୀମାବଦ୍ଧ କରି ରଖିବାକୁ ବାଧ୍ୟ ହୁଏ ୮ ଏବଂ ଏହି ସତ୍ୟଗୁଡ଼ିକୁ ମଧ୍ଯ ସର୍ବଦା ଆପଣାର ଉତ୍ପତ୍ତିସ୍ଥଳ ସହିତ ବାନ୍ଧିହୋଇ ରହିବାକୁ ପଡ଼େ । ତେଣୁ ଏଗୁଡ଼ିକ ଆମକୁ ଆଉ କୌଣସି ସୀମା ଅତିକ୍ରମ କରିସିବାକୁ ଛାଡ଼ିଦିଅନ୍ତି ନାହିଁ । ଯେଉଁଠି ଅଧିକ ଶକ୍ତିଶାଳୀ ଏବଂ କମ୍ ସୀମାବଦ୍ଧ ମାନସିକ ବୃତ୍ତିମାନ କାର୍ଯ୍ୟ କରୁଥା'ନ୍ତି ଏବଂ ଯେଉଁଠି ଆଉ ଏକ ପ୍ରକାରର ଅନ୍ୱେଷଣର ଆଶ୍ରୟ ନେବାକୁ ହୁଏ, ସେଠାରେ ଯାଇ ପହଞ୍ଚିବା ସକାଶେ ଏହି ସତ୍ୟଗୁଡ଼ିକ ଏକ ସେତୁରୂପେ ଆଦୌ କାର୍ଯ୍ୟ କରି ପାରନ୍ତି ନାହିଁ ।

ଏହିପରି ଏକ ଅଯୌକ୍ତିକ ଅନୁମାନ ଆପଣାର ଦୁର୍ବଳତା ଆପେ ଆପେ ଘୋଷଣା କରିଥାଏ । ଏହି ଅନୁମାନକୁ ଖଣ୍ଡନ କରୁଥିବା ସକଳ ପ୍ରମାଣ ଓ ଅଭିଜ୍ଞତାର ବିଶାଳ କ୍ଷେତ୍ରକୁ ଅସ୍ୱୀକାର କଲେ କିମ୍ବା ମହତ୍ତ୍ୱହୀନ ବୋଲି ଉଡ଼ାଇ ଦେଲେ ଯାଇ ହୁଏତ ଏହି ଅନୁମାନଟିକୁ ଗ୍ରହଣ କରିନେଇ ପାରନ୍ତେ । ପ୍ରତ୍ୟେକ ମନୁଷ୍ୟ ଭିତରେ ସଚେତ ବା ଅସ୍ପଷ୍ଟ ଭାବେ କାର୍ଯ୍ୟ କରୁଥିବା ବା ମଣିଷ ଭିତରେ ଅନ୍ତତଃ ପ୍ରଚ୍ଛନ୍ନ ହୋଇ ରହିଥିବା ନାନା ମହାନ୍ ଓ ସାର୍ଥକ ବୃତ୍ତିକୁ

'oaob.nitrkl.ac.in' images reprocessed

ଅସ୍ୱୀକାର ବା ଅବଜ୍ଞା କଲେ, ଏବଂ କେବଳ ଜଡ଼ ଓ ତାହାର କ୍ରିୟାକଳାପର ପୃଷ୍ଠଭୂମି ଉପରେ ଓ ଜଡ଼ଶକ୍ତିର କେବଳ ଏକ ଗୌଣ ପ୍ରକ୍ରିୟାରୂପେହିଁ ଜଡ଼ୋଦ୍ଭବ ବା ଅତିପ୍ରାକୃତର ସତ୍ୟତା ବିଷୟରେ ଅନୁସନ୍ଧାନ କରିବାକୁ ବାହାରିଲେ ହୁଏତ ଆମେ ସେହି ଅନୁମାନଟିକୁ ମାନିନେଇ ପାରନ୍ତେ । ମାତ୍ର ମନ ଓ ଅତିମାନସକୁ କେବଳ ଜଡ଼ର ଏକ ନିମ୍ନତର ଅଙ୍ଗରୂପେ ମାନିନେବାର କୌଣସି ପୂର୍ବାଗ୍ରହ ନରଖି ସେଗୁଡ଼ିକର ବିବିଧ ପ୍ରକ୍ରିୟାର ପ୍ରକୃତ ନିରୂପଣ କରିବାକୁ ଆରମ୍ଭ କଲାମାତ୍ରକେ ଆମେ ଆହୁରି ବହୁ ବିଚିତ୍ର ତଥ୍ୟସମ୍ଭାରର ସମ୍ପର୍କରେ ଆସିବା, ଯେଉଁସବୁକୁ କି ଜଡ଼ୀୟ ବିଧାନର ସୀମା ଭିତରେ କଦାପି ଅଟକାଇ ରଖାଯାଇ ପାରିବ ନାହିଁ । ଏବଂ ଅନୁଭୂତିର ରଜ୍ଜୁଗୁଡ଼ିକୁ ଅଧିକ ପ୍ରସାରିତ କରିବା ସଙ୍ଗେ ସଙ୍ଗେ ଇନ୍ଦ୍ରିୟସୀମାର ବାହାରେ ଏହି ବ୍ରହ୍ମାଣ୍ଡରେ ମଣିଷ ଜାଣିବାକୁ ସମର୍ଥ ହେଲାଭଳି ଆହୁରି ଅନେକ ସତ୍ୟ ରହିଛି, ଏବଂ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେବା ପରିବର୍ତ୍ତେ ସ୍ୱୟଂ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଓ ଇନ୍ଦ୍ରିୟଗୁଡ଼ିକୁ କେବଳ ବାହନରୂପେ ବ୍ୟବହାର କରି ଇନ୍ଦ୍ରିୟଗ୍ରାହ୍ୟ ଜଗତ୍ (ଆମର ଯଥାର୍ଥ ଓ ସମ୍ପୂର୍ଣ୍ଣ ଜୀବନର ତାହା ହେଉଛି ବାହ୍ୟ ଆବରଣ ।) ସହିତ ସଂଯୋଗ ରଖି ପାରୁଥିବା ଅନେକ ଶକ୍ତି ଓ ବୃତ୍ତି ମଧ୍ୟ ମନୁଷ୍ୟ ଭିତରେ ରହିଛି ବୋଲି ଆମେ ଯେତେବେଳେ ଜାଣିବାକୁ ସମର୍ଥ ହେବା, ଠିକ୍ ସେହି ମୁହୂର୍ତ୍ତରେହିଁ ଜଡ଼ବାଦୀ ନାସ୍ତିକତାର ସେହି ଅନୁମାନଟି ଅନ୍ତର୍ହିତ ହୋଇଯିବ । ଏବଂ ସେତିକବେଳେହିଁ ଆମେ ସମସ୍ୟାଟିର ଏକ ବ୍ୟାପ୍ତତର ଘୋଷଣା ଓ ସତତ ବିକାଶମାନ ଏକ ଜିଜ୍ଞାସା ଲାଗି ପ୍ରସ୍ତୁତ ହୋଇପାରିବା ।

ବର୍ତ୍ତମାନର ଯେଉଁ ସଂକ୍ଷିପ୍ତ ଅବଧି ମଧ୍ୟଦେଇ ମାନବସମାଜ ବୁଦ୍ଧିଧର୍ମୀ ଜଡ଼ବାଦ ଏଯାବତ୍ ଗତି କରି ଆସୁଛି, ପ୍ରଥମେହିଁ ତାହାର ଅପାର ଓ ଅପରିହାର୍ଯ୍ୟ ପ୍ରୟୋଜନୀୟତାକୁ ଆମେ ଅବଶ୍ୟ ସ୍ୱୀକାର କରିବା । ପ୍ରମାଣ ଓ ଅନୁଭବର ଯେଉଁ ସୁବିସ୍ତୃତ କ୍ଷେତ୍ର ବର୍ତ୍ତମାନ ଆମ ଲାଗି ଆପଣାର ପ୍ରବେଶଦ୍ୱାର ଉନ୍ମୁକ୍ତ କରିଦେବାକୁ ଆରମ୍ଭ କରୁଛି, ସଂଶୟମୂଳକ ସଂଯମଦ୍ୱାରା ଆଗ ଆମର ବୁଦ୍ଧିକୁ ଯଥାଯୋଗ୍ୟ ଭାବରେ ପ୍ରଶିକ୍ଷିତ କରିପାରିଥିଲେହିଁ ଆମେ ନିରାପଦରେ ସେହି ଦ୍ୱାର ଭିତରକୁ ପ୍ରବେଶ କରିପାରିବା । ମାତ୍ର ଅପରିଣତ ମନର କବଳରେ ପଡ଼ିଲେ ଏହା ବଡ଼ କିମ୍ଭୂତକିମାକାର ହୋଇପଡ଼ିବ ଏବଂ ଏହିସବୁ ବିକୃତ ଓ ପଥଭ୍ରଷ୍ଟକାରୀ କଳ୍ପନାରୁ ନାନା ଅନର୍ଥ ଉପୁଜିବ । ଅତୀତରେ ମଧ୍ୟ ଏହିପରି ସତ୍ୟର ଏକ ବୀଜକୁ ଆକ୍ରାନ୍ତ କରି ଚତୁର୍ଦ୍ଦିଗରୁ ବିକୃତ କୁସଂସ୍କାର ଏବଂ ବୁଦ୍ଧିକୁ ଆଚ୍ଛନ୍ନ କରି ରଖିବାକୁ ଚେଷ୍ଟା କରୁଥିବା ନାନା ହଠଧର୍ମୀର ଜଞ୍ଜାଳମାନ ଆସି ଜମାହୋଇ ପଡ଼ିଥିଲା ଏବଂ ସତ୍ୟଜ୍ଞାନର ଅଗ୍ରଗତିକୁ ଅସମ୍ଭବ କରି ପକାଇଥିଲା । ଏକ ନୂତନ

'oaob.nitrkl.ac.in' images reprocessed

ମାର୍ଗଯାତ୍ରା ଓ ନିଷ୍ଟି ତତ୍ତ୍ୱର ଅଗ୍ରଗତିର ଦୃଢ଼ଦୃଷ୍ଟିରୁ ସେତେବେଳେ କିଛୁକାଳ ନିମିତ୍ତ ସତ୍ୟ ଓ ସତ୍ୟଛଳନା ଉଭୟଙ୍କୁ ଏକାବେଳେ ଫିଙ୍ଗିଦେବାକୁ ପଡ଼ିଥିଲା । ଜଡ଼ବାଦ ମଧ୍ୟରେ ଯେଉଁ ବୁଦ୍ଧିଧର୍ମୀ ଯୁକ୍ତିପ୍ରବଣତା ରହିଛି, ସେତେବେଳେ ତାହାର ଦ୍ୱାରାହିଁ ମାନବଜାତିର ଏହି ମହାନ୍ ଉପକାର ସାଧିତ ହୋଇଥିଲା ।

ଇନ୍ଦ୍ରିୟାଗତ ବୃତ୍ତିଗୁଡ଼ିକ ଜଡ଼ମଧ୍ୟରେହିଁ ଜାଲପାଶବଦ୍ଧ ହୋଇ ରହିଥା'ନ୍ତି । କେବଳ ଏକ ଭୌତିକ ଶରୀରରେହିଁ କାର୍ଯ୍ୟ କରିବାଲାଗି ଉଦ୍ଦିଷ୍ଟ ହୋଇଥା'ନ୍ତି, ସଂବେଗମୟ ବାସନାପୁଞ୍ଜ ଓ ନାଡ଼ିତନ୍ତ୍ରର ଉଦ୍‌ବେଳତା ସହିତ ଏକାଠି ଯୋଗ୍ୟହୋଇ ସେଇ ଗୋଟିଏ ରଥକୁ ଟାଣିବାଲାଗି ରହିଥା'ନ୍ତି । ଏହିପରି ମିଶ୍ରିତ ଅବସ୍ଥାରେ କାର୍ଯ୍ୟ କରୁଥିବାରୁ ଅନେକ ସମୟରେ ସେମାନଙ୍କ ଦ୍ୱାରା ସତ୍ୟର ସ୍ୱରୂପ ଉଦ୍‌ଘାଟିତ ହେବା ଅପେକ୍ଷା ଭ୍ରମଗୁଡ଼ିକହିଁ ପ୍ରକାଶିତ ହେବାର ଅଧିକ ଭୟ ରହିଥାଏ । ଅଶୀଳବଦ୍ଧ ଚିତ୍ତ ଓ ଅବିଶୁଦ୍ଧ ଇନ୍ଦ୍ରିୟଚେତନା ନେଇ ଯେତେବେଳେ କେହି କେହି ଆଧ୍ୟାତ୍ମିକ ଅନୁଭୂତିମାର୍ଗରେ ଉଚ୍ଚତର ଭୂମିଗୁଡ଼ିକୁ ଆରୋହଣ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ଏହି ବିମିଶ୍ରଣ ସେମାନଙ୍କର ଅଧିକ ବିପଦ ଘଟାଇଥାଏ । ସେହି ଧୃଷ୍ଟ ଓ ଅପରିପକ୍ୱ ଦୁଃସାହସ-ଅଭିଯାନରେ ସେମାନେ କେତେ କେତେ ଶୂନ୍ୟଗର୍ଭ ଅବାସ୍ତବର ମେଘପଟଳ ଏବଂ ଅର୍ଦ୍ଧଦୀପ୍ତ କୁଜ୍‌ଝଟିକା ଭିତରେ ଆପଣାର ପଥ ହରାଇ ନବସନ୍ତି ! ଘନାନ୍ଧକାରର ବିଦ୍ୟୁତ୍ ଝଲକଦ୍ୱାରା ସେମାନଙ୍କର ଚକ୍ଷୁ ଉନ୍ମୀଳିତ ହେବା ପରିବର୍ତ୍ତିରେ କ'ଣ ଅଧିକ ଅନ୍ଧପ୍ରାୟ ହୋଇ ଯାଏନାହିଁ ? ଆପଣାର ଅଗ୍ରଗତିକୁ ସମ୍ଭବ କରାଇବାଲାଗି ଏପରି ଏକ ଦୁଃସାହସ-ଅଭିଯାନ ପ୍ରକୃତିଲାଗି ହୁଏତ ଆବଶ୍ୟକ ହୋଇ ଥାଇପାରେ । କାରଣ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ପ୍ରକୃତି ହୁଏତ ଆମୋଦିତ ବି ହେବାକୁ ଇଚ୍ଛା କରୁଥାଏ । କିନ୍ତୁ ତଥାପି, ମନୁଷ୍ୟର ବିଚାରବୁଦ୍ଧି ପାଖରେ ଏହି ଦୁଃସାହସ କେବଳ ଧୃଷ୍ଟତା ଏବଂ ଅପରିପକ୍ୱତାରହିଁ ପ୍ରମାଣ ଦିଏ ।

ତେଣୁ ଦୀପ୍ତ, ଶୁଦ୍ଧ ଓ ଶୃଙ୍ଖଳିତ ବୁଦ୍ଧିର ଭୂମିଉପରେ ଯେ ଜ୍ଞାନୋପଲବ୍ଧିର ଆରୋହଣ-ଯାତ୍ରା ଚାଲିବ, ଏହା ଅତ୍ୟାବଶ୍ୟକ । ଏକଥା ମଧ୍ୟ ଅତ୍ୟାବଶ୍ୟକ ଯେ ଏହି ଯାତ୍ରାପଥରେ ବେଳେବେଳେ ଇନ୍ଦ୍ରିୟଗ୍ରାହ୍ୟ ସତ୍ୟସୀମା ତଥା ଭୌତିକ ଜଗତର ନିରାଟ ବାସ୍ତବତା ଭିତରକୁ ଫେରିଆସି ଜ୍ଞାନକୁ ଆପଣାର ତ୍ରୁଟିଗୁଡ଼ିକୁ ସଂଶୋଧନ କରିନେବାକୁ ପଡ଼ିବ । ଜଡ଼ୋତ୍ତର ସତ୍ୟର ଅନ୍ୱେଷଣରେ ବାହାରିଥିଲେ ମଧ୍ୟ ପୃଥିବୀର ପୁତ୍ର ଏହି ମଣିଷଲାଗି ପୃଥିବୀର ସ୍ପର୍ଶ ସର୍ବଦା ନୂତନ ଶକ୍ତି-ଆହରଣର କାରଣ ହୋଇଥାଏ । ଏପରିକି ଏକଥା ମଧ୍ୟ କୁହାଯାଇ ପାରିବ ଯେ ଏହି ଭୌତିକ ଭୂମିଉପରେ ଆପଣାର ପାଦଟିକୁ ଦୃଢ଼ଭାବେ ରଖିଥିଲେ ଯାଇ ଜଡ଼ୋତ୍ତର ଓ

'oaob.nitrkl.ac.in' images reprocessed

ଅତିପ୍ରାକୃତ ସତ୍ୟର ପରିପୂର୍ଣ୍ଣ ଅଧିକାର ଲାଭ ସମ୍ଭବ ହୋଇପାରିବ । ଏହି ସତ୍ୟର ସକଳ ଉଚ୍ଚକୋଟୀରେ ଉପନୀତ ହେବାର ସାମର୍ଥ୍ୟ ଆମଭିତରେ ସବୁବେଳେ ବିଦ୍ୟମାନ ରହିଛି । ବିଶ୍ୱନିଖିଳରେ ପ୍ରକାଶିତ ହେଉଥିବା ଈଶ୍ୱରପୁରୁଷର ସ୍ୱରୂପ-ନିର୍ଣ୍ଣୟ କରିବାକୁ ଯାଇ ଉପନିଷଦରେ ପ୍ରତ୍ୟେକବାର "ପଦ୍‌ଭ୍ୟାଂ ପୃଥିବୀ" (ତାଙ୍କର ପାଦଦ୍ୱୟ ପୃଥିବୀବକ୍ଷରେ ରହିଛି ।—ମୁଣ୍ଡକ ଉପନିଷଦ, ୨ । ୧ । ୪) ବା "ପୃଥିବୀ ପାଦସ୍ୟଂ" (ପୃଥିବୀ ଏହାର ପଦଖୁରା—ବୃହଦାରଣ୍ୟକ ଉପନିଷଦ, ୧ । ୧ । ୧) ବୋଲି କୁହାଯାଇଛି । ଏବଂ ଏଥିରେ ମଧ୍ୟ କୌଣସି ସନ୍ଦେହ ନାହିଁ ଯେ ଭୌତିକ ଜଗତ୍ ସମ୍ବନ୍ଧରେ ପ୍ରାପ୍ତ ହେଉଥିବା ଆମର ଜ୍ଞାନପରିଧିର ଆମେ ଯେତିକି ସଂପ୍ରସାରଣ କରିପାରିବା ବା ଯେତିକି ସୁନିଶ୍ଚିତତା ଲାଭ କରିପାରିବା, ଉଚ୍ଚତର ଜ୍ଞାନୋପଲବ୍ଧିର ସାଧନାରେ ଆମର ଭିତ୍ତିଟି ମଧ୍ୟ ସେତିକି ସଂପ୍ରସାରିତ ଓ ସୁନିଶ୍ଚିତ ହୋଇପାରିବ । ଏପରିକି ଉଚ୍ଚତମ ଜ୍ଞାନାନ୍ୱେଷଣରେ ଏବଂ ବ୍ରହ୍ମବିଦ୍ୟାର ସାଧନାଲାଗି ମଧ୍ୟ ତାହା ଆମକୁ ଠିକ୍ ସେହିଭଳି କାମ ଦେବ ।

ତେଣୁ ମାନବୀୟ ଜ୍ଞାନାନ୍ୱେଷଣର ଜଡ଼ବାଦୀ ପର୍ଯ୍ୟାୟଟି ଭିତରୁ ବାହାରି ଚାଲିଆସିଲାବେଳେ ଆମେ ଯେଉଁ ପର୍ଯ୍ୟାୟଟିକୁ ପାରିହୋଇ ଆସୁଛୁ ସେଇଟିକୁ ଅବଜ୍ଞା କରିବାର କୌଣସି ଧୃଷ୍ଟତା ଆମଭିତରେ ଯେପରି ଆଦୌ ପ୍ରକାଶ ନପାଏ, ଏବଂ ଏହି ପର୍ଯ୍ୟାୟରେ ଆମକୁ ଯାହାକିଛି ମିଳିଛି, ଯେପରି ସେଥିରୁ ଜାଣିଶୁଣି ସୁଦ୍ଧା ଆମେ ଫିଙ୍ଗିଦେଇ ନଆସୁ, ସେହି ବିଷୟରେ ଆମକୁ ସାବଧାନ ରହିବାକୁ ପଡ଼ିବ । ପରବର୍ତ୍ତୀ ପର୍ଯ୍ୟାୟର ସାଧନସମ୍ପଦଗୁଡ଼ିକ ଯେତେଦିନଯାଏ ଆମର କରଗତ ଓ ସାଧ୍ୟ ନ ହୋଇଛି, ସେତେଦିନଯାଏ ଜଡ଼ବାଦୀ ପର୍ଯ୍ୟାୟର ସାଧନଗୁଡ଼ିକୁ ଉପେକ୍ଷା କରିବାକୁ ଆମର ଆଦୌ କୌଣସି ଅଧିକାର ନାହିଁ । ଈଶ୍ୱରୀୟ ମହିମାକୁ ଅଧିକ ଉଜ୍ଜ୍ୱଳ କରି ଦେଖାଇବାରେ ନାସ୍ତିକତାବାଦ ଯେଉଁ ସହାୟତା କରିଛି, ଆମେ ସେଥିରେ ବରଂ ଉପଯୁକ୍ତ ଶ୍ରଦ୍ଧା ଓ ବିସ୍ମୟ ପ୍ରକାଶ କରିବାକୁ ସମର୍ଥ ହେବା । ଏବଂ ଆମର ଜ୍ଞାନରୂପୀ ଅସରନ୍ତି ଭଣ୍ଡାରରେ ବୃଦ୍ଧି ସାଧନ କରିବାର ପ୍ରସ୍ତୁତିରେ ଅଜ୍ଞେୟବାଦ ଯେପରି ସହାୟତା କରିଛି, ତାହାର ଉପଯୁକ୍ତ ପ୍ରଶଂସା କରିବାକୁ ମଧ୍ୟ ଆମେ ସମର୍ଥ ହେବା । ଆମର ଏହି ପୃଥିବୀରେ ସତ୍ୟର ପରିଚାରିକା ରୂପେ ଭ୍ରାନ୍ତି ଚିରଦିନ ରହିଆସିଛି, ସତ୍ୟକୁ ଚିରଦିନ ମାର୍ଗ ଦେଖାଇ ଆସିଛି । କାରଣ ଭ୍ରାନ୍ତିକୁ ଆମେ ଗୋଟିଏ ଅର୍ଥରେ ଏକ ଅର୍ଦ୍ଧସତ୍ୟ ବୋଲି ବି କହିପାରିବା । ଆପଣାର ନାନା ସୀମାବଦ୍ଧତା ହେତୁ ଏହି ଅର୍ଦ୍ଧସତ୍ୟକୁ ବାରମ୍ବାର ଝୁଣ୍ଟିବାକୁ ପଡ଼େ । ଅନେକ ସମୟରେ ଆମେ ଯାହାକୁ ଭ୍ରାନ୍ତି ବୋଲି କହିଥାଉ, ତାହାକୁ ଅପରିଲକ୍ଷିତ ଭାବରେ ଆପଣାର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ସତ୍ୟ ଧାରଣ

'oaob.nitrkl.ac.in' images reprocessed

କରିଥିବା ଏକ ଛଦ୍ମବେଶ ବୋଲି ମଧ୍ୟ କୁହାଯାଇପାରେ, ଆମେ ବର୍ତ୍ତମାନ ଅତିକ୍ରମ କରି ଆସୁଥିବା ଯୁଗରେ ଏହା ଯେପରି ରହି ଆସିଥିଲା, ସବୁବେଳେ ମଧ୍ୟ ସେହି ଭ୍ରାନ୍ତ ସତ୍ୟର ସେହିପରି ଏକ ବିଶ୍ୱାସଯୋଗ୍ୟ ପରିଗୃହୀତା ହୋଇ ରହିନ୍ତା କି, ସେହିପରି କଠୋର ଅଥଚ ବିବେକପୂର୍ଣ୍ଣ ଶାସନ କରିପାରନ୍ତା କି, ଆପଣାର ପରିମିତ କ୍ଷେତ୍ରରେ ତାହା ଛଳନାହୀନ ଓ ପ୍ରକାଶୋଜ୍ଜ୍ୱଳ ହୋଇପାରନ୍ତା ଏବଂ ଉଦ୍‌ଭ୍ରାନ୍ତ ଚିତ୍ତର କାଣ୍ଡଜ୍ଞାନହୀନ ଯାବତୀୟ କଳ୍ପନା ପରି ନହୋଇ ଏହା ଏକ ଅର୍ଦ୍ଧସତ୍ୟ ପରି କାର୍ଯ୍ୟରେ ଲାଗି ପାରନ୍ତା କି !

ଏକପ୍ରକାର ଅଜ୍ଞେୟବାଦୀ ରହସ୍ୟମୟତା ହେଉଛି ଯାବତୀୟ ଜ୍ଞାନାନୁସନ୍ଧାନର ସର୍ବଶେଷ ସତ୍ୟ । କାରଣ ଯେକୌଣସି ପଥକୁ ପାରିହୋଇ ପ୍ରାନ୍ତତଟରେ ଆସି ପହଞ୍ଚିବା ମାତ୍ରକେ ଏହି ବିଶ୍ୱ ଅଜ୍ଞେୟ ସତ୍ୟର ଏକ ପ୍ରତୀକ ବା ପ୍ରତିଭାସରୂପେ ଅନୁଭୂତ ହୁଏ । ଏହି ବିଶ୍ୱରେ ସେହି ସତ୍ୟହିଁ ଜଡ଼, ପ୍ରାଣ, ଇନ୍ଦ୍ରିୟଗ୍ରାମ, ବୁଦ୍ଧି, ଆଦର୍ଶ ଓ ଅଧ୍ୟାତ୍ମ-ଚେତନା ଏହିପରି କେତେପ୍ରକାର ମୂଲ୍ୟାୟନର ପ୍ରଣାଳୀବଦ୍ଧତା ମଧ୍ୟଦେଇ ପ୍ରତିଭାତ ହେବାରେ ଲାଗିଥାଏ । ସେହି ତତ୍ତ୍ୱସ୍ୱରୂପ ପରମ ସତ୍ୟ ଆମର ଚେତନାରେ ଯେତିକି ବେଶି ଉପଲବ୍ଧ ହୁଏ, ଆମର ମନ ତାହାକୁ କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ବା ସୂତ୍ର ଦେଇ ବର୍ଣ୍ଣନା କରି ପାରିବ ନାହିଁ ବୋଲି ଆମେ ସେତିକିବେଶି ଅନୁଭବ କରିଥାଉ । "ସେଠାରେ ମନ ପ୍ରବେଶ କରି ପାରେ ନାହିଁ, ବାଣୀ ସେଠାକୁ ଯାଇ ପାରେ ନାହିଁ ।" ( ନ ବାଗ୍ ଗଚ୍ଛତି ନୋ ମନଃ,—କେନୋପନିଷଦ, ୧।୩ ) ତଥାପି ମାୟାବାଦୀମାନେ ଯେପରି ପ୍ରତିଭାସର ଅବାସ୍ତବତାକୁ ଅତିରଞ୍ଜିତ କରି ବର୍ଣ୍ଣନା କରିଥାନ୍ତି, ଠିକ୍ ସେହିପରି ଚରମ ଅଜ୍ଞେୟର ଅଜ୍ଞେୟତାକୁ ମଧ୍ୟ ଅତିରଞ୍ଜିତ କରି ବର୍ଣ୍ଣନା କରାଯାଇପାରେ । ଏହାକୁ ଆମେ ଯେତେବେଳେ ଅଜ୍ଞେୟ ବୋଲି କହୁ, ଭାବନା କିମ୍ବା ଭାଷାର ଅଧିଗମ୍ୟ ଲାଗି ସେ ଯେ ଅନେକ ଦୂରରେ, ସେତେବେଳେ ପ୍ରକୃତରେ ଆମେ କେବଳ ଏତିକି ବୁଝିଥାଉ । କାରଣ କେବଳ ପାର୍ଥକ୍ୟର ଆଧାର ଉପରେହିଁ ଭାବନା ଓ ଭାଷାର ସାଧନଦ୍ୱୟ କାର୍ଯ୍ୟ କରନ୍ତି ଏବଂ କେବଳ ସଂଜ୍ଞା ଓ ସୂତ୍ର ଦେଇ ବିଷୟଗୁଡ଼ିକୁ ବୁଝାଇବାକୁ ଚାହାନ୍ତି । ମାତ୍ର ଭାବନାର ଅଗମ୍ୟ ହେଲେ ମଧ୍ୟ ଚେତନାର ଚରମ ପ୍ରୟାସଦ୍ୱାରା ଏହାର ଉପଲବ୍ଧି ଅବଶ୍ୟ ସମ୍ଭବ । ତାଦାତ୍ମ୍ୟବୋଧ ମଧ୍ୟରେ ବି ଏକପ୍ରକାର ଜ୍ଞାନବୃତ୍ତି ରହିଛି, ଯାହାଦ୍ୱାରା କି ଗୋଟାଏ ଅର୍ଥରେ ତତ୍ତ୍ୱସ୍ୱରୂପକୁ ଜାଣିବା ସମ୍ଭବ ବୋଲି କୁହାଯାଇପାରିବ । ସେହି ଜ୍ଞାନକୁ ଆମେ ବାକ୍ ବା ମନଦେଇ ପ୍ରକାଶ କରି ପାରିବା ନାହିଁ ସତ, ମାତ୍ର ତତ୍ତ୍ୱସ୍ୱରୂପର ଉପଲବ୍ଧି ସମ୍ଭବ ହେବାପରେ ପରିଣାମତଃ ଆମେ ତାହାକୁ ଆମ ବିଶ୍ୱଚେତନାର ପ୍ରତୀକଗୁଡ଼ିକର ମାଧ୍ୟମରେହିଁ ପୁନର୍ମୂଲ୍ୟାଙ୍କିତ କରିବାକୁ ସମର୍ଥ ହୋଇଥାଉ । କେବଳ ଗୋଟିଏ ସ୍ତରର ନୁହେଁ, ଯାବତୀୟ ସ୍ତରର ପ୍ରତୀକଦ୍ୱାରା

'oaob.nitrkl.ac.in' images reprocessed

ଆମେ ଏହା କରିବାକୁ ସମର୍ଥ ହୋଇଥାଉ । ତାହାର ଫଳସ୍ୱରୂପ ଆମର ଅନ୍ତର୍ଗତ ଏକ ଉନ୍ମୂଳ ରୂପାନ୍ତର ସଂଘଟିତ ହୁଏ, ଏବଂ ଅନ୍ତର୍ଜୀବନର ଜରିଆରେ ଏହା ବହିର୍ଜୀବନକୁ ମଧ୍ୟ ରୂପାନ୍ତରିତ କରିଦିଏ । ପୁଣି, ଆଉ ଗୋଟିଏ ପ୍ରକାର ଜ୍ଞାନ ମଧ୍ୟ ରହିଛି, ଯାହାର ମାଧ୍ୟମରେ ପ୍ରାତିଭାସିକ ନାମରୂପରେହିଁ ତତ୍ତ୍ୱସ୍ୱରୂପ ଆପଣାକୁ ଆବିର୍ଭୂତ କରାଇଥାନ୍ତି । ସାଧାରଣ ବୁଦ୍ଧିରେ ଦେଖିବାକୁ ଏହିସବୁ ନାମ ଓ ରୂପ ତତ୍ତ୍ୱସ୍ୱରୂପକୁ କେବଳ ସଂଗୁପ୍ତ ଓ ଆବୃତ କରି ରଖିଥିଲେହେଁ ଉକ୍ତ ବିଜ୍ଞାନ ସାହାଯ୍ୟରେ ତାହାର ପ୍ରକାଶ ସମ୍ଭବ ହୋଇଥାଏ । ଏହି ଜ୍ଞାନ ଉଚ୍ଚତମ ନ ହେଲେ ମଧ୍ୟ ଅବଶ୍ୟ ଏକ ଉଚ୍ଚତର ସ୍ତରର; ସେହି ସ୍ତରରେ ପହଞ୍ଚିବାକୁ ହେଲେ ଜଡ଼ବାଦୀ ସ୍ନାୟୁର ସଂକୀର୍ଣ୍ଣ ସୀମାଗୁଡ଼ିକୁ ଅତିକ୍ରମ କରି ଆଗକୁ ଯିବାକୁ ପଡ଼େ । ପ୍ରାଣ, ମନ ଓ ଅତିମାନସର ତତ୍ତ୍ୱସମୀକ୍ଷା କେବଳ ସେଗୁଡ଼ିକର ସ୍ୱଧର୍ମଗତ ପରିଶୀଳନ ଦ୍ୱାରା କରିବାକୁ ହୁଏ । ଯେଉଁସବୁ ନିମ୍ନସ୍ତରୀୟ ଗତିବିଧି ଦ୍ୱାରା ସେଗୁଡ଼ିକ ଭୌତିକ ସ୍ତରଟି ସହିତ ସଂଲଗ୍ନ ହୋଇ ରହିଥା'ନ୍ତି, କେବଳ ସେତିକରେ କାମ ଚଳେ ନାହିଁ ।

ଅଜ୍ଞାତକୁ ଅଜ୍ଞେୟର ସମତୁଲ୍ କରାଯାଇ ପାରିବ ନାହିଁ । * ଅଜ୍ଞେୟ ଯେ ଆମଲାଗି ଅଜ୍ଞାତହିଁ ରହିବ, ସେପରି କହିବାର କୌଣସି କାରଣ ନାହିଁ । ଅବଶ୍ୟ ଯଦି ଆମେ ଅଜ୍ଞାନକୁହିଁ ମାର୍ଗ ବୋଲି ବାଛିନେବା କିମ୍ବା ଆମର ପ୍ରଥମସ୍ତରୀୟ ସୀମାଗୁଡ଼ିକ ଭିତରେ ଆବଦ୍ଧ ହୋଇ ରହିବା, ତା'ହେଲେ ତାହା ଭିନ୍ନ କଥା ହେବ । ଯାହାସବୁ ସ୍ୱରୂପତଃ ଅଜ୍ଞେୟ ନୁହେଁ,—ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁ ହେଉଛି ଏହି ଧର୍ମର,—ସେଗୁଡ଼ିକୁ ଜ୍ଞେୟସତ୍ୟରେ ପରିଣତ କରିବାର ସମର୍ଥ ବୃତ୍ତିମାନ ବି ସେହି ବ୍ରହ୍ମାଣ୍ଡରେ ଅବଶ୍ୟ ବିଦ୍ୟମାନ ରହିଛି । ଏବଂ ବ୍ରହ୍ମାଣ୍ଡର ପିଣ୍ଡସ୍ୱରୂପ ଏହି ମନୁଷ୍ୟ ମଧ୍ୟରେ ଏହିସବୁ ସାମର୍ଥ୍ୟ ସବୁବେଳେ ମହଜୁଦ ରହିଛି । ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରରେ ଆସି ପହଞ୍ଚି ପାରିଲେ ମନୁଷ୍ୟ ସେହିସବୁ ବୃତ୍ତିର ଯଥାର୍ଥ ବିକାଶ ମଧ୍ୟ ନିଷ୍ପନ୍ନ କରିପାରିବ । ସେହିସବୁର ବିକାଶ ନ କରିବା ଲାଗି ହୁଏତ ଆମେ ଏକ ନିଷ୍ପତ୍ତି କରି ବସିଯାଇପାରୁ । ବା ଯେଉଁଠି ସେଗୁଡ଼ିକର ଆଂଶିକ ବିକାଶ ହୋଇ-ଯାଇଛି, ସେଠି ଆମେ ସେଗୁଡ଼ିକୁ ନିରୁତ୍ସାହିତ କରିପାରୁ କିମ୍ବା ପୂରାପୂରି ଶୁଖାଇ ମାରି ବି ଦେଇପାରୁ । ମାତ୍ର ବିଶ୍ୱର ମୌଳିକ ବିଧାନ ଅନୁସାରେ ବିଚାର କରି ଦେଖିଲେ ଯେଉଁ ଜ୍ଞାନ ସମ୍ଭବ, ତାହାକୁ ସାଧି କରିବାର ଶକ୍ତି ଏହି ମନୁଷ୍ୟ ଭିତରେ ଅବଶ୍ୟ ରହିଛି । ଏବଂ ଆତ୍ମ-ଉପଲବ୍ଧି ଲାଗି ପ୍ରକୃତିର ଯେଉଁ ଦୁର୍ନିବାର

* ଅନ୍ୟଦେବ ତଦ୍‌ବିଦିତାଦଥୋ ଅବିଦିତାଦଧି ।—କେନୋପନିଷଦ୍ । ୧ । ୩
"ତାହା ଜ୍ଞାତ ଠାରୁ ଭିନ୍ନ । ପୁଣି ଅଜ୍ଞାତର ଅତୀବ ଉପରେ ।"

'oaob.nitrkl.ac.in' images reprocessed

ଆକାଂକ୍ଷା ରହିଛି, ତାହା ମନୁଷ୍ୟ ଭିତରେ କାର୍ଯ୍ୟ କରୁଥିବାରୁ, ଏକ ସଂକୀର୍ଣ୍ଣ କ୍ଷେତ୍ରସୀମା ଭିତରେ ଆମ ସାମର୍ଥ୍ୟଗୁଡ଼ିକର ପ୍ରକ୍ରିୟାକୁ ସୀମାବଦ୍ଧ କରି ରଖିବାଲାଗି ବୁଦ୍ଧି ଯେତେଯେତେ ସଂଗ୍ରାମ କରୁଥିଲେ ମଧ୍ୟ ତାହା କଦାପି ଚିରସ୍ଥାୟୀ ହେବ ନାହିଁ । ଜଡ଼ର ରହସ୍ୟ ଭେଦ କରି ଆମେ ଯେତେବେଳେ ତାହାର ଗୁହ୍ୟ ଶକ୍ତିକୁ କରାୟତ୍ତ କରିପାରିବା, ସେତେବେଳେ ଜଡ଼ବିଜ୍ଞାନର ସେହି ସଂକୀର୍ଣ୍ଣ ସିଦ୍ଧିହିଁ ବୈଦିକ ପ୍ରଗତିବିରୋଧୀମାନଙ୍କ ପରି ଆମକୁ ଉଦ୍ଦେଶ୍ୟ କରି ଏହି ପ୍ରେରଣାବାକ୍ୟଟି ଉଚ୍ଚାରଣ କରି ଉଠିବ : "ନାରନ୍ୟତସ୍ତି ଦାରିତ !"—ଏଥର ବାହାରିପଡ଼, ଆହୁରି ଯେଉଁସବୁ କ୍ଷେତ୍ର ଆଗରେ ପଡ଼ିରହିଛି, ତାହାରି ଅଭିମୁଖରେ ଅଗ୍ରସର ହୁଅ ! (ଋକ୍‌ବେଦ, ୧ । ୪ । ୫)

ଜଡ଼ଜୀବନକୁ କେବୋଧଭାବେ ମାନଦେବା ଯଦି ଆଧୁନିକ ଜଡ଼ବାଦର ଧର୍ମହୁଏ, ତେବେ ଏହି ଅଗ୍ରଗତି ଏକ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଳମ୍ବିତ ହୋଇ ରହିଯାଆନ୍ତା । ମାତ୍ର ସମ୍ୟକ୍‌ଜ୍ଞାନର ଅନ୍ୱେଷଣହିଁ ଜଡ଼ବାଦର ମର୍ମସତ୍ୟ ହୋଇଥିବାରୁ ତାହା କଦାପି ଏହିଠାରେହିଁ ଅଟକି ରହିବ ନାହିଁ । ଇନ୍ଦ୍ରିୟଲବ୍ଧ ଜ୍ଞାନ ଓ ସେହି ଜ୍ଞାନରୁ ପ୍ରସୂତ ପ୍ରାକୃତ ବୁଦ୍ଧିର ପ୍ରାଚୀରଟି ପାଖରେ ଆସି ପହଞ୍ଚିବା ମାତ୍ରକେ, ଏହାର ଆପଣା ଗତିବେଗହିଁ ଏହାକୁ ସେହି ପ୍ରାଚୀର ଭାଙ୍ଗି ଆଗକୁ ନେଇଯିବ । ଏବଂ ଯେଉଁ ସତ୍ୱରତା ଓ ନିଶ୍ଚିତତା ସହିତ ଆଧୁନିକ ଜଡ଼ବାଦ ଦୃଶ୍ୟମାନ ଜଗତକୁ ଆପଣାର ବଶ କରିପାରିଛି, ତାହା ପରବର୍ତ୍ତୀ ସ୍ତରଗୁଡ଼ିକର ଶକ୍ତିମତ୍ତା ଓ ସଫଳତାର ଏକ ପ୍ରଥମ ପରିଚୟ ମାତ୍ର । ପ୍ରାଚୀରଟିକୁ ଡେଇଁବା ଲାଗି ଥରେ ପାଦ ପକାଇବାକୁ ବାହାରିଲେ, ଯାହା ଆମ ବର୍ତ୍ତମାନ ଦିଗ୍‌ବଳୟର ସେପାଖରେ ରହିଛି, ତାହାକୁ ବିଜୟ କରିବାର ଅଭିଯାନରେହିଁ ସେହି ଶକ୍ତି ଓ ସଫଳତାର ପୁନରାବୃତ୍ତି ହେବ । ସେହି ଅଗ୍ରଗତିର ଅସ୍ପଷ୍ଟ ଉପକ୍ରମ ଆମ୍ଭେମାନେ ବର୍ତ୍ତମାନ ଦେଖିପାରୁଛୁ ।

କେବଳ ଚରମ ଦର୍ଶନରେ ନୁହେଁ, ଆପଣାର ସାଧାରଣ ପରିଣାମଚୟର ଦୀର୍ଘ ଧାରାଟିରେ ମଧ୍ୟ ସମ୍ୟକ୍‌ଜ୍ଞାନ ଏକ ବିଜ୍ଞାନରେ ସମାହିତ ହେବାର ପ୍ରବୃତ୍ତି ରଖିଥାଏ । ଯେକୌଣସି ମାର୍ଗରେ ଆମେ ତାହାର ଅନୁସରଣ କଲେ ମଧ୍ୟ ତାହାଭିତରେ ଏହି ପ୍ରବୃତ୍ତିଟି ପ୍ରକାଶ ପାଇଥାଏ । ସମ୍ପୂର୍ଣ୍ଣ ଭିନ୍ନ ଏକ ପଦ୍ଧତି ଅନୁସରଣ କରି ବେଦାନ୍ତ ଯେଉଁ କଳ୍ପନାରେ ଉପନୀତ ହୋଇଥିଲା ଓ ଯେଉଁ ଭାଷାର ମାଧ୍ୟମରେ ତାହାକୁ ପ୍ରକାଶ କରିଥିଲା, ଆଧୁନିକ ବିଜ୍ଞାନ ମଧ୍ୟ ଭୌତିକ ସ୍ତରରେ ସତ୍ୟର ନିରୂପଣ କରିବାକୁ ଯାଇ ଯେତେବେଳେ ପ୍ରାୟ ସେହି କଳ୍ପନାରେ ଉପନୀତ ହୁଏ ଏବଂ ସେହି ଭାଷାରେ ଆପଣାର କଳ୍ପନାକୁ ପ୍ରକାଶ କରେ, ସେତେ-ବେଳେ ତାହାଠାରୁ ବଳି ଅଧିକ ଉଲ୍ଲେଖଯୋଗ୍ୟ ଓ ଅଧିକ ଐକ୍ୟସୂଚକ ବିଷୟ

'oaob.nitrkl.ac.in' images reprocessed

ଆଉ କ'ଣ ଥାଇପାରେ ? ଏଠାରେ ମୂଳ ବେଦାନ୍ତର କଥା କୁହାଯାଉଛି; ତତ୍ତ୍ୱଦର୍ଶନର ଭିନ୍ନ ଭିନ୍ନ ମତ ବିଷୟରେ କୁହାଯାଉ ନାହିଁ, ଉପନିଷଦଗୁଡ଼ିକ ବିଷୟରେ କୁହାଯାଉଛି । ପୁଣି ଆଧୁନିକ ବୈଜ୍ଞାନିକ ତତ୍ତ୍ୱାବିଷ୍କାରର ନବୀନ ଆଲୋକପାତଦ୍ୱାରାହିଁ ପ୍ରାଚୀନ ବେଦାନ୍ତର ମର୍ମସତ୍ୟଗୁଡ଼ିକ ସ୍ପଷ୍ଟତର ପରିପୂର୍ଣ୍ଣ ମହିମାରେ ଉଜ୍ଜ୍ୱଳ ହୋଇ ଉଠିଆନ୍ତି । ଉଦାହରଣସ୍ୱରୂପ ବେଦାନ୍ତର ସେହି ବାକ୍ୟଟିକୁ ନିଆଯାଇପାରେ, ଯେଉଁଠି ବିଶ୍ୱସୃଷ୍ଟିକୁ ମୂଳତଃ ବିଶ୍ୱଗତ ଶକ୍ତିଦ୍ୱାରା ବହୁଧା ରୂପାୟିତ ହୋଇଥିବା ଗୋଟିଏମାତ୍ର ବୀଜ ବା ଉତ୍ପତ୍ତିସ୍ଥଳ ("ବହୂନାମେକଂ ବୀଜଂ ବହୁଧା ଯଃ କରୋତି",—ଶ୍ୱେତାଶ୍ୱତର ଉପନିଷଦ, ୬।୧୨) ବୋଲି କୁହାଯାଇଛି । ବୈଦିକ କଳ୍ପନାରେ ବିଶ୍ୱର ମୂଳରେ ରହିଥିବା 'ଏକଂସତ୍' ବହୁଧା ହୋଇଛନ୍ତି ବୋଲି ବିଗ୍ୱର କରାଯାଇଥିଲା, ଆଜି ବିଜ୍ଞାନ ମଧ୍ୟ ଏପରି ଏକ ଅଦ୍ୱୈତବାଦ ଆଡ଼କୁ ଅଗ୍ରସର ହେଉଛି, ବହୁସହିତ ଯାହାର କି କୌଣସି ବିରୋଧ ନାହିଁ,—ଏହାକୁ ବିଶେଷଭାବେ ଅର୍ଥପୂର୍ଣ୍ଣ ବୋଲି କୁହାଯାଇପାରିବ । ଏପରିକି ଜଡ଼ ଓ ଶକ୍ତି ମଧ୍ୟରେ ପରିଦୃଷ୍ଟମାନ ଦ୍ୱୈତତା ବିଷୟରେ ଅଟଳ ରହିଲେ ମଧ୍ୟ ତାହା ଅଦ୍ୱୈତବାଦର ଆଦୌ ଖଣ୍ଡନ କରୁନାହିଁ । କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଡ଼ର ସ୍ୱରୂପସତ୍ୟ ସାଂଖ୍ୟର 'ପ୍ରଧାନ' ପରି ଏକ ଅତୀନ୍ଦ୍ରିୟ ଅବ୍ୟକ୍ତ ପଦାର୍ଥ । ଏହାକୁ ବସ୍ତୁର ଏକ ଭାବରୂପ ବୋଲି ମଧ୍ୟ କୁହାଯାଇପାରେ । ଏବଂ ଯେତେବେଳେ ଜଡ଼ର ତତ୍ତ୍ୱ ଏବଂ ଶକ୍ତିର ତତ୍ତ୍ୱଭିତରେ ରହିଥିବା ପ୍ରଭେଦ କେବଳ ଏକ ବ୍ୟାବହାରିକ ମତଭିନ୍ନତାରେହିଁ ଅବଶିଷ୍ଟ ରହିଯାଏ, ସେତେବେଳେ ଏହି ସତ୍ୟଟି ଆହୁରି ଅଧିକ ପ୍ରମାଣିତ ହୋଇଯାଏ ।

କୌଣସି ଏକ ଅଜ୍ଞାତ ଶକ୍ତିର ସ୍ପନ୍ଦନବଦ୍ଧ ରୂପରେ ଜଡ଼ ଆପଣାକୁ ପ୍ରକାଶିତ କରେ, ବୈଜ୍ଞାନିକ ଦୃଷ୍ଟିରେ ଏହା ହେଉଛି ଜଡ଼ର ଚରମ ପରିଚୟ । ଆଜି ମଧ୍ୟ ଜୀବନରହସ୍ୟର ସର୍ବଶେଷ ତଳଟିକୁ ଭେଦ କରିବା ସମ୍ଭବ ହୋଇନାହିଁ । ତଥାପି ଆମେ ମନେହୁଏ, ଜଡ଼ର ଆଧାରରେ ବନ୍ଦୀ ହୋଇ ରହିଥିବା ଏକ ଅବ୍ୟକ୍ତ ସ୍ପନ୍ଦନଶକ୍ତି ବ୍ୟତୀତ ଜୀବନ ଯେପରି ଆଉ କିଛି ନୁହେଁ । ଜଡ଼ଠାରୁ ପ୍ରାଣକୁ ଭିନ୍ନ କରି ଦେଖୁଥିବା ଆମର ଦ୍ୱୈତବୁଦ୍ଧିଗତ ଅଜ୍ଞାନତା ଯେଉଁଦିନ ଘୁଞ୍ଚିଯାଇ ପାରିବ, ଜଡ଼, ପ୍ରାଣ ଓ ମନ ସେହି ଏକ ଶକ୍ତିର ତ୍ରିବିଧ ରୂପାୟନ ବୋଲି ମାନିନେବାରେ ସେଦିନ ଆଉ କୌଣସି ବାଧା ରହିବ ବୋଲି ଆଦୌ ମନେ ହୁଏନାହିଁ । ବୈଦିକ ମନ୍ତ୍ରଦ୍ରଷ୍ଟାମାନେ ଏହାକୁ 'ତିନୋଟି ଭୁବନ' ବୋଲି କଳ୍ପନା କରି ଯାଇଛନ୍ତି । ଏକ ପାଶବିକ ଭୌତିକ ଶକ୍ତିକୁ ମାନସ ଚେତନାର ଜନନୀ ବୋଲି ଅନୁମାନ କରିବାର ଭ୍ରମ ସେତେବେଳେ ଆଉ ତିଷ୍ଠି ପାରିବ ନାହିଁ । ବିଶ୍ୱଭୁବନର ସୃଷ୍ଟି କରିଥିବା

'oaob.nitrkl.ac.in' images reprocessed

ସେହି ଶକ୍ତି ସ୍ୱରୂପତଃ କେବଳ ଏକ ଇଚ୍ଛା ବା ସଂକଳ୍ପଶକ୍ତି ବ୍ୟତୀତ ଆଉ କିଛି ହୋଇ ନପାରେ । ଏବଂ ଇଚ୍ଛା ବା ସଂକଳ୍ପଶକ୍ତି କହିଲେ, ଯାହା ଏକ ନିର୍ଦ୍ଦିଷ୍ଟ ପରିଣାମର ଉଦ୍ଦେଶ୍ୟରେ ଆପଣାକୁ କର୍ମନିୟୋଜିତ କରି ଚାଲିଛି, ଆମେ କେବଳ ସେହିଭଳି ଏକ ଚେତନାକୁହିଁ ବୁଝିବା ।

କେବଳ ଚୈତନ୍ୟର ଆତ୍ମସଂବୃତ୍ତି ଓ ଆତ୍ମବିବୃତ୍ତି ବ୍ୟତୀତ ଏହି ନିୟୋଜନ ଓ ଏହି ପରିଣାମ ଆଉ କ'ଣ ହୋଇପାରେ ? ରୂପର ଗୁହାଭିତରେ ଆପଣାକୁ ସଂବୃତ କରି ତାହାର ସୃଷ୍ଟ ଏହି ବିଶ୍ୱର କେଉଁ ଅନ୍ତର୍ଗୂଢ଼ ସୁମହାନ ସମ୍ଭାବନାକୁ ମୂର୍ତ୍ତି କରିବା ଉଦ୍ଦେଶ୍ୟରେ ଚୈତନ୍ୟ ସେହି ଆବରଣକୁ ଭାଙ୍ଗିଦେଇ ଆପଣାକୁ ପୁଣି ପ୍ରକାଶିତ କରିବାକୁ ଇଚ୍ଛା କରୁଛି । ଏବଂ ଏକ ଅନନ୍ତ ଜୀବନର ସଂକଳ୍ପ, ଅନନ୍ତ ଜ୍ଞାନ ଓ ଅନାବଦ୍ଧ ଶକ୍ତିର ସଂକଳ୍ପ ବ୍ୟତୀତ ମନୁଷ୍ୟ ଭିତରେ ସେହି ଇଚ୍ଛା ଓ ସଂକଳ୍ପ କାର୍ଯ୍ୟ କରୁଥିବାର ଅର୍ଥ ଆଉ କ'ଣ ହୋଇପାରେ ? ଆଜି ସ୍ୱୟଂ ବିଜ୍ଞାନହିଁ ମର୍ତ୍ତ୍ୟଦେହୀ ମନୁଷ୍ୟକୁ ମୃତ୍ୟୁଞ୍ଜୟ କରିବାର ସ୍ୱପ୍ନ ଦେଖିବାକୁ ଆରମ୍ଭ କଲାଣି, ଜ୍ଞାନଲାଗି ଏକ ଅଶାନ୍ତ ପିପାସା ପ୍ରକଟ କଲାଣି, ଏହି ପୃଥିବୀର ମଣିଷଲାଗି ଏକ ପ୍ରକାର ସର୍ବଶକ୍ତିମତ୍ତା ସମ୍ଭବ କରିବାଲାଗି ବାହାରିଲାଣି । ବିଜ୍ଞାନର କରଣି ବଳରେ ଆଜି ଦେଶ ଓ କାଳ କ୍ରମଶଃ ସଙ୍କୁଚିତ ହୋଇ ପ୍ରାୟ ଅନ୍ତର୍ହିତ ହେବାକୁ ବସିଲାଣି । ଶତସହସ୍ର ମାର୍ଗରେ ଧାବିତ ହୋଇ ସେହି ବିଜ୍ଞାନ ମନୁଷ୍ୟକୁ ତା'ର ପରିବେଶ ଉପରେ ସମ୍ରାଟରୂପେ ବସାଇବା ଲାଗି ଓ ତଦ୍ଦ୍ୱାରା କାର୍ଯ୍ୟକାରଣବାଦର ବନ୍ଧନକୁ ଶିଥିଳ କରି ଦେବାଲାଗି କେତେ କେତେ ଉଦ୍ୟମ ଆରମ୍ଭ କଲାଣି । ସିଦ୍ଧିଯାତ୍ରାରେ କୌଣସି ସୀମା ଯେ କେଉଁଠି ରହିଛି କିମ୍ବା ଏହି ଜଗତରେ ଅସମ୍ଭବ ବୋଲି ଯେ କିଛି ରହିଛି, ମନୁଷ୍ୟ କ୍ରମେ ସେବିଷୟରେ ସଂଶୟ ପ୍ରକାଶ କରିବାକୁ ଆରମ୍ଭ କଲାଣି । ମଣିଷ ଅବିଚଳିତ ରହି ଯାହାକିଛି ଇଚ୍ଛା କରିବ, ପରିଶେଷରେ ସେ ତାହା ଅବଶ୍ୟ ସମ୍ଭବ କରିପାରିବ; ବରଂ ଏହି ବିଶ୍ୱାସଟି ବଦ୍ଧମୂଳ ହେବାରେ ଲାଗିଛି । କାରଣ ସମୂହଭିତରେ ବିକଶିତ ହେଉଥିବା ଚେତନାହିଁ ସେସବୁକୁ ସମ୍ଭବ କରିବାର ଉପାୟଗୁଡ଼ିକୁ ଅବଶ୍ୟ ଖୋଜି ବାହାର କରିଆଏ । କୌଣସି ଜଣେ ବ୍ୟକ୍ତିର ମଧ୍ୟଦେଇ ଏହି ସର୍ବଶକ୍ତିମତ୍ତା ଆପଣାକୁ ପ୍ରକାଶ କରେନାହିଁ, ମାତ୍ର ବ୍ୟକ୍ତିକୁ ସାଧନରୂପରେ ବ୍ୟବହାର କରି ମନୁଷ୍ୟସମାଜର ସାମୂହିକ ଇଚ୍ଛାଶକ୍ତିହିଁ ତାହାକୁ କାର୍ଯ୍ୟକାରୀ କରାଏ । ତଥାପି ଟିକିଏ ଅଧିକ ଗଭୀରଭାବେ ନିରୀକ୍ଷଣ କରି ଦେଖିଲେ ଆମେ ଏହାକୁ କେବଳ ସମଷ୍ଟିଚେତନାରହିଁ ଇଚ୍ଛାଶକ୍ତି ବୋଲି କଦାପି କହିବା ନାହିଁ । ସମଷ୍ଟିକୁ ଏକ ପରିବେଶ ଏବଂ ଏକ କ୍ଷେତ୍ରରୂପେ ବ୍ୟବହାର କରି ଏବଂ ବ୍ୟକ୍ତିକୁ କେନ୍ଦ୍ର ତଥା ସାଧନରୂପେ କାର୍ଯ୍ୟରେ ଲଗାଇ ଏକ ଅତିଚେତସୀ ମହାଶକ୍ତିହିଁ ସେହି ଐଶ୍ୱର୍ଯ୍ୟର ବିଭୂତିରେ ଆପଣାକୁ ରୂପାୟିତ କରନ୍ତି ।

'oaob.nitrkl.ac.in' images reprocessed

ମନୁଷ୍ୟ ଭିତରେ ରହିଥିବା ଭଗବାନଙ୍କ ବ୍ୟତୀତ ଏହାକୁ ଆଉ କ'ଣ ବୋଲି କୁହାଯାଇ ପାରିବ ? ଅନ୍ତର୍ହିତ ତାଦାତ୍ମ୍ୟ, ବହୁଧା-ରୂପାୟିତ ଐକ୍ୟ, ବିଶ୍ୱବିଦ୍ ଓ ବିଶ୍ୱଶକ୍ତିମାନ୍ ବ୍ୟତୀତ ଆଉ କ'ଣ କୁହାଯାଇ ପାରିବ ? ଆପଣାର ସ୍ୱରୂପ ଅନୁସାରେ ସେ ମନୁଷ୍ୟକୁ ଗଢ଼ିଛନ୍ତି; ମନୁଷ୍ୟର ଅହଂକୁ ଆପଣା ଇଚ୍ଛାକୁ କାର୍ଯ୍ୟକାରୀ କରିବାର କେନ୍ଦ୍ରରୂପେ ପ୍ରତିଷ୍ଠିତ କରିଛନ୍ତି ଏବଂ ସାମୂହିକ ଅହଂ ଅଥବା ସମଷ୍ଟିଗତ ନାରାୟଣ ବା ବିଶ୍ୱମାନବକୁ ଆଧାର ଏବଂ ପରିଧିରୂପେ କଳ୍ପନା କରିଛନ୍ତି । ସେମାନଙ୍କ ମଧ୍ୟରେ ସେ ଏକତ୍ୱ, ସର୍ବଜ୍ଞତା ଓ ସର୍ବଶକ୍ତିମତ୍ତା ଆଦି ଆପଣାର ସ୍ୱରୂପ-ବିଭୂତିଗୁଡ଼ିକୁ କେତେକାଂଶରେ ପ୍ରକାଶିତ କରିବାଲାଗିହିଁ ପ୍ରୟାସ କରୁଛନ୍ତି । "ଭଗବାନ ହେଉଛନ୍ତି ମର୍ତ୍ତ୍ୟର ଅମର୍ତ୍ତ୍ୟ ରୂପ; ଆମର ଦିବ୍ୟ ସାମର୍ଥ୍ୟଗୁଡ଼ିକରେହିଁ ସେ ଏକ ଶକ୍ତିରୂପେ ଆମର ଭିତରେ ପ୍ରତିଷ୍ଠିତ ରହିଛନ୍ତି ।" * ଆପଣାର ଚରମ ଲକ୍ଷ୍ୟ ବିଷୟରେ ସଂପୂର୍ଣ୍ଣ ଅବହିତ ନ ଥିଲେହେଁ ଆଧୁନିକ ଜଗତ୍ ଆପଣାର ସକଳ କର୍ମରେ ବିଶ୍ୱଚେତନାର ଏହି ବିପୁଳ ଆକାଂକ୍ଷାଟିରହିଁ ପରିଚର୍ଯ୍ୟା କରିଆସିଛି ଓ ଅବଚେତନ ଭାବେ ତାହାକୁହିଁ ପରିପୂର୍ଣ୍ଣ କରିବାରେ ଲାଗିଛି ।

ତଥାପି ଏହି ସାଧନରେ ଏକ ସୀମାବଦ୍ଧତା ରହିଛି, ଏକ ବାଧା ମଧ୍ୟ ରହିଛି । ଜ୍ଞାନର ଭୌତିକ କ୍ଷେତ୍ରରେ ସୀମାବଦ୍ଧତା ରହିଛି, ଏବଂ ଶକ୍ତିର କ୍ଷେତ୍ରରେ ଜଡ଼ଯନ୍ତ୍ରର ବ୍ୟବହାରରେ ବାଧା ରହିଛି । କିନ୍ତୁ ଭବିଷ୍ୟତରେ ଯେ ଏହି ସୀମା-ବଦ୍ଧତା କିମ୍ବା ବାଧା ଆଦୌ ରହିବ ନାହିଁ, ବିଜ୍ଞାନର ଅଦ୍ୟତମ ପ୍ରବୃତ୍ତିଗୁଡ଼ିକରୁ ତାହାର ସୂଚନା ମିଳିଲଣି । ଜଡ଼ବିଜ୍ଞାନର କ୍ରମଶଃ ପ୍ରସାରିତ ପରିଧିଗୁଡ଼ିକ ଜଡ଼ଠାରୁ ଅଜଡ଼କୁ ବିଭକ୍ତ କରି ରଖିଥିବା ସୀମାରେଖାଗୁଡ଼ିକର ଯେତିକି ସମୀପବର୍ତ୍ତୀ ହେବାରେ ଲାଗିଛି, ବ୍ୟାବହାରିକ ବିଜ୍ଞାନ ଯନ୍ତ୍ରର ବହୁଳତାକୁ ଯଥାସମ୍ଭବ ଖର୍ବକରିହିଁ ସେତିକି ସେତିକି ଆପଣାର ଉଚ୍ଚତମ ସିଦ୍ଧିଗୁଡ଼ିକରେ ଉପନୀତ ହେଉଛି । ବେତାରର ଉଦ୍ଭାବନ ଦ୍ୱାରା ପ୍ରକୃତିର ପ୍ରଗତିରେ ଏକ ନୂତନ ଧାରା ସୂଚିତ ହୋଇଛି । ଏହି କ୍ଷେତ୍ରରେ ଜଡ଼ଶକ୍ତିର ପରିଚାଳନା ଲାଗି ଆଉ କୌଣସି ମଧ୍ୟବର୍ତ୍ତୀ ଇନ୍ଦ୍ରିୟଗ୍ରାହ୍ୟ ଜଡ଼ବାହନର ପ୍ରୟୋଜନ ହିଁ ହେଉନାହିଁ । ଶକ୍ତିର କ୍ଷେପଣ ଓ ଗ୍ରହଣ,—କେବଳ ଏହି ଦୁଇଟି ପ୍ରାନ୍ତବିନ୍ଦୁରେହିଁ ଏହାର ଅବଶେଷ ରହିଛି । କାଳକ୍ରମେ ସେତିକ ମଧ୍ୟ ନିଶ୍ଚୟ ଅପସାରିତ ହୋଇଯିବ; କାରଣ ଜଗତ୍‌ରହସ୍ୟର ଯଥାର୍ଥ ଧାରା ଅନୁସରଣ କରି ଯେତେବେଳେ ଜଡ଼ାତୀତର ଗତି ଓ ପ୍ରକୃତିର ଅଧ୍ୟୟନ ସମ୍ଭବ ହେବ, ସେତେବେଳେ କେବଳ ମନଃଶକ୍ତିର ସାହାଯ୍ୟରେହିଁ ମନୁଷ୍ୟ ଜଡ଼ଶକ୍ତିକୁ ନୈପୁଣ୍ୟ ସହକାରେ ଶାସନାଧୀନ କରି ରଖିବାର କୌଶଳ ଖୋଜିପାଇବ । ପ୍ରଗତିର ଏହି

* ଋକ୍‌ବେଦ, ୪।୨।୧

'oaob.nitrkl.ac.in' images reprocessed

ସମ୍ଭାବନାଟିକୁ ସ୍ୱୀକାର କରିପାରିଲେହିଁ ଆମ୍ଭମାନଙ୍କ ସମ୍ମୁଖରେ ଏକ ବିପୁଳ ଭବିଷ୍ୟର ତୋରଣଦ୍ୱାରଗୁଡ଼ିକ ଉନ୍ମୁକ୍ତ ହୋଇଯାଇ ପାରିବ ।

ଜଡ଼ର ଅବ୍ୟବହିତ ଊର୍ଦ୍ଧ୍ୱଭୂମିରେ ଅବସ୍ଥିତ ଜଗତଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଓ ଅଧିକାର ଲାଭ କରିସାରିଲେ ମଧ୍ଯ ତଥାପି ଏକ ବାଧା ଅବଶ୍ୟ ରହିବ, ଏବଂ ଆହୁରି ଊର୍ଦ୍ଧ୍ୱରେ ରହିଥିବା ଲୋକଗୁଡ଼ିକର ଆହ୍ୱାନ ଆସି ଆମର କାନରେ ବାଜିବ । ଯେତେବେଳେ ଭିତର ଆଉ ବାହାର ଏକାକାର ହୋଇଯିବ, ସଙ୍କୀର୍ଣ୍ଣ ଅହଂର ସ୍ୱତନ୍ତ୍ର ବିଚରଣ ଯେତେବେଳେ ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇ କ୍ରମେ ଅନ୍ତର୍ହିତ ହୋଇଯିବ ଏବଂ ବହିର୍ଭୂତର ଯାବତୀୟ ରୂପାୟନକୁ ଆପଣାର ବାହୁବେଢ଼ରେ ଆଲିଙ୍ଗନ କରି ରଖିପାରୁଥିବା ଏକତ୍ୱହିଁ ଆମର ସକଳ କର୍ମର ସୂତ୍ର ହୋଇ ରହିବ, ନାନାତ୍ୱ-ଭାବନାର ତାଲି ପକାଇ ଯେତେବେଳେ ଆଉ ଏକତ୍ୱ ଗଢ଼ିବାର କୌଣସି ବ୍ୟର୍ଥ ପ୍ରୟାସ କରିବାକୁ ପଡ଼ିବ ନାହିଁ,—ସେତିକବେଳେ ଯାଇ ସର୍ବଶେଷ ଗ୍ରନ୍ଥିମୋଚନ ସମ୍ଭବ ହେବ । ଯେଉଁଠାରେହିଁ ମହାସରସ୍ୱତୀଙ୍କର ସିଂହାସନଟି ତାଙ୍କର ଅନ୍ତହୀନ ବିଶ୍ୱସାମ୍ରାଜ୍ୟ ଉପରେ ଦୃଷ୍ଟି ଆନତ କରି ରହିଛି, ସେହିଠାରେହିଁ ସ୍ୱରାଜ୍ୟ ଓ ସାମ୍ରାଜ୍ୟ ଉଭୟଟିର ଅଧିକାର ଏକତ୍ର ବିରାଜମାନ କରୁଛି । ସେହିଠାରେହିଁ ସାଲୋକ୍ୟମୁକ୍ତ ଓ ସାଧର୍ମ୍ୟମୁକ୍ତ ଉଭୟର ନିବାସ ରହିଛି ।

'oaob.nitrkl.ac.in' images reprocessed

## ତୃତୀୟ ପରିଚ୍ଛେଦ

# ନେତିଦ୍ୱିବିଧ

## ( ୧ )

## ବୈରାଗୀର ନେତି

ସର୍ବଂ ହ୍ୟେତଦ୍ ବ୍ରହ୍ମ, ଅୟମାତ୍ମା ବ୍ରହ୍ମ, ସୋଽୟମାତ୍ମା ଚତୁଷ୍ପାତ୍ ।······
ଅବ୍ୟବହାର୍ଯ୍ୟଂ······ଅଲକ୍ଷଣମ୍, ଅଚିନ୍ତ୍ୟମ୍······ପ୍ରପଞ୍ଚୋପଶମଂ······ ॥

—ମାଣ୍ଡୂକ୍ୟ ଉପନିଷଦ, ୨ । ୭

"ଏହି ସବୁକିଛି ହେଉଛି ବ୍ରହ୍ମ; ଏହି ଆତ୍ମା ବ୍ରହ୍ମ—ଏବଂ ଏହି ଆତ୍ମାର କୁରେଟି ଅବସ୍ଥା । ······

ଅବ୍ୟବହାର୍ଯ୍ୟ, ଅଲକ୍ଷଣ, ଅଚିନ୍ତ୍ୟ, ପ୍ରପଞ୍ଚୋପଶମ ।"

ଏବଂ ତଥାପି ଏହାର ପରେ ମଧ୍ୟ ଆହୁରି କିଛି ରହିଛି ।

କାରଣ ବିଶ୍ୱଚେତନାର ଆହୁରି ସେପାଖରେ ଏକ ବିଶ୍ୱୋତ୍ତୀର୍ଣ୍ଣ ଚୈତନ୍ୟ (ତଥାପି ମନୁଷ୍ୟର ଉପଲବ୍ଧିର ବାହାରେ କଦାପି ନୁହେଁ ।) ରହିଛି, ଯାହା କି କେବଳ ଅହଂକୁ ନୁହେଁ, ମାତ୍ର ନିଖିଳ ବିଶ୍ୱକୁ ମଧ୍ୟ ଅତିକ୍ରମ କରି ଚାଲିଯାଇଛି, ଯାହାର ଅପରିସୀମ ପୃଷ୍ଠଭୂମିରେ ନିଖିଳ ବିଶ୍ୱବ୍ରହ୍ମାଣ୍ଡ କେବଳ ଏକ ଅତିକ୍ଷୁଦ୍ର ଚିତ୍ରଟିଏ ପରି ମନେହେଉଛି । ତାହାହିଁ ବିଶ୍ୱବିଧାନର ଭର୍ତ୍ତା ହୋଇ ରହିଛି, ଅଥବା କେବଳ ଉପଦ୍ରଷ୍ଟା ହୋଇ ରହିଛି । ଆପଣା ମହାବିସ୍ତାରର ଆଲିଙ୍ଗନ ଭିତରେ ସେ ବିଶ୍ୱପ୍ରାଣକୁ ଧରିରଖିଛି, ଅଥବା ଆପଣାର ଅନନ୍ତତା ଭିତରୁ ତାହାକୁ ନିର୍ବାସିତ କରି ରଖିଛି ।

ଜଡ଼ବାଦୀ ଜଡ଼କୁହିଁ ଏକମାତ୍ର ସତ୍ୟବୋଲି ମାନେ, ପ୍ରାତିଭାସିକ ଜଗତର ପ୍ରାମାଣ୍ୟକୁହିଁ ମୋଟାମୋଟି ନିଶ୍ଚିତ ବୋଲି ଗ୍ରହଣ କରାଯାଇପାରିବ ବୋଲି କହେ । ଏହି ଜଗତର ବାହାରେ ଯଦି ଆହୁରି କେଉଁଠି କିଛି ରହିଥାଏ, ଜଡ଼ବାଦୀ ତାହାକୁ

'oaob.nitrkl.ac.in' images reprocessed

ଆମ ଜ୍ଞାନସାମର୍ଥ୍ୟର ବାହାରେ ବୋଲି ଦାବି କରିଥାଏ । ହୁଏତ ଏହା କେଉଁଠି ହେଲେ ନାହିଁ, ହୁଏତ ମନର ଏକ କଳ୍ପନା ମାତ୍ର, କିମ୍ବା ବସ୍ତୁସତ୍ୟଠାରୁ ଆପଣାକୁ ବିଚ୍ଛିନ୍ନ କରି ରଖିଥିବା ଗୁଚ୍ଛା ଗୋଟାଏ ଖିଆଲ ମାତ୍ର,—ଜଡ଼ବାଦୀ ଏହିପରି କହିଥାଏ । ଆପଣା ଦୃଷ୍ଟିରୁ ବିଚାର କରି ଜଡବାଦୀ ଯଦି ଏହିପରି କରିପାରେ, ତେବେ ସେପାଖର ସତ୍ୟାକର୍ଷଣରେ ମୁଗ୍ଧପ୍ରାୟ ସନ୍ନ୍ୟାସୀ ମଧ୍ୟ ଆପଣାର ଦୃଷ୍ଟିରୁ ବିଚାର କରି ଶୁଦ୍ଧ ଚିଦାତ୍ମାକୁହିଁ ଏକମାତ୍ର ସତ୍ୟବୋଲି ବେଶ୍ ଘୋଷଣା କରିପାରେ । ସେହି ଚିଦାତ୍ମାର ପରିଣାମ ନାହିଁ, ଜନ୍ମ ନାହିଁ, ମୃତ୍ୟୁ ନାହିଁ; ଏହି ବ୍ୟାବହାରିକ ଜଗତ୍ ହେଉଛି ଇନ୍ଦ୍ରିୟ ଓ ମନର କେବଳ ଏକ କଳ୍ପନା, ଏକ ସ୍ୱପ୍ନମାତ୍ର, ବିଶୁଦ୍ଧ ଓ ଶାଶ୍ୱତ ଜ୍ଞାନମୟଠାରୁ ଆପଣାକୁ ପ୍ରତ୍ୟାହୃତ କରି ରଖିଥିବା ଅବିଦ୍ୟାକବଳିତ ଚିତ୍ତର ଏକ କଳ୍ପନା ମାତ୍ର,—ସନ୍ନ୍ୟାସୀ ମଧ୍ୟ ଏହିପରି ଦାବି କରି ବାହାରିପାରେ ।

ଯୁକ୍ତିଦ୍ୱାରା ହେଉ ବା ଅନୁଭୂତିଦ୍ୱାରା ହେଉ, ପରସ୍ପରବିରୋଧୀ ଏହି ଉଭୟ ମତର ସପକ୍ଷରେ ଯୁକ୍ତି ବା ପ୍ରମାଣମାନ ଉପସ୍ଥାପିତ କରିବା ଆଦୌ ଅସମ୍ଭବ ନୁହେଁ । ଆମ ଇନ୍ଦ୍ରିୟଗୁଡ଼ିକର ଅନୁଭୂତିଦ୍ୱାରାହିଁ ଜଡ଼ଜଗତର ଅସ୍ତିତ୍ୱ ପ୍ରମାଣିତ ହୋଇଥାଏ । ଯାହା ଜଡ଼ାତୀତ କିମ୍ବା ଯାହା ଜଡ଼ପରି ସ୍ଥୂଳଭାବେ ପ୍ରକଟ ହୁଏ ନାହିଁ, ଆମ ଇନ୍ଦ୍ରିୟଗୁଡ଼ିକ ତାହାକୁ ଆଦୌ ଗ୍ରହଣ କରି ପାରନ୍ତି ନାହିଁ । ତେଣୁ ଯାହା ଅତୀନ୍ଦ୍ରିୟ, ଇନ୍ଦ୍ରିୟ ତାହାକୁ ଅସତ୍ ବୋଲି ଘୋଷଣା କରିଥାଏ । ଦେହେନ୍ଦ୍ରିୟଚୟର ଏହି ସ୍ଥୂଳ ଭ୍ରାନ୍ତିକୁ ଦାର୍ଶନିକ ଯୁକ୍ତିସମ୍ଭାର ଦ୍ୱାରା ଅଳଙ୍କୃତ କରି ଦେଖାଇବାକୁ ଚେଷ୍ଟାକଲେ ମଧ୍ୟ ତାହାର ମର୍ଯ୍ୟାଦା ତିଳେହେଲେ ବୃଦ୍ଧି ପାଏ ନାହିଁ । ତେଣୁ ସେମାନଙ୍କର ସତ୍ୟଛଳନା ନିଶ୍ଚିତଭାବେ ଭିତ୍ତିହୀନ ବୋଲି ଧରାପଡ଼ିଯାଏ । ଏହି ଜଡ଼ଜଗତ ଭିତରେ ମଧ୍ୟ ଏପରି ଅନେକ ସୂକ୍ଷ୍ମ ବସ୍ତୁ ରହିଛି, ଯାହାର ଅସ୍ତିତ୍ୱ ଆମ ଦେହେନ୍ଦ୍ରିୟଗୁଡ଼ିକ ଦ୍ୱାରା ଆଦୌ ଗ୍ରାହ୍ୟ ହୋଇପାରେ ନାହିଁ । ତଥାପି କେବଳ ବ୍ୟାବହାରିକ ଜଗତର ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକୁହିଁ ସତ୍ୟବୋଲି ଗ୍ରହଣ କରିବାରେ ଅଭ୍ୟସ୍ତ ହୋଇ ପଡ଼ିଥିବାରୁ ଜଡ଼ବାଦୀମାନେ ଅତୀନ୍ଦ୍ରିୟ ବସ୍ତୁଗୁଡ଼ିକୁ ମାୟା ବା ଭ୍ରମ ବୋଲି କହି ଉଡ଼ାଇଦେବାକୁ ଇଚ୍ଛା କରନ୍ତି । ସେମାନଙ୍କର ଏହି ସମ୍ଭାରଟି ମଧ୍ୟ ଗୋଟିଏ ବିଭ୍ରମ । ତେଣୁ ସେମାନେ ଯୁକ୍ତିଦ୍ୱାରା ଯାହାକୁ ପ୍ରମାଣିତ କରିବାକୁ ଚାହୁଁଥା'ନ୍ତି, ସେମାନେ ଆରମ୍ଭରୁହିଁ ତାହାକୁ ମାନି ନେଇଥିବାରୁ ସେମାନଙ୍କର ତର୍କ କେବଳ ଏକ ବୃତ୍ତ ଭିତରେହିଁ ଭୁଆଁ ବୁଲିବାରେ ପର୍ଯ୍ୟବସିତ ହୁଏ, ଏବଂ ସେହି କାରଣରୁ ନିରପେକ୍ଷ ବିଚାର ପାଖରେ ତାହା ନିରର୍ଥକ ସିଦ୍ଧ ହୁଏ ।

ଜଡ଼ଜଗତର କେବଳ ଅନେକ ବସ୍ତୁ ଯେ ଇନ୍ଦ୍ରିୟଗ୍ରାହ୍ୟତାର ସୀମା ବାହାରେ ଅବସ୍ଥିତ ତାହା ନୁହେଁ, ସ୍ଥୂଳ ଦେହର ସ୍ଥୂଳ ଇନ୍ଦ୍ରିୟଗୁଡ଼ିକୁ ଛାଡ଼ି ମଧ୍ୟ ଆମ

'oaob.nitrkl.ac.in' images reprocessed

ସୂକ୍ଷ୍ମଦେହରେ ଏପରି ସୂକ୍ଷ୍ମଇନ୍ଦ୍ରିୟମାନ ରହିଛି, ଯାହାର ମାଧ୍ୟମରେ ଜଡ଼-ଇନ୍ଦ୍ରିୟ-ଗୁଡ଼ିକର କୌଣସି ସାହାଯ୍ୟ ନ ନେଇ ମଧ୍ଯ ଜଡ଼ଜଗତର ବସ୍ତୁଗୁଡ଼ିକୁ ଜାଣିବା ସମ୍ଭବ ହୋଇପାରେ, ଏପରିକି ଜଡ଼ାତୀତ ଊର୍ଦ୍ଧ୍ୱଲୋକର ଅତୀନ୍ଦ୍ରିୟ ବସ୍ତୁଗୁଡ଼ିକୁ ମଧ୍ଯ ପ୍ରତ୍ୟକ୍ଷ କରିବା ସମ୍ଭବ ହୁଏ । ଅନୁଭୂତିର ସାକ୍ଷ୍ୟକୁ ସତ୍ୟ ପ୍ରମାଣ ବୋଲି ମାନୁଥିଲେ ଆମେ ଏକଥା ଅବଶ୍ୟ କହିପାରିବା । ଅଧିକନ୍ତୁ, ଯେଉଁସବୁ ସ୍ଥୂଳ ଭୌତିକ ପଦାର୍ଥ ଦ୍ୱାରା ଆମର ଗ୍ରହ-ତାରା ଓ ପୃଥିବୀଗୁଡ଼ିକ ଗଢ଼ା ହୋଇଛନ୍ତି ବୋଲି ପ୍ରତୀତ ହେଉଛି, ଏହି ସମସ୍ତ ଅତୀନ୍ଦ୍ରିୟ ଲୋକର ଉପାଦାନ ତାହାଠାରୁ ସମ୍ପୂର୍ଣ୍ଣ ପୃଥକ୍, ଏବଂ ତେଣୁ ସେଗୁଡ଼ିକର ଅନୁଭବ ମଧ୍ଯ ଚିତ୍ତସତ୍ତ୍ୱର ଏକ ନୂତନ ଭୂମିର ବିଶିଷ୍ଟ ଅନୁଭବର ସମଧର୍ମୀ ।

ଯେଉଁଦିନଠାରୁ ମନୁଷ୍ୟ ଭିତରେ ଭାବନାର ସ୍ଫୁରଣ ହେଲଣି, ସେହି ଦିନଠାରୁହିଁ ଅତୀନ୍ଦ୍ରିୟ ଜଗତ୍ ସମ୍ବନ୍ଧରେ ଆପଣାର ଅନୁଭବ ଓ ବିଶ୍ୱାସକୁ ସେ ନାନାଭାବରେ ବ୍ୟକ୍ତ କରିଆସିଛି । ଏବଂ ବର୍ତ୍ତମାନ କେବଳ ଜଡ଼ଜଗତର ରହସ୍ୟ-ଗୁଡ଼ିକୁ ଉଦ୍‌ଘାଟିତ କରିବାରେ ଅତିଶକ୍ତ ବ୍ୟସ୍ତ ରହିବାର ଆବଶ୍ୟକତା ଆଉ ନ ଥିବାରୁ ବୈଜ୍ଞାନିକ ଗବେଷଣାର ନବଜାତ ନାନାଦିଗ ଓ ପ୍ରବୃତ୍ତିଦ୍ୱାରା ଏହି ସତ୍ୟ କ୍ରମେ ସ୍ୱୀକୃତ ହେବାକୁ ଆରମ୍ଭ କଲଣି । ଏହି ସମ୍ପର୍କୀୟ ପ୍ରାମାଣିକ ତଥ୍ୟର ପରିମାଣ କ୍ରମେ ବୃଦ୍ଧି ପାଇବାରେ ଲାଗିଛି । ସେଥିମଧ୍ୟରୁ ଇନ୍ଦ୍ରିୟର କୌଣସି ସାହାଯ୍ୟ ନନେଇ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭାବନାର ସଂପ୍ରେରଣ ବା ଟେଲିପାଥିର (telepathy) ଲବ୍ଧ ତଥ୍ୟଗୁଡ଼ିକୁ ଆମେ ସବୁଠାରୁ ଅଧିକ ପ୍ରାମାଣିକ ଓ ବହିରଙ୍ଗ ବୋଲି କହିପାରିବା । କେବଳ ଯେଉଁମାନଙ୍କର ମନ ଅତୀତ ଆଲୋକର ମୋହଶାଳା ଭିତରେ ବନ୍ଦୀହୋଇ ରହିଥିବ, ଯେତେ ସୂକ୍ଷ୍ମ ହୋଇଥିଲେହେଁ ଯେଉଁମାନଙ୍କର ବୁଦ୍ଧି ଅନୁଭୂତି ଓ ଜିଜ୍ଞାସାର ସ୍ୱରଚିତ ସଂକୀର୍ଣ୍ଣ ସୀମାଗୁଡ଼ିକ ହେତୁ ସୀମାବଦ୍ଧ ହୋଇ ରହିଥିବ, ଅଥବା କୌଣସି ଅତୀତ ଶତାବ୍ଦୀରୁ ସଂରକ୍ଷିତ ସୂତ୍ରଗୁଡ଼ିକର କଷ୍ଟାପର ଆବୃତ୍ତି କରି ଓ ମୃତ କମ୍ବା ମୁମୂର୍ଷୁ ବୌଦ୍ଧିକ ମତଗୁଡ଼ିକୁ ଅନ୍ଧ ଓ ବିଦ୍ୱେଷପରାୟଣ ଭାବେ ଜାବୁଡ଼ି ଧରିବାକୁ ଚେଷ୍ଟାକରି ଯେଉଁମାନେ ତାହାକୁହିଁ ଜ୍ଞାନ ଓ ବିବେକ ବୋଲି ଭ୍ରମ କରୁଥିବେ, ହୁଏତ ଖାଲି ସେହିମାନେହିଁ ଉକ୍ତ ପ୍ରାମାଣିକ ତଥ୍ୟଗୁଡ଼ିକର ପ୍ରତିରୋଧ କରିବାକୁ ମନ କରିବେ ।

ବୈଜ୍ଞାନିକ ଗବେଷଣା ଫଳରେ ଜଡ଼ାତୀତ ତତ୍ତ୍ୱଗୁଡ଼ିକର ଯେତିକି ଆଭାସ ମିଳିବା ଏପର୍ଯ୍ୟନ୍ତ ସମ୍ଭବ ହୋଇଛି, ସେଗୁଡ଼ିକ ତଥାପି ଦୋଷଯୁକ୍ତ ଓ ଅସ୍ପଷ୍ଟ ହୋଇ ରହିଛି । କାରଣ ଯେଉଁ ପଦ୍ଧତିରେ ସେହି ଗବେଷଣାମାନ ହୋଇଛି, ସେଇଥିରେହିଁ ନାନା ଦୋଷ ଓ ସ୍ଥୂଳବୁଦ୍ଧିତା ରହିଯାଇଛି । ତଥାପି ଏହିପରି

'oaob.nitrkl.ac.in' images reprocessed

ଭାବରେହିଁ ପୁନର୍ବ୍ୟବସ୍ଥିତ ସୂକ୍ଷ୍ମ-ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଜଡ଼ଜଗତର ଅନେକ ଅତୀନ୍ଦ୍ରିୟ ତଥ୍ୟ ଆମର ଗୋଚରକୁ ଆସିପାରିଛି । ତେଣୁ ଅନ୍ନମୟ ଜଡ଼ସ୍ତରର ପରିଧି ସେପାଖରେ ଥିବା ଏକ ଅତୀନ୍ଦ୍ରିୟ ଜଗତର ବାର୍ତ୍ତାବହ ଏହି ତଥ୍ୟଗୁଡ଼ିକୁ ମିଥ୍ୟା କହି ଉଡ଼ାଇଦେବା ଆଦୌ ଉଚିତ ହେବ ନାହିଁ । ଦେହେନ୍ଦ୍ରିୟଗୁଡ଼ିକ ଦ୍ୱାରା ପ୍ରାପ୍ତ ହେଉଥିବା ପ୍ରମାଣସମେତ ଯାବତୀୟ ପ୍ରମାଣର କ୍ଷେତ୍ରରେ ଆମେ ଯାହା କରିଥାଉ, ଏଠାରେ ମଧ୍ୟ ତାହାହିଁ କରିବା । ସେମାନେ ବହନ କରି ଆଣୁଥିବା ତଥ୍ୟଗୁଡ଼ିକୁ ଆମେ ନିର୍ଦ୍ଦୋଷଭାବେ ପରୀକ୍ଷା କରି ଦେଖିବା, ବୁଦ୍ଧିର ସାହାଯ୍ୟରେ ସେଗୁଡ଼ିକୁ ଶ୍ରେଣୀବଦ୍ଧ କରି ରଖିବା, ବୋଧଗମ୍ୟ ଭାଷାରେ ସେଗୁଡ଼ିକୁ ପ୍ରକାଶ କରିବା ଓ ପରିଚିତ ଜ୍ଞାନଭୂମିଗୁଡ଼ିକ ସହିତ ସେଗୁଡ଼ିକୁ ଯଥାବିଧି ସମ୍ବନ୍ଧିତ କରି ରଖିବା । ଆମେ ସେଗୁଡ଼ିକର ସ୍ୱକ୍ଷେତ୍ର, ସ୍ୱସୂତ୍ର ଓ ସ୍ୱପ୍ରକ୍ରିୟାଗୁଡ଼ିକର ନିରୂପଣ କରିବାକୁ ସମର୍ଥ ହେବା । ଏହି ଭୌତିକ ଜଗତ୍ ଯେପରି ସତ୍ୟ, ସୂକ୍ଷ୍ମତର ଉପାଦାନରେ ଗଠିତ ହୋଇଥିବା ଓ ସୂକ୍ଷ୍ମ ଜ୍ଞାନସାଧନଦ୍ୱାରା ଧରା ଦେଉଥିବା ଅତୀନ୍ଦ୍ରିୟ ଜଗତଟି ମଧ୍ୟ ଠିକ୍ ସେହିପରି ସତ୍ୟ । ସେଠାରେ ମଧ୍ୟ ଅନୁଭବର ଏକ ବିଶାଳ କ୍ଷେତ୍ର ପ୍ରସାରିତ ହୋଇ ରହିଛି । ଏହି ଜଗତଟିକୁ ଛାଡ଼ି ଆହୁରି ଅନେକ ଜଗତ୍ ରହିଛି । ସେଗୁଡ଼ିକର ସ୍ୱକୀୟ ଗଢଛନ୍ଦ ରହିଛି, ସ୍ୱକୀୟ ଚମତ୍କାର ରୂପରେଖା ରହିଛି, ସ୍ୱକୀୟ ସୂତ୍ର ଓ ପରାକ୍ରମଶାଳୀ ଶକ୍ତିପୁଞ୍ଜମାନ ରହିଛି, ଜ୍ଞାନଲାଭର ଜ୍ୟୋତିର୍ମୟ ସାଧନମାନ ରହିଛି । ଏବଂ ଏଠାରେ ଆମର ଏହି ଭୌତିକ ଜୀବନସ୍ତରରେ ଏବଂ ଆମର ଭୌତିକ ଶରୀର ଉପରେ ମଧ୍ୟ ସେମାନଙ୍କର ପ୍ରଭାବ ଆସି ପଡ଼ୁଛି । ଏହି ପାର୍ଥିବ ଭୂମି ଉପରେ ମଧ୍ୟ ସେଗୁଡ଼ିକର ଉନ୍ମେଷଲାଗି ଆୟୋଜନ ଚାଲିଛି । ସେମାନଙ୍କର ବାର୍ତ୍ତାବହ ଏବଂ ଦ୍ରଷ୍ଟାମାନେ ଏଠାରେ ମଧ୍ୟ ବିଚରଣ କରୁଛନ୍ତି ।

ମାତ୍ର ଏହିସବୁ ବିଶ୍ୱ କେବଳ ଆମର ଅନୁଭୂତି ଲାଗି ଗୋଟିଏ ଗୋଟିଏ ଭୂମି ମାତ୍ର, ଆମର ଇନ୍ଦ୍ରିୟଗୁଡ଼ିକ ସେହି ଅନୁଭୂତି ଲାଗି ଅନୁକୂଳ ସାଧନମାତ୍ର । ଚେତନା ହେଉଛି ସର୍ବମୂଳ ସତ୍ୟ । ଏହି ବିଶ୍ୱ ଯାହାଙ୍କର କ୍ଷେତ୍ର ଓ ଇନ୍ଦ୍ରିୟଗୁଡ଼ିକ ଯାହାଙ୍କର ସାଧନ, ଚେତନା ତାଙ୍କର ସର୍ବଗତ ସାକ୍ଷୀ । ବିଶ୍ୱ ଓ ବିଶ୍ୱର ବସ୍ତୁଗୁଡ଼ିକ ଯେ ସତ୍ୟ, ଚେତନାହିଁ ହେଉଛି ତାହାର ଏକମାତ୍ର ସାକ୍ଷୀ । ଇହଲୋକ ହେଉ ବା ପରଲୋକ ହେଉ, ଏକ ଲୋକ ହେଉ କିମ୍ବା ଏକାଧିକ ଲୋକ ହେଉ, ସେଗୁଡ଼ିକର ଅସ୍ତିତ୍ୱ ଅନୁଭବ କରିପାରିବା ଲାଗି ଚୈତନ୍ୟ ବ୍ୟତୀତ ଆମପାଖରେ ଆଉ କୌଣସି ସାଧନ ନାହିଁ । କେହି କେହି କହିଥା'ନ୍ତି ଯେ ଏହି ସମ୍ବନ୍ଧସ୍ଥାପନ କେବଳ ମନୁଷ୍ୟ-ଚୈତନ୍ୟର ଏକ ବୈଶିଷ୍ଟ୍ୟ ନୁହେଁ, ଏକ ବସ୍ତୁସଂସାରକୁ ମନୁଷ୍ୟ ଯେଉଁଭଳି ଦୃଷ୍ଟିଭଙ୍ଗୀରେ ଦେଖୁଛି, କେବଳ ତାହାର ବୈଶିଷ୍ଟ୍ୟ ନୁହେଁ, ସତ୍ତାର ସ୍ୱଧର୍ମ ମଧ୍ୟରେହିଁ

'oaob.nitrkl.ac.in' images reprocessed

ଏହା ଅନ୍ତର୍ନିହିତ ହୋଇ ରହିଛି । ବିଶ୍ୱର ସକଳ ପ୍ରତିଭାସ ସତ୍ତାରେ ସର୍ବଦା ଏହି ଦୁଇଟି ପକ୍ଷ ରହିଛି,—ଗୋଟିଏ ହେଉଛି ସାକ୍ଷୀରୂପେ ଅବସ୍ଥିତ ଚୈତନ୍ୟ ଏବଂ ଅନ୍ୟଟି ହେଉଛି ଏକ ସକ୍ରିୟ ବସ୍ତୁସ୍ଥିତି । ଏବଂ ସାକ୍ଷୀ ନ ଥିଲେ ସେହି କ୍ରିୟା କଦାପି ସମ୍ଭବ ହୁଅନ୍ତା ନାହିଁ, କାରଣ ସାକ୍ଷୀରୂପେ ଅବସ୍ଥିତ ସେହି ଚୈତନ୍ୟ ଭିତରେ ବା ଚୈତନ୍ୟ ନିମିତ୍ତହିଁ ବିଶ୍ୱର କୌଣସି ଅସ୍ତିତ୍ୱ ରହିଛି, ଏବଂ ଅନ୍ୟଥା ତାହାର କୌଣସି ସ୍ୱତନ୍ତ୍ର ସତ୍ତାହିଁ ନାହିଁ । ଜଡ଼ବାଦୀ ଏହାର ଉତ୍ତର ଦେଇ କହିଛି, ଏହି ଭୌତିକ ବିଶ୍ୱ ଶାଶ୍ୱତ କାଳରୁ ସ୍ୱୟଂଭୂଭାବେ ରହିଆସିଛି । ପ୍ରାଣ ଓ ମନର ଆବିର୍ଭାବ ପୂର୍ବରୁ ମଧ୍ୟ ଏହି ବିଶ୍ୱ ରହିଥିଲା । ସେଗୁଡ଼ିକର ବିଲୟ ହୋଇଯିବା ପରେ ମଧ୍ୟ, ଯେତେବେଳେ ସେମାନେ ଆପଣାର ଅସ୍ଥିର ପ୍ରୟାସ ଓ ସୀମିତ ଭାବନାଦ୍ୱାରା ଏହି ଅଗଣିତ ସୂର୍ଯ୍ୟତାରାଙ୍କର ଶାଶ୍ୱତ ଓ ଚେତନାହୀନ ଛନ୍ଦଲୀଳାକୁ ବ୍ୟାହତ କରିବାଲାଗି ଏଠାରେ ନଥିବେ, ସେତେବେଳେ ମଧ୍ୟ ବିଶ୍ୱ ବିରାଜମାନ ରହିଥିବ । ଦୁଇଟି ମଧ୍ୟରେ ରହିଥିବା ଅନ୍ତରଟି ଦେଖିବାକୁ ଭାରି ତାତ୍ତ୍ୱିକ ଲାଗୁଥିଲେ ମଧ୍ୟ ଏଥିରେ ଏକ ବାସ୍ତବ ମହତ୍ତ୍ୱ ଅବଶ୍ୟ ରହିଛି । କାରଣ ଏହା ଜୀବନପ୍ରତି ମନୁଷ୍ୟର ସମଗ୍ର ଦୃଷ୍ଟିକୋଣଟିକୁ ନିୟନ୍ତ୍ରିତ କରୁଛି, ତା'ର ସକଳ ସାଧନାର ଲକ୍ଷ୍ୟ ଓ କ୍ଷେତ୍ରକୁ ମଧ୍ୟ ନିରୂପିତ କରୁଛି । କାରଣ ଏଥିରେ ବିଶ୍ୱ-ଅସ୍ତିତ୍ୱର ସତ୍ୟତା କିମ୍ବା ଅଳୀକତା ପ୍ରଶ୍ନଟି ଜଡ଼ିତ ରହିଛି, ମାନବଜୀବନର ମୂଲ୍ୟ ଓ ସାର୍ଥକତାବାଚକ ପ୍ରଶ୍ନଗୁଡ଼ିକ ମଧ୍ୟ ଜଡ଼ିତ ରହିଛି ।

ଜଡ଼ବାଦୀ ସିଦ୍ଧାନ୍ତଟି ସହିତ ଆଗକୁ ଆଗକୁ ବିଚାର କରି ବସିଲେ ବ୍ୟକ୍ତି ତଥା ସମଷ୍ଟିର ଜୀବନ ଦୁଇଟିଯାକ କେବଳ ତୁଚ୍ଛ ଏବଂ ଅବାସ୍ତବ ବୋଲି ପ୍ରମାଣିତ ହୁଏ । ଏହାଫଳରେ ଆମ ଆଗରେ ନ୍ୟାୟତଃ କେବଳ ଦୁଇଟିମାତ୍ର ପଥ ଉନ୍ମୁକ୍ତ ରହିଯାଏ : ବଡ଼ ଉତ୍ତେଜିତ ଓ ଅସ୍ତବ୍ୟସ୍ତଭାବେ ପ୍ରତ୍ୟେକ ବ୍ୟକ୍ତି ଏହି କ୍ଷଣସ୍ଥାୟୀ ଜୀବନରୁ ହୁଏତ ଯେତେ ବେଶି ପାରିବ, ନେଇ ପଳାଇବାକୁ ଚେଷ୍ଟା କରିବ, ଅର୍ଥାତ୍ ଯଥାସମ୍ଭବ ଅଧିକ ସପନ୍ନଭାବେ କେବଳ ଆପଣାର ଜୀବନଟିକୁହିଁ ବଞ୍ଚିବ; ନହେଲେ ବ୍ୟକ୍ତିକୁ ନାଡ଼ୀଚକ୍ରର ବିକାରରୁ ନିଷ୍ପନ୍ନ ହୋଇଥିବା ମନଶ୍ଚେତନାର ଏକ ସ୍ୱପ୍ନବୁଦ୍‌ବୁଦ, ଏବଂ ସମୂହ ଭିତରେ ମଧ୍ୟ ଜଡ଼ନାଡ଼ୀର ସ୍ପନ୍ଦନହିଁ ଆଉଟିକିଏ ଅଧିକ ସହିତ ଓ ଦୀର୍ଘାୟିତ ହୋଇଛି ବୋଲି ଭଲକରି ଜାଣିଥିଲେ ସୁଦ୍ଧା ସେ ସମୂହ ଓ ବ୍ୟକ୍ତିର ମମତ୍ୱଶୂନ୍ୟ ଓ ଉଦ୍ଦେଶ୍ୟହୀନ ସେବାରେ ଆପଣାକୁ ନିୟୋଜିତ କରିବ । କର୍ମ ତଥା ଭୋଗ ଉଭୟର ମୂଳରେ ସେହି ଅନ୍ଧ ଜଡ଼ଶକ୍ତିର ତାଡ଼ନା ହିଁ ରହିଛି, ଯାହାକି ଆମକୁ ଜୀବନର ଏକ କ୍ଷଣିକ ଭ୍ରମ, କୌଣସିଏକ ନୀତିପୁଷ୍ଟ ଉଦ୍ଦେଶ୍ୟ ଓ ମାନସିକ ପରିପୂର୍ଣ୍ଣତାର ଏକ ଉଦାରତର ଭ୍ରମଦ୍ୱାରା ପ୍ରତାରିତହିଁ କରିଥାଏ । ଆଧ୍ୟାତ୍ମିକ ଅଦ୍ୱୈତବାଦ ପରି ଜଡ଼ବାଦ ମଧ୍ୟ ପରିଶେଷରେ ଏକ ମାୟାରେହିଁ ଆସି ପହଞ୍ଚେ, ଯାହା

'oaob.nitrkl.ac.in' images reprocessed

ସତ୍ୟ ଓ ତଥାପି ଯାହା ସତ୍ୟ ନୁହେଁ । ଏହି ମାୟାକୁ ସତ୍ୟ ବୋଲି କୁହାଯାଇପାରେ, କାରଣ ଏହା ବିଦ୍ୟମାନ ରହିଛି ଏବଂ ଏହାକୁ କଦାପି ଅସ୍ୱୀକାର କରି ହେବନାହିଁ । ତଥାପି ଏହା ସତ୍ୟ ନୁହେଁ, କାରଣ ଏହା କେବଳ ପ୍ରାତିଭାସିକ ଏବଂ ନଶ୍ୱର ପ୍ରକୃତିର । ଏବଂ ଅପରପକ୍ଷରେ ଯଦି ଆମେ ବସ୍ତୁଜଗତର ଅବାସ୍ତବତା ଉପରେ ଅତିରିକ୍ତ ଜୋର ଦେବାକୁ ଯିବା, ତେବେ ଆଉ ଏକ ଅନ୍ୟପଥ ଦେଇ ଆମେ ଠିକ୍ ସେହି ସମାନ ଅଥଚ ଏକ ଅଧିକ ତୀକ୍ଷ୍ଣଧାର ସିଦ୍ଧାନ୍ତରେ ଆସି ପହଞ୍ଚିବା । ସେହି ସିଦ୍ଧାନ୍ତ ଅନୁସାରେ ଆମେ ବ୍ୟକ୍ତିର ଅହଂକୁ କେବଳ ଅଳୀକ କଳ୍ପନା ବୋଲି ଗ୍ରହଣ କରିବାକୁ ବାଧ୍ୟ ହେବା, ମନୁଷ୍ୟଜୀବନକୁ କେବଳ ଅବାସ୍ତବ ଓ ଲକ୍ଷ୍ୟହୀନ ବୋଲି ଅନୁଭବ କରିବା, ଏବଂ ନିର୍ବିଶେଷ-ସତ୍ୟ କିମ୍ବା ପରମ-ଅସତ୍ୟ ଭିତରକୁ ଫେରି ଆସିବାକୁହିଁ ଭୌତିକ ଜୀବନର ନିଃସାର ଜଞ୍ଜାଳରୁ ମୁକ୍ତି ପାଇବାର ଏକମାତ୍ର ପଳାୟନ-ପଥ ବୋଲି ସ୍ୱୀକାର କରିବାକୁ ଲାଗିବା ।

ଏବଂ ତଥାପି ଆମ ଦୈନନ୍ଦିନ ଭୌତିକ ଜୀବନର ଦୃଢ଼ ତଥ୍ୟଗୁଡ଼ିକୁ ଭିତ୍ତିକରି ରହିଥିବା ତର୍କବୁଦ୍ଧି ଦ୍ୱାରା ଏହି ପ୍ରଶ୍ନଟିର ସମାଧାନ କଦାପି ହୋଇ ପାରିବ ନାହିଁ । କାରଣ ସେହିସବୁ ତଥ୍ୟ ଭିତରେ ଅନୁଭୂତିର ଯେଉଁ ଶୂନ୍ୟସ୍ଥାନଗୁଡ଼ିକ ରହି ଯାଇଥିବ, ସେହିଗୁଡ଼ିକହିଁ ଆମର ଯୁକ୍ତିଗୁଡ଼ିକରେ ମଧ୍ୟ ଶୂନ୍ୟସ୍ଥାନମାନ ସୃଷ୍ଟି କରିଦେବ । ଶରୀରଧାରୀ କୌଣସି ବ୍ୟକ୍ତିର ଜୀବନ ସହିତ ସଂଯୁକ୍ତ ନକରି ଆମେ ସାଧାରଣତଃ ବିଶ୍ୱମାନସ କିମ୍ବା ଅତିମାନସ ବିଷୟରେ କୌଣସି ନିଶ୍ଚିତ ଅଭିଜ୍ଞତା ଲାଭ କରିବାକୁ ଆଦୌ ସମର୍ଥ ହେଉ ନାହିଁ । ସେହିପରି ଅପରପକ୍ଷରେ ଆମର ପ୍ରତ୍ୟାଶାସ୍ମାକୁ ଯେ ଯେକୌଣସି ପ୍ରକାରେ ଭୌତିକ ଶରୀରବନ୍ଧନ ଭିତରେ ରହିବାକୁହିଁ ପଡ଼ିବ, କିମ୍ବା ଶରୀରର ବିଲୟ ହୋଇଗଲେ ତାହାର ମଧ୍ୟ ଅବଶ୍ୟ ବିଲୟ ଘଟିବ ଏବଂ ବ୍ୟକ୍ତିଶରୀରର ସୀମାକୁ ଡେଇଁ ଏହା କଦାପି ଆଉ କୁଆଡ଼େ ହେଲେ ସମ୍ପ୍ରସାରିତ ହୋଇ ପାରିବ ନାହିଁ, ଏପରି ଦାବି କରି ପାରିବାଲାଗି ମଧ୍ୟ ଆମପାଖରେ ଅଭିଜ୍ଞତାର କୌଣସି ପ୍ରମାଣ ନାହିଁ । କେବଳ ଚେତନାର ଭୂମିଟିକୁ ସମ୍ପ୍ରସାରିତ କରି କିମ୍ବା ଆମର ଜ୍ଞାନସାଧନଗୁଡ଼ିକୁ ଆଶାତୀତଭାବରେ ପରିବର୍ଦ୍ଧିତ କରିହିଁ ଜଡ଼ବାଦ ଓ ମାୟାବାଦ ମଧ୍ୟରେ ଲାଗିରହିଥିବା ପୁରାତନ ତର୍କକଳହଟିର ମୀମାଂସା କରିବା ସମ୍ଭବ ହୋଇପାରିବ ।

ବ୍ୟକ୍ତିର ଅନ୍ତର୍ଜୀବନ ବିଶ୍ୱଚେତନା ଭିତରକୁ ପରିବର୍ଦ୍ଧିତ ହୋଇପାରିଲେ ତାହାକୁହିଁ ଚେତନାର ସାର୍ଥକ ସମ୍ପ୍ରସାରଣ ବୋଲି କୁହାଯିବ । କାରଣ ଯଦି ସାକ୍ଷୀପୁରୁଷ ବୋଲି କେଉଁଠି କେହି ରହିଥା'ନ୍ତି, ତେବେ ସଂସାରରେ ଜନ୍ମଲାଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିର ଯେଉଁ ମନ ଶରୀର ଭିତରେ ଆବଦ୍ଧ ହୋଇ ରହିଛି, ତାହାକୁ ସାକ୍ଷୀପୁରୁଷ ବୋଲି କଦାପି କୁହାଯାଇ ପାରିବ ନାହିଁ । ମାତ୍ର ଏହି ନିଖିଳ

'oaob.nitrkl.ac.in' images reprocessed

ସୃଷ୍ଟିର ଅନ୍ତରବସ୍ଥିତ ବୋଧିରୂପେ ଯାହାଙ୍କର ଆବିର୍ଭାବ ହୋଇଛି, ଯାହାଙ୍କର ଚିରନ୍ତନ ତତ୍ତ୍ୱଭାବର ପରିସ୍ପନ୍ଦନରୂପେ ଏହି ବିଶ୍ୱ ତାଙ୍କରି ମଧ୍ୟରେ ଅଥବା ତାଙ୍କର ପ୍ରଜ୍ଞା ଓ ସଚେତନ ଶକ୍ତିର ଲୀଳାସ୍ୱରୂପେ ସତ୍ୟ ଓ ଶାଶ୍ୱତ ହୋଇ ରହିଛି, ଯାହାଙ୍କଠାରୁ ଉତ୍ପନ୍ନ ହୋଇ ପୁଣି ଯାହାଙ୍କ ଭିତରେ ବିଲୀନ ହୋଇଯାଉଛି, ସେହି ବିଶ୍ୱଚେତସଙ୍କୁହିଁ ଯଥାର୍ଥରେ ସାକ୍ଷୀପୁରୁଷ ବୋଲି କୁହାଯିବ । ଆମର ଏହି ସୀମିତ ମନକୁ ବିଶ୍ୱର ସାକ୍ଷୀ ଓ ପ୍ରଭୁ କୁହାଯାଇ ପାରିବ ନାହିଁ । ମାତ୍ର ଅବିଚଳ ଓ ଶାଶ୍ୱତ ଭାବରେ ଯିଏ ଏହି ପୃଥିବୀର ପ୍ରାଣରେ ଓ ମନୁଷ୍ୟଜୀବର ଦେହରେ ସମାସୀନ ରହିଛନ୍ତି ଏବଂ ମନୁଷ୍ୟର ମନ ଓ ଇନ୍ଦ୍ରିୟଗୁଡ଼ିକୁ ଯିଏ କେବଳ ପରିହାର୍ଯ୍ୟ ସାଧନରୂପେ ବ୍ୟବହାର କରୁଛନ୍ତି, ସେଇ ହେଉଛନ୍ତି ଏହି ବିଶ୍ୱର ସାକ୍ଷୀ, ଏହି ବିଶ୍ୱର ପ୍ରଭୁ ।

ମନୁଷ୍ୟସମୂହ ଭିତରେ ଯେ ଏକ ବିଶ୍ୱଚେତନାର ସମ୍ଭାବନା ରହିଛି, କ୍ରମେ ଆଧୁନିକ ମନୋବିଜ୍ଞାନ ମଧ୍ୟ ସେକଥା ସ୍ୱୀକାର କରିବାକୁ ଆରମ୍ଭ କଲାଣି । ଆମ ଜ୍ଞାନଗ୍ରହଣର ଜଗତ ଭିତରେ ଯେ ଅଧିକ ସ୍ଥିତିସ୍ଥାପକ ସାଧନମାନ ବି ସମ୍ଭବ ହୋଇପାରେ, ମନୋବିଜ୍ଞାନ ତାହା ସ୍ୱୀକାର କରୁଛି । ମାତ୍ର ସେହିସବୁ ସାଧନର ସାମର୍ଥ୍ୟ ଓ ସାର୍ଥକତାକୁ ସ୍ୱୀକାର କରୁଥିଲେ ମଧ୍ୟ ମନୋବିଜ୍ଞାନ ସେଗୁଡ଼ିକୁ ତଥାପି ବିଭ୍ରାନ୍ତ ବୋଲି ବର୍ଣ୍ଣନା କରୁଛି । ମାତ୍ର ପ୍ରାଚ୍ୟଭୂଖଣ୍ଡର ମନୋବିଦ୍ୟା ଏହାକୁ ସର୍ବଦା ଏକ ସତ୍ୟ ବୋଲି ସ୍ୱୀକାର କରିଆସିଛି ଏବଂ ଏହାକୁ ଅନ୍ତର୍ପ୍ରଗତିର ଏକ ଲକ୍ଷ୍ୟ ବୋଲି ଘୋଷଣା କରିଛି । ଆମର ଅହଂ-ସଚେତନତା ଆମ ଉପରେ ଯେଉଁସବୁ ସୀମାବଦ୍ଧତାକୁ ଆଣି ଲଦିଦେଇଛି, ସେହିଗୁଡ଼ିକୁ ଅତିକ୍ରମ କରି, ସମଗ୍ର ଜୀବନ ଓ ଆମକୁ ଜଡ଼ ବୋଲି ପ୍ରତୀତ ହେଉଥିବା ସକଳ ସୃଷ୍ଟି ଭିତରେ ଯେଉଁ ଆତ୍ମଜ୍ଞାନ ଫଲ୍ଗୁ ସ୍ରୋତରୂପେ ସମାସୀନ ହୋଇ ରହିଛି, ତାହାର ସହିତ ତାଦାତ୍ମ୍ୟ ଅର୍ଜନ କରି କିମ୍ବା ତାହାର ସହଯୋଗୀ ହୋଇହିଁ ଆମେ ଯଥାର୍ଥରେ ସେହି ଲକ୍ଷ୍ୟରେ ଯାଇ ପହଞ୍ଚିପାରିବା ।

ବିଶ୍ୱଚେତନା ମଧ୍ୟରେ ପ୍ରବେଶ କରି ଆମେ ତାହାରିପରି ତାହାର ସହିତ ଏକାତ୍ମ ହୋଇ ରହିବାକୁ ଇଚ୍ଛା କରିପାରୁ । ସେଠାରେ ପ୍ରବେଶ କରିପାରିଲେ ଆମର ଚେତନା, ଏବଂ ଏପରିକି ଆମ ଇନ୍ଦ୍ରିୟାନୁଭୂତିର କ୍ଷେତ୍ରରେ ମଧ୍ୟ ନାନା ରୂପାନ୍ତର ଘଟିବାକୁ ଆରମ୍ଭ କରିଥାଏ । ତାହାର ଫଳରେ ଆମେ ଏହି ଜଡ଼ମୟ ବିଶ୍ୱକୁ ଏକ ଅଖଣ୍ଡ ସତ୍ତାରୂପେ ଜାଣିବାକୁ ପାଉ । ସେହି ଏକ ସତ୍ତାହିଁ ଆପଣାକୁ ଆପଣାଠାରୁ ବିବିକ୍ତ କରି ବିଶ୍ୱରେ ବିଭିନ୍ନ ଜଡ଼ଶରୀରର ସୃଷ୍ଟି କରିଛି ଏବଂ ପୁନରାୟ ଜଡ଼ସାଧନ ଦେଇ ଆପଣା ସତ୍ତାର ସେହି ପରିକୀର୍ଣ୍ଣ ବିନ୍ଦୁଜାଲ ସହିତ ଯୋଗାଯୋଗ ସ୍ଥାପନ କରିପାରିଛି ବୋଲି ଜାଣିବାକୁ ପାଉ । ସେତେବେଳେ ମନ ଓ ପ୍ରାଣ ମଧ୍ୟକୁ

'oaob.nitrkl.ac.in' images reprocessed

ଆମେ ସେହିପରି ନୂତନ ରୂପାନ୍ତରିତ ଦୃଷ୍ଟିରେ ଦେଖିବାକୁ ପାଇବା । ସେଗୁଡ଼ିକ ମଧ୍ୟ ଆମ ଆଗରେ ସେହିଭଳି ଗୋଟିଏ ଗୋଟିଏ ଅଖଣ୍ଡ ସତ୍ତ୍ୱରୂପେ ପ୍ରତିଭାତ ହେବ, ସେହି ଗୋଟିଏ ସତ୍ତ୍ୱା ବହୁଧା ବିଭକ୍ତ ହୋଇ ପୁଣି ଉପଯୁକ୍ତ ସାଧନଗୁଡ଼ିକ ଦେଇ ଆପଣାକୁ ଯୁକ୍ତ କରି ରହିଥିବା ପରି ଦେଖାଯିବ । ଏହିପରି ସଂଯୋଗକାରୀ ନାନା ପର୍ଯ୍ୟାୟ ଅତିକ୍ରମ କରି ଆମେ ଇଚ୍ଛାକଲେ ଆହୁରି ଆଗକୁ ମଧ୍ୟ ଯାଇପାରିବା ଏବଂ ଯାହାର ବିଶ୍ୱଗତ ପ୍ରକ୍ରିୟା ଅନ୍ୟ ସକଳ ନିମ୍ନତର ପ୍ରକ୍ରିୟାର ମର୍ମମୂଳରେ ପ୍ରତିଷ୍ଠିତ ରହିଛି, ସେହି ଅତିମାନସର ଅଧିକାର ଲାଭ କରିବା । ଏହାଦ୍ୱାରା ଆମେ ବିଶ୍ୱସତ୍ତ୍ୱାର ଅସ୍ତିତ୍ୱ ବିଷୟରେ କେବଳ ଯେ ଏକ ଅନୁଭୂତି ପାଇବା ବା ଇନ୍ଦ୍ରିୟ-ବୋଧର ମାଧ୍ୟମରେ ତାହାର ଅସ୍ତିତ୍ୱକୁ ଗ୍ରହଣ କରିବା ତାହା ନୁହେଁ, ମାତ୍ର ଆମେ ଆପଣାକୁ ମଧ୍ୟ ସେହି ଚେତନାର ଅନ୍ତର୍ଗତ ବୋଲି ଅନୁଭବ କରିବା ଏବଂ ସଚେତନ ଭାବରେ ସେଥିରେ ପ୍ରବେଶ କରିପାରିବା । ଆମେ ଆଗରୁ ଅହଂଚେତନା ମଧ୍ୟରେ ଯେପରି ଭାବରେ ଜୀବନଧାରଣ କରି ରହିଥିଲେ, ବର୍ତ୍ତମାନ ଏହା ଭିତରେ ମଧ୍ୟ ସେହିଭଳି ଜୀବନ ଧାରଣ କରି ରହିବା । ଆମେ ସେହିଭଳି ସକ୍ରିୟ ରହିପାରିବା, ବିଶ୍ୱଚେତନା ସହିତ ଅଧିକରୁ ଅଧିକ ସମ୍ପର୍କରେ ଆସିବା, ଅପର ଅନେକଙ୍କର ମନ, ପ୍ରାଣ ଓ ଦେହ ସହିତ ଅଧିକରୁ ଅଧିକ ଆତ୍ମୀୟତା ଅର୍ଜନ କରିବା । ଆମଠାରେ ଖଣ୍ଡିତ ସତ୍ତ୍ୱାର ଆଉ କୌଣସି ଅଭିମାନ ରହିବ ନାହିଁ । ଏହା ଯେ କେବଳ ଆମରି ନୈତିକ ଏବଂ ମାନସିକ ଜୀବନ ଉପରେ ଆପଣାର ପ୍ରଭାବ ପକାଇବ ତାହା ନୁହେଁ, କେବଳ ଯେ ଅନ୍ୟମାନଙ୍କର ଅନ୍ତର୍ଜୀବନ ଭିତରକୁ ସମ୍ପ୍ରସାରିତ ହେବ ତାହା ନୁହେଁ, ଜଡ଼-ଜଗତର ଗତି ଓ ପ୍ରକୃତି ଉପରେ ମଧ୍ୟ ତାହାର ଦିବ୍ୟ ନିୟନ୍ତ୍ରଣ ସଞ୍ଚାରିତ ହେବ । ଆମର ଅହଂସଚେତ ସାମର୍ଥ୍ୟଗୁଡ଼ିକ ପାଖରେ ସେହି ନିୟନ୍ତ୍ରଣ ଆଜି ସମ୍ପୂର୍ଣ୍ଣ ଅଗୋଚର ରହିଛି ।

ତେଣୁ ବିଶ୍ୱଚେତନାର ସଂସ୍ପର୍ଶ ଲାଭ କରିଥିବା ବା ତାହାର ଭିତରେହିଁ ଆପଣାର ଜୀବନ ବଞ୍ଚୁଥିବା ବ୍ୟକ୍ତି ବିଶ୍ୱଚେତନାକୁ ଏକ ସତ୍ୟରୂପେ ଗ୍ରହଣ କରିବ । ଭୌତିକ ବାସ୍ତବତାଠାରୁ ସେ ତାହାକୁ ଅଧିକ ବାସ୍ତବ ବୋଲି ଜାଣିବ । ଏହାର ସ୍ୱରୂପ, ପରିଣାମ ଓ ପ୍ରବୃତ୍ତିକୁ ସେ ସତ୍ୟ ବୋଲି ଜାଣିବ। ସମଗ୍ର ପୃଥିବୀ ହେଉଛି ଏହି ବିଶ୍ୱଚେତନାର ପରିପ୍ରକାଶ; ତେଣୁ ପୃଥିବୀଲାଗି ଏହା ଯେପରି ବାସ୍ତବ, ଏହା ଦୃଷ୍ଟିରେ ପୃଥିବୀ ମଧ୍ୟ ସେହିପରି ବାସ୍ତବ । କିନ୍ତୁ ଏକ ସ୍ୱତନ୍ତ୍ର ସତ୍ତ୍ୱାରୂପେ ପୃଥିବୀ ଏହାଲାଗି ବାସ୍ତବ ନୁହେଁ । କାରଣ ସେହି ଉଚ୍ଚତର ଓ ଅପେକ୍ଷାକୃତ ଅଳ୍ପ ବ୍ୟାହତ ଅନୁଭୂତିର ସ୍ତରରେ ଉପନୀତ ହୋଇ ଆମେ ଚେତନା ଓ ସତ୍ତ୍ୱାକୁ ପରସ୍ପରଠାରୁ ଅଭିନ୍ନରୂପେ ପ୍ରତ୍ୟକ୍ଷ କରିଥାଉ, ସକଳ ସତ୍ତ୍ୱାକୁହିଁ ଆମେ ଏକ ପରମଚେତନାରୂପେ ପ୍ରତ୍ୟକ୍ଷ କରୁ ଓ ସକଳ ଚୈତନ୍ୟକୁ ଏକ ସ୍ୱୟଂସ୍ଥିତିରୂପେ ପ୍ରତ୍ୟକ୍ଷ କରୁ ।



'oaob.nitrkl.ac.in' images reprocessed

ଚୈତନ୍ୟକୁ ସ୍ୱରୂପତଃ ଶାଶ୍ୱତ ଏବଂ ଏହାର କରଣିଗୁଡ଼ିକୁ ସତ୍ୟରୂପେ ପ୍ରତ୍ୟକ୍ଷ କରୁ । ସେତେବେଳେ ଏହାକୁ ଏକ ସ୍ୱପ୍ନ କିମ୍ବା ଏକ ପରିଣାମ-ବିକାର ବୋଲି ଭାବିବାଲାଗି ଆଉ କୌଣସି ପ୍ରଶ୍ନହିଁ ନଥାଏ । ଚୈତନ୍ୟ ହେଉଛି ଏହି ପୃଥିବୀର ସତ୍ତା, ଏବଂ ସମ୍ପୂର୍ଣ୍ଣତଃ ସେହି କାରଣରୁ ଏହି ପୃଥିବୀ ହେଉଛି ସତ୍ୟ । ଏହି ପୃଥିବୀ ଏକ ଚୈତନ୍ୟ ଶକ୍ତି ଏବଂ ସେହି ଚୈତନ୍ୟ ଶକ୍ତି ହେଉଛି ଏହି ପୃଥିବୀକୁ ସୃଷ୍ଟି କରୁଥିବା ପୁରୁଷ । ସ୍ୱୟଂପ୍ରତିଷ୍ଠିତ ଚିତ୍‌ଶକ୍ତିହିଁ ଜଡ଼ର ରୂପଧାରଣ କରିଛି । ଯଦି ଜଡ଼ର ଏକ ସ୍ୱତନ୍ତ୍ର ଓ ବିଚ୍ଛିନ୍ନ ସତ୍ତା ପ୍ରକୃତରେ ରହିଥା'ନ୍ତା, ତେବେ ତାହା ବାସ୍ତବ ସତ୍ୟର ବିରୁଦ୍ଧାଚରଣ କରୁଥା'ନ୍ତା, ଅବାସ୍ତବ କଳ୍ପନାର ଏକ ପ୍ରଦର୍ଶନୀ, ଏକ ଭୟଙ୍କର ସ୍ୱପ୍ନ ଓ ଏକ ଅସମ୍ଭବ ମିଥ୍ୟାରୂପେ ଆମକୁ ଅଧିକାର କରି ରହିଥା'ନ୍ତା ।

ଅନ୍ତଃସ୍ଥିତ ଅତିମାନସର ସତ୍ୟରୂପେ ପ୍ରତିଷ୍ଠିତ ଏହି ଚିତ୍-ସତ୍ତା କେବଳ ବିଶ୍ୱ ଭିତରେହିଁ ସୀମାବଦ୍ଧ ହୋଇ ରହି ନାହିଁ । ଆପଣାର ଅନବଚ୍ଛିନ୍ନ ଅନନ୍ତତାରେ ତାହା ସ୍ୱତନ୍ତ୍ରଭାବେ ବିରାଜିତ ରହିଛି ଏବଂ ବିଶ୍ୱଛନ୍ଦରେ ଲୀଳାୟିତ ହେଉଛି । ଏହି ପୃଥିବୀ ତାହାକୁହିଁ ଆଶ୍ରୟ କରି ରହିଛି, ମାତ୍ର ତାହା ପୃଥିବୀକୁ ଆଶ୍ରୟ କରି ରହି ନାହିଁ । ଏବଂ ବିଶ୍ୱଚେତନା ମଧ୍ୟରେ ପ୍ରବେଶ କରି ସମଗ୍ର ବିଶ୍ୱଜୀବନ ସହିତ ଏକାତ୍ମ ହେବାର ସାମର୍ଥ୍ୟ ଆମ୍ଭମାନଙ୍କର ଯେପରି ରହିଛି, ଠିକ୍ ସେହିପରି ବିଶ୍ୱୋତ୍ତୀର୍ଣ୍ଣ ଚେତନା ମଧ୍ୟରେ ପ୍ରବେଶ କରି ସମଗ୍ର ବିଶ୍ୱଜୀବନଠାରୁ ଊର୍ଦ୍ଧ୍ୱରେ ରହିବାର ସାମର୍ଥ୍ୟ ମଧ୍ୟ ରହିଛି । ଏବଂ ଏହିଠାରେହିଁ ସେହି ପୁରାତନ ପ୍ରଶ୍ନଟିର ପୁଣି ଉତ୍‌ଥାପନ ହୋଇଥାଏ : ବିଶ୍ୱୋତ୍ତୀର୍ଣ୍ଣ ହେବାଲାଗି କ'ଣ ବିଶ୍ୱକୁ ବର୍ଜନ କରିବା ଆବଶ୍ୟକ ହୁଏ କି ? ତେବେ ଏହି ବିଶ୍ୱଲୋକର ବିଶ୍ୱୋତ୍ତର ଲୋକଗୁଡ଼ିକ ସହିତ କେଉଁଭଳି ସମ୍ବନ୍ଧ ରହିଛି ?

ବିଶ୍ୱୋତ୍ତୀର୍ଣ୍ଣର ପ୍ରବେଶ ଦ୍ୱାରରେହିଁ ସେହି ଶୁଦ୍ଧ ଚିତ୍‌ସ୍ୱରୂପର କେବଳ ସତ୍ତା ଦଣ୍ଡାୟମାନ ହୋଇ ରହିଛି । ସିଏ ହେଉଛନ୍ତି ଆଲୋକଶରୀର, ଶୁଦ୍ଧ, ସିଏ ପୃଥିବୀକୁ ଧରି ରଖିଛନ୍ତି, ମାତ୍ର ପୃଥିବୀରେ କ୍ରିୟାରହିତ ହୋଇ ରହିଛନ୍ତି, ଶକ୍ତି-ସଞ୍ଚରଣ ଲାଗି ତାଙ୍କ ଭିତରେ କୌଣସି ସ୍ନାୟୁ ନାହିଁ, ତାଙ୍କଠାରେ ଦ୍ୱୈତଭାବର କୌଣସି କଳୁଷ ନାହିଁ, ଭେଦଜନିତ କୌଣସି ବ୍ରଣ ନାହିଁ, ସେ ଅନନ୍ୟ, ଅଦ୍ୱୟରୂପ, ଅବ୍ୟବହାର୍ଯ୍ୟ, ପ୍ରପଞ୍ଚୋପଶମ,—ଉପନିଷଦ ତାଙ୍କୁ ଏହିପରି ଭାବରେ ବର୍ଣ୍ଣନା କରିଛି । ଅଦ୍ୱୈତବାଦୀମାନେ ତାହାଙ୍କୁହିଁ ବିଶୁଦ୍ଧ ଆତ୍ମସ୍ୱରୂପ ବୋଲି ଅଭିହିତ କରିଛନ୍ତି । ତାଙ୍କୁ ନିଷ୍କ୍ରିୟ ବ୍ରହ୍ମ ଓ ପ୍ରପଞ୍ଚାତୀତ ନୈଃଶବ୍ଦ୍ୟ ବୋଲି କହିଛନ୍ତି । ମଧ୍ୟବର୍ତ୍ତୀ ପର୍ଯ୍ୟାୟକ୍ରମର କୌଣସି ଅପେକ୍ଷା ନରଖି ସାଧକର ମନ ଯେତେବେଳେ ସହସା ଏହିସବୁ ପ୍ରବେଶ-ଦ୍ୱାରଗୁଡ଼ିକୁ ଅତିକ୍ରମ କରିଯାଏ, ସେତେବେଳେ ତା' ଭିତରେ ବିଶ୍ୱର ଅବାସ୍ତବତା

'oaob.nitrkl.ac.in' images reprocessed

ବିଷୟରେ ଏକ ପ୍ରତୀତି ଆସି ଉପସ୍ଥିତ ହୋଇଥାଏ ଏବଂ ସେହି ନୈଃଶବ୍ଦ୍ୟକୁହିଁ ସେ ଏକମାତ୍ର ସତ୍ୟ ବୋଲି ସ୍ୱୀକାର କରିବାକୁ ଲାଗେ । ମନୁଷ୍ୟର ମନ ଭିତରେ ଏହାଠାରୁ ଅଧିକ ପ୍ରବଳ ପ୍ରଚଣ୍ଡ ଅନୁଭୂତିର ବିଚ୍ଛୁରଣ ସମ୍ଭବତଃ ଆଉ କେବେହେଲେ ହୁଏ ନାହିଁ । ଏହି ବିଶୁଦ୍ଧ ଆତ୍ମସ୍ୱରୂପର ଦର୍ଶନରେ, ଅଥବା ଏହାର ପଛରେ ରହିଥିବା ଅସମ୍ଭୂତିର ଅନୁଭବରେ ଏକ ଦ୍ୱିତୀୟ ନୈତି ବା ପରିବର୍ଜନର ସୂତ୍ରପାତ ହୋଇଥାଏ । ବିପରୀତ ଦୃଷ୍ଟିରେ ଅବସ୍ଥିତ ଜଡ଼ବାଦୀର ନାସ୍ତି ସହିତ ଏହାକୁ ସମାନ୍ତରଭାବେ ସ୍ୱୀକାର କରାଯାଇପାରେ, ମାତ୍ର ଏଇଟି ତା'ଠାରୁ ଅଧିକ ସମ୍ପୂର୍ଣ୍ଣ ଓ ଅଧିକ ଚୂଡ଼ାନ୍ତ; ବ୍ୟକ୍ତି ତଥା ସମୂହଲାଗି ଏହାର ପରିଣାମ ଅଧିକ ବିନାଶକାରୀ । ଏହାର ପ୍ରବଳ ଆହ୍ୱାନ ସେମାନଙ୍କୁ ଘର ଛାଡ଼ି, ଅରଣ୍ୟକୁ ପଳାଇ ଯିବାଲାଗି ଉଦ୍‌ବୁଦ୍ଧ କରେ । ଏହାହିଁ ବୈରାଗୀର ନୈତି ।

ଯେଉଁଦିନଠାରୁ ପ୍ରାଚୀନ ଆର୍ଯ୍ୟଜଗତର ଭାରସାମ୍ୟକୁ ଭାଙ୍ଗିଦେଇ ବୌଦ୍ଧଧର୍ମର ଆଲୋଡ଼ନ ସୃଷ୍ଟି ହେଲା, ସେହି ଦିନଠାରୁ ଅର୍ଥାତ୍ ଦୁଇହଜାର ବର୍ଷ ହେଲା ଜଡ଼ବିରୁଦ୍ଧରେ ଚିନ୍ମୟର ଏହି ବିଦ୍ରୋହହିଁ ଭାରତର ମନକୁ ଅଧିକରୁ ଅଧିକ ପରିମାଣରେ କବଳଗ୍ରସ୍ତ କରି ରଖିଛି । ମାୟାବାଦକୁହିଁ ଭାରତୀୟ ଦର୍ଶନର ସମ୍ପୂର୍ଣ୍ଣ ସମ୍ପଦ ବୋଲି ଅବଶ୍ୟ କେହି ଦାବି କରିବାକୁ ଯାଉନାହିଁ । ଭାରତବର୍ଷରେ ଅନ୍ୟାନ୍ୟ ଦାର୍ଶନିକ ମତବାଦମାନ ରହିଛି, ଧର୍ମସାଧନାର ଅନ୍ୟ ଆକାଙ୍‌କ୍ଷାମାନ ମଧ୍ୟ ରହିଛି । ଦର୍ଶନକ୍ଷେତ୍ରର ଚରମପନ୍ଥୀମାନେ ମଧ୍ୟ ଏଠି ଜଡ଼ ଏବଂ ଚୈତନ୍ୟ ମଧ୍ୟରେ ଏକ ସହାନୁବର୍ତ୍ତିତା ଖୋଜି ପାଇବାର ପ୍ରୟାସ ଅବଶ୍ୟ କରିଛନ୍ତି । ମାତ୍ର ତଥାପି ସମସ୍ତେ ଯେପରି ସେହି ପ୍ରବଳ ନୈତିବାଦର ଛାୟାତଳେ ଆତ୍ମଗୋପନ କରି ରହିବାକୁହିଁ ବାଧ୍ୟ ହୋଇଛନ୍ତି ଏବଂ ସନ୍ନ୍ୟାସୀର ଭେକ ପିନ୍ଧିବାକୁହିଁ ଜୀବନର ଚରମ ଉଦ୍ଦେଶ୍ୟ ବୋଲି ମାନି ନେଇଛନ୍ତି । ବୌଦ୍ଧ କର୍ମବାଦ ଏବଂ ସେଇଥିରୁ ନିଷ୍ପନ୍ନ ହୋଇଥିବା ବନ୍ଧନ ଓ ମୁକ୍ତିର ଦ୍ୱିକୋଟିକ ବିରୋଧ,—ସଂସାରରେ ଜନ୍ମ ହେବା-ଦ୍ୱାରା ବନ୍ଧନ ଓ ଜନ୍ମଚକ୍ରରୁ ମୁକ୍ତିଦ୍ୱାରା ସଂସାରରୁ ମୁକ୍ତି,—ଏଠି ସାଧାରଣ ଜୀବନ-କଳ୍ପନାର ମସ୍ତକକୁ କାମୁଡ଼ି ଧରିଛି । ତେଣୁ ଦ୍ୱୈତଦୃଷ୍ଟିତାର ଏହି ପୃଥିବୀରେ ସ୍ୱର୍ଗର ସାମ୍ରାଜ୍ୟ ଯେ କଦାପି ସମ୍ଭବ ହେବ ନାହିଁ, ସ୍ୱର୍ଗ ଯେ ଏହି ପୃଥିବୀର ବାହାରେ ରହିଛି, ନିତ୍ୟ ବୃନ୍ଦାବନ ବା ଗୋଲକଧାମରେ ରହିଛି କିମ୍ବା ବ୍ରହ୍ମଲୋକର ଦିବ୍ୟ ସମ୍ଭୋଗରେ ରହିଛି, ଏଠି ଭାରତବର୍ଷରେ ଯେପରି ଏହାହିଁ ସମସ୍ତଙ୍କର କଣ୍ଠରେ ସମସ୍ୱରରେ ଧ୍ୱନିତ ହୋଇ ଆସିଛି । ପ୍ରପଞ୍ଚୋପଶମ ମହାନିର୍ବାଣରେ, କିମ୍ବା ଯେଉଁଠି ସେହି ଅନିର୍ବଚନୀୟ ସତ୍ତାର ନିଷ୍କଳ ଏକତ୍ୱ ଭିତରେ ଭେଦଧର୍ମୀ ଯାବତୀୟ ଅନୁଭୂତିର ବିଲୟ ହୁଏ, ମୁକ୍ତି ବା ବୈକୁଣ୍ଠର କଳ୍ପନା ସେହିଠାରେହିଁ କରାଯାଇଛି । ଏବଂ ବିଗତ ଅନେକ ଶତାବ୍ଦୀ ଧରି ଭାରତୀୟ ସ୍ମୃତିରେ ପବିତ୍ର ହୋଇ ରହିଥିବା ଓ ଭାରତର କଳ୍ପନାକୁ ଆବୋରି

'oaob.nitrkl.ac.in' images reprocessed

ରଖିଥିବା କେତେକେତେ ଋଷି, ସନ୍ଥ ଓ ଆଚାର୍ଯ୍ୟଙ୍କର ଏକ ବରିଷ୍ଠ ବାହିନୀ ପ୍ରଧାନତଃ ସେହି ବାଣୀଟିରହିଁ ସାକ୍ଷ୍ୟ ବହନ କରି ଆସିଛନ୍ତି, ସେହି ଉଚ୍ଚ ଓ ଦୂରଦୁରନ୍ତର ଆବେଦନକୁ ଘୋଷଣା କରି ଆସିଛନ୍ତି । ସେମାନେ ବୈରାଗ୍ୟ ବା ସଂସାରବର୍ଜନକୁହିଁ ଜ୍ଞାନର ଏକମାତ୍ର ମାର୍ଗ ବୋଲି ବତାଇଛନ୍ତି, ମାୟାମୟ ଭୌତିକ ଜୀବନକୁ ସତ୍ୟ-ରୂପେ ଗ୍ରହଣ କରିବାକୁ ଅଜ୍ଞାନ ବୋଲି କହିଛନ୍ତି, ଜନ୍ମଚକ୍ରରୁ ମୁକ୍ତ ହେବାକୁହିଁ ମାନବଜନ୍ମର ପରମ ସାର୍ଥକତା ବୋଲି ଦାବି କରିଛନ୍ତି । ଶୁଦ୍ଧ ଚିନ୍ମୟର ଆହ୍ୱାନ ଶୁଣିବାଲାଗି ଏବଂ ଜଡ଼ପାଶରୁ ଉଦ୍ଧାର ପାଇ ପଳାଇ ଆସିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି ।

ଯତିବ୍ରତ ଗ୍ରହଣ କରିବାର ଏହି ଆବେଦନଟି ପାଇଁ ଏ ଯୁଗରେ ଆଉ ସେତେ ସହାନୁଭୂତି ନାହିଁ । ଏବଂ ଅବଶିଷ୍ଟ ପୃଥିବୀରେ ମଧ୍ୟ ଗୃହତ୍ୟାଗୀ ସନ୍ନ୍ୟାସୀର ସମସ୍ତ ଅତିକ୍ରାନ୍ତ ହୋଇ ଯାଇଥିବା ପରି କିମ୍ବା ଅତିକ୍ରାନ୍ତ ହେଉଥିବା ପରି ମନେହେଉଛି । ହୁଏତ ସେଥିସକାଶେ ଆମେ ବଡ଼ ସହଜରେ ଭାବିବସିବା ଯେ ବୈରାଗ୍ୟର ଏହି ପ୍ରବୃତ୍ତିଟି ହେଉଛି ଏକ ଜରାଜୀର୍ଣ୍ଣ ପରିଶ୍ରାନ୍ତ ମନୁଷ୍ୟସମୂହର ଆପଣାର ପ୍ରାଣଶକ୍ତିକୁ ହରାଇ ବସୁଥିବାର ଏକ ସୂଚନା ମାତ୍ର । ସମଗ୍ର ମାନବ-ସଭ୍ୟତାର ପ୍ରଗତିରେ ଏକଦା ଆପଣାର ଅବଦାନଟିକୁ ଦେବାକୁ ଯାଇ ମନୁଷ୍ୟର ଜ୍ଞାନ ଓ କର୍ମକୀର୍ତ୍ତିର ଭଣ୍ଡାରଭିତରେ ବହୁବିଚିତ୍ର ଐଶ୍ୱର୍ଯ୍ୟ ଭରିଦେବାରେ କ୍ଳାନ୍ତ ହୋଇ ପଡ଼ିଥିବାରୁ ହୁଏତ ସେ ବୈରାଗ୍ୟକୁହିଁ ମାର୍ଗ ବୋଲି ଘୋଷଣା କରୁଛି । ମାତ୍ର ଆମେ ସ୍ୱୀକାର କରି ଦେଖିପାରୁଛୁ ଯେ ବୈରାଗ୍ୟ ମଧ୍ୟ ଜୀବନର ଏକ ସମ୍ଭାବ୍ୟ ସତ୍ୟ, ସମ୍ଭାବନାର ଚରମ ଶିଖରକୁ ଆସିହିଁ ଏକ ସଚେତନ ଉପଲବ୍ଧିର ସ୍ତରରୂପେ ବୈରାଗ୍ୟର ମଧ୍ୟ ଉପଲବ୍ଧି ହୋଇଥାଏ । ବସ୍ତୁତଃ ବୈରାଗ୍ୟଭାବନା ହେଉଛି ପରିପୂର୍ଣ୍ଣତା ଲାଗି ମନୁଷ୍ୟର ସାଧନାରେ ଏକ ଅପରିହାର୍ଯ୍ୟ ଉପାଦାନ, ଏବଂ ଅପରଦିଗରେ ମନୁଷ୍ୟସମୂହର ବୁଦ୍ଧି ଓ ପ୍ରାଣସଂସ୍କାରଗୁଡ଼ିକ ସର୍ବଦା ଆବଦ୍ଧ କରି ରଖିବାକୁ ବସୁଥିବା ପାଶବିକତାର ପାଶଗୁଡ଼ିକରୁ ମୁକ୍ତ ହୋଇ ନ ପାରିବା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ସାଧନାରୂପେ ଆମେ ବୈରାଗ୍ୟକୁ କଦାପି ଅସ୍ୱୀକାର କରି ପାରିବା ନାହିଁ ।

ଆମେ ଏକ ଅଧିକ ବରିଷ୍ଠ ଓ ଅଧିକ ପରିପୂର୍ଣ୍ଣ ସ୍ୱୀକୃତିର ଅନ୍ୱେଷଣ କରିବାକୁ ବାହାରିଛୁ । ଆମେ ଦେଖୁଛୁ ଯେ ଭାରତୀୟ ବୈରାଗ୍ୟସାଧନା ବୈଦିକ ମନ୍ତ୍ର 'ଏକମେବାଦ୍ୱିତୀୟଂ'ର ସ୍ୱୀକାର କରିଛି ସତ, ମାତ୍ର 'ସର୍ବଂ ଖଲ୍ୱିଦଂ ବ୍ରହ୍ମ'— ଏହି ଅନ୍ୟ ସମାନ୍ତର ମନ୍ତ୍ରଟିର ଆଲୋକରେ ସେଇଟି ଉପରେ ଯଥେଷ୍ଟ ମନନ ଆଦୌ କରିନାହିଁ । ଦିବ୍ୟ ଉପଲବ୍ଧିର ଯେଉଁ ଆରୋହଣଧର୍ମୀ ଅଭୀପ୍ସା ମନୁଷ୍ୟ ଭିତରେ ରହିଛି, ଦିବ୍ୟପୁରୁଷ ଯେ ତାଙ୍କର ପ୍ରକାଶରୂପ ଏହି ସୃଷ୍ଟିକୁ ଆଲିଙ୍ଗନ କରିବାଲାଗି

'oaob.nitrkl.ac.in' images reprocessed

ନିରନ୍ତର ଏହି ଭବଲୋକ ଉପରକୁ ନଇଁଆସୁଛି, ଏହାସହିତ ସେଇଟିକୁ ଯଥେଷ୍ଟ ପରିମାଣରେ ସମ୍ମିଳିତ କରି ବିଚାର କରାଯାଇ ନାହିଁ । ସେହି ପୁରୁଷଙ୍କର ଚିନ୍ମୟ ସତ୍ୟଟିକୁ ଆମେ ଯେତିକି ବୁଝିପାରୁଛୁ, ତାଙ୍କର ମୂର୍ତ୍ତସ୍ୱରୂପକୁ ସେତେଦୂର ଉତ୍ତମରୂପେ ବୁଝି ପାରିନାହୁଁ । ସନ୍ନ୍ୟାସୀ ଅନ୍ୱେଷଣ କରି ବାହାରିଥିବା ସତ୍ୟଟିକୁ ଆମେ ତା'ର ସକଳ ଉତ୍ତୁଙ୍ଗତା ସହିତ ଚିହ୍ନିବାକୁ ସମର୍ଥ ହୋଇଛୁ, ମାତ୍ର ପ୍ରାଚୀନ ବେଦାନ୍ତବାଦୀମାନଙ୍କ ପରି ଏହାର ପରିଧି ଓ ପରିବ୍ୟାପ୍ତି ସହିତ ଆମର ପୂର୍ଣ୍ଣ ପରିଚୟ ଘଟିନାହିଁ । ମାତ୍ର ଆମର ପରିପୂର୍ଣ୍ଣତର ସ୍ୱୀକୃତିର ଅନ୍ୱେଷଣରେ ଏହି ବିଶୁଦ୍ଧ ଆଧ୍ୟାତ୍ମିକ ଅଭୀପ୍ସାଟିର ଦିଗଟିକୁ ଆମେ କଦାପି କୌଣସି ପ୍ରକାରରେ ଊଣା କରି ଦେବାନାହିଁ । ଦିବ୍ୟପୁରୁଷର ଉଦ୍ଦେଶ୍ୟସିଦ୍ଧିରେ ଜଡ଼ବାଦ ଯେ କେତେଦୂର ସହାୟକ ହୋଇଛି, ସେକଥା ଆମେ ବିଚାର କରି ଦେଖିପାରୁଛୁ । ସେହିପରି ବୈରାଗ୍ୟବାଦ ମଧ୍ୟ ଜୀବନର ଆହୁରି ଅଧିକ ଓ ମହତ୍ତର ସେବା କରିଛି, ଏବଂ ଆମେ ସର୍ବଦା ଏହି କଥାଟିକୁ ସ୍ୱୀକାର କରିବା । ଜଡ଼ବିଜ୍ଞାନର ସକଳ ସତ୍ୟ ଓ ବାସ୍ତବ ପ୍ରୟୋଜନୀୟତାଗୁଡ଼ିକୁ ଆମେ ଅବଶ୍ୟ ସୁରକ୍ଷିତ କରି ରଖିବା । ବର୍ତ୍ତମାନ ଏହା ଯେପରି ରୂପରେ ରହିଛି, ହୁଏତ ସେଥିରୁ ଅନେକକୁ ବା ସବୁଗୁଡ଼ିକୁ ଭାଙ୍ଗିଦେବା ବା ବର୍ଜନ କରିବା ଅତ୍ୟାବଶ୍ୟକ ପଡ଼ିଲେ ମଧ୍ୟ ସର୍ବଶେଷ ସମତାର ସାଧନାଲାଗି ତାହାର ସତ୍ୟଗୁଡ଼ିକୁ ଆମେ ସୁରକ୍ଷିତ କରି ରଖିବା । ସେହିପରି ଆର୍ଯ୍ୟ-ଅତୀତର ପରମ୍ପରାଟି ଯେତେ ପରିକ୍ଷୀଣ ଓ ବିକୃତ ହୋଇ ଆମ ହାତକୁ ଆସିଥିଲେ ମଧ୍ୟ ଆହୁରି ଅଧିକ ବିବେକର ସହିତ ଆମେ ତାହାର ଯଥାର୍ଥ ମୂଲ୍ୟନିରୂପଣ କରି ଶିଖିବା ।

'oaob.nitrkl.ac.in' images reprocessed

## ଚତୁର୍ଥ ପରିଚ୍ଛେଦ

# ସର୍ବଂ ଖଳ୍ୱିଦଂ ବ୍ରହ୍ମ

ଅସନ୍ନେବ ସ ଭବତି । ଅସଦ୍ ବ୍ରହ୍ମେତି ବେଦ ଚେତ୍ ।
ଅସ୍ତି ବ୍ରହ୍ମେତି ଚେଦ୍‌ବେଦ । ସନ୍ତମେନଂ ତତୋ ବିଦୁରିତି ॥

—ତୈତ୍ତିରୀୟ ଉପନିଷଦ, ୨ । ୬

ଯିଏ ବ୍ରହ୍ମଙ୍କୁ ଅସତ୍ ବୋଲି ଜାଣେ, ସେ ଅସତ୍ ହୁଏ । ଯିଏ ସତ୍ ବୋଲି ଜାଣେ, ତେବେ ତାହାଙ୍କୁ ସତ୍ ବୋଲି ଜଣାଯାଏ ।

ଶୁଦ୍ଧ ଚିନ୍ମୟ ସତ୍ତା ଆମର ଭିତରେ ଆପଣାର ପରମ ମୁକ୍ତିକୁ ପ୍ରକାଶିତ କରିବାକୁ ଚାହେଁ ଏବଂ ବିଶ୍ୱଗତ ଜଡ଼ ଆମର ପ୍ରକାଶିତ ହେବାର ପ୍ରକ୍ରିୟାରେ ନିମିତ୍ତ ତଥା ଆଧାର ହୋଇ ରହିବାକୁ ଚାହେଁ । ଆମେ ଦୁଇଟିଯାକ ଦାବିକୁ ଯଥାର୍ଥ ବୋଲି ସ୍ୱୀକାର କରିଛୁ । ତେଣୁ ବର୍ତ୍ତମାନ ଆମକୁ ଏପରି ଗୋଟିଏ ସତ୍ୟ ଖୋଜି ବାହାର କରିବାକୁ ପଡ଼ିବ, ଯାହାକି ଚିତ୍ ଓ ଜଡ଼ରୂପୀ ଦୁଇ ବିରୋଧି ସତ୍ୟ ମଧ୍ୟରେ ଏକ ସମନ୍ୱୟ ସାଧନ କରିପାରିବ, ପ୍ରାଣ ଓ ବିଶ୍ୱରଜଗତରେ ଉଭୟଙ୍କୁ ଆପଣାଆପଣାର ସମୁଚିତ ଅଂଶ ଓ ଔଚିତ୍ୟ ଦେଇପାରିବ; ଯାହା ସେମାନଙ୍କଠାରୁ କୌଣସି ଅଧିକାର କାଢ଼ି ନେବ ନାହିଁ, ସେମାନଙ୍କ ମଧ୍ୟରେ ଅନ୍ତର୍ନିହିତ ରହିଥିବା ସତ୍ୟକୁ କୌଣସି ପ୍ରକାରେ ଅସ୍ୱୀକାର କରିବ ନାହିଁ । ଉଭୟ ମତର ଭ୍ରାନ୍ତି ଓ ଅତିରଞ୍ଜନଗୁଡ଼ିକ ମଧ୍ୟ ସତତ ଯେଉଁ ସତ୍ୟରୁ ବଳ ଓ ସମର୍ଥନ ଆହରଣ କରିଥା'ନ୍ତି, ସେହି ସତ୍ୟର ପ୍ରତିଷ୍ଠା ସେମାନଙ୍କର ମର୍ମରେ ଅବଶ୍ୟ ରହିଛି ବୋଲି ସ୍ୱୀକାର କରିବ । କାରଣ ଯେତେବେଳେ କୌଣସି ଚରମଧର୍ମୀ ଉକ୍ତି ମନଭିତରେ ଏକ ଶକ୍ତିଶାଳୀ ଆବେଶର ସୃଷ୍ଟି କରିଥାଏ, ସେତେବେଳେ ଆମେ କେବଳ ଏକ ଭୁଲ୍, ଅନ୍ଧବିଶ୍ୱାସ କିମ୍ବା ବିଭ୍ରାନ୍ତିର ସମ୍ମୁଖରେ କଦାପି ଦଣ୍ଡାୟମାନ ହୋଇନାହୁଁ ବୋଲି ନିଶ୍ଚିତଭାବେ ଜାଣିରଖିବା । ମାତ୍ର ଏହାର ଭିତରେ ଏକ ପରମ ସତ୍ୟ ଛଦ୍ମବେଶରେ ପ୍ରଚ୍ଛନ୍ନ ହୋଇରହିଛି ଓ ଆମର ଆନୁଗତ୍ୟ ଦାବି କରୁଛି, ଏବଂ ଏହାକୁ ଅସ୍ୱୀକାର ବା ଅବଜ୍ଞା କରି ଚାଲିଗଲେ ଆମକୁ ଯେ ତାହାର ଶାସ୍ତି ଅବଶ୍ୟ ଭୋଗ କରିବାକୁ ପଡ଼ିବ,

'oaob.nitrkl.ac.in' images reprocessed

ଆମେ ସେକଥା ବିଷୟରେ ସତର୍କ ରହିଥିବା । ମାତ୍ର ଏଥିଲାଗି ଚିତ୍ ଓ ଜଡ଼ ମଧ୍ୟରେ ଖାଲି ଗୋଟାଏ ସାଲିସ୍ କରିଦେଲେ ମଧ୍ୟ କାମ ଚଳିବ ନାହିଁ, କାରଣ ତଦ୍ୱାରା ଦୁଇଟି ଭିତରୁ କୌଣସିଟିକୁ ଯଥାର୍ଥରେ ପ୍ରତିଷ୍ଠିତ କରାଇ ରଖି ହୁଏ ନାହିଁ କିମ୍ବା ଏକ ସନ୍ତୋଷଜନକ ସମାଧାନ ମଧ୍ୟ ଆଦୌ ସହଜ ହୁଏ ନାହିଁ । ସବୁପ୍ରକାର ସାଲିସ୍‌କୁ ଏକ ଚୁକ୍ତି, ଦୁଇଟି ପରସ୍ପର-ବିରୋଧୀ ଶକ୍ତି ମଧ୍ୟରେ ସ୍ୱାର୍ଥର ଏକ ଦେ'ଣ ନେ'ଣ ବୋଲି କୁହାଯାଇ ପାରିବ । ସାଲିସ୍‌ଦ୍ୱାରା ଯଥାର୍ଥ ସମନ୍ୱୟ କଦାପି ସମ୍ଭବ ହେବ ନାହିଁ । ଦୁଇଟିଯାକ ପକ୍ଷ ପରସ୍ପରକୁ ପରିପୂର୍ଣ୍ଣଭାବେ ବୁଝିଲେ ସେଥିରୁ ଘନିଷ୍ଠ ଏକତ୍ୱରେ ଉପନୀତ ହେବା ସମ୍ଭବ ହୁଏ, ସେଇଥିରୁହିଁ ସମନ୍ୱୟ ନିଷ୍ପନ୍ନ ହୋଇଥାଏ । ତେଣୁ ଚିତ୍ ଓ ଜଡ଼ ମଧ୍ୟରେ ଯଥାସମ୍ଭବ ଅଧିକ ଏକତ୍ୱ-ପ୍ରତିଷ୍ଠା ଦ୍ୱାରାହିଁ ଆମେ ଉଭୟଙ୍କୁ ନେଇ ଏକ ସମନ୍ୱୟକାରୀ ସତ୍ୟରେ ଆସି ପହଞ୍ଚି ପାରିବା, ଏବଂ ବ୍ୟକ୍ତିଜୀବନର ଭିତରେ ଓ ବାହାରେ ସମନ୍ୱୟ ସାଧନାର ସୌଧଟି ନିର୍ମାଣ କରି ପାରିବାଲାଗି ସେହି ସତ୍ୟ ଆମକୁ ଏକ ଦୃଢ଼ ଭିତ୍ତି ଯୋଗାଇଦେଇ ପାରିବ ।

ଏଥିପୂର୍ବରୁ ଆମେ ବିଶ୍ୱଚେତନାକୁ ଏକ ମିଳନଭୂମି ରୂପେ ଦେଖିବାକୁ ପାଇଛୁ, ଯେଉଁଠାରେ ଚିନ୍ମୟ ମୃଣ୍ମୟକୁ ବାସ୍ତବ ରୂପେ ପ୍ରତ୍ୟକ୍ଷ କରେ ଏବଂ ମୃଣ୍ମୟ ମଧ୍ୟ ଚିନ୍ମୟକୁ ବାସ୍ତବ ବୋଲି ଜାଣିବାକୁ ପାଏ । କାରଣ ବିଶ୍ୱଚେତନାରେ ପରିବ୍ୟାପ୍ତ ମନ ଓ ପ୍ରାଣ କେବଳ ଗୋଟିଏ ଗୋଟିଏ ମଧ୍ୟବର୍ତ୍ତୀ ସେତୁପରି ହୋଇ ରହିଥା'ନ୍ତି । ମାତ୍ର ସାଧାରଣ ସ୍ତରର ଅହମିକାକ୍ଳିଷ୍ଟ ଚିତ୍ତଲାଗି ସେଗୁଡ଼ିକ ବିଭେଦର କାରଣ ପରି ବୋଧ ହୁଅନ୍ତି ଏବଂ ସେହି ଏକ ଅବିଜ୍ଞେୟ ପରମାର୍ଥ-ସତ୍ୟର ଅସ୍ତି ଓ ନେତିମୂଳକ ଦୁଇଟିତତ୍ତ୍ୱ ମଧ୍ୟରେ ଏକ କୃତ୍ରିମ ବିବାଦକୁ ଉତ୍‌ପ୍ରେରକ ହୋଇ ରହିଥା'ନ୍ତି । ବିଶ୍ୱଚେତନାର ସ୍ତରକୁ ଆସି ଏକାଧାରରେ ଏକତ୍ୱ ତଥା ନାନାତ୍ୱର ସତ୍ୟକୁ ଅନୁଭବ କରୁଥିବା ଏବଂ ଉଭୟଙ୍କ ମଧ୍ୟରେ ରହିଥିବା କ୍ରିୟାତ୍ମକ ଯୋଗସୂତ୍ରଟିକୁ ଅନୁଭବ କରିପାରୁଥିବା ଜ୍ଞାନଦ୍ୱାରା ଉଦ୍‌ଭାସିତ ହୋଇ ଚିତ୍ତର ଅସମାହିତ ଛନ୍ଦଗୁଡ଼ିକ ମଧ୍ୟ ସହସା ସମାହିତ ହୋଇଯାଏ, ଦିବ୍ୟ ସତ୍ୟରେ ଐକ୍ୟଜ୍ଞାନ ଭିତରେ କୁଆଡେ ସମନ୍ୱିତ ହୋଇଯାଏ । ସମତାର ରସାସ୍ୱାଦନରେ ପୂର୍ଣ୍ଣପରିତୃପ୍ତ ହୋଇ ଚିତ୍ତ ସେତେବେଳେ ପରମଦେବତା ଓ ଜୀବନ ମଧ୍ୟରେ ଆମର ଚିରାକାଙ୍‌କ୍ଷିତ ସେହି ପରମ ମିଳନର ଲୀଳାରେ ନିମିତ୍ତ ରୂପେ ବ୍ୟବହୃତ ହେବାଲାଗି ଆପଣାର ସ୍ୱୀକୃତି ଦେଇଥାଏ । ବିଶ୍ୱଚେତନାରେ ଅବଗାହନ କରି ମନନଶକ୍ତିରେ ଅପରୋକ୍ଷ ଅନୁଭବର ଶକ୍ତି ସଞ୍ଚାରିତ ହୁଏ, ଇନ୍ଦ୍ରିୟଶକ୍ତିରେ ସୂକ୍ଷ୍ମ-ଦର୍ଶନର ସାମର୍ଥ୍ୟ ଆସେ । ତାହାର ଫଳରେ ଜଡ଼ ଚିତ୍‌ସତ୍ତାର ବିଗ୍ରହ ଓ ଶରୀରରୂପେ ପ୍ରତିଭାତ ହେବାକୁ ଲାଗେ, ଆପେ ଆପେ ରୂପଧାରଣ କରିବାରେ

'oaob.nitrkl.ac.in' images reprocessed

ଲାଗିଥିବା ତା'ର ଏକ ପରିବ୍ୟାପ୍ତି ରୂପେ ଦେଖାଦିଏ । ପୁଣି ସେହି ଦିବ୍ୟ ନିମିତ୍ତ-ଦୃଷ୍ଟିର ଆନୁକୂଲ୍ୟରେ ଚିତ୍‌ସତ୍ତା ମଧ୍ୟ ଜଡ଼ର ଆତ୍ମା, ସତ୍ୟ ଓ ସାରତତ୍ତ୍ୱରୂପେ ପ୍ରତିଭାତ ହୁଏ । ଦୁହେଁ ଦୁହିଁଙ୍କୁ ଦିବ୍ୟତତ୍ତ୍ୱ ରୂପେ ସ୍ୱୀକାର କରନ୍ତି, ବାସ୍ତବ ଓ ମୂଳତଃ ଏକ ବୋଲି ଗ୍ରହଣ କରିନିଅନ୍ତି । ସେହି ସନ୍ଦୀପନଦ୍ୱାରାହିଁ ମନ ଓ ପ୍ରାଣ ଏକାଧାରରେ ପରମ ଚୈତନ୍ୟପୁରୁଷର ପ୍ରତିମୂର୍ତ୍ତି ରୂପ ଓ ନିୟୋଜିତ ସାଧନରୂପେ ପ୍ରକାଶିତ ହୁଅନ୍ତି । ଏହି ରୂପ ଓ ସାଧନଗୁଡ଼ିକର ମାଧ୍ୟମରେହିଁ ପରମପୁରୁଷ ଜଡ଼ବିଗ୍ରହରୂପେ ଆପଣାକୁ ପରିବ୍ୟାପ୍ତ ଏବଂ ଅଧିଷ୍ଠିତ କରି ରଖିଥା'ନ୍ତି ଏବଂ ସେହି ବିଗ୍ରହ ଧାରଣ କରି ସେ ତାଙ୍କର ବହୁଧାବିକୀର୍ଣ୍ଣ ଚେତନାକେନ୍ଦ୍ରଗୁଡ଼ିକରେ ଆପଣାକୁ ଅନାବୃତ କରିଦିଅନ୍ତି । ବିଶ୍ୱର ପ୍ରତୀକସମୂହ ଦ୍ୱାରା ଆପଣାକୁ ପ୍ରକଟ କରୁଥିବା ପରମାର୍ଥ-ସତ୍ୟପୁରୁଷଙ୍କ ଲାଗି ଏକ ଦର୍ପଣ ରୂପେ କାର୍ଯ୍ୟକରି ମନ ଆତ୍ମପରିପୂର୍ଣ୍ଣତା ଲାଭକରେ । ବିଶ୍ୱସତ୍ତାର ନିତ୍ୟନବୀନ ରୂପାୟନ ନିମିତ୍ତରେ ଦିବ୍ୟପୁରୁଷ ଆପଣାକୁ ପ୍ରତିମୂର୍ତ୍ତି କରିବାର ଯେଉଁ ପରିପୂର୍ଣ୍ଣ ଲୀଳାର ଆୟୋଜନ କରିଛନ୍ତି, ସଚେତନଭାବେ ସେଇଥିରେ ଆପଣାର ଶକ୍ତିକୁ ଢାଳିଦେଇ ପ୍ରାଣ ମଧ୍ୟ ପରିପୂର୍ଣ୍ଣତା ପାଏ ।

ଏହି ଦୃଷ୍ଟିରୁ ଭାବି ଦେଖିଲେ ଏହି ପୃଥିବୀରେ ମନୁଷ୍ୟଲାଗି ଏକ ଦିବ୍ୟ-ଜୀବନର ସମ୍ଭାବନା ରହିଛି ବୋଲି ଆମେ ନିଶ୍ଚୟ ବୋଧ କରିପାରିବା । ସେହି ସମ୍ଭାବନା ଦ୍ୱାରା ବିଶ୍ୱ ତଥା ପାର୍ଥିବ ବିବର୍ତ୍ତନର ଏକ ଜୀବନ୍ତ ଅର୍ଥ ତଥା ଏକ ବୋଧ ଉଦ୍ଦେଶ୍ୟ ରହିଛି ବୋଲି ଆବିଷ୍କାର କରି ବିଜ୍ଞାନ ଆପଣାର ଔଚିତ୍ୟ ପ୍ରମାଣ କରିବ, ଏବଂ ମାନବାତ୍ମାକୁ ଦିବ୍ୟ ଆତ୍ମାରେ ରୂପାନ୍ତରିତ କରି ସକଳ ଧର୍ମର ସେହି ମହାନ ଆଦର୍ଶ ସ୍ୱପ୍ନକୁ ମଧ୍ୟ ସଫଳତା ଆଣିଦେବ ।

କିନ୍ତୁ ଯେଉଁ ଅଚିହ୍ନ, ସକଳନିମିତ୍ତରହିତ, ଶୁଦ୍ଧ ସ୍ୱୟମ୍ଭୂ, ଓ ଆତ୍ମାରାମ-ବ୍ରହ୍ମଙ୍କୁ ଆମେ ବୈରାଗୀ ଦୃଷ୍ଟିର ପରମ ପୁରୁଷାର୍ଥ ବୋଲି ଚିହ୍ନିଥିଲେ, ତାହାପ୍ରତି ଆମର କିଭଳି ଦୃଷ୍ଟିକୋଣ ରହିବ ? ଏଠାରେ ମଧ୍ୟ ଦୁଃସମ ବିରୋଧଦ୍ୱାରା କାମ ଚଳିବ ନାହିଁ, ସମନ୍ୱୟ ଓ ସୁସମତାକୁ ଯଥାର୍ଥିମାନ୍ ସତ୍ୟରୂପେ ସ୍ୱୀକାର କରିନେବାକୁ ପଡ଼ିବ । ନିମିତ୍ତରହିତ ଏବଂ ନିମିତ୍ତରତ ବ୍ରହ୍ମର ଭାବଦୁଇଟି ପରସ୍ପରଠାରୁ ଭିନ୍ନ ନୁହେଁ ବା ପରସ୍ପରର ବିପରୀତ ନୁହେଁ । ଗୋଟିଏ ବିଶ୍ୱମାୟାକୁ ଅସ୍ୱୀକାର କରୁଛି ଓ ଅନ୍ୟଟି ତାହାକୁ ସ୍ୱୀକାର କରୁଛି; ଏଭଳି ଯୁକ୍ତିକରି ଆମେ ସେମାନଙ୍କ ମଧ୍ୟରେ କୌଣସି ସମନ୍ୱୟ ସମ୍ଭବ ନୁହେଁ ବୋଲି ଆଦୌ କହିବା ନାହିଁ । ଉଭୟେ ହେଉଛନ୍ତି ସେହି ଗୋଟିଏ ବ୍ରହ୍ମର ଦୁଇଟି ରୂପ । ଗୋଟିଏ ଭାବାତ୍ମକ, ଅନ୍ୟଟି ଅଭାବାତ୍ମକ । ଗୋଟିକ ଲାଗି ଅନ୍ୟଟିର ଅବଶ୍ୟ ପ୍ରୟୋଜନ ରହିଛି । ଯେଉଁ ଶବ୍ଦରୁ ଭୁବନଗୁଡ଼ିକର

'oaob.nitrkl.ac.in' images reprocessed

ସୃଷ୍ଟି ହେବାରେ ଲଗିଛି, ତାହା ଏହି ନୈଃଶବ୍ଦ୍ୟରୁହିଁ ଜାତ ହୋଇଛି । କାରଣ ନୈଃଶବ୍ଦ୍ୟ ମଧ୍ୟରେ ଯାହା ଆତ୍ମଗୁପ୍ତ ହୋଇ ରହିଛି, ଶବ୍ଦ ତାହାକୁହିଁ ପ୍ରକାଶ କରୁଛି । ନୈଃଶବ୍ଦ୍ୟରୂପକ ଏକ ଶାଶ୍ୱତ ନିସ୍ତାରହିତତା ଦ୍ୱାରାହିଁ ଅଗଣିତ ବ୍ରହ୍ମାଣ୍ଡରେ ଏକ ଶାଶ୍ୱତ ଦିବ୍ୟ କର୍ମର ସ୍ୱାତନ୍ତ୍ର୍ୟ ଓ ସର୍ବଶକ୍ତିମତ୍ତା ସମ୍ଭବ ହେଉଛି । କାରଣ ସେହି ଦିବ୍ୟ କର୍ମର ସ୍ଫୁରଣଗୁଡ଼ିକ ସେହି ନିର୍ବିକଳ୍ପ ପୁରୁଷର ନିରପେକ୍ଷ ନିର୍ଲିପ୍ତତାରୁହିଁ ଆପଣାର ଶକ୍ତି ଓ ତାଙ୍କର ବୈଚିତ୍ର୍ୟ ଓ ସୌଷମ୍ୟରୁ ଅନନ୍ତ ସାମର୍ଥ୍ୟ ଆହରଣ କରୁଛନ୍ତି, ତାଙ୍କର ଆପଣା ଗତିଶୀଳ ପ୍ରକୃତିର ଅନନ୍ତ ବିସୃଷ୍ଟିଲାଗି ତାଙ୍କର ସ୍ୱୀକୃତି ଲାଭ କରୁଛନ୍ତି ।

କେବଳ ଆପଣା ମଧ୍ୟରେ ବ୍ରହ୍ମର ସେହି ପରମ ପ୍ରଶାନ୍ତି ଓ ନୈଷ୍କର୍ମ୍ୟର ପରିଚୟ ପାଇଲେ ଯାଇ ମନୁଷ୍ୟ ପରିପୂର୍ଣ୍ଣତା ଲାଭ କରେ, ଏବଂ ବ୍ରହ୍ମ ସଦୃଶ ତା'ଭିତରୁ ମଧ୍ୟ ପ୍ରଶାନ୍ତ ଆନନ୍ଦର ସ୍ୱଚ୍ଛନ୍ଦ ଅନୁମୋଦନରେ କର୍ମର ଯେଉଁ ବିମୁକ୍ତ ପ୍ରବାହ ଉଚ୍ଛ୍ୱସିତ ହୁଏ, ତାହା କଦାପି ନିଃଶେଷିତ ହୁଏ ନାହିଁ । ଯେଉଁମାନେ ଆପଣା ଭିତରେ ଏହି ପ୍ରଶାନ୍ତିଟିକୁ ଲାଭ କରିଥା'ନ୍ତି, ସେମାନେ ନିଖିଳ ବିଶ୍ୱରେ ସଞ୍ଚାରିତ ହେଉଥିବା ସେହି ଚିରନ୍ତନ ଶକ୍ତିଗୁଡ଼ିକର ଧାରା ତାଙ୍କର ନୈଃଶବ୍ଦ୍ୟରୁହିଁ ନିଃସୃତ ହେଉଥିବାର ସର୍ବଦା ଅନୁଭବ କରିପାରନ୍ତି । ତେଣୁ ନିଖିଳ ନିସ୍ତାର ନିରୋଧହିଁ ସ୍ୱଭାବତଃ ନୈଃଶବ୍ଦ୍ୟ ବୋଲି କହିଲେ ନୈଃଶବ୍ଦ୍ୟ ବିଷୟରେ ଆଦୌ ସତ୍ୟ କଥା କୁହାଯିବ ନାହିଁ । କର୍ମ ଓ ନୈଷ୍କର୍ମ୍ୟ ମଧ୍ୟରେ ଦେଖାଯାଉଥିବା ଆପାତ-ବିରୋଧଟିକୁ ଆମେ ଏକ ସଙ୍କୁଚିତ ଓ ସୀମାବଦ୍ଧ ମନର ଭ୍ରାନ୍ତି ବୋଲିହିଁ କହିବା । ବ୍ୟାବହାରିକ ଜୀବନରେ ନେତି ଓ ଇତିର ଖଣ୍ଡ ଦ୍ୱନ୍ଦ୍ୱ ଭିତରେ ଅଭ୍ୟସ୍ତ ରହିଥିବା ଓ ଗୋଟିଏ କୋଟୀରୁ ହଠାତ୍ ଆଉଗୋଟିଏ କୋଟୀକୁ ଲମ୍ଫ ଦେବାରେ ଲଗିଥିବା ଆମର ମନ ଦୁଇଟିଯାକକୁ ଏକାବେଳକେ ଆବୋରି ନେଇ ପାରିବାଭଳି ଏକ ଯଥେଷ୍ଟ ପ୍ରସାରଯୁକ୍ତ ଓ ସୁଦୃଢ଼ ସମଗ୍ର ଚେତନାର କଳ୍ପନା କରିବାକୁ ଆଦୌ ସମର୍ଥ ହୁଏ ନାହିଁ । ସେହି ନିଃଶବ୍ଦ ପୁରୁଷ ବିଶ୍ୱକୁ କଦାପି ବର୍ଜନ କରନ୍ତି ନାହିଁ, ସିଏ ଏହି ବିଶ୍ୱର ଭର୍ତ୍ତା ହୋଇ ରହିଛନ୍ତି । ବା, ଆହୁରି ସ୍ପଷ୍ଟ କରି କହିଲେ, ଏକ ସୁସମ ନିଷ୍ପକ୍ଷତା ସହିତ ସେ କର୍ମପ୍ରବୃତ୍ତି ତଥା କର୍ମନିବୃତ୍ତି ଉଭୟକୁହିଁ ଧାରଣ କରି ରହିଛନ୍ତି । ପୁଣି ଯେଉଁ ସମନ୍ୱିତ ଅବସ୍ଥାକୁ ଆସି ଆତ୍ମା କର୍ମମୁକ୍ତ ରହି ମଧ୍ୟ ତଥାପି ନାନା କର୍ମରେ ବ୍ୟାପୃତ ରହିବାର ସାମର୍ଥ୍ୟ ଲାଭ କରେ, ସେଥିରେ ମଧ୍ୟ ତାଙ୍କର ଅନୁମୋଦନ ନିହିତ ରହିଛି ।

କିନ୍ତୁ ତଥାପି ପରମା ନିବୃତ୍ତି ଓ ଅସତ୍ ବିଦ୍ୟମାନ ରହିଛି । ପ୍ରାଚୀନ ଅଧ୍ୟାତ୍ମଶାସ୍ତ୍ରର ଉକ୍ତି ଅନୁସାରେ ଅସତ୍ତରୁ ସତ୍ତର ଆବିର୍ଭାବ ହୋଇଛି । ( ଅସଦ୍ ବା ଇଦମଗ୍ରେ ଆସୀତ୍ । ତତୋ ବୈ ସଦଜାୟତ,—ତୈତ୍ତିରୀୟ ଉପନିଷଦ, ୨।୭ )

'oaob.nitrkl.ac.in' images reprocessed

ଏବଂ ପରିଶେଷରେ ଏହି ଅସତ୍‌ରେହିଁ ସତ୍ତାର ବିଲୟ ଘଟିବ । ଅନିର୍ଦ୍ଦେଶ୍ୟ ଓ ଅବ୍ୟାକୃତ ସତ୍‌ସ୍ୱରୂପରୁ ଯଦି ବହୁଧା ବ୍ୟାକୃତି ସମ୍ଭବ ହେଉଛି, ତେବେ ସତ୍‌ର ପ୍ରାକ୍‌ଅବସ୍ଥାରୂପେ କଥିତ ସେହି ଅନାଦି ଏକକ ସତ୍ୟ ଅସତ୍ ଏକ ବାସ୍ତବ ପୃଥିବୀର ସକଳ ସମ୍ଭାବନାକୁ ଖଣ୍ଡନ ଓ ବର୍ଜନ କରି ପକାଉନାହିଁ କି ? ସେହି ସ୍ଥଳରେ ବୈନାଶିକ ବୌଦ୍ଧମତର ଶୂନ୍ୟକୁହିଁ ବୈରାଗୀର ରୁଚିସମ୍ମତ ସମାଧାନରୂପେ ମାନିନେବାକୁ ପଡ଼ିବ, ସେତେବେଳେ ଅହଂପରି ଆତ୍ମାକୁ ମଧ୍ୟ କେବଳ ଏକ ଭ୍ରାନ୍ତିମୂଳକ ଇନ୍ଦ୍ରିୟସମ୍ବନ୍ଧୀ ଚେତନାର ବିକଳ୍ପନା ବୋଲି କହିବାକୁ ପଡ଼ିବ ।

କିନ୍ତୁ ଏଠାରେ ମଧ୍ୟ ଆମେ ଶବ୍ଦଜାଲର କୁହୁକରେ ପଡ଼ି ପଥଭ୍ରଷ୍ଟ ହୋଇଯାଉଛୁ, ସଂକୀର୍ଣ୍ଣ ସୀମାବଦ୍ଧତା ଭିତରେ ବିଚରଣ କରୁଥିବା ଆମର ଯେଉଁ ମନ ରୁଚିଆ ଶାବ୍ଦିକ ପାର୍ଥକ୍ୟ ଉପରେ ଅତିରିକ୍ତ ବିଶ୍ୱାସ ରଖିବାକୁ ଭଲ ପାଏ ଏବଂ ସେହି ପାର୍ଥକ୍ୟଗୁଡ଼ିକହିଁ ଚରମ ସତ୍ୟର ପ୍ରକାଶ କରନ୍ତି ବୋଲି ଭ୍ରମ କରେ, ତାହାର ତୀକ୍ଷ୍ଣ ବିରୋଧବୁଦ୍ଧିର ପ୍ରବଞ୍ଚନାରେ ପଡ଼ିଯାଉଛୁ । ଅତିମାନସର ଅନୁଭୂତିକୁ ମଧ୍ୟ ଏହି ମନ କେବଳ ପରିସ୍ଥିତିକୁ ଆଦୌ ସହିପାରୁ ନଥିବା ବିରୋଧର ଭ୍ରମାର୍ଥ ଦେଇ ବ୍ୟାଖ୍ୟା କରିବାର ଚେଷ୍ଟା କରିଥାଏ । ଅସତ୍ ହେଉଛି କେବଳ ଏକ ଶବ୍ଦ ମାତ୍ର । ଏହି ଶବ୍ଦଟି ପ୍ରତିନିଧିତ୍ୱ କରୁଥିବା ପ୍ରକୃତ ସତ୍ୟକୁ ପରୀକ୍ଷା କରି ଦେଖିଲେ ଆମେ ଶାଶ୍ୱତ ଆତ୍ମାର କଳ୍ପନା ପରି ପରମ ଅସତ୍‌କୁ ମଧ୍ୟ ମନର ଏକ ବିକଳ୍ପ ବୋଲି ଜାଣିବାକୁ ପାଇବା । ଏହି ଜଗତର ଜ୍ଞାନ ବା କଳ୍ପନାର ପରିମାପକରେ ବସ୍ତୁସତ୍ତାର ସୂକ୍ଷ୍ମତମ ନିର୍ବିଶେଷ ଅନୁଭବ ଓ ବିଶୁଦ୍ଧତମ ଧାରଣାକୁ ଯେଉଁ ଚରମ ଶବ୍ଦର ମାଧ୍ୟମରେ ପ୍ରକାଶ କରାଯାଇପାରେ, ଅସତ୍ କହିଲେ ଆମେ ପ୍ରକୃତରେ ତାହାର ଅତୀତ ଏକ ସ୍ଥିତିକୁହିଁ ବୁଝିଥାଉ । ତେଣୁ ଏହି ଅସତ୍ ହେଉଛି ଏକ ସତ୍, ଯାହାକି ଭାବାତ୍ମକ ସକଳ କଳ୍ପନାର ଅତିରିକ୍ତ । ଆମେ ଯାହାକିଛି ଜାଣି ପାରିବା ଅଥବା ସଚେତନ ଭାବେ ଯାହାକିଛି ହୋଇପାରିବା, ସେହି ସବୁଗୁଡ଼ିକୁ ଅତିକ୍ରମ କରି ଚାଲିଯାଇ ପାରିବାକୁହିଁ ଆମେ ଅସତ୍‌ର ଏକ ବିକଳ୍ପରୂପେ ଗଢ଼ି ଠିଆ କରି ରଖିଛୁ । କତିପୟ ଦାର୍ଶନିକ ମତରେ ବର୍ଣ୍ଣିତ ଶୂନ୍ୟ କଳ୍ପନାକୁ ପ୍ରକୃତରେ ଗମ୍ଭୀରଭାବେ ପରୀକ୍ଷା କରି ଦେଖିଲେ ଆମେ ବୁଝିବାକୁ ଆରମ୍ଭ କରିବା ଯେ ଏହି ଶୂନ୍ୟ ହେଉଛି ପୂର୍ଣ୍ଣର ଏକ ନାମାନ୍ତର ମାତ୍ର । କେବଳ ସୀମାବଦ୍ଧର ଧାରଣା କରିବାକୁ ମନର ସାମର୍ଥ୍ୟ ରହିଥିବାରୁ ପୂର୍ଣ୍ଣ ଅର୍ଥାତ୍ ଅନିର୍ବଚନୀୟ ଅନନ୍ତ ତାକୁ ଏକ ଶୂନ୍ୟସ୍ଥାନ ପରି ପ୍ରତୀତ ହୋଇଥାଏ । ମାତ୍ର ବସ୍ତୁତଃ ଏହି ଅସତ୍ ହେଉଛି ଏକମାତ୍ର ଯଥାର୍ଥ ସତ୍ ।*

* ଅଉ ଗୋଟିଏ ଉପନିଷଦ ଅସତରୁ ସତର ଉତ୍ପତ୍ତି ହୋଇଛି ବୋଲି ରହିଥିବା ଅନୁମାନଟିକୁ ଅସମ୍ଭବ କହି ବର୍ଜନ କରିଦେଇଛି । ଏହା ମତରେ କେବଳ ସତ୍‌ରୁହିଁ ସତର

ଏବଂ ଅସତ୍‌ରୁ ସତ୍‌ର ଆବିର୍ଭାବ ହୋଇଛି ବୋଲି କହିଲାବେଳେ ଆମେ ବେଶ୍ ଜାଣିବାକୁ ପାଇବା ଯେ ଆମେ ଏହାଦ୍ୱାରା କାଳର ଅବଲମ୍ବନ ଦ୍ୱାରା କାଳାତୀତର ବର୍ଣ୍ଣନା କରିବାକୁ ଚେଷ୍ଟା କରୁଛୁ । କାରଣ ଶାଶ୍ୱତ ଅସତ୍‌ର ଇତିହାସରେ ପ୍ରକୃତରେ ଯେଉଁ ପରମ-କ୍ଷଣରେ ଏଥିରୁ ସତ୍‌ର ଉତ୍ପତ୍ତି ହୋଇଛି, କିମ୍ବା ଯେଉଁ କାଳ-ମୁହୂର୍ତ୍ତରେ ଶାଶ୍ୱତ ଶୂନ୍ୟର ଗର୍ଭରେ ଏକ ଅବାସ୍ତବ ସତ୍‌ର ପୁନର୍ବିଲୟ ଘଟିବ, ସେହି ମୁହୂର୍ତ୍ତଟି ମଧ୍ୟ ପ୍ରକୃତରେ କେବେ ଆସିବ ? ସତ୍ ତଥା ଅସତ୍ ଦୁଇଟିଯାକ ତତ୍ତ୍ୱକୁ ସ୍ୱୀକାର କରିନେଇ ପାରିବାକୁ ହେଲେ କେବଳ ଯୁଗପତ୍-ଭାବେହିଁ ଦୁହିଁଙ୍କୁ ମାନିନେବାକୁ ହେବ । ସେମାନେ ପରସ୍ପର ଭିତରେ ଲୀନ ହୋଇଯିବାକୁ ନାସ୍ତି କରନ୍ତୁ ପଛେ, ମାତ୍ର ପରସ୍ପର ଲାଗି ବାଟ ଛାଡ଼ିଦିଅନ୍ତୁ । କେବଳ କାଳବାଚକ ଭାଷା ବ୍ୟତୀତ ଅନ୍ୟ ପ୍ରକାରେ ପ୍ରକାଶ କରିବାଲାଗି ଆମର ସାମର୍ଥ୍ୟ ନ ଥିବାରୁ ଆମେ ଉଭୟଙ୍କୁ ଶାଶ୍ୱତବୋଲିହିଁ କହିବା । ତାହାହେଲେ, ଶାଶ୍ୱତ ସତ୍ ବୋଲି ଯଥାର୍ଥରେ କିଛି ନାହିଁ, କେବଳ ଶାଶ୍ୱତ ଅସତ୍‌ହିଁ ରହିଛି, ଏପରି କହିବା ଲାଗି ଆଉ କାହାର ବୁଦ୍ଧି ରହିବ ? ଆମର ସକଳ ଅନୁଭୂତିକୁ ଏହିପରି ଭାବରେ ନାସ୍ତିର ହାତକୁ ଟେକିଦେଲେ ସେଗୁଡ଼ିକର କାରଣ ନିର୍ଣ୍ଣୟ କରିପାରୁଥିବା ଏକ ସମାଧାନ ଆମକୁ ଆଉ କିପରି ମିଳିବ ?

ପରମାର୍ଥ-ସତ୍ ସ୍ୱରୂପତଃ ଅବିଜ୍ଞେୟ । ବିଶ୍ୱସମୂହର ସ୍ୱତନ୍ତ୍ର ଅଧିଷ୍ଠାନରୂପେ ସେ ଯେତେବେଳେ ଆପଣାକୁ ବିଦିତ କରାନ୍ତି, ସେତେବେଳେ ଆମେ ତାଙ୍କୁ ଶୁଦ୍ଧ ସତ୍-ସ୍ୱରୂପ ବୋଲି କହୁ । ଏବଂ ବିଶ୍ୱର ସମୂହରୁ ନିର୍ମୁକ୍ତ ତାଙ୍କର ପରମ ସ୍ୱାତନ୍ତ୍ର୍ୟକୁହିଁ ଶୁଦ୍ଧ ଅସତ୍-ରୂପ ବୋଲି କହୁ । ଏହି ଦ୍ୱିତୀୟ ସ୍ୱାତନ୍ତ୍ର୍ୟଟିର ଅର୍ଥ ହେଉଛି : ବିଶ୍ୱମଧ୍ୟରେହିଁ ତାଙ୍କର ସ୍ୱରୂପ-ସତ୍ତାକୁ ବୁଝିବାକୁ ଯାଇ ଆମେ ସୂକ୍ଷ୍ମରୁ ସୂକ୍ଷ୍ମ ଓ ତୁରୀୟରୁ ତୁରୀୟ ଯେତେଯେତେ ନିରୁପାଧିକ ତଥା ସ୍ୱୀକାରାତ୍ମକ ଭାବନାମାନ କରିବାକୁ ଚେଷ୍ଟା କରୁ ନା କାହିଁକି, ସେ ସେଥିରୁ ମଧ୍ୟ ସ୍ୱତନ୍ତ୍ର ରହିଛନ୍ତି । ସେଗୁଡ଼ିକ

---

ଜନ୍ମ ହୋଇପାରେ । ମାତ୍ର ଅସତ୍‌କୁ ଏକ ସତ୍ତାହୀନ ଶୂନ୍ୟ ଅର୍ଥରେ ନବୁଝି ସତ୍ତା ସମ୍ବନ୍ଧରେ ଆମର ସକଳ ଧାରଣା କିମ୍ବା ଅଭିଜ୍ଞତାର ଅତୀତ ଏକ ସଙ୍କେତାତ୍ମକ ତତ୍ତ୍ୱ ଅର୍ଥରେ ବୁଝିଲେ ଆଉ ଉପନିଷଦ-କଳ୍ପିତ ଅସମ୍ଭାବ୍ୟତାର ପ୍ରଶ୍ନ ଆଦୌ ଉଠିବ ନାହିଁ । ଅଦ୍ୱୈତବାଦର ପରଂବ୍ରହ୍ମ ତଥା ବୌଦ୍ଧମାନଙ୍କର ଶୂନ୍ୟକଳ୍ପନାରେ ଯେଉଁ ଅର୍ଥର ପ୍ରୟୋଗ କରାଯାଇଥାଏ, ଏହାକୁ ମଧ୍ୟ ସେହି ଅର୍ଥରେ ବୁଝିବାକୁ ହେବ । ତତ୍-ସ୍ୱରୂପ ଏହି ଅସତ୍‌ରୁ ବିବର୍ତ୍ତ କିମ୍ବା ପରିଣାମବାଚକ ମାୟାଦ୍ୱାରା ଅଥବା ଆପଣା ଭିତରୁ ସୃଷ୍ଟିକରି ଆପଣାକୁ ପ୍ରକାଶିତ କରିବାର କାମ୍ୟମଦ୍ୱାରା ବଶବର୍ତ୍ତୀ ହୋଇ ସତ୍‌ର ଆବିର୍ଭାବ ହେବା ଆଦୌ ଅସମ୍ଭବ ନୁହେଁ ।

'oaob.nitrkl.ac.in' images reprocessed

ଯେ ତାଙ୍କର ଯଥାର୍ଥ ପରିପ୍ରକାଶ, ସେକଥା ସେ କଦାପି ଅସ୍ୱୀକାର କରନ୍ତି ନାହିଁ; ମାତ୍ର ଯାବତୀୟ ଯେକୌଣସି ପରିପ୍ରକାଶର ସୀମା ଭିତରେ ଯେ ତାଙ୍କୁ କେବେହେଲେ ବାନ୍ଧି ବାଡ଼ ଦେଇ ରଖାଯାଇ ପାରିବ, ସେ ସର୍ବଥା ତାହାର ଖଣ୍ଡନ କରିଥା'ନ୍ତି । ନୈଃଶବ୍ଦ୍ୟ ଭିତରୁ ସୃଷ୍ଟିବିସ୍ତାର ଲୀଳା ସ୍ଫୁରିତ ହେଲାପରି ଅସତ୍ତ୍ୱରୁ ସତ୍ତ୍ୱର ସ୍ଫୁରଣ ହୁଏ । ତେଣୁ ଏକକାଳୀନ ରୂପେ କଳ୍ପନା କରାଯାଉଥିବା ଏହି ନେତି ଓ ଇତି ପରସ୍ପରକୁ କଦାପି ଗିଳି ପକାନ୍ତି ନାହିଁ, ସେମାନେ ପରସ୍ପରର ପରିପୂରକ ହୋଇ ରହନ୍ତି; ଅନ୍ୟ ସକଳ ପରସ୍ପର-ବିରୋଧୀ ତତ୍ତ୍ୱପରି ପରସ୍ପରର ପରିପୂରକ ହୋଇ ରହନ୍ତି । ସଚେତନ ଆତ୍ମ-ସତ୍ତା ତଥା ଚେତନାତୀତ ଅବିଜ୍ଞେୟ ଉଭୟଙ୍କୁ ଏକାଧାରରେ ସତ୍ୟ ବୋଲି ଜାଣିବା ଓ ଉପଲବ୍ଧି କରିବା କେବଳ ଜାଗ୍ରତ ମନୁଷ୍ୟାତ୍ମା ପାଇଁ ସମ୍ଭବ ହୋଇଥାଏ । ଠିକ୍ ଏହି ରୀତିରେହିଁ ବୁଦ୍ଧଦେବଙ୍କ ପକ୍ଷରେ ନିର୍ବାଣ ଲାଭ କରିବା ସମ୍ଭବ ହୋଇଥିଲା, ଏବଂ ତଥାପି ଅମିତ ଶକ୍ତିରେ ସଂସାରରେ ରହି କାର୍ଯ୍ୟ କରିବା ମଧ୍ୟ ସମ୍ଭବ ହୋଇଥିଲା । ଆପଣାର ଅନ୍ତର୍ଗତ ଚେତନାରେ ସେ ନୈର୍ବ୍ୟକ୍ତିକ ହୋଇ ରହିଥିଲେ, ଏବଂ ସଂସାରବୃତ୍ତର କର୍ମମୟ ସାର୍ଥକ ନିର୍ବାହରେ ବଳିଷ୍ଠତମ ବ୍ୟକ୍ତିତ୍ୱର ଚରମ ଚମତ୍କାର ମଧ୍ୟ ଦେଖାଇ ପାରିଥିଲେ ।

ଆମେ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକ ଆମ ଆଗରେ ଦେଖାଉଥିବା ପ୍ରତୀକ ପଛରେ କେତେ ଯେ ଭାବର ଦୈନ୍ୟ ଲୁଚି ରହିଥାଏ ଏବଂ ସୂକ୍ଷ୍ମତାର ଛଳନା କରି ସେମାନେ ଯେ କିପରି ଆମକୁ ପଥଭ୍ରଷ୍ଟ କରିନଅନ୍ତି ଓ ଅଡ଼ୁଆରେ ପକାଇ ଦିଅନ୍ତି, ଏହିସବୁ ବିଷୟରେ ଗଭୀରଭାବେ ଚିନ୍ତା କଲେ ଆମେ ସେସବୁ ବୁଝିବାକୁ ଆରମ୍ଭ କରିଥାଉ । ଆମର ବ୍ୟକ୍ତିମନ ବଡ଼ ଅଭ୍ୟସ୍ତଭାବେ ଅବିଜ୍ଞେୟ ସତ୍ତାର କେବଳ ଗୋଟିଏ ଦିଗ ଉପରେ ଭାବିଲା ବେଳକୁ ଅନ୍ୟ ସକଳ ଦିଗଗୁଡ଼ିକୁ ଅସ୍ୱୀକାର କରିଥାଏ ବା ସେଗୁଡ଼ିକର ମୂଲ୍ୟକୁ ଗୌଣ କିମ୍ବା ହେୟ ମଧ୍ୟ କରିପକାଏ । ଅନୁଭୂତିର ଏହି ସଙ୍କୀର୍ଣ୍ଣତା ହେତୁ ଯେ ଆମେ ବ୍ରହ୍ମଙ୍କୁ ମଧ୍ୟ ନାନା ସୀମାର ବେଢ଼ାଭିତରେ ବାନ୍ଧିରଖୁ, ସତ୍ୟଦୃଷ୍ଟିରେ ଦେଖିଲେ ଆମେ ସେକଥା ମଧ୍ୟ ଜାଣିବାକୁ ଆରମ୍ଭ କରୁ । ପରମ-ପୁରୁଷଙ୍କ ବିଷୟରେ ଆମେ ଯେତିକିମାତ୍ର ଜାଣିବାକୁ ବା କଳ୍ପନା କରିବାକୁ ସମର୍ଥ ହେଉ, ଆପଣାର ନିର୍ଦ୍ଦିଷ୍ଟ ଆପେକ୍ଷିକତାର ରଙ୍ଗରେ ଆମେ ତାହାକୁ ଅତି ରକ୍ଷଣଶୀଳ ଭାବେ ରଙ୍ଗାଇ ଦେବାକୁ ଚେଷ୍ଟା କରୁ । ଆମ ନିଜ ମତ ଓ ଆଂଶିକ ଅନୁଭୂତି-ଗୁଡ଼ିକର ଅଂହକାରିତାକୁ ଅନ୍ୟମାନଙ୍କର ମତ ଓ ଆଂଶିକ ଅନୁଭୂତିର ସମ୍ମୁଖରେ ଏକ ବିଶେଷ ସ୍ଥାନଦେଇ ପ୍ରତିଷ୍ଠିତ କରି ଦେଖାଇବାର ଅତ୍ୟୁତ୍ସାହରେ ପଡ଼ିବା ସଙ୍ଗେ ସଙ୍ଗେ ଆମେ ତେଣେ ଏକ ଓ ଅଦ୍ୱିତୀୟର ବି ପ୍ରଚାର କରିବାରେ ଲାଗିଥାଉ । ତେଣୁ ସହିଷ୍ଣୁ ହେବାକୁ ହେବ, ଶିକ୍ଷାର୍ଥୀର ବିନୟ ରଖିବାକୁ ହେବ, ଏବଂ

'oaob.nitrkl.ac.in' images reprocessed

ଆପଣାର ଅନୁଭୂତିକୁ ଉନ୍ନୀତ କରିବାକୁ ହେବ । ତାହାହିଁ ବିଜ୍ଞୋଚିତ କର୍ତ୍ତବ୍ୟ । ଆତ୍ମ-ପରିପୂର୍ତ୍ତିତା ସକାଶେ ଆମକୁ ଭାଷାତୀତକୁ ଭାଷାଦ୍ୱାରା ବର୍ଣ୍ଣନା କରିବାକୁହିଁ ପଡ଼ିବ । ତେଣୁ ଆପଣା ପରିଚୟର ସକଳ ବାଣୀକୁ ଯଥାସମ୍ଭବ ଅଧିକ ପ୍ରସାରିତ, ଅଧିକ ସ୍ୱଚ୍ଛନ୍ଦ ଓ ଉଦାର କରିପାରିବା ଏବଂ ତାହାର ଉପରେହିଁ ବୃହତ୍ତମ ଓ ସମଗ୍ରତମ ସମନ୍ୱୟଟିକୁ ପ୍ରତିଷ୍ଠିତ କରି ପାରିବାର ଦକ୍ଷତା ଅର୍ଜନ କରିବାକୁ ପଡ଼ିବ ।

ତେଣୁ ଆମେ ସ୍ୱୀକାର କରୁଛୁ ଯେ ବ୍ୟକ୍ତିର ଚେତନା ଏପରି ଏକ ଅବସ୍ଥାରେ ଆସି ପହଞ୍ଚିପାରିବ, ଯେଉଁଠାରେକି ଜୀବନର ସକଳ ଆପେକ୍ଷିକତା ବିଲୀନ ହୋଇଯିବ, ଏବଂ ଆତ୍ମାର ଫଙ୍କାଟି ମଧ୍ୟ ବଡ଼ ଅପୂର୍ଣ୍ଣ ବୋଲି ମନେହେବ । ନୈଃଶବ୍ଦ୍ୟକୁ ପାର ହୋଇ ଆଉ ଏକ ନୈଃଶବ୍ଦ୍ୟରେ ମଧ୍ୟ ପ୍ରବେଶ କରିବାର ସମ୍ଭାବନା ରହିଛି । ମାତ୍ର ଏହାକୁ ମଧ୍ୟ ଆମ ଚରମ ଅନୁଭବର ସମଗ୍ର ସମ୍ପଦ ବୋଲି କଦାପି କୁହାଯାଇ ପାରିବ ନାହିଁ, କିମ୍ବା ଆପଣାଭିତରୁ ସବୁକିଛି ବହିଷ୍କୃତ କରି ରଖୁଥିବା ଏକକ ସତ୍ୟକୁ ମଧ୍ୟ ସମଗ୍ର ସମ୍ପଦ ବୋଲି କୁହାଯାଇ ପାରିବ ନାହିଁ । କାରଣ ଏହି ନିର୍ବାଣ ବା ଆତ୍ମନିର୍ବାପନ ଦ୍ୱାରା ଅନ୍ତରସ୍ଥ ଆତ୍ମାଲାଗି ପରମ ପ୍ରଶାନ୍ତି ଓ ସ୍ୱତନ୍ତ୍ରତା ଲବ୍ଧ ହୋଇଥାଏ, ଏବଂ ତଥାପି ସେହି ଅବସ୍ଥାରେ ଥାଇ ମଧ୍ୟ ବ୍ୟାବହାରିକ ଜୀବନରେ କାମନାହୀନ ଅଥଚ ଫଳପ୍ରସୂ କର୍ମ କରିଯିବା ନିଶ୍ଚୟ ସମ୍ଭବ ହୁଏ । ଅନ୍ତର ଭିତରେ ସମ୍ପୂର୍ଣ୍ଣ ନିଶ୍ଚଳ ଏକ ନୈର୍ବ୍ୟକ୍ତିକତା ଏବଂ ଶକ୍ତି ସ୍ଥିରତା ବିରାଜମାନ କରୁଥିବ, ତଥାପି ବହିର୍ଜଗତର ଜୀବନରେ ମନୁଷ୍ୟ ପ୍ରେମ, ସତ୍ୟ ତଥା ଶୀଳ—ଏହି ଶାଶ୍ୱତ ମୂଲ୍ୟଗୁଡ଼ିକର ପରିଚର୍ଯ୍ୟା କରି ଯାଉଥିବ,—ସମ୍ଭବତଃ ଏହାହିଁ ବୁଦ୍ଧୋପଦେଶର ଯଥାର୍ଥ ମର୍ମ ଥିଲା । ଅହଂର ଜାଲଭିତରୁ, ବ୍ୟକ୍ତିଗତ କର୍ମଚକ୍ରର ଶୃଙ୍ଖଳରୁ ଏବଂ କ୍ଷଣଭଙ୍ଗୁର ନାମରୂପର ଅନୁଲିପ୍ତତାରୁ ମୁକ୍ତ ହୋଇ ବିଚରଣ କରିବାଲାଗି ବୁଦ୍ଧଦେବଙ୍କର ଧର୍ମ ପ୍ରେରଣା ଦେଇଥିଲା, କେବଳ ସ୍ଥୂଳ ଦେହଧାରଣର ଦୁଃଖ ଓ ଜଞ୍ଜାଳଭିତରୁ କାପୁରୁଷ ପରି ପଳାଇଯିବା ଲାଗି ତାହା କୌଣସି ନିକୃଷ୍ଟ ଆଦର୍ଶର ପ୍ରଚାର କରି ନଥିଲା । ଅସଲ କଥା ହେଉଛି, ପରିପୂର୍ଣ୍ଣ ମନୁଷ୍ୟ ଯେପରି ଆପଣା ଜୀବନରେ ନୈଃଶବ୍ଦ୍ୟ ଓ କର୍ମତତ୍ପରତାର ସମନ୍ୱୟ ସମ୍ଭବ କରିବ, ସମ୍ପୂର୍ଣ୍ଣ ସଚେତନ ଆତ୍ମା ମଧ୍ୟ ସେହିପରି ଅସମ୍ଭୂତିର ପରମ ସ୍ୱାତନ୍ତ୍ର୍ୟ ଭିତରକୁ ଫେରିଯିବ, କିନ୍ତୁ ସେଥିଲାଗି ସେ ସମ୍ଭୂତି ଓ ବିଶ୍ୱଭୁବନରୁ ମଧ୍ୟ ଆପଣାର ଖିଅକୁ ଛୁଡ଼ାଇ ଦେବ ନାହିଁ । ଏହିପରି ଭାବରେ ସେ ଆପଣାଭିତରେ ଦିବ୍ୟ ସତ୍ତାର ଚିରନ୍ତନ ବିଶ୍ୱମୟ ଲୀଳାଚମତ୍କାରକୁ ବାରମ୍ବାର ଫୁଟାଇ ଚାଲିଥିବ । ସେହି ଲୀଳା ଯେ କେବଳ ସକଳ ବିଶ୍ୱରେ ପୂରିରହିଛି, ତାହା ନୁହେଁ; ତାହା ବିଶ୍ୱାତୀତ ହୋଇ ମଧ୍ୟ ରହିଛି, ସେ ତଥବା ଲୀଳାମୟଙ୍କୁ ଅତିକ୍ରମ କରି ମଧ୍ୟ ସେହି ଲୀଳା ଚାଲିଛି । ମାତ୍ର ବିନାଶର ଅନୁଭୂତି

ତାହାର ସମ୍ପୂର୍ଣ୍ଣ ବିପରୀତ; ସେଥିରେ କେବଳ ଅସତ୍ ଲାଗିହିଁ ବ୍ୟକ୍ତି-ମନର ସକଳ ଏକାଗ୍ରତା ଉଦ୍ଦିଷ୍ଟ ହୋଇ ରହିଛି । ତାହାଫଳରେ ବ୍ୟକ୍ତି ବିଶ୍ୱସୃଷ୍ଟିରୁ ଆପଣାକୁ ବିସ୍ମୃତ କରିରଖେ ଓ ଆପଣାକୁ ପ୍ରତ୍ୟାହାର କରି ଆଣେ, ମାତ୍ର ତେଣେ ପରମାର୍ଥ-ସତ୍ତ୍ୱର ଶାଶ୍ୱତ ଚେତନାରେ ବିଶ୍ୱସୃଷ୍ଟିର ସତତ ଲୀଳା ଅବିରାମ ଭାବରେ ଲାଗି ରହିଥାଏ ।

ଏହିପରି ଭାବରେ ବିଶ୍ୱଚେତନା ଭିତରେ ଚିତ୍ ଓ ଜଡ଼ର ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱର ସମାଧାନ କରି ଆମେ ବିଶ୍ୱୋତ୍ତୀର୍ଣ୍ଣ ଚେତନା ଭିତରେ ସକଳ ଇତି ଓ ନେତିର ପରମ ସମନ୍ୱୟ ଅନୁଭବ କରିଥାଉ । ଆମେ ଆବିଷ୍କାର କରୁ ଯେ ଇତିବାଦ ଦ୍ୱାରା ଆମେ ପରମ ଅବିଜ୍ଞେୟର ସ୍ଥିତି ଓ ସ୍ପନ୍ଦନଲୀଳାକୁହିଁ ଘୋଷଣା କରିବାକୁ ଚାହୁଁ, ଏବଂ ନେତିବାଦ ଦ୍ୱାରା ସେହି ସ୍ଥିତି ଓ ସ୍ପନ୍ଦନଲୀଳାରୁ ଏବଂ ସେହି ସ୍ଥିତି ଓ ସ୍ପନ୍ଦନଲୀଳା ମଧ୍ୟରେ ତାଙ୍କର ସ୍ୱାତନ୍ତ୍ର୍ୟକୁହିଁ ବୁଝାଇଦେବାକୁ ଇଚ୍ଛା କରିଥାଉ । ଏହି ଅବିଜ୍ଞେୟ ପୁରୁଷ ଆମର କଳନାରେ ସର୍ବୋଚ୍ଚ ଓ ଅନିର୍ବଚନୀୟ ଏକ ପରମଆଶ୍ଚର୍ଯ୍ୟ ରୂପେ ଅନୁଭୂତ ହୋଇଥା'ନ୍ତି । ପ୍ରତ୍ୟେକ ମୁହୂର୍ତ୍ତରେ ସେ ଏହି ଚେତନାରେ ବହୁ ବିଚିତ୍ରରୂପେ ରୂପାୟିତ ହେଉଥିଲେ ମଧ୍ୟ ସେ ପ୍ରତିମୁହୂର୍ତ୍ତରେ ସ୍ୱସୃଷ୍ଟ ରୂପାୟନ-ଗୁଡ଼ିକର ଅତିରିକ୍ତ ଭାବେ ରହିଥା'ନ୍ତି । ଆମକୁ ମିଥ୍ୟାଭିତରୁ ଆଉ କୌଣସି ବୃହତ୍ତର ମିଥ୍ୟାଭିତରକୁ ପ୍ରଲୁବ୍ଧ କରିନେବାକୁ ଏବଂ ପରିଶେଷରେ ଆମକୁ ଏକ ପରମା ବିନଷ୍ଟିରେ ନେଇ ପକାଇଦେବାକୁ ସେ କୌଣସି ଅନିଷ୍ଟମୂଳକ ଅଭିସନ୍ଧି ରଖି କୌଣସି କୁହୁକ ଦେଖାଉଥିବା ଯାଦୁକର ପରି ଖାମଖିଆଲି ଭାବରେ ଏପରି କରନ୍ତି ନାହିଁ । ମାତ୍ର ଏହି ସଂସାରରେ ମଧ୍ୟ ଆମର ସକଳ ବିବେକ ଉପରେ ପରମ ପ୍ରଜ୍ଞାରୂପେ ପ୍ରତିଷ୍ଠିତ ରହି ସେ ଆମକୁ ସତ୍ୟରୁ ଆହୁରି ଅଧିକ ଗଭୀର ଓ ଅଧିକ ବିସ୍ତୃତ ସତ୍ୟ-ଭୂମି ଆଡ଼କୁ ପରିଚାଳିତ କରି ନିଅନ୍ତି । ତାଙ୍କରି ପରିଚାଳନାରେହିଁ ଆମେ ଆମର ଗଭୀରତମ ଓ ବିସ୍ତୃତତମ ସତ୍ୟରେ ପ୍ରବିଷ୍ଟ ହେବାକୁ ସମର୍ଥ ହୋଇ-ଥାଉ । ଦୁରପନେୟ ବିଭ୍ରମର ଏକ ସର୍ବଗତ କାରଣରୂପେ ନୁହେଁ, ମାତ୍ର ଏକ ସର୍ବଗତ ସତ୍ୟସ୍ୱରୂପଙ୍କୁହିଁ ଆମେ ବ୍ରହ୍ମ ବୋଲି ବୁଝିବା ।

ଆମର ସୌଷମ୍ୟଧାରଣା ଲାଗି ଯଦି ଏହିପରି ଭାବରେ ଆମେ ଗୋଟିଏ ଭାବାତ୍ମକ ଭୂମିକୁ ମାନିନେଉ, (ଏହା ବ୍ୟତୀତ ସୌଷମ୍ୟର ଆଧାର ଆଉ କ'ଣ ହୋଇପାରିବ ?) ତେବେ ଅବିଜ୍ଞେୟ ସମ୍ବନ୍ଧରେ ସଂକଳ୍ପିତ ସକଳ ଭାବନାକୁ ଆମେ ପରସ୍ପର-ସମ୍ବନ୍ଧିତ ଭାବରେହିଁ ଗ୍ରହଣ କରିନେବା, ଜୀବନଉପରେ ସେଗୁଡ଼ିକର ପ୍ରଭାବକୁ ମଧ୍ୟ ଗ୍ରହଣ କରିନେବା । କାରଣ ସେଗୁଡ଼ିକ ପ୍ରତ୍ୟେକେ ଆମ କଳ୍ପନାର

'oaob.nitrkl.ac.in' images reprocessed

ଅଗୀତ ଗୋଟିଏ ଗୋଟିଏ ସତ୍ୟରହିଁ ପ୍ରତନଧିତ୍ୱ କରୁଛନ୍ତି । ତେଣୁ ସେଗୁଡ଼ିକୁ ଆମେ ବିଚ୍ଛିନ୍ନଭାବେ କଳ୍ପନା କରିବା ନାହିଁ, ବା କୌଣସି ଗୋଟିକୁ ଅତିରକ୍ତ ପ୍ରଧାନତା ଦେଇ ଅନ୍ୟଗୁଡ଼ିକୁ କାଟି ପକାଇବା ନାହିଁ ବା ସେଗୁଡ଼ିକର ମହତ୍ତ୍ୱକୁ ଅଯଥା ହ୍ରାସ କରି ଦେବାନାହିଁ । ଯଥାର୍ଥ ଅଦ୍ୱୈତବାଦ ଯାବତୀୟ ସକଳକୁହିଁ ଏକ ବ୍ରହ୍ମ ରୂପେ ଗ୍ରହଣ କରିଥାଏ । ଆପଣାର ତତ୍ତ୍ୱକୁ ତାହା ଶାଶ୍ୱତସତ୍ୟ-ଶାଶ୍ୱତ ମିଥ୍ୟା, ବ୍ରହ୍ମ-ଅବ୍ରହ୍ମ, ଆତ୍ମା-ଅନାତ୍ମା, ଯଥାର୍ଥ ଆତ୍ମା ଓ ଅଯଥାର୍ଥ ଅଥଚ ଶାଶ୍ୱତ ମାୟା,—ଏହିଭଳି ଦୁଇଦୁଇଟିର ଏକାନ୍ତବିରୁଦ୍ଧ ତତ୍ତ୍ୱରେ କଦାପି ବିଭକ୍ତ କରି ଦିଏ ନାହିଁ । ଯଦି ଆତ୍ମାହିଁ ଏକମାତ୍ର ସତ୍ୟ ହୁଏ, ତେବେ ଯାବତୀୟ ସକଳକୁ ମଧ୍ୟ ଆତ୍ମା ବୋଲି ଅନୁଭବ କରିବାକୁ ପଡ଼ିବ । ଏବଂ ଏହି ଆତ୍ମା, ଭଗବାନ କିମ୍ବା ବ୍ରହ୍ମ ଯଦି ଏକ ଅସହାୟ ସ୍ଥିତି, ସୀମାଶୂନ୍ୟ ଶକ୍ତି କିମ୍ବା ସୀମିତ ବ୍ୟକ୍ତିତ୍ୱ ନ ହୋଇ ସ୍ୱୟଂପ୍ରଜ୍ଞ ସର୍ବମୟର ବାଚକ ହୁଅନ୍ତି, ତେବେ ତାଙ୍କର ଏହି ବିଶ୍ୱସୃଷ୍ଟିର ମୂଳରେ ଏକ ସୁସଙ୍ଗତ ଓ ସ୍ୱାଭାବିକ ହେତୁପ୍ରତ୍ୟୟ ରହିଛି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ । ବିଶ୍ୱସୃଷ୍ଟିର ମୂଳରେ ଯେ ନିଶ୍ଚୟ କୌଣସି ଶକ୍ତି, କୌଣସି ପ୍ରଜ୍ଞା ବା କୌଣସି ସତ୍ୟ ସୂତ୍ରରୂପେ କାର୍ଯ୍ୟ କରୁଛି, ଏହି ଅନୁମାନଟି ଦ୍ୱାରା ଉଦ୍ବୁପ୍ରେରିତ ହୋଇ ଆମକୁ ସେହି ହେତୁଟିକୁ ଆବିଷ୍କାର କରି ବାହାରିବାକୁ ପଡ଼ିବ । ସଂସାରରେ ରହିଥିବା ଅସମତା ଓ ଆପାତ-ଅନର୍ଥକୁ ଆମେ ସେଗୁଡ଼ିକର ଆପଣାଆପଣାର ପରିଧି ଭିତରେ ମାନିନେବା ସତ, କିନ୍ତୁ ସେଗୁଡ଼ିକ ପାଖରେ ପରାଜୟ ସ୍ୱୀକାର କରିବା ନାହିଁ । ସତେଅବା ଆପଣାର ଗଭୀରତମ ସ୍ୱଭାବବୃତ୍ତି ଦ୍ୱାରା ପରିଚାଳିତ ହୋଇ ମାନବସମାଜ ସର୍ବଦା ବିବେକର ସହିତ ଏକ ପ୍ରଜ୍ଞାକୁହିଁ ବିଶ୍ୱସୃଷ୍ଟିର ଚରମ ନିଧାନରୂପେ ଅନ୍ୱେଷଣ କରିଆସିଛି, ସେ ଏହାକୁ ଏକ ଶାଶ୍ୱତ ବ୍ୟଙ୍ଗ ବା ଛଳନାରୂପେ କେବେହେଲେ ମାନି ନେଇନାହିଁ । ଏକ ପ୍ରଚ୍ଛନ୍ନ କଲ୍ୟାଣଶକ୍ତି ରୂପେ ମାନିଆସିଛି ଓ ସେହି ଶକ୍ତିର ଚରମ ବିଜୟ ଉପରେ ଆସ୍ଥା ରଖିଆସିଛି; ଏହାକୁ ସେ ସବୁ ଭିଆଉଥିବା ଏକ ଅଜେୟ ଅକଲ୍ୟାଣ-ଭଣ୍ଡାର ବୋଲି କଦାପି ମାନି ନେଇନାହିଁ । ଏକ ଚରମ ବିଜୟ ଏବଂ ପରିପୂର୍ଣ୍ଣତା ବୋଲି ମାନିଆସିଛି, ଆପଣାର ମହାନ୍ ଦୁଃସାହସଯାତ୍ରାରୁ ଆତ୍ମାର ବ୍ୟର୍ଥକାମ ପ୍ରତ୍ୟାବର୍ତ୍ତନ ରୂପେ କଦାପି ମାନି ନେଇନାହିଁ ।

ଅଦ୍ୱିତୀୟ ପରମାର୍ଥ-ସତ୍ତ୍ୱର ବାହାରେ ଯେତେବେଳେ ଆଉ କୌଣସି କିଛିହେଲେ ରହିବା ଆଦୌ ସମ୍ଭବ ନୁହେଁ, ସେତେବେଳେ ବାହାରର ଅନ୍ୟ କୌଣସି ଶକ୍ତି ଏହାକୁ କୌଣସିପ୍ରକାରରେ ବାଧ୍ୟ ବା ବଶ କରୁଥିବ ବୋଲି ଆମେ କଦାପି କଳ୍ପନାହିଁ କରିପାରିବା ନାହିଁ । କିମ୍ବା ପରମାର୍ଥ-ସତ୍ ଭିତରେ ଆଂଶିକ-ଭାବରେ ଏପରି କୌଣସି ଶକ୍ତି ବା ପ୍ରବୃତ୍ତି ଅବସ୍ଥିତ ରହିଛି, ଯାହାକି ସମଗ୍ର ପ୍ରତି

'oaob.nitrkl.ac.in' images reprocessed

ଶତ୍ରୁତା ଆଚରଣ କରୁଛି, ସମରଦ୍ୱାରା ବର୍ଜିତ ହୋଇ ମଧ୍ୟ ସମର ଅପେକ୍ଷା ଅଧିକ ପରାକ୍ରମଣଶାଳୀ ହୋଇ ରହିଛି,—ଆମେ ଏପରି କଳ୍ପନା ବି କରିପାରିବା ନାହିଁ । କାରଣ ଏପରି କଳ୍ପନା କରିବାଦ୍ୱାରା କେବଳ ଅନ୍ୟ ଭାଷାରେ ସର୍ବମୟ ସତ୍ୟ ବନାମ ତାହାର ବାହାରେ ରହିଥିବା ଆଉକିଛିର ସେହି ପୂର୍ବ ବିରୋଧଟିକୁହିଁ ଠିଆ କରାଇଦେବା ସାର ହେବ । ପରମ ନିଷ୍କ୍ରିୟ ଆତ୍ମା ଏହି ସମୁଦାୟ ସୃଷ୍ଟିଉପରେ କେବଳ ଉପଦ୍ରଷ୍ଟା ହୋଇ ରହିଥିବାରୁ ଓ ସକଳ ବାସ୍ତବତା ଓ ସକଳ ସମ୍ଭାବନାର କେବଳ ଉଦାସୀନ ସାକ୍ଷୀ ହୋଇ ରହିଥିବାରୁହିଁ ସୃଷ୍ଟି ଚାଲିଛି ବୋଲି ଯଦି କୁହାଯାଏ, ତଥାପି ସେହି କ୍ଷେତ୍ରରେ ମଧ୍ୟ ସୃଷ୍ଟିର ଇଚ୍ଛା କରୁଥିବା ଓ ସୃଷ୍ଟିକୁ ଧରି ରଖିଥିବା ଜଣେ କେହି କେଉଁଠି ରହିଛି ବୋଲି ଅବଶ୍ୟ ମାନିବାକୁ ପଡ଼ିବ । ଏବଂ କେବଳ ସେହି ସର୍ବଗତ ପୁରୁଷଙ୍କ ବ୍ୟତୀତ ଆଉ କେହି ତାହାର ଅଧିଷ୍ଠାତା ହୋଇ ପାରିବେ ନାହିଁ । ବ୍ରହ୍ମହିଁ ଅଖଣ୍ଡ ଓ ଅବିଭକ୍ତଭାବରେ ସମଗ୍ର ବିଶ୍ୱସୃଷ୍ଟିରେ ଭରି ରହିଛନ୍ତି ଏବଂ ସୃଷ୍ଟିରେ ଯାହାକିଛି ଘଟୁଛି, ସବୁ ମୂଳତଃ ତାଙ୍କର ଇଚ୍ଛାରେହିଁ ଘଟୁଛି । ନିଖିଳ ଜଗତର ଅନର୍ଥ, ଅଜ୍ଞାନ ଓ ଦୁଃଖଦ୍ୱାରା ତ୍ରସ୍ତ ଓ ପରାଭୂତ ହୋଇ ଆମର ଆପେକ୍ଷିକ ଚେତନାହିଁ ବ୍ରହ୍ମଙ୍କୁ ତାଙ୍କର ଆପଣାପ୍ରତି ଓ ତାଙ୍କର ସୃଷ୍ଟି ପ୍ରତି ରହିଥିବା ସକଳ ଦାୟିତ୍ୱରୁ ତାଙ୍କୁ ଅବ୍ୟାହତି ଦେବାଲାଗି ପ୍ରୟାସ କରିଥାଏ । ଏଥିଲାଗି ମାୟା, ମାର, ଏକ ସଚେତନ ଶଇତାନ କିମ୍ବା ଏକ ସ୍ୱତନ୍ତ୍ର ଅଶିବଶକ୍ତିକୁ ପରିପନ୍ଥୀରୂପେ ଠିଆ କରାଇବାକୁ ପଡ଼େ । ମାତ୍ର ଯଥାର୍ଥତଃ ପ୍ରଭୁ ହେଉଛନ୍ତି ଏକ, ବ୍ରହ୍ମ ମଧ୍ୟ ଏକ; ଏବଂ କଳ୍ପିତ ବହୁ ହେଉଛି କେବଳ ତାଙ୍କର ପ୍ରତୀକ ଓ ବିଭୂତି ।

ତେଣୁ ଏହି ଜଗତ୍ ଯଦି ଏକ ସ୍ୱପ୍ନ, ମାୟା ବା ଭ୍ରାନ୍ତିହିଁ ହୋଇଥାଏ, ତେବେ ସକଳସ୍ୱରୂପ ଆତ୍ମାରୁହିଁ ଏହି ସ୍ୱପ୍ନର ଉତ୍ପତ୍ତି ହୋଇଛି, ସେହି ଆତ୍ମାର ଇଚ୍ଛା ଏହି ସ୍ୱପ୍ନର ପଛରେ କାର୍ଯ୍ୟ କରୁଛି । କେବଳ ତାଙ୍କଠାରୁ ଉତ୍ପନ୍ନ ହୋଇନାହିଁ ବା ତାଙ୍କରି ଇଚ୍ଛାରେ ଚାଲୁନାହିଁ,—ସେହି ବ୍ରହ୍ମହିଁ ଏହି ସ୍ୱପ୍ନକୁ ନିତ୍ୟ ଧାରଣ କରି ରହିଛନ୍ତି ଓ ତାହାକୁ ଚରିତାର୍ଥ କରୁଛନ୍ତି । ଏବଂ ଏହି ସ୍ୱପ୍ନ ଏକ ପରମାର୍ଥ-ସତ୍ ମଧ୍ୟରେ ପ୍ରତିଷ୍ଠିତ ରହିଛି, ତାହାରି ଉପାଦାନରେହିଁ ରଚିତ ହୋଇଛି । କାରଣ ବ୍ରହ୍ମଙ୍କୁହିଁ ଏହି ଜଗତର ଉପାଦାନ, ଆଧାର ତଥା ମହାକ୍ଷେତ୍ରରୂପେ ସ୍ୱୀକାର କରିବାକୁ ପଡ଼ିବ । ପାତ୍ରଟି ନିର୍ମିତ ହୋଇଥିବା ସୁନା ଯଦି ସତ୍ୟ ହୁଏ, ତେବେ ପାତ୍ରଟିକୁ ଆମେ ଏକ ଭ୍ରାନ୍ତି ବୋଲି କହିପାରିବା କିପରି ? ତେଣୁ ସ୍ୱପ୍ନ ଓ ମାୟା-ପ୍ରଭୃତି ଶବ୍ଦଗୁଡ଼ିକୁ ଖାଲି କଥାର କୌଶଳ ବୋଲି ବୁଝିବାକୁ ହେବ, ଆମର ଆପେକ୍ଷିକ ଖଣ୍ଡିତ ଚେତନାର ସଂସ୍କାରମାତ୍ର ବୋଲି ବୁଝିବାକୁ ହେବ । ସେମାନେ ଏକ ନିର୍ଦ୍ଦିଷ୍ଟ ସତ୍ୟର କିମ୍ବା ଏକ ମହାନ୍ ସତ୍ୟର ଅବଶ୍ୟ ପ୍ରତିନିଧିତ୍ୱ କରିଥା'ନ୍ତି, କିନ୍ତୁ

'oaob.nitrkl.ac.in' images reprocessed

ସେମାନେ ଏହାର ବିକୃତ ପ୍ରତିନିଧିତ୍ୱ ମଧ୍ୟ କରିଥା'ନ୍ତି । ଯେପରି ଅସତ୍ କହିଲେ ଆମେ ତାହାକୁ ଏକ ଅର୍ଥହୀନ ଅଯଥାର୍ଥତା ବୋଲି କଦାପି ବୁଝିବା ନାହିଁ, ସେହିପରି ଏହି ବିଶ୍ୱମୟ ସ୍ୱପ୍ନକୁ ମଧ୍ୟ ମନର ବିଭ୍ରମ ବା ଅବାସ୍ତବ କୁହୁକ ବୋଲି ମାନିନେବା ନାହିଁ । ପ୍ରକାଶ ବା ପ୍ରପଞ୍ଚ କଦାପି ଏକ ବିଭ୍ରମ ନୁହେଁ, ତାହା ହେଉଛି ସତ୍ୟର ବାସ୍ତବ ପ୍ରତିରୂପ ।

ତେଣୁ ଏକ ସର୍ବଗତ ପରମାର୍ଥ-ସତ୍ତ୍ୱର କଳ୍ପନାକୁ ସ୍ୱୀକାର କରିନେଇ ଆମେ ଆମର ଏଷଣା ଆରମ୍ଭ କରିବା । ଏହାର ଗୋଟିଏ କୋଟୀରେ ଅସତ୍ ଏବଂ ଆଉ ଗୋଟିଏ କୋଟୀରେ ଏହି ନିଖିଳ ବିଶ୍ୱ । ସେମାନେ କେବଳ ନାସ୍ତିକବାଚକ ଦୁଇଟି ତତ୍ତ୍ୱ ନୁହନ୍ତି, ସେମାନେ କେବଳ ନାକଚ କରନ୍ତି ନାହିଁ । ସେମାନଙ୍କୁ ବରଂ ସତ୍ୟର ଦୁଇଟି ଅବସ୍ଥା ବୋଲି କୁହାଯାଇ ପାରିବ,—ଗୋଟିଏ ଭାବାତ୍ମକ ଓ ଅନ୍ୟଟି ଅଭାବାତ୍ମକ । ଗୋଟିଏ ମୁଦ୍ରାର ଦୁଇଟି ପାଖ ପରି । ବିଶ୍ୱରେ ସେହି ସତ୍ତ୍ୱର ସର୍ବୋଚ୍ଚ ଉପଲବ୍ଧି ତାହାକୁ କେବଳ ଏକ ଚିନ୍ମୟ ସତ୍ତ୍ୱରୂପେ ନୁହେଁ, ମାତ୍ର ପରମ ପ୍ରଜ୍ଞା, ପରମା ଶକ୍ତି ଏବଂ ଏକ ସ୍ୱୟଂଭବ ଆନନ୍ଦ ରୂପରେ ମଧ୍ୟ ପ୍ରତ୍ୟକ୍ଷ କରିଥାଏ । ଏବଂ ବିଶ୍ୱୋତ୍ତୀର୍ଣ୍ଣ ଅନୁଭୂତିରେ ତାହା ତଥାପି ଏକ ଅବିଜ୍ଞେୟ ସତ୍ତ୍ୱା ଓ ଏକ ଅନିର୍ବଚନୀୟ ପରମ ଆନନ୍ଦରୂପେ ପ୍ରତିଭାତ ହୁଏ । ତେଣୁ ଆମ ପକ୍ଷରେ ଏଭଳି ଏକ ଅନୁମାନ କରିବା ଆଦୌ ଅନୁଚିତ ହେବନାହିଁ ଯେ, କେବଳ ଇନ୍ଦ୍ରିୟବୋଧଦ୍ୱାରା ସୀମାବଦ୍ଧ ଆମର ଅଭ୍ୟସ୍ତ କଳ୍ପନାଦ୍ୱାରା ନୁହେଁ, ମାତ୍ର ଆମର ବିମୁକ୍ତ ବୁଦ୍ଧି ଓ ଅନୁଭୂତିଦ୍ୱାରା ବିଶ୍ୱର ଦ୍ୱୈତତାଗୁଡ଼ିକୁ ଭେଦ କରିବାକୁ ଚେଷ୍ଟା କଲେ ଆମେ ସେଗୁଡ଼ିକ ଭିତରେ ମଧ୍ୟ ସଚ୍ଚିଦାନନ୍ଦ-ସ୍ୱରୂପ ସେହି ଲୋକୋତ୍ତର ମହିମାକୁହିଁ ପ୍ରତ୍ୟକ୍ଷ କରିବାକୁ ସମର୍ଥ ହେବା । ମାତ୍ର ଦ୍ୱୈତର ପାଶ ଭିତରେ ବାନ୍ଧିହୋଇ ରହିଥିବାଯାଏ ଉକ୍ତ ଦିବ୍ୟ ଅନୁଭବର ସମ୍ଭାବନାକୁ ଏକ ବିଶ୍ୱାସରୂପେ ସତତ ଉଜ୍ଜ୍ୱଳିତ କରି ରଖିବାକୁ ପଡ଼ିବ । ଆମର ଉଚ୍ଚତମ ବିବେକବୁଦ୍ଧି ଏବଂ ପ୍ରଶସ୍ତତମ ଧୀରବିଚାର ସେହି ବିଶ୍ୱାସକୁ କଦାପି ଅସ୍ୱୀକାର କରିବେ ନାହିଁ, ସେମାନେ ତାହାର ସମର୍ଥନହିଁ କରିବେ । ଏହି ବିଶ୍ୱାସଧର୍ମିଟି ମନୁଷ୍ୟର ଆରୋହଣଯାତ୍ରାରେ ତା'ଲାଗି ଏକ ସହାୟକ ପରି ହୋଇ ରହିବ । ଏବଂ ଏହିପରି ଅଗ୍ରସର ହୋଇ ସେ ବିକାଶର ଏପରି ଏକ ପର୍ଯ୍ୟାୟରେ ଆସି ପହଞ୍ଚିବ, ଯେତେବେଳେ କି ବିଶ୍ୱାସ ଜ୍ଞାନରେ ରୂପାନ୍ତରିତ ହୋଇଯିବ, ପରିପୂର୍ଣ୍ଣ ଅନୁଭବରେ ରୂପାନ୍ତରିତ ହୋଇଯିବ । ସେତେବେଳେ ପୂର୍ଣ୍ଣପ୍ରଜ୍ଞା ମଧ୍ୟରେ ତାହାର ସମସ୍ତ କରଣି ସାର୍ଥକତା ଲାଭକରିବ ।

'oaob.nitrkl.ac.in' images reprocessed

ପଞ୍ଚମ ପରିଚ୍ଛେଦ

# ଜୀବର ନିୟତି

ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାମୃତମଶ୍ନୁତେ ।......
ବିନାଶେନ ମୃତ୍ୟୁଂ ତୀର୍ତ୍ୱା ସମ୍ଭୂତ୍ୟାମୃତମଶ୍ନୁତେ ॥

—ଈଶ ଉପନିଷଦ, ୧୧, ୧୪ ।

"ଅବିଦ୍ୟାଦ୍ୱାରା ସେମାନେ ମୃତ୍ୟୁକୁ ପାର ହୋଇଯାନ୍ତି ଏବଂ ବିଦ୍ୟାଦ୍ୱାରା ଅମୃତ ଭୋଗ କରନ୍ତି ।......ସେମାନେ ଜନ୍ମରହିତ ସ୍ଥିତିଦ୍ୱାରା ମୃତ୍ୟୁକୁ ପାରହୋଇ ସମ୍ଭୂତିଦ୍ୱାରା ଅମୃତ ଉପଭୋଗ କରନ୍ତି ।

ଏକ ସର୍ବଗତ ପରମାର୍ଥ-ସତ୍ ହେଉଛନ୍ତି ସକଳ ଜୀବନ ଓ ସକଳ ସତ୍ତାର ମର୍ମସତ୍ୟ । ସେହି ଜୀବନ ଓ ସେହି ସତ୍ତା ନିର୍ବିଶେଷ ବା ସବିଶେଷ ହୋଇପାରେ, ସଜୀବ ବା ନିର୍ଜୀବ ହୋଇପାରେ, ସାକାର ବା ଆକାରଶୂନ୍ୟ ହୋଇପାରେ, ଏବଂ ସଚେତନ ବା ଅଚେତନ ମଧ୍ୟ ହୋଇପାରେ । ଏବଂ ବ୍ୟାବହାରିକ ଜୀବନର ନିତ୍ୟପରିଚିତ ନିନାବିଧ ଦ୍ୱନ୍ଦ୍ୱଠାରୁ ଆରମ୍ଭ କରି ପ୍ରାୟ ଅନିର୍ବଚନୀୟର ସୀମା ସ୍ପର୍ଶ କରୁଥିବା ପରି ଅନୁଭୂତ ହେଉଥିବା ସୂକ୍ଷ୍ମତମ ଦ୍ୱନ୍ଦ୍ୱଗୁଡ଼ିକ ପର୍ଯ୍ୟନ୍ତ ପରମାର୍ଥ-ସତ୍ତର ପରସ୍ପର-ବିଭିନ୍ନ ଏବଂ ଏପରିକି ନିରନ୍ତର ପରସ୍ପର-ବିରୋଧୀ ଦ୍ୱନ୍ଦ୍ୱଗୁଡ଼ିକ ମଧ୍ୟରେ ସେହି ଏକ ପରମାର୍ଥ-ସତ୍ ଅଖଣ୍ଡ ଭାବରେ ବିଦ୍ୟମାନ ରହିଛନ୍ତି । ସେ କେବଳ ବସ୍ତୁର ଏକ ସମଷ୍ଟି ବା ସମାହାର ନୁହନ୍ତି । ସେହି ଅଖଣ୍ଡ ସତ୍ତାରୁହିଁ ସକଳ ବିଭିନ୍ନତାର ଉଦ୍‌ଭବ ହେଉଛି, ସକଳ ବିଭିନ୍ନତା ତାଙ୍କର ଭିତରେହିଁ ଅବସ୍ଥିତ ରହିଛି ଏବଂ ସେଇଥିରେ ବିଲୀନ ହୋଇଯାଉଛି । ଗୋଟିଏ ସ୍ତରରେ ରହିଥିବା ସ୍ୱୀକୃତିଗୁଡ଼ିକୁ ଖଣ୍ଡନ କରି ଆମେ ଏହି ପରମାର୍ଥ-ସତ୍ତର, ତାହାଠାରୁ ଅଧିକ ପ୍ରଶସ୍ତ ସ୍ୱୀକୃତିଗୁଡ଼ିକର କ୍ଷେତ୍ରକୁହିଁ ପରିଚାଳିତ ହୋଇଯାଉ । ଅଖଣ୍ଡ ସତ୍ୟର ପରମ ପ୍ରତ୍ୟୟରେହିଁ ବିରୁଦ୍ଧ ପ୍ରତ୍ୟୟଗୁଡ଼ିକର ସକଳ ଦ୍ୱନ୍ଦ୍ୱ ସମାହିତ ହୋଇଯାଏ । ପ୍ରତ୍ୟୟର ଆପାତବୈଷମ୍ୟରେ ସେହି ଏକ ସତ୍ୟର ବିଭୂତିଭେଦଟିହିଁ ପ୍ରକାଶିତ ହୁଏ । ପାରସ୍ପରିକ ଦ୍ୱନ୍ଦ୍ୱ ମଧ୍ୟଦେଇ ସେମାନେ ପାରସ୍ପରିକ ଏକତ୍ୱକୁହିଁ

'oaob.nitrkl.ac.in' images reprocessed

ଖୋଜି ପାଆନ୍ତି । ବ୍ରହ୍ମ ହେଉଛନ୍ତି ଆଦି ଓ ଅନ୍ତ; ସେ ଏକମେବାଦ୍ୱିତୀୟଂ,—ତାଙ୍କୁ ଛାଡ଼ି ଆଉ କେଉଁଠି ହେଲେ କୌଣସି ସତ୍ତା ନାହିଁ ।

କିନ୍ତୁ ଏହି ଏକତ୍ୱ ସ୍ୱଭାବତଃ ଅନିର୍ବଚନୀୟ । ମନଦ୍ୱାରା ଏହାକୁ କଳନା କରିବାର ଚେଷ୍ଟା କଲାବେଳେ ଆମେ କଳ୍ପନା ଓ ଅନୁଭୂତିର ଏକ ଅନନ୍ତ କ୍ରମ ଦେଇ ଅଗ୍ରସର ହେବାକୁ ବାଧ୍ୟ ହୋଇଥାଉ । ତଥାପି ପରିଶେଷରେ ଆମକୁ ଆମର ପ୍ରଶସ୍ତତମ କଳ୍ପନା ଏବଂ ସମଗ୍ରତମ ଅନୁଭୂତିଗୁଡ଼ିକୁ ମଧ୍ୟ 'ନେତି' ବୋଲି କହି ଛାଡ଼ି ଚାଲିଆସିବାକୁ ହୁଏ ଏବଂ ପରମାର୍ଥ-ସତ୍ତାକୁ ସକଳ ସଂଜ୍ଞାର ଅତୀତ ବୋଲି ସ୍ୱୀକାର କରିବାକୁ ହୁଏ । ଏଇଠାରେହିଁ ଭାରତୀୟ ଋଷିମାନଙ୍କର ସୂକ୍ତି ଅନୁସାରେ 'ନେତି ନେତି' ବୋଲି କହିବାକୁ ହୁଏ । ଅନୁଭୂତିର କୌଣସି ବନ୍ଧ ଦେଇ ତାହାକୁ ବାନ୍ଧି ହେବ ନାହିଁ, କୌଣସି କଳ୍ପନା ଦେଇ ଏହାର ବ୍ୟାଖ୍ୟା କରି ହେବ ନାହିଁ ।

ସତ୍ତାର ବହୁବିଧ ବିଭାବ ଓ କଳା ବହନ କରି, ଚେତନାର ବହୁବିଚିତ୍ର ରୂପାୟନରେ ତଥା ଶକ୍ତିର ନାନାରୂପ ପ୍ରକ୍ରିୟାରେ ସେହି ଅବିଜ୍ଞେୟ ପରମ-ସତ୍ ଆମ ପାଖରେ ଆସି ଧରା ଦେଇଥାଏ : ଆମର ଭାବନା ଓ ଇନ୍ଦ୍ରିୟବୋଧର ମାଧ୍ୟମରେ ପ୍ରକାଶିତ ହେଉଥିବା ସତ୍ତା ବିଷୟରେ ମନ କେବଳ ଏତିକିମାତ୍ର କହିପାରେ । ଆମେ ନିଜେ ମଧ୍ୟ ଏହି ସତ୍ତାର ପରିପ୍ରକାଶ ମାତ୍ର । ଏବଂ କେବଳ ଏହି ବିଭାବ, ରୂପାୟନ ଓ ପ୍ରକ୍ରିୟାରେ ଏବଂ ସେଗୁଡ଼ିକର ମାଧ୍ୟମରେହିଁ ଆମକୁ ଅବିଜ୍ଞେୟକୁ ଜାଣିବାଲାଗି ଅଗ୍ରସର ହେବାକୁ ପଡ଼ିବ । ମାତ୍ର ଆମର ମନ ଧରିରଖି ପାରିବାଭଳି ଯେକୌଣସି ଏକ ଏକତ୍ୱରେ ଯାଇ ପହଞ୍ଚି ଯିବାଲାଗି ତରତର ହୋଇ ଏବଂ ଆମର ବାହୁବେଢ଼ ଭିତରେ ଅନନ୍ତକୁ ବାନ୍ଧି ରଖିବାପାଇଁ ଯଦି ଆମେ ସତ୍ତାର କୌଣସି ବିଶିଷ୍ଟ ବିଭାବକୁ ସତ୍ତାର ସ୍ୱରୂପ ବୋଲି ଭ୍ରମ କରିବସିବା, ତା'ର କୌଣସି ଏକ ନିର୍ଦ୍ଦିଷ୍ଟ କଳାକୁ, ଚେତନାର ଏକ ନିର୍ଦ୍ଦିଷ୍ଟ ରୂପାୟନକୁ ବା କୌଣସି ଶକ୍ତି ଓ କ୍ରିୟାତ୍ମକତାକୁ ସମଗ୍ର ସତ୍ତା ବୋଲି କହିବା, ତେବେ ସେହି ବିଭାବ ଯେତେ ନିର୍ମଳ ଓ ଚିରସ୍ଥାୟୀ ହୋଇଥାଉ ପଛକେ, ସେହି କଳାଟି ଯେତେ ସର୍ବଗାମୀ ଓ ସମଗ୍ର ହୋଇଥାଉ ପଛକେ, ସେହି ରୂପାୟନ ଯେତେ ସୁଦୂରସଞ୍ଚାରୀ ହୋଇଥାଉ ପଛକେ, ଏବଂ ସେହି ଶକ୍ତି ବା କ୍ରିୟାତ୍ମକତାର ସାମର୍ଥ୍ୟ ଆପଣାର ପ୍ରୟୋଗ କ୍ଷେତ୍ରରେ ଯେତେ ବ୍ୟାପକ ହୋଇଥାଉ ପଛକେ, କେବଳ ସେତିକିମାତ୍ରକୁ ସ୍ୱୀକାର କରି ଅବଶିଷ୍ଟ ଆଉସବୁକୁ ବହିଷ୍କୃତ କରି ରଖିଲେ ଆମେ ସେହି ଅବିଜ୍ଞେୟର ଅବିଜ୍ଞେୟତା ବିରୁଦ୍ଧରେ ଅପରାଧହିଁ କରିବସିବା । ସେପରି କରି ଆମେ କଦାପି ଯଥାର୍ଥ ଏକତ୍ୱରେ ଉପନୀତ ହୋଇ ପାରିବା ନାହିଁ, ଅଖଣ୍ଡକୁ କେବଳ ଖଣ୍ଡିତହିଁ କରି ପକାଇବା ।

'oaob.nitrkl.ac.in' images reprocessed

ପ୍ରାଚୀନ କାଳରେ ବୈଦିକ ଋଷିମାନେ ଏହି ସତ୍ୟଟିକୁ ଏପରି ସ୍ପଷ୍ଟଭାବରେ ବୁଝିଥିଲେ ଯେ, ସଚ୍ଚିଦାନନ୍ଦଙ୍କର ସଂଶୟରହିତ ଅନୁଭୂତିରେ ଉପନୀତ ହୋଇ ମଧ୍ୟ ଏବଂ ତାହାକୁହିଁ ଆମର ଚେତନାଲାଗି ପରମସତ୍ତାର ସର୍ବୋଚ୍ଚ ପରିପ୍ରକାଶ ବୋଲି ଜାଣି ମଧ୍ୟ ସେମାନେ ସେଇଠାରେହିଁ ଅଟକି ଯାଇ ନ ଥିଲେ । ଆପଣାର ଅନୁମାନ ଦ୍ୱାରା ହେଉ କିମ୍ବା ପ୍ରତ୍ୟକ୍ଷ ଅନୁଭବଦ୍ୱାରା ହେଉ, ସେମାନେ ସତ୍‌ର ଊର୍ଦ୍ଧ୍ୱରେ ମଧ୍ୟ ଏକ ଅସତ୍‌ର ପ୍ରତିଷ୍ଠା କରିଥିଲେ ଏବଂ ସେହି ଅସତ୍ ଆମର ତୁରୀୟ-ପ୍ରତ୍ୟୟଦ୍ୱାରା ଗ୍ରାହ୍ୟ ପର-ସତ୍, ବିଶୁଦ୍ଧ ଚିନ୍ମୟ ଓ ଅନନ୍ତ ଆନନ୍ଦର ଆହୁରି ସେପାଖରେ ରହିଛି ବୋଲି ଘୋଷଣା କରିଥିଲେ । ଯଦି ତଥାପି ତାହା ସତ୍ତା, ଚେତନା ବା ଆନନ୍ଦରୂପ ହୋଇଥାଏ, ତେବେ ସଚ୍ଚିଦାନନ୍ଦ କହିଲେ ଆମେ ଇତର ପର୍ଯ୍ୟାୟରେ ସତ୍‌ସ୍ୱରୂପର ଯେଉଁ ବିଶୁଦ୍ଧତମ ପରମ ଅନୁଭବ ଲାଭ କରିଥାଉ, ଅସତ୍-ସ୍ୱରୂପ ସଚ୍ଚିଦାନନ୍ଦ ତାହାର ଆହୁରି ଊର୍ଦ୍ଧ୍ୱରେ । ତାକୁ ଜାଣିବାଲାଗି ଆମେ ଯେଉଁସବୁ ନାମର ପ୍ରୟୋଗ କରିଥାଉ, ସେ ହେଉଛି ସେଗୁଡ଼ିକଠାରୁ ସମ୍ପୂର୍ଣ୍ଣ ବାହାରେ । ବୌଦ୍ଧଧର୍ମରେ ବେଦର ପ୍ରାମାଣ୍ୟକୁ ଅସ୍ୱୀକାର କରାଯାଇଥିବାରୁ ଧର୍ମଶାସ୍ତ୍ରର ତତ୍ତ୍ୱବିଶ୍ଳେଷକମାନେ ପ୍ରାୟ ଏକଦେଶୀୟ ଭାବେ ତାହାକୁ ଅବୈଦିକ ବୋଲି କହିଥା'ନ୍ତି । ତଥାପି ସେହି ବୌଦ୍ଧଧର୍ମ ମୂଳତଃ ବେଦାନ୍ତର ଅସତ୍‌ବାଦଆଡ଼କୁହିଁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । କେବଳ ଏକମାତ୍ର ପାର୍ଥକ୍ୟ ହେଉଛି ଯେ ଉପନିଷଦର ଭାବାତ୍ମକ ତଥା ସମନ୍ୱୟ-ମୂଳକ ବାଣୀ ସତ୍ ଏବଂ ଅସତ୍ ପରସ୍ପରକୁ ଗ୍ରାସ କରିବାକୁ ଆସୁଥିବା ବା କାଟି ଦେଉଥିବା ଦୁଇଟି ବିପରୀତ କଳ୍ପନାରୂପେ ପ୍ରଚାର କରି ନାହିଁ । ସତ୍ ଓ ଅସତ୍‌କୁ ଏହା ସର୍ବଶେଷ ବିରୋଧପ୍ରତ୍ୟୟ ରୂପେ କଳ୍ପନା କରିଛି, ଯାହାର ମଧ୍ୟଦେଇ ଆମେ ଅବିଜ୍ଞେୟ ଆଡ଼କୁ ଅନାଇବାକୁ ସମର୍ଥ ହୋଇଥାଉ । ଏବଂ ଆମ ଭାବାତ୍ମକ ଚେତନାର ବିଷୟବ୍ୟାପାରରେ ଏକତ୍ୱକୁ ମଧ୍ୟ ବହୁତ୍ୱ ସହିତ ଏକ ବୁଝାମଣା ଅବଶ୍ୟ କରିବାକୁ ହୋଇଥାଏ; କାରଣ କେବଳ ଏକତ୍ୱ ନୁହେଁ, ବହୁତ୍ୱ ମଧ୍ୟ ବ୍ରହ୍ମର ଗୋଟିଏ ସ୍ୱରୂପ । ବିଦ୍ୟା ଅର୍ଥାତ୍ ଏକତ୍ୱର ଜ୍ଞାନୋପଲବ୍ଧି ଦ୍ୱାରା ଆମେ ପରମେଶ୍ୱରଙ୍କୁ ଜାଣିଥାଉ । ବିଦ୍ୟା ବ୍ୟତୀତ ଅବିଦ୍ୟା ଅର୍ଥାତ୍ ବହୁତ୍ୱର ଆପେକ୍ଷିକ ଚେତନା ଏକ ଅନ୍ଧକାର ଗ୍ରନ୍ଥି ଏବଂ ଅଜ୍ଞାନର ଅରାଜକତା ହୋଇ ପଡ଼ିରହିଥାଏ । ତଥାପି ସେହି ଅଜ୍ଞାନର କ୍ଷେତ୍ରଟିକୁ ବହିଷ୍କୃତ କରି ରଖିଲେ, ଅବିଦ୍ୟାକୁ ଅସତ୍ ଓ ଅବାସ୍ତବ ମଣି ତାହାକୁ ନିରାକୃତ କରି ରଖିଲେ ସ୍ୱୟଂ ବିଦ୍ୟାହିଁ ଏକପ୍ରକାର ତମୋମୟତା ଓ ପରିପୂର୍ଣ୍ଣତାର ଅନ୍ତରାୟରେ ପରିଣତ ହୁଏ । ଆମର ଦଶା ସେତେବେଳେ ଆଲୁଅରେ ଜଳକା ହୋଇ ଯାଇଥିବା ମଣିଷଙ୍କର ଦଶା ପରି ହୁଏ, ଏବଂ ସେହି ଆଲୋକଟି ଦ୍ୱାରା ପ୍ରକାଶିତ ହେଉଥିବା କ୍ଷେତ୍ରଟିକୁ ଦେଖିପାରିବା ସକାଶେ ଆମର ଆଉ କୌଣସି ସାମର୍ଥ୍ୟ ରହେ ନାହିଁ ।

'oaob.nitrkl.ac.in' images reprocessed

ଆମର ପ୍ରାଚୀନତମ ଋଷିମାନେ ଆମକୁ ଏହି ସ୍ଥିର, ସୁବିଜ୍ଞ ଓ ସୁନିର୍ମଳ ଶିକ୍ଷା ଦେଇ ଯାଇଛନ୍ତି । ସେମାନଙ୍କଠାରେ ଦେଖିବାର ଓ ଜାଣିବାର ଆବଶ୍ୟକ ଧୃତି ଓ ଶକ୍ତି ରହିଥିଲା; ଆମ ଜ୍ଞାନସାମର୍ଥ୍ୟର ସୀମାଟିକୁ ସ୍ୱୀକାର କରିବାର ନୈପୁଣ୍ୟ ଓ ବିନୟ ମଧ୍ୟ ସେମାନଙ୍କର ଥିଲା । ଯେଉଁ ପ୍ରତ୍ୟନ୍ତ ଭୂମିକୁ ଆସି ମନୁଷ୍ୟର ଜ୍ଞାନ ସୀମା ଡେଇଁ ସେପାଖକୁ ଚାଲିଯାଏ, ସେବିଷୟରେ ସେମାନେ ଅବଗତ ରହିଥିଲେ । ମାତ୍ର ପରବର୍ତ୍ତୀ ଯୁଗରେ ହୃଦୟ ଏବଂ ମନର ଏକ ଅଦମ୍ୟ ଅଧୀରତା ଆସି ଉପସ୍ଥିତ ହେଲା, ସର୍ବଚରମ ଆନନ୍ଦର ଉପଲବ୍ଧି ନିମିତ୍ତ ଏକ ଖର ଶକ୍ତିଶାଳୀ ଆକର୍ଷଣ ଅନୁଭୂତ ହେଲା, କିମ୍ବା ଶୁଦ୍ଧ ଅନୁଭୂତି ଏବଂ ତୀକ୍ଷ୍ଣ ବୁଦ୍ଧିର ଏକ ଉଗ୍ରତା ଗ୍ରାସ କରିବାକୁ ଆସିଲା, ଯାହାକି ବହୁତ୍ୱର ଖଣ୍ଡନ କରିବାଲାଗି ଏକତ୍ୱର ସନ୍ଧାନ କରିବାକୁ ଲାଗିଲା । ଏବଂ ଅନୁଭୂତିର ରାଜ୍ୟରେ ତୁଙ୍ଗ ଶିଖରର ସମୀରଣ-ସ୍ପର୍ଶ ପାଇଥିବାରୁ ତାହା ଅଧିକ ଗମ୍ଭୀରରେ ପ୍ରଚ୍ଛନ୍ନ ରହିଥିବା ରହସ୍ୟ ପ୍ରତି ଅବଜ୍ଞା ଓ ବିମୁଖତା ପ୍ରଦର୍ଶନ କଲା । ମାତ୍ର ପ୍ରାଚୀନ ପ୍ରଜ୍ଞାର ସ୍ଥିର ଦୃଷ୍ଟିଲାଗି ଏଭଳି କୌଣସି ବିରୋଧ ଆଦୌ ନ ଥିଲା । ପରମେଶ୍ୱରଙ୍କୁ ଯଥାର୍ଥରେ ଜାଣିବାକୁ ହେଲେ ତାଙ୍କୁ ଯେ ସକଳ ଭେଦର ନିର୍ବିଶେଷରେ ସବୁଠାରେ ଓ ସମଭାବେ ଜାଣିବାକୁ ହେବ, ପ୍ରାଚୀନ ଋଷିମାନେ ସେକଥା ଭଲକରି ଜାଣିଥିଲେ । ପରମେଶ୍ୱରଙ୍କର ଆତ୍ମରୂପାୟନର ବିଚିତ୍ର ବହୁତ୍ୱ ଭିତରେ ଆପାତବିରୋଧର ଯେଉଁ ଲୀଳା ଲାଗି ରହିଛି, ତାହାକୁ ଶ୍ରଦ୍ଧା ଓ ମହତ୍ତ୍ୱର ସହିତ ଗ୍ରହଣ କରିବାକୁ ହେବ, ମାତ୍ର ସେଗୁଡ଼ିକର କବଳରେ କଦାପି ପଡ଼ିବାକୁ ହେବନାହିଁ ବୋଲି ସେମାନେ ଜାଣିଥିଲେ ।

କେବଳ ଅଦ୍ୱିତୀୟ ଏକ ହେଉଛି ପରମାର୍ଥ-ସତ୍ୟ, ତେଣୁ ବହୁତ୍ୱ ହେଉଛି କେବଳ ଏକ ଅବାସ୍ତବ ବିଭ୍ରମ ମାତ୍ର,—ଏକଦେଶଦର୍ଶୀ କୌଣସି ତର୍କବୁଦ୍ଧିର ଏକାନ୍ତ ଭେଦଦୃଷ୍ଟି ଯଦି ଏକଥା ଘୋଷଣା କରି କହେ, ତେବେ ଆମେ ସେହି ଘୋଷଣାକୁ ଅସ୍ୱୀକାରହିଁ କରିବା । କେବଳ ପରମ ନିର୍ବିଶେଷ ପୁରୁଷ ହେଉଛନ୍ତି ସତ୍ୟ, ତେଣୁ ସବିଶେଷ ଆପେକ୍ଷିକ ହେଉଛି ଅସତ୍ୟ,—ଆମେ ଏହି ଘୋଷଣାଟିକୁ ବର୍ଜନ କରିବା । ବହୁମଧ୍ୟରେ ଯେ ଆମେ ନିରନ୍ତର ଏକର ସନ୍ଧାନ କରି ବାହାରିଛୁ, ତାହା ଆମକୁ ସର୍ବଭୂତରେ ଅଧିଷ୍ଠିତ ସେହି ଏକର ପରିଚୟ ଓ ଆଶୀର୍ବାଦ ଲାଗିହିଁ ଅଧିକାର ପ୍ରଦାନ କରିବ ।

ଅନ୍ତର୍ଗୂଢ଼ ଶକ୍ତିର ପ୍ରସାର ଫଳରେ ଯେତେବେଳେ ମନ ଗୋଟିଏ ଭୂମିରୁ ଆଉ ଏକ ପ୍ରଶସ୍ତତର ଭୂମିକୁ ଉତ୍ତୀର୍ଣ୍ଣ ହୁଏ, ସେତେବେଳେ ସେହି ଭୂମି-ପରିବର୍ତ୍ତନ ଫଳରେ ଗୋଟିଏ ଗୋଟିଏ ବିଶିଷ୍ଟ ଦୃଷ୍ଟି ବଡ଼ ଅତିରିକ୍ତ ମାତ୍ରାରେ ମହତ୍ତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ,—ଏହି ବିଷୟରେ ମଧ୍ୟ ଆମକୁ ସତର୍କ ରହିବାକୁ ପଡ଼ିବ । ଜଡ଼ଧର୍ମୀ ମନ ପରମେଶ୍ୱର ଏବଂ ଲୋକୋତ୍ତର ସକଳ ସତ୍ୟକୁ

'oaob.nitrkl.ac.in' images reprocessed

ମିଥ୍ୟା ଓ ମାୟା ବୋଲି କହିଥାଏ । ତାହାର ଏହି ଭ୍ରମକୁ ଆମେ ଅସ୍ୱୀକାର କରିଥାଉ । ଠିକ୍ ସେହିପରି ଅଧ୍ୟାତ୍ମଧର୍ମୀ ମନ ବି ଯେତେବେଳେ ଏହି ନିଖିଳ ବିଶ୍ୱକୁ ଏକ ଅବାସ୍ତବ ସ୍ୱପ୍ନ ବୋଲି କହି ଉଡ଼ାଇଦେବାକୁ ଇଚ୍ଛା କରେ, ତାହାକୁ ମଧ୍ୟ ଆମେ ଅସ୍ୱୀକାର କରିପାରିବା ଉଚିତ । ପ୍ରଥମ କ୍ଷେତ୍ରରେ ମନ କେବଳ ଇନ୍ଦ୍ରିୟଲବ୍ଧ ପ୍ରମାଣରେହିଁ ଅଭ୍ୟସ୍ତ ଥାଏ, ତେଣୁ ବସ୍ତୁସତ୍ୟକୁ ତାହା କେବଳ ସ୍ଥୂଳ ସତ୍ୟର ସମତୁଲ କରି ଦେଖିଥାଏ । ତେଣୁ ଜ୍ଞାନର ଅନ୍ୟକୌଣସି ସାଧନକୁ କାମରେ ଲଗାଇବାରେ ସେ ସ୍ୱଭାବତ ସମ୍ପୂର୍ଣ୍ଣ ଅନଭ୍ୟସ୍ତ ଥାଏ, କିମ୍ବା ଆପଣାର ସତ୍ୟଧାରଣାକୁ ଜଡ଼ାତୀତ ଅନୁଭୂତି ଭିତରକୁ ପ୍ରସାରିତ କରିବାଲାଗି ତାହାର କୌଣସି ସାମର୍ଥ୍ୟ ନ ଥାଏ । ଅନ୍ୟ କ୍ଷେତ୍ରଟିରେ ସେହି ମନ ଯେତେବେଳେ ବସ୍ତୁଚେତନାର ସୀମା ଅତିକ୍ରମ କରି ଏକ ଦେହହୀନ ସତ୍ୟଭୂମିର ଅଭିଭୂତକାରୀ ଅନୁଭୂତି ଭିତରକୁ ଚାଲିଯାଏ, ସେତେବେଳେ ସେ ଆପଣାର ସେହି ଅସାମର୍ଥ୍ୟକୁ କେବଳ ସ୍ଥାନାନ୍ତରିତ କରିନିଏ ଏବଂ ସକଳ ଇନ୍ଦ୍ରିୟାନୁଭୂତିକୁ ସ୍ୱପ୍ନ ବା ମାୟା ବୋଲି କହିବାକୁ ଲାଗେ । କିନ୍ତୁ ଏହି ଉଭୟ କଳ୍ପନା ଯେ ସତ୍ୟକୁ କେବଳ ବିକୃତ କରିପାରନ୍ତି, ସେକଥା ମଧ୍ୟ ଆମେ ଭଲକରି ବୁଝିଛୁ । ଏକଥା ସତ୍ୟ ଯେ ଆମ ଆତ୍ମୋପଲବ୍ଧିର କ୍ଷେତ୍ର ଏହି ଜଗତରେ ଆମର ଭୌତିକ ଚେତନାକୁ ଭେଦ ନ କରିଥିଲା ପର୍ଯ୍ୟନ୍ତ ଏବଂ ଉଚ୍ଚତମ ଭୂମିଗୁଡ଼ିକରେ ଆପଣାର ପରିପ୍ରକାଶ ସହିତ ସମ୍ପୂର୍ଣ୍ଣ ସଙ୍ଗତି ରଖି ନିମ୍ନତମ ଭୂମିଗୁଡ଼ିକରେ ମଧ୍ୟ ପରିପ୍ରକାଶିତ ନ ହୋଇଥିଲା ପର୍ଯ୍ୟନ୍ତ ଆମେ କୌଣସି ସତ୍ୟୋପଲବ୍ଧିକୁ ଯଥାର୍ଥ ବୋଲି କଦାପି କହି ପାରିବା ନାହିଁ । ଏକଥାଟି ମଧ୍ୟ ସମାନଭାବରେ ସତ୍ୟ ଯେ ଜଡ଼ ଏବଂ ଜଡ଼ସୃଷ୍ଟି ଭିତରେ ଯେଉଁ ସ୍ୱୟଂସିଦ୍ଧ ସତ୍ୟର ଛଳନା ପ୍ରକାଶ ପାଇଥାଏ, ତାହା ବି ଅବିଦ୍ୟାର ଏକ ବିଭ୍ରମ ମାତ୍ର । ଦେହାତୀତ ଓ ଜଡ଼ାତୀତ ସତ୍ୟର ପରିପ୍ରକାଶରେ ଉପାଦାନ ଏବଂ ଆକୃତିରୂପେହିଁ ଜଡ଼ ଓ ଜଡ଼ସୃଷ୍ଟି ଯଥାର୍ଥତାର ଅଧିକାର ଲାଭ କରିପାରନ୍ତି । ସେମାନେ ସ୍ୱଭାବତଃ ଦିବ୍ୟଚେତନାର କ୍ରିୟାରହିଁ ଏକ ପରିଣାମ, ଏବଂ ତତ୍ତ୍ୱସ୍ୱରୂପର କୌଣସି ଗୋଟିଏ ବିଶିଷ୍ଟ ଅଧିଷ୍ଠାନର ପ୍ରତିନିଧିତ୍ୱ କରିବାରେହିଁ ସେମାନଙ୍କର ଉଦ୍ଦେଶ୍ୟ ସାଧିତ ହୋଇଥାଏ ।

ଅନ୍ୟଭାଷାରେ କହିଲେ, କେବଳ ଆପେକ୍ଷିକ ଓ ଭୌତିକ ଚେତନାର ରୂପରାଶି ମଧ୍ୟଦେଇ ଆପଣାକୁ ପ୍ରକାଶ କରିବାରେ ଆନନ୍ଦ ଉପଭୋଗ କରିବା ସକାଶେହିଁ ବ୍ରହ୍ମ ରୂପଗ୍ରହଣ କରିଛନ୍ତି ଓ ଜଡ଼ଧାତୁ ଭିତରେ ଆପଣାର ସତ୍ତାକୁ ପ୍ରତିଫଳିତ କରିଛନ୍ତି । ପ୍ରାଣର ମୂଳାୟନଗୁଡ଼ିକରେ ଆପଣାକୁ ଫୁଟାଇବା ଲାଗି ବ୍ରହ୍ମ ଜଗତ୍ ହୋଇଛନ୍ତି । ବ୍ରହ୍ମମଧ୍ୟରେ ଆପଣାକୁ ଆବିଷ୍କାର କରିବା ଉଦ୍ଦେଶ୍ୟରେହିଁ ପ୍ରାଣ ବ୍ରହ୍ମଷ୍ଠ ହୋଇ ରହିଛି । ମନୁଷ୍ୟହିଁ ବିଶ୍ୱର ଚେତନାକୁ ସେହି ଭୂମିକୁ

'oaob.nitrkl.ac.in' images reprocessed

ଉଦ୍ବେଳିତ କରି ନେଇପାରେ ସେଉଁଠାରେହିଁ ଏକ ପରିପୂର୍ଣ୍ଣ ଆତ୍ମୋପଲବ୍ଧି ସମ୍ଭବ ହୁଏ । ମନୁଷ୍ୟର ମହତ୍ତ୍ୱ ଏଇଥିରେହିଁ ନିହିତ ରହିଛି । ଜୀବନରେ ପରମେଶ୍ୱରଙ୍କୁ ପ୍ରତିଷ୍ଠିତ କରିବା,—ଏହାହିଁ ମନୁଷ୍ୟର ମନୁଷ୍ୟତ୍ୱ । ମନୁଷ୍ୟ ପାଶବିକ ପ୍ରାଣଶକ୍ତି ଓ ଜଡ଼ଜନିତ ବିଚିତ୍ର କ୍ରିୟାପ୍ରତିକ୍ରିୟାଠାରୁହିଁ ଆପଣାର ଜୀବନ ଆରମ୍ଭ କରେ, କିନ୍ତୁ ଏକ ଦିବ୍ୟ ଜୀବନହିଁ ତା'ର ଈପ୍ସିତ ଲକ୍ଷ୍ୟ ହୋଇ ରହିଥାଏ ।

ମାତ୍ର ମନୋଭୂମିରେ ଯେମିତି, ଜୀବନଭୂମିରେ ମଧ୍ୟ ଠିକ୍ ସେମିତି; ଏକ ସର୍ବାବଗାହୀ ସମଗ୍ର ବୋଧ ହେଉଛି ଆତ୍ମୋପଲବ୍ଧିର ଯଥାର୍ଥ ଶୀର୍ଷ । ଚେତନାର ଏକ ବହୁବିଚିତ୍ର ପର୍ଯ୍ୟାୟକ୍ରମରେ ବ୍ରହ୍ମ ଆପଣାକୁ ପ୍ରକାଶ କରନ୍ତି । ଏହି ପର୍ଯ୍ୟାୟଗୁଡ଼ିକ ଦେଶ ଓ କାଳଦୃଷ୍ଟିରୁ ସହାବସ୍ଥିତ ହୋଇ ରହିଛନ୍ତି, ତଥାପି ସେମାନଙ୍କ ଭିତରେ ଏକ ପାରସ୍ପରିକ କ୍ରମସମ୍ବନ୍ଧ ରହିଛି । ତେଣୁ ଆତ୍ମ-ଉନ୍ମୋଚନର ପର୍ବକ୍ରମରେ ପ୍ରାଣକୁ ମଧ୍ୟ ଆତ୍ମ-ଆବିଷ୍କାରର ନିତ୍ୟନୂତନ କ୍ଷେତ୍ରଗୁଡ଼ିକକୁ ଉନ୍ନୀତ ହୋଇ ଯିବାକୁ ହୋଇଥାଏ । ମାତ୍ର ଗୋଟିଏ କ୍ଷେତ୍ରରୁ ଆଉ ଗୋଟିଏ କ୍ଷେତ୍ରକୁ ଉତ୍ତୀର୍ଣ୍ଣ ହେଲାବେଳକୁ ଯଦି ନୂତନ ଆଗତପ୍ରାପ୍ତ ଲାଭସମ୍ପଦକୁ ପାଇବାର ଆଗ୍ରହାତିଶଯ୍ୟରେ ଆମେ ପୂର୍ବ କ୍ଷେତ୍ରର ଉପଲବ୍ଧ ସମ୍ପଦକୁ ବର୍ଜନ କରିପକାଉ, ମାନସିକ ଭୂମିରେ ଉପନୀତ ହୋଇ ଯଦି ଆମେ ଆମର ମୂଳଭୂମିସ୍ୱରୂପ ରହିଥିବା ଭୌତିକ ଭୂମିଟିକୁ ପ୍ରତ୍ୟାଖ୍ୟାନ କରିଦେଉ ବା ତାହାକୁ ହୀନତର ବୋଲି ବିଚାର କରୁ, କିମ୍ବା ଆଧ୍ୟାତ୍ମିକର ଆକର୍ଷଣ ମୋହରେ ଯଦି ଆମେ ମାନସିକ ଓ ଭୌତିକକୁ ଅସ୍ୱୀକାର କରୁ, ତେବେ ତଦ୍ୱାରା ଆମେ ଆମଭିତରେ ପରମେଶ୍ୱରଙ୍କୁ ସମ୍ପୂର୍ଣ୍ଣତଃ ପ୍ରତିଷ୍ଠିତ କରି ପାରୁନାହିଁ କିମ୍ବା ତାଙ୍କର ଆତ୍ମପ୍ରକାଶ ଲାଗି ସମଗ୍ର କ୍ଷେତ୍ରଟିକୁ ଆଦୌ ପ୍ରସ୍ତୁତ କରି ପାରୁନାହିଁ ବୋଲି କହିବାକୁ ପଡ଼ିବ । ଏପରି କରି ଆମେ କଦାପି ପରିପୂର୍ଣ୍ଣ ହୋଇ ପାରୁନାହିଁ, ଆମ ଅପରିପୂର୍ଣ୍ଣତାର କ୍ଷେତ୍ରରେହିଁ ପରିବର୍ତ୍ତନ ଘଟାଇଥାଉ କିମ୍ବା ଖୁବ୍ ହେଲେ ସୀମିତ କେତୋଟି ସୋପାନମାତ୍ର ପାର ହେବାକୁ ସମର୍ଥ ହେଉ । ଆମେ ଯେତେ ଉଚ୍ଚକୁ ଆରୋହଣ କରିଥାଉ ନା କାହିଁକି, ଏପରିକି ଖାସ୍, ଅସତ୍ ପର୍ଯ୍ୟନ୍ତ ଆସି ପହଞ୍ଚି ଯାଇଥାଉ ନା କାହିଁକି, ପାଦଦେଶଟିକୁ ଭୁଲି ଯାଇଥିବାରୁ ଆମର ଏହି ଅଭିଯାନ ଖାଲି ବ୍ୟର୍ଥହିଁ ହୋଇଯାଏ । ନିମ୍ନତରକୁ ନିମ୍ନତର କ୍ଷେତ୍ରରେ ଛାଡ଼ିଦେଇ ଚାଲି-ଆସିଲେ ସିଦ୍ଧି ହୁଏନାହିଁ, ମାତ୍ର ଆମେ ଆସି ପହଞ୍ଚିଥିବା ଉଚ୍ଚତରର ଆଲୋକରେ ନିମ୍ନତର ସ୍ତରଟିକୁ ପ୍ଲାବିତ କରି ତାହାର ରୂପାନ୍ତର ଘଟାଇବାକୁ ପଡ଼େ । ଏହାହିଁ ଦିବ୍ୟପ୍ରକୃତିର ସ୍ୱଧର୍ମ । ସମଗ୍ରରୂପ ବ୍ରହ୍ମ ଏକାଧାରରେ ଚେତନାର ଅନେକ ସ୍ତରକୁ ଏକତ୍ର ସମନ୍ୱିତ କରି ରଖିଥା'ନ୍ତି, ଆମ୍ଭେମାନେ ମଧ୍ୟ ବ୍ରାହ୍ମୀ ପ୍ରକୃତିକୁ ପ୍ରକାଶ କରି ପରିପୂର୍ଣ୍ଣ ଓ ସର୍ବଗ୍ରାହୀ ହେବା ଉଚିତ ।

'oaob.nitrkl.ac.in' images reprocessed

ମର୍ତ୍ତ୍ୟଜୀବନ ପ୍ରତି ବିତୃଷ୍ଣାଭାବ ପୋଷଣ କରିବା ବ୍ୟତୀତ ଏକଦେଶୀ ବୈରାଗ୍ୟ-ବୃତ୍ତିରେ ଆଉଗୋଟିଏ ବି ତ୍ରୁଟି ରହିଛି, କେବଳ ଏହି ସମଗ୍ର ପରିପ୍ରକାଶର ଆଦର୍ଶଦ୍ୱାରାହିଁ ଯାହାର ସଂଶୋଧନ କରିବାକୁ ହୁଏ । ବ୍ୟକ୍ତିଚେତନା, ବିଶ୍ୱଚେତନା ଏବଂ ଲୋକୋତ୍ତର ବା ବିଶ୍ୱୋତ୍ତୀର୍ଣ୍ଣ ଚେତନା,—ଏହି ଚେତନାତ୍ରୟର ପାରସ୍ପରିକ ସମ୍ବନ୍ଧକୁ ପ୍ରାଣର ଏକ ଘାଣ୍ଟିଜାଗା ବୋଲି କୁହାଯାଇ ପାରିବ । ଜୀବନର ନିତ୍ୟନୈମିତ୍ତିକ କର୍ମବିଭାଜନ ମଧ୍ୟରେ ବ୍ୟକ୍ତି ଆପଣାକୁ ବିଶ୍ୱଭିତରେ ଅନ୍ତର୍ଭୁକ୍ତ କରାଯାଇଥିବା ଏକ ବିବିକ୍ତ ବା ସ୍ୱତନ୍ତ୍ର ସତ୍ତା ଭାବେ ଦେଖିଥାଏ, ଏବଂ ନିଜକୁ ତଥା ବିଶ୍ୱକୁ ସେ ବିଶ୍ୱର ଅତୀତ ତଥା ବ୍ୟକ୍ତିଜୀବନର ଅତୀତ ଏକ ଭୂମାସ୍ୱ ସତ୍ତାର ଅଧୀନ ବୋଲି ଭାବିଥାଏ । ଏହି ଭୂମାସ୍ୱତାକୁହିଁ ଆମେ ସଚରାଚର ଭଗବାନ ବୋଲି କହୁ । ତେଣୁ ଏହିପରି ଭାବରେ ଭଗବାନ୍ ଆମ ଦୃଷ୍ଟିରେ ବିଶ୍ୱୋତ୍ତର ବୋଲି ଅନୁଭୂତ ନ ହୋଇ ଅଧିକାଂଶତଃ ବିଶ୍ୱର ବହିର୍ଭୂତରୂପେ ପ୍ରତୀତ ହୋଇଥା'ନ୍ତି । ଏହି ବିବିକ୍ତ ବୃତ୍ତିର ଏକ ସ୍ୱାଭାବିକ ପରିଣାମସ୍ୱରୂପ ଆମେ ଜୀବ ଓ ଜଗତ୍ ଉଭୟଙ୍କୁହିଁ ତୁଚ୍ଛ ଓ ହେୟ କରିପକାଉ । ତେଣୁ ଭୂମାସ୍ୱତାର ସିଦ୍ଧିଦ୍ୱାରା ଆମଲାଗି ଜୀବ ଓ ଜଗତ୍ ଉଭୟେ କେବଳ ଅପସୃତ ହୋଇ ରହିଯାଆନ୍ତି, ଆମର ବିବିକ୍ତ ଦୃଷ୍ଟିକୁ ନେଇ ଆମେ କେବଳ ଏହିପରି ଏକ ଚରମ ସିଦ୍ଧାନ୍ତରେ ଯାଇ ପହଞ୍ଚୁ ।

ବ୍ରହ୍ମର ସର୍ବୈକତ୍ୱ ଘୋଷଣା କରୁଥିବା ସମଗ୍ର ଦୃଷ୍ଟିଟିରେ ଆଉ ଏସବୁ ପରିଣାମର କୌଣସି ପ୍ରମାଦ ରହିବ ନାହିଁ । ମାନସ ଓ ଆଧ୍ୟାତ୍ମିକର ଉପଲବ୍ଧି ସକାଶେ ଆମକୁ ଯେପରି ଶାରୀରିକ ଜୀବନର ପରିବର୍ଜନ କରିବାକୁ ପଡ଼ିବ ନାହିଁ, ସେହିପରି ସମ୍ୟକ୍ ଦର୍ଶନ ଆମକୁ ଏପରି ଏକ ଭୂମିରେ ଆଣି ପହଞ୍ଚାଇ ଦେଇ-ପାରିବ, ଯେଉଁଠାରେ କି ଜୀବପ୍ରବୃତ୍ତିର ସ୍ୱାଭାବିକ ଧାରାକୁ ବଜାୟ ରଖି ମଧ୍ୟ ବିଶ୍ୱଚେତନାର ସମସ୍ତ ବୋଧ ଅଥବା ବିଶ୍ୱୋତ୍ତର ଭୂମାସ୍ୱ ଚେତନାର ଉପଲବ୍ଧି ଅବଶ୍ୟ ସମ୍ଭବ ହୋଇପାରିବ । ଦୁହିଙ୍କ ମଧ୍ୟରେ କୌଣସି ପ୍ରକାର ଅସଙ୍ଗତି ରହିବ ନାହିଁ । କାରଣ ଯିଏ ବିଶ୍ୱୋତ୍ତୀର୍ଣ୍ଣ, ସେହିଁ ଏହି ବିଶ୍ୱଭିତରେ ଭରି ରହିଛନ୍ତି । ବିଶ୍ୱସହିତ ସେ ଏକୀଭୂତ ହୋଇ ରହିଛନ୍ତି, ବିଶ୍ୱକୁ ଆପଣାଠାରୁ ବହିଷ୍କୃତ କରି ଦେଇନାହାନ୍ତି, ଠିକ୍ ଯେପରି ବିଶ୍ୱ ମଧ୍ୟ ଜୀବଭିତରେ ଭରିରହିଛି, ଜୀବସହିତ ଏକୀଭୂତ ହୋଇ ରହିଛି ଓ ଜୀବକୁ ଆପଣାଠାରୁ ବହିଷ୍କୃତ କରି ଦେଇ ନାହିଁ । ଜୀବ ହେଉଛି ସମଗ୍ର ବିଶ୍ୱଚେତନାର କେନ୍ଦ୍ରବିନ୍ଦୁ । ଏବଂ ବିଶ୍ୱ ହେଉଛି ଏକ ରୂପାୟନ ଓ ଏକ ସଂଜ୍ଞାମାତ୍ର, ଯାହାକି ସେହି ଅରୂପ ଏବଂ ସଂଜ୍ଞାତୀତର ଅନ୍ତଃପ୍ରକାଶ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି ।

ଏହି ସତତବର୍ତ୍ତମାନ ସତ୍ୟସମ୍ବନ୍ଧଟି ଆମର ଅଜ୍ଞାନ ଏବଂ ବସ୍ତୁଜଗତ୍ ବିଷୟରେ ଆମର ଭ୍ରମପୂର୍ଣ୍ଣ ଚେତନାଦ୍ୱାରା ଆମଠାରୁ ଆଚ୍ଛନ୍ନ ହୋଇ ରହିଛି । ଜ୍ଞାନ ଓ

'oaob.nitrkl.ac.in' images reprocessed

ଯଥାର୍ଥ ଚେତନାର ଉପଲବ୍ଧି ଦ୍ୱାରା ସେହି ଶାଶ୍ୱତ ସମ୍ବନ୍ଧରେ ସାରତଃ କେଉଁଠି କିଛିହେଲେ ପରିବର୍ତ୍ତନ ହୁଏ ନାହିଁ । କେବଳ ଜୀବର ଚିତ୍‌କେନ୍ଦ୍ରରୁ ବିଚ୍ଛୁରିତ ହେଉ-ଥିବା ତା'ର ଅନ୍ତର୍ଫଳିତ ତଥା ବହିର୍ଫଳିତ ଦୃଷ୍ଟିରେ ଗଭୀର ରୂପାନ୍ତରମାନ ଘଟିଥାଏ ଏବଂ ଏହାର ଫଳସ୍ୱରୂପ ତା'ର ପ୍ରବୃତ୍ତିର ସ୍ୱଭାବ ତଥା ପରିଣାମରେ ମଧ୍ୟ ରୂପାନ୍ତର ଲକ୍ଷିତ ହୁଏ । ବିଶ୍ୱରେ ବିଶ୍ୱୋତ୍ତୀର୍ଣ୍ଣଙ୍କର ନିତ୍ୟଲୀଳାଲାଗି ଜୀବ ତଥାପି ଅତ୍ୟାବଶ୍ୟକ ଆଧାର ହୋଇ ରହିଥାଏ ଏବଂ ନୂତନ ଚେତନାର ପ୍ରତିଫଳନ ପରେ ମଧ୍ୟ ଜୀବ-ଭିତରେ ସେହି ନିତ୍ୟର ଅବସାନ ଘଟେ ନାହିଁ । ବରଂ ବିଶ୍ୱଲୀଳାର ଐକାନ୍ତିକ ପ୍ରୟୋଜନରେହିଁ ସେତେବେଳେ ମଧ୍ୟ ସମ୍ବୁଦ୍ଧ ଜୀବଚେତନା ବିଶ୍ୱକର୍ମରେ ଅଭିନିବିଷ୍ଟ ହୋଇ ରହିଥାଏ । କାରଣ ଜୀବମଧ୍ୟରେ ବିଶ୍ୱୋତ୍ତୀର୍ଣ୍ଣର ସଚେତନ ଆତ୍ମପ୍ରକାଶଦ୍ୱାରାହିଁ ବିଶ୍ୱଗତ ସମଷ୍ଟି ଭିତରେ ଆତ୍ମଚେତନାର ପରିପ୍ରକାଶ ସମ୍ଭବ ହୁଏ । ତେଣୁ ବିଶ୍ୱୋତ୍ତୀର୍ଣ୍ଣ ଜ୍ୟୋତିର ସଂସ୍ପର୍ଶରେ ଆସି ଜୀବର ଅବଶ୍ୟ ବିଲୟ ଘଟିବାହିଁ ଯଦି ନିୟତି ହୋଇଥା'ନ୍ତା, ତେବେ ଏହି ସଂସାର ନିରବଚ୍ଛିନ୍ନ ଅନ୍ଧକାର, ମୃତ୍ୟୁ ଓ ଦୁଃଖତାପ ଭିତରେ ସବୁଦିନ ପାଇଁ ନିମଗ୍ନ ଓ ବର୍ଜିତ ହୋଇ ରହିଥା'ନ୍ତା । ଏବଂ ଏହିପରି ଏକ ସଂସାର କେବଳ ନିର୍ମମ ଯନ୍ତ୍ରଣାଭୋଗ କିମ୍ବା ଏକ ଅବଶ୍ୟମ୍ଭାବୀ ଭ୍ରମଚକ୍ରରେହିଁ ପର୍ଯ୍ୟବସିତ ରହନ୍ତା ।

ବୈରାଗ୍ୟବାଦୀ ଦର୍ଶନ ସଂସାରକୁ ଏହିପରି ଭାବରେ କଳ୍ପନା କରିଥାଏ । ମାତ୍ର ବିଶ୍ୱରେ ଆମର ଅସ୍ତିତ୍ୱଟାହିଁ ଯଦି ଏକ ମାୟା ବୋଲି ଘୋଷିତ ହୁଏ, ତେବେ ବ୍ୟକ୍ତିର ମୁକ୍ତି କହିଲେ ତାହାର ପ୍ରକୃତରେ କୌଣସି ଅର୍ଥହିଁ ରହିବ ନାହିଁ । ଅଦ୍ୱୈତବାଦ ଜୀବ ଏବଂ ବ୍ରହ୍ମକୁ ଏକ ବୋଲି କହେ, ବ୍ରହ୍ମଠାରୁ ଜୀବକୁ ଭିନ୍ନ ବୋଲି ଦେଖିବାକୁ ଅଜ୍ଞାନ ବୋଲି କହେ । ତେଣୁ ଏହି ଭେଦଦୃଷ୍ଟିରୁ ମୁକ୍ତ ହୋଇ ବ୍ରହ୍ମସହିତ ତାଦାତ୍ମ୍ୟ ଅନୁଭବ କରିବାକୁ ଅଦ୍ୱୈତବାଦ ମୁକ୍ତିବୋଲି କହେ । ମାତ୍ର ଭେଦଦୃଷ୍ଟିରୁ ମୁକ୍ତ ହୋଇ ପ୍ରକୃତରେ କିଏ ଲାଭବାନ୍ ହୁଏ ? ପରଂବ୍ରହ୍ମଙ୍କର ଏଥିରେ କୌଣସି ଲାଭ ହୁଏ ନାହିଁ, କାରଣ ସେ ହେଉଛନ୍ତି ନିତ୍ୟଶୁଦ୍ଧ ଓ ନିତ୍ୟମୁକ୍ତ, ପ୍ରଶାନ୍ତ ଓ ନିର୍ବିକାର । ଏଥିରେ ବିଶ୍ୱର ମଧ୍ୟ କୌଣସି ଲାଭ ହୁଏ ନାହିଁ । କାରଣ କୌଣସି ଗୋଟିଏ ଜୀବର ଆତ୍ମା ବିଶ୍ୱମାୟାର ଜାଲଭିତରୁ ମୁକ୍ତିଲାଭ କଲେ ତଦ୍ଦ୍ୱାରା ବିଶ୍ୱର ମୁକ୍ତି ହୋଇଯାଏ ନାହିଁ । ବିଶ୍ୱର ବନ୍ଧନ ସଦାବର୍ତ୍ତମାନ ରହିଥାଏ । ତେଣୁ ଦୁଃଖ ଏବଂ ବିଭକ୍ତତା ଭିତରୁ ମୁକ୍ତ ହୋଇ ଓ ପ୍ରଶାନ୍ତ ଆନନ୍ଦର କୋଡ଼ରେ ସ୍ଥାନ ଲାଭକରି କେବଳ ଜୀବହିଁ ଆପଣାର ପରମ କଲ୍ୟାଣର ଅଧିକାରୀ ହୋଇଥାଏ । ପ୍ରମୁକ୍ତ ଚେତନାର ଜ୍ୟୋତିରେ ଉଦ୍‌ଭାସିତ ହେବା ପରେ ମଧ୍ୟ ଯେ ଜୀବାତ୍ମାର ବ୍ରହ୍ମ ଓ ଜଗତଠାରୁ ବିଶିଷ୍ଟ କୌଣସି ଏକ

'oaob.nitrkl.ac.in' images reprocessed

ବାସ୍ତବ ସତ୍ତା ତଥାପି ବର୍ତ୍ତମାନ ରହିଥାଏ, ଏପରି ମଧ୍ୟ ଅନୁମାନ କରାଯାଇପାରେ । ମାତ୍ର ମାୟାବାଦୀ ଜୀବାତ୍ମାକୁ ମାୟାବୋଲିହିଁ ଦେଖେ, ମାୟାର ଅନିର୍ବଚନୀୟ ରହସ୍ୟ ବ୍ୟତୀତ ଅନ୍ୟ ସବୁଠାରେ ଜୀବାତ୍ମା ତାକୁ ଅସତ୍ ବୋଲି ପ୍ରତୀତ ହୁଏ । ତେଣୁ ଅସତ୍ ଓ ମାୟାମୟ ଏକ ଜଗତରେ ଏକ ଅସତ୍ ଓ ମାୟାମୟ ବନ୍ଧନ ଭିତରୁ ଏକ ଅସତ୍ ଓ ମାୟାମୟ ଜୀବାତ୍ମାର ମୁକ୍ତିଲାଭହିଁ ଯେ ସେହି ଅସତ୍ ଜୀବାତ୍ମା ପକ୍ଷରେ ଏକମାତ୍ର ଈପ୍ସିତ ପରମ କଲ୍ୟାଣ, ମାୟାବାଦୀ ଆମକୁ ଏପରି ଏକ ସିଦ୍ଧାନ୍ତରେ ଆଣି ଉପନୀତ କରାଇଦିଏ । କାରଣ ଯେଉଁଠାରେ ସମସ୍ତ କେବଳ କଳ୍ପିତ ଓ ମାୟାମୟ, "ସେଠାରେ ବଦ୍ଧ ବା ମୁକ୍ତ କେହିହେଲେ ନାହିଁ, ତେଣୁ ବନ୍ଧନମୁକ୍ତ ହେବାଲାଗି ଇଚ୍ଛା କରିବାକୁ ମଧ୍ୟ କେହି ନାହିଁ";—ଏଇଟି ହେଲା ବିଦ୍ୟାର ଚରମ ଅନୁଭବ । ଅର୍ଥାତ୍ ଅବିଦ୍ୟା ପରି ବିଦ୍ୟାମଧ୍ୟ କେବଳ ଏକ ପ୍ରହସନରେ ଆସି ପର୍ଯ୍ୟବସିତ ହୁଏ । ଆମର ତଥାକଥିତ ମୁକ୍ତିଲାଭ ପରେ ବି ମାୟା ଆମର ସାଙ୍ଗଛାଡ଼ି ଯାଏ ନାହିଁ, ଏବଂ ମାୟାର ସକଳ ରହସ୍ୟଗ୍ରନ୍ଥିକୁ କାଟି ପକାଇଥିବାର ଭ୍ରମ କରୁଥିବା ଆମର ବିଜୟୋଲ୍ଲସିତ ତର୍କବୁଦ୍ଧିକୁ ଖାଲି ଉପହାସ କରିବାରେ ଲାଗିଥାଏ ।

ଏସବୁ ପ୍ରହେଳିକାକୁ ସମ୍ପୂର୍ଣ୍ଣଭାବେ ବୁଝାଇ କୁହାଯାଇ ପାରିବ ନାହିଁ ବୋଲି ମତପ୍ରକାଶ ପାଇଥାଏ । ଏହି ରହସ୍ୟ ଅନାଦି, ତେଣୁ ଏହାର ସମାଧାନହିଁ ନାହିଁ । ତେଣୁ ଏକ ବାସ୍ତବ ସତ୍ୟରୂପେ ସେଗୁଡ଼ିକୁ ଆମକୁ ଗ୍ରହଣ କରିନେବାକୁହିଁ ପଡ଼ିବ । ଅର୍ଥାତ୍ ଗୋଟାଏ ଗୋଲକଧନ୍ଦା ଭିତରୁ ବାହାରିବା ସକାଶେ ଆଉଗୋଟିଏ ଗୋଲକଧନ୍ଦାର ଆଶ୍ରୟ ନେବାକୁ ହେବ । ଏକ ଚରମ ଅହମିକାର ଅଭିଘାତ ଦ୍ୱାରା ଅର୍ଥାତ୍ ଆପଣାର ବ୍ୟକ୍ତିଗତ ମୁକ୍ତିଲାଗି ଐକାନ୍ତିକ ଆସକ୍ତି ରଖିହିଁ ଜୀବାତ୍ମା ତା'ର କ୍ଷୁଦ୍ର ଅହଂର ଗ୍ରନ୍ଥିକୁ କାଟିଦେଇ ପାରିବ । ମାତ୍ର ସେପରି କଲେ ନ୍ୟାୟତଃ ତାକୁ ମାୟାଭିତରେ ଆପଣାକୁ ତଥାପି ଏକ ବିଶିଷ୍ଟ ଅସ୍ତିତ୍ୱରୂପେ ସ୍ୱୀକାର କରିନେବାକୁ ପଡ଼ିବ । ଏହି ମାର୍ଗରେ ପରିଚାଳିତ ହୋଇ ଆମେ ନିଜ ବ୍ୟତୀତ ଅନ୍ୟମାନଙ୍କର ଆତ୍ମାକୁ କେବଳ ଆମ ମନର ବିକଳ୍ପ ବୋଲି ଦେଖିବାକୁ ଆରମ୍ଭ କରିବା, ଏବଂ ସେମାନଙ୍କର ମୁକ୍ତିକୁ ଅପ୍ରାସଙ୍ଗିକ ଓ ମହତ୍ତ୍ୱହୀନ ବୋଲି ଭାବିବା । କେବଳ ଆମ ନିଜର ଆତ୍ମାକୁହିଁ ଏକମାତ୍ର ବାସ୍ତବ ବୋଲି ଓ ଆମ ନିଜର ମୁକ୍ତିକୁହିଁ ଏକମାତ୍ର ପ୍ରାସଙ୍ଗିକ ସତ୍ୟ ବୋଲି ଗ୍ରହଣ କରିନେବା । ମୋର ବ୍ୟକ୍ତିଗତ ବନ୍ଧନମୁକ୍ତିକୁ ମୁଁ ବାସ୍ତବ ବୋଲି ସ୍ୱୀକାର କରିନେବି, ଏବଂ ମୋର ଆତ୍ମସ୍ୱରୂପ ଅନ୍ୟମାନଙ୍କର ଆତ୍ମା ସେହି ବନ୍ଧନ ଭିତରେ ପଡ଼ି ରହିଥିବେ !

ବ୍ରହ୍ମ ଓ ଜଗତ୍ ମଧ୍ୟରେ ସକଳପ୍ରକାର ଦୁର୍ଲଂଘ୍ୟ ବିରୋଧକୁ ଅପସାରିତ କରିଦେଇ ପାରିଲେ ଯାଇ ସ୍ୱତଃବିରୋଧ ଦ୍ୱାରା ଅପେକ୍ଷାକୃତ ଅନେକ କମ

'oaob.nitrkl.ac.in' images reprocessed

ପରିମାଣରେ ଆକ୍ରାନ୍ତ ଏକ ନ୍ୟାୟବୁଦ୍ଧି ଦ୍ୱାରା ଆମର ଦର୍ଶନରେ ସୁସଙ୍ଗତ ସମ୍ଭବ ହୋଇପାରିବ । ବିଶ୍ୱରେ ପରିପ୍ରକାଶିତ ବ୍ରହ୍ମର ଅଖଣ୍ଡତାକୁ ସ୍ୱୀକାରକରିବା ସଙ୍ଗେ ସଙ୍ଗେ ଆମକୁ ଏହି ପରିପ୍ରକାଶର ବହୁବିଚିତ୍ରତାଟିକୁ ମଧ୍ୟ ଗ୍ରହଣ କରି ନେବାକୁ ହେବ । ଆମେ ଯେକୌଣସି ସ୍ଥାନରେ ଆଖି ପକାଉ ନା କାହିଁକି, ପ୍ରକୃତରେ କେବଳ ଏହି ସତ୍ୟଟିହିଁ ଆମର ଦୃଷ୍ଟିଗୋଚର ହୁଏନାହିଁ କି ? ଅବଶ୍ୟ ଦେଖିକରି ମଧ୍ୟ ତଥାପି ନ ଦେଖିଲି ପରି ହେଲେ ତାହା ଭିନ୍ନ କଥା । ଚିତ୍‌ସତ୍ତାର ମୂଳତଃ କୌଣସି ବନ୍ଧନ ନାହିଁ । ଏକତ୍ୱ ବା ବହୁତ୍ୱ କୌଣସିଟିରେ ସେ ଆବଦ୍ଧ ହୋଇ ରହି ନାହିଁ,—ତାହାର ସହଜବୋଧ ଓ ସ୍ୱାଭାବିକ ରହସ୍ୟଟି କ'ଣ ଏହାହିଁ ନୁହେଁ କି ? ବିଶିଷ୍ଟ ଆତ୍ମରୂପାୟନର ଅନନ୍ତ ସମ୍ଭାବନାକୁ ସ୍ୱକୀୟ ସ୍ୱାତରେ ସଜାଇ ଆପଣାର ଅନ୍ତର୍ଗତ କରି ରଖିବାଲାଗି ତାହାର ସମ୍ପୂର୍ଣ୍ଣ ସ୍ୱାତନ୍ତ୍ୟ ରହିଛି, ଏହି ଅର୍ଥରେ ଆମେ ତାହାକୁ "ନିର୍ବିଶେଷ" ବୋଲି କହିବା । ସେହି "ନିର୍ବିଶେଷ" ଭିତରେ କେହି ବଦ୍ଧ ନାହିଁ କି କେହି ମୁକ୍ତ ନାହିଁ, କେହି ବନ୍ଧନମୁକ୍ତ ଲାଗି ପ୍ରୟାସ ବି କରୁ ନାହିଁ । କାରଣ ସେଠାରେ ଆପଣାର ଅବ୍ୟାହତ ସ୍ୱାତନ୍ତ୍ୟରେ ତତ୍‌ସ୍ୱରୂପ ନିତ୍ୟସ୍ୱରୂପ ନିତ୍ୟମୁକ୍ତ ରହିଛନ୍ତି । ସେଠାରେ ସେ ଏପରି ମୁକ୍ତ ଯେ ମୁକ୍ତି ମଧ୍ୟ ତାଙ୍କୁ ଆବଦ୍ଧ କରି ରଖି ନାହିଁ । କୌଣସି ପ୍ରକାର ଆବଦ୍ଧତାରେ ଜଡ଼ିତ ନ ହୋଇ ମଧ୍ୟ ତାଙ୍କର ବନ୍ଧନଲୀଳାର ସାମର୍ଥ୍ୟ ରହିଛି । ତାଙ୍କର ଶୃଙ୍ଖଳ ସେ ଆପେ ଆପଣା ଉପରକୁ ଗ୍ରହଣ କରି ନେଇଥିବା ଏକ ପରମ୍ପରା, ଅହଂର ସୀମାଭିତରେ ଆପଣାକୁ ବାନ୍ଧିରଖିବା ତାଙ୍କର ଏକ ସାମୟିକ କୌଶଳ ମାତ୍ର । ଏହି କୌଶଳଦ୍ୱାରାହିଁ ସେ ଜୀବବ୍ରହ୍ମର ଯୋଜନା ଭିତରେ ଆପଣାର ତୁରୀୟତା ଏବଂ ବିଶ୍ୱଗତ ଐଶ୍ୱର୍ଯ୍ୟକୁ ପ୍ରକାଶିତ କରିବାରେ ଲାଗିଥା'ନ୍ତି ।

ସେହି ତୁରୀୟ ଓ ବିଶ୍ୱୋତ୍ତୀର୍ଣ୍ଣ ସ୍ୱଗତ ନିଷ୍କଳ ସ୍ୱତନ୍ତ୍ରତାରେ ଦେଶ ଓ କାଳର ଅତୀତ, ସେ ସାନ୍ତ ଓ ଅନନ୍ତର କାଳ୍ପନିକ ସକଳ ବିରୋଧର ଅତୀତ । ମାତ୍ର ଆପଣାକୁ ନାନାଭାବେ ରୂପାୟିତ କରିବାଲାଗି ତାଙ୍କର ଯେଉଁ ସ୍ୱାଧୀନତା ରହିଛି, ସେ ଏହି ବିଶ୍ୱରେ ତାହାର ପ୍ରୟୋଗ କରୁଛନ୍ତି, ଆପଣା ମାୟାଶକ୍ତିର ପ୍ରୟୋଗ କରୁଛନ୍ତି । ଏକତ୍ୱ ଓ ବହୁତ୍ୱର ଅନୁପୂରକ ଅର୍ଥରେ ଆପଣାର ନିଷ୍କଳ ସ୍ୱରୂପକୁ ସକଳ କରିବା ଉଦ୍ଦେଶ୍ୟରେ ସେ ଏହି ପ୍ରୟୋଗ କରୁଛନ୍ତି, ଏବଂ ଅବଚେତନ, ଚେତନ ଓ ଅଧିଚେତନର ତିନୋଟିଯାକ ଭୂମିରେ ଏହି ବହୁଧାପୁଞ୍ଜିତ ଏକତ୍ୱର ପ୍ରତିଷ୍ଠା କରିବାରେ ଲାଗିଛନ୍ତି । ଜଡ଼ବିଶ୍ୱରେ ରୂପାୟିତ ହେଉଥିବା ତାଙ୍କର ବହୁଭାବନା ଏକ ଅବଚେତନ ଅଦ୍ୱୟସ୍ୱଭାବର ଲୀଳାକୁହିଁ ବହନ କରିଚାଲିଛି । ଏହି ଅଦ୍ୱୟସ୍ୱଭାବ ବିଶ୍ୱର ଉପାଦାନ ଓ କ୍ରିୟାଭିତରେ ଆପଣାକୁ ଯଥେଷ୍ଟ ସ୍ପଷ୍ଟଭାବରେ ପ୍ରକଟ କରିବାରେ

'oaob.nitrkl.ac.in' images reprocessed

ଲଗିଛୁ, ମାତ୍ର ବାହାରୁ ଦେଖିଲେ ସେହି ଉପାଦାନ ଓ କ୍ରିୟାଗୁଡ଼ିକର ସେବପସ୍ଥରେ କୌଣସି ଚେତନା ନାହିଁ । ଚେତନ ସ୍ତରରେ ଅଦ୍ୱୟସ୍ୱଭାବର ଚେତନା ଅହଂରୂପୀ ବହିର୍ବିନ୍ଦୁରୁ ଅବଶ୍ୟ ନିଷ୍ପନ୍ନ ହୋଇ ପାରୁଥା'ନ୍ତା । ମାତ୍ର ଏହି ସ୍ତରଟିରେ ମଧ୍ୟ କେବଳ ରୂପାୟନର ଜଗତରେ ଅର୍ଥାତ୍ ବହିରାବୃତ କ୍ରିୟାର ଜଗତରେହିଁ ଜୀବ ଆପଣାର ଅଦ୍ୱୟସ୍ୱବୋଧକୁ କାମରେ ଲଗାଇଥାଏ । ମାତ୍ର ବ୍ୟକ୍ତି ଅହଂର ଅନ୍ତରାଳରେ ଯାହାସବୁ ଘଟୁଛି, ସେ ତାହାର କୌଣସି ଖବର ରଖେନାହିଁ । ତେଣୁ ସେ କେବଳ ନିଜଭିତରେ ଯେ ଏକ ଓ ସହିତ ତାହାନୁହେଁ, ଅନ୍ୟମାନଙ୍କ ସହିତ ଅର୍ଥାତ୍ ନିଖିଳ ବିଶ୍ୱସହିତ ଯେ ସେ ଏକ ଓ ସହିତ ହୋଇ ରହିଛି, ସିଏ ସେଇଟି ଉପଲବ୍ଧି କରି ପାରେନାହିଁ । ବିଶ୍ୱଅହଂ ବିଭକ୍ତ ଅହଂଚେତନାର ବାଡ଼ ଭିତରେ ବନ୍ଧାହୋଇ ପଡ଼ି ସେଇଥିରୁହିଁ ଆମ ଅପୂର୍ଣ୍ଣ ଅହଂସର୍ବସ୍ୱ ବ୍ୟକ୍ତିତ୍ୱ ଜନ୍ମଲାଭ କରିଥାଏ । ମାତ୍ର ସଙ୍କୁଚିତ ବ୍ୟକ୍ତି-ଚେତନାର ବାଡ଼କୁ ପାର ହୋଇ ଯାଇପାରିଲେ ଅହଂ ଅବଚେତନକୁ ମଧ୍ୟ ଆପଣାଭିତରେ ଅନ୍ତର୍ଭୁକ୍ତ କରିବାକୁ ସମର୍ଥ ହୁଏ ଏବଂ ତାହାର ବଶରେ ଧରାଦିଏ । ବିଶ୍ୱମୟ ଅଦ୍ୱୈତ-ଭାବର ବୋଧ ଅର୍ଜନ କରି ସେ ଭୂମାସ୍ଥ ଭିତରେ ପ୍ରବେଶ କରେ । ବହୁସମ୍ପୃକ୍ତ ଏକତ୍ୱର ଲୀଳାଭିତରେ ବିଶ୍ୱ ଯାହାର ସ୍ୱରୂପଟିକୁ ଫୁଟାଇବାରେ ଲଗିଛି, ସେ ସେହି ଭୂମାସ୍ଥ ଭିତରେ ପ୍ରବିଷ୍ଟ ହୁଏ ।

ତେଣୁ ବ୍ୟକ୍ତିଆତ୍ମାର ମୁକ୍ତିହିଁ ଏହି ନିର୍ଦ୍ଦିଷ୍ଟ ଦିବ୍ୟକ୍ରିୟାର ସର୍ବପ୍ରଧାନ କଥା । ଏହି ପ୍ରାଥମିକ ଦିବ୍ୟ ଆବଶ୍ୟକତାଟି ଉପରେହିଁ ଅନ୍ୟ ସକଳ ବିଷୟ ନିର୍ଭର କରୁଛି । ଏହି ଆଲୋକବିନ୍ଦୁରେହିଁ ବହୁମଧ୍ୟରେ ଆକାଂକ୍ଷିତ ସମ୍ପୂର୍ଣ୍ଣ ଆତ୍ମରୂପାୟନ ପ୍ରକାଶିତ ହେବାକୁ ଆରମ୍ଭ କରିଥାଏ । ମାତ୍ର ପ୍ରମୁକ୍ତ ଜୀବାତ୍ମା ଆପଣାର ଅଦ୍ୱୈତ-ଅନୁଭବକୁ ଯେପରି ଊର୍ଦ୍ଧ୍ୱାଭିମୁଖୀ ଭାବରେ ଧାବିତ କରାଇଥାଏ, ବିଶ୍ୱାତ୍ମଭାବନାରେ ତାହାକୁ ସେହିପରି ପ୍ରସାରିତ ମଧ୍ୟ କରି ଦେଇଥାଏ । ବିଶ୍ୱମୟ ବହୁସହିତ ଏକତ୍ୱ-ଅନୁଭୂତି ନଆସିବା ପର୍ଯ୍ୟନ୍ତ ଭୂମାସ୍ଥ ସହିତ ଯୁକ୍ତ ହୋଇଥିଲେ ମଧ୍ୟ ଅଦ୍ୱୈତସିଦ୍ଧି କଦାପି ସମ୍ଭବ ହୁଏନାହିଁ । ଏବଂ ବହୁତ୍ୱର ଅନ୍ୟ ବିନ୍ଦୁଗୁଡ଼ିକରେ ମଧ୍ୟ ଆପଣାର ପ୍ରମୁକ୍ତ ବୋଧକୁ ବହୁଧା-ବିଚ୍ଛୁରିତ ଅଥବା ପୁନର୍ସମ୍ଭୂତ କରାଇହିଁ ସେହି ବିଶ୍ୱାତ୍ମବୋଧ ଆପଣାକୁ ଚରିତାର୍ଥ କରାଏ । ଯେକୌଣସି ପ୍ରାଣୀ ଆପଣାସମ ଅନ୍ୟ ଏକ ଶରୀର-ମଧ୍ୟରେ ଆପଣାକୁ ପୁନର୍ସମ୍ଭୂତ କରୁଥିବା ପରି ଦିବ୍ୟବୋଧର ଉପଲବ୍ଧି କରିଥିବା ଗୋଟିଏ ଆତ୍ମା ଆପଣାସମ ଅନ୍ୟ ସମୁକ୍ତ ଆତ୍ମାଗୁଡ଼ିକରେ ମଧ୍ୟ ଆପଣାକୁ ପୁନର୍ସମ୍ଭୂତ କରାଇଥାଏ । ତେଣୁ ଯେତେବେଳେ ଗୋଟିଏ ଆତ୍ମା ମୁକ୍ତିଲାଭ କରେ, ସେତେ-ବେଳେ ଏହି ପୃଥିବୀରେ ବାସ କରୁଥିବା ମାନବସମାଜର ଅନ୍ୟ ଅନେକ ଆତ୍ମାକୁ ମଧ୍ୟ ସେହି ଦିବ୍ୟ ଚୈତନ୍ୟର ପ୍ରସାରଣ ଓ ଏପରିକି ଏକ ବିସ୍ଫୋରଣ ମଧ୍ୟ ଘଟିଥାଏ ।

'oaob.nitrkl.ac.in' images reprocessed

ସମ୍ଭବତଃ ପାର୍ଥିବ ମନୁଷ୍ୟଚେତନାର ସୀମା ଡେଇଁ ତାହା ପ୍ରସାରିତ ହୋଇଯାଏ । ସେହି ପ୍ରସାରଣ ଓ ବିସ୍ଫୋରଣର ସୀମା ସୂଚାଇଦେଇ କେଉଁଠି ଏକ ଗାର କାଟିଦେଇ ପାରିବା କେବେହେଲେ ସମ୍ଭବ ହେବକି ? କଥିତ ଅଛି ଯେ ଯେତେବେଳେ ବୁଦ୍ଧଦେବ ମହାନିର୍ବାଣର ସୋପାନଦ୍ୱାରରେ ଆସି ଦଣ୍ଡାୟମାନ ହେଲେ, ସେତେବେଳେ ତାଙ୍କର ଆତ୍ମା ସେହିଠାରୁହିଁ ଲେଉଟି ଆସିଲା, ଏବଂ ଦୁଃଖର ଜାଲ ଓ ଅହମିକାର ବନ୍ଧନରୁ ଯେପର୍ଯ୍ୟନ୍ତ ପୃଥିବୀର ଗୋଟିଏମାତ୍ର ଜୀବ ମଧ୍ୟ ମୁକ୍ତିଲାଭ କରିନାହିଁ, ସେପର୍ଯ୍ୟନ୍ତ ସେ ସେପାଖକୁ କଦାପି ଗୋଡ଼ ବଢ଼ାଇବ ନାହିଁ ବୋଲି ଶପଥ କରିଥିଲା । ଏଇଟିକୁ କ'ଣ କେବଳ ଏକ କାଳ୍ପନିକ କିମ୍ବଦନ୍ତୀ କହି ଉଡ଼ାଇ ଦିଆଯିବ ?

ମାତ୍ର ବିଶ୍ୱର ପରିବ୍ୟାପ୍ତିରୁ ଆପଣାକୁ ନିରାକୃତ ନକରି ମଧ୍ୟ ଆମେ ଚରମ ସିଦ୍ଧି ଲାଭକରି ପାରିବା । ବ୍ରହ୍ମର ଦୁଇଟିଯାକ ବିଭାବ ସମାନଭାବରେ ଶାଶ୍ୱତ : ଭିତରେ ସେ ବିନିର୍ମୁକ୍ତ, ଏବଂ ବାହାରେ ବ୍ୟାକୃତ ଓ ରୂପାୟିତ । ସେ ଏହି ସୃଷ୍ଟିରେ ଆପଣାକୁ ପ୍ରକାଶିତ କରନ୍ତି, ପୁଣି ସେହି ସୃଷ୍ଟିରୁ ନିର୍ଲିପ୍ତ ଓ ସ୍ୱତନ୍ତ୍ର ହୋଇ ରହନ୍ତି । ତାଙ୍କର ସ୍ୱରୂପ ବହନ କରୁଥିବାରୁ ଆମେ ବି ସେହି ଦିବ୍ୟ ଆତ୍ମୈଶ୍ୱର୍ଯ୍ୟର ଅଧିକାରୀ ହୋଇପାରିବା । ପ୍ରକୃତରେ ଦିବ୍ୟ ଅଧିକାର ଇଚ୍ଛା କରୁଥିବା ସକଳ ଜୀବନଲାଗି ପ୍ରବୃତ୍ତି ଓ ନିବୃତ୍ତି ମଧ୍ୟରେ ଏକ ସହଜ ସାମ୍ୟର ସୂତ୍ର ଆବିଷ୍କାର କରିପାରିବା ଏକାନ୍ତ ଆବଶ୍ୟକ । ଯାହାକୁ ଅତିକ୍ରମ କରି ଆମେ ମୁକ୍ତିଲାଭ କରିଛୁ, ତାହାକୁ ବର୍ଜନ କରିହିଁ ମୁକ୍ତିର ଅନୁଧାବନ କରିବସିଲେ, ସ୍ୱୟଂ ବ୍ରହ୍ମ ଯାହାକୁ ଗ୍ରହଣ କରି ନେଇଛନ୍ତି, ତାହାକୁହିଁ ଅସ୍ୱୀକାର କରିବାର ଏକ ନକାରାତ୍ମକତାହିଁ ଆମର ମାର୍ଗ ହୋଇ ରହିବ । ପୁଣି ତେଣେ ପ୍ରବୃତ୍ତି-ପଥରେ ଯାଇ କର୍ମ ଓ କ୍ରିୟାଶକ୍ତି ମଧ୍ୟରେହିଁ ଲିପ୍ତ ଓ ତନ୍ମୟ ହୋଇ ରହିଲେ ତାହାର ପରିଣାମସ୍ୱରୂପ ଚେତନାର ଏକ ନିମ୍ନତର ଭୂମିକୁ ସତ୍ୟ ବୋଲି ସ୍ୱୀକାର କରି ଉଚ୍ଚତମ ପରମର ପ୍ରତ୍ୟାଖ୍ୟାନ କରିବାହିଁ ସାର ହେବ । ମାତ୍ର ସ୍ୱୟଂ ଭଗବାନ ଯେଉଁ ବିଭାବ ଦୁଇଟିକୁ ସଂଯୁକ୍ତ ଓ ସମନ୍ୱିତ କରି ରଖିଛନ୍ତି, ତାହାକୁ ପରସ୍ପରଠାରୁ ବିଚ୍ଛିନ୍ନ କରି ରଖିବାଲାଗି ମନୀଷ କାହିଁକି ଏତେ ଆଗ୍ରହ ଦେଖାଇବ ? ତାଙ୍କୁ ସମଗ୍ରଭାବେ ଲାଭ କରିବାକୁ ହେଲେ ତାଙ୍କରିପରି ସମ୍ପୂର୍ଣ୍ଣ ହେବାକୁ ପଡ଼ିବ ।

ମୃତ୍ୟୁ ଓ ଦୁଃଖତାପ ଦ୍ୱାରା କବଳିତ ଏହି ମଧ୍ୟବର୍ତ୍ତୀ ଅହଂକାମୀ ଆତ୍ମଚର୍ଯ୍ୟା ଭିତରୁ ବାହାରି ଯିବାକୁ ହେଲେ ଆମକୁ ଅବିଦ୍ୟା ତଥା ବହୁତ୍ୱର ମଧ୍ୟଦେଇ ଗତି କରିବାକୁ ପଡ଼ିବ । ଏହି ବହୁତ୍ୱଭିତରେ ମଧ୍ୟ ଏକତ୍ୱର ପରିପୂର୍ଣ୍ଣ ଅନୁଭବଦ୍ୱାରା ବିଦ୍ୟାକୁ ଅବିଦ୍ୟାର ସହଯୋଗୀ କରାଇନେବାକୁ ହେବ । ତେବେଯାଇ ଅମରତ୍ୱର ପରମ

'oaob.nitrkl.ac.in' images reprocessed

ପ୍ରସାଦକୁ ସମଗ୍ରଭାବେ ଆସ୍ୱାଦନ କରିବା ସମ୍ଭବ ହୋଇପାରିବ । ନିଖିଳ ସମ୍ଭୂତିର ଅନନ୍ତ ସେପାଖରେ ଥିବା ପରମ ଅସମ୍ଭୂତିର ଅନୁଭବ ଲାଭ କରି ଆମେ ଏହି ଜନ୍ମମୃତ୍ୟୁର ନିମ୍ନତର ଆବର୍ତ୍ତନ ଭିତରୁ ମୁକ୍ତିଲାଭ କରିବା । ପ୍ରମୁକ୍ତ ଚେତନାର ସ୍ୱାତନ୍ତ୍ର୍ୟ ଦ୍ୱାରା ସମ୍ଭୂତିକୁ ଦିବ୍ୟ ବୋଲି ଜାଣି ଆମେ ଅମରତ୍ୱର ପ୍ରସାଦଲାଭ ଦ୍ୱାରା ମୃତ୍ୟୁର ଅବରୋଧ କରିବା ଏବଂ ମାନବସମାଜରେ ତାହାର ଚୈତନ୍ୟମୟ ଆତ୍ମପ୍ରକାଶ ଲାଗି ଗୋଟିଏ-ଗୋଟିଏ ଜ୍ୟୋତିକେନ୍ଦ୍ର ହୋଇ ରହିବା ।

'oaob.nitrkl.ac.in' images reprocessed

## ଷଷ୍ଠ ପରିଚ୍ଛେଦ

# ବିଶ୍ୱାୟତନରେ ମାନବ

ସର୍ବାଜୀବେ ସର୍ବସଂସ୍ଥେ ବୃହନ୍ତେ ଅସ୍ମିନ୍ ହଂସୋ ଭ୍ରାମ୍ୟତେ ବ୍ରହ୍ମଚକ୍ରେ ।
ପୃଥଗାତ୍ମାନଂ ପ୍ରେରିତାରଂ ଚ ମତ୍ୱା ଜୁଷ୍ଟସ୍ତତସ୍ତେନାମୃତତ୍ୱମେତି ॥

—ଶ୍ୱେତାଶ୍ୱତର ଉପନିଷଦ, ୧।୬

ସକଳ ଜୀବ ଓ ସକଳ ଚେତନାର ଭୂମିସମଷ୍ଟି ଏହି ବୃହତ୍ ବ୍ରହ୍ମ-ଚକ୍ରରେହିଁ ମାନସଯାତ୍ରୀ ହଂସାତ୍ମା ବିଚରଣ କରୁଥାଏ । ଏହି ଯାତ୍ରାପଥର ଅଧିନାୟକଙ୍କୁ ସେ ଆପଣାଠାରୁ ପୃଥକ୍ ବୋଲି ଭାବୁଥାଏ । ତାଙ୍କର ପ୍ରସାଦରେ ସେ ଅମୃତତ୍ୱ ଲାଭ କରେ ।

ଏକ ବୃହତ୍, ତୁରୀୟସ୍ଥିତ ଓ ପ୍ରଭାସ୍ୱର ପରମାର୍ଥ-ସତ୍ ଅନବଚ୍ଛିନ୍ନ ଭାବରେ ଆପଣାକୁ ବିଶ୍ୱରୂପରେ ଆବିର୍ଭୂତ କରାଉଛନ୍ତି । ଆମର ପ୍ରତ୍ୟକ୍ଷ ଗୋଚର ଏହି ଆପେକ୍ଷିକ ଜଗତର ବହୁବିଧତା ତଥା ସେହି ଅଦୃଶ୍ୟ ଆହୁରି କେତେକେତେ ଜଗତକୁ ସେ ସାଧନ ଓ ଉପାଦାନ, ପରିବେଶ ଓ କ୍ଷେତ୍ରରୂପେ ବ୍ୟବହାର କରି ଚାଲିଛନ୍ତି,—ବିଶ୍ୱଲୀଳାକୁ ଆମେ ଠିକ୍ ଏହିପରି ଏକ ଅର୍ଥରେ ବୁଝିବାଲାଗି ସମର୍ଥ ହେବା ଉଚିତ । କାରଣ ଏହି ଲୀଳା ପଛରେ ଅବଶ୍ୟ ଏକ ଅର୍ଥ ରହିଛି, ଏହାର ଏକ ଲକ୍ଷ୍ୟ ଅବଶ୍ୟ ରହିଛି । ଏହାକୁ ଏକ ଉଦ୍ଦେଶ୍ୟହୀନ ଭ୍ରାନ୍ତି କିମ୍ବା ଦୈବାତ୍ କୁଆଡ଼ୁ ଆସି ଖସିପଡ଼ିଥିବା ଏକ ଆକସ୍ମିକତା ବୋଲି କହି କଦାପି ଉଡ଼ାଇ ଦିଆଯାଇ ପାରିବ ନାହିଁ । ଯେଉଁ ବିବେକବୁଦ୍ଧିରେ ପରିଚାଳିତ ହୋଇ ଆମେ ଏହି ବିଶ୍ୱସତ୍ତାକୁ ମନର ଉଆଣ କେବଳ ଏକ ଶଠଗୃଭୂର୍ଣ୍ଣି ନୁହେଁ ବୋଲି ବୁଝିଥାଉ, ସେହି ବୁଦ୍ଧିଦ୍ୱାରାହିଁ ଆମେ ବିଶ୍ୱର ସ୍ୱରୂପ ସମ୍ପର୍କରେ ମଧ୍ୟ ଏକ ସୁନିଶ୍ଚିତ ସିଦ୍ଧାନ୍ତରେ ଆସି ପହଞ୍ଚିଥାଉ । ସେହି ସିଦ୍ଧାନ୍ତଟି ହେଉଛି : ପରସ୍ପର ସହିତ ଏକାଠି ଲାଗି ରହିଥିବା ଓ ଶାଶ୍ୱତକାଳ ଧରି ସଂଘର୍ଷ କରୁଥିବା ଅଗଣିତ ବିବିକ୍ତ ବସ୍ତୁସମୂହର ଏକ ଅନ୍ଧ, ଅସହାୟ ଓ ସ୍ୱୟଂସ୍ଥିତ ପିଣ୍ଡ ଖାଲି ଉଦ୍ଦେଶ୍ୟହୀନ ଭାବରେ ଯେ ଗତିକରି ଚାଲିଛି, ବିଶ୍ୱ କହିଲେ ଆମେ କଦାପି ସେପରି ବୁଝିବା ନାହିଁ । ଆପେ ଆପଣାର

'oaob.nitrkl.ac.in' images reprocessed

ସୃଷ୍ଟିକରିଥିବା ଓ ଆପେ ଆପଣାକୁ ଚାଳିତ କରୁଥିବା କେବଳ ଏକ ପ୍ରଭୂତବଳ ଅନ୍ଧ ଶକ୍ତି ଯେ ଏଥିରେ କାର୍ଯ୍ୟ କରୁଛି, ଏହାଭିତରେ ଆପଣାର ଉତ୍ପତ୍ତିସ୍ଥଳ ଓ ଉଦ୍ଦେଶ୍ୟ ବିଷୟରେ ସଚେତନ ଥିବା ଓ ବିଶ୍ୱର ଗତି ଓ ପରିଣତି-ପ୍ରକ୍ରିୟାଗୁଡ଼ିକୁ ବାଛି ଦେଖାଉଥିବା କୌଣସି ପ୍ରଚ୍ଛନ୍ନ ବୁଦ୍ଧି ଯେ କାର୍ଯ୍ୟ କରୁ ନାହିଁ, ଏପରି ଅନୁମାନ କରିବା ମଧ୍ୟ କେବଳ ଏକ ଭ୍ରମହିଁ ହେବ । ଏକ ସ୍ୱୟଂପ୍ରଜ୍ଞ, ଏବଂ ତେଣୁ ଆପଣାକୁ ସମ୍ପୂର୍ଣ୍ଣଭାବେ ଆପଣାର ବଶରେ ରଖିଥିବା ଏକ ସତ୍ତାହିଁ ପ୍ରାତିଭାସିକ ସତ୍ତାଭିତରେ ଆବିଷ୍ଟ ଓ ଅନ୍ତର୍ଗୂଢ଼ ହୋଇ ରହିଛି, ବିଶ୍ୱଭିତରେ ଆପଣାକୁ ରୂପାୟିତ କରୁଛି ଓ ବ୍ୟକ୍ତିଭିତରେ ଆପଣାକୁ ଫୁଟାଇ ଚାଲିଛି ।

ଏହି ଜ୍ୟୋତିର୍ମୟ ଉନ୍ମେଷକୁ ଆର୍ଯ୍ୟ ପିତୃପୁରୁଷମାନେ ଉଷାରୂପରେ ବର୍ଣ୍ଣନା କରିଛନ୍ତି । ବିଶ୍ୱବ୍ୟାପୀ ବିଷ୍ଣୁଙ୍କର ପରମପଦରେହିଁ ସେହି ଉନ୍ମେଷର ଚରମ ପ୍ରତିଷ୍ଠା, ପୂର୍ବପୁରୁଷମାନେ ତାହାକୁ ଦିବ୍ୟମାନସର ଦ୍ୟୁଲୋକରେ ପ୍ରସାରିତ ଏକ ପ୍ରଜ୍ଞାଚକ୍ଷୁ-ରୂପେ ପ୍ରତ୍ୟକ୍ଷ କରିଥିଲେ । ସର୍ବଭାସକ ଓ ସର୍ବନିୟାମକ ସତ୍ୟ-ରୂପରେ ଏହି 'ବୃହତ୍ ଜ୍ୟୋତି'ହିଁ ନିଖିଳର ମର୍ମମୂଳରେ ନିତ୍ୟଜାଗ୍ରତ ହୋଇ ରହିଛନ୍ତି ଏବଂ ମର୍ତ୍ତ୍ୟର ମଣିଷକୁ ଆପଣାଆଡ଼କୁ ଆକର୍ଷିବାରେ ଲାଗିଛନ୍ତି । ମନୁଷ୍ୟର ସଚେତନ ମନ ପ୍ରଥମତଃ ସେକଥା ଜାଣି ପାରୁନାହିଁ, କେବଳ ପ୍ରକୃତିର ସାଧାରଣ ଗତି ସହିତହିଁ ସେ ସେହିଆଡ଼କୁ ଟାଣିହୋଇ ଯାଉଛି । ମାତ୍ର ପରିଶେଷରେ ତା'ଭିତରେ ଏକ ଅନବଚ୍ଛିନ୍ନ ଜାଗୃତି ତଥା ଆତ୍ମପ୍ରସାରଣ ଆସିବା ପରେ ସେ ସଚେତନ ଭାବରେ ଦିବ୍ୟ ଆକାଙ୍‌କ୍ଷାର ଆରୋହଣ-ଯାତ୍ରାରେ ଅଗ୍ରସର ହୋଇଯାଉଛି । ଦିବ୍ୟ ଜୀବନର ଉପଲବ୍ଧି ଲାଗି ଏହି ଆରୋହଣହିଁ ମାନବର ଯଥାର୍ଥ ଯାତ୍ରା, ତାହାର ସକଳ କର୍ମର ସାରତମ କର୍ମ, ତା'ର ଉପଯୁକ୍ତ ଯଜ୍ଞ । ଏହି ସଂସାରରେ ଏହାହିଁ ମନୁଷ୍ୟର ଏକମାତ୍ର କୃତ୍ୟ, ତା'ର ଜୀବନଧାରଣର ଏକମାତ୍ର ଶ୍ରେୟ । ଏହା ବ୍ୟତୀତ ମନୁଷ୍ୟକୁ ଆହୁରି ଅଗଣିତ ନଶ୍ୱର କୀଟ କର୍ଦ୍ଦମ ଉପରେ ଲଟରପଟର ହୋଇ ଘୂଞ୍ଚୁଥିବା ଏକ କୀଟ ବୋଲିହିଁ କୁହାଯାଇପାରିବ । ଜଡ଼ବିଶ୍ୱର ଏହି ହତବୁଦ୍ଧିକର ବିପୁଳତା ଭିତରେ କୌଣସି ପ୍ରକାରେ ଆପଣାକୁ ଏକ ଆକୃତି ଦେଇ ରଖିଥିବା ପାଣି, ମାଟି, କାଦୁଅର ସେହି ଅଗ୍ନିଟି ସେତେବେଳେ ବିଶ୍ୱ ବୋଲି କୁହାଯାଉଥିବ ।

ବସ୍ତୁଜଗତର ଯାବତୀୟ ବିରୋଧକୁ କାଟିଦେଇ ଯେଉଁ ବସ୍ତୁସତ୍ତା ପ୍ରକାଶିତ ହେବ, ତାହାକୁ ଏକ ଅନନ୍ତ ଆନନ୍ଦ ଓ ସ୍ୱୟଂସଚେତ ସତ୍ତା ବୋଲି ଘୋଷଣା କରାଯାଇଛି । ସବୁଠାରେ, ସର୍ବଭୂତରେ, ସର୍ବକାଳରେ ଓ କାଳାତୀତରେ ମଧ୍ୟ ସେ ସମରସ ଓ ଅବିକଳ ହୋଇରହିଛି । ତାହା ଏହି ସମଗ୍ର ବସ୍ତୁଜଗତର ଅନ୍ତରାଳରେ ଆତ୍ମଜାଗ୍ରତ ରହିଛି । ଏହି ବସ୍ତୁଜଗତର ପ୍ରବଳତମ କର୍ମସ୍ପନ୍ଦନରେ ବା ବିପୁଳତମ

'oaob.nitrkl.ac.in' images reprocessed

ସମସ୍ତରୂପରେ ମଧ୍ୟ ସେହି ସତ୍ତ୍ୱାର ସମ୍ପୂର୍ଣ୍ଣ ରୂପଟି କଦାପି ପ୍ରକାଶିତ ହୁଏ ନାହିଁ କିମ୍ବା ସୀମାବଦ୍ଧ ହୋଇ ରହି ପାରେ ନାହିଁ । କାରଣ ତାହା ହେଉଛି ସ୍ୱୟମ୍ଭୂ ଏବଂ ନିଜର ସତ୍ତ୍ୱାରେ ଉସ୍ଥିତ ରହିବା ସକାଶେ ତାକୁ ଆପଣାର ପରପ୍ରକାଶଗୁଡ଼ିକ ଉପରେ ଆଦୌ ନିର୍ଭର କରିବାକୁ ପଡ଼େ ନାହିଁ । ସେଗୁଡ଼ିକ ତା'ର ପ୍ରତିରୂପ ସତ, ମାତ୍ର ତାହାର ସମୁଦାୟ ପରିଚୟ ନୁହନ୍ତି । ସେମାନେ ସେହି ସ୍ୱରୂପଆଡ଼କୁ ଇଙ୍ଗିତ କରନ୍ତି, ମାତ୍ର ତାହାକୁ ପ୍ରକଟ କରି ପାରନ୍ତି ନାହିଁ । କେବଳ ସେଗୁଡ଼ିକର ଆକାର ଭିତରେ ପ୍ରଚ୍ଛନ୍ନ ରହି ଅରୂପ ସତ୍ତ୍ୱାହିଁ ଆପଣାପାଖରେ ପ୍ରକଟ ହୋଇଥାଏ । ଯେଉଁ ଚିତ୍-ସତ୍ତ୍ୱା ରୂପ ଭିତରେ ସଂବୃତ ରହିଥାଏ, ବିକାଶୋନ୍ମୁଖୀ ଆତ୍ମପରିଣତିର କ୍ରମରେ ସେ ପ୍ରତିବୋଧଦ୍ୱାରା ଆପଣାକୁ ଜାଣିବାଲାଗି ସମର୍ଥ ହୁଏ । ଆତ୍ମଦର୍ଶନ ଓ ଆତ୍ମ-ଅନୁଭୂତି ଦ୍ୱାରା ସେ ଆପଣାକୁ ଜାଣେ । ଆପଣାକୁ ଜାଣି ସେ ଏହି ବିଶ୍ୱରେ ଆତ୍ମରୂପ ହୋଇ ଅବତୀର୍ଣ୍ଣ ହୁଏ, ଆତ୍ମସମ୍ଭୂତି ଦ୍ୱାରା ସେ ଆପଣାକୁ ଜାଣେ । ଏହିପରି ଅନ୍ତରାବୃତି ଦ୍ୱାରା ଆତ୍ମସ୍ୱରୂପରେ ସମାବିଷ୍ଟ ହୋଇ ଆପଣାର ବ୍ୟାକୃତି ଓ ବିଭାବଗୁଡ଼ିକୁ ମଧ୍ୟ ସଚ୍ଚିଦାନନ୍ଦର ସଚେତନ ଆନନ୍ଦ ପ୍ରଦାନ କରିଥାଏ । ସଚ୍ଚିଦାନନ୍ଦ ଶାଶ୍ୱତଭାବରେ ମନ, ପ୍ରାଣ ଓ ଦେହର ଅତୀତ ହୋଇ ରହିଥା'ନ୍ତି । କିନ୍ତୁ ସେହି ଅନନ୍ତ ସଚ୍ଚିଦା-ନନ୍ଦକୁ ମନ, ପ୍ରାଣ ଓ ଦେହର ଆଧାର ଭିତରେ ମୂର୍ତ୍ତି କରିପାରିବା ଦ୍ୱାରାହିଁ ଅଭିଳଷିତ ରୂପାନ୍ତରଟି ସଂଘଟିତ ହୋଇଥାଏ । ଏହି ଦିବ୍ୟ ରୂପାନ୍ତରକୁ ସମ୍ଭବ ଓ ସିଦ୍ଧ କରିବାରେହିଁ ବ୍ୟକ୍ତିଜୀବନର ସାର୍ଥକତା ବା ପ୍ରୟୋଜନ ରହିଛି । ଯେଉଁ ପରିପୂର୍ଣ୍ଣ ତାଦାତ୍ମ୍ୟରେ ସଚ୍ଚିଦାନନ୍ଦ ଆପଣା ଭିତରେ ସମାହିତ ରହିଛନ୍ତି, ଏକ ସମ୍ବନ୍ଧ ସ୍ଥାପନର ମାଧ୍ୟମରେ ସେହି ତାଦାତ୍ମ୍ୟକୁହିଁ ସେ ବ୍ୟକ୍ତିର ଜୀବନରେହିଁ ପ୍ରକଟିତ କରାଇଥା'ନ୍ତି ।

ଅବିଜ୍ଞେୟ ସତ୍‌ସ୍ୱରୂପ ସଚ୍ଚିଦାନନ୍ଦ ରୂପରେ ଆପଣାକୁ ଜାଣନ୍ତି, ଏହା ବେଦାନ୍ତର ଏକ ପରମ ଘୋଷଣା । ଆଉ ଯେତେ ଯାହା ଅନୁଭବସବୁ ଏହାରି ଭିତରେ ଅନ୍ତର୍ଗତ ହୋଇ ରହିଛି ବା ସେମାନେ ଏହାକୁହିଁ ନିର୍ଭର କରି ରହିଛନ୍ତି । ଅଭାବାତ୍ମକ ପଦ୍ଧତିର ଅନୁସରଣ କରି ସକଳ ରୂପ ତଥା ଆବରଣକୁ ଖସାଇଦେଇ କିମ୍ବା ଭାବାତ୍ମକ ରୀତିରେ ସକଳ ନାମରୂପକୁ ତାହାର ଅଧିଷ୍ଠାନ-ସତ୍ୟରେ ପର୍ଯ୍ୟବସିତ କରି ପ୍ରତିଭାସ-ଜଗତର ସକଳ ସଂଶୟକୁ ନିରାକୃତ କରିସାରିବା ପରେ କେବଳ ଏହି ଗୋଟିଏମାତ୍ର ଯଥାର୍ଥ ଅନୁଭବ ଅବଶିଷ୍ଟ ରହିଯାଏ । ଜୀବନକୁ ପରିପୂର୍ଣ୍ଣତାର ସମୃଦ୍ଧି ଆଣି ଦେବାକୁ କିମ୍ବା ଜୀବନର ଉତ୍‌କ୍ରାନ୍ତି ସାଧନ କରିବାକୁ, ଆପଣାର ଚେତନାରେ ଶୁଦ୍ଧ, ସ୍ଥିର ଓ ସ୍ୱତନ୍ତ୍ର ହେବା ଆମର ଲକ୍ଷ୍ୟ ହୋଇଥାଉ କିମ୍ବା ଶକ୍ତିମତ୍ତା, ଆନନ୍ଦ ଅଥବା ପରିପୂର୍ଣ୍ଣତା, ଯେଉଁଥିଲାଗି ଆମର ଆକାଙ୍‌କ୍ଷା ରହିଥାଉ



'oaob.nitrkl.ac.in' images reprocessed

ପଛକେ, ମନୁଷ୍ୟର ଚେତନା କେବଳ ସେହି ସଚ୍ଚିଦାନନ୍ଦରୂପୀ ଅବଜ୍ଞେୟ, ସର୍ବବର୍ତ୍ତିମାନ ଓ ଅପରିହାର୍ଯ୍ୟ ଐଶ୍ୱର୍ଯ୍ୟଟିକୁ ଲାଭ କରିବାଲାଗି ଚିରଦିନ ଆକାଙ୍‌କ୍ଷା ରଖିଆସିଛି । ଆପଣାର ଜ୍ଞାନରେ ଭାବଗତ ଜୀବନରେ, ଇନ୍ଦ୍ରିୟ-ସଂବେଦନରେ ତଥା କର୍ମରେ ସେ ତାହାରହିଁ ଅନ୍ୱେଷଣ କରିଆସିଛି ।

ବିଶ୍ୱ ଓ ଜୀବ,—ଏହି ଦୁଇଟି ମୌଳିକ ରୂପାୟନର ଆଧାର ଉପରେହିଁ ଅବଜ୍ଞେୟ ଆପଣାକୁ ଅବତୀର୍ଣ୍ଣ କରାଇଥା'ନ୍ତି, ଏବଂ ଏହି ଦୁଇଟିର ମାଧ୍ୟମରେହିଁ ଆମକୁ ଅବଜ୍ଞେୟର ସମୀପବର୍ତ୍ତୀ ହେବାକୁ ପଡ଼ିଥାଏ । କାରଣ ମଧ୍ୟବର୍ତ୍ତୀ ଅନ୍ୟାନ୍ୟ ଯାବତୀୟ ପ୍ରତିଭାସପୁଞ୍ଜ କେବଳ ଉକ୍ତ ଦୁଇଟିଯାକର ପାରସ୍ପରିକ ପ୍ରକ୍ରିୟାରୁହିଁ ଉତ୍ପତ୍ତି ଲାଭ କରିଥାଆନ୍ତି । ପରମସତ୍ୟର ଏହି ଅବତରଣ ହେଉଛି ସ୍ୱଭାବତଃ ଏକ ଆତ୍ମ-ସଂଗୋପନ; ଏବଂ ଏହି ଅବତରଣରେ କ୍ରମିକ ସ୍ତରମାନ ରହିଛି, ଏହି ଆତ୍ମ-ସଂଗୋପନରେ କ୍ରମିକ ସ୍ତରମାନ ରହିଛି । ଅତଏବ ତାଙ୍କର ଆତ୍ମପ୍ରକାଶ ଏକ ଆରୋହଣ ରୂପେ ସଂଘଟିତ ହୋଇଥାଏ, ଏବଂ ଏହି ଆରୋହଣ ଓ ଏହି ଆତ୍ମପ୍ରକାଶ ମଧ୍ୟ ସ୍ତର ପରେ ସ୍ତର ପାରହୋଇ ଅଗ୍ରସର ହୋଇଥା'ନ୍ତି । ଦିବ୍ୟପୁରୁଷର ଅବତରଣ-କ୍ରମରେ କ୍ରମିକ ଗୋଟିଏ ଗୋଟିଏ ସୋପାନ ହେଉଛି ମନୁଷ୍ୟର ଆରୋହଣ-ମାର୍ଗରେ କ୍ରମିକ ଗୋଟିଏ ଗୋଟିଏ ସୋପାନ । ଅବଜ୍ଞେୟ ଭଗବତ ପୁରୁଷଙ୍କୁ ଗୋପ୍ୟ କରି ରଖିଥିବା ଗୋଟିଏ ଗୋଟିଏ ଆବରଣ ତାଙ୍କଠାରେ ଶ୍ରଦ୍ଧାନିବେଦନ କରିଥିବା ଓ ତାଙ୍କର ଅନ୍ୱେଷଣରେ ବାହାରିଥିବା ମନୁଷ୍ୟଲାଗି ତାଙ୍କର ଅନାବରଣ ବା ଉନ୍ମୋଚନ ପାଇଁ ଗୋଟିଏ ଗୋଟିଏ ସାଧନମାତ୍ର । ଏହି ଜଡ଼ ପ୍ରକୃତି ସର୍ବଦା ଏକ ଛନ୍ଦଗ୍ରଥିତ ନିଦ୍ରାରେ ନିମଗ୍ନ ଓ ଅଚେତନପ୍ରାୟ ହୋଇ ରହିଥାଏ । ତା'ର ଏହି ବାକ୍‌ଶକ୍ତିହୀନ ଅଥଚ ଶକ୍ତିବିପୁଳ ଜଡ଼ନିଦ୍ରାରେ ମଧ୍ୟ ଯେଉଁ ଆତ୍ମା ଓ ଯେଉଁ ଚେତନା ତା'ର ଅନ୍ଧଶକ୍ତିର ପ୍ରବୃତ୍ତିଗୁଡ଼ିକୁ ପ୍ରଶାସନବଦ୍ଧ କରି ରଖିଛି, ପ୍ରକୃତି ସେଗୁଡ଼ିକ ବିଷୟରେ ମଧ୍ୟ ଅଚେତନ ହୋଇ ରହିଥାଏ । ସେହି ନିଦ୍ରାର ଆବରଣ ଭିତରୁ ଆତ୍ମ-ଚେତନାର ଉପାନ୍ତ ଦେଶରେ ଅବସ୍ଥିତ ଚଞ୍ଚଳତର, ବିଚିତ୍ର ଓ ସମାକୁଳ ପ୍ରାଣକ୍ଷେତ୍ରର ଭିତରକୁ ପ୍ରବେଶ କରିବାଲାଗି ବିଶ୍ୱ ସଂଗ୍ରାମ କରିବାରେ ଲାଗିଛି । ପୁଣି ପ୍ରାଣ ଭିତରୁ ମଧ୍ୟ ମନୋମୟ ଚେତନାର ଜାଗ୍ରତଭୂମିରେ ପ୍ରବେଶ କରିବାକୁ ଏହାର ଊର୍ଦ୍ଧ୍ୱମୁଖୀ ସଂଗ୍ରାମ ଲାଗି ରହିଛି । ସେହିଠାରେ ପ୍ରବେଶ କରି ଏକକଯାତ୍ରୀ ଜାଗ୍ରତ ହୋଇ ଆପଣାର ତଥା ଆପଣା ଜଗତର ପରିଚୟ ଲାଭକରେ, ଏବଂ ଏହି ଜାଗୃତି ଫଳରେ ବିଶ୍ୱ ମଧ୍ୟ ଆପଣା ପରମ ଉଦ୍ଦେଶ୍ୟଟିର ସାଧନଲାଗି ଏକ ଉପାୟ ଲାଭ କରେ, ଆତ୍ମଚୈତନ୍ୟସମ୍ପନ୍ନ ଏକ ବ୍ୟକ୍ତିତ୍ୱ ଲାଭ କରେ । ମାତ୍ର ମନୋମୟ କ୍ଷେତ୍ରକୁ ଆସି ଏହି ପ୍ରକ୍ରିୟାଟି କଦାପି ସମ୍ପୂର୍ଣ୍ଣ ହୋଇ ଯାଏ ନାହିଁ,

'oaob.nitrkl.ac.in' images reprocessed

ମନ ତାହାକୁ ଆହୁରି ଅଗ୍ରସର କରାଇନିଏ । ସୀମାବଦ୍ଧ ହେଲେହେଁ ମନରୂପୀ ଶ୍ରମିକର ଏକ ତୀକ୍ଷ୍ଣ ଧୀଶକ୍ତି ରହିଛି । ପ୍ରାଣ ଯେଉଁସବୁ ଅବିନ୍ୟସ୍ତ ଉପକରଣ ଆଣି ଜମାକରି ରଖିଦିଏ, ଆପଣାର ଶକ୍ତିନିୟୋଗ ଦ୍ୱାରା ମନ ସେଗୁଡ଼ିକୁ ଅଧିକ ଉନ୍ନତ, ସଜ୍ଜିତ ଓ ସଂଗଠିତ କରେ; ସେଗୁଡ଼ିକୁ ଅନୁକୂଳିତ ଓ ଶ୍ରେଣୀବଦ୍ଧ କରି ମନ ଆମ ଭବ୍ୟ ମନୁଷ୍ୟତ୍ୱର ରୂପକାରି ସେହି ପରମଶିଳ୍ପୀଙ୍କ ହାତରେ ନେଇ ସମର୍ପିଦିଏ । ସେହି ପରମଶିଳ୍ପୀଙ୍କର ନିବାସ ଅତିମାନସରେ, କାରଣ ଅତିମାନସହିଁ ଅତିମାନବ । ତେଣୁ ଆମର ଏହି ପୃଥିବୀକୁ ମନୋମୟ କୋଷର ଉପଲବ୍ଧି-ସୀମାକୁ ପାରହୋଇ ଏକ ଉଚ୍ଚତର ସତ୍ୟ, ଉଚ୍ଚତର ଆସ୍ଥାନ ଓ ଉଚ୍ଚତର ଗତିଶୀଳତାରେ ଯାଇ ପହଞ୍ଚିବାକୁ ପଡ଼ିବ, ଯେଉଁଠାରେ କି ବିଶ୍ୱ ତଥା ବ୍ୟକ୍ତି ଉଭୟେ ଆପଣା ସ୍ୱରୂପସତ୍ତାର ପରିଚୟ ପାଇପାରିବେ, ସେହି ସ୍ୱରୂପସତ୍ୟର ଅଧିକାରୀ ହେବେ;— ଏବଂ ପରସ୍ପର ପାଖରେ ଆପଣାର ଯଥାର୍ଥ ଉନ୍ମୋଚନ କରିପାରିବେ, ପରସ୍ପର ସହିତ ସମନ୍ୱିତ ହେବେ, ଏକାତ୍ମତା ଲାଭ କରିବେ ।

ଜଡ଼ପ୍ରାକୃତିକ ସ୍ତର ଅପେକ୍ଷା ପୂର୍ଣ୍ଣତର ଆଉ ଏକ ସ୍ତରର ରହସ୍ୟ ଉଦ୍‌ଘାଟନ କରିପାରିଲେ ପ୍ରାଣ ଓ ମନଃସ୍ତରର ବିଶୃଙ୍ଖଳାଗୁଡ଼ିକ ଦୂରୀଭୂତ ହୋଇପାରିବ । ପ୍ରାଣ ଓ ମନଠାରୁ ନିମ୍ନତର ଭୂମିରେ ଅବସ୍ଥାନ କରୁଥିବା ଜଡ଼ପ୍ରକୃତିର କ୍ଷେତ୍ରରେ ଏକ ପରିପୂର୍ଣ୍ଣ ପ୍ରଶାନ୍ତିମୟ ସ୍ଥିତି ଏବଂ ଏକ ଅପ୍ରମେୟ ଶକ୍ତିର କ୍ରିୟାସତ୍ତ୍ୱରତା ମଧ୍ୟରେ ଏକ ସମତାବସ୍ଥା ବିଦ୍ୟମାନ ରହିଛି ସତ, ମାତ୍ର ଜଡ଼ପ୍ରକୃତିର ସେହି ଭାରସାମ୍ୟ ବିଷୟରେ କୌଣସି ସଚେତନତା ନାହିଁ । ଜଡ଼ପ୍ରକୃତିର ପ୍ରଶାନ୍ତି ସତେଅବା ଏକ ଅସ୍ପଷ୍ଟ ଜଡ଼ତାର ଜୀବନହୀନ ମୁଖାବରଣ ପରିହିତ ହୋଇ ରହିଛି, ଚେତନାହୀନତାର ଏକ ନିଦ୍ରାରେ ଆଚ୍ଛନ୍ନ ହୋଇ ରହିଛି । ଏହି ଚେତନାହୀନତାକୁ ଆମେ ନିଶାଗ୍ରସ୍ତ ଓ ଓ ଅବରୁଦ୍ଧ ଏକ ଚେତନା ବୋଲି ବି କହିପାରିବା । ଯେଉଁ ଆତ୍ମସ୍ୱରୂପର ଶକ୍ତିଦ୍ୱାରା ଏହା ପରିଚାଳିତ ହେଉଛି, ସେଇଟି ସହିତ ତାହାର କୌଣସି ପରିଚୟ ବା ସହଯୋଗ ନାହିଁ । ଆପଣା ଶକ୍ତିଗୁଡ଼ିକର ସମତା ଓ ଛନ୍ଦୋବଦ୍ଧତାକୁ ଅନୁଭବ କରିବାର ଜାଗ୍ରତ ଆନନ୍ଦରୁ ସେ ବଞ୍ଚିତ ହୋଇ ରହିଛି ।

ଏକ ଉଦ୍ୟମଶୀଳ ଓ ଅନ୍ୱେଷଣଧର୍ମୀ ଅଜ୍ଞାନ ଏବଂ ଏକ ବିକ୍ଷୁବ୍ଧ ଓ ଅକୃତାର୍ଥ ବାସନା ରୂପରେ ପ୍ରାଣ ଓ ମନ ଏହି ଅଭାବଟି ସମ୍ବନ୍ଧରେ ସଚେତ ଓ ଜାଗ୍ରତ ହୋଇ ଉଠିଥା'ନ୍ତି । ଏହି ଅଜ୍ଞାନ ଓ ଏହି ବାସନା ହେଉଛନ୍ତି ଆତ୍ମଜ୍ଞାନ ତଥା ଆତ୍ମପରି-ପୂର୍ଣ୍ଣତାଲାଗି ପ୍ରଥମ ସୋପାନ । ମାତ୍ର ଯେଉଁଠାରେ ସେମାନେ ଆତ୍ମପରିପୂର୍ଣ୍ଣତା ଲାଭ କରି ପାରିବେ, ସେହି ସାମ୍ରାଜ୍ୟଟି ପ୍ରକୃତରେ କେଉଁଠି ରହିଛି ? କେବଳ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରିବା ଦ୍ୱାରାହିଁ ସେମାନେ ସେଠାରେ ପ୍ରବେଶ

'oaob.nitrkl.ac.in' images reprocessed

କରିପାରିବେ । ପ୍ରାଣ ଓ ମନର ସୀମାକୁ ଉତ୍ତୀର୍ଣ୍ଣ ହୋଇ ଆମେ ପୁଣି ସେହି ଦିବ୍ୟ ସତ୍ୟର ସଚେତନ ସନ୍ଧାନ ପାଇଥାଉ, ଜଡ଼ପ୍ରକୃତି-ସ୍ତରର ସମନ୍ୱୟରେ ଯାହାର କେବଳ ଆଭାସମାତ୍ରହିଁ ସୂଚିତ ହୋଇ ପାରୁଥିଲା । ଏହି ଦିବ୍ୟ ସତ୍ୟ ଏକ ପ୍ରଶାନ୍ତ ରୂପରେ ଆମର ସମ୍ମୁଖରେ ଆବିର୍ଭୂତ ହୁଏ । ଏହି ପ୍ରଶାନ୍ତ ଏକ ଜଡ଼ତା ନୁହେଁ କିମ୍ବା ମୂର୍ଚ୍ଛାହତ ଚେତନାର ପ୍ରାଣହୀନତା ମଧ୍ୟ ନୁହେଁ । ଏହି ପ୍ରଶାନ୍ତ ଭିତରେ ଏକ ପରମ ଶକ୍ତି ଓ ପରମ ଆତ୍ମଜ୍ଞାନ ଅବିଚଳ ଏକାଗ୍ରତାରେ ପ୍ରତିଷ୍ଠିତ ହୋଇ ରହିଥାଏ । ଏକାଧାରରେ ଏହାକୁ ଅପ୍ରମେୟ ଶକ୍ତିର ଏକ କ୍ରିୟାଶୀଳତା ଓ ଅନିର୍ବଚନୀୟ ଆନନ୍ଦର ଶିହରଣ ବୋଲି ବର୍ଣ୍ଣନା କରାଯାଇପାରେ । କାରଣ ଏହାର ପ୍ରତ୍ୟେକ କାର୍ଯ୍ୟ ଏକ ଅଭାବ କିମ୍ବା ଅଜ୍ଞାନତାପୂର୍ଣ୍ଣ ନିଷେଧକୁ ପ୍ରକାଶ ନ କରି ପରମଶାନ୍ତି ଓ ସ୍ୱତନ୍ତ୍ରତାକୁହିଁ ପ୍ରକାଶ କରିଥାଏ । ଏହି ଉପଲବ୍ଧିରେ ଉପନୀତ ହୋଇ ଯାହାର ଅନ୍ଧକାରାଚ୍ଛନ୍ନ କିମ୍ବା ଅପୂର୍ଣ୍ଣ ପ୍ରତିଫଳନରୁ ଅବିଦ୍ୟା ସ୍ୱୟଂ ଜନ୍ମଲାଭ କରିଥାଏ, ତାହା ସେହି ଆଲୋକରହିଁ ପରିଚୟ ଲାଭ କରେ । ଆମର ବାସନାଗୁଡ଼ିକ ଅପରିବର୍ତ୍ତି କେବଳ ଜଡ଼ରୂପର ସୀମାଭିତରେ ରହିଥିବା ସମୟରେ ମଧ୍ୟ ଅତି ଅସ୍ପଷ୍ଟ ଓ ଅଧଃପତିତ ଭାବରେ ଯାହାର ଉଦ୍ଦେଶ୍ୟରେ ଆକାଙ୍କ୍ଷିତ ହୋଇ ରହିଥିଲେ, ସେହି ସର୍ବୋଚ୍ଚ ଶିଖରର ପରିପୂର୍ଣ୍ଣତାରେ ପହଞ୍ଚି ସେଗୁଡ଼ିକର ଉପଶମ ହୋଇଯାଏ ।

ଆପଣା ଆପଣାର ଉତ୍ତରଣ ପଥରେ ବିଶ୍ୱ ଓ ବ୍ୟକ୍ତି ପରସ୍ପର ଲାଗି ଅତ୍ୟାବଶ୍ୟକ । ବସ୍ତୁତଃ ସେମାନେ ଉଭୟେ ସର୍ବଦା ପରସ୍ପରଲାଗି ତିଷ୍ଠି ରହିଥା'ନ୍ତି ଓ ପରସ୍ପରରର ପୁଷ୍ଟି କରୁଥା'ନ୍ତି । ଅନନ୍ତ ଦେଶ ଓ ଅନନ୍ତ କାଳର ଆଧାର ଉପରେ ସର୍ବସ୍ୱରୂପ ପରମେଶ୍ୱରଙ୍କର ଆତ୍ମବିସ୍ତାରଣକୁ ଆମେ ବିଶ୍ୱ ବୋଲି କହିବା, ସୀମାନିର୍ଦ୍ଦିଷ୍ଟ ଦେଶ ଓ କାଳ ଭିତରେ ଗୋଟିଏ ବିନ୍ଦୁ ଉପରକୁ ଆକର୍ଷିତ ହୋଇ ଆସିଥିବା ତାଙ୍କର ରୂପକୁ ବ୍ୟକ୍ତି ବୋଲି କହିବା । ଅନନ୍ତ ପ୍ରସାରଣଦ୍ୱାରା ବିଶ୍ୱ ଦିବ୍ୟ ସମଗ୍ରତାରହିଁ ଅନ୍ୱେଷଣ କରୁଥାଏ । ଏହି ସମଗ୍ରତାକୁ ସେ ଅନୁଭବ କରିଥାଏ ସତ, ମାତ୍ର ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରିପାରେ ନାହିଁ । କାରଣ ସମ୍ପ୍ରସାରଣ ଦ୍ୱାରା ବହୁତ୍ୱର ଭାବନା ଭିତରେ ସତ୍ତା ନିଜକୁ କେବଳ ପରିକୀର୍ଣ୍ଣ କରିପକାଏ, ମାତ୍ର ଆଦିମ ବା ଅନ୍ତିମ ଏକତ୍ୱରେ ଯାଇ ପହଞ୍ଚାଇବାରେ ସର୍ବଥା ଅସମର୍ଥ ହୋଇପଡ଼େ । ତେଣୁ କେବଳ ଏକ ପୌନଃପୁନିକ ଦଶମିକ ପରି ତାହା ଅନ୍ତ ଓ ଆଦିହୀନ ହୋଇ ପଡ଼ିରହେ । ତେଣୁ ସ୍ୱୀୟ ଅଭିପ୍ରସାରି ପ୍ରକାଶକ୍ଷେତ୍ରରୂପେ ବିଶ୍ୱ ଆପଣା ମଧ୍ୟରେହିଁ ସେହି ସର୍ବସ୍ୱରୂପଙ୍କର ଗୋଟିଏ କେନ୍ଦ୍ରୀଭୂତ ଘନବିନ୍ଦୁ ରୂପେ ଆତ୍ମସଚେତନ ବ୍ୟଷ୍ଟିର ସୃଷ୍ଟି କରିଥାଏ । ଏହି ଆତ୍ମସଚେତନ ବ୍ୟକ୍ତିର ମଧ୍ୟଦେଇ ପ୍ରକୃତି ଦୃଷ୍ଟି ଫେରାଇ ପୁରୁଷଠାରେ ଲକ୍ଷ୍ୟବଦ୍ଧ ହୁଏ, ଜଗତ୍ ଆତ୍ମାର ଅନ୍ୱେଷଣ କରିବାକୁ ଲାଗେ ।

'oaob.nitrkl.ac.in' images reprocessed

ପରମେଶ୍ୱରଙ୍କୁ ପୂର୍ଣ୍ଣରୂପରେ ପ୍ରକୃତିରେ ପରିଣତ ହୋଇଛନ୍ତି, ତେଣୁ ପ୍ରକୃତି ମଧ୍ୟ ପରମେଶ୍ୱର ରୂପେ ନମପରିଣତ ହେବାଲାଗି ବାଟ ଖୋଜି ବୁଲେ ।

ପୁଣି ଅପର ପକ୍ଷରେ ଏହି ବିଶ୍ୱରୁହିଁ ବ୍ୟକ୍ତି ଆତ୍ମୋପଲବ୍ଧିର ପ୍ରେରଣା ଲାଭ କରେ । ବିଶ୍ୱ ଯେ କେବଳ ବ୍ୟକ୍ତିଜୀବନର ଭିତ୍ତି, ତା'ର ସାଧନ, ତା'ର କ୍ଷେତ୍ର ଏବଂ ସକଳ ଦିବ୍ୟ ପରିକଳ୍ପନାକୁ କାର୍ଯ୍ୟକାରୀ କରିବାର ଉପାଦାନ ତାହା ନୁହେଁ, ମାତ୍ର ଦିବ୍ୟପୁରୁଷଙ୍କର ସର୍ବମୟସ୍ୱଭାବ ବ୍ୟକ୍ତିର ସ୍ୱରୂପସତ୍ୟ ହୋଇଥିଲେ ମଧ୍ୟ ଆପଣାର ଜୀବନରେ ତାଙ୍କୁ ପ୍ରକାଶିତ କରିପାରିବା ସକାଶେ ବ୍ୟକ୍ତିକୁ ନୈର୍ବ୍ୟକ୍ତିକ ହେବାକୁ ପଡ଼େ, ବିଶ୍ୱପ୍ରବିଷ୍ଟ ହେବାକୁ ହୁଏ । କାରଣ ବିଶ୍ୱମୟ ପ୍ରାଣସତ୍ତାହିଁ ବ୍ୟକ୍ତିର ଜୀବନରେ ଏକ ଏକକ ବିନ୍ଦୁରେ ଘନୀଭୂତ ହୋଇଥାଏ ଏବଂ ଏକ ସୀମାର ବେଷ୍ଟନୀ ମଧ୍ୟରେହିଁ ଏପରି ହୋଇଥାଏ, ଏବଂ ସେହି କାରଣରୁ ସକଳ ବନ୍ଧନ ଓ ସକଳ ଲକ୍ଷଣର କଳ୍ପନାମୁକ୍ତ ବ୍ରହ୍ମର ଗଭୀର ଏକତ୍ୱ ବ୍ୟକ୍ତି ଭିତରେ କଦାପି ଅନୁଭୂତ ହୁଏ ନାହିଁ । ତଥାପି ଚେତନାର ବିଶ୍ୱମୟତା ମଧ୍ୟରେ ଆପଣାକୁ ପ୍ରଶସ୍ତତମ ଭାବେ ସମ୍ପ୍ରସାରିତ କରି ଦେଇଥିବା ସମୟରେ ମଧ୍ୟ ତାହାର ବ୍ୟକ୍ତିତ୍ୱ ଯେଉଁ ପରମ ରହସ୍ୟପୂର୍ଣ୍ଣ ବିଶ୍ୱାତୀତ ଭାବ ବା ବୈଶିଷ୍ଟ୍ୟକୁ ଅସ୍ପଷ୍ଟ ଓ ଅନିର୍ବଚନୀୟ ଭାବରେ ପ୍ରକାଶିତ କରିବାକୁ ପ୍ରୟାସ କରୁଥାଏ, ସେଇଟିକୁ ମଧ୍ୟ ସଂରକ୍ଷିତ କରି ରଖିବାକୁ ପଡ଼େ । ନ ହେଲେ ସେ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ରହେ, ତା'ର ସମସ୍ୟାଟି ଅସମାହିତ ରହିଯାଏ । ଯେଉଁ ଦିବ୍ୟ ଉଦ୍ଦେଶ୍ୟଟିର ପୂର୍ତ୍ତି ଲାଗି ସେ ଜନ୍ମଗ୍ରହଣ କରିଥିଲା, ସେଇଟି ଅପୂର୍ଣ୍ଣ ରହେ ।

ବିଶ୍ୱ ବ୍ୟକ୍ତିପାଖକୁ ପ୍ରାଣ ରୂପରେ ଆସେ । ଏହି ଗତିପ୍ରକ୍ରିୟାଟିର ସମଗ୍ର ରହସ୍ୟଟିକୁ ତାକୁ ଆୟତ୍ତ କରିବାକୁ ପଡ଼େ । ସଂଘାତଧର୍ମୀ ନାନା ପରିଣାମର ଏକ ପିଣ୍ଡରୁ ଏବଂ ଅନ୍ତର୍ନିହିତ ନାନା ଶକ୍ତିର ଘୂର୍ଣ୍ଣିଭିତରୁ ବ୍ୟକ୍ତିକୁ ଏକ ପରମ ବିଧାନର ଶୃଙ୍ଖଳାଛନ୍ଦଟିକୁ ଆବିଷ୍କାର କରିନେବାକୁ ପଡ଼ିବ, ଏପର୍ଯ୍ୟନ୍ତ ଅନୁପଲବ୍ଧ ଏକ ସମନ୍ୱୟ ଖୋଜି ବାହାର କରିବାକୁ ହେବ । ମାନବକ ପ୍ରଗତି କହିଲେ ଯଥାର୍ଥରେ ଏହାହିଁ ବୁଝାଇଥାଏ । ଜଡ଼ପ୍ରକୃତିର ସ୍ତରରେ ଯେତିକମାତ୍ର ଉପଲବ୍ଧ ହୋଇ ସାରିଛି, ଟିକିଏ ଭିନ୍ନ ଭାଷାରେ କେବଳ ତାହାରି ପୁନରାବୃତ୍ତି କରିଦେଲେ ତାହାକୁ ପ୍ରଗତି କୁହାଯିବ ନାହିଁ । ମନୋମୟ କୋଷର ଉଚ୍ଚତର ସ୍ତରରେ କେବଳ ପଶୁତ୍ୱର ପୁନରାବୃତ୍ତି କରିବାଟାହିଁ କଦାପି ମନୁଷ୍ୟ ଜୀବନର ଆଦର୍ଶ ହୋଇ ପାରିବ ନାହିଁ । ତାହା ନ ହୋଇଥିଲେ ଆପଣାର ଜୀବନରେ ମୋଟାମୋଟି କେତୋଟି ସୁଖସ୍ୱାଚ୍ଛନ୍ଦ୍ୟ ଏବଂ କିଛି ମାନସିକ ତୃପ୍ତିର ଉପାଦାନର ନିଶ୍ଚିତ ନିର୍ଭର ମିଳିଯିବାଭଳି ଏକ

'oaob.nitrkl.ac.in' images reprocessed

ସମାଜବ୍ୟବସ୍ଥା ସମ୍ଭବ ହୋଇଯିବା ପରେ ମଣିଷ ହିସାବରେ ଆମର ଅଗ୍ରଗତି ସେହିଠାରେହିଁ ବନ୍ଦହୋଇ ଯାଇଥା'ନ୍ତା । ମାତ୍ର କେତୋଟି ଆବଶ୍ୟକତାର ପରିପୂରଣରେହିଁ ପଶୁ ସନ୍ତୁଷ୍ଟ ହୋଇଯାଏ; ଆପଣାର ଐଶ୍ୱର୍ଯ୍ୟବୈପୁଲ୍ୟରେ ଦେବତାମାନେ ବି ସନ୍ତୁଷ୍ଟ ରହନ୍ତି । ମାତ୍ର କୌଣସି ପରମ ଶିବର ପ୍ରାପ୍ତି ସମ୍ଭବ ନ ହେବାଯାଏ ମନୁଷ୍ୟ କେବେହେଲେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ହୋଇ ବସି ପାରେ ନାହିଁ । ଏହି ଜୀବଜଗତରେ ମନୁଷ୍ୟ ହେଉଛି ଶ୍ରେଷ୍ଠ ଜୀବ, କାରଣ ସେ ସବୁଠାରୁ ବେଶୀ ଅସନ୍ତୁଷ୍ଟ; କାରଣ ସୀମାବଦ୍ଧ ହୋଇ ରହିବାର ଜ୍ୱାଳାକୁ କେବଳ ମନୁଷ୍ୟହିଁ ସବୁଠାରୁ ଅଧିକ ଉତ୍କଟ ଭାବରେ ଅନୁଭବ କରିଥାଏ । ସମ୍ଭବତଃ କେବଳ ମନୁଷ୍ୟହିଁ କୌଣସି ଏକ ଦୁରନ୍ତ ଆଦର୍ଶର ଦିବ୍ୟ ଉନ୍ମାଦନାକୁ ଅନୁଭବ କରିବାଲାଗି ସମର୍ଥ ହୋଇଥାଏ ।

ମାନବ ବା ପୁରୁଷଠାରେହିଁ ଚିନ୍ମୟ ପ୍ରାଣର ଅନ୍ତର୍ନିହିତ ଶକ୍ତି ଓ ସମ୍ଭାବନା-ମାନ ପ୍ରଧାନତଃ କେନ୍ଦ୍ରୀଭୂତ ହୋଇ ରହିଛି । ପରମେଶ୍ୱରଙ୍କୁ ଆପଣାଭିତରେ ଅବତୀର୍ଣ୍ଣ କରାଇବାଲାଗି କେବଳ ମନୁପୁତ୍ରରହିଁ ପରମ ସାମର୍ଥ୍ୟ ରହିଛି । ପ୍ରାଚୀନ ଋଷିମାନେ ଏହି ମନୁଷ୍ୟକୁ 'ମନୁ', ମନନକାରୀ, ମନୋମୟ ପୁରୁଷ, ମନୋଧର୍ମୀ ବ୍ୟକ୍ତି ବା ଆତ୍ମା ନାମରେ ଆଖ୍ୟାୟିତ କରିଯାଇଛନ୍ତି । ମନୁଷ୍ୟକୁ କେବଳ ଏକ ଉଚ୍ଚତର ସ୍ତରର ସ୍ତନ୍ୟପାୟୀ ଜୀବ ବୋଲି କହିଦେଲେ କଦାପି ଯଥେଷ୍ଟ ହେବ ନାହିଁ । ଜଡ଼ର ଭୂମି ଉପରେ ପଶୁଶରୀର ଭିତରେ ବାସକରୁଥିବା ମନନଧର୍ମୀ ଆତ୍ମାହିଁ ହେଉଛି ମନୁଷ୍ୟ । ମନୁଷ୍ୟ ଏକ ଚେତନ 'ନାମ', ଆପଣାର ଆବଶ୍ୟକ ବାହନରୂପେ ସେ ରୂପକୁ ସ୍ୱୀକାର କରିଛି, ଯେପରିକି ତାହାରି ମାଧ୍ୟମରେ 'ପୁରୁଷ' ଏହି ପ୍ରାକୃତ ଉପକରଣର ବିଧାତା ରୂପେ ପ୍ରତିଷ୍ଠିତ ହୋଇପାରିବେ । ଜଡ଼ରୁ ଉଦ୍‌ଭୂତ ହେଉଥିବା ପଶୁଜୀବନ ସମଗ୍ର ମନୁଷ୍ୟସତ୍ତାର ଏକ ନିମ୍ନତର ଅଂଶ ବା ବାଚକ ମାତ୍ର । ତା'ପରେ ମନୁଷ୍ୟ ଭିତରେ ଭାବନା, ସଂବେଗ, ଇଚ୍ଛାଶକ୍ତି ଓ ସଚେତନ ସଂଗ୍ରହଶୀଳତାର ଏକ ମଧ୍ୟବର୍ତ୍ତୀ ସ୍ତର ରହିଛି, ଯାହାକୁ ଆମେ ସମଗ୍ର-ଭାବରେ ମନ ବୋଲି କହିଥାଉ । ଜଡ଼ ଓ ଏହାର ପ୍ରାଣମୟ ଶକ୍ତିଗୁଡ଼ିକୁ ଆପଣାର ଆୟତ୍ତକୁ ଆଣି ଏହି ମନ ସେଗୁଡ଼ିକୁ ଆପଣା କ୍ରମରୂପାନ୍ତରର ନିୟମଗୁଡ଼ିକର ଅଧୀନ କରି ରଖିଥାଏ । ମନୁଷ୍ୟସତ୍ତାର ଏହି ମଧ୍ୟଭାଗରେହିଁ ତା'ର କାର୍ଯ୍ୟକାରୀ ବା ସାଧନ ଭୂମି । ମାତ୍ର ଏହାପରେ ଆହୁରି ଏକ ଉଚ୍ଚତମ ଭାଗ ରହିଛି, ମନୁଷ୍ୟର ମନ ଯାହାର ଅନ୍ୱେଷଣ କରିବାରେ ଲାଗିଥାଏ ଓ ଯାହାକୁ ଲାଭ କରି ଆପଣାର ମାନସିକ ଓ ଶାରୀରିକ ସତ୍ତାରେ ମଧ୍ୟ ସଞ୍ଚାରିତ କରିପାରିବାର ଆକାଙ୍‌କ୍ଷା ପୋଷଣ କରିଥାଏ । ବର୍ତ୍ତମାନର ପରିଧିଗୁଡ଼ିକର ଅତିରିକ୍ତ ଓ ଊର୍ଦ୍ଧ୍ୱତର ଯେ ଏକ ସମ୍ପଦ

'oaob.nitrkl.ac.in' images reprocessed

ତାହାର ଭିତରେ ରହିଛି, ଆପଣାର ବ୍ୟାବହାରିକ ଜୀବନରେ ତାହାର ଅନୁଶୀଳନ କରିବାକୁହିଁ ଆମେ ମନୁଷ୍ୟ ଭିତରେ ଦିବ୍ୟ ଜୀବନର ଆଧାର ବୋଲି ସ୍ୱୀକାର କରିବା ।

ଆପଣା ବିଷୟରେ ପ୍ରଥମେ ତା'ର ଯେଉଁ ମାନସିକ ଧାରଣାଟି ରହିଥିଲା, ତାହାଠାରୁ ଅଧିକ ଗଭୀର ଏକ ଆତ୍ମଜ୍ଞାନ-ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ମନୁଷ୍ୟ ସେହି ସାଧ୍ୟବସ୍ତୁକୁ ଧରିପାରିବା ଲାଗି କୌଣସି ଏକ ସୂତ୍ର ଓ ତାହାର କୌଣସି ଏକ ରୂପକୁ ଅନୁଭବ କରିବାକୁ ଆରମ୍ଭ କରେ । ମାତ୍ର ତାହା ତାହାର ଚକ୍ଷୁକୁ ସତେଅବା ଦୁଇଟି ନାସ୍ତିର ମଝିରେ ଝୁଲିକରି ରହିଥିବା ପରି ମନେହୁଏ । ଯଦି ତା'ର ବର୍ତ୍ତମାନ ଉପଲବ୍ଧିର ସୀମା ସେପାଖରୁ ସେ ଏକ ସ୍ୱୟଂଚେତନ ଅନନ୍ତ ସତ୍ତାର ଶକ୍ତି, ଆଲୋକ ଓ ଆନନ୍ଦର ଆଭାସ ପାଏ ଓ ତାହାର ସ୍ପର୍ଶ ଲାଭ କରେ, ଯଦି ଏହା ସମ୍ବନ୍ଧରେ ଆପଣାର ଭାବନା କିମ୍ବା ଅନୁଭବକୁ ସେ ଅନନ୍ତ, ସର୍ବବିତ୍, ସର୍ବଶକ୍ତିମାନ୍, ଅମୃତ, ପ୍ରମୁକ୍ତ, ପ୍ରେମମୟ, ଆନନ୍ଦମୟ, ପରମେଶ୍ୱର ପ୍ରଭୃତି ତା'ର ମନର ପରିଚିତ ପରିଭାଷାରେ ପ୍ରକାଶ କରିଥାଏ, ତଥାପି ତାହାର ଏହି ଦୃଷ୍ଟିର ସୂର୍ଯ୍ୟ ସତେଯେପରି ଦୁଇପାଖରେ ଦୁଇଟି କଳା ନିଶାର ମଧ୍ୟଭାଗରେ ଅବସ୍ଥିତ ରହିଥିଲା ପରି ମନେହୁଏ । ଗୋଟିଏ ନିଶା ତା'ର ପାଦତଳେ ଓ ଆଉଗୋଟିଏ ଗାଢ଼ତର ଅମାନିଶା ତା'ର ଦୃଷ୍ଟି-ଦିଗ୍‌ବଳୟର ସେପାଖରେ । କାରଣ ଅନନ୍ତ ସତ୍ୟକୁ ନିଃଶେଷିତ ଭାବରେ ଜାଣିବାକୁ ଚେଷ୍ଟା କରି ସେ ଏପରି ଏକ କ୍ଷେତ୍ର ଭିତରେ ହଜିଗଲା ପରି ହୁଏ, ଯାହାକୁ କି ଏହି ସଂଜ୍ଞାଗୁଡ଼ିକରୁ କୌଣସିଟି କିମ୍ବା ଏକତ୍ରିତ ହୋଇ ମଧ୍ୟ ଆଦୌ ପ୍ରକାଶ କରି ପାରିବେ ନାହିଁ । ତେଣୁ ପରିଶେଷରେ ତା'ର ମନ ପରମେଶ୍ୱରଙ୍କ କୌଣସି ଏକ ଲୋକୋତ୍ତରତାର ସମତୁଲ କରି ଥୋଇଦିଏ, କିମ୍ବା ଅନ୍ତତଃ ପରମେଶ୍ୱର ଆପଣାର ସୀମାକୁ ଅତିକ୍ରମ କରିଯାଇଛନ୍ତି, ସେ ସକଳ କଳ୍ପନାକୁ ପ୍ରତ୍ୟାଖ୍ୟାନ କରିଯାଇଛନ୍ତି ବୋଲି ମନେ କରିଥାଏ । ଏବଂ ଏଠାରେ ମଧ୍ୟ, ବିଶ୍ୱରେ, ତା'ର ଆପଣା ଭିତରେ ଏବଂ ତା'ର ଚତୁର୍ଦ୍ଦିଗରେ ସେ ତା'ର ଉପଲବ୍ଧ ସତ୍ୟଚେତନାର ବିପରୀତସବୁହିଁ ସାକ୍ଷାତ୍ କରେ । ମୃତ୍ୟୁ କେତେବେଳେ ହେଲେ ତା'ର ସଙ୍ଗଛାଡ଼ି ପାରେ ନାହିଁ, ସୀମାବଦ୍ଧତା ତା'ର ଜୀବନ ଓ ଅନୁଭୂତିକୁ କାମୁଡ଼ି ଧରିଥାଏ, ଭ୍ରାନ୍ତି, ନିଶ୍ଚେତନତା, ଦୌର୍ବଲ୍ୟ, ଜଡ଼ତା, ଦୁଃଖ, ଯନ୍ତ୍ରଣା ଓ ପାପାଚ୍ଛନ୍ନତା ଦ୍ୱାରା ତା'ର ସକଳ ଚେଷ୍ଟା ସତତ ବ୍ୟାହତ ଓ ଲାଞ୍ଛିତ ହୋଇ ରହିଥାଏ । ତେଣୁ ଏଠାରେ ଇହଲୋକରେ ମଧ୍ୟ ସେ ଭଗବାନଙ୍କୁ ଅସ୍ୱୀକାର କରିବାକୁ ମନ ବଳାଏ । ଅଥବା ତା'ର ମନେହୁଏ, ପରମେଶ୍ୱର ସମ୍ଭବତଃ ତାଙ୍କ ଶାଶ୍ୱତ ସତ୍ୟସ୍ୱରୂପର ଖଣ୍ଡନ କରୁଥିବା ଆଉ-କୌଣସି ପ୍ରତିଭାସ କିମ୍ବା ପରିଣାମର ଅନ୍ତରାଳରେ ରହି ଆପଣାକୁ ପ୍ରତିଷେଧ କରୁଛନ୍ତି ଅଥବା ଆପଣାକୁ ଲୁଚାଇ ରଖିଛନ୍ତି ।

'oaob.nitrkl.ac.in' images reprocessed

ମାତ୍ର ଏହି ଇହସ୍ତରୀୟ ନାସ୍ତିବୋଧର ହେତୁଟି ଅନ୍ୟ ଲୋକୋତ୍ତର ନାସ୍ତିବୃତ୍ତିର ହେତୁ ପରି ଆଦୌ ଅକଳ୍ପନୀୟ ନୁହେଁ, ଓ ତେଣୁ ସ୍ୱଭାବତଃ ମନର ଅଗୋଚର ଏକ ଅବିଜ୍ଞେୟ ରହସ୍ୟ ମଧ୍ୟ ନୁହେଁ । ବରଂ ମନୁଷ୍ୟର ମନକୁ ଏହା ଜ୍ଞାନଗମ୍ୟ, ଜ୍ଞାତ ଓ ସୁସ୍ପଷ୍ଟ କୌଣସି ଏକ ଜିନିଷ ପରି ପ୍ରତୀତ ହୋଇଥାଏ, ଏବଂ ତଥାପି ରହସ୍ୟମୟ ବୋଧହୁଏ । ତା'ର ଘରପାଖରେ ସ୍ତୂପାକାର ହୋଇ ଢେର ରହିଥିବା ଏହି ଜଞ୍ଜାଳସବୁ ପ୍ରକୃତରେ କ'ଣ, ସେଗୁଡ଼ିକ କାହିଁକି ଅଛନ୍ତି ଓ କେଉଁଠାରୁ ନିଷ୍ପନ୍ନ ହୋଇଛନ୍ତି, ସେସବୁ ବିଷୟରେ ସେ କିଛି ଜାଣେ ନାହିଁ । ସେହି ପ୍ରତିଷ୍ଠାଗୁଡ଼ିକ ତା' ଉପରେ ଯେଉଁପରି ପ୍ରଭାବ ପକାନ୍ତି ଓ ତାକୁ ଯେଉଁପରି ଦେଖାଯାଆନ୍ତି, ସେଗୁଡ଼ିକୁ ସେ ସେହିପରି ଭାବରେ ବୁଝିଥାଏ, ମାତ୍ର ସେଗୁଡ଼ିକର ମର୍ମସତ୍ୟର ଗଭୀରରେ ପ୍ରବେଶ କରିପାରେ ନାହିଁ ।

ସମ୍ଭବତଃ ସେଗୁଡ଼ିକ ପ୍ରକୃତରେ ଅନଧିଗମ୍ୟ, ସେଗୁଡ଼ିକର ମର୍ମସତ୍ୟଟି ହୁଏତ ପ୍ରକୃତରେ ଅବିଜ୍ଞେୟ,—ଆମ ମନରେ ଏହିପରି ଏକ ସଂଶୟ ବି ଜାତ ହୋଇପାରେ । କିମ୍ବା, ସେମାନଙ୍କର ଯଥାର୍ଥତଃ କୌଣସି ମର୍ମସତ୍ୟ ନାହିଁ, ସେଗୁଡ଼ିକ କେବଳ ଭ୍ରମ, ଅସତ୍,—ଆମେ ଏଭଳି ଅନୁମାନ ମଧ୍ୟ କରିପାରୁ । ଊର୍ଦ୍ଧ୍ୱସ୍ତରୀୟ ନାସ୍ତିଟି ଆମ ଆଗରେ ବେଳେବେଳେ ଏକ ଶୂନ୍ୟ, ଏକ ସତ୍ତାରହିତତାରୂପେ ପ୍ରତୀତ ହୋଇଥାଏ । ଏବଂ ଇହଜଗତର ଏହି ନିମ୍ନସ୍ତରର ନାସ୍ତିବୃତ୍ତି ମଧ୍ୟ ମର୍ମତଃ କେବଳ ଏକ ଶୂନ୍ୟ ବା ଏକ ସତ୍ତାରହିତତାହିଁ ହୋଇପାରେ । ମାତ୍ର ଊର୍ଦ୍ଧ୍ୱସ୍ତରଟିର ରହସ୍ୟକୁ ଅସତ୍ ବୋଲି ଉଡ଼ାଇଦେଇ ତୁରୀୟସ୍ଥାନୁଭୂତିର ପ୍ରଶ୍ନଟିକୁ ଏଡ଼ାଇ ଯିବାଲାଗି ଆମେ ଯେପରି ଆଗରୁ ଅସମ୍ମତ ହୋଇସାରିଛୁ, ଠିକ୍ ସେହି ରୀତିରେହିଁ ଆମେ ଏହି ନିମ୍ନସ୍ତରର ଅସତ୍‌କଳ୍ପନାଟି ସହିତ ମଧ୍ୟ ସମ୍ମତ ହେବା ନାହିଁ । ଏହାର ଯଥାର୍ଥତାକୁ ସମ୍ପୂର୍ଣ୍ଣଭାବରେ ଉଡ଼ାଇଦେଲେ କିମ୍ବା ଏହାକୁ କେବଳ ଏକ ସର୍ବନାଶୀ ଭ୍ରମ ବୋଲି କହି ସେଥିରୁ ପଳାଇଯିବାକୁ ବସିଲେ ତାହା କେବଳ ସମସ୍ୟାଟିକୁ ଆମପାଖରୁ ଏଡ଼ାଇ ରଖିବା ପରି ଓ ଆପଣାର କର୍ତ୍ତବ୍ୟଟିକୁ ଛାଡ଼ି, ଚାଲିଯିବା ପରି ହେବ । ଏଗୁଡ଼ିକ ପରମେଶ୍ୱରଙ୍କୁ ଅସ୍ୱୀକାର କରୁଥିବା ପରି ମନେହୁଅନ୍ତି, ସଚ୍ଚିଦାନନ୍ଦର ବିପରୀତ ପ୍ରତ୍ୟୟ ବୋଲି ବୋଧ ହୁଅନ୍ତି । ଏସବୁ ଅତ୍ୟନ୍ତ କ୍ଷଣସ୍ଥାୟୀ ବୋଲି ସାବ୍ୟସ୍ତ ହେଲେ ମଧ୍ୟ ଜୀବନଲାଗି ଏଗୁଡ଼ିକର ତଥାପି ଯେ ଏକ ବାସ୍ତବତା ରହିଛି, ତାହା ଆଦୌ ଅସ୍ୱୀକାର କରି ହେବ ନାହିଁ । ବିଶ୍ୱରେ ଏଗୁଡ଼ିକ ଅବଶ୍ୟ ରହିଛି, ମାତ୍ର ତା'ର ବିପରୀତଗୁଡ଼ିକ ମଧ୍ୟ ସେହିପରି ନିଶ୍ଚିତଭାବରେ ରହିଛି । ଶ୍ରେୟ ରହିଛି, ଜ୍ଞାନ ରହିଛି, ଆନନ୍ଦ ଓ ସୁଖ ରହିଛି, ଜୀବନ ଓ ବଞ୍ଚିରହିବା ରହିଛି, ଶକ୍ତି, ବଳ ଓ ଅଭିବୃଦ୍ଧି ମଧ୍ୟ ରହିଛି । ଏହି ଉଭୟଙ୍କୁହିଁ ଉପାଦାନରୂପେ ନେଇ ପ୍ରାଣର ଲୀଳା ଚାଲିଛି ।

'oaob.nitrkl.ac.in' images reprocessed

ହୁଏତ ସେଗୁଡ଼ିକ ଏକ ଭ୍ରମର ପରିଣାମ ନୁହନ୍ତି ବା ଅନିର୍ଦ୍ଦିଷ୍ଟ ସହଚର ନୁହନ୍ତି । ସମ୍ଭବତଃ ଏକ ଭ୍ରାନ୍ତିମୂଳକ ସମ୍ବନ୍ଧରୁହିଁ ସେଗୁଡ଼ିକ ଜନ୍ମ ନେଇଥା'ନ୍ତି । ଏହାକୁ ଆମେ ଭ୍ରାନ୍ତିମୂଳକ ବୋଲି କହିବା, କାରଣ ବିଶ୍ୱ ସହିତ ବ୍ୟକ୍ତିର ସମ୍ବନ୍ଧ ବିଷୟରେ ଏକ ଭ୍ରମଧାରଣାକୁ ଭିତ୍ତି କରିହିଁ ଏହି ସମ୍ବନ୍ଧର କଳ୍ପନା କରାଯାଇଥାଏ । ପରମେଶ୍ୱର ଓ ପ୍ରକୃତି, ତଥା ମନୁଷ୍ୟସ୍ୱ ଓ ତା'ର ପରିବେଶ ସମ୍ବନ୍ଧରେ ଏକ ଭ୍ରାନ୍ତ ଦୃଷ୍ଟିକୋଣ ଉପରେ ତାହା ପ୍ରତିଷ୍ଠିତ ଥାଏ । ମନୁଷ୍ୟ ବାସ୍ତବରେ ଯାହା ହୋଇଛି, ତା'ସହିତ ସେ ବାସ କରୁଥିବା ତା'ର ପରିପୃଥିବୀଟିର ଆଦୌ ତାଳକୁ ତାଳ ମିଳୁନାହିଁ; ମନୁଷ୍ୟ ନିଜେ କିପରି ହେବା ଉଚିତ ବା ତାକୁ ପ୍ରକୃତରେ କ'ଣ ହେବାକୁ ହେବ, ତାହାର ବର୍ତ୍ତମାନ ସ୍ଥିତି ସହିତ ସତେଯେପରି ତାହାର କୌଣସି ସମଛନ୍ଦତା ନାହିଁ । ସେହି କାରଣରୁହିଁ ବିଶ୍ୱର ଯଥାର୍ଥ ସତ୍ୟଟି ସହିତ ବହିର୍ଜଗତର ଏକାନ୍ତ ବିରୋଧଗୁଡ଼ିକହିଁ ମଣିଷ ଉପରେ ଏତେବେଶୀ ମାଡ଼ି ହୋଇପଡ଼େ । ତେବେ ଏହି ବିରୋଧଗୁଡ଼ିକ ତା'ର ଆଦର୍ଶଚ୍ୟୁତିଜନିତ ଶାସ୍ତି ଆଦୌ ନୁହେଁ, ଏଗୁଡ଼ିକ ତା'ର ପରବର୍ତ୍ତୀ ପ୍ରଗତିର ଆବଶ୍ୟକ ସାଧନସ୍ୱରୂପ । ଏଗୁଡ଼ିକ ତା'ର ଜୀବନସାଧନାର ଆରମ୍ଭକାଳୀନ ଉପାଦାନ, ଏହାକୁହିଁ ପଣ ରଖି ସେ ତାର ପ୍ରତ୍ୟାଶିତ ଜୟମୁକୁଟଟିକୁ ହାସଲ କରିପାରିବ । ଏହି ଅପ୍ରଶସ୍ତ ମାର୍ଗଦ୍ୱାରାହିଁ ପ୍ରକୃତି ଜଡ଼ର ବନ୍ଧନ ଭିତରୁ ଚେତନାକୁ ମୁକ୍ତିଲାଭ କରିଥାଏ । ମନୁଷ୍ୟ ଭିତରେ ଉପୁଜୁଥିବା ଏହି ବିରୋଧ କଳ୍ପନାଗୁଡ଼ିକ ହେଉଛି ଏକାଧାରାରେ ପ୍ରକୃତିର ଯୁକ୍ତି ଓ ଆମକୁ ମୁକ୍ତି ଦେବାଲାଗି ପ୍ରକୃତି ଆମଠାରୁ ଦାବି କରୁଥିବା ମୂଲ୍ୟ ।

କାରଣ ସତ୍ୟସମ୍ବନ୍ଧର ଏହି ଭ୍ରମଧାରଣାଗୁଡ଼ିକ ଭିତରୁ ଓ ସେହିଗୁଡ଼ିକର ସହଯୋଗରେହିଁ ସତ୍ୟକୁ ଜାଣିବାକୁ ହେବ । ଅବିଦ୍ୟାଦ୍ୱାରା ମୃତ୍ୟୁକୁ ପାରହୋଇ ଯିବାକୁ ପଡ଼ିବ । ବେଦରେ ମଧ୍ୟ ପରୋକ୍ଷଭାଷାରେ ସେହିସବୁ ଶକ୍ତିର ଚର୍ଚ୍ଚା କରାଯାଇଛି, ଯେଉଁଗୁଡ଼ିକ କି ଦୁଷ୍ଟ ବୁଦ୍ଧିସମ୍ପନ୍ନା ଓ ବିପଥଗାମିନୀ ନାରୀମାନଙ୍କ ପରି ଆପଣା 'ପତି'ର ଅହିତ କରି ବୁଲୁଥା'ନ୍ତି, ମାତ୍ର ଆପେ ଅସତ୍ୟ ଓ ଅସୁଖୀ ହୋଇ ମଧ୍ୟ ପରିଶେଷରେ ଏହି ଆନନ୍ଦସ୍ୱରୂପ 'ବୃହତ୍ ସତ୍ୟ'କୁ ଗଢ଼ି ତୋଳିଦିଅନ୍ତି । ତେଣୁ ମନୁଷ୍ୟ ଯେତେବେଳେ ଏକ ନୈତିକ ଅସ୍ତ୍ରୋପଚାରଦ୍ୱାରା ଆତ୍ମପ୍ରକୃତିରେ ରହିଥିବା କଳୁଷର ଉଚ୍ଛେଦସାଧନ କରିଦେବ କିମ୍ବା ଜୀବନକୁ ବିଭୀଷିକାମୟ ଭାବି ଘୃଣାରେ ତାକୁ ଛାଡ଼ି ପଳାଇଯିବ, ସେତେବେଳେ ତାହାର ଜୀବନଯଜ୍ଞ ସାର୍ଥକ ହେବବୋଲି କୌଣସି ଭ୍ରମ ରହିବା ଉଚିତ ନୁହେଁ । ମାତ୍ର ଯେତେବେଳେ ସେ ମୃତ୍ୟୁକୁ ଏକ ପରିପୂର୍ଣ୍ଣତର ଜୀବନରେ ରୂପାନ୍ତରିତ କରିପାରିବ, ଆପଣାର ମାନବୀୟ ସାମର୍ଥ୍ୟ-ସୀମାର କ୍ଷୁଦ୍ରତାଗୁଡ଼ିକୁ ଦିବ୍ୟଭୂମାର ମହାସମ୍ପଦସ୍ତରକୁ ଉତ୍ତୀର୍ଣ୍ଣ କରିନେଇ ପାରିବ,

'oaob.nitrkl.ac.in' images reprocessed

ଦୁଃଖଦହନରେ ଆନନ୍ଦର ନ୍ୟାସ କରିପାରିବ, ଅଶିବ ମଧ୍ୟରେ ଶିବମୟ ସାର୍ଥକତା ଫୁଟାଇ ପାରିବ, ଭ୍ରମ ଓ ବିଭ୍ରାନ୍ତିକୁ ସେଗୁଡ଼ିକର ଅନ୍ତର୍ସତ୍ୟରେ ପରିଣତ କରିଦେବ, କେବଳ ସେତିକିବେଳେ ତା'ର ସାଧନା ପୂର୍ଣ୍ଣ ହେବ, ତାହାର ଯାତ୍ରା ପରିପୂର୍ଣ୍ଣ ହେବ, ଦ୍ୟୁଲୋକ ଓ ଭୂଲୋକ ସମରସଭାବେ ପରମପୁରୁଷଙ୍କର ଆନନ୍ଦପ୍ଲାବନ ଭିତରେ ସମ୍ମିଳିତ ହୋଇଯିବେ ।

ତଥାପି ଏହି ଦାରୁଣ ବିରୋଧଗୁଡ଼ିକ କିପରି ପରସ୍ପରପ୍ରବିଷ୍ଟ ହୋଇ ପାରିବେ ? କେଉଁ ରୂପାନ୍ତରର ରସାୟନକ୍ରିୟାଦ୍ୱାରା ମରଣଶୀଳତା ଓ ମର୍ତ୍ତ୍ୟତାର ସୀମା ଦିବ୍ୟସତ୍ତାର ସେହି ସୁନାରେ ପରିଣତ ହୋଇପାରିବ ? କିନ୍ତୁ ଯଦି ମୂଳତଃ ସେମାନଙ୍କ ଭିତରେ ପ୍ରକୃତରେ କୌଣସି ବିରୋଧ ନଥାଏ ? ଯଦି ସେମାନେ ଗୋଟିଏ ସତ୍ୟର କେବଳ ଦୁଇଟି ରୂପପ୍ରକାଶ ହୋଇଥା'ନ୍ତି ଓ ଗୋଟିଏ ଧାତୁରେ ଗଢ଼ା ହୋଇଥାନ୍ତି ? ତାହାହେଲେ ମର୍ତ୍ତ୍ୟତାର ଦିବ୍ୟ ରୂପାନ୍ତର ଆଦୌ ଅକଳ୍ପନୀୟ ହୋଇ ରହିବ ନାହିଁ ।

ଆଗରୁ ଆମେ ଦେଖିଛୁ ଯେ ଯାହାକୁ ଆମେ ଲୋକୋତ୍ତର ଅସତ୍ ବୋଲି କହିଥାଉ, ତାହା ବସ୍ତୁତଃ ଅଲୀକ ନହୋଇ କେବଳ ଏକ ଅକଳ୍ପନୀୟ ସତ୍ତାହିଁ ହୋଇପାରେ, ସମ୍ଭବତଃ ଏକ ଅନିର୍ବଚନୀୟ ଆନନ୍ଦହିଁ ହୋଇପାରେ । ଅନ୍ତତଃ ବୌଦ୍ଧଧର୍ମର ଯେଉଁ ନିର୍ବାଣରେ ଅହତ୍ତ୍ୱରୂପୀ ଏହି ସର୍ବୋଚ୍ଚ ଶିଖରରେ ଯାଇ ପହଞ୍ଚିବାକୁ ଓ ସେଇଠି ନିବାସ କରିବାକୁ ଦୀପ୍ତିମନ୍ତ ମନୁଷ୍ୟପ୍ରୟାସର ସୂଜନପାତ ହୋଇଥିଲା, ଜୀବନ୍ମୁକ୍ତର ମନସ୍ତତ୍ତ୍ୱରେ ତାହାକୁ ଏକ ଅନିର୍ବଚନୀୟ ଶାନ୍ତି ଓ ଉଲ୍ଲାସର ବାଚକରୂପେ ବର୍ଣ୍ଣନା କରାଯାଇଛି । ସକଳ ଅହଂକଳ୍ପନା ବା ଅହଂବୃତ୍ତି ଅନ୍ତର୍ହିତ ହେବାଦ୍ୱାରା ସକଳ ଦୁଃଖର ଯେଉଁ ନିର୍ବାପନ ସମ୍ଭବ ହୁଏ, ତାହାହିଁ ହେଉଛି ନିର୍ବାଣର ବାସ୍ତବ ପରିଣାମ । ଏହାର ଏକ ଅନୁମେୟତମ ଭାବାତ୍ମକ କଳ୍ପନା କରିବାକୁ ଗୃହିଲେ ନିର୍ବାଣକୁ ଆମେ ଏକ ଅନିର୍ବଚନୀୟ ଆନନ୍ଦବୋଲି କହିପାରିବା (ଏତେଦୂର ଶୂନ୍ୟଗର୍ଭ ଏକ ଶାନ୍ତିକୁ ଯଦି ଏପରି ଗୋଟିଏ ନାମ କିମ୍ବା ଆଦୌ ଗୋଟିଏ ନାମରେ ଅଭିହିତ କରିବା ସମ୍ଭବ ହୁଏ) । ଏହି ଆନନ୍ଦ ମଧ୍ୟରେ ଆତ୍ମସତ୍ତାର ସକଳ ଅନୁଭୂତି ମଧ୍ୟ କୁଆଡ଼େ ଗର୍ଭସ୍ଥ ଓ ବିଲୀନ ହୋଇଯିବାପରି ମନେ ହୋଇଥାଏ । ଏହାକୁ ଯଦି ସଚ୍ଚିଦାନନ୍ଦ ବୋଲି କୁହାଯାଏ, ତେବେ ସତ୍, ଚିତ୍ ଓ ଆନନ୍ଦ,—ଏହି ତିନୋଟି ସର୍ବୋଚ୍ଚ ସଂଜ୍ଞା ଦେଇ ଆମେ ହୁଏତ ତାହାକୁ ବ୍ୟକ୍ତ କରିବାକୁ ସାହସୀ ହେବା ନାହିଁ । କାରଣ ନିର୍ବାଣର ଭୂମି ଉପରେ ସକଳ ସଂଜ୍ଞାର ଉଚ୍ଛେଦସାଧନ ଘଟିଥାଏ ଏବଂ ସକଳ ଜ୍ଞାନାନୁଭବ ଅତିକ୍ରାନ୍ତ ହୋଇ ଯାଇଥାଏ ।

'oaob.nitrkl.ac.in' images reprocessed

ଅନ୍ୟ ପକ୍ଷରେ ଆମେ ଏକଥାଟି ମଧ୍ୟ ସୂଚିତ କରିଦେଇଛୁ ଯେ ଯଦି ଏକମାତ୍ର ପରମାର୍ଥ-ସତ୍ ବ୍ୟତୀତ ଆଉ କେଉଁଠି ହେଲେ କିଛି ନାହିଁ, ତା'ହେଲେ ଏହି ନିମ୍ନସ୍ତରର ଯେଉଁ ନାସ୍ତିଟିଦ୍ୱାରା ଅନୁପ୍ରେରିତ ହୋଇ ଆମେ ସଚ୍ଚିଦାନନ୍ଦଙ୍କୁ ଏକ ଅସତ୍ ବା ଏକ ବିରୁଦ୍ଧପ୍ରତ୍ୟୟ ବୋଲି କଳ୍ପନା କରୁଛୁ, ସେଇଟି ମଧ୍ୟ ସ୍ୱୟଂ ସଚ୍ଚିଦାନନ୍ଦ ବ୍ୟତୀତ ଆଉ କିଛି ହେଲେ କଦାପି ହୋଇ ନପାରେ । ନାସ୍ତିପ୍ରତ୍ୟୟରେ ବୁଡ଼ିଯାଇ ନିମ୍ନସ୍ତରର ଯେଉଁ ଅନୁଭବ ସଚ୍ଚିଦାନନ୍ଦଙ୍କୁ କେଉଁଠି ହେଲେ ଦେଖିବାକୁ ପାଏ ନାହିଁ, ସେହି ଅନୁଭବଟି ମଧ୍ୟ ସେହି ସଚ୍ଚିଦାନନ୍ଦଙ୍କର ଏକ ବିଭୂତି । ତାହା ବୁଦ୍ଧି ଓ ଦୃଷ୍ଟିରେ ବଡ଼ ସ୍ପଷ୍ଟ ଭାବରେ ଆସି ଧରା ଦେଇଥାଏ, ଆମ ଇନ୍ଦ୍ରିୟବୋଧ ଦ୍ୱାରା ବି ଉପଲବ୍ଧ ହୋଇଥାଏ । ଏକ ବୃହତ୍ ଓ ମୌଳିକ ଭ୍ରାନ୍ତି ବା ଆମକୁ ଅଧିକୃତ ଓ ବଶ କରି ରଖିଥିବା ଏକ ମାୟା ବା ଅବିଦ୍ୟାଦ୍ୱାରା ଯଦି ଆମର ଜଗତ୍ ମିଥ୍ୟାଭାବରେ ଆଚ୍ଛନ୍ନ ହୋଇ ପଡ଼ି ନଥା'ନ୍ତା, ତେବେ ଏହାହିଁ ସବୁବେଳେ ଆମର ସଚେତନ ଅନୁଭୂତି ହୋଇ ରହିଥା'ନ୍ତା । ଏହି ଦୃଷ୍ଟିରୁ ଏକ ସମାଧାନରେ ଆସି ପହଞ୍ଚିବାର ଚେଷ୍ଟା ବି କରାଯାଇପାରେ । ମାତ୍ର ଏହା ଆମର ଯୁକ୍ତିଧର୍ମୀ ମନକୁ ସନ୍ତୋଷ ଦେଇପାରିଲା ଭଳି ଏକ ତାତ୍ତ୍ୱିକ ସମାଧାନ ହେବ ନାହିଁ । କାରଣ ଏହି ସମାଧାନ ଆମକୁ ସେହି ଅବିଜ୍ଞେୟ, ଅନିର୍ବଚନୀୟ ରହସ୍ୟର ସୀମାରେଖା ଉପରେ ଆଣି ଠିଆ କରାଇ ଦେଉଛି ଏବଂ ଆମର ଚକ୍ଷୁକୁ ଆହୁରି ସେପାଖକୁ ଦଉଡ଼ାଇ ନେଉଛି । କିନ୍ତୁ ଦିବ୍ୟ ଜୀବନର ସାଧନା ଲାଗି ଏହା ଆମର ଅନୁଭୂତିରେ ଏକ ପର୍ଯ୍ୟାପ୍ତ ଭୂମି ଅବଶ୍ୟ ଯୋଗାଇ ଦେବ ।

ଏଥିଲାଗି ମନର ଚିରାଭ୍ୟସ୍ତ ସଂସ୍କାରଗୁଡ଼ିକର ବାଡ଼ ଭାଙ୍ଗି ଦେଇ ଆମକୁ ଆହୁରି ଗଭୀରକୁ ଯିବାପାଇଁ ସାହସୀ ହେବାକୁ ପଡ଼ିବ, ଭୂମାର ବିପୁଳ ରହସ୍ୟକୁ ଚକିତ କରି ଚେତନାର ଅତଳ ଗଭୀରରେ ପ୍ରବେଶ କରିବାକୁ ପଡ଼ିବ ଏବଂ ଏପର୍ଯ୍ୟନ୍ତ ଯାହାସବୁ ଆମଲାଗି ମୂଳତଃ ନିଜସ୍ୱ ହୋଇ ପାରିନଥିଲା, ଆପଣାର ଚେତନାରେ ସତ୍ୱର ସେହିସବୁ ସ୍ତରସହିତ ଏକାତ୍ମତା ଅନୁଭବ କରିବାକୁ ପଡ଼ିବ । ଏହିପରି ଏକ ଅନ୍ୱେଷଣ ଯାତ୍ରାରେ ମନୁଷ୍ୟର ଆୟତ୍ତ ଭାଷା ଖୁବ୍ ବେଶୀ ସାହାଯ୍ୟ କରିପାରେ ନାହିଁ । ମାତ୍ର ଆମେ ହୁଏତ ସେଇଥିରେ ବି ଅନ୍ତତଃ କେତୋଟି ପ୍ରତୀକ ବା ରୂପକଳ୍ପ ଖୋଜି ପାଇପାରିବା, ତାଙ୍କୁ ପ୍ରକାଶ କରିପାରିବା ଭଳି କେତୋଟି ସଙ୍କେତ ବି ସେଥିରୁ ପାଇପାରିବା । ସେହି ପ୍ରତୀକ, ରୂପ ବା ସଙ୍କେତଗୁଡ଼ିକ ଆତ୍ମାର ଆଲୋକଟିକୁ ପ୍ରକାଶିତ କରିବାରେ ନିଶ୍ଚୟ କିଞ୍ଚିତ୍ ସାହାଯ୍ୟ କରିବ ଏବଂ ତଦ୍ୱାରା ମନ ଉପରେ ସେହି ଅନିର୍ବଚନୀୟ ରଚନା ବିଭବର କିଞ୍ଚିତ ପ୍ରତିଫଳନ କରାଇ ପାରିବ ।

'oaob.nitrkl.ac.in' images reprocessed

ସପ୍ତମ ପରିଚ୍ଛେଦ

# ଅହଂ ଓ ଦ୍ୱନ୍ଦ୍ୱଜାଲ

ସମାନେ ବୃକ୍ଷେ ପୁରୁଷୋ ନିମଗ୍ନୋଽନୀଶୟା ଶୋଚତି ମୁହ୍ୟମାନଃ ।
ଜୁଷ୍ଟଂ ଯଦା ପଶ୍ୟତ୍ୟନ୍ୟମୀଶମସ୍ୟ ମହିମାନମିତି ବୀତଶୋକଃ ॥

—ଶ୍ୱେତାଶ୍ୱତର ଉପନିଷଦ, ୪ । ୭

ସେହି ଏକ ପ୍ରକୃତିବୃକ୍ଷରେ ନିମଗ୍ନ ହୋଇ ବସିଥିବା ଆତ୍ମା ଆପଣାର ଈଶ୍ୱର ସ୍ୱରୂପକୁ ଭୁଲି ମୁହ୍ୟମାନ ହୋଇ ରହିଛି । କିନ୍ତୁ ଯେତେବେଳେ ସେ ଅନ୍ୟଟିକୁ ଦେଖିପାରୁଛି ଓ ତାହାର ଈଶ୍ୱରରୂପୀ ମହିମାସହିତ ଯୁକ୍ତ ହୋଇପାରୁଛି, ସେତେବେଳେ ତା'ର ସକଳ ଶୋକ ଦୂର ହୋଇଯାଉଛି ।

ଯଦି ସବୁକିଛି ସତ୍ୟତଃ ସଚ୍ଚିଦାନନ୍ଦ ହୋଇଥାଏ, ତେବେ ମୃତ୍ୟୁ, ଯନ୍ତ୍ରଣା, ପାପ ଓ ସୀମାବଦ୍ଧତାକୁ କେବଳ ଏକ ବିକାରଗ୍ରସ୍ତ ଚେତନାର ବିସୃଜନ ବୋଲି କୁହାଯିବ । ବ୍ୟାବହାରିକ ଜୀବନରେ ଏଗୁଡ଼ିକ ବାସ୍ତବ ବୋଲି ମନେ ହୋଇଥା'ନ୍ତି, ମାତ୍ର ତତ୍ତ୍ୱତଃ ଦେଖିଲେ କେବଳ ଅଭାବାତ୍ମକ ବୋଲି ସାବ୍ୟସ୍ତ ହୁଅନ୍ତି । ଆତ୍ମଜ୍ଞାନର ସମ୍ୟକ୍ ଓ ସମଞ୍ଜସ ସ୍ତରରୁ ସ୍ଖଳିତ ହୋଇ ଏହି ଚେତନା ଆମକୁ ଖଣ୍ଡିତ ଓ ବିଭକ୍ତ ଅନୁଭୂତିର ଜାଲଭିତରେ ଜଡ଼ିତ କରି ପକାଇଛି । ହିବ୍ରୁ ଧର୍ମକଥାର 'ଉତ୍ପତ୍ତି-ଖଣ୍ଡ'ରେ କବିତ୍ୱପୂର୍ଣ୍ଣ କାହାଣୀ କରିଆରେ ଏହି ପ୍ରସଙ୍ଗଟିକୁହିଁ 'ଆଦିମାନବର ସ୍ଖଳନ' ବୋଲି ବର୍ଣ୍ଣନା କରାଯାଇଛି । ଈଶ୍ୱରଙ୍କୁ ଓ ଆପଣାକୁ, ଅଥବା ଆପଣା ଭିତରେ ଈଶ୍ୱରଙ୍କୁ ପରିପୂର୍ଣ୍ଣ ଓ ପରିଶୁଦ୍ଧ ଭାବେ ଗ୍ରହଣ କରି ପାରିବାର ସାମର୍ଥ୍ୟରୁ ବିଚ୍ୟୁତ ହେବାକୁ ସ୍ଖଳନ ବୋଲି କୁହାଯାଇଛି । ଏହି ବିଚ୍ୟୁତି ଆମର ଚେତନାକୁ ନାନାଭାବେ ବିଭକ୍ତ କରି ପକାଇଛି ଓ ସେଇ ଖଣ୍ଡିତ ସତ୍ତାରୁ ଜୀବନ ଓ ମୃତ୍ୟୁ, ଭଲ ଓ ମନ୍ଦ, ଆନନ୍ଦ ଓ ଦୁଃଖ, ପୂର୍ଣ୍ଣତା ଓ ଅପୂର୍ଣ୍ଣତା ଆଦି ଦ୍ୱନ୍ଦ୍ୱପଟଳର ଉଦ୍‌ଭବ ହୋଇଛି । ପ୍ରକୃତିଦ୍ୱାରା ପ୍ରଲୁବ୍ଧ ହୋଇଥିବା ଆତ୍ମାକୁ,—ଆଦିପୁରୁଷ (ଆଦାମ୍) ଓ ଆଦିନାରୀ (ଇଭ୍)କୁ, ପୁରୁଷ ଓ ପ୍ରକୃତିକୁ,—ଏହି ଫଳହିଁ ଭୁଞ୍ଜିବାକୁ ପଡ଼ୁଛି । ବ୍ୟକ୍ତିଭିତରେ ବିଶ୍ୱଚେତନାର ପୁନଃପ୍ରାପ୍ତିଦ୍ୱାରା ଏବଂ ଭୌତିକ ଚେତନାରେ ଆଧ୍ୟାତ୍ମିକ ଆଲୋକର

'oaob.nitrkl.ac.in' images reprocessed

ଷ୍ଫୁରଣଦ୍ୱାରା ସେହି ସ୍ଖଳନରୁ ମୁକ୍ତିଲାଭ ହୁଏ । ସେତିକବେଳେହିଁ ପ୍ରକୃତି ଭିତରେ ନିହିତ ରହିଥିବା ଆତ୍ମା ଜୀବନବୃକ୍ଷର ଫଳ ଭୁଞ୍ଜିବାର ଅଧିକାର ପାଇବ ଏବଂ ଦିବ୍ୟପୁରୁଷର ସାଯୁଜ୍ୟ ଲାଭଦ୍ୱାରା ଚିରଞ୍ଜୀବୀ ହୋଇପାରିବ । କାରଣ କେବଳ ସେତିକବେଳେହିଁ ତାହାର ଭୌତିକ ଚେତନାକୁ ଅବତରଣ କରିଥିବାର ଉଦ୍ଦେଶ୍ୟ ସାଧିତ ହେବ । ସେତିକବେଳେ ଭଲ ଓ ମନ୍ଦ, ଆନନ୍ଦ ଓ ଦୁଃଖ, ଏବଂ ଜୀବନ ଓ ମୃତ୍ୟୁ ସମ୍ବନ୍ଧରେ ରହିଥିବା ଆମର ଜ୍ଞାନ ମଧ୍ୟ ସାର୍ଥକ ହୋଇଯିବ । କାରଣ ଏକ ଉଚ୍ଚତର ଶିଖରର ଯେଉଁ ଜ୍ଞାନ ବାସ୍ତବ ଭୂମିର ଏହିସବୁ ବିରୋଧକୁ ବିଶ୍ୱଗତ ସ୍ତରରେ ସମନ୍ୱିତ ଓ ସମ୍ମିଳିତ କରିଦିଏ ଏବଂ ଦିବ୍ୟ ଏକତ୍ୱର ସମଗ୍ର କଳ୍ପନା ଭିତରେ ସେଗୁଡ଼ିକର ସକଳ ବିଭକ୍ତତାକୁ ରୂପାନ୍ତରିତ କରିଦିଏ, ମନୁଷ୍ୟର ଆତ୍ମା ପୁଣିଥରେ ସେହି ଜ୍ଞାନକୁ ଲାଭ କରିପାରିବ ।

ଉଦାର ସର୍ବସମତା ଏବଂ ନିରପେକ୍ଷ ବିଶ୍ୱାତ୍ମତା ଦ୍ୱାରା ସର୍ବଭୂତରେ ପରିବ୍ୟାପ୍ତ ହୋଇ ରହିଥିବା ସଚ୍ଚିଦାନନ୍ଦଙ୍କୁ ଏହି ଜଗତର ମୃତ୍ୟୁ, ଦୁଃଖ, ପାପ ଓ ସୀମାବୋଧଗୁଡ଼ାକ ଖୁବ୍ ବେଶୀ ହେଲେ ସେହିସବୁର ଦିବ୍ୟ ଜ୍ୟୋତିର୍ମୟ ବିପରୀତ ତତ୍ତ୍ୱଗୁଡ଼ିକର କେବଳ ବିପରୀତାର୍ଥବୋଧକ ଶବ୍ଦ କିମ୍ବା ପୃଷ୍ଠଗ୍ରସ୍ତ ପରି ମନେ ହେଉଥିବ । ଆମ ପାଖରେ ଏସବୁ କେବଳ ଏକ ଛନ୍ଦହୀନତା ପରି ଅନୁଭୂତ ହୋଇଥା'ନ୍ତି । ଯେଉଁଠି ଏକତ୍ୱ ରହିବା କଥା, ସେମାନେ ସେଠାରେ ବିଚ୍ଛେଦ ଓ ବିଭାଜନର ସୂତ୍ରପାତ କରନ୍ତି, ସହଜବୋଧର ସ୍ଥାନରେ ଭ୍ରାନ୍ତିର ପ୍ରମାଦ ସୃଷ୍ଟି କରନ୍ତି । ଯେଉଁଠାରେ ଏକ ଐକ୍ୟତାନବୋଧକ ସମଗ୍ରତା ସହିତ ଆପଣାର ସଙ୍ଗୀତଶିଅଟିକୁ ଏକାଠି ସମ୍ମିଳିତ କରିଦେବାର କଥା, ସେଠି ସେମାନେ ସମଗ୍ରଠାରୁ ଛିନ୍ନ ଆପଣା ଆପଣାର ଅଲଗା ଅଲଗା ରାଗରାଗିଣୀ ବାହାର କରିବାକୁ ପ୍ରୟାସ କରନ୍ତି । ବିଶ୍ୱସ୍ପନ୍ଦନର କେବଳ ଗୋଟିଏ ପର୍ଯ୍ୟାୟରେ ହେଲେ ମଧ୍ୟ, ଅନ୍ତରାଳ ତଥା ଊର୍ଦ୍ଧ୍ୱରେ ସଞ୍ଚରି ରହିଥିବା ସମ୍ପଦଗୁଡ଼ିକର ଅଧିକାଂଶ ନ ହୋଇଥିବା କେବଳ ଭୌତିକ ଚେତନାର ଏକ ସମଗ୍ରତା ହୋଇଥିଲେ ମଧ୍ୟ, ଯାବତୀୟ ସମଗ୍ରତା ଭିତରେ ବିରୁଦ୍ଧ ପ୍ରତ୍ୟୟଗୁଡ଼ିକର ସଂଘର୍ଷକୁ ଏକ ସୌଷମ୍ୟରେ ପୁନଃସ୍ଥାପିତ କରିବାର ପ୍ରୟାସ ସତତ ଲାଗିରହିଛି । ମାତ୍ର ଅପର ପକ୍ଷରେ ସଚ୍ଚିଦାନନ୍ଦ ସ୍ୱରୂପତଃ ବିଶ୍ୱୋତ୍ତୀର୍ଣ୍ଣ ହୋଇଥିବାରୁ ବିରୁଦ୍ଧ ପ୍ରତ୍ୟୟର ଦ୍ୱନ୍ଦ୍ୱଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କଲେ ସୁଦ୍ଧା ଆମେ ସଚ୍ଚିଦାନନ୍ଦଠାରେ କଦାପି ସେଗୁଡ଼ିକର ଆରୋପ କରି ପାରିବା ନାହିଁ । ଯାହା ବିଶ୍ୱୋତ୍ତୀର୍ଣ୍ଣ, ତାହା କେବଳ ରୂପାନ୍ତରିତହିଁ କରିଦିଏ । ବିରୋଧଗୁଡ଼ିକ ମଧ୍ୟରେ ଏହା କେବଳ କୌଣସି ସମାବିଷ୍ଟିର ସମନ୍ୱୟ ଘଟାଏ ନାହିଁ । ମାତ୍ର ବିରୋଧ ଓ ବିପରୀତଗୁଡ଼ିକୁ ବିରୋଧାତୀତ ଏପରି ଏକ ସ୍ୱଭାବକୁ ରୂପାନ୍ତରିତ କରିଦିଏ, ଯେଉଁଠାରେକି ବିରୋଧର କୌଣସି ସତ୍ତାହିଁ ରହେ ନାହିଁ ।

'oaob.nitrkl.ac.in' images reprocessed

ଅବଶ୍ୟ ଆମକୁ ପ୍ରଥମେ ବ୍ୟକ୍ତିକୁ ପୁନର୍ବାର ସମଗ୍ରତାର ଐକ୍ୟତାନଟି ସହିତ ବାନ୍ଧି ରଖିବାର ଚେଷ୍ଟା କରିବାକୁ ପଡ଼ିବ । ଆମର ବର୍ତ୍ତମାନ ସ୍ତରର ଚେତନା ଯେଉଁଭଳି ସଙ୍ଖ୍ୟା ଦେଇ ଏହି ବିଶ୍ୱର ମୂଲ୍ୟନିରୂପଣ କରିବାରେ ଅଭ୍ୟସ୍ତ ରହିଛି, ମନୁଷ୍ୟର ଅନୁଭୂତି ଓ ପ୍ରଗତିଲାଗି ତାହାର ଏକ ବ୍ୟାବହାରିକ ଔଚିତ୍ୟ ରହିଛି ସତ, ମାତ୍ର ବିଶ୍ୱର ମୂଲ୍ୟାୟନଲାଗି ସେଗୁଡ଼ିକହିଁ ଏକମାତ୍ର ସମ୍ଭାବ୍ୟ ସଙ୍ଖ୍ୟା ନୁହେଁ ଏବଂ ସେଗୁଡ଼ିକୁ ପରିପୂର୍ଣ୍ଣ, ଯଥାର୍ଥ କିମ୍ବା ଚରମ ସଙ୍ଖ୍ୟା ଓ ସୂତ୍ର ବୋଲି ମାନିନେବାଲାଗି ଆଦୌ କୌଣସି କାରଣ ନାହିଁ;—ପ୍ରଥମେ ଆମର ମନରେ ଏହି ଧାରଣାଟି ଯଥେଷ୍ଟ ସ୍ପଷ୍ଟ ହୋଇଯିବା ଉଚିତ । ନଚେତ୍ ସମସ୍ୟାଟିରୁ ମୁକୁଳିବାଲାଗି ଆମ-ପାଖରେ ଆଉ କୌଣସି ସମ୍ଭାବନାହିଁ ରହିବ ନାହିଁ । ଆମର ବର୍ତ୍ତମାନ ଇନ୍ଦ୍ରିୟ ଓ ଇନ୍ଦ୍ରିୟ ସାମର୍ଥ୍ୟ ତୁଳନାରେ ଭୌତିକ ଜଗତକୁ ଭିନ୍ନ, ପରିପୂର୍ଣ୍ଣତର ଓ ଅଧିକ ଭଲଭାବରେ ଦେଖିପାରୁଥିବା ଅନ୍ୟ ଇନ୍ଦ୍ରିୟ ଓ ଅନ୍ୟ ଇନ୍ଦ୍ରିୟସାମର୍ଥ୍ୟର ଉଦ୍‌ଭବ ହେବା ଆଦୌ ଅସମ୍ଭବ ନୁହେଁ, ସେହିପରି ଏକ ଅନ୍ୟ ମାନସିକ କିମ୍ବା ଅତିମାନସ ଭୂମିରୁ ବିଶ୍ୱକୁ ଏପରି ଏକ ଅନ୍ୟ ଭାବରେ ଦେଖିବା ଅବଶ୍ୟ ସମ୍ଭବ ଯାହାକି ଆମର ବର୍ତ୍ତମାନ ମାନସିକ ଭୂମିକୁ ବହୁଗୁଣରେ ଅତିକ୍ରମ କରି ଚାଲିଯାଇପାରିବ । ଚେତନାର ଏଭଳି ଅନ୍ୟ ଭୂମିମାନ ଅବଶ୍ୟ ରହିଛି, ଯେଉଁଠାରେ କି ମୃତ୍ୟୁ କହିଲେ କେବଳ ଅମର ଜୀବନପ୍ରବାହ ମଧ୍ୟରେ ଘଟିପରିବର୍ତ୍ତନ ବୁଝାଇବ, ଦୁଃଖ କହିଲେ ବିଶ୍ୱମୟ ଆନନ୍ଦସିନ୍ଧୁର ପ୍ରତ୍ୟାବର୍ତ୍ତନମୁଖୀ ତରଙ୍ଗକୁହିଁ ବୁଝାଇବ, ବନ୍ଧନ ବା ସୀମାବୋଧ କହିଲେ ଅସୀମ ବା ଅନନ୍ତଦ୍ୱାରା ଆପଣା ମଧ୍ୟରେ ରଚିତ ଏକ କୁଣ୍ଡଳୀକୁ ବୁଝାଇବ, ଅଶିବ କହିଲେ ଆପଣାର ପରିପୂର୍ଣ୍ଣତାର ଚାରିପାଖରେ ଶିବର ଏକ ଚକ୍ରାବର୍ତ୍ତନକୁ ବୁଝାଇବ । ଆମେ ଏଗୁଡ଼ିକୁ କେବଳ ଆମ ସୂକ୍ଷ୍ମ କଳ୍ପନାଦ୍ୱାରା ଖାଲି କଳ୍ପନାହିଁ କରିବା ନାହିଁ, ଏଗୁଡ଼ିକୁ ଆମେ ବାସ୍ତବତଃ ଦେଖିବାକୁ ପାଇବା, ସାର୍ଥକଭାବେ ସତତ ଅନୁଭବ ବି କରିପାରିବା । ଚେତନାର ଏହିସବୁ ଭୂମିରେ ଆସି ପହଞ୍ଚି ପାରିବାକୁହିଁ ବ୍ୟକ୍ତିର ଜୀବନରେ ଆତ୍ମପରିପୂର୍ଣ୍ଣତାର ପ୍ରଗତି ପଥରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ସୋପାନ ବୋଲି କହିବାକୁ ହେବ ।

ଆମର ଇନ୍ଦ୍ରିୟମାନେ ଓ ଆମର ଦ୍ୱୈତଦର୍ଶୀ ମନ ବିଶ୍ୱର ଯେପରି ମୂଲ୍ୟାବଧାରଣ କରିଥା'ନ୍ତି, ସେମାନଙ୍କର ଆପଣା ଆପଣା କ୍ଷେତ୍ରରେ ସେମାନଙ୍କର ଯାଥାର୍ଥ୍ୟ ରହିବହିଁ ରହିବ, ଏବଂ ଏକ ବୃହତ୍ତର ସମନ୍ୱୟ ଉପଲବ୍ଧ ନ ହୋଇଥିବା ପର୍ଯ୍ୟନ୍ତ ସେହିଗୁଡ଼ିକୁହିଁ ଆମ ନିତ୍ୟନୈମିତ୍ତିକ ଜୀବନାନୁଭୂତିର ମାନରୂପେ ଅବଶ୍ୟ ଗ୍ରହଣ କରିବାକୁ ପଡ଼ିବ । ସୌଷମ୍ୟ ଓ ସମନ୍ୱୟର ସେହି ବୃହତ୍ତର ଭୂମିରେ ପ୍ରବେଶ କରି ସେମାନଙ୍କର ନିଶ୍ଚୟ ଏକ ରୂପାନ୍ତର ଘଟିବ, ମାତ୍ର ସେଗୁଡ଼ିକ ପ୍ରତିନିଧିତ୍ୱ

'oaob.nitrkl.ac.in' images reprocessed

କରୁଥିବା ଜଗତଟି କଦାପି ସେମାନଙ୍କର ହସ୍ତଚ୍ୟୁତ ହୋଇ ସମ୍ଭବ ନାହିଁ। ନୂତନ ଦୃଷ୍ଟିରୁ ପୁରାତନ ଇନ୍ଦ୍ରିୟାନୁଭୂତିଗୁଡ଼ିକର ଯଥାର୍ଥ ବ୍ୟାଖ୍ୟା କରିପାରୁଥିବା ଜ୍ଞାନର ଉପଲବ୍ଧି ନହୋଇ କେବଳ ଇନ୍ଦ୍ରିୟଶକ୍ତିରେହିଁ ବୃଦ୍ଧି ଘଟିଲେ ଏହାଦ୍ୱାରା ଘୋର ବିପର୍ଯ୍ୟୟ ଓ ଅସାମର୍ଥ୍ୟ ଘଟିବାର ଆଶଙ୍କା ସବୁବେଳେ ରହିଥିବ, ଏହା ଆମକୁ ବ୍ୟାବହାରିକ ଜୀବନଲାଗି ହୁଏତ ଅଯୋଗ୍ୟ କରି ପକାଇବ କିମ୍ବା ବୁଦ୍ଧିଶକ୍ତିର ଶୃଙ୍ଖଳ ତଥା ସଂଯତ ପ୍ରୟୋଗରେ ବାଧା ସୃଷ୍ଟି କରିବ। ଠିକ୍ ସେହିପରି ଆମର ମାନସ-ଚେତନାକୁ ଅହଂଗ୍ରସ୍ତ ଦ୍ୱୈତବୁଦ୍ଧିର ଅନୁଭୂତିସୀମାରୁ ବାହାର କରି ସମନ୍ୱୟର ଛନ୍ଦଟିକୁ ନବୁଝି ମଧ୍ୟ ଯଦି ସମଗ୍ର ଚେତନାର କୌଣସି ଏକ ବିଭାବ ଭିତରକୁ ପରିବର୍ଦ୍ଧିତ କରି ଦିଆଯାଏ, ତେବେ ତାହା ଭାରି ସହଜରେ ଆମକୁ ଏକ ବିଭ୍ରମ-ଜାଲରେ ଆଣି ପକାଇଦେବ ଏବଂ ଆପେକ୍ଷିକତା ଉପରେ ପ୍ରତିଷ୍ଠିତ ଏହି ମାନବ-ଜଗତର କ୍ରିୟାମୟ ଜୀବନଲାଗି ଆମକୁ ଅଯୋଗ୍ୟ କରି ପକାଇବ। ଖାସ୍ ଏହି କାରଣରୁହିଁ ଅଜ୍ଞାନୀର କର୍ମଭୂମି ଓ ଚିନ୍ତାଭୂମିକୁ କୌଣସିପ୍ରକାରେ ଦୋହଲାଇ ନଦେବାକୁ ଗୀତାରେ ଜ୍ଞାନୀକୁ ସତର୍କ କରି ଦିଆଯାଇଛି। କାରଣ ହୁଏତ କେବଳ ଜ୍ଞାନୀର ଦୃଷ୍ଟାନ୍ତଦ୍ୱାରା ଉଦ୍‌ବୁଦ୍ଧ ହୋଇ ମାତ୍ର ତା'ର କର୍ମଯୋଗର ତତ୍ତ୍ୱରହସ୍ୟଟିକୁ ନ ବୁଝି ଅଜ୍ଞାନୀମାନେ ଏକ ଉଚ୍ଚତର ଜୀବନ ଭିତରେ ଉପନୀତ ହେବା ପୂର୍ବରୁହିଁ ସ୍ୱଧର୍ମ ଭିତ୍ତିଟିକୁ ହରାଇ ବସିବେ।

ବ୍ୟକ୍ତିଗତଭାବରେ ଏହି ବିପର୍ଯ୍ୟୟ ଓ ଅସମର୍ଥତାକୁ ଆଦରି ନେବାର ଅନେକ ସମ୍ଭାବନା ରହିଛି। ଅନେକ ମହାପୁରୁଷ ଏକ ସାମୟିକ ସାଧନକ୍ରମ ହିସାବରେ ବା ଏକ ବିସ୍ତୃତତର ଜୀବନଭୂମିରେ ପ୍ରବେଶ କରିବାର ମୂଲ୍ୟସ୍ୱରୂପ ଏହାକୁ ସ୍ୱୀକାର କରି ନେଇଥା'ନ୍ତି। ମାତ୍ର ସମଗ୍ର ମାନବଜାତିର ପ୍ରଗତିଲାଗି ଏକ ଫଳପ୍ରଦ ଓ ସମନ୍ୱୟମୂଳକ ନୂତନ ମୂଲ୍ୟାୟନକୁହିଁ ଯଥାର୍ଥ ଲକ୍ଷ୍ୟରୂପେ ଗ୍ରହଣ କରିବାକୁ ପଡ଼ିବ। ଏହି ପୁନର୍ମୂଲ୍ୟାୟନଦ୍ୱାରା ସେହି ବିସ୍ତୃତତର ଜୀବନଭୂମିକୁ ସତ୍ୟର ଏକ ଅଭିନବ ବିଧାନରେ ପ୍ରକାଶିତ କରିପାରିବା ସମ୍ଭବ ହେବ ଏବଂ ବିଶ୍ୱର ପ୍ରାଣଧାତୁ ଉପରେ ସେହି ନୂତନ ଭୂମିର ସାମର୍ଥ୍ୟଗୁଡ଼ିକୁ ଅଧିକ ସମୁଚିତ ଓ ଶକ୍ତିଶାଳୀଭାବରେ ବ୍ୟବହାର କରାଯାଇ ପାରିବ। ଆମ ଇନ୍ଦ୍ରିୟବୋଧର ଯେତିକି ଶକ୍ତି ରହିଛି, ସେତିକିରୁ ସେ କହିବ ଯେ ସୂର୍ଯ୍ୟ ପୃଥିବୀ ଚାରିପାଖରେ ବୁଲୁଛି। ଏହି ଆପାତବୋଧଟିହିଁ ଆଜିଯାଏ ଆମ ଇନ୍ଦ୍ରିୟଜୀବନରେ କେନ୍ଦ୍ର ହୋଇ ରହିଥିଲା, ଏବଂ ଏହି ମିଥ୍ୟାବୋଧଟିକୁ ଭିତ୍ତି କରି ଆମର ଚଳମାନ ସଂସାରଟିର ରଚନା ହୋଇଥିଲା। ଅସଲ ସତ୍ୟଟି ହେଉଛି ଏହି ଧାରଣାର ସମ୍ପୂର୍ଣ୍ଣ ବିପରୀତ। ମାତ୍ର ଏହି ସତ୍ୟଟିକୁ କେନ୍ଦ୍ର କରି ଯଦି ଆପଣାର ଯୁକ୍ତିସିଦ୍ଧ ଓ ସଂଗଠିତ ଜ୍ଞାନଦ୍ୱାରା ଇନ୍ଦ୍ରିୟଜ୍ଞାନକୁ ପରିମାର୍ଜିତ କରି ପାରୁଥିବା ଏକ

'oaob.nitrkl.ac.in' images reprocessed

ନୂତନ ବିଜ୍ଞାନର ସୃଷ୍ଟି ହୋଇ ନଥା'ନ୍ତା, ତେବେ ଏହି ସତ୍ୟର ଆବିଷ୍କାର ଆମର କୌଣସି କାମରେ ଆସିନଥା'ନ୍ତା । ଠିକ୍ ସେହିପରି ମାନସିକ ଚେତନା ଦୃଷ୍ଟିରୁ ଭଗବାନ୍ ଆମ ବ୍ୟକ୍ତି-ଅହଂକୁ ବି ପ୍ରଦକ୍ଷିଣ କରି ବୁଲୁଛନ୍ତି । ଏହି ଧାରଣାର ବଶବର୍ତ୍ତୀ ହୋଇ ଆମେ ନିଜର ଅହଂଗ୍ରସ୍ତ ଚେତନା, ଭାବନା ଓ ସଂବେଦନା ଦେଇ ତାଙ୍କ ବିଧିବିଧାନର ବିଚାର କରି ବସିଥାଉ ଓ ସେହିପରିଭାବରେ ସେଗୁଡ଼ିକର ମୂଲ୍ୟାଙ୍କନ ଓ ବ୍ୟାଖ୍ୟା କରିଥାଉ । ଏହାଦ୍ୱାରା ଆମେ ସତ୍ୟର ବିକୃତ ଓ ବିପରୀତ ରୂପଟାକୁହିଁ ସତ୍ୟ ବୋଲି କହିବାର ଭ୍ରାନ୍ତିରେ ପଡ଼ିଯାଉଥିଲେ ମଧ୍ୟ ଏଗୁଡ଼ିକ ତଥାପି ଆମର କାମରେ ଲାଗିପାରୁଛି ଓ ମାନବୀୟ ଜୀବନ ଓ ପ୍ରଗତିକୁ କିଛିଦୂରଯାଏ ବିକଶିତ ହେବାକୁ ପ୍ରକୃତରେ ସାହାଯ୍ୟ ମଧ୍ୟ କରୁଛି । ଏହି ବସ୍ତୁଜଗତ୍ ବିଷୟରେ ଲବ୍ଧ ଆମର ଅନୁଭୂତିଗୁଡ଼ିକୁ ସଜାଇ ଆମେ ବ୍ୟାବହାରିକ ଜୀବନର ପ୍ରୟୋଜନ ମେଣ୍ଟାଇବାଲାଗି କେତେଗୁଡ଼ିଏ ସ୍ଥୂଳ ସିଦ୍ଧାନ୍ତ କରି ନେଉଥାଉ । ଜ୍ଞାନ ଓ କର୍ମର ଏକ ନିର୍ଦ୍ଦିଷ୍ଟ ସ୍ତରର ସୀମାଭିତରେ ବାସ କରୁଥିବା ପର୍ଯ୍ୟନ୍ତ ସେଗୁଡ଼ିକ ଆଦୌ ଅଯଥାର୍ଥ ବୋଲି ମନେ ହୁଅନ୍ତି ନାହିଁ । ମାତ୍ର ମନୁଷ୍ୟଜୀବନ ତଥା ମାନବୀୟ ଜ୍ଞାନର ଚରମ ଓ ସର୍ବୋଚ୍ଚ ସମ୍ଭାବନା ବିଷୟରେ ସେଗୁଡ଼ିକ ଆମକୁ କୌଣସିପ୍ରକାର ସୂଚନାଦେଇ ପାରନ୍ତି ନାହିଁ । "ସତ୍ୟହିଁ ପଥ, ଅସତ୍ୟ ପଥ ନୁହେଁ ।" ଅହଂ ଯେ ହେଉଛି ଜୀବନର କେନ୍ଦ୍ର, ସେହି ଅହଂକୁ କେନ୍ଦ୍ରକରି ଯେ ଭଗବାନଙ୍କର ପ୍ରଦକ୍ଷିଣ ହେଉଛି ଓ ଅହଂ ଯେ ତାହାର ଦ୍ୱନ୍ଦ୍ୱସମ୍ବନ୍ଧୀୟ ବୋଧଦ୍ୱାରା ଭଗବାନଙ୍କର ବିଚାର କରିପାରିବ,—ଏହା ସତ୍ୟ ନୁହେଁ । ସ୍ୱୟଂ ଦିବ୍ୟପୁରୁଷ ହେଉଛନ୍ତି କେନ୍ଦ୍ର; ଏବଂ କେବଳ ବିଶ୍ୱଗତ ତଥା, ବିଶ୍ୱୋତ୍ତୀର୍ଣ୍ଣ ଭୂମିର ଦ୍ୟୋତନା ଦେଇ ଆପଣାର ବ୍ୟାଖ୍ୟା କରିପାରିଲେ ବ୍ୟକ୍ତିର ଅନୁଭୂତି ଆପଣାର ସତ୍ୟ-ପରିଚୟ ଲାଭ କରିପାରିବ,—ଏହାହିଁ ସତ୍ୟ । ମାତ୍ର ତଥାପି, ଏକ ଉଚ୍ଚତର ଜ୍ଞାନଭୂମି ବ୍ୟତୀତ ସେହି ସତ୍ୟକଳ୍ପନାକୁ ଅହଂକେନ୍ଦ୍ରୀ କଳ୍ପନାଟିର ସ୍ଥାନରେ କେବଳ ଏକ ବିକଳ୍ପରୂପେ ଆଣି ଥୋଇଦେଲେ ତଦ୍ୱାରା ପୁରାତନ ପରିବର୍ତ୍ତରେ ନୂତନ ଭାବର ସ୍ଥାପନା ହେବ ସତ, ମାତ୍ର ତାହା ତଥାପି ମିଥ୍ୟା ଓ ସ୍ୱେଚ୍ଛାଚାରଦ୍ୱାରା ଗ୍ରସ୍ତ ହୋଇରହିବ । ଏହାଦ୍ୱାରା ଯଥାର୍ଥ ମୂଲ୍ୟଗୁଡ଼ିକର ଏକ ଶାନ୍ତ ଆଲୋଡ଼ନ ହେବା ପରିବର୍ତ୍ତେ ସେଥିରେ ଉନ୍ମୂଳ ବିପର୍ଯ୍ୟୟ ଆସି ପହଞ୍ଚିବ । ଏହିପରି ଏକ ଆଲୋଡ଼ନ ଅନେକ ସମୟରେ ନୂତନ ଦର୍ଶନ ଓ ନୂତନ ଧର୍ମକୁ ଜନ୍ମ ଦେଇଥାଏ ଓ ଆବଶ୍ୟକ କ୍ରାନ୍ତିର ଦ୍ୱାର ଖୋଲି ଦେଇଥାଏ । ମାତ୍ର ଯେତେବେଳେ ଆମେ ଉପଲବ୍ଧ ସତ୍ୟକଳ୍ପନାଟିକୁ କେନ୍ଦ୍ରକରି ବିବେକସମ୍ପନ୍ନ ଓ ସାର୍ଥକ ଜ୍ଞାନର ଏକ ସମାବେଶ ସମ୍ଭବ କରିପାରିବା, ସେତିକିବେଳେ ଯାଇ ଅସଲ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା । ଜ୍ଞାନର ସେହି ସମାବେଶ ଭିତରେ ଆମର ଅହଂକାମୀ ଜୀବନ ଆପଣାର ସକଳ ମୂଲ୍ୟବୋଧରେ ରୂପାନ୍ତର ଓ ସମ୍ମାର୍ଜନ ଘଟାଇ ପାରିବ ଓ ଆପଣାର

'oaob.nitrkl.ac.in' images reprocessed

ପୁନର୍ବ୍ୟବସ୍ଥାର କରିବାକୁ ସମର୍ଥ ହେବ । ସେତେବେଳେ ଯାଇ ଆମେ ସତ୍ୟର ଏକ ନୂତନ ମୂଲ୍ୟସରଣୀରେ ଯାଇ ପହଞ୍ଚିବା, ଯେଉଁଠାରେ କି ଆମପକ୍ଷରେ ଆମେ ବର୍ତ୍ତମାନ ବଞ୍ଚୁଥିବା ଜୀବନର ପରିବର୍ତ୍ତିରେ ଏକ ଦିବ୍ୟତର ଜୀବନସ୍ତର ଲାଭ କରିବା ସମ୍ଭବ ହୋଇପାରିବ, ଏବଂ ଆପଣାର ସାମର୍ଥ୍ୟଗୁଡ଼ିକୁ ତଥା ବିଶ୍ୱର ପ୍ରାଣଧାତୁକୁ ଆମେ ଦିବ୍ୟତର ତଥା ଅଧିକ ଶକ୍ତିସମ୍ପନ୍ନଭାବରେ ବ୍ୟବହାର କରିପାରିବା ।

ଯେଉଁ ମହାନ୍ ସତ୍ୟଗୁଡ଼ିକ ପରମପୁରୁଷଙ୍କର ଦିବ୍ୟ ପ୍ରକୃତିକୁ ଆମରି ଭାବଧାରା ଭିତରେ ଫୁଟାଇ ଦେଇପାରନ୍ତି, ତାହାରି ଉପଲବ୍ଧିର ଆଧାର ଉପରେହିଁ ପୂର୍ଣ୍ଣମାନବର ସେହି ନୂତନ ଜୀବନ ଓ ନୂତନ ଶକ୍ତି ପ୍ରତିଷ୍ଠିତ ହୋଇ ରହିବ । ପ୍ରଥମେ ଅହଂ ଆପଣାର ଦୃଷ୍ଟି ଓ ମିଥ୍ୟା ନିଷ୍ପୃତାଗୁଡ଼ିକର ଅଭିମାନ ତ୍ୟାଗ କରିବ । ଆପଣାକୁ ଏକ ସମଗ୍ରତାର ଅଂଶ ବୋଲି ଜାଣି ଅହଂ ତାହାର ସହିତ ଏକ ଯଥାର୍ଥ ସମ୍ବନ୍ଧରେ ସମନ୍ୱିତ ଓ ସମତାନବଦ୍ଧ ହୋଇ ରହିବ । ଯେଉଁ ବିଶ୍ୱୋତ୍ତୀର୍ଣ୍ଣ ଅଖଣ୍ଡତାରୁ ଏହା ଖଣ୍ଡିଏ ହୋଇ ତଳକୁ ଓହ୍ଲାଇ ଆସିଛି, ଅହଂ ତାହାସହିତ ମଧ୍ୟ ସମଚ୍ଛନ୍ଦତା ସ୍ଥାପନ କରିବ । ଏବଂ ଆପଣାର ସକଳ ବିକଳ୍ପନାର ଅତୀତ ହୋଇ ରହିଥିବା ଏକ ସତ୍ୟ ଓ ଋତର ପ୍ରସାର ଭିତରେ ସେ ଆପଣାକୁ ସମ୍ପୂର୍ଣ୍ଣ ଉନ୍ମୋଚିତ କରିଦେବ । ଏହି ସତ୍ୟ ଭିତରେହିଁ ସେ ପରିପୂର୍ଣ୍ଣତା ଲାଭ କରିବ, ଏହି ଋତକୁ ଆଶ୍ରୟ କରି ସେ ମୁକ୍ତ ହେବ । ଏକ ଅହଂକାମୀ ଦୃଷ୍ଟିରୁ ଉଦ୍ଭୂତ ସକଳ ମୂଲ୍ୟକଳ୍ପନାର ବିଲୋପସାଧନହିଁ ତାହାର ଲକ୍ଷ୍ୟ ହୋଇ ରହିବ । ସକଳପ୍ରକାର ସୀମାବୋଧ, ଅଜ୍ଞାନ, ମୃତ୍ୟୁ, ଦୁଃଖ ଓ ପାପରୁ ଉତ୍କ୍ରାନ୍ତ ହେବାହିଁ ତା'ର ପରମ ପୁରୁଷାର୍ଥ ହେବ ।

ଆମ ମାନବିକ ଇହଜୀବନର ବିଚରଣ-ଭୂମିଟି ବର୍ତ୍ତମାନ ସ୍ତରର ଅହଂବଦ୍ଧ ସଂସ୍କାରଗୁଡ଼ିକ ଭିତରେ ଜଡ଼ିତ ହୋଇ ରହିଥିବାପର୍ଯ୍ୟନ୍ତ ଏହି ପୃଥିବୀରେ ତଥା ଏହି ଜୀବନରେ ସେହି ବିଶ୍ୱୋତ୍ତୀର୍ଣ୍ଣତା ଓ ସେହି ବିଲୋପସାଧନ କେବେହେଲେ ସମ୍ଭବ ହେବ ନାହିଁ । ଆମର ଜୀବନ ଯଦି ସ୍ୱଭାବତଃ କେବଳ ଏକ ବ୍ୟକ୍ତିଗତ ଜୀବନଧାରଣର ଭୂମି ହୋଇ ରହିଥିବ, ଏକ ବିଶ୍ୱଗତ ଜୀବନର ପ୍ରତିଫଳନ କରୁ ନଥିବ କିମ୍ବା ଏକ ମହାଶକ୍ତିମାନ୍ ଜୀବନସତ୍ତ୍ୱର ପ୍ରାଣକ୍ରିୟା ହୋଇ ରହି ନଥିବ, ବିଷୟଜଗତର ସଂପର୍କରେ ଆସି ତାହାର ପ୍ରତିକ୍ରିୟା ସ୍ୱରୂପ ଆମର ମନଭିତରେ ଯେଉଁ ଦ୍ୱନ୍ଦ୍ୱବୋଧମାନ ଜାତ ହୋଇଥାଏ, ସେଗୁଡ଼ିକୁ କେବଳ ଏକ ପ୍ରତିକ୍ରିୟା ବୋଲି ନ ବିଚାରି ଆମେ ଯଦି ସକଳ ଜୀବନଯାପନର ମର୍ମ ଓ ମୂଳଧର୍ମ ବୋଲି ବିଚାର କରୁଥିବା, ସୀମା ସଙ୍କୁଚିତତାକୁହିଁ ଆମର ମନ ଓ ଦେହ ଗଢ଼ା ହୋଇଥିବା ଧାତୁର ଅବଶ୍ୟମ୍ଭାବୀ ସ୍ୱଭାବ ବୋଲି ଧରି ନେଉଥିବା, ମରଣର ମହାବିଘଟନକୁ ସକଳ ଜୀବନର ଆଦି ଓ ଶେଷ ଗତି ବୋଲି ଭାବୁଥିବା, ମରଣରୁ ଯାହାରମ୍ଭ କରି



'oaob.nitrkl.ac.in' images reprocessed

ମରଣରେହିଁ ଜୀବନର ଅବସାନ ଘଟିବ ବୋଲି ମାନୁଥିବା, ସୁଖ ଓ ଦୁଃଖକୁ ସକଳ ଇନ୍ଦ୍ରିୟଗ୍ରାହ୍ୟତାର ଅବିଚ୍ଛେଦ୍ୟ ଦ୍ୱୈତ ଉପାଦନରୂପେ ଦେଖୁଥିବା, ଆନନ୍ଦ ଓ ଶୋକକୁ ସକଳ ସଂବେଗର ଆଲୁଅ ଓ ଛାଇ ପରି ଦେଖୁଥିବା ଏବଂ ସତ୍ୟ ଓ ମିଥ୍ୟାର ଦୁଇଟି ମେରୁ ଭିତରେହିଁ ସକଳ ଜ୍ଞାନ ନିତ୍ୟ-ଆବର୍ତ୍ତିତ ହେବାରେ ଲାଗିଛି ବୋଲି ଯଦି ବିଶ୍ୱାସ କରୁଥିବା, ତେବେ ସକଳ ଅସ୍ତିତ୍ୱର ସୀମାବାହ୍ୟରେ ଥିବା ଏକ ନିର୍ବାଣ ଭିତରେହିଁ ମନୁଷ୍ୟଜୀବନକୁ ବର୍ଜନ କରିଦେଇ କିମ୍ବା ଏହି ଭୌତିକ ବିଶ୍ୱଠାରୁ ଆଉଏକ ସ୍ୱତନ୍ତ୍ର ଧାତୁରେ ଗଢ଼ା ହୋଇଥିବା କୌଣସି ଏକ ସ୍ୱର୍ଗ କିମ୍ବା ଲୋକାନ୍ତରରେ ପ୍ରବେଶ କରି ହୁଏତ ସେହି ବିଶ୍ୱୋତ୍ତୀର୍ଣ୍ଣତା ସମ୍ଭବ ହୋଇପାରିବ ।

ଆପଣାର ବିଗତ ଓ ବର୍ତ୍ତମାନ ସଂସ୍କାରଗୁଡ଼ିକ ସହିତ ବନ୍ଧାହୋଇ ରହିଥିବା ମନୁଷ୍ୟର ଗତାନୁଗତିକ ମନପକ୍ଷରେ ଏହି ମାନବୀୟ ଜୀବନଭୂମିରେ ଅଥଚ ଆମର ଏହି ପ୍ରତିଷ୍ଠିତ ପରିବେଶରେ ଚୂଳମୂଳ ପରିବର୍ତ୍ତନର ଆଲୋଡ଼ନ ଘଟାଇ ପାରୁଥିବା ଏକ ଅସ୍ତିତ୍ୱର କଳ୍ପନା କରିବା ଆଦୌ ଅତି ସହଜ ନୁହେଁ । ଡାରୱିନ ସିଦ୍ଧାନ୍ତର ଆଦି-ବାନରଟି ବିବର୍ତ୍ତନର ଯେଉଁ ସ୍ତରରେ ରହିଥିଲା, ଆମର ସମ୍ଭାବ୍ୟ ସେହି ଉଚ୍ଚତର ବିବର୍ତ୍ତନର କ୍ରମରେ ଆମେ ହୁଏତ ଠିକ୍ ସେହି ସ୍ତରରେହିଁ ରହିଛୁ । ଆପଣାର ସହଜାତ ସ୍ୱଭାବର ବଶବର୍ତ୍ତୀ ହୋଇ ବୃକ୍ଷଡାଳରେ ଜୀବନ ଅତିବାହିତ କରୁଥିବା ସେହି ବାନରଟି ପକ୍ଷରେ ଦିନେ ଏହି ପୃଥିବୀରେ ଏପରି ଅନ୍ୟପ୍ରକାର ଏକ ପ୍ରାଣୀର ଆବିର୍ଭାବ ହେବ, ଯିଏକି ତା'ର ଅନ୍ତଃପ୍ରକୃତି ଓ ବହିଃପ୍ରକୃତିର ସକଳ ଉପାଦାନକ୍ଷେତ୍ରରେ 'ବୁଦ୍ଧି' ନାମକ ଏକ ନୂତନ ସାମର୍ଥ୍ୟର ପ୍ରୟୋଗ କରିପାରିବ, ସେକଥାର କଳ୍ପନା କରିପାରିବା ମଧ୍ୟ କଦାପି ସମ୍ଭବ ହୋଇ ନଥା'ନ୍ତା । ସେହି ନୂତନ ପ୍ରାଣୀଟି 'ବୁଦ୍ଧି'ର ଶକ୍ତି ଦେଇ ଆପଣାର ସହଜାତ ସ୍ୱଭାବ ଓ ଅଭ୍ୟାସଗୁଡ଼ିକୁ ଆପଣା ବଶରେ ଆଣିପାରିବ, ଆପଣା ଜାଗତିକ ଜୀବନର ପରିବେଶକୁହିଁ ବଦଳାଇ ଦେଇ ପାରିବ, ଆପଣାର ରହିବାଲାଗି ପଥରର ଘରମାନ ତିଆରି କରିବ, ପ୍ରାକୃତିକ ଶକ୍ତିଗୁଡ଼ିକୁ ଆୟତ୍ତ କରି ନିଜ କାମରେ ଲଗାଇବ, ସମୁଦ୍ରରେ ବୋଇତ ଚଳାଇବ, ଆକାଶମାର୍ଗରେ ଉଡ଼ିବ, ଆଗ୍ରହସଂହିତାର ବିକାଶ କରାଇବ ଏବଂ ଆପଣାର ମାନସିକ ତଥା ଆଧ୍ୟାତ୍ମିକ ବିକାଶଲାଗି ସଚେତନ ନାନା ସାଧନ ବାହାର କରିବ ବୋଲି ସେହି ଆଦିଯୁଗର ବାନର କଦାପି କଳ୍ପନା କରି ପାରିନଥା'ନ୍ତା । ଏବଂ ସେହି ବାନର ଏହିସବୁ କଳ୍ପନା କରିବାକୁ ହୁଏତ ସମର୍ଥ ହୋଇ ପାରିଥିଲେ ମଧ୍ୟ, ଆପଣା ପ୍ରକୃତିରେ କୌଣସିପ୍ରକାର ପରିବର୍ତ୍ତନ କିମ୍ବା ଇଚ୍ଛାଶକ୍ତି ଓ ଅଭିଳାଷର କୌଣସି ଦୀର୍ଘ ଉଦ୍ୟମ ଫଳରେ ସିଏ ସ୍ୱୟଂ ଯେ କେବେହେଲେ ସେହିପରି ଏକ ନୂତନ ଜୀବରୂପକୁ ଉନ୍ନୀତ ହୋଇଯାଇ ପାରିବ, ବାନର-ମନ ତଥାପି ତାହା

'oaob.nitrkl.ac.in' images reprocessed

କଳ୍ପନା କରି ପାରି ନଥା'ନ୍ତା । କେବଳ ମନୁଷ୍ୟହିଁ ବୁଦ୍ଧିଶକ୍ତି ଅର୍ଜନ କରିଛି, ଅଧିକନ୍ତୁ ସେ ଆପଣାର କଳ୍ପନାଶକ୍ତି ଓ ପ୍ରତିବୋଧକୁ କାମରେ ଲଗାଇ ଶିଖିଛି । ଏବଂ ସେହି କାରଣରୁହିଁ ମଣିଷ ଆପଣାର ଅସ୍ତିତ୍ୱଠାରୁ ଉଚ୍ଚତର ଆଉ ଏକ ଅସ୍ତିତ୍ୱର କଳ୍ପନା କରିପାରୁଛି ଏବଂ ଆପଣାର ବର୍ତ୍ତମାନ ଅସ୍ତିତ୍ୱର ସୀମା ଅତିକ୍ରମ କରି ସେ ତା'ର ବ୍ୟକ୍ତିଗତ ଜୀବନରେ ସେହି ଉଚ୍ଚତର ଅସ୍ତିତ୍ୱକୁ ଉନ୍ନୀତ ହୋଇ ପାରିବାର ସମ୍ଭାବନାଟିକୁ ମଧ୍ୟ ଅନୁଭବ କରିପାରୁଛି । ପରମ ଉପଲବ୍ଧି କହିଲେ ମନୁଷ୍ୟ ତା'ର କଳ୍ପନାଭିତରେ ରହିଥିବା ସକଳ ଭାବାତ୍ମକତା ଓ ସହଜାତ ଅଭୀପ୍ସାର ସକଳ କାମ୍ୟତାର ଉଚ୍ଚତମ ଶୀର୍ଷକୁହିଁ ବୁଝୁଛି । ସେହି ଶୀର୍ଷରେ ଜ୍ଞାନ ଆପଣାର ନକାରାତ୍ମକ ଭ୍ରାନ୍ତିସ୍ୱରୂପ ସକଳ ପ୍ରମାଦରୁ ମୁକ୍ତ ହୋଇ ରହିଛି, ଆନନ୍ଦ ଦୁଃଖାନୁଭୂତି-ଜନିତ ଆପଣାର ସକଳ ଅଭାବରୁ ମୁକ୍ତ ହୋଇ ରହିଛି, ନିରଙ୍କୁଶ ବୀର୍ଯ୍ୟ ଅସାମର୍ଥ୍ୟ-ରୂପୀ ଆପଣାର ସତତ ଅସ୍ୱୀକାରରୁ ମୁକ୍ତ ହୋଇ ରହିଛି, ଶୁଦ୍ଧତା ଓ ସର୍ବସମ୍ପନ୍ନତା ଅପୂର୍ଣ୍ଣତା ଓ ସୀମାବଦ୍ଧତାର ସକଳ ବୈପରୀତ୍ୟରୁ ମୁକ୍ତ ହୋଇ ରହିଛି । ଏହିପରି ଭାବରେହିଁ ମନୁଷ୍ୟ ଆପଣା ଦେବତାମାନଙ୍କର କଳ୍ପନା କରି, ଆପଣା ସ୍ୱର୍ଗଗୁଡ଼ିକର ଚିତ୍ର-ରଚନା କରିଛି । ମାତ୍ର ଏହି ପୃଥିବୀରେହିଁ ଯେ ସେହି ଚିତ୍ରଟି ସମ୍ଭବ ହୋଇପାରେ ବା ଭବିଷ୍ୟତ୍ ମାନବସମାଜର ଜୀବନରେ ମୂର୍ତ୍ତି ହୋଇପାରେ, ମନୁଷ୍ୟର ବୁଦ୍ଧି ସେକଥା କଳ୍ପନା କରିବାକୁ କୁଣ୍ଠିତ ହେଉଛି । ଈଶ୍ୱର ତଥା ସ୍ୱର୍ଗ ବିଷୟରେ ତାର ସ୍ୱପ୍ନକଳ୍ପନା ବସ୍ତୁତଃ ତାହାର ପରିପୂର୍ଣ୍ଣ ସମ୍ଭାବ୍ୟତା ସମ୍ବନ୍ଧରେହିଁ ଏକ ସ୍ୱପ୍ନ । ମାତ୍ର ସେଯୁଗର ଆଦିବାନର ପକ୍ଷରେ ଆପଣାକୁ ଭବିଷ୍ୟତର ମାନବ ବୋଲି ବିଶ୍ୱାସ କରିବା ଯେପରି କଷ୍ଟକର ହୋଇଥା'ନ୍ତା ଏଇଠି ଇହଜୀବନରେ ସେହି ପରିପୂର୍ଣ୍ଣ ସମ୍ଭାବ୍ୟତାଗୁଡ଼ିକର ବାସ୍ତବ ଉପଲବ୍ଧି ହୋଇପାରିବ ବୋଲି ବିଶ୍ୱାସ କରିବା ମନୁଷ୍ୟ ପକ୍ଷରେ ମଧ୍ୟ ସେହିପରି କଷ୍ଟକର ହେଉଛି । ତା'ର କଳ୍ପନା ଓ ଧର୍ମାକାଙ୍କ୍ଷା ହୁଏତ ତାହାର ସମ୍ମୁଖରେ ସେହି ଲକ୍ଷ୍ୟଟିକୁ ଧରିରଖିଛି; ମାତ୍ର ସକଳ କଳ୍ପନାପ୍ରବଣତା ଓ ବିଶ୍ୱୋତ୍ତୀର୍ଣ୍ଣ ପ୍ରତିବୋଧକୁ ଖଣ୍ଡନ କରୁଥିବା ବୁଦ୍ଧିର ଆସ୍ପଦରେ ରହିଥିବାପର୍ଯ୍ୟନ୍ତ ମନୁଷ୍ୟ ସେହି ଲକ୍ଷ୍ୟକୁ ଖାଲି ଚକ୍‌ଚକ୍ କରୁଥିବା ଏକ ଚମତ୍କାର ଅନ୍ଧବିଶ୍ୱାସ ରୂପେ ପ୍ରଧାନତଃ ଏଡ଼ିଦେଇ ଚାଲିଯାଉଛି ଏବଂ ତାହାକୁ ଏହି ଭୌତିକ ଜଗତରେ ସେ ସମ୍ମୁଖୀନ ହେଉଥିବା ନିର୍ମମ ବାସ୍ତବର ବିପରୀତ ବୋଲି ମଣୁଛି । ତା'ପରେ ଏହି ଲକ୍ଷ୍ୟ ତା' ଲାଗି କେବଳ ଏକ ଅସମ୍ଭବ ସ୍ୱପ୍ନଛବିର ଅନୁପ୍ରେରଣା ହୋଇ ରହୁଛି । ସମ୍ଭବ କହିଲେ ସେ କେବଳ ସର୍ତ୍ତ-ସୀମିତ, ସ୍ୱଳ୍ପ ଓ ଅନିଶ୍ଚିତ ଜ୍ଞାନ, ସୁଖ, ଶକ୍ତି ଓ ମଙ୍ଗଳକୁହିଁ ବୁଝୁଛି ।

ମାତ୍ର ବୁଦ୍ଧିର ମର୍ମରେ ମଧ୍ୟ ତଥାପି ବିଶ୍ୱୋତ୍ତୀର୍ଣ୍ଣ ବା ଲୋକୋତ୍ତରର ସ୍ୱୀକୃତି ନିହିତ ରହିଛି । କାରଣ ସମଗ୍ର ଉଦ୍ଦେଶ୍ୟ ଓ ସମଗ୍ର ସ୍ୱରୂପ ଦୃଷ୍ଟିରୁ ବିଚାର କଲେ

'oaob.nitrkl.ac.in' images reprocessed

ସତ୍ୟଜ୍ଞାନର ଅନୁଧାବନକୁ, ଅର୍ଥାତ୍ ମିଥ୍ୟାର ନିରାକୃତ ଦ୍ୱାରା ସତ୍ୟର ଅନୁଧାବନ କରିବାକୁହିଁ ଆମେ ବୁଦ୍ଧି ବୋଲି କହିବା । ଭ୍ରାନ୍ତିର ମାତ୍ରାକୁ କ୍ରମଶଃ ହ୍ରସ୍ୱ କରି ଆଣିବାଟାହିଁ ବୁଦ୍ଧିର ଲକ୍ଷ୍ୟ ନୁହେଁ । ମାତ୍ର ବୁଦ୍ଧି ମଧ୍ୟ ଆପଣାଲାଗି ପୂର୍ବରୁ ପ୍ରତିଷ୍ଠିତ ରହିଥିବା ଏକ ନିଶ୍ଚିତ ସତ୍ୟକୁ ଅନୁମାନରୂପେ ମାନି ନେଇଥାଏ ଓ ସତ୍ୟ-ଜ୍ଞାନ ତଥା ଅସତ୍ୟ-ଜ୍ଞାନର ଦ୍ୱନ୍ଦ୍ୱପଟଳ ମଧ୍ୟଦେଇ ଆମେ ତାହାରି ଅଭିମୁଖରେ ଅଗ୍ରସର ହେବାକୁ ସମର୍ଥ ହୋଇଥାଉ । ମାନବାକାଙ୍କ୍ଷାର ଅନ୍ୟାନ୍ୟ ସୀମାଗୁଡ଼ିକ ବିଷୟରେ ବୁଦ୍ଧି ଯେ ସବୁବେଳେ ଏକ ସହଜାତ ଆସ୍ଥା ପ୍ରଦର୍ଶନ କରି ନ ଥାଏ, ତା'ର କାରଣ ହେଉଛି ଯେ ଏହାର ସ୍ୱକୀୟ ସକାରାତ୍ମକ ପ୍ରତିଜ୍ଞାଟି ଭିତରେ ଅନ୍ତର୍ନିହିତ ଅସଲ ଧାପ୍ତିଟି ସମ୍ବନ୍ଧରେ ଏହା ସବୁବେଳେ ସଭଳି ସେଚେତ ନ ଥାଏ । ପରିପୂର୍ଣ୍ଣ ଓ ପରମ ସୁଖର ଏକ କଳ୍ପନା କରିବା ଆମ ପକ୍ଷରେ ବେଶ୍ ସମ୍ଭବ, କାରଣ ସୁଖର ଆକାଙ୍କ୍ଷା ଆମ ହୃଦୟର ଏକ ସହଜଧର୍ମ ହୋଇଥିବାରୁ ହୃଦୟ ଭିତରେ ସୁଖ ବିଷୟରେ ଏକ ଆସ୍ଥା ଓ ପ୍ରତ୍ୟୟ ଅବଶ୍ୟ ରହିଛି । ପୁଣି କାମନାର ଯେଉଁ ଅପରିତୃପ୍ତି ସକଳ ଦୁଃଖର ଆପାତ କାରଣ ରୂପେ କାର୍ଯ୍ୟ କରିଥାଏ, ସେହି ଅପରିତୃପ୍ତିର ନିରାକରଣ ଆମର ମନଲାଗି ଆଦୌ ଅଭାବନୀୟ ନୁହେଁ, ମାତ୍ର ନାଡ଼ୀତନ୍ତ୍ରର ସଂବେଦନଶୀଳତାରୁ ବେଦନାବୋଧର ଅନୁଭୂତ କିମ୍ବା ଦେହଗତ ଜୀବନରୁ ମରଣସମ୍ଭାବନାର ଉଚ୍ଛେଦ-ସାଧନର କଳ୍ପନା କରିବା କିପରି ସମ୍ଭବ ହୋଇପାରିବ ? ତଥାପି ବେଦନାର ପ୍ରତ୍ୟାଖ୍ୟାନ କରିବା ହେଉଛି ଆମ ଇନ୍ଦ୍ରିୟଗତ ସଂବେଦନଶୀଳତାର ସର୍ବପ୍ରଧାନ ସହଜାତ ପ୍ରବୃତ୍ତି ଏବଂ ମରଣର ପ୍ରତ୍ୟାଖ୍ୟାନହିଁ ଏକ ପ୍ରଚଣ୍ଡ ଆକୂତିରୂପେ ଆମ ପ୍ରାଣଚେତନାର ମର୍ମ ଭିତରେ ନିହିତ ହୋଇ ରହିଛି । ମାତ୍ର ଏସବୁ ବ୍ୟାପାର ଆମର ବୁଦ୍ଧିଆଗରେ କେବଳ ଗୋଟିଏ ଗୋଟିଏ ମୂଢ଼ ଆକାଙ୍କ୍ଷା ରୂପେ ପ୍ରତୀତ ହୁଅନ୍ତି, ଉପଲବ୍ଧିର ସମ୍ଭବ ଅନ୍ତର୍ନିହିତ ଶକ୍ତିଭାବରେ ସେଗୁଡ଼ିକୁ ଅନୁଭବ କରିବା ବୁଦ୍ଧିଲାଗି ଆଦୌ ସମ୍ଭବ ହୁଏ ନାହିଁ ।

ମାତ୍ର ସବୁସ୍ଥାନରେ କେବଳ ଗୋଟିଏ ନିୟମରହିଁ ପ୍ରୟୋଗ ହୋଇ ପାରିବା ଉଚିତ । ଆମର ବ୍ୟାବହାରିକ ବୁଦ୍ଧି ଯେଉଁ ଆପାତ ବସ୍ତୁ-ସତ୍ୟଗୁଡ଼ିକୁ ସଙ୍ଗେ ସଙ୍ଗେ ପ୍ରକୃତ ବୋଲି ଅନୁଭବ କରୁଛି, କେବଳ ସେହିଗୁଡ଼ିକ ଉପରେ ଅତିମାତ୍ରାରେ ନିର୍ଭର କରି ରହୁଛି । ଅନ୍ୟ ଅନ୍ତର୍ନିହିତ ଗଭୀରତର ସତ୍ୟସମ୍ଭାବନା ଭିତରେ ଆପଣାର ଯୁକ୍ତି ଖଟାଇ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ସକାଶେ ତାହାର ଯଥେଷ୍ଟ ସାହସ ନାହିଁ । ଆମ ବ୍ୟାବହାରିକ ବୁଦ୍ଧିର ଭ୍ରମ ଠିକ୍ ଏଇଠାରେ । ଆଗରୁ ଯାହା ଅନ୍ତର୍ନିହିତ ହୋଇ ରହିଥିଲା, ବର୍ତ୍ତମାନ ହେଉଛି କେବଳ ତାହାରି ଉପଲବ୍ଧ ରୂପ । ବର୍ତ୍ତମାନ ଯାହାସବୁ ଅନ୍ତର୍ନିହିତ ହୋଇରହିଛି, ଭବିଷ୍ୟତରେ ଉପଲବ୍ଧି ଲାଗି

'oaob.nitrkl.ac.in' images reprocessed

ତାହା ଆମକୁ ମାର୍ଗସଙ୍କେତ ଦେବାରେ ଲଗିଛି । ଏବଂ ଏଠାରେ ମଧ୍ୟ ଅନ୍ତର୍ନିହିତ ସମ୍ଭାବନାମାନ ଅବସ୍ଥିତ ରହିଛି; କାରଣ ପ୍ରକୃତିସତ୍ୟର ଅନ୍ତର୍ନିହିତ କାରଣ ତଥା ପ୍ରକ୍ରିୟାଗୁଡ଼ିକୁ ଜାଣିବା ଉପରେହିଁ ପ୍ରକୃତିର ନିୟନ୍ତ୍ରଣ କରିବା ନିର୍ଭର କରେ । ଏବଂ ଭ୍ରାନ୍ତି, ଶୋକ, ଦୁଃଖ ଓ ମରଣର କାରଣଗୁଡ଼ିକୁ ଜାଣିପାରିଲେ ଯାଇ ସେଗୁଡ଼ିକର ନିରାକରଣ ନିମନ୍ତେ ଆମେ ଆଶାନ୍ୱିତ ଭାବରେ ଅଗ୍ରସର ହୋଇପାରିବା । କାରଣ ଜ୍ଞାନହିଁ ଶକ୍ତି ଓ ପ୍ରଭୁତ୍ୱର ହେତୁ ।

ଏହିସବୁ ବିରୋଧୀ ଓ ବିପରୀତ ବସ୍ତୁସ୍ଥିତିର ଦୂରୀକରଣକୁହିଁ ଆମେ ବସ୍ତୁତଃ ଜୀବନର ଏକ ଲକ୍ଷ୍ୟରୂପେ ଗ୍ରହଣ କରିଥାଉ ଓ ଯଥାଶକ୍ତି ସେହି ଲକ୍ଷ୍ୟର ଅନୁଧାବନ କରିଥାଉ । ଭ୍ରାନ୍ତି, ଦୁଃଖ ଓ ଶୋକର କାରଣଗୁଡ଼ିକୁ ଯଥାସମ୍ଭବ ହ୍ରାସ କରିପାରିବାଲାଗି ଆମର ସତତ ଚେଷ୍ଟା ଲାଗି ରହିଥାଏ । ଆପଣାର ଜ୍ଞାନପରିଧିଗୁଡ଼ିକ ବିସ୍ତାରିତ ହେଉଥିବା ସଙ୍ଗେ ସଙ୍ଗେ ବିଜ୍ଞାନ ଆଜି ଜନ୍ମମୃତ୍ୟୁର ନିୟନ୍ତ୍ରଣ କରିବାର ସ୍ୱପ୍ନ ଦେଖିଲାଣି । ମରଣ ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିବାଲାଗି ନ ହେଲେ ମଧ୍ୟ ଜୀବନର ଆୟୁକୁ ଅନିର୍ଦ୍ଦିଷ୍ଟ କାଳଯାଏ ବଢାଇ ପାରିବାଲାଗି ବିଚାର କଲାଣି । ମାତ୍ର ଆମର ବୁଦ୍ଧିକୁ କେବଳ ବାହ୍ୟ ଓ ଗୌଣ କାରଣଗୁଡ଼ିକ ଗୋଚର ହେଉଥିବାରୁ, ଆମେ ସେଗୁଡ଼ିକୁ କେବଳମାତ୍ର ଅଳ୍ପଟିକିଏ ଅଧିକ ଦୂରକୁ ହଟାଇ ଦେବାକୁହିଁ ଚିନ୍ତା କରିପାରୁଛୁ । ମାତ୍ର ସେଗୁଡ଼ିକର ଯଥାର୍ଥ ନିଦାନଗୁଡ଼ିକୁ ଦୂର କରିବାକୁ ଚିନ୍ତା କରି ପାରୁନାହୁଁ । ଏବଂ ଏହିପରି ଭାବରେ ଖାଲି ଅପ୍ରଧାନ କାରଣଗୁଡ଼ିକୁ ଜାଣିବାର ଚେଷ୍ଟା କରୁଥିବାରୁ ଏବଂ ଅସଲ ଜ୍ଞାନଟିଲାଗି ସନ୍ଧାନ କରୁ ନ ଥିବାରୁ ଆମର ପ୍ରୟାସ ବଡ଼ ସୀମାବଦ୍ଧ ହୋଇ ରହିଯାଉଛି । ଆମେ କେବଳ ବହିଃପ୍ରକ୍ରିୟାଗୁଡ଼ିକୁହିଁ ଜାଣୁଛୁ, ମାତ୍ର ମର୍ମଟିକୁ ଭେଦ କରି ପାରୁନାହୁଁ, ତେଣୁ କେବଳ ପାରିପାର୍ଶ୍ୱିକ ସ୍ଥିତିଗୁଡ଼ାକୁହିଁ ମୋଡ଼ି ଭାଙ୍ଗି ଆମର ଅନୁକୂଳ କରି ରଖିବାଟାହିଁ ଆମର ବୁଦ୍ଧିକୁ ଦିଶୁଛି, ମାତ୍ର ସେଗୁଡ଼ିକର ମୌଳିକ ନିୟନ୍ତ୍ରଣ ଆମଦ୍ୱାରା ଆଦୌ ସମ୍ଭବ ହେଉ ନାହିଁ । ମାତ୍ର ଭ୍ରାନ୍ତି, ଦୁଃଖ ଓ ମୃତ୍ୟୁର ଯଥାର୍ଥ ସ୍ୱଭାବ ଓ ଯଥାର୍ଥ କାରଣକୁ ଜାଣି ପାରୁଥିଲେ ଆମେ ସେଗୁଡ଼ିକ ଉପରେ କେବଳ ଆଂଶିକ ବା ଆପେକ୍ଷିକ ନୁହେଁ, ମାତ୍ର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବାକୁ ଆଶାପୋଷଣ କରି ପାରୁଥା'ନ୍ତେ । ସେପରି କ୍ଷେତ୍ରରେ ଆମେ ସେଗୁଡ଼ିକୁ ସମ୍ପୂର୍ଣ୍ଣ ନିରାକୃତ କରିବାର ଆଶା ରଖନ୍ତେ, ଏବଂ ପରିପୂର୍ଣ୍ଣ କଲ୍ୟାଣ, ଆନନ୍ଦ, ଜ୍ଞାନ ଓ ଅମୃତତ୍ୱ ଲାଭ କରିବାଲାଗି ଆମର ସ୍ୱଭାବ ଭିତରେ ଯେଉଁ ପ୍ରବଳ ଓ ସହଜାତ ବୃତ୍ତିଟି ରହିଛି, ତାହାର ଔଚିତ୍ୟଟିକୁ ପ୍ରମାଣିତ କରିଦିଅନ୍ତେ । ଏହି ପରିପୂର୍ଣ୍ଣ କଲ୍ୟାଣ, ଆନନ୍ଦ, ଜ୍ଞାନ ତଥା ଅମରତ୍ୱକୁହିଁ ଆମର ବୋଧି ମାନବଜୀବନର ଯଥାର୍ଥ ଓ ଚରମ ପୁରୁଷାର୍ଥ ବୋଲି ଜାଣିଥାଏ ।

'oaob.nitrkl.ac.in' images reprocessed

ବ୍ରହ୍ମଙ୍କୁ ଅଖଣ୍ଡ, ବିଶ୍ୱଗତ ଓ ଯଥାର୍ଥ ସତ୍ୟ ବୋଲି ଓ ବ୍ରହ୍ମସ୍ୱରୂପଙ୍କୁ ସଚ୍ଚିଦା-ନନ୍ଦ ବୋଲି କଳ୍ପନା ଓ ଅନୁଭବ କରିବାର ଘୋଷଣା କରିଥିବା ପ୍ରାଚୀନ ବେଦାନ୍ତରୁ ଆମେ ଏହିପରି ଏକ ସମାଧାନ ପାଇଥାଉ ।

ଏକ ବିଶ୍ୱଗତ ଏବଂ ଅମୃତ ସତ୍ତାର ପରିସ୍ପନ୍ଦନରେ ସକଳ ଜୀବନର ମର୍ମସତ୍ୟ ନିହିତ ହୋଇରହିଛି, ଏକ ବିଶ୍ୱଗତ ଓ ସ୍ୱୟଂଭୂତ ସ୍ୱରୂପାନନ୍ଦର ଲୀଳାରେ ସକଳ ଇନ୍ଦ୍ରିୟଗ୍ରାହିତା ଓ ସଂବେଗର ମର୍ମସତ୍ୟ ନିହିତ ରହିଛି, ଏକ ବିଶ୍ୱଗତ ଓ ସର୍ବପ୍ରବିଷ୍ଟ ସତ୍ୟର ବିକୀରଣରେ ସକଳ ଭାବନା ଓ ପ୍ରତୀତିର ମର୍ମସତ୍ୟ ନିହିତ ରହିଛି, ଏବଂ ଏକ ବିଶ୍ୱଗତ ସ୍ୱୟଂସଞ୍ଚାରୀ କଲ୍ୟାଣର ପୁରୋଗାମୀ ବିକାଶରେହିଁ ସକଳ କର୍ମପ୍ରବୃତ୍ତିର ମର୍ମସତ୍ୟ ନିହିତ ରହିଛି ।

ମାତ୍ର ଅଗଣିତ ରୂପ, ବହୁ ବିଚିତ୍ର ଗତିଧାରା ଓ ନାନାବିଧ ଶକ୍ତିର ପାରସ୍ପରିକ କ୍ରିୟାର ମଧ୍ୟଦେଇ ଏହି ଲୀଳାସ୍ପନ୍ଦନ ସମୂର୍ତ୍ତି ପ୍ରକାଶ ଲାଭ କରିଥାଏ । ଏହି ବହୁତା ଓ ବିଚିତ୍ରତା ହେତୁହିଁ ଅଖଣ୍ଡ ଭିତରେ ବ୍ୟକ୍ତି-ଅହଂର ଖଣ୍ଡଲୀଳା ଦେଖା ଦେଇଥାଏ ଏବଂ ନିର୍ବିଶେଷ ମଧ୍ୟରେ ବୈଶିଷ୍ଟ୍ୟ-ସୃଷ୍ଟିର ସାମୟିକ ବିରୂପତା ମଧ୍ୟ ଆସି ପହଞ୍ଚେ । ପ୍ରକୃତିଗତ ଭାବରେ ଅହଂ ଚେତନାର କୌଣସି ଏକ ଖଣ୍ଡ-ପରିସର ମଧ୍ୟରେହିଁ ଆପଣାକୁ ନିବଦ୍ଧ କରି ରଖେ, ଆପଣା କ୍ରୀଡ଼ାର ଅବଶିଷ୍ଟ ବିଭାଗଗୁଡ଼ିକ ଆଡ଼କୁ ଜାଣିଶୁଣି ଆଖି ବୁଜିଦିଏ, ଏବଂ ରୂପର କେବଳ ଗୋଟିଏ କ୍ଷେତ୍ର, ଗତିଧାରାର କେବଳ ଗୋଟିଏ ବିମିଶ୍ରଣ ଏବଂ ଶକ୍ତିପୁଞ୍ଜର କେବଳ ଗୋଟିଏ ସଞ୍ଚାରଣ କ୍ଷେତ୍ରରେହିଁ ବଡ଼ ଐକାନ୍ତିକ ଭାବରେ ଅଭିନିବିଷ୍ଟ ହୋଇ ରହେ । ଏହି ଅହଂବୋଧରୁହିଁ ଭ୍ରାନ୍ତି, ଦୁଃଖ, ଶୋକ, ପାପ ଓ ମୃତ୍ୟୁର ପ୍ରତିକ୍ରିୟା ଅନୁଭୂତ ହୋଇଥାଏ । ମୂଳତଃ ଯେଉଁସବୁ ଗତିଧାରାକୁ ଆମେ ଅଦ୍ୱିତୀୟ ସତ୍ତା, ଆନନ୍ଦ, ସତ୍ୟ ଓ କଲ୍ୟାଣ ସହିତ ରହିଥିବା ସେମାନଙ୍କର ଯଥାର୍ଥ ସମ୍ବନ୍ଧଦ୍ୱାରାହିଁ ଚିହ୍ନୁ ଥା'ନ୍ତେ, ଅହଂବୋଧହିଁ ସେଗୁଡ଼ିକରେ ଭ୍ରାନ୍ତି, ଦୁଃଖ, ଶୋକ, ପାପ ଓ ମୃତ୍ୟୁର ମୂଲ୍ୟବ୍ୟଞ୍ଜନା ଆଣି ଯୋଡ଼ିଦିଏ । ସେହି ଯଥାର୍ଥ ସମ୍ବନ୍ଧଟିକୁ ପୁଣି ଫେରି ପାଇଲେହିଁ ଆମେ ଅହଂବୋଧ ଦ୍ୱାରା ନିସୃନ୍ଦିତ ହେଉଥିବା ମିଥ୍ୟାସମ୍ବନ୍ଧଗୁଡ଼ିକର ଅପନୋଦନ କରିବାକୁ ସମର୍ଥ ହେଉ, ଆମେ ସେଗୁଡ଼ିକୁ ସେଗୁଡ଼ିକର ଯଥାର୍ଥ ମୂଲ୍ୟଦେଇ କଳନା କରିଥାଉ । ଏବଂ କେବଳ ଏକ ସମଗ୍ରତା ଓ ସେହି ସମଗ୍ରତାଦ୍ୱାରା ପ୍ରକାଶିତ ହେଉଥିବା ବିଶ୍ୱୋତ୍ତୀର୍ଣ୍ଣତାର ଚେତନାଭୂମିରେ ଯଥାର୍ଥଭାବେ ସମ୍ମିଳିତ ହୋଇ ପାରିଲେହିଁ ବ୍ୟକ୍ତିଜୀବନରେ ଆଲୋଚିତ ଯଥାର୍ଥ ସମ୍ବନ୍ଧର ପୁନର୍ପ୍ରାପ୍ତି ସମ୍ଭବ ହୋଇପାରିବ ।

'oaob.nitrkl.ac.in' images reprocessed

ସୀମାସଙ୍କୁଚିତ ଅହଂ କେବଳ ଯେ ଏହି ଦ୍ୱନ୍ଦ୍ୱଜାଲର କାରଣ ତାହା ନୁହେଁ, ମାତ୍ର ବିଶ୍ୱର ଉତ୍ପତ୍ତିରହିବା ଲାଗି ମଧ୍ୟ ଏହା ଏକ ଏକାନ୍ତ ଓ ମୌଳିକ ଆବଶ୍ୟକତା,—ପରବର୍ତ୍ତୀ ପର୍ଯ୍ୟାୟର ବେଦାନ୍ତ ଭିତରେ ଏହି ଧାରଣାଟି ଧୀରେ ଧୀରେ ପ୍ରବେଶ କଲା ଓ କ୍ରମେ ବଦ୍ଧମୂଳ ହୋଇ ରହିଲା । ଅହଂଜନିତ ଅଜ୍ଞାନ ତଥା ସେଥିରୁ ସମ୍ଭୂତ ହେଉଥିବା ସୀମାବଦ୍ଧତା ଗୁଡ଼ିକରୁ ନିଷ୍କୃତି ଲାଭ କଲେ ଦ୍ୱନ୍ଦ୍ୱଟିପ୍ରିର କାଲକୁ କାଟି ପକାଇବା ଅବଶ୍ୟ ସମ୍ଭବ ହୁଏ, ମାତ୍ର ତାହା ସଙ୍ଗେ ସଙ୍ଗେ ଏହି ବିଶ୍ୱଯାତ୍ରାରେ ଆପଣାର ଅସ୍ତିତ୍ୱଟି ମଧ୍ୟ ବିଲୁପ୍ତ ହୋଇଯିବାର ପ୍ରମାଦ ଭୋଗିବାକୁ ପଡ଼େ । ତେଣୁ ମନୁଷ୍ୟର ଜୀବନ ଯେ ମୂଳତଃ ପାପପୂର୍ଣ୍ଣ ଓ ସ୍ୱଭାବତଃ ବିଭ୍ରାନ୍ତିମୟ, ଏବଂ ଜାଗତିକ ଜୀବନରେ ପରିପୂର୍ଣ୍ଣତାର ପ୍ରାପ୍ତିଲାଗି ସକଳ ପ୍ରୟାସ ଯେ କେବଳ ଏକ ମିଥ୍ୟାଦମ୍ଭମୂଳକ ପ୍ରୟାସ,—ଆମେ ଏହିପରି ଏକ ଅନୁମାନକୁ ପୁଣି ଫେରିଆସୁ । ଏହି ଜଗତରେ ଭଲ ଓ ମନ୍ଦ, ଭାବ ଓ ଅଭାବ ଯେ ପରସ୍ପରର ଆପେକ୍ଷିକ ଭାବରେ ରହିବହିଁ ରହିବ, ଏହିଟିକୁ ସତ୍ୟବୋଲି ମାନିନେଇ ଆମେ ଆମର ପ୍ରୟାସଗୁଡ଼ିକୁ ମଧ୍ୟ ତଦନୁରୂପ ସଙ୍କୁଚିତ କରି ରଖୁ । କିନ୍ତୁ ଅହଂ ହେଉଛି ସକଳ ଅହଂସୀମାକୁ ଉତ୍ତୀର୍ଣ୍ଣ କୌଣସି ଏକ ସତ୍ୟର କେବଳ ଏକ ମଧ୍ୟବର୍ତ୍ତୀ ରୂପାୟନ ମାତ୍ର, ଏହି ବୃହତ୍ତର ତଥା ଅଧିକ ଗଭୀର ସତ୍ୟଟି ଉପରେ ଅଟଳ ରହିପାରିଲେ ଆମେ ଏହି ପରିଣତିଟିରୁ ଆପଣାକୁ ବଞ୍ଚାଇ ରଖୁ, ଏବଂ ଜୀବନଠାରୁ କେବଳ ଦଉଡ଼ି ପଳାଇବାର ଉପାୟରୂପେ ନୁହେଁ, ଜୀବନକୁ ପରିପୂର୍ଣ୍ଣ କରିବାର ଏକ ସାଧନ ରୂପେ ଆମେ ବେଦାନ୍ତର ପ୍ରୟୋଗ କରିବାକୁ ସମର୍ଥ ହେଉ । ଈଶ୍ୱର ବା ପୁରୁଷ ହେଉଛନ୍ତି ବିଶ୍ୱାଖିଳର ମୂଳ କାରଣ ଓ ମୂଳ ଅଧିଷ୍ଠାନ । ସେହି ଈଶ୍ୱରହିଁ ବ୍ୟକ୍ତି ଓ ବିଶ୍ୱ-ରୂପରେ ଆପଣାକୁ ପରିପ୍ରକାଶିତ ଓ ପ୍ରତିଷ୍ଠିତ କରି ରଖିଛନ୍ତି । ସୀମାସଙ୍କୁଚିତ ଅହଂ ହେଉଛି ଚେତନାର କେବଳ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ସ୍ୱରୂପ ! ବିକାଶର ଏକ ନିର୍ଦ୍ଦିଷ୍ଟ ବିଭାବରେ ଏହି ପର୍ଯ୍ୟାୟର ଆବଶ୍ୟକତା ମଧ୍ୟ ରହିଛି । ଏହି ବିଭାବ ବା ମାର୍ଗଟିର ଅନୁସରଣ କରିହିଁ ବ୍ୟକ୍ତି ଆପଣା ସୀମାର ଅତୀତ ଏକ କ୍ଷେତ୍ରରେ ଯାଇ ଉପନୀତ ହୋଇପାରିବ, ସେ ଯେଉଁ ମହତ୍ତର ସତ୍ତାଟିର ପ୍ରତିନିଧିତ୍ୱ କରୁଛି, ତାହାର ଉପଲବ୍ଧି କରିବ । ସେହି ସୀମୋତ୍ତୀର୍ଣ୍ଣ କ୍ଷେତ୍ରରେ ଯାଇ ପ୍ରବିଷ୍ଟ ହୋଇ ସାରିଲେ ମଧ୍ୟ ସେ ଏହି ସତ୍ତାଟିର ପ୍ରତିନିଧିତ୍ୱ କରୁଥିବ । ମାତ୍ର ଏକ ସମାଚ୍ଛନ୍ନ ଓ ସୀମାବଦ୍ଧ ଅହଂରୂପେ ନୁହେଁ, ଦିବ୍ୟପୁରୁଷଙ୍କର ତଥା ବିଶ୍ୱଚୈତନ୍ୟର ଏକ ପ୍ରାଣବନ୍ତ କେନ୍ଦ୍ରରୂପେ ସେ ତାହାର ପ୍ରତିନିଧିତ୍ୱ କରିବ । ବ୍ୟକ୍ତିଜୀବନର ସକଳ ସୀମାକୁ ଦିବ୍ୟସତ୍ତାର ସମତା ଭିତରେ ପ୍ରବିଷ୍ଟ, ପ୍ରେରିତ ଓ ରୂପାନ୍ତରିତ କରାଇ ସେ ଏହି ପ୍ରତିନିଧିତ୍ୱ କରିବ ।

'oaob.nitrkl.ac.in' images reprocessed

ଏପରି କହି ଆମେ ଏଠାରେ ନିଖିଳ ଜଡ଼ପ୍ରକୃତିରେ ଚିନ୍ମୟ ଦିବ୍ୟପୁରୁଷଙ୍କର ପରିପ୍ରକାଶକୁହିଁ ଏହି ଭୌତିକ ବିଶ୍ୱରେ ମାନବଜୀବନର ଭିତ୍ତିରୂପେ ଗ୍ରହଣ କରିନେଲୁ । ସେହି ଚେତନପୁରୁଷଙ୍କର ଯେଉଁ ଆବୃତ ଶକ୍ତି ପ୍ରାଣ, ମନ ଓ ଅତିମାନସର ଅବଶ୍ୟମ୍ଭାବୀ କ୍ରମପରିଣାମରେ ରୂପାୟିତ ହୋଇ ଉଠୁଛି, ତାହାହିଁ ଆମ ସକଳ କ୍ରିୟାର ପ୍ରବର୍ତ୍ତକ ରୂପେ କାର୍ଯ୍ୟ କରୁଛି । କାରଣ ଏହି କ୍ରମବିବର୍ତ୍ତନ ଦ୍ୱାରାହିଁ ଜଡ଼କୋଷର ସ୍ତରରେ ମନୁଷ୍ୟର ଆବିର୍ଭାବ ସମ୍ଭବ ହୋଇଛି, ଏହି କ୍ରମବିବର୍ତ୍ତନର ଧାରାରେ ଅଗ୍ରସର ହୋଇ ସେ ଆପଣାର ଶରୀରମଧ୍ୟରେ ପରମେଶ୍ୱରଙ୍କର ପ୍ରକାଶ ବି ସମ୍ଭବ କରାଇ ପାରିବ, ତାଙ୍କର ବିଶ୍ୱାବତରଣ ଘଟାଇବ । ଅହଂସ୍ତରର ରୂପାୟନରେ ଆମେ ସେହି ମଧ୍ୟବର୍ତ୍ତୀ ଓ ନିର୍ଣ୍ଣାୟକ ସନ୍ଧିଟିର ସୂଚନା ପାଇଥାଉ, ଯାହାଦ୍ୱାରା କି ଅଦ୍ୱିତୀୟ ପୁରୁଷ ତାଙ୍କର ସେହି ଅନିର୍ଦ୍ଦେଶ୍ୟ ମହାସମଗ୍ରତା ଭିତରୁ, ସେହି ଅସ୍ପଷ୍ଟ ଓ ଆକାରହୀନ ଅବଚେତନରୁ ସଚେତନ ବସ୍ତୁର ରୂପଧାରଣ କରି ପ୍ରକାଶିତ ହୋଇଥା'ନ୍ତି । ଏହି ଅବଚେତନର କ୍ଷେତ୍ରକୁ ଋଗ୍‌ବେଦରେ 'ହୃଦ୍ୟ ସମୁଦ୍ର' ବୋଲି କୁହାଯାଇଛି, ଜୀବନ ଓ ମୃତ୍ୟୁ, ଆନନ୍ଦ ଓ ଶୋକ, ସୁଖ ଓ ଦୁଃଖ, ସତ୍ୟ ଓ ମିଥ୍ୟା, ଶିବ ଓ ଅଶିବ,—ଏହି ଦ୍ୱନ୍ଦ୍ୱଗୁଡ଼ିକ ହେଉଛନ୍ତି ଅହଂବୋଧୀ ଚେତନାର ପ୍ରଥମସ୍ତରୀୟ ରୂପ । ବିଶ୍ୱସତ୍ତାର ସମଗ୍ର ସତ୍ୟ, ସମଗ୍ର ଶିବ, ସମଗ୍ର ଜୀବନ ଓ ସମଗ୍ର ଆନନ୍ଦରୁ ଆପଣାକୁ ବିଚ୍ୟୁତ ଓ ବିବିକ୍ତ କରି ରଖି ଏକ କୃତ୍ରିମ ରଚନାର ମାଧ୍ୟମରେ ଏକତ୍ୱର ଅନୁଭୂତି ଲାଭ କରିବାକୁ ଚେଷ୍ଟା କରିବାର ସ୍ୱାଭାବିକ ଓ ଅବଶ୍ୟମ୍ଭାବୀ ପରିଣାମ ସ୍ୱରୂପ ସେହି ଦ୍ୱନ୍ଦ୍ୱଗୁଡ଼ିକ ଉତ୍ପନ୍ନ ହୋଇଥା'ନ୍ତି । ବିଶ୍ୱ ତଥା ପରମେଶ୍ୱରଙ୍କ ମଧ୍ୟକୁ ଆପଣାକୁ ଉନ୍ମୋଚିତ କରିଦେଲେ ବ୍ୟକ୍ତିର ସେହି ଅହଂବୋଧୀ କୃତ୍ରିମ ରଚନାଟି ଅନ୍ତର୍ହିତ ହୋଇଯାଏ । ସେହି ଉନ୍ମୋଚନ ଦ୍ୱାରାହିଁ ଚରମ ଉପଲବ୍ଧି ସାଧିତ ହୋଇଥାଏ । ପ୍ରାଣୀଜୀବନକୁ ମନୁଷ୍ୟ ଜୀବନର ପୂର୍ବବର୍ତ୍ତୀ ପର୍ଯ୍ୟାୟ ବୋଲି ଗ୍ରହଣ କରୁଥିବା ପରି ଅହଂକାମୀ ଜୀବନର ସ୍ତରଟିକୁ ମଧ୍ୟ ଆମେ ସେହି ପରମ ଉପଲବ୍ଧିର ଏକ ପୂର୍ବବର୍ତ୍ତୀ ପର୍ଯ୍ୟାୟରୂପେ ଗ୍ରହଣ କରିବା । ଆମର ସୀମାବଦ୍ଧ ଅହଂକୁ ପରିପୂର୍ଣ୍ଣତାର ଅଧିଷ୍ଠାନ-ସ୍ୱରୂପ ଦିବ୍ୟ ଏକତ୍ୱ ଓ ଦିବ୍ୟ ବିମୁକ୍ତିର ଚେତନ କେନ୍ଦ୍ର ଭିତରକୁ ରୂପାନ୍ତରିତ କରିନେଇ ପାରିଲେହିଁ ବ୍ୟକ୍ତିର ଜୀବନାୟତନରେ ବିଶ୍ୱଭୂମାର ଉପଲବ୍ଧି ସମ୍ଭବ ହୁଏ । ଏବଂ ତା'ପରେ ଆମ ଊର୍ଦ୍ଧ୍ୱମୁଖୀ ବିବର୍ତ୍ତନକ୍ରମର ଦିବ୍ୟ ପରିଣାମ ରୂପେ ପରମ ସତ୍ତା, ପରମ ସତ୍ୟ, ପରମ ଶିବ ଓ ପରମ ଆନନ୍ଦର ଅପ୍ରମେୟ ଧାରା ନିଖିଳ ବିଶ୍ୱକୁ ଉଦ୍ଭାସିତ ହୋଇପଡ଼େ । ଏହି ଜନ୍ମର ସମ୍ଭାବନାଟିକୁହିଁ ବିଶ୍ୱପ୍ରକୃତି ଜନନୀରୂପେ ବହନ କରି ଚାଲିଛନ୍ତି, ତାହାରି ପ୍ରସବଲାଗି ତାଙ୍କର ସକଳ ପ୍ରୟାସ ଲାଗିରହିଛି ।

'oaob.nitrkl.ac.in' images reprocessed

ଅଷ୍ଟମ ପରିଚ୍ଛେଦ

# ବୈଦାନ୍ତିକ ବିଦ୍ୟାର ସାଧନଚର୍ଯ୍ୟା

ଏଷ ସର୍ବେଷୁ ଭୂତେଷୁ ଗୂଢୋତ୍ମା ନ ପ୍ରକାଶତେ ।
ଦୃଶ୍ୟତେ ତ୍ୱଗ୍ର୍ୟୟା ବୁଦ୍ଧ୍ୟା ସୂକ୍ଷ୍ମୟା ସୂକ୍ଷ୍ମଦର୍ଶିଭିଃ ॥

—କଠୋପନିଷଦ୍, ୧୩ । ୧୨

ସର୍ବଭୂତରେ ଅବସ୍ଥିତ ଏହି ଆତ୍ମା ଖାଲି ଦେଖିବାକୁ ଗୃହ୍ନଲେହିଁ ଦୃଷ୍ଟିଗୋଚର ହୁଏ ନାହିଁ । କେବଳ ସୂକ୍ଷ୍ମଦର୍ଶୀମାନେ ଆପଣାର ସୂକ୍ଷ୍ମ ଓ ଅଗ୍ର୍ୟାବୁଦ୍ଧି ଦ୍ୱାରା ତାହାକୁ ଦେଖିବାକୁ ସମର୍ଥ ହୁଅନ୍ତି ।

ତେବେ ଏହି ସଚ୍ଚିଦାନନ୍ଦଙ୍କର ଲୀଳା ଜଗତରେ କେଉଁ ରୂପରେ ପ୍ରକାଶିତ ହୁଏ, ଏବଂ କେଉଁ କେଉଁ ପ୍ରକ୍ରିୟା ଦ୍ୱାରା ସଚ୍ଚିଦାନନ୍ଦ ଓ ତାଙ୍କର ରୂପକୁ ବହନ କରୁଥିବା ଅହଂ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକ ପ୍ରଥମେ ସ୍ଥାପିତ ହୁଏ ଓ ତା'ପରେ ପୂର୍ଣ୍ଣତାପ୍ରାପ୍ତ ହୋଇଥାଏ ? କାରଣ ସେହି ସମ୍ବନ୍ଧଗୁଡ଼ିକ ଉପରେ ଓ ସେଗୁଡ଼ିକ ଅନୁସରଣ କରୁଥିବା ପ୍ରକ୍ରିୟା ଉପରେହିଁ ମନୁଷ୍ୟଲାଗି ଏକ ଦିବ୍ୟଜୀବନଲାଭର ସମଗ୍ର ଦର୍ଶନ ଓ ସାଧନା ନିର୍ଭର କରିଥାଏ ।

ଇନ୍ଦ୍ରିୟଗ୍ରାହ୍ୟ ପ୍ରମାଣର ସୀମାଗୁଡ଼ିକୁ ଅତିକ୍ରମ କରି ଏବଂ ଜଡ଼ ପ୍ରତ୍ୟୟୀ ମନର ପ୍ରାଚୀରାବରଣକୁ ଭେଦ କରି ଆମେ ଏକ ଅମର୍ତ୍ତ୍ୟ ଦିବ୍ୟସତ୍ତାର କଳ୍ପନା କରିଥାଉ ଓ ତାଙ୍କର ଅସ୍ତିତ୍ୱକୁ ଅନୁଭବ କରିଥାଉ । ଇନ୍ଦ୍ରିୟଗ୍ରାହ୍ୟ ପ୍ରମାଣ ଓ ଜଡ଼ସ୍ତରର ଚେତନାର ସୀମା ଭିତରେ ନିଜକୁ କଳି ରଖିଥିଲା ପର୍ଯ୍ୟନ୍ତ ଆମେ ଭୌତିକ ପୃଥିବୀ ଓ ତଦନ୍ତର୍ଗତ ବସ୍ତୁଜନ୍ତୁଗୁଡ଼ିକ ବ୍ୟତୀତ ଆଉ କିଛି ହେଲେ ଜାଣି ପାରୁନାହିଁ । ମାତ୍ର ଆମ ମନୋରାଜ୍ୟରେ ଏପରି କେତୋଟି ବୃତ୍ତି ରହିଛି, ଯାହାର ସାହାଯ୍ୟରେ କି ଆମେ ଅତୀନ୍ଦ୍ରିୟ ଭୂମିକଳନାର ଦ୍ୱାର-ଦେଶରେ ବି ଯାଇ ପହଞ୍ଚି-ଯାଇପାରୁ । ଅବଶ୍ୟ ଏହି ଦୃଶ୍ୟମାନ ଜଗତର ସ୍ଥୂଳ ତଥ୍ୟପୁଞ୍ଜରୁହିଁ ତର୍କବୁଦ୍ଧି ଅଥବା କଳ୍ପନାଶକ୍ତିର ପ୍ରସାରଣ ଦ୍ୱାରା ମଧ୍ୟ ସେହି ଅତୀନ୍ଦ୍ରିୟ ଧାରଣାରେ ପହଞ୍ଚିବା

'oaob.nitrkl.ac.in' images reprocessed

ସମ୍ଭବ ହୋଇପାରେ, ମାତ୍ର କେବଳ ଜଡ଼ଜଗତର ବିଶୁଦ୍ଧ ତଥ୍ୟ ବା ଜଡ଼ପ୍ରତ୍ୟକ୍ଷ କୌଣସି ପ୍ରକାର ଅନୁଭବ ଦ୍ୱାରା ସେଗୁଡ଼ିକର ପ୍ରାମାଣିକତା କଦାପି ସିଦ୍ଧ ହୁଏ ନାହିଁ । ସେଥିଭିତରୁ ପ୍ରଥମ ବୃତ୍ତିଟିକୁ ଶୁଦ୍ଧ ବୁଦ୍ଧି ବୋଲି କୁହାଯାଇଥାଏ ।

ମନୁଷ୍ୟବୁଦ୍ଧିର ପ୍ରବୃତ୍ତି ଦୁଇଟି; ଗୋଟିଏ ବିମିଶ୍ରିତ ବା ନିର୍ଭରଶୀଳ, ଓ ଅନ୍ୟଟି ଶୁଦ୍ଧ ବା ସ୍ୱତନ୍ତ୍ର । ଇନ୍ଦ୍ରିୟାନୁଭୂତିର ବୃତ୍ତି ଭିତରେ ଆବଦ୍ଧ ହୋଇ ରହିଥିବା ସମୟରେ ବୁଦ୍ଧି ବିମିଶ୍ରିତ ପ୍ରବୃତ୍ତିଟିକୁ ଗ୍ରହଣ କରିଥାଏ, ଏହାର ନିୟମକୁହିଁ ଚରମ ସତ୍ୟ ବୋଲି ମାନିନିଏ, ଏବଂ କେବଳ ପ୍ରାତିଭାସିକ ତଥ୍ୟର ଅଧ୍ୟୟନରେହିଁ ବ୍ୟାପୃତ ରହେ । ଅର୍ଥାତ୍ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକର ପାରସ୍ପରିକ ସମ୍ବନ୍ଧ, ପ୍ରକ୍ରିୟା ଓ ପ୍ରୟୋଜନଗୁଡ଼ିକୁ ଜାଣିବାରେ ଲାଗିଥାଏ । ବୁଦ୍ଧିର ଏହି ପ୍ରବୃତ୍ତିଟିର ସାହାଯ୍ୟରେ ମର୍ମସତ୍ୟକୁ ଜାଣିବା କଦାପି ସମ୍ଭବ ହୁଏ ନାହିଁ, ଏହା କେବଳ ପ୍ରାତିଭାସିକ ଆପାତ ସତ୍ୟକୁହିଁ ଜାଣିଥାଏ । ସତ୍ତାର ଗଭୀର ଦେଶରେ ଯାଇ ପହଞ୍ଚି ପାରିବାକୁ ତା'ପାଖରେ କୌଣସି ଓଳମ ନଥାଏ, ତେଣୁ ତାହା କେବଳ ବହିଃରୂପାୟନର କ୍ଷେତ୍ରଟିକୁ କଳିବାରେହିଁ ସମର୍ଥ ହୁଏ । ଅନ୍ୟ ପକ୍ଷରେ ଇନ୍ଦ୍ରିୟଲବ୍ଧ ଅନୁଭୂତିଗୁଡ଼ିକୁ କେବଳ ଏକ ପ୍ରାଥମିକ ସ୍ତରରୂପେ ଗ୍ରହଣ କରିନେଇ ଯେତେବେଳେ ବୁଦ୍ଧି ସେହିଗୁଡ଼ିକ ମଧ୍ୟରେ ଆବଦ୍ଧ ହୋଇ ରହିବାକୁ ନାସ୍ତି କରିଦିଏ, ସେତେବେଳେ ବୁଦ୍ଧିର ଶୁଦ୍ଧ ପ୍ରବୃତ୍ତିଟି କାର୍ଯ୍ୟକାରୀ ହୋଇଥାଏ । ଏହା ସେଗୁଡ଼ିକର ସେପାଖକୁ ଚାଲିଯାଏ, ସେଗୁଡ଼ିକର ମୂଲ୍ୟ-ନିରୂପଣ କରେ, ଆପଣାକୁ ସ୍ୱତନ୍ତ୍ରଭାବେ କାର୍ଯ୍ୟକାରୀ କରାଏ ଏବଂ ପ୍ରାତିଭାସିକ ଜଗତ ସହିତ ଅନୁବଦ୍ଧ ନ ରହି ସକଳ ପ୍ରତିଭାସର ଅନ୍ତରାଳରେ ଅଧିଷ୍ଠିତ ରହିଥିବା ସର୍ବସାମାନ୍ୟ ଓ ଅପରିବର୍ତ୍ତନୀୟ କଳ୍ପନାଗୁଡ଼ିକର କ୍ଷେତ୍ରରେ ପ୍ରବେଶ କରିବାକୁ ଚେଷ୍ଟା କରିଥାଏ । ଶୁଦ୍ଧ ବୁଦ୍ଧି ବେଳେବେଳେ ଅପରୋକ୍ଷ ବୃତ୍ତି ସାହାଯ୍ୟରେ ସିଧା ପ୍ରତିଭାସର ମର୍ମ ଭେଦ କରି ଅଧିଷ୍ଠାନ-ସତ୍ୟରେ ଯାଇ ପହଞ୍ଚି ଯାଇପାରେ ଏବଂ ସେହି କ୍ଷେତ୍ରରେ ତା'ର ଲବ୍ଧ ଭାବକଳ୍ପନାଗୁଡ଼ିକ ହୁଏତ ଇନ୍ଦ୍ରିୟାନୁଭୂତିର ପରିଣାମ ଓ ସେହିଗୁଡ଼ିକ ଉପରେ ନିର୍ଭରଶୀଳ ବୋଲି ମନେ ହୋଇପାରେ । ତଥାପି ଯଥାର୍ଥରେ ଦେଖିଲେ ଏହି ଭାବକଳ୍ପନାମାନ କେବଳ ବୁଦ୍ଧିର ସ୍ୱତଃସ୍ଫୂର୍ତ୍ତ ଅନୁଭବରୁହିଁ ପ୍ରସୂତ ହୋଇଥାଏ । ମାତ୍ର ଶୁଦ୍ଧ ବୁଦ୍ଧିର ଅନୁଭୂତିଗୁଡ଼ିକ ଇନ୍ଦ୍ରିୟାନୁବୋଧର ପ୍ରଥମପ୍ରତ୍ୟୟ କ୍ଷେତ୍ରଟିକୁ କେବଳ ଏକ କ୍ଷଣିକ ଆଧାରରୂପେ ବ୍ୟବହାର କରିପାରନ୍ତି ଏବଂ ତାହାକୁ ପଛରେ ପକାଇ ଦେଇ ଚାଲି ଯାଇପାରନ୍ତି । ଶୁଦ୍ଧ ବୁଦ୍ଧିର ଏହି ପ୍ରକ୍ରିୟାଟିକୁ ଆମେ ତାହାର ଅଧିକ ସ୍ୱଧର୍ମୋଚିତ ପ୍ରକ୍ରିୟା ବୋଲି କହିବା । ଇନ୍ଦ୍ରିୟାନୁଭବର କ୍ଷେତ୍ରଟିକୁ ସେମାନେ ଏତେ ପଛରେ ପକାଇ ଦେଇ ଚାଲିଯାଆନ୍ତି ଯେ, ସ୍ୱପରିଣାମର କ୍ଷେତ୍ରରେ

'oaob.nitrkl.ac.in' images reprocessed

ଉପନୀତ ହେଲାବେଳକୁ ସେହି ପରିଣାମଗୁଡ଼ିକ ଆମକୁ ଆମ ଇନ୍ଦ୍ରିୟବୋଧ ଦ୍ୱାରା ନିୟନ୍ତ୍ରିତ ପରିଣାମଗୁଡ଼ିକର ସମ୍ପୂର୍ଣ୍ଣ ବିପରୀତ ବୋଲି ମନେ ହୁଏ । ଶୁଦ୍ଧ ବୁଦ୍ଧିର ଏହି ସ୍ୱକୀୟ ପ୍ରବୃତ୍ତିଟି ଅତ୍ୟନ୍ତ ସ୍ୱାଭାବିକ, ପୁଣି ଅତ୍ୟନ୍ତ ଅପରିହାର୍ଯ୍ୟ । କାରଣ ଆମର ସାଧାରଣ ଅନୁଭୂତିର କ୍ଷେତ୍ରଟି ବିଶ୍ୱମୟ ସଂଘଟନର କେବଳ ଏକ କ୍ଷୁଦ୍ର ଅଂଶହିଁ ପୂରଣ କରିଥାଏ, ମାତ୍ର ଆପଣା କ୍ଷେତ୍ରର ସେହି ସୀମା ଭିତରେ ମଧ୍ୟ କେବଳ ଦୋଷଯୁକ୍ତ ସାଧନମାନ ବ୍ୟବହାର କରିଥାଏ ଏବଂ ଆମକୁ ଭୁଲ୍ ଓଜନ ଓ ଭୁଲ ମାପର ଭ୍ରମରେ ଆଣି ପକାଇଦିଏ । ତେଣୁ ଏହାର ସୀମାକୁ ଅତିକ୍ରମ କରିଯିବା ଅତ୍ୟାବଶ୍ୟକ ହୋଇପଡ଼େ, ଦୂରରେ ରଖିବାକୁ ହୁଏ ଏବଂ ତାହାର ସକଳ ଦାବି ଅସ୍ୱୀକାର କରିବାକୁ ହୁଏ । ତେବେ ଯାଇ ବସ୍ତୁସତ୍ୟର ଏକ ପର୍ଯ୍ୟାପ୍ତ ଜ୍ଞାନ ଲାଭ କରିବା ସମ୍ଭବ ହୁଏ । ଇନ୍ଦ୍ରିୟବୋଧ ଉପରେହିଁ ନିର୍ଭର କରି ରହିଥିବା ମନର ପ୍ରମାଦଗୁଡ଼ିକୁ ବୁଦ୍ଧିଦ୍ୱାରା ସଂଶୋଧନ କରିବାର ମହତ୍ତ୍ୱପୂର୍ଣ୍ଣ ସାମର୍ଥ୍ୟଟି ମନୁଷ୍ୟ ନିଜ ଭିତରେ ବିକଶିତ କରାଇ ପାରିଛି ଓ ପୃଥିବୀର ପ୍ରାଣୀ-ରାଜ୍ୟରେ ଶ୍ରେଷ୍ଠ ବିବେଚିତ ହେବାର ତାହାହିଁ ପ୍ରଧାନ ହେତୁ ।

ଶୁଦ୍ଧ ବୁଦ୍ଧିର ପୂର୍ଣ୍ଣ ପ୍ରୟୋଗ ଦ୍ୱାରା ଆମେ ପରିଶେଷରେ ଜଡ଼ ଭିତରୁ ଜଡ଼ାତୀତ ଜ୍ଞାନଜଗତକୁ ଆସିବାକୁ ସମର୍ଥ ହେଉଁ ।' ମାତ୍ର କେବଳ ଜଡ଼ାତୀତ ଜ୍ଞାନଜଗତର କଳ୍ପନାଗୁଡ଼ିକ ଆମ ସମଗ୍ର ସ୍ୱଭାବର ପିପାସାମାନ କଦାପି ମେଣ୍ଟାଇ ପାରନ୍ତି ନାହିଁ । ଅବଶ୍ୟ ଶୁଦ୍ଧ ବୁଦ୍ଧିଲାଗି ସେମାନେ ସମ୍ପୂର୍ଣ୍ଣ ସନ୍ତୋଷଜନକ ବୋଲି ସାବ୍ୟସ୍ତ ହୋଇଥା'ନ୍ତି, କାରଣ ସେଗୁଡ଼ିକ ସେହି ଶୁଦ୍ଧ ବୁଦ୍ଧିରହିଁ ଉପାଦାନରୂପେ କାର୍ଯ୍ୟ କରୁଥା'ନ୍ତି । ମାତ୍ର ଆମର ପ୍ରକୃତି ସର୍ବଦା ଦୁଇଟି ପ୍ରକାର ଆଖିରେ ଜଗତକୁ ପ୍ରତ୍ୟକ୍ଷ କରୁଥାଏ; କାରଣ ଆମେ ଯାହାକିଛି ଦେଖୁ, ତାହାକୁ ଭାବରୂପରେ ଦେଖୁ, ପୁଣି ବସ୍ତୁରୂପରେ ବି ଦେଖୁ । ତେଣୁ ପ୍ରତ୍ୟେକ କଳ୍ପନା ଆମକୁ କେବଳ ଅପୂର୍ଣ୍ଣ ବୋଲି ମନେ ହୁଏ; ପୁଣି ଆପଣାର ଅନୁଭୂତିସିଦ୍ଧ ନ ହେବାପର୍ଯ୍ୟନ୍ତ ଆମ ପ୍ରକୃତିର ଗୋଟିଏ ଅଂଶକୁ ସେଗୁଡ଼ିକ ସମ୍ପୂର୍ଣ୍ଣ ଅବାସ୍ତବ ବୋଲି ମନେ ହୋଇଥାଏ । ମାତ୍ର ଆମେ ଯେଉଁ ସତ୍ୟଗୁଡ଼ିକର ଅନୁସନ୍ଧାନ କରୁଥାଉ, ସେଗୁଡ଼ିକର କ୍ଷେତ୍ର ଆମ ସାଧାରଣ ପ୍ରାକୃତ ଅନୁଭୂତିର ସୀମାତୀତ ହୋଇ ରହିଥାଏ । ସେଗୁଡ଼ିକ ସ୍ୱଭାବତଃ "ଅତୀନ୍ଦ୍ରିୟ, ମାତ୍ର ବୁଦ୍ଧିଗ୍ରାହ୍ୟ ।" ତେଣୁ ଆମ ପ୍ରକୃତିର ଆବଶ୍ୟକତାଗୁଡ଼ିକୁ ମେଣ୍ଟାଇ ପାରିବା ଲାଗି ଆଉ ଏକ ଅନ୍ୟ ପ୍ରକାର ଅନୁଭୂତି-ସାମର୍ଥ୍ୟର ପ୍ରୟୋଜନ ହୁଏ । ଏଠାରେ ଆମେ ଅତୀନ୍ଦ୍ରିୟ ବିଷୟଗୁଡ଼ିକର ଉତ୍ଥାପନ କରିବାକୁ ଯାଉଛୁ । ତେଣୁ ମାନସିକ ଅନୁଭୂତିର ସମ୍ପ୍ରସାରଣ ଦ୍ୱାରାହିଁ ଆମେ ଅନୁଭୂତିର ସେହି ନୂତନ ସାମର୍ଥ୍ୟଟିକୁ ଲାଭ କରିପାରିବା ।

'oaob.nitrkl.ac.in' images reprocessed

ଗୋଟିଏ ଦୃଷ୍ଟିରୁ ବିଚାର କଲେ ଆମେ ଆମର ସକଳ ଅନୁଭୂତିକୁ ମାନସିକ ଅନୁଭୂତି ବୋଲି କହିପାରିବା । କାରଣ ଆମେ ଇନ୍ଦ୍ରିୟ ଦ୍ୱାରା ଯାହାସବୁ ଗ୍ରହଣ କରିଥାଉ, ମନର ଭାଷାରେ ସେଗୁଡ଼ିକର ତର୍ଜମା ନ ହୋଇଥିଲା ପର୍ଯ୍ୟନ୍ତ ସେଗୁଡ଼ିକର ମଧ୍ୟ କୌଣସି ମୂଲ୍ୟ ବା ଅର୍ଥ ନଥାଏ । ଭାରତୀୟ ଦର୍ଶନର ପରିଭାଷାରେ ଏହାକୁହିଁ ମନସ୍ ବୋଲି କୁହାଯାଇଛି । ମାତ୍ର ଏପରିକି ମନକୁହିଁ ଆମେ ଏକମାତ୍ର ଇନ୍ଦ୍ରିୟ ବୋଲି କହିପାରିବା ଏବଂ ରୂପ, ଶବ୍ଦ, ସ୍ପର୍ଶ, ଗନ୍ଧ ଓ ରସକୁ ଗ୍ରହଣ କରୁଥିବା ଅନ୍ୟ ପାଞ୍ଚୋଟି ଇନ୍ଦ୍ରିୟକୁ ସେହି ମାନସ-ଇନ୍ଦ୍ରିୟରହିଁ ବିଶିଷ୍ଟ ବୃତ୍ତିରୂପେ ଅଭିହିତ କରିପାରିବା । ଏହି ପାଞ୍ଚୋଟି ଇନ୍ଦ୍ରିୟକୁ ମନ ସାଧାରଣତଃ ଆପଣା ଅନୁଭବର ଭୂମିରୂପେ ବ୍ୟବହାର କରିଥାଏ ସତ, ମାତ୍ର ପ୍ରାୟ ପ୍ରତି ମୁହୂର୍ତ୍ତରେ ସେଗୁଡ଼ିକର ସୀମା ଅତିକ୍ରମ କରି ଚାଲିଯାଏ । ଆପଣାର ଅନ୍ତର୍ନିହିତ ପ୍ରବୃତ୍ତିଟିର ଅନୁରୂପ ଏକ ଅପରୋକ୍ଷ ଅନୁଭବର ସାମର୍ଥ୍ୟ ମଧ୍ୟ ଏହି ମନର ରହିଛି । ତେଣୁ ବୁଦ୍ଧିର ଦ୍ୱିବିଧ ବୃତ୍ତି ପରି ମାନସିକ ଅନୁଭବ ମଧ୍ୟ ମନୁଷ୍ୟ ଭିତରେ ଦୁଇପ୍ରକାରେ କାର୍ଯ୍ୟ କରିଥାଏ । ଗୋଟିଏ ବିମିଶ୍ରିତ ଓ ନିର୍ଭରଶୀଳ, ଅନ୍ୟଟି ଶୁଦ୍ଧ ଓ ସ୍ୱତନ୍ତ୍ର । ଯେତେବେଳେ ମନ ବହିର୍ଜଗତ ବା ବସ୍ତୁର ଜ୍ଞାନ ଲାଭ କରିବାକୁ ଚାହେଁ, ସେତେବେଳେ ସେ ନିଜର ବିମିଶ୍ର ପ୍ରବୃତ୍ତିଟିକୁ କାମରେ ଲଗାଏ । ପୁଣି ଯେତେବେଳେ ଅନ୍ତର୍ମୁଖୀ ହୋଇ ଆପଣାକୁ ଜାଣିବାକୁ ଚାହେଁ, ସେତେବେଳେ ଶୁଦ୍ଧ ପ୍ରବୃତ୍ତିଟି କାର୍ଯ୍ୟକାରୀ ହୁଏ । ପ୍ରଥମଟିରେ ମନ ଇନ୍ଦ୍ରିୟଗୁଡ଼ିକ ଉପରେ ନିର୍ଭରଶୀଳ ହୋଇ ରହେ, ସେହିମାନଙ୍କର ସାକ୍ଷ୍ୟ ମୁତାବକ ଆପଣାର ପ୍ରତ୍ୟୟଗୁଡ଼ିକୁ ନିର୍ମାଣ କରିବାରେ ଲାଗିଥାଏ । ଦ୍ୱିତୀୟଟିରେ ସେ ସ୍ୱତନ୍ତ୍ର ହୋଇ କାର୍ଯ୍ୟ କରେ, ଏବଂ ବିଷୟଗୁଡ଼ିକ ସହିତ ଏକପ୍ରକାର ଏକାତ୍ମତା ଅର୍ଜନ କରି ସେ ଅପରୋକ୍ଷ ଭାବରେ ସେଗୁଡ଼ିକୁ ଜାଣିବାକୁ ପାଏ । ଏହିପରିଭାବରେ ଆମେ ଆମ ସଂବେଗଗୁଡ଼ିକୁ ଜାଣୁ । ପ୍ରଚଳିତ ଏକ ସୂକ୍ଷ୍ମ ଉକ୍ତି ଅନୁସାରେ କହିବାକୁଗଲେ କ୍ରୋଧସ୍ୱରୂପ ହୋଇ ଆମେ କ୍ରୋଧକୁ ଜାଣିପାରୁ । ଏହିପରି ଭାବରେ ଆମେ ଆମ ଆପଣାର ଅସ୍ତିତ୍ୱର ବି ପରିଚୟ ପାଉ; ଏକାତ୍ମତାଦ୍ୱାରା ଲବ୍ଧ ଜ୍ଞାନହିଁ ଯେ ଅନୁଭୂତି,—ଏଠାରେ ଏହି ସତ୍ୟଟି ଅତି ସ୍ପଷ୍ଟ ହୋଇଯାଉଛି । ଯଥାର୍ଥତଃ ଏକାତ୍ମତା-ଲବ୍ଧ ଜ୍ଞାନ ହେଉଛି ସକଳ ଅନୁଭୂତିର ନିଗୂଢ଼ ସ୍ୱରୂପ । ମାତ୍ର ପୃଥକ୍‌ବୋଧ ଦ୍ୱାରା ଆପଣାକୁ ଜଗତଠାରୁ ବିଚ୍ଛିନ୍ନ କରି ନେଇଥିବାରୁ ଅନୁଭୂତିର ଏହି ଯଥାର୍ଥ ରୂପଟି ଆମଠାରୁ ନିଗୂଢ଼ ହୋଇ ରହିଥାଏ । ଜ୍ଞାନର ପ୍ରକ୍ରିୟାକ୍ଷେତ୍ରରେ ଆମେ ଆପଣାକୁ 'ବିଷୟୀ' ବା କର୍ତ୍ତାରୂପେ ଦେଖୁ ଏବଂ ଜଗତର ଅବଶିଷ୍ଟ ଆଉସବୁକୁ ଆମଠାରୁ ଭିନ୍ନ 'ବିଷୟ' ବୋଲି ଦେଖୁ । ଭେଦବୁଦ୍ଧିଦ୍ୱାରା ଆମେ ଏହିପରି ଭାବରେ ଯାହାସବୁକୁ ବିବିକ୍ତ କରି ଦେଖୁ, ସେଗୁଡ଼ିକ ସହିତ ପୁନର୍ବାର ସଂଯୋଗ ସ୍ଥାପନ କରିବାଲାଗି ଆମକୁ ଇନ୍ଦ୍ରିୟର ଅନୁରୂପ ସାଧନମାନ

'oaob.nitrkl.ac.in' images reprocessed

ବାହାର କରିବାକୁ ପଡ଼ିଥାଏ । ଏହିଥିରୁହିଁ ତାଦାତ୍ମ୍ୟଲବ୍ଧ ଜ୍ଞାନର ଅପରୋକ୍ଷ ଅନୁଭବ ସ୍ଥାନରେ ପରୋକ୍ଷ ଜ୍ଞାନବୃତ୍ତି ଜନ୍ମଲାଭ କରିଥାଏ । ବସ୍ତୁଜଗତର ସଂସ୍ପର୍ଶ ଓ ମନର ସହାନୁଭୂତିରୁହିଁ ଏହି ପରୋକ୍ଷ ଜ୍ଞାନବୃତ୍ତି ଜାତ ହେଉଥିବାପରି ମନେହୁଏ । ଏହି ସୀମାବଦ୍ଧତା ମୂଳତଃ ଅହଂଦ୍ୱାରାହିଁ ସୃଷ୍ଟ ହୋଇଥାଏ । ସବୁ କ୍ଷେତ୍ରରେ ଅହଂ ସ୍ୱଭାବତଃ ଯେପରି ଭାବରେ କାର୍ଯ୍ୟ କରିଥାଏ, ଏହା କେବଳ ତାହାର ଏକ ଉଦାହରଣ ମାତ୍ର । ଗୋଟିଏ ମୂଳ ମିଥ୍ୟାରୁ ଆରମ୍ଭ କରି ଅହଂ ସମ୍ଭାବ୍ୟ ଆହୁରି ଅନେକ ମିଥ୍ୟାଦ୍ୱାରା ଯଥାର୍ଥ ବସ୍ତୁସତ୍ୟକୁ ଆଚ୍ଛନ୍ନ କରି ରଖେ ଏବଂ ସେଗୁଡ଼ିକ ଆମ ଜୀବନରେ ବ୍ୟାବହାରିକ ସମ୍ବନ୍ଧ ସତ୍ୟରୂପେ ବଳବତ୍ତର ରହିଥାଏ ।

ମାନସିକ ଜ୍ଞାନ ଓ ଇନ୍ଦ୍ରିୟଜ୍ଞାନ ବର୍ତ୍ତମାନ ଆମ ଭିତରେ ଯେଉଁ ରୀତିରେ ଯୋଜିତ ହୋଇ ରହିଛନ୍ତି, ସେଥିରୁ ଆମର ବର୍ତ୍ତମାନ ସୀମାବଦ୍ଧତାଗୁଡ଼ିକ ଆଦୌ ଏକ ଅପରିହାର୍ଯ୍ୟ ଆବଶ୍ୟକତା ନୁହେଁ ବୋଲି କୁହାଯାଇ ପାରିବ । ବିବର୍ତ୍ତନର ଏକ ବିଶେଷ ରୀତିର ବଶବର୍ତ୍ତୀ ହୋଇ ଭୌତିକ ଜଗତ୍ ସହିତ ସମ୍ବନ୍ଧ ସ୍ଥାପନ କରିବା-ପାଇଁ ଆମର ମନ କେତେଗୁଡ଼ିଏ ଶାରୀରିକ ବୃତ୍ତି ଓ ସେଗୁଡ଼ିକର ପ୍ରତିକ୍ରିୟା ଉପରେ ନିର୍ଭର କରିବାରେ ଆପଣାକୁ ଅଭ୍ୟସ୍ତ କରି ରଖିଛି । ତେଣୁ, ବହିର୍ପୃଥିବୀ ସମ୍ବନ୍ଧରେ ଅବଗତ ହେବାଲାଗି ଇନ୍ଦ୍ରିୟଗୁଡ଼ିକର ପରୋକ୍ଷ ସାହାଯ୍ୟ ନେବାକୁ ନିୟମ ବୋଲି ମାନି ନେଉଥିଲେହେଁ ଏବଂ ମନୁଷ୍ୟ ଓ ସଂସାର ବିଷୟରେ ସେମାନେ ଆମକୁ ଯେତିକି ଧାରଣା ଦେଇପାରିବେ, କେବଳ ସେତିକିକୁ ସତ୍ୟାନୁଭୂତିରୂପେ ଗ୍ରହଣ କରୁଥିଲେହେଁ ତଥାପି କେବଳ ଏକ ଅଭ୍ୟାସର କବଳରେ ପଡ଼ି ଆମେ ତାହାକୁହିଁ ନିୟମ ବୋଲି ମାନିନେଉଛୁ ବୋଲି କହିବାକୁ ହେବ । ଇନ୍ଦ୍ରିୟର ସାହାଯ୍ୟ ବ୍ୟତୀତ ବିଷୟର ଅପରୋକ୍ଷଜ୍ଞାନ ସମ୍ଭବ ଓ ସ୍ୱାଭାବିକ ଯଦି ଆମ୍ଭେମାନେ ମନକୁ ଜଡ଼ଦ୍ୱାରା ଶାସିତ ହେବାର ସ୍ୱୀକୃତିରୁ ମୁକ୍ତ କରିପାରୁ । ଏହା ଯେ ଆମର ମନ ପକ୍ଷରେ କେବଳ ସମ୍ଭବ, ତାହା ନୁହେଁ, ଏହା ସ୍ୱାଭାବିକ । ସମ୍ମୋହନ ଓ ସେହି ଶ୍ରେଣୀୟ ଅନ୍ୟାନ୍ୟ ମନୋ-ବ୍ୟାପାରର ପ୍ରୟୋଗବେଳେ ଏହାହିଁ ଘଟିଥାଏ । ପ୍ରାଣର ବିବର୍ତ୍ତନ-କ୍ରମରେ ମନ ଓ ଜଡ଼ ମଧ୍ୟରେ ଯେଉଁ ଭାରସାମ୍ୟ ସଂଘଟିତ ହୋଇଛି, ତାହାଦ୍ୱାରାହିଁ ଆମର ଜାଗ୍ରତ ଚେତନା ନିର୍ଦ୍ଧାରିତ ଓ ସଙ୍କୁଚିତ ହେଉଛି । ତେଣୁ ଆମର ନିତ୍ୟନୈମିତ୍ତିକ ଜାଗ୍ରତାବସ୍ଥାରେ ସେହି ଅପରୋକ୍ଷ ଜ୍ଞାନାନୁଭବ ସାଧାରଣତଃ ଅସମ୍ଭବ ହୋଇ ପଡ଼ୁଛି । ଏହି ଅନୁଭବକୁ ସମ୍ଭବ କରାଇବା ଲାଗି ଆମକୁ ଜାଗ୍ରତ ମନଟିକୁ ଶୁଆଇ ପକାଇବାକୁ ଓ ଅବଚେତନ ଭୂମିରେ ଅସଲ ମନଟିକୁ ପାଶମୁକ୍ତ କରାଇବାକୁହିଁ ପଡ଼େ । ସେତେବେଳେ ଯାଇ ମନର ସ୍ୱରୂପଶକ୍ତି ପ୍ରକାଶିତ ହୋଇଉଠେ, ଅଦ୍ୱିତୀୟ ଓ ସର୍ବଗତ ଇନ୍ଦ୍ରିୟରୂପେ ଯାବତୀୟ ଇନ୍ଦ୍ରିୟବିଷୟ ଉପରେ ବିମିଶ୍ରିତ ପରିତନ୍ତ୍ର

'oaob.nitrkl.ac.in' images reprocessed

ବୃତ୍ତିଟି ପରିବର୍ତ୍ତେ ଆପଣାର ଶୁଦ୍ଧ ଓ ସ୍ୱତନ୍ତ୍ର ବୃତ୍ତିଟିର ପ୍ରୟୋଗ କରି ପାରିବାଲାଗି ମୁକ୍ତ ହୋଇଯାଏ । ଜାଗ୍ରତ ଅବସ୍ଥାରେ ସାମର୍ଥ୍ୟର ଏହି ସମ୍ପ୍ରସାରଣ ପ୍ରକୃତରେ ଆଦୌ ଅସମ୍ଭବ ନୁହେଁ, ଏହା କେବଳ ଅପେକ୍ଷାକୃତ ଅଧିକ ଆୟାସସାଧ୍ୟ । ମନଃସମୀକ୍ଷଣର ଏକ ବିଶିଷ୍ଟ ମାର୍ଗ ଅନୁସରଣ କରି କିଛିଦୂର ଅଗ୍ରସର ହୋଇ ପାରିଥିବା ସମସ୍ତଙ୍କୁ ସେକଥା ଅବଶ୍ୟ ଜଣାଥିବ ।

ଆମର ଅଭ୍ୟସ୍ତ ପାଞ୍ଚୋଟିଯାକ ଇନ୍ଦ୍ରିୟର ଅତିରିକ୍ତ ଅନ୍ୟାନ୍ୟ ସୂକ୍ଷ୍ମ ଇନ୍ଦ୍ରିୟଶକ୍ତିର ବିକାଶଲାଗି ଇନ୍ଦ୍ରିୟ-ମନର ସ୍ୱତନ୍ତ୍ର ବୃତ୍ତିଟିର ସାହାଯ୍ୟ ନିଆଯାଇ ପାରେ । ଉଦାହରଣସ୍ୱରୂପ, ଭୌତିକ ବହିଃସାଧନର କୌଣସି ସାହାଯ୍ୟ ନନେଇ ଆମ ହାତରେ ଥିବା କୌଣସି ଏକ ପଦାର୍ଥର ଓଜନକୁ ନିର୍ଭୁଲଭାବେ କହିପାରିବାର ଶକ୍ତି ବେଶ୍ ହାସଲ କରାଯାଇପାରେ । ଏହି କ୍ଷେତ୍ରରେ ବସ୍ତୁଟିର ସ୍ପର୍ଶ ଓ ରୂପ କେବଳ ପ୍ରାଥମିକ ଆଲମ୍ବନରୂପେ କାର୍ଯ୍ୟ କରେ । ଯେପରି ଶୁଦ୍ଧ ବୁଦ୍ଧି ଇନ୍ଦ୍ରିୟାନୁଭବର ତଥ୍ୟଗୁଡ଼ିକୁ ବ୍ୟବହାର କରିଥାଏ, ମାତ୍ର ସ୍ପର୍ଶେନ୍ଦ୍ରିୟଦ୍ୱାରା ମନ ବସ୍ତୁଟିର ଓଜନକୁ ଜାଣିବାଲାଗି ସମର୍ଥ ହୁଏ ନାହିଁ; ଆପଣାର ସ୍ୱତନ୍ତ୍ର ଅବଧାରଣାଦ୍ୱାରା ସେ ତାହା ଜାଣିଥାଏ ଏବଂ କେବଳ ବସ୍ତୁଟି ସହିତ ସମ୍ବନ୍ଧସ୍ଥାପନ କରିବାଲାଗି ସ୍ପର୍ଶକୁ ଏକ ସାଧାନରୂପେ ବ୍ୟବହାର କରିଥାଏ । ଏବଂ ଶୁଦ୍ଧ ବୁଦ୍ଧି ବେଳକୁ ଯାହା, ଇନ୍ଦ୍ରିୟ-ମନ ବେଳକୁ ମଧ୍ୟ ଠିକ୍ ସେଇଆ; ଆମ ଇନ୍ଦ୍ରିୟାନୁଭବକୁ କେବଳ ଏକ ପ୍ରାଥମିକ ଆରମ୍ଭ-ବିନ୍ଦୁରୂପେ ବ୍ୟବହାର କରାଯାଇପାରେ, ସେଇଠୁ ଆରମ୍ଭ କରି ଏପରି ଏକ ଅତୀନ୍ଦ୍ରିୟ ଜ୍ଞାନର ଉପଲବ୍ଧି ସମ୍ଭବ ହୁଏ, ଯାହାକି ଅନେକ ସମୟରେ ଇନ୍ଦ୍ରିୟଗୁଡ଼ିକ ଆଣି ଦେଇଥିବା ପ୍ରମାଣକୁ ମିଥ୍ୟାବୋଲି ସାବ୍ୟସ୍ତ କରିଦିଏ । ପୁଣି ସାମର୍ଥ୍ୟର ଏହି ସମ୍ପ୍ରସାରଣ କେବଳ ବହିର୍ଜଗତ ଓ ବହିଃକ୍ଷେତ୍ରରେ ମଧ୍ୟ ସୀମାବଦ୍ଧ ନୁହେଁ । କୌଣସି ଏକ ଇନ୍ଦ୍ରିୟର ସାହାଯ୍ୟରେ ଏକ ବହିର୍ବସ୍ତୁ ସହିତ ସମ୍ବନ୍ଧସ୍ଥାପନ କରିବାପରେ ମନଃଶକ୍ତିର ଏଭଳି ପ୍ରୟୋଗ ସମ୍ଭବ, ଯାହାଦ୍ୱାରା କି ଆମେ ବସ୍ତୁଟିର ଅନ୍ତର୍ଗତ ସକଳ ତଥ୍ୟ ପାଇବାକୁ ବି ସମର୍ଥ ହୋଇପାରିବା । ଉଦାହରଣ ସ୍ୱରୂପ, ଅନ୍ୟମାନଙ୍କର କଥାବାର୍ତ୍ତା, ଅଙ୍ଗଭଙ୍ଗୀ, ଚାଲିଚଳନ ଓ ମୁହଁର ହାବଭାବ ପ୍ରଭୃତିର କୌଣସି ସାହାଯ୍ୟ ନନେଇ କିମ୍ବା ଏପରିକି ଏସବୁ ଆମକୁ ବିରୁଦ୍ଧ ସାକ୍ଷ୍ୟ ଦେଇ ଆମ ମନରେ ଭ୍ରମ ଜନ୍ମାଇଥିଲେ ମଧ୍ୟ ସେମାନଙ୍କର ଚିନ୍ତା ବା ମନୋଭାବଗୁଡ଼ିକୁ ପ୍ରତ୍ୟକ୍ଷ ବା ଗ୍ରହଣ କରିବା ନିଶ୍ଚୟ ସମ୍ଭବ ହୁଏ । ପରିଶେଷରେ, ଅନ୍ତର୍ଗତ ଇନ୍ଦ୍ରିୟଗୁଡ଼ିକୁ କାମରେ ଲଗାଇ, ଅର୍ଥାତ୍ ଶୁଦ୍ଧମାନସିକ ଓ ସୂକ୍ଷ୍ମବୃତ୍ତିସମ୍ପନ୍ନ ଇନ୍ଦ୍ରିୟ-ଶକ୍ତିଗୁଡ଼ିକର ସାହାଯ୍ୟରେ ଆମେ ଏପରିସବୁ ଇନ୍ଦ୍ରିୟାନୁଭବ ଲାଗି ସମର୍ଥ ହେବା, ଏପରିସବୁ ଆକାର ଓ ପ୍ରତିରୂପର ସନ୍ଧାନ ପାଇପାରିବା, ଯାହାକୁକି ଆମ ଭୌତିକ

'oaob.nitrkl.ac.in' images reprocessed

ପରିବେଶର ଯୋଜନାନ୍ତର୍ଗତ ବୋଲି କଦାପି କୁହାଯାଇ ପାରିବ ନାହିଁ । ଇନ୍ଦ୍ରିୟଶକ୍ତିର ଏହି ଶୁଦ୍ଧ ମାନସିକ ଓ ସୂକ୍ଷ୍ମ ବୃତ୍ତିଟି ତାହାର ସ୍ଥୂଳ ବୃତ୍ତିରୁ ସମ୍ପୂର୍ଣ୍ଣ ଭିନ୍ନ ପ୍ରକୃତିର । ତାହାର ବହୁବ୍ୟାପ୍ତ କେବଳ ଗୋଟିଏ ଅଂଶମାତ୍ର ବ୍ୟାବହାରିକ ଜୀବନର ପ୍ରୟୋଜନ ଲାଗିହିଁ ସ୍ଥୂଳ ରୂପ ଧାରଣ କରିଥାଏ । ସାମର୍ଥ୍ୟର ଏହିସବୁ ସଂପ୍ରସାରଣ ଆମର ନିତ୍ୟନୈମିତ୍ତିକ ଜୀବନ ଓ ଅନୁଭୂତିର ସଂଯୋଜନରୀତିକୁ ଭାରି ଖାପଛଡ଼ା ଓ ଅସ୍ୱାଭାବିକ ପରି ଦେଖାଯାଏ, ଏବଂ ସେହି କାରଣରୁ ଆମର ଜଡ଼ଗ୍ରସ୍ତ ମନ ସେଗୁଡ଼ିକୁ ସାଧାରଣତଃ ଦ୍ୱିଧା ଓ ସନ୍ଦେହର ଚକ୍ଷୁରେହିଁ ଦେଖିଥାଏ । ସେହି ସଂପ୍ରସାରଣକୁ ଆପଣାଭିତରେ କାର୍ଯ୍ୟକାରୀ କରାଇବା ଆଦୌ ସହଜ ନୁହେଁ । ପୁଣି ସେଗୁଡ଼ିକୁ ସଜାଇ ଓ ସଂଗଠିତ କରି ଏକ ସୁଶୃଙ୍ଖଳ ଓ କାର୍ଯ୍ୟୋପଯୋଗୀ ସାଧନରୂପେ ବ୍ୟବହାର କରିପାରିବା ତା'ଠାରୁ ଆହୁରି କଷ୍ଟକର । ତଥାପି ସେଗୁଡ଼ିକୁ ସ୍ୱୀକାର କରିନେବାକୁ ପଡ଼ିବ । କାରଣ କୌଣସିପ୍ରକାର ଅନଭ୍ୟସ୍ତ ଉଦ୍ୟମ ବା ସାମୟିକ କୌଣସି ଅନନୁଚିନ୍ତିତ ପ୍ରଭାବ ଦ୍ୱାରା ହେଉ କିମ୍ବା ବୈଜ୍ଞାନିକ ତଥା ସୁନିୟମିତ ଅନୁଶୀଳନ ଦ୍ୱାରା ହେଉ, ବଡ଼ ଓ ଅଗଭୀର ସ୍ତରରେ ଆପଣାକୁ ସଞ୍ଚାରିତ କରୁଥିବା ଆମର ଚେତନାକୁ ପ୍ରସାରିତ କରିବାର ଯେକୌଣସି ଚେଷ୍ଟା କରିବା ମାତ୍ରକେ, ତାହାର ଅନିବାର୍ଯ୍ୟ ପରିଣାମରୂପେ ସାମର୍ଥ୍ୟଗୁଡ଼ିକର ମଧ୍ୟ ସଂପ୍ରସାରଣ ଘଟିଥାଏ ।

ଯେଉଁସବୁ ସତ୍ୟକୁ ଗୀତା (୬ । ୨୧)ରେ "ବୁଦ୍ଧିଗ୍ରାହ୍ୟଂ ଅତୀନ୍ଦ୍ରିୟଂ" ବୋଲି କୁହାଯାଇଛି, ଆପଣା ମନୋଭୂମିରେ ସେହିଗୁଡ଼ିକୁ ଅନୁଭବ କରିପାରିବା ହେଉଛି ଆମର ଲକ୍ଷ୍ୟ । ମାତ୍ର ସୂକ୍ଷ୍ମ ଇନ୍ଦ୍ରିୟବୃତ୍ତିର ପରିଚାଳନାରେ ସେହି ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ । ସୂକ୍ଷ୍ମ-ଇନ୍ଦ୍ରିୟ କେବଳ ପ୍ରାତିଭାସିକ ଜଗତକୁହିଁ ଆମଆଗରେ ଅଧିକ ପ୍ରସାରିତ କରିଦିଏ ଏବଂ ତାହାର ପର୍ଯ୍ୟବେକ୍ଷଣ କରିବାଲାଗି ଆମକୁ ଅଧିକ ଫଳଦାୟକ ସାଧନମାନ ଯୋଗାଇ ଦେଇଥାଏ । ମାତ୍ର ବସ୍ତୁର ସ୍ୱରୂପସତ୍ୟ ଯେକୌଣସି ଇନ୍ଦ୍ରିୟବୃତ୍ତିର ସମକ୍ଷରେ ଆସି କଦାପି ଧରା ଦିଏନାହିଁ । ମାତ୍ର ଯଦି 'ବୁଦ୍ଧିଗ୍ରାହ୍ୟ' କୌଣସି ସତ୍ୟ କେଉଁଠିହେଲେ ରହିଥାଏ, ତେବେ ସେହି ବୁଦ୍ଧିକୁ ଧାରଣ କରିଥିବା ପ୍ରାଣୀଭିତରେ ମଧ୍ୟ କୌଣସି ନା କୌଣସି ସ୍ଥାନରେ ଅନୁଭୂତି ଦ୍ୱାରା ସେହି ସତ୍ୟରେ ଉପନୀତ ହେବାର ଓ ତାହାକୁ ପରୀକ୍ଷା କରି ଦେଖିବାର ଉପାୟ ମଧ୍ୟ ଅବଶ୍ୟ ରହିଥିବ,—ଏଇଟି ହେଉଛି ବିଶ୍ୱବିଧାନର ସ୍ୱଭାବନିହିତ ଏକ ଗଭୀର ସତ୍ୟ । ସେଥିଲାଗି ଆମର ମନରେ କେବଳ ଗୋଟିଏମାତ୍ର ସାଧନ ରହିଛି : ଆମ ନିଜ ଅସ୍ତିତ୍ୱ ବିଷୟରେ ଆମକୁ ଏକ ସଚେତନତା ଆଣି ଦେଉଥିବା ତାଦାତ୍ମ୍ୟ-ଆଧାରିତ ଜ୍ଞାନର ସମ୍ପ୍ରସାରଣ ଦ୍ୱାରା ଆମେ ତାହା କରିପାରିବା । ନିଜର ସ୍ୱରୂପ

'oaob.nitrkl.ac.in' images reprocessed

ସମ୍ବନ୍ଧରେ ଅଳ୍ପବହୁତ ସଚେତନ ହୋଇ ବା ସେହି ବିଷୟରେ କୌଣସି ଏକ ଧାରଣା କରିହିଁ ଆମେ ଆମଭିତରେ ଯାହାସବୁ ରହିଛି, ତାହା ଜାଣିବାକୁ ପାଇଥାଉ । ବା ଆହୁରି ଅଧିକ ସାଧାରଣ ସୂତ୍ରରେ କହିବାକୁ ଗଲେ, କ୍ଷେତ୍ରସମ୍ପର୍କର ଜ୍ଞାନ ସେହି କ୍ଷେତ୍ରର ଜ୍ଞାନଉପରେହିଁ ନିହିତ ହୋଇ ରହିଛି । ତେଣୁ ଯଦି ଆମେ ଆମ ମାନସିକ ଆତ୍ମସଚେତନତାର ସାମର୍ଥ୍ୟଟିକୁ ଉପନିଷଦବର୍ଣ୍ଣିତ ଊର୍ଦ୍ଧ୍ୱସ୍ଥ ଓ ସର୍ବବ୍ୟାପ୍ତ ପରମ ଆତ୍ମା ବା ବ୍ରହ୍ମ ଭିତରକୁ ସମ୍ପ୍ରସାରିତ କରିଦେଇ ପାରିବା, ତେବେ ଆମେ ବିଶ୍ୱାତ୍ମା ଓ ବିଶ୍ୱଗତ ବ୍ରହ୍ମର ମର୍ମସତ୍ୟକୁ ଅନୁଭବ କରିବାର ଅଧିକାରୀ ହୋଇପାରିବା । ଏହି ସମ୍ଭାବନାଟିକୁହିଁ ଭାରତୀୟ ବେଦାନ୍ତ ଆପଣାର ଭୂମିରୂପେ ସ୍ୱୀକାର କରିନେଇଛି । ଆତ୍ମଜ୍ଞାନର ମାଧ୍ୟମରେ ତାହା ବିଶ୍ୱଜ୍ଞାନର ସନ୍ଧାନ କରି ବାହାରିଛି ।

ମାତ୍ର ମନୋମୟ ଭୂମିର ଅନୁଭୂତି ଓ ବୁଦ୍ଧିର ଧାରଣାଗୁଡ଼ିକ ଯେତେ ଉଚ୍ଚକୁ ଗଲେ ମଧ୍ୟ ତାହା କଦାପି ତାଦାତ୍ମ୍ୟର ସ୍ୱୟଂଭୂ ଅନୁଭୂତିରେ ପରିଣତ ହୋଇ ପାରିବ ନାହିଁ ଓ ମନ ଭିତରେ ମାନସିକ ପରିଚୟର ଏକ ପ୍ରତିବିମ୍ବ ଭଳି ରହିଥିବ । ତେଣୁ ଆମକୁ ମନ ଓ ବୁଦ୍ଧିର ସୀମାକୁ ଅତିକ୍ରମ କରି ଚାଲିଯିବାକୁ ପଡ଼ିବ । ଯେଉଁ ଅବଚେତନ ଅଖଣ୍ଡତାରୁ ଆମେ ଆମର ଊର୍ଦ୍ଧ୍ୱଗାମୀ ବିବର୍ତ୍ତନକ୍ରମରେ ଉତ୍ପତ୍ତିଲାଭ କରିଛୁ ଏବଂ ସେହି ବିବର୍ତ୍ତନଦ୍ୱାରା ଯେଉଁ ଅତିଚେତନ ଅଖଣ୍ଡତା ଆଡ଼କୁ ମୁହାଁଇ ଚାଲିଛୁ, ଆମର ଜାଗ୍ରତାବସ୍ଥାରେ କାର୍ଯ୍ୟ କରୁଥିବା ବୁଦ୍ଧିକୁ ଆମେ ସେହି ଦୁଇଟି ଅବସ୍ଥା ମଧ୍ୟରେ ଏକ ସେତୁ ବୋଲି କହିପାରିବା । ଅବଚେତନ ତଥା ଅତିଚେତନ ସେହି ଏକ ଅଖଣ୍ଡତାରହିଁ ଦୁଇଟି ଭିନ୍ନଭିନ୍ନ ବିଭୂତିମାତ୍ର । ଅବଚେତନର ପ୍ରଧାନ କଥା ହେଉଛି ପ୍ରାଣ, ଅତିଚେତନର ପ୍ରଧାନ କଥା ଆଲୋକ । ଅବଚେତନ ସ୍ତରରେ ଜ୍ଞାନ ବା ଚେତନା କର୍ମସ୍ପନ୍ଦିତ ହୋଇ ରହିଥାଏ, କାରଣ କର୍ମସ୍ପନ୍ଦନହିଁ ପ୍ରାଣର ମୂଳଧର୍ମ । ପୁଣି ଅତିଚେତନାର ସ୍ତରକୁ ଆସି ଏହି କର୍ମସ୍ପନ୍ଦନ ଆଲୋକ ଭିତରେ ପୁନଃପ୍ରବିଷ୍ଟ ହୁଏ । ସେତେବେଳେ ବିଦ୍ୟା ଆଉ ସେହି ସ୍ପନ୍ଦନ ଭିତରେ ଆବରଣଯୁକ୍ତ ହୋଇ ରହିପାରେ ନାହିଁ, ମାତ୍ର ଏକ ପରମ ଚୈତନ୍ୟର ଅନ୍ତର୍ଗତ ହୋଇଯାଏ । ପ୍ରତିବୋଧ ହେଉଛି ଏହି ଉଭୟଙ୍କ ମଧ୍ୟରେ ଏକ ସାଧାରଣ ଲକ୍ଷଣ । ଯେଉଁଠି ଜ୍ଞାତା ଓ ଜ୍ଞେୟ ସଚେତନ ଓ ସନ୍ଧିସୂତ୍ରଭାବେ ଏକ ହୋଇଯାଆନ୍ତି, ସେହିଠାରେହିଁ ପ୍ରତିବୋଧର ଭିତ୍ତି ପଡ଼ିଥାଏ । ଯେଉଁଠି ଜ୍ଞାନର ମଧ୍ୟଦେଇ ଜ୍ଞାତା ଓ ଜ୍ଞେୟ ଏକତ୍ର ହୋଇ ମିଶିଯାଆନ୍ତି, ସେହି ସାଧାରଣ ସ୍ୱୟଂଭୂ ଅବସ୍ଥାଟି ହେଉଛି ବୋଧି । ମାତ୍ର ଅବଚେତନ ସ୍ତରରେ କର୍ମସ୍ପନ୍ଦନରେ ଓ ପରିଣତିର ପ୍ରବେଗରେହିଁ ପ୍ରତିବୋଧ ଆପଣାକୁ ପ୍ରକାଶ କରେ, ତେଣୁ ଜ୍ଞାନ ବା ଏକତ୍ୱବୋଧ ସେଠାରେ ହୁଏତ ସମ୍ପୂର୍ଣ୍ଣରୂପେ କିମ୍ବା କେତେକ ପରିମାଣରେ କର୍ମଭିତରେହିଁ ପ୍ରଚ୍ଛନ୍ନ ରହିଯାଏ । ମାତ୍ର ଅତିଚେତନ ସ୍ତରରେ

'oaob.nitrkl.ac.in' images reprocessed

ଆଲୋକହିଁ ନିୟାମକ ଓ ବିଧାୟକସ୍ୱରୂପେ କାର୍ଯ୍ୟ କରୁଥିବାରୁ ପ୍ରତିବୋଧ ଆପଣାର ସ୍ୱକୀୟ ସ୍ୱଭାବରେ ଅର୍ଥାତ୍ ସଚେତନ ଏକାତ୍ମବୋଧରୁ ନିଷ୍ପନ୍ନ ହେଉଥିବା ଜ୍ଞାନରୂପେ ପ୍ରକାଶିତ ହୁଏ, ଏବଂ କ୍ରିୟା ତାହାର ଏକ ଆନୁସଙ୍ଗିକ ଓ ଆବଶ୍ୟକ ପରିଣାମରୂପେ ଦେଖାଦିଏ, ମୌଳିକ ସତ୍ୟଟିର ଛଦ୍ମବେଶରେ ଆସେନାହିଁ । ଏହି ଦୁଇଟି ଅବସ୍ଥା ମଧ୍ୟରେ ବୁଦ୍ଧି ଓ ମନ ମଧ୍ୟସ୍ଥରୂପେ କାର୍ଯ୍ୟ କରୁଥା'ନ୍ତି ଓ କର୍ମଦ୍ୱାରା ଆବେଷ୍ଟିତ ଓ ଅବରୁଦ୍ଧ ଜ୍ଞାନକୁ ମୁକ୍ତ କରି ତାହାକୁ ଆପଣା ସ୍ୱକୀୟ ପ୍ରାଧାନ୍ୟର ପୁନରଧିକାର ଲାଗି ପ୍ରସ୍ତୁତ କରାଇବାରେ ସେମାନେ ସହାୟକ ହୋଇଥା'ନ୍ତି । ଯେତେବେଳେ ମନର ଆତ୍ମାନୁଭବ ଆଧାର ଓ ଆଧେୟକୁ, ନିଜର ଆତ୍ମା ତଥା ଅପରର ଆତ୍ମାକୁ ଏକ ସ୍ୱୟଂପ୍ରକାଶ ଏକତ୍ୱର ଜ୍ୟୋତିର୍ମୟ ମହିମାରେ ଉଦ୍ଭାସିତ କରି ଦେଖିବାକୁ ଲାଗେ, ଯେତେବେଳେ ବୁଦ୍ଧି ମଧ୍ୟ ବୋଧିଜ ଜ୍ଞାନର ସ୍ୱୟଂଜ୍ୟୋତିରେ ରୂପାନ୍ତରିତ ହୋଇଯାଏ । ଏହି ମନ ଯେତେବେଳେ ଅତିମାନସରେ ଆପଣାର ଚରମ ସାର୍ଥକତା ଲାଭକରେ, ସେତେବେଳେ ଆମର ଜ୍ଞାନ ଏହି ସମ୍ଭାବ୍ୟ ଉଚ୍ଚତମ ଅବସ୍ଥାକୁ ପ୍ରାପ୍ତ ହୋଇଥାଏ ।

ମାନବଚିତ୍ତର ଏହିପରି ଏକ ପରିକଳ୍ପନାର ଆଧାର ଉପରେହିଁ ପ୍ରାଚୀନତମ ବେଦାନ୍ତ ଆପଣାର ସିଦ୍ଧାନ୍ତଗୁଡ଼ିକୁ ପ୍ରତିଷ୍ଠିତ କରିଥିଲା । ଏହି ଭିତ୍ତିଟିକୁ ଅବଲମ୍ବନ କରି ପ୍ରାଚୀନ ଋଷିମାନେ ଯେଉଁସବୁ ତତ୍ତ୍ୱର ଆବିଷ୍କାର କରିଥିଲେ, ଏଠାରେ ସେଗୁଡ଼ିକୁ ବିସ୍ତାରିତ କରି କହିବା ମୋର ଉଦ୍ଦେଶ୍ୟ ନୁହେଁ । ଦିବ୍ୟଜୀବନର ସମସ୍ୟାଗୁଡ଼ିକହିଁ ବର୍ତ୍ତମାନ ଆମର ଆଲୋଚ୍ୟ ବିଷୟ । ତେଣୁ ସେହି ସମସ୍ୟାଗୁଡ଼ିକ ସହିତ ସମ୍ବନ୍ଧିତ ସେମାନଙ୍କର କେତୋଟି ପ୍ରଧାନ ପ୍ରଧାନ ସିଦ୍ଧାନ୍ତର ଏକ ସଂକ୍ଷିପ୍ତ ସମୀକ୍ଷା ବା ପୁନର୍ବିଚାର ଲାଗି ନିଶ୍ଚୟ ଆବଶ୍ୟକତା ରହିଛି । କାରଣ ବର୍ତ୍ତମାନ ଆମେ ଯେଉଁଟିକୁ ପୁଣି ଗଢ଼ିପାରିବାର ପ୍ରୟାସରେ ବାହାରିଛୁ, ସେମାନଙ୍କର ସେହିସବୁ ସତ୍ୟାବଧାରଣ ମଧ୍ୟରେହିଁ ଆମେ ତାହାର ସର୍ବଶ୍ରେଷ୍ଠ ପୂର୍ବତନ ଭିତ୍ତି ପାଇପାରିବା । ଅବଶ୍ୟ ଯାବତୀୟ ଜ୍ଞାନର କ୍ଷେତ୍ରରେ ଯାହା ହୋଇଥାଏ, ଆଧୁନିକ ମନର ଉପଯୁକ୍ତ ହେଲାଭଳି ପୁରାତନ ପ୍ରକାଶଭଙ୍ଗିକୁ କେତେକ ପରିମାଣରେ ନୂତନ ଭଙ୍ଗୀରେ ପ୍ରକାଶ କରିବାକୁ ପଡ଼ିବ, ଏବଂ ଗୋଟିଏ ଉଷା ଯାଇ ଆଉ ଗୋଟିଏ ଉଷା ଆସୁଥିବା ପରି ପୁରୁଣା ଆଲୋକକୁ ଏକ ନୂତନ ଆଲୋକ ଭିତରେ ନିମଜ୍ଜିତ ହେବା ଆବଶ୍ୟକ । ତଥାପି ସେହି ପୁରାତନ ସମ୍ପଦକୁ, ଅଥବା ଆମେ ତାହା ଭିତରୁ ଯେତିକି ପୁନରୁଦ୍ଧାର କରିପାରିବା ସେତିକିକୁ ଆମର ମୂଳପୁଞ୍ଜିରୂପେ ବ୍ୟବହାର କରିହିଁ ଆମେ ସଦା-ଅପରିବର୍ତ୍ତନୀୟ ଓ ସତତ-ପରିବର୍ତ୍ତନଶୀଳ ସେହି ଅନନ୍ତସତ୍ତା ସହିତ ଆମର ସମ୍ବନ୍ଧ-ବ୍ୟାପାରରେ ସବୁଠାରୁ ଅଧିକ ଅନୁକୂଳଭାବରେ ଅଗ୍ରସର ହୋଇପାରିବା ।



'oaob.nitrkl.ac.in' images reprocessed

ଆପଣାର ବିଶୁଦ୍ଧଜିଜ୍ଞାସାରେ ବୈଦାନ୍ତିକ ବିଶ୍ଳେଷଣ ସଦ୍ ବ୍ରହ୍ମ, ଅର୍ଥାତ୍ ଶୁଦ୍ଧ, ଅନିର୍ବଚନୀୟ, ଅନନ୍ତ ଓ ପରମ ସତ୍ତ୍ୱସ୍ୱରୂପର ଉତ୍ତୁଙ୍ଗତମ କଳ୍ପନାଟିରେ ଆସି ପହଞ୍ଚିଛି । ପ୍ରାତିଭାସିକ ବିଶ୍ୱର ସକଳ ସ୍ପନ୍ଦନ ଓ ରୂପାୟନ ପଛରେ ବୈଦାନ୍ତିକ ଅନୁଭବ ବ୍ରହ୍ମକୁହିଁ ଆଧାରଭୂତ ସତ୍ୟରୂପେ ଆବିଷ୍କାର କରିଛି । ବ୍ରହ୍ମର କଳ୍ପନା କଲାବେଳେ ଆମେ ଯେ ଆମର ସାଧାରଣ ଚେତନା ଓ ବ୍ୟାବହାରିକ ଅନୁଭୂତିର ସକଳ କ୍ଷେତ୍ର ଓ ପ୍ରାମାଣିକତାର ସୀମା ବାହାରକୁ ଚାଲିଯାଉ, ଏଥିରେ କୌଣସି ସନ୍ଦେହ ନାହିଁ । କୌଣସି ବିଶୁଦ୍ଧ କିମ୍ବା ପରମ ସତ୍ତା ବିଷୟରେ ଆମ ଇନ୍ଦ୍ରିୟଗୁଡ଼ିକର ଓ ଇନ୍ଦ୍ରିୟମନର କୌଣସି ଜ୍ଞାନ ନଥାଏ । ଆମର ଇନ୍ଦ୍ରିୟାନୁଭୂତି ଆମକୁ କେବଳ ରୂପାୟିତ ଓ ସ୍ପନ୍ଦନମୟ ଜଗତର ସମାଚାରହିଁ ଆଣିଦେଇଥାଏ । ରୂପର ଅସ୍ତିତ୍ୱ ଅବଶ୍ୟ ଅଛି, ମାତ୍ର ଏହି ଅସ୍ତିତ୍ୱ ଶୁଦ୍ଧସତ୍ତ୍ୱର ଅସ୍ତିତ୍ୱ ନୁହେଁ; ଏହା ସର୍ବଦା ବିମିଶ୍ରିତ, ସଂଯୁକ୍ତ, ସମଷ୍ଟିକୃତ ଓ ଆପେକ୍ଷିକ । ଅନ୍ତର୍ନିମଗ୍ନ ରହିଥିବାବେଳେ ହୁଏତ ନିର୍ଦ୍ଦିଷ୍ଟ ରୂପର ଆଉ କୌଣସି ପ୍ରୟୋଜନ ନଥାଏ, ମାତ୍ର ତଥାପି ଗତିସ୍ପନ୍ଦନ ଓ ପରିବର୍ତ୍ତନର ହାତରୁ ନିଷ୍କୃତି ମିଳେ ନାହିଁ । ସେତେବେଳେ ଶୂନ୍ୟଦେଶରେ ଜଡ଼ର ସ୍ପନ୍ଦନ ଓ କାଳଭିତରେ ପରିବର୍ତ୍ତନର ସ୍ପନ୍ଦନହିଁ ବିଶ୍ୱସତ୍ତାର ଅପରିହାର୍ଯ୍ୟ ନିୟମ ବୋଲି ମନେହୁଏ । ଇଚ୍ଛା କଲେ ଆମେ ଏହାକୁହିଁ ଯଥାର୍ଥ ସତ୍ତା ବୋଲି କହିପାରୁ, ସ୍ୱରୂପ-ସତ୍ତାକୁ କେବଳ ଏକ କଳ୍ପନା ବୋଲି କହିପାରୁ ଓ ସେହି କଳ୍ପନାନୁରୂପ କୌଣସି ବାସ୍ତବ ଆବିଷ୍କାର କରିପାରିବା କଦାପି ସମ୍ଭବ ନୁହେଁ ବୋଲି ଦାବି କରିପାରୁ । ସ୍ୱାନୁଭବ ମଧ୍ୟରେ ବା ତା'ର ପଶ୍ଚାଦ୍‌ଭାଗରେ ଆମେ ସମୟସମୟରେ ନିଷ୍ପନ୍ଦ ଓ ନିର୍ବିକାର କୌଣସି କିଛି ରହିଥିବାର ଝଲକ ପାଇଥାଉ । ବେଳେବେଳେ ବଡ଼ ଅସ୍ପଷ୍ଟଭାବରେ ଆପଣାକୁ ଜୀବନ-ମରଣର ଅତୀତ ବୋଲି ମନେହୁଏ, ଆପଣାକୁ ସକଳ ପରିବର୍ତ୍ତନ, ସକଳ କର୍ମ ଓ ରୂପାୟନର ଅତୀତ ବୋଲି ଆମ କଳ୍ପନା ଭିତରେ ଅନୁଭୂତ ହୁଏ । ଆମ ଭିତରେ କେବଳ ଏହି ଗୋଟିଏ ଦ୍ୱାର ରହିଛି ଯାହାକି ବେଳେବେଳେ ଲୋକୋତ୍ତୀର୍ଣ୍ଣ ସେହି ସତ୍ୟର ଆଲୋକବିଭବ ଆଡ଼କୁ ହଠାତ୍ ଉନ୍ମୋଚିତ ହୋଇଯାଏ, ଏବଂ ପୁନର୍ବାର ବନ୍ଦ ହୋଇଯିବା ପୂର୍ବରୁ ସତେଅବା ଗୋଟିଏ ରଶ୍ମି ସେପାଖରୁ ଆସି ଆମକୁ ସ୍ପର୍ଶ କରିଯାଏ । ଅନ୍ତର ଭିତରେ ନିଷ୍ଠା ଓ ବଳ ରହିଥିଲେ ଆମେ ସେହି ପ୍ରଭାମୟ ପ୍ରଜ୍ଞାପନଟିକୁ ଅବିଚଳ ବିଶ୍ୱାସର ସହିତ ନିଜର କରି ରଖିପାରୁ ଏବଂ ଇନ୍ଦ୍ରିୟମନର ସୀମାତିକ୍ରମ କରି ଚେତନାର ଆଉ ଏକ ଅନ୍ୟଲୋକର,—ପ୍ରତିବୋଧଲୋକର—ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିପାରୁ ।

କାରଣ ଟିକିଏ ଅଧିକ ଯତ୍ନଶୀଳଭାବରେ ପରୀକ୍ଷା କରି ଦେଖିଲେ ଆମେ ଏହି ପ୍ରତିବୋଧକୁ ଆମର ପ୍ରଥମ ଶିକ୍ଷକ ବୋଲି ନିଶ୍ଚୟ ଜାଣିପାରିବା । ଆମର

'oaob.nitrkl.ac.in' images reprocessed

ଯାବତୀୟ ମାନସିକ କାରବାର ପଛରେ ପ୍ରତିବୋଧ ସତତ ପ୍ରଚ୍ଛନ୍ନ ହୋଇ ରହିଥାଏ । ଏହି ପ୍ରତିବୋଧହିଁ ମନୁଷ୍ୟ ଲାଗି ଅବିଜ୍ଞାତ ଲୋକାତୀତତାର କ୍ଷେତ୍ରରୁ ଯେଉଁ ଆଲୋକମୟ ସନ୍ଦେଶମାନ ବହନ କରିଆଣେ, ସେହିଗୁଡ଼ିକହିଁ ତାହାଭିତରେ ମହତ୍ତର ଜ୍ଞାନର ଆକାଙ୍କ୍ଷା ଜାଗ୍ରତ କରାଇଥା'ନ୍ତି । ସେହି ଆଲୋକ-ପରସରୁ କି କି ଲାଭ ମିଳିପାରିବ, କେବଳ ସେଇକଥାଟିକୁ ପରୀକ୍ଷା କରି ଦେଖିବାଲାଗି ପରେ ବୁଦ୍ଧି ଆସି ପହଞ୍ଚେ । ଆମେ ଯାହାସବୁ ଜାଣୁ ବା ଆପଣାକୁ ଯାହାବୋଲି ମନେକରୁ, ସେସବୁକୁ ଅତିକ୍ରମ କରି ଆଉକିଛି ଯେ ଅବଶ୍ୟ ରହିଛି, ପ୍ରତିବୋଧ ଆମ ଭିତରେ ତାହାରି ବୋଧକୁ ଜାଗ୍ରତ କରାଏ । ଆମର ନିମ୍ନତର ବ୍ୟାବହାରିକ ବୁଦ୍ଧି ଓ ନିତ୍ୟ-ସାଧାରଣ ଅନୁଭୂତି ଆମକୁ ଠିକ୍ ବିପରୀତ ପ୍ରମାଣମାନ ଆଣି ଦେଉଥିଲେହେଁ ସେହି ବୋଧ ଆମକୁ କଦାପି ଛାଡ଼ିଯାଏ ନାହିଁ । ସେହି ପ୍ରତିବୋଧହିଁ ଈଶ୍ୱର, ଅମୃତତ୍ୱ, ସ୍ୱର୍ଗ ଇତ୍ୟାଦି ଅଧିକ ଭାବାତ୍ମକ କଳ୍ପନାଗୁଡ଼ିକ ଜରିଆରେ ସେହି ଅରୂପବୋଧକୁ ରୂପ ଦେବାଲାଗି ମନକୁ ପ୍ରେରିତ କରିଥାଏ । ପ୍ରକୃତିର ମର୍ମରୁ ଉଦ୍‌ଭୂତ ଏହି ପ୍ରତିବୋଧ ଠିକ୍ ପ୍ରକୃତି ପରି ଶକ୍ତିଶାଳୀ ଏବଂ ବୁଦ୍ଧିର ବିରୋଧ ଅଥବା ବ୍ୟାବହାରିକ ଅନୁଭୂତିର ଖଣ୍ଡନକୁ ଏହା କୌଣସିପ୍ରକାର ଭ୍ରୂକ୍ଷେପ କରେ ନାହିଁ । ସ୍ୱୟଂ ସତ୍‌ସ୍ୱରୂପ ହୋଇଥିବାରୁ ପ୍ରତିବୋଧ ସତ୍‌ର ସ୍ୱରୂପକୁ ଜାଣିଥାଏ । ପ୍ରତିବୋଧ ସ୍ୱୟଂ ସତ୍‌ସ୍ୱରୂପକୁ ଧାରଣ କରିଥାଏ ଓ ସେଇଥିରୁ ଉଦ୍‌ଭୂତ ହୋଇଥାଏ । ତେଣୁ ସତ୍‌ର କେବଳ ବିଭୂତି କିମ୍ବା ପ୍ରତିଭାସର କୌଣସି ଶାସନ ପାଖରେ ତାହା ମୁଣ୍ଡ ନୁଆଁଏ ନାହିଁ । ପ୍ରତିବୋଧ ଆମକୁ ନିର୍ବିଶେଷ ସତ୍ତ୍ୱର ଯେତେ ପରିଚୟ ଦିଏ ନାହିଁ, ସତ୍‌ସ୍ୱରୂପ ବିଷୟରେ ତା'ଠାରୁ ଅଧିକ ପରିଚୟ ଆଣି ଦେଇଥାଏ । କାରଣ ଆମରି ଭିତରେ ରହିଥିବା ଯେଉଁ ଆଲୋକବିନ୍ଦୁଟି ଦିନେ ଆମ ନିଜର ଆତ୍ମପରିଚୟର ଦ୍ୱାରକୁ ଉନ୍ମୋଚିତ କରି ଦେଇଥିଲା, ସେହି ବିନ୍ଦୁରୁହିଁ ପ୍ରତିବୋଧର ଉତ୍ପତ୍ତି ହୋଇଥାଏ ଏବଂ ସେଇଥିଲାଗିହିଁ ପ୍ରତିବୋଧ ଭିତରେ ଏହାର ବିଶେଷ ସାମର୍ଥ୍ୟଗୁଡ଼ିକ ରହିଥାଏ । ପ୍ରାଚୀନ ବେଦାନ୍ତ ପ୍ରତିବୋଧର ଏହି ବାଣୀଟିର ପରିଚୟ ଲାଭ କରିଥିଲା ଏବଂ "ଅହଂ ବ୍ରହ୍ମାସ୍ମି", "ତତ୍ତ୍ୱମସି ଶ୍ୱେତକେତୋ" ଏବଂ "ସର୍ବଂ ହ୍ୟେତଦ୍ ବ୍ରହ୍ମ", "ଅୟମାତ୍ମା ବ୍ରହ୍ମ",—ଉପନିଷଦର ଏହି ତିନୋଟି ମହାବାକ୍ୟରେ ତାହାର ଘୋଷଣା କରିଥିଲା ।

କିନ୍ତୁ ପ୍ରତିବୋଧ ସ୍ୱଭାବତଃ ଅନ୍ତରାଳରେ ରହି ମନୁଷ୍ୟ ଭିତରେ କାର୍ଯ୍ୟ କରିଥାଏ । ମନୁଷ୍ୟ ଭିତରେ ଯେଉଁସବୁ କ୍ଷେତ୍ର ବହୁଳାଂଶରେ ଅପ୍ରବୁଦ୍ଧ ହୋଇରହିଛି ଓ ଯାହାର ପ୍ରକାଶ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇ ନାହିଁ, ପ୍ରତିବୋଧ ପ୍ରଧାନତଃ ସେହିଠାରେ କାର୍ଯ୍ୟ କରେ । ସେଠାରେ ଜାଗ୍ରତ ଭୂମିର ଅପରିସର ଆଲୋକରେ

'oaob.nitrkl.ac.in' images reprocessed

ଯେଉଁସବୁ ସାଧନ ତାହାର ବାହକ ଓ ପରିପୂରକ ହୋଇ ରହିଥା'ନ୍ତି, ସେଗୁଡ଼ିକ ମଧ୍ୟ ପ୍ରତିବୋଧର ବାଣୀସଙ୍କେତଗୁଡ଼ିକୁ ସମ୍ପୂର୍ଣ୍ଣ ବ୍ୟଞ୍ଜନା ଦେଇ ଗ୍ରହଣ କରି ପାରନ୍ତି ନାହିଁ । ତେଣୁ ଆମ ପ୍ରକୃତି ଯେପରି ସୁଶୃଙ୍ଖଳିତ ଓ ସଂବଦ୍ଧଭାବରେ ସତ୍ୟକୁ ଗ୍ରହଣ କରିବାକୁ ଇଚ୍ଛା କରୁଥାଏ, ପ୍ରତିବୋଧ ଆମକୁ ସେହି ସତ୍ୟକୁ ସେପରି ଭାବରେ ଆଦୌ ଦେଇ ପାରେ ନାହିଁ । ଆମ ଭିତରେ ଅପରୋକ୍ଷ ଜ୍ଞାନର ଏଭଳି କୌଣସି ପୂର୍ଣ୍ଣରୂପତା ସମ୍ଭବ କରାଇବା ପୂର୍ବରୁ ପ୍ରତିବୋଧକୁ ଆମ ବହିଃଚେତନାର କ୍ଷେତ୍ରଟିରେ ମଧ୍ୟ ଆପଣାକୁ ସଂଗଠିତ କରିବାକୁ ପଡ଼େ ଏବଂ ସେଠାରେ ସର୍ବପ୍ରଧାନ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼େ । ମାତ୍ର ଆମ ଚେତନାକ୍ଷେତ୍ରର ବହିର୍ଭାଗରେ ପ୍ରତିବୋଧ ପରିବର୍ତ୍ତେ ବୁଦ୍ଧିହିଁ ସଂଗଠିତ ହୋଇ ରହିଥାଏ ଏବଂ ଆମର ସକଳ ଅବଧାରଣା, ଭାବନା ଓ କ୍ରିୟାଗୁଡ଼ିକୁ ସଂଗଠିତ କରି ରଖିବାରେ ଆମକୁ ସାହାଯ୍ୟ କରୁଥାଏ । ଏହି ପ୍ରୟୋଜନର ବଶବର୍ତ୍ତୀ ହୋଇ ହୁଏତ ଉପନିଷଦବର୍ଣ୍ଣିତ ପ୍ରାଚୀନ ବୈଦାନ୍ତିକ ବିଗ୍ରହଦ୍ୱାରା ପ୍ରତିଷ୍ଠିତ ହୋଇଥିବା ପ୍ରତିବୋଧ-ଜ୍ଞାନର ଯୁଗଟି ଯାଇ ବୁଦ୍ଧିସଂବଳିତ ଜ୍ଞାନର ଯୁଗଟି ଆସିବା ଆବଶ୍ୟକ ହୋଇଥିଲା । ପ୍ରେରଣାପ୍ରସୂତ ଶ୍ରୁତିର ଯୁଗ ଯାଇ ତତ୍ତ୍ୱଜ୍ଞାନପ୍ରଧାନ ଦର୍ଶନର ଯୁଗ ଆସିଲା । ପରବର୍ତ୍ତୀ ଏକ ଯୁଗରେ ଯେଉଁଭଳି ପ୍ରୟୋଗମୂଳକ ବିଜ୍ଞାନ ତତ୍ତ୍ୱଜ୍ଞାନ-ଦର୍ଶନର ସ୍ଥାନକୁ ଆସି ମାଡ଼ିବସିଲା, ଠିକ୍ ସେହି-ପରି ଅତିଚେତନର କ୍ଷେତ୍ରରୁ ଏକ ବାର୍ତ୍ତାବହ ରୂପେ ଆସୁଥିବା ଏବଂ ତେଣୁ ଆମର ମହତ୍ତମ ସାମର୍ଥ୍ୟରୂପେ ପ୍ରତିଷ୍ଠିତ ହୋଇଥିବା ପ୍ରତିବୋଧୀ ଭାବନାକୁ ସ୍ଥାନାନ୍ତରିତ କରି ତାହାର କେବଳ ପ୍ରତିନିଧିତ୍ୱ କରୁଥିବା ଓ ଆମ ସତ୍ତାସ୍ୱତନର ମଧ୍ୟସ୍ତରରେ ଅବସ୍ଥିତ ରହିଥିବା ଶୁଦ୍ଧ ବୁଦ୍ଧି ଆସିଲା । ପୁଣି କେତେ କାଳଯାଏ ବୁଦ୍ଧିର ବିମିଶ୍ରିତ ବୃତ୍ତି ଶୁଦ୍ଧ ବୁଦ୍ଧିର ସ୍ଥାନ ଅଧିକାର କଲା । ଆମ ସତ୍ତାର ସମତଳ ଓ ନିମ୍ନତର ଉଚ୍ଚତା-ଗୁଡ଼ିକରେହିଁ ଏହାର ଅବସ୍ଥିତି । ଭୌତିକ ସ୍ତରରେ ରହିଥିବା ଆମର ମନ, ଆମର ଇନ୍ଦ୍ରିୟଚୟ ବା ଇନ୍ଦ୍ରିୟଗୁଡ଼ିକର ସହାୟକ ହୋଇପାରିବା ଲାଗି ଆମଦ୍ୱାରା ଉଦ୍‌ଭାବିତ ଯନ୍ତ୍ରସାଧନମାନ ଆମଲାଗି ଯେତିକ ଅନୁଭୂତି ଆଣି ଦେଇପାରିବେ, ବୁଦ୍ଧିର ବିମିଶ୍ରିତ ବୃତ୍ତି ଆପଣା ଦୃଷ୍ଟିରେ ତାହାର ଦିଗ୍‌ବଳୟଟିକୁ କଦାପି ଅତିକ୍ରମ କରିପାରେ ନାହିଁ । ଏବଂ ଏହି ପ୍ରକ୍ରିୟାଟି ଏକ ଅବରୋହଣ ପରି ମନେ ହେଉ-ଥିଲେହେଁ ଆମେ ଯଥାର୍ଥରେ ଏହାକୁ ପ୍ରଗତିର ଏକ ବୃତ୍ତପରିକ୍ରମାରୂପେ ବିଚାର କରିପାରିବା । କାରଣ ଏହାର ପ୍ରତ୍ୟେକ ସୋପାନରେ ନିମ୍ନତର ସ୍ତରର ସାମର୍ଥ୍ୟଟିକୁ ଊର୍ଦ୍ଧ୍ୱତର ସ୍ତରର ଅବଦାନଟିକୁ ଯଥାସମ୍ଭବ ଆତ୍ମସାତ୍ କରିବାକୁ ହୁଏ ଏବଂ ଆପଣାର ପଦ୍ଧତିଗୁଡ଼ିକଦ୍ୱାରା ତାହାର ପୁନଃପ୍ରତିଷ୍ଠା କରିବାକୁ ହୁଏ । ଏହି ପ୍ରୟାସଟିଦ୍ୱାରା ନିମ୍ନତର ସ୍ତରର ସାମର୍ଥ୍ୟଟିର ସଞ୍ଚାରକ୍ଷେତ୍ରଟିହିଁ ଅଧିକ ପ୍ରସାରିତ ହୋଇଯାଏ ଏବଂ ଅବଶେଷରେ ଊର୍ଦ୍ଧ୍ୱସ୍ତରର ସାମର୍ଥ୍ୟଟି ସହିତ ନିଜକୁ ଖାପ ଖୁଆଇ ନେଇ

'oaob.nitrkl.ac.in' images reprocessed

ପାଇବାଲାଗି ତାହାମଧ୍ୟରେ ଆବଶ୍ୟକ ଔଦାର୍ଯ୍ୟ ଓ ପ୍ରାଚୁର୍ଯ୍ୟର ବିକାଶ ଘଟିଥାଏ । ଆମର ବୃତ୍ତି ବା ସାମର୍ଥ୍ୟଗୁଡ଼ିକ ଯଦି ଏହିପରି ଏକ କ୍ରମପର୍ଯ୍ୟାୟରେ ପ୍ରାକ୍ତନ ଭୂମିକୁ ଆତ୍ମସାତ୍ କରି ଆପେ ପୁଷ୍ଟ ହେଉ ନ ଥା'ନ୍ତେ, ତେବେ ଆମେ ଆମ ସ୍ୱଭାବର କେବଳ ଗୋଟିଏ ଅଂଶମାତ୍ରର ଐକାନ୍ତିକ ଆଧିପତ୍ୟ ଭିତରେ ରହିବାକୁ ବାଧ୍ୟ ହେଉଥା'ନ୍ତେ ଏବଂ ଅବଶିଷ୍ଟ ଅନ୍ୟ ଅଂଶ ବା ଅନ୍ୟ ବିଭାଗଗୁଡ଼ିକ ହୁଏତ କ୍ଷୀଣଜୀବୀ ହୋଇ ରହିଯାଉଥା'ନ୍ତେ, କିମ୍ବା ସେହି ଗୋଟିକର ଶାସନଦ୍ୱାରା ଅଯଥା ବାଧ୍ୟ ହୋଇ ରହୁଥା'ନ୍ତେ ଅଥବା ପରସ୍ପରର କ୍ଷେତ୍ରରେ ପରସ୍ପରଠାରୁ ଅଲଗା ଅଲଗା ହୋଇ ରହିବାରୁ ଆପଣା ଆପଣାର ବିକାଶରେ ପ୍ରତ୍ୟେକେ ବଡ଼ କୁଣ୍ଠିତ ଓ ଦରିଦ୍ର ହୋଇ ରହୁଥା'ନ୍ତେ । ମାତ୍ର ଚେତନାର ପ୍ରଗତିରେ ଏହିପରି ଏକ କ୍ରମ ଓ ସ୍ୱାତନ୍ତ୍ର୍ୟ ରହିଛି ବୋଲି ଭାରସାମ୍ୟଟି ମଧ୍ୟ ଅକ୍ଷୁଣ୍ଣ ରହିଛି ଏବଂ ଆମ ଜ୍ଞାନବୃତ୍ତିର ବିଭିନ୍ନ ବିଭାବ ମଧ୍ୟରେ ଏକ ପୂର୍ଣ୍ଣତର ସୁସମତା ଆଣିବାଲାଗି କ୍ଷେତ୍ର ପ୍ରସ୍ତୁତ ହୋଇପାରିଛି ।

ଉପନିଷଦ ଓ ତତ୍ପରବର୍ତ୍ତୀ ଭାରତୀୟ ଦର୍ଶନଗୁଡ଼ିକରେ ଆମେ ଏହି କ୍ରମଟି ଦେଖିବାକୁ ପାଉ । ବେଦ ଓ ବେଦାନ୍ତର ଋଷିମାନେ ପ୍ରତିବୋଧ ତଥା ଆଧ୍ୟାତ୍ମିକ ଅନୁଭୂତି ଉପରେହିଁ ପୂର୍ଣ୍ଣରୂପେ ଆସ୍ଥା ରଖୁଥିଲେ । କେବଳ ଏକ ଭ୍ରାନ୍ତ ଅନୁମାନର ବଶବର୍ତ୍ତୀ ହୋଇହିଁ ପଣ୍ଡିତମାନେ ବେଳେବେଳେ ଉପନିଷଦରେ ରହିଥିବା ବଡ଼ବଡ଼ ତର୍କାଲୋଚନାର ପ୍ରସଙ୍ଗ ଅବତାରଣା କରିଥା'ନ୍ତି । ଉପନିଷଦରେ ଯେଉଁଠି ହୁଏତ ଏକ ମତଭେଦର ପ୍ରସଙ୍ଗ ରହିଥିବାର ଅନୁମାନ କରାଯାଏ, ସେଠାରେ ମଧ୍ୟ ତର୍କ, ବିତର୍କ କିମ୍ବା ନ୍ୟାୟବୁଦ୍ଧି ସାହାଯ୍ୟରେ ସତ୍ୟ-ନିରୂପଣରେ କୌଣସି ପ୍ରୟାସ କରାଯାଇ ନାହିଁ । ସେଠାରେ ପ୍ରତିବୋଧ ଓ ଅନୁଭୂତିଗୁଡ଼ିକରହିଁ ଏକ ତୁଳନାତ୍ମକ ବିଚାର କରାଯାଇଛି । ଅଳ୍ପତର ଆଲୋକର ଦ୍ରଷ୍ଟା ଅଧିକ ଆଲୋକର ଦ୍ରଷ୍ଟାଙ୍କୁ ବାଟ ଛାଡ଼ିଦେଇଛି; ସଙ୍କୀର୍ଣ୍ଣତର, ଭ୍ରାନ୍ତତର ଓ ଅସାରତର ପ୍ରତ୍ୟୟ ଅଧିକ ସମଗ୍ର, ଅଧିକ ପୂର୍ଣ୍ଣ ତଥା ଅଧିକ ସାରଗର୍ଭକୁ ବାଟ ଛାଡ଼ିଦେଇଛି । "ଆପଣ କ'ଣ ଜାଣିଛନ୍ତି ?"—ଜଣେ ଋଷି ଆଉଜଣଙ୍କୁ ସେଠି ଏହି ପ୍ରଶ୍ନଟି ପଚାରିଛନ୍ତି; "ଆପଣ କ'ଣ ଭାବୁଛନ୍ତି ?" କିମ୍ବା "ବୁଦ୍ଧିଯୁକ୍ତିର ବାଟରେ ଯାଇ ଆପଣ କେଉଁ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ?" ବୋଲି ପଚାରି ନାହାନ୍ତି । ବେଦାନ୍ତର କୌଣସି ସତ୍ୟର ପ୍ରତିପାଦନ କରିବାଲାଗି ଯେ କେଉଁଠି ନ୍ୟାୟବୁଦ୍ଧିର ଆଶ୍ରୟ ନିଆଯାଇଛି, ଆମେ ଉପନିଷଦରେ ତାହାର ଚିହ୍ନହିଁ ପାଇବା ନାହିଁ । ଏକ ପୂର୍ଣ୍ଣତର ବୋଧ ଦ୍ୱାରାହିଁ ବୋଧର ସଂଶୋଧନ କରିବାକୁ ହେବ, ନ୍ୟାୟବୁଦ୍ଧିର କୌଣସି ଯୁକ୍ତି ଏଠାରେ କଦାପି ବିଚାରକ ହୋଇ ବସିବ ନାହିଁ,—ପ୍ରାଚୀନ ଋଷିମାନେ ଏହି ରୀତିଟିକୁ ମାନି ନେଇଥିବାପରି ମନେ-ହେଉଛି ।

'oaob.nitrkl.ac.in' images reprocessed

ତଥାପି ମନୁଷ୍ୟର ବୁଦ୍ଧି କେବଳ ଆପଣା ମାର୍ଗରେହିଁ ବୁଝିବାକୁ ଚାହେଁ, ନ ହେଲେ ତା'ର ତୃପ୍ତି ହୁଏ ନାହିଁ । ତେଣୁ ବୁଦ୍ଧିବାଦୀ ତର୍କାନୁମାନର ଯୁଗଟି ଆସି ପହଞ୍ଚିବା ପରେ ପରେ, ଅନ୍ତତଃ ପରମ୍ପରାଟି ପ୍ରତି ସେମାନଙ୍କର ଶ୍ରଦ୍ଧାକୁ ତଥାପି ଅକ୍ଷୁଣ୍ଣ ରଖି ଭାରତୀୟ ଦାର୍ଶନିକମାନେ ଆପଣାର ସତ୍ୟାନୁସନ୍ଧାନରେ ଏକ ଦ୍ୱୈତ ଧାରାର ପ୍ରବର୍ତ୍ତନ କରାଇଥିଲେ । ଶ୍ରୁତି ବା ପ୍ରତିବୋଧ-ପ୍ରସୂତ ପ୍ରାଚୀନ ଜ୍ଞାନ ସମ୍ପଦ-ଗୁଡ଼ିକୁ ସେମାନେ ଆପ୍ତବଚନ ବୋଲି କହିଲେ ଓ ତାହାର ପ୍ରାମାଣିକତାକୁ ବୁଦ୍ଧିପ୍ରମାଣଠାରୁ ଊର୍ଦ୍ଧ୍ୱତର ବୋଲି ସ୍ୱୀକାର କଲେ । ମାତ୍ର ଏଣେ ସେମାନେ ବୁଦ୍ଧିରୁହିଁ ଆପଣାର ଜିଜ୍ଞାସା ଆରମ୍ଭ କଲେ ଏବଂ ତଦ୍ୱାରା ଲବ୍ଧ ସିଦ୍ଧାନ୍ତଗୁଡ଼ିକୁ ପରୀକ୍ଷା କରିବାକୁ ଯାଇ କେବଳ ଯେଉଁଗୁଡ଼ିକ ଶ୍ରୁତିଦ୍ୱାରା ସମର୍ଥିତ ହୋଇପାରିଲା, ସେହିଗୁଡ଼ିକୁହିଁ ପ୍ରାମାଣିକ ବୋଲି ଗ୍ରହଣ କରିନେଲେ । ଏହିପରି ଭାବରେ ସେମାନେ କେତେକ ପରିମାଣରେ ତାତ୍ତ୍ୱିକ ତର୍କସମୀକ୍ଷାର ବାଧକ ଅପରାଧରୁ ଆପଣାକୁ ବଞ୍ଚାଇ ରଖି ପାରିଥିଲେ । ଆମର ବ୍ୟବହୃତ ଶବ୍ଦଗୁଡ଼ିକ ମୂଳତଃ ପ୍ରତୀକପରି କାର୍ଯ୍ୟ କରିଥା'ନ୍ତି । ତେଣୁ ସେଗୁଡ଼ିକୁ ଅତି ଯତ୍ନଶୀଳ ଭାବରେ ପରୀକ୍ଷା କରି ଦେଖିବାକୁ ହୁଏ ଏବଂ ସେଗୁଡ଼ିକ ଯେଉଁ ସତ୍ୟର ପ୍ରତୀକ ଭାବେ ବ୍ୟବହୃତ ହୋଇଥା'ନ୍ତି, ସେହି ସତ୍ୟର ଅର୍ଥବ୍ୟଞ୍ଜନା ଉପରେହିଁ ସେଗୁଡ଼ିକୁ ସତତ ବିଚାର କରିବାକୁ ହୋଇଥାଏ । ମାତ୍ର ତତ୍ତ୍ୱବିଜ୍ଞାନୀମାନେ ଏହି ଶବ୍ଦଗୁଡ଼ିକୁହିଁ ସତ୍ୟସାର ରୂପେ ଗ୍ରହଣ କରିନଅନ୍ତି ଓ ଶୂନ୍ୟ ଉପରେ ଲଢ଼ାଇ କରିବାର ମନୋଭାବ ଦେଖାଇଥା'ନ୍ତି । ଭାରତୀୟ ଦାର୍ଶନିକ-ମାନଙ୍କର ତର୍କାନୁମାନଗୁଡ଼ିକ ପ୍ରଥମ ଅବସ୍ଥାରେ କେନ୍ଦ୍ରରେ ରହିଥିବା ସେହି ସର୍ବୋଚ୍ଚ ଓ ଗଭୀରତମ ଅନୁଭୂତିର ସମୀପବର୍ତ୍ତୀ ହୋଇ ରହିବାର ଅଭିଳାଷ ରଖିଥିଲା ଏବଂ ବୁଦ୍ଧି ତଥା ପ୍ରତିବୋଧ, ଏହି ଦୁଇଟିଯାକ ପ୍ରାମାଣିକତାର ସମ୍ମିଳିତ ସ୍ୱୀକୃତି ଲାଭ କରିହିଁ ଅଗ୍ରସର ହେଉଥିଲା । ମାତ୍ର ଆପଣାର ଅଧିପତିତ୍ୱଟାକୁ ଜାରି ରଖିବାଲାଗି ବୁଦ୍ଧିଭିତରେ ସ୍ୱଭାବତଃ ଯେଉଁ ପ୍ରବଣତାଟି ରହିଛି, ତାହାହିଁ କ୍ରମେ ବିଜୟ ଲାଭ କଲା ଓ କାର୍ଯ୍ୟତଃ ଆପଣାକୁ ଆଉ ପ୍ରତିବୋଧର ଅନୁଗତ ବୋଲି ବିଚାର କଲା ନାହିଁ । ସେଇଥିରୁହିଁ ପରସ୍ପର-ବିବଦମାନ ଦୁଇଟି ଧାରାର ଉଦ୍‌ଗମ ହେଲା । ପ୍ରତ୍ୟେକେ ଆପଣାକୁ ତତ୍ତ୍ୱତଃ ସେହି ଶ୍ରୁତି ଉପରେହିଁ ପ୍ରତିଷ୍ଠିତ କରି ରଖିଲେ, ଏବଂ ଶ୍ରୁତିର ବାକ୍ୟଗୁଡ଼ିକୁ ପରସ୍ପରର ଉଦ୍ଦେଶ୍ୟରେ ଅସ୍ତ୍ରରୂପେ ପ୍ରୟୋଗ କରିବାକୁ ଲାଗିଲେ । କାରଣ ପ୍ରତିବୋଧଲବ୍ଧ ସର୍ବୋଚ୍ଚ ଜ୍ଞାନ ସବୁକଥାକୁ ସମଗ୍ରରୂପେ ଦେଖିଥାଏ, ସକଳ ବିଶଦତାକୁ ଏକ ଅବିଭାଜ୍ୟ ସମଗ୍ରତାର ବିଭିନ୍ନ ଦିଗରୂପେ ଦେଖିଥାଏ । ତେଣୁ ପ୍ରତିବୋଧ ସର୍ବଥା ସମନ୍ୱୟ ତଥା ଜ୍ଞାନକ୍ଷେତ୍ରର ଏକତ୍ୱ ଆଡ଼କୁ ଅଭିମୁଖୀ ହୋଇ ରହିଥାଏ । ମାତ୍ର ବୁଦ୍ଧି ବିଶ୍ଳେଷଣ ଓ ବିଭାଜନଦ୍ୱାରାହିଁ ବାଣ୍ଟି ଚାଲେ ଏବଂ ଲବ୍ଧ ଖଣ୍ଡିତ ତଥ୍ୟଗୁଡ଼ିକୁ ଏକାଠି କରି ଏକ ସମଗ୍ରାକୃତି ଗଢ଼ିବାଲାଗି ଚେଷ୍ଟା କରେ ।

'oaob.nitrkl.ac.in' images reprocessed

ମାତ୍ର ଏହି ସମସ୍ତାକୃତ ତଥ୍ୟସ୍ତୂପ ଭିତରେ କେତେ କେତେ ବିରୋଧ, ବୈଷମ୍ୟ ଏବଂ ତର୍କଗତ ଅସଙ୍ଗତ ଭର୍ତ୍ତିହୋଇ ରହିଥାଏ । ତେଣୁ ଏପରି ପରିସ୍ଥିତିରେ ବୁଦ୍ଧି ସ୍ୱଭାବତଃ ସେଥିରୁ କେତୋଟିକୁ ସିଦ୍ଧାନ୍ତ ରୂପେ ସ୍ୱୀକାର କରିନିଏ ଓ ସେହି ଅନୁସାରେ ସେଗୁଡ଼ିକ ସହିତ ସଂଗତ ରହୁ ନ ଥିବା ଅନ୍ୟଗୁଡ଼ିକୁ ବର୍ଜନ କରି ରଖିବାର ମନୋଭାବ ଦେଖାଯାଏ । ଏହିପରି ଭାବରେହିଁ ସେ ଏକ ପ୍ରମାଦଶୂନ୍ୟ ତର୍କପ୍ରତିଷ୍ଠିତ ମଣ୍ଡଳ ଗଢ଼ିବାରେ ସମର୍ଥ ହେବବୋଲି ଭାବିଥାଏ । ଏହିପରି ଏକ ବିକାଶମାର୍ଗରେ ପଡ଼ି ପ୍ରତିବୋଧୀଜ୍ଞାନର ସେହି ପ୍ରାଚୀନ ଏକତ୍ୱଭାବନା କ୍ରମେ ଖଣ୍ଡଖଣ୍ଡ ହୋଇଗଲା, ଏବଂ ତାର୍କିକର ତୀକ୍ଷ୍ଣ ମେଧା ବଡ଼ ଅଦମ୍ୟ ଭାବରେ କେତେ କୌଶଳ, ଭାଷ୍ୟଶୈଳୀ ଓ ସୂକ୍ଷ୍ମମୀମାଂସାର କେତେ ମାନ ଆବିଷ୍କାର କରି ଥୋଇଦେବାକୁ ଲାଗିଲା । ସେହି ତୀକ୍ଷ୍ଣତାର ସମ୍ମୁଖରେ ପଡ଼ି ଅସୁବିଧାଜନକ ମନେ ହେଉଥିବା କେତେ ଶ୍ରୁତିବାକ୍ୟ ବସ୍ତୁତଃ କାଟ ଖାଇଗଲା ଏବଂ ସେବିଷୟରେ କଳ୍ପନା-ଜଳ୍ପନା କରିବା ପାଇଁ ଦାର୍ଶନିକମାନଙ୍କୁ ଅବାଧ ସ୍ୱାଧୀନତା ମିଳିଗଲା ।

ତଥାପି ପ୍ରାଚୀନ ବେଦାନ୍ତର ମୂଳ ସତ୍ୟକଳ୍ପନାଗୁଡ଼ିକ ବିଭିନ୍ନ ଦର୍ଶନମତ ଭିତରେ ବିକ୍ଷିପ୍ତହୋଇ ବଞ୍ଚି ରହିଲା ଏବଂ ସେଗୁଡ଼ିକୁ ଏକତ୍ର ସଂଗୃହୀତ କରି ସେହି ପୁରାତନ ଔଦାର୍ଯ୍ୟ ଓ ପ୍ରତିବୋଧୀ ଏକତ୍ୱଦୃଷ୍ଟିର ଚରିତ୍ରକୁ ପୁଣି ଜାଗ୍ରତ କରିବାଲାଗି ମଝିରେ ମଝିରେ ଚେଷ୍ଟା କରାଯାଇଥିଲା । ଏବଂ ବହୁଭାବେ ପରିବର୍ତ୍ତିତ ହୋଇଥିବା ସେହି ପ୍ରୟାସଗୁଡ଼ିକ ମଧ୍ୟରେ ମୂଳ କଳ୍ପନାରୂପେ ଉପନିଷଦର ପୁରୁଷ, ଆତ୍ମା ବା ସଦ୍‌ବ୍ରହ୍ମର କଳ୍ପନାଟି ମଧ୍ୟ ବଞ୍ଚିରହିଲା । ବୁଦ୍ଧିର ପାଚନ ଦେଇ ସେଗୁଡ଼ିକୁ ଅନେକ ସମୟରେ କେବଳ ଏକ କଳ୍ପନା ବା ମାନସିକ ଅବସ୍ଥାରୂପେ ଚିତ୍ରଣ କରାଗଲା, ମାତ୍ର ତଥାପି ଏଥିରେ ରହିଥିବା ଅନିର୍ବଚନୀୟତାର ସଙ୍କେତଟି ବଞ୍ଚିରହିଲା । ସମ୍ପ୍ରତିର ଯେଉଁ ଗତିକୁ ଆମେ ଜଗତ୍ ବୋଲି କହୁ, ପରମ ଅଖଣ୍ଡତା ସହିତ ତାହାର କିଭଳି ସମ୍ବନ୍ଧ ରହିଛି, ଏବଂ ସେହି ଚଳମାନତାର କାର୍ଯ୍ୟ ବା କାରଣ ଯାହା ହୋଇଥିଲେ ମଧ୍ୟ ଅହଂ ଯେ କିପରି ବେଦାନ୍ତ-ଉଦ୍‌ଘୋଷିତ ସେହି ଆତ୍ମା, ଦେବତ୍ୱ ବା ପରମସତ୍ତା ପାଖକୁ ପୁଣି ଫେରିଆସି ପାରିବ, ବିଚାର ଓ ସାଧନାଗତ ଏହି ପ୍ରଶ୍ନଗୁଡ଼ିକହିଁ ଭାରତବର୍ଷର ଚିତ୍ତକୁ ଚିରକାଳ ଅଧିକାର କରି ରହିଆସିଛି ।

'oaob.nitrkl.ac.in' images reprocessed

## ନବମ ପରିଚ୍ଛେଦ

# ଶୁଦ୍ଧ ସତ୍

ସଦେବ······ଏକମେବାଦ୍ୱିତୀୟମ୍ ।

—ଛାନ୍ଦୋଗ୍ୟ ଉପନିଷଦ, ୬ । ୨ । ୧

"ଏକ, ଅଦ୍ୱିତୀୟ,—ସତ୍‌ସ୍ୱରୂପ ।"

ଅହଂକେନ୍ଦ୍ରିତ ଭାବରେ ସଙ୍କୀର୍ଣ୍ଣ ଓ ଚଞ୍ଚଳ ସ୍ୱାର୍ଥଭାବନାରେ ଲିପ୍ତ ହୋଇ ରହିବାରୁ ନିଜ ଦୃଷ୍ଟିକୁ ପ୍ରତ୍ୟାହାର କରି ଆଣି ଆମେ ଯେତେବେଳେ କେବଳ ସତ୍ୟର ସନ୍ଧାନ କରୁଥିବା ନିର୍ଲିପ୍ତ ଆଖିରେ ପୃଥିବୀ ଉପରେ ଦୃଷ୍ଟିପାତ କରୁ, ସେତେବେଳେ ପ୍ରଥମେହିଁ ଆମେ ଅନନ୍ତସତ୍ତାର ଏକ ଅସୀମ ଶକ୍ତି ଅନୁଭବ କରିଥାଉ । ସେହି ଅନନ୍ତ ସତ୍ତା ଏକ ଅନନ୍ତ ଗତି ଓ ଅନନ୍ତ କ୍ରିୟାବୈପୁଲ୍ୟରେ ସୀମାହୀନ ଦେଶ ଓ ଶାଶ୍ୱତ କାଳଭିତରେ ଆପଣାକୁ ଅକାଡ଼ି ଦେବାରେ ଲାଗିଛି । ସେହି ସତ୍ତା ଆମର ଅହଂ, ଯେକୌଣସି ଅହଂ କିମ୍ବା ଯେକୌଣସି ଅହଂସମଷ୍ଟିକୁ ଅନନ୍ତ ଯୋଜନ ଅତିକ୍ରମ କରି ଚାଲିଯାଇଛି । ସେହି ସତ୍ତାର ତରଙ୍ଗ ଉପରେ କେତେକେତେ କଳ୍ପର ବିପୁଳ ଐଶ୍ୱର୍ଯ୍ୟମାନ କେବଳ କ୍ଷଣକର ଧୂଳିକଣାଟିଏ ପରି ମନେହେଉଛି, ତାହାର ଅଗଣନୀୟ ଅଙ୍କପରିମାଣରେ କେତେକେତେ ପରାର୍ଦ୍ଧ କେବଳ ନଗଣ୍ୟ ଏକ ଗ୍ରାଣୀ ପରି ଗଣିହୋଇ ଯାଉଛି । ମାତ୍ର ଆପଣା ସହଜାତ ସଂସ୍କାରର ବଶବର୍ତ୍ତୀ ହୋଇ ଆମେ ଏପରି କାର୍ଯ୍ୟ କରିଥାଉ, ଅନୁଭବ କରୁ ଅଥବା ଜୀବନର ବିସ୍ତାର-ଜାଲଟିକୁ ବୁଣିବାରେ ଲାଗିଥାଉ, ଯେତେଯେପରି କେବଳ ଆମକୁହିଁ କେନ୍ଦ୍ର କରି ଓ ଆମରି ପ୍ରୟୋଜନ ତଥା ଇଷ୍ଟାନିଷ୍ଟ ଲାଗି ବିଶ୍ୱର ଏହି ବିପୁଳ ସ୍ପନ୍ଦନ ଆବର୍ତ୍ତିତ ହେବାରେ ଲାଗିଛି, ଏବଂ ମୁଖ୍ୟତଃ ଯେଉଁସବୁ ଅହଂଗତ ଅଭିଳାଷ, ସଂବେଗ, ଭାବନା ଓ ମାନକଳ୍ପନାର ଆୟତନ ଭିତରେ ଆମେ ଏକାନ୍ତ ଅନୁଲିପ୍ତ ହୋଇ ରହିଥାଉ, ସେହିଗୁଡ଼ିକର ଔଚିତ୍ୟକୁ ପ୍ରମାଣ କରିବାହିଁ ହେଉଛି ଯେତେଯେପରି ଏହି ବିପୁଳ ବିଶ୍ୱଶକ୍ତିର ଯଥୋଚିତ କାର୍ଯ୍ୟ ! ମାତ୍ର ଆମର ଦୃଷ୍ଟି ଖୋଲିଯିବା ମାତ୍ରକେ ଆମେ

'oaob.nitrkl.ac.in' images reprocessed

ଦେଖିବାକୁ ପାଉ ଯେ ଏହି ଶକ୍ତି ଓ ଏହି ସ୍ପନ୍ଦନ ଆମଲାଗି ନୁହେଁ, ମାତ୍ର ଆପଣାଲାଗିହିଁ ଆପଣାର ସ୍ୱକୀୟ ସ୍ୱାତନ୍ତ୍ର୍ୟରେ ପ୍ରତିଷ୍ଠିତ ରହିଛି । ଏହାର ସ୍ୱକୀୟ ଓ ବିପୁଳ ଲକ୍ଷ୍ୟମାନ ରହିଛି, ସ୍ୱକୀୟ ଓ ସୁସଂବଦ୍ଧ ଅସୀମ ବିସ୍ତୃତଯୋଜନା ରହିଛି, ଆପଣାର ସ୍ୱକୀୟ ବିପୁଳ ଅଭିଳାଷ ବା ଆନନ୍ଦର ପରିପୂରଣ ଲାଗି ଏହା ସତତ ଧାବମାନ ହେଉଛି । ଆପଣାର ବିପୁଳ ଓ ବରିଷ୍ଠ ପରିମାପକଗୁଡ଼ିକର ମଧ୍ୟଦେଇ ଏହା ସତେଅବା ଆମର କ୍ଷୁଦ୍ରତାଗୁଡ଼ିକୁ ସ୍ନେହଭରା କୌତୁକ ହାସ୍ୟର ଦୃଷ୍ଟିରେ ଗୃହିଁରହିଛି । ମାତ୍ର ଆମେ ତଥାପି ହଠାତ୍ ଅବିବେକୀ ଭାବରେ ଅନ୍ୟ ଅତିଶୟତାଟିର ଭିତରକୁ ଡେଇଁପଡ଼ି ଆପଣାର ଅକିଞ୍ଚନତା ଓ ନଗଣ୍ୟତାକୁହିଁ ଏକ ଏକାନ୍ତ ସତ୍ୟରୂପେ ମାନି ନେବା ନାହିଁ । କାରଣ ତାହାକୁ ମଧ୍ୟ ଏକ ଅଜ୍ଞାନପ୍ରଣୋଦିତ କାର୍ଯ୍ୟ ବୋଲି ଅବଶ୍ୟ କୁହାଯିବ, ଏବଂ ତାହା ବିଶ୍ୱର ମହାନ୍ ସତ୍ୟଗୁଡ଼ିକ ପ୍ରତି ଆଖିବୁଜି ଦେଲାଭଳି ହେବ ।

କାରଣ ବିଶ୍ୱମୟ ଏହି ସୀମାହୀନ କ୍ରିୟାସ୍ପନ୍ଦନ ଆମକୁ କଦାପି ତୁଚ୍ଛ ବା ଅକିଞ୍ଚନ ଜ୍ଞାନ କରେ ନାହିଁ । କେଡ଼େ ସୂକ୍ଷ୍ମ ଯତ୍ନଶୀଳ ଭାବରେ, କେତେ ନିପୁଣତା ସହକାରେ ଏବଂ କେଡ଼େ ଗଭୀର ଅଭିନିବେଶ ସହିତ ଯେ ଏହା ଆପଣାର ବୃହତ୍ତମ ତଥା କ୍ଷୁଦ୍ରତମ ସକଳ ସୃଷ୍ଟିର ସଂରକ୍ଷଣ ଓ ତତ୍ତ୍ୱାବଧାନ କରିଥାଏ, ବିଜ୍ଞାନରୁହିଁ ଆମେ ତାହାର ପରିଚୟ ପାଉ । ଏହି ମହାନ୍ ପରାକ୍ରମଶାଳୀ ଶକ୍ତି ପକ୍ଷପାତଶୂନ୍ୟ ଏକ ଜନନୀରୂପେ ସମଭାବରେ କାର୍ଯ୍ୟ କରୁଥାଏ । ଗୀତାର ମହାବାକ୍ୟରେ ଏହାକୁ 'ସମଂବ୍ରହ୍ମ' ବୋଲି କୁହାଯାଇଛି । ଏବଂ ଏକ ସୂର୍ଯ୍ୟମଣ୍ଡଳର ସୃଷ୍ଟି କରି ତାହାକୁ ଧାରଣ କରି ରଖିବାଲାଗି ଏହାକୁ ଯେତିକି ତୀବ୍ରତା ଓ ଶକ୍ତିର ସହିତ କାର୍ଯ୍ୟ କରିବାକୁ ହୋଇଥାଏ, ଗୋଟାଏ ଉଇହୁଙ୍କାର ଜୀବନକୁ ସଂଗଠିତ କରିବାଲାଗି ମଧ୍ୟ ସେତିକି ଶକ୍ତି ଖଟାଇବାକୁ ପଡ଼େ । ଆମେ ବାହାରୁ ଆକାର ଓ ପରିମାଣ ଦୃଷ୍ଟିରୁ ବିଚାର କରୁ, ତେଣୁ ଭ୍ରମରେ ପଡିଯାଉ; ଗୋଟିକୁ ବରିଷ୍ଠ ଓ ବଡ଼ ବୋଲି କହୁ ଓ ଅନ୍ୟଟିକୁ ସାମାନ୍ୟ ବା ଶ୍ରେଷ୍ଠ ବୋଲି ଭାବୁ । ମାତ୍ର ପରିମାଣସୂଚକ ସ୍ତୂପଆଡ଼କୁ ନ ଦେଖି ଗୁଣଶକ୍ତିର କଳନା କରିପାରିଲେ ଆମେ କ୍ଷୁଦ୍ର ଉଇ ବା ପିମ୍ପୁଡ଼ିକୁ ସିଏ ବାସ କରୁଥିବା ଏହି ସୌର ମଣ୍ଡଳଠାରୁ ବୃହତ୍ତର ବୋଲି କହିବାକୁ ଆରମ୍ଭ କରିବା ଏବଂ ସମଗ୍ର ଜଡ଼ଜଗତର ସ୍ତୂପୀକୃତ ସମାହାରଠାରୁ ମନୁଷ୍ୟକୁ ଅଧିକ ବଡ଼ ବୋଲି କହିବା । ମାତ୍ର ଏଠାରେ ମଧ୍ୟ ଆମେ ଗୁଣରୂପୀ ଛଳନାପ୍ରସୂତ ଭ୍ରମଭିତରେ ଆସି ପଡ଼ିଯିବା । କିନ୍ତୁ ଏହି ଦ୍ୱନ୍ଦ୍ୱଭାବନାକୁ ପାର ହୋଇ ଗୁଣ ଓ ପରିମାଣକୁ ସେହି ଏକ ପ୍ରାଣସ୍ପନ୍ଦନର କେବଳ ଦୁଇଟି ବିଭୂତିରୂପେ କଳ୍ପନା କରିପାରିଲେ ଓ କେବଳ ସେହି ସ୍ପନ୍ଦନର ଅନ୍ତର୍ଗୂଢ଼ ଶକ୍ତିଟିକୁ କଳନା କରି

'oaob.nitrkl.ac.in' images reprocessed

ଦେଖିପାରିଲେ ଆମେ ବ୍ରହ୍ମଙ୍କୁ ସର୍ବଭୂତରେ ସମଭାବରେ ବିଦ୍ୟମାନ ରହିଥିବାର ନିଶ୍ଚୟ ଅନୁଭବ କରିପାରିବା । ସେହି ବ୍ରହ୍ମର ସତ୍ତାଭିତରେହିଁ ସମସ୍ତେ ଅବସ୍ଥିତ ରହିଛନ୍ତି; ସେହି ବ୍ରହ୍ମରହିଁ ଶକ୍ତି ଯେ ସବୁରି ଭିତରେ ସମବିତରିତ ହୋଇ ରହିଛି, ହୁଏତ ଆମେ ଏକଥା ମଧ୍ୟ କହିପାରିବା । ମାତ୍ର ଏହାକୁ ମଧ୍ୟ ପରିମାଣରୂପୀ ଛଳନାପ୍ରସୂତ ଏକ ଭ୍ରମ ବୋଲି କୁହାଯିବ । ବ୍ରହ୍ମ ସର୍ବଭୂତରେ ଅବିଭାଜ୍ୟ ଭାବରେ ବିରାଜମାନ ରହିଛନ୍ତି, ତଥାପି ସତେଯେପରି ବିଭକ୍ତ ଓ ବିତରିତ ହୋଇ ରହିଥିବା ପରି ପ୍ରତୀତ ହେଉଛନ୍ତି । ବୁଦ୍ଧିକଳ୍ପନାର ସକଳ ପ୍ରାଦୁର୍ଭାବରୁ ଆପଣାକୁ ବିମୁକ୍ତ ରଖି, ପ୍ରତିବୋଧକୁ ସାଧନରୂପେ ଗ୍ରହଣ କରି ଓ ତାଦାତ୍ମ୍ୟଜ୍ଞାନର ଆକାଂକ୍ଷା ନେଇ ପୁନର୍ବାର ସେହିଆଡ଼େ ନିରୀକ୍ଷଣ କରିପାରିଲେ ଆମେ ଏହି ଅନନ୍ତ ଶକ୍ତିମୟ ପୁରୁଷଙ୍କର ଚେତନାକୁ ଆମ ମାନସସ୍ତରୀୟ ଚେତନାଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଦେଖି ପାରିବାକୁ ସମର୍ଥ ହେବା । ଆମେ ସେହି ଶକ୍ତିକୁ ଅବିଭାଜ୍ୟ ବୋଲି ଉପଲବ୍ଧି କରିବା । ସୌରମଣ୍ଡଳ ତଥା ଉଇହୁଙ୍କା ଉଭୟଙ୍କ ଲାଗି ଏହା ଯେ କେବଳ ଆପଣାର ସମାନ ଅଂଶକଣିକାମାନ ପ୍ରଦାନ କରୁଛି ତାହା ନୁହେଁ, ମାତ୍ର ଏକାଧାରରେ ଆପଣାର ସମୁଦାୟ ସତ୍ତାକୁହିଁ ପ୍ରଦାନ କରି ରଖିଛି ବୋଲି ଉପଲବ୍ଧି କରିପାରିବା । ବ୍ରହ୍ମଲାଗି ସମୁଦାୟ ବା ଅଂଶ ବୋଲି କେଉଁଠି କିଛି ନାହିଁ । ସେଠାରେ ପ୍ରତ୍ୟେକ ବସ୍ତୁ ହେଉଛି ବ୍ରହ୍ମମୟ ବା ବ୍ରହ୍ମସ୍ୱରୂପ,—ଅଖଣ୍ଡ ବ୍ରହ୍ମସ୍ୱଭାବ ଦ୍ୱାରା ସମାବିଷ୍ଟ । ପରିମାଣ ଓ ଗୁଣରେହିଁ ପାର୍ଥକ୍ୟ ରହିପାରେ, ମାତ୍ର ଆତ୍ମସ୍ୱରୂପ ସର୍ବଥା ସମଭାବେ ଅବସ୍ଥିତ ରହିଥାଏ । ବିଶ୍ୱରୂପେ ସଞ୍ଚାରିତ କ୍ରିୟାଶକ୍ତିର ପ୍ରକୃତି, ପଦ୍ଧତି ଓ ପରିଣାମରେ ହୁଏତ ବୈଚିତ୍ର୍ୟର କୌଣସି ଅନ୍ତ ନାହିଁ, ମାତ୍ର ସେହି ଶାଶ୍ୱତ ଓ ଅନନ୍ତ ଆଧାର ଶକ୍ତି ସର୍ବଭୂତରେ ସମାନଭାବେ ସମାବିଷ୍ଟ ହୋଇ ରହିଛି । ସବଳ ମଣିଷର ସବଳତା ରୂପେ ପ୍ରକାଶିତ ହେଉଥିବା ଶକ୍ତି ଦୁର୍ବଳର ଦୁର୍ବଳତାରୂପେ ପ୍ରକାଶିତ ହେଉଥିବା ଶକ୍ତିଠାରୁ କୌଣସିପ୍ରକାରେ ଏତେ ଟିକିଏହେଲେ ଅଧିକ ନୁହେଁ । ଯେତିକି ଶକ୍ତି ପ୍ରକାଶରେ ଲାଗୁଛି, ନିରୋଧରେ ମଧ୍ୟ ଠିକ୍ ସେତିକି ଶକ୍ତି ଲାଗୁଛି । ସ୍ୱୀକୃତିରେ ଓ ଖଣ୍ଡନରେ, ଗ୍ରହଣରେ ଓ ବର୍ଜନରେ ତଥା ନୈଃଶବ୍ଦ୍ୟରେ ଓ ଶବ୍ଦଲୀଳାରେ ମଧ୍ୟ ସେହି ଗୋଟିଏ ଶକ୍ତି ସମାନଭାବେ କାର୍ଯ୍ୟ କରିଚାଲିଛି ।

ସୁତରାଂ ଏହି ଅନନ୍ତ ଶକ୍ତିସ୍ପନ୍ଦନ, ସମଗ୍ର ବିଶ୍ୱରୂପୀ ଏହି ସତ୍ତାଶକ୍ତି ଏବଂ ଆମ ଆପଣା ମଧ୍ୟରେ ଯେଉଁ ଯଥାର୍ଥ ସମ୍ବନ୍ଧଟି ରହିଛି, ପ୍ରଥମେ ତାହାର ନିରୂପଣ କରିନେବା ଏକାନ୍ତ ପ୍ରୟୋଜନ । ସମ୍ପ୍ରତି ଏହି ସମ୍ବନ୍ଧନିରୂପଣ କେବଳ ଭ୍ରମପୂର୍ଣ୍ଣ ହୋଇ ରହିଛି । ବିଶ୍ୱମୟ ସର୍ବଲାଗି ଆମେ ଆପଣାକୁ ଅତିଶୟ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବୁଛୁ ସତ, ମାତ୍ର ଆପଣାଲାଗି ସେହି ବିଶ୍ୱମୟ ସର୍ବକୁ ଅତ୍ୟନ୍ତ ସାମାନ୍ୟ ଓ ହେୟସ୍ଥ

'oaob.nitrkl.ac.in' images reprocessed

ଜ୍ଞାନ କରୁଛୁ; କେବଳ ଆମେ ନିଜେହିଁ ଆପଣାଲାଗି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମନେ ହେଉଛୁ। ଏହି ଭ୍ରମର ପଛରେ ଏକ ଆଧାରଭୂତ ଅଜ୍ଞାନ ନିହିତ ହୋଇ ରହିଛି, ସେହି ଅଜ୍ଞାନାରୁହିଁ ଅହଂର ଉତ୍ପତ୍ତି ହୋଇଛି। ଏହି ଅହଂ ଆପଣାକୁହିଁ ସମଗ୍ର ସବୁକିଛି ବୋଲି ଭ୍ରମ କରୁଛି, କେବଳ ଆପଣାକୁହିଁ ସବୁକିଛିର କେନ୍ଦ୍ର ବୋଲି ଗ୍ରହଣ କରିନେଉଛି। ଆପଣାର ମାନସବୃତ୍ତି ଦ୍ୱାରା ପ୍ରେରିତ ହୋଇ ବହିର୍ବିଶ୍ୱରୁ ସେ ଯେତିକି ଗ୍ରହଣ କରିବାକୁ ମନ କରୁଛି ବା ଆପଣା ପରିବେଷ୍ଟନୀର ଆଘାତଦ୍ୱାରା ଯେତିକି ଗ୍ରହଣ କରିବାକୁ ବାଧ୍ୟ ହେଉଛି, ସେ କେବଳ ସେତିକିମାତ୍ର ଗ୍ରହଣ କରୁଛି। ତତ୍ତ୍ୱ ଉଖାରିବାର ଦାର୍ଶନିକ ଧନ୍ଦା କରିବାକୁ ବାହାରିଥିବାବେଳେ ମଧ୍ୟ ଅହଂ କେବଳ ଆପଣାର ଚେତନା ଭିତରେ ଓ ଆପଣାର ଚେତନାକୁ ଆଶ୍ରୟ କରିହିଁ ଏହି ବିଶ୍ୱ ତିଷ୍ଠିରହିଛି ବୋଲି ଦମ୍ଭ କରିବାରେ ଲାଗିଛି। କେବଳ ଆପଣାର ଚେତନାସ୍ତରର ଓ ମାନସିକ ମାନଦଣ୍ଡଗୁଡ଼ିକକୁହିଁ ସେ ସତ୍ୟର ପରିମାପକ ରୂପେ ସ୍ୱୀକାର କରୁଛି। ଆପଣାର କକ୍ଷସୀମା ଓ ଦୃଷ୍ଟିଦିଗ୍‌ବଳୟର ବାହାରେ ଅବସ୍ଥିତ ସବୁକିଛିକୁ ସେ ମିଥ୍ୟା ବୋଲି କହୁଛି, ସେଗୁଡ଼ିକର ଅସ୍ତିତ୍ୱକୁହିଁ ସେ ସ୍ୱୀକାର କରୁ ନାହିଁ। ମନୁଷ୍ୟର ଏହି ମନଃସ୍ତରୀୟ ଅହଂସର୍ବସ୍ୱତା ହେତୁ ବିଶ୍ୱ ଓ ବ୍ରହ୍ମସହିତ ତା'ର ସମ୍ବନ୍ଧ-ନିରୂପଣ ମୂଳତଃ ଏକ ମିଥ୍ୟାରେ ପରିଣତ ହୋଇଯାଉଛି। ଏହାରି ଫଳରେହିଁ ଆମେ ଜୀବନର ଯଥାର୍ଥ ଓ ପୂର୍ଣ୍ଣ ମୂଲ୍ୟ ଆହରଣ କରିବାରୁ ବଞ୍ଚିତ ହୋଇ ରହୁଛୁ। ଅବଶ୍ୟ ଗୋଟିଏ ଦୃଷ୍ଟିରୁ ବିଚାର କଲେ ମନୁଷ୍ୟମନ ଓ ଅହଂର ଏହିସବୁ ମିଥ୍ୟାବାଦୀ ପଛରେ ଏକ ସତ୍ୟର ସଙ୍କେତ-ଭୂମି ପ୍ରଚ୍ଛନ୍ନ ହୋଇ ରହିଛି, ମାତ୍ର କେବଳ ମନ ଆପଣା ଅଜ୍ଞାନର ପରିଚୟ ପାଇପାରିଲେ ଏବଂ ଅହଂ ସର୍ବମୟ ସତ୍ତାପାଖରେ ଆପଣାକୁ ସମର୍ପଣ କରିଦେଇ ତାହାରି ଭିତରେ ଆପଣାର ସ୍ୱତନ୍ତ୍ର ଆତ୍ମପ୍ରତିଷ୍ଠାକୁ ହଜାଇ ଦେଇ ପାରିଲେ ଯାଇ ସେହି ସତ୍ୟଟିର ଆବିର୍ଭାବ ସମ୍ଭବ ହୋଇଥାଏ। ଆମେ, ଅର୍ଥାତ୍ ଯେଉଁସବୁ ପରିଣାମ ଓ ପ୍ରତିକ୍ରିୟାସକୁ ଆମେ ଆପଣାର ଜୀବନ ବୋଲି କହୁଥାଉ, ତାହାକୁ ଏହି ଅନନ୍ତ ଜୀବନସ୍ପନ୍ଦନର କେବଳ ଗୋଟିଏ ତରଙ୍ଗରୂପୀ ଅଂଶରୂପେ ଅନୁଭବ କରିବାକୁ ସମର୍ଥ ହେଲେ, ସେହି ଅନନ୍ତର ପରିଚୟ ଲାଭ କରିବାକୁ, ଜାଗ୍ରତ ରୀତିରେ ତାହାରି ମଧ୍ୟରେ ପ୍ରବିଷ୍ଟ ହେବାକୁ ଏବଂ ଏକାନ୍ତ ନିଷ୍ଠାଦ୍ୱାରା ତାହାକୁ ପରିପୂର୍ଣ୍ଣ କରିବାକୁ ଜୀବନର ଉଦ୍ଦେଶ୍ୟ ରୂପେ ଗ୍ରହଣ କରିପାରିଲେ ସେହିଠାରୁହିଁ ଯଥାର୍ଥ ଜୀବନ ବଞ୍ଚିବାର ସୂତ୍ରପାତ ହୁଏ। ସେହି ସମଗ୍ର ଜୀବନସ୍ପନ୍ଦନ ସହିତ ଏକାତ୍ମତା ଅର୍ଜନ କରିବାରେହିଁ ଆମ ଜୀବନର ଯଥାର୍ଥ ପରିଚୟ ନିହିତ ହୋଇ ରହିଛି, ଆମର ଜୀବନଗତି ସେହି ବିଶ୍ୱଗତିର ସମ୍ମୁଖରେ କୌଣସି ପ୍ରକାରେ ଗୌଣ କିମ୍ବା ଅଧସ୍ତନ ହୋଇ ରହିନାହିଁ,—ଏହା ହେଉଛି ଆମ ସମ୍ବନ୍ଧ-ନିରୂପଣର ଏକ ଦ୍ୱିତୀୟ ଦିଗ। ଏବଂ ଯଥାର୍ଥ ବା ଦିବ୍ୟ ଜୀବନର ଉପଲବ୍ଧିଲାଗି ଆମର

'oaob.nitrkl.ac.in' images reprocessed

ଭାବନାଗତ ତଥା କର୍ମଗତ ସକଳ ଜୀବନଶୈଳୀରେ ସେହି ସମ୍ବନ୍ଧଟିକୁ ପ୍ରକାଶିତ କରିବାର ଆବଶ୍ୟକତା ମଧ୍ୟ ରହିଛି ।

ମାତ୍ର ସେହି ସର୍ବଗତ ସତ୍ୟ ଓ ଏହି ଅନନ୍ତ ସର୍ବଶକ୍ତିମାନ୍ ସତ୍ତାର ସମ୍ୟକ୍ ଜ୍ଞାନ ଲାଭ ନ କରିବା ପର୍ଯ୍ୟନ୍ତ ତାହା ସହିତ ଯଥାର୍ଥ ସମ୍ବନ୍ଧ-ନିରୂପଣ କଦାପି ସମ୍ଭବ ନୁହେଁ । ଏବଂ ଠିକ୍ ଏହିଠାରେହିଁ ପୁଣି ଏକ ନୂଆ ଅଡୁଆ ଭିତରେ ଆସି ପଡ଼ିଗଲା ପରି ମନେହୁଏ । କାରଣ ଶୁଦ୍ଧ ବୁଦ୍ଧି ଏକଥା ଦାବି କରିଥାଏ ଓ ବେଦାନ୍ତ ମଧ୍ୟ ତାହାହିଁ ଘୋଷଣା କରୁଥିବା ପରି ଆମର ମନେ ହୋଇଥାଏ ଯେ ଆମେ ଏହି ବିଶ୍ୱସ୍ପନ୍ଦନର ଅଧୀନ ଓ ଏକ ବିଭୂତିମାତ୍ର ହୋଇ ରହିଥିବା ଭଳି ସେହି ସ୍ପନ୍ଦନ ମଧ୍ୟ ଆପଣାଠାରୁ ଭିନ୍ନ ଆଉ କାହାର ଅଧୀନ ଓ ବିଭୂତିମାତ୍ର ହୋଇ ରହିଛି, କାଳାତୀତ ଓ ଦେଶାତୀତ କୌଣସି ଅପରିବର୍ତ୍ତନୀୟତା ବା ସ୍ଥାଣୁତାର ଅଧୀନ ହୋଇ ରହିଛି । ସେହି ଅକ୍ଷୟ ଓ ଅବ୍ୟୟ ସ୍ଥାଣୁତା ଭିତରେ ଏହି ସମସ୍ତ କ୍ରିୟାପ୍ରକ୍ରିୟା ଅନ୍ତର୍ଗତ ହୋଇ ରହିଥିଲେହେଁ ତାହା ସ୍ୱୟଂ କୌଣସି କାର୍ଯ୍ୟ କରୁନାହିଁ; ତାହା ଶକ୍ତିସ୍ୱରୂପ ନୁହେଁ, ତାହା ହେଉଛି ଶୁଦ୍ଧ ସତ୍‌ସ୍ୱରୂପ । କେବଳ ଏହି ବିଶ୍ୱଶକ୍ତିର ଲୀଳାକୁ ପ୍ରତ୍ୟକ୍ଷ କରୁଥିବା ବ୍ୟକ୍ତିମାନେ ଶୁଦ୍ଧ ସତ୍‌ସ୍ୱରୂପ ବୋଲି ପ୍ରକୃତରେ କିଛି ନାହିଁ ବୋଲି ହୁଏତ ଦାବି କରିପାରନ୍ତି । ପ୍ରଥମରୁ ଏକ ସ୍ଥାଣୁତାର ଭ୍ରମକଳ୍ପନା କରି ବସୁଥିବାରୁ ଆମର ବୁଦ୍ଧି ଭିତରେ ଆମେ ଏକ ଅପରିବର୍ତ୍ତନୀୟ ଶୁଦ୍ଧ ସତ୍‌ସ୍ୱରୂପର କଳ୍ପନା କରିବାର ଭ୍ରମରେ ପଡ଼ିଯାଉଛୁ ବୋଲି ସେମାନେ ଯୁକ୍ତି ଦେଖାଇ ପାରନ୍ତି । କାରଣ ଯଥାର୍ଥରେ ସ୍ଥିର ଓ ଅପରିବର୍ତ୍ତନୀୟ ବୋଲି କେଉଁଠି ହେଲେ କିଛି ନାହିଁ, ଜଗତରେ ସବୁକିଛି ନିୟତ ସ୍ପନ୍ଦନମାନ ହେଉଛି । ଆମ ମାନସଚେତନାର କେବଳ ଏକ କୃତ୍ରିମ ରଚନାରୂପେହିଁ ଆମ ସ୍ଥାଣୁତ୍ୱକଳ୍ପନାର ଉଦ୍‌ଭବ ହେଉଛି, କାରଣ ଏହି କଳ୍ପନାହିଁ ବିଶ୍ୱସ୍ପନ୍ଦନର ସମ୍ମୁଖୀନ ହେବାଲାଗି ଆମର ବ୍ୟାବହାରିକ ଜୀବନରେ ଆମକୁ ଏକ ସ୍ଥିର ଭୂମି ଯୋଗାଇ ଦେଇପାରୁଛି । ଶକ୍ତିସ୍ପନ୍ଦନର ମଧ୍ୟରେ ଯେ ସ୍ଥାଣୁତ୍ୱର ଏହିଭଳି ବିଭ୍ରମମାନ ଉପୁଜିଥାଏ, ସେ କଥା ସହଜରେ ପ୍ରମାଣ କରି ଦେଖାଇ ଦିଆଯାଇ ପାରେ । କାରଣ ବିଶ୍ୱସ୍ପନ୍ଦନ ଭିତରେ ସ୍ଥିର ବୋଲି କେଉଁଠି କିଛି ହେଲେ ନାହିଁ । ଯାହାସବୁ ଆମର ଆଖିକୁ ସ୍ଥିର ବୋଲି ଦେଖାଯାଉଛି, ସେଗୁଡ଼ିକ ମଧ୍ୟ ସେହି ସତତ ଚଳମାନତାର ଏକ ପ୍ରଖଣ୍ଡ ମାତ୍ର । ସେଠାରେ ମଧ୍ୟ ରୂପାୟିତ ହେଉଥିବା କ୍ରିୟାଶୀଳ ଶକ୍ତି ଆମର ଚେତନାକୁ ସ୍ଥିର ପରି ବୋଧ ହେଉଛି । ପ୍ରଚଣ୍ଡ ବେଗରେ ପଛକୁ ଧାଇଁ ପଳାଉଥିବା ଭୂପୃଷ୍ଠ ଭିତରେ ଆମେ ବସିଥିବା ଧାବମାନ ରେଳଗାଡ଼ିଟି ଯେପରି ଆମକୁ ସ୍ଥିର ପରି ବୋଧହୁଏ, ଠିକ୍ ସେମିତି । ମାତ୍ର ଏହି ଧାବମାନତା ଓ ଚଳମାନତାର ପଛରେ ରହି ଏହାକୁ ଧାରଣ

'oaob.nitrkl.ac.in' images reprocessed

କରି ରଖିଥିବା କୌଣସି ସ୍ଥିର ଓ ଅପରିବର୍ତ୍ତନୀୟ ସତ୍ତା ଯେ କଦାପି ନାହିଁ, ଏକଥାଟିକୁ ବି କ'ଣ ସମାନ ଭାବରେ ସତ୍ୟ ବୋଲି ଗ୍ରହଣ କରାଯିବ ? କେବଳ ଶକ୍ତିର କ୍ରିୟାରେହିଁ ଯେ ସତ୍ତା ପର୍ଯ୍ୟବସିତ ରହିଛି, ଏହାକୁ କ'ଣ ଆମେ ଏକାନ୍ତ ସତ୍ୟ ବୋଲି କହିବା ? କିମ୍ବା ଶକ୍ତିକୁ ସତ୍ତାର ଏକ ବିଭୂତି ବା ଏକ ପରିଣାମ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ହେବ ?

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଯଦି ଶୁଦ୍ଧ ସତ୍ତା ବୋଲି କେଉଁଠି କିଛି ରହିଥାଏ, ତେବେ ଅନନ୍ତ ଶକ୍ତି ଭଳି ତାହାକୁ ମଧ୍ୟ ଅନନ୍ତ ବୋଲି କଳ୍ପନା କରିବାକୁ ପଡ଼ିବ । ଆମର ବୁଦ୍ଧି ବା ଅନୁଭୂତି, ବୋଧି କିମ୍ବା କଳ୍ପନାଶକ୍ତି କାହାରି ସାହାଯ୍ୟ ନେଇ ମଧ୍ୟ ଆମେ କଦାପି ସତ୍ତା ବା ଶକ୍ତି କାହାରି ହେଲେ ଅନ୍ତ ପାଇ ପାରିବା ନାହିଁ । ଅନ୍ତ ଓ ଆଦିର ଯାବତୀୟ କଳ୍ପନାରେ ଆଦି ଓ ଅନ୍ତର ସେପାଖରେ ମଧ୍ୟ କିଛି ଅବଶ୍ୟ ରହିଛି ବୋଲି ଅନୁମାନ କରିବା ସର୍ବଥା ଅବଶ୍ୟମ୍ଭାବୀ ହୋଇଥାଏ । ଏହା ପୂର୍ବରୁ କିଛି ନ ଥିଲା ବା ଏହାପରେ ଆଉ କିଛି ରହିବ ନାହିଁ,—ଏପରି ଭାବରେ ଏକ ଚରମ ଆଦି କିମ୍ବା ଏକ ଚରମ ଅନ୍ତର କଳ୍ପନା କରିବସିଲେ ତାହା ଯେ କେବଳ ଯୁକ୍ତିବିରୁଦ୍ଧ ହୁଏ ତାହା ନୁହେଁ, ତାହା ବସ୍ତୁସତ୍ୟର ସମ୍ପୂର୍ଣ୍ଣ ବିରୋଧ କରୁଥିବା ଏକ ଉତ୍କଟ ଭ୍ରମ କଳ୍ପନାରେହିଁ ପର୍ଯ୍ୟବସିତ ହୋଇଥାଏ । ଆପଣାର ଅବିନଶ୍ୱର ଆତ୍ମସତ୍ତାର ମହିମାରେ ଅନନ୍ତ ସାନ୍ତସ୍ୱରୂପ ଏହି ସକଳ ବିଶ୍ୱପ୍ରତିଭାସକୁ ଆବୋରି କରି ରହିଛି ।

ମାତ୍ର ଏହି ଅନନ୍ତତା ହେଉଛି, କେବଳ ଦେଶ ଓ କାଳର ଅନନ୍ତତା, ଏକ ସୀମାହୀନ ବିସ୍ତୃତି ଓ ଶାଶ୍ୱତ ପ୍ରବହମାନତା ମଧ୍ୟରେ ତାହାର ପ୍ରସାର ଓ ପ୍ରକାଶ । ଶୁଦ୍ଧ ବୁଦ୍ଧି ଏଗୁଡ଼ିକୁ ଅତିକ୍ରମ କରି ଚାଲିଯାଏ ଏବଂ ଆପଣାର ବର୍ଣ୍ଣହୀନ ପ୍ରତ୍ୟକ୍ଷ ଆଲୋକ ଦ୍ୱାରା ଅବଲୋକନ କରି କାଳ ଓ ଦେଶକୁ ଆମ ଚେତନାର କେବଳ ଦୁଇଟି ବିଭାବ ବୋଲି ସୂଚିତ କରିଥାଏ, ଏହି ଦୁଇ ବିଭାବର ସାହାଯ୍ୟରେହିଁ ଆମେ ଆମର ପ୍ରାତିଭାସିକ ଅନୁଭବଗୁଡ଼ିକୁ ସଂଗଠିତ କରି ରଖିବାରେ ସମର୍ଥ ହେଉ ବୋଲି କହିଥାଏ । ମାତ୍ର ଅପରୋକ୍ଷ ଭାବରେ ସତ୍ତାର ଅବଲୋକନ କଲାବେଳେ କାଳ ଓ ଦେଶ ଉଭୟେ ଅନ୍ତର୍ହିତ ହୋଇଯାଆନ୍ତି । ସେତେବେଳେ ଯଦି କୌଣସି ବ୍ୟାପ୍ତିବୋଧ ଅବଶିଷ୍ଟ ରହେ, ତେବେ ସେହି ବ୍ୟାପ୍ତି ଆଦୌ ଦେଶବାଚକ ନୁହେଁ, ତାହା ମନୋବାଚକ । ହୁଏତ କେବଳ ମନର ପ୍ରବାହବୋଧ ଅବଶିଷ୍ଟ ରହିଯାଏ, କାଳର ନୁହେଁ । ଏବଂ ସେତେବେଳେ ଏହି ବ୍ୟାପ୍ତି ଓ ପ୍ରବାହକୁ କେବଳ ଦୁଇଟି ପ୍ରତୀକ ରୂପେ ବୁଝିବା ବେଶ୍ ସହଜ ହୋଇଯାଏ । ଏହି ପ୍ରତୀକ ଦୁଇଟିର ସାହାଯ୍ୟରେ ମନ ବୁଦ୍ଧିଗତ ଗ୍ରହଣସୀମାର ଅତୀତ କୌଣସି ଏକ ସତ୍ୟକୁ ବୁଝିବାକୁ ଚେଷ୍ଟା

'oaob.nitrkl.ac.in' images reprocessed

କରେ । ସକଳ କାଳକୁ ଆପଣା ମଧ୍ୟରେ ଧାରଣକରି ମଧ୍ୟ ଆମ ଆଗରେ ସେହି ଏକ ନିତ୍ୟନୂତନ ମୁହୂର୍ତ୍ତରୂପେ ପ୍ରତୀତ ହେଉଥିବା ଶାଶ୍ୱତତାକୁ ଏବଂ ସର୍ବାଧାର ଓ ସର୍ବତୋବ୍ୟାପ୍ତ ହୋଇ ମଧ୍ୟ ଆମ ଆଗରେ ଏକ ପରିମାଣହୀନ ବିନ୍ଦୁରୂପେ ପ୍ରତୀତ ହେଉଥିବା ଅନନ୍ତତାକୁ ବୁଝିବାକୁ ଚେଷ୍ଟା କରେ । ଏହିଭଳି ଉତ୍କଟ ଏବଂ ପରସ୍ପର-ବିରୋଧୀ ଶବ୍ଦ ଓ ଭାଷାର ଅବଲମ୍ବନ ସାହାଯ୍ୟରେହିଁ ଆମେ ସ୍ପଷ୍ଟ ଅନୁଭବ କରୁଥିବା କୌଣସି ଏକ ସତ୍ୟର ପ୍ରକାଶ କରିବା ସମ୍ଭବ ହୁଏ । ଆପଣାର ସ୍ୱାଭାବିକ ସୀମାଗୁଡ଼ିକୁ ଅତିକ୍ରମ କରି ଆମର ମନ ଓ ଭାଷା ଏପରି ଏକ ସତ୍ୟକୁ ପ୍ରକାଶ କରିବା ଲାଗି ଚେଷ୍ଟା କରୁଛନ୍ତି, ଯେଉଁଥିରେକି ସେଗୁଡ଼ିକର ସକଳ ପାରମ୍ପରିକ ସଂସ୍କାର ଓ ପରସ୍ପର-ବିରୋଧୀ ପ୍ରତ୍ୟୟଗୁଡିକ ଏକ ଅନିର୍ବଚନୀୟ ଏକାତ୍ମବୋଧ ଭିତରେ ବିଲୀନ ହୋଇଯାଇଛନ୍ତି,—ସେତେବେଳେ ଯାଇ ତାହାର ସୂଚନା ମିଳିଥାଏ ।

ମାତ୍ର ଏହାକୁ ଏକ ଭ୍ରାନ୍ତିରହିତ ବିବରଣ ବୋଲି କୁହାଯିବ କି ? ହୁଏତ ଆମେ ଯାହାକୁ ସତ୍ତା ବୋଲି ବିଚାରୁଛୁ, ତାହା କେବଳ ବୁଦ୍ଧିର ଏକ ଭ୍ରମରଚନା ବ୍ୟତୀତ ଆଉ କିଛି ନୁହେଁ, କେବଳ ଶବ୍ଦ ଦେଇ ଆମେ ସେହି ଅବାସ୍ତବ ଶୂନ୍ୟର ରଚନା କରି ରଖିଛୁ ଏବଂ ତାହାକୁହିଁ ସତ୍ୟ ବୋଲି ପ୍ରତିଷ୍ଠିତ କରିବାର ଉଦ୍ୟମ କରୁଛୁ । ଏବଂ ସେହି କାରଣରୁହିଁ କାଳ ଓ ଦେଶ ଅନ୍ତର୍ହିତ ହୋଇ ଯାଉଥିବା ପରି ଯେ ପ୍ରତୀତ ହେଉଛନ୍ତି,—ଏହି କ୍ଷେତ୍ରରେ ହୁଏତ ଏଭଳି ଏକ ସମ୍ଭାବନା ରହି ନପାରେ କି ? ଏହି ପ୍ରଶ୍ନର ଉତ୍ତର ପାଇବାକୁ ଯାଇ ଆମେ ପୁଣି ସେହି ସ୍ୱରୂପସତ୍ତା ଆଡ଼କୁ ଦୃଷ୍ଟିପାତ କରିଥାଉ ଏବଂ ଏହି ସଂଶୟକୁ ଅମୂଳକ ବୋଲି କହୁ । ପ୍ରତିଭାସିତ ବସ୍ତୁପୁଞ୍ଜର ଅନ୍ତରାଳରେ କୌଣସି ଏକ ସତ୍ୟ ଅବଶ୍ୟ ରହିଛି, ଯାହାକି କେବଳ ଅନନ୍ତ ନୁହଁ, ଯାହା ଅନିର୍ଦ୍ଦେଶ୍ୟ, ଯାହାର ସଂଜ୍ଞା ନିରୂପଣ କରିବା କଦାପି ସମ୍ଭବ ନୁହେଁ । ପ୍ରତିଭାସିତ କୌଣସି ବସ୍ତୁ ବା ବସ୍ତୁସମଷ୍ଟିକୁ ଆମେ ସ୍ୱକୀୟ ସତ୍ତାରେ ପ୍ରତିଷ୍ଠିତ ବୋଲି କଦାପି କହି ପାରିବା ନାହିଁ । ଯାବତୀୟ ପ୍ରତିଭାସର ସମଷ୍ଟିକୁ ଏକ ମୌଳିକ, ବିଶ୍ୱଗତ ଓ ସର୍ବସାମାନ୍ୟ ସ୍ପନ୍ଦନ ବା ଶକ୍ତିରୂପେ ପର୍ଯ୍ୟବସିତ କରି ତାହାର ବିଚାର କଲେ ମଧ୍ୟ ଆମକୁ କେବଳ ଏକ ଅନିର୍ଦ୍ଦେଶ୍ୟ ପ୍ରତିଭାସର ସ୍ତରରେ ଆସି ଉପନୀତ ହେବାକୁ ପଡ଼ିବ ଓ ସେଇଠି ଅଟକି ରହିବାକୁହିଁ ପଡ଼ିବ । ସ୍ପନ୍ଦନର କଳ୍ପନାରେହିଁ ଏକ ସ୍ପନ୍ଦନହୀନ ସ୍ଥିତିର କଳ୍ପନା ମଧ୍ୟ ଅନ୍ତର୍ନିହିତ ରହିଥାଏ, ଏବଂ ସେହି କାରଣରୁ ତାହାକୁ କୌଣସି ନିଷ୍ପନ୍ଦ ସତ୍ତାର ସ୍ପନ୍ଦନମୟତାରୂପେହିଁ କଳ୍ପନା କରିବାକୁ ପଡ଼େ । କ୍ରିୟାଶୀଳ ଶକ୍ତିର କଳ୍ପନା କରିବା ମାତ୍ରକେ କ୍ରିୟାରହିତ ଶକ୍ତିର ମଧ୍ୟ କଳ୍ପନା କରିବାକୁ ପଡ଼ିଥାଏ । ଏବଂ କ୍ରିୟାରହିତ ଏକ ସର୍ବଗତ ଓ ସର୍ବମୟ

'oaob.nitrkl.ac.in' images reprocessed

ଶକ୍ତି ଯଥାର୍ଥତଃ ଏକ ସର୍ବଗତ ଓ ସର୍ବମୟ ସତ୍ତା ବ୍ୟତୀତ ଆଉ କିଛି କଦାପି ହୋଇ ନ ପାରେ । ତେଣୁ ଆମ ଆଗରେ କେବଳ ଦୁଇଟି ପଥ ଉନ୍ମୁକ୍ତ ରହିଛି; ଏକ ଅନିର୍ଦ୍ଦେଶ୍ୟ ଶୁଦ୍ଧ ସତ୍ତାରୂପେ ଆମେ ବିଶ୍ୱର ଅଧିଷ୍ଠାନ-ସତ୍ୟର କଳ୍ପନା କରିପାରିବା କିମ୍ବା ଏକ ଅନିର୍ଦ୍ଦେଶ୍ୟ କ୍ରିୟାଶୀଳ ଶକ୍ତିରୂପେ ମଧ୍ୟ ତାହାର କଳ୍ପନା କରିପାରିବା । ଏବଂ ଯଦି ଆମେ ଦ୍ୱିତୀୟ ସମ୍ଭାବନାଟିକୁହିଁ ସତ୍ୟ ବୋଲି ଗ୍ରହଣ କରୁ, ଅର୍ଥାତ୍ କୌଣସିପ୍ରକାର ସ୍ଥିର ଭୂମି ବା କାରଣ ନଥିବା ଏକ ଶକ୍ତିକୁହିଁ ଯଦି ଅଧିଷ୍ଠାନ-ସତ୍ୟ ବୋଲି ସ୍ୱୀକାର କରିନେଉ, ତେବେ ସେହି ଶକ୍ତିକୁ କ୍ରିୟାସମ୍ଭୂତ ଏକ ପରିଣାମ ତଥା ପ୍ରତିଭାସରୂପେ ସ୍ୱୀକାର କରିବାକୁ ମଧ୍ୟ ପଡ଼ିଥାଏ, ସ୍ପନ୍ଦନକୁହିଁ ଏକମାତ୍ର ସତ୍ୟ ବୋଲି ସ୍ୱୀକାର କରିନେବାକୁ ପଡ଼େ । ସେତେବେଳେ ବିଶ୍ୱର ଅଧିଷ୍ଠାନରୂପେ ମାନିବାଲାଗି ଆଉ କୌଣସି ସ୍ୱରୂପସତ୍ତାର କଳ୍ପନା କରିବା ନିରର୍ଥକ ହୋଇଯାଏ । କିମ୍ବା ବୌଦ୍ଧ-ମତର ଶୂନ୍ୟକୁହିଁ ଏହି ଅଧିଷ୍ଠାନ ବୋଲି ଘୋଷଣା କରିବାକୁ ପଡ଼େ ଏବଂ ସତ୍ତାକୁ ଏକ ଶାଶ୍ୱତ ପ୍ରାତିଭାସିକ ଜଗତ୍, କ୍ରିୟାଶୀଳତା, କର୍ମ ଓ ସ୍ପନ୍ଦନରହିଁ କେବଳ ଏକ ବିଭୂତି ମାତ୍ର ବୋଲି କହିବାକୁ ପଡ଼େ । ମାତ୍ର ଏଭଳି ଏକ ନିଷ୍କର୍ଷଦ୍ୱାରା ଶୁଦ୍ଧ ବୁଦ୍ଧିର ତୃପ୍ତିସାଧନ ସମ୍ଭବ ହୁଏ ନାହିଁ, ଏହାକୁ ସେ ଆପଣାର ମୌଳିକ ଅନୁଭୂତିର ବିରୋଧୀ ବୋଲି କହେ, ତେଣୁ ଏହାକୁ ସତ୍ୟ ବୋଲି ସ୍ୱୀକାର କରେ ନାହିଁ । କାରଣ ଏଠାରେ ପହଞ୍ଚି ଆରୋହଣ-କ୍ରମରେ ସତେଅବା ଏପରି ଏକ ପାହାଚରେ ଆସି ପହଞ୍ଚିଗଲା ପରି ମନେହୁଏ, ଯେଉଁଠାରୁ କି ଆଗକୁ ଆଉ କୌଣସି ପାହାଚ ନଥାଏ, କୌଣସିପ୍ରକାର ଆଶ୍ରୟ ବିନା ସମୁଦାୟ ସିଡ଼ିଟି ନିରାଲମ୍ବଭାବରେ ସତେଅବା ଶୂନ୍ୟରେ ଝୁଲୁଥିବା ପରି ମନେହୁଏ ।

ଏହି ଅନିର୍ଦ୍ଦେଶ୍ୟ, ଅନନ୍ତ ଓ ଦେଶକାଳାତୀତ ଶୁଦ୍ଧ ସତ୍ତା ବୋଲି ଯଦି ପ୍ରକୃତରେ କିଛି ଥାଏ, ତେବେ ତାହାର ସ୍ୱରୂପକୁ କେବଳ ନିର୍ବିଶେଷ ବୋଲିହିଁ ମାନିନେବାକୁ ପଡ଼ିବ । କୌଣସି ପରିମାଣ ବା ପରିମାଣଚୟଦ୍ୱାରା ତାହାର ଇୟତ୍ତା କରି ହେବନାହିଁ, କୌଣସି ଗୁଣ ବା ଗୁଣଚୟର ସମଷ୍ଟିଦ୍ୱାରା ତାହାକୁ କୌଣସି ନିର୍ମାଣରୂପ ଦେବା ବି ସମ୍ଭବ ହେବ ନାହିଁ । ତାହାକୁ ନିଖିଳ ରୂପର ଏକ ସମାହାର କିମ୍ବା ସେଗୁଡ଼ିକର ଆଧାରଭୂତ ରୂପଧାତୁ ବୋଲି ମଧ୍ୟ କୁହାଯାଇ ପାରିବନାହିଁ । ବିଶ୍ୱର ସକଳ ରୂପ, ଗୁଣ ଓ ପରିମାଣର ବିଲୁପ୍ତି ଘଟିଲେ ମଧ୍ୟ ତାହା ତଥାପି ବର୍ତ୍ତମାନ ରହିଥିବ । ପରିମାଣ, ରୂପ ଓ ଗୁଣରହିତ ସତ୍ତାର ଯେ କେବଳ କଳ୍ପନା କରାଯାଇ ପାରିବ ତାହା ନୁହେଁ, ମାତ୍ର ପ୍ରାତିଭାସିକ ଜଗତର ଅନ୍ତରାଳରେ ଆମେ କେବଳ ଏତିକିହିଁ କଳ୍ପନା କରିପାରିବା । ତେଣୁ ଆମେ ଯେତେବେଳେ ଏହାକୁ ସେହି ପ୍ରତିଭାସସମୂହର ବାହାରେ ବୋଲି କହୁ, ସେତେବେଳେ ଆମେ ଏହାକୁ

'oaob.nitrkl.ac.in' images reprocessed

ସେଗୁଡ଼ିକର ଉତ୍ତୀର୍ଣ୍ଣ ବୋଲି ବୁଝିଥାଉ । ରୂପ, ଗୁଣ ବା ପରିମାଣ କହିଲେ ଆମେ ସାଧାରଣତଃ ଯାହାସବୁ ବୁଝୁ, ତାହାର ଭିତରେ ପ୍ରବିଷ୍ଟ ହୋଇ ପ୍ରତିଭାସସମୂହ ସେଗୁଡ଼ିକୁ ବିସର୍ଜନ କରିଦିଅନ୍ତି; ଅର୍ଥାତ୍ ରୂପ, ଗୁଣ ଓ ପରିମାଣର ସକଳ ସଂଜ୍ଞାକୁ ହରାଇ ବସନ୍ତି ଏବଂ ତାହା ଭିତରୁହିଁ ପୁନର୍ବାର ରୂପ, ଗୁଣ ଓ ପରିମାଣର ସଂଜ୍ଞା ବହନ କରି ବହିସୃଷ୍ଟ ହୁଅନ୍ତି । ସକଳ ରୂପ ଗୁଣ ଓ ପରିମାଣର ଭିତ୍ତିରୂପେ ରହିଥିବା କୌଣସି ଗୋଟିଏ ରୂପ, ଗୁଣ ବା ପରିମାଣରେହିଁ ସେଗୁଡ଼ିକର ବିଲୟ ହୁଏ ନାହିଁ । କାରଣ ଏପରି ଏକ ଭିତ୍ତି ପ୍ରକୃତିରେ କେଉଁଠି ହେଲେ ନାହିଁ । ମାତ୍ର ବସ୍ତୁତଃ ଯାହାର ଭିତରେ ସେଗୁଡ଼ିକର ପର୍ଯ୍ୟବସାନ ଘଟେ, କୌଣସି ରୂପ, ଗୁଣ ଓ ପରିମାଣର ସାହାଯ୍ୟରେ ଆମେ କଦାପି ତାହାର ସଂଜ୍ଞାନିରୂପଣ କରି ପାରିବା ନାହିଁ । ତେଣୁ ବିଶ୍ୱସ୍ପନ୍ଦନର ସକଳ ନମିତ୍ତ ଓ ପ୍ରତିଭାସ ଯେଉଁ ସତ୍ତା ଭିତରୁ ଉଦ୍‌ଭୂତ ହୋଇ ଆସିଥା'ନ୍ତି, ଅବଶେଷରେ ତାହାର ଭିତରେହିଁ ବିଲୀନ ହୁଅନ୍ତି । ବିଲୀନ ହୋଇ ସେଗୁଡ଼ିକ ତାହାର ଭିତରେ ଅବସ୍ଥିତ ରହିଛନ୍ତି ବୋଲି କହିଲାବେଳେ ମଧ୍ୟ ସେଗୁଡ଼ିକର ସ୍ପନ୍ଦନକାଳୀନ ସଂଜ୍ଞାଦ୍ୱାରା ସେଗୁଡ଼ିକର ସେହି ଅବସ୍ଥାକୁ ବର୍ଣ୍ଣନା କରିବା ଆଉ କଦାପି ସମ୍ଭବ ହୁଏ ନାହିଁ । ସେହି କାରଣରୁହିଁ ଆମେ ଶୁଦ୍ଧ ସତ୍ତାକୁ ଏକ ନିର୍ବିଶେଷ ସତ୍ତା ବୋଲି କହିଥାଉ, ତାହାର ସ୍ୱରୂପକୁ ଅଚିନ୍ତ୍ୟ ଓ ଅବିଜ୍ଞେୟ ବୋଲି କହିଥାଉ । ଅବଶ୍ୟ ସକଳ ଜ୍ଞାନସଂଜ୍ଞାର ଅତୀତ ଏକ ପରମ ତାଦାତ୍ମ୍ୟଦ୍ୱାରା ସେଠାକୁ ବାହୁଡ଼ିଯିବାର ସମ୍ଭାବନା ସବୁବେଳେ ରହିଥାଏ । ଅପର ପକ୍ଷରେ ବିଶ୍ୱସ୍ପନ୍ଦନର କ୍ଷେତ୍ର କେବଳ ଏକ ସବିଶେଷ ବା ଆପେକ୍ଷିକ କ୍ଷେତ୍ରରହିଁ ପ୍ରତିନିଧିତ୍ୱ କରୁଥାଏ । ତଥାପି ଏହି ସ୍ପନ୍ଦନର ସବୁକିଛି ଯେ ନିର୍ବିଶେଷର ଆଧାର, ଆଧେୟ ଓ ସ୍ୱରୂପରୂପେ ବିଦ୍ୟମାନ ରହିଛି, ସବିଶେଷର ସଂଜ୍ଞାରୁହିଁ ଆମକୁ ତାହାର ସ୍ପଷ୍ଟ ସୂଚନା ମିଳେ । ମୂଳୋପାଦାନ ବ୍ୟୋମ ବା ଆକାଶ ପ୍ରାକୃତ ସକଳ ଭୂତର ଆଧାର, ଆଧେୟ ତଥା ସ୍ୱରୂପ ହୋଇ ରହିଥାଏ । ତଥାପି ଦୁହିଙ୍କ ମଧ୍ୟରେ ଏତେବେଶି ପାର୍ଥକ୍ୟ ଥାଏ ଯେ ବ୍ୟୋମରେ ବିଲୀନ ହୋଇଗଲେ ସେଗୁଡ଼ିକର ସକଳ ପ୍ରାତିଭାସିକ ବର୍ତ୍ତମାନ ବୈଶିଷ୍ଟ୍ୟ ମଧ୍ୟ ବିଲୁପ୍ତ ହୋଇଯାଏ । ବ୍ୟୋମ ଓ ଭୂତଜଗତର ଏହି ପାରସ୍ପରିକ ସମ୍ବନ୍ଧକୁ ଦୃଷ୍ଟାନ୍ତରୂପେ ବ୍ୟବହାର କରି ବେଦାନ୍ତରେ ନିର୍ବିଶେଷ ତଥା ସବିଶେଷ ମଧ୍ୟରେ ରହିଥିବା ସଭେଦ ଅଭେଦର ଏକ ନିକଟତମ ସମାନ୍ତର ଦେବାକୁ ପ୍ରୟାସ କରାଯାଇଛି ।

ପଦାର୍ଥସକଳ ଯେଉଁଠାରୁ ଉଦ୍‌ଭୂତ ହୋଇଛନ୍ତି, ସେସବୁ ପୁଣି ତାହାରି ଭିତରେ ବିଲୀନ ହୋଇଯାଉଛନ୍ତି ବୋଲି କହିଲାବେଳେ ଆମେ କାଳାବଚ୍ଛିନ୍ନ ଚେତନାର ପରିଭାଷାହିଁ ପ୍ରୟୋଗ କରିଥାଉ । ତେଣୁ ତଜ୍ଜନିତ ବିଭ୍ରମଗୁଡ଼ିକରୁ ସତର୍କ

'oaob.nitrkl.ac.in' images reprocessed

ରହିବା ଆମପକ୍ଷରେ ସର୍ବଥା ଅତ୍ୟାବଶ୍ୟକ । ପରିବର୍ତ୍ତନରହିତ ନିର୍ବିଚଳ ସତ୍ତ୍ୱରୁ ସ୍ପନ୍ଦନୋନ୍ମେଷ ହେବା ଏକ ଶାଶ୍ୱତ ଘଟଣା । ମାତ୍ର ଆମ ପକ୍ଷରେ କାଳାତୀତ ଶାଶ୍ୱତର ଆଦ୍ୟନ୍ତଶୂନ୍ୟ ନିତ୍ୟନବ ମୁହୂର୍ତ୍ତିଟିର କଳ୍ପନା ବା ଧାରଣା କରିପାରିବା ସମ୍ଭବ ହୁଏ ନାହିଁ ବୋଲି ଆମେ ଏଗୁଡ଼ିକୁ ଶାଶ୍ୱତଭାବରେ ପରସ୍ପରର ଅନୁସରଣ କରୁଥିବା କାଳବାଚୀ ପ୍ରବାହଖଣ୍ଡରୂପେ ଦେଖିବାକୁ ବାଧ୍ୟ ହୋଇଥାଉ ଏବଂ ତାହାକୁ ସତତ ଆବର୍ତ୍ତିତ ଆଦି, ମଧ୍ୟ ଓ ଅନ୍ତର ଧାରଣାଦ୍ୱାରା ବୁଝିବାକୁ ଚେଷ୍ଟା କରିଥାଉ ।

ମାତ୍ର କେବଳ ଶୁଦ୍ଧ ବୁଦ୍ଧିର ବିଗ୍ରହଗୁଡ଼ିକୁ ସ୍ୱୀକାର କରୁଥିବା ପର୍ଯ୍ୟନ୍ତ ଓ ତାହାରି ଅନୁଶାସନଦ୍ୱାରା ପରିଚାଳିତ ହେଉଥିବା ପର୍ଯ୍ୟନ୍ତହିଁ ଏସବୁ ଉକ୍ତିର କୌଣସି ପ୍ରାମାଣିକତା ରହିଛି ବୋଲି କୁହାଯାଇପାରେ । ମାତ୍ର ବୁଦ୍ଧିର ନିର୍ଣ୍ଣୟଗୁଡ଼ିକୁ ଯେ ଅବଶ୍ୟ ମାନିନେବାକୁ ପଡ଼ିବ, ଏପରି କୌଣସି ବାଧ୍ୟବାଧକତା ଆଦୌ ନାହିଁ । ମନର ସାହାଯ୍ୟ ନେଇ ଆମେ ଯାହାସବୁ କଳ୍ପନା କରିପାରୁଛୁ, ତାହାରିଦ୍ୱାରାହିଁ ଆମେ ସତ୍ତ୍ୱର ବିଗ୍ରହ ବା ନିର୍ଣ୍ଣୟ କରିବାକୁ ଯିବାନାହିଁ; ମାତ୍ର ଯାହାକୁ ଆମେ ସତ୍ ବୋଲି ପ୍ରତ୍ୟକ୍ଷ କରୁଛୁ, ତାହାରି ଭିତରୁହିଁ ଆମେ ସତ୍ତ୍ୱର ପରିଚୟ ପାଇବାଲାଗି ଚେଷ୍ଟା କରିବା ଏବଂ ଶୁଦ୍ଧତମ ଓ ମୁକ୍ତତମ ଅନ୍ତର୍ଦୃଷ୍ଟି ଦେଇ ସତ୍ତ୍ୱର ସତ୍ୟରୂପ ଉପରେ ଦୃଷ୍ଟିପାତ କଲେ ମଧ୍ୟ ଆମେ କେବଳ ଗତିସ୍ପନ୍ଦନ ବ୍ୟତୀତ ଆଉ କିଛିହେଲେ ପ୍ରତ୍ୟକ୍ଷ କରି ପାରୁନାହିଁ । ଆମେ କେବଳ ଦୁଇଟି ବସ୍ତୁ ବର୍ତ୍ତମାନ ରହିଥିବାର ପ୍ରତ୍ୟକ୍ଷ କରିବା । ଗୋଟିଏ ହେଉଛି ବ୍ୟାପ୍ତିସୂଚକ ସ୍ପନ୍ଦନ ଓ ଅନ୍ୟଟି କାଳସୂଚକ ସ୍ପନ୍ଦନ । ପ୍ରଥମଟି ବସ୍ତୁଗତ ଓ ଦ୍ୱିତୀୟଟି ମନୋଗତ । ବ୍ୟାପ୍ତି ଏକ ବାସ୍ତବ ସତ୍ୟ, ପ୍ରବାହ ମଧ୍ୟ ଏକ ବାସ୍ତବ ସତ୍ୟ; ଦେଶ ଓ କାଳ ଉଭୟେ ବାସ୍ତବ ସତ୍ୟ । ହୁଏତ ବ୍ୟାପ୍ତିକୁ ଅତିକ୍ରମ କରି ଆମେ ମାନସିକ ପ୍ରତିଭାସ ବୋଲି ଅନୁଭବ କରିପାରୁ, ସତ୍ତ୍ୱକୁ ଆପଣାର ବୋଧାୟତ୍ତ କରିବାର ପ୍ରୟାସରେ ମନ ଅବିଭାଜ୍ୟ ସମଗ୍ରତାକୁ ଏକ କଳ୍ପିତ ବ୍ୟାପ୍ତିର ଆୟତନ ମଧ୍ୟରେ ସଂକୀର୍ଣ୍ଣ କରି ଦେଖିବାକୁ ଚେଷ୍ଟା କରୁଛି ବୋଲି କହିପାରୁ । ମାତ୍ର କାଳର ଅବିଚ୍ଛିନ୍ନ ପ୍ରବାହ ଓ ପରିବର୍ତ୍ତନକୁ ଅତିକ୍ରମ କରି ଯାଇପାରିବା ଆମପକ୍ଷରେ କଦାପି ସମ୍ଭବ ନୁହେଁ । କାରଣ କାଳସ୍ପନ୍ଦନର ଉପାଦାନରେହିଁ ଆମ ଚେତନାର ନିର୍ମାଣ ହୋଇଛି । ଆମେ ତଥା ଏହି ଜଗତ ହେଉଛୁ କାଳସ୍ପନ୍ଦନର ଏକ ଅବିରାମ ସତତବର୍ଦ୍ଧମାନ ପ୍ରବାହ । ଏହି ପ୍ରବାହର ଅତୀତଗୁଡ଼ିକ ଏକତ୍ର ଠୁଳ ହୋଇ ବର୍ତ୍ତମାନରେ ପରିଣତ ହେବାରେ ଲାଗିଛି ଓ ଏହି ବର୍ତ୍ତମାନକୁ ମୂଳ କରି ଆମର ଚେତନା ଭିତରେ ଭବିଷ୍ୟତ ମଧ୍ୟ ଭାସମାନ ହେଉଛି । ଆମର ବର୍ତ୍ତମାନ କେବଳ ଏକ ମୂଳବିନ୍ଦୁ ମାତ୍ର । ତାହାକୁ ଧରିବାକୁ ବସିଲେ ସିଏ ଆମକୁ ସତତ ଏଡ଼ିଦେଇ ଚାଲିଯାଉଛି । କାରଣ ବାସ୍ତବତଃ



'oaob.nitrkl.ac.in' images reprocessed

ଏହି କ୍ଷଣଟି କେଉଁଠିହେଲେ ନାହିଁ, ସତେଅବା ଜନ୍ମଲାଭ କରିବା ପୂର୍ବରୁହିଁ ତାହା ବିଲୟ ଲଭୁଛି । କେବଳ ଶାଶ୍ୱତ ଓ ଅବିଭାଜ୍ୟ କାଳର ପ୍ରବାହଟିହିଁ ଯଥାର୍ଥରେ ବିଦ୍ୟମାନ ରହିଛି ଏବଂ ତାହାରି ସ୍ରୋତରେ ଅବିଭାଜ୍ୟ ଚେତନାର ଗତିସ୍ପନ୍ଦନକୁ* ମଧ୍ୟ ବହନ କରି ଚାଲିଛି । ତେଣୁ କାଳର ପ୍ରବାହରେ ସଂଘଟିତ ହେଉଥିବା ସ୍ପନ୍ଦନ ଓ ପରିବର୍ତ୍ତନର ଶାଶ୍ୱତ ଅବିଚ୍ଛିନ୍ନତା ହେଉଛି ଏକମାତ୍ର ଚରମ ତତ୍ତ୍ୱ । ସତ୍ତା କହିଲେ କେବଳ ଏହି ସମ୍ଭୂତିକୁହିଁ ବୁଝିବାକୁ ହେବ ।

ପ୍ରକୃତରେ କହିବାକୁ ଗଲେ ସତ୍ତାର ସତ୍ୟରୂପ ସମ୍ବନ୍ଧରେ ଯଥାର୍ଥ ଅନ୍ତର୍ଦୃଷ୍ଟିର ନିର୍ଣ୍ଣୟ ଓ ଶୁଦ୍ଧ ବୁଦ୍ଧିଦ୍ୱାରା ରଚିତ କଳ୍ପନାଗୁଡ଼ିକ ମଧ୍ୟରେ ରହିଥିବା ବିରୋଧଟିରେ ମଧ୍ୟ ପ୍ରମାଦ ରହିଯାଇଛି । ଯଦି ଏହି କ୍ଷେତ୍ରରେ ପ୍ରତିବୋଧ ପ୍ରକୃତରେ ବୁଦ୍ଧିର ବାଧକରୂପେ କାର୍ଯ୍ୟ କରୁଥା'ନ୍ତା, ତେବେ ଅନ୍ତର୍ଦୃଷ୍ଟିଲବ୍ଧ କୌଣସି ମୌଳିକ ଅନୁଭବକୁ ଅଗ୍ରାହ୍ୟ କରି ବୁଦ୍ଧିର ଏକ ବିକଳ୍ପକୁହିଁ ବିନା ସଙ୍କୋଚରେ ସତ୍ୟ ବୋଲି ଦାବି କରିବା ଆମ ପକ୍ଷରେ କଦାପି ଉଚିତ ହୁଅନ୍ତା ନାହିଁ । କିନ୍ତୁ ଏଠାରେ ଯେଉଁ ବୋଧିଲବ୍ଧ ଅନୁଭବର ଦୋହାଇ ଦିଆଯାଉଛି, ସେଇଟି ମଧ୍ୟ ଆଦୌ ସମ୍ପୂର୍ଣ୍ଣ ନୁହେଁ । ଏହି କ୍ଷେତ୍ରରେ ବୋଧି ପ୍ରକୃତରେ ଯେତିକି ଦୂର ଅଧିଗମି ପାରିଛି, କେବଳ ସେତିକିଯାଏ ବୋଧିର ସାକ୍ଷ୍ୟକୁ ସତ୍ୟ ବୋଲି ଗ୍ରହଣ କରାଯାଇ ପାରେ । ମାତ୍ର ଆପଣାର ସୀମା ଭିତରେ ଅଟକି ଯାଇ ଯେତେବେଳେ ବୋଧି ସମ୍ୟକ୍-ଅନୁଭବର ସମଗ୍ରତାଟିକୁ ଦେଖିବାକୁ ଅସମର୍ଥ ହୁଏ, ସେତିକିବେଳେହିଁ ସେ ପ୍ରମାଦରେ ପଡ଼ିଯାଏ । ବୋଧି ଯେତେବେଳଯାଏ ଆମର ସମ୍ଭୂତିରୂପରେହିଁ ଆପଣାର ଦୃଷ୍ଟିକୁ ନିବଦ୍ଧ କରି ରଖିଥାଏ, ସେତେବେଳଯାଏ ଆମେ ଆପଣାକୁ କାଳର ଶାଶ୍ୱତ ସ୍ରୋତଧାରାରେ ଚେତନାକ୍ଷେତ୍ରରେ ସଂଘଟିତ ହେଉଥିବା ସ୍ପନ୍ଦନ ଓ ପରିବର୍ତ୍ତନର ଏକ ଅବିଚ୍ଛିନ୍ନ

* ପ୍ରବାହ ବା ଗତି ସମଗ୍ରତଃ ଅବିଭାଜ୍ୟ । କାଳ ବା ଚେତନାର ପ୍ରତ୍ୟେକ ମୁହୂର୍ତ୍ତକୁ ଆମେ ହୁଏତ ତାହାର ପୂର୍ବବର୍ତ୍ତୀ କିମ୍ବା ପରବର୍ତ୍ତୀ ମୁହୂର୍ତ୍ତଠାରୁ ବିଚ୍ଛିନ୍ନରୂପେ ବେଶ୍ ବିଚାର କରି-ପାରିବା । ଶକ୍ତିର କ୍ରମାନୁସାରୀ ପ୍ରତ୍ୟେକ କ୍ରିୟାକୁ ଏକ ନୂତନ ପରମାଣାତ୍ମକ ଏକକ କିମ୍ବା ଏକ ନୂତନ ସୃଷ୍ଟି ବୋଲି ବେଶ୍ କହିପାରିବା । କିନ୍ତୁ ସେପରି କରିବାଦ୍ୱାରା ପ୍ରବାହର ଅବିଚ୍ଛିନ୍ନତା ତଥାପି ବ୍ୟାହତ ହେବ ନାହିଁ, କାରଣ ଏହି ଅବିଚ୍ଛିନ୍ନତା ବ୍ୟତୀତ କାଳର କୌଣସି ବ୍ୟାପ୍ତି କିମ୍ବା ଚେତନାର କୌଣସି ପୂର୍ବାପରସଙ୍ଗତି ମଧ୍ୟ ରହିପାରିବ ନାହିଁ । କୌଣସି ବ୍ୟକ୍ତି ଚାଲିଲାବେଳେ; ଦଉଡ଼ିବାବେଳେ କିମ୍ବା ଡେଇଁଲାବେଳେ ତାହାର ପ୍ରତ୍ୟେକ ପଦକ୍ଷେପ ପରସ୍ପରଠାରୁ ପୃଥକ୍ ଥାଏ ସତ, ମାତ୍ର ତାହାରି ଭିତରେ ଥାଇ କୌଣସି ସଂଯୋଗକାରୀ ପ୍ରକ୍ରିୟା ଏହି ପଦକ୍ଷେପଗୁଡ଼ିକୁ ଏକତ୍ର ମିଳାଇଦିଏ ଓ ବ୍ୟକ୍ତିର ଗତିକୁ ଏକ ଅବିଚ୍ଛିନ୍ନ ଗତିରେ ପରିଣତ କରିଦିଏ ।

'oaob.nitrkl.ac.in' images reprocessed

ପ୍ରବାହରୂପେ ପ୍ରତ୍ୟକ୍ଷ କରିଥାଉ । ବୌଦ୍ଧଧର୍ମରୁ ଦୃଷ୍ଟାନ୍ତ ନେଇ ଏଠାରେ ଆମକୁ ଏକ ନଦୀସ୍ରୋତ କିମ୍ବା ଦୀପଶିଖା ବୋଲି କୁହାଯାଇପାରେ । ମାତ୍ର ଏହାର ଆହୁରି ସେପାଖରେ ଏକ ଚରମ ଅନୁଭବ ଓ ଚରମ ପ୍ରତିବୋଧ ମଧ୍ୟ ରହିଛି, ଯାହାକି ଆମକୁ ଆମର ବହିଶ୍ଚେତନାରୁ ଅତିକ୍ରାନ୍ତ କରାଇ ଆହୁରି ଗଭୀରକୁ ବହନ କରି ନେଇଯାଏ । ସେଠାରେ ଉପନୀତ ହୋଇ ଆମେ ଏହି ସମ୍ଭୂତି, ପରିବର୍ତ୍ତନ ଓ କ୍ରମାନୁସରଣକୁ ଆମ ସତ୍ୟସ୍ୱରୂପର କେବଳ ଏକ ପର୍ଯ୍ୟାପ୍ତି ବା ବିଭଙ୍ଗରୂପେ ଦେଖିବାକୁ ପାଉ । ଏହି ସମ୍ଭୂତିର ଯାବତୀୟ ବିନ୍ୟାସରେ ନିଜକୁ କୌଣସି ପ୍ରକାରେ ଲିପ୍ତ କରି ରଖିନଥିବା ଏପରି କିଛି ଯେ ଆମରି ଭିତରେ ଅବସ୍ଥିତ ରହିଛି, ଆମେ ସେକଥା ଜାଣିବାକୁ ସମର୍ଥ ହେଉ । ଆମ ଭିତରେ ରହିଥିବା ସେହି ଚିରସ୍ଥିର ଓ ସନାତନଟିକୁ ଯେ କେବଳ ପ୍ରତିବୋଧ ଦ୍ୱାରା ଅନୁଭବ କରି ହେବ ତାହା ନୁହେଁ, ବସ୍ତୁତ ପ୍ରବହମାନ ଏହି ସମ୍ଭୂତିର ଆବରଣ ସେପାଖରୁ ଯେ ଆମର ଅନୁଭୂତି ଭିତରେ ତାହାର କେବଳ ଆଭାସମାତ୍ର ମିଳୁଥିବ ତାହା ନୁହେଁ;—ମାତ୍ର ତାହାରି ଭିତରକୁ ଆପଣାକୁ ପ୍ରତ୍ୟାହୃତ କରିନେବା ଓ ସମ୍ପୂର୍ଣ୍ଣ ଭାବରେ ତାହାରି ଭିତରେହିଁ ଜୀବନଧାରଣ କରିବା ମଧ୍ୟ ଆମ ପକ୍ଷରେ ଆଦୌ ଅସମ୍ଭବ ନୁହେଁ । ଏହାଦ୍ୱାରା ଆମର ବହିର୍ଜୀବନ ମଧ୍ୟ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇଯିବ, ଆମ ଦୃଷ୍ଟିଭଙ୍ଗୀରେ ଏକ ସମ୍ପୂର୍ଣ୍ଣ ରୂପାନ୍ତର ଘଟିବ, ଜଗତର ଜୀବନଗତି ଉପରେ ଆମ କର୍ମଧାରାରେ ମଧ୍ୟ ଆମୂଳ ପରିବର୍ତ୍ତନ ହୋଇଯିବ । ଶୁଦ୍ଧ ବୁଦ୍ଧି ମଧ୍ୟ ଆଗରୁ ଆମକୁ ଏହି ଚିରସ୍ଥିର ସନାତନ ଭୂମିଟିର ପରିଚୟ ଦେଇଥିଲା; ଅବଶ୍ୟ ବୁଦ୍ଧିର କୌଣସି ସାହାଯ୍ୟ ନ ନେଇ ମଧ୍ୟ ଓ ଏହି ଭୂମିର ପ୍ରକୃତି ସମ୍ବନ୍ଧରେ କୌଣସି ପୂର୍ବଜ୍ଞାନ ଅର୍ଜନ ନ କରି ମଧ୍ୟ ଆମେ ଏହି ଭୂମିରେ ଆସି ନିଶ୍ଚୟ ପହଞ୍ଚି ପାରିବା । ଏହି ଭୂମି ଶୁଦ୍ଧ ସତ୍ତ୍ୱର ଭୂମି; ଏହା ଶାଶ୍ୱତ, ଅନନ୍ତ ଓ ଅନିର୍ଦ୍ଦେଶ୍ୟ । କାଳର ପ୍ରବାହ ବା ଦେଶଗତ ପରିବ୍ୟାପ୍ତି ଏହାକୁ ଆଦୌ ସ୍ପର୍ଶ କରି ପାରେ ନାହିଁ । ଏହା ରୂପାତୀତ, ପରିମାଣାତୀତ ଓ ଗୁଣାତୀତ; କେବଳ ଆତ୍ମସ୍ୱରୂପ ଓ ନିର୍ବିଶେଷ ।

ତେଣୁ ଶୁଦ୍ଧ ସତ୍ତ୍ୱକୁ ଆମେ କେବଳ ଏକ କଳ୍ପନା ବୋଲି କହିବା ନାହିଁ, ଆମେ ତାହାକୁ ଏକ ବାସ୍ତବ ସତ୍ୟ ବୋଲି ଜାଣିବା । ଏହି ସତ୍ୟହିଁ ସକଳ ପ୍ରତିଭାସର ଆଧାରରୂପେ ଅଧିଷ୍ଠିତ ରହିଛି । ମାତ୍ର ଏକଥା ମଧ୍ୟ ଅବଶ୍ୟ ମନେ ରଖିବାକୁ ହେବ ଯେ ଜଗତର ଗତିସ୍ପନ୍ଦନ, ଶକ୍ତି ତଥା ସମ୍ଭୂତି,—ଏଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ସତ୍ୟ, ଏଗୁଡ଼ିକ ମଧ୍ୟ ବାସ୍ତବ । ପରମ ପ୍ରତିବୋଧ ଓ ସେହି ସ୍ୱକୀୟ ଅନୁଭୂତି ଦ୍ୱାରା ଏହି ଅନ୍ୟଗୁଡ଼ିକୁ ସଂଶୋଧିତ କରାଯାଇପାରେ, ତାହା ସେଗୁଡ଼ିକୁ ଅତିକ୍ରମ କରି ଚାଲି ଯାଇପାରେ, ସେଗୁଡ଼ିକୁ କିଛି ସମୟ ପାଇଁ ଅଟକାଇ

'oaob.nitrkl.ac.in' images reprocessed

ରଖିପାରେ, ମାତ୍ର ସେଗୁଡ଼ିକୁ କଦାପି ସମ୍ପୂର୍ଣ୍ଣଭାବରେ କାଟିଦେଇ ପାରିବ ନାହିଁ । ତେଣୁ ଆମେ ଦୁଇଟି ତତ୍ତ୍ୱକୁ ସକଳ ପ୍ରତିଭାସର ମୂଳତତ୍ତ୍ୱ ରୂପେ ଜାଣିରଖିବା : ଗୋଟିଏ ହେଉଛି ଶୁଦ୍ଧ ସତ୍ତା, ଅନ୍ୟଟି ଜଗତ୍‌ସତ୍ତା; ଗୋଟିଏ ସନାତନ ସତ୍ ଓ ଆଉ ଗୋଟିଏ ସମ୍ଭୂତି । ଦୁଇଟି ମଧ୍ୟରୁ କୌଣସି ଗୋଟିକୁ ଅସ୍ୱୀକାର କରିବା ଆଦୌ କଠିନ ନୁହେଁ, ମାତ୍ର ଚେତନା ଭିତରେ ଏହି ଦୁଇଟିଯାକର ଆବିଷ୍କାର କରିବା ଏବଂ ସେମାନଙ୍କର ପାରସ୍ପରିକ ସମ୍ବନ୍ଧର ନିର୍ଣ୍ଣୟ କରିବା ଦ୍ୱାରାହିଁ ସତ୍ୟ ଓ ସାର୍ଥକ ଜ୍ଞାନର ପରିଚୟ ମିଳିଥାଏ ।

ଏକତ୍ୱ ଓ ବହୁତ୍ୱ ଭଳି ଗତିରହିତତା ଓ ଗତିସ୍ପନ୍ଦନକୁ ମଧ୍ୟ ଆମେ ସେହି ଏକ ଓ ନିର୍ବିଶେଷ ପରମତତ୍ତ୍ୱରହିଁ ମନଃପ୍ରସୂତ ପରିପ୍ରକାଶ ବୋଲି ସ୍ମରଣ ରଖିବା । ବସ୍ତୁତଃ ସେହି ପରମତତ୍ତ୍ୱ ସକଳ ଏକତ୍ୱ ଓ ବହୁତ୍ୱକଳ୍ପନାର ଅତିରିକ୍ତ, ଠିକ୍ ସେହିପରି ସେ ଗତିରହିତତାର ଅତିରିକ୍ତ, ଗତିସ୍ପନ୍ଦନର ମଧ୍ୟ ଅତିରିକ୍ତ । ମାତ୍ର ସ୍ପନ୍ଦନହୀନ ଏକତ୍ୱରେହିଁ ସେ ଶାଶ୍ୱତଭାବେ ପ୍ରତିଷ୍ଠିତ ରହିଛନ୍ତି, ପୁଣି ସ୍ପନ୍ଦନମୟ ବହୁତ୍ୱର ମାଧ୍ୟମରେ ଆପଣାକୁ ବେଷ୍ଟନ କରି ଅନ୍ତହୀନ, ଅକଳ୍ପନୀୟ ଓ ଅପ୍ରମେୟ ଭାବରେ ଆବର୍ତ୍ତିତ ହେଉଥା'ନ୍ତି । ଏହି ଜଗତ୍‌ସତ୍ତା ହେଉଛି ଶିବନଟରାଜଙ୍କର ତାଣ୍ଡବନୃତ୍ୟ, ଯାହାର ପରିଣାମସ୍ୱରୂପ ତାଙ୍କରି ତନୁର ଅଗଣିତ ପ୍ରତିରୂପ ଦୃଶ୍ୟମାନ ହୋଇ ଚାଲିଛି । ମାତ୍ର ତାଙ୍କର ସେହି ଶୁଭ୍ର ସତ୍ତାଟି ଯେଉଁଠି ଯେଉଁଭଳି ଥିଲା, ସେହିଠାରେ ଠିକ୍ ସେହିଭଳି ଅମ୍ଲାନ ଓ ଅଚଞ୍ଚଳ ଭାବରେ ରହିଛି, ଶାଶ୍ୱତ ଭାବରେ ରହିଛି ଓ ଶାଶ୍ୱତ ଭାବରେ ରହିଥିବ । ସେହି ନୃତ୍ୟଜନିତ ଉଲ୍ଲାସହିଁ ନୃତ୍ୟରାଜଙ୍କର ଏକମାତ୍ର ଉଦ୍ଦେଶ୍ୟ, ଆପ୍ତକାମଙ୍କର ଏକମାତ୍ର କାମନା ।

ମାତ୍ର ଆମେ ସେହି ନିର୍ବିଶେଷ ସ୍ୱରୂପକୁ ବାକ୍ୟରେ ବର୍ଣ୍ଣନା କରି ପାରିବା ନାହିଁ କିମ୍ବା ମନ ଭିତରେ ତାହାର କଳନା କରି ପାରିବା ନାହିଁ । ସିଏ ହେଉଛନ୍ତି ଗତିରହିତତା ଓ ଗତିସ୍ପନ୍ଦନ ଉଭୟର ଅତୀତ; ଏକତ୍ୱର ଅତୀତ, ବହୁତ୍ୱର ଅତୀତ । ଆମଲାଗି ଏହି ବର୍ଣ୍ଣନା ଓ କଳନାର କୌଣସି ପ୍ରୟୋଜନ ମଧ୍ୟ ନାହିଁ । ତେଣୁ ଆମେ ତାଙ୍କର ଏହି ଦୁଇଟିଯାକ ସତ୍ୟକୁ ସ୍ୱୀକାର କରିନେବା, ଶିବ ଓ କାଳୀ ଉଭୟଙ୍କୁ ସ୍ୱୀକାର କରିନେବା । ଏକ ତଥା ଅବିଚଳ ରହିଥିବା ଯେଉଁ ଦେଶକାଳାତୀତ ଶୁଦ୍ଧ ସତ୍‌ସ୍ୱରୂପଙ୍କୁ ମେୟ ବା ଅମେୟ କିଛି ହେଲେ କୁହାଯାଇ ପାରିବ ନାହିଁ, ଦେଶ ଓ କାଳର ଭୂମି ଉପରେ ପ୍ରକାଶିତ ହୋଇ ଚାଲିଥିବା ଏହି ଅପ୍ରମେୟ ସ୍ପନ୍ଦନଲୀଳା ସହିତ ତାଙ୍କର ସମ୍ବନ୍ଧଟିକୁ ଆମେ ଜାଣିବାକୁ ଚେଷ୍ଟା କରିବା । ଶୁଦ୍ଧ ବୁଦ୍ଧି, ପ୍ରତିବୋଧ ଓ ପ୍ରତ୍ୟକ୍ଷ ଅନୁଭବ ଶୁଦ୍ଧ ସତ୍ ସମ୍ବନ୍ଧରେ ଆମକୁ ଯାହାସବୁ ତଥ୍ୟପରିଚୟ ଦେବାକୁ ସମର୍ଥ ହୁଅନ୍ତି, ଆମେ ସେଗୁଡ଼ିକୁ ଜାଣିସାରିବା ପରେ

'oaob.nitrkl.ac.in' images reprocessed

ବର୍ତ୍ତମାନ ପ୍ରଶ୍ନ ହେଉଛି : ଗତିସ୍ପନ୍ଦନ ଅଥବା ଶକ୍ତି ବିଷୟରେ ମଧ୍ୟ ସେମାନଙ୍କର କ'ଣ କହିବାକୁ ଅଛି ?

ମାତ୍ର ସେହି ଶକ୍ତି କ'ଣ ପ୍ରକୃତରେ କେବଳ ଶକ୍ତି; ଗତିର କେବଳ ଏକ ନିଶ୍ଚେତନ ପ୍ରକାଶ ?—ଆମେ ପ୍ରଥମେ ନିଜକୁ ଏହି ପ୍ରଶ୍ନଟି ପଚାରିବା । ଅଥବା ଆମର ଏହି ଭୌତିକ ଜଗତରେ ଯେଉଁ ଚେତନା ଏହାର ଭିତରୁ ନିଷ୍ପନ୍ନ ହେଉଥିବାର ପ୍ରତୀତ ହୋଇଥାଏ, ତାହା ଏହାର କେବଳ ଏକ ପ୍ରାତିଭାସିକ ପରିଣାମ ନୁହେଁ, ମାତ୍ର ସେହି ଚୈତନ୍ୟହିଁ କ'ଣ ଏହି ଶକ୍ତିର ପ୍ରକୃତ ଓ ପ୍ରଚ୍ଛନ୍ନ ଧର୍ମ ? ବେଦାନ୍ତର ପରିଭାଷାରେ କହିବାକୁ ଗଲେ, ଶକ୍ତିକୁ କ'ଣ ଆମେ କେବଳ ପ୍ରକୃତି ବୋଲି କହିବା, କ୍ରିୟା ଓ ପ୍ରତିକ୍ରିୟାର କେବଳ ଏକ ଗତିସ୍ପନ୍ଦନ ବୋଲି କହିବା ? ଅଥବା ପ୍ରକୃତିକୁ ଯଥାର୍ଥତଃ ଚିତ୍‌ଶକ୍ତି ବୋଲି ବୁଝିବାକୁ ହେବ, ସ୍ୱରୂପତଃ ସୃଷ୍ଟିଶୀଳ ଆତ୍ମବିବେକର ଚୈତନ୍ୟଶକ୍ତି ବୋଲି ବୁଝିବାକୁ ହେବ ? ଏହି ମୂଳସମସ୍ୟାଟିର ସମାଧାନ ଉପରେହିଁ ଆମର ଅନ୍ୟ ଯାବତୀୟ ନିର୍ଣ୍ଣୟଗୁଡ଼ିକ ନିର୍ଭର କରି ରହିଛନ୍ତି ।

'oaob.nitrkl.ac.in' images reprocessed

ଦଶମ ପରିଚ୍ଛେଦ

# ଚିତ୍-ଶକ୍ତି

ତେ ଧ୍ୟାନଯୋଗାନୁଗତା ଅପଶ୍ୟନ୍ ଦେବାତ୍ମଶକ୍ତିଂ ସ୍ୱଗୁଣୈର୍ନିଗୂଢ଼ାମ୍ ।

—ଶ୍ୱେତାଶ୍ୱତର ଉପନିଷଦ, ୧ । ୩

ଏହି ଋଷିମାନେ ଆତ୍ମଶକ୍ତିକୁ ସେମାନେ ସ୍ୱଗୁଣରାଶି ଦ୍ୱାରା ନିଗୂଢ଼ ହୋଇ ରହିଥିବାର ଦେଖିବାକୁ ପାଇଲେ ।

ଯ ଏଷ ସୁପ୍ତେଷୁ ଜାଗର୍ତ୍ତି...... ।

—କଠୋପନିଷଦ, ୫ । ୮

ସେ ସୁପ୍ତମାନଙ୍କ ଭିତରେ ଜାଗ୍ରତ ହୋଇ ରହିଛନ୍ତି ।

ସୃଷ୍ଟି ବା ପ୍ରାତିଭାସିକ ଜଗତର ସବୁକିଛି କେବଳ ଶକ୍ତି ଅଥବା ଶକ୍ତିଧର୍ମୀ ଏକ ଗତିସ୍ପନ୍ଦନରେ ପର୍ଯ୍ୟବସିତ ହୋଇଯାଉଛି । ଆପଣାର ଅନୁଭୂତି ଭିତରେ ଆପଣାକୁ ଧରିଦେବାକୁ ଏହି ଶକ୍ତିହିଁ ଜଡ଼ତ୍ୱର ବିବିଧ ପର୍ଯ୍ୟାୟରେ ତଥା ସ୍ଥୂଳସୂକ୍ଷ୍ମ ନାନାବିଧ ରୂପର ବୈଚିତ୍ର୍ୟରେ ଆପଣାକୁ ରୂପାୟିତ କରିବାରେ ଲାଗିଛି । ସୃଷ୍ଟିର ମୂଳବିଧାନରୂପୀ ଏହି ଶକ୍ତିକୁ ଆପଣାଲାଗି ଏକ ବୋଧଗମ୍ୟ ଓ ବାସ୍ତବ ରୂପ ଦେବାର ଅଭିଳାଷରେ ମନୁଷ୍ୟର ଭାବନା ଯେଉଁ ପ୍ରାଚୀନ କଳ୍ପନାମାନ କରିଥିଲା, ସେଥିରେ ଶକ୍ତିର ଏହି ଅନନ୍ତ ସତ୍ତାକୁ ଏକ ସମୁଦ୍ରରୂପେ କଳ୍ପନା କରାଯାଇଥିଲା । ଏହି ସମୁଦ୍ର ମୂଳତଃ ସ୍ଥିର, ପ୍ରସୁପ୍ତ ଏବଂ ତେଣୁ ରୂପବର୍ଜିତ; ମାତ୍ର ସେହି ସମୁଦ୍ରରେ ଏକ ପ୍ରଥମ ଆଲୋଡ଼ନର, ବା ଏକ ପ୍ରଥମ ଗତିସ୍ପନ୍ଦନର ସୂତ୍ରପାତ ହେବା ମାତ୍ରକେହିଁ ବିବିଧ ରୂପସୃଷ୍ଟିର ଆବଶ୍ୟକତା ଜାଗ୍ରତ ହୋଇଉଠେ ଏବଂ ତାହାହିଁ ଏକ ବିଶ୍ୱର ବୀଜରୂପେ ଉଦ୍‌ଗତ ହୁଏ ।

ଜଡ଼ ଆକାରରେ ରୂପାୟିତ ହେବାଦ୍ୱାରାହିଁ ଶକ୍ତି ଆମର ବୁଦ୍ଧି ଲାଗି ସବୁଠାରୁ ଅଧିକ ସହଜରେ ବୋଧଗମ୍ୟ ହୁଏ । କାରଣ ଜଡ଼ଧାତୁରେ ନିର୍ମିତ ମସ୍ତିଷ୍କକୁ

'oaob.nitrkl.ac.in' images reprocessed

ଅଗ୍ରସ୍ର କରି ଚାଲିଥିବା ମନକ୍ଷେତ୍ରରେ ଜଡ଼ଜଗତ୍ ସହିତ ସଂସ୍ପର୍ଶର ପ୍ରତିସଂସ୍ପର୍ଶ ଅନୁଭୂତ ହୋଇଥାଏ ଏବଂ ଆମର ବୁଦ୍ଧି ତାହାର ଗ୍ରହଣରେହିଁ ଗଠିତ ହୋଇଥାଏ । ପ୍ରାଚୀନ ଭାରତର ପଦାର୍ଥବିଜ୍ଞାନୀମାନେ ଜଡ଼ଶକ୍ତିର ଆଦିମ ଅବସ୍ଥାକୁ ବ୍ୟୋମ୍ ବା ଆକାଶ-ରୂପେ ନାମିତ କରିଥିଲେ । ଏହି ବ୍ୟୋମ ସ୍ୱରୂପତଃ ମହାଶୂନ୍ୟରେ ଶୁଦ୍ଧଭାବେ ପରିବ୍ୟାପ୍ତ ହୋଇ ରହିଛି । ସେମାନେ କମ୍ପନକୁହିଁ ସେହି ବ୍ୟୋମର ବିଶେଷ ଧର୍ମ ବୋଲି ନିର୍ଣ୍ଣୟ କରିଥିଲେ ଏବଂ ଏହି କମ୍ପନ ଆମର ଚେତନାରେ ଶବ୍ଦରୂପେହିଁ ପ୍ରକାଶିତ ହୋଇଥାଏ । ମାତ୍ର ବ୍ୟୋମର ଅବସ୍ଥାରେ ଥିବା ଏହି କମ୍ପନ ବିଶ୍ୱସୃଷ୍ଟି ଲାଗି ଆଦୌ ଯଥେଷ୍ଟ ନୁହେଁ । ସେଥିଲାଗି ଶକ୍ତିରୂପୀ ସମୁଦ୍ରର ଅବାଧ ପ୍ରବାହରେ ପ୍ରଥମେ ଏକ ପ୍ରତିଘାତ ଉତ୍ପନ୍ନ ହେବା ଏକାନ୍ତ ଆବଶ୍ୟକ । କିଞ୍ଚିତ୍ ଆକୁଞ୍ଚନ ଓ ପ୍ରସାରଣ ଆବଶ୍ୟକ, ବିଚିତ୍ର ନାନା କମ୍ପନର ପାରସ୍ପରିକ ସମ୍ମିଳନ ଆବଶ୍ୟକ, ଶକ୍ତିଉପରେ ଶକ୍ତିର ଅଭିଘାତ ମଧ୍ୟ ଆବଶ୍ୟକ, ଯାହାଫଳରେ କି ସେଗୁଡ଼ିକ ମଧ୍ୟରେ ନିର୍ଦ୍ଦିଷ୍ଟ ସମ୍ବନ୍ଧ ଓ ପାରସ୍ପରିକ ପରିଣାମ ସୃଷ୍ଟିର ଏକ ଉନ୍ମେଷ ସମ୍ଭବ ହୋଇପାରିବ । ଏହି ପ୍ରୟୋଜନର ଅନୁରୋଧରେ ଜଡ଼ଶକ୍ତି ଆପଣାର ବ୍ୟୋମାବସ୍ଥାରେ ରୂପାନ୍ତର ଘଟାଇ ଏକ ଦ୍ୱିତୀୟ ଅବସ୍ଥାର ସୃଷ୍ଟି କଲା । ପ୍ରାଚୀନ ପରିଭାଷାରେ ଏହି ଦ୍ୱିତୀୟ 'ଭୂତ'ଟିକୁ ମରୁତ୍ ବା ବାୟୁ ବୋଲି କୁହାଯାଉଛି । ଶକ୍ତି ସହିତ ଶକ୍ତିର ସଂସ୍ପର୍ଶ ହେଉଛି ଏହାର ବିଶେଷ ଧର୍ମ ବା ଗୁଣ, ଏବଂ ଏହି ସଂସ୍ପର୍ଶ ହେଉଛି, ସକଳ ଜଡ଼ସମ୍ବନ୍ଧର ଆଧାର ସ୍ୱରୂପ । ମାତ୍ର ତଥାପି ଏହି ଅବସ୍ଥାରେ ବିଭିନ୍ନ ଓ ବିଚିତ୍ର ଶକ୍ତିର ପାରସ୍ପରିକ କ୍ରିୟା ସଂଘଟିତ ହୁଏ ସିନା, କିନ୍ତୁ ଯଥାର୍ଥ ରୂପସୃଷ୍ଟି ସମ୍ଭବ ହୁଏ ନାହିଁ । ରୂପସୃଷ୍ଟି ସକାଶେ ଏକ ଆଧାରର ପ୍ରୟୋଜନ ହୁଏ । ଏହି ପ୍ରୟୋଜନଟିକୁ ପୂରଣ କରିବାଲାଗି ଆଦ୍ୟାଶକ୍ତି ଆପଣାର ଏକ ତୃତୀୟ ରୂପାନ୍ତର ଘଟାନ୍ତି, ଏବଂ ତେଜୋରୂପୀ ସେହି ରୂପାନ୍ତରଟିର ସ୍ୱଭାବଗତ ପରିପ୍ରକାଶକୁ ଆମେ ଆଲୋକ, ବିଦ୍ୟୁତ୍, ଅଗ୍ନି ଓ ଉତ୍ତାପ ବୋଲି ଜାଣୁ । ଏହି ଅବସ୍ଥାରେ ଶକ୍ତିର ରୂପଚୟ ନାନା ବିଶିଷ୍ଟ ପ୍ରକୃତି ଓ ବିଶିଷ୍ଟ କ୍ରିୟାରେ ପ୍ରକାଶ ପାଇଲେ ମଧ୍ୟ ଜଡ଼ର ରୂପାୟନରେ ଏକ ସ୍ଥାବରତା ବା ସ୍ଥାୟିତ୍ୱ ଆସିବାକୁ ତଥାପି ବାକି ଥାଏ । ତେଣୁ ଭୂତର ଏକ ଚତୁର୍ଥ ଅବସ୍ଥା ଗ୍ରହଣ ଆବଶ୍ୟକ ହୁଏ । ଚତୁର୍ଦ୍ଦିଗକୁ ଶକ୍ତିର ସଂପ୍ରେରଣ କରିବା ହେଉଛି ଏହାର ବିଶେଷ ଧର୍ମ, ସ୍ଥାୟୀ ଆକର୍ଷଣ ଓ ବିକର୍ଷଣର କ୍ରିୟାକୁ ସମ୍ଭବ କରିବାଲାଗି ଏହା ଏକ ପ୍ରଥମ ବାହନ । ପ୍ରାଚୀନମାନେ 'ଅପ୍' ନାମରେ ଏହି ତରଳ ଅବସ୍ଥାଟିର ଏକ ଛବିଳ ନାମକରଣ କରିଯାଇଛନ୍ତି । ଏବଂ ସର୍ବଶେଷରେ ପଞ୍ଚମ ପର୍ଯ୍ୟାୟରେ କ୍ଷିତିର ଆବିର୍ଭାବ ହୋଇଛି । ସଂସକ୍ତି ବା କାଠିନ୍ୟ ହେଉଛି କ୍ଷିତିର ଧର୍ମ । ଏହିପରି ଭାବରେ ପଞ୍ଚଭୂତର ସୃଷ୍ଟି ହୋଇ ଶକ୍ତିର ଆବଶ୍ୟକ ଭୂତପରିଣାମଗୁଡ଼ିକ ସମ୍ପୂର୍ଣ୍ଣତା ଲାଭ କରିଛି ।

'oaob.nitrkl.ac.in' images reprocessed

ଆମର ଜ୍ଞାତସାରରେ ଜଡ଼ର ଯେତେ ଯେତେ ରୂପ ରହିଛି, ସୂକ୍ଷ୍ମରୁ ସୂକ୍ଷ୍ମତମ ଯାଏ ଯାବତୀୟ ଭୌତିକ ପଦାର୍ଥ ଏହି ପଞ୍ଚଭୂତର ସଂଯୋଗ ଓ ସମାହାରରେହିଁ ଗଠିତ ହୋଇଛି । ଆମର ଇନ୍ଦ୍ରିୟଗ୍ରାହ୍ୟ ସକଳ ଅନୁଭୂତି ମଧ୍ୟ ସେହିଗୁଡ଼ିକ ଉପରେ ନିର୍ଭର କରି ରହିଛି । କାରଣ କମ୍ପନକୁ ଗ୍ରହଣ କରିବାଦ୍ୱାରା ଶବ୍ଦାନୁଭୂତି ସମ୍ଭବ ହେଉଛି । ଶକ୍ତିକମ୍ପନର ଜଗତରେ ପଦାର୍ଥପୁଞ୍ଜର ସଂସ୍ପର୍ଶ ସ୍ପର୍ଶର ଅନୁଭୂତି ଆଣି ଦେଉଛି । ପୁଣି ଆଲୋକଶକ୍ତି, ଅଗ୍ନି ଓ ଉତ୍ତାପଦ୍ୱାରା ବର୍ଦ୍ଧିତ, ବ୍ୟାକୃତ ଓ ସ୍ଫୁରିତ ରୂପପୁଞ୍ଜ ଉପରେ ଆଲୋକର କ୍ରିୟା ଦର୍ଶନେନ୍ଦ୍ରିୟକୁ ଜନ୍ମ ଦେଉଛି । ଚତୁର୍ଥ ଉପାଦାନଟିରୁ ରସନା ଓ ପଞ୍ଚମଟିରୁ ଘ୍ରାଣେନ୍ଦ୍ରିୟର ଉଦ୍ଭବ ହୋଇଛି । ଶକ୍ତି ଓ ଶକ୍ତି ମଧ୍ୟରେ ସଂଘଟିତ ହେଉଥିବା ସଂସ୍ପର୍ଶରୁ ଯେଉଁ କମ୍ପନ ଜାତ ହେଉଛି, ମୂଳତଃ ତାହାର ପ୍ରତିକମ୍ପନ ଓ ପ୍ରତିକ୍ରିୟାସ୍ୱରୂପ ଏହି ଇନ୍ଦ୍ରିୟାନୁଭୂତିଗୁଡ଼ିକ ଜନ୍ମଲାଭ କରୁଛି । ଏହିପରି ଭାବରେହିଁ ପ୍ରାଚୀନ ଦାର୍ଶନିକମାନେ ଶୁଦ୍ଧ ଶକ୍ତି ଓ ତଜ୍ଜାତ ବସ୍ତୁପରିଣାମଗୁଡ଼ିକ ମଧ୍ୟରେ ରହିଯାଉଥିବା ବ୍ୟବଧାନଟି ଉପରେ ଏକ ସେତୁସ୍ଥାପନର ପ୍ରୟାସ କରିଥିଲେ । ମନୁଷ୍ୟର ଇନ୍ଦ୍ରିୟଲାଗି ସୃଷ୍ଟ ଜଗତର ଏହିସବୁ ରୂପ ଓ ପଦାର୍ଥ ସାଧାରଣତଃ ସତ୍ୟ, ନିରେଟ ଓ ସ୍ଥାୟୀ ବୋଲି ମନେ ହୋଇଥାଏ । ମାତ୍ର ସେଗୁଡ଼ିକ ଯେ ଯଥାର୍ଥରେ କେବଳ କ୍ଷଣିକ ପ୍ରତିଭାସମାତ୍ର ଏବଂ ସକଳ ଇନ୍ଦ୍ରିୟଗ୍ରାହ୍ୟତାର ବାହାରେ ଅବସ୍ଥିତ ଏକ ଅନିର୍ବାଚ୍ୟ ଓ ପ୍ରାୟ ଅବିଶ୍ୱାସନୀୟ ଶୁଦ୍ଧା ଶକ୍ତି ଯେ ଏହି ବିଶ୍ୱର ଏକମାତ୍ର ଶାଶ୍ୱତ ସତ୍ୟ, ସାଧାରଣ ମନୁଷ୍ୟ ସେକଥା ସହଜରେ ବୁଝିପାରେ ନାହିଁ । ପ୍ରାଚୀନ ଦାର୍ଶନିକମାନେ ଉକ୍ତ ସେତୁ-ସ୍ଥାପନର ପ୍ରୟାସ କରି ସାଧାରଣ ମନୁଷ୍ୟ ମନର ସେହି ଅସୁବିଧାଟିକୁ ଦୂରକରି ଦେଇଥିଲେ ।

ମାତ୍ର ଏହି ସିଦ୍ଧାନ୍ତଟିରୁ ଚେତନାର ସମସ୍ୟାରେ ଆମକୁ କୌଣସି ସମାଧାନ ମିଳେ ନାହିଁ । କାରଣ ଶକ୍ତିକମ୍ପନର ସଂସ୍ପର୍ଶଦ୍ୱାରା ସଚେତନ ଇନ୍ଦ୍ରିୟବୋଧ କିପରି ଯେ ସମ୍ଭବ ହୁଏ, ଏହି ସିଦ୍ଧାନ୍ତ ଆମକୁ ସେ ବିଷୟରେ କିଛି କହି ପାରେ ନାହିଁ । ଏହି ଅସୁବିଧାକୁ ଦୂର କରିବା ଉଦ୍ଦେଶ୍ୟରେ ବିଶ୍ଳେଷଣଧର୍ମୀ ସାଂଖ୍ୟବାଦୀମାନେ ପଞ୍ଚଭୂତର ପଛରେ ରହିଥିବା ମହତ୍ ଓ ଅହଙ୍କାର ନାମକ ଦୁଇଟି ଅଜଡ଼ ତତ୍ତ୍ୱର କଳ୍ପନା କରିଥିଲେ । ତତ୍ତ୍ୱଦୁଇଟି ପ୍ରକୃତରେ ଅଜଡ଼; କାରଣ ପ୍ରଥମଟି ବିଶ୍ୱନିଖିଳକୁ ଆବୋରି ରହିଥିବା ଶକ୍ତିର ତତ୍ତ୍ୱ ବ୍ୟତୀତ ଆଉ କିଛି ନୁହେଁ, ଏବଂ ଦ୍ୱିତୀୟଟି ହେଉଛି ଅହଂରଚନାର ବିଭାଜନଧର୍ମୀ ତତ୍ତ୍ୱ । ତଥାପି ଏହି ତତ୍ତ୍ୱଦୁଇଟି ତଥା ବୁଦ୍ଧିର ତତ୍ତ୍ୱଟି ଖାସ୍ ଶକ୍ତିର ଅଭିଘାତଦ୍ୱାରା ଚେତନା ଭିତରେ ସକ୍ରିୟ ହୁଅନ୍ତି ନାହିଁ, ମାତ୍ର କ୍ରିୟାରହିତ ଏକ ବା ଅନେକ ପୁରୁଷଦ୍ୱାରା ସକ୍ରିୟ ହୋଇଥା'ନ୍ତି । ଏହି ଆତ୍ମା ବା

'oaob.nitrkl.ac.in' images reprocessed

ଆତ୍ମାପ୍ରକୃତିରେହିଁ ଶକ୍ତିର କ୍ରିୟାଟିଏ ପ୍ରତିଫଳିତ ହୋଇଥାଏ ଏବଂ ଏହି ପ୍ରତିଫଳନଦ୍ୱାରା ଚେତନାର ବର୍ଣ୍ଣବ୍ୟଞ୍ଜନାରେ ରଞ୍ଜିତ ହୋଇଉଠେ ।

ଭାରତୀୟ ଦର୍ଶନର ଯେଉଁ ମତଟିକୁ ଆଧୁନିକ ଭୌତିକବାଦୀ କଳ୍ପନାର ନିକଟତମ ବୋଲି କୁହାଯାଇ ପାରିବ, ତାହା ଶକ୍ତିର ଏହିଭଳି ବ୍ୟାଖ୍ୟା କରିଯାଇଛି । ଭାରତୀୟ ମନ ସାଧାରଣତଃ ଗମ୍ଭୀର ବସ୍ତୁରପ୍ରଧାନ ଗବେଷଣା ଆଡ଼କୁ ଆକୃଷ୍ଟ ହୋଇ-ଥାଏ । ସାଂଖ୍ୟଦର୍ଶନହିଁ ପ୍ରକୃତିରେ କାର୍ଯ୍ୟ କରୁଥିବା ଏକ ଯନ୍ତ୍ରବତ୍ ବା ଅଚେତନ ଶକ୍ତିର କଳ୍ପନାକୁ ଭାରତୀୟ ମନର ଯଥାସମ୍ଭବ ନିକଟବର୍ତ୍ତୀ କରିବାର ପ୍ରୟାସ କରିଥିଲା । ଏହି କଳ୍ପନାଟି ମଧ୍ୟରେ ଯେତେ ଯାହା ଅଭାବ ଥାଉ ପଛକେ, ଏହାର ସର୍ବପ୍ରଧାନ କଥାଟି ଉପରେ କୌଣସି ବିବାଦ ଉଠିବାର ଏତେକମ୍ ସମ୍ଭାବନା ରହିଥିଲା ଯେ ଏହାକୁ ସାଧାରଣତଃ ସମସ୍ତେ ସ୍ୱୀକାର କରି ନେଇଥିଲେ । ଆମେ ଯେକୌଣସି ପ୍ରକାରେ ଚେତନାର ବ୍ୟାଖ୍ୟା କରୁ ନା କାହିଁକି, ପ୍ରକୃତିକୁ ଜଡ଼ ବା ଚିନ୍ମୟ ଯାହା କୁହାଯାଉ ପଛକେ, ଏହା ଯେ ମୂଳତଃ ଏକ ଶକ୍ତି, ସେଥିରେ କୌଣସି ସନ୍ଦେହର ଅବକାଶ ନାହିଁ । ଭୂତ ପଦାର୍ଥନିଖିଳର ତତ୍ତ୍ୱ ମୂଳତଃ ରୂପାୟନଧର୍ମୀ ଏକ ଶକ୍ତି ସ୍ପନ୍ଦନର ତତ୍ତ୍ୱ, ଅନାକୃତି ଶକ୍ତିପୁଞ୍ଜର ପାରସ୍ପରିକ ସଂଘାତ ଓ ଅନୁକୂଳନଦ୍ୱାରାହିଁ ଯାବତୀୟ ରୂପର ସୃଷ୍ଟି ହୋଇଚାଲିଛି, ଶକ୍ତିର ଗୋଟିଏ ରୂପସହିତ ତା'ର ଅନ୍ୟାନ୍ୟ ରୂପଗୁଡ଼ିକର ଯେଉଁ ସଂସ୍ପର୍ଶ ଅନବରତ ଲାଗିରହିଛି, ତାହାର ପ୍ରତିକ୍ରିୟାରୁହିଁ ସକଳ ଇନ୍ଦ୍ରିୟଗ୍ରାହ୍ୟତା ତଥା କ୍ରିୟା ଜନ୍ମଲାଭ କରୁଛି । ଆମ ଅନୁଭୂତିର ଜଗତ୍ କହିଲେ କେବଳ ଏହାକୁହିଁ ବୁଝାଇବ ଏବଂ ଏହି ଅନୁଭୂତିକୁହିଁ ଆମର ସକଳ ଏଷଣାର ଆରମ୍ଭବିନ୍ଦୁ ରୂପେ ଗ୍ରହଣ କରିବାକୁ ହେବ ।

କେତେକ ସଂଶୟର ଅବଶେଷ ତଥାପି ବର୍ତ୍ତମାନ ରହିଯାଇଥିଲେ ମଧ୍ୟ ପଦାର୍ଥର ଭୌତିକ ବିଶ୍ଳେଷଣରେ ଆଧୁନିକ ବିଜ୍ଞାନ ମଧ୍ୟ ଏହିଭଳି ଏକ ସାଧାରଣ ସିଦ୍ଧାନ୍ତରେ ଆସି ଉପନୀତ ହୋଇଛି । ପ୍ରତିବୋଧ ଓ ଆମର ପ୍ରତ୍ୟକ୍ଷ ଅନୁଭୂତି ମଧ୍ୟ ବିଜ୍ଞାନ ଓ ଦର୍ଶନର ଏହି ସହମତିର ସମର୍ଥନ କରୁଛି । ଏହି ସିଦ୍ଧାନ୍ତଟି ଦ୍ୱାରା ଶୁଦ୍ଧ ବୁଦ୍ଧିର ସ୍ୱକୀୟ ଓ ମୌଳିକ କଳ୍ପନାଗୁଡ଼ିକର ବି ତୁଷ୍ଟିବିଧାନ ହୋଇଯାଉଛି । କାରଣ ଜଗତକୁ ମୂଳତଃ ଚେତନାରହିଁ ଏକ କ୍ରିୟା ବୋଲି ବିଚାର କଲେ ମଧ୍ୟ ଏଥିରେ ଏକ କ୍ରିୟାହିଁ ନିହିତ ରହିଛି ଏବଂ ସେହି କ୍ରିୟାରେ ଶକ୍ତିର ସ୍ପନ୍ଦନ ବା ଶକ୍ତିର ଲୀଳା ମଧ୍ୟ ନିହିତ ହୋଇ ରହିଛି । ଆମ ସ୍ୱଗତ ଅନୁଭବକୁ ପରୀକ୍ଷା କରି ଦେଖିଲାବେଳେ ମଧ୍ୟ ଆମେ ବିଶ୍ୱର ମୂଳପ୍ରକୃତି ଭାବରେ ସେହି ଶକ୍ତିରହିଁ ପ୍ରମାଣ ପାଇଥାଉ । ଜ୍ଞାନଶକ୍ତି, ଇଚ୍ଛାଶକ୍ତି ଓ କ୍ରିୟାଶକ୍ତି,—ପ୍ରାଚୀନ ଦର୍ଶନର ଏହି ତ୍ରୟୀ-

'oaob.nitrkl.ac.in' images reprocessed

ଶକ୍ତିର ଲୀଳାକୁହିଁ ଆମେ ଆମର ସକଳ କର୍ମକଳାପର ଜନନୀ ବୋଲି କହୁବା । ଏବଂ ଯଥାର୍ଥରେ ଦେଖିବସିଲେ ଏଗୁଡ଼ିକ ହେଉଛନ୍ତି ସବୁର ମୂଳରେ ରହିଥିବା ସେହି ଏକ ଆଦ୍ୟାଶକ୍ତିର ବିଭିନ୍ନ ଧାରା । ଏପରିକି ଆମେ ଯେତେବେଳେ କୌଣସି କର୍ମ କରୁନାହୁଁ, ଅର୍ଥାତ୍ ବିଶ୍ରାମର ଅବସ୍ଥାରେ ରହୁଛୁ ଆମେ ତାହାକୁ ମଧ୍ୟ ସେହି ଆଦ୍ୟାଶକ୍ତିର ସ୍ପନ୍ଦନଲୀଳାର ଏକ ସାମ୍ୟାବସ୍ଥା ବୋଲି ବୁଝିବା ।

ଶକ୍ତିର ସ୍ପନ୍ଦନକୁ ନିଖିଳ ବିଶ୍ୱର ସମଗ୍ର ସ୍ୱଭାବରୂପେ ସ୍ୱୀକାର କରିନେଲେ ସେଥିରୁ ଦୁଇଟି ପ୍ରଶ୍ନ ଉଠିବ । ପ୍ରଥମ ପ୍ରଶ୍ନଟି ହେଉଛି : ସତ୍ତାର ବକ୍ଷଉପରେ ଏହି ସ୍ପନ୍ଦନ ଆଦୌ ସମ୍ଭବ ହେଲା କିପରି ? ଯଦି ଏହି ସ୍ପନ୍ଦନକୁ ଆମେ କେବଳ ଶାଶ୍ୱତ ନୁହେଁ, ମାତ୍ର ସକଳ ସତ୍ତାର ମର୍ମସ୍ୱଭାବ ବୋଲି ସ୍ୱୀକାର କରିନେବା, ତେବେ ଏହି ପ୍ରଶ୍ନଟି ଉଠିବାର ଆଉ କୌଣସି ପ୍ରସଙ୍ଗ ରହିବ ନାହିଁ । ମାତ୍ର ଏହି ସିଦ୍ଧାନ୍ତଟିକୁ ଆମେ ଆଗରୁ ବର୍ଜନ କରି ସାରିଛୁ । ଏହି ସ୍ପନ୍ଦନର ଶାସନ ବାହାରେ ଏକ ସତ୍ତା ବିଦ୍ୟମାନ ରହିଛି, ଏକଥା ଆମେ ଜାଣିସାରିଛୁ, ତେବେ ସେହି ଶାଶ୍ୱତ ସ୍ପନ୍ଦନରହିତ ସ୍ଥିତିର ବିପରୀତଧର୍ମୀ ଏହି ସ୍ପନ୍ଦନ ତଥାପି କିପରି ତାହାଭିତରେ ସମ୍ଭବ ହେଉଛି ? ଏହାର କାରଣ କ'ଣ, ବା ଏହାର ପଛରେ କେଉଁ ସମ୍ଭାବନା ନିହିତ ରହିଛି ? ପ୍ରକୃତରେ କେଉଁ ରହସ୍ୟମୟ ଆବଶ୍ୟକତାଦ୍ୱାରା ବାଧ୍ୟ ହୋଇ ଏପରି ହେଉଛି ?

ଶକ୍ତି ସତ୍ତା ମଧ୍ୟରେହିଁ ଅନ୍ତର୍ନିହିତ ରହିଛି,—ପ୍ରାଚୀନତମ ଭାରତୀୟ ଦର୍ଶନ ଏହାକୁହିଁ ସବୁଠାରୁ ଅଧିକ ଅନୁମୋଦିତ ଏକ ଉତ୍ତର ବୋଲି ଘୋଷଣା କରିଥିଲା । ଶିବ ଓ କାଳୀ, ବ୍ରହ୍ମ ଓ ଶକ୍ତି,—ଏମାନେ ପରସ୍ପରଠାରୁ ଭିନ୍ନ ନୁହନ୍ତି, ଏମାନେ ଏକ, ଅଭେଦ । ଏ ଦୁଇଟି କଳ୍ପନାକୁ ଆମେ ପରସ୍ପରଠାରୁ ବିଚ୍ଛିନ୍ନ କରି ଦେଖି ପାରିବା ନାହିଁ । ସତ୍ତାରେ ଅନ୍ତର୍ନିହିତଭାବେ ରହିଥିବା ଶକ୍ତି କେତେବେଳେ ଗତିରହିତ ଓ ପୁଣି କେତେବେଳେ ଗତିଶୀଳ, କେତେବେଳେ ନିଷ୍ପନ୍ଦ ଓ ପୁଣି କେତେବେଳେ ସ୍ପନ୍ଦନମୟ । ମାତ୍ର ଗତିରହିତ ବା ନିଷ୍ପନ୍ଦ ଅବସ୍ଥାରେ ଥିଲାବେଳେ ମଧ୍ୟ ଏହି ଶକ୍ତି ତଥାପି ବିଦ୍ୟମାନ ରହିଥାଏ ଓ ଏଥିରେ କଦାପି ବିଲୁପ୍ତି ଘଟେ ନାହିଁ, ଏହା କୌଣସିପ୍ରକାରେ ଊଣା ହୋଇଯାଏ ନାହିଁ ବା ଏଥିରେ ମୂଳତଃ କୌଣସି ପରିବର୍ତ୍ତନ ଘଟେ ନାହିଁ । ଏହି ଉତ୍ତରଟି ଏତେଦୂର ସମ୍ପୂର୍ଣ୍ଣଭାବେ ବୁଦ୍ଧିସମ୍ମତ ଓ ବସ୍ତୁପ୍ରକୃତି ସହିତ ଏହାର ଏତେଦୂର ସଙ୍ଗତି ରହିଛି ଯେ ଏଇଟିକୁ ଗ୍ରହଣ କରିନେବାରେ ଆମର ଆଦୌ କୌଣସି ଆପତ୍ତି ରହିବା ଉଚିତ ନୁହେଁ । କାରଣ ଶକ୍ତିକୁ ଅଦ୍ୱିତୀୟ ଓ ଅନନ୍ତ ସତ୍ତାର ବହିର୍ଭୂତ ଓ ବିପରୀତ କୌଣସି ଏକ ଅନ୍ୟ ତତ୍ତ୍ୱ ବୋଲି ମନେକରିବା ଏବଂ ଏହା ବାହାରୁ ଅନ୍ୟକେଉଁଠୁ ଆସି ସତ୍ତା ଭିତରେ ପ୍ରବେଶ କରିଛି ବୋଲି

'oaob.nitrkl.ac.in' images reprocessed

କହିବା ବୁଦ୍ଧିର ବିରୋଧୀ ହେବ ଓ ତେଣୁ ଅସମ୍ଭବ ବୋଲି ସାବ୍ୟସ୍ତ ହେବ । ସେହିପରି ଶକ୍ତି ଏକଦା କେଉଁଠିହେଲେ ନଥିଲା ଓ ପରେ କୌଣସି ଏକ ମୁହୂର୍ତ୍ତରେ ତାହାର ଉନ୍ମେଷ ହେଲା ବୋଲି କହିଲେ ତାହା ମଧ୍ୟ ବୁଦ୍ଧିର ବିରୁଦ୍ଧାଚରଣ କରିବ । ଏପରିକି ମାୟାବାଦୀଙ୍କୁ ମଧ୍ୟ ବ୍ରହ୍ମର ଆପଣାଭିତରୁ ବିଭ୍ରମ ରଚନା କରିବାର ଶକ୍ତି ଅର୍ଥାତ୍ ମାୟାଶକ୍ତି ସେହି ଶାଶ୍ୱତ ବ୍ରହ୍ମଭିତରେହିଁ ଶାଶ୍ୱତଭାବରେ ଅନ୍ତର୍ନିହିତ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ ଏବଂ ତା'ପରେ ଯାଇ ସେହି ଶକ୍ତିର ପ୍ରକାଶ ଅଥବା ବିମର୍ଷ ସମ୍ବନ୍ଧରେ ଯାହାକିଛି ପ୍ରଶ୍ନ ଉଠିବ । ସାଂଖ୍ୟରେ ମଧ୍ୟ ପ୍ରକୃତି ଓ ପୁରୁଷ ମଧ୍ୟରେ ଶାଶ୍ୱତ ସହାବସ୍ଥାନର ଘୋଷଣା କରାଯାଇଛି, ପ୍ରକୃତିର ଗତିରହିତତା ଓ ଗତିଶୀଳତା, ଏହିପରି ଦ୍ୱିବିଧ ଅବସ୍ଥାନ୍ତରର କଳ୍ପନା କରାଯାଇଛି । ପ୍ରକୃତିର ସାମ୍ୟାବସ୍ଥା ହେଉଛି ସ୍ଥିତି ବା ଗତିରହିତତାର ଅବସ୍ଥା, ପୁଣି ସାମ୍ୟାବସ୍ଥାଟି ବାଧିତ ହେଲେ ଗତି ବା ସ୍ପନ୍ଦନର ଅବସ୍ଥା ।

ମାତ୍ର ସତ୍ତ୍ୱଭିତରେ ଶକ୍ତି ଅନ୍ତର୍ନିହିତ ହୋଇ ରହିଥିବାରୁ ଏବଂ ସ୍ଥିତି ତଥା ସ୍ପନ୍ଦନରୂପୀ ଦ୍ୱିବିଧ ଓ କ୍ରମାନ୍ୱୟୀ ସମ୍ଭାବନା ଶକ୍ତିର ସ୍ୱଭାବଗତ ହୋଇଥିବାରୁ, ଏହି ଶକ୍ତି କେଉଁଠୁ କିପରି ଆସିଲା, ଏହାର ସମ୍ଭାବନା କ'ଣ ଏବଂ କେଉଁ କାରଣ ବା ଆବଶ୍ୟକତା ଦ୍ୱାରା ବାଧ୍ୟ ହୋଇ ଏହାର ପ୍ରଥମ ସଞ୍ଚାର ହେଲା, ଏସବୁ ପ୍ରଶ୍ନ ଆଦୌ ଉଠିବ ନାହିଁ । ସ୍ଥିତିର ଅବସ୍ଥାରେ ଥିଲାବେଳେ ଶକ୍ତି ଆପଣାକୁ ଆପଣା କେନ୍ଦ୍ରଭିତରକୁ ପ୍ରତ୍ୟାହୃତ କରି ଆଣେ, ପୁଣି ଗତିଶୀଳ ଅବସ୍ଥାରେ ଆପଣାକୁ ସମସ୍ତ ବିଚ୍ଛୁରିତ କରିଦିଏ । ତେଣୁ ଶକ୍ତିର ଅନ୍ତର୍ନିହିତ ଏହି ଦ୍ୱିବିଧ ସମ୍ଭାବନା କେତେବେଳେ ଯେ କାଳର ଭୂମିଉପରେ ସ୍ଥିତି ତଥା ସ୍ପନ୍ଦନର ଏକ ପର୍ଯ୍ୟାୟବାଚୀ ଛନ୍ଦରେ ପ୍ରକାଶିତ ହୋଇ ଉଠିବ ଓ ପୁଣି କେତେବେଳେ ଯେ ପରିବର୍ତ୍ତନରହିତ ସୁନିଶ୍ଚଳ ସତ୍ତ୍ୱର ବକ୍ଷଉପରେ ଆପଣାକୁ ଶାଶ୍ୱତଭାବରେ ଆପଣାର କେନ୍ଦ୍ରଆଡ଼କୁ ପ୍ରତ୍ୟାହୃତ କରିଆଣି ମହାସମୁଦ୍ରର ଉପରିଭାଗରେ ତରଙ୍ଗଚୟର ଉତ୍ଥାନପତନଜନିତ ବିକ୍ଷୋଭ ପରି କେବଳ ଉପରକୁ ଦେଖିବାଭଳି ଏକ ସ୍ପନ୍ଦନମାଳା ଲଗାଇ ରଖିଥିବ, ଆମେ ଅତି ସହଜରେ ଏହାର କଳ୍ପନା କରିପାରିବା । ଏବଂ ଉପରକୁ ଦେଖାଯାଉଥିବା ସ୍ପନ୍ଦନ-ମାଳାଟି ହୁଏତ ସେହି କେନ୍ଦ୍ରାନୁସାରୀ ଆତ୍ମପ୍ରତ୍ୟାହାରର ଏକ ସମକାଳୀନ କ୍ରିୟା ହୋଇପାରେ ଏବଂ ତେଣୁ ସ୍ୱୟଂ ଶାଶ୍ୱତ ମଧ୍ୟ ହୋଇପାରେ, କିମ୍ବା ଆରମ୍ଭ, ବିଳୟ ଓ ପୁନରୁଦୟର ଏକ ଅନ୍ତହୀନ ଛନ୍ଦରେ ଆପଣାକୁ ପୁନରାବୃତ୍ତ ବି କରିପାରେ । ମାତ୍ର ଏପରି କ୍ଷେତ୍ରରେ ଏକ ପ୍ରବାହରୂପେ ଆମେ ତାହାକୁ ଶାଶ୍ୱତ ବୋଲି କହି ପାରିବା ନାହିଁ, କେବଳ ଏକ ପୁନରାବୃତ୍ତି ରୂପେ ନିତ୍ୟ ବା ଶାଶ୍ୱତ ବୋଲି କହିପାରିବା । ମନେ ରଖିବାକୁ ହେବ, କେବଳ ଏକ ଅଯଥେଷ୍ଟ ଶବ୍ଦପରିକଳ୍ପର ସାହାଯ୍ୟ ନେଇ ଏଠାରେ ଏସବୁ କଥା କୁହାଯାଇଛି ।

'oaob.nitrkl.ac.in' images reprocessed

ଏହିପରି ଭାବରେ 'କିପରି'ର ପ୍ରଶ୍ନଟି ନିରାକୃତ ହୋଇଯାଇବା ପରେ ବର୍ତ୍ତମାନ ଏଠାରେ ଆମେ 'କାହିଁକି'ର ପ୍ରଶ୍ନଟି ଉଠାଇବା । ଶକ୍ତିର ଏକ ସ୍ପନ୍ଦନଲୀଳା ଆଦୌ ସମ୍ଭବ ବା କାହିଁକି ହେବ ? ସତ୍ତ୍ୱର ଶକ୍ତି ଶାଶ୍ୱତ ଭାବରେ ଆପଣା କେନ୍ଦ୍ରରେ ଆପଣାକୁ ପ୍ରତ୍ୟାହୃତ କରି ନ ରଖିବ କାହିଁକି ? ସକଳ ବୈଚିତ୍ର୍ୟ ଓ ବୈକଳ୍ପରୁ ବିମୁକ୍ତ ହୋଇ ଏହା ଅନନ୍ତଭାବେ ବର୍ତ୍ତମାନ ରହିବ ନାହିଁ କାହିଁକି ? ଅବଶ୍ୟ ଶୁଦ୍ଧ ସତ୍ତ୍ୱକୁ ଅଚେତନ ବୋଲି ଗ୍ରହଣ କରି ଚେତନାକୁ ଆମେ ଭ୍ରମରେ ପଡ଼ି ଅଜଡ଼ ବୋଲି ଭାବୁଥିବା ଜଡ଼ଶକ୍ତିର ଏକ ବିବର୍ତ୍ତିତ ପରିଣାମ ବୋଲି ମାନିନେଲେ ଏହି ପ୍ରଶ୍ନଟି ଲାଗି ମଧ୍ୟ ଆଉ କୌଣସି ପ୍ରସଙ୍ଗ ରହିବ ନାହିଁ । କାରଣ ସେତେବେଳେ ଆମେ କେବଳ ଏତିକି କହିଦେଇ ପାରିବା ଯେ ଏହି ଛନ୍ଦ ହେଉଛି ବିଦ୍ୟମାନ ରହିଥିବା ଶକ୍ତିର ସ୍ୱଭାବମାତ୍ର, ଏବଂ ଯାହା ସ୍ୱଭାବତଃ ଶାଶ୍ୱତ ଓ ସ୍ୱୟମ୍ଭୂ, ତାହାର ଏକ 'କାହିଁକି' ଖୋଜିବସିବା, ଏକ କାରଣ, ମୂଳ ଅଭିପ୍ରାୟ କିମ୍ବା ଅନ୍ତିମ ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବାକୁ ଯିବା ପଛରେ ଆଦୌ କୌଣସି ଯୁକ୍ତି ଥାଇ ନପାରେ । କାରଣ ସ୍ୱୟମ୍ଭୂ-ରୂପେ ଅବସ୍ଥିତ କୌଣସି ଶାଶ୍ୱତ ସତ୍ତ୍ୱର କ୍ଷେତ୍ରରେ ଆମେ ସେଭଳି ଏକ ପ୍ରଶ୍ନ କଦାପି ପଚାରି ପାରିବା ନାହିଁ । ତାହା କାହିଁକି ଅଛି ଏବଂ କିପରି ତାହାର ଉଦ୍‌ଭବ ହୋଇଛି,—ଏସବୁ ପ୍ରଶ୍ନର ଉତ୍ଥାପନ କରି ପାରିବା ନାହିଁ । ଯାହା କେବଳ ଆପଣା ଶକ୍ତିରେହିଁ ବିଦ୍ୟମାନ ରହିଛି ଏବଂ ଗତି-ସ୍ପନ୍ଦନର ପ୍ରେରଣା ଯାହାର ଅନ୍ତର୍ନିହିତ ସ୍ୱଭାବରୂପେ ବର୍ତ୍ତମାନ ରହିଛି, ସେଠାରେ ମଧ୍ୟ ଏସବୁ ପ୍ରଶ୍ନଲାଗି କୌଣସି ଅବକାଶ ରହିବ ନାହିଁ । ଆପଣାକୁ ଏହା କିପରି ପ୍ରକାଶିତ କରୁଛି, ଏହାର ସ୍ପନ୍ଦନ, ଗଠନ ଓ ବିବର୍ତ୍ତନ-ପ୍ରକ୍ରିୟା କେଉଁସବୁ ନିୟମଦ୍ୱାରା ପରିଚାଳିତ ହେଉଛି, ଏହି କ୍ଷେତ୍ରରେ ଆମେ କେବଳ ଏତିକିମାତ୍ର ଅନୁସନ୍ଧାନ କରିପାରିବା । ସତ୍ତା ଓ ଶକ୍ତି ଉଭୟର ସ୍ଥିତି ଓ ପ୍ରବୃତ୍ତିକୁ ଯେତେବେଳେ ଜଡ଼ ଓ ଅଚେତନ ବୋଲି ସ୍ୱୀକାର କରି ନିଆଯାଏ, ଦୁହିଁଙ୍କୁ ଅପ୍ରବୁଦ୍ଧ ବୋଲି ମାନି ନିଆଯାଏ, ସେତେବେଳେ ବିବର୍ତ୍ତନର ପ୍ରକ୍ରିୟାରେ କୌଣସି ଉଦ୍ଦେଶ୍ୟ ବା ଚରମ ଲକ୍ଷ୍ୟ କିମ୍ବା ମୂଳ କାରଣ ବା ଅଭିପ୍ରାୟ ରହିଛି ବୋଲି ଅନୁମାନ କରିବାଲାଗି ଆଉ କୌଣସି ଅବକାଶ ନ ଥାଏ ।

ମାତ୍ର ସତ୍‌-ସ୍ୱରୂପଙ୍କୁ ଚିନ୍ମୟ ପୁରୁଷରୂପେ ଅନୁମାନ କଲେ ବା ଦେଖିବାକୁ ଆରମ୍ଭ କଲେ କାରଣ-ନିରୂପଣର ଏହି ସମସ୍ୟାଟି ଆମର ସମ୍ମୁଖରେ ଆସି ଦଣ୍ଡାୟମାନ ହୁଏ । ଆମେ ହୁଏତ ଏପରି ଏକ ଚେତନାମୟ ପୁରୁଷର କଳ୍ପନା କରିପାରୁ ଯିଏକି ଆପଣାର ଶକ୍ତିରୂପୀ ସ୍ୱଭାବଦ୍ୱାରା ଶାସିତ ଓ ନିୟନ୍ତ୍ରିତ ହେଉଛନ୍ତି, ତାହାରଦ୍ୱାରାହିଁ ବାଧ୍ୟ ହେଉଛନ୍ତି । ସିଏ ବିଶ୍ୱରେ ଆପଣାକୁ ପ୍ରକାଶିତ କରିବେ, କିମ୍ବା ଅପ୍ରକାଶିତ ରହିବେ, ଏ ବିଷୟରେ ନିର୍ଣ୍ଣୟ କରିବାଲାଗି ତାଙ୍କର କୌଣସି ସ୍ୱାତନ୍ତ୍ର୍ୟହିଁ ନାହିଁ ।

'oaob.nitrkl.ac.in' images reprocessed

ତନ୍ତ୍ରମତ ଏବଂ ମାୟାବାଦରେ ବ୍ରହ୍ମାଣ୍ଡେଶ୍ୱର ଭଗବାନଙ୍କର ଏହିପରି ଏକ କଳ୍ପନା ରହିଛି । ଏହି କଳ୍ପନା ଅନୁସାରେ ସେ ଶକ୍ତି ବା ମାୟାର ଅଧୀନ ହୋଇ ରହିଛନ୍ତି । ପୁରୁଷ ମାୟାଭିତରେ ଛନ୍ଦିହୋଇ ପଡ଼ିଛନ୍ତି ଅଥବା ଶକ୍ତିଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି । ମାତ୍ର ଆମେ ଆରମ୍ଭରୁହିଁ ଭଗବାନଙ୍କୁ ପରମ ଓ ଅନନ୍ତ ସତ୍-ପୁରୁଷରୂପେ ସ୍ୱୀକାର କରିଆସିଛୁ । ମାୟାବଶ ବା ଶକ୍ତିଦ୍ୱାରା ଆପ୍ଳୁତ ଭଗବାନ ଯେ ଆମର କଳ୍ପିତ ଅନନ୍ତ ଓ ପରମ ସତ୍‌ପୁରୁଷ ନୁହନ୍ତି, ଏହା ଅତ୍ୟନ୍ତ ସ୍ପଷ୍ଟ କଥା । ତେଣୁ ସ୍ୱୀକାର କରିନେବାକୁ ହେବ ଯେ ସ୍ୱୟଂ ବ୍ରହ୍ମହିଁ ବିଶ୍ୱରେ ଆପଣାକୁ ମାୟାକବଳିତ ବା ଶକ୍ତିଶାସିତ ଈଶ୍ୱରଭାବେ ରୂପାୟିତ କରିଛନ୍ତି । ମାତ୍ର ସେ ନ୍ୟାୟତଃ ଶକ୍ତି ତଥା ମାୟାର ପ୍ରାକ୍‌କାଳରୁହିଁ ଅବସ୍ଥିତ ଅଛନ୍ତି । ଶକ୍ତି ବା ମାୟାର ଲୀଳା ବନ୍ଦ ହୋଇ-ଗଲେ ସେହି ବ୍ରହ୍ମହିଁ ତାହାକୁ ଆପଣାର ତୁରୀୟ ସତ୍ତା ଭିତରେ ପୁଣି ନିର୍ବାପିତ କରି ଦେଉଛନ୍ତି । ସଚେତନ ସତ୍ତାକୁ ଆପଣାର ଗୁଣକ୍ରିୟାଦି ଠାରୁ ସ୍ୱତନ୍ତ୍ର ଏକ ପରମ ସତ୍ତାରୂପେ ସ୍ୱୀକାର କରିନେଲେ ଆପଣାର ଅନ୍ତର୍ନିହିତ ସ୍ପନ୍ଦନଶକ୍ତିକୁ ପ୍ରକାଶିତ କରିବା ବା ନକରିବା ବିଷୟରେ ମଧ୍ୟ ସେହି ସତ୍ତାର ସ୍ୱଭାବତଃ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ବୋଲି ମଧ୍ୟ ଅବଶ୍ୟ ମାନିନେବାକୁ ହେବ । ପ୍ରକୃତିଦ୍ୱାରା ବାଧ୍ୟ ହେଉଥିବା ବ୍ରହ୍ମ ନୁହନ୍ତି, ସେ ଏକ ଜଡ଼ଧର୍ମିତାଗ୍ରସ୍ତ ଅନନ୍ତତା ବ୍ୟତୀତ କିଛି ନୁହନ୍ତି । ତାଙ୍କଭିତରେ ଏକ ନିସ୍ତ୍ରୈଗୁଣ୍ୟକତା ରହିଛି ସତ, ମାତ୍ର ତାଙ୍କଠାରୁ ଅଧିକ ଶକ୍ତିଶାଳୀ ହୋଇ ରହିଛି । ଶକ୍ତିର ଏକ ସଚେତନ ଆଧାର ହୋଇ ମଧ୍ୟ ସେ ତଥାପି ଆପଣା ଶକ୍ତିର ଅଧୀନ ହୋଇ ରହିଛନ୍ତି । ସେ ଶକ୍ତିରୂପୀ ସ୍ୱୀୟ ପ୍ରକୃତିଦ୍ୱାରା ଅର୍ଥାତ୍ ଆପଣା ସ୍ୱଭାବର ଶକ୍ତିରୂପ ଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି ବୋଲି କହିଲେ ମଧ୍ୟ ତଥାପି ବିରୋଧଟିର ନିରାକରଣ ହୋଇ ପାରେନାହିଁ, ଆମର ପ୍ରଥମ ସ୍ୱତଃସିଦ୍ଧିଟି ତଥାପି ପ୍ରବଞ୍ଚିତ ହୋଇ ରହେ । କାରଣ ଏହିଭଳି ପରିଚାଳିତ ହୋଇ ଆମେ ଏପରି ଏକ ସ୍ଥିତିରେ ଆସି ପହଞ୍ଚୁ ଯେଉଁଠାରେକି ସ୍ୱରୂପସତ୍ତା କହିଲେ କେବଳ ଶକ୍ତି ବ୍ୟତୀତ ଆଉ କିଛିହେଲେ ବୁଝାଏନାହିଁ । ଏହି ଶକ୍ତି କେତେବେଳେ ନିଶ୍ଚଳ ହୋଇ ରହିଥାଏ, ପୁଣି କେତେ-ବେଳେ ସଚଳ ହେବାକୁ ଆରମ୍ଭ କରେ । ଏହାକୁ ହୁଏତ ପରମା ଶକ୍ତି ବୋଲି କୁହାଯାଇପାରେ, ମାତ୍ର ପରମ ପୁରୁଷ ବୋଲି କଦାପି ନୁହେଁ ।

ତେଣୁ ଶକ୍ତି ଓ ଚୈତନ୍ୟ ମଧ୍ୟରେ ରହିଥିବା ସମ୍ବନ୍ଧଟିକୁ ଭଲଭାବରେ ପରୀକ୍ଷା କରି ଦେଖିବାକୁ ପଡ଼ିବ । ମାତ୍ର ଏଠାରେ ଚୈତନ୍ୟ କହିଲେ ଆମେ ପ୍ରକୃତରେ କ'ଣ ବୁଝୁଁଛୁ ? ଯେତେବେଳେ ମଣିଷ ନିଦ୍ରାବସ୍ଥାରେ ନଥାଏ, ମୂର୍ଚ୍ଛା କିମ୍ବା ଅନ୍ୟକୌଣସି କାରଣଦ୍ୱାରା ଯେତେବେଳେ ତାହାର ସ୍ଥୂଳ ଓ ବହିର୍ଗାମୀ ଇନ୍ଦ୍ରିୟବୋଧର ମାର୍ଗଗୁଡ଼ିକ ରୁଦ୍ଧ ହୋଇ ଯାଇ ନଥାଏ, ସେତେବେଳେ ଅର୍ଥାତ୍

'oaob.nitrkl.ac.in' images reprocessed

ତା'ର ଶରୀରଗତ ଜୀବନଦଶାର ବହୁଭାଗ ଅଂଶରେ ମାନସିକ କ୍ଷେତ୍ରରେ ଆମେ ଯେଉଁ ଜାଗ୍ରତ ଅବସ୍ଥାଟିକୁ ଅତି ସ୍ପଷ୍ଟଭାବରେ ଅନୁଭବ କରିଥାଉ, ଚେତନା କହିଲେ ଆମେ ତାହାକୁହିଁ ବୁଝିଥାଉ । ଏହି ଅର୍ଥରେ ଆମେ ଚୈତନ୍ୟକୁ ଭୌତିକ ବିଶ୍ୱର ଯୋଜନାଭିତରେ ଏକ ନିତ୍ୟବିଧାନ ରୂପେ ଗ୍ରହଣ ନକରି କେବଳ ଏକ ବ୍ୟତିକ୍ରମ ବୋଲି କହିପାରିବା । ଆମ ନିଜ ଭିତରେ ମଧ୍ୟ ଏହି ଚୈତନ୍ୟ ସର୍ବଦା ମହଜୁଦ ନଥାଏ । ଚୈତନ୍ୟର ସ୍ୱରୂପ ବିଷୟରେ ଏହି ଅଶୋଧିତ ଓ ଅଗଭୀର ଧାରଣାଟି ଆମର ନିତ୍ୟନୈମିତ୍ତିକ ଭାବନା ଓ ସଂସ୍କାରଗୁଡ଼ିକରେ ତଥାପି ଭେଦକରି ରହିଛି । ମାତ୍ର ଦାର୍ଶନିକ ବିଚାରଭିତରୁ ଯେ ଏହାର ବହିଷ୍କରଣ ଏକାନ୍ତ ଆବଶ୍ୟକ, ଏଥିରେ କୌଣସି ଦ୍ୱିମତ ରହିବା ଆଦୌ ଉଚିତ ନୁହେଁ । ଆମ ନିଦ୍ରାବସ୍ଥାରେ ମଧ୍ୟ ଆମଭିତରେ ଯେ ସଚେତନ ଏପରି କିଛି ତଥାପି ବର୍ତ୍ତମାନ ରହିଥାଏ, ଆମେ ସେକଥା ଭଲକରି ଜାଣିଛୁ । ମୂର୍ଚ୍ଛା ବା ନିଶାର କବଳରେ ସଂଜ୍ଞାହୀନ ହୋଇ ରହିଥିବା-ବେଳେ ମଧ୍ୟ ତାହା ଆମଭିତରେ ବର୍ତ୍ତମାନ ରହିଥାଏ । ଉପରକୁ ଦେଖିବାକୁ ଆମର ଶରୀର ଅଚେତ ହୋଇ ପଡ଼ି ରହିଥିବାର ସକଳ କ୍ଷେତ୍ରରେ ଏପରି ହୁଏ । କେବଳ ଏତିକି ନୁହେଁ, ଆମ ଜାଗ୍ରତ ଅବସ୍ଥାରେ ମଧ୍ୟ ଆମେ ଯାହାକୁ ଆମର ଚେତନା ବୋଲି କହୁ, ତାହା ଆମ ସମଗ୍ର ଚେତନା ଭୂମିର ଏକ ନିର୍ବାଚନ କ୍ଷୁଦ୍ର କିୟଦଂଶମାତ୍ର ବୋଲି ପ୍ରାଚୀନ ଦାର୍ଶନିକମାନେ ଯାହା ଘୋଷଣା କରିଯାଇଛନ୍ତି, ତାହାକୁ ସତ୍ୟରୂପେ ସ୍ୱୀକାର କରିନେବା ଲାଗି ମଧ୍ୟ ଆମ ପାଖରେ ବର୍ତ୍ତମାନ ଯଥେଷ୍ଟ କାରଣ ରହିଛି । ଜାଗ୍ରତ ଭୂମି ଆମ ସମଗ୍ର ଚେତନାର କେବଳ ଏକ ବହିରାବରଣ ମାତ୍ର, ଏପରିକି ଆମ ମନୋଭୂମିର ସମଗ୍ର କ୍ଷେତ୍ରଟି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ନ ଥାଏ । ଏହା ପଛରେ ଓ ଏହାଠାରୁ ଅନେକ ଗୁଣ ବିସ୍ତୃତତର ହୋଇ ଏକ ଅଧିଚେତନ ବା ଅବଚେତନ ମନୋଭୂମି ରହିଛି, ଏବଂ ଆମ ସତ୍ତାର ଅଧିକାଂଶ ଭାଗହିଁ ଏହି ବୃହତ୍ତର ଭୂମିର ଅନ୍ତର୍ଭୁକ୍ତ ହୋଇ ରହିଛି । ତାହାର ଉତ୍ତୁଙ୍ଗତା ଓ ଅତଳତାଗୁଡ଼ିକୁ ମାପିବା କିମ୍ବା ଗମିପାରିବା କୌଣସି ମନୁଷ୍ୟ ପକ୍ଷରେ ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ଚୈତନ୍ୟର ଏହି ବହୁପ୍ରସାରିତ ଭୂମିଟିକୁ ସ୍ୱୀକାର କରିନେଇ ଅମର ଜିଜ୍ଞାସା ଆରମ୍ଭ ହୋଇପାରିଲେହିଁ ଶକ୍ତି ଓ ଶକ୍ତିକ୍ରିୟାର ଏକା ଯଥାର୍ଥ ବିଜ୍ଞାନ ଲାଗି ଉଚିତ ମୂଳଦୁଆ ପକାଇବା ସମ୍ଭବ ହୁଏ । ଏହାଦ୍ୱାରାହିଁ ଆମକୁ ଭୌତିକତାର ସୀମାବନ୍ଧନ ଭିତରୁ ମୁକୁଳିବାର ବାଟ ମିଳିଯାଏ, ଏବଂ ତଥାକଥିତ ବାସ୍ତବର ମରୀଚିକା-ଭ୍ରମରୁ ମଧ୍ୟ ନିଷ୍କୃତି ମିଳେ ।

ଚେତନାର ବ୍ୟାପ୍ତି ଯେତେଦୂର ପ୍ରସାରିତ ହୋଇଥାଉ ନା କାହିଁକି, ତଥାପି ତାହାକୁ ଏକ ଜଡ଼ ବା ଭୌତିକ ତତ୍ତ୍ୱ ବୋଲି ମାନିବାକୁ ପଡ଼ିବ ବୋଲି

'oaob.nitrkl.ac.in' images reprocessed

ଜଡ଼ବାଦ ଅବଶ୍ୟ ଦାବି କରିଥାଏ । ଜଡ଼ବାଦୀ ମତ ଅନୁସାରେ ଆମେ ଚେତନାକୁ ଆମ ସ୍ଥୂଳେନ୍ଦ୍ରିୟଗୁଡ଼ିକଠାରୁ କଦାପି ଅଲଗା କରି ଦେଖି ପାରିବା ନାହିଁ । ଏହି ସ୍ଥୂଳେନ୍ଦ୍ରିୟଗୁଡ଼ିକ ଚେତନାର ସାଧନ ନୁହନ୍ତି, ଚେତନା ହେଉଛି ସ୍ଥୂଳେନ୍ଦ୍ରିୟ-ଗୁଡ଼ିକର ପରିଣାମ । ମାତ୍ର ଜ୍ଞାନ ଓ ବିଜ୍ଞାନର ପ୍ରସାର ସଙ୍ଗେ ସଙ୍ଗେ ଅବଶ୍ୟ ଏହି ରକ୍ଷଣଶୀଳ ମତଟି କ୍ରମେ ଭ୍ରମଗ୍ରସ୍ତ ବୋଲି ପ୍ରମାଣିତ ହେଉଛି । ଏହାର ଯୁକ୍ତି ଓ ବ୍ୟାଖ୍ୟାମାନ କ୍ରମେ ଅଧିକରୁ ଅଧିକ ଅଯଥେଷ୍ଟ ଓ ସଙ୍କୁଚିତ ବୋଲି ଧରା ପଡ଼ିଯାଉଛି । ଆମ ସମଗ୍ର ଚେତନାଭୂମିର ସାମର୍ଥ୍ୟ ଯେ ଆମର ଅଙ୍ଗପ୍ରତ୍ୟଙ୍ଗ, ଇନ୍ଦ୍ରିୟଗ୍ରାମ, ନାଡ଼ୀତନ୍ତ୍ର ଓ ମସ୍ତିଷ୍କର ସାମର୍ଥ୍ୟଠାରୁ କେବଳ ଅନେକଗୁଣ ବେଶି ତାହା ନୁହେଁ, ମାତ୍ର ଆମର ନିତ୍ୟନୈମିତ୍ତିକ ଭାବନା ଓ ଚେତନାର କ୍ଷେତ୍ରରେ ମଧ୍ୟ ଏହିସବୁ ଶାରୀରିକ ସାଧନ ଯେ ଦୁହିଙ୍କର କେବଳ ଏକ ଅଭ୍ୟସ୍ତ ସାଧନମାତ୍ର, ସେଗୁଡ଼ିକର ଜନକ କଦାପି ନୁହନ୍ତି, ଏହି ସତ୍ୟଟି କ୍ରମେ ଅଧିକରୁ ଅଧିକ ସ୍ପଷ୍ଟ ହେବାକୁ ଲାଗିଲାଣି । ଚୈତନ୍ୟର ଊର୍ଦ୍ଧ୍ୱାଭିମୁଖୀ ଆକୂତିରୁହିଁ ମସ୍ତିଷ୍କର ଜନ୍ମ ହୋଇଛି; ଚେତନା ମସ୍ତିଷ୍କକୁ କାମରେ ଲଗାଉଛି । ମସ୍ତିଷ୍କରୁ ଚେତନାର ଜନ୍ମ ହୋଇ ନାହିଁ କିମ୍ବା ମସ୍ତିଷ୍କ ଚେତନାକୁ ଆପଣା କାମରେ ଲଗାଉ ନାହିଁ । ଏହିସବୁ ଶାରୀରିକ ସାଧନ ଯେ ଚେତନା ଲାଗି ଆଦୌ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ନୁହନ୍ତି, ଏହାର ସପକ୍ଷରେ ଏପରିକି କେତେକ ଅତିପ୍ରାକୃତ ପ୍ରମାଣ ମଧ୍ୟ ରହିଛି । ବଞ୍ଚି ରହିବା ପାଇଁ ହୃଦ୍‌ଯନ୍ତ୍ରର ସ୍ପନ୍ଦନ ଆଦୌ ଅପରିହାର୍ଯ୍ୟ ନୁହେଁ, ଏଥିଲାଗି ନିଃଶ୍ୱାସ ନେବା ବି ଆଦୌ ଅପରିହାର୍ଯ୍ୟ ନୁହେଁ । ଚିନ୍ତନ କରିପାରିବା ଲାଗି ମସ୍ତିଷ୍କକୋଷଗୁଡ଼ିକର କାର୍ଯ୍ୟ କରିବା ମଧ୍ୟ ଅପରିହାର୍ଯ୍ୟ ନୁହେଁ । କୌଣସି ଏକ ଇଞ୍ଜିନ୍‌ର ଗଠନପଦ୍ଧତିରୁ ଯେପରି ତାହାର ପରିଚାଳକ ବାଷ୍ପ କିମ୍ବା ବିଦ୍ୟୁତ୍‌ର କୌଣସି ବ୍ୟାଖ୍ୟା କିମ୍ବା ପରିଚୟ ପାଇ ନ ଥାଏ, ସେହିପରି ଆମର ଶରୀରଯନ୍ତ୍ରରୁ ମଧ୍ୟ ଚିନ୍ତନ ଓ ଚେତନାର କୌଣସି ବ୍ୟାଖ୍ୟା ବା ପରିଚୟ କଦାପି ମିଳେ ନାହିଁ । ଆଗ ଶକ୍ତି, ତା'ପରେ ଯାଇ ଯନ୍ତ୍ର ।

ଏଥିରୁ ଆମେ ଅତି ମହତ୍ତ୍ୱପୂର୍ଣ୍ଣ କେତେଗୁଡ଼ିଏ ନିଷ୍କର୍ଷରେ ଆସି ଉପନୀତ ହୋଇପାରିବା । ଯାହାକୁ ଆମେ ଜୀବନହୀନ ବା ଜଡ଼ ବୋଲି କହୁଛୁ ବା ଦେଖୁଛୁ, ସେଠାରେ ମଧ୍ୟ ମାନସିକ ଚେତନା ବିଦ୍ୟମାନ ରହିଛି । ତେଣୁ ଭୌତିକ ପଦାର୍ଥଗୁଡ଼ିକରେ ମଧ୍ୟ ଯେ ଏକ ବିଶ୍ୱଗତ ଅବଚେତନ ମନ ବିଦ୍ୟମାନ, ଏପରି ଏକ ସମ୍ଭାବନାକୁ କାହିଁକି ଅଯୌକ୍ତିକ ବୋଲି କୁହାଯିବ, ପ୍ରଥମେ ଆମେ ହୁଏତ ଏହିପରି ଏକ ପ୍ରଶ୍ନ ପଚାରିବାକୁ ଇଚ୍ଛା କରିବା । ଉପଯୁକ୍ତ ଇନ୍ଦ୍ରିୟସାଧନର ଅଭାବରୁ ଏହି ଅବଚେତନ ମନ ସକ୍ରିୟ ହୋଇ ପାରୁନାହିଁ ଓ ଉପରିଭାଗକୁ ପ୍ରକାଶିତ ହୋଇ ପାରୁନାହିଁ, ମାତ୍ର ତଥାପି ବିଦ୍ୟମାନ । ଜଡ଼-ଅବସ୍ଥାକୁ କ'ଣ କେବଳ ଏକ ଚେତନା-

'oaob.nitrkl.ac.in' images reprocessed

ଶୂନ୍ୟ ଅବସ୍ଥା ବୋଲି କୁହାଯିବ, ଅଥବା ଏହାକୁ ଆମେ ବରଂ ଚେତନାର ଏକ ସୁପ୍ତ ଅବସ୍ଥା ବୋଲି କହିପାରିବା ନାହିଁ କି ? ଅବଶ୍ୟ ବିଶ୍ୱ-ବିବର୍ତ୍ତନର ନିୟମ ଦୃଷ୍ଟିରୁ ଏହି ସୁପ୍ତିକୁ ଦୁଇ ଜାଗରଣ-ଅବସ୍ଥାର ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ବୋଲି କୁହା ନ ଯାଇ ଆଦିମ ସୁପ୍ତି ବୋଲି କୁହାଯାଇ ପାରିବ । ଆମର ନିଦ୍ରାବସ୍ଥାରେ ଆମର ଚେତନା ଆଦୌ ଅନ୍ତର୍ହିତ ହୋଇ ଯାଏ ନାହିଁ, ମାତ୍ର ବହିର୍ଜଗତର ସ୍ପନ୍ଦନ-ଗୁଡ଼ିକ ପ୍ରତି ସେତେବେଳେ ଚେତନାର କେବଳ ସଚେତନ ଓ ସ୍ଥୂଳ ପ୍ରତିସ୍ପନ୍ଦନ-ଗୁଡ଼ିକହିଁ ବନ୍ଦ ହୋଇଯାଏ, ଚେତନା ଆପଣାକୁ ଆପଣା ଭିତରକୁ ପ୍ରତ୍ୟାହୃତ ଓ ସମାହିତ କରି ଆଣେ । ଏବଂ ଜଡ଼ ବହିର୍ଜଗତ ସହିତ ସମ୍ବନ୍ଧସ୍ଥାପନ କରିପାରିବା ଲାଗି ଏପର୍ଯ୍ୟନ୍ତ ଉପଯୁକ୍ତ ବହିର୍ସାଧନର ବିକାଶ କରାଇ ପାରି ନଥିବା ଯାବତୀୟ ସତ୍ତାର ସ୍ୱଭାବ ଠିକ୍ ଏହିପରି ନୁହେଁ କି ? ଏକ ଚେତନାମୟ ପୁରୁଷହିଁ ଅବ୍ୟାହତ ଓ ନିରନ୍ତର ଭାବରେ ଜାଗ୍ରତ ହୋଇ ରହିଛନ୍ତି, ଏପରିକି ନିଦ୍ରାଗତ ଓ ସୁପ୍ତ ସକଳ ଭିତରେ ମଧ୍ୟ ଜାଗ୍ରତ ହୋଇ ରହିଛନ୍ତି. ଏହାହିଁ ବିଶ୍ୱଜଗତର ଯଥାର୍ଥ ତତ୍ତ୍ୱ ନୁହେଁ କି ?

ଇଚ୍ଛା କଲେ ଆମେ ଆହୁରି ଆଗକୁ ବି ଯାଇପାରିବା । ଅବଚେତନ ମନ କହିଲେ ଆମେ ମାନସିକ ବହିଶ୍ଚେତନାଠାରୁ ଭିନ୍ନ କୌଣସି ଏକ ସାମଗ୍ରୀକୁ ବୁଝିବା ନାହିଁ, ଆମେ ଏହାକୁ ଜାଗ୍ରତ ମନର ଅନ୍ତରାଳରେ ରହି କାର୍ଯ୍ୟ କରୁଥିବା ଓ ଜାଗ୍ରତ ମନୁଷ୍ୟର ଗୋଚର ବାହାରେ ରହିଥିବା ଏକ ତତ୍ତ୍ୱ ରୂପେ ସ୍ୱୀକାର କରିବା । ଜାଗ୍ରତ ମନର ତୁଳନାରେ ଅବଚେତନ ମନର ପ୍ରବେଶ ସମ୍ଭବତଃ ଅଧିକ ଗଭୀର, ତାହାର ପରିସର ଅଧିକ ବ୍ୟାପ୍ତ । ମାତ୍ର ଅଧିଚେତନ ମନର ରାଜ୍ୟସୀମା ଅବଚେତନ ମନର ଏହିସବୁ ସଜ୍ଞାସୀମାକୁ ଅତିକ୍ରମ କରି ଆହୁରି କେତେ କେତେ ଦୂରକୁ ପ୍ରସାରିତ ହୋଇ ରହିଛି । ଅଧିଚେତନର କ୍ରିୟାଗତ ଉତ୍କର୍ଷ ଓ ସାମର୍ଥ୍ୟ ଯେ ଅବଚେତନର ବହୁଗୁଣ, କେବଳ ସେତିକି ନୁହେଁ; ମାତ୍ର ଜାଗ୍ରତ ଅବସ୍ଥାରେ ଆମେ ଯାହାକୁ ମାନସିକ କ୍ରିୟା ବୋଲି ଜାଣୁ , ତାହାଠାରୁ ଏହାର ସ୍ୱଭାବ ସମ୍ପୂର୍ଣ୍ଣ ଭିନ୍ନ, ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ତେଣୁ ଆମେ ଏକଥାଟି ମଧ୍ୟ ବେଶ୍ ଅନୁମାନ କରିନେଇ ପାରିବା ଯେ, ଆମ ଭିତରେ ଅବଚେତନ ସ୍ତରର ସାଙ୍ଗକୁ ଏକ ଅତିଚେତନର ସ୍ତର ମଧ୍ୟ ରହିଛି । ଆମ ଭିତରେ ଚେତନାବୃତ୍ତିର ଏକ ସୋପାନକ୍ରମ ରହିଛି ଏବଂ ସେହି କାରଣରୁ ଆମେ ମାନସିକ ଚେତନା ବୋଲି କହୁଥିବା ସ୍ତରଟିଠାରୁ ଅନେକ ଊର୍ଦ୍ଧ୍ୱରେ ଚେତନାର ଆଉ ଏକ ସବଳ ସ୍ତର ବିଦ୍ୟମାନ ରହିଛି । ଯଦି ମାନସିକ ସୀମାକୁ ପାରି ହୋଇ ଅଧିଚେତନା ଏହିପରି ଭାବରେ ଅତିଚେତନାକୁ ଉତ୍ତୀର୍ଣ୍ଣ ହୋଇଯାଇପାରେ, ତେବେ ମାନସସ୍ତରର ନିମ୍ନରେ

'oaob.nitrkl.ac.in' images reprocessed

ଅବସ୍ଥିତ ଅବଚେତନ ସ୍ତରକୁ ମଧ୍ୟ ଓହ୍ଲାଇ ଆସିବା ତାହା ପକ୍ଷରେ ବାହିଁକି ସମ୍ଭବ ନ ହେବ ? ଆମ ଭିତରେ ତଥା ବିଶ୍ୱଜଗତରେ ମଧ୍ୟ ମାନସିକ ସ୍ତରର ନିମ୍ନଦେଶରେ ଚେତନାର ଏକାଧିକ ଭୂମିରହିଛି, ଯାହାକୁ କି ପ୍ରାଣଚେତନା ଓ ଦେହଚେତନା ବୋଲି କୁହାଯାଇ ପାରିବ । ତେବେ ଉଦ୍‌ଭିଦ ଓ ଧାତୁଜଗତରେ ମଧ୍ୟ ଏପରି ଏକ ଶକ୍ତିର ଅବସ୍ଥିତି କଳ୍ପନା କରିବାକୁ ପଡ଼ିବ ଯାହାକୁ ଆମେ ଚେତନା ବୋଲି କହିପାରିବା । ଅବଶ୍ୟ ଏହି ଚେତନାକୁ ମନୁଷ୍ୟ ବା ପଶୁ ଭିତରେ ରହିଥିବା ମାନସିକ ସ୍ତରର ସମତୁଲ କରାଯାଇ ପାରିବ ନାହିଁ । କାରଣ ମନ ବା ମାନସିକ ସ୍ତର କହିଲେ କେବଳ ପଶୁ ଓ ମନୁଷ୍ୟର ଚେତନାକୁହିଁ ବୁଝାଇବ ।

ଏହା ଯେ ସମ୍ଭବ, କେବଳ ତାହାହିଁ ନୁହେଁ; ଧୀରସ୍ଥିର ଓ ନିରପେକ୍ଷ ହୋଇ ବିଚାର କଲେ ଆମେ ଏହାକୁହିଁ ସତ୍ୟ ବୋଲି ଜାଣିବାକୁ ପାଇବା । ଆମ ନିଜ ଭିତରେ ରହିଥିବା ପ୍ରାଣଚେତନା ଆମ ଶରୀରର କୋଷଗୁଡ଼ିକରେ ଓ ସ୍ୱୟଂକ୍ରିୟ ଦେହଧାରଣପ୍ରକ୍ରିୟାଗୁଡ଼ିକରେ କାର୍ଯ୍ୟ କରିଯାଉଛି । ତାହାରି ଫଳରେହିଁ ଆମ ମନର ଅଗୋଚରରେ ମଧ୍ୟ ଅଭିପ୍ରାୟସମ୍ବଳିତ କେତେକେତେ ଗତିସ୍ପନ୍ଦନର ମଧ୍ୟ ଦେଇ ଆମେ କେତେ ଆକର୍ଷଣ ଓ ବିକର୍ଷଣର ଆହ୍ୱାନ ମାନି ଚାଲିବାରେ ସମର୍ଥ ହେଉଛୁ । ପଶୁମାନଙ୍କ ଭିତରେ ଏହି ଦେହଚେତନା ଏକ ଅଧିକ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱରୂପେ କାର୍ଯ୍ୟ କରୁଛି । ବୋଧଦୃଷ୍ଟିରେ ଉଦ୍‌ଭିଦ-ରାଜ୍ୟରେ ମଧ୍ୟ ଏହାର ଅବସ୍ଥିତି ଲକ୍ଷ୍ୟ କରି ପାରିବା । ଉଦ୍‌ଭିଦର ଯାବତୀୟ ଲୋଡ଼ିବା ଓ ସରମିଯାଇ ସଙ୍କୁଚିତ ହୋଇଯିବା, ଯାବତୀୟ ସୁଖ ଓ ଦୁଃଖ, ନିଦ୍ରା ଓ ଜାଗୃତି ତଥା ତା'ର ଜୀବନଗତ ଅନ୍ୟାନ୍ୟ ଯାବତୀୟ ରହସ୍ୟ,—ଏଗୁଡ଼ିକ ଚେତନାର ଗତିସ୍ପନ୍ଦନ ବ୍ୟତୀତ ଆଉ କିଛି ନୁହେଁ । କଠୋର ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ନେଇ ଜଣେ ଭାରତୀୟ ବୈଜ୍ଞାନିକ ଉଦ୍‌ଭିଦ-ଜୀବନର ଏହିସବୁ ସତ୍ୟକୁ ଲୋକଲୋଚନର ଗୋଚରକୁ ଆଣିଛନ୍ତି । ସେଗୁଡ଼ିକ ଚେତନାର ଗତିସ୍ପନ୍ଦନ ମାତ୍ର; ମାତ୍ର ଆମ ଅବଧାରଣାର ପରିସର ଭିତରେ ବିଚାର କଲେ ଆମେ ସେଗୁଡ଼ିକୁ ମାନସ ଚେତନା ବୋଲି କହି ପାରିବା ନାହିଁ, ତେଣୁ ମାନସ ସ୍ତରର ନିମ୍ନରେ ମଧ୍ୟ ପ୍ରାଣଚେତନାର ଆଉ ଗୋଟିଏ ସ୍ତର ରହିଛି । ଏହାର ପ୍ରାରମ୍ଭିକ ପ୍ରତିକ୍ରିୟାଗୁଡ଼ିକ ଠିକ୍ ମାନସ ସ୍ତରର ପ୍ରାରମ୍ଭିକ ପ୍ରତିକ୍ରିୟାଗୁଡ଼ିକ ପରି । ମାତ୍ର ସ୍ୱାନୁଭୂତିର ଗଠନସ୍ୱଭାବରେ ଏହା ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସ୍ୱାନୁଭୂତିର ଗଠନସ୍ୱଭାବରେ ଅତିଚେତନାର ସ୍ତରଟି ମାନସିକ ସ୍ତରଠାରୁ ଯେପରି ଭିନ୍ନ, ଠିକ୍ ସେହିପରି ।

ଯେଉଁ ଉଦ୍‌ଭିଦ-ଜଗତକୁ ଆମେ ପଶୁଜୀବନ ତୁଳନାରେ ଏକ ନିମ୍ନତର ସ୍ତର ବୋଲି ସ୍ୱୀକାର କରୁ, ଚେତନାର ପରିସର-କ୍ରମଟି ଠିକ୍ ସେହିପର୍ଯ୍ୟନ୍ତ ଆସି

ଅଟକି ଯାଇଛୁ କି ? ଯଦି ତାହାକୁହିଁ ସତ୍ୟ ବୋଲି ଧରାଯାଏ, ତେବେ ଆମକୁ ବାଧ୍ୟ ହୋଇ ଜଡ଼ଠାରୁ ଭିନ୍ନଜାତୀୟ ଏପରି ଏକ ଜୀବନଶକ୍ତି ଓ ଚେତନାର ଅବସ୍ଥିତିକୁ ସ୍ୱୀକାର କରିନେବାକୁ ପଡ଼ିବ ଯାହାକି ସମ୍ଭବତଃ ଏକ ଅନ୍ୟ ଲୋକରୁ * ଏଠାକୁ ଆସି ଜଡ଼ଭିତରେ ପ୍ରବେଶ କରିଛି ଓ ତାହାକୁ ଅଧିକାର କରି ରହିଛି । ତାହା ନ ହେଲେ ଏହା ଆଉ କେଉଁଠାରୁ ଆସିଛି ? ପ୍ରାଚୀନ ଦାର୍ଶନିକମାନେ ଏହିପରି ଲୋକାନ୍ତରମାନ ପ୍ରକୃତରେ ରହିଛି ବୋଲି ବିଶ୍ୱାସ କରୁଥିଲେ । ସମ୍ଭବତଃ ସେହିସବୁ ଲୋକାନ୍ତର ଆମର ଏହି ଜଗତର ପ୍ରାଣ ଓ ଚେତନାକୁ ଧାରଣ କରି ରଖିଛି ବା ଆପଣାର ରୂପଦ୍ୱାରାହିଁ ଏଗୁଡ଼ିକୁ ଅଭିବ୍ୟକ୍ତ କରି ରଖିଛି ବୋଲି ସେମାନେ ଅନୁମାନ କରୁଥିଲେ । ମାତ୍ର ସେଗୁଡ଼ିକ ଏଠାରେ ପ୍ରବେଶ କରି ଏହି ଜଗତକୁ ସୃଷ୍ଟି କରିଛନ୍ତି ବୋଲି ସେମାନେ ଭାବୁ ନ ଥିଲେ । ଯାହା ଆଗରୁ ଜଡ଼-ଭିତରେ ଅନ୍ତର୍ନିହିତ ହୋଇ ରହିନାହିଁ, ଜଡ଼ଭିତରୁ ସେପରି କୌଣସି ସାମଗ୍ରୀର ଉଦ୍‌ଭବ ବା ବିକାଶ କଦାପି ସମ୍ଭବ ନୁହେଁ ।

ମାତ୍ର ଆମର ଆଖିକୁ ଯାହା କେବଳ ଜଡ଼ବୋଲି ପ୍ରତୀତ ହେଉଛି, ତାହାର ଭିତରକୁ ଆସି ପ୍ରାଣ ଓ ଚେତନାର ଧାରାଟି ଯେ ହଠାତ୍ ସ୍ତବ୍ଧ ଓ ବନ୍ଦ ହୋଇ ଯାଇଛି, ଏପରି ଭାବିବାଲାଗି ଆଦୌ କୌଣସି କାରଣ ନାହିଁ । ଆଧୁନିକ ଗବେଷଣା ଓ ବିଚାର ଯେପରି ଭାବରେ ବିକଶିତ ହେବାରେ ଲାଗିଛି, ସେଥିରୁ ଧାତୁ ଓ ମୃତ୍ତିକା ପ୍ରଭୃତି ନିଷ୍ପ୍ରାଣ ବସ୍ତୁ ଭିତରେ ମଧ୍ୟ ପ୍ରାଣର ଏକ ଅତି ଅସ୍ପଷ୍ଟ ଉନ୍ମେଷ ତଥାପି ବର୍ତ୍ତମାନ ରହିଛି ବୋଲି ମନେହେଉଛି । ସେଗୁଡ଼ିକରେ ମଧ୍ୟ ଚେତନାର ଏକ ନିଷ୍ପନ୍ଦ ଓ ନିରୋଧିତ ଆଭାସ ସମ୍ଭବତଃ ବର୍ତ୍ତମାନ ବୋଲି ଅନୁମାନ କରାଯାଉଛି । ଅଥବା ଯାହା ଆମଭିତରେ ଚେତନାରୂପେ ଉଦ୍‌ଭୂତ ହେଉଛି, ଅନ୍ତତଃ ତାହାର ମୂଳ ଉପାଦାନଟି ଧାତୁ ଓ ମୃତ୍ତିକା ପ୍ରଭୃତି ଭିତରେ ମଧ୍ୟ ଅବସ୍ଥାନ କରୁଥାଇ-ପାରେ ବୋଲି ସଙ୍କେତ ମିଳୁଛି । ମୁଁ ଯାହାକୁ ପ୍ରାଣଚେତନା ବୋଲି କହୁଛି, କେବଳ ଉଦ୍‌ଭିଦ-ଜଗତରେହିଁ ଆମେ ତାହା ଅବସ୍ଥିତ ରହିଥିବାର କ୍ଷୀଣ ସୂଚନା

* ଲୋକାନ୍ତରରୁ ନୁହେଁ, ମାତ୍ର ଏକ ଅନ୍ୟ ଗ୍ରହରୁ ଆସି ଜୀବନ ଏହି ପୃଥିବୀରେ ପ୍ରବେଶ କରିଛି ବୋଲି, ଏବେ ଏହିପରି ଏକ ଅଦ୍‌ଭୁତ କଳ୍ପନା କେହି କେହି କରୁଛନ୍ତି । ମାତ୍ର କୌଣସି ଦାର୍ଶନିକ ଏହି ବ୍ୟାଖ୍ୟାକୁ ଏକ ବ୍ୟାଖ୍ୟା ବୋଲି ଆଦୌ ଗ୍ରହଣ କରିବ ନାହିଁ । ଏକ ନିର୍ଦ୍ଦିଷ୍ଟ ଗ୍ରହର ଜଡ଼ ଉପାଦାନ ଭିତରେ ଜୀବନର ପ୍ରବେଶ କିପରି ସମ୍ଭବ ହେଲା, ତାହା ଅସଲ ପ୍ରଶ୍ନ ନୁହେଁ; ସମଗ୍ରତଃ ଜଡ଼ ଭିତରକୁହିଁ ପ୍ରାଣ କିପରି ଆସିଲା, ତାହାହିଁ ଅସଲ ପ୍ରଶ୍ନ ।

'oaob.nitrkl.ac.in' images reprocessed

ପାଇପାରିବା । ତେଣୁ ସେହି କ୍ଷେତ୍ରରେ ଆମେ ତାହାକୁ ସମ୍ପୂର୍ଣ୍ଣଭାବେ ଆଦୌ ଅସ୍ୱୀକାର କରି ପାରିବା ନାହିଁ । ମାତ୍ର ଜୀବନହୀନ ଜଡ଼ ଭିତରେ ଚେତନା ଅତି ନିଷ୍ପନ୍ଦ ଭାବରେ ରହିଥିବାରୁ ଏହାକୁ ବୁଝିବା ବା ଏହାର କଳ୍ପନା କରିବା ଆମ-ପକ୍ଷରେ ବଡ଼ କଷ୍ଟକର । ଏବଂ ଯାହାକୁ ବୁଝିବାକୁ ବା କଳ୍ପନା କରି ପାରିବାକୁ ଆମେ ବଡ଼ କଷ୍ଟକର ବୋଲି ଜାଣୁ, ଆମେ ତାହାକୁ ମିଥ୍ୟା ବୋଲି କହି ଉଡ଼ାଇ-ଦେବା ସମ୍ଭବ ବୋଲି ବି ମନେ କରିଥାଉ । ତଥାପି ଚେତନାର ଗଭୀର ତଳଗୁଡ଼ିକ ଭିତରକୁ ତାହାର ଅନୁସରଣ କରିପାରିଲେ ପ୍ରକୃତି ଭିତରେ ହଠାତ୍ ଏପରି ଏକ ଫାଙ୍କ ବା ବ୍ୟବଧାନ ରହିଛି ବୋଲି ବିଶ୍ୱାସ କରିବା ଆଦୌ ସମ୍ଭବ ହୁଏ ନାହିଁ । ବସ୍ତୁସତ୍ତାର ଅନ୍ୟ ସକଳ ପର୍ଯ୍ୟାୟରେ ଏକତ୍ୱର ଯେଉଁ ତତ୍ତ୍ୱଟି ସ୍ୱୀକୃତ ହୋଇ ପାରୁଛି, ସେତେବେଳେ କେବଳ ଗୋଟିଏ ପର୍ଯ୍ୟାୟରେହିଁ ତାହା ଅସ୍ୱୀକୃତ ବା ଖଣ୍ଡିତ ନୁହେଁ, ମାତ୍ର ଅନ୍ୟମାନଙ୍କ ତୁଳନାରେ କେବଳ ଅଧିକ ପ୍ରଚ୍ଛନ୍ନ ହୋଇ ରହିଥିବାବେଳେ ସେହି ଏକତ୍ୱ ଏକ ସାଧାରଣ ଗୁଣଭାବରେ ସବୁ ପର୍ଯ୍ୟାୟରେ ବର୍ତ୍ତମାନ ରହିଛି ବୋଲି ଅନୁମାନ କରି ପାରିବାଲାଗି ଆମ ବିଚାରର ଅବଶ୍ୟ ଅଧିକାର ରହିଛି । ଏବଂ ଏହି ଏକତ୍ୱର ଧାରାଟି କେଉଁଠି ହେଲେ ଅସଂଲଗ୍ନ ବା ବ୍ୟାହତ ହୋଇ ଯାଇନାହିଁ ବୋଲି ଅନୁମାନ କରିନେଲେ ଆମେ ଜଗତରେ ପ୍ରବୃତ୍ତ ଓ କାର୍ଯ୍ୟାନ୍ୱିତ ହେଉଥିବା ଶକ୍ତିର ସକଳ ରୂପାୟନ ସ୍ତରରେ ଚେତନାର ଅବସ୍ଥିତିକୁ ନିଶ୍ଚୟ ସତ୍ୟରୂପେ ଗ୍ରହଣ କରିନେଇ ପାରିବା । ଏପରିକି ରୂପର ସବୁଯାକ ସ୍ତରରେ ଚେତନ କିମ୍ବା ଅତିଚେତନ ପୁରୁଷର ଅବସ୍ଥାନ ହୁଏତ ସମ୍ଭବ ହେଉ ନ ଥିଲେହେଁ ତଥାପି ସେଗୁଡ଼ିକରେ ସତ୍ତାର ଏକ ଚେତନ ଶକ୍ତି ଅବଶ୍ୟ ରହିଛି ଏବଂ ସେଗୁଡ଼ିକର ବହିରଙ୍ଗ ବ୍ୟାପାରଗୁଡ଼ିକ ମଧ୍ୟ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ତାହାରଦ୍ୱାରାହିଁ ସଂଚାଳିତ ଓ ନିୟନ୍ତ୍ରିତ ହେଉଛି ।

ଏହିପରି ଏକ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କଲେ ଆମଲାଗି 'ଚୈତନ୍ୟ' ଶବ୍ଦଟିର ଅର୍ଥହିଁ ବଦଳିଯାଏ । ସେତେବେଳେ ଚେତନା କହିଲେ କେବଳ ମନଶ୍ଚେତନାର ଆୟତନ ଭିତରେ ଆବଦ୍ଧ ରହିବାକୁ ପଡ଼େ ନାହିଁ । ସେତେବେଳେ ଚେତନା ସତ୍ତାର ଏକ ଆତ୍ମସଚେତନ ଶକ୍ତିକୁହିଁ ସୂଚିତ କରାଇଦିଏ ଏବଂ ମନଶ୍ଚେତ-ନାକୁ ଏହାର କେବଳ ଏକ ମଧ୍ୟବର୍ତ୍ତୀ ଅବସ୍ଥା ବୋଲି ଜାଣିବାକୁ ହୁଏ । ମନଶ୍ଚେତନାର ନିମ୍ନତର ଭାଗରେ ସତ୍ତାର ସେହି ଆତ୍ମସଚେତନ ଶକ୍ତି ପ୍ରାଣ ଓ ଜଡ଼ର ଗତିସ୍ପନ୍ଦନ ଭିତରକୁ ଓହ୍ଲାଇ ଆସିଥାଏ । ଏହି ଗତିସ୍ପନ୍ଦନଗୁଡ଼ିକୁ ଆମେ ଅବଚେତନ ବୋଲି ବୁଝିଥାଉ । ମନଶ୍ଚେତନାର ଊର୍ଦ୍ଧ୍ୱରେ ମଧ୍ୟ ଏହା ଅତିମାନସର ଭିତରକୁ ଉତ୍ତୀର୍ଣ୍ଣ ହୋଇ ଯାଇଥାଏ, ଯାହାକୁ କି ଆମେ ଅତିଚେତନ ବୋଲି କହୁ ।

'oaob.nitrkl.ac.in' images reprocessed

ମାତ୍ର ବିଭିନ୍ନ ସ୍ତର ଓ ବିଭିନ୍ନ ପର୍ଯ୍ୟାୟରେ କେବଳ ସେହି ଏକ ଶକ୍ତିହିଁ ଅବସ୍ଥିତ ରହିଥାଏ ଏବଂ ଆପଣାକୁ ବିଭିନ୍ନଭାବରେ ରୂପାୟିତ କରି ରଖିଥାଏ । ଭାରତୀୟ କଳ୍ପନାରେ ଏହାକୁ ଚିତ୍ ବୋଲି କୁହାଯାଇଛି । ଏହି ଚିତ୍‌ହିଁ ଶକ୍ତିରୂପେ ସକଳ ଲୋକର ସୃଷ୍ଟି କରୁଛି । ମନକୁ ଜଡ଼ଠାରୁ ଏକ ପୃଥକ୍ ଶକ୍ତି ବୋଲି ନ କହି ଜଡ଼ବାଦୀ ବିଜ୍ଞାନ ଯେଉଁଠି ଏହାକୁ ଜଡ଼ଶକ୍ତିର କେବଳ ଏକ କ୍ରମବିବର୍ତ୍ତିତ ପରିଣାମ ବୋଲି କହୁଛି ଓ ତଦ୍ଦ୍ୱାରା ଆରପାଖରୁ ଆସି ମନ ଓ ଜଡ଼ ଭିତରେ ରହିଥିବା ଏକତ୍ୱର ଘୋଷଣା କରିଛି, ଏଠାରେ ଆମେ ମଧ୍ୟ ମୂଳତଃ ସେହି ଏକତ୍ୱ ପାଖରେ ଆସି ପହଞ୍ଚି ଯାଉଛୁ । ଆପଣାର ଗଭୀରତମ ଅନୁଭବଦ୍ୱାରା ପ୍ରେରିତ ହୋଇ ଭାରତୀୟ ଦର୍ଶନ ଅପର ପକ୍ଷରେ ମନ ଓ ଜଡ଼କୁ କେବଳ ଗୋଟିଏ ଶକ୍ତିର ବିଭିନ୍ନ ସ୍ତର ବୋଲି ବା ସେହି ଏକ ଚେତନ ସତ୍ତାଶକ୍ତିର ବିଭିନ୍ନ ରୂପାୟନ ବୋଲିହିଁ ଘୋଷଣା କରିଯାଇଛି ।

ମାତ୍ର ଚେତନାକୁହିଁ ଏହି ମହାଶକ୍ତିର ଯଥାର୍ଥ ବ୍ୟାଖ୍ୟା ବୋଲି କହିବାଲାଗି ଆମ ପାଖରେ କି ପ୍ରମାଣ ରହିଛି ? କାରଣ ଚେତନାର ଅର୍ଥ ବୁଦ୍ଧି, ଉଦ୍ଦେଶ୍ୟମୟତା ଆତ୍ମଜ୍ଞାନ, ଯଦିଓ ଏହା ଆମ ମନର ଚିରାଚରିତ ଅଭ୍ୟସ୍ତ ରୂପାୟନ ନ ହୋଇପାରେ ଏପରି ଏକ ଦୃଷ୍ଟିରୁ ବିଚାର କଲେ ମଧ୍ୟ ତଦ୍ଦ୍ୱାରା ଏକ ବିଶ୍ୱଗତ ଚେତନ ଶକ୍ତିର ଅନୁମାନ କରିବା ଦିଗରେ ଆଦୌ କୌଣସି ବିରୋଧ ଜାତ ହେବ ନାହିଁ, ବରଂ ସେଥିଲାଗି ସମର୍ଥନହିଁ ମିଳିବ । ଦୃଷ୍ଟାନ୍ତସ୍ୱରୂପ ଆମେ ପଶୁଭିତରେ ମଧ୍ୟ ଏପରି ଏକ ନିପୁଣ ଉଦ୍ଦେଶ୍ୟମୂଳ ପ୍ରବୃତ୍ତି କାର୍ଯ୍ୟ କରୁଥିବାର ଓ ବୈଜ୍ଞାନିକ ଦୃଷ୍ଟିରୁ ବିଚାର କଲେ ଏପରି ଏକ ସୁନିର୍ଦ୍ଦିଷ୍ଟ ଓ ବିଶଦ ଜ୍ଞାନସାମର୍ଥ୍ୟ ରହିଥିବାର ପରିଚୟ ପାଇଥାଉ, ଯାହା କି ପଶୁଜୀବନର ସାଧାରଣ ମାନସିକ ସାମର୍ଥ୍ୟସୀମାକୁ ଅତିକ୍ରମ କରି ଚାଲିଯାଇଥାଏ ଏବଂ କେବଳ ଦୀର୍ଘ ଅନୁଶୀଳନ ଓ ଶିକ୍ଷାଦ୍ୱାରାହିଁ ସ୍ୱୟଂ ମନୁଷ୍ୟ ମଧ୍ୟ ଯାହାକୁ ଅର୍ଜନ କରିବାଲାଗି ସମର୍ଥ ହୁଏ ଓ ତଥାପି ପଶୁପରି ଅଭ୍ରାନ୍ତ କ୍ଷିପ୍ରତାର ସହିତ ସେ ଯାହାକୁ କାମରେ ଲଗାଇ ପାରେ ନାହିଁ । ପଶୁ ଓ ପତଙ୍ଗ ଜଗତରେ ଏକ ଚିତ୍‌ଶକ୍ତି ଯେ ଅତି ନିଶ୍ଚିତ ଭାବରେ କାର୍ଯ୍ୟ କରିଚାଲିଛି, ଏହିପରି ଏକ ଅତି ସାଧାରଣ ଘଟଣାରୁ ଆମେ ତାହାର ପ୍ରମାଣ ପାଉ । ଆମ ପୃଥିବୀରେ ଆଜିପର୍ଯ୍ୟନ୍ତ ମନୁଷ୍ୟବ୍ୟକ୍ତିର ଜୀବନରେ ସଂଘଟିତ ହୋଇଥିବା ମାନସିକ ସାମର୍ଥ୍ୟର ଉଚ୍ଚତମ ଅଭିବ୍ୟକ୍ତିଠାରୁ ମଧ୍ୟ ପଶୁ ଓ ପତଙ୍ଗଠାରେ ଅଧିକ ବୁଦ୍ଧି, ଅଧିକ ଉଦ୍ଦେଶ୍ୟମୂଳତା ତଥା ଆପଣାର ଅଭିପ୍ରାୟ, ସାଧ୍ୟ, ସାଧନ ଓ ପରିବେଶ ସମ୍ପର୍କରେ ଅଧିକ ସଚେତନତା ପରିଲକ୍ଷିତ ହୋଇଥାଏ । ଏବଂ ଜଡ଼ ପ୍ରକୃତିର ଯାବତୀୟ ବ୍ୟାପାର ଭିତରେ ମଧ୍ୟ ଆମେ 'ସ୍ୱଗୁଣୈର୍ନିଗୂଢ଼ା' ସେହି ଏକ ପ୍ରଚ୍ଛନ୍ନ ପରମବୁଦ୍ଧିର ନିତ୍ୟଲୀଳା ଦେଖିବାକୁ ପାଇଥାଉ ।

'oaob.nitrkl.ac.in' images reprocessed

ବୁଦ୍ଧିର ଏହି ଉଦ୍ଦେଶ୍ୟମୂଳ ଲୀଳା, ନିର୍ବାଚନ, ଅନୁକୂଳନ ଓ ଅନ୍ୱେଷଣରେ ଏହି ଲୀଳାର ମୂଳରେ ଯେ ଏକ ଚେତନା ବା ବୁଦ୍ଧି ଅବଶ୍ୟ କାର୍ଯ୍ୟ କରୁଛି, ଏହାର ବିରୁଦ୍ଧରେ କେବଳ ଗୋଟିଏ ଯୁକ୍ତି ଦର୍ଶାଯାଇପାରେ । ଏସବୁର ପଛରେ ଯଦି ପ୍ରକୃତରେ ଏକ ସଚେତନ ବୁଦ୍ଧିମତ୍ତା ହିଁ ରହିଛି, ତେବେ ପ୍ରକୃତି ଭିତରେ ଏତେ ଅଧିକ ମାତ୍ରାରେ ଅପଚୟ ଘଟୁଛି କାହିଁକି ବୋଲି ଆପତ୍ତି ଉଠିପାରେ । ଆମର ମନୁଷ୍ୟ-ବୁଦ୍ଧି ବାସ୍ତବତଃ ବଡ଼ ସୀମାବଦ୍ଧ ହୋଇଥିବାରୁ ହିଁ ଏହି ଆପତ୍ତିଟି ଉଠିଥାଏ । ମନୁଷ୍ୟ ଭିତରେ ଯେତିକି ବୁଦ୍ଧିଶକ୍ତି ରହିଛି, ତା'ର ସ୍ୱକୀୟ ସୀମାବଦ୍ଧ ଅଭିପ୍ରାୟ-ଗୁଡ଼ିକର ଚରିତାର୍ଥ କରିବାଲାଗି ତାହା ଅବଶ୍ୟ ବେଶ କାମଦିଏ; ମାତ୍ର ବିଶ୍ୱଶକ୍ତିର ସମଗ୍ର ବିସ୍ତୃତି ଉପରେ ମଧ୍ୟ ମନୁଷ୍ୟ ଆପଣାର ସଂକୀର୍ଣ୍ଣ ବୁଦ୍ଧିକୁ ଆଣି ଲଦି ଦେଇଥାଏ । ପ୍ରକୃତି ମଧ୍ୟରେ ଯେଉଁସବୁ ଉଦ୍ଦେଶ୍ୟ ନିହିତ ହୋଇ ରହିଛି, ଆମେ ତାହାର କେବଳ ଗୋଟିଏ ଅଂଶମାତ୍ର ଦେଖିବାକୁ ସମର୍ଥ ହୋଇଥାଉ; ଏବଂ ସେହି ଅଂଶଟି ସହିତ ଆଉ ଯାହାସବୁ ଖାପ ଖାଏ ନାହିଁ, ଆମେ ସେହିଗୁଡ଼ିକୁହିଁ ଅପଚୟ ବୋଲି କହୁ । ତଥାପି ଏକ ମନୁଷ୍ୟଗୋଷ୍ଠୀ ହିସାବରେ ଆମ ନିଜର କାର୍ଯ୍ୟକଳାପ ମଧ୍ୟରେ ବି ଏକ ଆପାତ ବା ତଥାକଥିତ ଅପଚୟ ପରିପୂର୍ଣ୍ଣ ହୋଇ ରହିଛି । ଅର୍ଥାତ୍ ବ୍ୟକ୍ତିର ଆଖିକୁ ଏଗୁଡ଼ିକ କେବଳ ଅପଚୟ ବୋଲି ପ୍ରତୀତ ହେଉଛି, ତଥାପି ନିଃସନ୍ଦେହ ଭାବରେ ଜଗତ୍‌ବ୍ୟାପାରର ବୃହତ୍ତର ଓ ବିଶ୍ୱଗତ ଉଦ୍ଦେଶ୍ୟଙ୍କୁ ବେଶ୍ ପରିପୂର୍ଣ୍ଣ କରି ଚାଲିଛି । ତା' ଅଭିପ୍ରାୟର ଏହି ଯେଉଁ ଅଂଶଟି ସ୍ପଷ୍ଟତଃ ଆମ ଆଖିରେ ପଡ଼ି ପାରୁନାହିଁ, ପ୍ରକୃତି ତାହାକୁ ଆପଣାର ତଥାକଥିତ ଅପଚୟ ସତ୍ତ୍ୱେ ବା ଯଥାର୍ଥରେ କହିବାକୁ ଗଲେ ସମ୍ଭବତଃ ସେହି ଅପଚୟର ମାଧ୍ୟମରେହିଁ ପରିପୂର୍ଣ୍ଣ କରିବାରେ ଲାଗିଛି । ତେଣୁ ପ୍ରକୃତିର ଯେଉଁ ଦିଗଟି ଦେଖିବାଲାଗି ଆମେ ଏପର୍ଯ୍ୟନ୍ତ ସମର୍ଥ ହୋଇନାହୁଁ ବିଶ୍ୱାସର ସହିତ ତାହାକୁ ତାହାରି ହାତରେ ଛାଡ଼ିଦେବା ନିଶ୍ଚିତ ଏକ ବିଜ୍ଞତାରହିଁ କାର୍ଯ୍ୟ ହେବ ।

ଏହି ଗୋଟିଏ ଆପତ୍ତିକୁ ବାଦ୍ ଦେଲେ, ପଶୁ, ଉଦ୍‌ଭିଦ ଓ ଜଡ଼ଜଗତ ମଧ୍ୟରେ କାର୍ଯ୍ୟକରୁଥିବା ବିଶ୍ୱଶକ୍ତିର ସକଳ ଲୀଳାରେ ଯେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ-ଦିଗରେ ଧାବମାନ ହେଉଥିବାର ବେଗ ନିହିତ ହୋଇ ରହିଛି, ଆମେ ତାହାକୁ ଆଉ କଦାପି ଅସ୍ୱୀକାର କରି ପାରିବା ନାହିଁ । ଆପାତ-ଅନ୍ଧ ପ୍ରବୃତ୍ତିକୁ ନିୟନ୍ତ୍ରିତ କରି ବିଳମ୍ବରେ ହେଉ ବା ତତ୍‌କ୍ଷଣାତ୍ ହେଉ ନିଶ୍ଚିତ ଭାବରେ ଲକ୍ଷ୍ୟସ୍ଥଳରେ ଆସି ପହଞ୍ଚିବାର ଏକ ନୈପୁଣ୍ୟ ଏଥିରେ ନିହିତ ହୋଇ ରହିଛି । ଜଡ଼ହିଁ ଯେତେବେଳ-ଯାଏ ବୈଜ୍ଞାନିକ କଳ୍ପନାର ତତ୍ତ୍ୱସର୍ବସ୍ୱ ହୋଇ ରହିଥିଲା, ସେତେବେଳଯାଏ ବୁଦ୍ଧିକୁ ବୁଦ୍ଧିର ଜନନୀରୂପେ ସ୍ୱୀକାର କରିନେବା ସମ୍ବନ୍ଧରେ ରହିଥିବା କୁଣ୍ଠାଟିକୁ

'oaob.nitrkl.ac.in' images reprocessed

ଆମେ ଏକ ଯଥାର୍ଥ କୁଣ୍ଠା ବୋଲି ବେଶ୍ ମାନିନେଇ ପାରିବା । ମାତ୍ର ବର୍ତ୍ତମାନ ମଧ୍ୟ ମାନବିକ ଚେତନା, ବୁଦ୍ଧି ଓ ସିଦ୍ଧି ଏକ ବୁଦ୍ଧିବିବର୍ଜିତ ଓ ଅନ୍ଧଭାବରେ ଧାବିତ ହେଉଥିବା ଅଚେତନାରୁହିଁ ଜନ୍ମଲାଭ କରିଛୁ ଓ ସେଗୁଡ଼ିକର କୌଣସି ଆଭାସ ଏଥିରେ ଆଗରୁ ପ୍ରଚ୍ଛନ୍ନ ହୋଇ ରହି ନ ଥିଲା ବୋଲି ଦାବି କରି ବସିଲେ କେବଳ ମାନ୍ଧାତା ଅମଳର ଏକ ବିରୋଧୀ କଥା ବ୍ୟତୀତ ତାହାକୁ ଆଉ କଅଣ କୁହାଯାଇ ପାରିବ ? ମନୁଷ୍ୟର ଚେତନା ମହାପ୍ରକୃତି ମଧ୍ୟରେ ବିଦ୍ୟମାନ ରହିଥିବା ଚେତନାର ଏକ ଅନ୍ୟତମ ରୂପ ବ୍ୟତୀତ ଆଉ କିଛି ନୁହେଁ । ମାନସ ସ୍ତରର ନିମ୍ନରେ ମଧ୍ୟ ଏହି ଚେତନା ସମ୍ପୃକ୍ତ ଅନ୍ୟାନ୍ୟ ରୂପଗୁଡ଼ିକ ଭିତରେ ସଂବୃତ ହୋଇ ରହିଛି, ମାନସ ସ୍ତରରେ ଏହା ପ୍ରକାଶରୂପ ଧାରଣ କରୁଛି; ଏବଂ ମାନସ ସ୍ତରକୁ ଅତିକ୍ରମ କରି ତଥାପି ଅଧିକ ବରିଷ୍ଠ ସ୍ତରଗୁଡ଼ିକୁ ଆରୋହଣ କରିଯିବା ଏପର୍ଯ୍ୟନ୍ତ ବାକି ରହିଛି । କାରଣ ଲୋକତ୍ରୟର ନିର୍ମାଣ କରିଥିବା ଏହି ଶକ୍ତି ହେଉଛି ଏକ ଚିତ୍-ଶକ୍ତି, ସେହିସବୁ ଲୋକ ଭିତରେ ଆପଣାକୁ ପ୍ରକାଶିତ କରୁଥିବା ସତ୍ତା ହେଉଛନ୍ତି ଚେତନ ବା ଚିନ୍ମୟ ପୁରୁଷ । ଆପଣାର ଅନ୍ତର୍ନିହିତ ଶକ୍ତିଗୁଡ଼ିକର ପରିପୂର୍ଣ୍ଣ ରୂପାୟନକୁହିଁ ବିଶ୍ୱର ଏହି ରୂପନିଖିଳ ମଧ୍ୟଦେଇ ତାଙ୍କର ପରିପ୍ରକାଶର ଏକମାତ୍ର ଅଭିପ୍ରାୟ ବୋଲି ସ୍ୱୀକାର କରିନେବା ବ୍ୟତୀତ ଆମେ ଆମ ବୁଦ୍ଧି ସାହାଯ୍ୟରେ ଅଧିକ ଆଉ କିଛିହେଲେ କଳ୍ପନା କରି ପାରିବା ନାହିଁ ।

'oaob.nitrkl.ac.in' images reprocessed

ଏକାଦଶ ପରିଚ୍ଛେଦ

# ଆନନ୍ଦରୂପଂ ଯଦ୍ ବିଭାତି : ସଂଶୟ

କୋ ହ୍ୟେବାନ୍ୟାତ୍ କଃ ପ୍ରାଣ୍ୟାତ୍ ଯଦେଷ ଆକାଶ ଆନନ୍ଦୋ ନ ସ୍ୟାତ୍ ॥ ଆନନ୍ଦାଦ୍ଧି ଏବ ଖଳୁ ଇମାନି ଭୂତାନି ଜାୟନ୍ତେ । ଆନନ୍ଦେନ ଜାତାନି ଜୀବନ୍ତି । ଆନନ୍ଦଂ ପ୍ରୟନ୍ତି ଅଭିସଂବିଶନ୍ତି ।

—ତୈତ୍ତିରୀୟ ଉପନିଷଦ, ୨।୭, ୩।୬

ଏହି ଆକାଶ ପରମ ସତ୍ତାର ଆନନ୍ଦଦ୍ୱାରା ପରିପୂର୍ଣ୍ଣ ହୋଇ ରହି ନଥିଲେ ଏଠାରେ କିଏ ଜୀବନଧାରଣ କରି ପାରୁଥା'ନ୍ତା, କିଏ ଏଠି ନିଃଶ୍ୱାସ ନେଇ ବଞ୍ଚିବାକୁ ସମର୍ଥ ହେଉଥା'ନ୍ତା ?

ଆନନ୍ଦରୁହିଁ ଏହି ଭୂତସକଳ ଜାତ ହୋଇଛନ୍ତି, ଆନନ୍ଦଦ୍ୱାରାହିଁ ତିଷ୍ଠି ରହିଛନ୍ତି ଓ ବଢ଼ୁଛନ୍ତି ଏବଂ ଶେଷରେ ସେହି ଆନନ୍ଦ ଭିତରକୁହିଁ ଫେରି ଯାଉଛନ୍ତି ।

ମାତ୍ର ଏହି ଶୁଦ୍ଧ ସତ୍ତା, ବ୍ରହ୍ମ ବା ସତ୍‌କୁହିଁ ବିଶ୍ୱର ପରମ ଆଦି, ଅନ୍ତ ଓ ଆସ୍ପଦରୂପେ ସ୍ୱୀକାର କରିନେଲେ ଏବଂ ବ୍ରହ୍ମ ଭିତରେ ଏକ ଅଭିନ୍ନ ଓ ଅନ୍ତର୍ନିହିତ ଆତ୍ମଚେତନା ଅବସ୍ଥିତ ରହିଛି ଓ ଏକ ଚେତନାର ଏକ ସ୍ପନ୍ଦନଶକ୍ତି ରୂପରେ ସକ୍ରିୟ ହୋଇ ସକଳ ଶକ୍ତି, ସକଳ ରୂପ ଓ ସକଳ ଲୋକର ସୃଷ୍ଟି କରୁଛି ବୋଲି ମାନିନେଲେ ମଧ୍ୟ ତଥାପି ଗୋଟିଏ ପ୍ରଶ୍ନର ଉତ୍ତର ମିଳିବା ବାକି ରହିଯାଏ : ବ୍ରହ୍ମ ହେଉଛନ୍ତି ସ୍ୱପରିପୂର୍ଣ୍ଣ, ପରମ ଓ ଅନନ୍ତ, ତାଙ୍କଠାରେ କୌଣସି ଅଭାବ ନାହିଁ, ଆବଶ୍ୟକତା ନାହିଁ, ବାସନା ମଧ୍ୟ ନାହିଁ; ତେବେ ସିଏ କାହିଁକି ଆପଣା ମଧ୍ୟରେ ରୂପମୟ ବିଶ୍ୱବସ୍ତୁର ସୃଷ୍ଟିଲାଗି ଚିତ୍‌ଶକ୍ତିକୁ ବିଚ୍ଛୁରିତ କରିବାରେ ଲାଗିଛନ୍ତି ? କାରଣ, ତାଙ୍କର ସ୍ୱରୂପଶକ୍ତିହିଁ ତାଙ୍କୁ ସୃଷ୍ଟି କରିବାରେ ବାଧ୍ୟ କରୁଛି, ସ୍ପନ୍ଦନ ଓ ରୂପାୟନର ଅନ୍ତର୍ନିହିତ ଶକ୍ତି ତାଙ୍କଠାରେ ରହିଛି ବୋଲି ସେ ରୂପଧାରଣ ଲାଗି ବାଧ୍ୟ ହେଉଛନ୍ତି,—ଏହି ସମାଧାନଟିକୁ ଆମେ ପ୍ରଥମରୁ ପ୍ରତ୍ୟାଖ୍ୟାନ କରି ଆସିଛୁ । ବ୍ରହ୍ମଭିତରେ ଯେ ଏହି ଶକ୍ତି ପ୍ରକୃତରେ ଅନ୍ତର୍ନିହିତ ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ବ୍ରହ୍ମ ଏହି ଶକ୍ତିଦ୍ୱାରା କଦାପି ସୀମିତ, ଆବଦ୍ଧ ବା କୌଣସିପ୍ରକାରେ ବାଧ୍ୟ

'oaob.nitrkl.ac.in' images reprocessed

ହୋଇ ରହିନାହାନ୍ତି । ସେ ମୁକ୍ତ ଓ ସ୍ୱତନ୍ତ୍ର ରହିଛନ୍ତି । ସ୍ଥିରୀକୃତ ହେବା ବା ଶାଶ୍ୱତଭାବରେ ନିଶ୍ଚଳ ହୋଇ ରହିବାଲାଗି, ବିସୃଷ୍ଟ ରୂପବିଭବରେ ଆପଣାକୁ ବିଚ୍ଛୁରିତ କରିଦେବା କିମ୍ବା ରୂପସୃଷ୍ଟି ଲାଗି ରହିଥିବା ଆପଣାର ଅନ୍ତର୍ନିହିତ ଯୋଗ୍ୟତାକୁ ଆପଣାଭିତରେହିଁ ଧାରଣ ବା ସଂବୃତ କରି ରଖିବାଲାଗି ତାଙ୍କର ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ରହିଛି । ଯିଏ ତଥାପି ଆପଣାକୁ ସ୍ଥିରୀକୃତ ଓ ସଞ୍ଚାଳିତ କରାଉଛନ୍ତି, ତଥାପି ରୂପ-ସୃଷ୍ଟିରେ ପ୍ରବୃତ୍ତ ହେଉଛନ୍ତି । ଏହାର କେବଳ ଗୋଟିଏମାତ୍ର କାରଣ ଥାଇପାରେ,—ଆପଣାର ଆନନ୍ଦଲାଗିହିଁ ସେ ଏହା କରୁଛନ୍ତି ।

ବେଦାନ୍ତବାଦୀମାନେ ଯେଉଁ ଆଦିମୂଳ, ପରମ ଓ ଶାଶ୍ୱତ ପୁରୁଷସତ୍ତାର କଳ୍ପନା କରିଛନ୍ତି, ତାହା କେବଳ ଏକ ସତ୍ତାମାତ୍ରହିଁ ନୁହନ୍ତି, ଏକ ଅନନ୍ତଶକ୍ତିର ଚେତନାବିଶିଷ୍ଟ ଏକ ଚିତ୍‌ସତ୍ତା ନୁହନ୍ତି । ବ୍ରହ୍ମଙ୍କୁ ଏକ ଶୁଦ୍ଧସତ୍ତାରୂପେ ସ୍ୱୀକାର କରିଥିଲେ ମଧ୍ୟ ସେମାନେ ଆନନ୍ଦକୁହିଁ ତାଙ୍କ ସତ୍ତାର ତାତ୍ପର୍ଯ୍ୟ ଓ ତାଙ୍କ ଚେତନାର ସ୍ୱରୂପ ବୋଲି ଘୋଷଣା କରିଛନ୍ତି । ପରମ ସତ୍ତାର କଳ୍ପନାରେ ବିରୋଧୀ ନିଶ୍ଚେତନାର କୌଣସି ସ୍ଥାନ ନାହିଁ । ସେଥିରେ ଚେତନାଶୂନ୍ୟତାର କୌଣସି ଗ୍ରନ୍ଥି ଘୋଟି ରହିନାହିଁ, ଶକ୍ତିର କୌଣସି ଅଭାବ ବା ବିଫଳତା ମଧ୍ୟ ନାହିଁ । କାରଣ ଏସବୁ ରହିଥିଲେ ଏହି ସତ୍ତାକୁ ଆମେ ପରମ ସତ୍ତା ବୋଲି କଦାପି କହି ପାରନ୍ତୁନାହିଁ । ଠିକ୍ ସେହିପରି ଏହି ସତ୍ତାମଧ୍ୟରେ ଶୋକ ବା ବେଦନାବୋଧର ଲେଶମାତ୍ର ନାହିଁ, ଆନନ୍ଦର କୌଣସି ଅଭାବ ନାହିଁ । ଚିନ୍ମୟ ସତ୍ତାର ପରମତା ହେଉଛି ତାହାର ଅପରିସୀମ ଆନନ୍ଦମୟତା । ପରମତା ଓ ଆନନ୍ଦମୟତା କେବଳ ସେହି ଗୋଟିଏ ସତ୍ୟର ଦୁଇପ୍ରକାର ଶାବ୍ଦିକ ପ୍ରକାଶ । ସକଳ ଅପରିସୀମତା, ସକଳ ଅନ୍ତହୀନତା ଓ ପରମତା,—ଏସବୁ କେବଳ ଶୁଦ୍ଧ ଆନନ୍ଦର ସମବାଚୀ । ସକଳ ଅସନ୍ତୋଷ କେବଳ ଏକ ସୀମାସଙ୍କୋଚ ଓ ପ୍ରତିବନ୍ଧକକୁହିଁ ବୁଝାଏ,—ଯାହା ନିରୋଧିତ ହୋଇ ରହିଛି ତାହାକୁ ମୁକ୍ତ ଦେଇ, ସୀମାକୁ ଅତିକ୍ରମ କରି ଓ ପ୍ରତିବନ୍ଧକକୁ ପାର ହେବାଦ୍ୱାରାହିଁ ଯେ ସନ୍ତୋଷ ଉପଗତ ହୁଏ,—ଏପରିକି ଆମ ଆପେକ୍ଷିକ ମନୁଷ୍ୟ-ଜୀବନର ଅଭିଜ୍ଞତାରୁ ମଧ୍ୟ ଆମେ ଏକଥା ଜାଣିବାକୁ ପାଇଥାଉ । କାରଣ ପରମ ସତ୍ତା ହେଉଛି ଆମର ସର୍ବମୂଳ ଅସଲ ସତ୍ତା; ପରମ ସତ୍ତାର ଅନନ୍ତ ଓ ଅପରିସୀମ ଆତ୍ମଚେତନା ତଥା ଆତ୍ମଶକ୍ତି ଆମ ଅସଲ ସତ୍ତାର ପୂର୍ଣ୍ଣ ଅଧିକାର ମଧ୍ୟରେ ରହିଛି । ସେହି ଅଧିକାରଲାଭର ଅନ୍ୟ ନାମ ହେଉଛି ଆତ୍ମାନନ୍ଦ । ଏବଂ ଆମର ଆପେକ୍ଷିକ ଜୀବନ-ପରିସର ସେହି ଅଧିକାରଦ୍ୱାର ଯେତିକି ସମୀପବର୍ତ୍ତୀ ହେବାରେ ଲାଗିଥାଏ, ତାହା ସେହି ଅନୁପାତରେ ଅର୍ଥାତ୍ ସେତିକି ସେତିକି ତୃପ୍ତିର ସମୀପବର୍ତ୍ତୀ ହେଉଥାଏ, ସେତିକି ସେତିକି ଆନନ୍ଦର ସ୍ପର୍ଶ ଲାଭ କରୁଥାଏ ।

'oaob.nitrkl.ac.in' images reprocessed

ନିଷ୍କଳ ଓ ନିଷ୍ପନ୍ଦ ଭାବରେ ଆପଣାର ପରମ ଆତ୍ମସତ୍ତାକୁ ଧାରଣ କରି ରହିଥିଲେହେଁ ତଦ୍ଦ୍ୱାରା ବ୍ରହ୍ମର ଆତ୍ମାନନ୍ଦ କୌଣସିପ୍ରକାର ସୀମାଦ୍ୱାରା ସଙ୍କୁଚିତ ହୋଇଯାଏ ନାହିଁ । ଏହାର ଚିତ୍-ଶକ୍ତି ଭିତରେ ଯେପରି ନିଜକୁ ଅନନ୍ତ ବୈଚିତ୍ର୍ୟରେ ଅନନ୍ତ ରୂପପ୍ରକାଶର ଲୀଳାଭିତରେ ବିଚ୍ଛୁରିତ କରିଦେବାର ସାମର୍ଥ୍ୟ ବର୍ତ୍ତମାନ ରହିଛି, ଠିକ୍ ସେହିପରି ତା'ର ଆତ୍ମାନନ୍ଦ ଭିତରେ ମଧ୍ୟ ସ୍ପନ୍ଦନ ଓ ବିଚିତ୍ର-ରୂପାୟନର ସାମର୍ଥ୍ୟ ବର୍ତ୍ତମାନ ରହିଛି, ଅଗଣିତ ଅନନ୍ତକୋଟି ବ୍ରହ୍ମାଣ୍ଡରୂପେ ପ୍ରକାଶିତ ହେଉଥିବା ନିଜର ସେହି ସତତ ଗତିଚଞ୍ଚଳ ଅନନ୍ତ ପରିବର୍ତ୍ତନ ଶକ୍ତିରେ ଉଲ୍ଲସିତ ହୋଇ ପଡ଼ିବାର ସାମର୍ଥ୍ୟ ମଧ୍ୟ ରହିଛି । ସ୍ୱୀୟ ଆତ୍ମାନନ୍ଦର ଏହି ଅନନ୍ତ ଗତିସ୍ପନ୍ଦନ ଓ ବୈଚିତ୍ର୍ୟକୁ ଉତ୍ସାରିତ ଓ ଉପଭୋଗ କରିବାକୁହିଁ ଆମେ ତାହା'ର ବିଶ୍ୱମୟ ଓ ସୃଜନାତ୍ମକ ଶକ୍ତିଲୀଳାର ଏକମାତ୍ର ଉଦ୍ଦେଶ୍ୟରୂପେ ଗ୍ରହଣ କରିପାରିବା ।

ଅନ୍ୟ ଭାଷାରେ କହିବାକୁ ଗଲେ ସତ୍, ଚିତ୍ ଓ ଆନନ୍ଦର ସେହି ନିରଙ୍କୁ ଏକକ ସଚ୍ଚିଦାନନ୍ଦହିଁ ଆପଣାକୁ ବିଶ୍ୱର ରୂପସମାହାର ମଧ୍ୟରେ ବିଚ୍ଛୁରିତ କରି ଦେଇଛନ୍ତି । ତାଙ୍କର ଚେତନା ହେଉଛି ସ୍ୱଭାବତଃ ଏକ ସୃଜନାତ୍ମକ ଶକ୍ତି, କିମ୍ବା ଅଧିକ ଯଥାର୍ଥ ଭାବରେ କହିବାକୁ ଗଲେ ଆତ୍ମରୂପାୟନର ସାମର୍ଥ୍ୟ ବହନ କରୁଥିବା ଏକ ଶକ୍ତି । ଆପଣାର ଆତ୍ମସଚେତନ ସତ୍ତାକୁ ସେ ପ୍ରତିଭାସ ଓ ରୂପର ଅନନ୍ତ ବିଚିତ୍ରତାରେ ବିଚ୍ଛୁରିତ କରିଦେଇ ପାରନ୍ତି ଏବଂ ସେହି ବିଚିତ୍ର ବିଚ୍ଛୁରଣଜନିତ ଆନନ୍ଦର ଅବିରାମ ଉପଭୋଗ ମଧ୍ୟ କରିପାରନ୍ତି । ତେଣୁ ଏହି ବିଶ୍ୱରେ ଯାହାକିଛି ରହିଛି, ତାହା ସେହି ଅଖଣ୍ଡ ସଚ୍ଚିଦାନନ୍ଦର ସତ୍ତାରେହିଁ ସତ୍ତାବାନ୍ ହୋଇ ରହିଛି; ସେହି ଚିତ୍-ଶକ୍ତିଦ୍ୱାରାହିଁ ଚିତ୍ସମ୍ପନ୍ନ ହୋଇ ରହିଛି ଏବଂ ତାହାର ଆନନ୍ଦରେହିଁ ଆନନ୍ଦସିକ୍ତ ହୋଇ ରହିଛି । ବିଶ୍ୱସୃଷ୍ଟିର ଯାବତୀୟ ପଦାର୍ଥକୁ ଆମେ ଯେମିତି ସେହି ଏକ ବିବର୍ତ୍ତନରହିତ ସତ୍ତାର ବିବର୍ତ୍ତିତ ରୂପ ବୋଲି ପ୍ରତ୍ୟକ୍ଷ କରୁଛୁ, ସେହି ଏକ ଅନନ୍ତ ଶକ୍ତିର ଅନନ୍ତବିଶିଷ୍ଟ ପରିଣାମରୂପେ ପ୍ରତ୍ୟକ୍ଷ କରୁଛୁ, ଠିକ୍ ସେହିପରି ଏହି ସକଳ ପଦାର୍ଥକୁ ଆମେ ଆତ୍ମସତ୍ତାର ସେହି ଏକ ବୈଚିତ୍ର୍ୟବିଧାନ ସର୍ବଗତ ଆନନ୍ଦର ବୈଚିତ୍ର୍ୟମୟ ଆତ୍ମପ୍ରକାଶ-ରୂପେହିଁ ପ୍ରତ୍ୟକ୍ଷ କରିବା । ବିଶ୍ୱସୃଷ୍ଟିର ଯାବତୀୟ ପଦାର୍ଥରେ ସେହି ଚିତ୍-ଶକ୍ତି ବିଦ୍ୟମାନ ରହିଛି, ସେହି ଚିତ୍-ଶକ୍ତି ବଳରେହିଁ ବିଶ୍ୱର ଯାବତୀୟ ପଦାର୍ଥ ସ୍ୱରୂପ ଓ ସ୍ୱଧର୍ମ ଲାଭ କରିଛନ୍ତି । ଠିକ୍ ସେହିପରି ବିଶ୍ୱର ଯାବତୀୟ ପଦାର୍ଥରେ ସତ୍ତାର ଆନନ୍ଦ ମଧ୍ୟ ବିଦ୍ୟମାନ ରହିଛି; ଏବଂ ସେହି ଆନନ୍ଦ ବଳରେହିଁ ବିଶ୍ୱର ଯାବତୀୟ ପଦାର୍ଥ ସ୍ୱରୂପ ଓ ସ୍ୱଧର୍ମ ଲାଭ କରିବାକୁ ସମର୍ଥ ହୋଇଛନ୍ତି ।

ବିଶ୍ୱୋତ୍ପତ୍ତି ବିଷୟରେ ଏହି ପ୍ରାଚୀନ ବେଦାନ୍ତବାଦୀ ସିଦ୍ଧାନ୍ତଟିର ପ୍ରସଙ୍ଗ ଆସିବାମାତ୍ରକେ ମନୁଷ୍ୟର ମନଭିତରେ ତାହା ତତ୍କ୍ଷଣାତ୍ ଦୁଇଟି ଶକ୍ତିଶାଳୀ ବିରୋଧର

'oaob.nitrkl.ac.in' images reprocessed

ସମ୍ମୁଖୀନ ହୋଇଥାଏ । ପ୍ରଥମଟି ହେଉଛି ଆମର ଭାଗବତ ଓ ଇନ୍ଦ୍ରିୟବୋଧଗତ ଜୀବନରେ ଦୁଃଖର ଅନୁଭୂତି ଏବଂ ଅନ୍ୟଟି ନୀତିଗତ ଜୀବନକ୍ଷେତ୍ରରେ ପାପ ବା ଅପଶକ୍ତିର ସମସ୍ୟା । ଏହି ଜଗତକୁ କେବଳ ଚିତ୍-ଶକ୍ତିରୂପୀ ସତ୍ତାର ଏକ ପ୍ରକାଶିତ ରୂପ ବୋଲି ଧରିନେଲେ ଅବଶ୍ୟ ଆପତ୍ତିର ଆଉ କୌଣସି କାରଣ ରହେ ନାହିଁ; ମାତ୍ର ଯଦି ଆମେ ତାହାକୁ ଅନନ୍ତ ଆତ୍ମାନନ୍ଦରୂପୀ ସତ୍ତାର ପରପ୍ରକାଶ ଅର୍ଥାତ୍ ସଚ୍ଚିଦାନନ୍ଦର ପରପ୍ରକାଶ ବୋଲି ସ୍ୱୀକାର କରିବା, ତେବେ ଏଠି ବିଶ୍ୱବ୍ୟାପୀ ଦୁଃଖ, କଷ୍ଟଭୋଗ ଓ ବେଦନାର କାରଣ ନିର୍ଣ୍ଣୟ କରିବାକୁ ଯାଇ ଆମେ କି ଯୁକ୍ତି ଦେଖାଇବା ? କାରଣ ଆମ ଦୃଷ୍ଟିରେ ଏହି ଜଗତ ସତ୍ତାର ଆନନ୍ଦରୂପେ ଅନୁଭୂତ ନହୋଇ କେବଳ ଦୁଃଖମୟସ୍ୱରୂପେହିଁ ପ୍ରତୀତ ହୋଇଥାଏ  ଜଗତ୍‌କୁ କେବଳ ଏହିପରି ଦୃଷ୍ଟିରେ ଦେଖିବାକୁ ନିଃସନ୍ଦେହଭାବରେ ଏକ ଅତିରଞ୍ଜନ ବୋଲି କୁହାଯିବ, ଦେଖିବାର ଏକ ଭ୍ରମ ବୋଲି କୁହାଯିବ । କୌଣସିପ୍ରକାର ଭାବୁକତା ଭିତରେ ନପଡ଼ି କେବଳ ଯଥାର୍ଥ ମୂଲ୍ୟନିରୂପଣର ଆଗ୍ରହନେଇ ନିର୍ମୋହଭାବରେ ଜଗତ୍ ଆଡ଼କୁ ଦୃଷ୍ଟିପାତ କରିପାରିଲେ ଆମେ ଏହାର ଆନନ୍ଦସମଷ୍ଟିକୁହିଁ ଏହାର ଦୁଃଖସମଷ୍ଟି ଅପେକ୍ଷା ବହୁଗୁଣ ଅଧିକ ବୋଲି ନିଶ୍ଚୟ ଜାଣିବାକୁ ପାଇବା । ବାହାରୁ ଦେଖିବାବେଳେ ଏବଂ ବ୍ୟକ୍ତିଗତ କ୍ଷେତ୍ରରେ ଏହି ଦୁଃଖର ମାତ୍ରା ଯେ ଅତି ତୀବ୍ର ବୋଲି ମନେହେବ, ଏକଥା ଅବଶ୍ୟ ସତ୍ୟ । ମାତ୍ର ଆମେ ତଥାପି ସକ୍ରିୟ ଅଥବା ନିଷ୍କ୍ରିୟଭାବରେ ଏବଂ ପ୍ରକଟିତ ଅଥବା ଅନ୍ତର୍ନିହିତ ରୂପେ ରହିଥିବା ଆନନ୍ଦକୁହିଁ ପ୍ରକୃତିର ସ୍ୱାଭାବିକ ଓ ସାଧାରଣ ଅବସ୍ଥା ବୋଲି ଜାଣିବାକୁ ପାଇବା । ଯେତେବେଳେ ଦୁଃଖ ଆମର ଆଖିକୁ ସାମୟିକ ଭାବରେ ଏହି ସ୍ୱାଭାବିକ ଅବସ୍ଥାକୁ ଅବରୁଦ୍ଧ ବା ଗ୍ରସ୍ତ କରି ରଖିଥିବା ଏକ ବିରୋଧୀ ଓ ବ୍ୟତିକ୍ରମବାଚୀ ଘଟଣା ପରି ଦେଖାଯିବ । ମାତ୍ର ସୁଖହିଁ ଜୀବନର ସ୍ୱାଭାବିକ ଅବସ୍ଥା ହୋଇଥିବାରୁହିଁ ଏତେଟିକିଏ ଦୁଃଖ ମଧ୍ୟ ଆମକୁ ବଡ଼ ତୀବ୍ର ଭାବରେ ଅଭିଭୂତ କରି ପକାଇଥାଏ ଏବଂ ଅନୁଭୂତ ଅଧିକ ପରିମାଣ ସୁଖଠାରୁ କଳ୍ପିତ ଦୁଃଖର ବୋଝଟାହିଁ ଆମକୁ ଅଧିକ ଭାରି ମନେହୁଏ । ସୁଖହିଁ ଜୀବନର ସ୍ୱାଭାବିକ ଅବସ୍ଥା ହୋଇଥିବାରୁହିଁ ଆମେ ତାହାର ସ୍ମୃତିକୁ ଜାବୁଡ଼ି ଧରି ବସିରହିବାକୁ ଇଚ୍ଛା କରୁ ନାହିଁ । ଅବଶ୍ୟ ଯେତେବେଳେ କୌଣସି ଏକ ତୀବ୍ରତର ରୂପରେ ସୁଖ ଆପଣାକୁ ଘନୀଭୂତ କରିଆଣେ, ଉଲ୍ଲାସର ଏକ ତରଙ୍ଗରୂପରେ ଆମଆଡ଼କୁ ଧାବମାନ ହୁଏ, ଅଥବା ହର୍ଷବିଭୋରତାର ଶିଖରସୀମାରେ ପହଞ୍ଚି ଆମକୁ ଆତ୍ମହରା କରିପକାଏ, ସେତିକି-ବେଳେ ଆମେ ସୁଖକୁ ସୁଖ ବୋଲି ଲକ୍ଷ୍ୟ କରିଥାଉ । ସୁଖର ଏହି ଘନୀଭୂତ ଅବସ୍ଥାଗୁଡ଼ିକୁ ଆମେ ଆନନ୍ଦ ବୋଲି କହୁ, ସୁଖ ବୋଲି ସେହିଗୁଡ଼ିକର ଅନୁଧାବନ କରୁ । ମାତ୍ର ଜୀବନର ଯେଉଁ ସ୍ୱାଭାବିକ ଓ ସାଧାରଣ ତୃପ୍ତି କୌଣସି ବିଶେଷ ଘଟଣା, କାରଣ ବା ଉଦ୍ଦେଶ୍ୟର ଅପେକ୍ଷା ନରଖି ଆମ ଜୀବନରେ ସର୍ବଦା ବର୍ତ୍ତମାନ ରହିଥାଏ,

'oaob.nitrkl.ac.in' images reprocessed

ଆମେ ତାହାକୁ ସୁଖ ବା ଦୁଃଖ ନକହି ଏକ ତଟସ୍ଥ ଅବସ୍ଥାପରି ବିଚାର କରିଥାଉ । ତଥାପି ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟାବହାରିକ ସତ୍ୟ ହିସାବରେ ତାହା ବର୍ତ୍ତମାନ ରହିଥାଏ, କାରଣ ତାହା ବ୍ୟକ୍ତିଗତ ପ୍ରାଣୀମାନଙ୍କ ସତ୍ତ୍ୱର ଭିତରେ ଆତ୍ମସଂରକ୍ଷଣର ପ୍ରବଳ ମୂଳପ୍ରବୃତ୍ତିଟି ମଧ୍ୟ କଦାପି କାମ୍ୟକାଙ୍କ୍ଷୀ ହୋଇ ପାରୁନଥା'ନ୍ତା । ମାତ୍ର ଏହି ସ୍ୱାଭାବିକ ଆନନ୍ଦର କାମ୍ୟତା ସମ୍ବନ୍ଧରେ ସଚେତନ ନଥିବାରୁ ଆମେ ତାହାକୁ ଆମ ଭାବଗତ ତଥା ଇନ୍ଦ୍ରିୟବୋଧଗତ ଲଭକ୍ଷତିର ହିସାବଖାତାରେ କେବେହେଲେ ଲେଖି ରଖୁନାହିଁ । ଯେଉଁଗୁଡ଼ାକ ଆମକୁ ଖାସ୍ ସୁଖ ବୋଲି ଲାଗେ, ଆମେ ହିସାବଖାତାର ଲଭଖନ୍ଦାରେ କେବଳ ସେହିଗୁଡ଼ିକୁହିଁ ଲେଖି ରଖୁ, ଏବଂ ଅନ୍ୟଖନ୍ଦାଟିରେ ଅସ୍ୱସ୍ତି ଓ ଦୁଃଖଗୁଡ଼ିକୁ ଲେଖିରଖୁ । ଆମର ସ୍ୱାଭାବିକ ଜୀବନଯାତ୍ରାରେ ଏକ ଅସ୍ୱାଭାବିକ ବ୍ୟାପାର ହୋଇଥିବାରୁ ଦୁଃଖଟାହିଁ ଆମକୁ ତୀବ୍ରଭାବରେ ଅଭିଭୂତ କରିପକାଏ । ଆମ ସ୍ୱାଭାବିକ ଜୀବନପ୍ରବୃତ୍ତିର ଅନୁକୂଳ ହୋଇ ନଥିବାରୁ ଆମେ ଦୁଃଖକୁ ଆମର ଜୀବନକ୍ଷେତ୍ରରେ ଏକ ଅନଧିକାର ଉପଦ୍ରବ ବା ଅବମାନନା ପରି ମଣିଥାଉ । ଆମର ସ୍ୱଭାବ ଓ ଇପ୍ସିତ ସମ୍ଭାବନା ଉପରେ ଏକ ଅପରାଧ ଓ ବହିରାକ୍ରମଣ ରୂପେ ଗ୍ରହଣ କରିଥାଉ ।

ତଥାପି ଦୁଃଖର ଅସ୍ୱାଭାବିକତା କିମ୍ବା ଏହାର ଆଧିକ୍ୟ ବା ଅଳ୍ପତା ସହିତ ଏହାର ଦାର୍ଶନିକ ପ୍ରଶ୍ନଟିର ଆଦୌ କୌଣସି ସମ୍ବନ୍ଧ ନାହିଁ । ଅଳ୍ପ ହେଉ ବା ଅଧିକ ହେଉ, ଜୀବନରେ ଯେ ଦୁଃଖ ରହିଛି, ଏହାହିଁ ସମସ୍ୟା । ସବୁ ଯଦି ସଚ୍ଚିଦାନନ୍ଦର ସ୍ୱରୂପମାତ୍ର, ତେବେ ଦୁଃଖ ଓ ଯନ୍ତ୍ରଣା ଆଦୌ ସମ୍ଭବ ହେଲା କିପରି ? ବିଶ୍ୱର ବାହାରେ ଅବସ୍ଥିତ ଏକ ବ୍ୟକ୍ତିଗତ ଈଶ୍ୱରକଳ୍ପନାକୁ ମୂଳ କରି ଠିଆ ହୋଇଥିବା ଏକ ଭ୍ରମପୂର୍ଣ୍ଣ ସିଦ୍ଧାନ୍ତ ଓ ନୀତିଗତ ଜୀବନର ଅସୁବିଧାକୁ ସମସ୍ୟା କରି ଦେଖାଉଥିବା ଏକ ଖଣ୍ଡସିଦ୍ଧାନ୍ତ ଦ୍ୱାରା ଦୁଃଖର ଏହି ଅସଲ ସମସ୍ୟାଟିକୁ ଅନେକ ସମୟରେ ଆହୁରି ଗୋଳମାଳିଆ କରି ଦିଆଯାଏ ।

ଯୁକ୍ତି ହୋଇପାରେ : ସଚ୍ଚିଦାନନ୍ଦହିଁ ଭଗବାନ, ସେ ଏକ ସଚେତନ ପୁରୁଷ, ଜୀବନର ରଚନା ଓ ସର୍ଜନା ତାଙ୍କଦ୍ୱାରାହିଁ ହୋଇଛି । ତେବେ ଭଗବାନ କିପରି ଏଭଳି ଏକ ଜଗତର ସୃଷ୍ଟି କରିଛନ୍ତି, ଯେଉଁଥିରେ କି ସେ ତାଙ୍କଦ୍ୱାରା ସୃଷ୍ଟ ହୋଇଥିବା ପ୍ରାଣୀମାନଙ୍କ ଉପରେ ଏତେ ଏତେ କଷ୍ଟ ଆଣି ଲଦି ଦେଉଛନ୍ତି ? ଯେଉଁଠି କି ସେ ଦୁଃଖ ଓ ପାପକୁ ପ୍ରଶ୍ରୟ ଦେଉଛନ୍ତି ? ଭଗବାନ ତ ସଦାଶିବ, ସର୍ବମଙ୍ଗଳମୟ; ତେବେ ଏହି ପାପ ଓ ଦୁଃଖକୁ କିଏ ସୃଷ୍ଟି କରିଛି ? ଦୁଃଖକୁ ପ୍ରାଣୀ-ଜୀବନର ଏକ ପରୀକ୍ଷା ବା ଅଗ୍ନିକଷଟି ବୋଲି କହିଲେ ମଧ୍ୟ ନୀତିଗତ ସମସ୍ୟାଟିର କୌଣସି ସମାଧାନ ହୁଏ ନାହିଁ, ଅଧିକନ୍ତୁ ଏକ ନୀତିବର୍ଜିତ ବା ନୀତିନିରପେକ୍ଷ

'oaob.nitrkl.ac.in' images reprocessed

ଭଗବାନଙ୍କର କଳ୍ପନାରେ ଆସି ପହଞ୍ଚିବାକୁ ହୁଏ । ସେତେବେଳେ ଭଗବାନଙ୍କୁ ସମ୍ଭବତଃ ଜଣେ ଧୁରନ୍ଧର ଓ ନିପୁଣ ବିଶ୍ୱଯନ୍ତ୍ରୀ କିମ୍ବା ଜଣେ ସୁଚତୁର ମନୋବିଜ୍ଞ ଭାବରେ ବେଶ୍ କଳ୍ପନା କରାଯାଇପାରେ, ମାତ୍ର ମଙ୍ଗଳମୟ ଓ ପ୍ରେମର ଆକର ଭଗବାନ ବୋଲି କୁହାଯାଇ ପାରେନାହିଁ । ସେହି ଭଗବାନ ଆଉ ଆମର ଆରାଧ୍ୟ ହୋଇ ରହନ୍ତି ନାହିଁ । ସେ କେବଳ ପରାକ୍ରମ ଓ ପ୍ରବଳତାରହିଁ ପ୍ରତୀକ ହୋଇ ରହନ୍ତି । ତାଙ୍କର ବିଧାନ ବା ଆଜ୍ଞାଗୁଡ଼ିକ ପାଖରେ କେବଳ ନତମସ୍ତକ ହୋଇ ରହିବାକୁ ପଡ଼େ ଅଥବା ତାଙ୍କର ଖିଆଲଗୁଡ଼ିକୁ ଖୁସି କରିବାର ଆଶା ରଖିବାକୁ ପଡ଼େ । କାରଣ ପ୍ରାଣୀକୁ କଷିବା ଓ ପରଖିବା ସକାଶେ ଯିଏ ପୀଡ଼ନର କୌଶଳ ଉଦ୍ଭାବନ କରି ପାରୁଛି, ସିଏ ହୁଏତ ଜାଣିଶୁଣି ଏଭଳି ନୃଶଂସତା କରୁଛି କିମ୍ବା ତା'ଠାରେ ଯେ ନୈତିକ ହିତାହିତବୋଧର ଏକାନ୍ତ ଅଭାବ ରହିଛି, ତାହାକୁ ଏଭଳି ଏକ ଅପବାଦ ବହନ କରିବାକୁହିଁ ପଡ଼ିବ । କିମ୍ବା ତା'ଠାରେ କୌଣସି ନୈତିକ ବୋଧ ରହିଥିଲେହେଁ ତାହା ଯେ ତାହାର ସୃଷ୍ଟ ପ୍ରାଣୀମାନଙ୍କର ମାର୍ଜିତତମ ସ୍ୱାଭାବିକ ବୃତ୍ତିଠାରୁ ଏକ ନ୍ୟୂନତର ସ୍ତରର, ତାହା ମାନିନେବାକୁ ହେବ । ଏବଂ ନୀତିଗତ ବିଚାରକ୍ଷେତ୍ରର ଏହି ଅସୁବିଧାଟିକୁ ଏଡ଼ିଦେବାର ମତଲବରେ ଯଦି ଆମେ ଦୁଃଖକୁ ଜୀବଭିତରେ ଥିବା ଅଧର୍ମପ୍ରବୃତ୍ତିର ଏକ ଅବଶ୍ୟମ୍ଭାବୀ ପରିଣାମ ଓ ସ୍ୱାଭାବିକ ଶାସ୍ତି ବିଧାନ ବୋଲି କହୁ, ତେବେ ନୀତିଗତ ସମସ୍ୟାଟିର ମୂଳ ଅଡ଼ୁଆଟିକୁ ଏଡ଼ିଦେଇ ଯାଇପାରିବା ତଥାପି ସମ୍ଭବ ହୁଏ ନାହିଁ । ପୁଣି କର୍ମ ତଥା ପୁନର୍ଜନ୍ମର ସିଦ୍ଧାନ୍ତଟିକୁ ସତ୍ୟ ବୋଲି ଗ୍ରହଣ ନକଲେ ଓ ପୂର୍ବଜନ୍ମର ଏକ ଅନ୍ୟ ଶରୀରରେ କରିଥିବା ପାପର ଫଳକୁ ପ୍ରାଣୀ ଏହି ଜନ୍ମରେ ଭୋଗ କରୁଛି ବୋଲି ମାନି ନ ନେଲେ ଦୁଃଖକୁ ଅଧର୍ମପ୍ରବୃତ୍ତିଜନିତ ସ୍ୱାଭାବିକ ପରିଣାମ ବୋଲି କହୁଥିବା ସିଦ୍ଧାନ୍ତଟିର ସତ୍ୟତାଲାଗି ଆମକୁ ଜୀବନଭୂମିରୁ ଆଉ କୌଣସି ପ୍ରମାଣ ମିଳେ ନାହିଁ । ଦୁଃଖ ଓ କଷ୍ଟଭୋଗ-ରୂପେ ମିଳୁଥିବା ଶାସ୍ତିର ଜନକ ଅଧର୍ମପ୍ରବୃତ୍ତିଟିକୁ କିଏ, କାହିଁକି ଓ କେଉଁଥିରୁ ସୃଷ୍ଟି କରିଥିଲା ?—ଅସଲ ପ୍ରଶ୍ନ ତଥାପି ଅସମାହିତ ରହିଯାଏ । ପୁଣି ଅଧର୍ମପ୍ରବୃତ୍ତି କହିଲେ ମଧ୍ୟ ଯଥାର୍ଥରେ କେବଳ ଏକପ୍ରକାର ମାନସିକ ବ୍ୟାଧି ବା ଅଜ୍ଞାନତାକୁହିଁ ବୁଝାଇଥାଏ । ତେବେ ଏକ ମାନସିକ ବ୍ୟାଧି ବା ଅଜ୍ଞାନତାଜନିତ କର୍ମର ଶାସ୍ତିବିଧାନ କରିବାଲାଗି ଏପରି ଉତ୍କଟ ଓ ବୀଭତ୍ସ ନିର୍ଯ୍ୟାତନରୂପୀ ଏହି ଭୟଙ୍କର ପ୍ରତିବିଧାନର ଅଲଂଘ୍ୟ ନିୟମଟିକୁ କିଏ ତିଆରି କରିଛି ବା ସେଇଟି କ'ଣପାଇଁ ତିଆରି ହୋଇଛି ? ଏଣେ ଏକ ପରମ ନୀତିଷ୍ଠ ପୁରୁଷଙ୍କୁ ସର୍ବୋଚ୍ଚ ନିୟାମକରୂପେ କଳ୍ପନା କରିବା ସଙ୍ଗେସଙ୍ଗେ ଆମେ ଅନମନୀୟ କର୍ମବାଦକୁ ମଧ୍ୟ ଏକାଠି ମାନିନେଇ ପାରିବାନାହିଁ । ସେହି କାରଣରୁହିଁ ଗୌତମ ବୁଦ୍ଧଙ୍କର ନିର୍ମଳ ନ୍ୟାୟବୁଦ୍ଧି ସ୍ୱତନ୍ତ୍ରରୂପେ ଅବସ୍ଥିତ ଓ ସକଳର ନିୟନ୍ତ୍ରଣ କରୁଥିବା କୌଣସି ବ୍ୟକ୍ତିଗତ ଭଗବାନଙ୍କର ଅସ୍ତିତ୍ୱକୁ ମିଥ୍ୟା

'oaob.nitrkl.ac.in' images reprocessed

ବୋଲି ଘୋଷଣା କରିଥିଲେ । ବ୍ୟକ୍ତିଗତ ସକଳ ଅସ୍ମିତାକୁ ଗୌତମ ବୁଦ୍ଧ କେବଳ ଅଜ୍ଞାନର ସୃଷ୍ଟି ଓ କର୍ମର ଅଧୀନ ବୋଲି ଘୋଷଣା କରିଥିଲେ ।

ବିଶ୍ୱର ବାହାରେ ଭଗବାନ ଜଣେ ବ୍ୟକ୍ତି ହୋଇ ବସିଛନ୍ତି, ସିଏ ସ୍ୱୟଂ ବିଶ୍ୱରୂପ ନୁହନ୍ତି ଅର୍ଥାତ୍ ଏହି ବିଶ୍ୱ ଭିତରେ ନାହାନ୍ତି, ସେଇଠି ଥାଇ ସେ ତାଙ୍କର ପ୍ରଜା ବା ପ୍ରାଣୀମାନଙ୍କ ଲାଗି ଭଲ-ମନ୍ଦ, ପୁଣ୍ୟ-ପାପ ଓ ଦୁଃଖ-କଷ୍ଟର ସୃଷ୍ଟି କରିଛନ୍ତି, ମାତ୍ର ଆପେ ଊର୍ଦ୍ଧ୍ୱରେ ଅସଂଲଗ୍ନ ଭାବରେ ରହି ଦୁଃଖକଷ୍ଟ ଭୋଗୁଥିବା ଓ ସେଥିରୁ ତ୍ରାହି ପାଇବାଲାଗି ଆପ୍ରାଣ ସଂଗ୍ରାମ କରୁଥିବା ବିଶ୍ୱବାସୀଙ୍କର ଜୀବନଯାତ୍ରାକୁ ଦେଖିବାରେ ଲାଗିଛନ୍ତି, ସେମାନଙ୍କୁ ଶାସନ କରୁଛନ୍ତି ଓ ସେମାନଙ୍କ ଉପରେ ଆପଣାର ହୁକୁମଗୁଡ଼ାକୁ ତାମିଲ କରୁଛନ୍ତି; କିମ୍ବା ସେ ଆପଣାର ହୁକୁମ ତାମିଲ କରୁନାହାନ୍ତି ଏବଂ ଜଗତକୁ ଅନ୍ୟ କୌଣସି ଅନମନୀୟ ବିଧାନଦ୍ୱାରା ପରିଚାଳିତ ହେବାକୁ ଛାଡ଼ି ଦେଉଛନ୍ତି ଓ ତାହାକୁ ଅସହାୟ କିମ୍ବା ଅଳ୍ପସହାୟ କରି ରଖିଛନ୍ତି, —ପ୍ରକୃତରେ କହିବାକୁ ଗଲେ ଭଗବାନଙ୍କର ଏହିପରି ଏକ କଳ୍ପନା କରିବାରୁହିଁ ଆଲୋଚିତ ଜଟିଳ ସମସ୍ୟାଟିର ଉଦ୍ଭବ ହେଉଛି । ଏହି କଳ୍ପିତ ଭଗବାନ ଭଗବାନ ନୁହନ୍ତି, ସେ ସର୍ବଶକ୍ତିମାନ ନୁହନ୍ତି, ମଙ୍ଗଳମୟ ବା ପ୍ରେମମୟ ନୁହନ୍ତି । ଧର୍ମ-ଅଧର୍ମର ନିୟନ୍ତା ହୋଇ ରହିଥିବା ଅଥଚ ବିଶ୍ୱର ବାହାରେ ଅବସ୍ଥାନ କରୁଥିବା କୌଣସି ଭଗବତ୍‌କଳ୍ପନା ଦ୍ୱାରା ଆମେ ଜଗତର ଦୁଃଖ, କଷ୍ଟ ଓ ପାପର ସମସ୍ୟାଲାଗି କଦାପି କୌଣସି ସମାଧାନ ପାଇବା ନାହିଁ । ଦୁଃଖକଷ୍ଟ ଓ ପାପ କାହାଦ୍ୱାରା ବା କାହିଁକି ସୃଷ୍ଟି ହୋଇଛି, ତାହାର କୌଣସି ଉତ୍ତର ପାଇବା ନାହିଁ । ପ୍ରଶ୍ନଟିର କୌଣସି ଉତ୍ତର ନ ଖୋଜି ବଡ଼ ଅସନ୍ତୋଷଜନକ ଭାବରେ ତାହାକୁ ଏଡ଼ିଦେଇ ଚାଲିଗଲେ ହୁଏତ ଶିରୋନାସ୍ତି ଦ୍ୱାରା ଶିରଃପୀଡା ଦୂର ହୋଇଗଲା ବୋଲି ମନେହେବ । ଅଥବା ଭଗବତ୍‌ଶକ୍ତି ତଥା ଅସୁରଶକ୍ତି ଉଭୟେହିଁ ଶାଶ୍ୱତ କାଳରୁ ସମାନ୍ତର ଭାବରେ ରହି ଆସିଛନ୍ତି ଓ ଶାଶ୍ୱତ କାଳଲାଗି ଏହିପରି ସହାବସ୍ଥାନ କରୁଥିବେ, ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଏହା ମାନିନେଲେ ବି ଆମକୁ ଏକପ୍ରକାର ସମାଧାନ ମିଳିଯିବ, ମାତ୍ର ସେପରି କ୍ଷେତ୍ରରେ ଭଗବାନଙ୍କ ଆଚରଣଗୁଡ଼ିକର ସଫାଇ ଦେବାକୁ ଯାଇ ଓ ତାଙ୍କର କାର୍ଯ୍ୟକଳାପ ଲାଗି ଏକ କୈଫିୟତ ଖୋଜିବାକୁ ଯାଇ ତାଙ୍କୁ ବସ୍ତୁତଃ ଏକାବେଳେକେ କାଟିଦେବାହିଁ ସାର ହେବ । ମାତ୍ର ଏହି ଭଗବାନ ଆଉ ବେଦାନ୍ତର ସଚ୍ଚିଦାନନ୍ଦ ହୋଇ ରହିବେ ନାହିଁ । ବେଦାନ୍ତର ସଚ୍ଚିଦାନନ୍ଦ ହେଉଛନ୍ତି ଏକ ଅଖଣ୍ଡ ଓ ଅଦ୍ୱିତୀୟ ସତ୍ତା, ସମଗ୍ର ବିଶ୍ୱସତ୍ତା ହେଉଛି କେବଳ ତତ୍‌ସ୍ୱରୂପ । ତେଣୁ ଏହି ଜଗତରେ ଯଦି ପାପ ଓ ଦୁଃଖର ଅସ୍ତିତ୍ୱ ରହିଛି, ତେବେ ସେହି ବିଦ୍ୟମାନ ରହିଥିବା ତାଙ୍କର ସୃଷ୍ଟ ପ୍ରାଣୀରୂପେ ସେ ନିଜେହିଁ ସେହି ପାପ ଓ ଦୁଃଖକୁ ବହନ କରୁଛନ୍ତି ।

'oaob.nitrkl.ac.in' images reprocessed

ଏତିକ ସ୍ୱୀକାର କରିନେଲେ ସମସ୍ୟାଟି ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇଯାଏ । ଯେଉଁ ପାପ ଓ ଦୁଃଖସନ୍ତାପ ଈଶ୍ୱରଙ୍କ ଭିତରେ ସମ୍ଭବ ହୁଏ ନାହିଁ ଓ ଯାହା ତାଙ୍କୁ ଆଦୌ ସ୍ପର୍ଶ କରେନାହିଁ, ତାଙ୍କର ପ୍ରାଣୀମାନଙ୍କ ଲାଗି ସେହି ଈଶ୍ୱର ସେହି ପାପ ଓ ଦୁଃଖକୁ କିପରି ସୃଷ୍ଟି କରିପାରିଲେ,—ସେତେବେଳେ ଆଉ ଏହି ପ୍ରଶ୍ନଟିର କୌଣସି ସଙ୍ଗତି ରହେ ନାହିଁ । ମାତ୍ର ଅଖଣ୍ଡ ଓ ଅନନ୍ତ ସଚ୍ଚିଦାନନ୍ଦ ଆପଣାଭିତରେ ଆନନ୍ଦର ବିପରୀତ ତତ୍ତ୍ୱଟିକୁ କିପରି ସ୍ଥାନ ଦେଲେ, ତାଙ୍କ ଆତ୍ମସ୍ୱରୂପର ଏକାନ୍ତବିରୋଧୀ ବୋଲି ପ୍ରତୀତ ହେଉଥିବା ଏହି ତତ୍ତ୍ୱଟିକୁ ସେ କିପରି ପ୍ରବେଶାଧିକାର ଦେଲେ,—ସେତେବେଳେ ଏହାହିଁ ଏକମାତ୍ର ପ୍ରଶ୍ନ ହୋଇ ରହେ ।

ଏହାଦ୍ୱାରା ଆଲୋଚିତ ସମସ୍ୟାଟିର ଅଧେ ଅଡୁଆ କଟିଯାଏ, ଅସମାଧେୟ ବୋଲି ମନେ ହେଉଥିବା ସଂଶୟଟିର ଗୋଟିଏ ଦିଗ ନିରାକୃତ ହୋଇଯାଏ । ଏହି ପ୍ରଶ୍ନଟି ଆଉ ଉଠିପାରେ ନାହିଁ, ଆଉ ପଚରାଯାଇ ପାରେ ନାହିଁ । ମୁଁ ଅନ୍ୟମାନଙ୍କ ପ୍ରତି ନିଷ୍ଠୁର ଆଚରଣ କରୁଛ ଅଥଚ ଆପେ ସେଥିରୁ ମୁକ୍ତ ଓ ଅସଂଲଗ୍ନ ହୋଇ ରହିଛ, କିମ୍ବା ପରେ ଅନୁତାପ କରି ବା ବିଳମ୍ବରେ ସେମାନଙ୍କ ପ୍ରତି ଦୟା ଦେଖାଇ ମୁଁ ସେମାନଙ୍କର ଦୁଃଖରେ ଦୁଃଖୀ ହେବାକୁ ଆସୁଛି,—ଇଏ ଗୋଟିଏ କଥା; ମୁହିଁ ସମଗ୍ର ସତ୍ତାର ଏକମାତ୍ର ସ୍ୱରୂପ ହୋଇଥିବାରୁ ମୁଁ ଆପଣାକୁ ଦୁଃଖ ଦେଇ ତାହାକୁ ଆପେ ସହ୍ୟ କରୁଛି,—ଇଏ ଆଉଗୋଟିଏ କଥା । ଏଠାରେ ନୀତିଗତ ସେହି ପୁରୁଣା ସଂଶୟଟିକୁ ଏକ ମାର୍ଜିତ ରୂପରେ ପୁନର୍ବାର ଉତ୍ଥାପିତ କରାଯାଇ-ପାରେ । ପ୍ରଶ୍ନ ଉଠିପାରେ : ଯିଏ ଆନନ୍ଦମୟ, ସେଇ ହେଉଛନ୍ତି ମଙ୍ଗଳମୟ ଓ ପ୍ରେମମୟ । ସଚ୍ଚିଦାନନ୍ଦ ତ ଏକ ଯନ୍ତ୍ରାରୂଢ଼ ବା ପରତନ୍ତ୍ର ସତ୍ତା ନୁହନ୍ତି; ଯିଏ ହେଉଛନ୍ତି ମୁକ୍ତ, ସ୍ୱତନ୍ତ୍ର ଓ ଚେତନ ପୁରୁଷ, ପାପ ଓ ଦୁଃଖସନ୍ତାପକୁ ଗର୍ହିତ ବୋଲି ପ୍ରତ୍ୟାଖ୍ୟାନ କରିବାର ସ୍ୱତନ୍ତ୍ରତା ତାଙ୍କର ଅବଶ୍ୟ ରହିଛି,—ତେବେ ତାଙ୍କ ଭିତରେ ପାପ ଓ ଦୁଃଖଲାଗି କିପରି କୌଣସି ସ୍ଥାନ ରହିବ ? ଏହି ଉକ୍ତିଟିକୁ ମଧ୍ୟ ଆମେ ଭ୍ରମପୂର୍ଣ୍ଣ ବୋଲି ସ୍ୱୀକାର କରିବା, କାରଣ ଗୋଟିଏ ଏକଦେଶୀ ଦୃଷ୍ଟିକୁ ଏଠାରେ ସମଗ୍ର ଦୃଷ୍ଟିରୂପେ ଭ୍ରମ କରାଯାଇଛି । ମଙ୍ଗଳ ଓ ପ୍ରେମର ଯେଉଁ କଳ୍ପନାକୁ ଆମେ ଆନନ୍ଦମୟଙ୍କ ଠାରେ ଆରୋପିତ କରୁଛୁ, ମୂଳତଃ ବିଶ୍ୱର ଏକ ଦ୍ୱୈତବୋଧୀ ଓ ଖଣ୍ଡବୃତ୍ତି କଳ୍ପନାରୁହିଁ ତାହାର ଉତ୍ପତ୍ତି ହୋଇଛି । ପ୍ରାଣୀ ପ୍ରାଣୀ ମଧ୍ୟରେ ରହିଥିବା ସମ୍ବନ୍ଧଚୟ ଉପରେହିଁ ଆମର ସେହି କଳ୍ପନାଗୁଡ଼ିକ ସମ୍ପୂର୍ଣ୍ଣଭାବେ ପର୍ଯ୍ୟବସିତ ହୋଇ ରହିଛି, ମାତ୍ର ତଥାପି ଅପର ପକ୍ଷରେ ଏକ ଅଦ୍ୱିତୀୟ ଓ ସର୍ବମୟ ସତ୍ତାକୁ ମୂଳଭୂମି ରୂପେ ସ୍ୱୀକାର କରୁଥିବା ଏକ ପ୍ରକରଣ ଉପରେ ଆମେ ସେହି ଦ୍ୱୈତଧର୍ମୀ ସମ୍ବନ୍ଧଗୁଡ଼ିକୁ ଆଣି ବାରମ୍ବାର ଲଦିଦେବାକୁ ଚେଷ୍ଟା କରୁଛୁ । ଅନେକତ୍ୱ ମଧ୍ୟରେ

'oaob.nitrkl.ac.in' images reprocessed

ଏକତ୍ୱବୁଦ୍ଧି ସତ୍ୟରୂପେ ମାନିନେଲେ ସମସ୍ୟାଟି ଆମ ଆଗରେ କିଭଳି ଆକାରରେ ଦେଖାଦେଉଛି ଓ ସ୍ୱୀକୃତ ମୂଳ ସତ୍ୟଟିକୁ କୌଣସି ପ୍ରକାରେ କ୍ଷୁଣ୍ଣ ନ କରି କିପରି ଏହାର ସମାଧାନ ହୋଇପାରିବ,—ଆମକୁ ସର୍ବପ୍ରଥମେ ଏହି ବିଷୟରେହିଁ ଧ୍ୟାନ ଦେବାକୁ ପଡ଼ିବ । ତେବେଯାଇ ଆମେ ଭ୍ରମରହିତ ଭାବରେ ଜୀବସହିତ ଜୀବର ସମ୍ବନ୍ଧ ପ୍ରଭୃତି ସମସ୍ୟାଟିର ବିଭିନ୍ନ ଭାଗ ଓ ବିଭାଗଗୁଡ଼ିକ ସମ୍ବନ୍ଧରେ ମଧ୍ୟ ବିଚାର କରିପାରିବା । ସେତେବେଳେ ବିଭାଜନ ଓ ଦ୍ୱୈତକଳ୍ପନାର ସାହାଯ୍ୟ ନେଇ ସେଗୁଡ଼ିକର ନିର୍ଣ୍ଣୟ କଲେ ମଧ୍ୟ ସେଥିରେ ଆଉ କୌଣସି ପ୍ରମାଦ ରହିବ ନାହିଁ ।

ମନୁଷ୍ୟର ଦୃଷ୍ଟିସୀମାଜନିତ ଅସୁବିଧା ଓ ତଦ୍ୱାରା ସଙ୍କୁଚିତ ଦୃଷ୍ଟିକୋଣ ଦ୍ୱାରା ଆପଣାକୁ କୌଣସି ପ୍ରକାରେ ସଙ୍କୁଚିତ ନ କରି ଏହିପରି ଭାବରେ ସମଗ୍ର ଭୂମିଟିକୁ ଦେଖିବାରେ ସମର୍ଥ ହେଲେ ଆମେ ଯେ ମୂଳତଃ ନୀତିନିୟନ୍ତ୍ରିତ ଏକ ଜଗତରେ ବାସ କରୁନାହୁଁ, ଆମକୁ ଏକଥାଟି ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ । ବିଶ୍ୱପ୍ରକୃତିର ସମଗ୍ର ଆୟତନ ଭିତରେ ମନୁଷ୍ୟର ବିଚାର ଜବରଦସ୍ତି ଏକ ନୈତିକ ଅର୍ଥ ପୂରାଇ ଦେବାଲାଗି ଯେତିକି ଚେଷ୍ଟା କରିଛି, ସେ ବଡ଼ ଜିଦ୍‌ଖୋର ଭାବରେ ଜାଣିଶୁଣି ଆପଣାର ଚାରିପାଖରେ ଆପେ ସେତିକି ଅଡ଼ୁଆ ସୃଷ୍ଟି କରି ପକାଇଛି । ଏହାକୁ ଆପଣାର ପରିଚୟ ପାଇବାଲାଗି ମନୁଷ୍ୟର ଏକ ବ୍ୟାଧିତ ଉଦ୍ୟମ ବୋଲି କୁହାଯାଇ ପାରିବ । ଆପଣାର ସଂକୀର୍ଣ୍ଣ ଓ ଅଭ୍ୟସ୍ତ ମାନବୀୟ ସଂସ୍କାରକୁ ନେଇ ସେ ଯାବତୀୟ ବସ୍ତୁଭିତରେ ଆରୋପ କରିଦେଇଛି ଓ ଆପଣାର କ୍ଷୁଦ୍ର ବ୍ୟକ୍ତିଗତ ଦୃଷ୍ଟିକୋଣରୁହିଁ ସେଗୁଡ଼ିକର ବିଚାର ବସିଛି । ଏବଂ ଏହି କାରଣରୁହିଁ ସେ ସତ୍ୟ ଜ୍ଞାନ ଓ ସମଗ୍ର ଦୃଷ୍ଟିରୁ ମଧ୍ୟ ଏପରି ସଫଳ ଭାବରେ ବଞ୍ଚିତ ହୋଇ ରହିଛି । ଜଡ଼ ପ୍ରକୃତି ମଧ୍ୟରେ କୌଣସି ନୈତିକ ବିଚାର ଆଦୌ କାର୍ଯ୍ୟ କରୁ ନାହିଁ । କେବଳ ଚିରାଚରିତ ଅଭ୍ୟାସର ସମାହାରରୁ ଗଢ଼ିଉଠିଥିବା ନିୟମଦ୍ୱାରାହିଁ ଜଡ଼ପ୍ରକୃତି ନିୟନ୍ତ୍ରିତ ହେଉଛି । ଏହି ନିୟମ ଭଲ ଓ ମନ୍ଦର କୌଣସି ଖବର ରଖେ ନାହିଁ । ସେଠାରେ କେବଳ ଶକ୍ତିରହିଁ ନିତ୍ୟସମ୍ବନ୍ଧ ବିଦ୍ୟମାନ । ଏହି ଶକ୍ତି ସୃଷ୍ଟି କରୁଛି, ସଜାଇ ରଖୁଛି ଓ ସଂରକ୍ଷଣ କରୁଛି; ଅତ୍ୟନ୍ତ ନିରପେକ୍ଷ ଭାବରେ ବିଘଟନ ଓ ବିନାଶ ମଧ୍ୟ କରୁଛି । ଏଥିରେ ନୈତିକ ବିଚାରର କୌଣସି ସ୍ଥାନ ନାହିଁ । ଏହାରି ଭିତରେ ସଂଗୁପ୍ତ ହୋଇ ରହିଥିବା ଇଚ୍ଛାଶକ୍ତିର ବୋଲି ମାନିହିଁ ଏହି ଶକ୍ତି କାର୍ଯ୍ୟ କରିଯାଉଛି । କେବଳ ଆପଣାକୁ ଗଢ଼ି ଓ ଆପଣାକୁ ଭାଙ୍ଗି ନୀରବ ସନ୍ତୋଷ ଲାଭ କରିବାର ଇଚ୍ଛାଦ୍ୱାରା ପ୍ରଣୋଦିତ ହୋଇ କାର୍ଯ୍ୟ କରିଯାଉଛି । ପଶୁ ବା ପ୍ରାଣୀର ଜଗତରେ ମଧ୍ୟ ପ୍ରକୃତି ନୈତିକ ଦୃଷ୍ଟିରୁ ନିରପେକ୍ଷ ଅବସ୍ଥାରେହିଁ ରହିଛି, ତଥାପି ବିବର୍ତ୍ତନ-

'oaob.nitrkl.ac.in' images reprocessed

କ୍ରମରେ ଅଗ୍ରଗତି କରିବା ସଙ୍ଗେ ସଙ୍ଗେ ସେଥିରେ ଉନ୍ନତତର ପ୍ରାଣୀସ୍ତରରେ ଦେଖାଯାଉଥିବା ନୈତିକ ପ୍ରବୃତ୍ତିଲାଗି ସ୍ଥୂଳତଃ ଏକ ମୂଳଦୁଆ ପଡ଼ିବାପରି ମନେ ହେଉଛି । ଝଡ଼ବାତ୍ୟା ଦ୍ୱାରା ଯେଉଁସବୁ ଧ୍ୱଂସ ବା ଅନିଷ୍ଟ ଘଟୁଛି, ଆମେ ସେଥିଲାଗି ଝଡ଼ବାତ୍ୟାକୁ ଦାୟୀ କରିବାକୁ ଯାଉ ନାହିଁ । ଅଗ୍ନି ଏତେ ଯନ୍ତ୍ରଣା ଦେଉଛି ଓ ଜାଳିପୋଡ଼ି ମାରୁଛି ବୋଲି ଆମେ ତାଆଁକୁ ମଧ୍ୟ ଦୋଷ ଦେଉ ନାହିଁ । ଠିକ୍ ସେହିପରି ବାଘ ଆପଣାର ଶିକାରକୁ ହତ୍ୟା କରି ଖାଉଛି ବୋଲି ଆମେ ବାଘକୁ ଦୋଷୀ କରିବା ନାହିଁ । ଝଡ଼ବାତ୍ୟା, ଅଗ୍ନି ତଥା ବ୍ୟାଘ୍ରଭିତରେ ରହିଥିବା ଚିତ୍-ଶକ୍ତି ମଧ୍ୟ ଏହିସବୁ କୁକର୍ମଲାଗି ଆପଣାକୁ ଦୋଷୀ କରେ ନାହିଁ । ଦୋଷ ଦେବାରୁ ଓ ଧିକ୍କାର ଦେବାରୁ, ଅର୍ଥାତ୍ ଆପଣାର ଦୋଷକୁ ଅନୁଭବ କରି ନିଜକୁ ଧିକ୍କାର ଦେବାରୁହିଁ ଯଥାର୍ଥ ନୀତିଗତ ଜୀବନର ଆରମ୍ଭ ହୋଇଥାଏ । ନିଜ ଉପରେ ସେହି ନିୟମଟିକୁ ଲାଗୁ ନ କରି ଯେତେବେଳେ ଆମେ ଅନ୍ୟମାନଙ୍କୁ ଦୋଷ ଦେବାରେ ଲାଗିଯାଉ, ସେତେବେଳେ ଏକ ଯଥାର୍ଥ ନୀତିଗତ ନିର୍ଣ୍ଣୟଦ୍ୱାରା ପ୍ରେରିତ ହୋଇ ଏଭଳି କରୁନାହିଁ, ମାତ୍ର ଆମକୁ ଭଲ ଲାଗୁ ନ ଥିବା ବା ଆଘାତ ଦେଉଥିବା କୌଣସି ଏକ ପ୍ରସଙ୍ଗ ପ୍ରତି ଆମ ଚିତ୍ତର ବିରାଗ କିମ୍ବା ଘୃଣାଭାବକୁ ପ୍ରକାଶ କରିବାଲାଗି ନୀତିଶାସ୍ତ୍ର ଆମଲାଗି ଯେଉଁ ଭାଷାର ବିକାଶ କରାଇଛି, ଆମେ ସେତେବେଳେ କେବଳ ସେହି ଭାଷାର ପ୍ରୟୋଗହିଁ କରିଥାଉ ।

ଏହି ବିରାଗ ବା ଘୃଣାଭାବ ନୀତିଗତ ବୋଧର ନିଦାନ ହେଲେ ମଧ୍ୟ ବିରାଗ ବା ଘୃଣାକୁହିଁ ଆମେ ନୀତିଗତ ବୋଧ ବୋଲି କହି ପାରିବା ନାହିଁ । ହରିଣ ବାଘକୁ ଭୟ କରେ, ଆପଣାର ଆକ୍ରମଣକାରୀ ପ୍ରତି ବଳବାନ୍ ପ୍ରାଣୀର ମନରେ କ୍ରୋଧ ବା ଆକ୍ରୋଶ ବି ରହିଥାଏ; ଆପଣା ବ୍ୟକ୍ତିଗତ ଜୀବନସତ୍ତାର ଆନନ୍ଦକୁ ବିଲୁପ୍ତ କରି-ଦେବାକୁ ଆସୁଥିବା ନିମିତ୍ତପ୍ରତି ଆପଣାର ଜୁଗୁପ୍ସା ପ୍ରକଟ କରିବାକୁ ଯାଇ ସେହି ଭୟ ବା ଆକ୍ରୋଶ ପ୍ରକାଶିତ ହୋଇଥାଏ । ମାନସିକ ବୋଧଭୂମିରେ ପ୍ରଗତି ହେବା ସଙ୍ଗେ ସଙ୍ଗେ ଏହି ଜୁଗୁପ୍ସା କ୍ରମେ ଶୋଧିତ ହୋଇ ତୀବ୍ର ଘୃଣା, ବିରାଗ କିମ୍ବା ଅନନୁମୋଦନର ରୂପ ଧାରଣ କରେ । ଯାହା ଆମକୁ ଭୟ ଦେଖାଏ ବା ଆଘାତ ଦିଏ, ତାହାର ଅନନୁମୋଦନ ଓ ଯାହା ଆମର ତୁଷ୍ଟି ବା ସନ୍ତୋଷବିଧାନ କରେ, ତାହାର ଅନୁମୋଦନ କରିବାର ଅଭ୍ୟାସ କ୍ରମେ ବିଶୋଧିତ ହୋଇ ଭଲ ଓ ମନ୍ଦର ଏକ ସାଧାରଣ ଧାରଣାରେହିଁ ପରିଣତ ହୁଏ । ପ୍ରଥମେ ନିଜ ବିଷୟରେ ଭଲ ଓ ମନ୍ଦର ଧାରଣାରୁ ଆରମ୍ଭ ହୋଇ ଏହା ଆମ ସମାଜ ବିଷୟରେ, ଅନ୍ୟମାନଙ୍କ ବିଷୟରେ, ଅନ୍ୟ ସମାଜଗୁଡ଼ିକ ବିଷୟରେ ଓ ପରିବେଶରେ ଏକ ସାଧାରଣ ନିୟମ ଭାବରେ ଭଲର ଅନୁମୋଦନ ଓ ମନ୍ଦର ଅନନୁମୋଦନ କରିବାର ସଂସ୍କାରରେ

'oaob.nitrkl.ac.in' images reprocessed

ପରିଣତ ହୋଇଯାଏ । ମାତ୍ର ଏହି ପରିଣତିକ୍ରମରେ ଏହାର ମୌଳିକ ସ୍ୱଭାବଟି ସର୍ବଦା ଅକ୍ଷୁଣ୍ଣ ରହିଥାଏ । ମନୁଷ୍ୟ ଆପଣାକୁ ପ୍ରକାଶିତ କରିବାକୁ ଚାହେଁ, ଆପଣାର ବିକାଶ ଚାହେଁ; ଅର୍ଥାତ୍ ତାହାର ଭିତରେ ସତ୍ତ୍ୱରୂପୀ ଚିତ୍‌ଶକ୍ତିର ଯେଉଁ ଲୀଳା ଲାଗିରହିଛି, ସେ ତାହାର ଉତ୍ତରୋତ୍ତର ପ୍ରକାଶ କାମନା କରେ । ତାହାହିଁ ହେଉଛି ତା'ର ସର୍ବମୂଳ ଆନନ୍ଦ । ସେହି ଆତ୍ମପ୍ରକାଶ ଓ ଆତ୍ମବିକାଶର କାମନାରେ ବା ସେହି ଉତ୍ତରୋତ୍ତର ଆତ୍ମପରିଣତିର ସନ୍ତୋଷ ବିଧାନରେ ଯାହାକିଛି ପ୍ରତିବନ୍ଧକ ହୋଇ ଠିଆ ହୁଏ, ମନୁଷ୍ୟ ତାହାକୁହିଁ ନିଜର ଅନର୍ଥ ବା ମନ୍ଦ ବୋଲି କହେ । ଏବଂ ଏହି ପ୍ରକାଶ ଓ ପରିଣତି-କ୍ରମରେ ଯାହାକିଛି ତା'ର ସହାୟକ ହୁଏ, ସମର୍ଥକ ଓ ପୋଷକ ରୂପେ କାର୍ଯ୍ୟ କରେ, ଯାହାକିଛି ଏଥିରେ ଉଦାରତା ଆଣିଦିଏ, ସେ ତାହାକୁ ଆପଣାର ଭଲ ବା କଲ୍ୟାଣ ବୋଲି ମାନିଥାଏ । ଆତ୍ମବିକାଶ ସମ୍ବନ୍ଧରେ କେବଳ ତା'ର ଧାରଣାଟିହିଁ ବଦଳି ଯାଉଥାଏ, ଉଚ୍ଚତର ଓ ଓ ଅଧିକ ପ୍ରଶସ୍ତ ହେଉଥାଏ, ତାହା କେବଳ ଆପଣା ବ୍ୟକ୍ତିଜୀବନର ସୀମାଗୁଡ଼ିକୁ ଡେଇଁଯିବାକୁ ଆରମ୍ଭ କରେ, ଆପଣା ଭିତରେ ଅନ୍ୟମାନଙ୍କୁ ବି ସ୍ଥାନ ଦିଏ ଏବଂ କ୍ରମେ ସମସ୍ତଙ୍କୁ ଆବୋରି ଧରିବାର ଆକାଂକ୍ଷା ରଖିଥାଏ ।

ଅର୍ଥାତ୍ କ୍ରମପରିଣତିର ଏକ ବିଶେଷ ପର୍ଯ୍ୟାୟକୁ ଆସିହିଁ ନୀତିଗତ ବୋଧର ଆବିର୍ଭାବ ହୋଇଥାଏ । ମାତ୍ର ସକଳ ପର୍ଯ୍ୟାୟରେହିଁ ଏକ ସାଧାରଣ ଧର୍ମରୂପେ ସଚ୍ଚିଦାନନ୍ଦର ଆତ୍ମପ୍ରକାଶ-ଆକାଂକ୍ଷାଟିହିଁ ଅନୁଭୂତ ହେଉଥାଏ । ଏହି ଆକାଂକ୍ଷା ପ୍ରଥମେ ନୈତିକବୋଧଶୂନ୍ୟ ହୋଇ ରହିଥାଏ, ପ୍ରାଣୀର ପର୍ଯ୍ୟାୟକୁ ଆସି କେବଳ ଏକ ଅନ୍ତର୍ନିହିତ ସମ୍ଭାବ୍ୟତାରୂପେ ଏଥିରେ ନୈତିକ ବୋଧର ସୂଚନା ମିଳେ । ତା'ପରେ ବୁଦ୍ଧିବିଶିଷ୍ଟ ପ୍ରାଣୀର ସ୍ତରରେ ଅନେକ ସମୟରେ ଏହି ଆକାଂକ୍ଷା ନୈତିକ ବୋଧର ବିରୋଧୀ ଭାବରେ ମଧ୍ୟ ପ୍ରକଟିତ ହୋଇଥାଏ । କାରଣ ଏହି ପର୍ଯ୍ୟାୟରେ ଆମେ ନିଜେ ଯେଉଁସବୁ ଦୁଃଖର ସହନ କରିବାକୁ କଦାପି ସମ୍ମତ ହେଉ ନାହିଁ, ଅନ୍ୟମାନଙ୍କୁ ଠିକ୍ ସେହି ଦୁଃଖଗୁଡ଼ିକ ଦେବାଲାଗି ଆମେ ଚମତ୍କାର ଅନୁମୋଦନ କରିପକାଉ । ଏହି ଦୃଷ୍ଟିରୁ ବିଚାର କଲେ ମନୁଷ୍ୟ ଏବେ ମଧ୍ୟ ଯଥାର୍ଥ ନୈତିକ ବୋଧ ଅର୍ଜନ କରିବାଲାଗି କେବଳ ଅଧାବାଟରେହିଁ ରହିଛି । ଆମର ନିମ୍ନଭାଗରେ ଯେଉଁ ପର୍ଯ୍ୟାୟଟି ରହିଛି, ସେଥିରେ ନୈତିକବୋଧର କେବଳ ଏକ ଆଭାସ ବା ସୂଚନାମାତ୍ର ଅନ୍ତର୍ନିହିତ ହୋଇ ରହିଛି । ଠିକ୍ ସେହିପରି ବର୍ତ୍ତମାନରୁ ଊର୍ଦ୍ଧ୍ୱକୁ ଉଠି ଆମେ ହୁଏତ ଏପରି ଏକ ପର୍ଯ୍ୟାୟରେ ଯାଇ ପହଞ୍ଚିବା ଯାହାକୁ କି ଧର୍ମାତୀତ ଅଥବା ସକଳ ନୈତିକବୋଧରୁ ଉତ୍ତୀର୍ଣ୍ଣ ଏକ ପର୍ଯ୍ୟାୟ ବୋଲି କୁହାଯାଇ ପାରିବ । ସେଠାରେ ନୀତିଗତ ଅନୁଶାସନର ଆଉ କୌଣସି ପ୍ରୟୋଜନହିଁ ନ ଥିବ ।



'oaob.nitrkl.ac.in' images reprocessed

ମନୁଷ୍ୟ ସମାଜରେ ଏହି ନୈତିକ ପ୍ରବୃତ୍ତି ଓ ନୈତିକ ଦୃଷ୍ଟିର ଏକ ବିଶେଷ ମହତ୍ତ୍ୱ ଅବଶ୍ୟ ରହିଛି, ମାତ୍ର ତଥାପି ଏହା ଏକ ସାଧନ ମାତ୍ର । ନିଶ୍ଚେତନାକୁ ଭିତ୍ତି କରି ଓ ପ୍ରାଣର ଅଭିଘାତ ଦ୍ୱାରା ନାନା ବ୍ୟକ୍ତିଗତ ବିଷମତା ଭିତରେ ଆପଣାକୁ ପରିକୀର୍ଣ୍ଣ ରଖି ବିଶ୍ୱମୟ ଅବସ୍ଥିତ ନିମ୍ନସ୍ତରୀୟ ସମତାବସ୍ଥାଟିରୁ ସର୍ବଭୂତ ସହିତ ଏକ ଚେତନ ଏକତ୍ୱକୁ ଭିତ୍ତି କରି ଅବସ୍ଥିତ ଆଉ ଏକ ଉଚ୍ଚତର ସମତାବସ୍ଥା ଓ ବିଶ୍ୱସ୍ତରକୁ ଉତ୍ତୀର୍ଣ୍ଣ ହୋଇଯିବାର ସାଧନାରେ ଏହି ନୈତିକ ପ୍ରବୃତ୍ତି ଓ ନୈତିକ ଦୃଷ୍ଟି ଏକ ସାଧନ ରୂପେ କାର୍ଯ୍ୟ କରିଥାଏ । ସେହି ଲକ୍ଷ୍ୟସୀମାରେ ପହଞ୍ଚି ସାରିବା ପରେ ଏହି ସାଧନଟିର ଆଉ କୌଣସି ପ୍ରୟୋଜନ ନ ଥାଏ, ଏପରିକି କୌଣସି ସମ୍ଭାବନା ମଧ୍ୟ ନ ଥାଏ । କାରଣ ଯେଉଁସବୁ ଗୁଣ ଓ ଯେଉଁସବୁ ବିରୋଧକୁ ଆଶ୍ରୟ କରି ତାହା ଦଣ୍ଡାୟମାନ ରହିଥାଏ, ପରମ ସମନ୍ୱୟର ପର୍ଯ୍ୟାୟକୁ ଆସି ସେଗୁଡ଼ିକ କୁଆଡ଼େ ମିଳାଇଯାଏ, କୁଆଡ଼େ ଅନ୍ତର୍ହିତ ହୋଇଯାଏ ।

ତେଣୁ ଯଦି କେବଳ ବିଶ୍ୱର ଗୋଟିଏ ପର୍ଯ୍ୟାୟରୁ ଆଉ ଗୋଟିଏ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେଲାବେଳକୁହିଁ ଏକ ସାମୟିକ ଅଥଚ ଅତି-ମହତ୍ତ୍ୱପୂର୍ଣ୍ଣ ସେତୁ ବା ସରଣୀରୂପେ ନୈତିକ ଧର୍ମାଧର୍ମବୋଧର ପ୍ରଯୁଜ୍ୟତା ରହିଛି, ତେବେ ବିଶ୍ୱସମସ୍ୟାର ସମଗ୍ର ସମାଧାନରେ ଆମେ ଆଦୌ ତାହାର ପ୍ରୟୋଗ କରି ପାରିବା ନାହିଁ । ଆମେ ଏହାକୁ ସେହି ସମାଧାନରେ କେବଳ ଗୋଟିଏ ଉପାଦାନରୂପେ ଗ୍ରହଣ କରିପାରିବା । ଅନ୍ୟଥା ବିଶ୍ୱର ସକଳ ସତ୍ୟକୁ କେବଳ ମିଥ୍ୟାଦ୍ୱାରା ବିକୃତ କରି ପକାଇବାର ପ୍ରମାଦରେ ପଡ଼ିବାହିଁ ସାର ହେବ । ତଦ୍ଦ୍ୱାରା କେବଳ ଏକ ସାମୟିକ ଦୃଷ୍ଟିକୋଣ ଓ ବିଶ୍ୱର ପ୍ରୟୋଜନୀୟତା ବିଷୟରେ ଏକ ଅର୍ଦ୍ଧପକ୍ୱ ମତସହିତ ଖାପ ଖୁଆଇବାକୁ ଯାଇ ଆମେ ଆମ ପୂର୍ବରୁ ହୋଇଆସିଥିବା ଓ ଆମ ପରେ ହେବାକୁ ଯାଉଥିବା ବିବର୍ତ୍ତନକ୍ରମଗୁଡ଼ିକର ଯାବତୀୟ ଅର୍ଥ ଓ ତାତ୍ପର୍ଯ୍ୟକୁ ଖାଲି ବିକୃତହିଁ କରି ପକାଇବା । ଏହି ବିଶ୍ୱରେ ତିନୋଟି ସ୍ତର ରହିଛି : ଅଣନୈତିକ, ନୈତିକ, ଅତିନୈତିକ । ତିନୋଟିଯାକ ସ୍ତରଭିତରେ ଯେଉଁ ଭାବ ବା ପ୍ରେରଣାଟି ସୂତ୍ରରୂପେ ବିଦ୍ୟମାନ ଆମେ ସେଇଟିକୁ ଅବଶ୍ୟ ଠଉରାଇ ପାରିବାଲାଗି ଚେଷ୍ଟା କରିବା । କାରଣ କେବଳ ସେହିଭଳି କରିହିଁ ଆମେ ସମସ୍ୟାଟିର ସମାଧାନ ଖୋଜି ପାଇବା ।

ସତ୍ତ୍ୱରୂପୀ ଚିତ୍-ଶକ୍ତି ଆପଣାକୁ ନାନା ରୂପର ମାଧ୍ୟମରେ ବିକଶିତ କରିବାରେ ଲାଗିଛି ଏବଂ ଆତ୍ମବିକାଶର ଏହି ପ୍ରକ୍ରିୟାରେ ଆନନ୍ଦ ଅନୁଭବ କରୁଛି । ତାହାର ଆତ୍ମପ୍ରକାଶ-ଇଚ୍ଛାର ଚରିତାର୍ଥତାକୁହିଁ ଆମେ ଉକ୍ତ ତିନୋଟିଯାକ ସ୍ତର ବା ପର୍ଯ୍ୟାୟର ସାମାନ୍ୟ ବା ସାଧାରଣ ସୂତ୍ରରୂପେ ଆଗରୁ ଗ୍ରହଣ କରିସାରିଛୁ । ଆତ୍ମ-ସତ୍ତ୍ୱର ସେଇ

'oaob.nitrkl.ac.in' images reprocessed

ଚରିତାର୍ଥତା ଓ ଆନନ୍ଦକୁହିଁ ତତ୍ତ୍ୱ-ଶକ୍ତିର ଜନ୍ମ ହୋଇଛି । କାରଣ ଏହାହିଁ ହେଉଛି ତା'ର ସ୍ୱରୂପ, ତା'ର ଆଶ୍ରୟ ଓ ତା'ର ଅଧିଷ୍ଠାନ । କିନ୍ତୁ ଏହା ଆପଣାଲାଗି ନୂତନ ରୂପର ସନ୍ଧାନ କରି ବାହାରିଛି, ଏବଂ ଉଚ୍ଚତର ରୂପାୟନର ସ୍ତରଗୁଡ଼ିକୁ ଉନ୍ନୀତ ହୋଇ ଗଲାବେଳେ ସେହି ଆକାଙ୍କ୍ଷାକୁ ସାର୍ଥକ କରିବାର ପ୍ରଚେଷ୍ଟାରେହିଁ ଦୁଃଖ ଓ ସନ୍ତାପର ପ୍ରତିଭାସ ଆସି ବାଟ ଉଗାଳୁଛି । ସେଗୁଡ଼ିକ ସତେ ଅବା ଏହାର ମୂଳ-ସ୍ୱଭାବର ବିରୋଧ କରୁଥିଲା ପରି ମନେ ହେଉଛି । ସମସ୍ୟାଟିର ମୂଳ ଖାସ୍ ଏଇଠାରେହିଁ ନିହିତ ହୋଇ ରହିଛି ।

କି ଉପାୟରେ ଆମେ ଏହାର ସମାଧାନ କରିବା ? ସଚ୍ଚିଦାନନ୍ଦକୁ ବିଶ୍ୱର ଆଦି ଓ ଅନ୍ତ ନୁହେଁ ବୋଲି କହି ଆମେ ଏକ ମହାଶୂନ୍ୟକୁ ଆଦି ଓ ଅନ୍ତ ବୋଲି କହିବା କି ? ସ୍ୱରୂପତଃ ଶୂନ୍ୟ ହୋଇଥିଲେ ମଧ୍ୟ ଏହି ମହାଶୂନ୍ୟ ଆପଣା ଭିତରେହିଁ ସକଳ ସତ୍ତା ଓ ଅସତ୍ତା, ଚେତନା ଓ ଅଚେତନା, ଆନନ୍ଦ ଓ ନିରାନନ୍ଦକୁ ବଡ଼ ନିରପେକ୍ଷ ଭାବରେ ବହନ କରି ରହିଛି,—ଆମେ ଏହିପରି ଏକ ଅନୁମାନକୁ ସ୍ୱୀକାର କରିନେବା କି ? ମନ କଲେ ଆମେ ଏହି ଉତ୍ତରଟିକୁ ଏକ ଉତ୍ତର ବୋଲି ବେଶ୍ ଗ୍ରହଣ କରିପାରିବା, ମାତ୍ର ତାହାର ଦ୍ୱାରା ସକଳ ସଂଶୟର ଏକ ବ୍ୟାଖ୍ୟା ଖୋଜି ବସିଲେ ମଧ୍ୟ ଆମେ ଯଥାର୍ଥତଃ ସେଥିରୁ କୌଣସି ବ୍ୟାଖ୍ୟା ପାଇବା ନାହିଁ । କେବଳ ସବୁକିଛିକୁ ଏକାଠି ଠୁଳ କରି ତା' ଚାରିପାଖରେ ଗୋଟିଏ ବୃତ୍ତହିଁ ବୁଲାଇ ଦେଇ ପାରିବା । ଯାହାକୁ ଆମେ ପରମ ଅଭାବ-ସୂଚକ ଏକ ମହାଶୂନ୍ୟ ବୋଲି କହୁଛୁ, ତାହାର ଭିତରେ ଯାବତୀୟ ସମ୍ଭାବ୍ୟତା ଅନ୍ତର୍ନିହିତ ରହିଛି ବୋଲି କହି ଆମେ ଶାବ୍ଦିକ ତଥା ବାସ୍ତବିକ୍ ବିରୋଧର ଏକ ଚରମ ଦୃଷ୍ଟାନ୍ତହିଁ ଦେଖାଇବା । ଏବଂ ଏପରି କରି ଆଉ ଏକ ବୃହତ୍ତର ବିରୋଧ ଦ୍ୱାରା ଏକ କ୍ଷୁଦ୍ରତର ବିରୋଧର ବ୍ୟାଖ୍ୟା କରିବା ବ୍ୟତୀତ ଆମେ ଆଉ କିଛି ହେଲେ କରି ପାରିବା ନାହିଁ । ଏବଂ ତଦ୍ୱାରା ଆମେ ବିରୋଧର ପରାକାଷ୍ଠାରେ ଆସି ପହଞ୍ଚି ପାରିବା ସିନା, ମାତ୍ର କୌଣସି ତତ୍ତ୍ୱମୀମାଂସା କରି ପାରିବା ନାହିଁ । ମହାଶୂନ୍ୟ କେବଳ ଶୂନ୍ୟ ବା ଅଭାବକୁହିଁ ବୁଝାଏ, ତେଣୁ ତା' ଭିତରେ କେଉଁଠି କିଛି ଅନ୍ତର୍ନିହିତ ରହିଛି ବୋଲି କଦାପି ବୁଝାଯାଇ ପାରିବ ନାହିଁ । ସକଳ ସମ୍ଭାବନା ପ୍ରତି ନିରପେକ୍ଷ ଏକ ନିର୍ବିଶେଷତା ବା ଅନିର୍ଦ୍ଦେଶ୍ୟତାକୁ ଆମେ କେବଳ ମହା-ବିଶୃଙ୍ଖଳା ବା ମହା-ଅରାଜକତା ବୋଲି କହିବା । ମହାଶୂନ୍ୟକୁହିଁ ସକଳ ସମ୍ଭାବନାର ଆକାର ବୋଲି କହି ଆମେ ତାହା ଭିତରେ ମହା-ଅରାଜକତାକୁ ଆଣି ପୁରାଇ ଦେଉ ସତ, ମାତ୍ର ତାହା ସେଠାରେ ଯେ କିପରି ଆସି ପ୍ରବେଶ କଲା, ତାହାର କୌଣସି କାରଣ ଦର୍ଶାଉ ନାହିଁ । ତେଣୁ ଏସବୁ ଭ୍ରମରୁ ବାହାରି ଯାଇ ଆମକୁ ପୁଣି ସେହି ମୂଳ ସଚ୍ଚିଦାନନ୍ଦ-

'oaob.nitrkl.ac.in' images reprocessed

କଳ୍ପନାଟି ପାଖକୁ ଫେରିଯିବାକୁ ପଡ଼ିବ ଏବଂ ତାହାକୁହିଁ ଭିତ୍ତି କରି ଏକ ଅଧିକ ପରିପୂର୍ଣ୍ଣ ସମାଧାନ କେତେ ଦୂର ସମ୍ଭବ ହେଉଛି କି ନାହିଁ, ତାହା ଦେଖିବାକୁ ହେବ ।

ମାତ୍ର ପ୍ରଥମରୁ ଗୋଟିଏ କଥାରେ ଆମର ଧାରଣାକୁ ସମ୍ପୂର୍ଣ୍ଣରୂପେ ପରିଷ୍କାର କରି ନେବାକୁ ପଡ଼ିବ । ଯେତେବେଳେ ଆମେ ବିଶ୍ୱଚେତନାର କଥା କହୁଛୁ, ସେତେବେଳେ ଆମେ ଏହାଦ୍ୱାରା ମନୁଷ୍ୟର ମାନସସତ୍ତାସ୍ଥ ଜାଗ୍ରତ ଚେତନା ଅପେକ୍ଷା ଏକ ସମ୍ପୂର୍ଣ୍ଣ ଭିନ୍ନ, ଅଧିକ ଗଭୀର ଓ ଅଧିକ ପ୍ରଶସ୍ତ ଏକ ଚେତନାକୁହିଁ ବୁଝୁଛୁ । ଠିକ୍ ସେହିପରି ସତ୍ତାର ସର୍ବମୟ ଆନନ୍ଦ କଥା କହିଲା ବେଳେ ମଧ୍ୟ ଆମେ ତାହାକୁ ମନୁଷ୍ୟପ୍ରାଣୀର ବ୍ୟକ୍ତିଗତ ଜୀବନରେ ସଂଘଟିତ ହେଉଥିବା ଭାବଗତ ତଥା ଇନ୍ଦ୍ରିୟବୋଧଗତ ସୁଖାନୁଭୂତିଠାରୁ ଏକ ସମ୍ପୂର୍ଣ୍ଣ ଭିନ୍ନ, ଅଧିକ ଗଭୀର ଓ ଅଧିକ ପ୍ରଶସ୍ତ ଏକ ଅନୁଭୂତି ବୋଲି ବୁଝିବା । ଏକ ଅତ୍ୟନ୍ତ ସୀମାବଦ୍ଧ ଅନୁଭୂତିକୁ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ମଣିଷ ସୁଖ, ହର୍ଷ ଓ ଆନନ୍ଦ ପ୍ରଭୃତି ଶବ୍ଦର ବ୍ୟବହାର କରିଥାଏ । ସେଗୁଡ଼ିକ ମନୁଷ୍ୟ-ଚେତନାର ଏକ ଆୟତନସିଦ୍ଧ ସାମୟିକ ସ୍ପନ୍ଦନକୁହିଁ ବୁଝାଇଥାନ୍ତି । କେତୋଟି ଚିରାଭ୍ୟସ୍ତ ସଂସ୍କାରର ବିଧାନ ଉପରେ ଏହି ସ୍ପନ୍ଦନ ଆଶ୍ରିତ ହୋଇ ରହିଥାଏ । ଦୁଃଖ ଓ ଶୋକରୂପୀ ଏଗୁଡ଼ିକର ବିପରୀତ-ବୃତ୍ତି ମଧ୍ୟ ସେହିଭଳି ଆଉ କେତେକ ଆୟତନସିଦ୍ଧ ସାମୟିକ ଚେତନା-ସ୍ପନ୍ଦନକୁ ବୁଝାଇଥାଏ । ଏବଂ ଏହି ଦୁଇଟିଯାକ ବୃତ୍ତି ଏକ ଅଜାଣିତ ପୃଷ୍ଠଭୂମିରୁ ମଧ୍ୟ ଉଦ୍ଭୂତ ହୋଇଥାଆନ୍ତି । ସତ୍ତାର ଆନନ୍ଦ ହେଉଛି ସର୍ବଗତ ଓ ଅପରିମେୟ, ଏହା ସ୍ୱୟଂହିଁ ଏହାର ଅସ୍ତିତ୍ୱର ଏକମାତ୍ର କାରଣ । ଏହା କୌଣସି ନିର୍ଦ୍ଦିଷ୍ଟ କାରଣଚୟ ଉପରେ କଦାପି ନିର୍ଭର କରେ ନାହିଁ ଏବଂ ସକଳ ପୃଷ୍ଠଭୂମିର ପୃଷ୍ଠଭୂମିରୂପେ ବିଦ୍ୟମାନ ରହିଥାଏ । ସେଇଥିରୁହିଁ ସୁଖ, ଦୁଃଖ ଓ ସେଗୁଡ଼ିକ ଅପେକ୍ଷା ଅଧିକ ତଟସ୍ଥ ଅନ୍ୟାନ୍ୟ ଅନୁଭୂତିର ଉଦ୍‌ଗମ ହୋଇଥାଏ । ଏହି ସତ୍ତାରୂପୀ ଆନନ୍ଦ ଯେତେବେଳେ ସମ୍ଭୂତିରୂପୀ ଆନନ୍ଦରେ ରୂପାୟିତ ହେବାକୁ ଇଚ୍ଛାକରେ, ସେତେବେଳେ ତାହା ଶକ୍ତିର ଗତିସ୍ପନ୍ଦନ ସହିତ ସ୍ପନ୍ଦିତ ହେବାକୁ ଆରମ୍ଭ କରେ ଏବଂ ସ୍ୱୟଂ ବିଭିନ୍ନ ଗତିସ୍ପନ୍ଦନର ରୂପ ଧାରଣ କରିଥାଏ । ସୁଖ ଏହି ସ୍ପନ୍ଦନର ଭାବାତ୍ମକ ରୂପ, ଦୁଃଖ ଅଭାବାତ୍ମକ ରୂପ । ଏହି ଆନନ୍ଦ ଜଡ଼ ଭିତରେ ଅବଚେତନ ଅବସ୍ଥାରେ ଓ ମନଠାରୁ ଊର୍ଦ୍ଧ୍ୱରେ ରହିଥିବା କ୍ଷେତ୍ରରେ ଅତିଚେତନ ଅବସ୍ଥାରେ ରହିଥାଏ । ଏବଂ ମନ ଓ ପ୍ରାଣର ପର୍ଯ୍ୟାୟରେ ଏହା ସମ୍ଭୂତିର ନାନା ଲୀଳାରେ ଆପଣାକୁ ରୂପାୟିତ କରିବାକୁ ଚାହୁଥାଏ, ଗତିସ୍ପନ୍ଦନର ବର୍ଦ୍ଧନଶୀଳ ଆତ୍ମସଚେତନତାରେ ଫୁଟି ଉଠିବାକୁ ଇଚ୍ଛା କରୁଥାଏ । ଏହାର ପ୍ରାଥମିକ ଅବସ୍ଥାଗୁଡ଼ିକ ଏକ ଦ୍ୱନ୍ଦ୍ୱମୟ ଓ ଅବିଶୁଦ୍ଧ ପ୍ରବୃତ୍ତିରୂପେ ଦେଖାଦିଏ ଓ ସୁଖ ଓ ଦୁଃଖର ଦୁଇ ମେରୁ

'oaob.nitrkl.ac.in' images reprocessed

ଭିତରେ ଏପାଖ ସେପାଖ ହେବାରେ ଲାଗିଥାଏ ସତ, ମାତ୍ର ସକଳ ଉଦ୍ଦେଶ୍ୟ ଓ କାରଣରୁ ସ୍ୱତନ୍ତ୍ର ରହି ସ୍ୱକାରଣରେହିଁ ଅବସ୍ଥାନ କରୁଥିବା ସତ୍ତାର ବିଶୁଦ୍ଧ ପରମାନନ୍ଦ ଭିତରେ ଏହା ଆପଣାକୁ ଉଦ୍‌ଭାସିତ କରିବାର ଆକାଙ୍‌କ୍ଷା ରଖିଥାଏ । ଯେପରି ସଚ୍ଚିଦାନନ୍ଦ ବ୍ୟକ୍ତି ଭିତରେ ବିଶ୍ୱସତ୍ତାର ଉପଲବ୍ଧି ଲାଗି ତଥା ଦେହ ଓ ମନର ରୂପାୟତନ ଭିତରେ ରୂପାତୀତ ଚେତନାର ଉପଲବ୍ଧି ଲାଗି ଧାବିତ ହେଉଥା'ନ୍ତି, ବ୍ୟବଚ୍ଛିନ୍ନ ଅନୁଭୂତି ତଥା ବିଷୟସମୂହର ସତତ-ପରିବର୍ତ୍ତନମୟ ଜଗତ୍‌-ପ୍ରବାହ ଭିତରେ ସର୍ବଗତ, ସ୍ୱକାରଣ ଓ ନିର୍ବିଷୟ ଆନନ୍ଦର ଉପଲବ୍ଧି ଲାଗି ମଧ୍ୟ ସେ ସେହିପରି ଧାବମାନ ହେଉଛନ୍ତି । ଏକ କ୍ଷଣସ୍ଥାୟୀ ସୁଖ ବା ସନ୍ତୋଷବିଧାନର ଉତ୍ପ୍ରେରକ କାରଣରୂପେ ଆମେ ବର୍ତ୍ତମାନ ଯେଉଁ ବିଷୟଗୁଡ଼ିକର ଅନୁଧାବନ କରିବାରେ ଲାଗିଛୁ, ସ୍ୱତନ୍ତ୍ର ଓ ସ୍ୱପ୍ରତିଷ୍ଠ ହୋଇ ପାରିଲେ ଆମେ ସେଗୁଡ଼ିକୁ ଆଉ ବାହାରେ ନ ଖୋଜି ଆପଣାର ଭିତରେହିଁ ଦେଖିବାକୁ ପାଇବା । ଶାଶ୍ୱତଭାବେ ଅବସ୍ଥିତ ରହିଥିବା ଏକ ଆନନ୍ଦର କାରଣ ରୂପେ ନୁହେଁ, ମାତ୍ର ତାହାକୁ ପ୍ରତିଫଳିତ କରୁଥିବା ଦର୍ପଣରୂପେହିଁ ଆମେ ସେଗୁଡ଼ିକୁ ଆପଣା ଭିତରେ ଧାରଣ କରିପାରିବା ।

ଯେଉଁ ମନୋମୟ ପୁରୁଷ ଜଡ଼ର ଅନ୍ଧକାର ଗୁହାରୁ ବାହାରି ଅହଂରୂପେ ମନୁଷ୍ୟ ଭିତରେ ପ୍ରବେଶ କରିଛି, ଶୁଦ୍ଧସତ୍ତାର ଆନନ୍ଦ ତା' ଭିତରେ କେବଳ ତଟସ୍ଥ, ଅର୍ଦ୍ଧପ୍ରଚ୍ଛନ୍ନ ଅବସ୍ଥାରେ ରହିଥାଏ, ଅବଚେତନର ଛାୟାଦ୍ୱାରା ତଥାପି ଆଚ୍ଛନ୍ନ ରହିଥାଏ, ସତେ ଯେପରି ଏକ ଅନୁଦ୍‌ଘାଟିତ ଅଧୁର୍ବର କ୍ଷେତ୍ରରୂପେ ପଡ଼ି ରହିଥାଏ । ବାସନାର ନାନା ବିପାକ୍ତ ଅନାବନାର ଅତିପ୍ରାଚୁର୍ଯ୍ୟରେ ସେହି କ୍ଷେତ୍ରଟି ଭର୍ତ୍ତି ହୋଇ ରହିଥାଏ, ଆମ ଅହମିକାବଶ ସତ୍ତାର ନାନା ଦୁଃଖ ଓ ସୁଖର ଅନୁଭୂତି ନାନା ବିପାକ୍ତ ଫଳର ସମାରୋହ ପରି ସେହି କ୍ଷେତ୍ରଟିକୁ ଆଚ୍ଛାଦିତ କରି ରଖିଥା'ନ୍ତି । ଆମ ଭିତରେ ପ୍ରଚ୍ଛନ୍ନଭାବେ କାର୍ଯ୍ୟ କରୁଥିବା ଦିବ୍ୟ ଚିତ୍‌-ଶକ୍ତି ଯେତେବେଳେ ବାସନାର ଏହି ଅପକୃଷ୍ଟିକୁ ଗିଳିଦେବାରେ ସମର୍ଥ ହୁଏ, ଋକ୍‌ବେଦର ଭାଷାରେ କହିବାକୁ ଗଲେ ଯେତେବେଳେ ଭଗବାନଙ୍କ ଦିବ୍ୟ ଅଗ୍ନି ଏହି ପାର୍ଥିବ କାମନାର ଅଙ୍କୁରକୁ ସମ୍ପୂର୍ଣ୍ଣ ରୂପେ ଦଗ୍‌ଧ କରି ଦେବେ, ସେତେବେଳେ ଏହିସବୁ ଦୁଃଖ ଓ ସୁଖର ଅଙ୍କୁର ମୂଳରେ ସେଗୁଡ଼ିକର ନିଦାନ ଓ ନିଗୂଢ଼ ସତ୍ୟରୂପେ ଲୁକ୍କାୟିତ ରହିଥିବା ଆନନ୍ଦ ରସଟି ନିର୍ଗତ ହେବାକୁ ଆରମ୍ଭ କରିବ । ବାସନାର ଏକ ନୂତନ ରୂପରେ ନୁହେଁ, ମାତ୍ର ସ୍ୱତଃସ୍ଫୂର୍ତ୍ତି ଏକ ଆନନ୍ଦ ରୂପେ ଏହା ନିର୍ଗତ ହେବ । ମର ମନୁଷ୍ୟର ପାର୍ଥିବ ସୁଖର ସ୍ଥାନରେ ଅମୃତତ୍ୱର ପରମ ଉଲ୍ଲାସ ଜାଗିଉଠିବ । ଏବଂ ଏହି ରୂପାନ୍ତର ଅବଶ୍ୟ ସମ୍ଭବ; କାରଣ ଇନ୍ଦ୍ରିୟବୋଧ ଓ ସଂବେଗରୁ ଜାତ ହୋଇଥିବା ଏହିସବୁ ଦୁଃଖ ଓ ସୁଖ ମୂଳତଃ ସ୍ୱରୂପସତ୍ତାର

'oaob.nitrkl.ac.in' images reprocessed

ସେହି ଆନନ୍ଦ ବ୍ୟତୀତ ଆଉ କିଛି ନୁହେଁ । ଆମର ଦୁଃଖ ଓ ସୁଖ ସତତ ସେହି ଆନନ୍ଦରହିଁ ଅନ୍ୱେଷଣ କରୁଛନ୍ତି ମାତ୍ର ତାହାର ସ୍ୱରୂପୋଦ୍‌ଘାଟନ କରିପାରୁ ନାହାନ୍ତି । ଭେଦ-ବୁଦ୍ଧି, ଅଜ୍ଞାନ ଓ ଅହଙ୍କାରର ପ୍ରତିବନ୍ଧକ ହେତୁ ସେମାନେ ସେଥି ଲାଗି ଅସମର୍ଥ ହୋଇ ରହିଛନ୍ତି ।

'oaob.nitrkl.ac.in' images reprocessed

## ଦ୍ୱାଦଶ ପରିଚ୍ଛେଦ

# ଆନନ୍ଦରୂପଂ ଯଦ୍ ବିଭାତି : ସମାଧାନ

ତଦ୍ଧ ତଦ୍ବନଂ ନାମ ତଦ୍ବନମିତି ଉପାସିତବ୍ୟମ୍··· ।

—କେନୋପନିଷଦ, ୪ । ୬

ତାର ନାମ ହେଉଛି ଆନନ୍ଦ; ଆନନ୍ଦରୂପେହିଁ ତାହାର ଉପାସନା କରିବାକୁ ହେବ, ତାହାକୁ ଖୋଜିବାକୁ ହେବ ।

ଏହି ବିଶ୍ୱର ମର୍ମରେ ଏକାନ୍ତ ଅବିଚ୍ଛେଦ୍ୟ ଭାବରେ ଆନନ୍ଦର ଏକ ମହାସମୁଦ୍ର ପରିବ୍ୟାପ୍ତ ହୋଇ ରହିଛି । ବାହାରେ ବା ଉପରିଭାଗରେ ଉଦ୍‌ବେଳିତ ହୋଇ ଉଠୁଥିବା ଚେତନାସ୍ପନ୍ଦନଗୁଡ଼ିକ ହେଉଛି ତାହାର ଭାବାତ୍ମକ, ଅଭାବାତ୍ମକ କିମ୍ବା ଭାବାଭାବନିରପେକ୍ଷ ଲୀଳା ଓ କ୍ରୀଡ଼ାମାତ୍ର, ସେହି ଗଭୀର ପାରାବାରର ଫେନିଳ ତରଙ୍ଗବିକ୍ଷୋଭ ମାତ୍ର,—ଏହିପରି ଏକ କଳ୍ପନାଦ୍ୱାରାହିଁ ଆମେ ଆମର ଆଲୋଚିତ ସମସ୍ୟାଟିର ଏକ ଯଥାର୍ଥ ସମାଧାନ ପାଇଯିବା । ଏହି ଅନନ୍ତ ଓ ଅବିଭାଜ୍ୟ ସଦ୍‌ବସ୍ତୁହିଁ ବିଶ୍ୱମସ୍ତ ସକଳ ବସ୍ତୁର ଆତ୍ମସ୍ୱରୂପ, ଏହି ସଦବସ୍ତୁର ସ୍ୱରୂପସ୍ୱଭାବରେ ଆତ୍ମଚେତନ ସତ୍ତ୍ୱର ଏକ ଅନନ୍ତ ଓ ଅବିନଶ୍ୱର ଶକ୍ତି ନିହିତ ହୋଇ ରହିଛି, ଏବଂ ସେହି ଆତ୍ମ-ଚେତନାର ସ୍ୱରୂପସ୍ୱଭାବ ଓ ଆତ୍ମଜ୍ଞାନ ରୂପେ ଏକ ଅନନ୍ତ ଓ ଅବିଚ୍ଛେଦ୍ୟ ସ୍ୱରୂପାନନ୍ଦ ବିଦ୍ୟମାନ ରହିଛି । ଅରୂପରେ ତଥା ସକଳ ରୂପରେ, ଅସୀମ ଓ ଅବିଚ୍ଛେଦ୍ୟ ସତ୍ତ୍ୱର ଶାଶ୍ୱତ ଚେତନା ଭିତରେ ତଥା ସସୀମ ବିଭାଜ୍ୟତାର ବହୁରୂପାୟିତ ପ୍ରତିଭାସରେ ଏହି ସ୍ୱୟମ୍ଭୂ ସତ୍ତା ଆପଣାର ସ୍ୱରୂପାନନ୍ଦକୁ ସଦାସଂରକ୍ଷିତ କରି ରଖିଛି । ସ୍ୱୀୟ ଅଜ୍ଞାନତାମସ୍ତ ସଂସ୍କାରବନ୍ଧନ ଓ ବିଶିଷ୍ଟ ସ୍ୱାନୁଭବ ରୀତିର ପାଶରୁ ମୁକ୍ତ ହୋଇ ଆମର ଆତ୍ମା ଯେପରି ଅଚେତନ ବୋଲି ପ୍ରତୀତ ହେଉଥିବା ଜଡ଼ଭିତରେ ମଧ୍ୟ ତାହାକୁ ଆବିଷ୍ଟ କରି ରହିଥିବା ସେହି ଅନନ୍ତ, ଅଚଳ ଓ ପରିବର୍ତ୍ତନରହିତ ଚିତ୍‌ଶକ୍ତିର ଆବିଷ୍କାର କରିବାକୁ ସମର୍ଥ ହୁଏ, ଠିକ୍ ସେହିପରି ସ୍ପନ୍ଦନହୀନ ବୋଲି ପ୍ରତୀତ ହେଉଥିବା ସେହି ଜଡ଼ଭିତରେ ସେ ଏକ ଅନନ୍ତ ଓ ସଚେତନ ଆନନ୍ଦର

'oaob.nitrkl.ac.in' images reprocessed

ଉଲ୍ଲାସ ସର୍ବଗତ ଓ ପ୍ରଶାନ୍ତଭାବେ ବିଦ୍ୟମାନ ରହିଥିବାର ମଧ୍ୟ ଆବିଷ୍କାର କରିଥାଏ ଏବଂ ତାହାର ତାଳ ଓ ଛନ୍ଦ ଅନୁସାରେ ଆପଣାକୁ ପରିଚାଳିତ କରିଥାଏ । ଏହି ଆନନ୍ଦ ଏହାର ଆପଣାର ଆନନ୍ଦ, ଏହି ଆତ୍ମା ସବୁରି ଭିତରେ ରହିଥିବା ଏହାର ଆପଣାର ଆତ୍ମା । ମାତ୍ର ଆତ୍ମା ଓ ବସ୍ତୁ ସମ୍ବନ୍ଧରେ ଆମର ନିତ୍ୟନୈମିତ୍ତିକ ସାଧାରଣ ଦୃଷ୍ଟିଟି କେବଳ ଏଗୁଡ଼ିକର ଉପରିଭାଗରେହିଁ ଜାଗ୍ରତ ହୁଏ ଓ ବିଚରଣ କରୁଥାଏ, ତେଣୁ ସେହି ଦୃଷ୍ଟିଲାଗି ଏହି ସ୍ୱରୂପାନନ୍ଦ କେବଳ ଗୁପ୍ତ, ଅବୋଧ୍ୟ ଓ ଅବଚେତନ ରୂପେହିଁ ରହିଯାଏ । ଏବଂ ଏହି ସ୍ୱରୂପାନନ୍ଦ ଯେପରି ରୂପର ଯାବତୀୟ ଆଧାର ମଧ୍ୟରେ ବିଦ୍ୟମାନ ରହିଛି, ସେହିପରି ସୁଖଦ, ଦୁଃଖଦ ତଥା ସୁଖଦୁଃଖ-ନିରପେକ୍ଷ ସକଳ ଅନୁଭୂତି ମଧ୍ୟରେ ବିଦ୍ୟମାନ ରହିଛି । ଅନୁଭୂତି ଭିତରେ ମଧ୍ୟ ଏହା ଗୁପ୍ତ, ଅବୋଧ୍ୟ ଓ ଅବଚେତନ ହୋଇ ରହିଛି ଓ ଆପଣାର ସତ୍ତାରେହିଁ ଅବସ୍ଥିତ ରହିବାଲାଗି ପ୍ରତ୍ୟେକ ପଦାର୍ଥକୁ ସମର୍ଥ କରୁଛି, ବାଧ୍ୟ କରୁଛି । ଏହି ଆନନ୍ଦ ହେତୁହିଁ ସକଳ ବସ୍ତୁ ଆପଣାର ସତ୍ତାସହିତ ସଂଯୁକ୍ତ ହୋଇ ରହିଛନ୍ତି, ଏହାରି ହେତୁହିଁ ଆପଣା ସତ୍ତାରେ ବର୍ତ୍ତିରହିବାର ଇଚ୍ଛା ଆପଣାର ଅଦମ୍ୟତାରେ ଅନ୍ୟ ସକଳ ଇଚ୍ଛାକୁ ଅତିକ୍ରମ କରିଯାଇଛି । ଏହାହିଁ ପ୍ରାଣୀମଧ୍ୟରେ ଆତ୍ମସଂରକ୍ଷଣର ମୂଳପ୍ରବୃତ୍ତି ରୂପେ ଆବିର୍ଭୂତ ହୋଇଛି, ଭୌତିକ ବିଶ୍ୱସ୍ତରରେ ଜଡ଼ର ଅକ୍ଷୟତା-ରୂପେ ପ୍ରତିପାଦିତ ହୋଇଛି, ମନୋସ୍ତରରେ ଅମରତ୍ୱର ଭାବନାକୁ ଜାଗ୍ରତ କରିଛି । ଆତ୍ମପରିଣାମର ଯାବତୀୟ ପର୍ଯ୍ୟାୟରେ ରୂପାୟିତ ସକଳ ସତ୍ତା ସହିତ ଏହି ଅମରତ୍ୱର ଭାବନା ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ହୋଇ ରହିଛି । ଏପରିକି ଆପଣାର ଅସ୍ତିତ୍ୱକୁ ବିଲୁପ୍ତ କରିଦେବାର ସାମୟିକ ହଠାତ୍-ପ୍ରବୃତ୍ତିଟିରେ ମଧ୍ୟ ସେହି ଅମରତ୍ୱ-ବାସନା କେବଳ ଏକ ବିପରୀତ ରୂପରେ ବିଦ୍ୟମାନ ରହିଛି । କାରଣ ସେହି କ୍ଷେତ୍ରରେ ମଧ୍ୟ ପ୍ରାଣୀ କଦାପି ସତ୍ତାର ସଂପୂର୍ଣ୍ଣ ବିଲୁପ୍ତି କାମନା କରୁନାହିଁ । କେବଳ ଅନ୍ୟ ଏକ ସତ୍ତାର ଆକର୍ଷଣ ରହିଛି ବୋଲି ସେ ତାହାର ବର୍ତ୍ତମାନ ସତ୍ତାଟି ପ୍ରତି ବୀତଶ୍ରଦ୍ଧ ହୋଇପଡ଼ୁଛି । ଆନନ୍ଦହିଁ ଯଥାର୍ଥ ସତ୍ତା, ଏହି ଆନନ୍ଦରେହିଁ ସୃଷ୍ଟିର ରହସ୍ୟ ନିହିତ ହୋଇ ରହିଛି । ଆନନ୍ଦହିଁ ସକଳ ଜନନର ମୂଳସ୍ୱରୂପ, ଆନନ୍ଦ ହେଉଛି ସ୍ଥିତିର କାରଣ । ଆନନ୍ଦଭିତରେ ସକଳ ଜନ୍ମର ଅବସାନ ଘଟୁଛି, ତାହାହିଁ ସୃଷ୍ଟିର ଚରମ ବିଶ୍ରାନ୍ତିସ୍ଥାନ । ଉପନିଷଦ କହୁଛି, "ଆନନ୍ଦରୁହିଁ ଏହି ସକଳ ଭୂତର ଜନ୍ମ ହୋଇଛି, ସେମାନେ ଆନନ୍ଦରେହିଁ ବଞ୍ଚି ରହିଛନ୍ତି ଓ ବଢ଼ୁଛନ୍ତି ଏବଂ ଶେଷରେ ସେହି ଆନନ୍ଦ-ଭିତରକୁହିଁ ପ୍ରସ୍ଥାନ କରୁଛନ୍ତି ।"

ଯଥାର୍ଥତଃ ଏକ, ମାତ୍ର ଆମ ମନର ଆଖିକୁ ବିବିଧ ଭଳି ଦେଖାଯାଉଥିବା ଓ କେବଳ ବିଭକ୍ତ ଚେତନାର ପ୍ରବୃତ୍ତିରେ ବା ପ୍ରାତିଭାସିକ ଜଗତରେହିଁ ବିଭାଜ୍ୟ

'oaob.nitrkl.ac.in' images reprocessed

ବୋଲି ମନେ ହେଉଥିବା ମୂଳ ସତ୍ତାର ସତ୍, ଚିତ୍ ଓ ଆନନ୍ଦରୂପୀ ଏହି ତିନୋଟି ଭାବ ଉପରେ ଦୃଷ୍ଟିପାତ କଲେ ଆମେ ପ୍ରାଚୀନ ଦର୍ଶନମତଗୁଡ଼ିକର ବିଭିନ୍ନ ସୂତ୍ରସମୂହକୁ ସେଗୁଡ଼ିକର ଯଥାର୍ଥ ସ୍ଥାନରେ ରଖିଦେଇ ପାରିବା । ତଦ୍ୱାରା ସେଗୁଡ଼ିକ ଏକତ୍ର ସମ୍ମିଳିତ ହୋଇ ଏକ ଅଖଣ୍ଡ ଦର୍ଶନର ବିଭିନ୍ନ ଅଙ୍ଗରୂପେ ଏକ ନୂତନ ରୂପ ଧାରଣ କରିବେ ଏବଂ ସେମାନଙ୍କ ଭିତରେ ଅନେକ ଦିନରୁ ଲାଗିଆସିଥିବା ବିବାଦର ଅବସାନ ଘଟିବ । କାରଣ ଯଦି ଆମେ ବିଶ୍ୱସତ୍ତାକୁ କେବଳ ଏହାର ପ୍ରତିଭାସଗୁଡ଼ିକର ମାଧ୍ୟମରେହିଁ ଦେଖିବା ଏବଂ ଶୁଦ୍ଧ, ଅନନ୍ତ, ଅଖଣ୍ଡ ଓ ପରିବର୍ତ୍ତନରହିତ ବ୍ରହ୍ମସତ୍ତା ସହିତ ରହିଥିବା ଏହାର ସମ୍ବନ୍ଧର ପୃଷ୍ଠଭୂମି ଉପରେହିଁ ଯଦି ଆମେ ଏହାର ବିଚାର କରିପାରିବା, ତେବେ ଆମେ ତାହାକୁ ମାୟା ବୋଲି ବେଶ୍ ଦେଖିପାରିବା, ମାୟା ବୋଲି ବର୍ଣ୍ଣନା କରିପାରିବା ଓ ମାୟା ବୋଲି ଉପଲବ୍ଧି କରିପାରିବା । ମାୟା କହିଲେ ମୂଳତଃ ସକଳ ବିଶ୍ୱକୁ ଆବୋରି ଧରିଥିବା, ତାହାକୁ ପରିମାଣ ଓ ସୀମାଦ୍ୱାରା ନିର୍ଦ୍ଧାରିତ କରି ପାରୁଥିବା ଓ ସୁତରାଂ ରୂପ ଦେବାରେ ସମର୍ଥ ହେଉଥିବା ଏକ ବ୍ୟାପକ ଓ ଅନ୍ତର୍ଗତକାରୀ ଚେତନାକୁହିଁ ବୁଝାଉଥିଲା । ଏହି ମାୟା ଆକୃତି ଦିଏ, ପରିମାଣକୁ ମାପି ରଖିଦିଏ, ଅରୂପରୁ ରୂପର ଗଠନ କରେ, ଅବିଜ୍ଞେୟକୁ ମାନସ ସ୍ତରକୁ ଅବତୀର୍ଣ୍ଣ କରାଇ ଆଣି ସତେଅବା ଜ୍ଞାନଗମ୍ୟ ବୋଲି ପ୍ରତୀତ କରାଏ, ରେଖାବନ୍ଧନର ଗୁରୁତ୍ୱ ଦେଖାଇ ଅମାପ ଓ ଅସୀମକୁ ସତେଅବା ମାପି ଥୋଇ-ଦେବାକୁ ବାହାରେ । ପରବର୍ତ୍ତୀ କାଳରେ ଏହି ଶବ୍ଦଟି ଜ୍ଞାନ, କୌଶଳ ଓ ବୁଦ୍ଧିର ବାଚକ ଏହାର ମୂଳ ଅର୍ଥଟିକୁ ଛାଡ଼ି କ୍ରମେ ଛଳନା, ବଞ୍ଚନା ବା ବିଭ୍ରମକୁ ବୁଝାଇବାକୁ ଲାଗିଲା । ଏବଂ ଦାର୍ଶନିକ ସିଦ୍ଧାନ୍ତଗୁଡ଼ିକରେ ଏହିପରି ଏକ ଇନ୍ଦ୍ରଜାଲ ବା ବିଭ୍ରମର ଅର୍ଥରେହିଁ 'ମାୟା' ଶବ୍ଦଟିର ବ୍ୟବହାର କରାଯାଇଥାଏ ।

ଏହି ଜଗତ୍ ମାୟା ରୂପ । ମାତ୍ର ଏହି ଜଗତ୍‌ର ସତ୍ତା ବୋଲି କିଛି ନାହିଁ, ଏହି ଅର୍ଥରେ ଏହି ଜଗତ୍ ମାୟା ନୁହେଁ । କାରଣ ଏହି ଜଗତ୍ ଯଦି ବ୍ରହ୍ମର କେବଳ ସ୍ୱପ୍ନମାତ୍ର ହୋଇଥା'ନ୍ତା, ତେବେ ଏହା ତାଙ୍କର ଭିତରେ ଏକ ସ୍ୱପ୍ନ ରୂପରେ ଅବଶ୍ୟ ଅବସ୍ଥିତ ରହିଥା'ନ୍ତା ଏବଂ ଚରମତଃ ମିଥ୍ୟା ହେଲେ ମଧ୍ୟ ଏକ ସ୍ୱପ୍ନ ହିସାବରେ ସତ୍ୟରୂପେ ବର୍ତ୍ତମାନ ଥାଆନ୍ତା । ଏବଂ ଏହି ଜଗତର ଶାଶ୍ୱତ କୌଣସି ସତ୍ତା ନାହିଁ, ଏହି ଅର୍ଥରେ ମଧ୍ୟ ଆମର ଜଗତକୁ ମିଥ୍ୟା ବୋଲି କହିବା ଉଚିତ ନୁହେଁ । କାରଣ ଏକଥା ସତ୍ୟ ଯେ ବିଶେଷ କୌଣସି ଜଗତ୍ କିମ୍ବା ବିଶେଷ କୌଣସି ରୂପର ଅବଶ୍ୟ ଲୟ ଘଟିପାରେ ବା ଲୟ ଘଟିଥାଏ, ମନୋମୟ ଚେତନାର ବ୍ୟକ୍ତଦଶାରୁ ବାହାରି ଆସି ସେସବୁ ତାହାର ଅବ୍ୟକ୍ତଦଶା ଭିତରେ ପ୍ରବେଶ କରିପାରେ, ତଥାପି ସ୍ୱରୂପତଃ ରୂପ ଶାଶ୍ୱତ, ଏହି ଜଗତ୍ ମଧ୍ୟ ଶାଶ୍ୱତ । ଅବ୍ୟକ୍ତଦଶାରୁ ମଧ୍ୟ ସେମାନେ ଅତି

'oaob.nitrkl.ac.in' images reprocessed

ନିଶ୍ଚିତଭାବରେ ପୁଣି ବ୍ୟକ୍ତଦଶାକୁ ଲେଉଟି ଆସନ୍ତି । ନିରନ୍ତର ଗୋଟିଏ ଦଶାରେ ରହି ନ ଥିଲେହେଁ ସେଗୁଡ଼ିକ ଭିତରେ ନିରନ୍ତର ପୁନରାବୃତ୍ତି ବର୍ତ୍ତମାନ ରହିଥାଏ । ପ୍ରକାଶ ଓ ପ୍ରତ୍ୟାସର ଧାରରେ ଏଗୁଡ଼ିକର ନିୟତ ପରିବର୍ତ୍ତନ ଲାଗି ରହିଥିଲେହେଁ ସମଷ୍ଟିଗତ ଓ ଭିତ୍ତିର କ୍ଷେତ୍ରରେ ଏଗୁଡ଼ିକ ଶାଶ୍ୱତ ଭାବରେ ପରିବର୍ତ୍ତନରହିତ ହୋଇ ରହିଥା'ନ୍ତି । ଶାଶ୍ୱତ ଚେତନ ସତ୍ତାରେ ବିଶ୍ୱର କୌଣସି ରୂପ ବା ସ୍ୱଭାବର କୌଣସି ଲୀଳା ସ୍ୱାନୁଭବଗୋଚର ନ ଥିଲା ବା ରହିବ ନାହିଁ,- କାଳର ଏପରି ଏକ ଅବଧି କେବେ ଥିଲା ବା ରହିବା ସମ୍ଭବ ବୋଲି ଆମେ କଦାପି ନିଶ୍ଚିତ ଭାବରେ କହି ପାରିବା ନାହିଁ । ମାତ୍ର ଆମର ପରିଜ୍ଞାତ ଏହି ଜଗତ୍ ଯେ ନିରନ୍ତର ସେହି ତତ୍ତ୍ୱ-ସ୍ୱରୂପରୁ ଆବିର୍ଭୂତ ହୋଇ ପୁଣି ତାହାରି ଭିତରେ ଲୀନ ହୋଇ ଯାଉଛି, ଆମର ପ୍ରତିବୋଧ ଆମକୁ କେବଳ ଏତିକିମାତ୍ର ସୂଚନା ଦେଇଥାଏ ।

ଏହି ଜଗତ୍ ତଥାପି ମାୟା, କାରଣ ଏହା ଅନନ୍ତ ସତ୍ତାର ଯଥାର୍ଥ ସତ୍ୟ ନୁହେଁ, ତଦାତ୍ମ ସତ୍ତାର ଏକ ସୃଷ୍ଟି ମାତ୍ର । ଅବଶ୍ୟ ଶୂନ୍ୟ ବା ଅସତ୍ତ୍ୱରେ ଏବଂ ଅସତ୍ତ୍ୱରୁ ଏହାର ସୃଷ୍ଟି ହୋଇ ନାହିଁ, ମାତ୍ର ଆତ୍ମସତ୍ତାର ଶାଶ୍ୱତ ସତ୍ୟରେ ତାହାରି ଶାଶ୍ୱତ ସତ୍ୟରୁ ଜଗତର ସୃଷ୍ଟି ହୋଇଛି । ଏହାର କ୍ଷେତ୍ର, ଉତ୍ସମୂଳ ଓ ଉପାଦାନ ହେଉଛି ସଦ୍ ବ୍ରହ୍ମ; ତାଙ୍କରି ସ୍ୱକୀୟ ଓ ସୃଜନଶୀଳ ଚିତ୍‌ଶକ୍ତିଦ୍ୱାରା ନିୟନ୍ତ୍ରିତ ହୋଇ ତାଙ୍କରି ସ୍ୱାନୁଭବର ଭୂମିକାରେ ସେହି ତତ୍ତ୍ୱସ୍ୱରୂପର ଆତ୍ମରୂପାୟନହିଁ ଏହି ଜଗତର ରୂପସମଷ୍ଟି । ସେହି ରୂପାୟନର କୌଣସି ବନ୍ଧନ ନାହିଁ,—କାରଣ ତାହା ଆପଣାକୁ ବ୍ୟକ୍ତ କରିପାରେ, ଅବ୍ୟକ୍ତ ରହିପାରେ ବା ଅନ୍ୟ ଆଉ କୌଣସି ରୂପରେ ବି ବ୍ୟକ୍ତ ହୋଇପାରେ । ତେଣୁ ଆମେ ଇଚ୍ଛାକଲେ ସେଗୁଡ଼ିକୁ ଅନନ୍ତ ଚେତନାର ଭ୍ରାନ୍ତିବିଳାସ ବୋଲି ଅବଶ୍ୟ କହିପାରିବା । ମାତ୍ର ତଦ୍ଦ୍ୱାରା ଆମେ କେବଳ ଭ୍ରାନ୍ତି ଓ ଅସମର୍ଥତାର ଅଧୀନ ହୋଇ ରହିଥିବା ଆମ ମାନସିକ ଧାରଣା-ଗୁଡ଼ିକର ଗ୍ରୁସ୍ଥାକୁ ନେଇ ଅସତ୍ୟ ଓ ବିଭ୍ରମର ବନ୍ଧନରୁ ସର୍ବଥା ମୁକ୍ତ ରହିଥିବା ଓ ସେଗୁଡ଼ିକୁ ମନଠାରୁ ବୃହତ୍ତର ଏକ ସତ୍ତାଉପରେ ଲଦିଦେବାର ସ୍ପର୍ଦ୍ଧାହିଁ ଦେଖାଇବା । କିନ୍ତୁ ଶୁଦ୍ଧ ସତ୍ତାର ସ୍ୱରୂପ ଓ ଉପାଦାନ କଦାପି ଏକ ମିଥ୍ୟା ନୁହେଁ, ଏବଂ ଆମ ବିବିକ୍ତ ଚେତନାର ସକଳ ଭ୍ରାନ୍ତି ଓ ବିକୃତି ଭିତରେ ମଧ୍ୟ ସେହି ଅବିଭାଜ୍ୟ ଆତ୍ମଚେତନ ସତ୍ତାର ସତ୍ୟ ବିଷୟରେ କିଛି ନା କିଛି ଆଭାସ ଅବଶ୍ୟ ମିଳିଥାଏ । ତେଣୁ ଏହି ଜଗତ୍ ସେହି ତତ୍ତ୍ୱସ୍ୱରୂପର ମୂଳସତ୍ୟ ହୋଇ ନ ଥିଲେ ମଧ୍ୟ ଏହା ଯେ ତା'ର ବିମୁକ୍ତ ବହୁରୂପତାର ପ୍ରାତିଭାସିକ ସତ୍ୟ, ତାହାର ମୌଳିକ ଓ ପରିବର୍ତ୍ତନ ରହିତ ଏକତ୍ୱଟିର ସତ୍ୟରୂପ ନ ହୋଇଥିଲେ ମଧ୍ୟ ଏହି ଜଗତରୁ ଯେ ତାହାର ଅନ୍ତହୀନ ଆପାତ-ବୈଚିତ୍ର୍ୟର ପରିଚୟ ମିଳୁଛି, ଆମେ କେବଳ ଏତିକି କହିପାରିବା ।

'oaob.nitrkl.ac.in' images reprocessed

ଯଦି ଅପର ପକ୍ଷରେ କେବଳ ଚେତନା ଓ ଚିତ୍-ଶକ୍ତି ସହିତ ରହିଥିବା ଏହାର ସମ୍ବନ୍ଧଟିର ଦୃଷ୍ଟିରୁ ଆମେ ବିଶ୍ୱସତ୍ତ୍ୱର ବିଚାର କରିବା, ତେବେ ଆମେ ଏହାକୁ ଶକ୍ତିର ଏକ ସ୍ପନ୍ଦନ ରୂପେ ଦେଖିପାରିବା, ବର୍ଣ୍ଣନା କରିପାରିବା ଓ ଉପଲବ୍ଧି କରିପାରିବା । ଏହି ସ୍ପନ୍ଦନ ହୁଏତ କୌଣସି ନିଗୂଢ଼ ଇଚ୍ଛାଶକ୍ତିର ବୋଲି ମାନୁଛୁ, ଅଥବା ଏହାକୁ ଅଧିକାର କରି ରହିଥିବା ବା ଏହାର ସାକ୍ଷୀରୂପେ ଅବସ୍ଥିତ ଥିବା ଚେତନାର ଉପସ୍ଥିତିଜନିତ କୌଣସି ପ୍ରୟୋଜନ ଦ୍ୱାରାହିଁ ଏହା ବାଧ୍ୟ ହୋଇ ରହିଛୁ । ସେତେବେଳେ ଏହି ବିଶ୍ୱକୁ ଆମେ ସାକ୍ଷୀରୂପେ ବିଦ୍ୟମାନ ପୁରୁଷରୂପୀ ଭୋକ୍ତାର ତୃପ୍ତିସାଧନ ନିମିତ୍ତ ଚାଲିଥିବା ପ୍ରକୃତିର ଲୀଳା ବୋଲି କହିବା । ଅଥବା ଏହା ହେଉଛି ଶକ୍ତିସ୍ପନ୍ଦନରେ ନିଜକୁ ପ୍ରତିବିମ୍ବିତ କରି ରଖିଥିବା ଓ ସେହି ସ୍ପନ୍ଦନଗୁଡ଼ିକ ସହିତ ଏକାତ୍ମ ହୋଇ ରହିଥିବା ପୁରୁଷରହିଁ ଲୀଳା । ଅର୍ଥାତ୍ ଆପଣାକୁ ସତତ ଅନନ୍ତ ରୂପରେ ଉନ୍ମୁକ୍ତାଇ ଦେଉଥିବା ଓ ଅବିରାମ ଅନୁଭୂତିର ଆସ୍ୱାଦନଲାଗି ଉତ୍ସୁକ ହୋଇ ରହିଥିବା ନିଖିଳ ଜନନୀଙ୍କର ଲୀଳାକୁହିଁ ଆମେ ଜଗତ୍ ବୋଲିବୁଝିବା ।

ପୁଣି, ଏସବୁ ଛାଡ଼ି ଯଦି ଆମେ ବିଶ୍ୱସତ୍ତ୍ୱାକୁ ଶାଶ୍ୱତ ସଦ୍‌ବ୍ରହ୍ମର ସ୍ୱରୂପାନନ୍ଦ ସହିତ ରହିଥିବା ଏହାର ସମ୍ବନ୍ଧ ଦୃଷ୍ଟିରୁ ବିଚାର କରି ଦେଖୁ, ତେବେ ତାହାକୁ ଆମେ ଲୀଳା ବୋଲି ପ୍ରତ୍ୟକ୍ଷ କରିବା, ବର୍ଣ୍ଣନା କରିବା ବା ଉପଲବ୍ଧି କରିବା । ଆନନ୍ଦ ହେଉଛି ଏହି ଲୀଳାର ଏକମାତ୍ର ପ୍ରେରଣା;—ଶିଶୁର ଆନନ୍ଦ, କବିର ଆନନ୍ଦ, ଅଭିନେତାର ଆନନ୍ଦ ଓ ଯନ୍ତ୍ରନିର୍ମାତାର ଆନନ୍ଦ । ବିଶ୍ୱର ଚିରତାରୁଣ୍ୟମୟ ଆତ୍ମାର ଆନନ୍ଦ, ଶାଶ୍ୱତ ଓ ଅବିରାମ ଭାବରେ କେବଳ ଆତ୍ମସୃଜନ ଓ ଆତ୍ମପ୍ରକାଶର ଆନନ୍ଦମୟ ଅନୁଭୂତିଟି ଲାଭ କରିବା ପାଇଁ ଆପଣାଭିତରେ ଆପଣାର ସୃଜନ ଓ ପୁନଃସୃଜନ କରୁଥିବାର ଆନନ୍ଦ । ଏହି ଲୀଳା, ଲୀଳାକାର ଓ ଲୀଳାଙ୍ଗନ,—କେବଳ ସେଇ ହେଉଛନ୍ତି ସବୁ । ଶାଶ୍ୱତ, ଅବିଚଳ ଓ ପରିଣାମରହିତ ସଚ୍ଚିଦାନନ୍ଦ ସହିତ ବିଶ୍ୱଲୀଳାର ସମ୍ବନ୍ଧ ନିରୂପଣ କରିବାକୁ ଯାଇ ମାୟା, ପ୍ରକୃତି ଓ ଲୀଳାର କଳ୍ପନାରୁ ଯେଉଁ ତିନୋଟି ପରସ୍ପରବିରୋଧୀ ଦର୍ଶନମତର ଉଦ୍‌ଭବ ହୋଇଛି, ବସ୍ତୁତଃ ସେମାନଙ୍କ ମଧ୍ୟରେ ଆଦୌ କୌଣସି ଅସଙ୍ଗତି ନାହିଁ । ସେମାନେ କେବଳ ପରସ୍ପରର ପରିପୂରକ ମାତ୍ର, ଏବଂ ଜୀବନ ଓ ଜଗତ୍ ସମ୍ବନ୍ଧରେ ଏକ ପରିପୂର୍ଣ୍ଣ ଦୃଷ୍ଟି ଅର୍ଜନ କରିବାକୁ ହେଲେ ସେଗୁଡ଼ିକର ପ୍ରତ୍ୟେକଟିର ଆବଶ୍ୟକତା ରହିଛି । ଆମେ ଯେଉଁ ଜଗତର ଅଙ୍ଗୀଭୂତ ଅଂଶରୂପେ ଏଥିରେ ବାସ କରୁଛୁ, ଯଥାସମ୍ଭବ ଅଧିକ ସ୍ପଷ୍ଟ ଦୃଷ୍ଟିରେ ଦେଖିଲେ ତାହା ଆମକୁ ଶକ୍ତିର ଏକ ଗତିସ୍ପନ୍ଦନ ରୂପେ ପ୍ରତୀତ ହେଉଛି । ମାତ୍ର ତାହାର ପ୍ରାତିଭାସିକ ସ୍ତରଟିକୁ ଭେଦ କରି ମର୍ମଭିତରେ ପ୍ରବେଶ କଲେ ହିଁ ଶକ୍ତି

କେବଳ ସୃଜନଶୀଳ ଚେତନାର ଏକ ନିତ୍ୟବର୍ତ୍ତମାନ ଅଥଚ ସଦାପରିବର୍ତ୍ତିତ ଛନ୍ଦରୂପେ ପ୍ରତ୍ୟକ୍ଷ ହେଉଛୁ । ଏହି ଚେତନା ସ୍ୱୀୟ ଅନନ୍ତ ଓ ଶାଶ୍ୱତ ସତ୍ତାର ପ୍ରାତିଭାସିକ ସତ୍ୟଗୁଡ଼ିକୁ ଆପଣା ଭିତରେ ନିତ୍ୟ ପ୍ରକ୍ଷେପିତ କରିବାରେ ଲାଗିଛି । ଏବଂ ଏହି ଛନ୍ଦର ମର୍ମ, କାରଣ ବା ଉଦ୍ଦେଶ୍ୟର ନିରୂପଣ କରିବାକୁ ଯାଇ ଆମେ ଦେଖିବାକୁ ପାଇବା ଯେ ଆପଣାର ଅନନ୍ତ ଆତ୍ମ ରୂପାୟନରେ ବ୍ୟସ୍ତ ରହିଥିବା ସତ୍ତାର ଅନନ୍ତ ଆନନ୍ଦଲୀଳା ବ୍ୟତୀତ ଏହା ଆଉ କିଛି ନୁହେଁ । ଗୋଟିଏ ରଜ୍ଜୁରେ ବନ୍ଧା ହୋଇଥିବା ଏହି ତ୍ରିବିଧ ଦୃଷ୍ଟିଟିକୁହିଁ ଆମକୁ ସକଳ ବିଶ୍ୱବୋଧର ମୂଳବିନ୍ଦୁ କରି ରଖିବାକୁ ପଡ଼ିବ ।

ଶାଶ୍ୱତ, ପରିଣାମରହିତ ଆନନ୍ଦମୟ ସତ୍ତାହିଁ ଅନନ୍ତହୀନ ଓ ବୈଚିତ୍ର୍ୟମୟ ସମ୍ଭୂତିର ଆନନ୍ଦରୂପେ ଆପଣାକୁ ପ୍ରକାଶିତ କରୁଛି,—ଆମେ ଏହି ସତ୍ୟଟିକୁ ସକଳ ତତ୍ତ୍ୱର ମୂଳରୂପେ ଗ୍ରହଣ କରିନେଲେ ଆମକୁ ଆମର ସକଳ ଅନୁଭୂତିର ପଛରେ ରହିଥିବା ଏକ ଅଖଣ୍ଡ ସତ୍ତାର ମଧ୍ୟ କଳ୍ପନା କରିବାକୁ ପଡ଼ିବ । ଆମର ସକଳ ଅନୁଭୂତିକୁ ଏହି ଅଖଣ୍ଡ ସତ୍ତା ଆପଣାର ଅବିଚ୍ଛେଦ୍ୟ ଆନନ୍ଦଦ୍ୱାରା ଧାରଣ କରି ରହିଛି ଏବଂ ଆପଣାର ଗତିସ୍ପନ୍ଦନ ଦ୍ୱାରା ଆମ ଇନ୍ଦ୍ରିୟବୋଧର କ୍ଷେତ୍ରରେ ସୁଖ, ଦୁଃଖ ଓ ନିରପେକ୍ଷ ଉଦାସୀନତାର ବୈଚିତ୍ର୍ୟଗୁଡ଼ିକୁ ଫୁଟାଇବାରେ ଲାଗିଛି । ସେହି ଅଖଣ୍ଡ ସତ୍ତା ହେଉଛି ଆମର ଯଥାର୍ଥ ସତ୍ତା । ସୁଖ, ଦୁଃଖ ଓ ଉଦାସୀନତା-ରୂପୀ ତ୍ରିବିଧ କମ୍ପନର ଅଧୀନ ହୋଇ ରହିଥିବା ମନୋମୟ ସତ୍ତା କେବଳ ତାହାର ଏକ କାରିଗରି ମାତ୍ର । ବିଶ୍ୱର ବହୁବିଚିତ୍ର ସ୍ପର୍ଶର ପ୍ରତିସ୍ପର୍ଶ ଓ ପ୍ରତିକ୍ରିୟାରୁ ଆମର ବିବିକ୍ତ ଚେତନା ଭିତରେ ପ୍ରଥମ ଛନ୍ଦରୂପେ ପ୍ରକାଶିତ ହେଉଥିବା ଇନ୍ଦ୍ରିୟବୋଧର ଅଭିଜ୍ଞତା ଲାଭ କରିବାର ଅଭିପ୍ରାୟରେହିଁ ଏହି ସତ୍ତାକୁ ଏପରି ପୁରୋଭାଗରେ ପ୍ରତିଷ୍ଠିତ କରି ରଖାଯାଇଛି । ଏହି ପ୍ରତିସ୍ପର୍ଶ ବଡ଼ ଅପୂର୍ଣ୍ଣ, ଏହି ଛନ୍ଦଟି ଭିତରେ ବହୁ ଜଟିଳତା ଓ ବହୁ ବିଷମତା ରହିଛି । ଆମ ଭିତରେ ଯିଏ ସେହି ଚେତନ ପୁରୁଷର ଯେଉଁ ପରିପୂର୍ଣ୍ଣ ଏକତ୍ୱଲୀଳା ସଂଘଟିତ ହେବ, ଏହା କେବଳ ତାହାର ପୂର୍ବାୟୋଜନ ଓ ପୂର୍ବାଭାସ ମାତ୍ର । ସକଳ ବୈଚିତ୍ର୍ୟ ମଧ୍ୟରେ ଥରେ ସେହି ଏକ ଓ ଅଦ୍ୱିତୀୟ ସହିତ ଏକାନୁଭୂତିରେ ଆବଦ୍ଧ ହୋଇ ପାରିଲେ ଓ ପରମ ତଥା ବିଶ୍ୱମୟ ଐକ୍ୟସୁରଟି ସହିତ ଆପଣାର ସୁରଟିକୁ ଏକାଠି ଗୁନ୍ଥିଦେଇ ପାରିଲେ ଆମେ ଯେଉଁ ଯଥାର୍ଥ ଓ ପରିପୂର୍ଣ୍ଣ ଐକ୍ୟତାନର ଅଧିକାରୀ ହୋଇପାରନ୍ତୁ, ଏହା ତାହା କଦାପି ନୁହେଁ ।

ଏହି ଦୃଷ୍ଟିଟିକୁ ସତ୍ୟଦୃଷ୍ଟି ରୂପେ ଗ୍ରହଣ କଲେ ସେଥିରୁ ନିଷ୍ପନ୍ନ ହେଉଥିବା କେତୋଟି ସିଦ୍ଧାନ୍ତକୁ ମଧ୍ୟ ସ୍ୱୀକାର କରିନେବା ଅବଶ୍ୟମ୍ଭାବୀ ହୋଇପଡ଼େ । ପ୍ରଥମତଃ

'oaob.nitrkl.ac.in' images reprocessed

ଯଦି ଆମର ଗଭୀରରେ ସେହି ଅଦ୍ୱିତୀୟ ସତ୍ତାହିଁ ବର୍ତ୍ତମାନ ରହିଛି, ଯଦି ଆମ ସତ୍ତାର ବାସ୍ତବତାରେ ଆମେ ସେହି ଅବିଭାଜ୍ୟ ସର୍ବମୟ ଚେତନା ଏବଂ ତେଣୁ ସେହି ଅବିଚ୍ଛେଦ୍ୟ ସର୍ବମୟ ଆନନ୍ଦହିଁ ଯଦି ଆମର ଯଥାର୍ଥ ଓ ଅଭିନ୍ନ ପରିଚୟ ହୁଏ, ତେବେ ଆମ ଇନ୍ଦ୍ରିୟାନୁଭୂତିକୁ ମଧ୍ୟ ଦୁଃଖ, ସୁଖ ଓ ଉଦାସୀନତାର ତ୍ରିବିଧ କମ୍ପନରେ ଭାଗ ଭାଗ କରି ଦେବାକୁ ଚେଷ୍ଟା କଲେ ତାହାକୁ କେବଳ ଏକ ବହିରଙ୍ଗ ବ୍ୟାପାର ଓ ଆୟୋଜନ ବୋଲି କହିବାକୁ ପଡ଼ିବ । ଆମ ଜାଗ୍ରତାବସ୍ଥାର ସବୁଠାରୁ ଉପର ଭାଗରେ ଆମ ସତ୍ତାର ଯେଉଁ ସୀମାବଦ୍ଧ ଅଂଶଟି କାର୍ଯ୍ୟ କରୁଛି, ଏହି ଆୟୋଜନ କେବଳ ତାହାର ସୃଷ୍ଟି । ତାହାର ଆହୁରି ପଛକୁ ଆମ ଭିତରେ ଆହୁରି କିଛି ଅବଶ୍ୟ ରହିଛି । ତାହା ଆମ ବହିରଙ୍ଗ ଚେତନାଠାରୁ ଅଧିକ ବ୍ୟାପ୍ତ, ଅଧିକ ଗଭୀର ଓ ଅଧିକ ସତ୍ୟ । ଆମର ସକଳ ଓ ସର୍ବବିଧ ଅନୁଭୂତିରେ ତାହା କୌଣସି ପକ୍ଷପାତ ନରଖି କେବଳ ଆନନ୍ଦହିଁ ଗ୍ରହଣ କରୁଛି । ଆମର ବହିରଙ୍ଗ ମନଶ୍ଚେତନା ଅତି ନିଗୂଢ଼ ଭାବରେ ଏହି ଆନନ୍ଦଟିକୁହିଁ ଆଶ୍ରୟ କରି ରହିଛି । ଏହି ଆନନ୍ଦହିଁ ତାହାକୁ ସମୁଦ୍ରର ଉଦ୍‌ବେଳିତ ସ୍ପନ୍ଦନ ପ୍ରକ୍ରିୟାର ସକଳ ଆୟାସ, ଦୁଃଖ ଓ ପରୀକ୍ଷା ମଧ୍ୟରେ ଆତ୍ମସଂରକ୍ଷଣର ସାମର୍ଥ୍ୟ ଦେଉଛି । ଆମେ ଯାହାକୁ 'ମୁଁ' ବୋଲି କହୁଛୁ, ତାହା କେବଳ ଉପରିଭାଗରେହିଁ ପ୍ରକମ୍ପିତ ହେଉଥିବା ଏକ କରଣ କଣା ମାତ୍ର । ଏହାରି ଅନ୍ତରାଳରେ ବିରାଟ ଅବଚେତନ ଓ ବିରାଟ ଅତିଚେତନର କ୍ଷେତ୍ରମାନ ବିସ୍ତୃତ ହୋଇ ପଡ଼ିରହିଛି । ଆମର ବହିରଙ୍ଗ ସକଳ ଅନୁଭୂତିରୁ ସେହି କ୍ଷେତ୍ରଗୁଡ଼ିକ ସ୍ୱୟଂ ଲାଭବାନ ହେଉଛନ୍ତି ଓ ବିଶ୍ୱର ଅଭିଘାତ ଲାଗି ସ୍ପର୍ଶାତୁର ଆପଣାର ଏକ ବହିରାବରଣ ରୂପେ ସେଗୁଡ଼ିକୁ ଆପଣା ଉପରେ ଲଦି ରଖିଛନ୍ତି । ଏହି ନିଗୂଢ଼ କ୍ଷେତ୍ର ସ୍ୱୟଂ ଆବୃତ ରହିଛି, ଏବଂ ବିଶ୍ୱର ଅଭିଘାତଗୁଡ଼ିକୁ ଗ୍ରହଣକରି ସେଗୁଡ଼ିକ ଏକ ଯଥାର୍ଥତର, ଗଭୀରତର, ବଳିଷ୍ଠ ଓ ସୃଷ୍ଟିଶୀଳ ଅନୁଭୂତିର ମୂଳରେ ରୂପାନ୍ତରିତ କରି ଦେଉଛି । ନିଜ ଗଭୀରରୁ ତାହା ଏଗୁଡ଼ିକୁ ବଳ, ଚରିତ୍ର, ଜ୍ଞାନ ଓ ପ୍ରେରଣାର ସମ୍ପଦରୂପେ ପୁଣି ବହିଶ୍ଚେତନାର ସ୍ତରକୁ ଉତ୍ସାରିତ କରି ଆଣୁଛି । ଏହିସବୁ ସମ୍ପଦର ମୂଳ ଆମଲାଗି ସବୁବେଳେ ଏକ ରହସ୍ୟ ହୋଇ ରହିଛି, କାରଣ ଆମର ମନ କେବଳ ଏହି ବହିର୍ଭାଗରେହିଁ ବିଚରଣ କରୁଛି ଓ ପ୍ରକମ୍ପିତ ହେଉଛି; ଆପଣାକୁ ସମାହିତ ଓ ସଂହୃତ କରି ଗଭୀର ଦେଶରେ ବାସ କରିବାର ବିଦ୍ୟା ସେ ତଥାପି ଶିଖି ପାରିନାହିଁ ।

ଆମର ସାଧାରଣ ଜୀବନରେ ଏହି ସତ୍ୟଟି ଆମଠାରୁ ଲୁକ୍କାୟିତ ହୋଇ ରହିଥାଏ । ଅଥବା କେବଳ ସମୟ ସମୟରେ ଆମେ ଏହାର ଅତିକ୍ଷୀଣ ଆଭାସମାତ୍ର ପାଇଥାଉ ଏବଂ ଏହାର ସମ୍ବନ୍ଧରେ ଆମର ଧାରଣା ଓ କଳ୍ପନା ଅତ୍ୟନ୍ତ ଅପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବେ ରହିଥାଏ । ମାତ୍ର ଆପଣାର ଅନ୍ତର୍ଗତ ଗଭୀର କ୍ଷେତ୍ରରେ ବାସ କରିବାକୁ ଶିଖିପାରିଲେ ଆମେ ଆମର ଭିତରେ ଏହାର ଅବସ୍ଥିତି ବିଷୟରେ ନିଶ୍ଚିତ ପରିଚୟ ପାଇଥାଉ, ସତେ ଅବା ନିଦରୁ ଉଠି ଆମେ ତାହାର ପ୍ରତ୍ୟକ୍ଷ କରୁ । ତାହାହିଁ ଆମର ଯଥାର୍ଥତର ସତ୍ତା । ଗଭୀର, ପ୍ରଶାନ୍ତ, ପ୍ରସନ୍ନ ଏବଂ ପରାକ୍ରମଶାଳୀ ଭାବରେ ଅବସ୍ଥିତ ସେହି ସତ୍ତାଟି ଉପରେ ଜଗତର କୌଣସି ପ୍ରଭୁତ୍ୱ ନାହିଁ । ଏହି ସତ୍ତାକୁ ଯଦି ସ୍ୱୟଂ ଭଗବାନ ବୋଲି କୁହା ନ ଯାଏ, ତଥାପି ଅନ୍ତର ଭିତରେ ଅବସ୍ଥିତ ତାଙ୍କର ଆତ୍ମଜ୍ୟୋତିର ବିଚ୍ଛୁରଣ ବୋଲି ନିଶ୍ଚୟ କହିବାକୁ ପଡ଼ିବ । ଏହି ବହିରଙ୍ଗ ଓ ବହିଃଦୃଶ୍ୟମାନ ସତ୍ତାକୁ ଭିତରେ ଥାଇ କେବଳ ସେହିଁ ଧାରଣ ଓ ନିୟନ୍ତ୍ରଣ କରୁଛନ୍ତି, ସତେ ଅବା କୌଣସି କ୍ଷୁଦ୍ର ଶିଶୁର ଭୁଲ ଓ ଦୋଷଅଝଟକୁ ଦେଖି ହସିଲପରି ସେ ତାହାର ସୁଖ ଓ ଦୁଃଖକୁ ଦେଖି ମୃଦୁ ହସିବାରେ ଲାଗିଛନ୍ତି । ଏବଂ ଆପଣା ଭିତରକୁ ଫେରି ଯାଇ ଯଦି ଆମେ ଆମର ବହିରଙ୍ଗ ଅନୁଭୂତିର ସହିତ ନୁହେଁ, ମାତ୍ର ସେହି ଦିବ୍ୟପୁରୁଷର ସମୁଜ୍ଜ୍ୱଳ ଜ୍ୟୋତିଚ୍ଛାୟା ସହିତ ଆପଣାକୁ ଏକୀଭୂତ କରି ଦେଖିବାକୁ ସମର୍ଥ ହୋଇ ପାରିବା, ତେବେ ଆମେ ସକଳ ଭବସ୍ପର୍ଶ ଓ ଭବପ୍ରତିଭାସ ସମ୍ବନ୍ଧରେ ଆମର ସେହି ଦୃଷ୍ଟିଟିକୁହିଁ ଆପଣାଭିତରେ ସ୍ଥାୟୀ କରି ରଖିପାରିବା । ସେହି ସମଗ୍ର ଚୈତନ୍ୟ ଭିତରେ ଅବସ୍ଥିତ ରହି ସେତେବେଳେ ଆମେ ଦେହ, ପ୍ରାଣ ଓ ମନର ଯାବତୀୟ ସୁଖଦୁଃଖରୁ ତଟସ୍ଥ ଓ ବିଚ୍ଛିନ୍ନ ହୋଇ ରହିପାରିବା । ସେଗୁଡ଼ିକୁ ଆମେ ଅନୁଭୂତି ରୂପେ ଗ୍ରହଣ କରିବା ସତ, ମାତ୍ର ସ୍ୱଭାବତଃ ବହିରଙ୍ଗ ହୋଇଥିବାରୁ ସେଗୁଡ଼ିକ ଆମର ମର୍ମ ତଥା ଯଥାର୍ଥ ସତ୍ତାକୁ ସ୍ପର୍ଶ କରି ପାରିବ ନାହିଁ କିମ୍ବା ତାହାଉପରେ ଆସି ଲଦିହୋଇ ପଡ଼ିବ ନାହିଁ । ପରିପୂର୍ଣ୍ଣ ଅର୍ଥଟିକୁ ପ୍ରକାଶ କରିପାରୁଥିବା କେତୋଟି ସଂସ୍କୃତ ଶବ୍ଦର ସାହାଯ୍ୟ ନେଇ ଆମେ ମନୋମୟର ପଛରେ ଏକ ଆନନ୍ଦମୟ ବିଦ୍ୟମାନ ରହିଛନ୍ତି ବୋଲି କହିବା । ସୀମାବଦ୍ଧ ମନୋମୟ କୋଷଟିର ପଛରେ ସେହି ବିଶାଳ ଆନନ୍ଦମୟ ପୁରୁଷ ବିଦ୍ୟମାନ ଅଛନ୍ତି । ଏହି ମନୋମୟ ସତ୍ତା ସେହି ଆନନ୍ଦମୟ ପୁରୁଷଙ୍କର କେବଳ ଏକ ଅସ୍ପଷ୍ଟ ଛାୟା ବା ବିକ୍ଷୁବ୍ଧ ପ୍ରତିବିମ୍ବମାତ୍ର । ଆମର ଯଥାର୍ଥ ସତ୍ୟ ବାହାରେ ଏହି ଉପରି ଭାଗରେ ନାହିଁ, ତାହା ଆମ ଭିତରେହିଁ ରହିଛି ।

ତେଣୁ ସୁଖ, ଦୁଃଖ ଓ ଉପେକ୍ଷାର ଏହି ତ୍ରିବିଧ କମ୍ପନକୁ ଆମେ କେବଳ ଏକ ବହିର୍ବ୍ୟାପାର ବୋଲି ମାନିବା, ଆମ ଚେତନାର ଏକ ଅବିକଶିତ ଆୟୋଜନ ଓ ପରିଣାମ ବୋଲି ମାନିବା । ଏହା ପରମ ନୁହେଁ କି ଅବଶ୍ୟମ୍ଭାବୀ ନୁହେଁ । ଜଗତର କୌଣସି ବସ୍ତୁସହିତ ଇନ୍ଦ୍ରିୟସ୍ପର୍ଶ ଘଟିବା ମାତ୍ରକେ ଆମକୁ ଯେ ତାହାର ପ୍ରତିକ୍ରିୟା ସ୍ୱରୂପ ସୁଖ, ଦୁଃଖ କିମ୍ବା ଉପେକ୍ଷାଭାବ ପ୍ରକାଶ କରିବାକୁହିଁ ପଡ଼ିବ, ଏହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଏଭଳି କୌଣସି ଯଥାର୍ଥ ବାଧ୍ୟବାଧକତା ଆଦୌ ନାହିଁ । ଏଥିରେ କେବଳ ଅଭ୍ୟାସର ବାଧ୍ୟବାଧକତାହିଁ ରହିଛି । କୌଣସି ଏକ ବିଶେଷ ସନ୍ନିକର୍ଷରେ ଆମେ ସୁଖ କିମ୍ବା ଦୁଃଖ ଅନୁଭବ କରିଥାଉ, କାରଣ ଆମ ପ୍ରକୃତିରେ ସେହିଭଳି ଏକ ଅଭ୍ୟାସ ପଡ଼ି ଯାଇଥାଏ, କାରଣ ସ୍ପର୍ଶଗ୍ରାହ୍ୟ ସହିତ ସ୍ପର୍ଶର ସେହିଭଳି ଏକ ସମ୍ବନ୍ଧ ଆଗରୁ ସ୍ଥାୟୀ ଭାବରେ ରହି ଆସିଥାଏ । ଆମେ ଇଚ୍ଛା କଲେ ଯେ ଅଭ୍ୟାସର ବିପରୀତ ଏକ ପ୍ରତିକ୍ରିୟା ମଧ୍ୟ ବ୍ୟକ୍ତ କରି ପାରିବା, ଆମଭିତରେ ଏଭଳି ସାମର୍ଥ୍ୟ ଅବଶ୍ୟ ରହିଛି । ଯେଉଁଠି ଆଗରୁ ଦୁଃଖହିଁ ଅନୁଭୂତ ହେଉଥିଲା, ସେଠି ସୁଖ ଅନୁଭବ କରି ପାରିବା; ଯେଉଁଠି ସୁଖ ଅନୁଭୂତ ହେଉଥିଲା, ସେଠି ଦୁଃଖହିଁ ବ୍ୟକ୍ତ କରି ପାରିବା । ପୁଣି ଯେଉଁଠି ବଡ଼ ଅଭ୍ୟସ୍ତ ଭାବରେ ସଚେତନ କୌଣସି ଯାନ୍ତ୍ରିକ ପ୍ରକ୍ରିୟାଦ୍ୱାରା ଚାଳିତ ହେଲାପରି ଆମେ କେବଳ ସୁଖ, ଦୁଃଖ ଓ ଉପେକ୍ଷାର ପ୍ରତିକ୍ରିୟା ଦେଖାଇ ଆସିଛୁ, ସେଠାରେ ଅତି ସ୍ୱଚ୍ଛନ୍ଦ ଓ ସହଜ ଭାବରେ କେବଳ ଏକ ସ୍ୱତଃସ୍ଫୂର୍ତ୍ତି ଆନନ୍ଦହିଁ ବ୍ୟକ୍ତ କରିବାଲାଗି ଆମ ବହିଶ୍ଚେତନାକୁ ଅଭ୍ୟସ୍ତ କରି ପାରିବାର ସାମର୍ଥ୍ୟ ମଧ୍ୟ ଆମଭିତରେ ସମାନ ଭାବରେ ରହିଛି, ଏହି ସ୍ୱତଃସ୍ଫୂର୍ତ୍ତି ଅବିରାମ ଆନନ୍ଦ ହେଉଛି ଆମ ଭିତରେ ଅବସ୍ଥାନ କରୁଥିବା ସତ୍ୟରୂପ ଓ ବିପୁଳ ସେହି ଆନନ୍ଦମୟ ପୁରୁଷଙ୍କର ନିତ୍ୟ ଅନୁଭୂତି । ଏବଂ ଆମ ବହିଶ୍ଚେତନାର ଅଭ୍ୟସ୍ତ ପ୍ରତିକ୍ରିୟାଗୁଡ଼ିକୁ ଭିତରେ ପ୍ରସନ୍ନ ଓ ନିର୍ଲିପ୍ତଭାବେ ଗ୍ରହଣ କରିନେବାର ଶକ୍ତି ଅପେକ୍ଷା ଜଗତ୍‌ସନ୍ନିକର୍ଷର ସକଳ ସ୍ଥିତିରେ ଏହି ସହଜ ଆନନ୍ଦଟିକୁହିଁ ବ୍ୟକ୍ତ କରିପାରିବାର ଶକ୍ତି ହେଉଛି ଏକ ମହତ୍ତର ସିଦ୍ଧି, ଏକ ଗଭୀରତର ଓ ପୂର୍ଣ୍ଣତର ଆତ୍ମବିଜୟ । କାରଣ ପ୍ରଥମଟିରେ କୌଣସିପ୍ରକାରେ ଆମେ ଅଧୀନ ନହୋଇ କେବଳ ଗ୍ରହଣହିଁ କରିନେଉ, ଅନୁଭୂତିର ଅପୂର୍ଣ୍ଣ ମୂଲ୍ୟଗୁଡ଼ିକୁ ମୁକ୍ତ ଭାବରେ ମାନିନେଉ । ମାତ୍ର ଦ୍ୱିତୀୟଟିର ଉପଲବ୍ଧି ଅପୂର୍ଣ୍ଣକୁ ପୂର୍ଣ୍ଣ ରୂପେ ରୂପାନ୍ତରିତ କରିଦେବା ଲାଗି ଆମକୁ ଶକ୍ତି ଆଣିଦିଏ, ମିଥ୍ୟାମୂଲ୍ୟକୁ ସତ୍ୟମୂଲ୍ୟରେ ପରିଣତ କରିବାଲାଗି ଆମକୁ ସାମର୍ଥ୍ୟ ଦିଏ । ଆମର ମନୋମୟ ସତ୍ତା ଯେଉଁଠି କେବଳ ବିବିଧ ଦ୍ୱନ୍ଦ୍ୱଗୁଡ଼ିକୁହିଁ ଅନୁଭବ କରିବାରେ ଅଭ୍ୟସ୍ତ ହୋଇ ରହିଥିଲା, ସେଠାରେ ଆତ୍ମାର ଅବ୍ୟାହତ ଓ ନିତ୍ୟସତ୍ୟ ଆନନ୍ଦଟିର ଅଧିକାରୀ ହେବା ସମ୍ଭବ ହୁଏ ।

ମାନସିକ ଅନୁଭୂତି-କ୍ଷେତ୍ରରେ ସୁଖ ଓ ଦୁଃଖରୂପୀ ପ୍ରତିକ୍ରିୟାର ଏହି ଯେଉଁ ଅଭ୍ୟସ୍ତ ଆପେକ୍ଷିକତାଟି ଜଡ଼ିତ ହୋଇ ରହିଛି, ସେଇଟିକୁ ବୁଝିବା ଆଦୌ କଷ୍ଟକର ନୁହେଁ । ଆମ ନାଡ଼ୀତନ୍ତ୍ର ଦ୍ୱାରା ନିୟମିତ ହେଉଥିବା ସତ୍ତା ସର୍ବଦା ଆପଣାର ଏକ ନିର୍ଦ୍ଦିଷ୍ଟ ବିଶିଷ୍ଟ ରୀତିରେ କାର୍ଯ୍ୟ କରେ, ଏହି ଅଭ୍ୟସ୍ତ ରୀତିଟି ଦ୍ୱାରା ବାଧ୍ୟ ହେବା ବ୍ୟତୀତ ତା'ର ଅନ୍ୟ କୌଣସି ଗତି ନାହିଁ ବୋଲି ସେ ଏକ ଭ୍ରମର ବି ବଶବର୍ତ୍ତୀ ହୋଇରହିଥାଏ । ଏହି ଭ୍ରମରେ ପଡ଼ି ସେ ଜୟଲାଭ କରିବା, ସଫଳ ହେବା,

'oaob.nitrkl.ac.in' images reprocessed

ସମ୍ମାନ ପାଇବା ଓ ସକଳ ପ୍ରକାର ସୌଭାଗ୍ୟ ଲାଭ କରିବାକୁ ସ୍ୱତଃ ସୁଖପ୍ରଦ ବୋଲି ଧରି ନେଇଥାଏ । ଚିନି ଅବଶ୍ୟ ମିଠା ଲାଗିବାପରି ସେସବୁଥିରୁ ମଧ୍ୟ ଅବଶ୍ୟ ଖାଲି ଆନନ୍ଦହିଁ ମିଳିବ ବୋଲି ସେ ବିଶ୍ୱାସ କରୁଥାଏ । ଅନ୍ୟ ପକ୍ଷରେ ପରାଜୟ, ବିଫଳତା, ନିରାଶା, ଅସମ୍ମାନ ଓ ସକଳ ପ୍ରକାର ଦୁର୍ଭାଗ୍ୟକୁ ସେ ସ୍ୱତଃ ଦୁଃଖଦ ବୋଲି ମାନେ । ନିମ୍ବ ଯେପରି ପିତା ଲାଗିବାକୁ ବାଧ୍ୟ, ସେହିପରି ଏଗୁଡ଼ିକରୁ କେବଳ ଦୁଃଖହିଁ ମିଳିବ ବୋଲି ବିଶ୍ୱାସ କରୁଥାଏ । ଏହିସବୁ ପ୍ରତିକ୍ରିୟାରେ ଟିକିଏ ଏପାଖ ସେପାଖ ହେଲେ ସେ ବାସ୍ତବ ସତ୍ୟର ଅପଲାପ ହେବ ବୋଲି ମାନି ନେଇଥାଏ । ସେ ତାହାକୁ ଅସ୍ୱାଭାବିକ ଓ ବିକୃତ ବୋଲି ମାନି ନେଇଥାଏ । କାରଣ ନାଡ଼ୀତନ୍ତ୍ର ଦ୍ୱାରା ନିୟନ୍ତ୍ରିତ ହେଉଥିବା ସତ୍ତା ଆପଣାର ଅଭ୍ୟସ୍ତତା ଭିତରେହିଁ ବନ୍ଦୀ ହୋଇ ରହିଥାଏ । ସର୍ବଦା କେବଳ ଏକ ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ଦେଖାଇବାକୁ, ସମାନ ଅନୁଭୂତି ଉତ୍ପନ୍ନ କରିବାକୁ ଏବଂ ଜୀବନ ସହିତ ମନୁଷ୍ୟର ସମ୍ବନ୍ଧକ୍ଷେତ୍ରରେ ଏକ ବ୍ୟବସ୍ଥା ଓ ଯୋଜନାକୁ ଏକାନ୍ତ ଭାବେ ବଜାୟ ରଖିବାକୁ ପ୍ରକୃତିହିଁ ଆପଣାର ଏକ ସାଧନ ରୂପେ ଏହି ନାଡ଼ୀତନ୍ତ୍ରର ଭିଆଣ କରିରଖିଛି । ନାଡ଼ୀତନ୍ତ୍ରର ତୁଳନାରେ ଆମେ ମାନସିକ ସତ୍ତାକୁ ଏକ ସ୍ୱେଚ୍ଛାଧୀନ ସତ୍ତା ବୋଲି କହିପାରିବା, କାରଣ ସ୍ଥିତିସ୍ଥାପକତା ଓ ବୈଚିତ୍ର୍ୟ ଲାଗି ପରିବର୍ତ୍ତନ ଓ ପ୍ରଗତି ଲାଗି ପ୍ରକୃତି ମାନସିକ ସତ୍ତାର ଉଦ୍‌ଭାବନ କରିଛି । କେବଳ ଅଧୀନ ହୋଇ ରହିବାକୁ ଇଚ୍ଛା କରୁଥିବା ପର୍ଯ୍ୟନ୍ତହିଁ ମାନସିକ ସତ୍ତା ଅଧୀନ ହୋଇ ରହେ; କେବଳ ଗୋଟିଏ ପ୍ରକାର ଅଭ୍ୟସ୍ତତାରେ ବାନ୍ଧି ହୋଇ ରହିବାକୁ ଚାହୁଁଥିବା ପର୍ଯ୍ୟନ୍ତ, ଅଥବା ଆପଣା ନାଡ଼ୀତନ୍ତ୍ରର ଶାସନାଧୀନ ହୋଇ ରହିବାକୁ ମନ କରୁଥିଲେ ପର୍ଯ୍ୟନ୍ତ ତାହା ପରାଧୀନ ହୋଇ ରହେ । ପରାଜୟ, ଅସମ୍ମାନ କିମ୍ବା କ୍ଷତିଦ୍ୱାରା କ୍ଷୁର୍ଣ୍ଣ ହୋଇ ପଡ଼ିବା ଲାଗି ମନ କଦାପି ବାଧ୍ୟ ନୁହେଁ, ଏସବୁ ଓ ଅନ୍ୟ ସକଳ ସ୍ଥିତିକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ଚାଲିଯିବାର ସାମର୍ଥ୍ୟ ମଧ୍ୟ ତାହାର ଅବଶ୍ୟ ରହିଛି । ଏପରିକି ଇଚ୍ଛା କଲେ ସେ ଏକ ପରିପୂର୍ଣ୍ଣ ପ୍ରସନ୍ନତା ସହିତ ବି ଏଗୁଡ଼ିକର ସମ୍ମୁଖୀନ ହୋଇପାରିବ । ତେଣୁ ମନୁଷ୍ୟ ନିଜ ଅନୁଭୂତିରୁ ଏହି କଥାଟି ସ୍ପଷ୍ଟ ଭାବରେ ଜାଣିବାକୁ ପାଇଥାଏ ଯେ ଆପଣା ନାଡ଼ୀତନ୍ତ୍ର ଓ ଶରୀରର ବଶ ହୋଇ ରହିବାକୁ ସେ ଯେତିକି ମନା କରିଦେଇ ପାରିବ, ଅନ୍ନମୟ ଓ ପ୍ରାଣମୟ କୋଷର ଆୟତନ ଭିତରେ ଆବଦ୍ଧ ହୋଇ ରହିବାରୁ ସେ ଆପଣାକୁ ଯେତିକି ମୁକ୍ତ କରି ରଖିପାରିବ, ତଦ୍ୱାରା ସେ ସେତିକି ସ୍ୱତନ୍ତ୍ର ହୋଇପାରିବ । ଜଗତର ଯାବତୀୟ ସନ୍ନିକର୍ଷରେ ଆପଣାର ପ୍ରତିକ୍ରିୟାଗୁଡ଼ିକୁ ବ୍ୟକ୍ତ କରିବାରେ ସେ ସ୍ୱୟଂ ନିର୍ଣ୍ଣାୟକ ହୋଇ ରହିବ, ତାକୁ ଆଉ ବହିର୍ଜଗତର ସ୍ପର୍ଶାଭିଘାତ ପାଖରେ ବାଧ୍ୟ ହୋଇ ରହିବାକୁ ପଡ଼ିବ ନାହିଁ ।

'oaob.nitrkl.ac.in' images reprocessed

ମାତ୍ର ଶାରୀରିକ ସୁଖଦୁଃଖର କ୍ଷେତ୍ରରେ ଏହି ସାର୍ବଭୌମ ସତ୍ୟର ପ୍ରୟୋଗ କରିପାରିବା ଅପେକ୍ଷାକୃତ ଅଧିକ କଷ୍ଟକର । କାରଣ ଏହାହିଁ ହେଉଛି ନାଡ଼ୀତନ୍ତ୍ର ଓ ଶରୀରର ଖାସ୍ କ୍ଷେତ୍ର, ବହିଃସ୍ପର୍ଶ ଓ ବହିର୍ଚାପର ବଶବର୍ତ୍ତୀ ହୋଇ ରହିବା ଯାହାର ସ୍ୱଭାବ, ଆମ ଭିତରେ ରହିଥିବା ତାହାର କେନ୍ଦ୍ର ଓ ନିବାସ ସ୍ଥାନ । ତଥାପି ଏଠାରେ ମଧ୍ୟ ଆମେ ସତ୍ୟର ଏକ ନିଶ୍ଚିତ ଆଭାସ ଅବଶ୍ୟ ପାଇଥାଉ । ଆମେ ହୃଦୟଙ୍ଗମ କରୁ ଯେ ନିଜର ଅଭ୍ୟସ୍ତତା ଅନୁସାରେହିଁ ସେଇ ଗୋଟିଏ ସ୍ଥୂଳ ସନ୍ନିକର୍ଷ ସୁଖ ବୋଲି ମନେ ହୋଇପାରେ ଓ ଦୁଃଖ ବୋଲି ବି ମନେ ହୋଇପାରେ । କେବଳ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ନୁହେଁ, ଗୋଟିଏ ବ୍ୟକ୍ତିକୁ ମଧ୍ୟ ଭିନ୍ନ ଭିନ୍ନ ଅବସ୍ଥାରେ ଓ ତା' ବିକାଶକ୍ରମର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ମନେ ହୋଇପାରେ । ଅତିରିକ୍ତ ଉତ୍ତେଜନା କିମ୍ବା ଅତିରିକ୍ତ ଉଲ୍ଲାସର ଅବସ୍ଥାରେ ଦେହର ବେଦନା-ବୋଧ ବିଷୟରେ ମନୁଷ୍ୟ ସମ୍ପୂର୍ଣ୍ଣ ବିସ୍ମୃତ ବା ଉଦାସୀନ ହୋଇ ରହେ । ଯେଉଁସବୁ ସନ୍ନିକର୍ଷ ସାଧାରଣତଃ ତୀବ୍ର ଯନ୍ତ୍ରଣାର କାରଣ ହୁଅନ୍ତି, ସେ ସେଗୁଡ଼ିକ ପ୍ରତି ସଚେତ ଅବା ସମ୍ପୂର୍ଣ୍ଣ ଅସଚେତ ରହିଯାଏ । ଏସବୁଥିରୁ ଆମକୁ ସେହି ସତ୍ୟଟିର ଆଭାସ ମିଳିଯାଏ । ଅନେକ ସମୟରେ ଅସଚେତ ନାଡ଼ୀତନ୍ତ୍ର ପୁଣି ସଜାଗ ଓ ସଚେତ ହୋଇ ଯେତେବେଳେ ଆମର ମନକୁ ଯନ୍ତ୍ରଣା ଅନୁଭବ କରିବାର ଅଭ୍ୟସ୍ତତା ଦ୍ୱାରା ବାଧ୍ୟ ହେବା ବିଷୟରେ ସ୍ମରଣ କରାଇ ଦିଅନ୍ତି, ସେତେବେଳେ ଯାଇ ଆମର ବେଦନା-ବୋଧ ପୁଣି ଫେରି ଆସେ । ମାତ୍ର ଅଭ୍ୟସ୍ତ ମାର୍ଗଟିକୁ ଫେରି ଆସିବା ଲାଗି ବାଧ୍ୟ ହେବା ଆଦୌ ଅନିବାର୍ଯ୍ୟ ନୁହେଁ, ଏହା ଏକ ଅଭ୍ୟସ୍ତତା ମାତ୍ର । ଆମେ ଦେଖିଥାଉ ଯେ ସମ୍ମୋହନ ସମୟରେ ସେହି ଅସ୍ୱାଭାବିକ ଅବସ୍ଥାଟି ଭିତରେ ରହିଥିବାତକ ସମ୍ମୋହିତ ବ୍ୟକ୍ତିକୁ ଛୁଞ୍ଚିରେ ଫୋଡ଼ି ଦେଲେ କିମ୍ବା ଛୁରୀରେ ତା' ଶରୀରର କୌଣସି ଜାଗାରେ କ୍ଷତ କରିଦେଲେ ମଧ୍ୟ ତଜ୍ଜନିତ ଯନ୍ତ୍ରଣାକୁ ଅନୁଭବ କରିବାରୁ କେବଳ ଯେ ଅତି ସଫଳ ଭାବରେ ନିବୃତ୍ତ କରି ରଖାଯାଏ ତା' ନୁହେଁ, ତା'ର ସମ୍ମୋହନ ଭାଙ୍ଗିଯିବା ପରେ ମଧ୍ୟ ଯନ୍ତ୍ରଣା ସମ୍ବନ୍ଧରେ ତା'ର ଅଭ୍ୟସ୍ତ ପ୍ରତିକ୍ରିୟାଟିକୁ ଫେରି ଆସିବାରୁ ମଧ୍ୟ ତାକୁ ସେହିପରି ସଫଳ ଭାବରେ କ୍ଷାନ୍ତ କରି ରଖାଯାଇ ପାରେ । ଏହି ବ୍ୟାପାରଟି ଭିତରେ ଆଦୌ କୌଣସି ରହସ୍ୟ ନାହିଁ । ଏହାର କାରଣ ହେଉଛି ଯେ ନାଡ଼ୀତନ୍ତ୍ରର ନିୟମନ ଦ୍ୱାରା ବାଧ୍ୟ ହୋଇ ରହିଥିବା ଜାଗ୍ରତ ଚେତନାର ଅଭ୍ୟସ୍ତତାକୁ ସମ୍ମୋହକ ସ୍ତମ୍ଭିତ କରି ରଖିଦିଏ ଏବଂ ତଦ୍ଦ୍ୱାରା ସେ ଗଭୀର ତଳର ଅଧିଚେତନ ମନକୁ ଜାଗ୍ରତ କରାଇ ଦେବାରେ ସମର୍ଥ ହୁଏ । ଏହି ଅନ୍ତର୍ଗତ ମନଃସତ୍ତା ଇଚ୍ଛା କଲେ ନାଡ଼ୀତନ୍ତ୍ର ଓ ଶରୀରର ନିୟନ୍ତ୍ରଣକୁ ଆପଣାର ବଶୀଭୂତ କରି ରଖେ । ମାତ୍ର ସମ୍ମୋହନକାଳୀନ ଏହି ଯେଉଁ ସ୍ୱେଚ୍ଛାଧୀନତା ଏକ ଅସ୍ୱାଭାବିକ, ହଠାତ୍ ଉପାୟରେ, ଯଥାର୍ଥ ଅଧିକାର



'oaob.nitrkl.ac.in' images reprocessed

ଲାଭ ନ କରି ମଧ୍ୟ କେବଳ ଆଉ ଜଣକର ଇଚ୍ଛାରେ ସମ୍ଭବ ହୋଇ ପାରୁଛି, ଆମେ ତାହାକୁ ଅତି ସ୍ୱାଭାବିକ ଭାବରେ ପଦେ ପଦେ ଅଗ୍ରସର ହୋଇ ମଧ୍ୟ ବେଶି ଆୟତ୍ତ କରିପାରିବା । ଆମ ନିଜ ଇଚ୍ଛାରେ ତାହାର ଯଥାର୍ଥ ଅଧିକାର ଲାଭ କରି ଆମେ ଶରୀରର ନାଡ଼ୀଚକ୍ର ଦ୍ୱାରା ନିୟନ୍ତ୍ରିତ ଅଭ୍ୟସ୍ତ ପ୍ରତିକ୍ରିୟାଗୁଡ଼ିକ ଉପରେ ଆଂଶିକ ଅଥବା ସମ୍ପୂର୍ଣ୍ଣ ବିଜୟ ହାସଲ କରିପାରିବା ।

ମନ ଓ ଦେହର ବେଦନାବୋଧ ପ୍ରକୃତିର ଏକ କୌଶଳ ମାତ୍ର; ଅନ୍ୟ ଭାଷାରେ କହିଲେ ପ୍ରକୃତିର ଯାବତୀୟ ପରିଣାମ ଭିତରେ କାର୍ଯ୍ୟ କରୁଥିବା ଶକ୍ତିରହିଁ ଏକ କୌଶଳ ମାତ୍ର । ତା'ର ଊର୍ଦ୍ଧ୍ୱମୁଖୀ ପରିଣାମ କ୍ରମରେ କେଉଁଠି କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟସିଦ୍ଧି ଲାଗି ଏହି ବେଦନା ବୋଧର ଆବଶ୍ୟକତା ରହିଥାଏ । ବ୍ୟକ୍ତିର ଚକ୍ଷୁ ଦେଇ ବିଚାର କଲେ ଜଗତ ନାନାବିଧ ଶକ୍ତିର ଏକ କ୍ରୀଡ଼ା ଓ ଜଟିଳ ସଂଘାତ ପରି ମନେ ହୋଇଥାଏ । ଏହି ଜଟିଳ କ୍ରୀଡାମୟତା ଭିତରେ ଅବସ୍ଥିତ ରହି ବ୍ୟକ୍ତି ଆପଣାକୁ କେବଳ ଏକ ଅତି ସୀମାବଦ୍ଧ ପିଣ୍ଡରୂପେ ଭାବିବାକୁ ଆରମ୍ଭ କରେ । ଆପଣାର ସୀମିତ ଶକ୍ତିପରିମାଣଟିକୁ ନେଇ ଜଗତର ଅଗଣିତ ସଂଘାତ-ଗୁଡ଼ିକର ସମ୍ମୁଖୀନ ହେଲାବେଳେ ସେ ତାହାଦ୍ୱାରା କେତେ ପ୍ରକାରେ କ୍ଷତବିକ୍ଷତ ଓ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ ବୋଲି ସବୁବେଳେ ଆଶଙ୍କା କରୁଥାଏ । ଏକ ବିପଜ୍ଜନକ ଓ ଅନିଷ୍ଟକର ସ୍ପର୍ଶ ପାଖରୁ ଆମର ଦେହ ଓ ନାଡ଼ୀଚକ୍ର ସ୍ୱଭାବତଃ ପଛାଇ ପଳାଇ ଆସିବାକୁ ଚାହେଁ,—ସେଇଥିରୁ ବେଦନାବୋଧ ଜାତ ହୁଏ । ଆପଣାଠାରୁ ବାହାରେ ରହିଥିବା ଓ ଆପଣାଠାରୁ ଭିନ୍ନଧର୍ମୀ ଏବଂ ପ୍ରତିକୂଳ ବୋଲି ମନେ ହେଉଥିବା ଏକ ବୃହତ୍ତର ଜଗତ ପାଖରୁ ସୀମିତ ପିଣ୍ଡସତ୍ତାର ଆପଣାକୁ ବଞ୍ଚାଇ ରଖିବାର ଏହି ସ୍ୱଭାବଟିକୁ ଆମେ ଉପନିଷଦରେ ବର୍ଣ୍ଣିତ 'ଜୁଗୁପ୍ସା'ର ଅନ୍ତର୍ଗତରୂପେ ବିଚାର କରିପାରିବା । ତେଣୁ କେଉଁଠି କାହାକୁ ଏଡ଼ିକରି ରହିବାକୁ ହେବ, କିମ୍ବା ଏଡାଇ ନ ପାରିଲେ ପ୍ରତିକାର କରିବାକୁ ହେବ, ସେ ବିଷୟରେ ପ୍ରକୃତି ଆମକୁ ଯେଉଁ ସଙ୍କେତମାନ ଦେଇଥାଏ, ତାହାହିଁ ଆମ ବେଦନାବୋଧ ରୂପେ ଅନୁଭୂତ ହୁଏ । ଜଡ଼ ଜଗତରେ ପ୍ରାଣର ଆବିର୍ଭାବ ନ ହେବାଯାଏ ବେଦନାବୋଧର ଅବସ୍ଥିତି ସମ୍ବନ୍ଧରେ କୌଣସି ସଙ୍କେତ ମିଳେ ନାହିଁ, କାରଣ ସେପର୍ଯ୍ୟନ୍ତ କେବଳ ଯାନ୍ତ୍ରିକ ପ୍ରଣାଳୀଗୁଡ଼ିକହିଁ ପ୍ରକୃତିଲୀଳାର ଯଥେଷ୍ଟ ସାଧନ ହୋଇ ରହିଥାଏ । ମାତ୍ର ଜଡ଼ ଉପରେ କେବଳ ଆଂଶିକ ଅଧିକାର ହାସଲ କରିଥିବା ସୁକୁମାର ପ୍ରାଣର ଆବିର୍ଭାବ ହେବା ସଙ୍ଗେ ସଙ୍ଗେ ବେଦନାବୋଧର ବି ଆବିର୍ଭାବ ହୁଏ । ପ୍ରାଣ ଭିତରେ ମନର ଉନ୍ମେଷ ଓ ବିସ୍ତାର ସଙ୍ଗେ ସଙ୍ଗେ ସେହି ବେଦନାବୋଧ ବଢ଼ିବାରେ ଲାଗିଥାଏ । ଏବଂ ଯେପର୍ଯ୍ୟନ୍ତ ଆପଣାର

'oaob.nitrkl.ac.in' images reprocessed

ସାଧନ ରୂପେ ମନ, ପ୍ରାଣ ଓ ଶରୀର ଭିତରେ ଆବଦ୍ଧ ହୋଇ ରହିଥାଏ, ଆପଣାର ଜ୍ଞାନ ଓ କର୍ମରେ ତାହା ଉପରେ ନିର୍ଭରଶୀଳ ହୋଇ ରହିଥାଏ, ସେଗୁଡ଼ିକର ସୀମାବଦ୍ଧତା ତଥା ତଜ୍ଜନିତ ଅହଂବୋଧୀ ପ୍ରବୃତ୍ତି ଓ ଅଭିପ୍ରାୟଗୁଡ଼ିକର ବି ଅଧୀନ ହୋଇ ରହେ, ସେପର୍ଯ୍ୟନ୍ତ ବେଦନାବୋଧ ବି ବର୍ତ୍ତମାନ ରହେ । ମାତ୍ର ମଣିଷର ମନ ଯଦି ଓ ଯେତେବେଳେ ସ୍ୱତନ୍ତ୍ର ଓ ଅହଂବିମୁକ୍ତ ହେବାକୁ ସମର୍ଥ ହୁଏ, ଅନ୍ୟ ସକଳ ପ୍ରାଣୀ ତଥା ଜଗଲ୍ଲୀଳାର ଶକ୍ତିଗୁଡ଼ିକ ସହିତ ସଂଯୁକ୍ତ ହେବାକୁ ସମର୍ଥ ହୁଏ, ସେତେବେଳେ ବେଦନାବୋଧର ଆବଶ୍ୟକତା ଓ ପ୍ରକ୍ରିୟା ହ୍ରାସ ହୋଇଆସେ ଓ ପରିଶେଷରେ ଏହାର ଅବସ୍ଥିତି ଲାଗି ଆଉ କୌଣସି କାରଣହିଁ ରହେ ନାହିଁ । ସେତେବେଳେ ତାହା ପ୍ରକୃତିର କେବଳ ଏକ ସଂସ୍କାରାବଶେଷ ରୂପେ ରହିପାରେ, କୌଣସି ଆବଶ୍ୟକତା ନ ଥିବା ଏକ ଅଭ୍ୟାସ ରୂପେ ରହିପାରେ ଏବଂ ଉଚ୍ଚତର ଜୀବନର ଚେତନା ପ୍ରତିଷ୍ଠା ତଥାପି ଅସମ୍ପୂର୍ଣ୍ଣ ରହିଥିବାରୁ ନିମ୍ନତର ଚେତନା ସମ୍ପୂର୍ଣ୍ଣରୂପେ ଅତିକ୍ରାନ୍ତ ହୋଇ ନାହିଁ ବୋଲି ଏକ ସଙ୍କେତରୂପେ ରହି ଯାଇପାରେ । କିନ୍ତୁ ବେଦନାବୋଧର ସମ୍ପୂର୍ଣ୍ଣ ବିଲୋପସାଧନ ହେଲେ ଯାଇ ଆତ୍ମା ପକ୍ଷରେ ଜଡ଼ାଧୀନତା ଓ ମନର ଅହଂସଙ୍କୁଚିତ ସୀମାଗୁଡ଼ିକ ଉପରେ ଆପଣାର ବିଧିନିର୍ଦ୍ଦିଷ୍ଟ ବିଜୟ ହାସଲ କରିବା ସମ୍ଭବ ହୋଇପାରିବ ।

ଏହି ବିଲୋପସାଧନ ଅବଶ୍ୟ ସମ୍ଭବ, କାରଣ ଦୁଃଖ ଓ ସୁଖ ଆନନ୍ଦମୟ ସତ୍ତାର ଦୁଇଟି ସ୍ରୋତପ୍ରବାହ ମାତ୍ର । ଏଥିରୁ ଗୋଟିଏ ପ୍ରବାହ ଅପୂର୍ଣ୍ଣ ଓ ଅନ୍ୟଟି ବିକାରଗ୍ରସ୍ତ । ବ୍ୟକ୍ତିର ଜୀବନ ମଧ୍ୟରେ କେବଳ ମାୟାଦ୍ୱାରା ପରିମିତ ଓ ସୀମିତ ଖଣ୍ଡଚୈତନ୍ୟରହିଁ ପ୍ରକାଶ ଘଟିଛି ଏବଂ ସେଥିଲାଗି ସେ ବିଶ୍ୱର ସଂସ୍ପର୍ଶକୁ ସାର୍ବଭୌମ ଭାବେ ଗ୍ରହଣ ନ କରି କେବଳ ଆପଣାର ଅହଂବୋଧର ମଧ୍ୟଦେଇ ଖଣ୍ଡ ଖଣ୍ଡ ଭାବରେ ଗ୍ରହଣ କରିପାରୁଛି । ଉକ୍ତ ଅପୂର୍ଣ୍ଣତା ଓ ବିକୃତି ଏଇଥିରୁ ଜାତ ହୋଇଛି । ବିଶ୍ୱାତ୍ମାଲାଗି ଜଗତର ପ୍ରତ୍ୟେକ ବିଷୟ ତଥା ବସ୍ତୁସଂସ୍ପର୍ଶ ଆପଣାଭିତରେ ଏକ ମୌଳିକ ଆନନ୍ଦକୁହିଁ ବହନ କରି ଚାଲିଛି । ସଂସ୍କୃତ ସୌନ୍ଦର୍ଯ୍ୟଶାସ୍ତ୍ରରେ ଏହି ମୌଳିକ ଆନନ୍ଦକୁ ରସ ବୋଲି କୁହାଯାଇଛି । 'ରସ' ଶବ୍ଦଟିରୁ ଏକାଧାରରେ ବସ୍ତୁର ସାର ଓ ଆସ୍ୱାଦନ,—ଏହି ଉଭୟ ଅର୍ଥର ବ୍ୟଞ୍ଜନା ପ୍ରକାଶିତ ହୋଇଥାଏ । କାରଣ କୌଣସି ବସ୍ତୁର ସମ୍ପର୍କରେ ଆସିଲାବେଳେ ଆମେ ତାହାର ସାରତତ୍ତ୍ୱଟିକୁ ଜାଣିବାକୁ କୌଣସି ଇଚ୍ଛା ପ୍ରକାଶ କରୁ ନାହିଁ । ମାତ୍ର ଆମର ବାସନା ଓ ପ୍ରୀତିଗୁଡ଼ିକୁ ତଥା ଆକାଙ୍କ୍ଷା ଓ ବିରାଗଗୁଡ଼ିକୁ ତାହା କିଭଳି ଆଲୋଡ଼ିତ କରୁଛି ବା ନ କରୁଛି, ଆମେ କେବଳ ତାହାହିଁ ଜାଣିବାକୁ ଚାହିଁଥାଉ । ଏବଂ ସେହି କାରଣରୁହିଁ ବିଷୟର ରସ ଆମର ଚେତନା ଭିତରେ ଦୁଃଖ, ଶୋକ, ଅପୂର୍ଣ୍ଣ ଆନନ୍ଦର କ୍ଷଣିକତା କିମ୍ବା ଉଦାସୀନତାର ରୂପରେ ବିବର୍ତ୍ତିତ ହୋଇଥାଏ । ଅର୍ଥାତ୍ ସାରମର୍ମଟିକୁ ଧରି

'oaob.nitrkl.ac.in' images reprocessed

ପାରିବାଲାଗି ତାହାର କୌଣସି ସମର୍ଥତା ନ ଥାଏ । କିନ୍ତୁ ଆପଣା ମନୋକ୍ଷେତ୍ର ତଥା ହୃଦୟ ଭିତରେ ସମ୍ପୂର୍ଣ୍ଣ ଅନାସକ୍ତ ରହି ଆମେ ଯଦି ଏହି ଅନାସକ୍ତିକୁ ଆମର ନାଡ଼ୀଚକ୍ରରେ ମଧ୍ୟ ସଞ୍ଚାରିତ କରି ଦେଇପାରୁ, ତେବେଯାଇ ରସର ଅବସ୍ଥା-ଗୁଡ଼ିକରେ ଏହି ଅପୂର୍ଣ୍ଣତା ଓ ବିକୃତିର କ୍ରମବିଲୁପ୍ତି ସମ୍ଭବ ହୋଇପାରିବ ଏବଂ ଶୁଦ୍ଧସତ୍ତାର ଆନନ୍ଦଟିକୁ ତାହାର ସକଳ ବୈଚିତ୍ର୍ୟ ମଧ୍ୟଦେଇ ଯଥାର୍ଥଭାବେ ଆସ୍ୱାଦନ କରିପାରିବା ଆମଲାଗି ଉପଲବ୍ଧ ହୋଇପାରିବ । କଳା ଓ କାବ୍ୟର ସୌନ୍ଦର୍ଯ୍ୟକୁ ଗ୍ରହଣ କଲାବେଳେ ଆମଭିତରେ ବିଶ୍ୱର ସେହି ବିଚିତ୍ର ଆନନ୍ଦଟିକୁ ଅନୁଭବ କରିବାଲାଗି ରହିଥିବା ଏହି ସାମର୍ଥ୍ୟଟିର ପରିଚୟ ମିଳିଥାଏ; ସେହି କାରଣରୁହିଁ ଆମେ ସେସବୁଥିରେ କରୁଣ, ଭୟାନକ ଓ ବୀଭତ୍ସ ପ୍ରଭୃତି ରସର ଆସ୍ୱାଦନ କରିଥାଉ । କେବଳ ଅନାସକ୍ତ ଓ ନିର୍ଲିପ୍ତ ରହିବାଦ୍ୱାରା ଏହି ଆସ୍ୱାଦନ ସମ୍ଭବ ହୁଏ । ସେତେବେଳେ ଆମେ ଆପଣା ବିଷୟରେ ବା ଆପଣାକୁ ଲୁଗ୍ରାଇ ରଖିବା ବିଷୟରେ କିଛିହେଲେ ନଭାବି କେବଳ ବିଷୟବସ୍ତୁ ଓ ତନ୍ନିହିତ ରସରହିଁ ବିଗ୍ଚାର କରିଥାଉ । ଏକଥା ସତ ଯେ ସ୍ପର୍ଶକାଳୀନ ଏହି ରସବୋଧକୁ ଆମେ କଦାପି ବିଶୁଦ୍ଧ ଆନନ୍ଦସତ୍ତାର ଅବିକଳ ପ୍ରତିଫଳନର ତୁଲ୍ୟରୂପେ ବିଗ୍ଚାର କରି ପାରିବା ନାହିଁ, କାରଣ ବ୍ରହ୍ମାନନ୍ଦ ବା ବିଶୁଦ୍ଧ ଆନନ୍ଦସତ୍ତା ଅତିମାନସ, ସକଳ ସୌନ୍ଦର୍ଯ୍ୟବୋଧର ଅତୀତ । କାରଣ ବ୍ରହ୍ମାନନ୍ଦର ଅନୁଭୂତିଦ୍ୱାରା ସକଳ ଦୁଃଖ, ଭୟ ଓ ଜୁଗୁପ୍ସାର ଆଲମ୍ବନଗୁଡ଼ିକ ଏକା-ବେଳେକେ ଅନ୍ତର୍ହିତ ହୋଇଯାଏ, ମାତ୍ର କଳା ଓ କାବ୍ୟର ରସଭିତରେ ଏଗୁଡ଼ିକ ବର୍ତ୍ତମାନ ରହିଥାଏ । ତଥାପି ଆପଣାକୁ ବିଶ୍ୱରୂପେ କରିବାର ରୂପାୟିତ କ୍ଷେତ୍ରରେ ସମାକୀର୍ଣ୍ଣ ହୋଇ ରହିଥିବା ବିଶ୍ୱାତ୍ମାର ଅବିଚ୍ଛିନ୍ନ ଆନନ୍ଦର ଏକ ପର୍ଯ୍ୟାୟର ଏକ ଆଂଶିକ ଓ ଅପୂର୍ଣ୍ଣ ପରିଚୟ ଆମକୁ କଳା ଓ କାବ୍ୟରୁ ପ୍ରାପ୍ତ ହୋଇଥାଏ । କଳା ଓ କାବ୍ୟର ରସ ଅହଂବନ୍ଧମୁକ୍ତ ସେହି ବିଶ୍ୱାତ୍ମଭାବ ପ୍ରତି ଆମ ଆତ୍ମସ୍ୱଭାବର ଅନ୍ତତଃ ଗୋଟିଏ ଦିଗକୁ ଉନ୍ମୁକ୍ତ କରିଦିଏ । କେବଳ ବିଭକ୍ତ ସତ୍ତାମାତ୍ର ହୋଇଥିବାରୁ ଆମେ ଯେଉଁଠି ଖାଲି ଅରାଜକତା ଓ ଛନ୍ଦହୀନତା ବ୍ୟତୀତ ଆଉ କିଛିହେଲେ ଦେଖି ପାରୁ ନାହିଁ, ଅଦ୍ୱୈତସ୍ଥ ଅଖିଳାତ୍ମା ସେଠାରେ କିପରି କେବଳ ସୌଷମ୍ୟ ଓ ସୌନ୍ଦର୍ଯ୍ୟହିଁ ପ୍ରତ୍ୟକ୍ଷ କରୁଛନ୍ତି, ଆମେ କ୍ରମେ ସେକଥା ବୁଝିବାଲାଗି ସମର୍ଥ ହେଉ । ମାତ୍ର ଯେଉଁଦିନ ଆମ ସତ୍ତାର ସକଳ ଅଂଶ ଓ ସକଳ ଦିଗ ଏହିପରି ଭାବରେ ମୁକ୍ତ ହୋଇଯିବ, ଆମର ଜୀବନରେ ସେହି ବିଶ୍ୱମୟ ରସବୋଧ ଓ ପ୍ରଜ୍ଞାର ବିଶ୍ୱତୋଦୃଷ୍ଟି ସମ୍ଭବ ହେବ, ଆମେ ଯେଉଁଦିନ ସକଳ ବିଶ୍ୱକୁ ଅନାସକ୍ତ ଅର୍ଥାତ୍ ମୋହମୁକ୍ତ ହୋଇ ଦେଖିପାରିବା ଅଥଚ ଆମର ନାଡ଼ୀଗତ ତଥା ଭାବଗତ ଜୀବନକ୍ଷେତ୍ରରେ ତଥାପି ସହାନୁଭୂତି ସହିତ ସଂଯୁକ୍ତ ହୋଇ ରହିଥିବା, କେବଳ ସେହିଦିନ ଯାଇ ଆମେ ପରିପୂର୍ଣ୍ଣ ଭାବରେ ମୁକ୍ତ ହୋଇପାରିବା ।

'oaob.nitrkl.ac.in' images reprocessed

ବିଶ୍ୱର ଅଭିଘାତଗୁଡ଼ିକୁ ସ୍ୱଚ୍ଛନ୍ଦରେ ଗ୍ରହଣ କରିବାକୁ ବିଫଳ ହୋଇ ଆମ ଭିତରସ୍ଥ ଚିତ୍-ଶକ୍ତି ପରିହୃତ ଓ ସଙ୍କୁଚିତ ଭାବରେ ଫେରି ଆସିଥାଏ, ଏବଂ ଏହାହିଁ ବେଦନାବୋଧର କାରଣ ହୋଇଥାଏ । ଏବଂ ସଚ୍ଚିଦାନନ୍ଦ ଯେ ଆମ ଆତ୍ମାର ସ୍ୱରୂପ, ଏକଥା ପାସୋରିଦେଇ ଆମେ କ୍ଷୁଦ୍ର ଅହମିକାର ଦୀନତାଦ୍ୱାରା ଯେତେବେଳେ ଆପଣାକୁ ସଙ୍କୁଚିତ କରି ରଖୁ, ଆମେ ସେତିକିବେଳେହିଁ ବିଶ୍ୱକୁ ଗ୍ରହଣ ଓ ସମ୍ଭୋଗ କରିବାର ଯଥୋଚିତ ସାମର୍ଥ୍ୟ ହରାଇ ବସୁ । ତେଣୁ ଜୁଗୁପ୍ସା ପରିବର୍ତ୍ତରେ ତିତିକ୍ଷାକୁ ସ୍ଥାନାପନ୍ନ ଭାବେ ଗ୍ରହଣ କରିବାଦ୍ୱାରାହିଁ ବେଦନାବୋଧର ବିଲୋପ କରିବାଲାଗି ଆମର ଯାବତୀୟ ଉଦ୍ୟମ ଆରମ୍ଭ ହେବ । ଅର୍ଥାତ୍ ପ୍ରତିକୂଳ ସନ୍ନିକର୍ଷଦ୍ୱାରା ଆଘାତ ଖାଇ ପଛକୁ ହଟି ନଆସି ଏଥର ଅବିଚଳ ଭାବରେ ଠିଆ ହୋଇ ଶିଖିବାକୁ ହେବ, ସେଗୁଡ଼ିକର ସମ୍ମୁଖୀନ ହୋଇ ସେଗୁଡ଼ିକୁ ଜୟ କରିବାକୁ ହେବ । ଏହି ସମ୍ମୁଖୀନ ହେବା ଓ ଜୟ କରିବାଦ୍ୱାରା ଆମେ ଏପରି ଏକ ସମତ୍ୱବୋଧର ଅବସ୍ଥାରେ ଆସି ପହଞ୍ଚିବା, ଯାହାଫଳରେ କି ଆମେ ସର୍ବବିଧ ସନ୍ନିକର୍ଷକୁ ସମାନଭାବେ ଉପେକ୍ଷା କରିପାରିବା କିମ୍ବା ସର୍ବବିଧ ସନ୍ନିକର୍ଷରେ ସମାନଭାବେ ପ୍ରସନ୍ନ ରହିପାରିବା । ତା'ପରେ ଆମକୁ ଆପଣାଭିତରେ ଏହି ସମତ୍ୱବୋଧର ମୂଳଟିକୁ ଦୃଢ଼ କରିନେବାକୁ ପଡ଼ିବ,—ଅର୍ଥାତ୍ ସୁଖ ଓ ଦୁଃଖର ଦ୍ୱନ୍ଦ୍ୱଦ୍ୱାରା ବିକଳ ହେଉଥିବା ଅହଂଚେତନା ସ୍ଥାନରେ ପରମାନନ୍ଦମୟ ସଚ୍ଚିଦାନନ୍ଦ-ଚେତନାର ପ୍ରତିଷ୍ଠା କରିବାକୁ ପଡ଼ିବ । ଏହି ସଚ୍ଚିଦାନନ୍ଦ-ଚେତନା ବିଶ୍ୱଠାରୁ ବିରକ୍ତ ହୋଇ ବିଶ୍ୱୋତ୍ତୀର୍ଣ୍ଣ ଅବସ୍ଥାରେ ରହିପାରେ । ସେତେବେଳେ ଏହି ସୁଦୂର ଆନନ୍ଦଧାମରେ ପହଞ୍ଚିବାକୁ ହେଲେ ସମାନଭାବେ ସବୁକିଛିର ଉପେକ୍ଷାକୁହିଁ ମାର୍ଗରୂପେ ଗ୍ରହଣ କରିବାକୁ ହୁଏ । ଏହି ମାର୍ଗ ବୈରାଗୀର ମାର୍ଗ । କିମ୍ବା ସଚ୍ଚିଦାନନ୍ଦ-ଚେତନା ଏକାଧାରରେ ବିଶ୍ୱୋତ୍ତୀର୍ଣ୍ଣ ହୋଇ ମଧ୍ୟ ତଥାପି ବିଶ୍ୱଗତ ହୋଇ ରହିପାରେ । ଏବଂ ଆପଣାକୁ ସମର୍ପିତ କରିଦେଇ ବିଶ୍ୱଭିତରେ ଆପଣା ଅହଂର ବିସର୍ଜନ କରିପାରିଲେ ଓ ସମାନଭାବେ ସର୍ବଗତ ହୋଇ ରହିଥିବା ଆନନ୍ଦର ଅଧିକାରୀ ହୋଇ ପାରିଲେ ଯାଇ ଏହି ନିତ୍ୟବର୍ତ୍ତମାନ ସର୍ବଭୂତ ଆନନ୍ଦର ଅବସ୍ଥାଟିକୁ ଲାଭ କରିବା ସମ୍ଭବ ହୁଏ । ଏହି ମାର୍ଗଟି ପ୍ରାଚୀନ ବୈଦିକ ଋଷିମାନଙ୍କର ମାର୍ଗ । ମାତ୍ର ସୁଖର ଅପୂର୍ଣ୍ଣ ସ୍ପର୍ଶ ତଥା ଦୁଃଖର ବିକୃତ ସ୍ପର୍ଶ ଉଭୟପ୍ରତି ନିର୍ଲିପ୍ତ ବା ନିରପେକ୍ଷ ରହିବା ହେଉଛି ଆତ୍ମାର ଆଧ୍ୟାତ୍ମିକ ଶୃଙ୍ଖଳାର ପ୍ରଥମ ପ୍ରତ୍ୟକ୍ଷ ଓ ସ୍ୱାଭାବିକ ପରିଣାମ, ଏବଂ ସକଳପ୍ରତି ସମାନଭାବେ ପ୍ରସନ୍ନ ରହିବାର ଅବସ୍ଥାଟି ସାଧାରଣତଃ ତା'ପରେ ଯାଇ ଆସିଥାଏ । ଦୁଃଖ, ସୁଖ ଓ ଉପେକ୍ଷାର ତ୍ରିବିଧ କମ୍ପନକୁ ସିଧା ଆନନ୍ଦରେ ରୂପାନ୍ତରିତ କରିଦେବା ମଧ୍ୟ ସମ୍ଭବ, ମାତ୍ର ମନୁଷ୍ୟ ପକ୍ଷରେ କମ୍ ସହଜ ।

'oaob.nitrkl.ac.in' images reprocessed

ତାହାହେଲେ ପୂର୍ଣ୍ଣାଙ୍ଗ ବେଦାନ୍ତର ସ୍ୱୀକୃତିରୁ ଏହି ବିଶ୍ୱଦୃଷ୍ଟିହିଁ ନିଷ୍ପନ୍ନ ହୋଇଥାଏ । ଏକ ଅନନ୍ତ, ଅବିଚ୍ଛେଦ୍ୟ ଓ ସର୍ବାନନ୍ଦମୟ ସତ୍ତା ଆପଣା ବିଶୁଦ୍ଧ ଆତ୍ମଚେତନାର ମୂଳ ଅବସ୍ଥାରୁ ଚେତସ ଶକ୍ତିର ବିଚିତ୍ର ଲୀଳାରେ ପ୍ରବୃତ୍ତ ହୁଏ, ମାୟାର କ୍ରୀଡ଼ାସ୍ୱରୂପ ପ୍ରକୃତିର ସ୍ପନ୍ଦନଲୀଳାରେ ପ୍ରବୃତ୍ତ ହୁଏ । ଜଡ଼ ଜଗତର ଭୂମିରେ ଏହାର ସତ୍ତାରୂପୀ ଆନନ୍ଦ ପ୍ରଥମ ଅବସ୍ଥାରେ ଆତ୍ମସଂବୃତ, ସମାହିତ ତଥା ଅବଚେତନ ପର୍ଯ୍ୟାୟରେ ରହିଥାଏ । ତା'ପରେ ସେହି ଆନନ୍ଦ ସମରସ ପରିସ୍ପନ୍ଦନର ଏକ ବିପୁଳ ଉଚ୍ଛ୍ୱାସରେ ଉଚ୍ଛ୍ୱସିତ ହୋଇଉଠେ । ଏହି ସ୍ପନ୍ଦନ ସେତେବେଳେ ଇନ୍ଦ୍ରିୟ ସଂବେଦନର ସ୍ତରକୁ ତଥାପି ଆସି ନ ଥାଏ । ତା'ପରେ ମନ ଏବଂ ଅହଂର ଉନ୍ମେଷ ସଙ୍ଗେ ସଙ୍ଗେ ସେହି ଆନନ୍ଦ ସୁଖ, ଦୁଃଖ ଓ ଉପେକ୍ଷାର ତ୍ରିବିଧ କମ୍ପନରୂପେ ଝଙ୍କୃତ ହୋଇଉଠେ । ରୂପାୟତନରେ ସଙ୍କୁଚିତ ହୋଇ ରହିଥିବା ଚିତ୍‌-ଶକ୍ତି ବିଶ୍ୱବ୍ୟାପିନୀ ମହାଶକ୍ତିକୁ ଆପଣାଠାରୁ ଭିନ୍ନ ଓ ଆପଣା ମାନପରିମାଣର ବିଜାତୀୟ ବୋଲି ଭାବି ତାହାର ଅଭିଘାତ-ସ୍ପର୍ଶରେ ଉଦ୍‌ବେଳିତ ହୋଇ ପଡ଼ିବାରୁ ଏହି କମ୍ପନ ଜାତ ହୋଇଥାଏ । ଏବଂ ପରିଶେଷରେ ଆପଣା ସୃଷ୍ଟିର ମାଧ୍ୟମରେ ପୂର୍ଣ୍ଣ ସଚ୍ଚିଦାନନ୍ଦର ସଚେତନ ପ୍ରକାଶ ସଂଘଟିତ ହୁଏ । ବିଶ୍ୱଗତତା, ସମତା, ସ୍ୱପ୍ରତିଷ୍ଠିତତା ଓ ପ୍ରକୃତି ଉପରେ ସାର୍ବଭୌମତ୍ୱର ପ୍ରତିଷ୍ଠାଦ୍ୱାରା ଏହି ପ୍ରକାଶ ସଂଘଟିତ ହୁଏ । ଏହାହିଁ ଜଗତ୍‌ ପରିଣାମର ଧାରା ।

ଅଦ୍ୱିତୀୟ ସ୍ୱରୂପସତ୍ତା ଏହି ବିଶ୍ୱପରିଣାମରେ ଆନନ୍ଦ ପାଆନ୍ତି ବୋଲି କାହିଁକି କୁହାଯିବ ?—ଏଠାରେ ଏହି ପ୍ରଶ୍ନଟି ପଚରାଗଲେ ଆମେ ଏହିପ୍ରକାରେହିଁ ସେହି ପ୍ରଶ୍ନଟିର ଜବାବ ଦେବା : ସେହି ସତ୍ତାର ଅନନ୍ତତା ମଧ୍ୟରେହିଁ ଯାବତୀୟ ସମ୍ଭାବନା ବିଦ୍ୟମାନ ଏବଂ କେବଳ ଅପରିବର୍ତ୍ତନୀୟ ସତ୍‌ରୂପରେ ନୁହେଁ, ମାତ୍ର ପରିବର୍ତ୍ତନଶୀଳ ସମ୍ଭୂତି ରୂପରେ ସତ୍ତାର ଆନନ୍ଦ ଆପଣା ସମ୍ଭାବନାଗୁଡ଼ିକର ଠିକ୍‌ ଏହି ବିଚିତ୍ର ଉପଲବ୍ଧିରେହିଁ ନିହିତ ରହିଛି । ସେହି ବିଚିତ୍ର ସମ୍ଭାବନାର ଗୋଟିଏ ରୂପ ହେଉଛି ଏହି ବିଶ୍ୱ ଏବଂ ଆମେ ସମସ୍ତେ ଏହି ବିଶ୍ୱର ଅଂଶମାତ୍ର । ଆପଣାଠାରୁ ବିପରୀତ ବୋଲି ପ୍ରତୀତ ହେଉଥିବା ଏକ ବିଭୂତିସତ୍ତାରେ ସଚ୍ଚିଦାନନ୍ଦ ଆପଣାକୁ ଲୁକ୍‌କାୟିତ କରି ରଖିଛନ୍ତି ଓ ସେହି ବୈପରୀତ୍ୟ ଭିତରୁ ଆପଣାକୁ ପୁଣି ଫେରି ପାଇବାର ଲୀଳା ଲଗାଇ ରଖିଛନ୍ତି । ଅନନ୍ତ ସତ୍‌ସ୍ୱରୂପ ଆପଣାକୁ ଅସତ୍‌ର ପ୍ରତିଭାସ ଭିତରେ ହଜାଇ ଦେଉଛନ୍ତି ଏବଂ ଏକ ସାନ୍ତ ଜୀବାତ୍ମାର ରୂପାୟନରେ ପୁଣି ପ୍ରକାଶିତ ହୋଇ ଉଠୁଛନ୍ତି । ଅନନ୍ତ ଚିତ୍‌ସ୍ୱରୂପ ଆପଣାକୁ ଏକ ବିପୁଳ ଓ ଅନିର୍ଦ୍ଦେଶ୍ୟ ନିଶ୍ଚେତନାର ପ୍ରତୀତି ଭିତରେ ହଜାଇ ଦେଉଛନ୍ତି ଏବଂ ଏକ ବହିରଙ୍ଗ ଓ ସୀମାବଦ୍ଧ ଚେତନା-ପରିସରରେ ପୁଣି ଆବିର୍ଭୂତ ହେଉଛନ୍ତି । ଆପଣାକୁ ସ୍ୱୟଂ ଧାରଣ କରି ରଖିଥିବା

'oaob.nitrkl.ac.in' images reprocessed

ଅନନ୍ତ ଶକ୍ତି କେତେକେତେ ପରମାଣୁର ଏକ ପ୍ରତୀତ ଅରାଜକତା ଭିତରେ ଆପଣାକୁ ହଜାଇ ଦେଉଛନ୍ତି ଏବଂ ଏକ ସ୍ଥିରସାମ୍ୟହୀନ ବ୍ରହ୍ମାଣ୍ଡର ପ୍ରତିଭାସରୂପେ ଫୁଟି ଉଠୁଛନ୍ତି । ଅନନ୍ତ ଆନନ୍ଦସ୍ୱରୂପ ବୋଧହୀନ ଜଡ଼ଭିତରେ ଆପଣାକୁ ହଜାଇ ଦେଉଛନ୍ତି ଏବଂ ବିଚିତ୍ର ଦୁଃଖ, ସୁଖ ଓ ଉପେକ୍ଷାର ଅଥବା ଘୃଣା, ପ୍ରୀତି ଓ ଉଦାସୀନତାର ଏକ ସୁଷମାହୀନ ଛନ୍ଦପ୍ରତିଭାସରେ ପୁଣି ପ୍ରକାଶିତ ହୋଇ ଉଠୁଛନ୍ତି । ଅନନ୍ତ ଏକତ୍ୱ ଆପଣାକୁ ବହୁତ୍ୱର ଏକ ଅରାଜକତାର ପ୍ରତିଭାସ ଭିତରେ ହଜାଇ ଦେଉଛନ୍ତି ଏବଂ ପରସ୍ପରକୁ କବଳିତ, ବିଲୁପ୍ତ ଓ ଗ୍ରାସ କରି ସେହି ଏକତ୍ୱକୁ ଫେରି ପାଇବାର ଚେଷ୍ଟା କରୁଥିବା କେତେ ଶକ୍ତି ଓ ସତ୍ତାର ସଂଘର୍ଷରୂପେ ପ୍ରକଟିତ ହେବାରେ ଲାଗିଛନ୍ତି । ଏହି ସୃଷ୍ଟିରେହିଁ ଦିନେ ଯଥାର୍ଥ ସଚ୍ଚିଦାନନ୍ଦଙ୍କର ଆବିର୍ଭାବ ହେବ । ମନୁଷ୍ୟବ୍ୟକ୍ତି ବିଶ୍ୱବ୍ୟକ୍ତିରେ ରୂପାନ୍ତରିତ ହେବ ଓ ବିଶ୍ୱବ୍ୟକ୍ତି ରୂପେ ଜୀବନଧାରଣ କରିବ । ତା'ର ସୀମାବଦ୍ଧ ମାନସଚେତନା ଦିନେ ପ୍ରତ୍ୟେକେ ପ୍ରତ୍ୟେକକୁ ସମ୍ଭାରି ଧରିଥିବା ଅତିଚେତନର ଏକତ୍ୱ ଭିତରକୁ ପ୍ରସାରିତ ହୋଇଯିବ । ତା'ର ସଂକୀର୍ଣ୍ଣ ହୃଦୟ ଦିନେ ଅନନ୍ତ ଆଲିଙ୍ଗନଦ୍ୱାରା ସକଳ ବିଶ୍ୱକୁ ବାନ୍ଧି ରଖିବାର ବିଦ୍ୟାଟିକୁ ଆୟତ୍ତ କରିନେବ । ଆପଣାର କାମନା ଓ ତଜ୍ଜନିତ ସଂଘର୍ଷସମାକୁଳତାର ସ୍ଥାନରେ ସେଦିନ ସେ ବିଶ୍ୱପ୍ରେମକୁ ଗ୍ରହଣ କରିନେବ । ତା'ର ସଙ୍କୁଚିତ ପ୍ରାଣଚେତନା ବିଶ୍ୱର ସକଳ ଅଭିଘାତକୁ ଆପଣା ବକ୍ଷରେ ଗ୍ରହଣ କରିନେବାକୁ ସମର୍ଥ ହେବ । ସେ ବିଶ୍ୱଗତ ଆନନ୍ଦର ଅଧିକାରୀ ହେବ । ତା'ର ଜଡ଼ ଶରୀରଟା ମଧ୍ୟ ଆପଣାକୁ ଆଉ ଏକ ଭିନ୍ନ ସତ୍ତା ବୋଲି ନ ଜାଣି ସକଳ ସତ୍ତାରେ ରୂପାୟିତ ହୋଇଥିବା ଅବିଚ୍ଛେଦ୍ୟ ମହାଶକ୍ତିର ସମଗ୍ର ପ୍ରବାହଟିକୁ ଆପଣା ଭିତରେ ଧାରଣା କରିଥିବାର ଅନୁଭବ କରିପାରିବ ଏବଂ ତାହା ସହିତ ଏକରସ ହୋଇଯିବ । ତା'ର ସକଳ ସ୍ୱଭାବ ମଧ୍ୟ ବ୍ୟକ୍ତିଜୀବନରେ ପରମ ସଚ୍ଚିଦାନନ୍ଦର ଏକତ୍ୱ, ସୌଷମ୍ୟ ଓ ସର୍ବଗତ ଏକରୂପତ୍ୱକୁ ଜନ୍ମଦେବାରେ ସମର୍ଥ ହେବ ।

ସମଗ୍ର ଏହି ଲୀଳାଟି ଭିତରେ ସତ୍ତାର ସେହି ଏକ ଅଭିନ୍ନ ଆନନ୍ଦଟିହିଁ ଯଥାର୍ଥ ସତ୍ୟରୂପେ ସଂଗୁପ୍ତ ହୋଇ ରହିଛି । ବ୍ୟକ୍ତିର ଆବିର୍ଭାବ ପୂର୍ବରୁ ବିଦ୍ୟମାନ ରହିଥିବା ଅବଚେତନ ନିଦ୍ରାର ଆନନ୍ଦ ଭିତରେ ସେହି ଆନନ୍ଦ ରହିଛି । ତତ୍ପରବର୍ତ୍ତୀ ପର୍ଯ୍ୟାୟରେ ଜୀବକୁ କେନ୍ଦ୍ର କରି ଅର୍ଦ୍ଧଚେତନ ସ୍ୱପ୍ନର ଗୋଲକଧନ୍ଦା ଭିତରେ ଆପଣାକୁ ନାନା ବିଚିତ୍ରଭାବେ କେତେ ବିକୃତି, କେତେ ରୂପାନ୍ତର ଓ କେତେ ବିପର୍ଯ୍ୟୟ ମଧ୍ୟଦେଇ ଖୋଜିବାବେଳେ ମଧ୍ୟ ସର୍ବଦା ସେହି ଆନନ୍ଦଟି ଅକ୍ଷୁଣ୍ଣ ହୋଇ ରହିଛି । ପୁଣି ବ୍ୟକ୍ତି ଯେଉଁ ଶାଶ୍ୱତ ଅତିଚେତନାର ସ୍ୱପ୍ରତିଷ୍ଠ ମହିମା ଭିତରକୁ ଦିନେ ନା ଦିନେ ଅବଶ୍ୟ ଉତ୍ତୀର୍ଣ୍ଣ ହୋଇଯିବ ଏବଂ ସେଠାରେ ପହଞ୍ଚି

'oaob.nitrkl.ac.in' images reprocessed

ଅଖଣ୍ଡ ସଚ୍ଚିଦାନନ୍ଦ ସହିତ ଏକାତ୍ମତା ଲାଭ କରିବ, ସେଠାରେ ମଧ୍ୟ ଏହି ଆନନ୍ଦ ବର୍ତ୍ତମାନ ରହିଛି । ଏହାହିଁ ସେହି ଏକୈବ ଓ ସର୍ବରୂପ ଈଶ୍ୱରଙ୍କର ଆନନ୍ଦଲୀଳା;—ଏହି ଭୂତଜଗତର କଳ୍ପନାସଙ୍କୀର୍ଣ୍ଣ ଦୃଷ୍ଟିକୋଣରୁ ମୁକ୍ତ ହୋଇ ଆପଣାର ଜ୍ଞାନଗ୍ରାମକୁ ବିମୁକ୍ତ ଓ ବିସ୍ତୃତ କରିପାରିଲେ ଏହି ଲୀଳାହିଁ ଆମ ଆଗରେ ଆପଣାକୁ ଉନ୍ମୋଚିତ କରିଦିଏ ।

'oaob.nitrkl.ac.in' images reprocessed

## ତ୍ରୟୋଦଶ ପରିଚ୍ଛେଦ

# ଦେବ-ମାୟା

ତଦିନ୍ନ୍ୱସ୍ୟ ବୃଷଭସ୍ୟ ଧେନୋରା ନାମଭିର୍ମମିରେ ସକ୍ମ୍ୟଂ ଗୋଃ ।
ଅନ୍ୟଦନ୍ୟଦସୁର୍ଯ୍ୟଂ ବସାନା ନି ମାୟିନୋ ମମିରେ ରୂପମସ୍ମିନ୍ ॥

—ଋକ୍‌ବେଦ,, ୩ । ୩୮ । ୭

ପରମ ପୁରୁଷ ଓ ଆଦ୍ୟା ଶକ୍ତିର ନାମବିଭୂତିଗୁଡ଼ିକୁ ନେଇ ସେମାନେ ଜ୍ୟୋତିଜନନୀଙ୍କର ଶକ୍ତିକୁ ଆକୃତି ଦେଲେ, ତାହାର ପରିମାପନ କଲେ । ସେହି ଶକ୍ତିର ଗୋଟିଏ ଗୋଟିଏ ସାମର୍ଥ୍ୟକୁ ବସନରୂପେ ପରିଧାନ କରି ମାୟାଧାରୀମାନେ ଏହି ପରମ ସତ୍ତାରେ ରୂପର ସୃଷ୍ଟି କଲେ ।

ମାୟାବିନୋ ମମିରେ ଅସ୍ୟ ମାୟୟା ନୃଚକ୍ଷସଃ ପିତରୋ ଗର୍ଭମା ଦଧୁଃ ॥

—ଋକ୍‌ବେଦ, ୯ । ୮୩ । ୩

ତାଙ୍କର ମାୟାଦ୍ୱାରାହିଁ ମାୟାଧାରୀମାନେ ସକଳ ରୂପର ରଚନା କଲେ । ଦିବ୍ୟଦୃଷ୍ଟିସମ୍ପନ୍ନ ପିତୃଗଣ ତାହାଙ୍କୁହିଁ ଗର୍ଭମଧ୍ୟରେ ଭ୍ରୂଣରୂପେ ପ୍ରତିଷ୍ଠିତ କଲେ ।

ଆପଣ ସଚେତନ ଅସ୍ତିତ୍ୱର ଶକ୍ତିଦ୍ୱାରା ଚାଳିତ ହୋଇ ଓ ତାହାର ଶୁଦ୍ଧ ଆନନ୍ଦଦ୍ୱାରା ପ୍ରେରିତ ହୋଇ ଯେଉଁ ପରମ ପୁରୁଷସତ୍ତା କ୍ରିୟାରେ ପ୍ରବୃତ୍ତ ହେଉଛନ୍ତି ଓ ଏହି ବିବିଧର ସୃଷ୍ଟି କରୁଛନ୍ତି, ସେଇ ହେଉଛନ୍ତି ଆମର ଯଥାର୍ଥ ସ୍ୱରୂପ । ଆମର ସକଳ ବୃତ୍ତି ଓ ଭଙ୍ଗୀର ଅନ୍ତଃସ୍ଥ ଆତ୍ମାରୂପେ ସେଇ ବିରାଜମାନ ରହିଛନ୍ତି । ଆମର ସକଳ କର୍ମ, ସମ୍ଭୂତି ତଥା ସର୍ଜନାରେ କେବଳ ସେଇ କାରଣ, କାମ୍ୟ ଓ ସାଧ୍ୟରୂପେ ଅବସ୍ଥିତ ଅଛନ୍ତି । ସୃଷ୍ଟି କରି ବସିବାବେଳେ କୌଣସି କବି, କଳାକାର ବା ସଙ୍ଗୀତବିତ୍ ପ୍ରକୃତରେ କିଛି କରେ ନାହିଁ । ଏପର୍ଯ୍ୟନ୍ତ ପ୍ରକାଶରୂପ ଲାଭ କରି ନ ଥିବା ଆପଣାର ଅନ୍ତର୍ନିହିତ କୌଣସି ଏକ ସମ୍ଭାବନାକୁ ସେ କେବଳ ଏକ ପ୍ରକାଶିତ ରୂପରେ ବିକଶିତ କରାଇଦିଏ । କୌଣସି ଦାର୍ଶନିକ, ରାଷ୍ଟ୍ରକର୍ମୀ କିମ୍ବା ଯନ୍ତ୍ରବିଶାରଦ ମଧ୍ୟ ସେହିପରି ଆପଣାଭିତରେ ଯାହାସବୁ ସଂଗୁପ୍ତ ହୋଇ ରହିଥାଏ,

'oaob.nitrkl.ac.in' images reprocessed

କେବଳ ସେହିଗୁଡ଼ିକୁହିଁ ଏକ ଆକୃତ ରୂପରେ ପ୍ରକାଶିତ କରାଇବାରହିଁ ଚେଷ୍ଟା କରୁଥା'ନ୍ତି । ସେଗୁଡ଼ିକ ସେମାନଙ୍କ ଭିତରେ ସେମାନଙ୍କର ଅଙ୍ଗୀଭୂତ ହୋଇ ରହିଥାଏ, ରୂପାୟିତ ହେବାପରେ ମଧ୍ୟ ସେଗୁଡ଼ିକ କରିଆରେ କେବଳ ସେଇ-ମାନେହିଁ ପ୍ରକାଶିତ ହୋଇଥା'ନ୍ତି । ଶାଶ୍ୱତ ସ୍ରଷ୍ଟାପୁରୁଷ ଓ ବିସୃଷ୍ଟ ବିଶ୍ୱବେଳକୁ ମଧ୍ୟ ଠିକ୍ ସେହି କଥା । ସକଳ ସୃଷ୍ଟି ଓ ସକଳ ସମ୍ଭୂତି କେବଳ ଏହି ଆତ୍ମରୂପାୟନଲୀଳା ବ୍ୟତୀତ ଆଉ କିଛି ନୁହେଁ । ବୀଜଟି ଭିତରେ ଯାହା ପୂର୍ବରୁହିଁ ଅନ୍ତର୍ଗୁପ୍ତ ହୋଇ ରହିଛି, ତାହାହିଁ ଅଙ୍କୁର ହୋଇ ବୀଜଟି ଭିତରୁ ବାହାରି ଆସେ । ସମ୍ଭୂତ ଅଙ୍କୁରଟିର ସତ୍ତା ପୂର୍ବରୁ ବୀଜଭିତରେ ବିଦ୍ୟମାନ ରହିଥିଲା, ତାହାର ସମ୍ଭୂତି-ଇଚ୍ଛାଟି ଆଗରୁ ସୁନିର୍ଦ୍ଦିଷ୍ଟ ହୋଇ ରହିଥିଲା, ସମ୍ଭୂତିର ଆନନ୍ଦଯୋଜନାରେ ଏହାର ସ୍ଥାନଟି ଆଗରୁ ନିର୍ଦ୍ଧାରିତ ହୋଇ ରହିଥିଲା । ମୂଳ ଭ୍ରୂଣଟି ପରିଣତ ହେବାକୁ ଯାଉଥିବା ଜୀବକୁ ଆପଣାଭିତରେ ଶକ୍ତିରୂପେ ଧାରଣ କରି ରଖିଥିଲା । କାରଣ ଏହି ସଂଗୁପ୍ତ, ବାଧ୍ୟ ଓ ଆତ୍ମଜିଜ୍ଞାସୁ ଶକ୍ତିହିଁ ଆପଣାର ଅନ୍ତର୍ଗୂଢ଼ ସ୍ୱରୂପଟିକୁ ପ୍ରକାଶିତ କରିବାର ଆକୂତିକୁ ସର୍ବଦା ବହନ କରି ଚାଲିଥାଏ । ଯେତେବେଳେ ବ୍ୟକ୍ତି ଆପଣା ଭିତରୁହିଁ କିଛି ସୃଷ୍ଟି କରିଥାଏ ବା ବିକଶିତ କରାଇଥାଏ, କେବଳ ସେତିକିବେଳେହିଁ ସେ ଆପଣାଠାରୁ ଆପଣାଭିତରେ କାର୍ଯ୍ୟ କରୁଥିବା ସୃଷ୍ଟିଶକ୍ତି ଏବଂ ସୃଷ୍ଟି-ଉପାଦାନର ଏକ ଭେଦକଳ୍ପନା କରିଥାଏ । ମାତ୍ର ଯଥାର୍ଥରେ ଦେଖିଲେ ସିଏ ନିଜେ ହେଉଛି ସେହି ଶକ୍ତି; ଯେଉଁ ବ୍ୟକ୍ତିଚେତନାକୁ ତାହାର ଶକ୍ତି ଆପଣାର ସାଧନରୂପେ ବ୍ୟବହାର କରେ, ଯେଉଁ ଉପାଦାନକୁ ତାହା ଆପଣାର କାମରେ ଲଗାଏ ଓ ପରିଣାମତଃ ଯାହା ସୃଷ୍ଟିକରେ, ତାହା ମଧ୍ୟ ସେ ନିଜେ । ଅନ୍ୟ ଭାଷାରେ କହିଲେ ଏହା ହେଉଛି ସେଇ ଗୋଟିଏ ସତ୍ତା, ସେଇ ଗୋଟିଏ ଶକ୍ତି, ସେଇ ଗୋଟିଏ ଆନନ୍ଦ । ତାହାହିଁ ବିଭିନ୍ନ ବିନ୍ଦୁରେ ଆପଣାକୁ କେନ୍ଦ୍ରୀଭୂତ କରିବାରେ ଲାଗିଥାଏ, ପ୍ରତ୍ୟେକ ବିନ୍ଦୁଟି ଭିତରେ 'ଏଇଟି ହେଉଛି ମୁଁ' ବୋଲି କହେ ଏବଂ ଆତ୍ମଶକ୍ତିର ବିଚିତ୍ର ଲୀଳାଦ୍ୱାରା ଆତ୍ମରୂପାୟନର ବିଚିତ୍ର ଲୀଳା ଉଦ୍ଦେଶ୍ୟରେ ନିୟୋଜିତ ହୋଇ ରହିଥାଏ ।

ଯାହା ଏହା ଉତ୍ପନ୍ନ କରେ, ତାହା ସେ ନିଜେ; ତା'ର ସୃଷ୍ଟି ତା' ନିଜ ବ୍ୟତୀତ ଆଉ କିଛିହେଲେ ନୁହେଁ । ଏହା କେବଳ ତାହାରି ଲୀଳା, ତାହାରି ଛନ୍ଦ । ତାହାର ସତ୍ତାର, ଚେତନ ଶକ୍ତିର ଓ ଆନନ୍ଦରୂପର ବିକାଶୋତ୍ସବ । ତେଣୁ ସୃଷ୍ଟିରୂପେ ଯାହାକିଛି ଏହି ପୃଥିବୀକୁ ଆସେ, ତାହା କେବଳ ଆତ୍ମରୂପାୟନ ବ୍ୟତୀତ ଆଉ କିଛି ରହେ ନାହିଁ । କେବଳ ସଂକଳ୍ପିତ ରୂପରେ ପ୍ରକାଶିତ ହେବା ବ୍ୟତୀତ, ସେହି ରୂପଟିର ଆଧାର ମାଧ୍ୟମରେ ଆତ୍ମସତ୍ତାଟିର ସମ୍ପ୍ରସାରଣ ବ୍ୟତୀତ, ଏହିପରି ବିକଶିତ, ପ୍ରକାଶିତ ଓ ଅଭିବୃଦ୍ଧ ହୋଇ ଆପଣାଭିତରେ ରହିଥିବା ଚେତନା ଓ

'oaob.nitrkl.ac.in' images reprocessed

ଶକ୍ତିର ଅନନ୍ତ ଉପଲବ୍ଧି ବ୍ୟତୀତ ତାହା ଆଉ କିଛିହେଲେ କାମନା କରେନାହିଁ । ତାହା ପ୍ରକାଶିତ ହେବାର ଆନନ୍ଦଟିକୁହିଁ ଅନୁଭବ କରିବାକୁ ଚାହେଁ, ଆପଣା ସତ୍ତାକୁ ରୂପାୟିତ କରିବାର ଆନନ୍ଦଟିକୁ ଅନୁଭବ କରିବାକୁ ଚାହେଁ । ଚେତନାଛନ୍ଦର ଆନନ୍ଦ ତଥା ଶକ୍ତିଲୀଳାର ଆନନ୍ଦଟିକୁ ଅନୁଭବ କରିବାକୁ ଚାହୁଁଥାଏ । ଏବଂ ଯେକୌଣସି ସମ୍ଭାବ୍ୟ ଉପାୟରେ, ଯେକୌଣସି ସମ୍ଭାବ୍ୟ ଢଙ୍ଗରେ ସେ ଏହି ଆନନ୍ଦକୁ ସମୃଦ୍ଧ ଓ ସଂପୂର୍ଣ୍ଣତର କରିବାଲାଗି ଚାହୁଁଥାଏ । ତା' ଆପଣା ଜୀବନର ଗଭୀରତମ ଭାଗରେ କାର୍ଯ୍ୟ କରୁଥିବା ସତ୍ତା, ଚିତ୍‌ଶକ୍ତି ଓ ଆନନ୍ଦ ତା'ର ନିଜ ବିଷୟରେ ଯେକୌଣସି ସମ୍ଭାବ୍ୟ ଧାରଣାର ଇଙ୍ଗିତ ଦେଉଥାନ୍ତି, ତାହାରି କରିଆରେହିଁ ସେ ସେହି ଆନନ୍ଦକୁ ଅଧିକ ପରିପୂର୍ଣ୍ଣ କରିବାର ଚେଷ୍ଟା କରୁଥାଏ ।

ବିସୃଷ୍ଟ ବିଶ୍ୱର ଯଦି ଆଦୌ କୌଣସି ଲକ୍ଷ୍ୟ ରହିଥାଏ, କୌଣସି ଇପ୍ସିତ ପରିପୂର୍ଣ୍ଣତା ଆଡ଼କୁ ଯଦି ଏହି ବିଶ୍ୱମୟ ସୃଷ୍ଟି ଧାବିତ ହେଉଥାଏ, ତେବେ ବ୍ୟକ୍ତି ତଥା ବ୍ୟକ୍ତିର ସମାହାରରେ ଗଠିତ ହୋଇଥିବା ସମଗ୍ର ଜୀବନକ୍ଷେତ୍ରରେ ଏହାର ଆତ୍ମସତ୍ତାକୁ, ଏହାର ଶକ୍ତି ଓ ଚେତନାକୁ ଏବଂ ଏହାର ଆନନ୍ଦଟିକୁ ପରିପୂର୍ଣ୍ଣରୂପେ ଫୁଟାଇବାକୁହିଁ ସେହି ଏକମାତ୍ର ଲକ୍ଷ୍ୟ ବୋଲି କୁହାଯାଇପାରେ । ମାତ୍ର ବ୍ୟକ୍ତିଗତ ରୂପାୟନ-ଜଗତର ଜୀବନସୀମା ଭିତରେ ନିଜକୁ କେନ୍ଦ୍ରୀଭୂତ କରି ରଖିଥିବା ବ୍ୟକ୍ତି-ଚେତନାରେ ଏହି ପରିପୂର୍ଣ୍ଣତା କଦାପି ସମ୍ଭବ ହେବନାହିଁ । ସୀମାଦ୍ୱାରା ଆବଦ୍ଧ ଆୟତନ ଭିତରେ ପରମ ପରିପୂର୍ଣ୍ଣତାର ଉପଲବ୍ଧି ଆଦୌ ସମ୍ଭବ ନୁହେଁ । କାରଣ ଏହି ପରିପୂର୍ଣ୍ଣତା ସକଳ ସୀମାୟତନସିଦ୍ଧ ସ୍ୱରୂପକଳ୍ପନାର ସ୍ୱଭାବବିରୋଧୀ । ତେଣୁ ବ୍ୟକ୍ତିର ଜୀବନରେ ଅନନ୍ତ ଚେତନାର ଉନ୍ମେଷକୁହିଁ ଆମେ ଏକମାତ୍ର ସମ୍ଭାବ୍ୟ ଚରମ ଲକ୍ଷ୍ୟରୂପେ ଗ୍ରହଣ କରିପାରିବା । ଏହି ଲକ୍ଷ୍ୟରେ ଉପନୀତ ହୋଇ ଆତ୍ମଜ୍ଞାନ ଓ ଆତ୍ମୋପଲବ୍ଧି ଦ୍ୱାରା ବ୍ୟକ୍ତି ନିଜ ସ୍ୱରୂପସତ୍ୟଟିର ପୁନରୁଦ୍ଧାର କରିପାରିବ । ସ୍ୱୀୟ ଜୀବନସତ୍ତାରେ ସେ ଅନନ୍ତର ସତ୍ୟୋପଲବ୍ଧି କରିବ, ଆପଣା ଚେତନା ଭିତରେ ସେହି ଅନନ୍ତକୁହିଁ ଅନୁଭବ କରିବ ଏବଂ ନିଜ ଆନନ୍ଦ ଭିତରେ ଅନନ୍ତର ଆନନ୍ଦକୁହିଁ ସତ୍ୟରୂପେ ଅନୁଭବ କରିବ । ସାନ୍ତ ଓ ସୀମାୟିତ ସକଳକୁ ସେ କେବଳ ଏକ ମୁଖାପରି ଜାଣିବ, ବିଚିତ୍ର ରୂପଲୀଳାର ଏକ ସାଧନମାତ୍ର ବୋଲି ଜାଣିବ ।

ଦେଶ ଓ କାଳରୂପେ ପ୍ରସାରିତ ହୋଇ ରହିଥିବା ସ୍ୱସତ୍ତାର ବିସ୍ତାର ଭିତରେ ସଚ୍ଚିଦାନନ୍ଦ ଯେଉଁ ବିଶ୍ୱଲୀଳାର ଉପଲବ୍ଧି କରିବାରେ ଲାଗିଛନ୍ତି, ତାହାର ସ୍ୱଭାବଗତ ରହସ୍ୟଟିକୁ ବୁଝିବାକୁ ହେଲେ ଆମକୁ ଆଗ ଆଉ ଗୋଟିଏ କଥା ବୁଝିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ସଚ୍ଚିଦାନନ୍ଦ ଆପଣାର ଚେତନ ସତ୍ତାକୁ ସଂବୃତ ଓ ଆତ୍ମସମାହୃତ କରି ଅନନ୍ତ ଓ ବିଭିନ୍ନ୍ୟମାନ ଏହି ସ୍ଥୂଳ ଜଡ଼ରେ ପରିଣତ ହୋଇଛନ୍ତି । କାରଣ ତାହା ନହୋଇ-ଥିଲେ ସାନ୍ତ ବିଶ୍ୱର ବୈଚିତ୍ର୍ୟଲୀଳା କଦାପି ସମ୍ଭବ ହୋଇନଥା'ନ୍ତା । ଦ୍ୱିତୀୟତଃ କଳ୍ପନା କରିବାକୁ ପଡ଼ିବ ଯେ ଜଡ଼ମଧ୍ୟରେ ଆପଣାକୁ ଅବରୁଦ୍ଧ କରି ରଖିଥିବା *ସେହି ଶକ୍ତିହିଁ ରୂପମୟ, ପ୍ରାଣମୟ ଓ ମନୋମୟ ବିଗ୍ରହରୂପେ ଉନ୍ମେଷ ଲାଭ କରିଛି ।* ଏବଂ ଦେହଧାରୀ ସେହି ମନଃପ୍ରାଣମୟ ସତ୍ତାଟି ମଧ୍ୟ ଆପଣାକୁ ବିଶ୍ୱଲୀଳାରତ ସେହି ଅଖଣ୍ଡ ଓ ଅନନ୍ତ ସ୍ୱରୂପସତ୍ତାରୂପେ ଉପଲବ୍ଧି କରି ଯେ ଆପଣାର ବିମୁକ୍ତ ପରିଚୟ ଲାଭ କରିବ,—ପରିଶେଷରେ ସେକଥାଟି ମଧ୍ୟ ବୁଝିବାକୁ ପଡ଼ିବ । ବର୍ତ୍ତମାନ ମଧ୍ୟ ସଚ୍ଚିଦାନନ୍ଦର ଯେଉଁ ଯଥାର୍ଥ, ଶାଶ୍ୱତ ଓ ଅନ୍ତହୀନ ଅସ୍ତିତ୍ୱଟି ତା'ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି, ସେହି ମୁକ୍ତି ଲାଭ କରି ସେ ତାହାକୁହିଁ ଫେରି ପାଇବ । ତିନି ପର୍ଯ୍ୟାୟର ଏହି ଗଠନନିର୍ଦ୍ଦେଶ ଭିତରେହିଁ ବିଶ୍ୱରହସ୍ୟଟିକୁ ଉଦ୍‌ଘାଟନ କରି ପାରିବାର ଚାବିକାଠି ନିହିତ ରହିଛି ।

ଏହିପରି ଏକ ବିଶ୍ଳେଷଣ ଦ୍ୱାରା ବେଦାନ୍ତର ପ୍ରାଚୀନ ଓ ଶାଶ୍ୱତ ସତ୍ୟ ଆଧୁନିକ ବିବର୍ତ୍ତନବାଦର ବ୍ୟାବହାରିକ ବିଶ୍ୱସତ୍ୟଟିକୁ ଆପଣାଭିତରେ ଗ୍ରହଣ କରି ନେଇଥାଏ, ତାହାଉପରେ ଆଲୋକପାତ କରି ତାହାର ଔଚିତ୍ୟ ପ୍ରତିପାଦନ କରିଥାଏ ଏବଂ ଆମକୁ ତାହାର ସକଳ ଅର୍ଥଗୁଡ଼ିକୁ ଦର୍ଶାଇ ଦେଇଥାଏ । ଶକ୍ତି ଓ ଜଡ଼ର ଅଧ୍ୟୟନମାଧ୍ୟମରେ ଆଧୁନିକ ବିଜ୍ଞାନ କାଳର ଆଧାର ଉପରେ ପର୍ଯ୍ୟାୟକ୍ରମେ ବିଶ୍ୱମୟ ପୁରୁଷ ଆପଣାକୁ ବିକଶିତ କରିବାରେ ଲାଗିଛି ବୋଲି ଘୋଷଣା କରି ଆସିଥିବା ସେହି ପ୍ରାଚୀନ ସତ୍ୟଟିର ଯେତିକି ଅସ୍ପଷ୍ଟ ଜ୍ଞାନ ପାଇବାକୁ ସମର୍ଥ ହୋଇଛି, ତାହାକୁହିଁ କ୍ରମବିବର୍ତ୍ତନବାଦ ବୋଲି କୁହାଯାଉଛି । ବୈଦିକ ଗ୍ରନ୍ଥଗୁଡ଼ିକରେ ଆମଲାଗି ଏବେମଧ୍ୟ ସୁରକ୍ଷିତ ହୋଇ ରହିଥିବା ସେହି ପ୍ରାଚୀନ ଓ ଚିରନ୍ତନ ସତ୍ୟର ଆଲୋକଦ୍ୱାରା ଆପଣାକୁ ଆଲୋକିତ କରି ପାରିଲେ ଯାଇ ଆଧୁନିକ ବିବର୍ତ୍ତନବାଦ ଆପଣାର ସମ୍ପୂର୍ଣ୍ଣ ଅର୍ଥ ଓ ଔଚିତ୍ୟଟିକୁ ଆବିଷ୍କାର କରିପାରିବ । ପ୍ରାଚ୍ୟର ପ୍ରାଚୀନ ତଥା ପାଶ୍ଚାତ୍ୟର ନୂତନ ଜ୍ଞାନରେ ଏକ ସମ୍ମିଳନ ଘଟାଇ ଏହି ପାରସ୍ପରିକ ଆତ୍ମ-ଆବିଷ୍କାର ଓ ଆତ୍ମଦୀପନ ଆଡ଼କୁ ଅଗ୍ରସର ହେବାର ସଙ୍କେତମାନ ଆମ ପୃଥିବୀରେ କ୍ରମେ ଦେଖାଦେବାକୁ ଲାଗିଲାଣି ।

ତଥାପି ସକଳ ପଦାର୍ଥକୁ ସଚ୍ଚିଦାନନ୍ଦ ବୋଲି ଗ୍ରହଣ କରି ନେଲେହିଁ ତଦ୍ୱାରା ସକଳ ସମସ୍ୟାର କଦାପି ବିଶ୍ଳେଷଣ ଓ ସମାଧାନ ହୋଇ ଯାଏନାହିଁ । ଏହି ବିଶ୍ୱର ମୂଳ ସତ୍ୟଟି କ'ଣ, ସେକଥା ଆମେ ଜାଣିଛୁ ସତ, ମାତ୍ର କିଭଳି ଏକ

'oaob.nitrkl.ac.in' images reprocessed

ପ୍ରକ୍ରିୟାରେ ସେହି ସତ୍ୟ ଏହି ବିଶ୍ୱପ୍ରତିଭାସ ରୂପେ ପ୍ରକଟିତ ହୋଇଛି, ସେହିକଥାଟି ଜାଣିବା ତଥାପି ବାକି ରହିଛି । ରହସ୍ୟଟିକୁ ଉଦ୍‌ଘାଟନ କରିବାର ଚାବିକାଠି ଆମ-ହାତରେ ରହିଛି ସତ, ମାତ୍ର ସେହି ଚାବିକାଠିକୁ ଯେଉଁ କୋଲପଟିରେ ଲଗାଇବାକୁ ହେବ, ଏପର୍ଯ୍ୟନ୍ତ ତାହାର ସନ୍ଧାନ ମିଳିନାହିଁ । କାରଣ ଏହି ସତ୍, ଚିତ୍‌ଶକ୍ତି ଓ ଆନନ୍ଦ ଜଗତ୍ର ଭିତରେ ସିଧା କାର୍ଯ୍ୟକାରୀ ହେଉନାହିଁ । କେବଳ -ବାକ୍‌ସ୍ଫୋଟ ଦ୍ୱାରା କୌଣସି ଯାଦୁକର କେତେକେତେ ସଂସାର ଗଢ଼ି ଥୋଇ ଦେଉଥିଲା ପରି ଏକ ଚୂଡ଼ାନ୍ତ ଦାୟିତ୍ୱହୀନତା ଦ୍ୱାରା ଏହା କାର୍ଯ୍ୟକାରୀ ହେଉନାହିଁ । ଏପରି ହେବାରେ ଯେ ଏକ ପ୍ରକ୍ରିୟା କାର୍ଯ୍ୟ କରୁଛି, ଏକ ବିଧାନ ବଳବତ୍ତର ରହିଛି, ସେକଥା ଆମେ ବେଶ୍ ଅନୁଭବ କରି ପାରୁଛୁ ।

ଏକଥା ସତ ଯେ ବିଶ୍ଳେଷଣ କରି ଦେଖିଲାବେଳେ ଏହି ବିଶ୍ୱବିଧାନଟି ଶକ୍ତିଲୀଳାର ଏକ ସମାବସ୍ଥା ପରି ପ୍ରତୀତ ହେଉଛି । ବିବର୍ତ୍ତନର ଆକସ୍ମିକତା ଭିତରେ ପଡ଼ି ସେହି ଲୀଳା ଆପଣାକୁ ସତେ ଅବା କେତୋଟି ନିର୍ଦ୍ଦିଷ୍ଟ ଧାରା ଭିତରେ ବାନ୍ଧି କରି ରଖିଥିଲା ପରି ଲାଗୁଛି ବା ଅତୀତର ଅଭ୍ୟସ୍ତ ଶକ୍ତି ପରିଣାମର ଗତାନୁଗତିକତା ପରି ମନେ ହେଉଛି । ମାତ୍ର କେବଳ ଶକ୍ତିକୁହିଁ ଏକମାତ୍ର ସତ୍ୟରୂପେ କଳ୍ପନା କରୁଥିବା ପର୍ଯ୍ୟନ୍ତହିଁ ଏହି ଆପାତ ଓ ଗୌଣ ସିଦ୍ଧାନ୍ତଟି ଆମକୁ ଏକମାତ୍ର ଚରମ ସିଦ୍ଧାନ୍ତ ବୋଲି ମନେ ହେଉଥିବ । କିନ୍ତୁ ଶକ୍ତିକୁ ସ୍ୱରୂପସତ୍ତାର ଆତ୍ମପ୍ରକାଶ ବୋଲି ମାନି ନେଇ ପାରିଲେ ଏହି ଶକ୍ତିର ପରିଣାମଧାରାଟି ମଧ୍ୟ ଯେ ସେହି ସ୍ୱରୂପସତ୍ତାର କୌଣସି ସ୍ୱଭାବସତ୍ୟର ପ୍ରଚ୍ଛନ୍ନରୂପ ରୂପେ କାର୍ଯ୍ୟ କରୁଛି, ଆମେ ସେକଥାଟି ମଧ୍ୟ କଳ୍ପନା କରିବାକୁ ନିଶ୍ଚୟ ସମର୍ଥ ହେବା । ତାହାହିଁ ଏହି ଶକ୍ତିକୁ ନିୟନ୍ତ୍ରଣ କରୁଛି, ଶାସନ କରୁଛି, ଏହାର ଗତିଧାରା ତଥା ଲକ୍ଷ୍ୟ ବିନ୍ଦୁଟିକୁ ନିରୂପିତ କରି ଦେଉଛି । ଏବଂ ଚିତ୍‌ଶକ୍ତିହିଁ ସର୍ବମୂଳ ସ୍ୱରୂପସତ୍ତାର ସ୍ୱଭାବ ଓ ତାହାର ଶକ୍ତିର ମୂଳସତ୍ୟ ହୋଇଥିବାରୁ ଏହି ସତ୍ୟଟି ସେହି ଚିନ୍ମୟ ସତ୍ତାର ଆତ୍ମବୋଧ ବ୍ୟତୀତ ଆଉ କିଛିହେଲେ ହୋଇ ନ ପାରେ । ସୃଷ୍ଟିର ପ୍ରଥମ ଉନ୍ମେଷରୂପେ ସେହି ଚୈତନ୍ୟ ମଧ୍ୟରେ ଯେଉଁ ଆତ୍ମପ୍ରକାଶେଚ୍ଛାର ପ୍ରଥମ ଆବିର୍ଭାବ ହୋଇଥିଲା, ତାହାକୁହିଁ ଯଥୋଚିତ ଧାରାରେ ଅବ୍ୟାହତ ଭାବରେ ପ୍ରବାହିତ କରି ରଖିବାଲାଗି ତାହାର ଆତ୍ମଶକ୍ତିକୁ ଏପରି ନିର୍ଦ୍ଦିଷ୍ଟ ଭାବେ ସଞ୍ଚାଳିତ ହେବାକୁ ପଡ଼ୁଛି । ଏହି ଶକ୍ତି ସେହି ଚୈତନ୍ୟ ଭିତରେହିଁ ନିହିତ ହୋଇ ରହିଥିଲା । ତେଣୁ ଏହି ଶକ୍ତିକୁ ଆମେ ବିଶ୍ୱଚେତନାଯୁକ୍ତ ଏକ ଆତ୍ମନିୟନ୍ତ୍ରଣକାରୀ ଶକ୍ତି ବୋଲି କହିବା, କୌଣସି ଏକ ବିଶେଷ ସତ୍ୟକୁ ଜାଣିବାଲାଗି ଅନନ୍ତ ସତ୍ତାର ଆତ୍ମଚେତନାରୂପୀ ସାମର୍ଥ୍ୟ ବୋଲି କହିବା । ବିଶ୍ୱମୟ ପ୍ରକାଶର ଅଧିପ ପରି ହୋଇ ରହିଥିବା ସେହି ସତ୍ୟର ଧାରାଟି

'oaob.nitrkl.ac.in' images reprocessed

ଅନୁସାରେ ଆପଣାର ସୃଜନଶକ୍ତିକୁ ଅନୁଧାବିତ କରାଇ ପାରିବାର ସାମର୍ଥ୍ୟ ବୋଲି କହିବା ।

ମାତ୍ର ଗୋଟିଏ ପାଖରେ ସ୍ୱୟଂ ଅନନ୍ତ ଚିତ୍‌ଶକ୍ତି ଏବଂ ଅପର ପାଖରେ ତତ୍‌କ୍ରିୟାର ପରିଣାମ ଏହି ବିଶ୍ୱସୃଷ୍ଟି ମଧ୍ୟରେ ଆମେ ଏକ ମଧ୍ୟବର୍ତ୍ତୀ ସତ୍ତ୍ୟରୂପେ କାହିଁକି କୌଣସି ଏକ ବିଶେଷ ଶକ୍ତି ବା ବୃତ୍ତିକୁ ଠିଆ କରାଇବାକୁ ଇଚ୍ଛା କରିବା ?– ଆମେ ଯାହାକୁ ଅନନ୍ତର ଆତ୍ମଚେତନା ବୋଲି କହୁଛୁ, ସିଏ କ'ଣ ଇଚ୍ଛା କରିବା ମାତ୍ରକେ ନିର୍ବିଘ୍ନରେ ଏହି ରୂପଗୁଡ଼ିକର ସୃଷ୍ଟି କରି ପାରନ୍ତା ନାହିଁ ? ସୃଷ୍ଟି ରୂପଗୁଡ଼ିକ ତ' ବେଶ୍ ଏହି ସୃଷ୍ଟିର ଲୀଳାକୁ ଜାରି ରଖିପାରନ୍ତେ ଓ ପୁଣି ସେଗୁଡ଼ିକୁ ବିଲୀନ କରି ନେଇଯିବାକୁ ସ୍ରଷ୍ଟାର ମନ ହେବା ମାତ୍ରକେ ପ୍ରଳୟ ଭିତରେ ଅଦୃଶ୍ୟ ହୋଇ ଯାଆନ୍ତେ । ପ୍ରାଚୀନ ସେମିଟିକ୍ ଶାସ୍ତ୍ରରେ ଓ ବିଶ୍ୱପ୍ରକାଶ ବିଷୟରେ ଠିକ୍ ଏହିକଥା କୁହାଯାଇଛି : ଈଶ୍ୱର କହିଲେ ଆଲୋକ ଆସୁ,—ଏବଂ ଆଲୋକ ଆସିଲା । ମାତ୍ର "ଈଶ୍ୱର କହିଲେ, ଆଲୋକ ଆସୁ !" କଥାଟି କହିଲାବେଳେ ଆମେ ଅନୁମାନ ସ୍ୱରୂପ ଏକଥା ମାନିନେଉଛୁ ଯେ ଏକ ଚିତ୍‌ଶକ୍ତିର କ୍ରିୟାହିଁ ଯାହା ଆଲୋକ ନୁହେଁ ସେସବୁଥିରୁ ଆଲୋକକୁ ଅଲଗା କରି କାଢ଼ି ନେଉଛି । ଏବଂ "ଆଲୋକ ଆସିଲା" ବୋଲି କହିଲାବେଳେ ମଧ୍ୟ ଆମେ ଏପରି ଏକ ନିୟନ୍ତ୍ରଣକ୍ଷମ ଶକ୍ତିକୁ ସ୍ୱୀକାର କରି ନେଉଛୁ, ସିଏ କି ଏକ ସକ୍ରିୟ ଶକ୍ତି ହିସାବରେ ଆଲୋକ ସମ୍ବନ୍ଧରେ ରହିଥିବା ନିଜର ମୂଳ କଳ୍ପନାଧାରାଟି ଅନୁସାରେ ଆଲୋକକୁ ନିଷ୍ପନ୍ନ କରାଇ ପାରୁଛି । ଆଲୋକ ବ୍ୟତୀତ ରୂପସୃଷ୍ଟିର ଆଉ ଯେଉଁ ଅଗଣିତ ସମ୍ଭାବନାମାନ ରହିଛି, ସେସବୁର ଗ୍ରାସରେ ପଡ଼ିଯିବାରୁ ତାହା ଆଲୋକକୁ ନିବୃତ୍ତ କରି ରଖୁଛି । ଅନନ୍ତ ଚିତ୍‌ଶକ୍ତି ଆପଣାର ଅନନ୍ତ କ୍ରିୟାଦ୍ୱାରା କେବଳ ଅନନ୍ତ ପରିଣାମଚୟହିଁ ଉତ୍ପନ୍ନ କରିପାରିବ । ତେଣୁ ଏକ ନିର୍ଦ୍ଦିଷ୍ଟ ସତ୍ତ୍ୟର ବେଢ଼ ଭିତରେ ଆପଣାକୁ ଆଶ୍ରିତ କରି ରଖି ସେହି ନିର୍ଦ୍ଦିଷ୍ଟ ସତ୍ତ୍ୟଟି ଅନୁସାରେ ଏକ ବିଶ୍ୱର ରଚନା କରିବାକୁ ହେଲେ ଜ୍ଞାନ ଭିତରେ ଏପରି ଏକ ନିର୍ବାଚନୀ ବୃତ୍ତି ବା ଶକ୍ତି ରହିଥିବା ଆବଶ୍ୟକ, ଯାହାକି ଅନନ୍ତ ସତ୍ତ୍ୟରୁ ଅନ୍ତବିଶିଷ୍ଟ ପ୍ରତିଭାସକୁ ଆକୃତି ଦେବାରେ ସମର୍ଥ ହୋଇପାରିବ ।

ବୈଦିକ ଋଷିମାନେ ଏହି ଶକ୍ତିକୁ ମାୟା ନାମରେ ଅଭିହିତ କରିଥିଲେ । ମାୟା କହିଲେ ସେମାନେ ଅନନ୍ତ ଚିତ୍-ଶକ୍ତିର ସେହି ସାମର୍ଥ୍ୟଟିକୁ ବୁଝୁଥିଲେ ଯାହାଦ୍ୱାରା କି ସେ ଅନନ୍ତ ସତ୍ତ୍ୱର ଅମେୟ ଓ ବିଶାଳ ସତ୍ତ୍ୟଭିତରୁ ନାମ ଓ ରୂପକୁ ଅବଧାରଣ କରି ପାରୁଛନ୍ତି, ଆପଣା ଭିତରେ ସେଗୁଡ଼ିକୁ ଧାରଣ କରିପାରୁଛନ୍ତି ଓ ପରିମାଣସିଦ୍ଧ ଭାବରେ ସେଗୁଡ଼ିକୁ ଆକାର ଦେଇ ପାରୁଛନ୍ତି । କାରଣ ଆକାର

'oaob.nitrkl.ac.in' images reprocessed

ଦେବାର ଅର୍ଥ ହେଉଛି ସୀମାରେଖା ବାନ୍ଧି ପରିମିତ କରି ରଖିବା । ଏହି ମାୟାଦ୍ୱାରାହିଁ ସ୍ୱରୂପସତ୍ତାର ସ୍ପନ୍ଦନରହିତ ସତ୍ୟ ସକ୍ରିୟ ସତ୍ତାର ଶୃଙ୍ଖଳାବଦ୍ଧ ସତ୍ୟରୂପେ ସ୍ପନ୍ଦିତ ହୋଇ ଉଠୁଛି । ବା ତନ୍ତ୍ରଶାସ୍ତ୍ରର ପରିଭାଷାରେ କହିବାକୁ ଗଲେ, ଯେଉଁ ପରମ ସତ୍ତାଭିତରେ, ସକଳ ଭେଦଚେତନାର ବନ୍ଧନପ୍ରାଚୀରରୁ ମୁକ୍ତହୋଇ ସବୁକିଛି ଅବସ୍ଥିତ ରହିଛି, ସେଇଥିରୁହିଁ ସତ୍ତାସହିତ ସତ୍ତାର, ଚୈତନ୍ୟ ସହିତ ଚୈତନ୍ୟର, ଶକ୍ତିସହିତ ଶକ୍ତିର ଓ ଆନନ୍ଦ ସହିତ ଆନନ୍ଦର ବିଶ୍ୱଲୀଳା ଲଗାଇ ରଖିବା ଉଦ୍ଦେଶ୍ୟରେ ଏହି ମାୟାଦ୍ୱାରାହିଁ ପ୍ରାତିଭାସିକ ସତ୍ତାର ସ୍ଫୁରଣ ଓ ପ୍ରକାଶ ହେବାରେ ଲାଗିଛି । ଏବଂ ଏହିପରି ଭାବରେ ପ୍ରତ୍ୟେକ ଭିତରେ ସବୁ ଓ ସବୁଭିତରେ ପ୍ରତ୍ୟେକର ଅବସ୍ଥାନ ଚିର-ବର୍ତ୍ତମାନ ରହିଛି । ମନର ଖେଳ ଅଥବା ମାୟାଜନିତ ଭ୍ରମ ହେତୁ ପ୍ରତ୍ୟେକ ଭିତରେ ସବୁର ଓ ସବୁଭିତରେ ପ୍ରତ୍ୟେକର ଲାଗିରହିଥିବା ଏହି ଲୀଳାଟି ଆମଠାରୁ ପ୍ରଥମେ ଲୁକ୍‌କାୟିତ ହୋଇ ରହିଛି । ଆମେ ସବୁର ଭିତରେ ରହିଛୁ, ମାତ୍ର ସବୁ ଆମଭିତରେ ନାହିଁ,—ମାୟା ଆମ ପ୍ରତ୍ୟେକଙ୍କ ଭିତରେ ଏହିପରି ଏକ ଭ୍ରମ ଆଣି ଦେଉଛି । ଆମେ ପ୍ରତ୍ୟେକେ ସବୁରି ଭିତରେ ଏକ ବିଚ୍ଛିନ୍ନ ସତ୍ତା ହିସାବରେ ରହିଛୁ, ଅବଶିଷ୍ଟ ବିଶ୍ୱସତ୍ତା ସହିତ ଏକାତ୍ମ ଓ ଅବିଚ୍ଛିନ୍ନ ହୋଇ ରହିଥିବା ଏକ ସତ୍ତାରୂପେ ରହିନାହୁଁ ବୋଲି ବିଶ୍ୱାସ କରିବାଲାଗି ଆମକୁ ପ୍ରବର୍ତ୍ତାଉଛି । ଏହି ଭ୍ରାନ୍ତିଭିତରୁ ମୁକ୍ତ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ଆମକୁ ଅତିମାନସ ଲୀଳା ଅର୍ଥାତ୍ ମାୟାର ସତ୍ୟକ୍ଷେତ୍ରକୁ ଉତ୍ତୀର୍ଣ୍ଣ ହୋଇଯିବାକୁ ପଡ଼ିବ । ସେହି କ୍ଷେତ୍ରରେ ପହଞ୍ଚି ଆମେ 'ପ୍ରତ୍ୟେକ' ତଥା 'ସମୁଦାୟ'କୁ ସେହି ଏକ ସତ୍ୟ ଓ ବହୁ ପ୍ରତୀକର ଅନ୍ତର୍ନିହିତ ଅବିଚ୍ଛିନ୍ନ ଏକତ୍ୱର ସହାବସ୍ଥିତ ବାସ୍ତବ ଦୁଇଟି ପରି ଅନୁଭବ କରିବା । ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନର ଜନ୍ମସୂତ୍ରସ୍ଥ ଭ୍ରମୋତ୍ପାଦକ ମନୋମାୟାକୁ ଆଗ ସ୍ୱୀକାର କରିନେବାକୁ ପଡ଼ିବ, ଓ ତା'ପରେ ତାକୁ ଡେଇଁଯିବାକୁ ପଡ଼ିବ । କାରଣ ଏହି ବିଭକ୍ତତା, ତମସାଚ୍ଛନ୍ନତା ଓ ସୀମାବଦ୍ଧତା ଭିତରେ ସେହି ଈଶ୍ୱରୀ ଲୀଳାହିଁ ରୂପାୟିତ ହେବାରେ ଲାଗିଛି; ଏହି ବାସନା, ଦ୍ୱନ୍ଦ୍ୱ ଓ ଦୁଃଖର ପଟସ୍ତରଗୁଡ଼ାକ ତଳେ ତାଙ୍କର ଲୀଳାହିଁ ଉଙ୍କୁଟି ଉଙ୍କୁଟି ଯାଉଛି । ଏହି ଲୀଳା ଭିତରଦେଇ ସେ ଆପଣାଠାରୁ ସମ୍ଭୂତ ଶକ୍ତିପାଖରେ ଆପଣାକୁ ସମର୍ପି ଦେଇଛନ୍ତି, ସେହି ଶକ୍ତିର ଅବଗୁଣ୍ଠିତ ଅସ୍ପଷ୍ଟତା ଭିତରେ ସେ ଆପଣାକୁ ଅବଗୁଣ୍ଠିତ କରି ରଖିଛନ୍ତି । ମନୋମୟ ସ୍ତରଟିଦ୍ୱାରା ଲୁକ୍‌କାୟିତ ହୋଇ ରହିଥିବା ଅଉଗୋଟିଏ ମାୟାକୁ ମଧ୍ୟ ଅତିକ୍ରମ କରି ଯିବାକୁ ହେବ ଏବଂ ପୁଣି ଫେରିଆସି ତାହାକୁ ଆବୋରି ଧରିବାକୁ ହେବ । କାରଣ ସତ୍ତାର ନାନା ଅନନ୍ତତାକୁ ନେଇ ଏଇଟି ମଧ୍ୟ ସେହି ପରମ ଦେବତାଙ୍କର ଲୀଳା । ଜ୍ଞାନର ଚମତ୍କାର, ଆପୂର୍ବ ଶକ୍ତିର ଗୌରବ ତଥା ଅଜସ୍ର ପ୍ରେମର ପରମ ଆନନ୍ଦ ଭିତରେ ଏଠାରେ ମଧ୍ୟ ସେହି ପରମେଶ୍ୱରର ଶକ୍ତିର ବନ୍ଧନ

'oaob.nitrkl.ac.in' images reprocessed

ଭିତରୁ ଆପଣାକୁ ମୁକ୍ତ କରିବାରେ ଲଗିଛନ୍ତି ଏବଂ ପୁଣି ତାହାକୁହିଁ ଆଲିଙ୍ଗନ କରି ନେଉଛନ୍ତି । ଯେଉଁ ଆକାଙ୍‌କ୍ଷାଦ୍ୱାରା ପ୍ରେରିତ ହୋଇ ଏହି ଶକ୍ତି ତାଙ୍କରି ଭିତରୁ ବାହାରକୁ ଆସିଥିଲା, ତାହାକୁ ଆପଣାର ଜ୍ୟୋତିରେ ଉଦ୍‌ଭାସିତ କରି ସେ ତାହାର ସେହି ଆକାଙ୍‌କ୍ଷାକୁହିଁ ପରିପୂର୍ତ୍ତି କରୁଛନ୍ତି ।

ନିମ୍ନତର ଓ ଊର୍ଦ୍ଧ୍ୱତର ଉଭୟ ସ୍ତରରେ ରହିଥିବା ଏହି ମାୟାର ପାରସ୍ପରିକ ପାର୍ଥକ୍ୟଟିକୁ ଅନୁଭବ କରିପାରିଲେ ତାହା ଆମର ବିଶ୍ୱର ତଥା ବିଶ୍ୱସତ୍ୟର କ୍ଷେତ୍ରରେ ଏକ ସଂଯୋଗକାରୀ ସେତୁରୂପେ କାର୍ଯ୍ୟ କରିଥାଏ । ମାତ୍ର ଦୁଃଖବାଦୀ ଓ ମାୟାବାଦୀ ଦର୍ଶନଗୁଡ଼ିକ ଏହି ପାର୍ଥକ୍ୟଟିକୁ ହୁଏତ ଦେଖି ପାରନ୍ତି ନାହିଁ କିମ୍ବା ଅବହେଳା କରିଥା'ନ୍ତି । ସେମାନଙ୍କ ମତରେ ମନୋମୟ ମାୟା କିମ୍ବା ସମ୍ଭବତଃ ଏକ ଅଧିମାନସହିଁ ବିଶ୍ୱର ସୃଷ୍ଟି କରୁଛି । ଏବଂ କେବଳ ମନୋମୟ ମାୟାରୁହିଁ ଯେଉଁ ବିଶ୍ୱର ଉଦ୍‌ଭବ ହୋଇଛି, ତାହା କେବଳ ଏକ ଅବୋଧ ବିରୋଧାଭାସରେହିଁ ପର୍ଯ୍ୟବସିତ ହୋଇ ରହିବ, ଚିତ୍-ସତ୍ତାର କେବଳ ଏକ ପରିବର୍ତ୍ତନରହିତ ଅଥଚ ଭ୍ରମମାନ ସ୍ୱପ୍ନବିକାର ହୋଇ ରହିବ;—ଏବଂ ତାହାକୁ ମାୟା କିମ୍ବା ସତ୍ୟ କୌଣସି ଶ୍ରେଣୀର ବି ଅନ୍ତର୍ଭୁକ୍ତ କରାଯାଇ ପାରିବ ନାହିଁ । ତେଣୁ ଏଥିରୁ ସମାଧାନ ପାଇବାକୁ ହେଲେ ଆମ ମନକୁ ଏକ ପକ୍ଷରେ ସେହି ସୃଜନଶୀଳ ସଙ୍କଳ୍ପାତ୍ମକ ଜ୍ଞାନ ଓ ଅପର ପକ୍ଷରେ ଆପଣାର ବିସୃଷ୍ଟିଗୁଡ଼ିକ ଭିତରେ ବାନ୍ଧିହୋଇ ପଡ଼ିଥିବା ଆତ୍ମାର ମଝିରେ ଏକ ମଧ୍ୟବର୍ତ୍ତୀ ସତ୍ୟରୂପେ ମାନିନେବାକୁ ପଡ଼ିବ । ସଚ୍ଚିଦାନନ୍ଦ ଆପଣାର ଏକ ନିମ୍ନତର ଗତିସ୍ପନ୍ଦନର ବଶବର୍ତ୍ତୀ ହୋଇ ଶକ୍ତିର ଆତ୍ମବିସ୍ମୃତି ଗ୍ରାସ ଭିତରେ ଜଡ଼ିତ ହୋଇ ପଡ଼ିଛନ୍ତି । ସେହି ଶକ୍ତି ଆପଣାର କରଣୀ-ଭିତରେ ସତେଅବା ଆପଣାକୁ ହରାଇ ବସିଛି ଏବଂ ଆତ୍ମବିସ୍ମରଣ ଭିତରୁ ପୁଣି ତାଙ୍କରି ପାଖକୁ ଫେରି ଆସିବାରେ ଲଗିଛି । ଏହି ଅବରୋହଣ-ତଥା ଆରୋହଣ-ଲୀଳାରେ ସେ ଯେତେଗୁଡ଼ିଏ ସାଧନକୁ କାର୍ଯ୍ୟରେ ଲଗାଉଛନ୍ତି, ମନ ହେଉଛି ସେଥିଭିତରୁ କେବଳ ଗୋଟିଏ ମାତ୍ର ସାଧନ । ସୃଷ୍ଟିରୂପୀ ଅବରୋହଣରେ ମନ ଏକ ସାଧନମାତ୍ର,—ସୃଷ୍ଟିର ଗୋପନ କର୍ତ୍ତା ଆଦୌ ନୁହେଁ । ଆରୋହଣବେଳେ ଏହି ମନ କେବଳ ମଧ୍ୟବର୍ତ୍ତୀ ଏକ ପର୍ଯ୍ୟାୟ ମାତ୍ର, ଆମର ମୂଳ ଓ ସର୍ବୋଚ୍ଚ ଉଦ୍‌ଗମସ୍ଥାନ କଦାପି ନୁହେଁ, କିମ୍ବା ବିଶ୍ୱସତ୍ତାର ଚରମ ପରିଣତି ମଧ୍ୟ ନୁହେଁ ।

ଯେଉଁସବୁ ଦର୍ଶନମତ କେବଳ ମନକୁହିଁ ବିଶ୍ୱଚର୍ଯ୍ୟର ଏକମାତ୍ର ସୃଜକ ବୋଲି ମାନିଥା'ନ୍ତି ଅଥବା ମନ ସହିତ ଆଉ କୌଣସି ଗୋଟିଏ ମୂଳ ତତ୍ତ୍ୱକୁ ମନ ଓ ରୂପାୟିତ ବିଶ୍ୱ ମଧ୍ୟରେ ରହିଥିବା ଏକମାତ୍ର ଯୋଗସୂତ୍ରକାରୀ ତତ୍ତ୍ୱ ହିସାବରେ

'oaob.nitrkl.ac.in' images reprocessed

ଗ୍ରହଣ କରନ୍ତି, ସେଗୁଡ଼ିକୁ ଆମେ ନିର୍ବିଶେଷ-ଅଧିଷ୍ଠାନବାଦୀ ବା ରୂପତତ୍ତ୍ୱବାଦୀ ଏବଂ ଆଦର୍ଶତତ୍ତ୍ୱବାଦୀ ଏହିପରି ଦୁଇଟି ଶ୍ରେଣୀରେ ବିଭକ୍ତ କରିପାରିବା । ରୂପତତ୍ତ୍ୱବାଦୀମାନେ ଏହି ବ୍ରହ୍ମାଣ୍ଡକୁ କେବଳ ମନ, ଈଶ୍ୱର ଓ କଳ୍ପନାରୁ ପ୍ରସୂତ ବୋଲି ସ୍ୱୀକାର କରନ୍ତି । ମାତ୍ର ଏହି କଳ୍ପନା କେବଳ ସ୍ୱୈରରୂପୀ ବି ହୋଇପାରେ, ଅର୍ଥାତ୍ ସତ୍ତାର କୌଣସି ଯଥାର୍ଥ ସତ୍ୟ ସହିତ ଏହାର କୌଣସି ମର୍ମଗତ ସମ୍ବନ୍ଧ ନ ଥାଇପାରେ । କିମ୍ବା ସେପରି କୌଣସି ସତ୍ୟ ରହିଛି ବୋଲି ହୁଏତ ସ୍ୱୀକାର କରୁଥିଲେ ମଧ୍ୟ ତାହାକୁ କେବଳ ଏକ ବିଶ୍ୱନିରପେକ୍ଷ ନିର୍ବିଶେଷ ତତ୍ତ୍ୱ ବୋଲି କୁହାଯାଇପାରେ । ଏକ ସମ୍ବନ୍ଧମୟ ବିଶ୍ୱସହିତ ଏହାର କୌଣସି ସମ୍ବନ୍ଧ ଓ ମିଳନବନ୍ଧ ରହିଛି ବୋଲି ବି ଅସ୍ୱୀକାର କରାଯାଇପାରେ । ଅନ୍ୟପକ୍ଷରେ ଆଦର୍ଶତତ୍ତ୍ୱବାଦୀ ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହିଥିବା ସତ୍ୟ ଓ ସମକ୍ଷରେ ଅବସ୍ଥିତ କଳ୍ପିତ ବିଶ୍ୱପ୍ରତିଭାସ ମଧ୍ୟରେ ଏକ ସମ୍ବନ୍ଧ ରହିଛି ବୋଲି ଅନୁମାନ କରିନିଏ । ଏହି ସମ୍ବନ୍ଧଟିକୁ ସେ କେବଳ ଏକ ବିରୋଧୀ ଓ ବିସଂବାଦାତ୍ମକ ସମ୍ବନ୍ଧ ବୋଲି ବ୍ୟାଖ୍ୟା କରେ ନାହିଁ । ଏଠାରେ ମୁଁ ଯେଉଁ ଦୃଷ୍ଟିଟିର କଥା କହୁଛି, ତାହା ଆଦର୍ଶତତ୍ତ୍ୱବାଦୀର ମାର୍ଗରେ ଅନେକଦୂର ଆଗକୁ ଚାଲିଯାଇଛି । ମୋର ସିଦ୍ଧାନ୍ତଟି ବିଶ୍ୱନିର୍ମାଣକାରୀ କଳ୍ପନାକୁ ସତ୍ୟକଳ୍ପନା ବୋଲି ଘୋଷଣା କରୁଛି । ଅର୍ଥାତ୍ ଏହି ସତ୍ୟକଳ୍ପନା ହେଉଛି ସେହି ଚିତ୍-ଶକ୍ତିର ଏକ ସାମର୍ଥ୍ୟ, ଯାହା କି ଶୁଦ୍ଧ ସତ୍ତାକୁହିଁ ପ୍ରକାଶିତ କରୁଛି, ଶୁଦ୍ଧ ସତ୍ତାରୁ ଜନ୍ମଲାଭ କରିଛି, ଏବଂ ସେହି ସତ୍ତାର ସ୍ୱଭାବଧର୍ମକୁହିଁ ବହନ କରି ରହିଛି । ଏହା ଶୂନ୍ୟରୁ ଉଦ୍‌ଭୂତ ହୋଇ ନାହିଁ କିମ୍ବା ଭ୍ରମପଟଳର ଜାଲ ବୁଣିବାରେ ବ୍ୟସ୍ତ ହୋଇ ରହି ନାହିଁ । ଏହା ଏକ ଚେତନ ସତ୍ୟରୂପେ ବର୍ତ୍ତମାନ ରହିଛି ଓ ଆପଣାଭିତରୁ ଆପଣାର ପରିବର୍ତ୍ତନରହିତ ଅକ୍ଷୟ ଆତ୍ମୋପାଦାନର ପରିବର୍ତ୍ତନଶୀଳ ନାନାରୂପକୁ ଫୁଟାଇବାରେ ଲାଗିଛି । ତେଣୁ ଏହି ବିଶ୍ୱ ବିଶ୍ୱମନର କେବଳ ଏକ ବିକଳ୍ପମାତ୍ର ନୁହେଁ; ମାତ୍ର ଯାହା ମନର ଅତୀତ, ଏହା ତାହାରି ଏକ ସଚେତନ ଆତ୍ମରୂପାୟନ । ଚିନ୍ମୟ ସତ୍ତାରହିଁ ଏକ ସତ୍ୟ ଏହି ରୂପସକଳକୁ ଧାରଣ କରି ରହିଛି ଏବଂ ତାହାରି ମାଧ୍ୟମରେ ଆପଣାକୁ ପ୍ରକାଶିତ କରୁଛି, ଏବଂ ଏହି ପ୍ରକାଶିତ ସତ୍ୟର ଜ୍ଞାନଟି ଏକ ଅତିମାନସ 'ଋତ-ଚିତ୍' * ଭାବରେ ବିରାଜିତ ରହିଛି । ଏହି ଋତ-ଚିତ୍ ଉକ୍ତ ସତ୍ୟକଳ୍ପନାଗୁଡ଼ିକୁ ମନ, ପ୍ରାଣ ଓ ଜଡ଼ର ଗ୍ରନ୍ଥିରେ

* ଏହି ଅଭିଧାଟି ମୁଁ ଋଗ୍‌ବେଦରୁ ଆଣିଛି । ଏହାର ଅର୍ଥ ହେଉଛି ସତ୍ତାର ମର୍ମସତ୍ୟର ଚେତନା (ସତ୍ୟମ୍), କ୍ରିୟାଶୀଳ ସତ୍ତାର ସୁସଂଗଠିତ ସତ୍ୟର ଚେତନା (ଋତମ୍) ଏବଂ ମହାନ୍ ଓ ଅନନ୍ତ ଆତ୍ମଚେତନା (ବୃହତ୍) କେବଳ ଯେଉଁଥିରେହିଁ ଏହି ଚେତନା ସମ୍ଭବ ହୁଏ ।

'oaob.nitrkl.ac.in' images reprocessed

ଢାଳିବା ପୂର୍ବରୁ ସେଗୁଡ଼ିକୁ ଏକ ସୁପରିପୂର୍ଣ୍ଣ ସମାହିତି ମଧ୍ୟରେ ସୁସଂଗଠିତ କରି ରଖିଛି । ମନ, ପ୍ରାଣ ଓ ଶରୀର,—ଏଗୁଡ଼ିକ ହେଉଛନ୍ତି ଏକ ନିମ୍ନତର ସ୍ତରର ଚେତନା, ଋତ-ଚିତ୍ର ଆଂଶିକ ପ୍ରକାଶମାତ୍ର । ବିଚିତ୍ର ପରିଣତିକ୍ରମର ପଥରେ ଏକ ମାନସାତୀତ କ୍ଷେତ୍ରରେ ଯେଉଁ ଜ୍ଞାନ ନିତ୍ୟବର୍ତ୍ତମାନ ରହିଛି, ମନ, ପ୍ରାଣ ଓ ଦେହସ୍ତରର ଆଂଶିକ ଚେତନା ପ୍ରକାଶ ସେହି ଉଚ୍ଚତର ପ୍ରକାଶର ଗ୍ରନ୍ଥ ଅନୁସାରେ ଆପେ ଗଠିତ ହୋଇ ପାରିବାଲାଗି ନିରନ୍ତର ଉଦ୍ୟମ କରୁଛି । ମାନସାତୀତ କ୍ଷେତ୍ରର ସେହି ସମ୍ପଦ ନିମ୍ନତର ଚେତନାଲାଗି ଆଦର୍ଶ ହୋଇ ରହିଛି ଏବଂ ଆପଣା ବିଧାନର ମାଧ୍ୟମରେ ସେ ତାହାର ଉପଲବ୍ଧି କରିବାଲାଗି ନିରତ ଚେଷ୍ଟା କରୁଛି ।

ଆମର ଆରୋହଣଧର୍ମୀ ଦୃଷ୍ଟିକୋଣଟି ଦ୍ୱାରା ପରିଚାଳିତ ହୋଇ ଆମେ ହୁଏତ ଏକଥା କହିପାରୁ ଯେ ଯାହାକିଛି ସତ୍ତାରୂପେ ବର୍ତ୍ତମାନ ରହିଛି, ପରମ ସତ୍ୟ ସେଗୁଡ଼ିକର ଅନ୍ତରାଳରେହିଁ ଅଛି । ତାହା ମଧ୍ୟଭୂମିରେ ଏକ ଆଦର୍ଶ ସତ୍ୟକଳ୍ପନା ରୂପେ ଆପଣାକୁ ପ୍ରକାଶିତ କରୁଛି ଏବଂ ଏହି କଳ୍ପନା ଭିତରେହିଁ ତାହାର ଏକ ସମନ୍ୱିତ ସତ୍ୟ ନିହିତ ହୋଇ ରହିଛି । ଏହି ସତ୍ୟକଳ୍ପନା ଚିତ୍ସତ୍ତାର ବିଚିତ୍ର ଛନ୍ଦଲୀଳାରେ ଆପଣାକୁ ସ୍ୱରୂପସତ୍ତାର ପ୍ରତିଭାସରୂପେ ନିମ୍ନତର ଭୂମି ଉପରେ ମଧ୍ୟ ବିଚ୍ଛୁରିତ କରି ଦେଉଛି । ମାତ୍ର ଏହି ଚିତ୍ପ୍ରତିଭାସ ମଧ୍ୟରେ ତାହାର ସ୍ୱରୂପ ସତ୍ତା ପ୍ରତି ଏକ ଅଦମ୍ୟ ଆକର୍ଷଣ ନିଗୂଢ଼ ହୋଇ ରହିଛି । ସେ ତାହାକୁ ଅଖଣ୍ଡରୂପେ ପୁଣି ଫେରି ପାଇବାକୁ ଇଚ୍ଛା କରୁଛି । କେତେବେଳେ ଏକ ପ୍ରଚଣ୍ଡ ଲମ୍ଫପ୍ରଦାନ ଦ୍ୱାରା ଅଥବା ଆଉ କେତେବେଳେ ବିଜ୍ଞାନମୟ ମଧ୍ୟଭୂମିର ସୋପାନଟି ଦେଇ ଏକ ସହଜ ଧାରାରେ ସେ ଆପଣାର ଏହି ଇଚ୍ଛାକୁ ପ୍ରକାଶ କରୁଛି । ଏହି ଆକାଂକ୍ଷାଟି କାର୍ଯ୍ୟ କରୁଥିବାରୁହିଁ ମନୁଷ୍ୟର ମନ ଭିତରେ ଏକ ପୂର୍ଣ୍ଣତାହୀନ ଗ୍ରନ୍ଥୀର ମାୟା ହୋଇ ଜୀବନର ରୂପ ଫୁଟି ଉଠିଛି ଏବଂ ମନୋମୟ ପୁରୁଷ ମଧ୍ୟରେ ଏକ ଲୋକୋତ୍ତୀର୍ଣ୍ଣ ପୂର୍ଣ୍ଣତାସିଦ୍ଧିର ଅଭୀପ୍ସା ପ୍ରବଳଭାବେ ସ୍ୱଭାବନିରୂଢ଼ ହୋଇ ରହିଛି । ପ୍ରତିଭାସର ମୂଳରେ କେବଳ ବିଜ୍ଞାନମୟ ସ୍ତରର ପ୍ରଚ୍ଛନ୍ନ ସୁଷମତାଟିକୁ ଆବିଷ୍କାର କରି ସେହି ଅଭୀପ୍ସା ଆଦୌ ତୃପ୍ତ ହୋଇ ପାରୁନାହିଁ, ତେଣୁ ସେ ତାକୁ ମଧ୍ୟ ପଛରେ ପକାଇ ଦେଇ ବିଶ୍ୱୋତ୍ତୀର୍ଣ୍ଣର ଅଭିମୁଖରେ ଆକୁଳ ହୋଇ ଧାଇଁଛି । ଆମ ଚେତନାର ସକଳ ଅବସ୍ଥା, ସକଳ ପ୍ରକୃତି ଓ ସକଳ ପ୍ରୟୋଜନବଦ୍ଧତା ମୂଳରେ ପରମସତ୍ୟ, ବିଜ୍ଞାନ ଓ ପ୍ରତିଭାସ,—ନିମ୍ନକ୍ରମରେ ଏହି ସୋପାନସ୍ପନ୍ଦଟି କାର୍ଯ୍ୟ କରୁଛି । ପରମ ସତ୍ୟ ଓ କେବଳ ଆପେକ୍ଷିକତାଦୁଷ୍ଟ ପ୍ରତିଭାସ ମଧ୍ୟରେ ସର୍ବଦା ଏକ ଦ୍ୱୈତଧର୍ମୀ ଓ ଏକାନ୍ତବିରୋଧୀ ବିସମ୍ବାଦ ରହିଛି ବୋଲି ଘୋଷଣା କରୁଥିବା ତତ୍ତ୍ୱଟିକୁ ସେମାନେ ନିରାକୃତ କରି ଦେଉଛନ୍ତି ।

'oaob.nitrkl.ac.in' images reprocessed

କେବଳ ମନର ତତ୍ତ୍ୱଦ୍ୱାରା ବିଶ୍ୱସତ୍ତାର ସକଳ ରହସ୍ୟର ବ୍ୟାଖ୍ୟା କରାଯାଇ ପାରେ ନାହିଁ । ଅନନ୍ତ ଚେତନାକୁ ପ୍ରଥମେ ଜ୍ଞାନର ଅନନ୍ତ ସାମର୍ଥ୍ୟରୂପେ ରୂପାନ୍ତରିତ ହେବାକୁ ପଡ଼ିବ, ଅଥବା ଆମ ଦୃଷ୍ଟିକୋଣଟିର ପରିଭାଷାରେ କହିଲେ ସର୍ବଜ୍ଞତାରେ ରୂପାନ୍ତରିତ ହେବାକୁ ପଡ଼ିବ । ମାତ୍ର ମନକୁ ଜ୍ଞାନର ଏକ ବୃତ୍ତି କିମ୍ବା ସର୍ବଜ୍ଞତାର ଏକ ସାଧନ ବୋଲି କୁହାଯାଇ ପାରିବ ନାହିଁ । ମନ ହେଉଛି ଜିଜ୍ଞାସା ଅଥବା ଜ୍ଞାନାନ୍ୱେଷଣର ବୃତ୍ତି । ଆପେକ୍ଷିକ ଭାବନାର ଏକ ନିର୍ଦ୍ଦିଷ୍ଟ ମାଧ୍ୟମରେ ଆପଣାର ଲବ୍ଧ ଜ୍ଞାନକୁ ପ୍ରକାଶ କରିବା ଏବଂ କେତେକ ନିର୍ଦ୍ଦିଷ୍ଟ କର୍ମସାମର୍ଥ୍ୟରେ ତାହାକୁ କାର୍ଯ୍ୟରେ ଲଗାଇବା ହେଉଛି, ମନର ଧର୍ମ । ଏପରିକି ଆପଣାର ଉପଲବ୍ଧ ସମ୍ପଦଗୁଡ଼ିକୁ ମଧ୍ୟ ମନ ନିଜର ଆୟତ୍ତରେ ରଖିପାରେ ନାହିଁ । ଏହା ସତ୍ୟର ସ୍ୱରୂପକୁ ଧାରଣ କରି ରଖିପାରେ ନାହିଁ, କେବଳ ସତ୍ୟର କେତୋଟି ପ୍ରଚଳିତ ମୁଦ୍ରାକୁହିଁ ଗଚ୍ଛିତ କରି ରଖେ । ଦରକାରବେଳେ ସ୍ମୃତିର ଭଣ୍ଡାରରୁ ସେଗୁଡ଼ିକୁ ବାହାର କରି କାମରେ ଲଗାଏ । ଯଥାର୍ଥତଃ ମନ କିଛିହେଲେ ଜାଣେ ନାହିଁ, କେବଳ ଜାଣିବାର ଚେଷ୍ଟାମାତ୍ର କରିଥାଏ; ଏବଂ ସେ ଯେତିକି ଜାଣେ, ତାହା ଏକ ଅସ୍ପଷ୍ଟ ଦର୍ପଣ ଉପରେ ପ୍ରତିଫଳିତ ହେଉଥିବା ପ୍ରତିବିମ୍ବ ବ୍ୟତୀତ ଆଉ କିଛି ନୁହେଁ । ବିଶ୍ୱର ସ୍ୱରୂପତତ୍ତ୍ୱକୁ ଆପଣାର ଭୂମି ଉପରେ ନିଜସ୍ୱ ବ୍ୟବହାରର ପ୍ରୟୋଜନ ଦୃଷ୍ଟିରୁ ଅନୁକୂଳ ଭାବେ ବ୍ୟାଖ୍ୟା କରିବାରେହିଁ ମନର ଶକ୍ତି ସୀମାବଦ୍ଧ । ସେହି ସତ୍ତାକୁ ଜାଣି ତାହାକୁ ମାର୍ଗ ଦେଖାଇ ନେବାର ଶକ୍ତି ମନ ଭିତରେ ଆଦୌ ନାହିଁ । ତେଣୁ ଆମେ ମନକୁ ସେହି ସତ୍ତାର ସ୍ରଷ୍ଟା ବା ପ୍ରକାଶକାରୀ ଶକ୍ତି ବୋଲି କଦାପି କହି ପାରିବା ନାହିଁ ।

ଆମ ମନ ଭିତରେ ଯେଉଁସବୁ ସଙ୍କୀର୍ଣ୍ଣ ସୀମାବଦ୍ଧତା ରହିଛି, ସେଥିରୁ ସମ୍ପୂର୍ଣ୍ଣ ମୁକ୍ତ ରହିଥିବା ଏକ ଅନନ୍ତ ମନକୁ ଆମେ କେତେଦୂର ବିଶ୍ୱର ସ୍ରଷ୍ଟାରୂପେ କଳ୍ପନା କରିପାରିବା ? ମାତ୍ର ଆମେ ସାଧାରଣତଃ ଯେଉଁସବୁ ସଂଜ୍ଞା ଦେଇ ମନର ବ୍ୟାଖ୍ୟା କରିଥାଉ, ଏଭଳି ଏକ ଅନନ୍ତ ମନର କଳ୍ପନା କରି ବସିଲେ ସେଥିଲାଗି ତା'ଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସଂଜ୍ଞାମାନ ଗ୍ରହଣ କରିବାକୁ ପଡ଼ିବ । ଏହାକୁ ମାନସଭୂମିର ଅତୀତ ବୋଲି କୁହାଯିବ, ଅତିମାନସ ସତ୍ୟ ବୋଲି କୁହାଯିବ । ମନୋଭୂମିର ଚିରାଚରିତ ଓ ଅଭ୍ୟସ୍ତ ବ୍ୟାଖ୍ୟା ଦେଇ ଏକ ଅନନ୍ତ ମନର କଳ୍ପନା କରିବାକୁ ବାହାରିଲେ ସେଥିରୁ କେବଳ ଅନନ୍ତ ଅରାଜକତାହିଁ ଉପୁଜିବ । କେବଳ ଅନିୟମ ଓ ଆକସ୍ମିକ ଘଟଣାର ବିପୁଳ ସଂଘାତ ଉପସ୍ଥିତ ହେବ । ସେଥିରୁ ଯେଉଁ ପରିବର୍ତ୍ତନ ବା ପରିଣାମ ଘଟିବ, ତାହାର କୌଣସି ସୁନିର୍ଦ୍ଦିଷ୍ଟ ଲକ୍ଷ୍ୟହିଁ ନଥିବ । କେବଳ ଏକ ଉଦ୍‌ଭ୍ରାନ୍ତ ଆକୁଳତା ନେଇ ଅନ୍ଧାର ଭିତରେ ଉଣ୍ଡାଳି ହେବା

'oaob.nitrkl.ac.in' images reprocessed

ବ୍ୟତୀତ ଆଉ କିଛି ରହିବ ନାହିଁ । ନିଷ୍କର୍ଷ ହେଉଛି : ଏକ ଅନନ୍ତ, ସର୍ବବିତ୍ ଓ ସର୍ବଶକ୍ତିମାନ ମନକୁ ଆଦୌ ମନ ବୋଲି କୁହାଯାଇ ପାରିବ ନାହିଁ, ଏହାକୁ ଅତିମାନସ ଜ୍ଞାନ ବୋଲିହିଁ କୁହାଯିବ ।

ଆମର ପରିଚିତ ମନ ହେଉଛି ଏକ ପ୍ରତିଫଳନକାରୀ ଦର୍ପଣ ସ୍ୱରୂପ । ଯେଉଁସବୁ ସତ୍ୟ ଆଗରୁ ରହିଛି ବା ଯେଉଁସବୁ ଘଟଣା ଆଗରୁ ଘଟିଛି, ଏହି ମନ ସେହିଗୁଡ଼ିକର ପ୍ରତିମା ବା ପ୍ରତିଛବି ଯାହା ବାହାରୁ ଆସେ ତାହାକୁହିଁ ଗ୍ରହଣ କରିଥାଏ । କିମ୍ବା ଅନ୍ତତଃ ମନଠାରୁ ବୃହତ୍ତର ଯେଉଁ ଘଟଣା ଆଗରୁ ଘଟିଯାଇଛି କିମ୍ବା ବର୍ତ୍ତମାନ ଘଟୁଛି, ମନ ଆପଣା ମଧ୍ୟରେ ପ୍ରତି ମୁହୂର୍ତ୍ତରେ ସେଇଗୁଡ଼ିକର ପ୍ରତିରୂପକୁ ଗଢ଼ିବାରେ ଲାଗିଥାଏ । ତାହାଛଡ଼ା ଯାହାସବୁ ଘଟିନାହିଁ ଅଥଚ ଘଟିବାର ସମ୍ଭାବନା ରହିଛି, ସେଗୁଡ଼ିକର ପ୍ରତିରୂପ ତିଆରି କରିବାର ସାମର୍ଥ୍ୟ ମଧ୍ୟ ଆମର ମନଭିତରେ ରହିଛି । ଅର୍ଥାତ୍ ମନ ଯେ କେବଳ ସଂଘଟିତ ଘଟଣାଗୁଡ଼ିକର ପ୍ରତିରୂପ ରଚନା କରେ ତାହା ନୁହେଁ, ଏହା ସମ୍ଭାବ୍ୟ ଓ ପ୍ରତ୍ୟାଶିତ ଘଟଣାଗୁଡ଼ିକର ପ୍ରତିରୂପ ବି ରଚନା କରିଥାଏ । ଏଠାରେ ଭଲ କରି ମନେ ରଖିବାକୁ ପଡ଼ିବ ଯେ ଭବିଷ୍ୟତରେ ଯାହା ଅବଶ୍ୟ ଘଟିବାକୁ ଯାଉଛି, ତାହାର ପ୍ରତିରୂପ ରଚନା କରିବା-ଲାଗି ମନର କୌଣସି ସାମର୍ଥ୍ୟ ନାହିଁ । ଯାହା ବର୍ତ୍ତମାନ ଘଟୁଛି ବା ଆଗରୁ ଘଟିଯାଇଛି, କେବଳ ତାହାର ପୁନରାବୃତ୍ତି ଘଟିବାକୁ ଯାଉଥିବାବେଳେ ମନ ତାହାର ପ୍ରତିରୂପ ରଚିବାରେ ଅବଶ୍ୟ ସମର୍ଥ ହେବ । ଯାହା ଘଟିଯାଇଛି ଅଥବା ଘଟିପାରେ ବୋଲି ମନେହେଉଛି, ତାହାର ସମ୍ମୁଖୀନ ହୋଇ ସେଥିରୁ ଆଉସବୁ ନୂଆ କଥା କ'ଣ ଘଟିବ କି ନାହିଁ, ଆପଣାର ଅଭିଜ୍ଞତାରୁ ମନ ବେଳେବେଳେ ଭବିଷ୍ୟତ୍ ବାଣୀ ବି କରିପାରେ । ଯେଉଁ ସମ୍ଭାବନାଟି ଘଟିଯାଇଛି ଓ ଆଉ ଯାହା ଏପର୍ଯ୍ୟନ୍ତ ଘଟିନାହିଁ, ସେଇଥିରୁ ସେ ନୂଆ ସମ୍ଭାବ୍ୟତାଗୁଡ଼ିକ ବିଷୟରେ ଚିନ୍ତା କରିଥାଏ । ମନର ଏହି ଭବିଷ୍ୟତ୍ ବାଣୀ ବେଳେବେଳେ ଅଳ୍ପବହୁତ ଠିକ୍ ହୋଇଥାଏ, ପୁଣି ବେଳେବେଳେ ବିଲକୁଲ୍ ମିଛ ବି ହୋଇଯାଏ । ମାତ୍ର ଅନେକ ସମୟରେ ସେ ଯାହା ଯେପରି ଭାବରେ ଘଟିବ ବୋଲି ଆଗରୁ ବିଚାରିଥାଏ, ତାହା ଅନ୍ୟଭାବେ ଓ ଅନ୍ୟ ରୂପରେହିଁ ଘଟିଥାଏ । ଘଟିବାକୁ ଯାଉଥିବା ଘଟଣାଗୁଡ଼ିକ ଦ୍ୱାରା ଯେଉଁସବୁ ଉଦ୍ଦେଶ୍ୟ ସାଧିତ ହେବ ବୋଲି ମନ ଆଶା ବାନ୍ଧି ବା ଇଚ୍ଛା କରି ବସିଥାଏ, ସାଧାରଣତଃ ସେଗୁଡ଼ିକର ଭିନ୍ନ ଉଦ୍ଦେଶ୍ୟ ସାଧିତ ହୋଇଥାଏ ଓ ଭିନ୍ନ ଫଳ ଫଳିଥାଏ ।

ଏହିଭଳି ସ୍ୱଭାବ ଓ ସାମର୍ଥ୍ୟବିଶିଷ୍ଟ ଏକ ଅନନ୍ତ ମନ ହୁଏତ ବଡ଼ ଆକସ୍ମିକ ଭାବରେ ଏକ ଜଗତ୍ ରଚନା କରିବାକୁ ମଧ୍ୟ ସମର୍ଥ ହୋଇପାରେ; ମାତ୍ର ପରସ୍ପର-ସଂଘାତୀ ସମ୍ଭାବନାଗୁଡ଼ିକୁ ଏକାଠି ମିଶାଇ ସେ ଜଗତ୍ ବୋଲି ଯାହା ରଚନା

'oaob.nitrkl.ac.in' images reprocessed

କରି ଥୋଇଦେବ, ତାହା ଏକ ଅନିୟନ୍ତ୍ରିତ, ସଦାପରିବର୍ତ୍ତିତ ଓ କ୍ଷଣସ୍ଥାୟୀ ଜଗତ୍ ହେବ; ଏହାର ପ୍ରବାହ ସର୍ବଦା ବଡ଼ ଅନିଶ୍ଚିତ ହୋଇ ରହିଥିବ। ଏହି ଜଗତକୁ ଯଥାର୍ଥ ବୋଲି କହିହେବ ନାହିଁ, ଅଯଥାର୍ଥ ବୋଲି ବି କହିହେବ ନାହିଁ। ଏହା ଆଗରେ ଥାଇ କୌଣସି ଉଦ୍ଦେଶ୍ୟ ଏହାକୁ ପରିଚାଳିତ କରୁ ନ ଥିବ, କେବଳ କ୍ଷଣ ଉଚ୍ଚାଟନକାରୀ ଅଗଣିତ ଉଦ୍ଦେଶ୍ୟଦ୍ୱାରା ଏହା ଅସ୍ତବ୍ୟସ୍ତ ଓ ଆନ୍ଦୋଳିତ ହୋଇ ରହିଥିବ। କୌଣସି ଉଚ୍ଚତର ଜ୍ଞାନମୟ ପରିଚାଳିକା-ଶକ୍ତିର ଅଭାବରୁ ଏହାର କୌଣସି ନିର୍ଦ୍ଦିଷ୍ଟ ଗନ୍ତବ୍ୟସ୍ଥାନ ମଧ୍ୟ ନ ଥିବ ଓ ତେଣୁ ଏହା କୌଣସିପ୍ରକାର ସାର୍ଥକତାରେ ଯାଇ ପହଞ୍ଚି ପାରିବ ନାହିଁ। ଏହିପରି ଏକ ବିଶୁଦ୍ଧ ରୂପତନ୍ତ୍ରବାଦୀ ଯୁକ୍ତିକୁ ଆଶ୍ରୟ କରି ଆଗକୁ ଯିବାକୁ ବାହାରିଲେ ତାହାର ପରିଣତି ସ୍ୱରୂପ ନ୍ୟାୟତଃ ଏକ ଶୂନ୍ୟବାଦ ବା ମାୟାବାଦ ବା ତତ୍ତ୍ୱଶୂନ୍ୟ ଦର୍ଶନଜାଲରେ ଯାଇ ପଡ଼ିବାହିଁ ସାର ହେବ। ଏହି ଦର୍ଶନରୁ ଯେଉଁ ବ୍ରହ୍ମାଣ୍ଡବ୍ୟବସ୍ଥାର ରଚନା ହେବ, ତାହା ସ୍ୱରୂପ-ସତ୍ତାବିହୀନ କୌଣସି ଏକ ପଦାର୍ଥର ପ୍ରତିବିମ୍ବ ବା ପ୍ରତିଚ୍ଛବି ବ୍ୟତୀତ ଆଉ କିଛି ହୋଇ ପାରିବ ନାହିଁ। ମାତ୍ର ସର୍ବଦା ଏବଂ ଶେଷପର୍ଯ୍ୟନ୍ତ ଏକ ମିଥ୍ୟା ପ୍ରତିବିମ୍ବ ଓ ଏକ ବିକୃତ ପ୍ରତିଫଳନ ହୋଇ ରହିଥିବ। ସେତେବେଳେ ବ୍ରହ୍ମାଣ୍ଡଜୀବନ କହିଲେ ଆପଣାର କଳ୍ପନାଗୁଡ଼ିକୁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକାରୀ କରିବାଲାଗି ନିରନ୍ତର ସଂଗ୍ରାମ କରୁଥିବା ଓ ନିରନ୍ତର ଅସଫଳ ହେଉଥିବା କେବଳ ଏକ ମନଃସତ୍ତାକୁହିଁ ବୁଝାଇବ। ଏଠାରେ ସଫଳ ହେବାର କୌଣସି ପ୍ରଶ୍ନହିଁ ଉଠିବ ନାହିଁ, କାରଣ ସେହି କଳ୍ପନା-ଗୁଡ଼ିକର ମୂଳରେ ଏକ ଦୃଢ଼ ଆଧାର ହିସାବରେ କୌଣସି ସ୍ୱରୂପସତ୍ୟ କେତେ-ବେଳେ ହେଲେ ନ ଥିବ। ଆପଣା ଅଜ୍ଞାତ ଶକ୍ତିଚୟର ଘୂଅଭିତରେ ପଡ଼ି ଅଣଅକ୍ତିଆର ଭାବରେ କେବଳ ବହି ଚାଲିଯିବା ବ୍ୟତୀତ ମନର ମଧ୍ୟ ଆଉ କୌଣସି ସାମର୍ଥ୍ୟ ନଥିବ। କେବଳ ନିଜେ ନିଜର ସଂହାର କରି ନ ପାରିଲି ଯାଏ କିମ୍ବା ଏକ ଶାଶ୍ୱତ ନୈଃଶବ୍ଦ୍ୟ ଭିତରେ ନିପତିତ ନ ହେଲାଯାଏ ଏହା ଅନିର୍ଦ୍ଦେଶ୍ୟ ଭାବରେ ନିରନ୍ତର ଆଗକୁହିଁ ବହିଯିବାରେ ଲାଗିଥିବ। ମୂଳତଃ ଏହାହିଁ ଶୂନ୍ୟବାଦ, ଏହାହିଁ ମାୟାବାଦ। ମନୁଷ୍ୟର ମନଃସତ୍ତା ବା ତତ୍ତ୍ୱଜାତୀୟ ଆଉକୌଣସି ତତ୍ତ୍ୱକୁ ସର୍ବୋଚ୍ଚ ବିଶ୍ୱଶକ୍ତି ତଥା ବିଶ୍ୱରେ କାର୍ଯ୍ୟାନ୍ୱିତ ହେଉଥିବା ମୂଳକଳ୍ପନାରୂପେ ଅନୁମାନ କରୁଥିବା ପର୍ଯ୍ୟନ୍ତ ଆମର ତତ୍ତ୍ୱଜିଜ୍ଞାସା ଆମକୁ ଶୂନ୍ୟବାଦ ବା ମାୟାବାଦଠାରେହିଁ ଆଣି ପହଞ୍ଚାଇ ଦେବ।

ମାତ୍ର ଜ୍ଞାନର ମୂଳଶକ୍ତିରେ ମାନବିକ ମନଃସ୍ତରଠାରୁ ଉଚ୍ଚତର ଏକ ଶକ୍ତିର ସନ୍ଧାନ ପାଇବା ମାତ୍ରକେ ବିଶ୍ୱର ଏହି କଳ୍ପନାଟି ଆମକୁ ତତ୍‌କ୍ଷଣାତ୍ ସୀମିତ ଓ ଅପୂର୍ଣ୍ଣ ବୋଲି ମନେ ହେବ ଓ ତେଣୁ ଅପ୍ରମାଣ ଓ ଅମାନ୍ୟ ହୋଇପଡ଼ିବ। ଏହି

'oaob.nitrkl.ac.in' images reprocessed

କଳ୍ପନା ଭିତରେ ସ୍ୱକୀୟ ଏକ ସତ୍ୟ ରହିଛି ସତ, ମାତ୍ର ଏହାକୁ ଆମେ ସମଗ୍ର ସତ୍ୟ ବୋଲି କଦାପି କହିବାକୁ ଯିବା ନାହିଁ । ଏହି ସତ୍ୟ ବିଶ୍ୱର ତାତ୍କାଳିକ ପ୍ରାତିଭାସିକ-ତାର ନିୟମଦ୍ୱାରା ଆବଦ୍ଧ ହୋଇ ରହିଥିବା ସତ୍ୟ,—ଏହା ବିଶ୍ୱର ମୂଳ ସତ୍ୟ ନୁହେଁ ଅଥବା ଚରମ ସତ୍ୟ ମଧ୍ୟ ନୁହେଁ । କାରଣ ମନ, ପ୍ରାଣ ତଥା ଶରୀରର ଯାବତୀୟ କ୍ରିୟା ପଛରେ ଆମେ ଏପରି ଏକ ସମ୍ଭୂତିର ପ୍ରତ୍ୟକ୍ଷ କରିଥାଉ, ଯାହାକି ଶକ୍ତିପ୍ରବାହର ବେଢ଼ ଭିତରେ ଆଦୌ ବାନ୍ଧିହୋଇ ରହି ନାହିଁ, ମାତ୍ର ସ୍ୱୟଂ ସେହି ଶକ୍ତିପ୍ରବାହକୁ ଆବୋରି ଧରିଛି ଓ ତାହାର ନିୟନ୍ତ୍ରଣ କରୁଛି । ଏହି ଜଗତରେ ଜନ୍ମ ହୋଇ ତାହା ତାହାର ଅର୍ଥ ଖୋଜି ବାହାର କରିବାରେ ଆଦୌ ଧନ୍ଦ ହେଉ ନାହିଁ, ମାତ୍ର ଏହି ଜଗତର ସର୍ବବିତ୍ ହିସାବରେ ସେ ଆପଣା ସତ୍ତାରେହିଁ ଏକ ଭୁବନ ଗଢ଼ି ଥୋଇ ଦେଇଛି । ଆପଣା ଅକ୍ତିଆରର ବାହାରେ ରହିଥିବା ଏକ ଅତୀତଶକ୍ତିର ତରଙ୍ଗରେ ବଡ଼ ଅସହାୟ ଭାବରେ ଭାସି ଚାଲିଯାଉଥିବାବେଳେ ସେ ଆପଣାଭିତରୁ ଆପଣାଠାରୁ ପୃଥକ୍ କିଛି ଗଢ଼ିବାର ବିରାମହୀନ ଚେଷ୍ଟାରେ ଆପଣାକୁ ବ୍ୟାପୃତ ରଖି ନାହିଁ, ମାତ୍ର ତା'ର ଆପଣା ଚୈତନ୍ୟ ଭିତରେହିଁ ତା'ର ଏକ ପୂର୍ଣ୍ଣ ରୂପ ପୂର୍ବରୁ ବିଦ୍ୟମାନ ରହିଛି ଏବଂ ଏହି ବିଶ୍ୱରେ ସେ ତାହାରହିଁ ଉନ୍ମୋଦ୍‌ଘାଟନ କରିବାରେ ଲାଗିଛି । ତେଣୁ ଯଥାର୍ଥଭାବେ ଦେଖିଲେ ଏହି ବିଶ୍ୱ ଏକ ପୂର୍ବଦୃଷ୍ଟ ସତ୍ୟରହିଁ ପ୍ରକାଶ କରୁଛି, ଭବିଷ୍ୟତରେ ଘଟିବାକୁ ଯାଉଥିବା ଘଟଣାଗୁଡ଼ିକୁ ଆଗରୁ ନିୟନ୍ତ୍ରିତ କରି ରଖିବାର ସାମର୍ଥ୍ୟବିଶିଷ୍ଟ ଏକ ଇଚ୍ଛାଶକ୍ତି ଦ୍ୱାରା ଏହି ଜଗତ୍ ପରିଚାଳିତ ହେଉଛି । ନାନା-ସମ୍ଭାବନାସମ୍ପନ୍ନ ଏକ ମୂଳ ଆତ୍ମଦୃଷ୍ଟିକୁ ଏହା ନିତ୍ୟ ଉପଲବ୍ଧି କରିବାରେ ଲାଗିଛି, ଏକ ଦିବ୍ୟ ସୃଷ୍ଟିର କ୍ରମବର୍ଦ୍ଧମାନ ପ୍ରତିଚ୍ଛବିରୂପେ ପ୍ରତିଭାତ ହେଉଛି ।

ପ୍ରାତିଭାସିକ ଅନୁଭୂତିଦ୍ୱାରା ପରିଶାସିତ ହେଉଥିବା ମନଃସତ୍ତାର ଆୟତନ ଭିତରେହିଁ ପଡ଼ି ରହିଥିବା ପର୍ଯ୍ୟନ୍ତ ବିଶ୍ୱୋତ୍ତୀର୍ଣ୍ଣ ଅନ୍ତରାଳରେ ରହିଥିବା ଅଥଚ ନିରନ୍ତର ସର୍ବାନ୍ତର୍ନିହିତ ରୂପେ ଅବସ୍ଥାନ କରୁଥିବା ଏହି ସମ୍ଭୂତିଟିକୁ ଆମେ କେବଳ ଅନୁମାନଦ୍ୱାରାହିଁ ହେଜ ଭିତରକୁ ଆଣିପାରିବା ବା କେବଳ ବଡ଼ ଅସ୍ପଷ୍ଟ ଭାବରେହିଁ ଏହାର ଉପସ୍ଥିତିକୁ ଅନୁଭବ କରିପାରିବା । ସଂସାର-ଚକ୍ରରେ ପରିଣତି ଓ ପ୍ରଗତିର ଏକ ବିଧାନ ରହିଥିବାର ଦେଖି ଆମେ ସେଇଥିରୁହିଁ କେଉଁଠି ହେଲେ ପୂର୍ବଜ୍ଞାତ ସତ୍ୟସ୍ୱରୂପ କିଛି ଅବଶ୍ୟ ରହିଛି ଓ କ୍ରମବର୍ଦ୍ଧମାନ ପରିପୂର୍ଣ୍ଣତା ଆଡ଼କୁ ଗତି କରୁଛି ବୋଲି ଅନୁମାନ କରି ନେଇଥାଉ । କାରଣ ସବୁଠାରେ କେବଳ ଆତ୍ମସତ୍ତାହିଁ ଏହି ବିଧାନର ମୂଳାଧାର ହୋଇରହିଛି ବୋଲି ଆମେ ପ୍ରତ୍ୟକ୍ଷ କରିଥାଉ ଏବଂ ତନ୍ନିହିତ ପ୍ରକ୍ରିୟାଟିର ଯଥାର୍ଥ ପ୍ରକୃତିଟିକୁ ଠଉରାଇ ପାରିବା ଲାଗି ତାହାର ମର୍ମପ୍ରବେଶ

'oaob.nitrkl.ac.in' images reprocessed

କଲ୍ପମାନଙ୍କେ ଆମେ ସେହି ବିଧାନକୁ ଏକ ସ୍ୱଭାବସିଦ୍ଧ ଜ୍ଞାନରହିଁ ପରିପ୍ରକାଶ ରୂପେ ଜାଣିବାକୁ ପାଉ । ସେହି ଜ୍ଞାନ ପ୍ରକାଶୋନ୍ମୁଖ ସତ୍ତା ମଧ୍ୟରେ ନିଗୂଢ଼ ହୋଇ ରହିଥାଏ ଏବଂ ସତ୍ତାର ସ୍ୱପ୍ରକାଶଶକ୍ତିରେ ତା'ର ବ୍ୟଞ୍ଜନାଟି ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥାଏ । ଏବଂ ଏହି ଜ୍ଞାନହିଁ ଯଦି ଋତ ବା ବିଶ୍ୱବିଧାନ ମଧ୍ୟରେ ପ୍ରଗତିର ପ୍ରବର୍ତ୍ତନା ଆଣି ଦେଉଥାଏ, ତେବେ ସେହି ବିଧାନ ଯେ ଦିବ୍ୟଦୃଷ୍ଟିର ନିର୍ଦ୍ଦେଶକୁହିଁ ଅନୁସରଣ କରି ଅଗ୍ରସର ହେବାରେ ଲାଗିଛି, ଏବିଷୟରେ ଆଉ କୌଣସି ସନ୍ଦେହ ରହେ ନାହିଁ । ଆମେ ଏକଥା ମଧ୍ୟ ଦେଖିବାକୁ ପାଉ ଯେ ଆମେ ଯେଉଁ ମନଃସତ୍ତାର ସ୍ରୋତରେ ବଡ଼ ଅସହାୟ ଭାବରେ ଭାସି ଚାଲି ଯାଉଥାଉ, ସେଇଥିରୁହିଁ ଆମର ବିଚାରବୁଦ୍ଧି ଜନ୍ମ ନେବାକୁ ଚାହେ ଓ ସେହି ସ୍ରୋତକୁ ନିୟନ୍ତ୍ରିତ କରିବାକୁ ଇଚ୍ଛା କରେ । ସେହି ବିବେକବୁଦ୍ଧିକୁ ଆମେ କେବଳ ଏକ ବାର୍ତ୍ତାବହ ରୂପେ ଜାଣିବାଲାଗି ସମର୍ଥ ହେଉ, ଆପଣାର ସୀମାତିରିକ୍ତ ଏକ ବୃହତ୍ତର ଚେତନାର କେବଳ ଏକ ଛାୟାରୂପ ପ୍ରତିନିଧି ରୂପେ ଜାଣିବାକୁ ସମର୍ଥ ହେଉ । ବିଚାରବୁଦ୍ଧି ପ୍ରୟୋଗ କରିବା ଲାଗି ସେହି ବୃହତ୍ତର ଚେତନାର କୌଣସି ପ୍ରୟୋଜନ ନ ଥାଏ କାରଣ ସେହି ଚେତନା ହେଉଛି ସର୍ବମୟ । ସକଳକୁହିଁ ସେ ତା'ର ଆପଣାର ସତ୍ତା ବହନ କରୁଥିବାର ଜାଣିଥାଏ । ସକଳ ବିବେକବୁଦ୍ଧିର ମୂଳତତ୍ତ୍ୱ ଓ ଏହି ବିଶ୍ୱ-ବିଧାନର ସୂତ୍ରରୂପେ କାର୍ଯ୍ୟ କରୁଥିବା ଜ୍ଞାନ ମଧ୍ୟରେ ଏକାତ୍ମତା ରହିଛି—ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ଏହି ଅନୁମାନଟିରେ ମଧ୍ୟ ଯାଇ ପହଞ୍ଚି ପାରିବା । ଆପଣାର ବିଧାନଗୁଡ଼ିକୁ ନିର୍ଦ୍ଧାରଣ କରିବା ଲାଗି ଏହି ଜ୍ଞାନ ବା ପ୍ରଜ୍ଞାର ସାର୍ବଭୌମ ସାମର୍ଥ୍ୟ ରହିଛି । କାରଣ ଅତୀତରେ ଯାହାସବୁ ସଂଘଟିତ ହୋଇଛି, ଯାହାସବୁ ବର୍ତ୍ତମାନ ସଂଘଟିତ ହେଉଛି, ବା ଭବିଷ୍ୟତରେ ସଂଘଟିତ ହେବାକୁ ଯାଉଛି, ସେସବୁ ବିଷୟରେ ତାହାର ସମ୍ପୂର୍ଣ୍ଣ ଜ୍ଞାନ ରହିଥାଏ । ଶାଶ୍ୱତ ଓ ଅନନ୍ତ ଭାବରେ ଆପଣା ସ୍ୱରୂପସତ୍ତାର ପରିଚୟ ପାଇଥିବାରୁ ତାହା ପକ୍ଷରେ ଏହା ସମ୍ଭବ ହୁଏ । ଯିଏ ସତ୍‌ସ୍ୱରୂପ, ସେଇ ହେଉଛନ୍ତି ଅନନ୍ତ ଚୈତନ୍ୟସ୍ୱରୂପ । ଯିଏ ଅନନ୍ତ ଚୈତନ୍ୟ, ସେଇ ସର୍ବଶକ୍ତିମାନ୍ । ସେଇ ଯେତେବେଳେ ସ୍ୱଚେତନାର ଏକ ବିଷୟରୂପେ ଏକ ଜଗତର ସୃଷ୍ଟି କରନ୍ତି ଅର୍ଥାତ୍ ଆପଣାରହିଁ ଏକ ସମତାବିଶିଷ୍ଟ ରୂପରେ ପ୍ରକାଶିତ କରିବାକୁ ମନ ବଳାନ୍ତି, ସେତେବେଳେ ସେଇ ଆମର ଭାବନାରେ ଜଗତ୍ ସତ୍ତାରୂପେ ଅଧିଗମ୍ୟ ହୋଇ ଅବତୀର୍ଣ୍ଣ ହୁଅନ୍ତି । ଏହି ସତ୍ତା ଆପଣାର ସତ୍ୟଟି ବିଷୟରେ ସମ୍ପୂର୍ଣ୍ଣ ଅବହିତ ରହିଥା'ନ୍ତି ଏବଂ ଆପଣାର ବିଜ୍ଞାତ ରୂପଚୟର ମଧ୍ୟଦେଇ ତାହାକୁ ଉପଲବ୍ଧି କରୁଥା'ନ୍ତି ।

ମାତ୍ର କେବଳ ଯେତେବେଳେ ବିଚାରବୁଦ୍ଧିକୁ ସ୍ତବ୍ଧ କରି ଦେଇ ଆମେ ସ୍ୱଗଭୀରରେ ପ୍ରବେଶ କରୁ ଏବଂ ସେହି ଗୋପନ ରାଜ୍ୟରେ ପହଞ୍ଚି ଯେତେବେଳେ

'oaob.nitrkl.ac.in' images reprocessed

ମନର ସକଳ କ୍ରିୟାଶୀଳତା ପ୍ରଶମିତ ହୋଇଯାଏ, ସେତିକିବେଳେ ଯାଇ ଏହି ଅନ୍ୟ ଚେତନାର ରାଜ୍ୟଟି ଆମ ଆଗରେ ପ୍ରକୃତରେ ଗୋଚର ହେବାକୁ ଲାଗେ । ଆମ ମନୋଗତ ପ୍ରତିକ୍ରିୟା ଓ ସୀମିତତାର ଦୀର୍ଘ ଅଭ୍ୟସ୍ତତା ହେତୁ ଯେତେ ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ତାହା ତଥାପି ଗୋଚର ହେବାକୁ ଲାଗେ । ବୁଦ୍ଧିର କ୍ଷୀଣ ତଥା ପ୍ରକମ୍ପିତ ଆଲୋକରେ ଆମେ ଆଗରୁ ଅତି ଅସ୍ପଷ୍ଟ ଓ ଅନିଶ୍ଚିତ ଭାବରେ ଯାହାର ଈଷତ୍ ପରିଚୟ ପାଇଥିଲୁ, ଏହି ପର୍ଯ୍ୟାୟର କ୍ରମବର୍ଦ୍ଧମାନ ଆଲୋକମୟତା ଦ୍ୱାରା ତାହାକୁ ନିଶ୍ଚିତ ଭାବରେ ଜାଣିବାକୁ ସମର୍ଥ ହେଉ । ମନ ଓ ବୁଦ୍ଧିଗତ ବିଗ୍ରହର ଊର୍ଦ୍ଧ୍ୱରେ ଅପ୍ରମେୟ ବିଶାଳ ଜ୍ୟୋତିର୍ମୟ ଆତ୍ମ-ଦୃଷ୍ଟିର ସିଂହାସନରେ ଆରୂଢ଼ ହୋଇ 'ପ୍ରଜ୍ଞା ପୁରାଣୀ' ଆମକୁ ଅପେକ୍ଷା କରୁଛି ।

'oaob.nitrkl.ac.in' images reprocessed

## ଚତୁର୍ଦ୍ଦଶ ପରିଚ୍ଛେଦ

# ସ୍ରଷ୍ଟାରୂପେ ଅତିମାନସ

ତତୋ ହି ଶୈଳାବ୍ଧିଧରାଦି ଭେଦାନ୍
ଜାନୀହି (ବିଶ୍ୱାନି) ବିଜ୍ଞାନବିଜୃମ୍ଭିତାନି ॥

—ବିଷ୍ଣୁପୁରାଣ, ୨।୧୨।୩୯

ଦିବ୍ୟ ଜ୍ଞାନର ଆତ୍ମ-ପରିସ୍ଫୁରଣରୁହିଁ ସକଳ ପଦାର୍ଥ ରୂପଧାରଣ କରିଛି ।

ତେଣୁ ତାତ୍ପର୍ଯ୍ୟ ଏତିକି ହେଲା ଯେ ଏକମେବାଦ୍ୱିତୀୟର ସ୍ୱପ୍ରତିଷ୍ଠିତା ଏବଂ ବହୁତ୍ୱର ସତତ ଲୀଳାଚଞ୍ଚଳତାର ମଧ୍ୟବର୍ତ୍ତୀ ଶକ୍ତି ତଥା ମଧ୍ୟସ୍ଥିତି ରୂପେ ମନୋମୟ ସ୍ତରର ଊର୍ଦ୍ଧ୍ୱରେ କ୍ରିୟାଶୀଳ ଦିବ୍ୟ ଇଚ୍ଛାଶକ୍ତି ଓ ଜ୍ଞାନର ଏକ ତତ୍ତ୍ୱ ରହିଛି, ଯାହାକି ଏହି ଅନନ୍ତ ବିଶ୍ୱସମୁଚ୍ଚୟକୁ ସୃଷ୍ଟି କରିଛି । ଏହି ତତ୍ତ୍ୱଟି ଆମଠାରୁ କଦାପି ସମ୍ପୂର୍ଣ୍ଣରୂପେ ଭିନ୍ନ ନୁହେଁ; ଆମଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ଅନାତ୍ମୀୟ କୌଣସି ପୁରୁଷସତ୍ତାର ସମ୍ପୂର୍ଣ୍ଣ ସମ୍ପତ୍ତିରୂପେ ଏହା କଦାପି ଅବସ୍ଥାନ କରୁ ନାହିଁ । ଏହା ସହିତ ଆମର ତଥାପି ଯୋଗାଯୋଗ ରହିଛି । ଅଥବା ଏହା ଏପରି କୌଣସି ଅବସ୍ଥା ବା ରାଜ୍ୟର ଅନ୍ତର୍ଗତ ନୁହେଁ, ଯେଉଁଥିରୁ କି ଅତ୍ୟନ୍ତ ରହସ୍ୟପୂର୍ଣ୍ଣ ଭାବରେ ପ୍ରକ୍ଷେପିତ ହୋଇ ଆମେସବୁ ଏହି ବିଶ୍ୱରେ ଜନ୍ମଲାଭ କରିଛୁ କିମ୍ବା ଯେଉଁଠୁ ବର୍ଜିତ ହୋଇ ଆମେ ଏହି ପୃଥିବୀକୁ ଆସିଛୁ ଏବଂ ଯେଉଁଠାକୁ ଫେରି ଯିବାଲାଗି ଆମର ଆଉ କୌଣସି ସାମର୍ଥ୍ୟହିଁ ନାହିଁ । ଆମ ଉପରେ ଓ ଆମଠାରୁ ଅନେକ ଊର୍ଦ୍ଧ୍ୱରେ ତାହାର ଅଧିଷ୍ଠାନ ବୋଲି ମନେ ହେଉଥିଲେ ମଧ୍ୟ ତାହା କେବଳ ଆମରି ଜୀବନର ସମ୍ଭାବ୍ୟ ଉଚ୍ଚତାଗୁଡ଼ିକ ବ୍ୟତୀତ ଆଉ କିଛି ନୁହେଁ ଏବଂ ସେଗୁଡ଼ିକ ଆମପକ୍ଷରେ ଆଦୌ ଦୁରାରୋହ ନୁହନ୍ତି । ଆମେ ଯେ ସେହି ସତ୍ୟର କେବଳ ଅନୁମାନ କରିପାରିବା କିମ୍ବା ଆଭାସ ପାଇପାରିବା ତାହା ନୁହେଁ, ତାହାର ଉପଲବ୍ଧି ବି କରିପାରିବା ଓ ତାହାକୁ ଅଧିଗମି ପାରିବା । ପର୍ଯ୍ୟାୟକ୍ରମରେ ଆପଣାକୁ ଅଧିକରୁ ଅଧିକ ସମ୍ପ୍ରସାରିତ କରିଦେଇ କିମ୍ବା ହଠାତ୍ ଏକ ପ୍ରଭାସ୍ୱର ଆତ୍ମ-ଉତ୍କ୍ରମଣର ମାର୍ଗ ଧରି ଆମେ

'oaob.nitrkl.ac.in' images reprocessed

ଆପଣା ଜୀବନର କେତେକ ଅବିସ୍ମରଣୀୟ ମୁହୂର୍ତ୍ତରେ ଏହିସବୁ ଶିଖର ଉପରେ ଯାଇ ପହଞ୍ଚିବାକୁ ସମର୍ଥ ହୋଇପାରୁ ଅଥବା ବେଳେବେଳେ ସେହି ବୃହତ୍ତମ ଅତିମାନସୀୟ ଅନୁଭୂତି ଭିତରେ ହୁଏତ କେତେ ପ୍ରହର ବା କେତେ ଦିବସ ମଧ୍ୟ ଅତିବାହିତ କରି ଦେଇପାରୁ । ସେଠାରୁ ବାହୁଡ଼ି ବା ଓହ୍ଲାଇ ଆସିବା ପରେ ମଧ୍ୟ ସେହି ଉଚ୍ଚତା-ଗୁଡ଼ିକ ସହିତ ଆମର ଯୋଗାଯୋଗଦ୍ୱାର ତଥାପି ସର୍ବଦା ଉନ୍ମୁକ୍ତ ହୋଇ ରହିପାରେ; କିମ୍ବା ସେଗୁଡ଼ିକ ବାରମ୍ବାର ବନ୍ଦହୋଇ ଯିବାଲାଗି ଚେଷ୍ଟା କରୁଥିଲେ ମଧ୍ୟ ଆମଭିତରେ ସେଗୁଡ଼ିକୁ ବାରମ୍ବାର ଉନ୍ମୋଚିତ କରିଦେବାର ସାମର୍ଥ୍ୟ ମଧ୍ୟ ରହିପାରେ । ମାତ୍ର ବିସୃଷ୍ଟ ଓ ବିସୃଜନଶୀଳ ଏହି ଜୀବନାବସ୍ଥାର ସର୍ବୋଚ୍ଚ ଓ ସର୍ବଶେଷ ଶିଖରଟିରେ ଅବିଚ୍ୟୁତ ଭାବରେ ଅବସ୍ଥାନ କରିପାରିବାକୁହିଁ ଆତ୍ମବିଲୁପ୍ତି ବଦଳରେ ଆତ୍ମପରିପୂର୍ଣ୍ଣତାରହିଁ କାମନା କରୁଥିବା ଆମ ଊର୍ଦ୍ଧ୍ୱବିବର୍ତ୍ତନଶୀଳ ମନୁଷ୍ୟଚେତନାର ଚରମ ଓ ସର୍ବପରମ ଆଦର୍ଶ ବୋଲି କହିପାରିବା । କାରଣ ଏହି ଉପଲବ୍ଧିକୁହିଁ ଆମେ ଆଗରୁ ସର୍ବମୂଳ ପରମବିଜ୍ଞାନ ବୋଲି ଗ୍ରହଣ କରି ସାରିଛୁ । ସଂସାର ଭିତରେ କ୍ରମେ ଗୋଟିଏ ସୋପାନରୁ ଆଉଗୋଟିଏ ସୋପାନକୁ ଉଠି ଚାଲିଥିବା ଆମ ଆତ୍ମପ୍ରକାଶର ସାଧନା ପରିଶେଷରେ ଏହି ପରମ ସୌଷମ୍ୟ ଓ ପରମ ସତ୍ୟରେହିଁ ଆସି ଉପନୀତ ହେବ ଏବଂ ସେହିଠାରେ ଆସି ପହଞ୍ଚିବାକୁହିଁ ତାହା ବିଧିନିର୍ଦ୍ଦିଷ୍ଟ ହୋଇ ରହିଛି ।

ମାତ୍ର ଏହି ଚରମ ଆସ୍ପଦଟି ବିଷୟରେ ମନୁଷ୍ୟବୁଦ୍ଧିର ବୁଝିଲାଭଳି କୌଣସି ବିବରଣୀ ବର୍ତ୍ତମାନ କିମ୍ବା କସ୍ମିନ୍‌କାଳେ ମଧ୍ୟ ଆଦୌ ଦେଇପାରିବା କେତେଦୂର ସମ୍ଭବ, ସେହି ବିଷୟରେ ଆମ ମନରେ ତଥାପି ସନ୍ଦେହ ହୋଇପାରେ । ଆମ ମାନବୀକ ଜ୍ଞାନକ୍ରିୟାକୁ ଉତ୍‌କ୍ରାନ୍ତ କରିନେବାର ଅଭିଳାଷ ରଖି ସେହି ଚରମ ସ୍ଥିତିର ଦିବ୍ୟ ପ୍ରକ୍ରିୟାଗୁଡ଼ିକୁ ଆଦୌ କୌଣସି ବୋଧଗମ୍ୟ ଓ ସଂଗଠିତ ଉପାୟରେ କେତେଦୂର କାମରେ ଲଗାଯାଇପାରେ, ଆମର ସେଥିରେ ସଂଶୟ ରହିଯାଇପାରେ । ମନୁଷ୍ୟର ଜୀବନ ଓ କର୍ମରେ ଦିବ୍ୟ ବୃତ୍ତିର ଏହି ସ୍ଫୁରଣ ଅତ୍ୟନ୍ତ ବିରଳ, ଏହାର ସମ୍ଭାବ୍ୟତା ନାନା ସନ୍ଦେହଦ୍ୱାରା ଆଚ୍ଛନ୍ନ; ନିତ୍ୟନୈମିତ୍ତିକ ମନୁଷ୍ୟଜୀବନର ଅଭ୍ୟସ୍ତ ଅନୁଭୂତି ଓ ବୁଦ୍ଧିଚେତ ପରୀକ୍ଷଣାଧୀନ ଜ୍ଞାନର କ୍ଷେତ୍ରଠାରୁ ଦିବ୍ୟ କ୍ରିୟାର ଏହି ପରିସରଟି ଯୋଜନ ଯୋଜନ ବ୍ୟବଧାନଦ୍ୱାରା ବିଚ୍ଛିନ୍ନ ହୋଇ ରହିଛି । ପୁଣି ମାନବମାନସ ଓ ଦିବ୍ୟ ଅତିମାନସର ସ୍ୱରୂପ ଓ ପ୍ରବୃତ୍ତିରେ ମଧ୍ୟ ଉପରୁ ଅଲଂଘ୍ୟ ବୋଲି ଦେଖାଯାଉଥିବା କେତେବେଳେ ବିରୋଧ ବଡ଼ ପ୍ରବଳ ଭାବରେ ବର୍ତ୍ତମାନ । ତଥାପି ଉପରେ ଆଲୋଚିତ ସଂଶୟଟି କେବଳ ଏଇଥିରୁହିଁ କଦାପି ଉପୁଜୁ ନାହିଁ ।

'oaob.nitrkl.ac.in' images reprocessed

ଏବଂ ଏକଥା ସୁନିଶ୍ଚିତ ଯେ ଯଦି ଏହି ସର୍ବୋଚ୍ଚ ଚେତନାର ମନ ସହିତ ଆଦୌ କୌଣସି ସମ୍ବନ୍ଧ ନ ଥା'ନ୍ତା କିମ୍ବା ମନୋମୟ ସୃଷ୍ଟି ସହିତ ଏହାର ଆଦୌ କୌଣସି ପ୍ରକାର ସାଯୁଜ୍ୟହିଁ ନ ଥା'ନ୍ତା, ତେବେ ଆମ ମାନବିକ ବୁଦ୍ଧିର ଅବଧାରଣା ହେଲାଭଳି ଏହାର କୌଣସି ବିବୃତ୍ତି ଦେବା କେବେହେଲେ ସମ୍ଭବ ହୁଅନ୍ତା ନାହିଁ । ଅଥବା, ଯଦି ଏହା ସ୍ୱଭାବତଃ ପ୍ରଜ୍ଞାର ଏକ ଗତିଶୀଳ ଶକ୍ତି ନ ହୋଇ କେବଳ ତାହାର ଏକ ଦୃଷ୍ଟିଗତ ଆଦର୍ଶଚିହ୍ନହିଁ ହୋଇଥାଆନ୍ତା, ତେବେ ଏହାର ସଂସ୍ପର୍ଶରେ ଆସି ଆମେ ମାନସିକ ଉଦ୍ଭାସର କେବଳ ଏକ ଦିବ୍ୟ ଅନୁଭୂତି ମାତ୍ର ଲାଭ କରିବାରହିଁ ପ୍ରତ୍ୟାଶା କରିପାରନ୍ତେ ସତ, ମାତ୍ର ଆମର ବିଶ୍ୱମୟ କର୍ମସାଧନା ନିମିତ୍ତ ଆମେ ଏହାଠାରୁ କୌଣସି ବୃହତ୍ତର ଆଲୋକ ବା ବୃହତ୍ତର ଶକ୍ତି ଲାଭ କରିବାଲାଗି କଦାପି ଅଧିକାରୀ ହୋଇ ପାରନ୍ତେ ନାହିଁ । ମାତ୍ର ଯେହେତୁ ଏହି ଚେତନାକୁହିଁ ଆମେ ବିଶ୍ୱର ସୃଷ୍ଟିକର୍ତ୍ତା ବୋଲି ଜାଣିଛୁ, ତେଣୁ ଏହାକୁ ଆମେ କେବଳ ଏକ ଜ୍ଞାନମୟ ଅବସ୍ଥା ବୋଲି କହି ପାରିବା ନାହିଁ । ଆମେ ଏହାକୁ ଜ୍ଞାନ ବା ପ୍ରଜ୍ଞାର ଶକ୍ତି ବୋଲି କହିବା । ଏହାକୁ ଆଲୋକ ଏବଂ ଦୃଷ୍ଟିର କେବଳ ଏକ ଦିବ୍ୟ ସଂକଳ୍ପ ବୋଲି ନ କହି ଶକ୍ତି ଓ ବୃତ୍ତିର ପ୍ରବଣତାବିଶିଷ୍ଟ ଏକ ଦିବ୍ୟ ଇଚ୍ଛାଶକ୍ତି ବୋଲି କହିବା । ଏବଂ ମନୋମୟ କୋଷ ମଧ୍ୟ ଏହାରି ଏକ ସୃଜନ ହୋଇଥିବାରୁ ଆମେ ମନକୁ ବି ଏହି ଆଦିସାମର୍ଥ୍ୟର ଏକ ସଙ୍କୋଚଜନିତ ବିବର୍ତ୍ତନ ରୂପେ ଗ୍ରହଣ କରିବା, ପରମଚେତନାର ଏହି ମଧ୍ୟବର୍ତ୍ତୀ ସନ୍ଧିସ୍ଥାରୁହିଁ ମନର ଉଦ୍ଭବ ହୋଇଛି ବୋଲି କହିବା । ତେଣୁ ଆତ୍ମପ୍ରସାରଣର ଏକ ଆରୋହଣଧର୍ମୀ ପରିବୃତ୍ତି ଦ୍ୱାରା ଆପଣାର ପରମ ଉତ୍ସସ୍ୱରୂପ ଏହାରି ଭିତରେ ପୁନର୍ବିଲୀନ ହୋଇଯିବାର ସାମର୍ଥ୍ୟ ମଧ୍ୟ ଯେ ଏହି ମନଭିତରେ ରହିଛି, ଆମକୁ ସେକଥାଟି ମଧ୍ୟ ସ୍ୱୀକାର କରିନେବାକୁ ହେବ, କାରଣ ମର୍ମତଃ ମନ ଅତିମାନସର ତଦାତ୍ମକ, ଏବଂ ବାସ୍ତବ ବିସୃଷ୍ଟିରୂପ ଓ ସନ୍ଧିସ୍ଥାର ଅଭ୍ୟସ୍ତ ଗତିରେ ଏହା ଅତିମାନସଠାରୁ ଯେତେ ବିଭିନ୍ନ ଓ ଏପରିକି ବିରୋଧୀ ହୋଇ ପଡ଼ିଥିଲେ ମଧ୍ୟ ଏହି ମନଭିତରେ ଅତିମାନସର ସମ୍ଭାବ୍ୟ ଶକ୍ତିଗୁଡ଼ିକ ଅବଶ୍ୟ ପ୍ରଚ୍ଛନ୍ନ ହୋଇ ରହିଛି । ତେଣୁ ବୁଦ୍ଧିର ଭୂମିରେ ଅବସ୍ଥିତ ରହି ମଧ୍ୟ ତାହାରି ପରିଭାଷାରେହିଁ ସାମଞ୍ଜସ୍ୟ ଓ ଅସାମଞ୍ଜସ୍ୟର ଏକ ଆଲୋଚନା-ପଦ୍ଧତି ଅନୁସରଣ କରି ଅତିମାନସର ଏକ ଧାରଣା କରିପାରିବା ଲାଗି ଉଦ୍ୟମ କରିବାକୁ କଦାପି ନିତାନ୍ତ ଅଯୌକ୍ତିକ କିମ୍ବା ନିରର୍ଥକ ବୋଲି କୁହାଯିବ ନାହିଁ । ଆମର ସେହି ଧାରଣା ଓ ସେହି ପରିଭାଷା ଆଦୌ ପର୍ଯ୍ୟାପ୍ତ ହେବ ନାହିଁ ସତ, ମାତ୍ର ତଥାପି ତାହା ଆମର ମାର୍ଗରେ ଆଗକୁ ଏକ ଆଲୋକମୟ ଅଙ୍ଗୁଳି ନିର୍ଦ୍ଦେଶ କରିଦେଇ ପାରିବ ଏବଂ ସେହି ମାର୍ଗ ଧରି ଆମେ ଅନ୍ତତଃ କିଛିଦୂର ଅବଶ୍ୟ ଅଗ୍ରସର ହୋଇପାରିବା । ପୁଣି, ଚେତନାର ଯେଉଁ ଶିଖର ବା ସ୍ତରଗୁଡ଼ିକ ଉପରେ ଅତିମାନସ ଚେତନାର

'oaob.nitrkl.ac.in' images reprocessed

ପ୍ରତିଫଳିତ ଦୀପ୍ତି ଓ ଶକ୍ତି କେତେକ ପରିମାଣରେ ଅବଶ୍ୟ ଆସି ପଡ଼ିଥାଏ, ଆପଣାର ସୀମା ଅତିକ୍ରମ କରି ଆମର ମନ ତଦ୍ଦ୍ୱାରା ସେହି ଶିଖର ଓ ସ୍ତରଗୁଡ଼ିକ ପର୍ଯ୍ୟନ୍ତ ବି ଉଠିଯିବାଲାଗି ସମର୍ଥ ହୋଇପାରେ ଏବଂ ଏକ ଉଦ୍‌ଭାସ, ଏକ ପ୍ରତିବୋଧୀ ଉନ୍ମୀଳନ ଅଥବା ଏକ ପ୍ରତ୍ୟକ୍ଷ ସମ୍ପର୍କ କିମ୍ବା ଅନୁଭୂତିଦ୍ୱାରା ଅତିମାନସକୁ ଜାଣିବା ମଧ୍ୟ ତାହାପକ୍ଷରେ ସମ୍ଭବ ମଧ୍ୟ ହୋଇପାରେ । ତଥାପି ଅତିମାନସରେ ଅବସ୍ଥାନ କରିବା ଓ ସେଇଠି ରହି ବିଶ୍ୱକୁ ଦେଖିବା ଓ କର୍ମପ୍ରବୃତ୍ତ ହେବାର ଚରମ ବିଜୟସ୍ମୃତି ଆଜି ମଧ୍ୟ କୌଣସି ମନୁଷ୍ୟ ପକ୍ଷରେ ସମ୍ଭବ ଓ ସାଧ୍ୟ ହୋଇପାରି ନାହିଁ ।

ବର୍ତ୍ତମାନ ଆମେ ଏଇଠି ଦଣ୍ଡେ ଅଟକିଯାଇ ଏହିସବୁ ଅନାବିଷ୍କୃତ ରାଜ୍ୟକୁ ଆମକୁ ବାଟ ଦେଖାଇ ନେଇଯାଇ ପାରିବାଭଳି କୌଣସି ଆଲୋକ ଆମକୁ ଅଜ୍ଞାତର ଭଣ୍ଡାର ଭିତରୁ ମିଳିବା ସମ୍ଭବ ହେବ କି ନାହିଁ, ଆପଣାକୁ ଆମେ ହୁଏତ ଏହି ପ୍ରଶ୍ନଟି ପଚାରିବା । ଅଜ୍ଞାତ ଭିତରୁ କ'ଣ ଆମେ ଏହାର ଏକ ସଙ୍କ୍ଷା କିମ୍ବା ଆଗକୁ ଯାତ୍ରା କରିବାଲାଗି ଏକ ଆଦିବିନ୍ଦୁ ବି ପାଇପାରିବା ନାହିଁ ? କାରଣ ଚେତନାର ଏହି ଅବସ୍ଥାଟିକୁ ଆମେ ଅତିମାନସ ବୋଲି କହୁଛୁ ସତ, ମାତ୍ର ତଥାପି ଏହି ଶବ୍ଦଟିର ଅର୍ଥ ବଡ଼ ଅସ୍ପଷ୍ଟ ହୋଇ ରହିଛି । କାରଣ ଆମେ ଅତିମାନସକୁ ମନର କେବଳ ଏକ ଉର୍ଦ୍ଧ୍ୱତର ପ୍ରକରଣ ବୋଲି କଳ୍ପନା କରିବାର ଭ୍ରମ ହୁଏତ କରିପାରିବା । ଏହାକୁ ସାଧାରଣ ମନୋସ୍ତରରୁ ଉପରକୁ ଉଠିଯାଇଥିବା ଅଥଚ ସେଥିରେ ତଥାପି କୌଣସି ମୂଳଗତ ବା ମର୍ମଗତ ପରିବର୍ତ୍ତନ ଘଟି ନ ଥିବା ଏକ ସ୍ତର ବୋଲି ଅନୁମାନ କରି-ନେବା । କିମ୍ବା ଅପର ପକ୍ଷରେ, ମାନସ ସ୍ତରରୁ ଉତ୍ତୀର୍ଣ୍ଣ ଯେଉଁଠି ଯାହାକିଛି ରହିଛି, ସେଗୁଡ଼ିକୁ ଏକାଠି କରି ହୁଏତ ଆମେ ଗୋଟିଏ ନାମରେ ତାହାକୁହିଁ ଅତିମାନସ ବୋଲି କହିବସିବା ଏବଂ ଏହି ଅତିବ୍ୟାପ୍ତ କ୍ଷେତ୍ରକଳ୍ପନାଟି ଭିତରେ ସ୍ୱୟଂ ଅନିର୍ବଚନୀୟ ପରମତତ୍ତ୍ୱଟିକୁ ବି ଆଣି ତାହାରି ଭିତରେ ଅନ୍ତର୍ଗତ କରିଦେବା । ତେଣୁ ଏହିସବୁ ଭ୍ରମଭିତରେ ପଡ଼ି ନ ଯିବାକୁ ହେଲେ ଅତିମାନସର ସଙ୍କ୍ଷାଟିକୁ ଯଥାର୍ଥଭାବେ ବୁଝିବାଲାଗି ଯେତେ ଗୌଣ ଓ ଆନୁସଙ୍ଗିକ ହେଲେ ମଧ୍ୟ ତାହାର ଏକ ବର୍ଣ୍ଣନା ଦେବା ଏକାନ୍ତ ଆବଶ୍ୟକ ।

ଗୂଢ଼ ନିହିତାର୍ଥଦ୍ୱାରା ସମୃଦ୍ଧିମନ୍ତ ବେଦମନ୍ତ୍ରଗୁଡ଼ିକ ଏଠାରେ ଆମର ଅନେକ ସହାୟତା କରିପାରିବେ । କାରଣ ଯେତେ ପ୍ରଚ୍ଛନ୍ନ ଓ ସଂଗୁପ୍ତ ଭାବରେ ହେଲେମଧ୍ୟ ସେହି ମନ୍ତ୍ରଗୁଡ଼ିକହିଁ ଦିବ୍ୟ ଓ ଅମୃତମୟ ଅତିମାନସର ବାର୍ତ୍ତାଟିକୁ ଆପଣାଭିତରେ ସଂରକ୍ଷିତ କରି ରଖିଛନ୍ତି, ସେଗୁଡ଼ିକର ବାହକ ହୋଇ ରହିଛନ୍ତି । ଏବଂ ସେହି ଆବରଣର ଅନ୍ତରାଳରୁ ସତେଅବା ବିଜୁଳିର ଝଲକପରି ଉଦ୍‌ଭାସକ ରଶ୍ମିରେଖାମାନ

'oaob.nitrkl.ac.in' images reprocessed

ଆସି ଆମକୁ ସ୍ପର୍ଶ କରି ଯାଉଛି । ଏହିସବୁ ମନ୍ତ୍ରୋକ୍ତିଗୁଡ଼ିକରେ ଆମେ ଅତିମାନସକୁ ଏକ ବୃହତ୍ ବିସ୍ତୃତିରୂପେ କଳ୍ପନା କରାଯାଇଥିବାର ଦେଖିବାକୁ ପାଇବା । ଏହି ବିସ୍ତୃତି ଆମ ଚେତନାର ଅଭ୍ୟସ୍ତ ଆକାଶଗୁଡ଼ିକୁ ଅତିକ୍ରମ କରି କେତେକେତେ ଆଡ଼କୁ ପ୍ରଲମ୍ବିତ ଓ ପ୍ରସାରିତ ହୋଇ ରହିଛି । ସେଠାରେ ସତ୍ତାର ସତ୍ୟଟି ସେହି ସତ୍ୟକୁ ପ୍ରକାଶିତ କରୁଥିବା ସକଳ ବିଭୂତି ସହିତ ସତେଅବା ଗୋଟିଏ ଜ୍ୟୋତି-ପ୍ଲାବନରେ ଏକାତ୍ମକ ହୋଇ ରହିଛି; ଏହାହିଁ ସକଳ ଦୃଷ୍ଟିର, ସକଳ ରୂପାୟନବିଧି ଓ ବ୍ୟବସ୍ଥାର, ସକଳ ବାକ୍, କ୍ରିୟା ଓ ଗତିର ସତ୍ୟତାକୁ ଅନିବାର୍ଯ୍ୟରୂପେ ନିର୍ଦ୍ଦିଷ୍ଟ ଓ ପ୍ରତିଷ୍ଠିତ କରି ରଖିଛି, ଏବଂ ସେହି କାରଣରୁହିଁ ସକଳ ଗତି, କ୍ରିୟା ଓ ପ୍ରକାଶର ତଥା ସକଳ ଅଭ୍ରାନ୍ତ ଅଧାଦେଶ ଓ ବିଧାନଗୁଡ଼ିକର ପରିଣାମରୂପୀ ସତ୍ୟକୁ ମଧ୍ୟ ନିୟନ୍ତ୍ରିତ କରୁଛି । ସବୁକିଛିକୁ ସମ୍ଭାରି ଧରି ଅତିମାନସ ବୃହତ୍ ବିସ୍ତୃତିରୂପେ ପରିବ୍ୟାପ୍ତ ହୋଇ ରହିଛି; ସେହି ବିସ୍ତୃତି ମଧ୍ୟରେ ତାହା ପ୍ରକାଶମୟ ସତ୍ୟ ଓ ସର୍ବସମାବେଶକ ସମନ୍ୱୟ ରୂପେ ପ୍ରତିଷ୍ଠିତ ହୋଇ ରହିଛି । ସେହି ବିସ୍ତୃତି ଭିତରେ ତାହା ଏକ ଅସ୍ପଷ୍ଟ ଅବ୍ୟଞ୍ଜକତା କିମ୍ବା ଆତ୍ମବିସ୍ମୃତ ଅନିଶ୍ଚୟତା ରୂପେ ବିଦ୍ୟମାନ ରହିନାହିଁ, ମାତ୍ର ସତ୍ତାର ସେହି ସମନ୍ୱିତ ସତ୍ୟକୁ ପ୍ରକାଶିତ କରୁଥିବା ବିଧି, କୃତି ଓ ଜ୍ଞାନର ସତ୍ୟରୂପେ ପ୍ରତିଷ୍ଠିତ ରହିଛି,—ବୈଦିକ ମନ୍ତ୍ରଗୁଡ଼ିକରେ ଅତିମାନସର ମର୍ମତଃ ଏହିପରି ବର୍ଣ୍ଣନା କରାଯାଇଛି । ସେମାନଙ୍କର ସର୍ବୋଚ୍ଚ ଓ ନିଗୂଢ଼ ସ୍ୱରୂପ ଦୃଷ୍ଟିରୁ ବିଚାର କଲେ ଦେବତାମାନେ ଏହି ଅତିମାନସରହିଁ ଶକ୍ତି ବ୍ୟତୀତ ଆଉ କିଛି ନୁହନ୍ତି । ସେମାନେ ଏହି ଅତିମାନସରୁହିଁ ଜନ୍ମଲାଭ କରିଛନ୍ତି, ଆପଣାର ଯଥାର୍ଥ ସଦନରେ ବାସ କରୁଥିବାପରିହିଁ ସେମାନେ ଏହି ଅତିମାନସରେ ସମାସୀନ ରହିଛନ୍ତି । ସେମାନଙ୍କର ଜ୍ଞାନ ପରମବିଜ୍ଞାନ, ସେମାନଙ୍କର କର୍ମରେ ଦିବ୍ୟ ଦର୍ଶନର ସଂକଳ୍ପଶକ୍ତି ପରିପୂର୍ଣ୍ଣ ହୋଇ ରହିଛି । କ୍ରିୟା ତଥା ସୃଷ୍ଟି ଲାଗି ପ୍ରଯୁକ୍ତ ଏମାନଙ୍କର ସଚେତନ ଶକ୍ତିକୁ ଏକ ପରିପୂର୍ଣ୍ଣ ଓ ପ୍ରତ୍ୟକ୍ଷ ଜ୍ଞାନ ଧାରଣ କରି ରଖିଛି, ତାହାର ପରିଚାଳନା କରୁଛି । ସକଳ କରଣୀୟ, ତାହାର ମର୍ମ ଓ ତାହାର ବିଧାନଟି ମଧ୍ୟ ଏହି ଜ୍ଞାନଭିତରେ ପ୍ରକାଶିତ ରହିଛି । ଏହି ଜ୍ଞାନହିଁ ଏପରି ଏକ ପରିପୂର୍ଣ୍ଣ ଫଳଦାୟକ ସଂକଳ୍ପଶକ୍ତିର ନିୟନ୍ତ୍ରଣ କରୁଛି, ଯାହାକି ସ୍ୱପ୍ରକ୍ରିୟା ତଥା ସ୍ୱପରିଣାମରେ ସର୍ବଥା ଅବିଚ୍ୟୁତ ଓ ପ୍ରମାଦମୁକ୍ତ ହୋଇ ରହିଛି, ମାତ୍ର ଆପଣାର ଦିବ୍ୟଦୃଷ୍ଟିରେ ଫୁଟି ଉଠିଥିବା ଭବିଷ୍ୟଚ୍ଛବିଟିକୁ ସଂପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତି ଓ ଅବ୍ୟାହତ ଭାବରେ କ୍ରିୟାନ୍ୱିତ ଓ ପରିପୂର୍ଣ୍ଣ କରିବାରେ ଲାଗିଛି । ଏଠାରେ ଆଲୋକ ଏବଂ ଶକ୍ତି ପରସ୍ପର ସହିତ ଏକାତ୍ମ ହୋଇ ଯାଇଛନ୍ତି । ଜ୍ଞାନର ପରିସ୍ପନ୍ଦନଗୁଡ଼ିକ ସଂକଳ୍ପଶକ୍ତିର ଛନ୍ଦସହିତ ଏକାତ୍ମ ହୋଇ ଯାଇଛନ୍ତି ଏବଂ ସୁନିଶ୍ଚିତ ପରିଣାମଟି ସହିତ ଉଭୟେ ଏକ ହୋଇ ଯାଇଛନ୍ତି । ଏହି ସମ୍ମିଳନଟି ସକାଶେ କୌଣସି ଆକାଙ୍କ୍ଷା ପୋଷଣ କରିବାକୁ

'oaob.nitrkl.ac.in' images reprocessed

ହୋଇନାହିଁ, ଆସ୍ବାଦ କରି ଖୋଜି ବାହାର କରିବାକୁ ହୋଇନାହିଁ, ତାହା ପରିପୂର୍ଣ୍ଣଭାବେ ନିତ୍ୟବର୍ତ୍ତମାନ ରହିଛି । ଦିବ୍ୟପ୍ରକୃତିର ବସ୍ତୁତଃ ଦୁଇଟି ଶକ୍ତି ରହିଛି । ବିଶ୍ବସୃଷ୍ଟିର ସ୍ବରୂପ ସତ୍ତ୍ବରୁ ସ୍ବାଭାବିକ ଭାବରେ ଉତ୍ସାରିତ ହେଉଥିବା ଓ ତାହାର ମଧ୍ୟସ୍ଥ ମୂଳଶକ୍ତିକୁ ପ୍ରକାଶିତ କରୁଥିବା ସ୍ବତଃସ୍ଫୂର୍ତ୍ତି ଆତ୍ମରୂପାୟନ ତଥା ଆତ୍ମବିନ୍ୟାସ ହେଉଛି ଏହାର ପ୍ରଥମ ଶକ୍ତି । ଏବଂ ଅପରଟି ହେଉଛି ବିଶ୍ବସୃଷ୍ଟି ଭିତରେ ଅନ୍ତର୍ଗୂଢ଼ ହୋଇ ଅବସ୍ଥିତ ରହିଥିବା ଆଲୋକମୟ ଏକ ଆତ୍ମଶକ୍ତି । ଏହି ଆତ୍ମଶକ୍ତିକୁହିଁ ଆମେ ଏହାର ସ୍ବତଃସ୍ଫୂର୍ତ୍ତି ତଥା ଅପରିହାର୍ଯ୍ୟ ଆତ୍ମବିନ୍ୟାସର ମୂଳଉତ୍ସ ରୂପେ ଜାଣିରଖିବା ।

ଏହାର ଅନୁସଙ୍ଗ ରୂପେ ବେଦରେ ଆହୁରି କେତେକ ମହତ୍ତ୍ବପୂର୍ଣ୍ଣ ବିଶଦ ବର୍ଣ୍ଣନା ରହିଛି । ବୈଦିକ ଋଷିମାନେ 'ସତ୍ୟ-ଚେତନ' ଆତ୍ମାର ଦୁଇଟି ପ୍ରାଥମିକ ବୃତ୍ତି ଥିବାର କହିଥିବା ପରି ମନେହେଉଛି । ଗୋଟିଏ 'ଚକ୍ଷୁଃ' ଓ ଅନ୍ୟଟି 'ଶ୍ରବଃ' ଅର୍ଥାତ୍ ସତ୍ୟଦର୍ଶନର ଶକ୍ତି ଓ ସତ୍ୟଶ୍ରବଣର ଶକ୍ତି । ଏଗୁଡ଼ିକୁ ଆମେ ସ୍ବାଭାବିକ ଜ୍ଞାନସ୍ବରୂପ ଅତିମାନସର ପ୍ରତ୍ୟକ୍ଷ କ୍ରିୟା ବୋଲି କହିପାରିବା । ଏହି ସତ୍ୟଦର୍ଶନ ଓ ସତ୍ୟଶ୍ରବଣର ଛାୟା ସୁଦୂର ମାନସାତୀତ ରାଜ୍ୟରୁ ଆସି ଯେତେବେଳେ ଆମର ମାନବୀୟ ମନ ଉପରେ ପଡ଼ିବାକୁ ଲାଗେ, ସେତେବେଳେ ସେଗୁଡ଼ିକ ମନର ଅନ୍ତଃସାକ୍ଷାତ୍କାରଶକ୍ତି ଓ ଅନ୍ତଃପ୍ରେରଣାଶକ୍ତିରୂପେ ଅଭିହିତ ହୋଇଥାଏ । ପୁଣି ଅତିମାନସର ଦ୍ବିବିଧ କ୍ରିୟାକୁ ବେଦରେ ପରସ୍ପରଠାରୁ ପୃଥକ୍ କରି ବିଚାର କରାଯାଇଥିବା ପରି ବି ମନେ ହୋଇଥାଏ । ଗୋଟିଏ ହେଉଛି ସଂଜ୍ଞାନ, ଏବଂ ଅପରଟି ପ୍ରଜ୍ଞାନ । ସଂଜ୍ଞାନ ହେଉଛି ସର୍ବଗତ ଓ ସର୍ବବ୍ୟାପୀ ଚେତନା । ଆମଭିତରେ ଯେଉଁ ଭାବଟି ବିଷୟୀ ବା ଜ୍ଞାତାରୂପେ ବର୍ତ୍ତମାନ ରହିଛି, ସଂଜ୍ଞାନକୁ ଆମେ ତାହାର ତାଦାତ୍ମ୍ୟ-ଚେତନାର ଏକ ସମୀପବର୍ତ୍ତୀ ସଦୃଶ ଚେତନା ବୋଲି କହିପାରିବା । ଏବଂ ଅପର ପକ୍ଷରେ ପ୍ରଜ୍ଞାନଚେତନା ସତେଯେପରି ବିଷୟ ବା ବସ୍ତୁକୁ ଆପଣାଭିତରୁ ବାହାର କରି ଓ ତାହାକୁ ଆପଣା ଆଗରେ ରଖି ଦେଖିବାକୁ ଇଚ୍ଛା କରୁଥାଏ । ଏହି ଦ୍ବିତୀୟ ଚେତନାଟିରୁହିଁ ଆମର ଜ୍ଞେୟରୂପୀ ବସ୍ତୁଜ୍ଞାନର ସୃଷ୍ଟି ହୋଇଛି । ବେଦରୁ ଆମେ ଏହିସବୁ ଇଙ୍ଗିତ ଓ ନିର୍ଦ୍ଦେଶନମାନ ପାଇଥାଉ । ଏବଂ ଏହି ପ୍ରାଚୀନ ଅଭିଜ୍ଞତାରୁ ଆହରଣ କରି ଆମେ 'ଋତ-ଚିତ୍' ଶବ୍ଦଟିକୁ ଅତିମାନସର ଏକ ପ୍ରତିଶବ୍ଦ ବା ବିକଳ୍ପରୂପେ ବି ଗ୍ରହଣ କରିପାରିବା ଏବଂ ତଦ୍ଦ୍ବାରା ସେହି ଅଭିଧାଟିର ଅତିବ୍ୟାପ୍ତିକୁ ନିବାରଣ କରିବାରେ କିଞ୍ଚିତ୍ ସମର୍ଥ ହେବା ।

ଏଠାରେ ଆମେ ବଡ଼ ଅନାୟାସରେ ଦେଖିପାରିବା ଯେ ଏଭଳି ବିଶେଷ ଗୁଣଦ୍ବାରା ବର୍ଣ୍ଣନା କରାଯାଇଥିବା ଏହି ଅତିମାନସ ଚେତନା ଏକ ମଧ୍ୟବର୍ତ୍ତୀ ସ୍ତରର

'oaob.nitrkl.ac.in' images reprocessed

ଚେତନା ବ୍ୟତୀତ ଆଉ କିଛି ନୁହେଁ । ଏହାର ଊର୍ଦ୍ଧ୍ୱରେ ଗୋଟିଏ ସ୍ତର ରହିଛି ଓ ଆଗରେ ଅର୍ଥାତ୍ ନିମ୍ନଦେଶରେ ଆଉଗୋଟିଏ ସ୍ତରବି ରହିଛି,—ଅଧିମାନସ ଆମକୁ ଏହି ସୂଚନା ଦେଇଯାଏ । ସ୍ପଷ୍ଟତଃ ଅଧିମାନସ ହେଉଛି ଏକାଧାରରେ ସେତୁ ଏବଂ ଏକ ସାଧନ ସ୍ୱରୂପ, ଯାହାଦ୍ୱାରା କି ଊର୍ଦ୍ଧ୍ୱତରରୁ ନିମ୍ନତରର ପରିପ୍ରକାଶ ହେଉଛି । ଏବଂ ଏହି ନିମ୍ନତର ଯେପରି ପୁନଃବିବର୍ତ୍ତିତ ହୋଇ ପୁଣି ଆପଣାର ଉତ୍ସମୂଳକୁ ଫେରିଯାଇ ପାରିବ, ସେଥିଲାଗି ମଧ୍ୟ ଅଧିମାନସ ନ୍ୟାୟତଃ ସେତୁ ଓ ଏକ ସାଧନ-ରୂପେ ବ୍ୟବହୃତ ହୋଇପାରିବ । ଏହାର ଊର୍ଦ୍ଧ୍ୱତର ଚେତନାକ୍ଷେତ୍ରଟି ହେଉଛି ଶୁଦ୍ଧ ସଚ୍ଚିଦାନନ୍ଦର ଅଖଣ୍ଡ ଅଦ୍ୱୟ ଓ ଅବିଭାଜ୍ୟ ଚେତନା । ସେଥିରେ କୌଣସି-ପ୍ରକାର ବିଭେଦକାରୀ ତାରତମ୍ୟଲାଗି ଆଦୌ କୌଣସି ସ୍ଥାନ ନାହିଁ । ଏବଂ ନିମ୍ନରେ ଅବସ୍ଥିତ ରାଜ୍ୟଟି ହେଉଛି ମାନସ-ଚେତନାର ରାଜ୍ୟ । ଏହି ଚେତନା ବିଶ୍ଳେଷଣ କରେ, ବିଭାଜନ ବି କରେ । କେବଳ ବିଭାଜନ ଓ ଭେଦନିରୂପଣ ଦ୍ୱାରାହିଁ ଏହା ଜ୍ଞାନଲାଭର ସମର୍ଥ ହୋଇଥାଏ । ଆପଣାର ସର୍ବୋତ୍ତମ ପ୍ରୟାସଦ୍ୱାରା ମଧ୍ୟ ଏକତା ଓ ଅନନ୍ତତା ବିଷୟରେ ଏହା କେବଳ ଏକ ଅଧା ଅସ୍ପଷ୍ଟ ଓ ଗୌଣ ଅନୁଭବମାତ୍ର ଲାଭ କରିଥାଏ । କାରଣ ଆପଣାର ବହୁବିଭକ୍ତ ଏକକଗୁଡ଼ିକୁ ସମନ୍ୱିତ କରି ଦେଖିବା ଲାଗି ଏହାଭିତରେ ଏକ ସାମର୍ଥ୍ୟ ରହିଥିଲେ ମଧ୍ୟ ତଥାପି ଏହା କୌଣସି ଯଥାର୍ଥ ସମଗ୍ରତାରେ କେବେହେଲେ ପହଞ୍ଚି ପାରେନାହିଁ । ଊର୍ଦ୍ଧ୍ୱ ଓ ନିମ୍ନରେ ଅବସ୍ଥିତ ଏହି ଦୁଇଟି ଚେତନାସ୍ତରର ମଧ୍ୟବର୍ତ୍ତୀ ସ୍ତରରୂପରେ ଅଧିମାନସର ଏହି ସର୍ବଗତ ଓ ସୃଷ୍ଟିଶୀଳ ସ୍ତରଟି ବିଦ୍ୟମାନ ରହିଛି । ତାହାର ସର୍ବବ୍ୟାପୀ ଋତଜ୍ଞାନର ଦିଗଟିରୁ ବିଚାର କଲେ ଅଧିମାନସକୁ ଆମେ ସେହି ଅଦ୍ୱୟ, ଅଖଣ୍ଡ ଓ ଆତ୍ମଜ୍ଞାନମୟ ବ୍ରହ୍ମର ମାନସସନ୍ତାନ ବୋଲି କହିପାରିବା; ପୁଣି ଆପଣାକୁ ପ୍ରକ୍ଷେପିତ କରି ଓ ଆପଣାକୁ ଆପଣାର ସମ୍ମୁଖରେ ରଖି ଦେଖିଥିବା ପ୍ରଜ୍ଞାନଶକ୍ତି ରୂପେ ଏହାର ବିଚାର କଲେ ଆମେ ଏହାକୁ ମନୋମୟ ଜ୍ଞାନର ପ୍ରକାଶପଦ୍ଧତିକୁ ଅନୁସରଣ କରି ଭେଦ ମଧ୍ୟରେ ଫୁଟି ଉଠିଥିବା ବହୁତ୍ୱବୋଧର ଜନନୀ ବୋଲି ବି କହିପାରିବା ।

ଉପରେ ଚିରନ୍ତନ ଭାବରେ ଅଚଳ ଓ ପରିଣାମରହିତ ହୋଇ ରହିଥିବା ସେହି ଏକୈବର ତତ୍ତ୍ୱଟି, ଏବଂ ନିମ୍ନରେ ବିସୃଷ୍ଟ ବହୁବିଧର ତତ୍ତ୍ୱଟି । ଏଇଟି ସତତ ପରିବର୍ତ୍ତିତ ହେବାରେ ଲାଗିଛି, ବସ୍ତୁବହୁଳତାର ନିତ୍ୟଭିନ୍ନସମାନତା ଭିତରେ ଏହା ଆପଣାର ଖୋଜ ରଖିପାରିବାଲାଗି ନିରନ୍ତର ଏକ ସ୍ଥାୟୀ ଓ ଦୃଢ଼ଭିତ୍ତିକ ଭୂମି· ଖୋଜିବାରେ ଲାଗିଛି, ମାତ୍ର ଆପଣାର ଏହି ଅନ୍ୱେଷଣରେ କ୍ୱଚିତ୍ ସଫଳ ହେଉଛି । ଏବଂ ଦୁଇଟିର ମଝିରେ ସକଳ ତ୍ରୟୀର ନିବାସସ୍ଥାନ ରୂପେ ଆଉଗୋଟିଏ ଭୂମି ବିଦ୍ୟମାନ ରହିଛି । ଏହାହିଁ ସର୍ବବିଧ ଦ୍ୱିବୃତ୍ତିର ନିଳୟ । ଏକରୁ ଯାହାସବୁ

'oaob.nitrkl.ac.in' images reprocessed

ବହୁତ୍ୱବଦରେ ସମ୍ଭୂତ ହେଉଛନ୍ତି ଏବଂ ତଥାପି ବହୁତ୍ୱଭିତରେ ଏକ ହୋଇ ରହିଛନ୍ତି, ସେସବୁର ସଦନସ୍ୱରୂପ । କାରଣ ବର୍ତ୍ତମାନ ଯାହା ବହୁତ୍ୱଭାବେ ପ୍ରକାଶିତ ହେଉଛନ୍ତି, ମୂଳତଃ ତାହା 'ଏକ'ରେହିଁ ଅବସ୍ଥାନ କରୁଥିଲା ଓ ସେହି 'ଏକ' ଭିତରେ ବହୁ ହେବାର ଶକ୍ତି ଅନ୍ତର୍ନିହିତ ହୋଇ ରହିଥିଲା । ତେଣୁ ଅତିମାନସର ଏହି ମଧ୍ୟବର୍ତ୍ତୀ ସ୍ତରଟିକୁ ଆମେ ସକଳ ବିସୃଷ୍ଟି ଓ ସକଳ ବିନ୍ୟାସର ଆଦି ବୋଲି କହିପାରିବା, ଅନ୍ତ ବି କହିପାରିବା; ଏକାଧାରରେ ଆଦ୍ୟାକ୍ଷର ତଥା ଅନ୍ତିମ ଅକ୍ଷର ବୋଲି କହିପାରିବା । ଏକ ପକ୍ଷରୁ ବିଚାର କଲେ ଏହା ସକଳ ଭେଦର ଉପପ୍ରତିଷ୍ଠାନ, ପୁଣି ଅନ୍ୟ ପକ୍ଷରେ ସକଳ ଐକ୍ୟର ପରମ ସାଧନ;—ଭୂତ ଓ ଭବିତବ୍ୟ ସକଳ ବୈଷମ୍ୟର ଉତ୍ସ-, କୁଟ- ଓ ସିଦ୍ଧିସ୍ୱରୂପ । ଏହା ମଧ୍ୟରେ ସେହି ଏକୈବର ଜ୍ଞାନ ଅବଶ୍ୟ ରହିଛି; ମାତ୍ର ତାହାର ମଧ୍ୟରେ ପ୍ରଚ୍ଛନ୍ନ ରହିଥିବା ବହୁତ୍ୱ-ସମ୍ଭାବନାକୁ ତାହାଭିତରୁ ବାହାର କରି ଆଣିବାର ସମର୍ଥତା ମଧ୍ୟ ରହିଛି । ଏହା ବହୁର ପ୍ରକାଶ କରୁଛି, ମାତ୍ର ସେହି ବିବିଧତାମୟ ବିସୃଷ୍ଟି ଭିତରେ ଆପଣାକୁ କଦାପି ହଜାଇ ଦେଉ ନାହିଁ । ଏହି ଅତିମାନସର ଅସ୍ତିତ୍ୱ ଯେ ଆମକୁ ଏପରି କିଛିର ଇଙ୍ଗିତ ଦେଇଯାଉଛି, ଆମେ କ'ଣ ସେକଥା କହି ପାରିବା ନାହିଁ କି ? ଯେଉଁ ଅନିର୍ବଚନୀୟ ଏକତ୍ୱର ପରମ ପ୍ରତ୍ୟୟ ଓ ଅନୁଭୂତି ପାଇବାଲାଗି ଆମର ସାମର୍ଥ୍ୟ ରହିଛି, ସେହି ସମ୍ପଦଟି ତାହାକୁ ମଧ୍ୟ ଅତିକ୍ରମ କରି ଅବସ୍ଥିତ ରହିଛି । ସେହି ଅନିର୍ବଚନୀୟ ସମ୍ପଦଟିକୁ ମନଦ୍ୱାରା କଦାପି କଳ୍ପନା କରାଯାଇ ପାରିବ ନାହିଁ । ତାହାର ଏକତ୍ୱ କିମ୍ବା ଅଖଣ୍ଡତ୍ୱ ସକାଶେ ନୁହେଁ, ମାତ୍ର ଆମ ମନର ସକଳ ସୃଜନପାତର ଆୟତନରୁ ତାହା ସମ୍ପୂର୍ଣ୍ଣ ବିନିର୍ମୁକ୍ତ ହୋଇ ରହିଛି, ଏକତ୍ୱ ତଥା ବହୁତ୍ୱ ଉଭୟ କଳ୍ପନାର ଅତିକ୍ରାନ୍ତ ହୋଇ ରହିଛି ବୋଲି ତାହା ଆମ ମନର ଅଗମ୍ୟ ହୋଇ ରହିଛି । ସେହି ପରମସତ୍ ଓ ପରମ-ନିର୍ବିଶେଷକୁ ଅଗ୍ରସ୍ଥ କରିହିଁ ଆମର ଚେତନା ଭିତରେ ଈଶ୍ୱରଙ୍କର ଅନୁଭବ ଫୁଟିଉଠି ପାରୁଛି, ଆମର ସକଳ ବିଶ୍ୱଜ୍ଞାନ ଫୁଟିଉଠି ପାରୁଛି ।

ଏହିସବୁ ବିଶାଳ ତତ୍ତ୍ୱବ୍ୟଞ୍ଜନାର ଠିକ୍ ଠିକ୍ ଧାରଣା କରିପାରିବା ବଡ଼ କଠିନ; ତେଣୁ ଏହାକୁ ଅଧିକ ସ୍ପଷ୍ଟ କରି କହିବା ଆବଶ୍ୟକ । ଅଦ୍ୱିତୀୟ 'ଏକ'ର ତତ୍ତ୍ୱଟିକୁ ଆମେ ସଚ୍ଚିଦାନନ୍ଦ ବୋଲି କହୁଛୁ । ମାତ୍ର ଏପରି ଏକ ଅଭିଧା ଦେଇ ବର୍ଣ୍ଣନା କରିବାଦ୍ୱାରାହିଁ ଆମେ ତିନୋଟି ବସ୍ତୁ ବା ତତ୍ତ୍ୱର ନ୍ୟାସ କରୁଛୁ ଏବଂ ଏକ ଯଥାର୍ଥୀକଳ୍ପନାର ସିଦ୍ଧାନ୍ତରେ ଆସି ପହଞ୍ଚିବାଲାଗି ସେହି ତିନୋଟିଯାକ ତତ୍ତ୍ୱକୁ ଗୋଟିଏ କରି ଗୁନ୍ଥିଦେଉଛୁ । ଆମେ "ସତ୍, ଚିତ୍, ଆନନ୍ଦ" ବୋଲି କହୁଛୁ ଏବଂ ତା'ପରେ "ସେହି ତିନୋଟିଯାକ ଏକ" ବୋଲି କହୁଛୁ । ଏହା ହେଉଛି ଆମ ମନଃପ୍ରକ୍ରିୟାର ଏକ ବୈଶିଷ୍ଟ୍ୟ । ମାତ୍ର ଅଦ୍ୱୈତ ଚେତନା ଏହି ବିଶ୍ଳେଷଣକୁ କଦାପି

'oaob.nitrkl.ac.in' images reprocessed

ମାନ୍ୟତା ଦେବ ନାହିଁ । ସତ୍ କହିଲେହିଁ ତାହା ସତ୍‌କୁ ବୁଝାଇବ, ଏବଂ ତେଣୁ ଦୁହିଁଙ୍କ ମଧ୍ୟରେ କୌଣସି ପ୍ରକାର ତାରତମ୍ୟ ଦେଖିବାଲାଗି ଆଉ ପ୍ରଶ୍ନହିଁ ରହିବ ନାହିଁ । ସତ୍‌ହିଁ ଆନନ୍ଦ, ତେଣୁ ଦୁହିଙ୍କ ମଧ୍ୟରେ କୌଣସି ପ୍ରକାର ତାରତମ୍ୟ କରିଯାଇ ପାରିବ ନାହିଁ । ଏବଂ ଯେତେବେଳେ ଏତିକିମାତ୍ର ଭେଦ କିମ୍ବା ତାରତମ୍ୟ ଦେଖିବାକୁ ବାଟ ନ ଥିବ, ସେତେବେଳେ କୌଣସି ବିଶ୍ୱ ବା ବିସୃଷ୍ଟିର ବି କଳ୍ପନା କରିବା ଅସମ୍ଭବ ହୋଇପଡ଼ିବ । ତାହାହିଁ ଯଦି ଏକମାତ୍ର ସତ୍ୟ ଓ ଏକମାତ୍ର ଯଥାର୍ଥତା ବୋଲି ପ୍ରତିପାଦିତ ହୁଏ, ତେବେ ବିଶ୍ୱ ବୋଲି କୌଣସି ପଦାର୍ଥ ରହିଛି, କେବେ ରହିଥିଲା, କିମ୍ବା କେହି କେବେ ଏହାର କଳ୍ପନା କରିଥିଲା ବୋଲି ଆଉ କୁହାଯାଇ ପାରିବ ନାହିଁ । କାରଣ କୌଣସି ପ୍ରକାର ବିଭାଜନଲାଗି ଅବିଭାଜ୍ୟ ଚେତନା ଭିତରେ ଆଦୌ କୌଣସି ସାମର୍ଥ୍ୟ ନାହିଁ, ତେଣୁ ଏହା ବିଭାଜନ ଓ ଭେଦର କାରଣ ହୋଇ ପାରିବ ନାହିଁ । ମାତ୍ର ଏପରି ଯୁକ୍ତି ଆମକୁ କେବଳ ଏକ ଅମୁହାଁ ଅସମ୍ଭବତାର ସିଦ୍ଧାନ୍ତଜାଲ ଭିତରେ ଆଣି ଛାଡ଼ିଦେବ । ଆମର ସକଳ ବିଶ୍ୱରକୁ କେବଳ ଏକ ଅସମ୍ଭବ ସ୍ୱବିରୋଧ ଏବଂ ଏକ ମୀମାଂସାହୀନ ବିବାଦର ଆଧାର ଉପରେ ଆଣି ଥୋଇଦେବାକୁହିଁ ଯଥେଷ୍ଟ ବୋଲି ମାନି ନ ନେବାପର୍ଯ୍ୟନ୍ତ ଆମେ ଉକ୍ତ ଅସମ୍ଭବତା ଭିତରେ ମଧ୍ୟ କଦାପି ପଶିବାକୁ ଇଚ୍ଛା କରିବା ନାହିଁ ।

ଅପର ପକ୍ଷରେ ଭେଦ ଓ ବିଭାଜନଗୁଡ଼ିକୁ ଅତି ସ୍ପଷ୍ଟଭାବରେ ଯଥାର୍ଥ ବୋଲି କଳ୍ପନା କରି ପାରିବାକୁ ମନର ସାମର୍ଥ୍ୟ ରହିଛି । ମନ ଏକ ସମନ୍ୱିତ ସମଗ୍ରତାର ବେଶ୍ କଳ୍ପନା କରିପାରିବ, ଅଥବା ସାନ୍ତର ଅନନ୍ତ ପ୍ରସାରର କଳ୍ପନା ବି କରିପାରିବ । ବିଭକ୍ତ ଖଣ୍ଡଗୁଡ଼ିକର ସମଷ୍ଟିଭୂତ ଧାରଣା କରିପାରିବ ଏବଂ ଏଗୁଡ଼ିକ ଭିତରେ ଅନ୍ତର୍ନିହିତ ସମଧର୍ମିତାର ଧାରଣା ମଧ୍ୟ କରିପାରିବ । କିନ୍ତୁ ଚରମ ଏକତ୍ୱ କିମ୍ବା ପରମ ଅନନ୍ତତା ଏହି ମନର ଧାରଣାଭୂମି ଉପରେ କେବଳ ଏକ ଯଥାର୍ଥତାହୀନ କଳ୍ପନା ବୋଲିହିଁ ପ୍ରତୀତ ହେବ, ଅସାଧ୍ୟ ବସ୍ତୁପରିମାଣ ବୋଲି ପ୍ରତୀତ ହେବ । ଆପଣାର ଧାରଣାସୀମା ଦେଇ ମନ ଏହାକୁ ଆଦୌ ଯଥାର୍ଥ ବୋଲି ବୁଝି ପାରିବ ନାହିଁ; ଏହାହିଁ ଯେ ଏକମାତ୍ର ଯଥାର୍ଥତା, ସେକଥା ବୁଝିବା ତ ଆହୁରି ଦୂରର୍ କଥା । ତେଣୁ ଏହି ଦୃଷ୍ଟିରୁ ଆମେ ମନକୁ ଅଦ୍ୱୈତ ଚେତନାର ଠିକ୍ ଏକ ବିପରୀତ ତତ୍ତ୍ୱ ବୋଲି କହିବା । ଆମର ବିଶ୍ୱର ଭିତରେ ଆମେ ଏକ ପାଖରେ ମୂଳତଃ ଅବିଭାଜ୍ୟ ଏକ ଏକତ୍ୱର ସମ୍ମୁଖୀନ ହୋଇ ମୂଳତଃ ଏକ ବହୁତ୍ୱ ଦଣ୍ଡାୟମାନ ହୋଇ ରହିଥିବାର ଦେଖିବାକୁ ପାଇବା । ଆପଣାକୁ ସମ୍ପୂର୍ଣ୍ଣ ବିଲୁପ୍ତ କରି ନ ଦେବାପର୍ଯ୍ୟନ୍ତ ଏହା କଦାପି ଏକତ୍ୱରେ ଆସି ଉପନୀତ ହୋଇ ପାରିବ ନାହିଁ, ଏବଂ କେବେହେଲେ ଯେ ଏହାର ଯଥାର୍ଥ କୌଣସି ଅସ୍ତିତ୍ୱହିଁ ନ ଥିଲା, ଆପଣାକୁ

'oaob.nitrkl.ac.in' images reprocessed

ବିଲୁପ୍ତ କରିବାର ପ୍ରକ୍ରିୟାରେ ତାହାକୁ ସେକଥାଟି ମଧ୍ଯ ସ୍ୱୀକାର କରିନେବାକୁ ପଡ଼ିବ । ଅଥଚ ଏହାର ଅସ୍ତିତ୍ୱ ଅବଶ୍ୟ ରହିଥିଲା, କାରଣ ଏହାହିଁ ତ ପରିଶେଷରେ ଏକତ୍ୱର ଆବିଷ୍କାର କଲା ଓ ଆପଣାକୁ ବିଲୁପ୍ତ କଲା ! ଏଠାରେ ମଧ୍ୟ ଆମେ ସେହି ଅମୁହାଁ ଅସମ୍ଭବତା ଭିତରେ ଆସି ଛିନ୍ନ ହୋଇଯିବା । ପୁଣି ସେହି ସ୍ୱବିରୋଧର ପୁନରାବୃତ୍ତି ହେବ । ମନକୁ ମୂର୍ଚ୍ଛାହତ କରି ଏହି ସ୍ୱବିରୋଧ ତାହାର ବୋଧଶକ୍ତିକୁ ଜାଗ୍ରତ କରିବାକୁ ଗ୍ରହୁଥିଲା ପରି ମନେହେବ । ଅମୀମାଂସିତ ଅମୀମାଂସିତ ରହିଯିବ, ଅନପନେୟ ବିବାଦଟି ମଧ୍ୟ ଠିକ୍ ସେହିପରି ଅନପନେୟ ହୋଇ ରହିଥିବ ।

ମାତ୍ର ମନକୁ ଆମ ଚେତନାର କେବଳ ଏକ ପ୍ରସ୍ତୁତସ୍ତର ବୋଲି ବୁଝିବାକୁ ସମର୍ଥ ହେଲେ ଅଧୋଭୂମିର ବାଧାଟି ଅନ୍ତର୍ହିତ ହୋଇଯାଏ । ମନ ହେଉଛି ବିଯୋଜନ ଓ ସଂଯୋଜନର ଏକ ସାଧନମାତ୍ର, ତାହା ଯଥାର୍ଥ ଜ୍ଞାନ ବା ସାକ୍ଷାତ୍‌କାରର ସାଧନ ନୁହେଁ । ଅବିଜ୍ଞେୟ ସ୍ୱରୂପସତ୍ତାରୁ ବଡ଼ ଅସ୍ପଷ୍ଟଭାବରେ ଗୋଟାଏ ଅଂଶକୁ କାଟିନେଇ ସେହି ପରିମିତ ଓ ପରିସୀମିତ ଖଣ୍ଡଟାକୁହିଁ ସମଗ୍ର ବୋଲି କହିବା ହେଉଛି, ମନର କାମ । ପୁଣି ସମଗ୍ରକୁ ତାହାର ନାନା ଖଣ୍ଡର ମାଧ୍ୟମରେ ବିଶ୍ଳେଷିତ କରି ସେହିଗୁଡ଼ିକୁହିଁ ପୃଥକ୍ ପୃଥକ୍ ମନନବସ୍ତୁରୂପେ ବିଗ୍ରହ କରିବା ମଧ୍ୟ ମନର କାମ । କେବଳ ଏହି ଖଣ୍ଡ ଓ ଗୌଣ ଗୁଣଧର୍ମଗୁଡ଼ିକୁହିଁ ମନ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଦେଖିବାକୁ ସମର୍ଥ ହୋଇଥାଏ, ଏବଂ ଆପଣା ସ୍ୱଭାବରେ ସେ କେବଳ ସେହିଗୁଡ଼ିକୁହିଁ ଜାଣେ । ସମଗ୍ରକୁ କେବଳ ଖଣ୍ଡ ବା ଅଂଶଗୁଡ଼ିକର ଏକ ଏକତ୍ରୀଭୂତ ସମଷ୍ଟି କିମ୍ବା ପ୍ରଧାନ ତଥା ଅପ୍ରଧାନ ଗୁଣଧର୍ମଗୁଡ଼ିକର ଏକ ସମାହାର ବୋଲି ଜାଣିବା ବ୍ୟତୀତ ସମଗ୍ର ସମ୍ବନ୍ଧରେ ମନର ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଧାରଣା ନଥାଏ । ସମଗ୍ରକୁ ଆଉ ଅନ୍ୟକିଛିର ଅଂଶରୂପେ କିମ୍ବା ତାହାର ଆପଣା ଗୁଣ, ଧର୍ମ ଓ ଅଂଶଗୁଡ଼ିକରହିଁ ସମଷ୍ଟିରୂପେ ନ ଦେଖିବାକୁ ମନ କେବଳ ଏକ ଅଳୀକ ଓ ଅବାସ୍ତବ କଳ୍ପନା ବୋଲି ମାନିଥାଏ । ଯେତେବେଳେ ଆମେ କୌଣସି ବସ୍ତୁର ବିଶ୍ଳେଷଣ କରି ତାହାକୁ ଏକ ସ୍ୱତନ୍ତ୍ର ଓ ସଂଗଠିତ ଏକକରୂପେ ଆଣି ଥୋଇଦେଉ, ଏକ ବୃହତ୍ତର ସମଗ୍ରତା ଭିତରେ ଏହାକୁ ଏକ ସମଗ୍ରତା ରୂପେ ଉପସ୍ଥାପିତ କରୁ, କେବଳ ସେତିକବେଳେ ଯାଇ ଆମର ମନ "ଏଥର ଜାଣିଲି" ବୋଲି କହିବାକୁ ସମର୍ଥ ହୁଏ । ମାତ୍ର ଯଥାର୍ଥତଃ ଏହା କିଛି ଜାଣି ନ ଥାଏ । ଏହା ବସ୍ତୁ ସମ୍ବନ୍ଧରେ କେବଳ ଆପଣାର ବିଶ୍ଳେଷଣଟିକୁହିଁ ଜାଣିଥାଏ, କୌଣସି ବସ୍ତୁର ଇନ୍ଦ୍ରିୟଲବ୍ଧ ଖଣ୍ଡ ଓ ଗୁଣଧର୍ମଗୁଡ଼ିକୁ ବିଶ୍ଳେଷିତ କରି ସେହି ବସ୍ତୁଟି ବିଷୟରେ ମନର ଯେଉଁ ଧାରଣା ହୋଇଥାଏ, ମନ କେବଳ ସେତିକ ଜାଣିଥାଏ । ସେହିଠାରୁହିଁ ତାହାର ସ୍ୱଧର୍ମଶକ୍ତି ଓ ସୁନିର୍ଦ୍ଦିଷ୍ଟ କ୍ରିୟା ପରିସମାପ୍ତ ହୋଇଯାଏ । ଏବଂ ଯଦି ଆମ ଭିତରେ ତାହାଠାରୁ

'oaob.nitrkl.ac.in' images reprocessed

ଏକ ଅଧିକ ବୃହତ୍, ଗଭୀର ତଥା ଯଥାର୍ଥ ଜ୍ଞାନର ଅଭିଳାଷ ରହିଥାଏ, ତେବେ ଆଉ ଏକ ଚେତନା ଲାଗି ବାଟ ଛାଡ଼ିଦେଇ ମନକୁ ଅପସରି ଯିବାକୁ ହୁଏ । ଏଠାରେ ଏକ ଯଥାର୍ଥ ଜ୍ଞାନର ଅଭିଳାଷ କଥା କୁହାଯାଉଛି; ଆମ ମନୋରାଜ୍ୟର ଗଭୀର ଅଥଚ ଅବ୍ୟକ୍ତ ନାନା ପ୍ରଦେଶରେ ଅନେକ ସମୟରେ ଦେଖା ଦେଉଥିବା ତୀବ୍ର ଅଥଚ ଆକାରହୀନ ଭାବାବିଷ୍ଟତାର କଥା କୁହାଯାଉ ନାହିଁ । ସେହି ଅନ୍ୟ ଚେତନାଟି ମନଃସୀମାକୁ ଅତିକ୍ରମ କରି ମନକୁହିଁ ପୂର୍ଣ୍ଣ କରିଦିଏ ଅଥବା ମନର ସୀମାବାହାରକୁ ଡେଇଁପଡ଼ି ମନକୁ ନୂତନ କରି ଗଢ଼ିନିଏ ଓ ତାହାର କ୍ରିୟାଶକ୍ତିକୁ ସଂଶୋଧିତ କରିଦିଏ । ମାନସିକ ଜ୍ଞାନର ସର୍ବୋଚ୍ଚ ଶିଖର ଏହି ଡେଇଁ ପଡ଼ିବା ଲାଗି କେବଳ ଏକ ମଥାନଧାରି ପରି କାର୍ଯ୍ୟ କରିଥାଏ । ଜଡ଼ସ୍ତରର ଅନ୍ଧ କାରାଗାର ଭିତରୁ ମୁକ୍ତିଲାଭ କରି ଆସିଥିବା ଆମର ନାନା ଗ୍ରନ୍ଥିଛନ୍ନ ଚେତନାକୁ ଯଥାର୍ଥ ଭାବେ ପ୍ରଶିକ୍ଷିତ କରିବା ହେଉଛି ମନର ସର୍ବଶ୍ରେଷ୍ଠ କାର୍ଯ୍ୟ । ଏହି ଚେତନାର ଅନ୍ଧ ମୂଳସ୍ୱଭାବଗୁଡ଼ିକ ଉପରେ ମନ ଉପଯୁକ୍ତ ଆଲୋକପାତ କରିବ, ଏହାର ଲକ୍ଷ୍ୟହୀନ ପ୍ରତିବୋଧ ଓ ଅସ୍ପଷ୍ଟ ଅନୁଭବଗୁଡ଼ିକୁ ସମ୍ମାର୍ଜିତ କରୁଥିବ । ଏହି ଚେତନା ବୃହତ୍ତର ଜ୍ୟୋତି ତଥା ଉଚ୍ଚତର ଆରୋହଣର ଯୋଗ୍ୟ ହୋଇପାରିବା ପର୍ଯ୍ୟନ୍ତ ମନର ଏହି କାର୍ଯ୍ୟହିଁ ରହିବ । ମନ ହେଉଛି କେବଳ ପଥ ମାତ୍ର, ପଥଶେଷର ଗମ୍ୟସ୍ଥାନ ନୁହେଁ । ମନ କେବଳ ପହଞ୍ଚାଇ ଦେବ, ଆବୋରି ଧରିବ ନାହିଁ ।

ଅପର ପକ୍ଷରେ ଅଦ୍ୱୈତ ଚେତନା ଅଥବା ଅବିଭାଜ୍ୟ ଏକତ୍ୱକୁ ମଧ୍ୟ ଆମେ ସେଭଳି କୌଣସି ଅସମ୍ଭବ ବସ୍ତୁରୂପେ କଳ୍ପନା କରି ପାରିବା ନାହିଁ । ସକଳ ପଦାର୍ଥ ବା ରୂପାୟିତ ସତ୍ତାର ଉଦ୍‌ଭବ ଯାହାରି ଭିତରୁ ହୋଇଛି ଏବଂ ଯାହାରି ଭିତରେ ବିଲୀନ ହୋଇ ସେଗୁଡ଼ିକର ଅବସାନ ଘଟୁଛି, ତାହା ଭିତରେ କିଛି ନାହିଁ ବୋଲି ଆମେ କଦାପି କହି ପାରିବା ନାହିଁ । ତେଣୁ ଏକ ଅନାଦି ଆତ୍ମସଂହରଣର ଶାଶ୍ୱତୀ ସ୍ଥିତିରୂପେ ଆମକୁ ଏହାର କଳ୍ପନା କରିବାକୁ ପଡ଼ିବ; ଯାହା ଭିତରେ କି ସବୁକିଛି ରହିଛି । ଏହି ବିଶ୍ୱସଂସାର ପରି ସେଗୁଡ଼ିକ ସେଠାରେ ଦେଶ ଓ କାଳର ଦର୍ପଣ ମାଧ୍ୟମରେ ପ୍ରକାଶିତ ହେଉ ନାହିଁ ସତ, ମାତ୍ର ଅନ୍ୟ ପ୍ରକାରରେ ରହିଛି । ଆତ୍ମସଂହରଣକାରୀ ଏହି ଏକାନ୍ତ ଅନିର୍ବଚନୀୟ ଓ ଅକଳ୍ପନୀୟ ସ୍ୱରୂପ-ସତ୍ତାକୁ ଶୂନ୍ୟବାଦୀ ଆପଣା ମନରେ ନକାରାତ୍ମକ ଶୂନ୍ୟ ବୋଲି କଳ୍ପନା କରିଥାଏ । ଆମର ସକଳ ଜ୍ଞାନ ଓ ସକଳ ସମ୍ଭୂତିକୁ ସେ ସେହି ଶୂନ୍ୟ ଭିତରେ ନେଇ ମିଳାଇ ଦିଏ । ମାତ୍ର ଠିକ୍ ସମାନ ଯୁକ୍ତିର ଆଶ୍ରୟ ନେଇ ସର୍ବାତୀତବାଦୀ ଆପଣାର ମନ ଭିତରେ ତାହାକୁ ଏକ ସକାରାତ୍ମକ ଅଥଚ ଭେଦଭାବପରିଶୂନ୍ୟ ପରମ ସତ୍ୟରୂପେ ବି କଳ୍ପନା କରିପାରେ ଏବଂ ତାହାକୁହିଁ ଆମର ସକଳ ଜ୍ଞାନ ଓ ସମ୍ଭୂତିର ପରମାଶ୍ରୟ

'oaob.nitrkl.ac.in' images reprocessed

ରୂପେ ମାତ୍ର ପାରେ । "ସର୍ବପ୍ରଥମେ ଏକ ଅଦ୍ୱିତୀୟ ସତ୍‌ସ୍ୱରୂପ ବିରାଜିତ ରହିଥିଲେ" ବୋଲି ବେଦାନ୍ତ ଘୋଷଣା କରିଥାଏ । ମାତ୍ର ସେହି 'ସର୍ବପ୍ରଥମ'ର ପୂର୍ବରୁ ବା ପରେ, ବର୍ତ୍ତମାନ, ଚିରକାଳଯାବତ୍ କିମ୍ବା ସକଳ କାଳାୟତନରୁ ଅତିକ୍ରାନ୍ତ ହୋଇ ଯାହା ବିରାଜିତ ରହିଛି, ତାହାକୁ ଆମେ 'ଏକମାତ୍ର ଏକ' ବୋଲି ମଧ୍ୟ ବର୍ଣ୍ଣନା କରି ପାରିବା ନାହିଁ । କେବଳ ସେହି ରହିଛି ଓ ଆଉ କିଛି ନାହିଁ ବୋଲି କହିଲାବେଳେ ମଧ୍ୟ ଆମେ ତାହାକୁ ସେହିଭଳି ଭାବେ ବର୍ଣ୍ଣନା କରି ପାରିବା ନାହିଁ । ପ୍ରଥମତଃ ତାହାର ଅନାଦି ଆତ୍ମସଂହରଣକାରୀ ଭାବଟିର ଏକ ଧାରଣା କରିବା ଲାଗି ଆମର ସାମର୍ଥ୍ୟ ରହିଛି, ଏବଂ ଏହି ଭାବଟିକୁହିଁ ଆମେ ଅବିଭାଜ୍ୟ ଅଦ୍ୱିତୀୟ ସତ୍ତାରୂପେ ଅନୁଭବ କରିବାର ପ୍ରୟାସ କରୁ । ଏହାରି ଏକତ୍ୱ ମଧ୍ୟରେ ଯାହା କେନ୍ଦ୍ରୀଭୂତ ହୋଇ ରହିଥିଲା, ଦ୍ୱିତୀୟତଃ ଆମେ ତାହାରି ବିଚ୍ଛୁରଣ ଓ ଆପାତ-ବିଘଟନର ଧାରଣା ମଧ୍ୟ କରିପାରୁ ଏବଂ ମନଃକଳ୍ପନାରେ ତାହାକୁ ବିଶ୍ୱ ବୋଲି ଜାଣୁ । ତୃତୀୟତଃ ଆମେ ଋତ-ଚିତ୍ ରୂପେ ତାହାର ଅବିଚ୍ୟୁତ ଆତ୍ମ-ପ୍ରସାରଣଟିକୁ ଦେଖି ପାରିବା ଲାଗି ମଧ୍ୟ ଆମର ସାମର୍ଥ୍ୟ ରହିଛି । ଏହି ଋତ-ଚିତ୍‌ହିଁ ସକଳ ବିଚ୍ଛୁରଣର ଆଧାର ଓ ଆଶ୍ରୟରୂପେ ଅବସ୍ଥିତ ରହିଥାଏ ଏବଂ ଏହାକୁ ଏକ ବାସ୍ତବ ବିଘଟନ ଅର୍ଥାତ୍ ବିଲୟରେ ପରିଣତ ହେବାରୁ ନିବୃତ୍ତ କରି ରଖେ । ଅନ୍ତହୀନ ବୈଚିତ୍ର୍ୟକୁ ଏକତ୍ୱ ମଧ୍ୟରେ ସଂହତ କରି ରଖେ, ଅନନ୍ତ ପରିବର୍ତ୍ତନଶୀଳତା ଓ କ୍ଷଣିକତା ମଧ୍ୟରେ ସ୍ଥାୟିତ୍ୱଟିକୁ ବଜାୟ ରଖିଥାଏ । ଏକ ସର୍ବବ୍ୟାପୀ ସଂଘର୍ଷ ଓ ସଂଘାତର ପ୍ରତୀତି ମଧ୍ୟରେ ତଥାପି ଏକ ସୌଷମ୍ୟ ରଖିବା ଲାଗି ତାହା ସର୍ବଦା ତତ୍ପର ରହିଥାଏ । ମନର ନିତ୍ୟ ସୃଷ୍ଟିପ୍ରୟାସ ଯେଉଁଠି କେବଳ ଏକ ବିଶ୍ୱମୟ ଅରାଜକତା ଭିତରେ ଆସି ପଶି ଯାଉଥା'ନ୍ତା, ସେଠାରେ ଋତ-ଚିତ୍ ଏହି ବ୍ୟବସ୍ଥାପୂର୍ଣ୍ଣ ବିଶ୍ୱରଚନାକୁ ସଦାକାଳ ଲାଗି ସମ୍ଭାଳି ରଖିଥାଏ । ଏହା ଅତିମାନସ, ଏହାହିଁ ଋତ-ଚିତ୍; ଆପଣାର ସ୍ୱରୂପ ତଥା ସମୂହ ବିଷୟରେ ସମ୍ପୂର୍ଣ୍ଣ ଅବଗତ ରହିଥିବା ଯଥାର୍ଥ ବିଜ୍ଞାନମୟ ପୁରୁଷ ।

ଆପଣାଭିତରେ ବିଶ୍ୱକୁ ଧାରଣ କରିଥିବା ଓ ସେହି ବିଶ୍ୱକୁ ବିକଶିତ କରାଉଥିବା ବ୍ରହ୍ମର ବିପୁଳ ଆତ୍ମପ୍ରସାରଣ ହେଉଛି ଅତିମାନସ । ଆପଣାର ବିଜ୍ଞାନଶକ୍ତି ଦ୍ୱାରା ଏହା ସତ୍, ଚିତ୍ ଓ ଆନନ୍ଦର ତ୍ରିଧା ସୂତ୍ରଟିକୁ ସେମାନଙ୍କର ଅବିଭାଜ୍ୟ ଏକତ୍ୱ ଭିତରୁ ବିକଶିତ କରାଏ । ସେଗୁଡ଼ିକ ଭିତରେ ଏକ ପାରସ୍ପରିକ ଭେଦର ସୂଚନା ଦିଏ ସତ, ମାତ୍ର ସେଗୁଡ଼ିକୁ ବିଭକ୍ତ କରି ଦିଏନାହିଁ । ଏହା ଏକ ତ୍ରୟୀର ପ୍ରତିଷ୍ଠା କରେ ସତ, ମାତ୍ର ମନ ପରି ତିନିରୁ ଏକରେ ଉପନୀତ ନହୋଇ ଏକରୁହିଁ ତିନୋଟି-ଯାକ ତତ୍ତ୍ୱକୁ ପ୍ରକାଶ କରେ । କାରଣ ପ୍ରକାଶିତ ଓ ବିକଶିତ କରିବା ହେଉଛି

'oaob.nitrkl.ac.in' images reprocessed

ଏହାର ଧର୍ମ । ପ୍ରକାଶିତ କରାଉଥିଲେ ମଧ୍ୟ ଏହା ଉନୋଟିଯାକକୁ ତଥାପି ଏକତ୍ର ଭିତରେ ପ୍ରତିଷ୍ଠାପିତ କରି ରଖିଥାଏ, କାରଣ ଏହା ସତ୍ୟଜ୍ଞାନରେ ପୂର୍ଣ୍ଣ ହୋଇ ରହିଥାଏ ଓ ସକଳ ପ୍ରକାଶକୁ ଆପଣାଭିତରେ ଧାରଣ କରି ରଖିଥାଏ । ଆପଣାର ଭେଦନରୂପଣକାରୀ ସାମର୍ଥ୍ୟ ଦ୍ୱାରା ଏହା ଯେତେବେଳେ ଉନୋଟି ବିଭାବ ଭିତରୁ କୌଣସି ଗୋଟିଏ ବିଭାବକୁ ମୁଖ୍ୟ ଦିବ୍ୟଭାବରୂପେ ପୁରୋଭାଗରେ ଆଣି ପ୍ରତିଷ୍ଠିତ କରାଏ, ସେତେବେଳେ ମଧ୍ୟ ଅନ୍ୟ ଦୁଇଟିଯାକ ଭାବ ସେହି ମୁଖ୍ୟଭାବଟି ଭିତରେ ସଂବୃତ୍ତ ଅଥବା ବ୍ୟକ୍ତ ଭାବରେ ଅବଶ୍ୟ ରହିଥାଏ । ଠିକ୍ ଏହି ପ୍ରକ୍ରିୟାଟିକୁ ଅଧିମାନସ ଅନ୍ୟ ସକଳ ବିଭେଦନର ଆଧାରରୂପେ ଗ୍ରହଣ କରିଥାଏ । ପୁଣି ଏହି ସ୍ୱାଧିକରେହିଁ ତାହା ଏହି ସର୍ବାଧାର ତ୍ରୟୀ-ତତ୍ତ୍ୱରୁ ବିଶ୍ୱର ସକଳ ତତ୍ତ୍ୱ ଓ ସକଳ ସମ୍ଭାବନାକୁ ପ୍ରକାଶିତ କରେ । ଅଧିମାନସ ଭିତରେ ବିକଶିତ ଓ ବିବର୍ତ୍ତିତ କରାଇବାର ଶକ୍ତି ରହିଛି, ବ୍ୟକ୍ତ ଓ ପ୍ରକଟ କରିବାର ଶକ୍ତି ରହିଛି; ଏବଂ ସେହି ଶକ୍ତି ସହିତ ତାହାର ପୂରକ ଭାବରେ ଅବ୍ୟକ୍ତ ରଖିବାର, ସଙ୍କୁଚିତ ଓ ଅପ୍ରକଟ କରିବାର ଅନ୍ୟ ଶକ୍ତିଟି ମଧ୍ୟ ସେହିପରି ନିହିତ ହୋଇ ରହିଛି । ଗୋଟିଏ ଅର୍ଥରେ ବିଚାରକରି ଦେଖିଲେ ଆମେ ସକଳ ସୃଷ୍ଟିକୁ ଦୁଇଟି ସଂବୃତ ଅଥବା ଅବ୍ୟକ୍ତୀକରଣ ମଧ୍ୟରେ ଦୋଳାୟିତ ହେଉଥିବା ଏକ ଛନ୍ଦ ବୋଲି କହିପାରିବା । ଏହାର ଗୋଟିଏ ଦିଗରେ ରହିଛି ଆତ୍ମରୂପୀ ଚେତନାର ଅବ୍ୟକ୍ତ ଭଣ୍ଡାର, ଯାହାଭିତରେ କି ସବୁକିଛି ସଂବୃତ ହୋଇ ରହିଛି ଏବଂ ଯେଉଁଥିରୁ କି ସବୁକିଛି ନିମ୍ନସ୍ଥ ଅପର ପ୍ରାନ୍ତରେ ଅବସ୍ଥିତ ଜଡ଼ର ଅଭିମୁଖରେ ବିବର୍ତ୍ତିତ ହେବାରେ ଲାଗିଛି । ପୁଣି ଜଡ଼ଭିତରେ ମଧ୍ୟ ସବୁକିଛି ସଂବୃତ ହୋଇ ରହିଛି ଏବଂ ଜଡ଼ଭିତରୁହିଁ ସବୁକିଛି ଊର୍ଦ୍ଧ୍ୱସ୍ଥ ଅପର ପ୍ରାନ୍ତରେ ଅବସ୍ଥିତ ଆତ୍ମା ବା ଚେତନାଆଡ଼କୁ ବିବର୍ତ୍ତିତ ହେବାରେ ଲାଗିଛି ।

ବିଶ୍ୱସୃଷ୍ଟିରେ ବିଭେଦନର ଏହି ସମଗ୍ର ପ୍ରକ୍ରିୟାଟି ଦ୍ୱାରା ନାନାବିଧ ତତ୍ତ୍ୱ, ନାନାବିଧ ଶକ୍ତି ଓ ରୂପାକୃତିକୁ ପ୍ରକାଶିତ କରିବାକୁହିଁ ଆମେ ଋତଚିତ୍ର କର୍ମାଚରଣ-ସ୍ୱିତ ବୋଲି କହିବା । ଅଧିମାନସର ସଂଜ୍ଞାନଶକ୍ତି ଏହି ସକଳ ପ୍ରକାଶ ମଧ୍ୟରେ ତନ୍ନିହିତ ଅବଶିଷ୍ଟ ସକଳ ସତ୍ତାକୁ ମଧ୍ୟ ଅବସ୍ଥିତ ରହିଥିବାର ଅନୁଭବ କରିଥାଏ ଏବଂ ପ୍ରଜ୍ଞାନଶକ୍ତି ଏଗୁଡ଼ିକର ବିଶିଷ୍ଟ ପ୍ରକାଶକୁ ସମ୍ମୁଖରେ ରଖି ଅବଶିଷ୍ଟ ଯାବତୀୟ ସତ୍ତାକୁ ପ୍ରଚ୍ଛନ୍ନ ଅଥଚ ବୋଧଗମ୍ୟ କରି ରଖିଥାଏ । ତେଣୁ ଏହିପରି ଭାବରେ ପ୍ରତ୍ୟେକଟି ମଧ୍ୟରେ ସବୁକିଛି ନିହିତ ହୋଇ ରହିଥାଏ ଓ ପ୍ରତ୍ୟେକକିଛି ସବୁଟି-ଭିତରେ ମଧ୍ୟ ନିହିତ ହୋଇ ରହିଥାଏ । ତେଣୁ ପଦାର୍ଥପୁଞ୍ଜର ପ୍ରତ୍ୟେକ ବୀଜରେହିଁ ଯାବତୀୟ ଅନନ୍ତ ସମ୍ଭାବନାର ବ୍ୟଞ୍ଜନା ନିହିତ ହୋଇ ରହିଥାଏ । ମାତ୍ର ପରମ ବିଧାତାର ସ୍ୱକୀୟ ସଂକଳ୍ପଶକ୍ତି ଅର୍ଥାତ୍ ଚେତନାମୟ ପୁରୁଷର ଜ୍ଞାନଶକ୍ତି ଦ୍ୱାରା ତାହା

'oaob.nitrkl.ac.in' images reprocessed

କେବଳ ଗୋଟିଏ ପ୍ରତିଷ୍ଠାଶ୍ରିତ ଭିତରେ ପ୍ରସୀମିତ ହୋଇ ରହେ ଓ ଗୋଟିଏ ପରିଣାମକୁ ଚରିତାର୍ଥ କରିବାରେ ବ୍ୟବହୃତ ହୁଏ । ତାହାର ଭିତରଦେଇ ସେହି ଚେତନାମୟ ପୁରୁଷହିଁ ଆପଣାକୁ ପ୍ରକାଶିତ କରୁଥା'ନ୍ତି, ଏବଂ ଆପଣା ମଧ୍ୟରେ ରହିଥିବା ଋତ-ଚିତ୍‌କୁ ଅତି ସୁନିଶ୍ଚିତ ଭାବରେ ଅନୁଭବ କରି ପାରୁଥିବାରୁ ସେ ତାହାର ଅନୁସାରେ ଆପଣାର ରୂପାୟନ ଓ ତା'ର ଗତିପଥକୁ ଆଗରୁ ନିର୍ଣ୍ଣୟ କରିଦେଇ ପାରନ୍ତି । ସ୍ୱରୂପସତ୍ତା ଆପଣା ଭିତରେ ଆପଣାସତ୍ତାର ଯେଉଁ ସତ୍ୟକୁ ପ୍ରତ୍ୟକ୍ଷ କରନ୍ତି, ତାହାହିଁ ବୀଜ । ଆତ୍ମଦର୍ଶନର ସେହି ବୀଜରୁ ଆତ୍ମ-ବିସ୍ତାର ସତ୍ୟ ସମ୍ଭୂତ ହୁଏ; ବିକାଶ, ରୂପାୟନ ତଥା ପ୍ରବୃତ୍ତିପ୍ରେରଣାର ସ୍ୱାଭାବିକ ବିଧାନଟି ମଧ୍ୟ ପ୍ରକାଶିତ ହୁଏ । ସେହି ଆତ୍ମଦୃଷ୍ଟିରୁହିଁ ପ୍ରକାଶର ଏହି ପ୍ରତିଷ୍ଠିତି ଅବଶ୍ୟମ୍ଭାବୀ ରୂପେ ଜନ୍ମଲାଭ କରିଥାଏ ଏବଂ ମୂଳ ସତ୍ୟଟିରେ ସଂବୃତ ହୋଇ ରହିଥିବା ପଦ୍ଧତି ଅନୁସାରେ ତାହା ଆପଣାକୁ ନିର୍ଦ୍ଦିଷ୍ଟଭାବେ ସଞ୍ଚାଳିତ କରିନିଏ । ତେଣୁ ନିସର୍ଗର ସକଳ ରଚନାକୁ ଆମେ କେବଳ ଜଣେ କ୍ରାନ୍ତଦର୍ଶୀ କବିର ସଂକଳ୍ପଶକ୍ତି ବୋଲି କହିପାରିବା, ଚେତସ୍ ପୁରୁଷର ଜ୍ଞାନଶକ୍ତି ବୋଲି କହିପାରିବା । ଆପଣାର ଆତ୍ମସମାହିତ ବିଜ୍ଞାନର ଅମୋଘ ସତ୍ୟଟିକୁ ସେହି ଚେତସ୍ ପୁରୁଷ ଏହିପରି ଭାବରେହିଁ ଶକ୍ତି ଓ ରୂପର ମାଧ୍ୟମରେ ପ୍ରକାଶିତ କରିବାରେ ଲାଗିଛନ୍ତି ।

ସଦ୍‌ଭୂତ ବିଜ୍ଞାନର ଏହିପରି ଏକ କଳ୍ପନା କରିପାରିଲେ ମାନସପ୍ରତ୍ୟୟ ଚେତନା ଏବଂ ଋତ-ଚିତ୍ ମଧ୍ୟରେ ରହିଥିବା ସାରଭୂତ ଭେଦଗୁଡ଼ିକୁ ଜାଣିବାକୁ ଆମେ ସମର୍ଥ ହୋଇଥାଉ । ଆମେ ସାଧାରଣତଃ ମନକୁ ବସ୍ତୁଠାରୁ ଭିନ୍ନ, ଅବାସ୍ତବ, ମାୟାମୟ ଏବଂ ସତ୍ତାର ତତ୍ତ୍ୱଠାରୁ ବିଚ୍ଛିନ୍ନ ବୋଲି ମନେ କରୁ । ଏହା ସତେଯେପରି ଅଜ୍ଞାତ କେଉଁ ରାଜ୍ୟରୁ ଆସି ଏଠାରେ ପହଞ୍ଚିଯାଏ ଏବଂ ସଂସାରକୁ ନିରୀକ୍ଷଣ କରିବା-ଲାଗି, ତାକୁ ବୁଝିବାଲାଗି, ତାହାର ମୂଲ୍ୟନିରୂପଣ କରିବାଲାଗି ସଂସାରର ବାସ୍ତବଭୂମିରୁ ଆପଣାକୁ ପୃଥକ୍ କରି ରଖିଥାଏ, ଭାବନା କହିଲେ ଆମେ ସାଧାରଣତଃ ଏହିପରି ଏକ ତତ୍ତ୍ୱକୁ ବୁଝିଥାଉ । କାରଣ ଆମ ଆଗରେ ଏହା ଠିକ୍ ଏହିଭଳି ପ୍ରତୀତ ହୋଇଥାଏ ଏବଂ ତେଣୁ ସବୁକଥାକୁ ବିଭାଜନ ଓ ବିଶ୍ଳେଷଣ କରି ଦେଖିବାରେ ଅଭ୍ୟସ୍ତ ରହିଥିବା ଆମର ମନ ଏହାକୁହିଁ ଭାବନାର ସତ୍ୟ ପରିଚୟ ବୋଲି ମାନିନିଏ । 'ପୃଥକ୍ କରିଦେବା' ହେଉଛି ମନର ପ୍ରଥମ କାର୍ଯ୍ୟ, ବିଶିଷ୍ଟ ପରିଚୟର ମାଧ୍ୟମରେ ଚିହ୍ନିବା ଅପେକ୍ଷା ଭାଗ ଭାଗ କରି ବିଦାରି ପକାଇବା ଲାଗିହିଁ ମନର ଅଧିକ ପ୍ରବୃତ୍ତି ରହିଥାଏ । ତେଣୁ ବସ୍ତୁସତ୍ୟ ଓ ବସ୍ତୁ ସମ୍ବନ୍ଧରେ ଭାବନା ମଧ୍ୟରେ ଏକ ଗଭୀର ବିଦାରଣରେଖା ଟାଣିଦେଇ ମନ ଦୁହିଁଙ୍କୁ ପରସ୍ପରଠାରୁ ବିଚ୍ଛିନ୍ନ କରି ରଖିଛି ଓ ତଦ୍ଦ୍ୱାରା ଦୁହିଁଙ୍କୁ ପ୍ରାଣହୀନ କରି ପକାଇଛି । ମାତ୍ର ଅତିମାନସ ମଧ୍ୟରେ ସକଳ ସତ୍ତା

'oaob.nitrkl.ac.in' images reprocessed

ହେଉଛି ଚେତନାମୟ ସତ୍ତା, ସକଳ ଚେତନା ହେଉଛି ସତ୍ତାର ଚେତନା । ଏବଂ ଆପଣାକୁ ଗର୍ଭରେ ଧାରଣ କରିଥିବା ଯେଉଁ ଚେତନାର ସ୍ପନ୍ଦନକୁ ଆମେ ବିଜ୍ଞାନ ବୋଲି କହୁଛୁ, ଆମେ ସମାନଭାବରେ ତାହାକୁ ଆପଣାକୁ ଗର୍ଭରେ ଧାରଣ କରିଥିବା ସତ୍ତାର ସ୍ପନ୍ଦନ ବୋଲି ମଧ୍ୟ କହିପାରିବା । ସୃଜନବିମୁଖ ଆତ୍ମଜ୍ଞାନ ଭିତରେ ଯାହା କେନ୍ଦ୍ରୀଭୂତ ହୋଇ ରହିଥିଲା, ସୃଜନୋନ୍ମୁଖ ଆତ୍ମଜ୍ଞାନ ରୂପେ ତାହାର ବହିର୍ଗମନ ବ୍ୟତୀତ ଏହି ବିଜ୍ଞାନ ଆଉ କିଛି ନୁହେଁ । ବିଜ୍ଞାନର ଏକ ବାସ୍ତବ କଳ୍ପନାରୂପେ ଏହା ବାହାରକୁ ବାହାରିଆସେ, ବିଜ୍ଞାନର ଏହି ବାସ୍ତବ କଳ୍ପନାହିଁ ଆପଣାକୁ ବିବର୍ତ୍ତିତ କରେ । ନିରନ୍ତର ଆପଣା ଶକ୍ତିଉପରେ ଆଶ୍ରିତ ରହି ନିରନ୍ତର ଆତ୍ମ-ସଚେତନ ଭାବରେହିଁ ଏହା ବିବର୍ତ୍ତିତ ହେଉଥାଏ, ଅର୍ଥାତ୍ ବିଜ୍ଞାନ ଭିତରେ ଅନ୍ତର୍ନିହିତ ରହିଥିବା ସଂକଳ୍ପଶକ୍ତି ଦ୍ୱାରାହିଁ ଏହା ଆପଣାକୁ ବିବର୍ତ୍ତିତ କରୁଥାଏ । ଆତ୍ମବିବର୍ତ୍ତନର ପ୍ରତ୍ୟେକଟି ପ୍ରେରଣାରେ ନିହିତ ହୋଇ ରହିଥିବା ଜ୍ଞାନର ସାହାଯ୍ୟରେ ଏହା ଆପଣାର ସ୍ୱରୂପକୁ ନିରନ୍ତର ଉପଲବ୍ଧି କରିବାରେ ଲାଗିଥାଏ । ଏହାହିଁ ହେଉଛି ଯାବତୀୟ ସୃଷ୍ଟି ଓ ଯାବତୀୟ ବିବର୍ତ୍ତନର ଅନ୍ତର୍ନିହିତ ସତ୍ୟ ।

ଅତିମାନସ ସ୍ତରରେ ସତ୍ତା, ବିଜ୍ଞାନାତ୍ମକ ଚେତନା ଓ ସଂକଳ୍ପାତ୍ମକ ଚେତନା ମଧ୍ୟରେ କୌଣସି ପ୍ରକାର ପାର୍ଥକ୍ୟ ବା ବିଭାଜନ ଆଦୌ ନ ଥାଏ । କେବଳ ଆମ ମାନସସ୍ତରର ପ୍ରତିକ୍ରିୟାକ୍ଷେତ୍ରରେହିଁ ସେଗୁଡ଼ିକ ପରସ୍ପରଠାରୁ ପୃଥକ୍ ଓ ବିଭକ୍ତ ବୋଲି ମନେ ହୁଅନ୍ତି । ଅତିମାନସ ସ୍ତରରେ ସେଗୁଡ଼ିକ ଏକ ତ୍ରୟୀରୂପେ ଅବସ୍ଥାନ କରୁଥା'ନ୍ତି, ପରିଣାମକ୍ଷେତ୍ରରେ ତିନିପ୍ରକାର ବିଭାବରେ ଆପଣାକୁ କାର୍ଯ୍ୟକାରୀ କରୁଥିବା କେବଳ ଗୋଟିଏ ଗତି ବା ସ୍ପନ୍ଦନରୂପେ ଅବସ୍ଥାନ କରୁଥା'ନ୍ତି । ପ୍ରତ୍ୟେକ ବିଭାବର ପରିଣାମର ଗୋଟିଏ ସ୍ୱକୀୟ ଧାରା ଅଛି । ସତ୍ତାର ପରିଣାମ ହୁଏ ବସ୍ତୁ, ଚେତନାର ପରିଣାମ ହୁଏ ବିଜ୍ଞାନ, ସ୍ୱୟଂ-ପରିଚାଳିତ ଏବଂ ରୂପକୃତଭାବ ଯାହା ସଂଜ୍ଞାନ ତଥା ପ୍ରଜ୍ଞାନରୂପେ ପ୍ରକଟିତ ହୁଏ । ଏବଂ ସଂକଳ୍ପଶକ୍ତି ପରିଣତ ହୁଏ ଆତ୍ମ-ପୂର୍ତ୍ତିକାରୀ ଶକ୍ତିରେ । ମାତ୍ର ଏହି ବିଜ୍ଞାନ ଯଥାର୍ଥତଃ ବସ୍ତୁ ବା ପରମାର୍ଥ ସତ୍ୟର ସ୍ୱୟଂ-ଜ୍ୟୋତିର ଛଟା । ଏହି ବିଜ୍ଞାନ ମନର ଏକ ଭାବନା କିମ୍ବା କଳ୍ପନା ନୁହେଁ, ଏହା ହେଉଛି ସ୍ୱତଃସମ୍ଭୂତ ଆତ୍ମସତ୍ତ୍ୱର ଲୀଳା । ଏହାହିଁ ସମ୍ଭୂତ ବିଜ୍ଞାନ ବା ଭାବ-ସତ୍ ।

ଅତିମାନସ ସ୍ତରରେ ବିଜ୍ଞାନ ଭିତରେ ଅବସ୍ଥାନ କରୁଥିବା ଜ୍ଞାନ, ବିଜ୍ଞାନ ଭିତରେ ଅବସ୍ଥାନ କରୁଥିବା ସଂକଳ୍ପ ଶକ୍ତିଠାରୁ ଆଦୌ ବିଚ୍ଛିନ୍ନ ହୋଇ ରହି ନ ଥାଏ, ତାହାସହିତ ଏକୀଭୂତ ହୋଇ ରହିଥାଏ । ଏହି ଜ୍ଞାନ ସତ୍ତା ବା ବସ୍ତୁଠାରୁ କୌଣସି ପ୍ରକାରେ ବିଚ୍ଛିନ୍ନ ନରହି ଯେପରି ସେହି ବସ୍ତୁର ଉଦ୍ଭାସିତ ଶକ୍ତି ସହିତ ଏକୀଭୂତ

'oaob.nitrkl.ac.in' images reprocessed

ହୋଇ ରହିଥାଏ, ଠିକ୍ ସେହିପରି । ଜଳୁଥିବା ଆଲୋକର ଶକ୍ତି ଓ ଅଗ୍ନିରୂପୀ ବସ୍ତୁଭିତରେ ଯେପରି କୌଣସି ପାର୍ଥକ୍ୟ ନ ଥାଏ, ଠିକ୍ ସେହିପରି ବିଜ୍ଞାନର ଶକ୍ତି ଓ ବିଜ୍ଞାନ ତଥା ତାହାର ପରିଣତି ମଧ୍ୟଦେଇ ଆପଣାକୁ ପ୍ରକାଶିତ କରୁଥିବା ପୁରୁଷଙ୍କର ସତ୍ତ୍ୱବସ୍ତୁ ମଧ୍ୟରେ ମଧ୍ୟ ଆଦୌ କୌଣସି ପାର୍ଥକ୍ୟ ନାହିଁ । କେବଳ ଆମର ମନ ହିଁ ଏସବୁ ପରସ୍ପରଠାରୁ ଭିନ୍ନ ବୋଲି ପ୍ରତୀତ ହୁଅନ୍ତି । ଆମର ମନଭିତରେ ଭାବନା ଓ ସଂକଳ୍ପ ଭିତରେ ହୁଏତ କେତେବେଳେ ସଂଯୋଗ ରହିଥାଏ, ପୁଣି କେତେବେଳେ ଆଦୌ କୌଣସି ସଂଯୋଗ ନ ଥାଏ । ତେଣୁ ଆମେ ଭାବନାକୁ ସଂକଳ୍ପଠାରୁ ସାଧାରଣତଃ ପୃଥକ୍ କରି ଦେଖିଥାଉ ଏବଂ ଏହି ଦୁଇଟିଯାକ ପ୍ରତ୍ୟେକେ ଆମ ଆପଣାଠାରୁ ପୃଥକ୍ ବୋଲି ମଧ୍ୟ ଭାବିଥାଉ । 'ମୁଁ ଅଛି',—ଏହି ଭାବନାଟି ବସ୍ତୁଠାରୁ ବିଚ୍ଛିନ୍ନ ଏକ ରହସ୍ୟରୂପେ ଆମପାଖରେ ଆବିର୍ଭୂତ ହୋଇଥାଏ । ସଂକଳ୍ପକୁ ମଧ୍ୟ ଆମେ ଆଉଏକ ରହସ୍ୟ ବୋଲି ଭ୍ରମ କରୁ । ସମ୍ପୂର୍ଣ୍ଣରୂପେ ବାସ୍ତବ ନ ହେଲେ ମଧ୍ୟ ସଂକଳ୍ପଶକ୍ତିକୁ ଆମେ ବାସ୍ତବର ଅଧିକ ନିକଟବର୍ତ୍ତୀ ବୋଲି ଅନୁଭବ କରିଥାଉ । ମାତ୍ର ତଥାପି ତାହାକୁ ଆମେ ଆପଣାଠାରୁ ଭିନ୍ନ ବୋଲି ମନେକରୁ । ଏହି ସଂକଳ୍ପ ମୋର, ଏହାକୁ ମୁଁ ଲାଭ କରିଛି ଅଥବା ଏହା ମୋତେ ଆବୋରି ଧରିଛି ବୋଲି ବିଗ୍ରୁରୁଥିଲେ ମଧ୍ୟ ଆମେ ତଥାପି ତାହାକୁ ଆପଣାର ସ୍ୱରୂପଠାରୁ ଭିନ୍ନ ଏକ ବସ୍ତୁ ବୋଲି ମନେକରୁ । ଆମର ସଂକଳ୍ପଶକ୍ତି, ତାହାର ସାଧନ ଓ ତାହାର ପରିଣାମ ଭିତରେ ମଧ୍ୟ ଆମେ ଏକ ବ୍ୟବଧାନ ରଚନା କରି ଥୋଇଦେଉ । କାରଣ ଏଗୁଡ଼ିକୁ ଆମେ ଆମଠାରୁ ବାହାରେ ରହିଥିବା ଓ ଆମଠାରୁ ଭିନ୍ନ ଗୋଟିଏ ଗୋଟିଏ ବାସ୍ତବ ସତ୍ତା ବୋଲି ଧରିନେଉ । ତେଣୁ ଆମେ ନିଜେ, ଆମର ଭାବନା ବା ଆମର ସଂକଳ୍ପ କେହିହେଲେ ସ୍ୱତଃ କାର୍ଯ୍ୟକାରୀ ହୋଇ ପାରନ୍ତି ନାହିଁ ଓ ସ୍ୱତଃ କୌଣସି ପରିପୂର୍ତ୍ତି କରି ପାରନ୍ତି ନାହିଁ । ଆମର ଭାବନା ହୁଏତ ଆମଠାରୁ ବିଚ୍ୟୁତ ହୋଇ ଯାଇପାରେ, ଆମର ସଂକଳ୍ପ ହୁଏତ ବ୍ୟର୍ଥ ହୋଇ ଯାଇପାରେ, ଅଥବା ଆମ ପାଖରେ ସାଧନର ବି ଅଭାବ ଘଟିପାରେ । ଏବଂ ଏଥିମଧ୍ୟରୁ କୌଣସି ଗୋଟିଏ କିମ୍ବା ସବୁଯାକର ଅଭାବ ହେତୁ ଆମେ ନିଜେ ମଧ୍ୟ ଅପରିପୂର୍ଣ୍ଣ ହୋଇ ରହି ଯାଇପାରୁ ।

ମାତ୍ର ଅତିମାନସରେ ପର୍ଯ୍ୟନ୍ତ କରି ଦେଉଥିବା ଏଭଳି କୌଣସି ବିଭାଜନ ଅବସ୍ଥାନ କରୁ ନ ଥାଏ । କାରଣ ସେଠାରେ ଜ୍ଞାନ ଆତ୍ମବିଭକ୍ତ ହୋଇ ପଡ଼ି ନ ଥାଏ । ଶକ୍ତି ବା ସତ୍ତା ମଧ୍ୟ ଆତ୍ମବିଭକ୍ତ ହୋଇ ନ ଥାଏ । କେବଳ ମାନସ ସ୍ତରରେହିଁ ଏହିସବୁ ପ୍ରମାଦ ଭୋଗିବାକୁ ପଡ଼େ । ମାତ୍ର ଅତିମାନସ ସ୍ତରରେ ସେଗୁଡ଼ିକ ଆପଣା ଭିତରେ ଖଣ୍ଡଖଣ୍ଡ ହୋଇ ଯାଇ ନ ଥା'ନ୍ତି କିମ୍ବା ପରସ୍ପରଠାରୁ

'oaob.nitrkl.ac.in' images reprocessed

ବିଚ୍ଛିନ୍ନ ହୋଇ ରହି ନ ଥା'ନ୍ତି । କାରଣ ଅତିମାନସ ହେଉଛି, ବୃହତ୍ । ତାହାର ପ୍ରକୃତି ଏକତ୍ୱରୁ, ଖଣ୍ଡତାରୁ ନୁହେଁ । ସର୍ବଗ୍ରାହିତା ହେଉଛି ତା'ର ମୌଳିକ ଧର୍ମ, ବିଭାଜନ କେବଳ ଏକ ଗୌଣକ୍ରିୟା ମାତ୍ର । ତେଣୁ ତାହାଭିତରେ ଯେକୌଣସି ସତ୍ୟ ପ୍ରକାଶିତ ହେଉଥାଉ ନା କାହିଁକି, ଅନ୍ତର୍ଗତ ଭାବନାଟି ସହିତ ତାହାର ଆଦୌ କୌଣସି ଭିନ୍ନତା ନ ଥାଏ ଏବଂ ସଙ୍କଳ୍ପଶକ୍ତି ମଧ୍ୟ ସେହି ଭାବନାର ଅନୁଗମନ କରୁଥାଏ । କାରଣ ଶକ୍ତି ମାତ୍ରକେହିଁ ଏଠାରେ କେବଳ ଚେତନାଶକ୍ତିକୁ ବୁଝାଉଥାଏ ଏବଂ ପରିଣାମ ବା ଫଳ ମଧ୍ୟ ସଙ୍କଳ୍ପର ଅନୁଗାମୀ ହୁଏ । ଅନ୍ୟାନ୍ୟ ଭାବନାଗୁଡ଼ିକ ସହିତ ମଧ୍ୟ ଏହି ଭାବନାର ଆଦୌ କୌଣସି ସଂଘାତ ଘଟେ ନାହିଁ, ସଙ୍କଳ୍ପ କିମ୍ବା ଶକ୍ତିର ମଧ୍ୟ ଅନ୍ୟ କୌଣସି ଶକ୍ତି ବା ସଙ୍କଳ୍ପ ସହିତ ସଂଘାତ ଘଟେ ନାହିଁ । କେବଳ ମନୁଷ୍ୟର ସଚରାଚର ଜୀବନରେ ଓ ତା'ର ଜଗତରେହିଁ ଏହିସବୁ ସଂଘାତ ଆସିଥାଏ । କାରଣ ଅତିମାନସର ସ୍ତରରେ କେବଳ ଗୋଟିଏମାତ୍ର ବୃହତ୍ ଓ ଅଖଣ୍ଡଚେତନା ବିରାଜମାନ ରହିଥାଏ, ତାହାହିଁ ସକଳ ଭାବନାକୁ ଆପଣାର ଭାବନାରୂପେ ଆପଣାଭିତରେ ଧାରଣ କରିଥାଏ ଏବଂ ସେଗୁଡ଼ିକୁ ପରସ୍ପର ସହିତ ସମ୍ବନ୍ଧିତ କରି ରଖିଥାଏ । ସେଠାରେ କେବଳ ଗୋଟିଏମାତ୍ର ବୃହତ୍ ଓ ଅଖଣ୍ଡ ସଙ୍କଳ୍ପହିଁ ବିରାଜମାନ ରହିଥାଏ ଯାହାକି ଯାବତୀୟ ଶକ୍ତିକୁ ଆପଣାର ଶକ୍ତିରୂପେ ଆପଣାଭିତରେ ଧାରଣ କରିଥାଏ ଓ ସେଗୁଡ଼ିକୁ ପରସ୍ପର ସହିତ ସମ୍ବନ୍ଧିତ କରି ରଖିଥାଏ । କୌଣସି ଗୋଟିଏ ବିଭବ ଅଥବା ଶକ୍ତିକୁ ସଂବୃତ ରଖି ଏହା ଆଉ-ଗୋଟିଏ ବିଭବ ବା ଶକ୍ତିକୁ ଆଗକୁ ଠେଲି ଦେଉଥାଏ । ମାତ୍ର ସେ ଯାହା କରେ, କେବଳ ଆପଣାର ଅନାଗତଦର୍ଶୀ ବିଜ୍ଞାନମୟ ସଙ୍କଳ୍ପଦ୍ୱାରା ପରିଚାଳିତ ହୋଇହିଁ କରୁଥାଏ ।

ପ୍ରଚଳିତ ଧର୍ମଧାରଣାଗୁଡ଼ିକରେ ଭଗବାନଙ୍କର ସର୍ବଗତତା, ସର୍ବଜ୍ଞତା ତଥା ସର୍ବଶକ୍ତିମତ୍ତା ବିଷୟରେ ଯେଉଁସବୁ କଳ୍ପନା ରହିଆସିଛି, ଆମର ଏହି ଆଲୋଚନାରୁ ତାହାର ଔଚିତ୍ୟ ପ୍ରତିପାଦିତ ହୋଇଥାଏ । କେବଳ ବୁଦ୍ଧିବିରୁଦ୍ଧ କଳ୍ପନା ବୋଲି କହି ଆମେ ସେଗୁଡ଼ିକୁ ଆଦୌ ଉଡ଼ାଇଦେଇ ପାରିବା ନାହିଁ । କାରଣ ସେଗୁଡ଼ିକର ସପକ୍ଷରେ ବୁଦ୍ଧିର ପୂର୍ଣ୍ଣ ସମର୍ଥନ ରହିଛି । କୌଣସି ସମ୍ପୂର୍ଣ୍ଣ ଦର୍ଶନର ନ୍ୟାୟ କିମ୍ବା ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତାର ସାକ୍ଷ୍ୟସଙ୍କେତର ସେଗୁଡ଼ିକ କୌଣସି ବିରୁଦ୍ଧାଚରଣ କରନ୍ତି ନାହିଁ । ତେଣୁ ସେହିସବୁ କଳ୍ପନାଭିତରେ କୌଣସି ଭ୍ରମ ନାହିଁ, ଭ୍ରମ ରହିଛି ଭଗବାନ ଓ ମନୁଷ୍ୟ ମଧ୍ୟରେ, ବ୍ରହ୍ମ ଓ ଜଗତ ମଧ୍ୟରେ, ଏକ ଅନତିକ୍ରମଣୀୟ ବ୍ୟବଧାନ ରଚନା କରି ରଖିଦେବାରେ । ସତ୍, ଚେତନା ଓ ଶକ୍ତିଭିତରେ ରହିଥିବା ଏକ କାର୍ଯ୍ୟସାଧନଗତ ପ୍ରୟୋଜନସାପେକ୍ଷ ବିଭାଜନକୁ

'oaob.nitrkl.ac.in' images reprocessed

ଏକ ମୌଳିକ ବିଭାଜନ ବୋଲି କଳ୍ପନା କରି ବସୁଛୁ । ମାତ୍ର ସମସ୍ୟାଟିର ଏହି ଦିଗଟିର ଆଲୋଚନା ଆମେ ପରେ କରିବା । ସେହି ଦିବ୍ୟ ଓ ସୃଜନତତ୍ପର ଅତିମାନସ ଯେ ଅବଶ୍ୟ ରହିଛି, ବର୍ତ୍ତମାନ ଆମେ କେବଳ ସେତିକି ଜାଣିରଖିବା । ବର୍ତ୍ତମାନର ଆଲୋଚନାରୁ ଆମେ ତାହାର ବିଷୟରେ କେତେକ କଳ୍ପନା କରିବାକୁ ସମର୍ଥ ହୋଇଛୁ । ସେହି ଅତିମାନସ ଭିତରେ ଯାବତୀୟ ସତ୍ତା, ଚେତନା, ସଂକଳ୍ପ ତଥା ଆନନ୍ଦ ଏକଠି ଏକରୂପ ହୋଇ ରହିଛି । ତଥାପି ତା'ଠାରେ ବିଭେଦନ ଓ ବିସୃଷ୍ଟିର ଅନନ୍ତ ସାମର୍ଥ୍ୟ ମଧ୍ୟ ରହିଛି । ଏହି ସାମର୍ଥ୍ୟ ଏକତ୍ୱ ଭିତରୁ ବହୁର ସୃଜନ କରିବାରେ ଲାଗିଛି, ମାତ୍ର ତଥାପି ସେହି ଏକତ୍ୱଟିକୁ କଦାପି ନଷ୍ଟକରି ଦେଉ ନାହିଁ । ଅତିମାନସରେ ସେହି ପରମ ସତ୍ୟହିଁ ବସ୍ତୁରୂପେ ବିଦ୍ୟମାନ ରହିଛି, ବିଜ୍ଞାନରୂପେ ସେହି ସତ୍ୟହିଁ ସମୁତ୍ଥିତ ହେଉଛି ଏବଂ ରୂପାୟନର ମାଧ୍ୟମରେ ସେହି ସତ୍ୟହିଁ ଉଦ୍‌ଗତ ହୋଇ ଆସୁଛି । ଜ୍ଞାନରୂପୀ ସତ୍ୟ ଓ ସଂକଳ୍ପରୂପୀ ସତ୍ୟ ସେଠାରେ ଅଭିନ୍ନ ହୋଇ ରହିଛନ୍ତି । ଆତ୍ମ-ପରିପୂର୍ଣ୍ଣତାର କେବଳ ଗୋଟିଏ ସତ୍ୟ ବିଦ୍ୟମାନ ରହିଛି । ଏବଂ ସେହି କାରଣରୁ ତାହାହିଁ ଆନନ୍ଦରୂପୀ ସତ୍ୟରୂପେ ପ୍ରତିଭାତ ହେଉଛି କାରଣ ସକଳ ଆତ୍ମ-ପରିପୂର୍ଣ୍ଣତା ବସ୍ତୁତଃ ସତ୍ତାର ତୃପ୍ତିବିଧାନ ବ୍ୟତୀତ ଆଉ କିଛି ନୁହେଁ । ତେଣୁ ସକଳ ପରିବର୍ତ୍ତନ ମଧ୍ୟରେ, ସକଳ ବିଭଙ୍ଗ ଓ ସଂଯୋଗ ଭିତରେ କେବଳ ଏକ ସ୍ୱବିରାଜମାନ ଅଚ୍ଛେଦ୍ୟ ସୌଷମ୍ୟହିଁ ଅବସ୍ଥାନ କରୁଛି ।

'oaob.nitrkl.ac.in' images reprocessed

## ପଞ୍ଚଦଶ ପରିଚ୍ଛେଦ

# ପରମ ଋତ-ଚିତ୍

ସୁଷୁପ୍ତସ୍ଥାନ ଏକୀଭୂତଃ ପ୍ରଜ୍ଞାନଘନ ଏବାନନ୍ଦମୟୋ ହ୍ୟାନନ୍ଦଭୁକ୍……
ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯାମ୍ୟେଷ ଯୋନିଃ ସର୍ବସ୍ୟ ।

—ମାଣ୍ଡୁକ୍ୟ ଉପନିଷଦ୍, ୫।୬

ପ୍ରଜ୍ଞାନଘନ ସେହି ଅଦ୍ୱିତୀୟ ଆତ୍ମା ଅତିଚେତନାର ସୁଷୁପ୍ତିରେ ଅବସ୍ଥିତ ରହିଛନ୍ତି । ସେଇ ହେଉଛନ୍ତି ଆନନ୍ଦମୟ, ସେଇ ଆନନ୍ଦଭୋକ୍ତା । …ଏଇ ହେଉଛନ୍ତି ସର୍ବେଶ୍ୱର, ସର୍ବଜ୍ଞ, ଅନ୍ତର୍ଯାମୀ । ଏଇ ସବୁର କାରଣ ॥

ଏହି ସର୍ବାଧାର, ସର୍ବକାରଣ ଓ ସର୍ବପରିପୂରକ ଅତିମାନସକୁହିଁ ଆମକୁ ଦିବ୍ୟ ପରିପୂର ପୁରୁଷଙ୍କର ସ୍ୱଭାବରୂପେ ଗ୍ରହଣ କରି ନେବାକୁ ହେବ । ଅତିମାନସକୁ ଆମେ ଅବଶ୍ୟ ପରମ ଓ ନିର୍ବିଶେଷ ଆତ୍ମସତ୍ତା ବୋଲି କହିବା ନାହିଁ । ମାତ୍ର ବିଶ୍ୱେଶ୍ୱର ତଥା ବିଶ୍ୱସ୍ରଷ୍ଟା ରୂପେ କାର୍ଯ୍ୟ କରୁଥିବାବେଳେ ତାଙ୍କ ଭିତରେ ଯେଉଁ ସ୍ୱଭାବଟି ପ୍ରକାଶିତ ହୋଇଥାଏ, ତାହାହିଁ ଅତିମାନସ । ଏହି ସତ୍ୟଟିକୁହିଁ ଆମେ ଈଶ୍ୱର ବୋଲି ଅଭିହିତ କରିଥାଉ । ମାତ୍ର ଏଠାରେ ଈଶ୍ୱର କହିଲେ ଆମେ ତଦ୍ୱାରା କୌଣସି ଅତି ବ୍ୟକ୍ତିଗତ ଓ ସୀମାଯୁକ୍ତ ଦେବପ୍ରତିମାକୁ କଦାପି ବୁଝିବା ନାହିଁ; ଈଶ୍ୱର ନାମରେ ପାଶ୍ଚାତ୍ୟ କଳ୍ପନାରେ ସାଧାରଣତଃ ଯେଉଁ ବହୁଗୁଣିତ ଓ ଅତିପ୍ରାକୃତ ମନୁଷ୍ୟଟିର ଅନୁମାନ କରାଯାଏ, ଏଠାରେ ଆମେ ତାହାକୁ ବୁଝିବା ନାହିଁ । ସୃଜନଶୀଳ ଅତିମାନସ ଓ ଜୀବଗତ ଅହଂ ମଧ୍ୟରେ ରହିଥିବା ଏକ ବିଶେଷ ସମ୍ବନ୍ଧକୁ ଆଶ୍ରୟ କରିହିଁ ପାଶ୍ଚାତ୍ୟ କଳ୍ପନାରେ ଈଶ୍ୱରଙ୍କର ଏହି ଅତ୍ୟନ୍ତ ମାନୁଷୀ କଳ୍ପପ୍ରତିମାଟିକୁ ଗଢ଼ି ଥୋଇ ଦିଆଯାଇଛି । ଅବଶ୍ୟ ଈଶ୍ୱରପ୍ରତିମାର ବ୍ୟକ୍ତିଗତ ଦିଗଟିକୁ ଆମେ କଦାପି ବାଦ୍ ଦେବା ନାହିଁ, କାରଣ ନୈର୍ବ୍ୟକ୍ତିକ ଦିଗଟି ହେଉଛି ସତ୍ତାର କେବଳ ଗୋଟିଏ ମାତ୍ର ଦିଗ । ଈଶ୍ୱର ହେଉଛନ୍ତି ସର୍ବସତ୍ତାମୟ, ମାତ୍ର ପୁଣି ସେଇ ହେଉଛନ୍ତି ଏକମାତ୍ର ସଦ୍‌ବସ୍ତୁ । ସିଏ ହେଉଛନ୍ତି ଏକମାତ୍ର ଚିତ୍‌ପୁରୁଷ, ତଥାପି ଏକ ପୁରୁଷ । ମାତ୍ର ଆମେ ଏଠାରେ ତାଙ୍କର ସେହି ବ୍ୟକ୍ତିଗତ

'oaob.nitrkl.ac.in' images reprocessed

ବିଗଟିର ଆଲୋଚନା କରିବା ନାହିଁ । ଏଠାରେ ଆମେ ଦିବ୍ୟ ଚେତନାର ନୈର୍ବ୍ୟକ୍ତିକ ମନସ୍ତାତ୍ତ୍ୱିକ ସତ୍ୟଟିକୁ ଅଧିଗମିବାକୁ ଚେଷ୍ଟା କରିବା । ଏକ ପ୍ରଶସ୍ତ ଓ ପରିଷ୍କାର କଳ୍ପନା ଭିତରେ ଆମେ ସେହି ସତ୍ୟଟିକୁ ସୁନିରୂପିତ ଭାବରେ ଠାବ କରି ରଖିବାକୁ ଚେଷ୍ଟା କରିବା ।

ଏହି ଋତ-ଚିତ୍ ବା ସତ୍ୟ-ଚେତନା ଏକ ନିୟାମକ ଆତ୍ମଜ୍ଞାନ ରୂପେ ବିଶ୍ୱରେ ସର୍ବତ୍ର ବିରାଜମାନ ରହିଛି । ଏହାରିଦ୍ୱାରାହିଁ ଅଦ୍ୱିତୀୟ ପରମ ସତ୍ତା ଆପଣାର ଅନ୍ତର୍ନିହିତ ଅନନ୍ତ ବହୁତ୍ୱର ଛନ୍ଦସୁଷମାଗୁଡ଼ିକୁ ପ୍ରକାଶିତ କରିବାରେ ଲାଗିଛି । ଏହି ନିୟାମକ ଆତ୍ମଜ୍ଞାନଟି ବ୍ୟତୀତ ପ୍ରକାଶିତ ହେବାର ସେହି ପ୍ରକ୍ରିୟାଟି କେବଳ ଏକ ସଦାପଳାୟମାନ ଅରାଜକତାରେହିଁ ପର୍ଯ୍ୟବସିତ ରହିଥା'ନ୍ତା । ତାହାର ଏକମାତ୍ର କାରଣ ହେଉଛି ଯେ ଏହି କ୍ଷେତ୍ରରେ ଅନନ୍ତ ସମ୍ଭାବନାମାନ ଅନ୍ତର୍ନିହିତ ହୋଇ ରହିଛି ଏବଂ ଏଠାରେ କୌଣସି ନିୟାମକ ଆତ୍ମଜ୍ଞାନ କାର୍ଯ୍ୟ କରୁ ନ ଥିଲେ କେବଳ ଏକ ଅନାୟତ୍ତ ଓ ଅସୀମ ଅନିଶ୍ଚିତତାର ଅନ୍ଧଲୀଳା ବ୍ୟତୀତ ତାହା ପ୍ରକୃତରେ ଆଉ କ'ଣ ହୋଇପାରୁଥା'ନ୍ତା ? ଯଦି କେବଳ ଅନନ୍ତ ସମ୍ଭାବନାଶକ୍ତିହିଁ ରହିଥା'ନ୍ତା ଓ ତାକୁ ବାଟ ଦେଖାଇନେବା ପାଇଁ କୌଣସି ସତ୍ୟ ବା ସମନ୍ୱୟମୂଳକ ଆତ୍ମଦୃଷ୍ଟି ନ ଥା'ନ୍ତା, ବିବର୍ତ୍ତନ ଲାଗି ଉଦ୍ଦିଷ୍ଟ ସୃଷ୍ଟିବୀଜରେ କୌଣସି ନିୟନ୍ତ୍ରଣକାରୀ ବିଜ୍ଞାନ ପୂର୍ବନିହିତ ହୋଇ ରହି ନ ଥା'ନ୍ତା, ତେବେ ଏହି ବିଶ୍ୱସଂସାର ଏକ ପ୍ରଚଣ୍ଡ, ଆକାରଶୂନ୍ୟ ଓ ନିୟମହୀନ ବିଶୃଙ୍ଖଳାରେହିଁ ପରିଣତ ହୋଇଥା'ନ୍ତା । ମାତ୍ର ଜ୍ଞାନହିଁ ସକଳ ସୃଷ୍ଟିର କାରଣ ହୋଇ ରହିଛି । କାରଣ ଏହା କେବଳ ଆପଣାର ଆକୃତି ଓ ଶକ୍ତିଗୁଡ଼ିକୁହିଁ ସୃଷ୍ଟି କରୁଛି ଓ ପ୍ରକାଶିତ ହେବା ଲାଗି ମୁକ୍ତ କରିଦେଉଛି । ଏହା ଆପଣାଠାରୁ ଭିନ୍ନ କୌଣସି କିଛିର ସୃଷ୍ଟି ଆଦୌ କରୁନାହିଁ । ଏହି ଜ୍ଞାନହିଁ ଅନ୍ତର୍ନିହିତ ପ୍ରତ୍ୟେକଟି ସମ୍ଭାବନାର ନିୟାମକ ସତ୍ୟ ଓ ବିଧାନକୁ ଆପଣାର ସତ୍ତା ଭିତରେ ଧାରଣ କରି ରଖିଛି । ପୁଣି ଏହି ସମ୍ଭାବନାଟି ସହିତ ଅନ୍ୟ ସମ୍ଭାବନାଗୁଡ଼ିକର ଯେଉଁ ସମ୍ବନ୍ଧ ରହିଛି ଏବଂ ସେଗୁଡ଼ିକ ମଧ୍ୟରେ କେଉଁ ସମନ୍ୱୟସବୁ କେତେଦୂର କିଭଳି ସମ୍ଭବ ହୋଇ ପାରିବ, ତାହାର ଏକ ଯଥାର୍ଥ ବୋଧ ମଧ୍ୟ ସେହି ପ୍ରଜ୍ଞା ଭିତରେ ରହିଛି । ଗୋଟିଏ ଜଗତ୍ ଯେଉଁଭଳି ଭାବରେ ପ୍ରକାଶିତ ହେବ, ଯେଉଁ ସାର୍ବଭୌମ ସାମଞ୍ଜସ୍ୟ ବା ସମନ୍ୱୟଦ୍ୱାରା ନିୟନ୍ତ୍ରିତ ହୋଇ ତାହାକୁ ଆପଣାର ସକଳ ଛନ୍ଦସୁଷମା ବିକଶିତ କରାଇବାକୁ ହେବ, ସେହି ଜଗତର ଆପଣାକୁ ଆପଣା ଗର୍ଭରେ ଧାରଣ କରିବାର ସେହି ଜନ୍ମମୁହୂର୍ତ୍ତରୁହିଁ ତାହାର ସମଗ୍ର ଜ୍ଞାନ ଓ ଭାବ ଉକ୍ତ ପ୍ରଜ୍ଞାଭିତରେ ପୂର୍ବାଙ୍କିତ ହୋଇ ରହିଛି । ଏହି ପ୍ରଜ୍ଞାହିଁ ଜାଗତିକ ମୂଳ ଉପାଦାନଗୁଡ଼ିକର ପାରସ୍ପରିକ ସମ୍ବନ୍ଧନିଷ୍ଠାକୁ ଅପରିହାର୍ଯ୍ୟ ରୂପେ ନିୟନ୍ତ୍ରିତ

'oaob.nitrkl.ac.in' images reprocessed

କରୁଛି । ବିଶ୍ୱବିଧାନର କାରଣ ସ୍ୱରୂପ ଏହି ପ୍ରଜ୍ଞା ବିଶ୍ୱବିଧାନର ପ୍ରହରୀ ହୋଇ ରହିଛି । କାରଣ ଏହି ବିଧାନ ଭିତରେ ଅନ୍ଧ ଖିଆଲର କୌଣସି ସ୍ଥାନ ନାହିଁ । ଏହି ବିଧାନକୁ ଆମେ ଏକ ଆତ୍ମସ୍ୱଭାବର ବ୍ୟକ୍ତ ରୂପ ବୋଲି ବୁଝିବା । ପ୍ରତ୍ୟେକ ପଦାର୍ଥର ମୂଳରେ ନିହିତ ହୋଇ ରହିଥିବା ଯଥାର୍ଥ ଜ୍ଞାନର ଅପ୍ରତିହତ ସତ୍ୟଟି ଦ୍ୱାରହିଁ ଏହି ବିଧାନ ନିୟନ୍ତ୍ରିତ ହେଉଛି । ତେଣୁ ଆରମ୍ଭରୁହିଁ ଏହି ସମଗ୍ର ବିକାଶଟି ସ୍ୱକୀୟ ଆତ୍ମଜ୍ଞାନଦ୍ୱାରା ପୂର୍ବନିୟନ୍ତ୍ରିତ ହୋଇ ରହିଛି ଏବଂ ଏହାର ଆତ୍ମବିସ୍ତାର ପ୍ରତ୍ୟେକ ମୁହୂର୍ତ୍ତରେ ମଧ୍ୟ ଏହା ତାହାର ଦ୍ୱାରା ନିୟନ୍ତ୍ରିତ ହେଉଛି । ଆପଣାର ମୂଳ ଅନ୍ତର୍ନିହିତ ସତ୍ୟଟିର ଅନୁସରଣ କରି ଏହା ଯାହା ହେବାକୁ ବାଧ୍ୟ ହେଉଥା'ନ୍ତା, ଏହା କେବଳ ତାହାହିଁ ହେଉଛି । ସେହି ଅନ୍ତର୍ନିହିତ ସତ୍ୟର ଅନୁସରଣ କରି ଏହା ଆପଣାର ପରବର୍ତ୍ତୀ ପର୍ଯ୍ୟାୟରେ ଯାହାହିଁ ହୁଅନ୍ତା, ବର୍ତ୍ତମାନ ଏହା କେବଳ ତାହାର ଅଭିମୁଖରେ ଗତି କରୁଛି । ତା'ର ସ୍ୱକୀୟ ବୀଜଟିରେ ମୂଳରୁ ଯାହା ବିଧୃତ ଓ ଅଭିଳଷିତ ହୋଇ ରହିଛି, ପରିଣତିର ସକଳ ପର୍ଯ୍ୟାୟ ଅତିକ୍ରମ କରି ପରିଶେଷରେ ଏହା ତାହାହିଁ ହେବାକୁ ଯାଉଛି ।

ଆପଣା ସତ୍ତାର ଏକ ମୂଳ ସତ୍ୟକୁ ଅନୁସରଣ କରି ବିକଶିତ ଓ ଅଗ୍ରସର ହେବାର ଏହି ଗତିରୁ ଜଗତରେ ଏକ କାଳବାଚକ ପୂର୍ବପରସମ୍ବନ୍ଧର ଉନ୍ମେଷ ହୋଇଛି, ଏକ ଦେଶଗତ ସମ୍ବନ୍ଧ ମଧ୍ୟ ଜନ୍ମଲାଭ କରିଛି । ଦେଶର ଆଧାର ଉପରେ ବିସୃଷ୍ଟିର ଏକ ନିୟନ୍ତ୍ରଣାଧୀନ କ୍ରିୟା-ପ୍ରତିକ୍ରିୟା ଲାଗିରହିଛି ଏବଂ କାଳବାଚକ ପୂର୍ବପରସମ୍ବନ୍ଧ ଏଥିରେ ଏକ କାର୍ଯ୍ୟକାରଣ ସମ୍ବନ୍ଧର ସୂତ୍ରପାତ କରିଦେଉଛି । ତତ୍ତ୍ୱବିଜ୍ଞାନୀମାନେ କାଳ ଓ ଦେଶର ସତ୍ତାକୁ କେବଳ କଳ୍ପନାତ୍ମକ ବୋଲି କହିଛନ୍ତି । ଏଗୁଡ଼ିକର କୌଣସି ଯଥାର୍ଥ ସତ୍ତା ରହିଛି ବୋଲି ସେମାନେ ସ୍ୱୀକାର କରିନାହାନ୍ତି । ମାତ୍ର କେବଳ ଦେଶ ଓ କାଳ ନୁହନ୍ତି, ସକଳ ପଦାର୍ଥ ହେଉଛି ଚେତସ ପୁରୁଷର ସ୍ୱ-ଚେତନାସ୍ଥ ଆତ୍ମରୂପାୟନ ମାତ୍ର, ତେଣୁ କେବଳ ଦେଶ ଓ କାଳକୁହିଁ ମନର କଳ୍ପନା ବୋଲି ଗ୍ରହଣ କରିବାର ବିଶେଷ କୌଣସି ମହତ୍ତ୍ୱ ନାହିଁ । ଆତ୍ମପ୍ରସାରଣର ଆଧାର ଉପରେ ଆପଣାକୁ ଅବଲୋକନ କରୁଥିବା ଚିତ୍-ପୁରୁଷ ବ୍ୟତୀତ ଦେଶ ଓ କାଳ ଆଉକିଛି ନୁହେଁ । ଅନ୍ତର୍ଗତ ଆତ୍ମବିସ୍ତାରର ଅନୁଭବ କାଳରୂପେ ଅନୁଭୂତ ହୁଏ, ବହିର୍ଗତ ବା ବସ୍ତୁଗତ ଆତ୍ମବିସ୍ତାରର ଅନୁଭବରୁ ଦେଶଜ୍ଞାନର ଉଦ୍ରେକ ହୁଏ । ବିଶ୍ଳେଷଣ ଓ ବିଭାଜନରେହିଁ ମନର ଗତିଧର୍ମ ସୀମାବଦ୍ଧ ଥାଏ ଏବଂ ସେହି କାରଣରୁ ସବୁକିଛିକୁ ମାପି ଥୋଇଦେବାର ଏକ ଧାରଣା ମନଭିତରେ ସ୍ୱଭାବଗତ ହୋଇ ରହିଥାଏ । ତାହାହିଁ ଦେଶ ଓ କାଳ ସମ୍ବନ୍ଧରେ ଆମର ମାନସିକ ଅବଧାରଣାକୁ ନିୟନ୍ତ୍ରିତ କରୁଥାଏ । ଆମର ମନ କାଳକୁ କେବଳ

'oaob.nitrkl.ac.in' images reprocessed

ଏକ ଗତିଶୀଳ ବ୍ୟାପ୍ତି ବୋଲି ବୁଝେ । କୌଣସି ଏକ ନିର୍ଦ୍ଦିଷ୍ଟ ଗତିବିନ୍ଦୁ ଉପରେ ଠିଆହୋଇ ପଛକୁ ଓ ଆଗକୁ ଅନାଇବା ବେଳେ ମନ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଭେଦକଳ୍ପନା ଭିତରେ ଆପଣାକୁ ଜଡ଼ିତ କରିପକାଏ ଏବଂ ଏହି ପୂର୍ବାପର-ସମ୍ବନ୍ଧର ପରିମାପକ ଦ୍ୱାରାହିଁ ତାହା କାଳର ବ୍ୟାପ୍ତିକୁ ମାପିବାଲାଗି ଧାଇଁଯାଏ । ଦେଶରୂପୀ ସ୍ଥିତିସୂଚକ ବ୍ୟାପ୍ତିକୁ ଆମର ମନ ବସ୍ତୁର ବିଭାଜ୍ୟତା ଦ୍ୱାରା ମାପିବାକୁ ଉଦ୍ୟତ ହୋଇଥାଏ । ଏହା ଆପଣାକୁ ସେହି ବିଭାଜ୍ୟ ବ୍ୟାପ୍ତିର କୌଣସି ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ନେଇ ଅବସ୍ଥାପିତ କରିଦିଏ ଏବଂ ସେହିଠାରୁହିଁ ଚତୁର୍ଦ୍ଦିଗସ୍ଥ ବସ୍ତୁର ବିନ୍ୟାସ ଓ ସମ୍ବନ୍ଧଗୁଡ଼ିକୁ ଲକ୍ଷ୍ୟ କରିବାକୁ ଲାଗେ ।

ବ୍ୟାବହାରିକ ଜଗତରେ ମନ ଘଟଣାଦ୍ୱାରା ସମୟର ପରିମାପନ କରିଥାଏ, ଜଡ଼ଦ୍ୱାରା ଦେଶର ପରିମାଣକୁ ମାପେ । ମାତ୍ର ଚିତ୍ତର ବିଶୁଦ୍ଧ ଅବସ୍ଥାରେ ଘଟଣାର ପ୍ରବାହ ତଥା ବସ୍ତୁର ସମ୍ବନ୍ଧବିନ୍ୟାସକୁ ଏଡ଼ିଦେଇ ପାରିବା ଓ ଚେତନ-ଶକ୍ତିର ବିଶୁଦ୍ଧ ଗତିସ୍ପନ୍ଦନଟିକୁ ଅନୁଭବ କରିବା ସମ୍ଭବ ହୁଏ । ଏହି ଚେତନ-ଶକ୍ତିହିଁ ଦେଶ ଓ କାଳର ଯଥାର୍ଥ ମୂଳ ଉପାଦାନ । ତେଣୁ ଏହି ଉଭୟ ତତ୍ତ୍ୱକୁ ଆମେ ସାର୍ବଜନୀନ ଚିତ୍‌ଶକ୍ତିର କେବଳ ଦୁଇଟି ବିଭବ ବୋଲି କହିପାରିବା । ପରସ୍ପର ସହିତ ଏକାଠି ଗୁନ୍ଥା ହୋଇଥିବା ଏହି ଦୁଇଟିର କ୍ରିୟାପ୍ରତିକ୍ରିୟାର ଟାଣି ଆଉ ଭରଣିଦ୍ୱାରାହିଁ ଚିତ୍‌ଶକ୍ତି ଆପଣାଉପରେ କାର୍ଯ୍ୟ କରିଚାଲିଛି । ଏବଂ ଏହି ଚେତନା ମାନସସ୍ତରରୁ ଊର୍ଦ୍ଧ୍ୱରେ ଅବସ୍ଥିତ ରହିଥିବାରୁ ଏହାର ଆଖିରେ ଭୂତ, ବର୍ତ୍ତମାନ ତଥା ଭବିଷ୍ୟତ୍ କେବଳ ଗୋଟିଏ ପ୍ରବାହରୂପେ ଦେଖାଯାଉଛି । ଏହି ଚେତନା ଭୂତ, ବର୍ତ୍ତମାନ ଓ ଭବିଷ୍ୟତକୁ ଆପଣାଭିତରେ ସମାହିତ କରି ରଖିଛି, କାଳର ଅନ୍ତର୍ଗତ ହୋଇ ରହି ନାହିଁ । କେଉଁଠି ଠିଆହୋଇ କାଳଉପରେ ଦୃଷ୍ଟିକ୍ଷେପ କରିବା ଉଦ୍ଦେଶ୍ୟରେ ଏହାକୁ କାଳର କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷଣଉପରେ ଅବସ୍ଥିତ ରହିବାକୁ ପଡ଼େ ନାହିଁ, କାଳ ତାହାର ଦୃଷ୍ଟିରେ ସତେଅବା ଏକ ଶାଶ୍ୱତ ବର୍ତ୍ତମାନର ଅବିଚ୍ଛିନ୍ନତା ରୂପେ ଦେଖାଯାଉଥାଏ ! ପୁଣି ସେହି ଚେତନା ଦେଶର କୌଣସି ଏକ ନିର୍ଦ୍ଦିଷ୍ଟ ବିନ୍ଦୁଉପରେ ମଧ୍ୟ ଅବସ୍ଥିତ ରହି ନ ଥାଏ । ତାହା ଆପଣାଭିତରେ ଦେଶର ସକଳ ବିନ୍ଦୁ ଓ ସକଳ ପ୍ରଦେଶକୁ ଧାରଣ କରି ରହିଥାଏ । ତେଣୁ ଦେଶ ମଧ୍ୟ ଏହାର ଆଖିରେ ହୁଏତ କେବଳ ଆତ୍ମବିସ୍ତାରର ଅନୁଭବଜନିତ ଏକ ଅଖଣ୍ଡ ବ୍ୟାପ୍ତି ରୂପେ ଦୃଷ୍ଟିଗୋଚର ହେଉଥାଏ । କାଳ ଯେଉଁଭଳି ଦୃଷ୍ଟିଗୋଚର ହୁଏ, ଠିକ୍ ସେମିତି, ଜୀବନର ଗୋଟିଏ ଗୋଟିଏ ମୁହୂର୍ତ୍ତରେ ଆମେ ସେହିଭଳି ଏକ ଅଖଣ୍ଡ ଦୃଷ୍ଟିକୁ ବେଶ୍ ଅନୁଭବ କରିଥାଉ,—ବିଶ୍ୱର କାଳ ଓ ଦେଶବାଚକ ନାନା ବୈଚିତ୍ର୍ୟଭେଦକୁ ଏହି ଦୃଷ୍ଟି ଆପଣାର ଅପରିବର୍ତ୍ତନୀୟ ଆତ୍ମସଚେତନ ଏକତ୍ୱ

'oaob.nitrkl.ac.in' images reprocessed

ମଧ୍ୟରେ ଧାରଣ କରି ରଖିଥାଏ। କାଳ ଓ ଦେଶର ଅନ୍ତର୍ଗତ ବସ୍ତୁ ଓ ଭାବଗୁଡ଼ିକ ଆପଣାର ସେହି ଲୋକୋତ୍ତୀର୍ଣ୍ଣ ସତ୍ୟର ସ୍ତରରେ ଆପଣାକୁ କିଭଳି ଭାବରେ ପରିଚିତ କରାଇବ, ବର୍ତ୍ତମାନ ଆମେ ସେହି ପ୍ରଶ୍ନଟିର ଉତ୍ଥାପନ କରିବା ନାହିଁ। କାରଣ ଆମର ମନ ସେହିସବୁର କୌଣସି କଳ୍ପନାହିଁ କରି ପାରିବ ନାହିଁ। ଏହି ଅଖଣ୍ଡ ଚେତନା ମନ ଓ ଇନ୍ଦ୍ରିୟର କୌଣସି ସାହାଯ୍ୟ ନ ନେଇ ଯେ ବିଶ୍ୱକୁ ଜାଣିବାଲାଗି ସମର୍ଥ ହୋଇପାରିବ, ଏତିକ ସ୍ୱୀକାର କରିବାକୁ ବି ଆମର ମନ ପ୍ରସ୍ତୁତ ହେବ ନାହିଁ।

ଯେଉଁ ଅଖଣ୍ଡ ଓ ସର୍ବଗ୍ରାହୀ ଦୃଷ୍ଟିଦ୍ୱାରା ଅତିମାନସ କାଳର ପୂର୍ବପର-ପରମ୍ପରା ଓ ଦେଶର ଖଣ୍ଡିତତାକୁ ଏକ ପରମ ଐକ୍ୟ ମଧ୍ୟରେ ସହିତ କରି ରଖେ, ଆମକୁ ତାହାର ଉପଲବ୍ଧି କରିବାକୁ ହେବ ଓ କେତେକ ପରିମାଣରେ ତାହାରି କଳନା କରି ପାରିବାଲାଗି ସମର୍ଥ ହେବାକୁ ପଡ଼ିବ। ପ୍ରଥମତଃ ଯଦି ସମଷ୍ଟିଭିତରେ ରହିଥିବା ଏହି ପୂର୍ବପର-ପରମ୍ପରାଟି ପ୍ରକୃତରେ ନ ଥା'ନ୍ତା, ତେବେ କୌଣସି ପରିବର୍ତ୍ତନ କିମ୍ବା ପ୍ରଗତି ଆଦୌ ସମ୍ଭବ ହୁଅନ୍ତା ନାହିଁ। କେବଳ ଏକ ପରିପୂର୍ଣ୍ଣ ସମତା ବା ସୁଷମ ଅନ୍ୟ ସମତାଗୁଡ଼ିକର ସହିତ ଏକତ୍ର ଭାବରେ ଗୋଟିଏମାତ୍ର ଶାଶ୍ୱତ ମୁହୂର୍ତ୍ତର ଗର୍ଭରେ ନିତ୍ୟ ପ୍ରକାଶିତ ହୋଇ ରହିଥା'ନ୍ତା, ମାତ୍ର ସେଗୁଡ଼ିକ ଭିତରେ ଅତୀତରୁ ଭବିଷ୍ୟତ୍ ଅଭିମୁଖରେ ଗତି କରିବାର କୌଣସି ପୂର୍ବପର-ପରମ୍ପରା ଆଦୌ ପରିଦୃଷ୍ଟ ହେଉ ନ ଥା'ନ୍ତା। ମାତ୍ର ଏହି ଜଗତରେ ଆମେ ଏକ କ୍ରମବିକାଶମାନ ସୌଷମ୍ୟର ପୂର୍ବପରତା ନିରନ୍ତର ଲାଗିରହିଥିବାର ଦେଖିବାକୁ ପାଉଛୁ। ପୂର୍ବବର୍ତ୍ତୀ ଏକ ଛନ୍ଦଭିତରୁ ସମୁତ୍ଥିତ ହୋଇ ଓ ସେଇଟିକୁ ଆପଣାଭିତରେ ପ୍ରଚ୍ଛନ୍ନ ରଖି ଏକ ନୂତନ ଛନ୍ଦ ପୁରାତନର ସ୍ଥାନକୁ ଅଧିକାର କରିବାରେ ଲାଗିଛି। ପୁଣି, ବାହ୍ୟ ଦେଶକଳ୍ପନାର କୌଣସି ସାହାଯ୍ୟ ନ ନେଇ ଯଦି ଆତ୍ମ-ପରିପ୍ରକାଶର ଏହି ଲୀଳା ସମ୍ଭବ ହେଉଥା'ନ୍ତା, ତେବେ ସୃଷ୍ଟିର ବସ୍ତୁଚୟ ମଧ୍ୟରେ ପରିବର୍ତ୍ତିମାସ୍ତ କୌଣସି ସମ୍ବନ୍ଧ ଅଥବା ଶକ୍ତିସହିତ ଶକ୍ତିର ସଂଘର୍ଷ ମଧ୍ୟ ଘଟୁ ନ ଥା'ନ୍ତା। ସକଳ ପଦାର୍ଥ ବା ଭାବ ବର୍ତ୍ତମାନ ରହିଥା'ନ୍ତା ସତ, ମାତ୍ର ସେଗୁଡ଼ିକର କୌଣସି ବହିଃପ୍ରକାଶ ନ ଥା'ନ୍ତା। କେବଳ ଏକ ଦେଶଶୂନ୍ୟ ଆତ୍ମଚୈତନ୍ୟ ଆପଣା ମଧ୍ୟରେ ସକଳ ପଦାର୍ଥକୁ ଏକ ଅନନ୍ତ ଅନ୍ତଃବିସ୍ତାରର ବନ୍ଧନରେ ବାନ୍ଧିକରି ରଖିଥା'ନ୍ତା। ସତେଅବା ବିଶ୍ୱମ୍ଭରର କୌଣସି କବିର ସ୍ୱପ୍ନନିମଗ୍ନତା ଭିତରେହିଁ ସବୁକିଛି ବୁଡ଼ି ରହିଥା'ନ୍ତା। ମାତ୍ର ଅନନ୍ତ ବହିର୍ଜାଗତିକ ଆତ୍ମପ୍ରସାରଣର ମାଧ୍ୟମରେ ସେହି ଚୈତନ୍ୟ ଆଉ ନାନା ରୂପରେ ଆପଣାକୁ ବିତରିତ କରି ଦେଉ ନ ଥା'ନ୍ତା। ଅଥବା ଯଦି କେବଳ ସମଷ୍ଟିହିଁ ଏକମାତ୍ର ସତ୍ୟବସ୍ତୁ ହୋଇଥା'ନ୍ତା, ତେବେ ସଂଗୀତର ଶବ୍ଦମୂର୍ଚ୍ଛନା

'oaob.nitrkl.ac.in' images reprocessed

କିମ୍ବା କବିକଳ୍ପନାର ପ୍ରତିରୂପଗୁଡ଼ିକ ଗୋଟିଏ ପରେ ଗୋଟିଏ କରି ଭାସି ଉଠିଲାପରି ବିଶ୍ୱାତ୍ମାର ଅନ୍ତଃଚୈତନ୍ୟ ଭିତରେ ମଧ୍ଯ ଏକ ପୂର୍ବାପର-ପରମ୍ପରାରେ ପ୍ରକାଶର ଛନ୍ଦଗୁଡ଼ିକ ସ୍ୱତଃସ୍ଫୂର୍ତ୍ତି ଭାବରେ ଭାସି ଉଠୁଥା'ନ୍ତି । ମାତ୍ର ସେଗୁଡ଼ିକର ବାହ୍ୟରୂପ ଆଦୌ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ମାତ୍ର ସର୍ବାଧାର ଦେଶର ପରିବ୍ୟାପ୍ତି ମଧ୍ଯରେ କାଳର ବଶବର୍ତ୍ତୀ ହୋଇ ନାନା ରୂପ ଓ ଶକ୍ତି ପରସ୍ପର ସହିତ ଯୁକ୍ତ ଓ ସମ୍ବନ୍ଧିତ ହୋଇ ଜଗତରେ ଏକ ସୌଷମ୍ୟ ରୂପେ ଫୁଟି ଉଠୁଛନ୍ତି; ଏବଂ କେତେ ଶକ୍ତି, କେତେ ରୂପାକୃତି ଓ କେତେ ଘଟଣାର ଏକ ଅବିଚ୍ଛିନ୍ନ ପ୍ରବାହ ଆମର ଦୃଷ୍ଟିଗୋଚର ହେବାରେ ଲାଗିଛି ।

କାଳ ଓ ଦେଶର ଏହି ଲୀଳାଙ୍ଗନ ଉପରେ କେତେ ବିଚିତ୍ର ସମ୍ଭାବନା ମୂର୍ତ୍ତି, ଉପସ୍ଥାପିତ ଓ ସମ୍ବନ୍ଧିତ ହେବାରେ ଲାଗିଛି । ଆପଣାର ଶକ୍ତି ଓ ସମ୍ଭାବନାଗୁଡ଼ିକୁ ନେଇ ଏଗୁଡ଼ିକ ଅନ୍ୟ ନାନା ଶକ୍ତି ଓ ସମ୍ଭାବନାର ସମ୍ମୁଖୀନ ହେଉଛନ୍ତି, ଏବଂ ସେହି କାରଣରୁହିଁ କାଳର ଏହି ପୂର୍ବାପର ପ୍ରବାହଟି ଆମର ମନସମକ୍ଷରେ କେବଳ ଏକ ସ୍ୱତଃସ୍ଫୂର୍ତ୍ତି ପୂର୍ବାପର-ପରମ୍ପରାରୂପେ ପ୍ରତୀତ ନହୋଇ ସଂଘାତ ଓ ସଂଘର୍ଷଦ୍ୱାରା ପରିଣତ ହୋଇ ଚାଲିଥିବା ଏକ ସୃଷ୍ଟିକ୍ରିୟା ପରି ପ୍ରତୀତ ହେଉଛି । ଯଥାର୍ଥରେ ଦେଖିଲେ ବସ୍ତୁଗୁଡ଼ିକ ଭିତରେ ସେଗୁଡ଼ିକର ବିକାଶର ଯେଉଁ ଅନ୍ତର୍ଗତ ନିୟମଟି ରହିଛି, ତାହାରି ଅନୁସାରେହିଁ ଏକ ସହଜ ଓ ସ୍ୱତଃସ୍ଫୂର୍ତ୍ତି ଭାବରେ ବସ୍ତୁଗୁଡ଼ିକର ବିକାଶ ବା ପରିଣତି ହୋଇଚାଲିଛି । ବାହାରକୁ ଯାହା ସଂଘାତ ଓ ସଂଘର୍ଷ ପରି ଦେଖାଯାଉଛି, ତାହା ସ୍ୱାଭାବିକ ଅନ୍ତର୍ବିକାଶର ଏକ ବାହ୍ୟ ଓ ଗୌଣ ବିଭାବମାତ୍ର । କାରଣ ଏକ ଓ ସମଗ୍ରର ଅନ୍ତର୍ଗତ ତଥା ଅନ୍ତର୍ନିହିତ ବିଧାନଟି ଅନିବାର୍ଯ୍ୟତଃ ଏକ ସୌଷମ୍ୟଯୁକ୍ତ ବିଧାନ, ଏବଂ ତାହାହିଁ ସଂଘର୍ଷ ଓ ସଂଘାତର ମଧ୍ଯଦେଇ ପରିଣତ ହେଉଥିବା ଅଂଶ ତଥା ଆକାରଗୁଡ଼ିକର ପ୍ରତିସ୍ପର୍ଦ୍ଧାଗତ ବହିର୍ବିଧାନଗୁଡ଼ିକୁ ମଧ୍ଯ ନିୟନ୍ତ୍ରଣ କରୁଛି । ଅତିମାନସର ଦୃଷ୍ଟି ଭିତରେ ସୌଷମ୍ୟର ଏହି ବୃହତ୍ତର ତଥା ଗଭୀରତର ସତ୍ୟଟି ସଦାବର୍ତ୍ତମାନ ରହିଛି । କେବଳ ଆପଣାର ସାଧନଗୁଡ଼ିକୁ ଅବଲମ୍ବନ କରି କାର୍ଯ୍ୟ କରୁଥିବାବେଳେ ମନ ପ୍ରତ୍ୟେକ ବସ୍ତୁକୁ ସ୍ୱତନ୍ତ୍ର ଓ ବିଚ୍ଛିନ୍ନ ଭାବେ ଦେଖିଥାଏ । ଏବଂ ସେହି କାରଣରୁ ମନର ଆଖିକୁ ଯାହା ବିରୋଧ ଓ ବିସମ୍ବାଦ ବୋଲି ଦେଖାଯାଏ, ଅତିମାନସ ତାହାକୁହିଁ ସଦାବର୍ତ୍ତମାନ ଓ ସତତ-ବିକଶମାନ ସେହି ସାଧାରଣ ସୌଷମ୍ୟ ବା ସୁସଙ୍ଗତିର ଏକ ଉପାଦାନ ରୂପେ ପ୍ରତ୍ୟକ୍ଷ କରିଥାଏ । କାରଣ ଧର୍ମତଃ ଅତିମାନସ ସକଳ ବସ୍ତୁକୁ ଏକତ୍ୱ ଉପରେ ଆଧାରିତ ରହିଥିବା ବହୁବିଚିତ୍ରତା ରୂପେ ପ୍ରତ୍ୟକ୍ଷ କରିଥାଏ । ପୁଣି ମନ କେବଳ ଏକ ଦତ୍ତ କାଳ ବା ଏକ ଦତ୍ତ ଦେଶକୁହିଁ ଅନୁଭବ କରିବାକୁ ସମର୍ଥ ହୁଏ, ସକଳ ସମ୍ଭାବନାକୁ

'oaob.nitrkl.ac.in' images reprocessed

ତାହା ସତେଅବା ଏକ ଜାଲଭିତରେ ଅବିନ୍ୟସ୍ତ ଭାବେ ଏକାଠି ହୋଇ ରହିଥିବାର ଦେଖିଥାଏ । ସେହି ଦଣ୍ଡ କାଳ ବା ଦଣ୍ଡ ଦେଶର ସୀମା ଭିତରେ ସେହି ସମ୍ଭାବନାଗୁଡ଼ିକ ଅଳ୍ପବହୁତ କାର୍ଯ୍ୟାନ୍ୱିତ ହୋଇପାରିବ ବୋଲି ମନ ଭ୍ରମ ବି କରିଥାଏ । ମାତ୍ର ଅପର ପକ୍ଷରେ ଦିବ୍ୟ ଅଧିମାନସ କାଳ ଓ ଦେଶର ସମଗ୍ର ବ୍ୟାପ୍ତିଟିକୁ ପ୍ରତ୍ୟକ୍ଷ କରିପାରେ । କେବଳ ମନଃଗୋଚର ଯାବତୀୟ ସମ୍ଭାବନାକୁ ନୁହେଁ, ମନର ଗୋଚରାତୀତ ଆହୁରି ଅନେକ ଅଧିକ ସମ୍ଭାବନାକୁ ବି ଅନ୍ତର୍ଗତ କରି ଦେଖି ପାରିବାକୁ ଅଧିମାନସର ସାମର୍ଥ୍ୟ ରହିଛି । ଏହିପରି ଦେଖିବାରେ ଅଧିମାନସର କେବେହେଲେ କୌଣସି ଭୁଲ ହୁଏ ନାହିଁ, କୌଣସି ପ୍ରକାରେ ବାଟ ଭୁଲିଇବାକୁ କିମ୍ବା ବାଉଳା ହେବାକୁ ପଡ଼େ ନାହିଁ । କାରଣ ଏହା ପ୍ରତ୍ୟେକ ସମ୍ଭାବନାକୁ ତାହାର ଯଥାର୍ଥ ଶକ୍ତି ଓ ଯଥାର୍ଥ ପ୍ରୟୋଜନସିଦ୍ଧତା ଦେଇ ବେଶ୍ ଦେଖିପାରେ, ଅନ୍ୟ ସମ୍ଭାବନାଗୁଡ଼ିକ ସହିତ ଯଥାର୍ଥଭାବେ ସମ୍ବନ୍ଧିତ କରି ଦେଖିପାରେ । କେଉଁ ସମୟରେ ଓ କେଉଁ ସ୍ଥାନରେ କେଉଁ ସମ୍ଭାବନାଟି କିଭଳି କ୍ରମଶଃ ବିକଶିତ ହେବାକୁ ଯାଉଛି ଏବଂ ଆପଣାର ଉପଲବ୍ଧି-କ୍ରମରେ ପରିଶେଷରେ ତାହାର କି ପରିଣତି ଘଟିବ, ଅଧିମାନସ ପାଖରେ ଏସବୁ କେବେହେଲେ ଅଗୋଚର ନଥାଏ । ଆପଣାର ଦୃଷ୍ଟିରେ ଅବିଚଳିତ ରହି ବସ୍ତୁଗୁଡ଼ିକୁ ସମଗ୍ରରୂପେ ଦେଖିପାରିବା ମନପକ୍ଷରେ ଆଦୌ ସମ୍ଭବ ହୁଏ ନାହିଁ, ମାତ୍ର ଏହି ସାମର୍ଥ୍ୟଟି ମାନସାତୀତ ଅଧିମାନସର ସ୍ୱଧର୍ମ ।

ଅଧିମାନସର ଚେତନଶକ୍ତି ଯାହାକିଛି ସୃଷ୍ଟି କରେ, ତହିଁର ସେହି ଆତ୍ମରୂପ-ଗୁଡ଼ିକ ଯେ କେବଳ ତାହାର ଚିନ୍ମୟୀ ଦୃଷ୍ଟି ଭିତରେ ବିରାଜିତ ରହିଥାଏ, ତାହା ନୁହେଁ; ମାତ୍ର ତାହା ସେଗୁଡ଼ିକର ଭିତରେ ଏକ ଅନ୍ତଃବାସୀ ଆତ୍ମା ଓ ଏକ ଆତ୍ମପ୍ରକାଶକ ଜ୍ୟୋତିରୂପେ ବ୍ୟାପ୍ତ ହୋଇ ରହିଥାଏ । ପ୍ରଚ୍ଛନ୍ନଭାବରେ ହେଲେ ମଧ୍ୟ ଏହା ବିଶ୍ୱର ଯାବତୀୟ ରୂପ ତଥା ଯାବତୀୟ ଶକ୍ତିଭିତରେ ବିଦ୍ୟମାନ ରହିଥାଏ । ଏହାହିଁ ସାର୍ବଭୌମ ଓ ସ୍ୱତଃସ୍ଫୂର୍ତ୍ତ ଭାବେ ସକଳ ରୂପ, ଶକ୍ତି ତଥା କ୍ରିୟାବୃତ୍ତିକୁ ନିୟନ୍ତ୍ରିତ କରୁଥାଏ । ଏହାରି ଆଜ୍ଞାବର୍ତ୍ତୀ ହୋଇ ସୃଷ୍ଟିର ବୈଚିତ୍ର୍ୟ ଫୁଟିଉଠେ, ସେହି ଆଜ୍ଞାରେହିଁ ପ୍ରସୀମିତ ହୋଇ ରହେ । ଆପଣାର ନିୟୋଜିତ ଶକ୍ତିକୁ ସଂଗ୍ରହ କରେ ଓ ସାଉଁଟି ଆଣେ, ବ୍ୟାପ୍ତ ଓ ବିତରିତ କରେ, ପରିମିତ ଓ ପରିମାର୍ଜିତ କରେ । ଏବଂ ରୂପର ପ୍ରଥମ ଜନ୍ମଲଗ୍ନରେ ଅଥବା ଶକ୍ତିର ପ୍ରଥମ ଉନ୍ମେଷ ସମୟରେ ଏହାର ଆତ୍ମଜ୍ଞାନ ଯେଉଁ ପ୍ରଥମ ବିଧାନ ବା ଧର୍ମଗୁଡ଼ିକୁ (୧) ନିରୂପିତ କରି ଦେଇଥାଏ,

---

(୧) ଏହା ଗୋଟିଏ ବୈଦିକ ଉକ୍ତି । ଏହି ପ୍ରଥମ ଧର୍ମ ଅନୁସାରେହିଁ ଦେବତାମାନେ କର୍ମ କରନ୍ତି । ଏହି ଧର୍ମ ମୌଳିକ ଧର୍ମ ଓ ପରମ ଧର୍ମ । ଏହି ଧର୍ମ ପଦାର୍ଥଚୟର ଅନ୍ତର୍ନିହିତ ସତ୍ୟବିଧାନ ।

'oaob.nitrkl.ac.in' images reprocessed

ତାହାର ଅନୁସାରେହିଁ ଏହିସବୁ କାର୍ଯ୍ୟ ସମାହିତ ହୁଏ । ସକଳବସ୍ତୁର ହୃଦୟଦେଶରେ ସ୍ୱାମୀରୂପେ ଅଧିଷ୍ଠିତ ରହି ଏହା ଆପଣାର ମାୟାଶକ୍ତି ଦ୍ୱାରା ସେଗୁଡ଼ିକୁ ଯନ୍ତ୍ରାରୂଢ଼ ପୁତ୍ତଳିକାପରି ଭ୍ରମାଇବାରେ ଲାଗିଥାଏ । (୨) ଏହାହିଁ ସକଳ ପଦାର୍ଥର ଅନ୍ତର ଭିତରେ ଅବସ୍ଥିତ; କବି ଓ ପରିଭୂରୂପେ ଏହାହିଁ ଅନାଦିକାଳରୁ ସକଳ ପଦାର୍ଥକୁ ପ୍ରତ୍ୟେକଟିର ସ୍ୱଭାବ ଅନୁସାରେ ଯଥୋପଯୁକ୍ତ ଭାବରେ ନିୟନ୍ତ୍ରିତ ଓ ପରିଚାଳିତ କରିବାରେ ଲାଗିଛି । (୩)

ପ୍ରକୃତି ମଧ୍ୟରେ ରହିଥିବା ସଜୀବ ଓ ନିର୍ଜୀବ, ସଚେତନ ବା ଅଚେତନ ପ୍ରତ୍ୟେକ ପଦାର୍ଥ ଭିତରେ ଏକ ଅନ୍ତର୍ଯ୍ୟାମୀ ପ୍ରଜ୍ଞା ଓ ଶକ୍ତିହିଁ ସେଗୁଡ଼ିକର ଅସ୍ତିତ୍ୱ ଓ ବିଭିନ୍ନ ପ୍ରବୃତ୍ତିକୁ ପରିଚାଳିତ କରୁଛି । ଆମକୁ ଏହା ଅବଚେତନ ଅଥବା ଅଚେତନ ବୋଲି ମନେ ହେଉଛି, କାରଣ ଆମେ ଏହା ବିଷୟରେ ସଚେତନ ନାହୁଁ; ମାତ୍ର ଏହା ସ୍ୱଭାବତଃ ଆଦୌ ଅଚେତନ ନୁହେଁ, ବରଂ ଗଭୀର ଓ ବିଶ୍ୱଗତ ଭାବରେ ଅତି ସଚେତନ । ତେଣୁ ବିଶ୍ୱର ପ୍ରତ୍ୟେକ ପଦାର୍ଥ ବୁଦ୍ଧିଯୁକ୍ତ ହୋଇ ନ ଥିଲେହେଁ ଏହାର କାର୍ଯ୍ୟ ଭିତରୁ ସର୍ବଦା ଏକ ବୁଦ୍ଧିମତ୍ତାରହିଁ ପରିଚୟ ମିଳୁଛି । କାରଣ ଏହା ଆପଣା ଭିତରେ ବିଦ୍ୟମାନ ଥିବା ଦିବ୍ୟ ଅତିମାନସର ଯଥାର୍ଥ ପ୍ରଜ୍ଞାର ବୋଲି ମାନି ସଂସାରରେ ପ୍ରବୃତ୍ତ ହେଉଛି । ଉଦ୍ଭିଦ ଓ ପ୍ରାଣୀଜଗତର ସ୍ତରରେ ଅବଚେତନ ଭାବରେ ବୋଲି ମାନୁଛି ଏବଂ ମନୁଷ୍ୟର ସ୍ତରରେ ଅର୍ଦ୍ଧଚେତନଭାବରେ ମାନୁଛି । ମାତ୍ର ସକଳ ପଦାର୍ଥର ପ୍ରେରଣ ଓ ପ୍ରଶାସନ କରୁଥିବା ଏହି ବୁଦ୍ଧିକୁ ଆମେ ମନୋମୟୀ ବୁଦ୍ଧିର ସମତୁଲ୍ୟ କରି ପାରିବା ନାହିଁ; ଏହା ହେଉଛି ସମ୍ପୂର୍ଣ୍ଣଭାବେ ଆତ୍ମସଚେତନ ରହିଥିବା ଏକ ସତ୍ତ୍ୱସତ୍ୟ, ଯେଉଁଥିରେ କି ଆତ୍ମଜ୍ଞାନ ଓ ଆତ୍ମସତ୍ତା ପରସ୍ପର ସହିତ ଏକାନ୍ତ ଅବିଚ୍ଛେଦ୍ୟ ଭାବରେ ସମ୍ମିଳିତ ହୋଇ ରହିଛନ୍ତି । ଏହି ଋତ-ଚିତ୍‌କୁ ଆଗ ଚିନ୍ତା କରି ପଦାର୍ଥଗୁଡ଼ିକର ନିରୂପଣ କରିବାକୁ ପଡ଼ୁନାହିଁ; ମାତ୍ର ଏକ ଅଖଣ୍ଡ ଓ ଆତ୍ମସଂପୂର୍ଣ୍ଣ ସତ୍ତାର ଶୁଦ୍ଧ ଓ ଅପାପବିଦ୍ଧ ଆତ୍ମଦୃଷ୍ଟି ଅଖଣ୍ଡ ଓ ଅପ୍ରତିହତ ଶକ୍ତିର ପ୍ରଭାବରେ ସଚେତନଭାବରେ ସବୁକିଛି ଗଢ଼ି ଥୋଇଦେବାରେ ଲାଗିଛି । ମନୋମୟୀ ବୁଦ୍ଧିକୁ କିଛି କରିବା ପୂର୍ବରୁ ଆଗ ଭାବିବାକୁ ପଡ଼ୁଛି, କାରଣ ଏହା ହେଉଛି

---

(୨) ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ......ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା ॥ ଗୀତା, ୧୮ । ୬୧

(୩) କବିର୍ମନୀଷୀ ପରିଭୂଃ ସ୍ୱୟଂଭୂଃ
ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ।
—ଈଶୋପନିଷଦ, ଅଷ୍ଟମ ଶ୍ଳୋକ ।

'oaob.nitrkl.ac.in' images reprocessed

ଚୈତନ୍ୟର କେବଳ ଏକ ପ୍ରତିଫଳିତ ଶକ୍ତି,—କେବଳ ଏକ ଆଭାସମାତ୍ର । ଯଥାର୍ଥରେ ଏହାର କୌଣସି ଜ୍ଞାନ ନାହିଁ, କେବଳ ଜିଜ୍ଞାସାମାତ୍ର ରହିଛି । ଆପଣାକୁ କାଳର ବନ୍ଧଭିତରେ ଆବୃତ କରି ରଖି ଏହା ଆପଣାଠାରୁ ଉଚ୍ଚତର ଏକ ଜ୍ଞାନର କ୍ରିୟାକଳାପକୁ ପଦେପଦେ ଅନୁସରଣ କରି ଚାଲିଛି । ସେହି ଉଚ୍ଚତର ଜ୍ଞାନ ବା ପ୍ରଜ୍ଞାଟି ଅଖଣ୍ଡ ଓ ପରିପୂର୍ଣ୍ଣ ଭାବରେ ନିରନ୍ତର ବର୍ତ୍ତମାନ ରହିଛି, କାଳକୁ ଆପଣାର ହାତମୁଠାରେ ରଖିଛି, ଗୋଟିଏ ସମଗ୍ର ଦୃଷ୍ଟିଭିତରେହିଁ ତାହା ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତକୁ ଦେଖିବାକୁ ସମର୍ଥ ହୋଇ ପାରୁଛି ।

ତେବେ ଏହାହିଁ ହେଉଛି ଦିବ୍ୟ ଅତିମାନସର ପ୍ରଥମ କ୍ରିୟାତତ୍ତ୍ୱ; ଏହା ଏକ ବିଶ୍ୱମୟ ଓ ବିଶ୍ୱଗତ ଦୃଷ୍ଟି,—ଏକ ସର୍ବସମାବେଶକ, ସର୍ବବ୍ୟାପୀ ଓ ସର୍ବସ୍ଥାନରେ ଅବସ୍ଥାନ କରୁଥିବା ଦୃଷ୍ଟି । ଦେଶକାଳାତୀତ ଅବିଚଳ ଆତ୍ମବୋଧରୂପ ଅନ୍ତଃଚେତନାରେ ଏହି ବିଶ୍ୱ ତାହାରି ମଧ୍ୟରେ ସମାହିତ ହୋଇ ରହିଛି, ତେଣୁ ଦେଶ ଓ କାଳର ଆୟତନ ଭିତରେ ବସ୍ତୁରୂପେ ସୃଷ୍ଟ ଓ ପ୍ରସାରିତ ହୋଇ ଯାହାକିଛି ପ୍ରକାଶିତ ହେଉଛି, ତାହାମଧ୍ୟ ସକ୍ରିୟ ଜ୍ଞାନରୂପେ ସେହି ଅତିମାନସ ମଧ୍ୟରେ ଅବସ୍ଥାନ କରୁଛି ।

ଏହି ଚେତନାରେ ଜ୍ଞାତା, ଜ୍ଞେୟ ଓ ଜ୍ଞାନ ପରସ୍ପରଠାରୁ ଭିନ୍ନ ଭିନ୍ନ ସତ୍ତାରୂପେ ରହିନାହାନ୍ତି, ମୂଳତଃ ଏକ ହୋଇ ରହିଛନ୍ତି । ଆମର ମନୋମୟୀ ବୁଦ୍ଧି ଉକ୍ତ ତିନୋଟି ଭିତରେ ପାରସ୍ପରିକ ଭେଦ ରହିଥିବାର ଅନୁଭବ କରିଥାଏ, କାରଣ ବିଭେଦନ ବ୍ୟତୀତ ଏହା ପାଦେହେଲେ ଅଗ୍ରସର ହୋଇ ପାରେନାହିଁ । ଆପଣାର ଯଥୋପଯୁକ୍ତ ସାଧନ ଓ କ୍ରିୟାତ୍ମକତାର ମୌଳିକ ନିୟମଟିକୁ ହରାଇଦେଇ ଏହା ନିଷ୍ଫଳ ଓ ନିଷ୍କ୍ରିୟ ହୋଇ ପଡ଼ିରହେ । ତେଣୁ ଏକ ମନୋମୟ ଭୂମିଉପରେ ରହି ଆପଣାଉପରେ ଦୃଷ୍ଟିପାତ କରିବାକୁ ଗଲାବେଳେ ମଧ୍ୟ ମୋତେ ତଥାପି ଏହି ବିଭେଦନର ଆଶ୍ରୟ ନେବାକୁ ପଡ଼ୁଛି । ଜ୍ଞାତାରୂପେ ମୁଁ ଅଛି; ଆପଣା ଭିତରେ ମୁଁ ଯାହା ଦେଖୁଛି, ମୁଁ ତାହାକୁ ମୋ ଜ୍ଞାନର ବିଷୟ ଅର୍ଥାତ୍ ଜ୍ଞେୟ ବୋଲି ବିଚାର କରୁଛି । ମୋରି ଭିତରେ ରହିଥିବାରୁ ନ୍ୟାୟତଃ ଏହା ମୋଠାରୁ ଭିନ୍ନ ନୁହେଁ, ତଥାପି ମୁଁ ଏହାକୁ ଭିନ୍ନବୋଲି ଅନୁଭବ କରୁଛି । ଜ୍ଞାନରୂପକ ଏକ କର୍ମଦ୍ୱାରା ମୁଁ ଜ୍ଞାତାକୁ ନେଇ ଜ୍ଞାନସହିତ ଯୋଡ଼ିଦେଉଛି । ମାତ୍ର ଏହିପରି ଏକ ଆଚରଣ ଭିତରେ ରହିଥିବା କୃତ୍ରିମତାଟି ଅର୍ଥାତ୍ ଏହାର ବିଶୁଦ୍ଧ ବ୍ୟାବହାରିକତାବାଚକ ଓ ପ୍ରୟୋଜନବାଦୀ ସ୍ୱଭାବଟି ସ୍ପଷ୍ଟ ଧରାପଡ଼ିଯାଉଛି । ଏହା ଯେ ବିଷୟସମ୍ବନ୍ଧୀ ମୂଳସତ୍ୟଟିର କୌଣସି ପ୍ରତିନିଧିତ୍ୱ କରୁ ନାହିଁ, ତାହା ପରିଷ୍କାର ହୋଇଯାଉଛି । ଯଥାର୍ଥତଃ ମୁହିଁ ହେଉଛି ଜ୍ଞାତା ଅର୍ଥାତ୍ ଜ୍ଞାନଲାଭ କରୁଥିବା ଚେତନା । ଜାଣିବାରେ ପ୍ରବୃତ୍ତ ହେଉଥିବା ସେହି ଚେତନା ଅର୍ଥାତ୍ ମୁହିଁ ନିଜେ ହେଉଛି ଜ୍ଞେୟ । ଜ୍ଞାନ ମଧ୍ୟ ମୁହିଁ,

'oaob.nitrkl.ac.in' images reprocessed

ସେହି ଚେତନାର ଏକ ରୂପ ବା ଗତିସ୍ପନ୍ଦନ ବ୍ୟତୀତ ଜ୍ଞାନ ଆଉ କିଛି ନୁହେଁ । ତିନୋଟିଯାକ କେବଳ ଗୋଟିଏ ସତ୍ତା, ଗୋଟିଏ ଗତିସ୍ପନ୍ଦନ । ବାହାରକୁ ଯେତେ ବିଭକ୍ତ ଓ ବିଚ୍ଛିନ୍ନ ବୋଲି ଦେଖା ଯାଉଥିଲେ ମଧ୍ୟ ତଥାପି ଅବିଭାଜ୍ୟ । ବାହାରୁ ଦେଖିବାବେଳେ ଏହା ଆପଣାର ବିସୃଷ୍ଟି ଭିତରେ ଆପଣାକୁ ବିତରିତ କରି ଦେଇଥିବା ପରି ଓ ପ୍ରତ୍ୟେକଟି ମଧ୍ୟରେ ବିଚ୍ଛିନ୍ନରୂପେ ଅବସ୍ଥାନ କରୁଥିବା ପରି ମନେ ହେଉଥିଲେ ମଧ୍ୟ ଏହା ଧର୍ମତଃ ଆଦୌ ବିତରିତ ହୋଇ ରହି ନାହିଁ । ଆମର ମନ ଏହି ଜ୍ଞାନରେ ଉପନୀତ ହୋଇପାରିବ, ଯୁକ୍ତିସଙ୍ଗତିଦ୍ୱାରା ଏହାର ଔଚିତ୍ୟକୁ ପ୍ରମାଣ କରି ଦେଇପାରିବ ଏବଂ ଏଇଟିକୁ ଅନୁଭବ କରିପାରିବ ସତ, ମାତ୍ର ଇଚ୍ଛା କଲମାତ୍ରକେ ତାହା ଏହାକୁ ଆପଣାର ବୁଦ୍ଧିପ୍ରେରିତ କ୍ରିୟାକଳାପର ବ୍ୟାବହାରିକ ଭୂମିରୂପେ କାମରେ ଲଗାଇ ପାରିବ ନାହିଁ । ଏବଂ ଚେତନାର ଯେଉଁ ରୂପଟିକୁ ସାଧାରଣତଃ 'ମୁଁ' ବୋଲି କୁହାଯାଇଥାଏ, ତାହାର ବାହାରେ ରହିଥିବା ବସ୍ତୁଗୁଡ଼ିକର କ୍ଷେତ୍ରରେ ଉକ୍ତ ଅସୁବିଧାଟି ପ୍ରାୟ ଅନତିକ୍ରମଣୀୟ ହୋଇପଡ଼ିବ । ଏପରିକି ସେହି ମୂଳଭୂତ ଏକତାଟିକୁ କେବଳ ଅନୁଭବ କରି ପାରିବାକୁହିଁ ଆମକୁ ଅସାଧାରଣ ପ୍ରୟାସ କରିବାକୁ ପଡ଼ିବ । ଏବଂ ତାହାକୁ ଧାରଣ କରି ରଖିବା ଏବଂ ତାହାର ଅନୁସାରେ ସତତ କାର୍ଯ୍ୟ କରିପାରିବାକୁ ମନର ସ୍ୱଶକ୍ତିନିର୍ଦ୍ଦିଷ୍ଟ ସାମର୍ଥ୍ୟର ବାହାରେ ଥିବା ଏକ ନୂତନ ବୃତ୍ତି ବୋଲି କୁହାଯାଇ ପାରିବ । ଖୁବ୍ ବେଶୀ ହେଲେ ମନ ଏହାକୁ ଏକ ବୈଜ୍ଞାନିକ ସତ୍ୟ ହିସାବରେ ଗ୍ରହଣ କରି ନେଇପାରେ, ଏହାରି ସାହାଯ୍ୟରେ ମନ ତଥାପି ଭେଦବୁଦ୍ଧି ଉପରେ ଆଧାରିତ ରହିଥିବା ଆପଣାର ନିତ୍ୟନୈମିତ୍ତିକ କ୍ରିୟାକଳାପକୁ ସଂଶୋଧିତ କିମ୍ବା ପରିମାର୍ଜିତ କରିନେବାର ଚେଷ୍ଟା କରିପାରେ । କଥାଟି ବୁଝିବାଲାଗି ଆମେ ଏଠାରେ ଏକ ଦୃଷ୍ଟାନ୍ତର ସାହାଯ୍ୟ ନେବା । ପୃଥିବୀ ସୂର୍ଯ୍ୟର ଚାରିପାଖରେ ବୁଲୁଛି ବୋଲି ବୁଦ୍ଧି ଦେଇ ଆମେ ସମସ୍ତେ ଜାଣିଛୁ । ତଥାପି ଆମର ବ୍ୟାବହାରିକ ଜୀବନକ୍ଷେତ୍ରରେ ଆମର ଇନ୍ଦ୍ରିୟବୋଧ ସୂର୍ଯ୍ୟହିଁ ପୃଥିବୀକୁ ପ୍ରଦକ୍ଷିଣ କରୁଛି ବୋଲି କହିବାରେ ଲାଗିଛି । ବୁଦ୍ଧିଲବ୍ଧ ବୈଜ୍ଞାନିକ ଜ୍ଞାନଟିର ସାହାଯ୍ୟରେ ଆମେ ଇନ୍ଦ୍ରିୟଗୁଡ଼ିକର ସେହି ଭ୍ରମପୂର୍ଣ୍ଣ ବୋଧଟିକୁ କିଞ୍ଚିତ୍ ପରିମାଣରେ ଶୋଧିତ କରିପାରୁଛୁ ସତ, ମାତ୍ର ସମ୍ପୂର୍ଣ୍ଣରୂପେ ଉଚ୍ଛେଦ କରି ପାରୁନାହୁଁ ।

ମାତ୍ର ଅତିମାନସ ଭିତରେ ଏକତ୍ୱର ଏହି ସତ୍ୟଟି ମୂଳତଃ ନିହିତ ହୋଇ ରହିଥାଏ ଏବଂ ଅତିମାନସ ନିରନ୍ତର ତାହାର ଅନୁସାରେହିଁ କାର୍ଯ୍ୟ କରେ । ମାତ୍ର ଆମର ସାଧାରଣ ମନୋଭୂମି ଲାଗି ଏହି ସତ୍ୟ ଏକ ଗୌଣ ଓ ଅର୍ଜନ କରି ଲାଭ କରାଯାଇଥିବା ସମ୍ପତ୍ତି ପରି ହୋଇ ରହିଥାଏ । ଆପଣାର ଦୃଷ୍ଟିଦ୍ୱାରା ମନ ଏହାର ଉପଲବ୍ଧି କରି ନଥାଏ । ଆପଣା ଜ୍ଞାନର ଏକ ଅଖଣ୍ଡିତ ଓ ଅବିଭାଜ୍ୟ

'oaob.nitrkl.ac.in' images reprocessed

କ୍ରିୟାଦ୍ୱାରାହିଁ ଅତିମାନସ ବିଶ୍ୱ ଓ ବିଶ୍ୱର ବିଷୟସକଳକୁ ଆତ୍ମରୂପରେ ପ୍ରତ୍ୟକ୍ଷ କରିଥାଏ । ଏହି କ୍ରିୟାହିଁ ଅତିମାନସର ପ୍ରାଣସ୍ୱରୂପ, ସ୍ୱକୀୟ ଆତ୍ମସତ୍ତାର ଜୀବନସ୍ପନ୍ଦ ସ୍ୱରୂପ । ତେଣୁ ଏହି ସର୍ବାଧାର ଦିବ୍ୟ ଚେତନା ଆପଣାର ସଂକଳ୍ପ ବା ଇଚ୍ଛାଶକ୍ତିରୂପୀ ବିଭବ ବଳରେ ବିଶ୍ୱଜୀବନର ବିକାଶ ତଥା ବିବର୍ତ୍ତନକୁ ନିୟନ୍ତ୍ରିତ ଓ ପରିଗ୍ରହିତ କରୁଛି ବୋଲି କହିଲେ ତଦ୍ଦ୍ୱାରା ତାହାର କାର୍ଯ୍ୟ ବିଷୟରେ ସମ୍ପୂର୍ଣ୍ଣ କଥା କୁହାଯାଏ ନାହିଁ । ଅତିମାନସ ବିଶ୍ୱଜୀବନକୁ ଆପଣା ଭିତରେ ପରିପୂର୍ଣ୍ଣ କରିବାରେ ଲାଗିଛି, ଏକଥା ମଧ୍ୟ କହିବାକୁ ହୁଏ । ସ୍ୱଜ୍ଞାନ ତଥା ଆପଣା ଆତ୍ମସତ୍ତାର କ୍ରିୟା ତଥା ଗତିଠାରୁ ଅଭିନ୍ନ ଏକ ଶକ୍ତିର କ୍ରିୟାଦ୍ୱାରା ଅତିମାନସ ଏହି କାର୍ଯ୍ୟଟି କରୁଛି । ସେହି ଶକ୍ତି ଭିତରେ ସତ୍ତା, ଜ୍ଞାନ ଓ ଶକ୍ତିର ବୃତ୍ତି ଅଖଣ୍ଡରୂପେ ବର୍ତ୍ତମାନ ରହିଛି । କାରଣ ବିଶ୍ୱଗତ ଶକ୍ତି ଓ ବିଶ୍ୱଗତ ଚେତନାକୁ ଆମେ ପରସ୍ପରଠାରୁ ଅଭିନ୍ନ ବୋଲି ଦେଖିପାରିଛୁ । ବିଶ୍ୱଗତ ଚେତନାର କ୍ରିୟାହିଁ ବିଶ୍ୱଜୀବନକୁ ଧରି ରଖିଥିବା ଶକ୍ତିରୂପେ ପ୍ରକାଶିତ ହେଉଛି । ଠିକ୍ ସେହିପରି ଦିବ୍ୟଜ୍ଞାନ ଓ ଦିବ୍ୟ ଇଚ୍ଛାଶକ୍ତି ମଧ୍ୟ ପରସ୍ପରଠାରୁ ଅଭିନ୍ନ; କାରଣ ଦିବ୍ୟ ଅସ୍ତିତ୍ୱର ମୂଳଭୂତ କ୍ରିୟାଟିହିଁ ଏହି ଜ୍ଞାନ ତଥା ଇଚ୍ଛାଶକ୍ତି ମଧ୍ୟଦେଇ ବ୍ୟକ୍ତ ହେବାରେ ଲାଗିଛି ।

ସର୍ବାଧାର ଅତିମାନସର ଏହି ଅବିଭାଜ୍ୟତା ସୃଷ୍ଟିର ଯାବତୀୟ ବିବିଧତାକୁ ଧାରଣ କରି ରହିଥିଲେ ସୁଦ୍ଧା ତାହାର ଏକତ୍ୱ ବା ଅଖଣ୍ଡତ୍ୱ ଏହାଦ୍ୱାରା କଦାପି କୌଣସି ପ୍ରକାରେ ବିପନ୍ନ ହେଉନାହିଁ । ବିଶ୍ୱବ୍ୟବସ୍ଥାକୁ ଯଥାର୍ଥରୂପେ ବୁଝିବାକୁ ହେଲେ ଏବଂ ଆମ ବିଶ୍ଲେଷଣଧର୍ମୀ ମନୋଭୂମିର ସେହି ପ୍ରଥମ ଭୁଲଟିରୁ ଆପଣାକୁ ବଞ୍ଚାଇ ରଖିବାକୁ ହେଲେ ଆମକୁ ଅତିମାନସର ଅବିଭାଜ୍ୟତା ସମ୍ବନ୍ଧରେ ସର୍ବଦା ଅଟଳ ରହିବାକୁ ପଡ଼ିବ । ବୃକ୍ଷ ଯେଉଁ ବୀଜଟିରେ ପୂର୍ବରୁ ପ୍ରଚ୍ଛନ୍ନ ହୋଇ ରହିଥାଏ, ସେଇଥିରୁହିଁ ତା'ର ଉଦ୍‌ଭବ ହୁଏ । ପୁଣି ସେହି ବୀଜଟି ମଧ୍ୟ ବୃକ୍ଷରୁହିଁ ଉତ୍ପନ୍ନ ହୋଇଥାଏ । ମୂର୍ତ୍ତ ଆତ୍ମପ୍ରକାଶର ଯେଉଁ ସ୍ଥାୟିତ୍ୱଟିକୁ ଆମେ ଏକ ବୃକ୍ଷ ବୋଲି କହୁ, ତାହାଭିତରେ ଏକ ଅଲଂଘ୍ୟ ନିୟମ ଅଥବା ଏକ ଅପରିବର୍ତ୍ତନୀୟ ପ୍ରକ୍ରିୟାହିଁ ସର୍ବଦା କାର୍ଯ୍ୟ କରୁଥାଏ । ବୃକ୍ଷର ଜନ୍ମ, ଜୀବନଧାରଣ ଓ ପ୍ରଜନନର ଏହି ବ୍ୟାପାରଟିକୁ ମନ ଏକ ସ୍ୱତଃସିଦ୍ଧ ବା ସ୍ୱୟଂଆଧାରିତ ଘଟଣାରୂପେ ଦେଖିଥାଏ, ଏବଂ ସେହିପରି ଏକ ଭିତ୍ତିଉପରେହିଁ ସେ ବୃକ୍ଷର ଅଧ୍ୟୟନ କରେ, ଶ୍ରେଣୀବିଭାଗ କରେ, ତାହାର ବ୍ୟାଖ୍ୟା ମଧ୍ୟ କରେ । ବୀଜରୁ ବୃକ୍ଷକୁ ବୁଝାଏ, ପୁଣି ବୃକ୍ଷରୁ ବୀଜକୁ ବୁଝାଏ । ଏବଂ ଏହାକୁ ପ୍ରକୃତିର ଏକ ନିୟମ ବୋଲି ଘୋଷଣା କରେ । ମାତ୍ର ଏହାଦ୍ୱାରା ପ୍ରକୃତରେ କୌଣସି ବ୍ୟାଖ୍ୟା ହୁଏ ନାହିଁ, କୌଣସି ରହସ୍ୟୋଦ୍‌ଘାଟନ ହୁଏ ନାହିଁ । କେବଳ ଏକ ରହସ୍ୟର ପ୍ରକ୍ରିୟାକୁ ବିଶ୍ଳେଷଣ କରିବାହିଁ ସାର ହୁଏ, ସେବିଷୟରେ

'oaob.nitrkl.ac.in' images reprocessed

ଏକ ବିବୃତ୍ତି ଦେବାହିଁ ସାର ହୁଏ । ଏପରିକି ଏଥିଭିତରେ କାର୍ଯ୍ୟ କରୁଥିବା ଏକ ସଂଗୁପ୍ତ ଚେତନଶକ୍ତିକୁ ଆତ୍ମା ବୋଲି ଜାଣି ହୁଏତ ତାହାକୁହିଁ ଏହି ବୃକ୍ଷରୂପର ଅସଲ ସତ୍ତା ଏବଂ ଅବଶିଷ୍ଟ ସକଳ ବ୍ୟାପାରକୁ କେବଳ ସେହି ଶକ୍ତିର ଏକ ସ୍ୱୀକୃତ କ୍ରିୟାଶୀଳ ଓ ଆତ୍ମପ୍ରକାଶ ବୋଲି ଅନୁଭବ କଲେ ମଧ୍ୟ ତଥାପି ତାହା ସେହି ରୂପଟିକୁ ଏକ ସ୍ୱତନ୍ତ୍ର ସତ୍ତା ବୋଲିହିଁ ସ୍ୱୀକାର କରୁଥାଏ । ତାହାର ଏକ ସ୍ୱତନ୍ତ୍ର ପ୍ରାକୃତିକ ନିୟମ ଓ ବିକାଶପଦ୍ଧତି ରହିଛି ବୋଲି ମାନି ନେଉଥାଏ । ପ୍ରାଣୀ ଓ ଏକ ସଚେତନ ମନୋଭୂମି-ସମ୍ପନ୍ନ ମନୁଷ୍ୟ ଭିତରେ ଭିନ୍ନତାବୋଧର ଏହି ମାନସିକ ପ୍ରବୃତ୍ତିଟି ଆପଣାକୁ ମଧ୍ୟ ଏକ ସ୍ୱତନ୍ତ୍ର ସତ୍ତା ବୋଲି ବିଶ୍ୱାସ କରିବାର ଫାନ୍ଦରେ ପଡ଼ିଯାଏ । ତାହା ଆପଣାକୁ ଏକ ସଚେତନ ବିଷୟୀ ତଥା ଅନ୍ୟାନ୍ୟ ରୂପଗୁଡ଼ିକୁ ତାହାର ବିଷୟରୂପେ ଆପଣାଠାରୁ ଭିନ୍ନ କରି ଦେଖେ । ବ୍ୟାବହାରିକ ଜୀବନରେ ଏହିଭଳି ଏକ ବ୍ୟବସ୍ଥା ଅବଶ୍ୟ ଉପଯୋଗୀ ଓ ଆବଶ୍ୟକ ବୋଲି ପ୍ରତିପାଦିତ ହୁଏ, ଏହାର ପ୍ରଥମ ମୂଳଦୁଆ ପରି କାମ ଦିଏ ସତ, ମାତ୍ର ମନ ଏହାକୁହିଁ ଏକ ଯଥାର୍ଥ ସତ୍ୟ ବୋଲି ଗ୍ରହଣ କରିନିଏ ଏବଂ ଏଇଥିରୁହିଁ ଅହଂଗତ ସକଳ ଭ୍ରମର ସୂତ୍ରପାତ ହୁଏ ।

ମାତ୍ର ଅତିମାନସ ଏକ ସମ୍ପୂର୍ଣ୍ଣ ଭିନ୍ନ ଧାତରେ କାର୍ଯ୍ୟକରେ । ଯଦି ବୃକ୍ଷ ପ୍ରକୃତରେ ଏକ ପୃଥକ୍ ଓ ସ୍ୱତନ୍ତ୍ର ସତ୍ତା ହୋଇଥା’ନ୍ତା, ତେବେ ଏହାର ପ୍ରକ୍ରିୟା ମଧ୍ୟ ବର୍ତ୍ତମାନର ପ୍ରକ୍ରିୟାଟିଠାରୁ ଭିନ୍ନ ପ୍ରକାରର ହୋଇଥା’ନ୍ତା, ବସ୍ତୁତଃ ଏହାର କୌଣସି ଅସ୍ତିତ୍ୱହିଁ ସମ୍ଭବ ହୁଅନ୍ତା ନାହିଁ । ବିଶ୍ୱସତ୍ତାର ଶକ୍ତିଦ୍ୱାରାହିଁ ବିଶ୍ୱର ବିଭିନ୍ନରୂପ ଆପଣାଆପଣାର ନିର୍ଦ୍ଧାରିତ ରୂପରେ ଅବସ୍ଥିତ ହୋଇ ରହିଛନ୍ତି । ଏହି ଶକ୍ତିଟି ସହିତ ତଥା ଏହାର ଅନ୍ୟ ସକଳ ପରିପ୍ରକାଶ ସହିତ ଏହି ରୂପଗୁଡ଼ିକର ଯେଉଁଭଳି ସମ୍ବନ୍ଧ ରହିଛି, ତାହାରି ପରିଣାମଦ୍ୱାରାହିଁ ସେମାନଙ୍କର ସ୍ୱକୀୟ ବିକାଶର ପଦ୍ଧତିଟି ନିରୂପିତ ହେଉଛି । ସେମାନଙ୍କର ସ୍ୱାଭାବିକ ସ୍ୱତନ୍ତ୍ର ନିୟମ ଯଥାର୍ଥତଃ ସକଳ ପ୍ରକୃତିକୁ ନିୟନ୍ତ୍ରିତ କରୁଥିବା ବିଶ୍ୱଗତ ବିଧାନ ଓ ସତ୍ୟର କେବଳ ଏକ ପ୍ରୟୋଗାତ୍ମକ ରୂପ ବ୍ୟତୀତ ଆଉ କିଛି ନୁହେଁ । ସେଗୁଡ଼ିକର ସକୀୟ ଓ ନିର୍ଦ୍ଦିଷ୍ଟ ବିକାଶପଦ୍ଧତି ସାଧାରଣ ବିକାଶପଦ୍ଧତି ମଧ୍ୟରେ ରହିଥିବା ସେମାନଙ୍କର ସ୍ଥାନଟିଦ୍ୱାରାହିଁ ନିୟନ୍ତ୍ରିତ ହେବାରେ ଲାଗିଛି । ବୃକ୍ଷ ପ୍ରକୃତରେ ବୀଜର କୌଣସି ରହସ୍ୟ ଉଦଘାଟନ କରୁନାହିଁ, ବୀଜ ମଧ୍ୟ ବୃକ୍ଷର ରହସ୍ୟ ବିଷୟରେ କିଛିହେଲେ କହୁ ନାହିଁ । ବିଶ୍ୱବ୍ୟବସ୍ଥାହିଁ ବୀଜ ଓ ବୃକ୍ଷର ଯଥାର୍ଥ ବ୍ୟାଖ୍ୟା କରିଦେଉଛି, ଏବଂ ଭଗବାନ ବିଶ୍ୱବ୍ୟବସ୍ଥାର ବ୍ୟାଖ୍ୟା କରି ଦେଉଛନ୍ତି । ଅତିମାନସ ଏକାଧାରରେ ବୀଜ ତଥା ବୃକ୍ଷଭିତରେ ବ୍ୟାପ୍ତ ହୋଇ ରହିଛି, ବୀଜ ତଥା ବୃକ୍ଷଭିତରେ ଅବସ୍ଥାନ କରୁଛି । ସେ ସକଳ ବସ୍ତୁରେ ବ୍ୟାପ୍ତ ହୋଇ ରହିଛି, ସକଳ ବସ୍ତୁରେ ଅବସ୍ଥାନ କରୁଛି । ତାହା ପରମ ନହୋଇ କେବଳ ଏକ

'oaob.nitrkl.ac.in' images reprocessed

ପରିମାର୍ଜିତ ଅବିଭାଜ୍ୟତା ଓ ଅଖଣ୍ଡତା ହେଲେ ମଧ୍ୟ ଅତିମାନସ ତଥାପି ଏହି ବୃହତ୍ତର ଅବିଭାଜ୍ୟ ଓ ଅଖଣ୍ଡ ଜ୍ଞାନଭିତରେ ଅବସ୍ଥାନ କରୁଛି । ଏହି ସର୍ବଗ୍ରାହୀ ଅଖଣ୍ଡବିଜ୍ଞାନ ଭିତରେ ସତ୍ତାର କୌଣସି ସ୍ୱତନ୍ତ୍ର କେନ୍ଦ୍ର ନାହିଁ, ଆମେ ଆମ ଭିତରେ ଅନୁଭବ କରୁଥିବା ଏକ ବ୍ୟକ୍ତିଗତ ପୃଥକ୍ ଅହଂ ଲାଗି କୌଣସି ସ୍ଥାନ ନାହିଁ । କାରଣ ଆତ୍ମଜ୍ଞାନ ଭିତରେ ସେଠାରେ ସମଗ୍ର ସତ୍ତାଟିହିଁ ସମବ୍ୟାପ୍ତ ସମ୍ପ୍ରସାରଣରୂପେ ବର୍ତ୍ତମାନ ରହିଛି, ଏକତ୍ୱଭିତରେ ଏକ ସମାହିତ ହୋଇ ରହିଛି । ବହୁତ୍ୱଭିତରେ ମଧ୍ୟ ସେହି ଏକହିଁ ବିରାଜମାନ କରୁଛି, ସକଳ ଅବସ୍ଥାରେ ଓ ସର୍ବତ୍ରହିଁ ସେହି ଏକ ବିରାଜିତ ରହିଛି । ସର୍ବ ତଥା ଏକ ଏଠାରେ ଗୋଟିଏ ସତ୍ତାରେ ପରିଣତ ହୋଇଛି । ସକଳ ସତ୍ତା ଓ ଅଦ୍ୱୟ ସତ୍ତା ସହିତ ଆପଣାର ଏକତ୍ୱଜ୍ଞାନର ଚେତନାକୁ ବ୍ୟକ୍ତିସତ୍ତା କେବେହେଲେ ହରାଇ ଦେଉନାହିଁ । ହରାଇବା କଦାପି ସମ୍ଭବ ମଧ୍ୟ ନୁହେଁ, ଏହି ଏକତ୍ୱ-ଜ୍ଞାନହିଁ ମର୍ମସତ୍ୟରୂପେ ଅତିମାନସ ଜ୍ଞାନ ଭିତରେ ଅନ୍ତର୍ନିହିତ ହୋଇ ରହିଛି, ଅତିମାନସ ଆତ୍ମପ୍ରତ୍ୟୟର ଏକ ଅଂଶ ହୋଇ ରହିଛି ।

ସମରସ ଏକତ୍ୱର ସେହି ବିପୁଳ ପ୍ରସାରକ୍ଷେତ୍ରରେ ପୁରୁଷସତ୍ତା ଅବିଭକ୍ତ ତଥା ଅବିକୀର୍ଣ୍ଣ ହୋଇ ବିରାଜିତ ରହିଛି । ଆତ୍ମପ୍ରସାରଣର ସମବ୍ୟାପ୍ତିରେ ସେ ସ୍ୱପ୍ରସାର-କ୍ଷେତ୍ରରେ ଅଦ୍ୱୟରୂପେ ବ୍ୟାପ୍ତ ହୋଇ ରହିଛି, ରୂପାୟନର ବହୁବିବିଧତା ମଧ୍ୟରେ ବି ସେ ଅଦ୍ୱୟରୂପେ ବାସ କରୁଛି, ସର୍ବତ୍ର ଏକାଧାରରେ ସେହି ଅଦ୍ୱୟ 'ସମଂ ବ୍ରହ୍ମ' ରୂପେ ଅବସ୍ଥିତ ରହିଛି । କାରଣ କାଳ ଓ ଦେଶର ଆଧାର ଉପରେ ସତ୍ତାର ଏହି ବ୍ୟାପ୍ତି ତଥା ଅଧିଷ୍ଠାନ ଏହାର ଉତ୍ସସ୍ୱରୂପ ସେହି ପରମ ଏକତ୍ୱ ସହିତ ଅନ୍ତରଙ୍ଗ ଭାବରେ ସମ୍ବନ୍ଧିତ ହୋଇ ରହିଛି,—ସେହି ପରମ ଅବିଭାଜ୍ୟତା ସହିତ ଘନିଷ୍ଠଭାବେ ଗୁନ୍ଥାହୋଇ ରହିଛି, ଯେଉଁଥିରେକି କୌଣସି କେନ୍ଦ୍ର ବା ପରିଧି କେଉଁଠିହେଲେ ନାହିଁ, କେବଳ ଦେଶକାଳାତୀତ ଅଦ୍ୱୟହିଁ ଅବସ୍ଥାନ କରୁଛି । ବ୍ୟାପ୍ତିରହିତ ବ୍ରହ୍ମଭିତରେ ଯେଉଁ ଏକତ୍ୱ ଅତିମାତ୍ରାରେ କେନ୍ଦ୍ରୀଭୂତ ହୋଇ ରହିଛି, ବ୍ୟାପ୍ତିର କ୍ଷେତ୍ରକୁ ଅବତରଣ କରି ତାହା ସ୍ୱଭାବତଃ ଠିକ୍ ସମଭାବରେ ବ୍ୟାପ୍ତ ରହିଥିବା ଏହିଭଳି ଏକ ପ୍ରତ୍ୟୟରୂପେ ଦେଖାଦେଉଛି, ସକଳ ସୃଷ୍ଟିର ଏହି ଅବିଭାଜ୍ୟ ସର୍ବଗ୍ରାହିତା ରୂପେ ପ୍ରକାଶିତ ହେଉଛି, ଏହି ବିଶ୍ୱଗତ ଓ ଅବିକୀର୍ଣ୍ଣ ଅନ୍ତର୍ନିହିତତା ରୂପେ ଆପଣାକୁ ପ୍ରକଟ କରୁଛି । ବହୁତା କିମ୍ବା ବିବିଧତାର କୌଣସି ଲୀଳାଛଳନା ଏହାର ଏକତ୍ୱକୁ କୌଣସିପ୍ରକାରେ ନିରାକୃତ ଅଥବା ନ୍ୟୂନ କରି ଦେଉନାହିଁ । "ବ୍ରହ୍ମ ସର୍ବଭୂତରେ, ବ୍ରହ୍ମରେ ସର୍ବଭୂତ, ସର୍ବଭୂତହିଁ ବ୍ରହ୍ମ",—ଏହାହିଁ ହେଉଛି ସର୍ବବିତ୍ ଅତିମାନସର ତ୍ରିସୂତ୍ର । ଆତ୍ମପ୍ରକାଶର ସେହି ଗୋଟିଏ ମାତ୍ର ସତ୍ୟ ଏହି ତ୍ରିକୋଣାତ୍ମକ ବିଭାବକୁ ଏକତ୍ର ଧାରଣ କରି ରଖିଛି । ଯେଉଁ ଆତ୍ମଦୃଷ୍ଟିକୁ ମୂଳ

'oaob.nitrkl.ac.in' images reprocessed

ଜ୍ଞାନରୂପେ ଗ୍ରହଣ କରି ଏହା ଆପଣାକୁ ବିଶ୍ୱଲୀଳା ଲାଗି ପ୍ରେରିତ କରିଥାଏ, ତାହାରି ମଧ୍ୟରେହିଁ ଏହି ମନୋଽତିଯୋଗ ସୂତ୍ର ଅବିଚ୍ଛିନ୍ନ ଭାବେ ବର୍ତ୍ତମାନ ରହିଛି ।

ତେବେ ଏହି ମନୋଗତ ଭୂମିଟିର ଉଦ୍‌ଭବ ପୁଣି କେଉଁଥିରୁ ହୋଇଛି ? ମନ, ପ୍ରାଣ ଓ ଜଡ଼କୁ ଆଧାର କରି ପ୍ରକଟିତ ହେଉଥିବା ଯେଉଁ ନିମ୍ନତର ଚେତନାଟିର ଲୀଳାକୁ ଆମେ ବିଶ୍ୱ ବୋଲି କହୁଛୁ, ସେହି ଚେତନାଟିର ଜନ୍ମ କିପରି ହୋଇଛି ? ଏହି ବିଶ୍ୱର ସବୁକିଛି ଯଦି ସବୁ କରୁଥିବା ଓ ସବୁ ସମ୍ଭାଉଥିବା ଅତିମାନସର କୃତି ବ୍ୟତୀତ ଆଉ କିଛି ନୁହେଁ, ତାହାର ସତ୍, ଚିତ୍ ତଥା ଆନନ୍ଦ ସ୍ୱରୂପର ନିରନ୍ତର ଲୀଳା ବ୍ୟତୀତ ଆଉ କିଛି ନୁହେଁ, ତେବେ ଋତ-ଚିତ୍‌ର ସୃଜନସାମର୍ଥ୍ୟରେ ଏପରି କୌଣସି ବୃତ୍ତି ଅବଶ୍ୟ ରହିଛି, ଯାହାକି ସତ୍, ଚିତ୍ ଓ ଆନନ୍ଦର ତତ୍ତ୍ୱସମୂହକୁ କୌଣସି ନୂଆ ଗୁଚ୍ଛରେ ପକାଇ ନିମ୍ନତର ସ୍ତରରେ ମନ, ପ୍ରାଣ ଓ ଜଡ଼ପଦାର୍ଥର ତ୍ରିଧାତୁକୁ ସୃଷ୍ଟି କରୁଛି । ସୃଜନଶୀଳ ଜ୍ଞାନର ଏକ ଗୌଣ ସାମର୍ଥ୍ୟ ମଧ୍ୟରେ ଆମେ ଏହି ବୃତ୍ତିର ପରିଚୟ ପାଇଥାଉ । ଏହି ଶକ୍ତି ହେଉଛି ଅତିମାନସର ପ୍ରଜ୍ଞାନଶକ୍ତି । ଏହି ଶକ୍ତି ଆପଣାକୁ ପ୍ରକ୍ଷେପିତ କରି ଆପଣାର ସମ୍ମୁଖୀନ ହେଉଥିବା ଏକ ଚେତନାର ଶକ୍ତି । ଏହି ଶକ୍ତିର ସାହାଯ୍ୟରେହିଁ ଜ୍ଞାନ ଆପଣାକୁ କେନ୍ଦ୍ରୀଭୂତ କରେ ଏବଂ ଆପଣାର କୃତି ଓ ବିଶ୍ୱସୃଷ୍ଟିରୁ ସତେ ଅବା ଅପସରି ଯାଇ ଦୂରରୁ ତାହାରି ଉପରେ ଦୃଷ୍ଟିପାତ କରିବାକୁ ଚାହେଁ ! ଏଠାରେ କେନ୍ଦ୍ରୀଭୂତ ହେବା କହିଲେ ଆଗରୁ କୁହାଯାଇଥିବା ସମଭାବରେ କେନ୍ଦ୍ରୀଭୂତ ହେଉଥିବା ଚେତନାକୁ ଆଦୌ ବୁଝାଇବ ନାହିଁ । ଅପର ପକ୍ଷରେ ଏହା ଏକ ବିଷମ କେନ୍ଦ୍ରୀଭୂତ ହେବାକୁହିଁ ବୁଝାଇବ । କେନ୍ଦ୍ରୀଭୂତ ହେବାର ଏହି ବିଷମତାରୁହିଁ ଆତ୍ମ-ବିଭାଜନ ପ୍ରକ୍ରିୟାର ଆରମ୍ଭ ହୁଏ, ଚେତନା ଭିତରୁ ବିଶ୍ୱପ୍ରତିଭାସର ଜନ୍ମ ହୁଏ ।

ସର୍ବପ୍ରଥମ ଅବସ୍ଥାରେ ଜ୍ଞାତା ବିଷୟୀରୂପେ ଆପଣାକୁ ଜ୍ଞାନ ଭିତରେ କେନ୍ଦ୍ରୀଭୂତ କରି ଧାରଣ କରନ୍ତି ଏବଂ ତାଙ୍କର ଚିତ୍‌ଶକ୍ତି ସତେ ଯେପରି ତାଙ୍କଠାରୁ ନିର୍ଗତ ହୋଇ ତାଙ୍କର ରୂପ ଭିତରେ ଅବିରାମ ପ୍ରବେଶ କରିବାରେ ଲାଗିଛି, ସେ ତାହାକୁ ସେହିଭଳି ଭାବରେ ଅନୁଭବ କରନ୍ତି । ସତେ ଯେପରି ତାହା ଅବିରାମ ରୂପାୟନରେ ବ୍ୟାପୃତ ରହିଥାଏ, ଅବିରାମ ଭାବରେ ତାଙ୍କରି ଭିତରକୁ ବାହୁଡ଼ି ଆସୁଥାଏ, ପୁଣି ଅବିରାମ ଭାବରେ ନିର୍ଗତ ହେବାରେ ଲାଗିଥାଏ । ଆପଣାର ସ୍ୱଭାବସିଦ୍ଧ ଅଖଣ୍ଡତା ଓ ସମତାକୁ ଜ୍ଞାତା, ଜ୍ଞେୟ ଓ ଜ୍ଞାନକ୍ରିୟାର ବିଷମତାରେ ବିଭାଜିତ କରିଦେବାର କେବଳ ଏହି ଏକମାତ୍ର କ୍ରିୟାଟିରୁହିଁ ବ୍ୟାବହାରିକ ସକଳ ଭେଦର ଆବିର୍ଭାବ ହୁଏ ଏବଂ ଏହାହିଁ ଏହି ବିଶ୍ୱର ଆପେକ୍ଷିକ ଦୃଷ୍ଟି ଓ ଆପେକ୍ଷିକ କ୍ରିୟାର ଆଧାର ହୋଇ ରହେ । ଏଠାରେ ଜ୍ଞାତା, ଜ୍ଞାନ ଓ ଜ୍ଞେୟ ଅର୍ଥାତ୍ ଈଶ୍ୱର,

'oaob.nitrkl.ac.in' images reprocessed

ଈଶ୍ୱରୀୟ ଶକ୍ତି ଓ ସେହି ଶକ୍ତିର ସନ୍ତତି ଓ ବିଭୂତିଗୁଡ଼ିକ ଭିତରେ ଏକ ବ୍ୟାବହାରିକ ଭେଦର ସୃଷ୍ଟି ହୁଏ; ଭୋକ୍ତା, ଭୋଗ ଓ ଭୋଗ୍ୟର ଭେଦ ଆସି ପହଞ୍ଚେ । ପରମାତ୍ମା, ମାୟା ଓ ପରମାତ୍ମାଙ୍କର ନାମରୂପାତ୍ମକ ବିଭୂତି ମଧ୍ୟରେ ଭେଦର ସୃଷ୍ଟି ହୁଏ ।

ଦ୍ୱିତୀୟତଃ, ଆପଣାର ପ୍ରଜ୍ଞାଭିତରେ ଆପଣାକୁ କେନ୍ଦ୍ରୀଭୂତ କରିଥିବା ଏହି ଚିଦାତ୍ମା, ଆପଣା ଭିତରୁ ବହିର୍ଗତ ହୋଇ ଯାଇଥିବା ଶକ୍ତିର ନିରୀକ୍ଷଣ ଓ ନିୟନ୍ତ୍ରଣ କରୁଥିବା ଏହି ପୁରୁଷ, ଅର୍ଥାତ୍ ସେହି ପୁରୁଷର ଶକ୍ତି ବା ପ୍ରକୃତି ଆପଣାର ପ୍ରତ୍ୟେକ ରୂପରେ ଆପଣାର ପୁନରାବୃତ୍ତି କରିବାରେ ଲାଗିଯାଆନ୍ତି । ଆପଣାର ବିସୃଷ୍ଟିଗୁଡ଼ିକ ଭିତରକୁ ସେ ସତେ ଯେପରି ଆପଣା ଚିତ୍ଶକ୍ତିର ଅନୁଗମନ କରନ୍ତି ଏବଂ ଏହି ପ୍ରଜ୍ଞାନର ଜନନୀସ୍ୱରୂପ ଆତ୍ମବିଜ୍ଞାନର କ୍ରିୟାଟିକୁ ସେଠାରେ ମଧ୍ୟ ପୁନଃସଞ୍ଚାରିତ କରି ରଖନ୍ତି । ପ୍ରତ୍ୟେକ ଦେହ, ରୂପ ବା ଆକାର ଭିତରେ ଏହି ଆତ୍ମା ଅର୍ଥାତ୍ ପୁରୁଷ ଆପଣାର ପ୍ରକୃତି ସହିତ ଅବସ୍ଥାନ କରୁଥା'ନ୍ତି ଏବଂ ସ୍ୱୀୟ ଚେତନାର ସେହି କୃତ୍ରିମ ତଥା ବ୍ୟାବହାରିକ କେନ୍ଦ୍ରଟିରୁ ଅନ୍ୟ ରୂପ ଓ ଅନ୍ୟ ଆକାରଗୁଡ଼ିକ ମଧ୍ୟରେ ଅବସ୍ଥିତ ରହିଥିବା ଆପଣାକୁହିଁ ନିରୀକ୍ଷଣ କରୁଥାଆନ୍ତି । ତଥାପି ସକଳ ରୂପ ଭିତରେ ସେ ସେହି ଏକୈବ ଆତ୍ମା ଦ୍ରବ୍ୟ ପୁରୁଷରୂପେ ବିରାଜି ରହିଥା'ନ୍ତି । କେବଳ ଚେତନାର ବ୍ୟାବହାରିକ କ୍ରିୟା ପାଇଁହିଁ ବହୁ କେନ୍ଦ୍ରର ଭିଆଣ ହୋଇଥାଏ । ଭେଦର ଏକ ବିଶୃଙ୍ଖଳା ସମ୍ଭବ କରିବା ସକାଶେ, ପାରସ୍ପରିକତା, ଅର୍ଥାତ୍ ପାରସ୍ପରିକ ଜ୍ଞାନ, ଶକ୍ତିର ପାରସ୍ପରିକ ସଙ୍ଘାତ, ପାରସ୍ପରିକ ସମ୍ଭୋଗ ସକାଶେହିଁ ଆଧାରଭୂତ ଏକତ୍ୱ ଉପରେ ଏଠାରେ ଭେଦର ପ୍ରତିଷ୍ଠା ହୋଇଥାଏ ଏବଂ ଭେଦର ଏକ ବ୍ୟାବହାରିକ ଭିତ୍ତିଉପରେ ଠିଆ ହୋଇ ଏକତ୍ୱ ଅର୍ଥାତ୍ ଅଭେଦର ଅନୁଭୂତି ପ୍ରାପ୍ତ ହେଉଥାଏ ।

ଏହି ନୂତନ ସ୍ଥିତିଟିରେ ସର୍ବବ୍ୟାପ୍ତ ଅତିମାନସ ବିଶ୍ୱର ଅଦ୍ୱୟ ସତ୍ୟ ତଥା ବିଶ୍ୱବ୍ୟବସ୍ଥାକୁ ଧରିରଖିବା ପାଇଁ ଏକାନ୍ତ ଅତ୍ୟାବଶ୍ୟକ ହେଉଥିବା ଅବିଚ୍ଛେଦ୍ୟ ଏକତ୍ୱଟିକୁ ବହନ କରୁଥିବା ଅବିଭାଜ୍ୟ ଚେତନାଠାରୁ ଆହୁରି ଅଧିକ ଦୂରକୁ ଚାଲିଯାଏ ବୋଲି ଆମେ ଅବଶ୍ୟ କହିପାରିବା । ଏବଂ ଆହୁରି ଟିକିଏ ଦୂରକୁ ଚାଲିଗଲେ ଏହା ଯଥାର୍ଥତଃ ହୁଏତ ଅବିଦ୍ୟାରେ ଯେ ପରିଣତ ହୋଇଯିବ, ଆମେ ସେକଥାଟି ମଧ୍ୟ ଅନୁମାନ କରି ବେଶ ଦେଖିପାରିବା । ବହୁତ୍ୱକୁ ମୂଳ ସତ୍ୟରୂପେ ଗ୍ରହଣ କରିବାରୁହିଁ ଅବିଦ୍ୟାର ସୂତ୍ରପାତ ହୋଇଥାଏ । ପୁଣି ଯଥାର୍ଥ ଏକତ୍ୱକୁ ଫେରିଯାଇ ପାରିବାଲାଗି ଅବିଦ୍ୟାକୁ ଅହଂବୋଧର ଭ୍ରାନ୍ତିପୂର୍ଣ୍ଣ ଏକତ୍ୱରୁହିଁ ଆରମ୍ଭ କରିବାକୁ ପଡ଼େ । ଆମେ ଏକଥାଟି ମଧ୍ୟ ବେଶ୍ ଦେଖିପାରିବା ଯେ ବ୍ୟକ୍ତି-ଆଧାରିତ

'oaob.nitrkl.ac.in' images reprocessed

ଅହଂକୁ ନିୟାମକ ଦୃଷ୍ଟିବିନ୍ଦୁ ରୂପେ ଗ୍ରହଣ କରିନେବା ମାତ୍ରକେହିଁ ଅର୍ଥାତ୍ ତାହାକୁହିଁ ଜ୍ଞାତା ବୋଲି ମାନିନେବା ମାତ୍ରକେହିଁ ମନୋମୟ ଚେତନାର ବିଚିତ୍ର ପରିଣାମଗୁଡ଼ିକ ଅନିବାର୍ଯ୍ୟ ଭାବରେ ଆସି ଦୃଷ୍ଟିଗୋଚର ହେବାରେ ଲାଗେ । ମନକୁହିଁ ଭୂମି କରି ଇନ୍ଦ୍ରିୟ-ସଂବେଦନ, ବୁଦ୍ଧି ଓ ସଂକଳ୍ପକ୍ରିୟାର ବିଚିତ୍ର ଲୀଳାମାନ ଆରମ୍ଭ ହୋଇଯାଏ । ମାତ୍ର ଆମକୁ ଏକଥାଟି ମଧ୍ୟ ବୁଝି ରଖିବାକୁ ପଡ଼ିବ ଯେ ଅତିମାନସ ଭିତରେହିଁ ଆତ୍ମାର ବିଚରଣ ଓ କ୍ରିୟା ସଂଘଟିତ ହେଉଥିବା ପର୍ଯ୍ୟନ୍ତ କଦାପି ଅବିଦ୍ୟାର ପ୍ରବୃତ୍ତି ହେବ ନାହିଁ । ଜ୍ଞାନ ଓ କ୍ରିୟାର କ୍ଷେତ୍ରଟି ତଥାପି ଋତ-ଚିତ୍ର ସଞ୍ଚାରକ୍ଷେତ୍ର ହୋଇ ରହିଥିବ ଏବଂ ଏକତ୍ୱହିଁ ତଥାପି ସର୍ବମୂଳ ଆଧାର ହୋଇ ରହିଥିବ ।

କାରଣ ସେତେବେଳେ ମଧ୍ୟ ଆତ୍ମପୁରୁଷ ତଥାପି ଆପଣାକୁ ସକଳଭିତରେ ଦେଖିବାକୁ ସମର୍ଥ ହୁଅନ୍ତି, ସକଳ ପଦାର୍ଥକୁ ଆପଣା ଭିତରେ ଓ ଆପଣାଠାରୁ ସମ୍ଭୂତ ହେଉଥିବାର ଦେଖନ୍ତି । ସେତେବେଳେ ମଧ୍ୟ ଈଶ୍ୱର ଶକ୍ତିର ଲୀଳାକୁ ସ୍ୱରୂପର ଲୀଳା ବୋଲି ଜାଣନ୍ତି ଏବଂ ସର୍ବଭୂତକୁ ଭିତରେ ଓ ବାହାରେ ସଂଘଟିତ ହେଉଥିବା ନିଜର ଆତ୍ମରୂପାୟନ ବୋଲି ଅନୁଭବ କରନ୍ତି । ବହୁତ୍ୱର ବିବିଧ ବିସୃଷ୍ଟି ମଧ୍ୟରେ ବି ସେତେବେଳେ ପରମ ଭୋକ୍ତା କେବଳ ଆପଣା ସତ୍ତାର ସମ୍ଭୋଗହିଁ କରୁଥା'ନ୍ତି । ମାତ୍ର ଚେତନାର କେନ୍ଦ୍ରୀଭୂତ ହେବାରେ ଏକ ବିଷମତା ଦେଖା ଦେଇଥାଏ ଏବଂ ଶକ୍ତିର ବିକୀରଣରେ ଏକ ବୈଚିତ୍ର୍ୟ ମଧ୍ୟ ଦେଖା ଦେଇଥାଏ,—ସେହି ଅବସ୍ଥାରେ ଆମେ କେବଳ ଏହି ଦୁଇଟି କ୍ଷେତ୍ରରେ ପ୍ରକୃତରେ ଏକ ପରିବର୍ତ୍ତନ ଘଟିଛି ବୋଲି କହିପାରିବା । ତଥାପି ଚେତନାର ବ୍ୟାବହାରିକ କ୍ଷେତ୍ରରେହିଁ ଏହି ଭେଦ ବା ବିଷମତା ଦେଖା ଦେଇଥାଏ, ମାତ୍ର ଚେତନା ଭିତରେ କୌଣସି ମୌଳିକ ଭେଦ ଦେଖା ଦେଇ ନ ଥାଏ କିମ୍ବା ଆତ୍ମଦୃଷ୍ଟି ଭିତରେ ମଧ୍ୟ ଯଥାର୍ଥରେ କୌଣସି ବିଭକ୍ତତା ଆଦୌ ନ ଥାଏ । ଏହି ସ୍ଥିତିରେ ଉପନୀତ ହୋଇ ଋତ-ଚିତ୍ ଆମର ମନୋଭୂମିଟିକୁ ପ୍ରସ୍ତୁତ କରୁଥାଏ ସତ, ମାତ୍ର ତଥାପି ଆମ ମନୋଭୂମିର ନିଜସ୍ୱ ସମ୍ପଦରେ ପରିଣତ ହୋଇ ନ ଥାଏ । ଯଥାର୍ଥ ଉତ୍ସସ୍ଥଳରେ ପହଞ୍ଚି ମନକୁ ଧରି ପାରିବାଲାଗି ଆମକୁ ଏହି ସ୍ଥିତି ଓ ଏହି ପ୍ରକ୍ରିୟାଟିକୁହିଁ ଭଲଭାବରେ ବୁଝିବାକୁ ପଡ଼ିବ । କାରଣ ଏହିଠାରୁହିଁ ମନ ଋତ-ଚିତ୍ର ଉଚ୍ଚ ଓ ବିଶାଳ ବିସ୍ତୃତିଠାରୁ ବିଚ୍ୟୁତ ହୋଇ ଖଣ୍ଡବୋଧ ତଥା ଅଜ୍ଞାନର ନିମ୍ନ ଭୂମିରେ ଆସି ପଡ଼ିଯାଇଛି । ସୌଭାଗ୍ୟର କଥା ଯେ ଅତିମାନସର ପ୍ରଜ୍ଞାନରୂପୀ ବିଭାବଟିକୁ ଆମେ ଅପେକ୍ଷାକୃତ ଅଧିକ ସହଜରେ ଧରିବା ଓ ବୁଝିବାଲାଗି ସମର୍ଥ ହୋଇପାରିବା, କାରଣ ଏହା ଆମର ସମୀପବର୍ତ୍ତୀ ହୋଇ ରହିଛି । ଏବଂ ଆମ ମନୋଗତ କ୍ରିୟାର ଏକ ପୂର୍ବାଭାସ

'oaob.nitrkl.ac.in' images reprocessed

ମଧ୍ୟ ତାହା ଭିତରେ ସୂଚିତ ହୋଇ ରହିଛି । ଅତିମାନସର ଅନ୍ୟ ବିଶ୍ୱବଷ୍ଟିର ଅନୁଭବ ଓ ଉପଲବ୍ଧି ଆମଠାରୁ ଅପେକ୍ଷାକୃତ ଅଧିକ ଦୂରବର୍ତ୍ତୀ ହୋଇ ରହିଛି । ଆମ ବୁଦ୍ଧିସାମର୍ଥ୍ୟର ଅସମର୍ଥ ପରିଭାଷା ସାହାଯ୍ୟରେ ଆମେ ଏପର୍ଯ୍ୟନ୍ତ ତାହାର କେବଳ ଏକ ଅସମ୍ପୂର୍ଣ୍ଣ ପରିଚୟ ଦେବାରହିଁ ଚେଷ୍ଟା କରିଆସିଛୁ । ମାତ୍ର ଆମକୁ ଯେଉଁ ବାଧାଟିକୁ ଅତିକ୍ରମ କରିବାକୁ ହେବ, ତାହା ଆଦୌ ସେତେଦୂର ଦୁର୍ଲଂଘ୍ୟ କିମ୍ବା ଦୁରତିକ୍ରମଣୀୟ ନୁହେଁ ।

'oaob.nitrkl.ac.in' images reprocessed

ଷୋଡ଼ଶ ପରିଚ୍ଛେଦ

# ଅତିମାନସର ତିନି ପର୍ଯ୍ୟାୟ

ଭୂତଭୃନ୍ନ......ମମାତ୍ମା ଭୂତଭାବନଃ । —ଗୀତା, ୯ । ୫
ଅହମାତ୍ମା......ସର୍ବଭୂତାଶୟସ୍ଥିତଃ । —ଗୀତା, ୧୦ । ୨୦

ମୋହର ଆତ୍ମାହିଁ ସକଳ ଭୂତକୁ ଧାରଣ କରି ରଖିଛି, ଏହାହିଁ ସର୍ବଭୂତର ଉଦ୍‌ଭବର ନିମିତ୍ତକାରଣ । ... ମୁହିଁ ସକଳ ଭୂତରେ ଆତ୍ମାରୂପେ ଅବସ୍ଥିତ ରହିଛି ।

ତ୍ର୍ୟର୍ଯ୍ୟମା ମନୁଷୋ ଦେବତାତା
ତ୍ରୀ ରୋଚନା ଦିବ୍ୟା ଧାରୟନ୍ତ । —ଋକ୍‌ବେଦ, ୫ । ୨୯ । ୧

ଜ୍ୟୋତିର ତିନୋଟି ଶକ୍ତି ତିନୋଟି ଜ୍ୟୋତିର୍ମୟ ଦିବ୍ୟଲୋକକୁ ଧରିରଖିଛି ।

ପ୍ରାକୃତ ମନୋଭୂମିଗତ ସୀମାବନ୍ଧନରୁ ମୁକ୍ତ ହୋଇ ଯେତେବେଳେ ଜୀବର ଆତ୍ମା ଦିବ୍ୟ ଅତିମାନସର ସଞ୍ଚାରକ୍ଷେତ୍ରରେ ପ୍ରବେଶ କରିବାର ଅଧିକାର ଲାଭ କରେ, ସେତେବେଳେ ଏକ ପ୍ରଜ୍ଞାନଦୃଷ୍ଟିରେ ଆମେ ବାସ କରୁଥିବା ଏହି ଜଗତକୁ ବୁଝିପାରିବା ଅପେକ୍ଷାକୃତ ସହଜତର ହୋଇଯାଏ । ମାତ୍ର ପ୍ରଜ୍ଞାନର ସାହାଯ୍ୟ ନେଇ ଏହିପରି ଏକ ବୋଧ ଅର୍ଜନ କରିବା ପୂର୍ବରୁ ଆମକୁ ଆପାତତଃ ଟିକିଏ ଅଟକି ରହିବାକୁ ପଡ଼ିବ ଓ ଆପଣାର ମାୟାଶକ୍ତିଦ୍ୱାରା ଆପଣା ସତ୍ତାର ଘନୀଭୂତ ମୂଳ ଏକତ୍ୱଟିରୁ ବିଶ୍ୱର ବିକାଶ କରାଇଥିବା ଜଗତ୍‌ପ୍ରଭୁ ଈଶ୍ୱରଙ୍କର ଚୈତନ୍ୟ ବିଷୟରେ ଆମେ ଯେତିକି ଅନୁଭବ କରିଛୁ ବା ଯେତିକି ଅନୁଭବ କରିପାରିବା ଲାଗି ଆମଭିତରେ ଉପଯୁକ୍ତ ସାମର୍ଥ୍ୟ ରହିଛି, ଆମକୁ ସଂକ୍ଷେପରେ ତାହାର ଏକ ପୁନରାଲୋଚନା କରି ଦେଖିବାକୁ ପଡ଼ିବ ।

ଆରମ୍ଭରୁ ଆମେ ସକଳ ବିଶ୍ୱଜଗତକୁ ମୂଳତଃ ଏକ ଅଖଣ୍ଡ ସତ୍‌ରୂପେ ଗ୍ରହଣ କରିଛୁ । ଚୈତନ୍ୟ ହେଉଛି ସେହି ସତ୍‌ସ୍ୱରୂପର ମୂଳ ସ୍ୱଭାବ ଏବଂ ଶକ୍ତି

'oaob.nitrkl.ac.in' images reprocessed

ଅଥବା ଇଚ୍ଛାଶକ୍ତି ହେଉଛି ସେହି ଅଖଣ୍ଡ ଚୈତନ୍ୟର ସ୍ୱଧର୍ମ ଅଥବା କ୍ରିୟାଶୀଳ ପ୍ରକୃତି । ଏବଂ ଏହି ସତ୍ତ୍ୱରୂପ ହେଉଛନ୍ତି ଆନନ୍ଦରୂପ, ଏହି ଚୈତନ୍ୟ ମଧ୍ୟ ଆନନ୍ଦରୂପ, ଏହି ଶକ୍ତି ଓ ଇଚ୍ଛାଶକ୍ତି ମଧ୍ୟ ଆନନ୍ଦରୂପ । ସତ୍, ଚିତ୍ ତଥା ଶକ୍ତି ଅଥବା ଇଚ୍ଛାଶକ୍ତିର ଅବିଚ୍ଛେଦ୍ୟ ଓ ଅବିନଶ୍ୱର ଆନନ୍ଦ ଆତ୍ମସମାହିତ ଭାବରେ ଆପଣାଭିତରେ ନିଶ୍ଚଳ ହୋଇ ରହିଛି, ଏବଂ ସକ୍ରିୟ ଓ ସୃଷ୍ଟିଶୀଳ ଭାବରେ ମଧ୍ୟ ସଦାବର୍ତ୍ତମାନ ରହିଛି । ଏହାହିଁ ଈଶ୍ୱର, ଆମ ପ୍ରାତିଭାସିକ ବା ବ୍ୟାବହାରିକ ସତ୍ତାର ଅନ୍ତରାଳରୂପେ ବିରାଜମାନ ରହିଥିବା ଏହାହିଁ ଅସଲ ଆମେ, ଏହାହିଁ ଆମର ମୂଳ ସ୍ୱରୂପ । ଆପଣାଭିତରେ ସମାହିତ ହୋଇ ରହିଥିବା ଅବସ୍ଥାରେ ଏହାହିଁ ମୂଳ, ଶାଶ୍ୱତ ତଥା ଅବିଚ୍ଛେଦ୍ୟ ଆନନ୍ଦର ସାର୍ବଭୌମ ଅଧିକାରୀ ହୋଇ ରହିଛି, ଅଧିକ ଯଥାର୍ଥରୂପେ କହିବାକୁ ଗଲେ ଏହାହିଁ ସେହି ଆନନ୍ଦରୂପେ ଅବସ୍ଥିତ ରହିଛି । ପୁଣି କ୍ରିୟାଶୀଳ ହୋଇ ସୃଷ୍ଟି କରିବାକୁ ମନ ବଳାଇଲେ ଏହି ଦ୍ୱିତୀୟ ଅବସ୍ଥାରେ ମଧ୍ୟ ଏହା ସତ୍ତାରୂପୀ ଲୀଳାଜନିତ ଆନନ୍ଦର ଅଧିକାରୀ ହୋଇ ରହିଛି, କିମ୍ବା ଅଧିକ ଯଥାର୍ଥଭାବେ କହିବାକୁ ଗଲେ ଏହାହିଁ ସେହି ଆନନ୍ଦରେ ପରିଣତ ହୋଇଯାଉଛି । ଚେତନା, ଶକ୍ତି ଓ ସଂକଳ୍ପର ଲୀଳାନନ୍ଦରେ ପରିଣତ ହୋଇଯାଉଛି । ଏହି ବିଶ୍ୱ ଯଥାର୍ଥରେ ସେହି ଲୀଳାବ୍ୟତୀତ ଆଉକିଛି ନୁହେଁ, ଏବଂ ସେହି ଆନନ୍ଦ ହେଉଛି ବିଶ୍ୱସତ୍ତାର ଏକମାତ୍ର କାରଣ, ଉତ୍‌ପ୍ରେରକ ତଥା ଉଦ୍ଦେଶ୍ୟ । ଦିବ୍ୟ ଚୈତନ୍ୟ ମଧ୍ୟରେ ସେହି ଲୀଳା ଓ ଆନନ୍ଦ ଚିରନ୍ତନ ଓ ଅବିଚ୍ଛିନ୍ନ ଭାବରେ ଅବସ୍ଥାନ କରୁଛି । ଆମର ଅସଲ ସତ୍ତା, ଅର୍ଥାତ୍ ନକଲ ସତ୍ତା ଅଥବା ମନୋମୟ ଅହଂଦ୍ୱାରା ଆମଠାରୁ ଘୋଡ଼ାଇହୋଇ ରହିଥିବା ଆମର ଆତ୍ମା ବା ଯଥାର୍ଥ ସତ୍ତା ମଧ୍ୟ ଚିରନ୍ତନ ତଥା ନିତ୍ୟଯୁକ୍ତ ଭାବରେ ସେହି ଲୀଳା ଓ ଆନନ୍ଦକୁ ଉପଭୋଗ କରିବାରେ ଲାଗିଛି । ଉପଭୋଗ ନ କରିବାର ପ୍ରଶ୍ନହିଁ ଉଠୁନାହିଁ, କାରଣ ଦିବ୍ୟ ଚେତନା ସହିତ ଏହା ଏକାତ୍ମତା ଲାଭ କରିଛି । ତେଣୁ ଆମର ଭିତରେ ଆବୃତ ହୋଇ ରହିଥିବା ଆତ୍ମାକୁ ଅନାବୃତ କରିଦେବାକୁ ପଡ଼ିବ, ଏହି ଭ୍ରାନ୍ତିମୟ ସତ୍ତା ଅଥବା ମନୋମୟ ଅହଂର ବର୍ତ୍ତମାନ ସ୍ଥିତିକୁ ପରିତ୍ୟାଗ କରି ଏକ ଆରୋହଣ କ୍ରମରେ ସ୍ୱରୂପାତ୍ମାର ସେହି ଉଚ୍ଚତର ସ୍ଥିତିକୁ ଉତ୍ତୀର୍ଣ୍ଣ ହୋଇଯିବାକୁ ପଡ଼ିବ, ଦିବ୍ୟ ଚୈତନ୍ୟ ସହିତ ସେହି ଏକତ୍ୱ ମଧ୍ୟରେ ପ୍ରବେଶ କରିବାକୁ ହେବ । ଦିବ୍ୟଜୀବନର ଆକାଂକ୍ଷା ପୋଷଣ କରୁଥିଲେ, ତାହାର ଉପଲବ୍ଧି ଲାଗି ଆମପାଖରେ ଆଉ ଅନ୍ୟକୌଣସି ଉପାୟ ନାହିଁ । ଆମଭିତରେ ଯେଉଁ ଅନ୍ତଚେତନ ଅଂଶଟି ବର୍ତ୍ତମାନ ରହିଛି, ତାହା ଏହି ଦିବ୍ୟ ଚୈତନ୍ୟର ଅନୁଭବରେ ସତତ ପରିପୂର୍ଣ୍ଣ ହୋଇ ରହିଛି । ତାହା ନ ହୋଇଥିଲେ ଆମର ଅସ୍ତିତ୍ୱହିଁ କଦାପି ସମ୍ଭବ ହୁଅନ୍ତା ନାହିଁ । ମାତ୍ର ଆମର ମନୋମୟ ଚେତନା ସେହି ସମ୍ଭୋଗର ଅଧିକାରରୁ ବଞ୍ଚିତ ହୋଇ ରହିଛି ।

'oaob.nitrkl.ac.in' images reprocessed

ମାତ୍ର ଏକ ପକ୍ଷରେ ସଚ୍ଚିଦାନନ୍ଦର ଅଖଣ୍ଡ ଏକତ୍ୱଟିକୁ ଘୋଷଣା କରି ଅପର ପକ୍ଷରେ ଏହି ମନୋଗତ ଭୂମିର ବିଭକ୍ତ ଖଣ୍ଡିତତାଟିକୁ ସ୍ୱୀକାର କରି ନେବାଦ୍ୱାରା ଆମେ ଦୁଇଟି ପରସ୍ପର-ବିପରୀତ ତତ୍ତ୍ୱକୁ ଆଣି ଆମ ସମ୍ମୁଖରେ ଉପସ୍ଥାପିତ କରିଦେଉଛୁ; ଏଥିଭିତରୁ ଗୋଟିଏ ସତ୍ୟ ହେଲେ ଅପରଟିକୁ ମିଥ୍ୟା ହେବାକୁହିଁ ପଡ଼ିବ, ଗୋଟିକୁ ସମ୍ଭୋଗର ସମ୍ପଦରୂପେ ଗ୍ରହଣ କରିବାକୁ ହେଲେ ଅପରଟିକୁ ବିଲୁପ୍ତ କରିଦେବାକୁହିଁ ପଡ଼ିବ । ମାତ୍ର ତଥାପି କେବଳ ଏକ ମନୋମୟ ଭୂମି ଓ ପ୍ରାଣ ଓ ଶରୀରର ମନୋଗତ ରୂପର ଆଧାର ଉପରେହିଁ ଆମର ଏହି ଜାଗତିକ ଜୀବନର ଅସ୍ତିତ୍ୱ ସମ୍ଭବ ହୋଇ ପାରୁଛି, ଏବଂ ଅଖଣ୍ଡ ସଚ୍ଚିଦାନନ୍ଦର ପ୍ରାପ୍ତି ଲାଗି ମନ, ପ୍ରାଣ ତଥା ଦେହର ଚେତନାକୁ ବିଲୁପ୍ତ କରିଦେବାକୁହିଁ ବାଧ୍ୟ ହେବାକୁ ପଡ଼ିଲେ, ଏଠାରେ ଅର୍ଥାତ୍ ଇହଜଗତରେ ଏକ ଦିବ୍ୟଜୀବନର ପ୍ରତିଷ୍ଠା କେବଳ ଅସମ୍ଭବ ହୋଇ ରହିବ । କାରଣ ଜଗତ୍‌ଅତୀତ ସେହି ସତ୍ୟଟିର ସମ୍ଭୋଗ କରିବା-ଲାଗି ଅର୍ଥାତ୍ ତାହାର ଭିତରକୁ ଫେରିଯାଇ ତାହା ସହିତ ଏକ ହୋଇ ପାରିବାଲାଗି ଆମକୁ ଆଖିବୁଜି ଜାଗତିକ ସତ୍ତାକୁ ବର୍ଜନ କରି ଆସିବାକୁ ପଡ଼ିବ । ଏହି ସିଦ୍ଧାନ୍ତଟିର ପ୍ରମାଦରୁ ରକ୍ଷା ପାଇବାଲାଗି କେବଳ ଗୋଟିଏ ଉପାୟ ରହିଛି । ଯଦି ଆଲୋଚିତ ଏହି ଦୁଇଟି ଅବସ୍ଥା ମଧ୍ୟରେ ସଂଯୋଗକାରୀ ସେତୁରୂପେ କାର୍ଯ୍ୟ କରୁଥିବା ଏପରି ଏକ ମଧ୍ୟବର୍ତ୍ତୀ ଅବସ୍ଥାର ଅବଧାରଣା କରାଯାଇ ପାରିବ, ତେବେଯାଇ ଉପାୟ ମିଳିବ । ଏହି ମଧ୍ୟବର୍ତ୍ତୀ ସେତୁଟି ଅଖଣ୍ଡ ଓ ସଖଣ୍ଡକୁ ପରସ୍ପରର ବୋଧଗମ୍ୟ କରିଦେବ ଏବଂ ଦୁହିଁଙ୍କ ମଧ୍ୟରେ ଏପରି ଏକ ସମ୍ବନ୍ଧର ପ୍ରତିଷ୍ଠା କରିଦେବ, ଯାହାଦ୍ୱାରା କି ମନ, ପ୍ରାଣ ତଥା ଶରୀରର ଏହି ଖୋଳଭିତରେ ଥାଇ ମଧ୍ୟ ଆମପକ୍ଷରେ ଅଖଣ୍ଡ ସଚ୍ଚିଦାନନ୍ଦର ଉପଲବ୍ଧି କରିପାରିବା ତଥାପି ଅସମ୍ଭବ ହେବ ନାହିଁ ।

ଏଭଳି ଏକ ସଂଯୋଗକାରୀ ସେତୁ ଅଛି । ଏହାକୁ ଆମେ ଅତିମାନସ ବା ଋତ-ଚିତ୍ ବୋଲି କହୁଛୁ । କାରଣ ଏହି ତତ୍ତ୍ୱଟି ମନୋମୟ ଭୂମିଠାରୁ ଊର୍ଦ୍ଧ୍ୱତର ସ୍ତରରେ ରହିଛି ଏବଂ ବସ୍ତୁଜଗତର ମୂଳଭୂତ ସତ୍ୟ ଓ ଏକତ୍ୱରେ ସନ୍ନିଯୁକ୍ତଭାବେ ଅବସ୍ଥିତ ରହିଛି ଓ ପ୍ରବୃତ୍ତ ହେଉଛି । ନାନା ପ୍ରତିଭାସ ଓ ନାନା ପ୍ରାକୃତତାରେ ବହୁବିଭକ୍ତ ହୋଇ ରହିଥିବା ମନସହିତ ଏହାକୁ ସମାନ କରି ଦିଆଯାଇ ପାରିବ ନାହିଁ । ଆମେ ଯେଉଁ ସିଦ୍ଧାନ୍ତଟିରୁ ଆମର ଆଲୋଚନା ଆରମ୍ଭ କରିଛୁ, ପ୍ରତ୍ୟକ୍ଷଭାବେ ସେଇଥିରୁହିଁ ଅତିମାନସର ଅସ୍ତିତ୍ୱଲାଗି ନ୍ୟାୟତଃ ଏକ ଆବଶ୍ୟକତା ଅବଶ୍ୟ ରହିଛି । କାରଣ ସ୍ୱରୂପତଃ ସଚ୍ଚିଦାନନ୍ଦ ଯେ ଆନନ୍ଦରୂପୀ ଚେତନ ସତ୍ତାର ଏକ ପରମ ଓ ନିର୍ବିଶେଷ ଦେଶକାଳାତୀତତା ବ୍ୟତୀତ ଆଉକିଛି ନୁହନ୍ତି, ଏକଥା

'oaob.nitrkl.ac.in' images reprocessed

ମାନିବାକୁହିଁ ପଡ଼ିବ । ମାତ୍ର ଅପର ପକ୍ଷରେ ଜଗତ୍ କାଳ ଓ ଦେଶର ଆଧାର ଉପରେ ଏକ ବ୍ୟାପ୍ତିରୂପେ ଅବସ୍ଥିତ ରହିଛି, ଏକ-ଗତିସ୍ପନ୍ଦ ରୂପେ ଅବସ୍ଥିତ ରହିଛି । ଦେଶ ଓ କାଳର ଆସ୍ତରଣ ଭିତରେହିଁ କାର୍ଯ୍ୟକାରଣର କେତେ ବିଚିତ୍ର ସମ୍ବନ୍ଧ ଓ ସମ୍ଭାବନାକୁ ବିକଶିତ କରାଇ ଜଗତ୍ କାର୍ଯ୍ୟକାରୀ ହେଉଛି, ବା ଆମର ଆଖିକୁ ତାହା ସେହିଭଳି ଦେଖାଯାଉଛି । ଦିବ୍ୟ ବିଧାନ ହେଉଛି ଏହି କାର୍ଯ୍ୟକାରଣର ଯଥାର୍ଥ ନାମ ଏବଂ ବିକଶମାନ ବସ୍ତୁର ମର୍ମସ୍ୱଭାବରୂପେ ବିଜ୍ଞାନମୟ ଯେଉଁ ସତ୍ୟଟି ସେହି ବସ୍ତୁଭିତରେ ବର୍ତ୍ତମାନ ରହିଛି, ତାହାର ଅବଶ୍ୟମ୍ଭାବୀ ଆତ୍ମବିକାଶହିଁ ଦିବ୍ୟ ବିଧାନ । ଅନନ୍ତ ସମ୍ଭାବନାର ଅବ୍ୟାକୃତ ସ୍ତୂପରୁ କେତୋଟି ବିଶିଷ୍ଟ ଓ ପରସ୍ପର-ସାପେକ୍ଷ ସ୍ପନ୍ଦନକୁ ପୂର୍ବରୁ ନିରୂପିତ ଏକ ଛନ୍ଦ ଅନୁସାରେ ନିୟନ୍ତ୍ରିତ କରି ରଖିବା ହେଉଛି ଦିବ୍ୟ ବିଧାନର କାର୍ଯ୍ୟ । ସକଳ ବସ୍ତୁର ପରିଣତି-କାରଣ ରୂପେ ରହିଥିବା ଏହାକୁ ଆମେ ନିଶ୍ଚୟ ଏକ ଜ୍ଞାନମୟୀ ଇଚ୍ଛାଶକ୍ତି କିମ୍ବା ଚେତନାମୟତାର ଏକ ଶକ୍ତି ବୋଲି କହିବା । କାରଣ ବିଶ୍ୱର ସକଳ ପରିପ୍ରକାଶ ହେଉଛି ସତ୍ତାର ମୂଳଭୂତ ସ୍ୱଭାବରୂପେ ବିଦ୍ୟମାନ ରହିଥିବା ଚେତନାମୟ ଶକ୍ତିର ଏକ ଲୀଳା ମାତ୍ର । ମାତ୍ର ସକଳ ପରିଣତିର ଜନନୀ ଏହି ଜ୍ଞାନମୟୀ ଇଚ୍ଛାଶକ୍ତି କଦାପି ଏକ ମନୋମୟୀ ଶକ୍ତି ହୋଇ ପାରିବ ନାହିଁ । କାରଣ ଏହି ଦିବ୍ୟ ବିଧାନକୁ ଜାଣିବାଲାଗି, ଆୟତ୍ତ ବା ନିୟନ୍ତ୍ରିତ କରିବାଲାଗି ମନର ଆଦୌ କୌଣସି ସାମର୍ଥ୍ୟ ନାହିଁ । ଅପର ପକ୍ଷରେ ଦିବ୍ୟ ବିଧାନହିଁ ମନର ନିୟନ୍ତ୍ରଣ ଓ ଶାସନ କରୁଛି । ମନ ତାହାର କେବଳ ଗୋଟିଏ ପରିଣାମ ମାତ୍ର, ଆତ୍ମପରିଣାମର ପ୍ରାତିଭାସିକ ଭୂମିରେହିଁ ମନର ବିଚରଣ । ତା'ର ମୂଳପ୍ରବେଶ କରିବାଲାଗି ମନର ସାମର୍ଥ୍ୟ ନାହିଁ । ରୂପାୟନ-ପ୍ରକ୍ରିୟାର ପରିଣତିଗୁଡ଼ିକୁ ମନ କେବଳ ବିଭକ୍ତ ବସ୍ତୁରୂପରେ ଦେଖିଥାଏ, ଏବଂ ସେଗୁଡ଼ିକର ମୂଳ ଓ ଯଥାର୍ଥ ସତ୍ୟର ସନ୍ଧାନ ପାଇବାଲାଗି ବୃଥା ଚେଷ୍ଟାହିଁ କରୁଥାଏ । ପୁଣି, ସକଳ ପରିଣତିର କାରଣସ୍ୱରୂପ ଏହି ଜ୍ଞାନମୟୀ ଇଚ୍ଛାଶକ୍ତି ଭିତରେ ଅନିବାର୍ଯ୍ୟ ଭାବରେ ବସ୍ତୁଗୁଡ଼ିକର ମୂଳ ଏକତ୍ୱଟି ମଧ୍ୟ ଅବସ୍ଥିତ ରହିଥିବା ଉଚିତ । କାରଣ କେବଳ ସେହି ଏକତ୍ୱରୁହିଁ ସେ ବହୁତ୍ୱର ପ୍ରକାଶ କରାଇ ପାରିବ । ମାତ୍ର ସେହି ଏକତ୍ୱ ମନଭିତରେ ନାହିଁ । ବହୁତ୍ୱର କେବଳ ଏକ ଅଂଶ ଉପରେହିଁ ତାହାର ଏକ ଅସମ୍ପୂର୍ଣ୍ଣ ଅଧିକାର ରହିଛି ।

ତେଣୁ ମନଃସ୍ତରରୁ ଊର୍ଦ୍ଧ୍ୱରେ ଅବସ୍ଥିତ ଏକ ତତ୍ତ୍ୱ ରହିଥିବା ଏକାନ୍ତ ଆବଶ୍ୟକ, ଯାହାକି ମନ ଅସମର୍ଥ ହୋଇ ପଡ଼ୁଥିବା ଅବସ୍ଥାଗୁଡ଼ିକରେ ସଫଳଭାବେ କାର୍ଯ୍ୟକାରୀ ହୋଇପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି ଏକ ତତ୍ତ୍ୱରୂପେ ପ୍ରତିଷ୍ଠିତ ହୋଇ ପାରିବା ଲାଗି ସଚ୍ଚିଦାନନ୍ଦର ପୂର୍ଣ୍ଣ ସାମର୍ଥ୍ୟ ରହିଛି । ମାତ୍ର ଆପଣାର ବିଶୁଦ୍ଧ, ଅନନ୍ତ ଓ ଅପରିବର୍ତ୍ତନୀୟ ଚୈତନ୍ୟର ପରମସ୍ଥିତିରେ

'oaob.nitrkl.ac.in' images reprocessed

ନିଷ୍କଳ ହୋଇ ବସିଥିବା ସଚ୍ଚିଦାନନ୍ଦ ଦ୍ୱାରା ଏଠାରେ କୌଣସି କାର୍ଯ୍ୟ ସାଧିତ ହୋଇ ପାରିବ ନାହିଁ । ମାତ୍ର ଆପଣାର ଏହି ନିଷ୍କଳ ଆବସ୍ଥିତିରୁ ବାହାରି, ଆପଣାକୁ ଏକ ଭୂମି ଓ ଏକ କ୍ଷେତ୍ରରୂପେ ବ୍ୟବହାର କରି ସେ ଯେତେବେଳେ ଆପଣା ଶକ୍ତିର ସ୍ୱକୀୟ ରୂପଟିକୁ ବହନ କରୁଥିବା ଓ ବିଶ୍ୱସୃଷ୍ଟିର ସାଧନରୂପେ କାର୍ଯ୍ୟ କରୁଥିବା ଏକ ଗତିସ୍ପନ୍ଦନ ମଧ୍ୟରେ ପ୍ରବେଶ କରନ୍ତି, ଏଠାରେ ଆମେ ସଚ୍ଚିଦାନନ୍ଦର ସେହି କଳ୍ପନାଟିକୁହିଁ ଧାରଣ କରି ରଖିବା । ଚେତନା ଓ ଶକ୍ତି ହେଉଛି ବିଶୁଦ୍ଧ ସଦ୍‌ବସ୍ତୁର ଯମଜରୂପୀ ଦୁଇଟି ମୌଳିକ ବିଭବ । ତେଣୁ କାଳ ଓ ଦେଶର ବ୍ୟାପ୍ତି-ଉପରେ ବିବିଧ ସମ୍ବନ୍ଧିତତାର ଏହି ବିଶ୍ୱର ରଚନା କଲାବେଳେ ସେହି ବିଶୁଦ୍ଧ ଶକ୍ତି, ଜ୍ଞାନ ଓ ଇଚ୍ଛାଶକ୍ତିର ରୂପକୁ ଅବଶ୍ୟ ଗ୍ରହଣ କରୁଥିବ । ଏବଂ ଏହି ଜ୍ଞାନ ଓ ଏହି ଇଚ୍ଛାଶକ୍ତିକୁ ଅଖଣ୍ଡ, ଅନନ୍ତ, ସର୍ବଗ୍ରାହୀ ଓ ସର୍ବଧାରୀ ହେବାକୁ ପଡ଼ିବ । ଏହାଭିତରେ ସକଳ ରୂପାୟନର ସାମର୍ଥ୍ୟ ରହିବାକୁ ପଡ଼ିବ; ରୂପ ଓ ଗତିର ଗ୍ରନ୍ଥି ଭିତରେ ପକାଇ ଏହା ଯାହାକିଛି ତିଆରି କରିବ, ତାହା ତାହାରି ଭିତରେହିଁ ଶାଶ୍ୱତ ଭାବରେ ଅବଶ୍ୟ ଅବସ୍ଥିତ ରହିଥିବ । ସୁତରାଂ ଯେତେବେଳେ ପରମ ସତ୍ତ୍ୱସ୍ୱରୂପ ଏକ ନିର୍ଦ୍ଦିଷ୍ଟ ବା ବିଶିଷ୍ଟ ଆତ୍ମଜ୍ଞାନ ଭିତରକୁ ବାହାରି ଆସି ଆପଣାର କୌଣସି ବିଶେଷ ସତ୍ୟଚୟକୁ ଅନୁଭବ କରନ୍ତି ଏବଂ ଏକ ଦେଶକାଳାଧୀନ ବ୍ୟାପ୍ତି ମଧ୍ୟରେ ଆପଣାର ଦେଶକାଳାତୀତ ସତ୍ତ୍ୱାକୁ ଉପଲବ୍ଧି କରିବାଲାଗି ଇଚ୍ଛୁକ ହୁଅନ୍ତି, ଆମେ ସେତିକି-ବେଳେ ତାଙ୍କୁ ଅଧିମାନସ ବୋଲି କହିବା । ତାଙ୍କର ଆତ୍ମସତ୍ତ୍ୱା ଭିତରେ ଯାହାକିଛି ରହିଥାଏ, ତାହା ଆତ୍ମଜ୍ଞାନରେ ରୂପାୟିତ ହୋଇଯାଏ, ଋତ-ଚିତ୍ ବା ସଦ୍‌ଭୂତ-ବିଜ୍ଞାନରେ ରୂପାୟିତ ହୋଇଯାଏ । ଏବଂ ସେହି ଆତ୍ମଜ୍ଞାନ ଆତ୍ମଶକ୍ତି ମଧ୍ୟ ହୋଇ-ଥିବାରୁ ଦେଶ ଓ କାଳର ଆୟତନ ଭିତରେ ଅନିବାର୍ଯ୍ୟତଃ ଆପଣାକୁ ପରିପୂର୍ତ୍ତି କରେ, ଅର୍ଥାତ୍ ଆପଣାର ଉପଲବ୍ଧି କରିଥାଏ ।

ତେବେ ଏହାହିଁ ହେଉଛି ଦିବ୍ୟ ଚେତନାର ସ୍ୱଭାବ । ଆପଣା ଚିତ୍‌ଶକ୍ତିର ସଞ୍ଚାଳନ ଦ୍ୱାରା ଦିବ୍ୟ ଚେତନା ଆପଣାଭିତରେ ସକଳ ବସ୍ତୁର ସୃଷ୍ଟି କରେ ଓ ଏକ ଆତ୍ମବିବର୍ତ୍ତନର ମାଧ୍ୟମରେ ସେହି ବସ୍ତୁଗୁଡ଼ିକରେ ବିଶିଷ୍ଟ ରୂପାୟନ ଆଣି ଦେଇଥିବା ସତ୍ତ୍ୱାର ସତ୍ୟ ଓ ସଦ୍‌ଭୂତ ବିଜ୍ଞାନ ବିଷୟରେ ଆପଣାର ଅନ୍ତର୍ନିହିତ ଜ୍ଞାନମୟୀ ଶକ୍ତିଦ୍ୱାରା ସେଗୁଡ଼ିକର ବିବର୍ତ୍ତନ ଓ ବିପରିଣାମକୁ ନିୟନ୍ତ୍ରଣ କରିଥାଏ । ଏହି ଜ୍ଞାନଚେତନାମୟ ପରମ ସତ୍ତ୍ୱାକୁ ଆମେ ଈଶ୍ୱର ବୋଲି କହୁ । ଏବଂ ସେହି ଈଶ୍ୱର ସ୍ୱଭାବତଃ ସର୍ବଗତ, ସର୍ବବିତ୍ ତଥା ସର୍ବଶକ୍ତିମାନ । ସେ ସର୍ବଗତ, କାରଣ ସକଳ ରୂପ ତାଙ୍କରି ଚେତନ ସତ୍ତ୍ୱାର ରୂପାୟନ ମାତ୍ର । ଏହି ଚେତନ ସତ୍ତ୍ୱାର ସଞ୍ଚାଳନଶକ୍ତି ଦ୍ୱାରା ଦେଶ ଓ କାଳବାଚକ ସେହି ସ୍ୱବ୍ୟାପ୍ତିରେହିଁ ସକଳ ରୂପର ସୃଷ୍ଟି ହୋଇଛି ।

'oaob.nitrkl.ac.in' images reprocessed

ସେ ସର୍ବବ୍ୟାପ୍ତ, କାରଣ ତାଙ୍କର ଚିତ୍‌ସତ୍ତାରେହିଁ ସକଳ ସୃଷ୍ଟ ପଦାର୍ଥ ଅବସ୍ଥିତ ରହିଛି, ତାହାଦ୍ୱାରା ରୂପାୟିତ ଓ ଆବୃତ ହୋଇ ରହିଛି । ସେ ସର୍ବଶକ୍ତିମାନ୍, କାରଣ ଏହି ସର୍ବଗ୍ରାହୀ ଚେତନା ହେଉଛି ଏକାଧାରରେ ଏକ ସର୍ବଗ୍ରାହୀ ଶକ୍ତି ଓ ଏକ ସର୍ବପ୍ରେରଣକାରୀ ଇଚ୍ଛାଶକ୍ତି । ଆମ ପ୍ରାକୃତ ଓ ପ୍ରାତିଭାସିକ ଜୀବନର ଇଚ୍ଛା ଓ ଜ୍ଞାନ ଭିତରେ ପାରସ୍ପରିକ ଦ୍ୱନ୍ଦ୍ୱ ଓ ସଂଘର୍ଷର ସାମର୍ଥ୍ୟ ରହିଥିବା ଭଳି ଈଶ୍ୱରୀୟ ଇଚ୍ଛାଶକ୍ତି ତଥା ଈଶ୍ୱରୀୟ ଜ୍ଞାନ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ବା ସଂଘର୍ଷ ଉପୁଜିବାର ଆଦୌ ସମ୍ଭାବନା ନାହିଁ । କାରଣ ସେମାନେ ପରସ୍ପରଠାରୁ ଆଦୌ ଭିନ୍ନ ନୁହନ୍ତି, ସେମାନେ ସେଇ ଗୋଟିଏ ସତ୍ତାର ଏକ ଅଭିନ୍ନ ଗତିସ୍ପନ୍ଦନ ବ୍ୟତୀତ ଆଉ କିଛି ନୁହନ୍ତି । ବାହାରୁ ବା ଭିତରୁ ଅନ୍ୟକୌଣସି ସଙ୍କଳ୍ପ, ଶକ୍ତି କିମ୍ବା ଚେତନା ଆସି ସେଗୁଡ଼ିକ ସହିତ କୌଣସି ବିରୋଧ ଜାତ କରାଇବାର ସମ୍ଭାବନା ମଧ୍ୟ ଆଦୌ ନାହିଁ । କାରଣ ଅଦ୍ୱୟ ଏକୈକ ସତ୍ତାର ବାହାରେ କୌଣସି ଚେତନା କିମ୍ବା ଶକ୍ତିର ଅସ୍ତିତ୍ୱହିଁ କଦାପି ରହି ନପାରେ । ଏବଂ ତାହାର ଭିତରେ ମଧ୍ୟ ସମାହିତ ହୋଇ ରହିଥିବା ସକଳ ଶକ୍ତି ତଥା ଜ୍ଞାନରୂପାୟନ ବି ତାହାଠାରୁ କୌଣସିପ୍ରକାରେ ଭିନ୍ନ ନୁହନ୍ତି । ଅପର ପକ୍ଷରେ ସେଗୁଡ଼ିକ ହେଉଛନ୍ତି ସେହି ଏକ ସର୍ବନିୟାମକ ଇଚ୍ଛାଶକ୍ତି ଓ ସେହି ଏକ ସର୍ବସମନ୍ୱୟକାରୀ ଜ୍ଞାନମୟତାର କେବଳ ଏକ ଲୀଳାମାତ୍ର । ବିଶେଷତା ଓ ବିଭକ୍ତତାର ଆୟତନ ଭିତରେ ଆତଯାତ ହେଉଥିବାରୁ ଏବଂ ସମଗ୍ରଟିକୁ ଦେଖି ପାରିବାଲାଗି ସମର୍ଥ ହେଉ ନଥିବାରୁ ଯାହା ଆମ ଆଖିକୁ ନାନା ଇଚ୍ଛା ଓ ନାନା ଶକ୍ତିର ଏକ ସଂଘାତରୂପେ ପରିଦୃଷ୍ଟ ହୁଏ, ଅଧିମାନସ ତାହାକୁହିଁ କୌଣସି ପୂର୍ବନିର୍ଦ୍ଦିଷ୍ଟ ସମନ୍ୱୟଯୋଜନାର ସଙ୍ଗଠକ ଉପାଦାନରୂପେ ପ୍ରତ୍ୟକ୍ଷ କରିଥାଏ । ଅଧିମାନସ କେବଳ ସମନ୍ୱୟ ଓ ସୌଷମ୍ୟ ବ୍ୟତୀତ ଆଉ କିଛିହେଲେ ଦେଖିପାରେ ନାହିଁ, କାରଣ ଏହାର ଚକ୍ଷୁ ସମକ୍ଷରେ ବସ୍ତୁସମୂହର ସମଗ୍ରତାଟିହିଁ ନିରନ୍ତର ବିଦ୍ୟମାନ ।

ଉକ୍ତ ଚେତନାର କ୍ରିୟା ଯେକୌଣସି ସ୍ଥିତି ଅଥବା ଯେକୌଣସି ରୂପରେ ରହିଥାଉ ପଛକେ, ଏହାହିଁ ସର୍ବଦା ତାହାର ସ୍ୱଭାବ ହୋଇ ରହିଥିବ । ମାତ୍ର ଏହାର ଅସ୍ତିତ୍ୱ ଏକ ପରମ ଅସ୍ତିତ୍ୱରୂପେ ଏହାର ଭିତରେହିଁ ସଦାବିଦ୍ୟମାନ ଥିବାରୁ ଏହାର ସତ୍ତାଶକ୍ତି ମଧ୍ୟ ଆପଣାର ବ୍ୟାପ୍ତି ରୂପରେ ଏକ ପରମ ବ୍ୟାପ୍ତିରୂପେ ବିଦ୍ୟମାନ ଥାଏ, ଏବଂ ସେହି କାରଣରୁ ଏହା କେବଳ ଗୋଟିଏ ସ୍ଥିତି କିମ୍ବା କ୍ରିୟାର ଗୋଟିଏ ରୂପରେ କଦାପି ଆବଦ୍ଧ ହୋଇ ରହି ପାରିବ ନାହିଁ । ପ୍ରାତିଭାସିକ ଦୃଷ୍ଟିରୁ ଦେଖିଲେ ମନୁଷ୍ୟ ହେଉଛି ଦେଶ ଓ କାଳର ସୀମାୟିତ ହୋଇ ରହିଥିବା ଚେତନାର କେବଳ ଗୋଟିଏ ବିଶେଷ ରୂପମାତ୍ର । ମନୁଷ୍ୟ ହିସାବରେ ଆମେ ଆମର କେବଳ ଉପରି-ଭାଗରେ ପ୍ରତିଭାସିତ ହେଉଥିବା ଚେତନାକୁହିଁ ଆମର ସମଗ୍ର ସ୍ୱରୂପ ବୋଲି



'oaob.nitrkl.ac.in' images reprocessed

ଜାଣିଅଛୁ । ତେଣୁ ଯେକୌଣସି କାଳସୀମାର ଆଧାର ଉପରେ ଆପଣାକୁ ଦେଖିଲାବେଳେ ଆମେ ଆମର କେବଳ ଗୋଟିଏ ରୂପ, ଗୋଟିଏ ଏକକ, ଅସ୍ତିତ୍ୱର କେବଳ ଗୋଟିଏ ସ୍ଥିତି ତଥା ଅନୁଭୂତିର କେବଳ ଗୋଟିଏ ଆପାତ-ସମାହାରକୁହିଁ ଦେଖିବାକୁ ପାଉ । ଏବଂ ସେହି ଗୋଟିଏ କଳନାକୁହିଁ ଆମେ ଆମବିଷୟରେ ସକଳ ସତ୍ୟବୋଲି ସ୍ୱୀକାର କରିନେଉ । ତଦ୍‌ବ୍ୟତୀତ ଅବଶିଷ୍ଟ ଆଉସବୁକୁ ଆମେ ଅସତ୍ୟ ବୋଲି କହୁ ଓ ସତ୍ୟ ହେବାଲାଗି ଏସବୁର ଆଉ କୌଣସି ଆଧାର ନାହିଁ ବୋଲି ମାନିଥାଉ, କାରଣ ଆମ ଜ୍ଞାନପରିଧି ଭିତରୁ ତାହା ଅତୀତ ଭିତରକୁ ଅନ୍ତର୍ହିତ ହୋଇ ଯାଇଥାଏ । ଅଥବା ଆମେ ତାହାକୁ ସତ୍ୟ ବୋଲି ସ୍ୱୀକାର କରିବାର କୌଣସି ଅବସର ଏପର୍ଯ୍ୟନ୍ତ ଆସିନାହିଁ ବୋଲି କହିଥାଉ, କାରଣ ଏହା ହୁଏତ ଭବିଷ୍ୟତର ଗହନ ଭିତରେ କୋଉଠି ଅନୁଦ୍‌ଘାଟିତ ଭାବରେ ଅପେକ୍ଷା କରିରହିଛି ଓ ଏପର୍ଯ୍ୟନ୍ତ ଆମର ଜ୍ଞାନପରିଧି ଭିତରକୁ ଆସି ପାରିନାହିଁ । ମାତ୍ର ଦିବ୍ୟ ଚେତନାର କ୍ଷେତ୍ର ଭିତରେ ବିଶିଷ୍ଟ ରୂପପ୍ରସୀମନ ଲାଗି କୌଣସି ସ୍ଥାନ ନାହିଁ, ଏସବୁ ସୀମାବଦ୍ଧତାର କୌଣସି ଅବସର ନାହିଁ । ଏକ ସମୟରେ ଅନେକ ଓ ବିବିଧ ରୂପ ଗ୍ରହଣ କରିବାଲାଗି ତଥା ଶାଶ୍ୱତ ନିତ୍ୟକାଳ ଯାବତ ଏକାଧିକ ସ୍ଥାୟୀ ସ୍ଥିତିରେ ଅବସ୍ଥାନ କରି ରହିବାଲାଗି ଏହାର ପୂର୍ଣ୍ଣ ସାମର୍ଥ୍ୟ ରହିଛି । ଆମେ ଲକ୍ଷ୍ୟ କରିପାରିବା ଯେ ଅତିମାନସ-ତତ୍ତ୍ୱ-ଭିତରେ ଏହାର ବିଶ୍ୱସ୍ଥାପନକାରୀ ଚେତନାର ତିନୋଟି ସାଧାରଣ ସ୍ଥିତି ବା ଚରଣ ରହିଛି । ପ୍ରଥମ ଚରଣଟି ବସ୍ତୁଚୟର ଏକତ୍ୱଟିକୁ ପ୍ରତିଷ୍ଠା କରେ । ଦ୍ୱିତୀୟ ଚରଣଟି ସେହି ଏକତ୍ୱ ଭିତରେ ଆବଶ୍ୟକ ବିଭାବନର ସଞ୍ଚାର କରାଏ ଏବଂ ସେହି ବିଭାବନହିଁ ଏକରେ ବହୁ ତଥା ବହୁରେ ଏକର ଆତ୍ମପ୍ରକାଶ ଲାଗି ଆଧାର ହୋଇ ରହେ । ତୃତୀୟ ଚରଣରେ ଅଧିକ ବିଭାବନ ଓ ବିଭାଜନ ସଂଘଟିତ ହୁଏ, ଯାହାକି ଏକ ବହୁବିଚିତ୍ର ବ୍ୟକ୍ତିତ୍ୱର ବିବର୍ତ୍ତନଲାଗି ଆଧାରରୂପେ କାର୍ଯ୍ୟ କରେ । ଏବଂ ଅବିଦ୍ୟାର ଆୟତ୍ତାଧୀନ ହୋଇ ରହିଥିବାରୁ ଏକ ନିମ୍ନତର ସ୍ତରରେ ତାହା ଆମ ଭିତରେ ଭେଦବୋଧୀ ଅହଂର ଭ୍ରାନ୍ତିରେହିଁ ପରିଣତ ହୋଇଯାଏ ।

ବସ୍ତୁସମୂହର ଅବିଚ୍ଛେଦ୍ୟ ଏକତ୍ୱଟିର ପ୍ରତିଷ୍ଠା କରୁଥିବା ଅତିମାନସର ଏହି ପ୍ରଥମ ତଥା ପ୍ରାଥମିକ ସ୍ଥିତିଟିର ସ୍ୱଭାବ ବିଷୟରେ ଆମେ ଆଗରୁ ଆଲୋଚନା କରି ଦେଖିଛୁ । ଏହି ଏକତ୍ୱଟିକୁ ବିଶୁଦ୍ଧ ଓ ଅଖଣ୍ଡ ଚେତନାର ସମତୁଲ କରାଯାଇ ପାରିବ ନାହିଁ । କାରଣ ସେହି ବିଶୁଦ୍ଧ ଓ ଅଖଣ୍ଡ ଚେତନା ହେଉଛି ସଚ୍ଚିଦାନନ୍ଦର ଏକ ଦେଶକାଳାତୀତ କେନ୍ଦ୍ରୀଭୂତ ଅବସ୍ଥା, ଯାହାକି ଆପଣାକୁ କୌଣସି ପ୍ରକାର ପ୍ରସାରଣ ଭିତରେ ପକାଇ ଦିଏ ନାହିଁ । ସେହି ଅବସ୍ଥାରେ ବି ଏହି ବିଶ୍ୱ ତାହାର ଭିତରେ ଅବସ୍ଥିତ ରହିଛି, ବୋଲି କୁହାଗଲେ ମଧ୍ୟ କେବଳ ଆପଣାର ବୀଜରୂପରେ

'oaob.nitrkl.ac.in' images reprocessed

ଅର୍ଥାତ୍ ଶାଶ୍ୱତ ସମ୍ଭାବନାମୟ ଅନ୍ତର୍ନିହିତତାରେ ଅବସ୍ଥିତ ରହିଥାଏ । ସେଠାରେ କାଳାଧୀନ ବାସ୍ତବତାର କୌଣସି ଉନ୍ମେଷହିଁ ହୋଇ ନ ଥାଏ । ଅପର ପକ୍ଷରେ ଅତିମାନସର ଏହି ପ୍ରଥମ ସ୍ଥିତିଟିକୁ ଆମେ ସର୍ବସମାବେଶକ, ସର୍ବସଂଗ୍ରାହକ ତଥା ସର୍ବାକାରଧାରକ ସଚ୍ଚିଦାନନ୍ଦର ଏକ ସମବ୍ୟାପ୍ତ ଆତ୍ମବସ୍ଥାର ବୋଲି କହିବା । ମାତ୍ର ଏଠାରେ ସର୍ବ କହିଲେ ଅନେକଙ୍କୁ ବୁଝାଇବ ନାହିଁ, କେବଳ ଏକକୁହିଁ ବୁଝାଇବ; କାରଣ ସେତେବେଳଯାଏ ସେଠାରେ କୌଣସି ବ୍ୟଷ୍ଟିଭାବର ଆବିର୍ଭାବହିଁ ହୋଇନାହିଁ । ଆମର ନସ୍ତତ୍ୱ ଓ ପରିଶୁଦ୍ଧ ଚିତ୍ତଉପରେ ଏହି ଅତିମାନସର ପ୍ରତିଫଳନ ହେବାଦ୍ୱାରାହିଁ ଆମ ବ୍ୟକ୍ତିତ୍ୱ ଅଥବା ବ୍ୟଷ୍ଟିତ୍ୱର ସକଳ ଅନୁଭବ କୁଆଡ଼େ ହଜିଯାଏ, କୁଆଡ଼େ ଅନ୍ତର୍ହିତ ହୋଇଯାଏ । କାରଣ କୌଣସି ବ୍ୟଷ୍ଟିଗତ ଅଭିବ୍ୟକ୍ତିର ଅବଲମ୍ବନ ହେବାଲାଗି ସେତେବେଳେ ଚେତନାର ଆଉ କୌଣସି କେନ୍ଦ୍ରୀକରଣହିଁ ନଥାଏ । କେବଳ ଏକତ୍ୱରେ ଓ ଏକରୂପରେହିଁ ସକଳର ଅଭିବ୍ୟକ୍ତ ହୁଏ, କୌଣସି ସ୍ୱତନ୍ତ୍ର ସତ୍ତ୍ୱରୂପେ ନରହି ଏହି ଦିବ୍ୟ ଚେତନାର ଆତ୍ମସତ୍ତ୍ୱର ଭାବରୂପେହିଁ ସକଳ ବିଧୃତ ହୋଇ ରହିଥାଏ । ଆମର ମନଃପଟ ଉପରେ ଉଦୟ ହେଉଥିବା ଭାବନା ବା ପ୍ରତିରୂପଗୁଡ଼ିକ ଯେପରି ଆମଠାରୁ ସ୍ୱତନ୍ତ୍ର ଓ ପୃଥକ୍ କୌଣସି ସତ୍ତ୍ୱା ଆଦୌ ନୁହନ୍ତି, ଆମ ସ୍ୱଚେତନାର ବିଭିନ୍ନ ରୂପହିଁ ଯେପରି ସେଗୁଡ଼ିକର ମାଧ୍ୟମରେ ଉକୁଟି ଉଠିଥାଏ, ଏହି ପ୍ରାଥମିକ ଚରଣର ଅତିମାନସର ସକଳ ନାମ ଓ ରୂପସହିତ ପ୍ରାୟ ସେହିପରି ଏକ ସମ୍ବନ୍ଧ ରହିଛି । ଅନନ୍ତ ମଧ୍ୟରେ ଏହା ହେଉଛି ଶୁଦ୍ଧ ଦିବ୍ୟ ଚେତନାର ବିଜ୍ଞାନ ଓ ରୂପାୟନ; ମନୋଭୂମିଗତ ଭାବନାର ଏକ ଅବାସ୍ତବ ମିଛଖେଳ ରୂପେ ନୁହେଁ, ମାତ୍ର ସଚେତନ ସତ୍ତ୍ୱାର ଏକ ସତ୍ୟଲୀଳା ରୂପେ ଏହି ବିଜ୍ଞାନ ଓ ରୂପାୟନର ଆୟୋଜନ ହୋଇଛି । ଏହି ଭୂମିରେ ଅବସ୍ଥିତ ଦିବ୍ୟ ଆତ୍ମାର ଚିତ୍ରୂପ ଏବଂ ଶକ୍ତିରୂପ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । କାରଣ ଏଠାରେ ଯାବତୀୟ ଶକ୍ତି କେବଳ ଚୈତନ୍ୟର କ୍ରିୟାରୂପେହିଁ ପ୍ରକଟିତ ହେଉଛି । ସେହିପରି ଜଡ଼ ଓ ଚେତନ ମଧ୍ୟରେ ବି ଏଠାରେ କୌଣସି ଭେଦ ନାହିଁ, କାରଣ ଯାବତୀୟ ଆଧାର ଏଠାରେ କେବଳ ଚୈତନ୍ୟର ରୂପହିଁ ଧାରଣ କରି ରହିଛି ।

ଅତିମାନସର ଦ୍ୱିତୀୟ ସ୍ଥିତିରେ ଦିବ୍ୟ ଚେତନା ଆପଣାର ଅନ୍ତଃସ୍ଥିତ ଗତିସ୍ପନ୍ଦନରୁ ବିଜ୍ଞାନ ଭିତରକୁ ଅପସରି ଯାଏ ଏବଂ ପ୍ରଜ୍ଞାନର ଦୃଷ୍ଟିରେ ତାହାକୁ ଅନୁଭବ କରିବାକୁ ଲାଗେ । ତାହାର ଅନୁସରଣ କରି ଓ ତା'ର ସକଳ ପ୍ରବୃତ୍ତିରେ ଅଧିଷ୍ଠିତ ଓ ଆବିଷ୍ଟ ହୋଇ ତାହା ଆପଣାକୁ ସତେଅବା ଆପଣାର ନାନାରୂପରେ ବିକୀର୍ଣ୍ଣ କରି ଦେବାପରି ବୋଧ ହେଉଥାଏ । ଯାବତୀୟ ନାମ ଓ ରୂପରେ ସେହି ଏକ ସ୍ଥିର ଓ ସଚେତନ ଆତ୍ମାରୂପେ ଆପଣାକୁ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ

'oaob.nitrkl.ac.in' images reprocessed

ତାହା ନିଜକୁ ଏପରି ଏକ କେନ୍ଦ୍ରୀଭୂତ ଆତ୍ମାରୂପେ ପ୍ରତ୍ୟକ୍ଷ କରିଥାଏ, ଯାହାକି ଗତିସ୍ପନ୍ଦନର ବ୍ୟଷ୍ଟିଗତ ଲୀଳାର ଅନୁସରଣ କରୁଥାଏ ଓ ତାହାର ଅବଲମ୍ବନ ହୋଇ ରହିଥାଏ, ଏବଂ ଗତିସ୍ପନ୍ଦନର ଅନ୍ୟ ଲୀଳାଟିରୁ ଆପଣାକୁ ପୃଥକ୍ କରି ରଖିଥାଏ । ମର୍ମଗତ ମୂଳସତ୍ୟରେ ସବୁଠାରେ ସମାନରୂପେ ରହିଥିଲେହେଁ ତାହାର ମର୍ମଗତ ବିଭିନ୍ନ ରୂପରେ ବୈଚିତ୍ର୍ୟ ରହିଥାଏ । ମର୍ମଗତ ରୂପର ଅବଲମ୍ବନ ହୋଇ ରହିବାଲାଗି କେନ୍ଦ୍ରୀଭୂତ ହେବାର ଏହି କ୍ରିୟାକୁ ଆମେ ଦିବ୍ୟ ପରମସତ୍ତାର ବ୍ୟକ୍ତି-ରୂପ ଅଥବା ଜୀବାତ୍ମା ବୋଲି କହିବା ଏବଂ ଏହାକୁ ବିଶ୍ୱଗତ ଦିବ୍ୟ ପରମସତ୍ତା ଅଥବା ଏକ ଓ ଅଖଣ୍ଡ ସର୍ବାଶ୍ରୟ ଆତ୍ମାଠାରୁ ପୃଥକ୍ କରି ଅନୁଭବ କରିବା । ଅବଶ୍ୟ ଯଥାର୍ଥରେ ଏଠାରେ କୌଣସି ପାର୍ଥକ୍ୟ ରହିବ ନାହିଁ, ମାତ୍ର ଯଥାର୍ଥ ଏକତ୍ୱକୁ କଦାପି ବିଲୁପ୍ତ କରି ଦେଉନଥିବା ସେହି ଲୀଳାକୁ ସମ୍ଭବ କରିବା ନିମିତ୍ତ କେବଳ ଏକ ବ୍ୟାବହାରିକ ପାର୍ଥକ୍ୟହିଁ ରହିଥିବ । ବିଶ୍ୱଗତ ଦେବାତ୍ମା ରୂପାୟିତ ସକଳ ଆତ୍ମାକୁ କେବଳ ଆତ୍ମରୂପ ବୋଲି ଜାଣିବ, ଏବଂ ତଥାପି ପ୍ରତ୍ୟେକଟି ସହିତ ସ୍ୱତନ୍ତ୍ର ଭାବରେ ପୃଥକ୍ ପୃଥକ୍ ସମ୍ବନ୍ଧ ସ୍ଥାପନ କରିବ ତଥା ପ୍ରତ୍ୟେକ ରୂପରେ ଅନ୍ୟ ସକଳ ରୂପଗୁଡ଼ିକ ସହିତ ମଧ୍ୟ ପୃଥକ୍ ପୃଥକ୍ ସମ୍ବନ୍ଧ ସ୍ଥାପନ କରିବ । ଜୀବାତ୍ମା ଆପଣାର ସତ୍ତାକୁ ସେହି ଅଦ୍ୱୟ ଏକରହିଁ ଆତ୍ମରୂପ ତଥା ଆତ୍ମସ୍ପନ୍ଦନ ବୋଲି ପ୍ରତ୍ୟକ୍ଷ କରିବ, ଏବଂ ସଂଜ୍ଞାନ କ୍ରିୟାର ସହାୟତା ଦ୍ୱାରା ସେହି ଅଦ୍ୱୟ ସହିତ ତଥା ଆତ୍ମାର ସକଳ ରୂପସହିତ ଆପଣାର ପରମ ଅଭିନ୍ନତ୍ୱକୁ ଅନୁଭବ କରିବା ସଙ୍ଗେସଙ୍ଗେ ସେ ଅତିମାନସର ପ୍ରଜ୍ଞାନଶକ୍ତି ବଳରେ ଆପଣା ବ୍ୟଷ୍ଟିଲୀଳାର ଅବଲମ୍ବନ ହୋଇ ରହିବ ଏବଂ ତାହାକୁ ଉପଭୋଗ ମଧ୍ୟ କରିବ । ଅଦ୍ୱୟ ସ୍ୱରୂପ ଓ ତା'ର ସକଳ ବିଭୂତି ସହିତ ଜୀବାତ୍ମାର ଏକ ସ୍ୱଚ୍ଛନ୍ଦ ଭେଦାଭେଦର ସମ୍ବନ୍ଧ ମଧ୍ୟ ଅବଶ୍ୟ ରହିଥିବ । ଆମର ପରିଶୁଦ୍ଧ ଚିତ୍ତଭୂମି ଉପରେ ଅତିମାନସର ଏହି ଦ୍ୱିବିଧ ସ୍ଥିତିଟିର ପ୍ରତିଫଳନ ସମ୍ଭବ ହୋଇପାରିଲେ ଆମର ଆତ୍ମା ମଧ୍ୟ ସ୍ୱକୀୟ ବ୍ୟକ୍ତିସତ୍ତାର ଆଶ୍ରୟ ତଥା ଅଧିଷ୍ଠାନ ହୋଇ ରହିପାରିବ ଏବଂ ତଥାପି ସେହିଠାରେ ଅବସ୍ଥିତ ରହି ମଧ୍ୟ ଆପଣାକୁ ସକଳ ସମ୍ଭୂତିରୂପେ ଅବତୀର୍ଣ୍ଣ ହୋଇଥିବା, ସକଳ ସତ୍ତ୍ୱରେ ନିବାସ କରୁଥିବା ଏବଂ ସକଳକୁ ସମ୍ଭାରି ଧରିଥିବା ସେହି ପରମ ଏକରୂପେ ଉପଲବ୍ଧି କରିପାରିବ । ଏପରିକି ବିଶିଷ୍ଟ ବ୍ୟଷ୍ଟିଲୀଳା ମଧ୍ୟରେ ସୁଦ୍ଧା ସେ ପରଂବ୍ରହ୍ମ ତଥା ଅନ୍ୟ ସକଳ ଜୀବାତ୍ମାସହିତ ଆପଣା ଏକତ୍ୱଟିକୁ ଅନୁଭବ ଓ ଉପଭୋଗ କରିପାରିବ । ଅତିମାନସ ସତ୍ତାର ଅନ୍ୟକୌଣସି ଅବସ୍ଥାରେ କୌଣସି ବିଶେଷ ପରିବର୍ତ୍ତନ ଘଟିବ ନାହିଁ । ଆପଣାର ବହୁତ୍ୱକୁ ପ୍ରକାଶିତ କରୁଥିବା ସେହି ଅଦ୍ୱୟ ଏକ ଏବଂ ତଥାପି ମର୍ମତଃ ଏକ ହୋଇ ଅବସ୍ଥାନ କରୁଥିବା ବହୁର ଏହି ଲୀଳାଟିକୁହିଁ ଏହି କ୍ଷେତ୍ରରେ ଏକମାତ୍ର ପରିବର୍ତ୍ତନ ବୋଲି କୁହାଯିବ । ଲୀଳାଟିକୁ ଚାଲୁ ରଖିବା ସକାଶେ ଓ ଏହାକୁ ପରିଚାଳିତ

'oaob.nitrkl.ac.in' images reprocessed

କରିବା ସକାଶେ ଆଉ ଯାହାକିଛି ଆବଶ୍ୟକ ହେବ, ଏହି ଲୀଳା ସହିତ ସେଗୁଡ଼ିକ ମଧ୍ୟ ବର୍ତ୍ତମାନ ରହିଥିବ ।

ଘନୀଭୂତ ବା କଳ୍ପନାକେନ୍ଦ୍ରିତ ଚୈତନ୍ୟ ଅତିମାନସର ମାଧ୍ୟମିକ ଚରଣଟିରେ ଆଶ୍ରୟରୂପେ ଗତିସ୍ପନ୍ଦନର ପଶ୍ଚାତ୍-ଦେଶରେ ଅବସ୍ଥିତ ରହିଥିଲା ଏବଂ ସତେଅବା ଉଚ୍ଚତର ସ୍ତରରେ ଅବସ୍ଥିତ ରହିଥିବା ଜନିତ ଏକ ଅଭିମାନରେ ସେ ଗତିସ୍ପନ୍ଦନକୁ ଆବୋରି ରହିଥିଲା, ତାହାର ଅନୁସରଣ ଓ ସମ୍ଭୋଗ କରୁଥିଲା । ଏହିପରି ଭାବରେ ଅପସରି ନରହି ଯଦି ତାହା ଗତିସ୍ପନ୍ଦନ ଭିତରକୁହିଁ ଆପଣାକୁ ପ୍ରକ୍ଷେପିତ କରିଦେବ ଏବଂ ଗୋଟିଏ ଦୃଷ୍ଟିରୁ ଦେଖିଲେ ତାହାର ଭିତରେ ଅବଲୁପ୍ତ ହୋଇପଡ଼ିବ, ତେବେ ସେଇଥିରୁହିଁ ଅତିମାନସର ତୃତୀୟ ସ୍ଥିତିଟି ଆସି ଉପସ୍ଥିତ ହେବ । ଏଠାରେ ଲୀଳା ବା କ୍ରୀଡ଼ାର ପ୍ରକୃତିରେ ଏକ ପରିବର୍ତ୍ତନ ଘଟିବ ସତ, ମାତ୍ର ଏହି ଚରଣଟିରେ ଜୀବାତ୍ମା ବିଶ୍ୱାତ୍ମା ଓ ତାହାର ଅନ୍ୟ ଆତ୍ମା-ରୂପଗୁଡ଼ିକ ସହିତ ଆପଣାର ସମ୍ବନ୍ଧ-ଲୀଳାକୁ ଏପରି ଅତ୍ୟଧିକ ପ୍ରାଧାନ୍ୟର ସହିତ ଆପଣା ଚିନ୍ମୟ ଅନୁଭୂତିର ବ୍ୟାବହାରିକ କ୍ଷେତ୍ରରେ ପରିଣତ କରିଦେବ ଯେ ସେଗୁଡିକ ସହିତ ପରମ ଏକତ୍ୱର ଉପଲବ୍ଧି ଏଣିକି କେବଳ ଏକ ପରମ ଆନୁସଙ୍ଗିକ ରୂପେ ଅବସ୍ଥିତ ରହିବ ଏବଂ ତାହାର ସକଳ ଅନୁଭୂତିର ସ୍ୱାଭାବିକ ଶୀର୍ଷବିନ୍ଦୁରୂପେ ଅବିରତ ପ୍ରକଟିତ ହେବ । ମାତ୍ର ଉଚ୍ଚତର ଦ୍ୱିତୀୟ ଚରଣରେ ଏହି ଏକତ୍ୱବୋଧ ସର୍ବପ୍ରଧାନ ଓ ମୌଳିକ ଅନୁଭୂତି ଭାବରେ ପ୍ରତିଷ୍ଠିତ ରହିଥିବ ଏବଂ ଯାବତୀୟ ବୈଚିତ୍ର୍ୟ ସେହି ଏକତ୍ୱର କେବଳ ଏକ କ୍ରୀଡ଼ାରୂପେହିଁ ପର୍ଯ୍ୟବସିତ ରହିବ । ତେଣୁ ଏହି ତୃତୀୟ ସ୍ଥିତିଟିକୁ ଆମେ ଆଉ ଏକ ଅଧସ୍ତନ ଦ୍ୱୈତତାଦ୍ୱାରା ଉପାଧିତ ଏକତ୍ୱ ବୋଲି ନକହି ମୂଳତଃ ଏକତ୍ୱରେହିଁ ପ୍ରତିଷ୍ଠିତ ରହିଥିବା ଏକ ଦ୍ୱୈତଭାବର ଆନନ୍ଦମୟ ସ୍ଥିତି ବୋଲି କହିପାରିବା । ଏହି ଦ୍ୱୈତଭାବ ହେଉଛି ଜୀବାତ୍ମା ଏବଂ ଏହାର ବିଶ୍ୱାତ୍ମକ ଉତ୍ସ ଭିତରେ ପ୍ରତିଷ୍ଠିତ ରହିଥିବା ଦ୍ୱୈତଭାବ । ଏବଂ ଏହିପରି ଏକ ଦ୍ୱୈତଭାବକୁ ସୁରକ୍ଷିତ ଓ ସୁପ୍ରବୃତ୍ତ କରି ରଖିବାରୁ ସଂଜାତ ହେଉଥିବା ସକଳ ପରିଣାମ ମଧ୍ୟ ଏହି ଦ୍ୱୈତଲୀଳା ଭିତରେ ପ୍ରତିଷ୍ଠିତ ରହିଥିବ ।

ଏଠାରେ ଏକଥା କୁହାଯାଇପାରେ ଯେ ଏହାର ପ୍ରଥମ ପରିଣାମସ୍ୱରୂପ ଆମେ ଅବିଦ୍ୟାଜନିତ ଅଜ୍ଞାନର ଏକ ଗ୍ରାସରେ ଯାଇ ପଡ଼ିଯିବା । ଏହି ଅବିଦ୍ୟା ବହୁତ୍ୱକୁହିଁ ସତ୍ତାର ଯଥାର୍ଥ ସତ୍ୟବୋଲି ଭ୍ରମ କରୁଥିବ ଏବଂ ଅଦ୍ୱୟ ଏକତ୍ୱକୁ ବିଶ୍ୱସ୍ଥିତ ବହୁର କେବଳ ଏକ ସମଷ୍ଟି ବୋଲିହିଁ ଭାବିବାକୁ ଆରମ୍ଭ କରିବ । ମାତ୍ର ଏପରି ଏକ ଗ୍ରାସରେ ପଡ଼ିବାକୁ ଅବଶ୍ୟମ୍ଭାବୀ ବୋଲି ମାନନେବାର କୌଣସି କାରଣ ନାହିଁ । କାରଣ ଏହି ଅବସ୍ଥାରେ ଜୀବାତ୍ମା ଆପଣାକୁ ସେହି ଅଦ୍ୱୟ ଏକର ସମ୍ଭୂତ

'oaob.nitrkl.ac.in' images reprocessed

ପରିଣାମ ବୋଲି ଜାଣିଥିବ । ସେହି ଅଦ୍ୱୟ ଏକ ଭିତରେ ସଚେତନ ଆତ୍ମବିସୃଜନର ଶକ୍ତି ବର୍ତ୍ତମାନ ରହିଛି, ଅର୍ଥାତ୍ କାଳ ଓ ଦେଶର ପ୍ରସାର ଉପରେ ବହୁବିଧ ଭାବରେ ଆପଣାର ବହୁବିଧ ସତ୍ତାର ଶାସନ ତଥା ସମ୍ଭୋଗ କରିବାଲାଗି ଏକ ଓ ଅଦ୍ୱୟ ସତ୍ତା ବହୁ କେନ୍ଦ୍ରରେ ଆପଣାକୁ ସମାବିଷ୍ଟ କରିବାର କଳ୍ପନା କରିଛି,—ଏହି ସତ୍ୟଟି ବିଷୟରେ ଜୀବାତ୍ମା ତଥାପି ସଚେତନ ରହିଥିବ । ତେଣୁ ଆପଣାଲାଗି ଏକ ସ୍ୱତନ୍ତ୍ର ଓ ପୃଥକ୍ ଅସ୍ତିତ୍ୱର ଅନଧିକାର ଦାବି କରିବାର ଧୃଷ୍ଟତା ଭିତରେ ସେ କେବେ-ହେଲେ ପଡ଼ିଯିବ ନାହିଁ । ସ୍ଥିର ପରମ ଏକତ୍ୱର ସତ୍ୟଟିକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଜୀବାତ୍ମା କେବଳ ବହୁତ୍ୱ ଓ ବୈଚିତ୍ର୍ୟର ସୃଷ୍ଟି କରୁଥିବା ଗତିସ୍ପନ୍ଦନଟିକୁ ମଧ୍ୟ ସତ୍ୟରୂପେ ସ୍ୱୀକାର କରିବାକୁ ମନ ବଳାଇବ । ଉଭୟଟିକୁ ସେ ସେହି ଗୋଟିଏ ସତ୍ୟର ମୂଳ ଓ ଅଗରେ ରହିଥିବା ଦୁଇଟି ମେରୁରୂପେ ଦେଖିବ । ଗୋଟିକୁ ସେହି ଦିବ୍ୟଲୀଳାର ମୂଳଦୁଆ ବୋଲି କହିବ, ଅନ୍ୟଟିକୁ ତାହାର ମଥାନ ବୋଲି ମାନିବ । ଏବଂ ଅଖଣ୍ଡର ଉପଲବ୍ଧିଜନିତ ଆନନ୍ଦକୁ ପରିପୂର୍ଣ୍ଣ କରି ପାଇବାଲାଗି ବହୁତ୍ୱ ଓ ବୈଚିତ୍ର୍ୟର ଉପଲବ୍ଧିଜନିତ ଆନନ୍ଦର ଆବଶ୍ୟକତା ଅବଶ୍ୟ ରହିଛି ବୋଲି ସେ ଦାବି କରୁଥିବ ।

ଏହି ତିନୋଟିଯାକ ସ୍ଥିତି ସେହି ଗୋଟିଏ ସତ୍ୟର ସମୀପବର୍ତ୍ତୀ ହେବାଲାଗି ଯେ କେବଳ ତିନୋଟି ଭିନ୍ନ ଭିନ୍ନ ଶୈଳୀ ବ୍ୟତୀତ ଆଉକିଛି ନୁହେଁ, ଏଥିରେ କୌଣସି ସନ୍ଦେହ ନାହିଁ । ତିନୋଟିଯାକ ସ୍ଥିତିରେ ସତ୍ତାର ସତ୍ୟକୁ ଉପଭୋଗ କରିବାରେ ଆଦୌ କୌଣସି ବିଭିନ୍ନତା ରହିବ ନାହିଁ, ମାତ୍ର ତାହାକୁ ଉପଭୋଗ କରିବାର ଶୈଳୀ ଅର୍ଥାତ୍ ତାହାକୁ ଉପଭୋଗ କରୁଥିବା ଆତ୍ମାର ସ୍ଥିତିରେହିଁ ପାର୍ଥକ୍ୟ ରହିବ । ଆନନ୍ଦରେ ବୈଚିତ୍ର୍ୟ ରହିବ, ମାତ୍ର ସେହି ଆନନ୍ଦ ସକଳ ସ୍ଥିତିରେହିଁ ଋତ-ଚିତ୍‌ର ଭୂମିଉପରେ ସମାହିତ ହୋଇ ରହିଥିବ ଏବଂ ମିଥ୍ୟା ଓ ଅଜ୍ଞାନର ଗ୍ରାସରେ ପଡ଼ିଯିବାଲାଗି କେତେବେଳେ ହେଲେ କୌଣସି ଆଶଙ୍କା ନ ଥିବ । କାରଣ ଆପଣାର ପ୍ରଥମ ସ୍ଥିତିରେ ଅତିମାନସ ଦିବ୍ୟ ଏକତ୍ୱଭିତରେ ଯାହାକୁ ଧାରଣ କରି ରଖିଥିଲା, ଆପଣାର ଦ୍ୱିତୀୟ ତଥା ତୃତୀୟ ସ୍ଥିତିରେ ଦିବ୍ୟ ବହୁସମ୍ଭାବ୍ୟତାର ଭୂମିଉପରେ ଅତିମାନସ କେବଳ ତାହାରହିଁ ବିକାଶ ଓ ପ୍ରୟୋଗ କରିବ । ଏହି ତିନୋଟି ସ୍ଥିତିରୁ କୌଣସି ଗୋଟିକ ଉପରେ ମଧ୍ୟ ଆମେ ମିଥ୍ୟା ବା ମାୟାର ଅପବାଦ ଲଗାଇ ପାରିବା ନାହିଁ । ଉଚ୍ଚତର ଅନୁଭୂତିର ଏହିସବୁ ସତ୍ୟ ବିଷୟରେ ପ୍ରାଚୀନ ଓ ସର୍ବପ୍ରଧାନ ପ୍ରାମାଣିକ ଭଣ୍ଡାରରୂପେ ରହି ଆସିଥିବା ଉପନିଷଦଗୁଡ଼ିକରେ ମଧ୍ୟ ଯେତେବେଳେ ଆପଣାକୁ ପ୍ରକାଶିତ କରୁଥିବା ଦିବ୍ୟ ସତ୍ତାର ବର୍ଣ୍ଣନା କରାଯାଇଛି, ସେତେବେଳେ ସେଗୁଡ଼ିକର ଭାଷାରୁ ଏହି ତିନୋଟିଯାକ ସ୍ଥିତିର ଅନୁଭୂତିକୁ ଯଥାର୍ଥ ବୋଲି ଗ୍ରହଣ କରିବାର ଯଥେଷ୍ଟ କାରଣ ରହିଛି । ଏକତ୍ୱ ଓ

'oaob.nitrkl.ac.in' images reprocessed

ଅନେକତ୍ୱର ବିଗ୍ରହ କଲାବେଳେ ଆମେ କେବଳ ଏକତାକୁ ଅନେକତାର ପୂର୍ବବର୍ତ୍ତୀ ଭାବି ବୋଲି କହିପାରିବା, ଅର୍ଥାତ୍ ପ୍ରଥମେ ଏକତ୍ୱ ବା ଅଦ୍ୱୟତ୍ୱ ଓ ତା'ପରେ ଅନେକତ୍ୱ ବା ବହୁତ୍ୱ ବୋଲି କହିପାରିବା । ଏହି ପୂର୍ବପରସମ୍ବନ୍ଧରେ କାଳବାଚକତାର ଆଦୌ କୌଣସି ସ୍ଥାନ ନାହିଁ, କେବଳ ଚେତନାଗତ ସମ୍ବନ୍ଧ ଦୃଷ୍ଟିରୁହିଁ ଆମ୍ଭେ ଗୋଟିକୁ ପୂର୍ବବର୍ତ୍ତୀ ଓ ଅପରଟିକୁ ପରବର୍ତ୍ତୀ ବୋଲି କହିବା । ଏହି ପୂର୍ବବର୍ତ୍ତିତା, ଅର୍ଥାତ୍ ଏକତ୍ୱ ଉପରେ ବହୁତ୍ୱର ଶାଶ୍ୱତ ନିର୍ଭରଶୀଳତାକୁ ପରମ ଅଧ୍ୟାତ୍ମ-ଅନୁଭବର କୌଣସି ବିବୃତି ବା ବେଦାନ୍ତବାଦୀ କୌଣସି ଦର୍ଶନ କଦାପି ଖଣ୍ଡନ କରି ନାହିଁ । କାରଣ, ସମୟର କଳନାଭୂମି ଉପରେ ବିଗ୍ରହ କଲେ ଅନେକତ୍ୱ ବା ବହୁରୂପତ୍ୱ ଆଦୌ ଶାଶ୍ୱତ ବୋଲି ବୋଧ ହେଉ ନାହିଁ; କେବଳ ଏକତ୍ୱ ଭିତରୁ ଆତ୍ମପ୍ରକାଶ କରୁଥିବାର ଓ ପୁଣି ଆତ୍ମସ୍ୱରୂପ ସେହି ଏକତ୍ୱକୁ ଫେରିଆସି ତାହା ସେଇଥିରେ ବିଲୀନ ହୋଇ ଯାଉଥିବା ପରିହିଁ ବୋଧ ହେଉଛି । ତେଣୁ ଅନେକତ୍ୱକୁ ଏକ ଯଥାର୍ଥ ସତ୍ୟ ବୋଲି ସ୍ୱୀକାର କରାଯାଇ ନାହିଁ । ମାତ୍ର ସମାନ ଯୌକ୍ତିକତା ସହିତ ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ କାଳର ଭୂମିଉପରେ ଆତ୍ମପ୍ରକାଶିତ ହେବାର ଏହି ଯେଉଁ ଶାଶ୍ୱତ ପ୍ରବର୍ତ୍ତନା ଅଥବା ଶାଶ୍ୱତ ପୁନରାବୃତ୍ତି ଅନିବାର୍ଯ୍ୟ ରୂପେ ଲାଗିରହିଛି, ତାହାହିଁ ଦିବ୍ୟ ଏକତ୍ୱପରି ଦିବ୍ୟ ଅନେକରୂପତ୍ୱକୁ ମଧ୍ୟ ସେହି କାଳାତୀତ ପରମ ସତ୍ତାର ଏକ ଶାଶ୍ୱତ ସତ୍ୟ ବୋଲି ପ୍ରମାଣ କରିଦେଉଛି । କାରଣ ଏହି ଅନେକରୂପତ୍ୱ ଏକ ଶାଶ୍ୱତ ସତ୍ୟ ହୋଇ ନ ଥିଲେ କାଳର ଭୂମିଉପରେ ତାହାର ଏହି ଅନିବାର୍ଯ୍ୟ ଶାଶ୍ୱତ ପୁନରାବୃତ୍ତି ମଧ୍ୟ କଦାପି ଲାଗି ରହି ନ ଥା'ନ୍ତା ।

ବସ୍ତୁତଃ ଆମର ମନୋଗତ ମନୁଷ୍ୟ ପ୍ରକୃତିହିଁ ଆଧ୍ୟାତ୍ମିକ ଅନୁଭବର କେବଳ ଗୋଟିଏ ଅଙ୍ଗଉପରେହିଁ ବଡ଼ ଏକଦେଶୀୟ ଭାବରେ ସକଳ ମହତ୍ତ୍ୱକୁ ନେଇ ଅଜାଡ଼ି ଦେଇଥାଏ ଏବଂ ତାହାକୁହିଁ ଏକମାତ୍ର ଶାଶ୍ୱତ ସତ୍ୟ ବୋଲି ଘୋଷଣା କରେ । ସକଳ ବିଷୟକୁ ଭାଗଭାଗ କରି ଥୋଇ ଦେଉଥିବା ଆମ ମନୋଭୂମିଗତ ନ୍ୟାୟବୃତ୍ତିଦ୍ୱାରା ତାହା ଏହି ଏକଦେଶୀୟତାଟିର ବ୍ୟାଖ୍ୟା କରିଥାଏ । ଏବଂ ସେଇଥିରୁ ଓ ସେତିକିବେଳେହିଁ ପରସ୍ପରକୁ ଉତ୍ପାଟିତ କରିଦେବାକୁ ଇଚ୍ଛା କରୁଥିବା ବିବଦମାନ ଦର୍ଶନମତଗୁଡ଼ିକର ଆବଶ୍ୟକତାକୁ ମଧ୍ୟ ଅନିବାର୍ଯ୍ୟ ବୋଲି ମନେ କରାଯାଏ । ଠିକ୍ ଏହି ରୀତିରେ ଅଖଣ୍ଡ ଓ ଅଦ୍ୱୟ ଚେତନାର ସତ୍ୟକୁହିଁ ଏକମାତ୍ର ସତ୍ୟ ବୋଲି ଜିଦ୍ କରି ଯେତେବେଳେ ଆମେ ଦିବ୍ୟ ଏକତ୍ୱର ବହୁଲୀଳାଟି ଉପରେ ଦୃଷ୍ଟିପାତ କରୁ, ସେତେବେଳେ ଆମର ମନ ଭ୍ରମରେ ପଡ଼ିଯାଏ ଏବଂ ଉକ୍ତ ଉଭୟ ଅବସ୍ଥା ଭିତରେ ପ୍ରକୃତରେ ଏକ ବିଭେଦ ଓ ପାର୍ଥକ୍ୟ ରହିଛି ବୋଲି

'oaob.nitrkl.ac.in' images reprocessed

ବିଶ୍ୱାସ କରିବାକୁ ଆରମ୍ଭ କରେ । ମାତ୍ର ଏକ ଉଚ୍ଚତର ତତ୍ତ୍ୱୋପଲବ୍ଧିର ସତ୍ୟ ଦ୍ୱାରା ଏହି ମନୋଗତ ଭ୍ରମଟିର ସଂଶୋଧନ କରିବା ପରିବର୍ତ୍ତେ ଆମେ ସମଗ୍ର ଲୀଳାଟିକୁହିଁ ଏକ ଭ୍ରମ ବା ମିଥ୍ୟା ବୋଲି ଘୋଷଣା କରିଦେଉ । ଅଥବା ଅନେକ-ରୂପତ୍ୱ ଭିତରେ ଏକତ୍ୱର ଲୀଳାଉପରେ ଅତିରିକ୍ତ ଜୋର ଦେଇ ଆମେ ଏକ ବିଶିଷ୍ଟାଦ୍ୱୈତ କଳ୍ପନାର ବାନା ଉଡ଼ାଇବାକୁ ମନ ବଳାଉ ଏବଂ ଜୀବାତ୍ମାକୁ ପରମାତ୍ମାର ଏକ ବିଶେଷ ଅଂଶ-ରୂପ ବୋଲି କହିଥାଉ । ଏବଂ ଏହି ବିଶିଷ୍ଟ ସତ୍ତାଟିକୁ ନିତ୍ୟ ଓ ଶାଶ୍ୱତ ବୋଲି ଗ୍ରହଣ କରି ଆମେ ଏକ ନିର୍ବିଶେଷ ଏକତ୍ୱର ଶୁଦ୍ଧଚେତନ ଅନୁଭବକୁ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର କରିବାଲାଗି ଆଗଭର ହୋଇଆସୁ । ଅଥବା, ଭେଦବାଦୀ ବିବିଧତାର ବିଶ୍ୱଲୀଳା ସମ୍ବନ୍ଧରେ ଅତ୍ୟାଗ୍ରହ ଦେଖାଇ ଆମେ ପରମସତ୍ତା ଓ ମନୁଷ୍ୟର ଆତ୍ମାକୁ ପରସ୍ପରଠାରୁ ସର୍ବତୋଭାବେ ଓ ସବୁକାଳଲାଗି ଭିନ୍ନ ବୋଲି ଘୋଷଣା କରୁ ଏବଂ ସେହି ଭିନ୍ନତାର ସୀମାଅତିକ୍ରମ କରି ତାହାର ଖଣ୍ଡନ କଲାଭଳି ପ୍ରତୀତ ହେଉଥିବା ସକଳ ଅନୁଭବକୁ ଆମେ ଅପ୍ରାମାଣିକ ବୋଲି କହି ବର୍ଜନ କରିପକାଉ । ମାତ୍ର ଆମେ ଏଠାରେ ଯେଉଁ ବିଚାର ଦୃଷ୍ଟିଟିକୁ ସଙ୍ଗତ ବୋଲି ଗ୍ରହଣ କରିଛୁ, ସେଥିରେ ଏସବୁ ଖଣ୍ଡନ କିମ୍ବା ବର୍ଜନଲାଗି ଆଉ କୌଣସି ଆବଶ୍ୟକତା ନାହିଁ । ଏହି ସକଳ ମତୋକ୍ତି ପଛରେ ଯେ ଗୋଟିଏ ଗୋଟିଏ ସତ୍ୟ ନିହିତ ହୋଇ ରହିଛି, ସେକଥା ମଧ୍ୟ ଆମେ ବେଶ୍ ଦେଖିପାରୁଛୁ;, ମାତ୍ର ତଥାପି ତାହାର ଭିତରେ ରହିଥିବା ଏକ ଅତ୍ୟାଗ୍ରହ ଯେ ତାହାକୁ ଏକ ଭିତ୍ତିସାରହୀନ ନକାରାତ୍ମକତା ଆଡ଼କୁ ଟାଣି ନେଇଯାଉଛି, ଏକଥାଟି ମଧ୍ୟ ଆମକୁ ଜଳଜଳ ହୋଇ ଦିଶିଯାଉଛି । ଆମର ଆଲୋଚନାରେ ଆମେ ପରମ ତତ୍ତ୍ୱସ୍ୱରୂପକୁ ସ୍ୱୀକାର କରିନେଇଛୁ, ସିଏ ହେଉଛନ୍ତି ପରମ, ସର୍ବାତୀତ; ଏକତ୍ୱ ବା ବହୁତ୍ୱ ସମ୍ବନ୍ଧୀୟ ଆମର କୌଣସି କଳ୍ପନାରେ ସେ ଆଦୌ ଆବଦ୍ଧ ନୁହନ୍ତି । ଏକତ୍ୱକୁ ଆମେ ବହୁତ୍ୱର ପରିପ୍ରକାଶ ଲାଗି ଏକ ଭୂମିରୂପେ ସ୍ୱୀକାର କରିଛୁ, ଏବଂ ବହୁତ୍ୱକୁ ପୁଣି ଏକତ୍ୱ ଭିତରକୁ ଲେଉଟି ଆସିବାର ତଥା ଦିବ୍ୟ ବିବିଧପ୍ରକାଶର ମାଧ୍ୟମରେ ଏକତ୍ୱକୁ ଉପଭୋଗ କରିବାର ଏକମାତ୍ର ଭୂମିରୂପେ ସ୍ୱୀକାର କରିଛୁ । ତେଣୁ ଏହିସବୁ ତର୍କଦ୍ୱାରା ଆମେ-ଆମର ଏହି ସ୍ୱୀକାରଟିକୁ ଆଉ ଭାରାକ୍ରାନ୍ତ କରି ଦେବା ନାହିଁ ଅଥବା ଦିବ୍ୟ ଅନନ୍ତ ପୁରୁଷର ପରମ ବିମୁକ୍ତତାକୁ ଆମ ମନୋଗତ ଭେଦକଳ୍ପନା ଓ ସଙ୍କୀର୍ଣ୍ଣରେଖାର ଦାସ କରି ରଖିବାଲାଗି ଆଉ କୌଣସି ବୃଥାଶ୍ରମ କରିବାକୁ ମନ ବଳାଇବା ନାହିଁ ।

'oaob.nitrkl.ac.in' images reprocessed

ସପ୍ତଦଶ ଅଧ୍ୟାୟ

# ଦିବ୍ୟ ଆତ୍ମା

ଯସ୍ମିନ୍ ସର୍ବାଣି ଭୂତାନି ଆତ୍ମୈବାଭୂଦ୍ ବିଜାନତଃ ।
ତତ୍ର କୋ ମୋହଃ କଃ ଶୋକଃ ଏକତ୍ୱମନୁପଶ୍ୟତଃ ॥

—ଈଶୋପନିଷଦ, ସପ୍ତମ ଶ୍ଲୋକ

ଯଥାର୍ଥ ଜ୍ଞାନୋପଲବ୍ଧି ଦ୍ୱାରା ଯାହାର ଆତ୍ମା ସର୍ବଭୂତ ହୋଇଛି, ଯେ ସର୍ବତ୍ର ଏକତ୍ୱହିଁ ଦେଖୁଛି, ତାହାର ମୋହ କେଉଁଠୁ ଆସିବ, ଦୁଃଖ ବା କେଉଁଠୁ ଆସିବ ?

ଅତିମାନସ ବିଷୟରେ ଆମେ ଯେଉଁଭଳି କଳ୍ପନା କରୁଛୁ, ତଦ୍ୱାରା ଆମ ମନୁଷ୍ୟସତ୍ତାର ଆଧାରସ୍ୱରୂପ ହୋଇ ରହିଥିବା ମାନସିକ ଭୂମିଠାରୁ ଏହା ଏକ ବିପରୀତ କୋଟୀରେ ଅବସ୍ଥିତ ରହିଛି ବୋଲି ଆମେ ଘୋଷଣା କରିଦେଇଛୁ । ଅତିମାନସର ଏହିପରି ଏକ କଳ୍ପନାଦ୍ୱାରା ଦିବ୍ୟତ୍ୱ ଓ ଦିବ୍ୟ ଜୀବନ ସମ୍ବନ୍ଧରେ ଆମ ମନରେ ଏକ ଅସ୍ପଷ୍ଟ ଧାରଣା ହେବା ପରିବର୍ତ୍ତିରେ କେବଳ ଯେ ଏକ ଯଥାଯଥ ଧାରଣା ହୋଇପାରିଛି, ତାହା ନୁହେଁ, ତଦ୍ୱାରା ଆମେ ଏହିସବୁ ଧାରଣାକୁ ଦାର୍ଶନିକ ଯୁକ୍ତିର ଏକ ଦୃଢ଼ ଭିତ୍ତି ଯୋଗାଇ ଦେବାକୁ ମଧ୍ୟ ସମର୍ଥ ହୋଇଛୁ । ନଚେତ୍ ସାଧାରଣତଃ ସେହି ଦୁଇଟି ଶବ୍ଦକୁ ଆମେ କେତେକ ଶିଥିଳତା ସହିତ ବ୍ୟବହାର କରିଆସିଛୁ ଏବଂ ଏକ ଅତିବୃହତ୍ ଅଥଚ ପ୍ରାୟ ସଂକେତ ପରିଧିର ବାହାରେ ରହିଥିବା ବସ୍ତୁର ଆକାଂକ୍ଷାଟିକୁ ସେହି ଶବ୍ଦଦ୍ୱୟର ଅସ୍ପଷ୍ଟ ବର୍ଣ୍ଣନାଦ୍ୱାରା ପ୍ରକାଶ କରିବାକୁ ଇଚ୍ଛା କରିଛୁ । କେବଳ ଯେଉଁ ମନୁଷ୍ୟସତ୍ତା ଓ ମନୁଷ୍ୟ-ଜୀବନର ଉପଭୋଗ ଭିତରେହିଁ ବର୍ତ୍ତମାନ ଆମ ଜୀବନର ସକଳ ଅନୁଭବ ସୀମାବଦ୍ଧ ହୋଇ ରହିଛି, ତାହା ସହିତ ଦିବ୍ୟତା ଓ ଦିବ୍ୟ ଜୀବନର ସମ୍ବନ୍ଧଟିକୁ ଆମେ ଆମ ଆଲୋଚନାରେ ସ୍ପଷ୍ଟଭାବେ ଦେଖାଇ ଦେଇଛୁ ଏବଂ ଏହି ବିଶ୍ୱର ଯଥାର୍ଥ ପ୍ରକୃତି, ବିଶ୍ୱବିବର୍ତ୍ତନର ଭୂମିଉପରେ ଆମ ନିଜର ପୂର୍ବଇତିହାସ ତଥା ମନୁଷ୍ୟ ହିସାବରେ ଆମର ବିବର୍ତ୍ତନରେ ଅତି ଅବଶ୍ୟମ୍ଭାବୀ ଭାବରେ ଯେଉଁ ଭବିଷ୍ୟତ୍ ଆମଲାଗି ଅପେକ୍ଷା କରି ରହିଛି, ଏହିସବୁ

'oaob.nitrkl.ac.in' images reprocessed

ଦୃଷ୍ଟିରୁ ଆମ ଆଶା ଓ ଆକାଂକ୍ଷାର ଔଚିତ୍ୟକୁ ପ୍ରମାଣ କରିଦେଇଛୁ । ଆମ ବିସ୍ତୃତବୋଧରେ ଆମେ ଦିବ୍ୟ ସତ୍ତା ଓ ଶାଶ୍ୱତ ସତ୍ୟର ତାତ୍ପର୍ଯ୍ୟଗୁଡ଼ିକୁ ବୁଝିବାକୁ ଆରମ୍ଭ କରିଛୁ । ଏହି ସତ୍ୟରୁ ଏହି ବିଶ୍ୱର ସମ୍ଭୂତି କିପରି ହୋଇଛି, ଆମେ ସେକଥା ମଧ୍ୟ ବୁଝିବାକୁ ସମର୍ଥ ହୋଇଛୁ । ଯାହା ଦିବ୍ୟ ସତ୍ତାରୁ ସମ୍ଭୂତ ହୋଇଛି; ତାହା ଯେ ପୁଣି ସେହି ଦିବ୍ୟ ସତ୍ତା ଭିତରକୁ ଅନିବାର୍ଯ୍ୟରୂପେ ଫେରିଯିବ, ସେଇଟି ମଧ୍ୟ ଆମର ହୃଦ୍‌ବୋଧ ହୋଇଛି । ଏକାକୀ ଆପଣା ସତ୍ତାର ଅତଳ ଗଭୀରକୁ ଡେଇଁ ପଡ଼ି ପ୍ରାପ୍ତ ହେଉଥିବା କେବଳ ଏକ କ୍ଷଣସମାଧିର ଉପଲବ୍ଧି ଦ୍ୱାରା ନୁହେଁ, ମାତ୍ର ଆମର ସ୍ୱଭାବ, ଆମ ଜୀବନ ତଥା ଆମର ବିଶ୍ୱସମ୍ବନ୍ଧ ଗୁଡ଼ିକରେ ମଧ୍ୟ ସେଇ ଦିବ୍ୟସତ୍ତାର ଅନୁଭବକ୍ଷେତ୍ରରେ ଉପନୀତ ହେବାଲାଗି ଆମକୁ ଆପଣା ଭିତରେ କେଉଁସବୁ ପରିବର୍ତ୍ତନ ଓ ରୂପାନ୍ତର ଅବଶ୍ୟ ଘଟାଇବାକୁ ହେବ ଏବଂ କେଉଁସବୁ ସୋପାନ ପାର ହୋଇ ଆମକୁ କେଉଁଠି ପହଞ୍ଚିବାକୁ ପଡ଼ିବ, ବର୍ତ୍ତମାନ ସେହିସବୁ ପ୍ରଶ୍ନ ଉତ୍ଥାପନ କରିବା ଓ ତାହାର ଏକ ସ୍ପଷ୍ଟତର ଉତ୍ତର ମଧ୍ୟ ପାଇବାଲାଗି ହୁଏତ ଏକ ଉପଯୁକ୍ତ ଅବସର ଆସି ପହଞ୍ଚିଛି । ଏକଥା ଅବଶ୍ୟ ସତ୍ୟ ଯେ ଆମ ଅନୁମାନ ଗୁଡ଼ିକରେ ତଥାପି ଏକ ଦୋଷ ରହିଯାଇଛି । କାରଣ, ସୀମାବଦ୍ଧ ପ୍ରକୃତି ଅଭିମୁଖରେ ଅବତରଣ କରି ଆସିବାର ପର୍ଯ୍ୟାୟରେ ଦିବ୍ୟସତ୍ତା ଯେଉଁ ଅବସ୍ଥାରେ ଥାଏ, ଏପର୍ଯ୍ୟନ୍ତ ଆମେ ଆପଣାଲାଗି କେବଳ ସେହିସବୁର ବ୍ୟାଖ୍ୟା କରିବାର ପ୍ରୟାସ କରିଆସିଛୁ । କିନ୍ତୁ ଅପର ପକ୍ଷରେ ସୀମାନୁଶାସିତ ପ୍ରକୃତିର ସୀମାଗୁଡ଼ାକୁ ଆଡ଼େଇ ଦେଇ ଆପଣାର ଯଥାର୍ଥ ଦିବ୍ୟତ୍ୱ ଭିତରକୁ ଫେରିଯିବାର ଆକାଂକ୍ଷାରେ ମନୁଷ୍ୟବ୍ୟକ୍ତି ଭିତରେ ଅନ୍ତର୍ନିହିତ ରହିଥିବା ଯେଉଁ ଦିବ୍ୟ ସତ୍ତା ନିତ୍ୟ ଆରୋହଣ କରିବାରେ ଲାଗିଛି, ତାହାହିଁ ଯେ ଆମର ଯଥାର୍ଥ ସତ୍ୟରୂପ, ସେକଥାଟି ଆମକୁ ଆଡ଼େଇ ଦେଇ ଚାଲିଯାଉଛି କି ? ଗତିର ଏହି ବିଭେଦଟିରୁହିଁ ଦେବତା ଓ ମନୁଷ୍ୟର ଜୀବନ ଭିତରେ ରହିଥିବା ତାରତମ୍ୟଟି ଜନ୍ମଲାଭ କରିଛି । ଦେବତାମାନଙ୍କୁ କେବେ-ହେଲେ କୌଣସି ପତନ ବା ସ୍ଖଳନ ସହିବାକୁ ପଡ଼ିନାହିଁ । ମାତ୍ର ସ୍ୱତପସ୍ୟାର ମୂଲ୍ୟ ଦେଇହିଁ ମନୁଷ୍ୟକୁ ଆପଣାର ମୁକ୍ତି ଅର୍ଜନ କରିବାକୁ ପଡ଼େ, ଆପଣାର ବୀର୍ଯ୍ୟବଳରେହିଁ ତାହାକୁ ହୃତ ଦେବତ୍ୱଟିକୁ ପୁନର୍ବାର ହାସଲ କରିବାକୁ ହୋଇଥାଏ । ତାହାର ଆପଣା ଭିତରେ ସେହି ପୁନର୍ବିଜୟର ଅନୁଭୂତିଟି ବ୍ୟାପ୍ତ ହୋଇ ରହିଥାଏ । ହୁଏତ ଏକ ଦୁର୍ଗତ ଅବତରଣକୁ ବରଣ କରିନେବା ଦ୍ୱାରାହିଁ ସେ ଏହି ନୂତନ ସମ୍ପଦ ଓ ସମ୍ପନ୍ନତାକୁ ଲାଭ କରିବାର ଅଧିକାର ପ୍ରାପ୍ତ ହୋଇଥାଏ । ତଥାପି ଦେବତା ଓ ମଣିଷ ଭିତରେ କେବଳ ବାହ୍ୟ ଗ୍ରନ୍ଥ ଓ ବାହ୍ୟ ରଙ୍ଗରେହିଁ ଫରକ ରହିଛି; ମୂଳ ଗୁଣସ୍ୱଭାବର କ୍ଷେତ୍ରରେ ଯଥାର୍ଥତଃ କୌଣସି ଫରକ ନାହିଁ । ତଥାପି ଏପର୍ଯ୍ୟନ୍ତ ଆମେ ଯେଉଁସବୁ ସିଦ୍ଧାନ୍ତରେ ଆସି ପହଞ୍ଚି ପାରିଛୁ, ସେହିଗୁଡ଼ିକର ଆଧାର ଉପରେହିଁ

'oaob.nitrkl.ac.in' images reprocessed

ଆମେ ବର୍ତ୍ତମାନ ଆମ ଅଭୀପ୍ସାର ଲକ୍ଷ୍ୟସ୍ଥଳ ସେହି ଦିବ୍ୟ ଜୀବନର ମର୍ମସ୍ୱଭାବଟିକୁ ନିର୍ଣ୍ଣୟ କରିବାକୁ ସମର୍ଥ ହେବା ।

ଜଡ଼ ଭିତରେ ଚୈତନ୍ୟର ଅବପତନଦ୍ୱାରା ଅଥବା ଜଡ଼ ପ୍ରକୃତି ଆତ୍ମାକୁ ଗ୍ରାସକରି ପକାଇବାଦ୍ୱାରା ଅବିଦ୍ୟା ଭିତରେ ଖସି ପଡ଼ିନଥିବା ଏକ ଦିବ୍ୟ ଆତ୍ମାର ସ୍ୱରୂପ ପ୍ରକୃତିରେ କିଭଳି ହୋଇଥିବ ? ମୂଳ ବସ୍ତୁସତ୍ୟରେ, ଅବିଚ୍ଛେଦ୍ୟ ଏକତ୍ୱରେ ତଥା ଅନନ୍ତ ସତ୍ତାର ସ୍ୱୟଂଧାମରେ ନିବାସ କରୁଥିବା ଏହାର ଚୈତନ୍ୟ ପ୍ରକୃତିରେ କିଭଳି ହୋଇଥିବ ? ସେଠାରେ ତାହା ବ୍ରହ୍ମସତ୍ତା ପରି ଅବସ୍ଥିତ ରହିଥିବ, ମାତ୍ର ଦେବମାୟାର ଲୀଳା ତଥା ଋତ-ଚିତ୍ତର ସଜ୍ଞାନ ଓ ପ୍ରଜ୍ଞାନଜନିତ ବୈଚିତ୍ର୍ୟ ଫଳରେ ଈଶ୍ୱରଙ୍କ ସହିତ ଆପଣାର ଏକତ୍ୱ ଅନୁଭବ କରିବା ସଙ୍ଗେ ସଙ୍ଗେ ତାଙ୍କଠାରୁ ଆପଣାର ଅନ୍ତରଟିକୁ ମଧ୍ୟ ଅନୁଭବ କରି ପାରୁଥିବ । ତଦ୍‌ରୂପ ଅଦ୍ୱୟ ସତ୍ତାର ସେହି ଅନେକ ଆତ୍ମରୂପାୟନରୂପୀ ଅନନ୍ତ ଲୀଳାଭିତରେ ତାହା ଅନ୍ୟ ଦିବ୍ୟଆତ୍ମାମାନଙ୍କ ସହିତ ଆପଣାର ଭେଦ ତଥା ଆପଣାର ଅଭିନ୍ନତ୍ୱକୁ ମଧ୍ୟ ଅନୁଭବ କରୁଥିବ ।

ଏକଥା ସମ୍ପୂର୍ଣ୍ଣ ନିଃସନ୍ଦେହ ଭାବରେ କୁହାଯାଇପାରେ ଯେ ଏହିଭଳି ଏକ ଆତ୍ମାର ସତ୍ତା ସଚ୍ଚିଦାନନ୍ଦର ଚିନ୍ମୟ ଲୀଳା ମଧ୍ୟରେହିଁ ଅବସ୍ଥାନ କରୁଥିବ । ସ୍ୱସତ୍ତାରେ ଏହା ବିଶୁଦ୍ଧ ଓ ଅନନ୍ତ ଆତ୍ମସତ୍ତାରୂପ ହୋଇଥିବ ଏବଂ ସ୍ୱୟଂସମ୍ଭୂତିରେ ଅମର ଜୀବନର ଏକ ମୁକ୍ତ ଲୀଳାରୂପ ଧାରଣ କରିଥିବ । ମୃତ୍ୟୁ, ଜନ୍ମ କିମ୍ବା ଶରୀରବୈକଲ୍ୟର କୌଣସି ଆକ୍ରମଣ ଏହାକୁ ସ୍ପର୍ଶ କରି ପାରୁନଥିବ, କାରଣ ଅବିଦ୍ୟାର ମେଘାଚ୍ଛାଦନରୁ ଏହା ସର୍ବଥା ମୁକ୍ତ ରହିଥିବ ଏବଂ ଆମର ଏହି ଜଡ଼ାୟିତ ସତ୍ତାର ଅନ୍ଧକାର ମଧ୍ୟରେ ଆଦୌ ଲିପ୍ତ ହୋଇ ପଡ଼ିନଥିବ । ଆପଣାର ଶକ୍ତିରେ ତାହା ଏକ ବିଶୁଦ୍ଧ ଓ ଅସୀମ ଚେତନାର ପରିଚୟ ଦେଉଥିବ, ଆପଣାର ଭିତ୍ତିରୂପେ ଏକ ଶାଶ୍ୱତ ଓ ପ୍ରଭାସ୍ୱର ପ୍ରଶାନ୍ତି ଉପରେ ପ୍ରତିଷ୍ଠିତ ଥିବ । ତଥାପି ଜ୍ଞାନ ତଥା ଚିନ୍ମୟ ଶକ୍ତିର ନାନା ରୂପର ମାଧ୍ୟମରେ ମୁକ୍ତଭାବରେ ଲୀଳାରତ ରହିବାକୁ ମଧ୍ୟ ଏହାର ପରିପୂର୍ଣ୍ଣ ସାମର୍ଥ୍ୟ ରହିଥିବ । ଲୀଳା ଭିତରେ ରହି ମଧ୍ୟ ଏହା ଆପଣାର ପ୍ରଶାନ୍ତିକୁ ହରାଇ ଦେଇ ନଥିବ ଏବଂ ମନଃପ୍ରସୂତ ଭ୍ରାନ୍ତିଜନିତ ସ୍ଖଳନ ତଥା ଆମ ଆୟାସକ୍ଲିଷ୍ଟ ଇଚ୍ଛାଶକ୍ତିର ସର୍ବବାଧ ତ୍ରୁଟିରୁ ଆପଣାକୁ ଅଲିପ୍ତ ରଖିଥିବ । କାରଣ ସତ୍ୟ ଓ ଏକତ୍ୱରୁ ଏହାର କେବେହେଲେ କୌଣସି ବିଚ୍ୟୁତି ଘଟିବ ନାହିଁ, ଆପଣାର ଅନ୍ତର୍ନିହିତ ଆଲୋକ ଏବଂ ଆପଣା ଦିବ୍ୟ ସତ୍ତାର ସ୍ୱାଭାବିକ ସୌଷମ୍ୟରୁ ଏହା କଦାପି ବାରିତ ହୋଇ ରହିବ ନାହିଁ । ଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ତାହା ଆପଣାର ଶାଶ୍ୱତ ଆତ୍ମ-ଅନୁଭବରେ ଏକ ଶୁଦ୍ଧ ତଥା ଅବିଚ୍ଛେଦ୍ୟ ଆନନ୍ଦସ୍ୱରୂପ ହୋଇ ରହିଥିବ, ଏବଂ କାଳର ସୀମା ଭିତରେ ଆନନ୍ଦର ଏକ ସ୍ୱଚ୍ଛନ୍ଦ ପ୍ରବାହରୂପେ ଅବସ୍ଥାନ କରୁଥିବ ।

'oaob.nitrkl.ac.in' images reprocessed

ଅଶ୍ରଦ୍ଧା, ଘୃଣା, ଅସନ୍ତୋଷ ଏବଂ ଦୁଃଖ ପ୍ରଭୃତି ଆମର ଚିରାଭ୍ୟସ୍ତ ବିକୃତିଗୁଡ଼ିକ ସେହି ଆନନ୍ଦକୁ ଆଦୌ ସ୍ପର୍ଶ କରୁନଥିବ । କାରଣ ଆପଣାର ସତ୍ତାରେ ସେ ଅବିଭକ୍ତ ହୋଇ ରହିଥିବ, କୌଣସି ଖଣ୍ଡିତତାର ପ୍ରମାଦ ଭିତରେ ପଡ଼ି ଯାଇ ନଥିବ, ଭ୍ରାନ୍ତିର ଅଧୀନ ସକଳ ଅପସଂକଳ୍ପ ଆଗରେ ଅପ୍ରତିହତ ହୋଇ ରହିଥିବ ଏବଂ ବାସନାର ଅଜ୍ଞାନଗ୍ରସ୍ତ ତାଡ଼ନାଦ୍ୱାରା କୌଣସିପ୍ରକାରେ ପଥଚ୍ୟୁତ ହୋଇ ନଥିବ ।

ଅନନ୍ତ ସତ୍ୟର କୌଣସି ପ୍ରଦେଶ ତା'ର ଚେତନା ଲାଗି କଦାପି ଅନଧିଗମ୍ୟ ହୋଇ ରହିବ ନାହିଁ । ଅନ୍ୟମାନଙ୍କ ସହିତ ନାନା ସମ୍ବନ୍ଧରେ ଆବଦ୍ଧ ହୋଇ ରହିଲେ ମଧ୍ୟ ତଥାପି କୌଣସି ସ୍ଥିତି ବା ପରିସ୍ଥିତିର ସୀମା ଭିତରେ ଏହାକୁ କାଳ-ହୋଇ ରହିବାକୁ ପଡ଼ିବ ନାହିଁ, ଅଥବା ସମ୍ପୂର୍ଣ୍ଣ ପ୍ରାତିଭାସିକ ଏକ ବ୍ୟକ୍ତିସତ୍ତାକୁ ସ୍ୱୀକାର କରି ଓ ବିସୃଷ୍ଟିର ବ୍ୟାବହାରିକ ବିଭେଦନକୁ ଆଦରି ନେଇ ମଧ୍ୟ ତାହାର ଆତ୍ମଜ୍ଞାନ କୌଣସିପ୍ରକାରେ ନ୍ୟୂନ ହୋଇଯିବ ନାହିଁ । ସ୍ୱକୀୟ ଆତ୍ମ-ଅନୁଭୂତିରେ ତାହା ଶାଶ୍ୱତ ଭାବରେ ପରମତତ୍ତ୍ୱର ନିକଟ-ସଙ୍ଗତିରେହିଁ ବାସ କରୁଥିବ । ଆମେ ପରମ ତତ୍ତ୍ୱକୁ ସାଧାରଣତଃ ଅବର୍ଣ୍ଣନୀୟ ସତ୍ତାର କେବଳ ଏକ ବୁଦ୍ଧିଗତ କଳ୍ପନା ବୋଲି ମନେ କରିଥାଉ । ଏକ ପରାତ୍ପର ବ୍ରହ୍ମ ଅଛନ୍ତି ଏବଂ ଆମ ଜ୍ଞାନସାଧନରୁ ଭିନ୍ନ ଅନ୍ୟକୌଣସି ଏକ ସାଧନଦ୍ୱାରାରେ ସେହି ଅବିଜ୍ଞେୟ ଆପଣାକୁ ଜାଣୁଛନ୍ତି,—ବୁଦ୍ଧି ଆମକୁ କେବଳ ଏତିକିମାତ୍ର କହିଥାଏ । ମାତ୍ର ବୁଦ୍ଧି ଆମକୁ ତାହାର ସମକ୍ଷରେ ଆଣି ପହଞ୍ଚାଇ ପାରେ ନାହିଁ । ମାତ୍ର ଅପର ପକ୍ଷରେ ବସ୍ତୁନିକରର ଯଥାର୍ଥ ସତ୍ୟ ଭିତରେ ବାସ କରୁଥିବା ଦିବ୍ୟାତ୍ମା ଆପଣାକୁ ନିରନ୍ତର ସେହି ପରମ ସତ୍ତାଙ୍କର ଏକ ପ୍ରକାଶରୂପେ ସଚେତନ ପ୍ରତ୍ୟକ୍ଷ କରୁଥିବ । ଆପଣାର ଅକ୍ଷର ଅସ୍ତିତ୍ୱକୁ ସେ ସେହି ପରାତ୍ପର ସଚ୍ଚିଦାନନ୍ଦଙ୍କର ମୂଳ ସ୍ୱରୂପ ବୋଲିହିଁ ଜାଣୁଥିବ, ଏବଂ ଆପଣା ଚେତନ ସତ୍ତାର ଲୀଳାବିଳାସକୁ ସଚ୍ଚିଦାନନ୍ଦ ରୂପରେ କେବଳ ତାଙ୍କର ଆତ୍ମପ୍ରକାଶ ବୋଲି ଜାଣୁଥିବ । ଆପଣା ଜ୍ଞାନର ସକଳ ଅବସ୍ଥା ତଥା ସକଳ କ୍ରିୟାରେ ସେ ସେହି ଅବିଜ୍ଞେୟ ସତ୍ତା ଏକ ବିଚିତ୍ର ଆତ୍ମଜ୍ଞାନଦ୍ୱାରା ଆପଣାକୁ ଜାଣୁଛନ୍ତି ବୋଲି ଅନୁଭବ କରୁଥିବ । ଆପଣା ଶକ୍ତି, ସଂକଳ୍ପ ଓ ସାମର୍ଥ୍ୟର ପ୍ରତ୍ୟେକ ଅବସ୍ଥା ତଥା ପ୍ରତ୍ୟେକ କ୍ରିୟାରେ ସେ ବିଶ୍ୱାତୀତ ସତ୍ତାକୁହିଁ ସଚେତନ ଶକ୍ତି ଓ ଜ୍ଞାନରୂପେ ବିଧୃତ ହେଉଥିବାର ଅନୁଭବ କରୁଥିବ; ଆପଣା ହର୍ଷ, ଆନନ୍ଦ ଓ ପ୍ରେମର ପ୍ରତ୍ୟେକ ଅବସ୍ଥା ଓ ପ୍ରତ୍ୟେକ କ୍ରିୟାରେ ସେ ବିଶ୍ୱାତୀତ ଭୂମାସତ୍ତା ଏକ ସଚେତନ ଆତ୍ମସମ୍ଭୋଗ ଦ୍ୱାରା ଆପଣା ସହିତ ଆଲିଙ୍ଗନବଦ୍ଧ ହୋଇ ରହିଥିବାର ଅନୁଭବ କରୁଥିବ । କେବଳ ସାମୟିକ ଆଭାସର ଏକ ଅନୁଭୂତିରୂପେ ସେ ପରମ ସତ୍ତାର ଉପସ୍ଥିତିକୁ ଅନୁଭବ କରିବ ନାହିଁ, ବରଂ ଆଭାସରେ ପରିଶେଷରେ ପ୍ରାପ୍ତ ହୋଇଥିବା କମ୍ପା ଅତି କଷ୍ଟରେ ଯେକୌଣସି

'oaob.nitrkl.ac.in' images reprocessed

ପ୍ରକାରେ ସାଧି କରି ରଖାଯାଇଥିବା ଏକ ଅନୁଭୂତି ରୂପେ ଅନୁଭବ କରିବନାହିଁ । ଆପଣାର ନିତ୍ୟନୈମିତ୍ତିକ ସାଧାରଣ ଜୀବନଭୂମି ଉପରେ ଏହାକୁ ଏକ ପରବର୍ତ୍ତୀ ଲାଭରୂପେ ଯୋଗ କରି ରଖି ଦିଆଯାଇଛି କିମ୍ବା ଏକ ସିଦ୍ଧି ବା ଚରମ ପରିଣତିରୂପେ ଏହାକୁ ତା'ଉପରେ ଘଟୁଥିବା ବାହାରୁ ଆଣି ଲଦି ଦିଆଯାଇଛି, ଦିବ୍ୟାତ୍ମା କେବେହେଲେ ଏପରି ଭାବୁ ନଥିବ । ଭେଦ ଓ ଅଭେଦର ଉଭୟ ସ୍ଥିତିରେ ଏହି ଅନୁଭୂତିଟି ତା' ଜୀବନର ମୂଳଦୁଆ ହୋଇ ରହିଥିବ । ତା'ର ଯାବତୀୟ ଜ୍ଞାନ, ଇଚ୍ଛା, କର୍ମ ତଥା ସମ୍ଭୋଗରେ ଏହି ଅନୁଭୂତିଟି ତା' ଭିତରେହିଁ ରହିଥିବ । ତା'ର କାଳାତୀତ ସତ୍ତାରେ କିମ୍ବା କାଳାଧୀନ କୌଣସି ମୁହୂର୍ତ୍ତରେ ସେହି ଅନୁଭୂତି ତାକୁ କେବେହେଲେ ଛାଡ଼ି ଚାଲିଯିବ ନାହିଁ । ତା'ର ଦେଶାତୀତ ସତ୍ତାରୁ କିମ୍ବା ଦେଶ-ନିୟନ୍ତ୍ରିତ ତାହାର କୌଣସି ଜୀବନଭୂମିରୁ ତାହା କଦାପି ଅନ୍ତର୍ହିତ ହୋଇଯିବ ନାହିଁ । ସକଳ କାର୍ଯ୍ୟକାରଣ ଓ ସକଳ ପରିସ୍ଥିତିର ଅତୀତ ତାହାର ସକଳ ପ୍ରସୀମନମୁକ୍ତ ଶୁଦ୍ଧାବସ୍ଥାରେ ତଥା ପରିସ୍ଥିତି, ପ୍ରସୀମନ ଏବଂ କାର୍ଯ୍ୟକାରଣର ସମ୍ବନ୍ଧ ଦ୍ୱାରା ଆବୃତ ହୋଇ ରହିଥିବା ତା'ର ବ୍ୟାବହାରିକ ଜୀବନ କ୍ଷେତ୍ରରେ ମଧ୍ୟ ଏହି ଅନୁଭୂତି ବଳବତ୍ତର ରହିଥିବ । ପରମ ସତ୍ତାର ଏହି ସତତ ସାଯୁଜ୍ୟହିଁ ଦିବ୍ୟାତ୍ମାର ଅନନ୍ତ ମୁକ୍ତି ତଥା ଅବାଧ ଆନନ୍ଦର ଆଧାର ହୋଇ ରହିଥିବ, ସକଳ ଲୀଳାରେ ତାହାକୁ ସୁପ୍ରତିଷ୍ଠ ରଖିବ ଏବଂ ଦିବ୍ୟ ଜୀବନଭାବକୁ ତେଜ, ରସ ଓ ସାର ଯୋଗାଇ ଦେବାରେ ଲାଗିଥିବ ।

ପୁଣି, ଏହିଭଳି ଏକ ଦିବ୍ୟାତ୍ମା ଏକାଧାରରେ ସଚ୍ଚିଦାନନ୍ଦରୂପୀ ଶାଶ୍ୱତ ସତ୍ତାର ଦୁଇଟିଯାକ ବିଭାବରେ ବାସ କରିବାକୁ ସମର୍ଥ ହେବ । ପରମ ସତ୍ତାର ଆତ୍ମବିଭାବନ-ପ୍ରକ୍ରିୟାରେ ଉତ୍ପନ୍ନ ହେଉଥିବା ଏହି ଦୁଇଟି ଅଭିନ୍ନ କୋଟୀରୁ ଆମେ ଗୋଟିକୁ ଏକ ଏବଂ ଅନ୍ୟଟିକୁ ଅନେକ ବୋଲି କହୁ । ଯଥାର୍ଥରେ ଦେଖିଲେ ଯାବତୀୟ ସତ୍ତା କେବଳ ଏହିଭଳି ଉଭୟ କୋଟୀରେ ବାସ କରୁଛନ୍ତି; ମାତ୍ର ଆମର ଖଣ୍ଡିତ ଆତ୍ମଜ୍ଞାନହିଁ ତାହାକୁ ପରସ୍ପରଠାରୁ ଭିନ୍ନ ଓ ବିସଙ୍ଗତ ବୋଲି ଦେଖୁଛି । ଦୁଇଟି ଭିତରେ ଏକ ବ୍ୟବଧାନର ଆରୋପ କରି ଆମକୁ ଦୁଇଟି ଭିତରୁ କେବଳ ଗୋଟିକୁ ଗ୍ରହଣ କରିବାଲାଗି ପ୍ରବର୍ତ୍ତିନା ଦେଉଛି । ଅଦ୍ୱୟ ଓ ଅଖଣ୍ଡ ଏକର ପ୍ରତ୍ୟକ୍ଷ ଓ ସମଗ୍ର ଚେତନାରୁ ନିର୍ବାସିତ ରହି ଅନେକତା ଓ ବିଭକ୍ତତା ଭିତରେ ସନ୍ତୁଷ୍ଟ ହୋଇ ରହିବାକୁ କହୁଛି କିମ୍ବା ଅନେକର ଚେତନାକୁ ନିଷ୍କାଶିତ କରି ଦେଇ କେବଳ ଏକତ୍ୱ ଭିତରେ ବୁଡ଼ି ରହିବାକୁ ଫୁସୁଲାଉଛି । ମାତ୍ର ଦିବ୍ୟାତ୍ମା କେବେହେଲେ ଏହି ପରସ୍ପରବିଚ୍ଛିନ୍ନତା ଓ ଦ୍ୱୈତତାର ଫାନ୍ଦରେ ପଡ଼ିଯିବନାହିଁ । ଦିବ୍ୟାତ୍ମା ଏକାଧାରରେ ଅନନ୍ତ ଆତ୍ମସଂହରଣ ଏବଂ ଅନନ୍ତ ଆତ୍ମପ୍ରସାରଣ ଓ ବିକିରଣ

'oaob.nitrkl.ac.in' images reprocessed

ଉଭୟସୃଷ୍ଟିକୁ ସଚେତଭାବେ ଅନୁଭବ କରିପାରିବ । ଅଖଣ୍ଡ ଚୈତନ୍ୟରୂପୀ ଯେଉଁ ଅଦ୍ୱୟ୍ ସତ୍ତା ଅଗଣିତ ବିବିଧସମ୍ଭାବ୍ୟତାକୁ ସତେଅବା ଅନ୍ତର୍ନିହିତ ଶକ୍ତିରୂପେ ଧାରଣ କରି ରଖିଛି ଏବଂ ଯେଉଁ ଅଦ୍ୱୟ ସତ୍ତା ଆପଣାର ପରିବ୍ୟାପ୍ତ ଚେତନାଭିତରେ ଆପଣାର ଚିତ୍ସତ୍ତା, ସଂକଳ୍ପ ଓ ଆନନ୍ଦର ଲୀଳାରୂପେ ନିକ୍ଷେପିତ ଓ କ୍ରିୟାଶୀଳ ହେଉଥିବା ଅନେକତ୍ୱକୁ ଧାରଣ କରିଛି, ଦିବ୍ୟାତ୍ମା ଯୁଗପତ୍ ଭାବରେ ଦୁହିଁଙ୍କୁହିଁ ଅନୁଭବ କରିପାରିବ । ଅଦ୍ୱୟ ସତ୍ତାର ପ୍ରଥମ ଅବସ୍ଥାଟିରେ ସେହି ଅନେକତ୍ୱ ଅପ୍ରକାଶିତ ରହିଥାଏ ଓ ସେହି କାରଣରୁ ଆମ ମାନସିକ ଅନୁଭବକୁ ସତେଅବା ନଥିବାପରି ବୋଧ ହେଉଥାଏ । ଆପଣା ସତ୍ତାର ଶାଶ୍ୱତ ଉତ୍ସ ଓ ଶାଶ୍ୱତ ସତ୍ୟରୂପେ ଅବସ୍ଥିତ ରହିଥିବା ଅଦ୍ୱୟ ତତ୍ତ୍ୱକୁ ଯେଉଁ ଅନେକତା ଆପଣା ଭିତରକୁ ଟାଣି-ନେବାରେ ଲାଗିଛି, ଦିବ୍ୟାତ୍ମା ତାହାର ଯଥାର୍ଥ ପରିଚୟ ପାଇପାରିବ, ଅର୍ଥାତ୍ ଏକତ୍ୱ ବହୁରୂପେ ପ୍ରକାଶିତ ହେଉଥିବାର ଅନୁଭବ କରିପାରିବ । ପୁଣି ସେହି ଅଦ୍ୱୟ ତତ୍ତ୍ୱକୁ ଆପଣାର ଶାଶ୍ୱତ ଚରମ-ପରିଣତିର ନିଧାନ ଓ ଆପଣାର ସକଳ ବିଭେଦଲୀଳାର ଆନନ୍ଦମୟ ସାର୍ଥକତା ବୋଲି ଜାଣି ଯେଉଁଠି ଅନେକତା ତାହାରି ଦ୍ୱାରା ଆକର୍ଷିତ ହୋଇ ସତତ ତାହାରି ଆଡ଼କୁ ଉଠିଯାଉଛି, ଦିବ୍ୟାତ୍ମା ସେଠାରେ ମଧ୍ୟ ଏହି ଅନେକତାକୁ ଯଥାର୍ଥରୂପେ ଚିହ୍ନିବାକୁ ସମର୍ଥ ହେବ, ଅନେକ ଏକର ଆଶ୍ରୟ ଭିତରକୁ ଫେରି ଯାଉଥିବାର ପ୍ରତ୍ୟକ୍ଷ କରିବ । ଏହି ବୃହତ୍ ଦର୍ଶନ ହେଉଛି ଋତ-ଚିତ୍ର ସ୍ୱଭାବଭଙ୍ଗି; ବୈଦିକ ଋଷିମାନେ ଯେଉଁ ବୃହତ୍ ସତ୍ୟ ଓ ଋତର ସ୍ତବଗାନ କରିଛନ୍ତି, ତାହାରି ଭଙ୍ଗି । ଏହିସବୁ ଆପାତବିରୋଧୀ ବିଭାବଗୁଡ଼ିକର ଏହି ଏକତ୍ୱ ତଥା ସମନ୍ୱୟ ହେଉଛି ଯଥାର୍ଥ ଅଦ୍ୱୈତ । ଏହି ପରମ ଓ ସମଗ୍ର ଶବ୍ଦଟିରେହିଁ ଅବିଜ୍ଞେୟ ପରମତତ୍ତ୍ୱ ବିଷୟରେ ସକଳ ବ୍ୟଞ୍ଜନା ସମାବିଷ୍ଟ ହୋଇ ରହିଛି ।

ସତ୍ତା, ଚେତନା, ସଂକଳ୍ପ ଓ ଆନନ୍ଦର ଯାବତୀୟ ବୈଚିତ୍ର୍ୟକୁ ଦିବ୍ୟାତ୍ମା କେବଳ ସେହି ଆତ୍ମସମାହିତ ଏକତ୍ୱର ବହିଃନିଃସରଣ, ପ୍ରସାରଣ ଓ ବିସ୍ତାରଣ ବୋଲି ଜାଣିବ । ଆତ୍ମପ୍ରକାଶର ଏହି କ୍ରିୟାରେ ସେହି ଏକତ୍ୱ କୌଣସିପ୍ରକାରେ ବିଭିନ୍ନ କିମ୍ବା ବିଭକ୍ତ ହୋଇ ପଡୁନାହିଁ, ମାତ୍ର ଅନନ୍ତ ଏକତ୍ୱର କେବଳ ଆଉଗୋଟିଏ ସମ୍ପ୍ରସାରିତ ରୂପରେହିଁ ରୂପାନ୍ତରିତ ହେଉଛି,—ଦିବ୍ୟାତ୍ମା ତାହା ଜାଣିବାକୁ ବି ସମର୍ଥ ହେବ । ସ୍ୱୟଂ ଦିବ୍ୟାତ୍ମା ମଧ୍ୟ ଆପଣା ସତ୍ତାର ମୂଳସତ୍ୟଟିରେ ଏକତ୍ୱ ଭିତରେହିଁ ସତତ ସମାହିତ ହୋଇ ରହିଥିବ, ପୁଣି ଆପଣା ସତ୍ତାର ପ୍ରସାରଣ-ପର୍ଯ୍ୟାୟରେ ସେ ଆପଣାକୁ ବୈଚିତ୍ର୍ୟ ମଧ୍ୟରେ ସତତ ପ୍ରକାଶିତ ବି କରୁଥିବ । ତାହାଭିତରେ ରୂପଗ୍ରହଣ କରୁଥିବା ସକଳ ପ୍ରକାଶରେ ସେହି ଅଦ୍ୱୟ ସତ୍ତାର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକହିଁ ପ୍ରକାଶିତ ହେଉଥିବା ସେହି ଅଦ୍ୱୟ ସତ୍ତାକୁ

'oaob.nitrkl.ac.in' images reprocessed

ଦିବ୍ୟାତ୍ମା ନାମହୀନ ନୈଃଶବ୍ଦ୍ୟ ଭିତରୁ ପ୍ରକମ୍ପିତ ହୋଇ ଉଠୁଥିବା ପରମ ଶବ୍ଦ ବା ପରମ ନାମ ବୋଲି ଜାଣିବ । ସେ ତାହାକୁ ରୂପାତୀତ ସତ୍ୟର ଉପଲବ୍ଧି କରୁଥିବା ରୂପ ବୋଲି ଜାଣିବ, ସମାହିତ ଅନନ୍ତ ଶକ୍ତିରୁ ନିର୍ଗତ ହୋଇ ଆସୁଥିବା ସୃଜିଷ୍ଣୁ ସଂକଳ୍ପ ତଥା ସାମର୍ଥ୍ୟ ବୋଲି ଜାଣିବ, କାଳାତୀତ ଆତ୍ମଚୈତନ୍ୟ ରୂପୀ ସୂର୍ଯ୍ୟଭିତରୁ ଅଭ୍ୟୁଦିତ ହୋଇ ଆସୁଥିବା ଆତ୍ମପରିଚୟର ରଶ୍ମିରେଖା ବୋଲି ଜାଣିବ, ଶାଶ୍ୱତ ଓ ସ୍ୱୟଂଚେତନ ସତ୍ତାଭିତରୁ ଆତ୍ମସଚେତନ ସତ୍ତାର ଆକାର ଧାରଣ କରି ଉଠି-ଆସୁଥିବା ସମୁଦ୍ରର ତରଙ୍ଗ ବୋଲି ଜାଣିବ, ଶାଶ୍ୱତ ଓ ଅବିଚଳିତ ଆନନ୍ଦର ଗର୍ଭରୁ ଉତ୍ଥିତ ହେଉଥିବା ଉଲ୍ଲାସ ଓ ପ୍ରେମର ଧାରାପ୍ରବାହ ବୋଲି ଜାଣିବ । ଏହି ଲୀଳା ହେଉଛି ପରମତତ୍ତ୍ୱର ଆତ୍ମବିଭାବନର ଲୀଳା; ଏହା ଏକ ଦ୍ୱୈତ ବିଭାବର ଲୀଳା । ଏଥିରେ ସମାବିଷ୍ଟିତ ପ୍ରତ୍ୟେକଟି ଆପେକ୍ଷିକ ଓ ବିଶିଷ୍ଟ ବିଭୂତି ଭିତରେ ସେହି ପରମ ପ୍ରତ୍ୟୟଟି ଅବଶ୍ୟ ବର୍ତ୍ତମାନ ରହିଥିବ, କାରଣ ଆପଣାକୁ ତାହା କେବଳ ସେହି ପରମତତ୍ତ୍ୱର ପ୍ରକାଶରୂପେ ଅବଶ୍ୟ ଜାଣିଥିବ । ଯେଉଁ ଅଜ୍ଞାନର ବଶବର୍ତ୍ତୀ ହୋଇ ଗୋଟିଏ ଆପେକ୍ଷିକତା ଅନ୍ୟ ଆପେକ୍ଷିକତାଗୁଡ଼ିକୁ ଆପଣାଠାରୁ ବିଚ୍ଛିନ୍ନ ଓ ବହିଷ୍କୃତ କରି ରଖିଥାଏ ଏବଂ ସେଗୁଡ଼ିକୁ ଆପଣାଠାରୁ କମ୍ ପରିପୂର୍ଣ୍ଣ ବୋଲି ବିଚାରୁଥାଏ, ତାହାଭିତରେ ସେହି ଅଜ୍ଞାନଲାଗି ଆଦୌ କୌଣସି ସ୍ଥାନ ନ ଥିବ ।

ପରିବ୍ୟାପ୍ତ ବିଶ୍ୱରେ ଅତିମାନସର ତିନୋଟିଯାକ ଚରଣ ସହିତ ଦିବ୍ୟାତ୍ମାର ପରିଚୟ ରହିଥିବ । ଆମର ମନଃସୀମା ଭିତରେ ଆମେ ଯେପରି ସେଗୁଡ଼ିକୁ ତଳୁ ଉପରକୁ ଉଠି ଉଠି ଯାଇଥିବା ତିନୋଟି ସୋପାନରୂପେ ' ଦେଖିବାକୁ ବାଧ୍ୟ ହୋଇଥାଉ, ସେପରି ନୁହେଁ, ଦିବ୍ୟାତ୍ମା ତାହାକୁ ସଚ୍ଚିଦାନନ୍ଦଙ୍କର ଆତ୍ମ ପରିପ୍ରକାଶରେ କେବଳ ଗୋଟିଏ ମାତ୍ର ସତ୍ୟକୁ ପ୍ରକାଶ କରୁଥିବା ତିନୋଟି ବିଭାବରୂପେ ଦେଖିବ । ଆପଣାର ସମଗ୍ର ଆତ୍ମ-ଉପଲବ୍ଧିର କ୍ଷେତ୍ରଭିତରେ ସିଏ ତିନୋଟିଯାକକୁ ଏକତ୍ର ସମ୍ଭାରି ଧରିବାକୁ ସମର୍ଥ ହେବ । କାରଣ ଏକ ବୃହତ୍ ସମଗ୍ରତା ବା ସମାବେଶକତା ହେଉଛି ଋତ-ଚିତ୍ସମ୍ପନ୍ନ ଅତିମାନସର ସ୍ୱଧର୍ମଗତ ଆଧାରସ୍ୱରୂପ । ସକଳ ବସ୍ତୁକୁ ଆତ୍ମାରୂପେ, ଆପଣାର ଆତ୍ମାରୂପେ, ସକଳ ମଧ୍ୟରେ ବିରାଜମାନ ଏକ ଆତ୍ମାରୂପେ ଦେଖିବାକୁ ଓ ଅନୁଭବ କରିବାକୁ ତାହାର ଦିବ୍ୟ ସାମର୍ଥ୍ୟ ରହିଥିବ । ସକଳ ବସ୍ତୁକୁ ସେ ସେହି ଗୋଟିଏ ଆତ୍ମାର ସତ୍ତା ତଥା ସମ୍ଭୂତିରୂପେ ଦେଖିବ । ସମ୍ଭୂତି ଅର୍ଥାତ୍ ପ୍ରକାଶର ପର୍ଯ୍ୟାୟରେ ମଧ୍ୟ ସେହି ଆତ୍ମା ଅବିଭକ୍ତ ହୋଇ ରହିଥିବ, କାରଣ ତାହାର ଆତ୍ମଚୈତନ୍ୟର ବାହାରେ ଏହି ସମ୍ଭୂତ ରୂପଗୁଡ଼ିକର ଅନ୍ୟକୌଣସି ଅବସ୍ଥିତି ଆଦୌ ସମ୍ଭବ ହେବ ନାହିଁ । ସକଳ ବସ୍ତୁକୁ କେବଳ ସେହି ଅଦ୍ୱୟ ଏକର ଚିନ୍ମୟ ବିଗ୍ରହରୂପେ ଦେଖିବାଲାଗି ତାହାର ଦିବ୍ୟ ସାମର୍ଥ୍ୟ

'oaob.nitrkl.ac.in' images reprocessed

ରହିଥିବ । ପ୍ରତ୍ୟେକ ସ୍ୱତନ୍ତ୍ରଟିର ସତ୍ତା ଓ ବୈଶିଷ୍ଟ୍ୟ ସେହି ଏକ ଭିତରେ ଅବସ୍ଥିତ ରହିଥିବ । ଅନନ୍ତ ଏକତ୍ୱକୁ ମଣ୍ଡିତ ଓ ପରିପୂର୍ଣ୍ଣ କରି ଯେଉଁସବୁ ସତ୍ତା ବିଦ୍ୟମାନ ରହିଛନ୍ତି, ସେଗୁଡ଼ିକ ସହିତ ପ୍ରତ୍ୟେକଟିର ସମ୍ବନ୍ଧ ମଧ୍ୟ ସେହି ଏକ ମଧ୍ୟରେ ଅବସ୍ଥିତ ରହିଥିବ, ମାତ୍ର ସକଳ ସତ୍ତା ସେହି ଅଦ୍ୱୟର ଅନୁଗତ ହୋଇ ରହିଥିବେ । କାରଣ ଯାବତୀୟ ବସ୍ତୁ ବା ସତ୍ତା କେବଳ ତାଙ୍କର ଅନନ୍ତ ଆତ୍ମରୂପାୟନର ଶକ୍ତିସ୍ୱ ସୃଷ୍ଟରୂପ ମାତ୍ର । ସକଳ ବସ୍ତୁକୁ ସେଗୁଡ଼ିକର ବ୍ୟକ୍ତି-ରୂପର ମାଧ୍ୟମରେ ଦେଖିବାକୁ ଓ ଅନୁଭବ କରିବାକୁ ତାହାର ଦିବ୍ୟ ସାମର୍ଥ୍ୟ ରହିଥିବ । ପ୍ରତ୍ୟେକଟିକୁ ସେ ସେଗୁଡ଼ିକର ବୈଶିଷ୍ଟ୍ୟ ଦେଇ ଦେଖିପାରିବ, ପ୍ରତ୍ୟେକର ଦିବ୍ୟ ବ୍ୟକ୍ତିପରିଚୟ ଦେଇ ସେଗୁଡ଼ିକୁ ଦେଖିବାଲାଗି ସମର୍ଥ ହେବ । ପ୍ରତ୍ୟେକ ବ୍ୟକ୍ତିରୂପରେ ସେ ଅଦ୍ୱୟ ଓ ପରମ ସତ୍ତାର ଅଧିଷ୍ଠାନଟିକୁ ଅନୁଭବ କରିପାରିବ । ତେଣୁ ସେ ପ୍ରତ୍ୟେକକୁ କେବଳ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଆକାର କିମ୍ବା ପ୍ରତିମାପରି ଦେଖିବ ନାହିଁ, ପ୍ରକୃତରେ ଏକ ଯଥାର୍ଥ ସମଗ୍ରତାର ଭ୍ରାନ୍ତିଦାୟକ ଅଂଶ ବୋଲି ଦେଖିବ ନାହିଁ କିମ୍ବା ସେଗୁଡ଼ିକୁ ଏକ ଅବିଚଳ ମହାସମୁଦ୍ରର ଉପରିଭାଗରେ ରହିଥିବା ଫେନିଳ ତରଙ୍ଗବୋଲି କହିବ ନାହିଁ । କାରଣ ଏହିସବୁ କେବଳ ମାନସିକ ଭୂମିସୀମାଦ୍ୱାରା ଆବଦ୍ଧ ଗୋଟିଏ ଗୋଟିଏ କଳ୍ପନାମାତ୍ର ଏବଂ ତେଣୁ ସ୍ୱଭାବତଃ ଅପୂର୍ଣ୍ଣ । ଦିବ୍ୟାତ୍ମା ଏହାକୁ ସମଗ୍ର ଭିତରେ ଏକ ସମଗ୍ରରୂପେ ପ୍ରତ୍ୟକ୍ଷ କରିବ, ଅନନ୍ତ ସତ୍ୟର ପୁନରାବୃତ୍ତି କରୁଥିବା ଏକ ସତ୍ୟରୂପେ ଓ ଓ ସମଗ୍ର ଜଳଧିଟିକୁ ବହନ କରୁଥିବା ଗୋଟିଏ ତରଙ୍ଗରୂପେ ପ୍ରତ୍ୟକ୍ଷ କରିବ । ରୂପର ସୀମାତିକ୍ରମ କରି ଏହାକୁ ଏହାର ସମଗ୍ର ରୂପରେ ଦେଖିବାକୁ ସମର୍ଥ ହେଲେ ଏହି ଆପେକ୍ଷିକତାଟି ଯେ କେବଳ ସେହି ପରମ ସତ୍ତା ବ୍ୟତୀତ ଆଉକିଛି ନୁହେଁ, ଆମକୁ ତାହାର ପ୍ରମାଣ ମିଳିଯିବ ।

କାରଣ ଏଗୁଡ଼ିକ ସେହି ଗୋଟିଏ ସତ୍ତାର ତିନୋଟି ବିଭାବ । ପ୍ରଥମଟି ଆତ୍ମଜ୍ଞାନ ଉପରେ ଆଧାରିତ ରହିଛି; ମନୁଷ୍ୟ-ଜୀବନର ଦିବ୍ୟୋପଲବ୍ଧି-ପ୍ରକରଣରେ ଏହାକୁହିଁ ଉପନିଷଦ 'ସର୍ବଭୂତାନି ଆତ୍ମୈବାଭୂତ୍' ଅର୍ଥାତ୍ ସର୍ବଭୂତରେ ପରିଣତ ହୋଇଥିବା ଆମର ଆତ୍ମା ବୋଲି ବର୍ଣ୍ଣନା କରିଛି । ଦ୍ୱିତୀୟଟିକୁ, 'ସର୍ବାଣି ଭୂତାନି ଆତ୍ମନି ଏବ' ଅର୍ଥାତ୍ 'ସକଳ ଭୂତକୁ ଆପଣାର ଆତ୍ମାଭିତରେ ଦେଖିବା' ବୋଲି ବର୍ଣ୍ଣନା କରାଯାଇଛି । ତୃତୀୟଟି 'ସର୍ବଭୂତେଷୁ ଆତ୍ମାନଂ' ଅର୍ଥାତ୍ 'ସର୍ବଭୂତରେ ଆପଣାର ଆତ୍ମାକୁ ଦେଖିବା' ଉପରେ ଆଧାରିତ ହୋଇ ରହିଛି । ଆମର ଆତ୍ମା ସର୍ବଭୂତରେ ପରିଣତ ହେବାକୁ ଆମେ ସକଳ ସହିତ ଆମ ଏକତ୍ୱର ଆଧାର ବୋଲି ମାନିବା । ସକଳ ଭୂତକୁ ଆତ୍ମା ଆପଣା ଭିତରେ ଅନ୍ତର୍ଗତ କରି ଦେଖିବା ହେଉଛି ବୈଚିତ୍ର୍ୟ ଭିତରେ ଆମ ଏକତ୍ୱର ଆଧାର । ଏବଂ ଆମର ଆତ୍ମା ସର୍ବଭୂତରେ

'oaob.nitrkl.ac.in' images reprocessed

ନିବାସ କରିବା ହେଉଛି ବିଶ୍ୱସମଗ୍ର ଭିତରେ ଆମ ବ୍ୟକ୍ତିତ୍ୱ-ପ୍ରତିଷ୍ଠାର ଆଧାର । ଆମ ମନୋଭୂମିର ଅପୂର୍ଣ୍ଣତା ଓ ପ୍ରତ୍ୟେକଟିକୁ ସ୍ୱତନ୍ତ୍ର ଓ ବିଚ୍ଛିନ୍ନ ଭାବରେ ଦେଖିବାଲାଗି ଏହାର ସ୍ୱଭାବଗତ ଆବଶ୍ୟକତାହିଁ ଏହାକୁ ଆତ୍ମଜ୍ଞାନର କୌଣସି ଗୋଟିଏ ବିଭାବ ଉପରେହିଁ ଅଭିନିବିଷ୍ଟ ରହି ଅନ୍ୟଗୁଡ଼ିକୁ ବାଦ୍ ଦେବାକୁ ବାଧ୍ୟ କରିଥାଏ । ଭେଦବୋଧରୁ ତଥାପି ମୁକ୍ତ ହୋଇ ପାରିନଥିବା ଏକ ଅପୂର୍ଣ୍ଣ ଉପଲବ୍ଧି ଯଥାର୍ଥ ସତ୍ୟାନୁଭୂତି ଭିତରେ ଭ୍ରାନ୍ତିର କୌଣସି ଏକ ମନୁଷ୍ୟସୁଲଭ ଉପାଦାନକୁ ଆଣି ମିଶାଇ ଦେବାଲାଗି ଆମକୁ ସବୁବେଳେ ପ୍ରଲୁବ୍ଧ କରୁଥାଏ, ସର୍ବସମାବେଶକ ଏକତ୍ୱ ଭିତରେ ବିରୋଧ ଓ ପାରସ୍ପରିକ ନିଷେଧର ଉପାଦାନକୁ ଭର୍ତ୍ତି କରିଦେବାକୁ ଚାହୁଁଥାଏ । ମାତ୍ର ଏକ ସର୍ବଗ୍ରାହୀ ଏକତା ଓ ଅନନ୍ତ ସମଗ୍ରତାହିଁ ଅତିମାନସର ମୂଳଧର୍ମ ହୋଇଥିବାରୁ ଏକ ଦିବ୍ୟ ଅତିମାନସ ସତ୍ତାର ଦୃଷ୍ଟିରେ ସେଗୁଡ଼ିକ ଏକ ନିରଙ୍କୁ ବିଶିଷ୍ଟ ଉପଲବ୍ଧି ରୂପେ ଅନୁଭୂତ ହୋଇଥା'ନ୍ତି ଏବଂ ଆହୁରି ଯଥାର୍ଥଭାବେ କହିବାକୁ ଗଲେ ତିନୋଟି ବିଭାବ ଦ୍ୱାରା ସମନ୍ୱିତ ଗୋଟିଏ ଉପଲବ୍ଧି ରୂପେ ଅନୁଭୂତ ହୋଇଥା'ନ୍ତି ।

ବ୍ୟଷ୍ଟିରୂପ ଦିବ୍ୟ ଚୈତନ୍ୟକୁ ଆପଣାର କେନ୍ଦ୍ର କରି ଦିବ୍ୟାତ୍ମା ସେଇଠି ଅବସ୍ଥିତ ରହିଥାଏ ଓ ତଥାକଥିତ 'ଅନ୍ୟମାନଙ୍କ' ସହିତ ସ୍ୱତନ୍ତ୍ର ସମ୍ବନ୍ଧରେ ବାସ କରୁଥାଏ ଓ କର୍ମରତ ହୋଇ ରହିଥାଏ ବୋଲି ଯଦି କଳ୍ପନା କରାଯାଏ, ତଥାପି ଅବଶ୍ୟ କହିବାକୁ ପଡ଼ିବ ଯେ ସେହି କ୍ଷେତ୍ରରେ ମଧ୍ୟ ଦିବ୍ୟାତ୍ମା ସକଳ ବସ୍ତୁର ନିର୍ଗମସ୍ଥାନ ସେହି ସମଗ୍ର ଏକତ୍ୱକୁହିଁ ଆପଣା ଚୈତନ୍ୟର ଭିତ୍ତି କରି ରଖିଥିବ । ସେହି ଚୈତନ୍ୟର ପୃଷ୍ଠଭୂମିରେ ବିଶ୍ୱରୂପାୟନର ସେହି ପ୍ରସାରଣରୂପୀ ସବିଶେଷ ଏକତ୍ୱଟି ମଧ୍ୟ ପ୍ରତିଷ୍ଠିତ ରହିଥିବ । ସେ ଇଚ୍ଛା କଲାମାତ୍ରକେ ଏଥିରୁ ଯେକୌଣସିଟିର ମଧ୍ୟକୁ ଲେଉଟି ଆସି ପାରୁଥିବ ଏବଂ ସେହିଗୁଡ଼ିକର ଭୂମିକା ଉପରେ ଆପଣାର ବ୍ୟକ୍ତିତ୍ୱଟିକୁ ସ୍ପଷ୍ଟ ଅନୁଭବ କରି ପାରୁଥିବ । ବେଦରେ ଏହି ତିନୋଟି ସ୍ଥିତିକୁ ଦେବତାମାନଙ୍କର ସ୍ଥିତି ବୋଲି ଘୋଷଣା କରାଯାଇଛି । ଯଥାର୍ଥତଃ ଏହି ଦେବତାମାନେ କେବଳ ସେହି ଏକ ସତ୍ତାରହିଁ ପ୍ରତୀକ, ବିପ୍ରାଃ ବହୁଧା ବଦନ୍ତି । ମାତ୍ର ବୃହତ୍ ସତ୍ୟ ତଥା ଋତରେ ପ୍ରତିଷ୍ଠିତ ରହିଥିବା ସେହି ଦେବତାମାନେ ଯେତେବେଳେ କର୍ମପ୍ରବୃତ୍ତ ହେଲାବେଳେ ସେଥିରୁ ବାହାରି ଆସନ୍ତି, ସେତେବେଳେ ସେଥିମଧ୍ୟରୁ କୌଣସି ଦେବତାବିଶେଷଙ୍କୁ ଉଦାହରଣସ୍ୱରୂପ ଅଗ୍ନିଙ୍କୁ, ଅନ୍ୟ ସକଳ ଦେବତାଙ୍କର ସ୍ୱରୂପ ବୋଲି ବୁଝାଯାଇଥାଏ, ତାଙ୍କୁ ସକଳ ରୂପରେ ସମ୍ଭୂତ ହୋଇଥିବା ଅଦ୍ୱୟ ଏକ ବୋଲି ବୁଝାଯାଏ । ପୁଣି, ଚକ୍ରନାଭିରେ ଅରଗୁଡ଼ିକ ଅବସ୍ଥିତ ହୋଇ ରହିବାପରି ତାଙ୍କରି ଭିତରେ ସକଳ ଦେବତା



'oaob.nitrkl.ac.in' images reprocessed

ଅବସ୍ଥିତ ରହିଛନ୍ତି ବୋଲି କୁହାଯାଇଥାଏ, ତାଙ୍କୁ ସମସ୍ତଙ୍କୁ ଧରି ରଖିଥିବା ଅଦ୍ୱିତୀୟ ଏକ ବୋଲି ବର୍ଣ୍ଣନା କରାଯାଇଥାଏ । ତଥାପି ଅଗ୍ନି ହିସାବରେ ତାଙ୍କୁ ଏକ ସ୍ୱତନ୍ତ୍ର ଦେବତାରୂପେ ବର୍ଣ୍ଣନା କରାଯାଇଛି, ଅଗ୍ନି ଅନ୍ୟ ସମସ୍ତଙ୍କର ସହାୟତା କରନ୍ତି, ଶକ୍ତି ଓ ଜ୍ଞାନରେ ସେମାନଙ୍କୁ ଅତିକ୍ରମ କରିଯା'ନ୍ତି । ତଥାପି ବିଶ୍ୱସତ୍ତାର ତୁଳନାତ୍ମକ ଦରବାରରେ ଅଗ୍ନି ସେମାନଙ୍କଠାରୁ ଏକ ନିମ୍ନତର ଆସନରେ ବସନ୍ତି ଏବଂ ସେମାନଙ୍କର ବାର୍ତ୍ତାବହ ଦୂତ ଭାବରେ ନିଯୁକ୍ତ ହୁଅନ୍ତି, ହୋତା ଓ ପରିକର ହୋଇ ରହନ୍ତି । ତେଣେ ସେହି ଅଗ୍ନିଙ୍କୁ ଜଗତର ସ୍ରଷ୍ଟା ଓ ପିତା ବୋଲି ବି କୁହାଯାଇଛି । ତଥାପି ସେ ଆମର କର୍ମରୁହିଁ ଜାତ ହୋଇଛନ୍ତି । ଅର୍ଥାତ୍ ସିଏ ହେଉଛନ୍ତି ଆଦିମୂଳ, ସିଏ ଅନ୍ତଃସ୍ଥିତ ଆତ୍ମା ବା ଦିବ୍ୟ ସତ୍ତାର ପ୍ରକାଶିତ ରୂପ; ସିଏ ସର୍ବନିବାସ, ଅଦ୍ୱିତୀୟ ଓ ଏକ ।

ଏହି ସର୍ବସମାବେଶକ ଆତ୍ମଜ୍ଞାନ ଦ୍ୱାରାହିଁ ଆମେ ଭଗବାନ୍, ଅର୍ଥାତ୍ ପରମାତ୍ମା ଓ ଅନ୍ୟ ରୂପଚୟରେ ଅବସ୍ଥିତ ଏହାର ଅନ୍ୟ ଆତ୍ମରୂପଗୁଡ଼ିକ ସହିତ ଏହି ଦିବ୍ୟାତ୍ମାର ସମ୍ବନ୍ଧମାନ ପରିକଳନା କରିବା । ଏହି ସମ୍ବନ୍ଧଗୁଡ଼ିକ ହେଉଛି ସତ୍, ଚିତ୍ ଓ ଜ୍ଞାନର ସମ୍ବନ୍ଧ; ଇଚ୍ଛାଶକ୍ତି, ସାମର୍ଥ୍ୟ, ପ୍ରେମ ଓ ଆନନ୍ଦର ସମ୍ବନ୍ଧ । ସେଗୁଡ଼ିକରେ ବୈଚିତ୍ର୍ୟ ଓ ବିବିଧତାର ଅନନ୍ତ ସମ୍ଭାବନା ନିହିତ ହୋଇ ରହିଛି । ତେଣୁ ପାର୍ଥକ୍ୟର ସକଳ ପ୍ରତିଭାସ ସତ୍ତ୍ୱେ ଏକତ୍ୱର ଅବିଚ୍ଛେଦ୍ୟ ବୋଧଟିକୁ ତଥାପି ଅତୁଟ ରଖିଥିବା ଆତ୍ମା ସହିତ ଆତ୍ମାର ସକଳ ସମ୍ଭାବ୍ୟ ସମ୍ବନ୍ଧ ସେଥିରେ ଅନ୍ତର୍ଗତ ରହିଛି, କୌଣସିଟିକୁ ବହିଷ୍କୃତ କରି ରଖା ଯାଇନାହିଁ । ତେଣୁ ଆପଣାର ସମ୍ଭୋଗଗତ ଯାବତୀୟ ସମ୍ବନ୍ଧରେ ଦିବ୍ୟାତ୍ମା ଆପଣାଭିତରେ ଆପଣାର ସକଳ ଅନୁଭବଜନିତ ଆନନ୍ଦର ଆସ୍ୱାଦନ କରିବାକୁ ସମର୍ଥ ହେବ । ଅନ୍ୟମାନଙ୍କ ସହିତ ରହିଥିବା ସମ୍ବନ୍ଧର ଅନୁଭବଜନିତ ଆନନ୍ଦକୁ ମଧ୍ୟ ସେ ବିଚିତ୍ର ବିଶ୍ୱଲୀଳା ଲାଗି ସୃଷ୍ଟ ହୋଇଥିବା ଅନ୍ୟରୂପଧାରୀ ଅନ୍ୟ ଆତ୍ମାଗୁଡ଼ିକ ସହିତ ଯୁକ୍ତ ହୋଇ ରହିପାରିବାର ଆନନ୍ଦରୂପେ ଆସ୍ୱାଦନ କରିପାରିବ । ଆପଣାର ଅନ୍ୟ ଆତ୍ମାଗୁଡ଼ିକର ଅନୁଭବଜନିତ ଆନନ୍ଦକୁ ସେ ସତେଅବା ଆପଣା ଅନୁଭବଜନିତ ଆନନ୍ଦରୂପେ ଉପଭୋଗ କରିବ, କାରଣ ଦୁଇଟିଯାକ ଅନୁଭବ ଯଥାର୍ଥତଃ ଗୋଟିଏ ଆତ୍ମାର ଅନୁଭବ ବ୍ୟତୀତ ଆଉ କ'ଣ ହୋଇପାରେ ? ଏବଂ ଆପଣାର ସ୍ୱକୀୟ ଅନୁଭବଗୁଡ଼ିକୁ ଯଥାର୍ଥଭାବେ ଜାଣୁଥିବାରୁ, ଅର୍ଥାତ୍ ଅନ୍ୟମାନଙ୍କ ସହିତ ତା' ନିଜର ସମ୍ବନ୍ଧ, ଅନ୍ୟମାନଙ୍କର ଅନୁଭବ ଓ ତା' ନିଜ ସହିତ ସେଗୁଡ଼ିକର ସମ୍ବନ୍ଧକୁ ସେ ସେହି ଅଦ୍ୱିତୀୟ ଏକର ଆନନ୍ଦରୂପେ ଅନୁଭବ କରି ପାରୁଥିବାରୁହିଁ ଦିବ୍ୟାତ୍ମା ଉକ୍ତ ସାମର୍ଥ୍ୟଗୁଡ଼ିକୁ ଲାଭ କରିପାରିବ । ସେହି ଅଦ୍ୱିତୀୟ ପରମାତ୍ମା ହେଉଛନ୍ତି ତା' ନିଜର ଆତ୍ମା; ତାହାର ଭିତରେହିଁ କଳ୍ପିତ

'oaob.nitrkl.ac.in' images reprocessed

ହୋଇଥିବା ଏହିସବୁ ରୂପ ଭିନ୍ନ ଭିନ୍ନ ହୋଇ ଅବସ୍ଥାନ କରୁଥିବାରୁ ପରସ୍ପରଠାରୁ ଭିନ୍ନ ବୋଲି ପ୍ରତୀତ ହେଉଛି, ମାତ୍ର ସକଳ ଭିନ୍ନତା ମଧ୍ୟରେ ବି ଏକତ୍ୱରୂପେ ଅବସ୍ଥିତ ରହିଛି । ଏହି ଏକତ୍ୱବୋଧକୁହିଁ ଦିବ୍ୟାତ୍ମା ଆପଣାର ଯାବତୀୟ ଅନୁଭବର ଆଧାର ବୋଲି ମାନିଥିବ, ତେଣୁ ଆମର ଖଣ୍ଡିତ ଚେତନାର ସ୍ୱଭାବଗତ ସକଳ ବିସଙ୍ଗତିରୁ ସେ ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇ ରହିଥିବ । କେବଳ ଅଜ୍ଞାନ ଓ ଏକ ଭେଦଧର୍ମୀ ଅହଂବୋଧ ଦ୍ୱାରାହିଁ ଆମର ଚେତନାଟି ଖଣ୍ଡିତ ଓ ବିଭକ୍ତ ହୋଇ ରହିଥାଏ । ମାତ୍ର ଦିବ୍ୟାତ୍ମାର ଚେତନା ସେହି ଅଜ୍ଞାନରୁ ମୁକ୍ତ ହୋଇ ରହିଥିବ । ଦିବ୍ୟାତ୍ମାର ଅନୁଭବ ଭିତରେ ଏହିସବୁ ଆତ୍ମା ଓ ସେମାନଙ୍କର ପାରସ୍ପରିକ ସମ୍ବନ୍ଧ ସଚେତନ ଭାବରେ ପରସ୍ପର ସହିତ ସମ୍ମିଳିତ ହୋଇ ପାରୁଥିବେ, ଏକ ଶାଶ୍ୱତ ଐକ୍ୟତାନର ଅଗଣିତ ସୁରସମାହାର ପରି ସେମାନେ ଅବଲୀଳା କ୍ରମେ ପରସ୍ପରଠାରୁ ପୃଥକ୍ ହୋଇ ଯାଉଥିବେ ଓ ପୁଣି ପରସ୍ପର ସହିତ ଏକରସ ହୋଇ ମିଳାଇ ଯାଇ ପାରୁଥିବେ ।

ଏବଂ ଅନ୍ୟମାନଙ୍କର ସତ୍ତା, ଜ୍ଞାନ ତଥା ସଂକଳ୍ପ ସହିତ ଦିବ୍ୟାତ୍ମାର ସତ୍ତା ଜ୍ଞାନ ତଥା ସାମର୍ଥ୍ୟର ସମ୍ବନ୍ଧକ୍ଷେତ୍ରରେ ମଧ୍ୟ ଠିକ୍ ସେହି ରୀତିଟି କାର୍ଯ୍ୟ କରିବ । କାରଣ ତାର ସକଳ ଅନୁଭବ ଓ ଆନନ୍ଦ ସତ୍ତାର ଏକ ଆତ୍ମାନନ୍ଦମୟ ଚିନ୍ମୟ ଶକ୍ତିରେ ରୂପାନ୍ତରିତ ହୋଇଯିବ । ଏକତ୍ୱ ଓ ସମରସତ୍ୱର ଏହି ସତ୍ୟଟିକୁ ମାନି ଇଚ୍ଛାଶକ୍ତି ଓ ଜ୍ଞାନ ଭିତରେ ଆଉ କୌଣସି ଦ୍ୱନ୍ଦ୍ୱ ଉପୁଜିବ ନାହିଁ ବା ଆନନ୍ଦ ସହିତ ମଧ୍ୟ ସେଗୁଡ଼ିକର ଆଉ କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ । ଅଥବା ଗୋଟିଏ ଆତ୍ମାର ଜ୍ଞାନ, ଇଚ୍ଛାଶକ୍ତି ତଥା ଆନନ୍ଦ ସହିତ ଅନ୍ୟ ଏକ ଆତ୍ମାର ଜ୍ଞାନ, ଇଚ୍ଛାଶକ୍ତି ତଥା ଆନନ୍ଦର କୌଣସି ସଂଘାତ ହେବ ନାହିଁ । କାରଣ ସେମାନେ ପରସ୍ପର ମଧ୍ୟରେ ଅବସ୍ଥିତ ଏକତ୍ୱଟିକୁ ସର୍ବଦା ଅନୁଭବ କରି ପାରୁଥିବେ । ତେଣୁ ଆମର ବହୁଖଣ୍ଡିତ ସତ୍ତାରେ ଯେଉଁଠି କେବଳ ସଂଘର୍ଷ, ସଂଘାତ ଓ ବିଷମତାହିଁ ଦେଖାଦେଉଛି, ଦିବ୍ୟାତ୍ମାଗୁଡ଼ିକର ବିଚରଣ-କ୍ଷେତ୍ରରେ ସେହି ସ୍ଥାନରେ ସେହି ଏକ ଅନନ୍ତ ସୁଷମତାରେ ଅବସ୍ଥିତ ରହିଥିବା ବିଭିନ୍ନ ଏକକସ୍ୱର ମଧ୍ୟରେ ସେମାନେ ପରସ୍ପର ସହିତ ସମ୍ମିଳିତ ତଥା ଛନ୍ଦୋବଦ୍ଧ ହୋଇ ରହିବେ ।

ପରମାତ୍ମା ବା ପରମେଶ୍ୱରଙ୍କ ସହିତ ଆପଣାର ସମ୍ବନ୍ଧଗୁଡ଼ିକରେ ଦିବ୍ୟାତ୍ମା ସ୍ୱସତ୍ତା ସହିତ ସର୍ବାତୀତ ତଥା ସର୍ବରୂପ ଦିବ୍ୟ ସତ୍ତାର ଏହି ଏକତ୍ୱଟିକୁ ଅନୁଭବ କରୁଥିବ । ଆପଣାର ନିଜ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ବିଶ୍ୱମୟ ଅନ୍ୟସକଳ ଇତର ଆତ୍ମାଗୁଡ଼ିକ ସହିତ ସେ ଆପଣାର ଏହି ତଦାତ୍ମକତାକୁ ଅନୁଭବ କରିପାରିବ । ତାହାର ଜ୍ଞାନସମ୍ବନ୍ଧଗୁଡ଼ିକ ଦିବ୍ୟ ସର୍ବଜ୍ଞତାର ଲୀଳାରେ ରୂପାନ୍ତରିତ ହୋଇଯିବ,

'oaob.nitrkl.ac.in' images reprocessed

କାରଣ ପରମେଶ୍ୱରଙ୍କୁହିଁ ସେ ଜ୍ଞାନ ବୋଲି ଜାଣିବ । ଏବଂ ଆମେ ଯାହାକୁ ଅଜ୍ଞାନ ବୋଲି କହୁଥାଉ, ଦିବ୍ୟାତ୍ମା ତାହାକୁ ତାଙ୍କର ଆତ୍ମଚୈତନ୍ୟ ମଧ୍ୟରେ ବିଶ୍ରାମ କରୁଥିବା ଜ୍ଞାନର ସଂହରଣ ବୋଲି କହିବ, ଯାହା ଫଳରେ କି ସେହି ଆତ୍ମଚୈତନ୍ୟର ନିର୍ଦ୍ଦିଷ୍ଟ କେତେକ ଆକାରକୁ ପୁରୋଭାଗକୁ ଆଣି ସକ୍ରିୟଭାବେ ପ୍ରକାଶିତ କରିବା ସମ୍ଭବ ହୋଇଥାଏ । ଦିବ୍ୟାତ୍ମା-ସଂକଳ୍ପର ସକଳ ସମ୍ବନ୍ଧ ଦିବ୍ୟ ସର୍ବଶକ୍ତିମତ୍ତାର ଲୀଳାରେ ରୂପାନ୍ତରିତ ହୋଇଯିବ, କାରଣ ପରମେଶ୍ୱରଙ୍କୁହିଁ ସେ ଶକ୍ତି, ସଂକଳ୍ପ ଓ ସାମର୍ଥ୍ୟ ବୋଲି ଜାଣିବ । ଏବଂ ଆମେ ଯାହାକୁ ଅଶକ୍ତି ଅଥବା ଅସାମର୍ଥ୍ୟ ବୋଲି କହୁଥାଉ, ଜୀବାତ୍ମା ତାହାକୁ ତାଙ୍କର ଅବିଚଳ ଓ ଆତ୍ମସମାହିତ ଶକ୍ତି ମଧ୍ୟରେ ସଂକଳ୍ପଶକ୍ତିର ସଂହରଣ ବୋଲି କହିବ, ଯାହା ଫଳରେ କି ଦିବ୍ୟ ଚୈତନ୍ୟଶକ୍ତିର ନିର୍ଦ୍ଦିଷ୍ଟ କେତେକ ମୂର୍ତ୍ତିପୁଞ୍ଜ ଶକ୍ତିରୂପରେ ସମ୍ମୁଖକୁ ଆସି ଆତ୍ମପ୍ରକାଶ କରିଥାଏ । ଦିବ୍ୟାତ୍ମର ପ୍ରେମ ଓ ଆନନ୍ଦର ସକଳ ସମ୍ବନ୍ଧ ଦିବ୍ୟ ପରମାନନ୍ଦର ଲୀଳାରେ ରୂପାନ୍ତରିତ ହୋଇଯିବ, କାରଣ ପରମେଶ୍ୱରଙ୍କୁହିଁ ସେ ପ୍ରେମ ଓ ଆନନ୍ଦ ବୋଲି ଜାଣିବ । ଏବଂ ଆମେ ଯାହାକୁ ପ୍ରେମର ଅଭାବ ଓ ନିରାନନ୍ଦ ବୋଲି କହୁଥାଉ, ଜୀବାତ୍ମା ତାହାକୁ ତାଙ୍କର ଚିରପ୍ରଶାନ୍ତ ପରମାନନ୍ଦର ସମୁଦ୍ରରେ ଆନନ୍ଦର ସଂହରଣ ବୋଲି କହିବ, ଯାହା ଫଳରେ କି ଦିବ୍ୟ ମିଳନ ତଥା ସମ୍ଭୋଗର ନିର୍ଦ୍ଦିଷ୍ଟ କେତେକ ରୂପକଳ୍ପନା ସମ୍ମୁଖଭାଗକୁ ଆସି ସକ୍ରିୟ ଆନନ୍ଦତରଙ୍ଗର ଉଚ୍ଛ୍ୱାସରୂପେ ନିର୍ଗତ ହୋଇ ଆସିଥାଏ । ଠିକ୍ ସେହିପରି ଆପଣାର ସକଳ ସମ୍ବନ୍ଧକୁ ଦିବ୍ୟାତ୍ମା ଏହିସବୁ କ୍ରିୟାଶୀଳତାର ପ୍ରତିକ୍ରିୟାରୂପେ ଘଟୁଥିବା ଦିବ୍ୟ ସତ୍ତାର ସ୍ୱରୂପାୟନ ବୋଲି ଜାଣିବ । ଏବଂ ଆମେ ଯାହାକୁ ସ୍ଥଗିତ ହୋଇଯିବା, ମରିଯିବା, ଅଥବା ବିନଷ୍ଟ ହୋଇଯିବା ବୋଲି କହୁଥାଉ, ଜୀବାତ୍ମା ତାହାକୁ ସଚ୍ଚିଦାନନ୍ଦରୂପୀ ଶାଶ୍ୱତ ସତ୍ତା ଭିତରେ ଆନନ୍ଦମୟ ଓ ସୃଜନଶୀଳ ମାୟାଶକ୍ତିର କେବଳ ବିଶ୍ରାମ, ଘଟପରିବର୍ତ୍ତନ ଓ ଆତ୍ମସଂହରଣ ବୋଲି ଜାଣିବ । ତଥାପି ଏକତ୍ୱର ଏହି ସ୍ଥିତି ଭିତରେ ପରମାତ୍ମା ପରମେଶ୍ୱରଙ୍କ ସହିତ ଦିବ୍ୟାତ୍ମାର ସମ୍ବନ୍ଧଗୁଡ଼ିକ ମଧ୍ୟ ଅବିଚ୍ଛିନ୍ନ ଭାବରେ ରହିଥିବ, ଏକ ଅନ୍ୟ ଭାବରେ ସେହି ଏକତ୍ୱର ଆସ୍ୱାଦନ କରିବାଲାଗି ଆପଣାକୁ ସେଥିରୁ ଅପସରାଇ ନେଉଥିବା ପାର୍ଥକ୍ୟଜନିତ ଆନନ୍ଦର ଆଧାର ଉପରେହିଁ ଉକ୍ତ ସମ୍ବନ୍ଧଗୁଡ଼ିକ ପ୍ରତିଷ୍ଠିତ ହୋଇ ରହିଥିବ । ଦିବ୍ୟସତ୍ତାକୁ ଆପଣା ପହୁଙ୍କର ବେଢ଼ ଭିତରେ ଉପଲବ୍ଧି କରି ଈଶ୍ୱରପ୍ରେମୀ ଯେଉଁ ଅନିର୍ବଚନୀୟ ପରମାନନ୍ଦ ଲାଭ କରିଥାଏ, ଈଶ୍ୱରାସ୍ୱାଦନର ସେହିସବୁ ମାଧୁର୍ଯ୍ୟମୟ ରୂପର ସମ୍ଭାବନାକୁ ଦିବ୍ୟାତ୍ମାର ଚେତନା କୌଣସି ପ୍ରକାରେ ବାରିତ କରି ରଖିବ ନାହିଁ ।

ମାତ୍ର କିଭଳି ପରିବେଶରେ ଓ କେଉଁସବୁ ସାଧନର ସାହାଯ୍ୟରେ ଦିବ୍ୟାତ୍ମା-ଜୀବନର ଏସହିକୁ ସ୍ୱଭାବ ଉପଲବ୍ଧ ହୋଇପାରିବ ? ବ୍ୟାବହାରିକ ସମ୍ବନ୍ଧଜଗତର

'oaob.nitrkl.ac.in' images reprocessed

ଯାବତୀୟ ଅନୁଭୂତି ବା ଅଭିଜ୍ଞତା ସତ୍ତାର କେତେଗୁଡ଼ିଏ ବିଶିଷ୍ଟ ଶକ୍ତିର ମଧ୍ୟସ୍ଥତାରେହିଁ ସମ୍ଭବ ହୋଇଥାଏ । ଏହି ଶକ୍ତିଗୁଡ଼ିକୁ ଆମେ ଗୁଣ, ଧର୍ମ, କ୍ରିୟା ବା ସାମର୍ଥ୍ୟ ବୋଲି କହିଥାଉ । ଉଦାହରଣସ୍ୱରୂପ, ବିଚାର, ନିରୀକ୍ଷଣ, ସ୍ମୃତି ଓ ସମବେଦନା ପ୍ରଭୃତି କେତୋଟି ସ୍ୱଜାତ ଶକ୍ତିର ପ୍ରୟୋଗ କରିହିଁ ଆମର ମନ ବ୍ୟାବହାରିକ ଜଗତର ଅଭିଜ୍ଞତା ଲାଭ କରିଥାଏ । ଏହି ଶକ୍ତିଗୁଡ଼ିକ ମନଃସତ୍ତାର ସ୍ୱାଭାବିକ ଭୂମିରୁହିଁ ଜନ୍ମଲାଭ କରିଥା'ନ୍ତି । ଠିକ୍ ସେହିପରି ଋତ-ଚିତ୍ ଅର୍ଥାତ୍ ଅତିମାନସକୁ ମଧ୍ୟ ଆତ୍ମା ସହିତ ଆତ୍ମାର ସମ୍ବନ୍ଧସ୍ଥାପନ ଲାଗି ଅତିମାନସ ସତ୍ତାରୁ ଜାତ ହୋଇଥିବା କେତେଗୁଡ଼ିଏ ଶକ୍ତି, କ୍ରିୟା ଓ ସାମର୍ଥ୍ୟକୁ ପ୍ରୟୋଗ କରିବାକୁହିଁ ହୋଇଥାଏ । କାରଣ ତାହା ନ ହେଲେ ସୃଷ୍ଟି-ବୈଚିତ୍ର୍ୟର କୌଣସି ଲୀଳା ସମ୍ଭବ ହୁଏ ନାହିଁ । ଦିବ୍ୟ ଜୀବନର ମନସ୍ତାତ୍ତ୍ୱିକ ପରିବେଶଭୂମିଟିର ଆଲୋଚନା କଲାବେଳେ ଆମେ ଏସବୁ କ୍ରିୟାପ୍ରକ୍ରିୟାର ବି ଆଲୋଚନା କରିବା । ବର୍ତ୍ତମାନ ଆମେ କେବଳ 'ଏହାର ତାତ୍ତ୍ୱିକ ଆଧାରଟିକୁ ବିଚାର କରି ଦେଖିବା, ଏହାର ମୂଳସ୍ୱଭାବ ଓ ନୀତିଗୁଡ଼ିକର ବିଚାର କରିବା । ବର୍ତ୍ତମାନ ଏତିକି କହିଲେ ଯଥେଷ୍ଟ ହେବ ଯେ ଭେଦଧର୍ମୀ ଅହଂବୋଧ ତଥା ଆମ ବ୍ୟାବହାରିକ ଚେତନାରେ ଉପଯୋଗୀ ରୂପେ ସିଦ୍ଧ ହେଉଥିବା ଖଣ୍ଡଦୃଷ୍ଟିର ଉଚ୍ଛେଦ ବା ନିରାକରଣ ହେଉଛି ଦିବ୍ୟଜୀବନ-ସାଧନାର ମୂଳ ମନ୍ତ୍ର । ତେଣୁ ଆମ ଭିତରେ ଉକ୍ତ ଅହଂବୋଧ ତଥା ଖଣ୍ଡଦୃଷ୍ଟି ଜବର ହୋଇ ବସିରହିଛି ବୋଲିହିଁ ଆମେ ମରଣଶୀଳ ଅର୍ଥାତ୍ ମରଣର ଅଧୀନ ହୋଇ ରହିଛୁ, ଏବଂ ବ୍ରାହ୍ମୀସ୍ଥିତିରୁ ବିଚ୍ୟୁତ ହୋଇଛୁ । ଏଇଟି ହେଉଛି, ଆମର "ମୂଳ ପାତକ", ଅଥବା ଟିକିଏ ଅଧିକ ଦାର୍ଶନିକ ଭାଷାରେ କହିଲେ, ଏହାହିଁ ହେଉଛି ଆତ୍ମାର ସତ୍ୟ ଓ ଋତରୁ ଭ୍ରଷ୍ଟହୋଇ ତାହାର ଏକତ୍ୱବୋଧଟିକୁ ହରାଇ ବସିବାର ଇତିହାସ । ମହାଅଜ୍ଞାନର ଗର୍ଭ ଭିତରକୁ ଲମ୍ଫପ୍ରଦାନ କରି ଜୀବ ସଂସାର-ଅଭିଯାନରୂପୀ ଯେଉଁ ପ୍ରମାଦଯାତ୍ରାରେ ମତ୍ତ ହୋଇ ରହିଛି, ହୁଏତ ତାହାରିଲାଗି ଉକ୍ତ ପୂର୍ଣ୍ଣତା ଓ ସୁଷମତାରୁ ଭ୍ରଷ୍ଟ ହୋଇ ଯିବାଲାଗି ଏକ ଆବଶ୍ୟକତା ମଧ୍ୟ ରହିଥିଲା ! ଏବଂ ସେହିଥିରୁ ଆମ ଜୀବନରେ ଦୁଃଖର ଜନ୍ମ ହେଲା, ସେଇଥିରୁହିଁ ଆମର ଦିବ୍ୟ ଅଭୀପ୍ସାଟି ବି ଜନ୍ମ ଲଭିଲା ।

'oaob.nitrkl.ac.in' images reprocessed

### ଅଷ୍ଟାଦଶ ପରିଚ୍ଛେଦ

## ମାନସ ଓ ଅତିମାନସ

ମନୋ ବ୍ରହ୍ମେତି ବ୍ୟଜାନାତ୍ । —ତୈତ୍ତିରୀୟ ଉପନିଷଦ, ୩ । ୪

ସିଏ ମନକୁ ମଧ୍ୟ ବ୍ରହ୍ମରୂପେ ଆବିଷ୍କାର କଲେ ।

ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତଂ । —ଗୀତା, ୧୩ । ୧୭

ଅବିଭକ୍ତ,—ତଥାପି ସର୍ବଭୂତରେ ସତେଅବା ବିଭକ୍ତଭାବେ ଅବସ୍ଥିତ ।

ଯେଉଁ ଅତିମାନସ-ଜୀବନର ମୂଳତତ୍ତ୍ୱ-କଳ୍ପନାଟିକୁହିଁ ଆମେ ଏପର୍ଯ୍ୟନ୍ତ ଅବୟବ ଦେବାର ଚେଷ୍ଟା କରିଆସିଛୁ, ସଚ୍ଚିଦାନନ୍ଦ ସତ୍ତାରେ ଦିବ୍ୟାତ୍ମା ସେଇଥିରେହିଁ ଦୃଢ଼ପ୍ରତିଷ୍ଠିତ ହୋଇ ରହିଛି; ମାତ୍ର ସଚ୍ଚିଦାନନ୍ଦର ଯେଉଁ ଶରୀର ଇହସ୍ତରରେ ମାନସିକ ତଥା ଭୌତିକ ଜୀବନ-ପିଣ୍ଡର ଆୟତନଟିକୁ ଧାରଣ କରି ରହିଛି, ମନୁଷ୍ୟର ଆତ୍ମାକୁ ସେହି ଶରୀର ଭିତରେହିଁ ଉକ୍ତ ଅତିମାନସ ଜୀବନକୁ ପ୍ରକାଶିତ କରିବାକୁ ପଡ଼ିବ । ମାତ୍ର ଏହି ଅତିମାନସ ସତ୍ତାର ଯଥାର୍ଥ ରୂପରେଖଟି ଜାଣିବାକୁ ଆମେ ଏପର୍ଯ୍ୟନ୍ତ ଯେତେଦୂର ସମର୍ଥ ହୋଇଛୁ, ସେଥିରୁ ଆମେ ସାଧାରଣତଃ ଯାହାକୁ ଜୀବନ ବୋଲି ଜାଣିଛୁ, ଅତିମାନସ ଜୀବନର ତାହାସହିତ ହୁଏତ କୌଣସି ସମ୍ବନ୍ଧ ବା ସାଦୃଶ୍ୟ ରହିଛି ବୋଲି ଆଦୌ ଜଣା ପଡ଼ୁନାହିଁ । ଆମର ପରିଚିତ ଜୀବନ-ସରଣୀଟି, ଆମ ନିତ୍ୟ-ନୈମିତ୍ତିକ ଅସ୍ତିତ୍ୱର ଦୁଇ ସମତଳ ଭିତରେ, ଅର୍ଥାତ୍ ମନ ଓ ଶରୀରର ଦୁଇ ଅନ୍ତରୀକ୍ଷ ମଧ୍ୟରେ ଆତଯାତ ହେବାରେ ଲାଗିଛି । ଅପର ପକ୍ଷରେ ଏପରି ଅନୁମିତ ହେଉଛି ଯେ ସତ୍ତା, ଚେତନା, ସନ୍ନିସ୍ଥ ସମ୍ବନ୍ଧ ତଥା ପାରସ୍ପରିକ ସମ୍ଭୋଗର ଗୋଟିଏ ନିର୍ଦ୍ଦିଷ୍ଟ ଅବସ୍ଥାକୁ ସୂଚାଇ ଦେଉଥିବା ଅତିମାନସର ଏହି ଜୀବନସ୍ରୋତଟି ସତେଅବା ଦେହ ଭିତରେ ଆବଦ୍ଧ ହୋଇ ରହିନଥିବା ଆତ୍ମାମାନଙ୍କର ଏକ ଜୀବନସ୍ରୋତ; ଏକ ସ୍ଥୂଳପିଣ୍ଡହୀନ ବିଶ୍ୱରେ ରହି ସେହି ଆତ୍ମାଗୁଡ଼ିକ ସେଠାରେ ଅତିମାନସର ଅନୁଭବ କରୁଛନ୍ତି । ସେହି ବିଶ୍ୱ ବା ଲୋକରେ ଆତ୍ମାର ବୈଚିତ୍ର୍ୟ ସଂଘଟିତ ହୋଇପାରିଛି, ମାତ୍ର ଶାରୀରିକ ଭେଦର ଆବିର୍ଭାବ ହୋଇନାହିଁ; ସେହି ଲୋକରେ କ୍ରିୟା ତଥା

'oaob.nitrkl.ac.in' images reprocessed

ଆନନ୍ଦର ଅନନ୍ତତା ରହିଛି ସତ, ମାତ୍ର କୌଣସି ଆତ୍ମାକୁ ରୂପ ବା ଆକାରର କୁଣ୍ଡଳୀ ଭିତରେ ବାନ୍ଧି ଦିଆଯାଇ ନାହିଁ । ମାତ୍ର ଏହି ସଂସାରରେ ଆମେ ବର୍ତ୍ତମାନ ଯାହାକୁ ଜୀବନ ଅଥବା ଅସ୍ତିତ୍ୱ ବୋଲି ଜାଣିଛୁ, ସେଥିରେ ଦେହ ସୀମା ଭିତରେ ସଙ୍କୁଚିତ ହୋଇ ରହିଛି, ମନ ସ୍ଥୂଳରୂପର କାରାଗାରରେ ବନ୍ଦୀ ହୋଇ ରହିଛି ଏବଂ ଶକ୍ତି ମଧ୍ୟ ସେହି ସ୍ଥୂଳରୂପର ଜାଲ ଭିତରେ ପଡ଼ିଯାଇଛି । ଏପରି ଅବସ୍ଥାରେ ଏଠାରେ ଏକ ଇପ୍‌ସିତ ଦିବ୍ୟଜୀବନ ପ୍ରକୃତରେ ଯେ କେତେଦୂର ସମ୍ଭବ, ସେହି ବିଷୟରେ ସଂଶୟ ପ୍ରକାଶ କରିବା ଲାଗି ଯଥାଯଥ ନାନା କାରଣ ରହିଛି ।

ଯେଉଁ ପରମ ଅନନ୍ତ ସତ୍ତା, ଚେତନାଶକ୍ତି ତଥା ଆନନ୍ଦସ୍ୱରୂପ ଆମର ଏହି ବିଶ୍ୱଟିକୁ ତିଆରି କରିଛି ଓ ଯାହାର ଏକ ବିକୃତ ପରିଣତିରୂପେ ଆମ ମନର ଆବିର୍ଭାବ ହୋଇଛି, ବସ୍ତୁତଃ ତାହାର କିଞ୍ଚିତ୍ ଧାରଣା କରି ପାରିବାଲାଗି ଆମେ ପ୍ରୟାସ କରିଛୁ । ଏହି ଦେବମାୟା ସ୍ୱରୂପତଃ କ'ଣ ହୋଇପାରେ, ଆମେ ତାହାର ବିଷୟରେ ଆପଣାକୁ ଏକ ଧାରଣା ଦେବାକୁ ଚେଷ୍ଟା କରିଛୁ । ଏହି ଯେଉଁ ଋତ-ଚିତ୍ ଅଥବା ସତ୍ୟ-କଳ୍ପନାଦ୍ୱାରା ବିଶ୍ୱାତୀତ ତଥା ବିଶ୍ୱଗତ ସତ୍ତାର ଚେତନଶକ୍ତି ଏହି ବିଶ୍ୱର ସଂକଳ୍ପନ, ସଂଗଠନ ତଥା ଶାସନ କରିବାରେ ଲାଗିଛି ଏବଂ ସତ୍ତାଜନିତ ଆନନ୍ଦପ୍ରକାଶ-ରୂପୀ ଏହି ବିଶ୍ୱବ୍ୟବସ୍ଥାର ଭିଆଣ କରୁଛି, ଆମେ ଆପଣାକୁ ତାହାର ଏକ ଧାରଣା ଦେବାକୁହିଁ ଚେଷ୍ଟା କରିଛୁ । ମାତ୍ର ସତ୍, ଚିତ୍, ଆନନ୍ଦ ଓ ଅତିମାନସ,—ଏହି ଦିବ୍ୟ ଓ ବୃହତ୍ କଳ୍ପନାଚତୁଷ୍ଟୟ ସହିତ ଆମ ମାନବୀୟ ଜୀବନାନୁଭୂତିର ପରିଚୟସର୍ବସ୍ୱ ସେହି ତିନୋଟି ସଂଜ୍ଞା—ମନ, ପ୍ରାଣ ଓ ଦେହ—ର ଯେ କିଭଳି ସମ୍ବନ୍ଧ ରହିଛି, ଆମେ ତାହାର କୌଣସି ପରୀକ୍ଷା କରିନାହୁଁ । ଅଦିବ୍ୟ ବୋଲି ପ୍ରତୀତ ହେଉଥିବା ଏହି ଯେଉଁ ଅନ୍ୟ ମାୟାଟିରୁ ଆମର ସକଳ ଚେଷ୍ଟା ଓ ସକଳ ଦୁଃଖର ଉଦ୍‌ଭବ ହୋଇଛି, ଆମେ ସେଇଟିକୁ ଭଲକରି ପରୀକ୍ଷା କରି ଦେଖିନାହୁଁ ; କିମ୍ବା ଠିକ୍ କେଉଁଭଳି ଏକ ପ୍ରକ୍ରିୟାର ଅନୁସରଣ କରି ଯେ ଏହି ଅଦିବ୍ୟ ମାୟା ଦିବ୍ୟ ସତ୍ୟ ଅର୍ଥାତ୍ ଦେବମାୟା ଭିତରୁ ବିକଶିତ ହେଉଛି, ଆମେ ସେଇଟିର ଆଲୋଚନା ମଧ୍ୟ କରିନାହୁଁ । ଏବଂ ଏସବୁ ନକରିବା ପର୍ଯ୍ୟନ୍ତ, ଅର୍ଥାତ୍ ସମ୍ବନ୍ଧର ହୃତ ସୂତ୍ରଗୁଡ଼ିକୁ ଆବିଷ୍କାର କରି ନପାରିଲା ପର୍ଯ୍ୟନ୍ତ ଆମର ପୃଥିବୀ ଆମ ଆଗରେ ତଥାପି ଅବ୍ୟାଖ୍ୟାତ ରହିଥିବ ଏବଂ ସେହି ଉଚ୍ଚତର ସତ୍ତା ଏବଂ ଏହି ନିମ୍ନତର ଜୀବନ ମଧ୍ୟରେ ଏକ ସଂଯୋଗର ସମ୍ଭାବନା ବିଷୟରେ ଉକ୍ତ ସଂଶୟଟି ଆମ ଭିତରେ ବଦ୍ଧମୂଳ ହୋଇ ରହିଥିବ । ଆମେ ଜାଣିଛୁ ଯେ ଆମର ଏହି ବିଶ୍ୱଟି ସଚ୍ଚିଦାନନ୍ଦରୁ ଉଦ୍‌ଭୂତ ହୋଇଛି ଏବଂ ତାଙ୍କର ସତ୍ତାରେହିଁ ତିଷ୍ଠି ରହିଛି । ଆମ କଳ୍ପନା ଅନୁସାରେ ସଚ୍ଚିଦାନନ୍ଦ ଏହି ବିଶ୍ୱରେ ଭୋକ୍ତା ଓ ଜ୍ଞାତାରୂପେ, ପ୍ରଭୁ ଓ ଆତ୍ମାରୂପେ ଅବସ୍ଥିତ ଅଛନ୍ତି । ଆମେ

'oaob.nitrkl.ac.in' images reprocessed

ଜାଣିଛୁ ଯେ ଇନ୍ଦ୍ରିୟବୋଧ, ମନ, ଶକ୍ତି ଓ ଅସ୍ତିତ୍ୱ ପ୍ରଭୃତି ଆମର ଦ୍ୱୈତବୋଧକ ସଂଜ୍ଞାଗୁଡ଼ିକ କେବଳ ତାଙ୍କର ଆନନ୍ଦ, ତାଙ୍କର ଚେତନଶକ୍ତି ଓ ତାଙ୍କର ଦିବ୍ୟ ଅସ୍ତିତ୍ୱର ଗ୍ରୁଟିପାତ ବ୍ୟତୀତ ଆଉ କିଛି ନୁହେଁ । ମାତ୍ର ଜୀବନର ପ୍ରକୃତ ଓ ବାସ୍ତବ କ୍ଷେତ୍ରରେ ଏଗୁଡ଼ିକ ତାଙ୍କର ଯଥାର୍ଥ ତଥା ପରମ ସ୍ୱଭାବଠାରୁ ଏତେଦୂର ବିପରୀତ ଯେ ଆମେ ଯେତେବେଳଯାଏ ଏହିସବୁ ବୈପରୀତ୍ୟର ନିୟନ୍ତ୍ରଣ ଭିତରେ ବାସ କରୁଛୁ ଅର୍ଥାତ୍ ମନ, ପ୍ରାଣ ଓ ଦେହରୂପୀ ଏହି ନିମ୍ନତର ତ୍ରିସଂଜ୍ଞା ମଧ୍ୟରେ ଆବଦ୍ଧ ହୋଇ ରହିଛୁ, ସେତେବେଳଯାଏ ଆମେ କଦାପି ଦିବ୍ୟ ଜୀବନର ଉପଲବ୍ଧି କରିପାରିବା ନାହିଁ,— ଆମକୁ ଏଭଳି ବି ବୋଧ ହୋଇପାରେ । ଆମେ ହୁଏତ ଏହି ନିମ୍ନତର ଅସ୍ତିତ୍ୱ-ପଞ୍ଜରଟିକୁ କୌଣସିପ୍ରକାରେ ସେହି ଉଚ୍ଚତର ଅବସ୍ଥାଯାଏ ଉନ୍ନୀତ କରି ନେଇଯିବା, ଅଥବା ଏହି ଶରୀରଟିର ବିନିମୟରେ ସେହି ଶୁଦ୍ଧ ସତ୍ତାଟିକୁ ଲାଭ କରିବା, ଏହି ଜୀବନଟିର ବିନିମୟରେ ଚିତ୍‌ଶକ୍ତିର ସେହି ଶୁଦ୍ଧାବସ୍ଥାଟିକୁ ପ୍ରାପ୍ତ ହେବା, ଇନ୍ଦ୍ରିୟ-ସଂବେଦନ ଓ ମାନସିକ ଆତଯାତର ବିନିମୟଦ୍ୱାରା ଉପଲବ୍ଧ ଆଧ୍ୟାତ୍ମିକତାର ସତ୍ୟଭିତରେ ବାସ କରୁଥିବା ସେହି ଶୁଦ୍ଧ ଆନନ୍ଦ ଓ ଜ୍ଞାନର ଅଧିକାରୀ ହେବା । ତାହାର ବିପରୀତ ସମ୍ପଦଗୁଡ଼ିକୁ ଲାଭ କରିବାପାଇଁ ଆମେ ପାର୍ଥିବ ଓ ସୀମାୟିତ ମନୋଭୂମିର ସକଳ ଜୀବନକୁ ପରିତ୍ୟାଗ କରିଆସିବା,—ଆମର କଥାଗୁଡ଼ିକରୁ କ'ଣ କେବଳ ଏହି ଉଦ୍ଦେଶ୍ୟଟି ଧରା ପଡ଼ି ଯାଉନାହିଁ କି ? ଆତ୍ମାର ଏକ ଶୁଦ୍ଧ ଅବସ୍ଥା କିମ୍ବା ଶୁଦ୍ଧ ସତ୍ୟର ଏକ ଭୂମି ଯଦି କେଉଁଠିହେଲେ ଥାଏ, ହୁଏତ ଆମେ ସେହିପରି ଏକ ଅବସ୍ଥା ବା ଭୂମିକୁ ଲାଭ କରିବାକୁ ଇଚ୍ଛା କରୁଛୁ । କିମ୍ବା ଦିବ୍ୟ ଆନନ୍ଦ, ଦିବ୍ୟ ସାମର୍ଥ୍ୟ ଓ ଦିବ୍ୟ ସତ୍ୟର ଅନ୍ୟକୌଣସି ଭୂମି ବା ଲୋକ ଯଦି କେଉଁଠି ଥାଏ, ଆମେ ହୁଏତ ତାହାର କାମନା କରୁଛୁ ! ସେପରିହେଲେ ମନୁଷ୍ୟ ଜୀବନର ପରିପୂର୍ଣ୍ଣତା ହୁଏତ ଆଉକେଉଁଠି ସମ୍ଭବ ହେବ, ମାତ୍ର ମନୁଷ୍ୟର ଏହି ପୃଥିବୀ ଉପରେ କଦାପି ସମ୍ଭବ ହେବ ନାହିଁ । ତେବେ ପାର୍ଥିବ ବିବର୍ତ୍ତନର ଧାରାଟିକୁ ଅନୁସରଣ କରି ମନୁଷ୍ୟ ହୁଏତ ଏପରି ଏକ ସମ୍ଭାବ୍ୟ ଶୀର୍ଷଦେଶରେ ଆସି ପହଞ୍ଚିବ, ଯେଉଁ ସୂକ୍ଷ୍ମ ଶିଖରରେ ଉପନୀତ ହୋଇ ମନୋଜଗତର ବଳୟ ଘଟିବ; ଯେଉଁଠାରେ ଠିଆ ହୋଇ ମନୁଷ୍ୟ ହୁଏତ ଏକ ନିର୍ବିଶେଷ ସତ୍ତା ଭିତରକୁ କିମ୍ବା ଏହି ଶରୀରସ୍ଥ ମନର ପହୁଞ୍ଚ ବାହାରେ ରହିଥିବା ଆଉସବୁ କେଉଁ ଅନ୍ୟ ବିଶ୍ୱକୁ ଏକ ଦୀର୍ଘ ଲମ୍ଫ ପ୍ରଦାନ କରିବ ।

ମାତ୍ର ଆମେ ଯେଉଁସବୁ ବସ୍ତୁକୁ ଅଦିବ୍ୟ ବୋଲି କହୁଛୁ, ସେଗୁଡ଼ିକ ବସ୍ତୁତଃ ଉପରେ ଆଲୋଚିତ ହୋଇଥିବା ସେହି ଗୂଢ଼ଟି ଦିବ୍ୟ ତତ୍ତ୍ୱର ଏକ ବହିର୍ଦ୍ୟୁତି ବ୍ୟତୀତ ଆଉକିଛି ନୁହେଁ । ଏହି ରୂପମୟ ବିଶ୍ୱର ସୃଷ୍ଟିଲାଗିହିଁ ସେହି ବହିର୍ଦ୍ୟୁତିର ଆବଶ୍ୟକତା ଆସି ପହଞ୍ଚିଥିବ । ଦିବ୍ୟ ସତ୍ତା, ଦିବ୍ୟ ଚିତ୍‌ଶକ୍ତି ଓ ଦିବ୍ୟ ଆନନ୍ଦର ବାହାରେ

'oaob.nitrkl.ac.in' images reprocessed

ନୁହେଁ, ତା'ର ଭିତରେହିଁ ଏହି ରୂପଗୁଡ଼ିକର ସୃଷ୍ଟି ହୋଇଛି । ଦିବ୍ୟ ସଦ୍‌ବିଜ୍ଞାନ ବା ସତ୍ୟକଳ୍ପନାର କ୍ରିୟା ବାହାରେ ନୁହେଁ, ମାତ୍ର ତାହାର ଭିତରେ ଓ ତାହାର ଏକ ଅଙ୍ଗରୂପେହିଁ ରୂପଚୟର ସୃଷ୍ଟି ହୋଇଛି । ତେଣୁ ସୃଷ୍ଟ ରୂପର ଏହି ବିଶ୍ୱଭିତରେ ଯେ ଉଚ୍ଚତର ଦିବ୍ୟ ଚେତନାର କୌଣସି ଯଥାର୍ଥ ଲୀଳା କଦାପି ସଂଘଟିତ ହୋଇ ପାରିବ ନାହିଁ ଅଥବା ସୃଷ୍ଟ ରୂପପୁଞ୍ଜ ଓ ସେଗୁଡ଼ିକର ତାତ୍କାଳିକ ଆଧାରସ୍ତମ୍ଭ ହୋଇ ରହିଥିବା ମାନସିକ ଚେତନା, ପ୍ରାଣଶକ୍ତି ଓ ରୂପଦ୍ରବ୍ୟ ଯେ ସେମାନେ ପ୍ରତିନିଧିତ୍ୱ କରୁଥିବା ସେହି ଉଚ୍ଚତର ତତ୍ତ୍ୱଟିକୁ ସର୍ବଦା କେବଳ ବିକୃତ କରିହିଁ ଦେଖାଇବେ, ଏଭଳି ଅନୁଭବ କରିବାଲାଗି ଆଦୌ କୌଣସି କାରଣ ନାହିଁ । ଏକଥା ସମ୍ଭବ ହୋଇପାରେ, ଏପରିକି ସମ୍ଭବନୀୟ ହୋଇପାରେ ଯେ ସେହି ଦିବ୍ୟ ସତ୍ୟର ମଧ୍ୟରେହିଁ ଆମେ ମନ, ପ୍ରାଣ ଓ ଦେହର ଯଥାର୍ଥ ସତ୍ୟରୂପକୁ ଦେଖିବାକୁ ପାଇବା, ଏଗୁଡ଼ିକ ବସ୍ତୁତଃ ତାହାର ଚେତନାର ମଧ୍ୟରେହିଁ ଗୌଣ ବୃତ୍ତିରୂପେ ଅବସ୍ଥିତ ରହିଛନ୍ତି ବୋଲି ଦେଖିବାକୁ ପାଇବା । ଯେଉଁସବୁ ସାଧନଦ୍ୱାରା ପରାଶକ୍ତି କରନ୍ତିର କାର୍ଯ୍ୟ କରୁଥାଏ, ଆମେ ଏଗୁଡ଼ିକୁ ତାହାର ଅଂଶରୂପେ ଦେଖିବାକୁ ପାଇବା । ତେଣୁ ମନ, ପ୍ରାଣ ତଥା ଶରୀର ମଧ୍ୟ ଦିବ୍ୟତ୍ୱ ଲାଭ କରିବାକୁ ଅବଶ୍ୟ ସମର୍ଥ ହେବେ । ବିଶ୍ୱ-ବିବର୍ତ୍ତନର ସମ୍ଭବତଃ କେବଳ ଗୋଟିଏ ଚକ୍ରର ଅନ୍ତର୍ଗତ ସେହି ଅଳ୍ପ ଅବଧି ଭିତରେ ଏଗୁଡ଼ିକର ରୂପ ଓ କ୍ରିୟା ସମ୍ବନ୍ଧରେ ବିଜ୍ଞାନ ଆମଆଗରେ ଯେତିକମାତ୍ର ତଥ୍ୟର ଉଦ୍‌ଘାଟନ କରିପାରିଛି, ସେଇଥିରେହିଁ ଜୀବଶରୀରରେ ଏହି ତିନୋଟି ତତ୍ତ୍ୱର ଅନ୍ତର୍ନିହିତ ସକଳ ସମ୍ଭାବନା ନିଃଶେଷିତ ହୋଇଯାଇଛି ବୋଲି କଦାପି କୁହାଯାଇ ପାରିବ ନାହିଁ । ଦିବ୍ୟ ସତ୍ୟରୁ ଉଦ୍‌ଗତ ହୋଇ ସେଗୁଡ଼ିକ କୌଣସି କାରଣରୁ ସ୍ୱଚେତନାର ଭୂମିରେ ସେହି ଦିବ୍ୟ ସତ୍ୟରୁ ଅପଲଗ୍ନ ହୋଇ ପଡ଼ିଛନ୍ତି, ଏବଂ ସେହି କାରଣରୁ ସେଗୁଡ଼ିକର କ୍ରିୟା ଏଭଳି ଏକ ସ୍ୱଭାବ ଧାରଣ କରିଛି । ମନୁଷ୍ୟ ଭିତରେ ଦିବ୍ୟ ଶକ୍ତିର ପ୍ରସାରଣଦ୍ୱାରା ଥରେ ଏହି ଅପଲଗ୍ନତାଟିକୁ ଉନ୍ମୂଳ କରିଦେଇ ପାରିଲେ ମନ, ପ୍ରାଣ ଓ ଶରୀରର ବର୍ତ୍ତମାନ କ୍ରିୟାରୀତିର ମଧ୍ୟ ହୁଏତ ଏକ ରୂପାନ୍ତର ଘଟିବ; ଚିତ-ଚିତ୍ତ ମଧ୍ୟରେ ସେଗୁଡ଼ିକର ଯେଉଁ ଶୁଦ୍ଧ ବୃତ୍ତି ଓ କ୍ରିୟା ସତତ ବିଦ୍ୟମାନ ରହିଛି, ସେଗୁଡ଼ିକର ବର୍ତ୍ତମାନ ବୃତ୍ତି ଓ କ୍ରିୟା ହୁଏତ ସେହିଭଳି ଭାବରେହିଁ ରୂପାନ୍ତରିତ ହୋଇଯିବ, ବସ୍ତୁତଃ ଏକ ପରମ ବିବର୍ତ୍ତନ ଓ ପୁରୋଗମନକ୍ରମରେ ସ୍ୱଭାବତଃ ତାହାହିଁ ହେବ ।

ତା'ହେଲେ ମନୁଷ୍ୟର ମାନସିକ ତଥା ଶାରୀରିକ ଭୂମିରେ ଦିବ୍ୟ ଚେତନାକୁ କେବଳ ପ୍ରକାଶିତ କରିବା ଓ ଧାରଣ କରି ରଖିବା ଯେ ସମ୍ଭବ ହେବ, ତ' ନୁହେଁ; ଆପଣା କର୍ମ୍ମଭୂମିର କ୍ଷେତ୍ରଟିକୁ ପରିବର୍ଦ୍ଧିତ କରି ଦିବ୍ୟ ଚେତନା ହୁଏତ ପରିଶେଷରେ

'oaob.nitrkl.ac.in' images reprocessed

ଆମ ମନ, ପ୍ରାଣ ଓ ଶରୀରକୁ ମଧ୍ୟ ରୂପାନ୍ତରିତ କରିଦେବ, ସେଗୁଡ଼ିକୁ ଆପଣାର ଶାଶ୍ୱତ ସତ୍ୟର ଏକ ପରିପୂର୍ଣ୍ଣତର ପ୍ରତିରୂପଭାବେ ଏକ ନୂଆ ଛାଞ୍ଚରେ ଢାଳି ନୂଆ କରି ଗଢ଼ିବ ଏବଂ କେବଳ ଭାବରେ ବା ଆତ୍ମାଭିତରେ ନୁହେଁ, ବାହ୍ୟ ବସ୍ତୁର ପିଣ୍ଡଜଗତରେ ମଧ୍ୟ ଏହି ପୃଥିବୀ ଉପରେ ସ୍ୱର୍ଗରାଜ୍ୟର ସ୍ଥାପନା କରିବ । ମନୁଷ୍ୟର ଅନ୍ତରରେ ଦିବ୍ୟତାପ୍ରାପ୍ତିକୁ ଯଦି ଭଗବାନଙ୍କର ପ୍ରଥମ ବିଜୟ ବୋଲି କୁହାଯାଏ, ତେବେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏହି ସଂସାରରେ କେତେକ ବ୍ୟକ୍ତି ନ୍ୟୂନାଧିକ ଭାବରେ ସେହି ବିଜୟଟିକୁ ହାସଲ କରି ସାରିଛନ୍ତି, ହୁଏତ ଅନେକ ବ୍ୟକ୍ତିଙ୍କୁ ଏହି ସଫଳତାଟି ମିଳିଛି । ମାତ୍ର ବାହ୍ୟ କ୍ଷେତ୍ରର ସେହି ଅନ୍ୟ ବିଜୟଟି ଅତୀତର କୌଣସି ଯୁଗରେ ନ୍ୟୂନାଧିକ ପରିମାଣରେ ମଧ୍ୟ କାହାରି-ଦ୍ୱାରା ସମ୍ଭବ ହୋଇ ନାହିଁ । ଅନାଗତ ଅନେକ ଚକ୍ରର ପ୍ରଥମ ଏକ ନମୁନାରୂପେ ଏହି ସଫଳତାର କୌଣସି ସୂଚନା ମିଳିନାହିଁ ଏବଂ ପାର୍ଥିବ ପ୍ରକୃତିର ଅବଚେତନ ଭିତରେ ଏକ ସ୍ମୃତିରୂପେ ସାଇତାହୋଇ ରହି ନାହିଁ । ତଥାପି ହୁଏତ ଏହାହିଁ ମାନବଭୂମି ଉପରେ ଈଶ୍ୱରଙ୍କର ଏକ ପରବର୍ତ୍ତୀ ବିଜୟରୂପେ ଅଭିପ୍ରେତ ହୋଇ ରହିଛି ! ଆମର ଏହି ପାର୍ଥିବ ଜୀବନ ଯେ ସବୁଦିନ ସକାଶେ ଅର୍ଦ୍ଧ ହର୍ଷ ଓ ଅର୍ଦ୍ଧ ଦୁଃଖଦ୍ୱାରା ଆନ୍ଦୋଳିତ ହେଉଥିବା କେବଳ ଏକ ଆସ୍ଥାସର ଚକ୍ରପରି ଖାଲି ଘୂରିବାକୁ ବାଧ୍ୟ ହେଉଥିବ, ହୁଏତ ତାହାହିଁ ତା'ର ଅଦୃଷ୍ଟଲିଖନ ହୋଇ ନ ପାରେ । ପାର୍ଥିବ ଜୀବନଯାତ୍ରାର ଅଦୃଷ୍ଟରେ ମଧ୍ୟ ହୁଏତ ଏକ ଚରମ ସିଦ୍ଧିର ବିଜୟ ଅଭିପ୍ରେତ ହୋଇ ରହିଛି, ଏହି ଯାତ୍ରାର ଚରମ ପରିଣତିରୂପେ ହୁଏତ ପୃଥିବୀପୃଷ୍ଠରେ ସେହି ପରମେଶ୍ୱରଙ୍କର ମହିମା ଓ ତାଙ୍କର ଆନନ୍ଦହିଁ ପ୍ରକାଶିତ ହେବାକୁ ଯାଉଛି !

ଯେଉଁ ପରମ ଉତ୍ସମୂଳରୁ ମନ, ପ୍ରାଣ ଓ ଦେହର ଉଦ୍‌ଭବ ହୋଇଛି, ସେଠାରେ ସେଗୁଡ଼ିକର ଯଥାର୍ଥ ସ୍ୱରୂପ କ'ଣ ? —ଏବଂ ଯେତେବେଳେ ସେମାନେ ଆଉ ବର୍ତ୍ତମାନ ଭଳି ଭେଦବୋଧ ଓ ଅଜ୍ଞାନଦ୍ୱାରା ସେହି ସତ୍ୟରୁ ବିଚ୍ଛିନ୍ନ ହୋଇ ନରହି ସେହି ସତ୍ୟଦ୍ୱାରାହିଁ ସମାବିଷ୍ଟ ଓ ପ୍ରକାଶିତ ହୋଇପାରିବେ, ସେତେବେଳେ ଦିବ୍ୟ ଆତ୍ମପ୍ରକାଶର ସେହି ସର୍ବସମ୍ପୂର୍ଣ୍ଣ ସମଗ୍ର ସ୍ଥିତିର ଆଧାର ଉପରେ ମନ, ପ୍ରାଣ ଓ ଦେହ ଯଥାର୍ଥରେ କେଉଁ ବିକଶିତ ରୂପଧାରଣ କରିବେ, ଏହାପରେ ବର୍ତ୍ତମାନ ଆମକୁ ଏହି ପ୍ରଶ୍ନଟିରହିଁ ବିଚାର କରିବାକୁ ହେବ । କାରଣ ସେହି ଉତ୍ସମୂଳରେ ମନ, ପ୍ରାଣ ଓ ଦେହ ଆପଣାର ସର୍ବପରିପୂର୍ଣ୍ଣ ଅବସ୍ଥାରେ ଅବଶ୍ୟ ଅବସ୍ଥାନ କରୁଥିବେ । ଏବଂ ସେହି ସର୍ବପରିପୂର୍ଣ୍ଣ ଅବସ୍ଥା ଆଡ଼କୁହିଁ ଆମେ କ୍ରମପରିଣତ ହେଉଛୁ, ଅଗ୍ରସର ହେବାରେ ଲାଗିଛୁ । ଆମେ ବର୍ତ୍ତମାନ ଯେଉଁ ଅବସ୍ଥାଟିରେ ଆସି ପହଞ୍ଚିଛୁ, ତାହାକୁ ଜଡ଼ର ଆସ୍ତୃତନ ଭିତରେ କ୍ରମବିବର୍ତ୍ତିତ ହେଉଥିବା ଶୃଙ୍ଖଳବଦ୍ଧ

'oaob.nitrkl.ac.in' images reprocessed

ମନର ପ୍ରଥମ ଗତିଷ୍ପନ୍ଦନର ଅବସ୍ଥା ବୋଲି କୁହାଯାଇ ପାରିବ । ରୂପଭିତରେ ସଂବୃତ ହୋଇ ରହିଥିବା ଚିତ୍‌ସତ୍ତ୍ୱର ପରିବେଶ ତଥା ପ୍ରତ୍ୟବସୀମାରୁ ଆମେ ଏପର୍ଯ୍ୟନ୍ତ ମୁକ୍ତିଲାଭ କରି ପାରିନାହୁଁ । ଦିବ୍ୟଜ୍ୟୋତିର ଯେଉଁ ଗୁପ୍ତସ୍ଥିତିରୁ ଜଡ଼ ପ୍ରକୃତିରେ ଅନ୍ଧ ଅନ୍ନମୟ ଚେତନାର ଆବିର୍ଭାବ ହୋଇଛି, ସେହି ଗୁପ୍ତସ୍ଥା ଆମର ମନକୁ ଏପର୍ଯ୍ୟନ୍ତ ପଙ୍ଗୁ କରି ରଖିଛି । ଯେଉଁସବୁ ଯାବତୀୟ ପୂର୍ଣ୍ଣତା ଆଡ଼କୁ ଆମେ ଅଗ୍ରସର ହେବାରେ ଲାଗିଛୁ, ଆମ ଜୀବନ-ବିବର୍ତ୍ତନର ପରାକାଷ୍ଠାସ୍ୱରୂପ ସେହି ପୂର୍ଣ୍ଣାବସ୍ଥାଟି ଦିବ୍ୟ ସତ୍ୟକଳ୍ପନା ମଧ୍ୟରେ ନିଶ୍ଚୟ ପୂର୍ବରୁହିଁ ଅବସ୍ଥିତ ରହିଥିବ । ସେଠାରେ ତାହା ପୂର୍ଣ୍ଣରୂପ ଓ ସଚେତନ ଭାବରେ ଆମଲାଗି ପ୍ରସ୍ତୁତ ହୋଇ ରହିଥିବ, ଯାହାଦ୍ୱାରା କି ଆମେ ତାହାର ଅଭିମୁଖରେ ଆଗେଇ ଯାଇପାରିବା ତଥା ତାହାର ଭିତରେ ପ୍ରବିଷ୍ଟ ହୋଇପାରିବା । କାରଣ ଦିବ୍ୟ ଜ୍ଞାନର ସେହି ପୂର୍ବାବସ୍ଥାନକୁହିଁ ଆମ ମନୁଷ୍ୟବୁଦ୍ଧିରେ ଆମେ ଆଦର୍ଶ ବୋଲି କହୁଥାଉ ଓ ତାହାର ଅନ୍ୱେଷଣ କରୁଥାଉ । ଏହି ଆଦର୍ଶ ଏକ ଶାଶ୍ୱତ ସତ୍ୟ,—ଆପଣା ସତ୍ତ୍ୱର ବର୍ତ୍ତମାନ ପରିବେଶଗୁଡ଼ିକର ଆଧାର ଉପରେ ଆମେ ଏପର୍ଯ୍ୟନ୍ତ ଏହାର ଉପଲବ୍ଧି କରିନାହୁଁ । ଏହାକୁ ଆମେ ଏକ ଅସତ୍ୟ ବୋଲି କଦାପି କହିବା ନାହିଁ । ଶାଶ୍ୱତ ଓ ଦିବ୍ୟ ପରମସତ୍ତ୍ୱର ବୋଧଭୂମିରେ ଏପର୍ଯ୍ୟନ୍ତ ତାହାର କୌଣସି ପ୍ରଦେଶ ହୋଇ ନାହିଁ ଏବଂ କେବଳ ଅତି ଅପୂର୍ଣ୍ଣ ଆମେହିଁ ଏହାର କଳ୍ପିତ ଆଭାସ ପାଇଛୁ ଓ ଏହାକୁ ସୃଷ୍ଟି କରିବାର ଚେଷ୍ଟା କରୁଛୁ ବୋଲି କଦାପି କହିବା ନାହିଁ ।

ଆମ ମାନବିକ ଜୀବନରାଜ୍ୟରେ ସାର୍ବଭୌମ ସମ୍ରାଟ ହୋଇ ବସିଥିବା ଏବଂ ନାନା ବେଡ଼ି ଓ ବାଧାଦ୍ୱାରା ବନ୍ଦୀହୋଇ ରହିଥିବା ଏହି ମନର କଥା ପ୍ରଥମେ ଆଲୋଚନା କରାଯାଉ । ମୂଳତଃ ମନ ହେଉଛି ଗୋଟିଏ ଚେତନା; ଏହି ଚେତନା ମାପେ, ସୀମାଭିତରେ ନିର୍ଦ୍ଦିଷ୍ଟ କରି ରଖେ, ଅବିଭାଜ୍ୟ ସମଗ୍ରଟିରୁ ବସ୍ତୁର ଖଣ୍ଡରୂପ-ଗୁଡ଼ିକୁ କାଟି ସେଗୁଡ଼ିକୁ ଆପଣାଭିତରେ ସତେଅବା ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପୂର୍ଣ୍ଣରାଶି ଭଳି ସାଇତି ରଖେ । ଏପରିକି ଯାହାସବୁ ସ୍ପଷ୍ଟତଃ କେବଳ ଗୋଟିଏ ଗୋଟିଏ ଭିନ୍ନ ଓ ଭଗ୍ନାଂଶରୂପେ ଅବସ୍ଥିତ ରହିଥାଏ, ଆପଣା ନିତ୍ୟନୈମିତ୍ତିକ କାରବାରର ମନ ସେଗୁଡ଼ିକର କ୍ଷେତ୍ରରେ ମଧ୍ୟ ଆପଣାର ସେହି ଅଭ୍ୟସ୍ତ ଭ୍ରମଟିକୁ ପ୍ରତିଷ୍ଠିତ କରି ରଖେ । ଏକ ସମଗ୍ରର କେବଳ ଅଂଶ କିମ୍ବା ବିଭାବ ହିସାବରେ ନୁହେଁ, ମାତ୍ର ସ୍ୱତନ୍ତ୍ର ଏକକ ହିସାବରେ ସେଗୁଡ଼ିକର ବିଚାର କରାଯାଇ ପାରିବ ବୋଲି ମନ ଭ୍ରମ କରୁଥାଏ । କାରଣ ସେଗୁଡ଼ିକ କଦାପି ସ୍ୱୟଂସମ୍ପୂର୍ଣ୍ଣ ନୁହନ୍ତି ବୋଲି ଖୁବ୍ ଭଲଭାବରେ ଜାଣିଥିଲେ ମଧ୍ୟ ମନ ସେଗୁଡ଼ିକୁ ସତେଅବା ସ୍ୱୟଂସମ୍ପୂର୍ଣ୍ଣ ପଦାର୍ଥରୂପେ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଏ; ନହେଲେ ସେ ସେଗୁଡ଼ିକୁ

'oaob.nitrkl.ac.in' images reprocessed

ଆପଣାର ସ୍ୱସ୍ୱଭାବଗତ ପ୍ରକ୍ରିୟାର ଆୟତ୍ତ ଭିତରକୁ ଆଣିବାଲାଗି ଏକାନ୍ତ ଅସମର୍ଥ ହୋଇ ପଡ଼ିବ ବୋଲି ଭାବି ନେଇଥାଏ । ତେଣୁ ମନର ଯାବତୀୟ କ୍ରିୟାତ୍ମକ ସାମର୍ଥ୍ୟରେ ଅର୍ଥାତ୍ କଳ୍ପନା, ଅନୁଭୂତି, ଇନ୍ଦ୍ରିୟସଂବେଦନ ତଥା ସୃଜନାତ୍ମକ ବିଚାର-ପରମ୍ପରାରେ ତାହାର ଏହି ବିଶେଷ ସ୍ୱଭାବଟିର ଅନୁଶାସନହିଁ ଚାଲିଥାଏ । ଆପଣାର କଳ୍ପନା, ଅନୁଭୂତି ଅଥବା ଇନ୍ଦ୍ରିୟବୋଧ ଲାଗି ସେ ସବୁବେଳେ ଗୋଟାଏ ବୃହତ୍ ପୃଷ୍ଠଭୂମି ବା ସମଗ୍ରଟି ପରୁ ତାହାର କିଛି କିଛି ଅଂଶ କାଟି ନିଏ ଏବଂ ସେହି କର୍ତ୍ତିତ ଅଂଶଗୁଡ଼ିକୁହିଁ ଆପଣା ସୃଷ୍ଟି-ଓ ଅଧିକାର-ସାମଗ୍ରୀର ସ୍ଥାୟୀ ଏକକରୂପେ କାମରେ ଲଗାଏ । ତେଣୁ ଏକ ବୃହତ୍ତର ସମଗ୍ରତାଭିତରୁ ଆଂଶିକଭାବେ କଟାହୋଇ ଆସିଥିବା ବ୍ୟାବହାରିକ ସମଗ୍ରତାଗୁଡ଼ିକ ଭିତରେହିଁ ମନର ସକଳ କ୍ରିୟା ତଥା ଉପଭୋଗ ସୀମାବଦ୍ଧ ହୋଇ ରହିଥାଏ । ଏହି ବ୍ୟାବହାରିକ ସମଗ୍ରତାଗୁଡ଼ିକୁ ମନ ପୁଣି ଆହୁରି ନାନା ଖଣ୍ଡରେ ଭାଙ୍ଗିଦିଏ ଏବଂ କାର୍ଯ୍ୟ ସିଦ୍ଧ ହେଉଥିବା କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସେଗୁଡ଼ିକ ବି ସମଗ୍ରତାରୂପେ କାମରେ ଲଗାଏ । ମନ ଆପଣାର ଇଚ୍ଛାନୁସାରେ ବିଭାଗ, ଗୁଣନ, ଯୋଗ ଓ ବିୟୋଗ ସବୁ କରିପାରେ ସତ, ମାତ୍ର ଆପଣା ଗଣିତର ପରିଧିସୀମାଗୁଡ଼ିକୁ ଡେଇଁବାଲାଗି ତା'ର କୌଣସି ସାମର୍ଥ୍ୟ ନଥାଏ । ଏହି ସୀମାଗୁଡ଼ିକୁ ଡେଇଁ କୌଣସି ଯଥାର୍ଥ ସମଗ୍ରତାର କଳ୍ପନା କରିବାକୁ ଚେଷ୍ଟା କରିବା ମାତ୍ରକେ ସେ ଆପଣାକୁ ଏକ ଅନ୍ୟଦେଶୀ ଓ ଅନ୍ୟଧର୍ମୀ ଉପାଦାନ ଭିତରେ ହଜାଇଦିଏ । ଆପଣାର ଦୃଢ଼ ଅବସ୍ଥାନ-ଭୂମିଟିରୁ ଖସିପଡ଼ି ସ୍ୱବୋଧାତୀତ ଏକ ଅତଳ ସାଗରଭିତରେ ନିପତିତ ହୁଏ । ଅସ୍ୱାଭାବିକ ଅନନ୍ତତା ଓ ଅତଳତା ଭିତରେ ପଡ଼ିଯାଇ ସିଏ ଆଉ କିଛିହେଲେ କଳ୍ପନା କରି ପାରେନାହିଁ, କିଛି ଅନୁଭବ କରି ପାରେନାହିଁ, ଆପଣା ସୃଷ୍ଟି ଓ ଆପଣା ଉପଭୋଗର କୌଣସି ସାମଗ୍ରୀର କୌଣସି ବୋଧ ଲାଗି ତା'ର ଆଉ କୌଣସି କୂଳ ପାଏନାହିଁ । କାରଣ ଅନନ୍ତତାର କେବଳ ଏକ ପ୍ରତୀତି କିମ୍ବା ଏକ ରୂପକଳ୍ପନା ମଧ୍ୟରେହିଁ ମନ ବେଳେବେଳେ ଅନନ୍ତର କଳ୍ପନା ବା ଅନୁଭବ କରୁଥିବା ପରି ବୋଧ ହୋଇଥାଏ, ଅନନ୍ତକୁ ଆପଣାର ବୋଧ ଭିତରକୁ ସଙ୍କୁଚିତ କରି ଆଣି ତାହାର ଆସ୍ୱାଦନ କରୁଥିବା ପରି ମନେ ହୋଇଥାଏ । ଅତି ଅସ୍ପଷ୍ଟ ଭାବରେ ଆପଣା କଳ୍ପନାରେ ସମ୍ଭାରି ଧରିଥିବା ଏହି ଚିତ୍ରବସ୍ତୁଟିକୁ ଆମେ କେବଳ ଏକ ଆକାରହୀନ ବୃହତ୍ ବୋଲି କହିବା ସିନା, ମାତ୍ର ଦେଶାତୀତ ଯଥାର୍ଥ ଅନନ୍ତ ବୋଲି ଆଦୌ କହି ପାରିବା ନାହିଁ । ଏବଂ ତାହାସହିତ ସଂଯୋଗ ସ୍ଥାପନ କରିବା କିମ୍ବା ତାହାକୁ ଆପଣାଭିତରେ ଧରି ରଖିବାକୁ ଉଦ୍ୟତ ହେବାମାତ୍ରକେ ସୀମାୟତ୍ତ କରି ରଖିବାର ଅବିଚ୍ଛେଦ୍ୟ ସ୍ୱାଭାବିକ ପ୍ରବୃତ୍ତିଟି ତତ୍କ୍ଷଣାତ୍ ଆସି ପହଞ୍ଚିଯାଏ ଏବଂ ମନ ପୁନର୍ବାର ମୂର୍ତ୍ତି, ରୂପ ଓ ଶବ୍ଦର ଗହନଭିତରେ ପଡ଼ି ବଣା ହୋଇଯାଏ । ଏହି ମନ କଦାପି ଅନନ୍ତକୁ ଆପଣାଭିତରେ ଧରି ରଖି ପାରିବ

'oaob.nitrkl.ac.in' images reprocessed

ନାହିଁ; ଏହା ଅନନ୍ତର ଅଧୀନ ହୋଇ ରହିବ, ଅନନ୍ତଭିତରେହିଁ ଆପଣାକୁ ଧରି ଦେବ । ମନଃ ସାମର୍ଥ୍ୟର ଅନଧିଗମ୍ୟ ସତ୍ୟଭୂମିଗୁଡ଼ିକରୁ ଆସି ତାହାରି ଉପରେ ସମ୍ପାଦିତ ହେଉଥିବା ସତ୍ୟସ୍ୱରୂପର ସେହି ପ୍ରଭାସ୍ୱର ଗ୍ରସ୍ତାଗ୍ରସ୍ତରେହିଁ ମନ ନିରବଲମ୍ବନ ହୋଇ ରହିବ, ଏବଂ ତାହାକୁହିଁ ପରମ ଆନନ୍ଦରୂପେ ଅନୁଭବ କରିବ । ମାତ୍ର ସେହିସବୁ ଅତିମାନସ ଭୂମିକୁ ଉତ୍ତୀର୍ଣ୍ଣ ହୋଇ ନପିବାଯାଏ ଅନନ୍ତର ଅଧିକାର ଭିତରକୁ ଆସିବା କଦାପି ସମ୍ଭବ ହେବ ନାହିଁ । ଋତଚେତନ ସତ୍ୟର ଅବରୋହୀ ସନ୍ଦେଶଗୁଡ଼ିକର ସମ୍ମୁଖରେ ଆପଣାକୁ ସଂପୂର୍ଣ୍ଣ ନିର୍ଭରଶୀଳ ଭାବରେ ସମର୍ପଣ କରି ନଦେଲେ ସେହି ଅନନ୍ତର ଜ୍ଞାନ ମଧ୍ୟ ଉପଲବ୍ଧ ହୋଇ ପାରିବ ନାହିଁ ।

ଏହାହିଁ ମନର ମୂଳ ସ୍ୱଭାବ, ତାହାର ସ୍ୱାଭାବିକ ସୀମା । ଏହାହିଁ ମନର ସତ୍ୟପରିଚୟ ଏବଂ ଏଇଥିରୁହିଁ ତାହାର ସ୍ୱଭାବ ତଥା ସ୍ୱଧର୍ମ ନିର୍ଦ୍ଧାରିତ ହୋଇଥାଏ । ଆପଣା ପରି ମାୟାର ସମଗ୍ର ପରିଯୋଜନାଟିରେ ଦିବ୍ୟ ବିଶ୍ୱବ୍ୟବସ୍ଥା ମନକୁ ଯେଉଁ କାର୍ଯ୍ୟଟିରେ ନିର୍ଦ୍ଦିଷ୍ଟ ଓ ନିୟୋଜିତ କରି ରଖିଛି, ଆମେ ଏଠାରେ ତାହାରି ନିଦର୍ଶନହିଁ ପାଇଥାଉ । ସ୍ୱୟମ୍ଭୂସତ୍ତାର ଶାଶ୍ୱତ ଆତ୍ମକଲ୍ପନା ମଧ୍ୟରେ ଜନ୍ମଗ୍ରହଣ କରିବାର କ୍ଷଣଟିରୁହିଁ ମନକୁ ଏହି ବୃତ୍ତିଟି ଦିଆଯାଇଛି । ଏହି ବୃତ୍ତି ଅନନ୍ତକୁ ସର୍ବଦା ସାନ୍ତର ଭାଷାରେ ଅନୁବାଦ କରି ଦେଉଥିବ, ତାହାକୁ ମାପି ଥୋଇ ଦେଉଥିବ, ସୀମାସ୍ଥିତ କରି ରଖୁଥିବ ଓ ନାନାଭାଗରେ ବିଭକ୍ତ କରୁଥିବ । ବସ୍ତୁତଃ ଅନନ୍ତର ସକଳ ସତ୍ୟବୋଧକୁ ବହିଷ୍କୃତ କରି ରଖିହିଁ ମନ ଆମର ଚେତନା ଭିତରେ ଏହି କାର୍ଯ୍ୟମାନ କରିବାରେ ଲାଗିଛି । ତେଣୁ ମନ ହେଉଛି ମହା ଅବିଦ୍ୟାର ଜଟିଳ ଗ୍ରନ୍ଥିସ୍ୱରୂପ, କାରଣ ଏହି ଅବିଦ୍ୟାହିଁ ମୂଳତଃ ଭାଗ ଭାଗ ଓ ବିକୀର୍ଣ୍ଣ କରିଦେଉଛି । ଏହି ଅବିଦ୍ୟାକୁହିଁ ଭ୍ରାନ୍ତିବଶ ଭାବରେ ବିଶ୍ୱର କାରଣ ବୋଲି କୁହାଯାଇଛି, ସମଗ୍ର ଦେବମାୟା ରୂପେ ଘୋଷଣା କରାଯାଇଛି । ମାତ୍ର ଦେବମାୟା ଭିତରେ ବିଦ୍ୟା ଓ ଅବିଦ୍ୟା ଉଭୟ ରହିଛି, ଜ୍ଞାନ ତଥା ଅଜ୍ଞାନ ଉଭୟ ରହିଛି । ଆମେ ସାନ୍ତକୁ ଅନନ୍ତର କେବଳ ଏକ ପ୍ରତିଭାସ ବୋଲି ସ୍ୱୀକାର କରିଛୁ, ଅନନ୍ତର କ୍ରିୟାଜନିତ ଏକ ପରିଣାମ ବୋଲି ମାନିଛୁ । ସାନ୍ତ ହେଉଛି ଅନନ୍ତର କଳ୍ପନାଜନିତ ଏକ ଲୀଳାମାତ୍ର । ତେଣୁ ଅନନ୍ତଦ୍ୱାରା ବିଧୃତ ହୋଇ ଏବଂ ଅନନ୍ତର ଅନ୍ତର୍ଗତ ହୋଇ ରହିବା ବ୍ୟତୀତ ସାନ୍ତର ଅସ୍ତିତ୍ୱ ଲାଗି ଆଉ କୌଣସି ସମ୍ଭାବନା ନାହିଁ । ସେହି ଅନନ୍ତହିଁ ସର୍ବଦା ସାନ୍ତର ପୃଷ୍ଠଭୂମି ହୋଇ ରହିବ; ସେହି ରୂପର ମୂଳବସ୍ତୁ ହୋଇ ରହିବ ତଥା ସେହି କ୍ରିୟାତ୍ମକତାର ମୂଳଶକ୍ତି ହୋଇ ରହିବ । ତେଣୁ ସ୍ପଷ୍ଟତଃ ଏପରି ଏକ ମୌଳିକ ଚେତନା ଅବଶ୍ୟ ରହିଛି, ଯାହାକି ଏକାବେଳେକେ ବିଦ୍ୟା ତଥା ଅବିଦ୍ୟା, ଜ୍ଞାନ ତଥା ଅଜ୍ଞାନକୁ ଦେଖିବାଲାଗି ସମର୍ଥ ହେଉଛି, ଏବଂ ଗୋଟିକ ସହିତ

'oaob.nitrkl.ac.in' images reprocessed

ଅନ୍ୟଟିର ଯାବତୀୟ ସମ୍ବନ୍ଧ ବିଷୟରେ ଯାହାକି ଅନ୍ତରଙ୍ଗ ଭାବରେ ସଚେତନ ରହିଛି । ସେହି ଚେତନାଭିତରେ ଆଉ ଅଜ୍ଞାନଲାଗି କୌଣସି ସ୍ଥାନ ନାହିଁ, କାରଣ ସେଥିରେ ଅନନ୍ତର ଜ୍ଞାନ ମହଜୁଦ ରହିଛି ତଥା ଏକ ସ୍ୱତନ୍ତ୍ର ସତ୍ତାରୂପେ ସାନ୍ତକୁ ମଧ୍ୟ ତା'ଠାରୁ ଭିନ୍ନ କରି ଦିଆଯାଇ ନାହିଁ; ମାତ୍ର ତଥାପି ସୀମା ଓ ସଙ୍କୁଚନକୁ ସମ୍ଭବ କରାଉଥିବା ଗୋଟିଏ ଗୌଣ ପ୍ରକ୍ରିୟା ମଧ୍ୟ ତାହାର ଭିତରେ ରହିଛି । କାରଣ ସେଇଟି ନ ଥିଲେ ବିସୃଷ୍ଟ କୌଣସି ବିଶ୍ୱ ଆଦୌ ସମ୍ଭବ ହୁଅନ୍ତା ନାହିଁ । ଏହି ଗୌଣ ପ୍ରକ୍ରିୟାଟି ଦ୍ୱାରା ସତତ ଭାଗଭାଗ କରି ଦେଉଥିବା ଓ ପୁଣି ଏକାଠି ମିଳାଇ ଦେଉଥିବା ମାନସିକ ଚେତନାଟି ପ୍ରାତିଭାସିକ ରୂପରେ ପ୍ରକାଶିତ ହେଉଛି । ସତତ ପରସ୍ପରଠାରୁ ଅଲଗା ହୋଇ ଯାଉଥିବା ଓ ପୁଣି ପରସ୍ପର ସହିତ ମିଶି ଯାଉଥିବା ପ୍ରାଣଲୀଳା ଏବଂ ଅନନ୍ତପ୍ରକାରେ ବିଭକ୍ତ ହୋଇ ଆତ୍ମସମାହାରରେ ଠୁଳ ହୋଇ ଯାଉଥିବା ଜଡ଼ସତ୍ତା ମଧ୍ୟ ପ୍ରାତିଭାସିକ କ୍ଷେତ୍ରରେ ପ୍ରକାଶିତ ହେଉଛନ୍ତି । କେବଳ ସେହି ଗୋଟିଏ ତତ୍ତ୍ୱ ଓ ଗୋଟିଏ କ୍ରିୟା ମୂଳରେ ରହି ଏଗୁଡ଼ିକୁ ସଞ୍ଚାଳିତ କରୁଛି । ଯେଉଁ ପରମ କବି ଓ ମନୀଷୀ କର୍ତ୍ତାରୂପେ ପ୍ରତିଷ୍ଠିତ ରହିଛନ୍ତି, ତାଙ୍କର ଏହି ଗୌଣ କ୍ରିୟାଟିକୁ ଆମେ ଦିବ୍ୟ ମାନସ ବୋଲି କହିପାରିବା । ଏହି ଦିବ୍ୟ ମାନସ ପରିପୂର୍ଣ୍ଣଭାବେ ଜ୍ୟୋତିର୍ମୟ, ତାହା ପରିପୂର୍ଣ୍ଣଭାବେ ଆତ୍ମଜ୍ଞ ତଥା ସର୍ବଜ୍ଞ । ସିଏ ନିଜେ ଯାହାସବୁ କରୁଛି, ସେବିଷୟରେ ତାହାର ପରିପୂର୍ଣ୍ଣ ଜ୍ଞାନ ରହିଛି । ତାହାର ସାନ୍ତ ସୃଷ୍ଟିଭିତରେ ଅନ୍ତର୍ନିହିତ ରହିଥିବା ଅନନ୍ତଟି ବିଷୟରେ ସେ ପରିପୂର୍ଣ୍ଣଭାବେ ସଚେତନ ରହିଛି । ଏକଥା ଅତି ସ୍ପଷ୍ଟ ଯେ ଏହି ଦିବ୍ୟ ମାନସ ଅତିମାନସ ଅଥବା ପରମ ସତ୍ୟକଳ୍ପନାର କ୍ରିୟାଠାରୁ ପୃଥକ୍ କୌଣସି ଏକ ଅନ୍ୟ ପଦାର୍ଥ ନୁହେଁ, ଏହା ତାହାରି କ୍ରିୟାର ଗୋଟିଏ ଗୌଣ ସ୍ଥିତି ବା ଧାରାମାତ୍ର । ଋତ-ଚିତ୍ର ପ୍ରଜ୍ଞାନଶକ୍ତି ମାଧ୍ୟମରେହିଁ ସେହି ଦିବ୍ୟ ମାନସର ପ୍ରବର୍ତ୍ତନା ହେଉଛି ।

ଆମେ ଆଗରୁ ଜାଣିଛୁ ଯେ ସକ୍ରିୟ ଓ ସୃଷ୍ଟିଶୀଳ ଯେଉଁ ତତ୍ତ୍ୱଟି ଅବିଭାଜ୍ୟ ସର୍ବସତ୍ତାରୂପେ ବର୍ତ୍ତମାନ ରହିଛି, ତାହାହିଁ ସ୍ୱକୀୟ ପ୍ରଜ୍ଞାନଚେତନାଟିର ସାହାଯ୍ୟରେ ସେହି ସର୍ବଚେତନାର ବିଷୟରୂପେ ଆପଣାକୁହିଁ ସ୍ଥାପିତ କରି, ଅଥବା ସତେଯେପରି ଆପେହିଁ ଆପଣାଭିତରୁ ଜନ୍ମଲାଭ କରି, ଆପେ ଆପଣା କ୍ରିୟାର ସନ୍ଦର୍ଶନ କରିବାରେ ଲାଗିଛି ଓ ଆପେ ଆପଣା କ୍ରିୟାର ଅଧିକାରୀ ହୋଇ ରହିଛି । ଯେପରି ଜଣେ କବି ତା'ର ଆତ୍ମଚେତନା ଭିତରେ ରହିଥିବା ଆପଣାର ସୃଷ୍ଟିଗୁଡ଼ିକୁ ସେହି ଚେତନା ଭିତରେହିଁ ଆପଣାର ସମ୍ମୁଖରେ ଆଣି ଉପସ୍ଥାପିତ କରେ, ସେତେବେଳେ ତାହାର ସେହି ସୃଷ୍ଟିଗୁଡ଼ିକ ସ୍ୱୟଂ ସ୍ରଷ୍ଟାରୂପୀ କବି ଓ ତାହାର ସୃଜନଶକ୍ତିଠାରୁ ସତେଯେପରି ପୃଥକ୍ କିଛି ବୋଲି ମନେ ହୋଇଥାଏ, ଅଥଚ ସେଗୁଡ଼ିକୁ ଯେପରି କବିର ଆପଣା-

'oaob.nitrkl.ac.in' images reprocessed

ଭିତରେ ତା'ର ଆପଣା ସତ୍ତାର ଆତ୍ମରୂପାୟନର ଲୀଳାରୂପେ ଏବଂ ସେହି କାରଣରୁ ସ୍ରଷ୍ଟାଠାରୁ ଅବିଭାଜ୍ୟରୂପେହିଁ ଦେଖିବାକୁ ପଡ଼େ, ଅନେକ ଦୃଷ୍ଟିରୁ ଦେଖିଲେ ପ୍ରଜ୍ଞାନର କ୍ରିୟାପଦ୍ଧତି ପ୍ରାୟ ସେହିପରି । ତେଣୁ ପ୍ରଜ୍ଞାନରୁହିଁ ମୂଳ ବିଭାଜନଟି ଆରମ୍ଭ ହୁଏ ଏବଂ ସେଥିରୁ ଅବଶିଷ୍ଟ ଆଉସବୁର ବିଭାଜନ ହୁଏ; ଆପଣାର ଦୃଷ୍ଟିଦ୍ୱାରା ସୃଷ୍ଟି ଓ ନିର୍ଦ୍ଦେଶନ କରୁଥିବା ଜ୍ଞାତା ଓ ଦ୍ରଷ୍ଟାରୂପୀ ପୁରୁଷର ବିଭାଜନ ହୁଏ; ପୁରୁଷର ଜ୍ଞାନ ଓ ଦୃଷ୍ଟିସ୍ୱରୂପିଣୀ, ତା'ର ସୃଷ୍ଟି ଓ ସର୍ବବିଧାୟିକା ଶକ୍ତିସ୍ୱରୂପିଣୀ ପ୍ରକୃତିର ବି ବିଭାଜନ ହୁଏ । ଉଭୟେ ହେଉଛନ୍ତି କେବଳ ଗୋଟିଏ ସତ୍ତା, ଗୋଟିଏ ଅସ୍ତିତ୍ୱ,—ଏବଂ ଦୃଷ୍ଟ ତଥା ସୃଷ୍ଟ ରୂପଗୁଡ଼ିକ ହେଉଛନ୍ତି ସେହି ମୂଳସତ୍ତାର ବିବିଧ ରୂପାୟନମାତ୍ର । ସେହି ମୂଳସତ୍ତା ସେଗୁଡ଼ିକୁ ଜ୍ଞାନରୂପେ ଜ୍ଞାତାରୂପୀ ସେହି ଆପଣା ସମ୍ମୁଖରେ ଆଣି ସ୍ଥାପିତ କରୁଛି, ପୁଣି ସେହି ସେଗୁଡ଼ିକୁ ଶକ୍ତିରୂପେ ସ୍ରଷ୍ଟାରୂପୀ ଆପଣା ସମ୍ମୁଖରେ ଆଣି ସ୍ଥାପିତ କରୁଛି । ଆପଣା ସତ୍ତାର ଚିନ୍ମୟ ବ୍ୟାପ୍ତି ଉପରେ ପ୍ରସାରିତ ହୋଇ ରହିଥିବା, ଆପଣାର ପ୍ରତ୍ୟେକ ଏକକବିନ୍ଦୁ ତଥା ଆପଣା ସମଗ୍ରତାର ମର୍ମେ ମର୍ମେ ବିଦ୍ୟମାନ ରହିଥିବା ଓ ଯାବତୀୟ ରୂପଭିତରେ ନିବାସ କରୁଥିବା ସେହି ପୁରୁଷ ଯେତେବେଳେ ଏହି ସମଗ୍ର ଲୀଳାଟିକୁ ସତେଅବା ଏକ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ଲୀଳାପରି ଅନୁଭବ କରନ୍ତି, ଆପେ ଧାରଣ କରିଥିବା ପ୍ରତ୍ୟେକଟି ଦୃଷ୍ଟିଭଙ୍ଗୀରୁ ତାହାକୁ ଗ୍ରହଣ କରନ୍ତି, ସେତିକବେଳେ ପ୍ରଜ୍ଞାନର ସର୍ବଶେଷ କ୍ରିୟାଟି ସଂଘଟିତ ହୋଇଥାଏ । ତାଙ୍କ ଆପଣାଭିତରେ ରହିଥିବା ପ୍ରତ୍ୟେକ ଆତ୍ମାର ଅନ୍ୟ ଆତ୍ମାଗୁଡ଼ିକ ସହିତ ଯେଉଁସବୁ ସମ୍ବନ୍ଧ ରହିଛି, ସେତେବେଳେ ପୁରୁଷ ପ୍ରତ୍ୟେକ ବିଶିଷ୍ଟ ରୂପଭିତରେ ନିହିତ ରହିଥିବା ଇଚ୍ଛାଶକ୍ତି ଓ ଜ୍ଞାନର ଦୃଷ୍ଟିକୋଣରୁ ସେହି ସମ୍ବନ୍ଧଗୁଡ଼ିକୁ ଦେଖିଥା'ନ୍ତି ଓ ସେଗୁଡ଼ିକୁ ନିୟନ୍ତ୍ରିତ କରନ୍ତି ।

ବିଭାଜନର ଉପାଦାନଗୁଡ଼ିକ ଏହିପରି ଭାବରେ ଜନ୍ମଲାଭ କରିଛନ୍ତି । ପ୍ରଥମେ ଅଦ୍ୱୟ ଏକତ୍ୱର ଅନନ୍ତତା ଅସୀମ ଦେଶ ଓ କାଳର ଭାବନାଭିତରେ ଆପଣାକୁ ପ୍ରସାରିତ କରିଦେଇଛି । ଦ୍ୱିତୀୟରେ ଆତ୍ମସଚେତନ ପ୍ରସାରଣ ଭିତରେ ବର୍ତ୍ତମାନ ରହିଥିବା ସେହି ଅଦ୍ୱୟ ଏକର ସର୍ବବ୍ୟାପକତା ସଚେତନ ଆତ୍ମାର ଏକ ବହୁତ୍ୱରୂପେ ଆତ୍ମପ୍ରକାଶ କରିଛନ୍ତି, ସାଂଖ୍ୟରେ ବର୍ଣ୍ଣିତ ବହୁ ପୁରୁଷରୂପେ ଆତ୍ମପ୍ରକାଶ କରିଛନ୍ତି । ତୃତୀୟରେ ସେହି ଆତ୍ମରୂପ ବହୁତ୍ୱର ପ୍ରତ୍ୟେକ ଆତ୍ମା ଆପଣାକୁ ପରିବ୍ୟାପ୍ତ ଏକତ୍ୱର ଗୋଟିଏ ଗୋଟିଏ ସବିଭକ୍ତ ନିବାସରେ ପ୍ରତିମୂର୍ତ୍ତି କରିଛନ୍ତି । ଏହି ପୁରୁଷମାନେ ପ୍ରତ୍ୟେକେ ଆପଣାର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବିଶ୍ୱରେ ବାସ କରନ୍ତି ନାହିଁ, ଆପଣାଲାଗି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବିଶ୍ୱର ରଚନା କରି ଏମାନେ ଆପଣା ଆପଣାର ପ୍ରକୃତିକୁ ନେଇ ଅଲଗା ଅଲଗା ରହନ୍ତି ନାହିଁ; ଏମାନେ ସମସ୍ତେ ସେହି

'oaob.nitrkl.ac.in' images reprocessed

ଏକ ପ୍ରକୃତିରହିଁ ସମ୍ଭୋଗ କରନ୍ତି,—ଏକଥାଟି ମାନିନେବା ମାତ୍ରକେ ସେମାନେ ଗୋଟିଏ ଗୋଟିଏ ସୁବିଭକ୍ତ ନିବାସରୂପେ ପ୍ରତିଷ୍ଠିତ ଅଛନ୍ତି ବୋଲି ମଧ୍ୟ ମାନିନେବାକୁ ହେବ । ଯେଉଁ ଅଦ୍ୱୟ ପରମ ଏକ ସ୍ୱଶକ୍ତିର ବିବିଧ ସୃଷ୍ଟିରେ ଅଧୀଶ୍ୱରରୂପେ ବିରାଜିତ ଅଛନ୍ତି, ସେହି ପୁରୁଷମାନେ କେବଳ ତାଙ୍କର ଆତ୍ମରୂପ; ତେଣୁ ନ୍ୟାୟତଃ ସେମାନେ କେବଳ ଗୋଟିଏ ପ୍ରକୃତିକୁହିଁ ଉପଭୋଗ କରିବେ । ମାତ୍ର ତଥାପି ଏକ ପ୍ରକୃତିଦ୍ୱାରା ସୃଷ୍ଟ ହୋଇଥିବା ଏହି ଗୋଟିଏ ସତ୍ତ୍ୱାଜଗତ ମଧ୍ୟରେ ସେମାନଙ୍କର ପରସ୍ପର ସହିତ ବିଭିନ୍ନ ସମ୍ବନ୍ଧ ରହିଛି । ପ୍ରତ୍ୟେକ ରୂପଟି ମଧ୍ୟରେ ଅବସ୍ଥିତ ପୁରୁଷ ସେହି ରୂପଟି ସହିତ ସକ୍ରିୟଭାବେ ଏକରୂପ ହୋଇ ରହିଛି । ସେହି ରୂପଟି ମଧ୍ୟରେ ଆପଣାକୁ ସୀମିତ କରି ତା'ର ଅନ୍ୟ ଆତ୍ମାଗୁଡ଼ିକ ଅନ୍ୟ ଯେଉଁସବୁ ରୂପରେ ବିଦ୍ୟମାନ ଅଛନ୍ତି, ସେ ସେହିସବୁ ରୂପଠାରୁ ଆପଣାର ରୂପଟିକୁ ସତେଅବା ପୃଥକ୍ ବୋଲି ମନେକରୁଛି । ସତ୍ତ୍ୱାର ଆଧାର ଉପରେ ବିଚାର କଲେ ସେଗୁଡ଼ିକ ସହିତ ତାହାର ପରିପୂର୍ଣ୍ଣ ଅଭିନ୍ନତା ରହିଛି । ମାତ୍ର ସମ୍ବନ୍ଧରେ ଭିନ୍ନତା ରହିଛି; ବ୍ୟାପ୍ତି ଓ ସଞ୍ଚାଳନକ୍ଷେତ୍ରରେ ବିବିଧତା ରହିଛି, ତେଣୁ ଭିନ୍ନତା ବି ରହିଛି । ସେମାନଙ୍କର ଦୃଷ୍ଟିଭଙ୍ଗୀରେ ବି ଭିନ୍ନତା ରହିଛି । କାଳର କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷଣରେ ତଥା ଦେଶର କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପ୍ରତ୍ୟେକ ପୁରୁଷ ସେହି ଏକ ଉପାଦାନ, ଶକ୍ତି, ଚୈତନ୍ୟ ଓ ଆନନ୍ଦକୁ ଯେଭଳି ଭାବରେ କାର୍ଯ୍ୟରେ ଲଗାଉଛନ୍ତି; ସେଇଥିରୁହିଁ ଉକ୍ତ ଭିନ୍ନତାସବୁ ଉପୁଜୁଛି । ଆପଣାର ଶରୀର ସହିତ ଆପଣାକୁ ଅଭିନ୍ନ ଓ ଏକରୂପ ବୋଲି ଧରିନେଇ ଆମେ ସେହି ଭ୍ରମର ଦାସ ହୋଇ ରହିଛୁ ଏବଂ ଆମ ସଚେତନ ଅହଂର ସୀମାଗୁଡ଼ିକୁ ଅତିକ୍ରମ କରିବାରେ ଆମେ ଏକାନ୍ତ ଅସମର୍ଥ ହୋଇପଡ଼ୁଛୁ । ଦେଶର କ୍ଷେତ୍ରଉପରେ ଆମର ନିର୍ଦ୍ଦିଷ୍ଟ ପରିସୀମାଟିକୁ ନିର୍ଦ୍ଧାରିତ କରି ଦେଉଥିବା କାଳର ଅଧୀନ ଆମ ଚୈତନ୍ୟର ଏକ ନିର୍ଦ୍ଦିଷ୍ଟ ସଞ୍ଚାଳନ ଭୂମିରୁ ଅନ୍ୟତ୍ର ବାହାରି ଯାଇପାରିବାକୁ ଆମର ଆଦୌ କୌଣସି ଶକ୍ତି ନାହିଁ । ମାତ୍ର ଅପର ପକ୍ଷରେ ପରିପୂର୍ଣ୍ଣ ଆତ୍ମଜ୍ଞାନସମ୍ପନ୍ନ ଦିବ୍ୟସତ୍ତ୍ୱା ମଧ୍ୟରେ ଏପରି କୌଣସିପ୍ରକାର ଅସମର୍ଥକାରୀ ପ୍ରସୀମନକ୍ରିୟା କାର୍ଯ୍ୟ କରୁନାହିଁ, ସେଠାରେ କୌଣସି ଏକାତ୍ମକତା ଭିତରେ ଆତ୍ମା ଆଦୌ ଦାସ ପରି ବାନ୍ଧିହୋଇ ପଡ଼ୁନାହିଁ ଏବଂ ତଜ୍ଜନିତ ସକଳ ସୀମାକୁ ଅତିକ୍ରମ କରିଯିବାଲାଗି ତାହାର ସବୁବେଳେ ସାମର୍ଥ୍ୟ ରହିଛି । ଏହାକୁ ସତ୍ୟ ବୋଲି ସ୍ୱୀକାର କରି ନେଲେ ସୁଦ୍ଧା ତଥାପି ଗୋଟିଏ କଥା ସ୍ମରଣ ରଖିବାକୁ ପଡ଼ିବ । ସେଠାରେ ବନ୍ଧନ ଅବିଦ୍ୟାକଳ୍ପିତ ନ ହୋଇଥିଲେହେଁ ତଥାପି ତାହା ହେଉଛି ସେହି ବନ୍ଧନରହିଁ ପୂର୍ବାଭାସ । ସେଠାରେ ମଧ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଅବିବେକ-କ୍ରୀଡ଼ା ଲାଗିରହିଛି, ଅବଶ୍ୟ ଏହି କ୍ରୀଡ଼ାଭିତରେ ସ୍ୱାତନ୍ତ୍ର୍ୟ ମଧ୍ୟ ରହିଛି । ଆମର ଚେତନା ସାଧାରଣତଃ ଯେପରି ବିଭିନ୍ନତା ଓ କାଳାତ୍ମକ

'oaob.nitrkl.ac.in' images reprocessed

ପୂର୍ବପରତାର ଦୃଢ଼ ଶୃଙ୍ଖଳ ଭିତରେ ଆବଦ୍ଧ ହୋଇପଡ଼େ, ଦିବ୍ୟାତ୍ମାଭିତରେ ରହିଥିବା ତା'ର ଅବିଚ୍ଛେଦ୍ୟ ଆତ୍ମଜ୍ଞାନହିଁ ତାକୁ ସେପରି ଆବଦ୍ଧ ହୋଇ ରହିଯିବାର ପ୍ରମାଦରୁ ରକ୍ଷା କରିବାରେ ଲାଗିଛି ।

ଏଣୁ ଏହିଠାରୁହିଁ ଖଣ୍ଡବିଭାଜନ ଆରମ୍ଭ ହୋଇଗଲା ବୋଲି କହିବାକୁ ହେବ । ପ୍ରତ୍ୟେକେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସତ୍ତାର ପ୍ରଗାଢ଼ କଳ୍ପନାଇ ରୂପସହିତ ରୂପର ସମ୍ବନ୍ଧ ସ୍ଥାପନ କରୁଛି, ପ୍ରତ୍ୟେକେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସାମର୍ଥ୍ୟର ପ୍ରଗାଢ଼ କଳ୍ପନାଇ ସତ୍ତାର ସଂକଳ୍ପ ସତ୍ତାର ସଂକଳ୍ପ ସହିତ ସମ୍ବନ୍ଧ ଯୋଡ଼ିବାକୁ ଆସୁଛି, ପୁଣି ପ୍ରତ୍ୟେକେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଚୈତନ୍ୟର ପ୍ରଗାଢ଼ କଳ୍ପନାଇ ସତ୍ତାର ଜ୍ଞାନ ସତ୍ତାର ଜ୍ଞାନ ସହିତ ସମ୍ବନ୍ଧ ପ୍ରତିଷ୍ଠା କରୁଛି । ଏପର୍ଯ୍ୟନ୍ତ ଏହା କେବଳ 'ପ୍ରଗାଢ଼'ର ସ୍ତରରେହିଁ ରହିଛି, କାରଣ ଦିବ୍ୟ ଆତ୍ମା ଏଠାରେ ଭ୍ରାନ୍ତିର କୌଣସି ଫାସରେ ପଡ଼ି ନାହିଁ, ସକଳକୁ ସେ କେବଳ ସତ୍ତାର ପ୍ରତିରୂପ ବୋଲି ଜାଣିଛି ଏବଂ ତାହାର ସତ୍ତା ପରମ ସତ୍ତାର ସତ୍ୟ ଭିତରେ ତଥାପି ବିଧୃତ ହୋଇ ରହିଛି, ଆପଣାର ଅନନ୍ତ ଏକତ୍ୱକୁ କୌଣସିମତେ ହରାଇ ବସି ନାହିଁ । ଏହି ମନକୁ ସିଏ ଅନନ୍ତ ଜ୍ଞାନର ଏକ ଅଧସ୍ତନ କ୍ରିୟାରୂପେ ବ୍ୟବହାର କରୁଛି, ବସ୍ତୁଗୁଡ଼ିକର ବ୍ୟାଖ୍ୟା ଓ ସଂଜ୍ଞାକୁ ଅନନ୍ତତା ସମ୍ବନ୍ଧରେ ଆପଣା ଜ୍ଞାନର ଅନ୍ତର୍ଗତରୂପେ କାମରେ ଲଗାଉଛି, ସକଳ ପରିସୀମନକୁ ମୂଳ ସମଗ୍ରତା ସମ୍ବନ୍ଧରେ ରହିଥିବା ଆପଣା ଜ୍ଞାନର ନିର୍ଭରଶୀଳ କରି ରଖିଛି । ପ୍ରାକୃତ ମନ ଯେପରି ଖଣ୍ଡସମୂହର ଯୋଗଫଳ ବା ସମାହାରଦ୍ୱାରା ବହୁତ୍ୱଯୁକ୍ତ ଏକ ତଥାକଥିତ ସମଗ୍ରତାର ରଚନା କରି ଦେଇଥାଏ, ଏବଂ ଯେଉଁ ସମଗ୍ରତା ଭିତରେ ଖଣ୍ଡ ଓ ଭେଦଜ୍ଞାନ ତଥାପି ବର୍ତ୍ତମାନ ରହିଥାଏ, ଏଠାରେ ସେହି ସମଗ୍ରତାର କଥା ବୁଝାଯାଉ ନାହିଁ, ତେଣୁ ଦିବ୍ୟ ଆତ୍ମାର ବିଚରଣକ୍ଷେତ୍ରରେ ଯଥାର୍ଥରେ କୌଣସି ପରିସୀମିତତା ନାହିଁ, କେବଳ ଆପଣା ଆପଣା ପାର୍ଥକ୍ୟଦ୍ୱାରା ସୁନିର୍ଦ୍ଦିଷ୍ଟ ରୂପ ଓ ଶକ୍ତିସମୂହର ଲୀଳା ଉଦ୍ଦେଶ୍ୟରେହିଁ ଦିବ୍ୟାତ୍ମା ଆପଣାର ସଂଜ୍ଞା-ନିରୂପଣ-ଶକ୍ତିକୁ କାର୍ଯ୍ୟରେ ଲଗାଇଥାଏ, ମାତ୍ର ସେହି ଶକ୍ତିଦ୍ୱାରା ସିଏ ଆପେ କଦାପି ବ୍ୟବହୃତ ହୁଏ ନାହିଁ, ଅର୍ଥାତ୍ ସିଏ ନିଜେ କଦାପି ତାହାର ଅଧୀନ ହୋଇ ପଡ଼େ ନାହିଁ ।

ଦିବ୍ୟ ପୁରୁଷର ମନ ଆପଣାର ସକଳ ପରିସୀମନକୁ ସ୍ୱୟଂ ଘଟାଏ, ତେଣୁ ତାହା ସ୍ୱତନ୍ତ୍ର । ମାତ୍ର ଅନ୍ୟ ପକ୍ଷରେ ଆମର ପ୍ରାକୃତ ମନ ବଡ଼ ଅସହାୟ ଭାବରେ ନାନା ପରିସୀମନ ଭିତରେ ବାନ୍ଧିହୋଇ ପଡ଼ିଥାଏ । ପ୍ରାକୃତ ମନ ଆପଣା କ୍ରୀଡ଼ାଲୀଳାର ଦାସ ହୋଇ ରହିଥାଏ ଓ ସେହି ଲୀଳାଦ୍ୱାରା ପ୍ରବଞ୍ଚିତ ହେଉଥାଏ । ଦିବ୍ୟ ମନ ଆପଣାର ଯାବତୀୟ କ୍ରୀଡ଼ା ଉପରେ ସ୍ୱୟଂ ଅଧୀଶ୍ୱର ହୋଇ ବସିଥାଏ ଏବଂ ଆପଣା ସତ୍ୟର ଦର୍ପଣରେହିଁ ଏହି କ୍ରୀଡ଼ାର ପ୍ରତ୍ୟକ୍ଷ କରୁଥାଏ । ପ୍ରାକୃତ ମନ ହେଉଛି



'oaob.nitrkl.ac.in' images reprocessed

ପ୍ରକୃତିବଶ ପ୍ରାଣୀର ମନ, ଅନ୍ୟଟି ଦିବ୍ୟ ମନ । ତେଣୁ ଦିବ୍ୟ ମନରୁ ପ୍ରାକୃତ ମନର ସୃଷ୍ଟି କରିବାକୁ ହେଲେ ଏକ ନୂତନତତ୍ତ୍ୱ ଅର୍ଥାତ୍ ସଚେତନ ଶକ୍ତିର ଏକ ନୂତନ କ୍ରିୟା ଆବଶ୍ୟକ ହୋଇଥାଏ । ସେହି ନୂତନ ତତ୍ତ୍ୱଟି ହେଉଛି ଅବିଦ୍ୟା । ଅବିଦ୍ୟା ହେଉଛି ଏକ ଆତ୍ମବିସ୍ମୃତିର ଶକ୍ତି ଅର୍ଥାତ୍ ମୂଳ ଜ୍ଞାନରୁ ଆପେ ଆପଣାକୁ ବିଚ୍ୟୁତ କରି ଆଣିବାର ଶକ୍ତି । ଏହି ଅବିଦ୍ୟାଶକ୍ତି ଅତିମାନସର କ୍ରିୟାରୁ ମନର କ୍ରିୟାକୁ ପୃଥକ୍ କରିଦିଏ । ଅବଶ୍ୟ ଏକଥା ସତ ଯେ ଅତିମାନସହିଁ ମନର ଉତ୍ପତ୍ତି ଘଟାଇଛି ଏବଂ ଅନ୍ତରାଳରେ ଥାଇ ତଥାପି ଏହାର ଶାସନ କରୁଛି । ଏହିପରି ଭାବରେ ଅତିମାନସରୁ ପୃଥକ୍ ହୋଇଯିବା ପରେ ମନ ଆଉ ସମସ୍ତ ଓ ବିଶ୍ୱଗତ ତତ୍ତ୍ୱଗୁଡ଼ିକୁ ଦେଖିପାରେ ନାହିଁ, କେବଳ ବିଭକ୍ତ ଓ ଖଣ୍ଡିତ ଏକକଗୁଡ଼ିକୁ ଦେଖେ; ଅଥବା ଖୁବ୍ ବେଶୀ ହେଲେ ସମଗ୍ରର ଏକ ଅସ୍ପଷ୍ଟ ପ୍ରତ୍ୟୟର ଭୂମି ଉପରେ ବିଶେଷ ଓ ଏକକର କଳ୍ପନା କରିପାରେ, ମାତ୍ର ସମଗ୍ର ତଥା ଏକକ ଉଭୟଙ୍କୁ ଅନନ୍ତର ବିଭୂତିରୂପେ କଳ୍ପନା କରିପାରେ ନାହିଁ । ଏହିପରି ଭାବରେ ପ୍ରସୀମିତ ମନର ସୃଷ୍ଟି ହୁଏ, ଯାହାକି ଯାବତୀୟ ପ୍ରତିଭାସକୁ ଗୋଟିଏ ଗୋଟିଏ ସ୍ୱୟଂସମ୍ପୂର୍ଣ୍ଣ ସତ୍ତାରୂପେ ଦେଖିବାକୁ ଲାଗେ, ତାହାକୁ ଆଉ ଏକ ସମଗ୍ରତର ତତ୍ତ୍ୱର ଏକ ଅଂଶରୂପେ ଅବସ୍ଥିତ ଏକ ସମଗ୍ରର ସ୍ୱତନ୍ତ୍ର ଅଂଶରୂପେ ଦେଖେ, ଯଥାର୍ଥ ଅନନ୍ତତାବୋଧର ସର୍ବଗ୍ରାହିତା ଭିତରକୁ ଆଦୌ ବାହୁଡ଼ି ନଆସି ସେ ଏହିପରି ଭାବରେ ଆପଣା ସମାହାର କଳ୍ପନାର କେବଳ ବ୍ୟାସବୃଦ୍ଧି କରିବାରେ ଲାଗିଥାଏ ।

ମୂଳତଃ ଅନନ୍ତରହିଁ ଏକ କ୍ରିୟାରୂପ ହୋଇଥିବାରୁ ମନ ଏକ ପକ୍ଷରେ ଅନ୍ତହୀନ ଭାବରେ ଭାଗଭାଗ କରିଦିଏ; ପୁଣି ଅପର ପକ୍ଷରେ ଖଣ୍ଡଗୁଡ଼ିକୁ ଏକାଠି ମିଶାଇ ନାନା ସମାହାରର ସୃଷ୍ଟି ବି କରୁଥାଏ । ଏହା ସତ୍ତାକୁ କେତୋଟି ସମଷ୍ଟିରେ ବିଭକ୍ତ କରିଦିଏ, ଏବଂ ବୃହତ୍ତର ସମଷ୍ଟିଗୁଡ଼ିକୁ ପୁଣି କ୍ଷୁଦ୍ରତର ସମଷ୍ଟିରେ ବିଭକ୍ତ କରୁଥାଏ । ସମଷ୍ଟିକୁ କାଟି ଅଣୁରୂପେ ବିଭକ୍ତ କରେ, ପୁଣି ଅଣୁକୁ କାଟି ପରମାଣୁରେ ବିଭକ୍ତ କରିବାରେ ଲାଗିଥାଏ । ସମ୍ଭବ ହେଉଥିଲେ ସେ ହୁଏତ ପରମାଣୁକୁ କାଟି କାଟି ଶେଷକୁ ଶୂନ୍ୟରେହିଁ ବିଭକ୍ତ କରି ଦେଉଥାʼନ୍ତା । ମାତ୍ର ସେଭଳି କରିବାଲାଗି ତାହାର କୌଣସି ସାମର୍ଥ୍ୟ ନ ଥାଏ, କାରଣ ଏହାର ସକଳ ବିଭାଜନ-ପ୍ରକ୍ରିୟାର ଅନ୍ତରାଳରେ ଅତିମାନସର ପ୍ରମାଦନିବାରଣକାରୀ ଜ୍ଞାନ ସର୍ବଦା ଦଣ୍ଡାୟମାନ ହୋଇ ରହିଥାଏ । ସକଳ ସମଗ୍ର ତଥା ସକଳ ଅଣୁକୁ ଏହି ଅତିମାନସ ସର୍ବଶକ୍ତି, ସର୍ବଚୈତନ୍ୟ ତଥା ସର୍ବସତ୍ତାର ଏକ ଘନୀଭୂତ ଅର୍ଥାତ୍ ଆତ୍ମସଂହୃତ ପ୍ରାତିଭାସିକ ରୂପ ବୋଲି ଜାଣିଥାଏ । ସମଷ୍ଟିଗୁଡ଼ିକୁ ଭାଙ୍ଗି ଭାଙ୍ଗି ଅନ୍ତହୀନ ଶୂନ୍ୟ ଭିତରେ ଆସି ପହଞ୍ଚିବା ଲାଗି ମନର ଯେଉଁ ଅଭିଳାଷ ରହିଛି ବୋଲି ମନେ ହେଉଥାଏ, ଅତିମାନସ ତାହାକୁ ବସ୍ତୁଘନ ଚେତନ-ସତ୍ତାର ପ୍ରତିଭାସର କ୍ଷେତ୍ର ଭିତରୁ ଆପଣାର ଅନନ୍ତ ସତ୍ତାଭିତରକୁ ବାହୁଡ଼ି ଆସିବା

'oaob.nitrkl.ac.in' images reprocessed

ରୂପେହିଁ ପ୍ରତ୍ୟକ୍ଷ କରୁଥାଏ । ଅନନ୍ତ ବିଭାଜନ ଅଥବା ଅନନ୍ତ ବିସ୍ତାର, 'ଅଣୋରଣୀୟାନ୍' ଅଥବା 'ମହତୋ ମହୀୟାନ୍' ଦୁଇଟିରୁ ଯେକୌଣସି ଧାରାଟିର ଅନୁସରଣ କରି ଏହାର ଚେତନା ଅଗ୍ରସର ହେଲେ ମଧ୍ୟ ଅଧିମାନସ ପରିଶେଷରେ କେବଳ ଆପଣା ପାଖରେହିଁ ଆସି ପହଞ୍ଚିଥାଏ, ଅର୍ଥାତ୍ ଆପଣାର ଅନନ୍ତ ଏକତା ତଥା ଶାଶ୍ୱତ ସତ୍ତା ପାଖରେ ଆସି ପହଞ୍ଚିଥାଏ । ଏବଂ ଯେତେବେଳେ ମନ ସଚେତନ ଭାବରେ ଆପଣାକୁ ଅଧିମାନସର ଏହି ଜ୍ଞାନର ଅଧୀନ କରି ରଖେ, ସେତେବେଳେ ସିଏ ମଧ୍ୟ ଏହି ପ୍ରକ୍ରିୟାର ସତ୍ୟଟିକୁ ଜାଣିବାକୁ ପାଏ । ଏହି ସତ୍ୟଟିରୁ ସେ କଦାପି ବିସ୍ମୃତ କିମ୍ବା ବିଚ୍ୟୁତ ହୁଏ ନାହିଁ । ବାହାରକୁ ଦେଖାଯାଉଥିବା ଯାବତୀୟ ବିଭାଜନ ବସ୍ତୁତଃ ଆଦୌ ବିଭାଜନ ନୁହେଁ;—ତାହା ହେଉଛି ଅନନ୍ତ ଓ ବହୁବିଧ ରୂପରେ ସତ୍ତାର ସ୍ୱକେନ୍ଦ୍ରୀକରଣ ମାତ୍ର, ଆତ୍ମରୂପର ବହୁବିସ୍ତାର ମଧ୍ୟରେ ପାରସ୍ପରିକ ସମ୍ବନ୍ଧର ଏକ ପରିଯୋଜିତ ବିନ୍ୟାସ ମାତ୍ର । ସମଗ୍ର କ୍ରିୟାଟି ଭିତରେ ବିଭାଜନର ବିଶେଷ କ୍ରିୟାଟି ଦେଶ ଓ କାଳକୁ ଆଧାର କରି ଚାଲିଥିବା ଲୀଳାଲାଗି ଆବଶ୍ୟକ କେବଳ ଏକ ଗୌଣ ପ୍ରତିଭାସ ମାତ୍ର । କାରଣ ବିଭକ୍ତ କରିବାର ସୂତ୍ରଟି ଧରି ଅତି ସୂକ୍ଷ୍ମ ପରମାଣୁରେ କିମ୍ବା ଯୋଡ଼ିବାର ସୂତ୍ରଟି ଧରି ଯଥାସମ୍ଭବ ଏକ ପ୍ରକାଣ୍ଡତମ ସମାହାରରେ ଆସି ପହଞ୍ଚିଲେ ମଧ୍ୟ ଆମେ କଦାପି ବସ୍ତୁର ସ୍ୱୟଂସମ୍ପୂର୍ଣ୍ଣ ସ୍ୱରୂପସତ୍ତାରେ ଆସି ପହଞ୍ଚିପାରିବା ନାହିଁ, କାରଣ ଏଗୁଡ଼ିକ କେବଳ ଏକ ମୂଳଶକ୍ତିର ରୂପ ବ୍ୟତୀତ ଆଉକିଛି ନୁହନ୍ତି । ସେହି ମୂଳଶକ୍ତିହିଁ ସ୍ୱୟଂସମ୍ପୂର୍ଣ୍ଣ ସତ୍ୟ । ସେହି ଶାଶ୍ୱତ ଶକ୍ତିରୂପିଣୀ ଚେତନାର ଆତ୍ମ-ପ୍ରତିରୂପ ଅଥବା ପ୍ରକାଶମୁଖୀ ଆତ୍ମରୂପ ହୋଇଥିବାରୁହିଁ ତଦ୍‌ବ୍ୟତୀତ ଅବଶିଷ୍ଟ ଆଉସବୁର ଯାହାକିଛି ସତ୍ୟତା ବା ଯଥାର୍ଥତା ରହିଛି ।

ତେବେ ଏହି ଅବିଦ୍ୟା ମୂଳତଃ କେଉଁଠାରୁ ଆସେ, ମୂଳତଃ କେଉଁ କାରଣରୁ ଅଧିମାନସ ଶିଖରରୁ ମନର ଏହି ପତନ ଓ ତାହାର ଫଳସ୍ୱରୂପ ଘଟୁଥିବା ବାସ୍ତବ ଭେଦର ଲୀଳା ସମ୍ଭବ ହୁଏ ? ଅଧିମାନସ କ୍ରିୟାର ଖାସ୍ କେଉଁ ବିକୃତିଟି ହେତୁ ଏପରି ଘଟିଥାଏ ? ବ୍ୟକ୍ତିରୂପ ଧାରଣ କରିଥିବା ଆତ୍ମା ଯେତେବେଳେ ଅନ୍ୟ ସକଳ ଦୃଷ୍ଟିଭଙ୍ଗୀରୁ ଆପଣାକୁ କାଟିରଖି କେବଳ ଆପଣାର ଦୃଷ୍ଟିଭଙ୍ଗୀଟିର ସାହାଯ୍ୟରେହିଁ ବିଶ୍ୱର ପ୍ରତ୍ୟେକ ବ୍ୟାପାରକୁ ଦେଖିବାକୁ ଆରମ୍ଭ କରେ, ସେତିକିବେଳେ ଅବିଦ୍ୟାର ଜନ୍ମ ହୁଏ । ଅର୍ଥାତ୍ ଯେତେବେଳେ ସେ କୌଣସି ଗୋଟିଏ ବିନ୍ଦୁରେ ବଡ଼ ଅତିରିକ୍ତ ଭାବରେ ଆପଣା ଚେତନାର କେନ୍ଦ୍ରୀକରଣ କରିଏ, ସମଗ୍ର ସତ୍ତାଲୀଳାର କେବଳ ଏକ ଅଂଶରୂପ ଏକ ବିଶେଷ ଦେଶକାଳାଧୀନ କ୍ରିୟାସହିତ ଆପଣାକୁ ଅତିରିକ୍ତ ଭାବରେ ଏକରୂପ ଓ ଏକରସ କରିପକାଏ, ଠିକ୍ ସେତିକିବେଳେହିଁ ଅବିଦ୍ୟା ଆସି ପହଞ୍ଚେ । ଅନ୍ୟଗୁଡ଼ିକ ମଧ୍ୟ ଯେ କେବଳ ତାହାର ଆତ୍ମରୂପ ବ୍ୟତୀତ ଆଉକିଛି ନୁହନ୍ତି,

'oaob.nitrkl.ac.in' images reprocessed

ଅନ୍ୟ ସକଳ କ୍ରିୟା ଓ ଅନ୍ୟ ସକଳ ଚେତନା ମଧ୍ୟ ଯେ କେବଳ ତାହାରି କ୍ରିୟା ବା ଚେତନା ବ୍ୟତୀତ ଆଉକିଛି ନୁହନ୍ତି, ଏହି ଜ୍ଞାନରୁ ବିଚ୍ୟୁତ ହୋଇ ପଡ଼ିବାରୁ ଅଜ୍ଞାନର ଜନ୍ମ ହୁଏ । କାଳାଧୀନ ଏକ ବିଶେଷ କ୍ଷଣରେ ତଥା ଦେଶାଧୀନ ଏକ ବିଶେଷ ଆସ୍ଥାନବିନ୍ଦୁ ଉପରେ ଘଟୁଥିବା କ୍ରିୟାଟିକୁ ଏବଂ ଉପସ୍ଥିତ ମୁହୂର୍ତ୍ତରେ ସିଏ ଧାରଣ କରିଥିବା ବିଶେଷ ରୂପଟିକୁ ସେ ଯେପରି ନିଜର ବୋଲି କହୁଛି, ଅନ୍ୟ ସକଳ କ୍ରିୟା ଓ ସକଳରୂପ ମଧ୍ୟ ଯେ କେବଳ ତାହାରି କ୍ରିୟା ଓ ତାହାରି ରୂପ,—ଏତିକି ଭୁଲିଗଲେ ଅବିଦ୍ୟାର ଆବିର୍ଭାବ ହୁଏ । ସିଏ ଗୋଟିଏ କ୍ଷଣ, ଗୋଟିଏ କ୍ଷେତ୍ର, ଗୋଟିଏ ରୂପ ତଥା ଗୋଟିଏ ଗତିସ୍ପନ୍ଦନ ଭିତରେ ଅତିଶକ୍ତ ଭାବରେ କେନ୍ଦ୍ରୀଭୂତ ରହି ଅବଶିଷ୍ଟ ଆଉସବୁକୁ ହରାଇବସେ । ଏବଂ ତା'ପରେ ସେଗୁଡ଼ିକୁ ପୁଣି ଫେରିପାଇବା ଲାଗି ପୂର୍ବାପର ସମ୍ବନ୍ଧରେ କ୍ଷଣସହିତ କ୍ଷଣକୁ ଯୋଡ଼ି ଏକାଠି କରିବାକୁ ବାଧ୍ୟ ହୋଇଥାଏ । ଠିକ୍ ସେହି ସମ୍ବନ୍ଧର ସୂତ୍ରଟି ଧରି ସେ ଦେଶସ୍ଥ ଗୋଟିଏ ବିନ୍ଦୁକୁ ଆଉ ଗୋଟିଏ ବିନ୍ଦୁସହିତ ଏକାଠି କରି ଯୋଡ଼େ, ଦେଶକାଳାଧୀନ ଗୋଟିଏ ରୂପକୁ ଆଉ ଗୋଟିଏ ରୂପସହିତ ଯୋଡ଼ିବାରେ ଲାଗିଥାଏ । ଏପରି କରି ସିଏ ସମସ୍ତର ଅବିଭାଜ୍ୟତାଟିକୁ ହରାଇ ବସେ, ଶକ୍ତି ଓ ମୂଳବସ୍ତୁର ଅବିଭାଜ୍ୟତା-ବୋଧଟିକୁ ହରାଇବସେ । ଯାବତୀୟ ମନ ଯେ ସେହି ଏକ ମନଃସ୍ୱରୂପ ବା ପରମ ମନର ବିଭିନ୍ନ ଦୃଷ୍ଟିଭଙ୍ଗୀ ମାତ୍ର, ଯାବତୀୟ ଜୀବନ ଯେ ଏକ ପରମ ଜୀବନର ବିକଶମାନ କ୍ରିୟାପ୍ରବାହ ମାତ୍ର, ଯାବତୀୟ ଦେହ ତଥା ରୂପ ଶକ୍ତି ଓ ଚୈତନ୍ୟରୂପୀ ସେହି ଗୋଟିଏ ମୂଳ ଉପାଦାନର ବହୁ ଆପାତସ୍ଥିତିଶୀଳ ଶକ୍ତି ଓ ଚେତନାରୂପେ ଏକ କେନ୍ଦ୍ରୀକରଣ ମାତ୍ର,—ସେତେବେଳେ ସେ ଏହି ସ୍ପଷ୍ଟ ସତ୍ୟଟିକୁ ମଧ୍ୟ ଜାଣିପାରେ ନାହିଁ । ମାତ୍ର ଯଥାର୍ଥରେ ଦେଖିଲେ ଏହିସବୁ ସ୍ଥିତିଶୀଳତା ମଧ୍ୟରେ ଏକ ସତତ ଗତିସ୍ପନ୍ଦନ ଲାଗିରହିଛି, ଯାହାକି କୌଣସି ଏକ ରୂପର ପୁନରାବୃତ୍ତି କରାଇବା ସଙ୍ଗେ ସଙ୍ଗେ ତାହାର ପରିମାର୍ଜନ ଓ ପରିବର୍ତ୍ତନ କରିବାରେ ଲାଗିଛି । ଏତିକି ବ୍ୟତୀତ ଏହି ସ୍ଥିତିଶୀଳତାଗୁଡ଼ିକ ଆଉ ଅଧିକ କିଛିହେଲେ ନୁହନ୍ତି । କାରଣ ମନ ଯାବତୀୟ ପଦାର୍ଥକୁ ଚିପିଚାପି ଏକ ଅପରିବର୍ତ୍ତନୀୟ ନିର୍ଦ୍ଦିଷ୍ଟ ରୂପରେ ଥୋଇଦେବାକୁ ଚାହୁଁଥାଏ, ସବୁକଥାକୁ ଆପାତ ବହିରଙ୍ଗ ନମିତ୍ତରୂପେ ବାନ୍ଧି ରଖିବାକୁ ଚାହୁଁଥାଏ । ସେଗୁଡ଼ିକୁ ସିଏ ଏତେଟିକିଏ ହଲଚଲ ହେବାକୁ କିମ୍ବା ଘୁଞ୍ଚିବାକୁ ଦିଏ ନାହିଁ । କାରଣ ସେପରି ନ ହେଲେ ମନ ଆଉ କୌଣସି କାର୍ଯ୍ୟ କରିପାରେ ନାହିଁ । ଏସବୁ କରି ମନ ଯାହା ଚାହୁଁଥିଲା ତାହା ପାଇଗଲା ବୋଲି ଭାବିନିଏ । ମାତ୍ର ଯଥାର୍ଥତଃ ସବୁ ହେଉଛି ପରିବର୍ତ୍ତନ ଓ ପୁନର୍ରଚନାର ଏକ ବିରାମହୀନ ପ୍ରବାହମାତ୍ର, ଏଥିରେ ସ୍ୱୟଂସମ୍ପୂର୍ଣ୍ଣ ସତ୍ତା ଓ ଅପରିବର୍ତ୍ତନୀୟ ବହିରଙ୍ଗ ନମିତ୍ତ ବୋଲି କୋଉଠି କିଛି ନାହିଁ । କେବଳ ସେହି ଶାଶ୍ୱତ ଓ ପରମ ସତ୍ୟନିଜନିଜେ ଅବିଚଳ ରହିଛି ଏବଂ ତାହାହିଁ ଦ୍ରୁତ-ଧାବମାନ

'oaob.nitrkl.ac.in' images reprocessed

ଏହି ବିନଶ୍ୱର ବସ୍ତୁପ୍ରବାହରେ ଆକାର ଓ ସମ୍ବନ୍ଧର ଏକ ସ୍ଥିରତା ଓ ଶୃଙ୍ଖଳାକୁ ବଜାୟ ରଖିପାରୁଛି । ସତତ ଅସ୍ଥାୟୀ ତତ୍ତ୍ୱଗୁଡ଼ିକ ଉପରେ ସ୍ଥାୟିତ୍ୱର ଆରୋପ କରି ମନ ସେହି ଅବିଚଳତା ଓ ସ୍ଥିରତାର ଅନୁକରଣ କରିବାଲାଗି ବ୍ୟର୍ଥ ଚେଷ୍ଟା କରିଛି । ମନକୁ ଏହିସବୁ ସତ୍ୟର ପୁନରାବିଷ୍କାର କରିବାକୁହିଁ ପଡ଼ିବ । ଏସବୁ ବିଷୟରେ ସିଏ କେତେବେଳେ ହେଲେ ଅବିଦିତ ରହିଛି ବୋଲି କହି ହେବ ନାହିଁ, ମାତ୍ର ଆପଣା ଚୈତନ୍ୟର ପ୍ରଚ୍ଛନ୍ନ ପୃଷ୍ଠଭୂମି ଉପରେହିଁ ତା'ର ଏସବୁ ବିଷୟରେ ଜ୍ଞାନ ରହିଛି । ତା'ର ସ୍ୱକୀୟ ଆତ୍ମସତ୍ତାର ଗୁପ୍ତ ଆଲୋକଟି ଭିତରେ ଏହି ଜ୍ଞାନ ନିହିତ ହୋଇ ରହିଛି । ଏବଂ ସେହି ଆଲୋକକୁ ମନ ଅନ୍ଧକାର ମଣୁଛି, କାରଣ ଏହା ଆପଣାର ଗୃହପାଖରେ ଅବିଦ୍ୟାକୁ ସୃଷ୍ଟି କରିଛି, କାରଣ ଆପଣା ବିଭାଜନକ୍ରିୟାର ଫାନ୍ଦରେ ପଡ଼ିଯାଇ ଏହା ଆପେ ବିଭକ୍ତ ହୋଇପଡ଼ିଛି; ଆପଣା କାର୍ଯ୍ୟ ଓ ସୃଷ୍ଟିର ଜାଲଭିତରେ ଆପେ ରୁଦ୍ଧ ହୋଇଯାଇଛି ।

ପୁଣି ମନୁଷ୍ୟର ଦେହାତ୍ମବୋଧ ତାହାର ଏହି ଅଜ୍ଞାନକୁ ଆହୁରି ଗଭୀର କରିଦେଇଛି । ଆମେ ଭାବୁ, ସତେଯେପରି ଆମର ମନ ଆମ ଦେହଦ୍ୱାରାହିଁ ନିୟନ୍ତ୍ରିତ ହେଉଛି । କାରଣ ଏହି ମନଟା ଦେହଭାବନା ଭିତରେହିଁ ସର୍ବଦା ଗୁରାଇଭୁରାଇ ହୋଇ ରହିଛି । ଏହି ସ୍ଥୂଳ ଭୌତିକ ଜଗତରେ ଦୈହିକ କ୍ରିୟାଗୁଡ଼ିକ ଅବଲମ୍ବନ କରି ମନ ଆପଣାର ସଚେତନ ବହିଷ୍କର କ୍ରିୟାଗୁଡ଼ିକୁ ଜାରି ରଖିଥାଏ ବୋଲି ତାକୁ ଦେହପ୍ରତି ଏତେଦୂର ଅନୁରକ୍ତ ହୋଇ ରହିବାକୁ ପଡ଼େ । ଦେହ ଭିତରେ ଆପଣାର ପରିଣତିକ୍ରମରେ ବିକଶିତ କରାଇଥିବା ମସ୍ତିଷ୍କ ଓ ସ୍ନାୟୁମଣ୍ଡଳର କ୍ରିୟାଗୁଡ଼ିକୁ ସତତ କାର୍ଯ୍ୟରେ ଲଗାଇ ମନ ସେଇଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାରେ ଏପରି ନିମଗ୍ନ ହୋଇ ରହିଥାଏ ଯେ ସେଥିରୁ ବାହାରି ଆପଣା ଶୁଦ୍ଧ ବୃତ୍ତିଗୁଡ଼ିକୁ ଫେରି ଯିବାଲାଗି ମନର ଆଉ ଇଚ୍ଛାହିଁ ହୁଏ ନାହିଁ । ତେଣୁ ଏହି ବୃତ୍ତିଗୁଡ଼ିକ ତା'ଲାଗି ମୁଖ୍ୟତଃ ଅବଚେତନ ଅବସ୍ଥାରେ ରହିଥା'ନ୍ତି । ତଥାପି ଆମେ ଏକ ପ୍ରାଣମୟ ମନ ଅଥବା ପ୍ରାଣମୟ ଅସ୍ତିତ୍ୱର ଅବଶ୍ୟ କଳ୍ପନା କରିପାରିବା ଯାହାକି ଦୈହିକ ସୀମାଗୁଡ଼ିକରେ ବୃଦ୍ଧି ରହିବାର ବିବର୍ତ୍ତନଗତ ଆବଶ୍ୟକତାଟିକୁ ଅତିକ୍ରମ କରିପାରିଛି, ଶରୀରପରେ ଶରୀର ଧାରଣ କରି ମଧ୍ୟ ଯାହାକି ଆପଣାକୁ ଦେଖିପାରୁଛି ଓ ଏପରିକି ଆପଣାକୁ ଅନୁଭବ ମଧ୍ୟ କରିପାରୁଛି, ପ୍ରତ୍ୟେକ ଶରୀରରେ ସ୍ୱତନ୍ତ୍ରଭାବେ ଯାହାର ଜନ୍ମ ହେଉନାହିଁ ଓ ସେହି ଶରୀର ସହିତହିଁ ଯାହାର ବିଲୟ ହୋଇ ଯାଉନାହିଁ । କାରଣ ବସ୍ତୁତଃ ସମଗ୍ର ମନୋମୟ ସତ୍ତାଟିର କେବେହେଲେ ଜନ୍ମ ହୁଏ ନାହିଁ । ଜଡ଼ଉପରେ ମନର ଯେଉଁ ସ୍ଥୂଳ ପ୍ରଭାବଟି ପଡ଼େ, ତହିଁରୁ ଦେହଗତ ମନୋଭୂମିଟିରହିଁ ଜନ୍ମ ହୁଏ । ଏହି ଦେହଗତ ମନ ଆମ ମନର କେବଳ ଉପରିଭାଗଟି ମାତ୍ର, ଭୌତିକ ଅଭିଜ୍ଞତା ଲାଗି ସମ୍ପ୍ରେରିତ ହେଉଥିବା କେବଳ ସମ୍ମୁଖଭାଗଟି ମାତ୍ର । ତାହାର ପଛକୁ ବା ତାହାର

'oaob.nitrkl.ac.in' images reprocessed

ଅନ୍ତରାଳରେ ଏହି ଅନ୍ୟ ମନଟି ରହିଛି, ଯାହାକୁ କ ଆମେ ଅବଚେତନ ଓ ଅଧିଚେତନ ବୋଲି କହିଥାଉ, ଯାହାକି ଆପଣାକୁ ଦେହାତିକ୍ରାନ୍ତ ବୋଲି ଅନୁଭବ କରିଥାଏ ଏବଂ ଏତେଦୂର ଜଡ଼ୀଭୂତ ନହୋଇ ମଧ୍ୟ କ୍ରିୟା କରିବାର ସାମର୍ଥ୍ୟ ଯାହା ଭିତରେ ରହିଛି । ଆମର ଏହି ପାର୍ଥିବ ମର୍ତ୍ତ୍ୟସତ୍ତା ଭିତରେ ମଧ୍ୟ ଏହି ଅନ୍ୟ ମନଟି ରହିଛି ଓ କାର୍ଯ୍ୟ କରୁଛି । ଏହି ମନଟିରୁହିଁ ଆମେ ପ୍ରତ୍ୟକ୍ଷଭାବରେ ଆମ ଉପରିଭାଗୀୟ ମନର ବୃହତ୍ତର, ଗଭୀରତର ତଥା ଅଧିକ ଶକ୍ତିଶାଳୀ ଗତିଶୀଳ କ୍ରିୟାଗୁଡ଼ିକର ସାମର୍ଥ୍ୟ ଲାଭ କରିଥାଉ । ଯେତେବେଳେ ଆମେ ଏହାର ଅସ୍ତିତ୍ୱ ଏବଂ ଆମ ଉପରେ ଏହାର ପ୍ରଭାବ ସମ୍ବନ୍ଧରେ ସଚେତନ ହୋଇଯାଉ, ସେତିକବେଳେହିଁ ଆମେ ଆମର ଭିତରେ ଏକ ଅନ୍ତଃପୁରୁଷର ପ୍ରଥମ ଅବଧାରଣା କରିପାରୁ ଅଥବା ଏହାର ପ୍ରଥମ ଅନୁଭୂତି ଲାଭକରୁ । *

ଏହି ପ୍ରାଣଗତ ମାନସଭୂମି ଦେହର ଭ୍ରାନ୍ତିଭିତରୁ ମୁକ୍ତିଲାଭ କରିପାରେ, ମାତ୍ର ମନୋମୟତାର ସକଳ ଭ୍ରାନ୍ତିଭିତରୁ ଆମକୁ ମୁକ୍ତ କରିବାକୁ ସମର୍ଥ ହୁଏ ନାହିଁ । ଅଜ୍ଞାନର ଯେଉଁ ମୂଳକ୍ରିୟାଟି ଦ୍ୱାରା ଜୀବାତ୍ମା ବିଶ୍ୱର ସକଳ ବିଷୟକୁ କେବଳ ଆପଣାର ଦୃଷ୍ଟିକୋଣରୁହିଁ ଦେଖିଥାଏ, ପ୍ରାଣଗତ ମାନସଭୂମି ତଥାପି ସେହି ଅଜ୍ଞାନର ଅଧୀନ ହୋଇ ରହିଥାଏ । ବିଶ୍ୱର ବସ୍ତୁଚୟ ତାହାର ଆଖିକୁ ବାହାରୁ ଯେପରି ଦେଖାଯା'ନ୍ତି, ଅଜ୍ଞାନପରବଶ ଜୀବାତ୍ମା ତାହାକୁହିଁ ବସ୍ତୁସତ୍ୟରୂପେ ଦେଖେ । ଅଥବା ତାହାର ଦେଶକାଳାଧୀନ ସ୍ୱତନ୍ତ୍ର ଚେତନାଟିକୁ ସେଗୁଡ଼ିକ ଯେଉଁଭଳି ଦୃଷ୍ଟିଗୋଚର ହୁଅନ୍ତି, ସେ ତାହାକୁହିଁ ସତ୍ୟ ବୋଲି ଗ୍ରହଣ କରିନିଏ । ତା'ର ଅତୀତ ତଥା ବର୍ତ୍ତମାନ ଅନୁଭବର ଆକାର ବା ସଂସ୍କାରରୂପେ କେବଳ ଯେତିକି ଧରାଦିଏ, ସେ ତାହାକୁହିଁ ସତ୍ୟରୂପେ ସ୍ୱୀକାର କରେ । ଆପଣାର ଅନ୍ୟ ଆତ୍ମାଗୁଡ଼ିକରୁ କୌଣସି ବହିଃସଙ୍କେତ ନପାଇଲା ଯାଏ ସେ ସେଗୁଡ଼ିକର ଅସ୍ତିତ୍ୱ ବିଷୟରେ ଅଜ୍ଞ ଓ ଅଚେତନ ହୋଇ ରହିଥାଏ । ବ୍ୟକ୍ତ ଭାବନା, ବାକ୍‌ପ୍ରକାଶ, କ୍ରିୟା, କ୍ରିୟାଗତ ପରିଣାମ କିମ୍ବା ଦୈହିକସତ୍ତା ଅନୁଭବ କରୁନଥିବା ପ୍ରାଣଗତ ସମ୍ପର୍କ ବା ସମ୍ବନ୍ଧର ଅନ୍ୟ ସୂକ୍ଷ୍ମତର ସଙ୍କେତ ହିସାବରେ ବାହାରୁ କେବଳ ଯେତିକି ପ୍ରମାଣ ମିଳେ, ସେଇଥିରୁହିଁ ସେ ଅନ୍ୟମାନଙ୍କର ଅସ୍ତିତ୍ୱ ବିଷୟରେ ଅବହିତ ହୋଇଥାଏ । ସ୍ୱୟଂ ଆପଣା ବିଷୟରେ ମଧ୍ୟ ସେ ସେହିପରି ଅଜ୍ଞ ରହିଥାଏ । କାରଣ କାଳର ଗତିସ୍ରୋତରେ ପ୍ରବହମାନ ନାନା ଜନ୍ମର ମଧ୍ୟଦେଇ ନାନା ବିଚିତ୍ର ରୂପରେ ଏହା ଯେଉଁ ଶକ୍ତିଟିକୁ କାମରେ ଲଗାଇ ଆସିଛି କେବଳ ତାହାର ମାଧ୍ୟମରେହିଁ ସେ ଆପଣାକୁ ଚିହ୍ନେ । ଏକ ଦୈହିକ ନିମିତ୍ତରୂପେ ବ୍ୟବହୃତ ହେଉଥିବା ଆମର ମନ

---

* ଅମେ ଏହାକୁ 'ପ୍ରାଣମୟ ପୁରୁଷ' ଭାବରେ ଅନୁଭବ କରିଥାଉ ।

'oaob.nitrkl.ac.in' images reprocessed

ଯେପରି ଆପଣାକୁ ଦେହ ବୋଲି ଭ୍ରମ କରେ, ଠିକ୍ ସେହିପରି ଏହି ଅବଚେତନ ଗତିଶୀଳ ମନଟିବି ଆପଣାକୁ ପ୍ରାଣ ବୋଲି ଭ୍ରମ କରେ । ସେହି ପ୍ରାଣଭିତରେହିଁ ସେ ନିମଗ୍ନ ଓ କେନ୍ଦ୍ରୀଭୂତ ହୋଇରହେ, ତାହାଦ୍ୱାରା ପ୍ରସୀମିତ ହୁଏ ଏବଂ ତାହାରି ସହିତ ଆପଣାର ସତ୍ତାକୁ ଏକରୂପ କରିଦିଏ । ତେଣୁ ମାନସ ଓ ଅତିମାନସର ସମ୍ମିଳନସ୍ଥାନରେ ଯାଇ ପହଞ୍ଚିପାରିବା ତଥାପି ବାକୀ ରହିଯାଏ । ଯେଉଁଠାରୁ ଉଭୟେ ପରସ୍ପରଠାରୁ ପ୍ରଥମଥର ପାଇଁ ପୃଥକ୍ ହୋଇ ଯାଇଛନ୍ତି, ସେଠାରେ ଉପନୀତ ହେବା ତଥାପି ସମ୍ଭବ ହୁଏ ନାହିଁ ।

ମାତ୍ର ଏହି ଗତିଶୀଳ ପ୍ରାଣଶକ୍ତିମୟ ମନର ପଛକୁ ତଥାପି ଆଉ ଏକ ବିଚାରମୟ ଓ ସ୍ୱଚ୍ଛତର ମନ ରହିଛି ଯାହାକି ପ୍ରାଣରେହିଁ ଅଭିନିବିଷ୍ଟ ଓ ନିମଗ୍ନ ହୋଇ ରହିବାର ସୀମାଗୁଡ଼ିକୁ ଅତିକ୍ରମ କରିପାରିବାକୁ ସମର୍ଥ ହୁଏ, ଯାହାକି ଆପଣାର ସଙ୍କଳ୍ପ ଓ ବିଚାରଗତ କଳ୍ପନାଗୁଡ଼ିକୁ କ୍ରିୟାଶୀଳ ଶକ୍ତିସମ୍ପନ୍ନର ପ୍ରତିରୂପ ଦେବାଲାଗିହିଁ ପ୍ରାଣ ଓ ଦେହର ଧାରଣ କରିଛି ବୋଲି ଜାଣିଥାଏ । ଆମ ଭିତରେ ଥିବା ବିଶୁଦ୍ଧ ମନନକର୍ତ୍ତାର ମୂଳ ଏଇଠି । ଏହା ମନୋମୟ ଭୂମିଟିକୁ ତାହାର ସ୍ୱରୂପଦ୍ୱାରାହିଁ ଚିହ୍ନିଥାଏ ଏବଂ ବିଶ୍ୱକୁ ପ୍ରାଣଗତ ବା ଦେହଗତରୂପେ ନଦେଖି ମନୋଗତରୂପେ ଦେଖିଥାଏ । ଏହି ମନୋମୟ ପୁରୁଷ ପାଖକୁ ଫେରିଯାଇ ଆମେ ସମୟ ସମୟରେ ଏହାକୁ ଭୁଲରେ ପଡ଼ି ଶୁଦ୍ଧ ଆତ୍ମା ବୋଲି ଭାବି ପକାଇଥାଉ । ପ୍ରାଣମୟ ପୁରୁଷଟିକୁ ଯେମିତି ଅନ୍ତରାତ୍ମା ବୋଲି ଭୁଲକରୁ, ଠିକ୍ ସେମିତି । ଏହି ଉଚ୍ଚତର ମନଟି ଅନ୍ୟ ଆତ୍ମାଗୁଡ଼ିକୁ ଆପଣା ଶୁଦ୍ଧ ଅନ୍ତଃସତ୍ତାର ଅନ୍ୟ ରୂପ ବୋଲି ଦେଖିଥାଏ ଓ ସେଗୁଡ଼ିକ ସହିତ ସେହିଭଳି ବ୍ୟବହାର କରିଥାଏ । କେବଳ ପ୍ରାଣ ଓ ସ୍ନାୟୁମଣ୍ଡଳଜନିତ ପ୍ରଭାବ ଓ ଭୌତିକ ଇଙ୍ଗିତରୁ ସେଗୁଡ଼ିକୁ ଅନୁଭବ ନକରି ମନୋମୟ ପୁରୁଷ ବିଶୁଦ୍ଧ ମନୋଗତ ପ୍ରଭାବ ତଥା ମନୋଗତ ସଂଯୋଗ ସ୍ଥାପନଦ୍ୱାରା ମଧ୍ୟ ସେଗୁଡ଼ିକୁ ଅନୁଭବ କରିବାକୁ ସମର୍ଥ ହୋଇଥାଏ । ଏହା ଭିତରେ ଏକତ୍ୱ ସମ୍ବନ୍ଧରେ ଏକ ମନୋମୟ ଧାରଣା ମଧ୍ୟ ରହିଥାଏ । ଆପଣାର କର୍ମ ତଥା ସଙ୍କଳ୍ପରେ, ଆପଣାର ତଥା ଅନ୍ୟମାନଙ୍କର ପ୍ରାଣ ଓ ମନରେ ଅଧିକ ପ୍ରତ୍ୟକ୍ଷଭାବରେ କିଛି ସୃଷ୍ଟି କରିବାର କିମ୍ବା କୌଣସି ଭାବର ଆବେଗ ଆଣିବାଲାଗି ମଧ୍ୟ ମନୋମୟ ପୁରୁଷର ସାମର୍ଥ୍ୟ ରହିଛି । ସାଧାରଣ ଶାରୀରିକ ଜୀବନରେ ଏହି ସାମର୍ଥ୍ୟଟି କେବଳ ପରୋକ୍ଷଭାବରେ ରହିଥିବାର ଜଣାଯାଏ । ମାତ୍ର ଏହି ଶୁଦ୍ଧ ମନୋମୟ ପୁରୁଷ ମଧ୍ୟ ମନୋଗତ ମୂଳଭ୍ରାନ୍ତିଟିରୁ ତଥାପି ମୁକ୍ତ ହୋଇପାରେ ନାହିଁ । କାରଣ ଆପଣାର ସ୍ୱତନ୍ତ୍ର ମନୋଗତ ସତ୍ତାଟିକୁହିଁ ତାହା ତଥାପି ବିଶ୍ୱର ବିଚାରକ, ସାକ୍ଷୀ ତଥା କେନ୍ଦ୍ରରୂପେ ଅବସ୍ଥାପିତ କରି ରଖିଥାଏ ଏବଂ କେବଳ ଏହାରି ମାଧ୍ୟମରେ ଆପଣାର

'oaob.nitrkl.ac.in' images reprocessed

ଉଚ୍ଚତର ସ୍ୱରୂପ ଓ ସତ୍ୟଟିକୁ ଅନୁଭବ କରିବାର ପ୍ରୟାସ କରୁଥାଏ । ଅନ୍ୟ ସମୟରେ କେବଳ 'ଅନ୍ୟମାନେ' ହୋଇ ଏହାର ଚାରିପାଖରେ ପୁଞ୍ଜ ହୋଇ ରହିଥା'ନ୍ତି । ଏବଂ ମୁକ୍ତିର ଅଭିଳାଷ ପୋଷଣ କଲାବେଳେ ଯଥାର୍ଥ ଏକତ୍ୱ ଭିତରେ ଅନ୍ତର୍ହିତ ହୋଇଯିବା ଉଦ୍ଦେଶ୍ୟରେ ଏହାକୁ ପ୍ରାଣ ଓ ମନର ଭୂମି ଉପରୁ ଅପସରି ଯିବାକୁ ହୁଏ । କାରଣ ମାନସ ଓ ଅଧିମାନସ କ୍ରିୟାର ମଧ୍ୟସ୍ଥିତ ଆବରଣଟି ଏଠାରେ ତଥାପି ବର୍ତ୍ତମାନ ରହିଥାଏ । ସତ୍ୟର କେବଳ ଏକ କଳ୍ପନାମାତ୍ର ସେହି ଆବରଣକୁ ଭେଦ କରି ଏପାଖରେ ଆସି ପହଞ୍ଚିଥାଏ, ମାତ୍ର ସ୍ୱୟଂ ସତ୍ୟ ସେହିପରି ସୁଦୂରପରାହତ ହୋଇ ରହିଯାଏ ।

ଯେତେବେଳେ ସେହି ଆବରଣଟି ବିଦୀର୍ଣ୍ଣ ହୋଇଯାଏ ଏବଂ ବିଭକ୍ତ ମନଟି ବଶ୍ୟତାସ୍ୱୀକାର କରି ଅଧିମାନସର କ୍ରିୟାସଞ୍ଚାର ଲାଗି ଆଉ କୌଣସି କୋଳାହଳ ନକରି ତଦନୁଗତ ଭାବରେ ଅପେକ୍ଷା କରି ରହେ, ସେତିକିବେଳେ ଯାଇ ମନ ଯଥାର୍ଥ ବସ୍ତୁସତ୍ୟ ପାଖକୁ ଫେରି ଯିବାଲାଗି ସମର୍ଥ ହୁଏ । ସେହିଠାରେ ଯାଇ ଆମେ ଦିବ୍ୟ ସତ୍ୟକଳ୍ପନା ହାତରେ ଯନ୍ତ୍ରରୂପେ ପ୍ରସ୍ତୁତ ହୋଇ ରହିଥିବା ଏକ ବିଚାରଶୀଳ, ଅନୁଗତ ଓ ଜ୍ୟୋତିର୍ମୟ ମନର ଭେଟ ପାଇଥାଉ । ସେଇଠାରେ ପହଞ୍ଚି ଆମେ ଏହି ବିଶ୍ୱକୁ ତାହାର ଯଥାର୍ଥ ସ୍ୱରୂପରେ ପ୍ରତ୍ୟକ୍ଷ କରୁ । ଆମେ ପ୍ରତ୍ୟେକ ପ୍ରକାରେ ଅନ୍ୟମାନଙ୍କ ମଧ୍ୟରେ ଆପଣାକୁ ତଥା ଅନ୍ୟମାନଙ୍କରୂପେ ଆପଣାକୁ ପ୍ରତ୍ୟକ୍ଷ କରିଥାଉ । ଅନ୍ୟ ସମସ୍ତଙ୍କୁ ଆତ୍ମରୂପରେ ଏବଂ ସମସ୍ତଙ୍କୁ ବିଶ୍ୱଗତ ପରମ ଅଦ୍ୱୟଙ୍କର ବହୁଧା ଆତ୍ମରୂପାୟନରୂପେ ଅନୁଭବ କରିଥାଉ । ସକଳ ପ୍ରସୀମନ ଓ ସକଳ ପ୍ରମାଦର ମୂଳସ୍ୱରୂପ ସେହି ଅନମନୀୟ ସ୍ୱତନ୍ତ୍ର ବ୍ୟକ୍ତିଗତ ଦୃଷ୍ଟିଟି ଏଠାରେ ଆପେ ଆପେ ଛିଣ୍ଡି ହୋଇଯାଏ । ତଥାପି ଆମେ ଏକଥା ମଧ୍ୟ ବୁଝିପାରୁ ଯେ ମନୋମୟ ଭୂମିର ଅଜ୍ଞାନ ଯାହାକୁ ସତ୍ୟ ବୋଲି ଭ୍ରମ କରୁଥିଲା, ସେସବୁ ମଧ୍ୟ ସତ୍ୟ, ମାତ୍ର ସେଗୁଡ଼ିକ ହେଉଛି ଦିଗ୍‌ଭ୍ରଷ୍ଟ ସତ୍ୟ, ଭୁଲ୍ ଧାରଣା ଓ ଭ୍ରାନ୍ତ କଳ୍ପନାଦ୍ୱାରା ବିକଳିତ ହୋଇ ପଡ଼ିଥିବା ସତ୍ୟ । ଏଠାରେ ମଧ୍ୟ ଆମେ ତଥାପି ବିଭାଜନ, ବ୍ୟଷ୍ଟିଭାବ ଓ ଅଣୁପରମାଣୁଦ୍ୱାରା ଗଠିତ ଏହି ଜଗତର ପ୍ରତ୍ୟକ୍ଷ କରିଥାଉ, ମାତ୍ର ସେଗୁଡ଼ିକୁ ତଥା ଆମ ନିଜକୁ ପ୍ରତ୍ୟେକର ଯଥାର୍ଥ ସତ୍ୟର ସ୍ୱରୂପ ଦେଇ ଜାଣିଥାଉ । ତେଣୁ ମନ ଯେ ଯଥାର୍ଥରେ ଋତଚିତ୍ତର ଏକ ଗୌଣ କ୍ରିୟା ଓ ଯନ୍ତ୍ରରୂପେ କାର୍ଯ୍ୟ କରୁଥିଲା, ଆମେ ସେ କଥାଟି ମଧ୍ୟ ବେଶ୍ ବୁଝିପାରୁ । ଏହି ମନଶ୍ଚେତନା ଆପଣାର ଅନୁଭୂତି କ୍ଷେତ୍ରରେ ଯେପର୍ଯ୍ୟନ୍ତ ସର୍ବବ୍ୟାପ୍ତ ପରିଭୂ-ଚେତନାଟିରୁ ଆପଣାକୁ ବିଚ୍ଛିନ୍ନ କରି ଦେଇ ନଥାଏ ଏବଂ ଆପଣା ଲାଗି ଏକ ସ୍ୱତନ୍ତ୍ର ଘର ତିଆରି କରି ରହିବାର ଫିକରରେ ପଡ଼ି ନଥାଏ, ଯେପର୍ଯ୍ୟନ୍ତ ଏହା କେବଳ ଅନୁଗତଭାବରେ ଏକ ଯନ୍ତ୍ରିଭାବ ପରି କାର୍ଯ୍ୟ

'oaob.nitrkl.ac.in' images reprocessed

କରୁଥାଏ ଓ ଆପଣାଲାଗି କୌଣସି ସ୍ୱତନ୍ତ୍ର ଇଷ୍ଟର ଅନ୍ୱେଷଣ କରୁନଥାଏ, ସେପର୍ଯ୍ୟନ୍ତ ତାହା ଏକ ଉଦ୍‌ଭାସିତ ଆତ୍ମନିଷ୍ଠାଦ୍ୱାରା ସ୍ୱଧର୍ମର ପାଳନ କରୁଥାଏ । ସକଳ ରୂପର ନିହିତ ସତ୍ୟ ଓ ପରିକଳ୍ପକରୂପେ ଏକ ସାର୍ବଭୌମ ସତ୍ତା ଯେ ସଦାବର୍ତ୍ତିମାନ ରହିଛନ୍ତି, ସଚେତନ ଭାବରେ ଏହି ବୋଧଟିକୁ ଅକ୍ଷୁଣ୍ଣ ରଖି, ପ୍ରାତିଭାସିକ କ୍ଷେତ୍ରରେ କେବଳ ଔପଚାରିକ ଭାବରେ ରୂପବସ୍ତୁର ବ୍ୟବସ୍ଥାକୁ ମନକୁ ଏଭଳିଭାବେ ପ୍ରସୀମିତ କରି ରଖିବାକୁ ହୁଏ, ଯଦ୍ୱାରା କି ଗୋଟିଏ ରୂପ ଆଉ ଗୋଟିଏ ରୂପଠାରୁ ପୃଥକ୍‌ରୂପେ ଅବସ୍ଥିତ ରହିବାକୁ ସମର୍ଥ ହୁଏ । ଯଥାର୍ଥତଃ ଏହାହିଁ ହେଉଛି ମନର ସ୍ୱଧର୍ମୋଚିତ କାର୍ଯ୍ୟ । ବସ୍ତୁଗୁଡ଼ିକର ସତ୍ୟକୁ ଆପଣା ଭିତରେ ଗ୍ରହଣ କରି ଏକ ପରମ ଓ ବିଶ୍ୱଗତ ଦ୍ରଷ୍ଟା ତଥା ସଙ୍କଳ୍ପମୟ ପୁରୁଷଙ୍କର ଅଭ୍ରାନ୍ତ ବିଧାନ ଅନୁସାରେ ତାହାକୁ ବିକୀର୍ଣ୍ଣ କରିଦେବା ହେଉଛି ମନର ଯଥାର୍ଥ କାର୍ଯ୍ୟ । ଯେଉଁ ସଦ୍‌ବସ୍ତୁ ଚେତନା, ଆନନ୍ଦ, ଶକ୍ତି ଓ ଉପାଦାନର ବ୍ୟକ୍ତରୂପ ଏଗୁଡ଼ିକର ପଛରେ ରହିଥିବା ଏକ ଅବିଚ୍ଛେଦ୍ୟ ବିଶ୍ୱମୟତାରୁ ଆପଣାର ସାମର୍ଥ୍ୟ, ସତ୍ୟ ଓ ଆନନ୍ଦର ଆହରଣ କରୁଛି, ମନ ତାହାକୁହିଁ ଧାରଣ କରି ରଖିଥିବ । ଅଦ୍ୱୟ ପରମ ଏକତ୍ୱର ବହୁରୂପାୟନକୁ ଏହି ମନ ଏକ ଆପାତ-ବିଭାଜନରେ ପରିଣତ କରିଦେବ, ଯାହାଫଳରେ କି ବହୁ ମଧ୍ୟରେ ଅବସ୍ଥିତ ସମ୍ବନ୍ଧଗୁଡ଼ିକର ସମ୍ବନ୍ଧ ନିରୂପିତ ହୋଇପାରିବ, ଗୋଟିକୁ ଆଉଗୋଟିକରୁ ପୃଥକ୍ କରି ଦେଖାଇହେବ, ଯେପରିକି ସେଗୁଡ଼ିକ ପୁଣି ପରସ୍ପରର ସମ୍ମୁଖୀନ ହୋଇପାରିବେ ଓ ପରସ୍ପର ସହିତ ଯୁକ୍ତ ହୋଇପାରିବେ । ଏକ ଶାଶ୍ୱତ ଏକତ୍ୱ ଓ ବହୁତ୍ୱର ଏକଲୀନତା ମଧ୍ୟରେ ମନ ବିଚ୍ଛିନ୍ନତା ଓ ସଂସ୍ପର୍ଶର ଆନନ୍ଦ ପ୍ରତିଷ୍ଠା କରିବାକୁ ସମର୍ଥ ହେବ । ପରମ ଏକ ସତେଅବା ଜଣେ ବ୍ୟକ୍ତି ଭାବରେ ଅନ୍ୟ ବ୍ୟକ୍ତିମାନଙ୍କର ସଂସ୍ପର୍ଶରେ ଆସି ନାନା ସଂପର୍କରେ ଆବଦ୍ଧ ହେଉଛନ୍ତି, ମାତ୍ର ତଥାପି ଆପଣାର ଏକତ୍ୱ ଭିତରେହିଁ ଅଧିଷ୍ଠିତ ରହିଛନ୍ତି, ସେହି ପରମ ଏକଙ୍କ ମଧ୍ୟରେ ମନ ଏହି ସାମର୍ଥ୍ୟଟି ଆଣିଦେବ । କାରଣ ତାଙ୍କର ଏହି ଲୀଳାଟି ତ ଏହି ବିଶ୍ୱର ଲୀଳା ! ଋତଚିତ୍‌ର ଯେଉଁ ପ୍ରଜ୍ଞାନଶକ୍ତି ଦ୍ୱାରା ଏହି ସକଳ ବିଶ୍ୱ ସମ୍ଭବ ହୋଇଛି, ତାହାର ଶେଷ ବ୍ୟବସ୍ଥାଟିକୁ ଆମେ ମନ ବୋଲି କହିବା । ଏବଂ ଯାହାକୁ ଆମେ ସାଧାରଣତଃ ଅଜ୍ଞାନ ବୋଲି କହୁଥାଉ, ତାହା ପ୍ରକୃତରେ କୌଣସି ନୂତନ ବସ୍ତୁର ଆଦୌ ସୃଷ୍ଟି କରେ ନାହିଁ, ପରମ ମିଥ୍ୟା ନାମକ କୌଣସି ସାକାରାତ୍ମକ ପଦାର୍ଥର ସୃଷ୍ଟି କରେ ନାହିଁ, ଏହା କେବଳ ସେହି ସତ୍ୟକୁହିଁ ବିକୃତ କରି ଦେଖାଇ ଦେଇଥାଏ । ଯେତେବେଳେ ମନ ଆପଣା ଜ୍ଞାନରେ ସକଳ ଜ୍ଞାନର ଉତ୍ସମୂଳରୁ ଆପଣାକୁ ବିଚ୍ଛିନ୍ନ କରିପକାଏ, ସେତିକବେଳେହିଁ ଅଜ୍ଞାନ ଆସି ପହଞ୍ଚେ । ଏବଂ ସେତିକବେଳେହିଁ ପରମ ସତ୍ୟର ବିଶ୍ୱମୟ ଆତ୍ମପ୍ରକାଶରୂପୀ ସୌଷମ୍ୟଲୀଳାରେ ବିରୋଧ ଏବଂ ସଂଘର୍ଷର ଏକ ଭ୍ରାନ୍ତ ପ୍ରତୀତି ଆସି ପହଞ୍ଚେ, ଏକ ମିଛ ଅନମନୀୟତା ଦେଖା ଦେଇଥାଏ ।

'oaob.nitrkl.ac.in' images reprocessed

ତେଣୁ ଆତ୍ମଜ୍ଞାନରୁ ସ୍ଖଳିତ ହୋଇଯିବା ହେଉଛି ଆମ ମନର ସର୍ବମୂଳ ଭ୍ରାନ୍ତି । ଏହି ଭ୍ରାନ୍ତିର ଫାଶରେ ପଡ଼ି ମନ ଆପଣାକୁ ପରମ ଏକର ରୂପମାତ୍ର ନମଣି ଏକ ସ୍ୱତନ୍ତ୍ର ସତ୍ତା ବା ଅସ୍ତିତ୍ୱ ବୋଲି ଭ୍ରମ କରୁଥାଏ, ଏବଂ ଆପଣାକୁ ବିଶ୍ୱମଧ୍ୟସ୍ଥ ସତ୍ତାର କେବଳ ଗୋଟିଏ କେନ୍ଦ୍ରୀଭୂତତା ବୋଲି ନମଣି ଆପଣାକୁ ଆପଣା ବିଶ୍ୱର କେନ୍ଦ୍ର ବୋଲି ଭ୍ରମ କରୁଥାଏ । ଏହି ସର୍ବମୂଳ ଭୁଲଟିରୁହିଁ ତାହାର ଅନ୍ୟ ଯାବତୀୟ ବିଶେଷ ଅଜ୍ଞାନତା ଓ ପ୍ରସୀମିତତାର ଆନୁସଙ୍ଗିକ ପରିଣାମମାନ ଉପୁଜିଥାଏ । କେବଳ ତାହାର ଉପରେ ଓ ତାହାର ମଧ୍ୟଦେଇ ବହି ଯାଉଥିବା ବସ୍ତୁପ୍ରବାହକୁ ଦେଖିହିଁ ସେ ସତ୍ତାର ଚାରିପାଖରେ ସୀମାର ରେଖାମାନ ଟାଣିଦିଏ । ଏହିଥିରୁ ଚେତନା ଓ ତେଣୁ ଜ୍ଞାନର ପ୍ରସୀମନ ଆରମ୍ଭ ହୋଇଯାଏ, ଚିତ୍‌ଶକ୍ତି ଓ ସଙ୍କଳ୍ପର ପ୍ରସୀମନ ଆରମ୍ଭ ହୁଏ, ଏବଂ ସେହି କାରଣରୁ ତା'ର ସାମର୍ଥ୍ୟ ମଧ୍ୟ ପ୍ରସୀମିତ ହୋଇ ରହେ, ତା'ର ଆତ୍ମସମ୍ଭୋଗ ତଥା ଆନନ୍ଦ ବଡ଼ ସଙ୍କୁଚିତ ହୋଇପଡ଼େ । କେବଳ ତାହାର ବ୍ୟକ୍ତସଚେତ ଅସ୍ମିତାର ଆଖିକୁ ବିଶ୍ୱର ବସ୍ତୁସକଳ ଯେପରିଭାବରେ ଦୃଷ୍ଟିଗୋଚର ହୁଅନ୍ତି, ତାହାକୁହିଁ ଭିତ୍ତି କରି ସେ ସେଗୁଡ଼ିକ ବିଷୟରେ ସଚେତନ ହୁଏ ଓ ସେଗୁଡ଼ିକୁ ଜାଣିଥାଏ । ତେଣୁ ସେ କେବଳ ଆପଣାକୁ ବାଦ୍‌ଦେଇ ଅବଶିଷ୍ଟ ବିଶ୍ୱଟି ବିଷୟରେ ଏକ ଅଜ୍ଞାନ ଭିତରେହିଁ ପଡ଼ିଯାଏ; ଏବଂ ପରିଣାମତଃ ସେ ଯେତିକି ଜାଣିଛି ବୋଲି ଭାବୁଥାଏ, ସେଗୁଡ଼ିକ ବିଷୟରେ ବି କେବଳ ଏକ ଭ୍ରାନ୍ତିପୂର୍ଣ୍ଣ କଳ୍ପନା କରି ତାହାରି ଭିତରେ ପଡ଼ିରହିବା ବ୍ୟତୀତ ତା'ର ଆଉ କୌଣସି ସାମର୍ଥ୍ୟ ନଥାଏ । କାରଣ ବିଶ୍ୱର ସକଳ ଜୀବ ଓ ସକଳ ସତ୍ତା ପରସ୍ପର ଉପରେ ସତତ ନିର୍ଭରଶୀଳ ହୋଇ ରହିଥିବାରୁ, ଏହାର ଏକ ଅଂଶ ବିଷୟରେ ଯଥାର୍ଥ ଜ୍ଞାନ ଲାଭ କରିବାଲାଗି ସମଗ୍ର ବିଷୟରେ ଅଥବା ମୂଳତତ୍ତ୍ୱଟି ବିଷୟରେ ଯଥାର୍ଥ ଜ୍ଞାନ ଅର୍ଜନ କରିବା ମଧ୍ୟ ଆବଶ୍ୟକ ହୋଇଥାଏ । ତେଣୁ ଏହି ଦୃଷ୍ଟିରୁ ମନୁଷ୍ୟର ଉପାର୍ଜିତ ସକଳ ଜ୍ଞାନ ଭିତରେ ସାଧାରଣତଃ ଭ୍ରାନ୍ତିର ଏକ ଉପାଦାନ ସର୍ବଦା ରହିଥାଏ । ଠିକ୍ ସେହିପରି ସର୍ବାଧିଷ୍ଠିତ ଇଚ୍ଛାଶକ୍ତିର ଅବଶିଷ୍ଟାଂଶ ସମ୍ବନ୍ଧରେ ଅଜ୍ଞ ରହିଥିବାରୁ ଆମର ସ୍ୱକୀୟ ଇଚ୍ଛାଶକ୍ତିଟି ମଧ୍ୟ ଆପଣାର କର୍ମକ୍ଷେତ୍ରରେ ପ୍ରମାଦ ଭିତରେ ପଡ଼ିଯିବାକୁ ବାଧ୍ୟ ହୋଇଥାଏ, ଅଳ୍ପବହୁତ ଅସମର୍ଥ ତଥା ହତବୀର୍ଯ୍ୟ ବି ହୋଇପଡ଼େ । ସର୍ବାଧିଷ୍ଠିତ ଆନନ୍ଦଟି ଲାଗି ମଧ୍ୟ ସେ ସତେଅବା ଆଖିବୁଜା ରହିଥାଏ । ଏବଂ ତେଣେ ତାହାର ଜ୍ଞାନ ତଥା ଇଚ୍ଛାଶକ୍ତିର ଦୋଷରୁ ଆପଣାର ଜଗତ୍ ଉପରୁ ମଧ୍ୟ ସେ ଆପଣାର ପ୍ରଭୁତ୍ୱଟିକୁ ହରାଇ ବସିଥାଏ । ତେଣୁ ତାହାର ଆତ୍ମାନନ୍ଦ ତଥା ବସ୍ତୁଜନିତ ଆନନ୍ଦ ମଧ୍ୟ ଆପଣାର ଶକ୍ତିଦ୍ୱାରା କାହାରକୁ ଆପଣାର କରିନେବାରେ ବଡ଼ ଅସମର୍ଥ ହୋଇପଡ଼େ ଓ ତେଣୁ ଦୁଃଖ ଭିତରେ ଘାଣ୍ଟି ହେଉଥାଏ । ତେଣୁ ଆତ୍ମ-ଅଜ୍ଞାନ ହେଉଛି ଆମ ଜୀବନରେ ସକଳ ବିକୃତି ଓ ବିସଙ୍ଗତିର ମୂଳ କାରଣ । ଏବଂ ଏହି

'oaob.nitrkl.ac.in' images reprocessed

ଆତ୍ମ-ଅଜ୍ଞାନ ଆମ ଭିତରେ ଯେଉଁ ଆତ୍ମପ୍ରସୀମନ ତଥା ଅହଂଭାବର ରୂପ ଗ୍ରହଣ କରିଥାଏ, ତାହା ଦ୍ୱାରହିଁ ସେହିସବୁ ପ୍ରକୃତି ଓ ବିସଙ୍ଗତି ସତେଅବା ସ୍ଥିର ସୁରକ୍ଷିତ ହୋଇ ରହିଥାଏ ।

ତଥାପି ସକଳ ଅଜ୍ଞାନ ଓ ସକଳ ବୈକଲ୍ୟକୁ ଆମେ କୌଣସି ଏକ ପରମ ଅସତ୍ୟର ଖେଳ ବୋଲି କହି ପାରିବା ନାହିଁ, ଏହାକୁ ଆମେ ବସ୍ତୁଗତ ସତ୍ୟ ଓ ଋତର କେବଳ ଏକ ବିକୃତି ବୋଲିହିଁ କହିବା । ଆପଣାକୁ ତଥା ଆପଣାର ବିଭାଜନଗୁଡ଼ିକୁ ସଚ୍ଚିଦାନନ୍ଦର ସତ୍ୟଲୀଳାରେ ଏକ ନିମିତ୍ତ ଓ ପ୍ରତିଭାସରୂପେ ନଦେଖି ଏହି ମନ ବିଶ୍ୱର ସକଳ ବସ୍ତୁକୁ ଆପଣାକୃତ ସେହି ବିଭାଜନର ଅଧୀନରୂପେ ଦେଖୁଛି ବୋଲି ଯାବତୀୟ ବିକୃତି ଜନ୍ମଲାଭ କରୁଛି । ଏହି ଜଗତକୁ 'ଅବିଦ୍ୟାୟାଂ ଅନ୍ତରେ' ଅର୍ଥାତ୍ ଅବିଦ୍ୟାର ଅନ୍ତର୍ଗତରୂପେ ଦେଖୁଛି ବୋଲି ସକଳ ପ୍ରମାଦ ଉପୁଜୁଛି । ଯେଉଁ ସତ୍ୟଟିରୁ ଏହାର ସ୍ଖଳନ ଘଟିଛି, ମନ ପୁଣି ସେହିଠାକୁ ଫେରିଆସି ପାରିଲେ ଋତଚିନ୍ମୟ ପ୍ରଜ୍ଞାନଶକ୍ତି ହାତରେ ତାହା ପୁନର୍ବାର ସେହି ଶେଷ ନିଷ୍ପତ୍ତି ରୂପେ ବ୍ୟବହୃତ ହୋଇପାରିବ । ଏବଂ ସେହି ଆଲୋକ ତଥା ଜ୍ଞାନର କ୍ଷେତ୍ରରେ ଯେଉଁସବୁ ସମ୍ବନ୍ଧର ସୃଷ୍ଟିରେ ସେ ନିମିତ୍ତରୂପେ କାର୍ଯ୍ୟ କରିବ, ତାହା ବିକୃତି ଓ ବୈକଲ୍ୟର ସମ୍ବନ୍ଧ ନହୋଇ ସେହି ସତ୍ୟର ସମ୍ବନ୍ଧରୂପେହିଁ ପ୍ରତିଷ୍ଠିତ ହେବ । ଏହି ଭେଦଟିକୁ ଅତ୍ୟନ୍ତ ସ୍ପଷ୍ଟରୂପେ ପ୍ରକାଶିତ କରୁଥିବା ବୈଦିକ ଋଷିମାନଙ୍କର ଭାଷାରେ କହିବାକୁଗଲେ ସେତେବେଳେ ଜଗତର ସମ୍ବନ୍ଧଗୁଡ଼ିକ 'ଋଜୁମତ୍ୟା' ଅର୍ଥାତ୍ ସରଳ ପଥରେ ଚାଲିବେ, 'ଧୂର୍ତ୍ତି'କୁ ଆଶ୍ରୟ କରି ଅର୍ଥାତ୍ କୁଟିଳ ପଥରେ ଚାଲିବେ ନାହିଁ । ଯେଉଁ ଦିବ୍ୟ ସତ୍ତା ମଧ୍ୟରେ ତାହାର ଆତ୍ମବିଧୃତ ଚୈତନ୍ୟ, ସଙ୍କଳ୍ପ ତଥା ଆନନ୍ଦ ପରମ ସୌଷମ୍ୟ ସହିତ ଗତିସ୍ପନ୍ଦିତ ହୋଇ ରହିଛନ୍ତି, ସମ୍ବନ୍ଧଗୁଡ଼ିକର ସତ୍ୟ ସେହି ସତ୍ତାର ସତ୍ୟରେହିଁ ପରିଣତ ହେବ । ବର୍ତ୍ତମାନ ଯାହା ରହିଛି, ତାହା କେବଳ ମନ ଓ ପ୍ରାଣର ଭ୍ରାନ୍ତି ଓ ଦ୍ୱନ୍ଦ୍ୱ ଗତିସ୍ପନ୍ଦନରେହିଁ ପର୍ଯ୍ୟବସିତ ହୋଇ ରହିଛି । ଆପଣାର ଯଥାର୍ଥ ସତ୍ତାରୁ ଥରେ ବିସ୍ମୃତ ହୋଇ ପୁଣି ତାହାର ସନ୍ଧାନ ପାଇବାଲାଗି ଆତ୍ମା ଯେଉଁ ସଂଗ୍ରାମ ଭିତରେ ଲିପ୍ତ ହୋଇ ରହିଛି, ସେହି ସଂଗ୍ରାମଜନିତ ନାନା ଅଙ୍ଗ-ବିକୃତିରେ ତାହା ପର୍ଯ୍ୟବସିତ ହୋଇରହିଛି । ସକଳ ଭ୍ରାନ୍ତିକୁ ସତ୍ୟର ଉଦାର ପ୍ରସାର ଭିତରେ ନେଇ ମିଳାଇ ଦେବାକୁ ଆତ୍ମାର ସେହି ସଂଗ୍ରାମ ଚାଲିଛି । ଆମର ଆପାତ ସତ୍ୟ ତଥା ଭ୍ରାନ୍ତି, ଆମର ତଥାକଥିତ ଧର୍ମ ତଥା ଅଧର୍ମ ସେହି ସତ୍ୟଟିକୁ ପ୍ରସୀମିତ ଓ ବିକୃତ କରି ରଖିଛନ୍ତି । ଆମର ସବୁ ବଳ ତଥା ନିର୍ବଳତାର ସକଳ ସାମର୍ଥ୍ୟ ଲଗାଇ ଆମେ ଯେଉଁ ପରମବଳକୁ ଧରିବାର ଅନବରତ ଚେଷ୍ଟା କରୁଛୁ, ତାହାରି ଉଦାର ପ୍ରସାର ଭିତରେ ଆମର ସକଳ ଅସମର୍ଥତାକୁ ନେଇ ମିଳାଇ ଦେବାକୁ

'oaob.nitrkl.ac.in' images reprocessed

ଆତ୍ମାର ସେହି ସଂଗ୍ରାମ ଚାଲିଛି । ଯେଉଁ ଆନନ୍ଦର ଉପଲବ୍ଧି କରିବାକୁ ଆମେ ଆମର ସକଳ ସୁଖଦୁଃଖରୂପୀ ଆର୍ତ୍ତି ଓ ଉତ୍ତେଜିତ ଇନ୍ଦ୍ରିୟପ୍ରୟାସମାନ ଜାରି ରଖିଛୁ, ସେହି ଆନନ୍ଦର ଉଦାର ପ୍ରସାର ଭିତରେ ସକଳ ଯନ୍ତ୍ରଣାଭୋଗକୁ ନେଇ ମିଳାଇ ଦେବାଲାଗି ସେହି ସଂଗ୍ରାମ ଚାଲିଛି । ଯେଉଁ ଅମରତ୍ୱକୁ ଫେରି ଆସିବାଲାଗି ଆମର ଜୀବନ ତଥା ମରଣ ମଧ୍ୟଦେଇ ସତ୍ୱର ଶ୍ରାନ୍ତିହୀନ ପ୍ରୟାସ ଲାଗିରହିଛି, ସେହି ଅମରତ୍ୱର ଉଦାର ପ୍ରସାର ଭିତରେ ସକଳ ମରଣକୁ ନେଇ ମିଳାଇ ଦେବାଲାଗି ସେହି ସଂଗ୍ରାମ ଚାଲିଛି ।

'oaob.nitrkl.ac.in' images reprocessed

ଊନବିଂଶ ପରିଚ୍ଛେଦ

# ପ୍ରାଣ

ପ୍ରାଣୋ ହି ଭୂତାନାମାୟୁଃ । ତସ୍ମାତ୍‌ସର୍ବାୟୁଷମୁଚ୍ୟତେ ॥

—ତୈତ୍ତିରୀୟ ଉପନିଷଦ, ୨ । ୩

ପ୍ରାଣ ହେଉଛି ସର୍ବଭୂତର ଆୟୁ ; ସେଇଥିଲାଗି ତାହାକୁ ସର୍ବାୟୁଷ ଅର୍ଥାତ୍ ସକଳ ବିଶ୍ୱର ଜୀବନତତ୍ତ୍ୱ ବୋଲି କୁହାଯାଏ ।

ଆପଣାର ଦିବ୍ୟ ମୂଳସ୍ୱଭାବରେ ମନର ସ୍ୱରୂପ ପ୍ରକୃତରେ କ'ଣ ଏବଂ ଋତଚିତ୍ ସହିତ ଏହାର କେଉଁଭଳି ସମ୍ପର୍କ ରହିଛି, ଏଥର ଆମେ ସେକଥା ଜାଣିପାରିଲୁ । ମାନବିକ ଅସ୍ତିତ୍ୱ କହିଲେ ଯେଉଁ ତିନୋଟି ନିମ୍ନତର ତତ୍ତ୍ୱର ଅନ୍ତର୍ବର୍ତ୍ତିତାକୁ ବୁଝାଇଥାଏ, ମନର ସ୍ଥାନ ସେଗୁଡ଼ିକ ମଧ୍ୟରୁ ସବୁଠାରୁ ଉଚ୍ଚରେ । ମନ ହେଉଛି ଦିବ୍ୟ ଚୈତନ୍ୟର ଏକ ବିଶେଷ କ୍ରିୟା, ଅଥବା ଆହୁରି ଯଥାର୍ଥ ଭାବରେ କହିଲେ ଦିବ୍ୟ ଚେତନାର ସମଗ୍ର ସୃଜନକ୍ରିୟାରେ ମନ ହେଉଛି ସର୍ବଶେଷ ସୂତ୍ର । ମନ ସାହାଯ୍ୟରେହିଁ ପରମ ପୁରୁଷ ସ୍ୱକୀୟ ନାନା ରୂପ ତଥା ଶକ୍ତିର ବହୁବିଧ ସମ୍ବନ୍ଧଗୁଡ଼ିକୁ ପରସ୍ପରଠାରୁ ପୃଥକ୍ ରଖିବାକୁ ସମର୍ଥ ହୁଅନ୍ତି । ଏହି ମନହିଁ ଯାବତୀୟ ପ୍ରାତିଭାସିକ ବିଭେଦର ସୃଷ୍ଟି କରିଥାଏ, ଏବଂ ଋତଚିତ୍‌ରୁ ବିଚ୍ୟୁତ ଜୀବର ଦୃଷ୍ଟିରେ ତାହା ଏକ ମୌଳିକ ଭେଦ ବୋଲି ପ୍ରତୀତ ହେଉଥାଏ । ଏହି ପ୍ରତୀତିରୂପୀ ସର୍ବମୂଳ ବିକୃତିଟିରୁ ପରିଣାମରୂପେ ଅନ୍ୟ ଯାବତୀୟ ବିକୃତିର ଜନ୍ମ ହୁଏ । ସେହି ବିକୃତିଗୁଡ଼ିକୁ ଆମେ ବିଭିନ୍ନ ଦ୍ୱନ୍ଦ୍ୱ ଓ ବିରୋଧରୂପେ ବୁଝିଥାଉ । ଅଜ୍ଞାନକବଳିତ ଜୀବର ଦଶା ଯାହାହିଁ ହୁଅନ୍ତୁ, ଏଠାରେ ତାହାହିଁ ହୋଇଥାଏ । ମାତ୍ର ଏହି ମନ ଯେତେବେଳ ପର୍ଯ୍ୟନ୍ତ ଅତିମାନସଠାରୁ ବିଚ୍ୟୁତ ହୋଇ ପଡ଼ି ନଥାଏ, ସେତେବେଳ ପର୍ଯ୍ୟନ୍ତ ତାହା ବିକୃତି କିମ୍ବା ମିଥ୍ୟାର ଅବଲମ୍ବନ ହୋଇ ରହିବା ପରିବର୍ତ୍ତେ ବିଶ୍ୱସତ୍ୟଗତ ନାନା କ୍ରିୟାର ବାହକରୂପେ କାର୍ଯ୍ୟ କରୁଥାଏ ।

ଏହିପରି ବିଚାର କଲେ ଆମେ ମନର ପରିଚୟ ପାଇଥାଉ ଏକ ସୃଜନଶୀଳ ବିଶ୍ୱସାଧକରୂପେ । ଏକଥା ସତ ଯେ ଆମର ନିତ୍ୟନୈମିତ୍ତିକ ଜୀବନରେ ଆମେ

'oaob.nitrkl.ac.in' images reprocessed

ଆମ ମନୋଭୂମିଟିର ଏଭଳି ପରିଚୟ ଆଦୌ ପାଉ ନାହିଁ । ବରଂ ସେହି କ୍ଷେତ୍ରରେ ମନକୁ ଆମେ ପ୍ରଥମତଃ ବିଷୟଗ୍ରହଣର ଏକ ସାଧନରୂପେ ଦେଖିଥାଉ । ଜଡ଼ଭିତରେ ଶକ୍ତିର ପ୍ରକ୍ରିୟାଦ୍ୱାରା ଆଗରୁ ଯାହାସବୁ ସୃଷ୍ଟ ହୋଇ ରହିଛି, ମନ କେବଳ ସେହି ବିଷୟଗୁଡ଼ିକୁ ଗ୍ରହଣ କରୁଛି ବୋଲି ଆମେ ଭାବିଥାଉ । ଏବଂ ଜଡ଼ସ୍ଥ ଶକ୍ତିଦ୍ୱାରା ଯାହାସବୁ ଆଗରୁ ତିଆରି ହୋଇ ସାରିଛି, ସେଗୁଡ଼ିକୁ ନୂତନଭାବେ ସଜାଇ ମନ କେବଳ ନୂତନ ସମାହାରମାନହିଁ ତିଆରି କରିଥାଏ,—ସୃଷ୍ଟିଲାଗି ମନର ମୂଳସାମର୍ଥ୍ୟ କହିଲେ ଆମେ ଖାଲି ଏତିକି ବୁଝିଥାଉ । ମାତ୍ର ବିଜ୍ଞାନର ସର୍ବାଧୁନିକ ଆବିଷ୍କାରଗୁଡ଼ିକର ସାହାଯ୍ୟରେ ଆମେ ଏବେ ଯେଉଁସବୁ ଜ୍ଞାନର ପୁନରୁଦ୍ଧାର କରିବାକୁ ସମର୍ଥ ହେଉଛୁ, ତାହାହିଁ ଆମକୁ ଏହି ଶକ୍ତି ଓ ଏହି ଭୂତପିଣ୍ଡ ମଧ୍ୟରେ ନିରନ୍ତର ଏକ ଅବଚେତନ ମନ କାର୍ଯ୍ୟ କରି ଚାଲିଛି ବୋଲି ସୂଚନା ଦେବାକୁ ଆରମ୍ଭ କଲାଣି । ଏହି ମନ କାହାରିଦ୍ୱାରା ଉଦ୍‌ଭୂତ ହୋଇ ନାହିଁ, ଏହା ଆପେ ଆପଣାର ଉଦ୍‌ଭବ କରାଇଛି । ପ୍ରଥମ ପର୍ଯ୍ୟାୟରେ ପ୍ରାଣର ନାନାବିଧ ରୂପରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱୟଂ ମନରହିଁ ନାନାବିଧ ରୂପରେ ଏହାର ଉଦ୍‌ଭବ ହୋଇଛି । ପ୍ରଥମେ ଉଦ୍‌ଭିଦ-ଜୀବନ ତଥା ଆଦିମ ପ୍ରାଣୀଜଗତର ସ୍ନାୟୁଚେତନାରେ ଓ ତା'ପରେ ବିକଶିତ ପ୍ରାଣୀସ୍ତର ତଥା ମନୁଷ୍ୟର ସଦାବିକାଶଶୀଳ ମନଶ୍ଚାରଣାରେ ମନର ନାନା ରୂପ ପ୍ରକଟିତ ହେବାରେ ଲାଗିଛି । ଏଥିପୂର୍ବରୁ ଆମେ ଯେପରି ଜଡ଼କୁ ଶକ୍ତିର ବସ୍ତୁରୂପ ବୋଲି ଜାଣିଛୁ, ବର୍ତ୍ତମାନ ଜଡ଼ଭୂତ ଶକ୍ତିକୁ ମଧ୍ୟ ସେପରି ମନର ଶକ୍ତିରୂପ ବୋଲି ଜାଣିବାକୁ ପାଇବା । ଯଥାର୍ଥତଃ ଏହି ଜଡ଼ଭୂତ ଶକ୍ତି ହେଉଛି ଇଚ୍ଛାଶକ୍ତିରହିଁ ଏକ ଅବଚେତନ କ୍ରିୟା ମାତ୍ର । ଆମ ସମସ୍ତଙ୍କ ଭିତରେ ଯେଉଁ ଇଚ୍ଛାଶକ୍ତି କାର୍ଯ୍ୟ କରୁଛି, ତାହା ଆମକୁ ସଚେତଅବା ଏକ ଜ୍ୟୋତିର୍ମୟ ଇଚ୍ଛାଶକ୍ତି ବୋଲି ମନେହେଉଛି; ମାତ୍ର ପ୍ରକୃତରେ ଦେଖିବାକୁ ଗଲେ ତାହା ଅଧେ ଆଲୁଅ ଓ ଅଧେ ଅନ୍ଧାରର ଏକ ମିଶ୍ରଣ ବ୍ୟତୀତ ଆଉ କିଛି ନୁହେଁ । ଏବଂ ଆମ ଭିତରେ କାର୍ଯ୍ୟ କରୁଥିବା ଜଡ଼ଶକ୍ତି ମଧ୍ୟ ସେହିପରି ବୁଦ୍ଧିଚେତନାରହିତ ଏକ ଅନ୍ଧକାର ବୋଲି ମନେହେଉଛି । ତଥାପି ଏହି ଦୁଇଟିଯାକ ସ୍ୱରୂପତଃ ଏକ, କାରଣ ଉଭୟ କ୍ଷେତ୍ରରେ ବସ୍ତୁତଃ ସେହି ଗୋଟିଏ ଇଚ୍ଛାଶକ୍ତିହିଁ କାର୍ଯ୍ୟ କରୁଛି । ବିଶ୍ୱଜଗତକୁ ଓଲଟା ଦିଗରୁ ଅର୍ଥାତ୍ ତଳଆଡ଼ୁ ଅବଲୋକନ କରୁଥିବା ଜଡ଼ବିଜ୍ଞାନ ସଚେତ ଅବା ଏକ ସହଜାତ ସ୍ୱଭାବଗତ ଭାବରେ ଉଭୟର ଏହି ଏକତ୍ୱଟିକୁ ନିରନ୍ତର ଅନୁଭବ କରିଆସିଛି । ଏବଂ ଅଧ୍ୟାତ୍ମଜ୍ଞାନ ମଧ୍ୟ ଶିଖରଆଡ଼ୁ ଅବଲୋକନ କରି ଅନେକ ପୂର୍ବରୁ ଠିକ ତାହାହିଁ ଆବିଷ୍କାର କରିଛି । ତେଣୁ ଆମେ ହୁଏତ କହିପାରିବା ଯେ ଏକ ଅବଚେତନ ମନ ଅଥବା ବୁଦ୍ଧି ଶକ୍ତିକୁ ଆପଣାର ଚାଳିକାଶକ୍ତି ଅର୍ଥାତ୍ କ୍ରିୟାତ୍ମିକା ପ୍ରକୃତିରୂପେ ପ୍ରକାଶିତ କରି ଏହି ଭୂତଜଗତକୁ ସୃଷ୍ଟି କରିଛି ।

'oaob.nitrkl.ac.in' images reprocessed

ମାତ୍ର ଏହା ଭିତରେ ଆମେ ଏକଥା ମଧ୍ୟ ଜାଣିସାରିଛୁ ଯେ ମନ କହିଲେ କୌଣସି ସ୍ୱତନ୍ତ୍ର କିମ୍ବା ମୌଳିକ ତତ୍ତ୍ୱକୁ ବୁଝାଏ ନାହିଁ । ମନ ଋତଚିତ୍ ଅଥବା ଅତିମାନସର ଏକ ଶେଷ କ୍ରିୟାସ୍ୱରୂପ ମାତ୍ର । ତେଣୁ ଯେଉଁଠି ମନ ରହିବ, ସେଠାରେ ଅତିମାନସ ମଧ୍ୟ ନିଶ୍ଚୟ ରହିବ । ଅତିମାନସ ଅର୍ଥାତ୍ ଋତଚିତ୍ ହେଉଛି ବିଶ୍ୱଗତ ସ୍ୱରୂପସତ୍ତ୍ୱର ଅସଲ ପ୍ରଯୋଜକ । ଏପରିକି ଯେତେବେଳେ ସ୍ୱକୀୟ ମୂଳଭୂମିରୁ ବିଚ୍ଛିନ୍ନ ହୋଇ ମନ ଆପଣାର ଅନ୍ଧକାରମୟ ଚେତନା ଭିତରେ ପଡ଼ିରହିଥାଏ, ସେତେବେଳେ ମଧ୍ୟ ତାହାର କ୍ରିୟାଭୂମିରେ ସେହି ବୃହତ୍ତର ଗତିସ୍ପନ୍ଦନଟି ସତତ ବିଦ୍ୟମାନ ରହିଥାଏ । ମାନସିକ କ୍ରିୟାଗୁଡ଼ିକୁ ତାହା ସେଗୁଡ଼ିକର ଯଥାଯୋଗ୍ୟ ସମ୍ବନ୍ଧଗୁଡ଼ିକୁ ସଂରକ୍ଷିତ କରି ରଖିବାକୁ ବାଧ୍ୟ କରେ, ସେଗୁଡ଼ିକ ଭିତରେ ନିହିତ ରହିଥିବା ଅନିବାର୍ଯ୍ୟ ପରିଣାମଗୁଡ଼ିକୁ ସେଗୁଡ଼ିକ ଭିତରୁ ବିକଶିତ କରାଇ ଆଣେ, ଉଚିତ ବୀଜରୁ ଉଚିତ ବୃକ୍ଷଟିକୁ ସମ୍ଭବ କରାଏ । ଏପରିକି ରୂକ୍ଷ, ଜୀବନହୀନ ଓ ଅନ୍ଧକାରାଚ୍ଛନ୍ନ ଜଡ଼ଶକ୍ତିର କ୍ରିୟାକ୍ଷେତ୍ରରେ ମଧ୍ୟ ବିଧାନ, ଶୃଙ୍ଖଳା ତଥା ଉଚିତ ସମ୍ବନ୍ଧର ଏକ ସୁବ୍ୟବସ୍ଥିତତା ଆଣିଥାଏ । ତାହା ନହେଉଥିଲେ ଏହି ଜଗତ୍ କେବଳ ଆକସ୍ମିକତା ଓ ଅରାଜକତାର ଏକ ନିନାଦିତ କୋଳାହଳରେହିଁ ପରିଣତ ହୋଇ ଯାଉଥାଆନ୍ତା । ଅବଶ୍ୟ ଏଠାରେ ଶୃଙ୍ଖଳା ଏବଂ ଉଚିତ ସମ୍ବନ୍ଧ କହିଲେ ଆମେ କୌଣସି ପରମ ଶୃଙ୍ଖଳା କିମ୍ବା ପରମ ସତ୍ୟସମ୍ବନ୍ଧକୁ ନ ବୁଝି କେବଳ ଏକ ଆପେକ୍ଷିକ ଶୃଙ୍ଖଳା ଓ ସମ୍ବନ୍ଧକୁହିଁ ବୁଝିବା । ସ୍ୱଚେତନାରେ ମନ ଅତିମାନସଠାରୁ ବିଚ୍ଛିନ୍ନ ହୋଇ ପଡ଼ି ନଥିଲେ ଯାଇ ସେହି ପରମ ଶୃଙ୍ଖଳା ତଥା ପରମ ସମ୍ବନ୍ଧ ସମ୍ଭବ ହେଉଥା'ନ୍ତା । ତେଣୁ ଏଠାରେ ଏହା କେବଳ ଏକ ତାତ୍କାଳିକ ବ୍ୟବସ୍ଥା ମାତ୍ର । ବିଭାଜନଧର୍ମୀ ମନର କ୍ରିୟାଦ୍ୱାରା ନ୍ୟାୟତଃ ଯେଉଁସବୁ ପରିଣାମ ଉପୁଜିଥାଏ, ସେହିଗୁଡ଼ିକର ଏକ ସଂଯୋଜିତ ବ୍ୟବସ୍ଥା ମାତ୍ର । ଗୋଟିଏ ପରମ ସତ୍ୟର ଦୁଇ ବିପରୀତ ପାର୍ଶ୍ୱରେ ଅବସ୍ଥିତ ଯେଉଁ ବିରୋଧାଭାସକୁ ନେଇ ମନ ସେଥିରୁ ଯେଉଁସବୁ ପୃଥକ୍‌ପ୍ରବୃତ୍ତିଯୁକ୍ତ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି, ଉକ୍ତ ବ୍ୟବସ୍ଥାଟିରେ କେବଳ ସେହିଗୁଡ଼ିକହିଁ ରହିଛି । ଦିବ୍ୟ ପରମ ଚେତନାର ଯେଉଁ ଦ୍ୱୈତ ଭାବ ଅର୍ଥାତ୍ ଆପଣାକୁ ଏହିଭଳି ଭାଗ କରି ପୃଥକ୍‌ରୂପେ ଦେଖିବାର ଯେଉଁ କଳ୍ପନା ତାହାର ସତ୍ୟକଳ୍ପନା ମଧ୍ୟରେହିଁ ଜାଗ୍ରତ ହୋଇଥିଲା, ତାହାର ପୃଷ୍ଠଦେଶରେ ଅବସ୍ଥିତ ସମଗ୍ର ଋତଚିତ୍ର ପ୍ରଶାସନ ତଥା ପରିଚାଳନ ଦ୍ୱାରା ସେହି କଳ୍ପନା କାର୍ଯ୍ୟତଃ ଜୀବନର ଉପାଦାନରେ ତାହାର ଏହି ନିମ୍ନତର ସତ୍ୟ ଅର୍ଥାତ୍ ବିଚିତ୍ର ସମ୍ବନ୍ଧର ଏହି ଅପରିହାର୍ଯ୍ୟ ପରିଣାମଟିକୁ ଉଦ୍‌ଘାଟିତ କରିଦେଇଛି । କାରଣ ସତ୍ତା ଭିତରେ ଯାହା ନିହିତ ହୋଇ ରହିଛି, ବସ୍ତୁର ମର୍ମପ୍ରକୃତିରେ ଯାହା ପ୍ରଚ୍ଛନ୍ନ ହୋଇ ରହିଛି, ଅର୍ଥାତ୍ ଦିବ୍ୟ ଜ୍ଞାନର ଦୃଷ୍ଟିରେ ବସ୍ତୁ ଭିତରେ ଯାହା

'oaob.nitrkl.ac.in' images reprocessed

ତାହାର ସ୍ୱଭାବ ଓ ସ୍ୱଧର୍ମରୂପେ ଅନ୍ତର୍ନିହିତ ହୋଇ ରହିଛି, ତାହାକୁହିଁ ଯଥାଯୁକ୍ତ ଭାବରେ କ୍ରିୟାଶୀଳ ଓ ବିକଶିତ କରାଇବା ହେଉଛି ବିଶ୍ୱବିଧାନ ଓ ବିଶ୍ୱସତ୍ୟର ଯଥାର୍ଥ ପ୍ରକୃତି । ମାତ୍ର କେତୋଟି ସତ୍ୟୋଦ୍‌ଘାଟକ ଶବ୍ଦର ସାହାଯ୍ୟରେ ଜ୍ଞାନର ଏକ ସମଗ୍ର ଭୁବନକୁ ସମ୍ଭାରି ଧରି ପାରୁଥିବା ଉପନିଷଦର ସେହି ଅଦ୍‌ଭୁତ ସୂତ୍ରଗୁଡ଼ିକରୁ ଏଠାରେ ଗୋଟିକର* ଉଲ୍ଲେଖ କରି ଆମେ କହିବା ଯେ କବି ଓ ମନୀଷୀରୂପୀ ସେହି ସ୍ୱୟମ୍ଭୂହିଁ ସର୍ବସ୍ଥାନରେ ସର୍ବରୂପ ହୋଇଛନ୍ତି, ଶାଶ୍ୱତ କାଳରୁ ସକଳ ଅର୍ଥ ଓ ପଦାର୍ଥକୁ ସେ ଆପଣା ଭିତରେ ଯଥୋଚିତ ଭାବରେ ଅର୍ଥାତ୍‌ ସେଗୁଡ଼ିକର ସତ୍ୟସ୍ୱରୂପ ଅନୁସାରେ ସୁଯୋଜିତ କରି ରଖିଛନ୍ତି ।

ଫଳରେ ଆମେ ଯେଉଁ ତ୍ରିବିଧ ଜଗତରେ ବାସ କରୁଛୁ, ତାହା କେବଳ ସେଗୁଡ଼ିକର ଯଥାଭୂତ ବାସ୍ତବ ପରିଣାମର ଅନୁସାରେହିଁ ଏଭଳି ତ୍ରିବିଧ ଭାବରେ ବିଭକ୍ତ ହୋଇପଡ଼ିଛି । ଜଡ଼ ଭିତରେ ସଂବୃତ ରହିଥିବା ପ୍ରାଣ ଭାବନା ଏବଂ ମନଃସଚେତ ଜୀବନର ରୂପ ଧରି ଆବିର୍ଭୂତ ହୋଇଛି । ମାତ୍ର ମନଃକ୍ଷେତ୍ରରେ ଅତିମାନସ ସଂବୃତ ହୋଇ ରହିଛି, ତେଣୁ ପ୍ରାଣ ତଥା ଜଡ଼ର କ୍ଷେତ୍ରରେ ମଧ୍ୟ ଏହି ଅତିମାନସ ସଂବୃତ ହୋଇ ରହିଛି । ଅତିମାନସ ହେଉଛି ଅନ୍ୟ ତିନୋଟିଯାକ ତତ୍ତ୍ୱର ଜନ୍ମଦାତା ଓ ଶାସନକର୍ତ୍ତା । ଏବଂ ଏହାର ମଧ୍ୟ ଅବଶ୍ୟ ଉନ୍ମେଷ ଘଟିବ । ଆମେ ଏହି ଜଗତର ମୂଳରେ କାର୍ଯ୍ୟ କରୁଥିବା ଏକ ବୁଦ୍ଧିର ସନ୍ଧାନ କରି ବୁଲୁଛୁ, କାରଣ ବୁଦ୍ଧି ଅପେକ୍ଷା ଉଚ୍ଚତର ଆଉ କୌଣସି ତତ୍ତ୍ୱସହିତ ଆମର କୌଣସି ପରିଚୟହିଁ ନାହିଁ । ଏହି ବୁଦ୍ଧିହିଁ ଆମର ସକଳ କର୍ମ ଓ ସୃଷ୍ଟିକୁ ପରିଚାଳିତ କରୁଛି ବୋଲି ଆମର ମନେହେଉଛି, ଏହାରି ଆଲୋକରେହିଁ ଆମେ ଏଗୁଡ଼ିକର ଅନ୍ତ ପାଉଛୁ । ତେବେ ଏହି ବିଶ୍ୱରେ ଯଦି ପ୍ରକୃତରେ କୌଣସି ଚେତନା କାର୍ଯ୍ୟ କରୁଛି, ତାହା ଅବଶ୍ୟ ଏକ ବୁଦ୍ଧି ବା ମାନସିକ ଚେତନା ହୋଇଥିବ ବୋଲି ଆମେ ଗ୍ରହଣ କରିନେଉଛୁ । ମାତ୍ର ଯେଉଁ ଅସଲ ସତ୍ୟଟି ବୁଦ୍ଧିଠାରୁ ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛି, ତାହାର ଯାବତୀୟ କାର୍ଯ୍ୟକୁ ବୁଦ୍ଧି ଆପଣା ସାଧନଗୁଡ଼ିକଦ୍ୱାରାହିଁ ତାହାର ଏକ ଧାରଣା କରିବାକୁ ଚେଷ୍ଟା କରୁଛି, ତାହାକୁ ପ୍ରତିଫଳିତ କରୁଛି ଓ ତାହାର ବ୍ୟବହାର କରୁଛି । ତେଣୁ ସେହି କାର୍ଯ୍ୟଗୁଡ଼ିକର ପଛରେ ଅନ୍ତର୍ନିହିତ ରହିଥିବା ଶକ୍ତିଟି ଧର୍ମତଃ ଆଉ ଏକ ଊର୍ଦ୍ଧ୍ୱତର ଚେତନାହିଁ ହୋଇଥିବ, ତାହା ସେହି ସତ୍ୟର ଅନୁରୂପହିଁ ହୋଇଥିବ । ତେଣୁ ଆମକୁ ଆମର ଧାରଣାଟିକୁ ମଧ୍ୟ ବଦଳାଇ ନେବାକୁ

---

* କବିଃ ମନୀଷୀ ପରିଭୂଃ ସ୍ୱୟମ୍ଭୂଃ ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାତ୍ ଶାଶ୍ୱତୀଭ୍ୟଃ ସମାଭ୍ୟଃ ।

—ଈଶୋପନିଷଦ, ଅଷ୍ଟମ ଶ୍ଳୋକ ।

'oaob.nitrkl.ac.in' images reprocessed

ସମ୍ଭବ; ଏବଂ କୌଣସି ଅବଚେତନ ମନ ଅଥବା ବୁଦ୍ଧି ନୁହେଁ, ମାତ୍ର ଏକ ସଂବୃତ ଅତିମାନସହିଁ ଏହି ଭୌତିକ ଜଗତକୁ ସୃଷ୍ଟି କରିଛି । ଏହି ଅତିମାନସହିଁ ଶକ୍ତି ଭିତରେ ଅବଚେତନ ଭାବରେ ଅବସ୍ଥିତ ଆପଣାର ଚେତନ ଇଚ୍ଛା ବା ସଂକଳ୍ପଶକ୍ତିର ଏକ ବିଶେଷ କ୍ରିୟାଶୀଳ ବିଭୂତିରୂପେ ମନକୁ ସିଧା ଆପଣାର ସମ୍ମୁଖରେ ରଖିଥାଏ ଓ ଜଡ଼ସତ୍ତ୍ୱା ଭିତରେ ଅବଚେତନ ଭାବରେ ଅବସ୍ଥିତ ଜଡ଼ଶକ୍ତି ଓ ସଂକଳ୍ପକୁ କାର୍ଯ୍ୟନିର୍ବାହକାରୂପେ ବ୍ୟବହାର କରିଥାଏ ।

ମାତ୍ର ଆମେ ପ୍ରାକୃତ ଜଗତରେ ଦେଖୁଛୁ ଯେ ଶକ୍ତିର ଯେଉଁ ବିଶେଷ ବିଭୂତିଟିକୁ ଆମେ ପ୍ରାଣ ବୋଲି କହୁ, ତାହାକୁହିଁ ଆଶ୍ରୟ କରି ମନୋଧାତୁର ସ୍ଫୁରଣ ହୋଇଥାଏ । ତେବେ ଏହି ପ୍ରାଣର ଯଥାର୍ଥ ପରିଚୟ କ'ଣ ହୋଇପାରେ ? ଅତିମାନସ ସହିତ ପ୍ରାଣର କିଭଳି ସମ୍ପର୍କ ରହିଛି, ପରମ ସତ୍ୟକଳ୍ପନା ଅର୍ଥାତ୍ ଋତଚିତ୍‌ର ସାହାଯ୍ୟରେ ଏହି ସୃଷ୍ଟି ଭିତରେ କ୍ରିୟାଶୀଳ ହୋଇ ରହିଥିବା ସଚ୍ଚିଦାନନ୍ଦର ପରମ ସ୍ଥିତି ସହିତ ମଧ୍ୟ ଏହାର କିଭଳି ସମ୍ପର୍କ ରହିଛି ? ପରମ ସ୍ଥିତିର କେଉଁ ତତ୍ତ୍ୱଟିରୁ ଏହା ଜନ୍ମଲାଭ କରୁଛି ? ଏବଂ ଦ୍ରବ୍ୟ ବା ଅଦ୍ରବ୍ୟ ଅଥବା ସତ୍ୟ ବା ଭ୍ରାନ୍ତିର କେଉଁ ଆବଶ୍ୟକତା ଦ୍ୱାରା ଏହାର ଆବିର୍ଭାବ ହେଉଛି ? ଜୀବନଟା ହେଉଛି ଗୋଟାଏ ଅନର୍ଥ, ଏକ ବଞ୍ଚନା, ଏକ ପ୍ରଳାପ ଓ ପାଗଳାମି; ଆମକୁ ଏଠାରୁ ଶାଶ୍ୱତ ସତ୍ତ୍ୱର ଆଶ୍ରୟ ଭିତରକୁ କେବଳ ପଳାଇ ଯିବାକୁହିଁ ପଡ଼ିବ,— ଶତାବ୍ଦୀ ଶତାବ୍ଦୀ ଧରି ଏହି ପ୍ରାଚୀନ ଖେଦବେଦନଟି ଏହି ସଂସାରରେ ନିର୍ଘୋଷିତ ହୋଇଆସିଛି । ମାତ୍ର ପ୍ରାଣ କହିଲେ ପ୍ରକୃତରେ କ'ଣ ତାହାହିଁ ବୁଝାଏ ? ଯଦି ବୁଝାଉଥାଏ, ତେବେ ପ୍ରାଣ ଏପରି ହେବା ପଛରେ ପ୍ରକୃତରେ କି କାରଣ ରହିଛି ? ଶାଶ୍ୱତ ପରମ ବିଧାତା କାହିଁକି ଆଖିବୁଜି ଆପଣା ଉପରେ ଏହି ଅନର୍ଥକୁ ଆଣି ଲଦି ଦେଇଛନ୍ତି, ଆପଣା ଉପରେ ଅର୍ଥାତ୍ ଆପଣାର ମହାଭୟଙ୍କର ସର୍ବଛଳନାମୟ ମାୟାଶକ୍ତି ଦ୍ୱାରା ସଞ୍ଜାତ ହୋଇଥିବା ପ୍ରାଣୀମାନଙ୍କ ଉପରେ ସିଏ କାହିଁକି ଏହି ପ୍ରଳାପ ଓ ପାଗଳାମିକୁ ଲଦି ଦେଇଛନ୍ତି ? ଅଥବା ଏହାରି ମଧ୍ୟଦେଇ ବା ଏହିଭଳି ରୂପରେ କୌଣସି ଦିବ୍ୟ ବିଧାନ ଆପଣାକୁ ପ୍ରକଟ କରୁଛି କି ? ଆପଣାକୁ ପ୍ରକଟ କରିବାର ଆବଶ୍ୟକତା ଦ୍ୱାରା ପରିଚାଳିତ ହୋଇ ଶାଶ୍ୱତ ସତ୍ତ୍ୱର କୌଣସି ଆନନ୍ଦଶକ୍ତି ବିଶ୍ୱର ଅଗଣିତ ଭୁବନସକଳକୁ ଭରପୂର କରି ରଖିଥିବା କୋଟି କୋଟି ପ୍ରାଣରୂପର ଏହି ସତତ ବିସ୍ଫୋରଣ ଦ୍ୱାରା ଆପଣାକୁ କାଳ ଓ ଦେଶର ଆୟତନ ଭିତରକୁ ନିକ୍ଷିପ୍ତ କରି ରଖିଛି କି ?

ଜଡ଼କୁ ଆଧାରରୂପେ ବ୍ୟବହାର କରି ଆପଣାକୁ ପ୍ରକାଶିତ କରୁଥିବା ଏହି ପ୍ରାଣଶକ୍ତିର ଅଧ୍ୟୟନ କଲେ ଆମେ ଦେଖିବାକୁ ପାଇବା ଯେ ଏଇଟି ମଧ୍ୟ ସେହି ଏକ

'oaob.nitrkl.ac.in' images reprocessed

ବିଶ୍ୱମୟୀ ଶକ୍ତିର ଗୋଟିଏ ରୂପ ବ୍ୟତୀତ ଆଉ କିଛି ନୁହେଁ । ବିଶ୍ୱଶକ୍ତିର ଏହି ଗତିଶୀଳ ସ୍ରୋତ ବା ପ୍ରବୃତ୍ତି ଜୁଆର ଓ ଭଟ୍ଟା ପରି ଉଭୟ ଦିଗରେ ଧାବମାନ ହେଉଛି, ଶକ୍ତିର ଏକ ଅବିରାମ କ୍ରିୟା ବା ଲୀଳା ପ୍ରାଣରୂପେ ରୂପଗୁଡ଼ିକର ରଚନା କରୁଛି, ଉତ୍ପ୍ରେରଣାର ଏକ ନିରନ୍ତର ପ୍ରବାହଦ୍ୱାରା ସେଗୁଡ଼ିକୁ ଶକ୍ତିସମ୍ପନ୍ନ କରୁଛି ଏବଂ ସେଗୁଡ଼ିକର ଉପାଦାନଗୁଡ଼ିକୁ ଭାଙ୍ଗି ଓ ପୁଣି ନୂଆ କରି ଗଢ଼ିବାର ଏକ ନିରବଚ୍ଛିନ୍ନ ପ୍ରକ୍ରିୟାଦ୍ୱାରା ସେଗୁଡ଼ିକୁ ଅବ୍ୟାହତ ରଖିଛି । ଏହିଥିରୁ ଜଣା ପଡ଼ିଯିବା ଉଚିତ ଯେ ମରଣ ଓ ଜୀବନ ଭିତରେ ଆମେ ଯେଉଁ ସ୍ୱାଭାବିକ ବିରୋଧଟିକୁ ଆଣି ଠିଆ କରାଇଥାଉ, ତାହା ଆମର ମନୋଭୂମିଗତ ଏକ ଭ୍ରମ ମାତ୍ର । ପ୍ରତିଭାସଜଗତର ପାଶଭିତରେ ପଡ଼ିଯାଇ ଆମର ମନ ବିଶ୍ୱର ମୂଳଭୂତ ଏକତ୍ୱ ଭିତରେ ଯେତେବେଳେ ମିଥ୍ୟା ବିରୋଧର ଆରୋପ କରିଥାଏ, ଏଇଟି ହେଉଛି ତାହାଭିତରୁ ଗୋଟିଏ । ବ୍ୟାବହାରିକ ବା ତାତ୍କାଳିକ ଜୀବନର ଅନୁଭବ ଭିତରେ ଏଗୁଡ଼ିକର ଯଥାର୍ଥତା ଅବଶ୍ୟ ରହିଛି, ମାତ୍ର ଅନ୍ତର୍ଗତ ସତ୍ୟର ପରିପ୍ରେକ୍ଷୀରେ ଏଗୁଡ଼ିକୁ ମିଥ୍ୟା ବୋଲିହିଁ କୁହାଯିବ । ଜୀବନର ଏକ ପ୍ରକ୍ରିୟା ବ୍ୟତୀତ ମୃତ୍ୟୁର ଆଉ ଅନ୍ୟ କୌଣସି ଯଥାର୍ଥତା ନାହିଁ । ବସ୍ତୁର ଉପାଦାନ ଭଙ୍ଗା ହେଉଛି, ପୁଣି ଗଢ଼ା ହେଉଛି; ରୂପ ସୁରକ୍ଷିତ ହୋଇ ରହିଛି, ପୁଣି ବଦଳି ଯାଉଛି;—ଏହାହିଁ ହେଉଛି ଜୀବନର ନିତ୍ୟନିସ୍ୟୂତ ପ୍ରକ୍ରିୟା । ରୂପଗତ ଅନୁଭବରେ ପରିବର୍ତ୍ତନ ତଥା ବୈଚିତ୍ର୍ୟ ଆଣିବାର ଆବଶ୍ୟକତାଟି ଦ୍ୱାରା ପରିଚାଳିତ ହୋଇ ଯେତେବେଳେ ହଠାତ୍ ରୂପଟିକୁ ଭାଙ୍ଗିଦେବାକୁ ପଡ଼ୁଛି, ତାହାହିଁ ମୃତ୍ୟୁରୂପେ ପ୍ରକଟିତ ହେଉଛି । ଏପରିକି ଶରୀରର ମୃତ୍ୟୁରେ ମଧ୍ୟ ଜୀବନ ପରିସମାପ୍ତ ହୋଇ ଯାଉନାହିଁ । ଜୀବନର ଗୋଟିଏ ରୂପଭିତରେ ବିନ୍ୟସ୍ତ ହୋଇଥିବା ଉପାଦାନକୁ କେବଳ ଭାଙ୍ଗି ଦିଆଯାଉଛି ଓ ତାହାକୁହିଁ ଅନ୍ୟ ଜୀବନରୂପଗୁଡ଼ିକର ଗଠନରେ ବ୍ୟବହାର କରାଯାଉଛି । ପ୍ରକୃତିର ବିଧାନଗତ ସମତା ଅନୁସାରେ ସେହିପରି ଆମେ ଏକଥାଟିକୁ ମଧ୍ୟ ନିଶ୍ଚିତରୂପେ ଜାଣିବା ଯେ ଯଦି ଶରୀରରୂପୀ ଏହି ଆଧାରଟି ଭିତରେ କୌଣସି ମନୋମୟୀ ଶକ୍ତି ଅବଶ୍ୟ ରହିଛି, ତେବେ ମରଣଦ୍ୱାରା ସେହି ଶକ୍ତିଟି କଦାପି ଧ୍ୱଂସ ହୋଇ ଯାଉନାହିଁ । କେବଳ ଗୋଟିଏ ରୂପ ବା ଆଧାରକୁ ଭାଙ୍ଗି ଏହା ବାହାରକୁ ବାହାରି ପଡ଼ୁଛି ଏବଂ ଦେହାନ୍ତର-ସଂକ୍ରମଣ ବା ଦେହଭିତରେ ଆତ୍ମାର ନୂତନ ସଂସ୍ଥାପନରୂପୀ କୌଣସି ଏକ ପ୍ରକ୍ରିୟାଦ୍ୱାରା ତାହା ଅନ୍ୟରୂପ ଗ୍ରହଣ କରୁଛି । ତେଣୁ କେବଳ ନବକଳେବରହିଁ ହେଉଛି, କେଉଁଠି କିଛିହେଲେ ଏକାବେଳକେ ନଷ୍ଟ ହୋଇ ଯାଉନାହିଁ ।

ଏଥିରୁ ଆମେ ଏକଥା ମଧ୍ୟ ସ୍ୱୀକାର କରିନେଇ ପାରିବା ଯେ ଏକ ସର୍ବବ୍ୟାପ୍ତ ଗତିଶୀଳ ଶକ୍ତିରୂପେ ବିଶ୍ୱରେ ଏଭଳି ଏକ ପ୍ରାଣଶକ୍ତି ବିଦ୍ୟମାନ ରହିଛି ଯାହାକି ଭୌତିକ ଜଗତର ଏହିସବୁ ରୂପର ସୃଷ୍ଟି କରିବାରେ ଲାଗିଛି । ଜଡ଼ଗତ ଦିଗଟିକୁ

'oaob.nitrkl.ac.in' images reprocessed

ଆମେ ଏହି ଶକ୍ତିର ସ୍ଥୂଳତମ ସ୍ପନ୍ଦନ ବୋଲି କହିପାରିବା । ଏହି ଶାଶ୍ୱତ ପ୍ରାଣଶକ୍ତିର ଆଦୌ କୌଣସି ବିନାଶ ନାହିଁ । ଏହି ରୂପମୟ ଜଗତର ଅସ୍ତିତ୍ୱଟିହିଁ ସମ୍ପୂର୍ଣ୍ଣରୂପେ ମୂଳପୋଛ ହୋଇଗଲେ ମଧ୍ୟ ଏହି ପ୍ରାଣଶକ୍ତି ତଥାପି ଅବିନଶ୍ୱର ଭାବେ ରହିଥିବ । ବିନାଶପ୍ରାପ୍ତ ବିଶ୍ୱଟିର ସ୍ଥାନରେ ଆଉ ଏକ ନୂତନ ବିଶ୍ୱର ରଚନା କରିବାଲାଗି ତାହାର ସମ୍ପୂର୍ଣ୍ଣ ସାମର୍ଥ୍ୟ ମଧ୍ୟ ରହିଥିବ । ଏବଂ କୌଣସି ଊର୍ଦ୍ଧ୍ୱତର ଶକ୍ତି ଏହାକୁ ଏକ ବିଶ୍ରାନ୍ତ-ଅବସ୍ଥାରେ ଅପସାରିତ କରି ନରଖିଲେ କିମ୍ବା ଏହା ଆପେ ଆପଣାକୁ ଅପସାରିତ କରି ରଖିବାକୁ ଇଚ୍ଛା ନକରୁଥିଲେ ଏହାର ସୃଷ୍ଟିପ୍ରକ୍ରିୟା ବସ୍ତୁତଃ ଅନିବାର୍ଯ୍ୟ ରୂପେ ଲାଗି ରହିବାକୁ ବାଧ୍ୟ ହେବ। ସେହି ଦୃଷ୍ଟିରୁ ଦେଖିଲେ ଏହି ଜଗତରେ ରୂପର ସୃଷ୍ଟିକରି ସେଗୁଡ଼ିକୁ ସୃଷ୍ଟିରୂପେ ସୁରକ୍ଷିତ କରିରଖିବା ଓ ପୁଣି ପ୍ରଳୟ ଭିତରେ ବିଲୀନ କରିଦେବାର ଏକ ଶକ୍ତି ବ୍ୟତୀତ ଏହି ପ୍ରାଣଶକ୍ତି ଆଉ କିଛି ନୁହେଁ । ପ୍ରାଣଶକ୍ତିହିଁ ପୃଥିବୀରୂପେ ଆତ୍ମପ୍ରକାଶ କରୁଛି । ପୁଣି ଏହି ପୃଥିବୀ ଉପରେ ଯେଉଁ ଉଦ୍ଭିଦସକଳ ଜାତ ହେଉଛି ଏବଂ ଯେଉଁସବୁ ପ୍ରାଣୀ ଉଦ୍‌ଭିଦ ଭିତରେ ଅନ୍ତର୍ଗତ ରହିଥିବା ପ୍ରାଣଶକ୍ତିକୁ ଅଥବା ପରସ୍ପରକୁ ଭକ୍ଷଣ କରି ଜୀବନ ଧାରଣ କରୁଛନ୍ତି, ସମସ୍ତେ ସେହି ପ୍ରାଣଶକ୍ତିରହିଁ ପ୍ରକାଶରୂପେ ବର୍ତ୍ତମାନ ରହିଛନ୍ତି । ଇହଜଗତର ଯାବତୀୟ ଅସ୍ତିତ୍ୱ କହିଲେ ଆମେ ଜଡ଼ର ରୂପ ଗ୍ରହଣ କରୁଥିବା ଏକ ବିଶ୍ୱଗତ ପ୍ରାଣଶକ୍ତିକୁହିଁ ବୁଝିବା । ସେହି ପ୍ରୟୋଜନସାଧନର ଉଦ୍ଦେଶ୍ୟରେ ଏହି ଶକ୍ତି ଅବଚେତନବୋଧ ବା ମନୋମୟ ପ୍ରାଣବସ୍ତୁରୂପେ ଫୁଟିଉଠିବା ପୂର୍ବରୁ ଭୌତିକ ପ୍ରକ୍ରିୟା ଭିତରେ ପ୍ରାଣର ପ୍ରକ୍ରିୟାଟିକୁ ହୁଏତ ଲୁକ୍‌କାୟିତ କରି ରଖିପାରେ, ମାତ୍ର ତଥାପି ସକଳ ଅବସ୍ଥାରେହିଁ ଏହା ସେହି ସୃଜନଶୀଳ ପ୍ରାଣତତ୍ତ୍ୱ ରୂପେହିଁ ବର୍ତ୍ତମାନ ରହିଥିବ ।

ଅବଶ୍ୟ ଏକଥା ସତ୍ୟ ଯେ ପ୍ରାଣ କହିଲେ ଆମେ ସାଧାରଣତଃ ଏପରି ବୁଝି ନ ଥାଉ । ପ୍ରାଣକୁ ଆମେ ଆମର ପରିଚିତ ବିଶ୍ୱଗତ ଶକ୍ତିଟିର ଏକ ବିଶେଷ ପରିଣାମ ବୋଲି ବୁଝୁ । ଆମ ବୁଝିବାରେ କେବଳ ପ୍ରାଣୀ ଓ ଉଦ୍‌ଭିଦ ଜଗତର ସ୍ତରରେହିଁ ପ୍ରାଣର ପ୍ରକାଶ ଘଟିଥାଏ; ମାତ୍ର ଧାତୁ, ପ୍ରସ୍ତର କିମ୍ବା ବାଷ୍ପଭିତରେ ଏହାର କୌଣସି ଅସ୍ତିତ୍ୱ ନଥାଏ । ଏହି ପ୍ରାଣଶକ୍ତି ପ୍ରାଣୀର ଜୀବନକୋଷରେ କାର୍ଯ୍ୟ କରୁଥାଏ ସତ, ମାତ୍ର ଶୁଦ୍ଧ ଜଡ଼ର ଅଣୁଭିତରେ ଏହା ବର୍ତ୍ତମାନ ନଥାଏ । ତେଣୁ ଆପଣା ବିଚାରର ଭିତ୍ତିଟିକୁ ଦୃଢ଼ କରିବାଲାଗି ବର୍ତ୍ତମାନ ପରୀକ୍ଷା କରି ଦେଖିବାକୁ ହେବଯେ ଶକ୍ତିର ଯେଉଁ ପରିଣାମବିଶେଷକୁ ଆମେ ପ୍ରାଣ ବୋଲି କହୁଛୁ ତା'ର ଅସଲ ପ୍ରକୃତିଟି କିଭଳି; ଏବଂ ଶକ୍ତିର ଅନ୍ୟ ଯେଉଁସବୁ ପରିଣାମକୁ ଆମେ ଅଚେତନ ପଦାର୍ଥ ବୋଲି କହୁ, ଯାହାଭିତରେ କୌଣସି ପ୍ରାଣ ନାହିଁ ବୋଲି ମନେକରୁ, ପ୍ରାଣସହିତ ଯଥାର୍ଥରେ ତାହାର କେଉଁଭଳି ସମ୍ପର୍କ ରହିଛି । ଆମେ ଅନାୟାସରେ ଦେଖିବାକୁ

'oaob.nitrkl.ac.in' images reprocessed

ପାଇବା ଯେ ଇହଜଗତରେ ଶକ୍ତିଲୀଳାର ତିନୋଟି ସ୍ତର ମହଜୁଦ ରହିଛି । ପ୍ରଥମଟି ହେଉଛି, ପୁରୁଣା ଶ୍ରେଣୀବିଭାଗ ଅନୁସାରେ ଆମେ ଯାହାକୁ ପ୍ରାଣୀମାନଙ୍କର ରାଜ୍ୟ ବୋଲି କହିଥାଉ । ଆମର ମନୁଷ୍ୟସଂସାର ମଧ୍ୟ ଏହାର ଅନ୍ତର୍ଗତ । ଦ୍ୱିତୀୟଟି ଉଦ୍‌ଭିଦମାନଙ୍କର ରାଜ୍ୟ; ଏବଂ ଶେଷଟି ହେଉଛି ବିଶୁଦ୍ଧ ଜଡ଼ଜଗତ୍, ଯାହାକୁ କି ଆମେ ପ୍ରାଣଶୂନ୍ୟ ବୋଲି ଧରି ନେଇଥାଉ । ଆମଭିତରେ ରହିଥିବା ପ୍ରାଣ ଓ ଉଦ୍‌ଭିଦପ୍ରାଣ ମଧ୍ୟରେ ପ୍ରକୃତରେ କିଭଳି ପାର୍ଥକ୍ୟ ରହିଛି, ଉଦ୍‌ଭିଦପ୍ରାଣ ଓ ପ୍ରାଣଶୂନ୍ୟ ତଥାକଥିତ ସ୍ତରଟି ଅର୍ଥାତ୍ ପୁରୁଣା ପରିଭାଷାରେ କହିଲେ ସେହି ଧାତୁଜଗତ୍, ତଥା ବିଜ୍ଞାନଦ୍ୱାରା ଆବିଷ୍କୃତ ହୋଇଥିବା ନୂତନ ରାସାୟନିକ ରାଜ୍ୟଟି ଭିତରେ ବସ୍ତୁତଃ କେଉଁସବୁ ପ୍ରଭେଦ ରହିଛି ?

ସାଧାରଣତଃ ପ୍ରାଣ କହିଲେ ଆମେ ପ୍ରାଣୀବର୍ଗର ଜୀବନକୁହିଁ ବୁଝିଆସିଛୁ ଯେଉଁ ଜଙ୍ଗମ ପ୍ରାଣୀ ନିଃଶ୍ୱାସପ୍ରଶ୍ୱାସ ନିଏ, ଖାଦ୍ୟ ଖାଏ, ସୁଖ-ଦୁଃଖ ଅନୁଭବ କରେ ଓ ଆକାଙ୍‌କ୍ଷା ପୋଷଣ କରେ, ତାହାର ଜୀବନକୁହିଁ ବୁଝିଛୁ । ଏବଂ ଉଦ୍‌ଭିଦର ପ୍ରାଣ ବିଷୟରେ କହିଲାବେଳେ ଆମେ ବାସ୍ତବ ସତ୍ୟ ଅପେକ୍ଷା ପ୍ରାୟ ଏକ ଆଲଙ୍କାରିକତା ହିସାବରେ ସେଭଳି କହିଆସିଛୁ । କାରଣ ଉଦ୍‌ଭିଦର ଜୀବନକୁ ଜୀବଜଗତ୍ କିମ୍ବା ଜୀବବିଜ୍ଞାନର ଏକ ବ୍ୟାପାରରୂପେ ନଦେଖି ଆମେ ତାହାକୁ ଏକ ତୁଚ୍ଛା ଜଡ଼ଜଗତର ପ୍ରକ୍ରିୟା ବୋଲି ବିଚାର କରିଆସିଛୁ । ବିଶେଷତଃ ଶ୍ୱାସପ୍ରକ୍ରିୟାକୁ ଆମେ ଜୀବନ ସହିତ ଅପରିହାର୍ଯ୍ୟ ବୋଲି ଦେଖିଛୁ । ପ୍ରାୟସବୁ ଭାଷାରେ ଶ୍ୱାସକୁହିଁ ଜୀବନ ବୋଲି ବୁଝାଯାଇଛି । 'ପ୍ରାଣବାୟୁ' କହିଲେ ଆମେ ସାଧାରଣତଃ ଯାହା ବୁଝିଆସିଛୁ, ତାହାର କଳ୍ପନାଟିକୁ ବଦଳାଇ ଦେଲେ ଏହି ସୂତ୍ରଟିକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କରିବା ସମ୍ଭବ ହେବ । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ସ୍ୱତଃସ୍ଫୂର୍ତ୍ତି ଭାବରେ ଯାଇଆସି ପାରିବା, ନିଃଶ୍ୱାସ ନେବା ବା ଖାଦ୍ୟ ଖାଇବା ଏସବୁ କେବଳ ପ୍ରାଣର ଗୋଟିଏ ଗୋଟିଏ ପ୍ରକ୍ରିୟା ମାତ୍ର, ଏଗୁଡ଼ିକ ପ୍ରାଣ ନୁହନ୍ତି । ଆମର ଉତ୍‌ପ୍ରେରକା ଶକ୍ତି ଅର୍ଥାତ୍ ଜୀବନୀଶକ୍ତିର ଉତ୍ପାଦନ ତଥା ସଞ୍ଚାଳନରେ ଏଗୁଡ଼ିକ କେବଳ ସାଧନମାତ୍ର । ଏବଂ ଆମର ଦେହଧାରଣ ନିମିତ୍ତ ପ୍ରୟୋଜନ ହେଉଥିବା ବିଘଟନ ତଥା ପୁନର୍ଗଠନର ସକଳ ପ୍ରକ୍ରିୟାଲାଗି ମଧ୍ୟ ଏଗୁଡ଼ିକର ଆବଶ୍ୟକତା ରହିଛି । ମାତ୍ର ଶ୍ୱାସଗ୍ରହଣ ଓ ଦେହପୋଷଣ ବ୍ୟତୀତ ଅନ୍ୟାନ୍ୟ ଉପାୟରେ ମଧ୍ୟ ଜୀବନୀଶକ୍ତିର ଏହିସବୁ ପ୍ରକ୍ରିୟାକୁ ସଞ୍ଚାଳିତ କରି ରଖିବା ନିଶ୍ଚୟ ସମ୍ଭବ ହୋଇପାରିବ । ଏକଥା ମଧ୍ୟ ପ୍ରମାଣିତ ହୋଇ ସାରିଲାଣି ଯେ ଶ୍ୱାସପ୍ରକ୍ରିୟା ଓ ହୃତ୍‌ସ୍ପନ୍ଦନ ଅସ୍ଥାୟୀ ଭାବରେ ସ୍ଥଗିତ ହୋଇଗଲେ ମଧ୍ୟ ଏବଂ ଜୀବନଧାରଣ ଲାଗି ଆଗରୁ ଅପରିହାର୍ଯ୍ୟ ବୋଲି ବିଚାର କରାଯାଇଥିବା ଅନ୍ୟାନ୍ୟ ଅବସ୍ଥାକୁ ବନ୍ଦକରି ଦିଆଗଲେ ମଧ୍ୟ ତଥାପି ମନୁଷ୍ୟର ଜୀବନ ବି ଶରୀର ଭିତରୁ ଛାଡ଼ିଯିବ ନାହିଁ ଏବଂ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ସଚେତନ ଅବସ୍ଥାରେ ବର୍ତ୍ତମାନ ରହିଥିବ । ପୁଣି ନୂତନ ବୈଜ୍ଞାନିକ ତଥ୍ୟଦ୍ୱାରା ଏବେ ଏକଥା ପ୍ରମାଣ କରିବାର ଚେଷ୍ଟା ହେଲାଣି ଯେ ଠିକ୍ ଆମରି ପରି ଉଦ୍ଭିଦର ମଧ୍ୟ ଅନ୍ତତଃ ଏକ ଶାରୀରିକ ଜୀବନ ରହିଛି । ଉଦ୍ଭିଦ ଭିତରେ ସଚେତନ ପ୍ରତିକ୍ରିୟାର ଶକ୍ତି ରହିଛି ବୋଲି ସ୍ୱୀକାର କରାଯାଇ ନଥିଲେ ମଧ୍ୟ ଅନ୍ତତଃ ଏତିକି ସତ୍ୟର ପ୍ରତିଷ୍ଠା ହୋଇ ସାରିଲାଣି । ଉଦ୍ଭିଦର ଶରୀରଗତ ଜୀବନରେ ମଧ୍ୟ ମୂଳତଃ ଆମରି ଭଳି ଏକ ସଂଗଠନ ରହିଛି । ଅବଶ୍ୟ ବାହ୍ୟ ଗଠନରେ ତାହା ଆମଠାରୁ ପୃଥକ୍ ବୋଲି ବୋଧ ହେଉଛି । ଯଦି ତାହା ସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ ଆମକୁ ତଥାପି ସହଜ ପାରମ୍ପରିକ ଭାବରେ ଆମ ଭିତରେ ବଦ୍ଧମୂଳ ହୋଇ ରହିଥିବା ପୁରୁଣା ମିଥ୍ୟାଧାରଣାଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ପରିଷ୍କାର କରିଦେବାକୁ ପଡ଼ିବ ଏବଂ କେବଳ ଲକ୍ଷଣ ଓ ବହିର୍ବ୍ୟାପାରଗୁଡ଼ିକୁ ଅତିକ୍ରମ କରି ବିଶ୍ୱସୃଷ୍ଟିର ମୂଳକୁ ଯିବାକୁ ପଡ଼ିବ ।

ଆପଣାର କେତେକ ଆଧୁନିକ ଆବିଷ୍କାରରେ* ଜଣେ ବିଖ୍ୟାତ ଭାରତୀୟ ପଦାର୍ଥବିତ୍ ଆମର ଦୃଷ୍ଟି ଆକର୍ଷଣ କରି ପ୍ରମାଣ କରିଛନ୍ତି ଯେ କୌଣସି ଉତ୍ପ୍ରେରକ

---

* ଆମର ଏହି ଆଲୋଚନାରେ ଜଡ଼ସ୍ଥ ପ୍ରାଣର ପ୍ରକୃତି ତଥା ପ୍ରକ୍ରିୟା ବିଷୟରେ ଯାହାସବୁ କୁହାଯାଇଛି, ତାହାକୁ ପ୍ରମାଣ କରି ଦେଖାଇଦେବାକୁ ନୁହେଁ, ମାତ୍ର ତାହାର ଉଦାହରଣ ସ୍ୱରୂପହିଁ ଆଧୁନିକ ବିଜ୍ଞାନ-ଗବେଷଣାରୁ ଅଣାଯାଇଥିବା କଥାଗୁଡ଼ିକ ଏଠାରେ କୁହାଯାଇଛି । ବିଜ୍ଞାନ ତଥା ତତ୍ତ୍ୱବିଜ୍ଞାନ (ତାହା କେବଳ ଶୁଦ୍ଧ ବୁଦ୍ଧିଗତ ଅନୁମାନକୁ ଆଧାର କରି ଠିଆ ହୋଇଥାଉ କିମ୍ବା ଭାରତବର୍ଷ ଭଳି ସବିଶେଷତଃ ଅଧ୍ୟାତ୍ମ ଦୃଷ୍ଟି ଓ ଅଧ୍ୟାତ୍ମ ଅନୁଭବ ଉପରେ ପ୍ରତିଷ୍ଠିତ ରହିଥାଉ ପଛକେ) ଉଭୟର ଆପଣା ଆପଣାର ସ୍ୱତନ୍ତ୍ର ଗବେଷଣା କ୍ଷେତ୍ର ଏବଂ ଗବେଷଣାପଦ୍ଧତିମାନ ରହିଛି । ବିଜ୍ଞାନ ନିଜର ସିଦ୍ଧାନ୍ତଗୁଡ଼ିକୁ ନେଇ ତତ୍ତ୍ୱଜ୍ଞାନୀ ଉପରେ ଲଦିଦେଇ ପାରିବ ନାହିଁ କିମ୍ବା ତତ୍ତ୍ୱ ବିଜ୍ଞାନ ମଧ୍ୟ ଆପଣାର ସିଦ୍ଧାନ୍ତଗୁଡ଼ିକୁ ନେଇ ବୈଜ୍ଞାନିକ ଉପରେ ଲଦିଦେଇ ପାରିବ ନାହିଁ । ତଥାପି ପରମ ସତ୍ତା ଓ ପ୍ରକୃତିସତ୍ତା ମଧ୍ୟରେ ସେମାନଙ୍କର ପ୍ରତ୍ୟେକ ଅବସ୍ଥାରେ ସେମାନଙ୍କର ଅନ୍ତର୍ନିହିତ ଏକ ସାଧାରଣ ସତ୍ୟର ପ୍ରକାଶ କରୁଥିବା ନାନା ସାମଞ୍ଜସ୍ୟର ଏକ ଧାରା ରହିଛି ବୋଲି ଯଦି ଆମେ ଏକ ଯୁକ୍ତିଯୁକ୍ତ ବିଶ୍ୱାସରୂପେ ଗ୍ରହଣ କରିପାରିବା, ତେବେ ଭୌତିକ ବିଶ୍ୱଜଗତର ସତ୍ୟଗୁଡ଼ିକ ଯେ ନିଖିଳ ବିଶ୍ୱଜଗତରେ କ୍ରିୟାଶୀଳ ହୋଇ ରହିଥିବା ପରମା ଶକ୍ତିର ପ୍ରକୃତି ତଥା ପ୍ରକ୍ରିୟା ଉପରେ ମଧ୍ୟ କେତେକ ପରିମାଣରେ ଆଲୋକପାତ କରିପାରିବେ, ସେକଥାଟିକୁ ଅନୁମାନ କରିପାରିବା ପାଇଁ ଆମକୁ ଆଉ କୌଣସି ଅଡ଼ୁଆ ଲାଗିବ ନାହିଁ । ଏହି ଆଲୋକପାତକୁ ଆମେ କଦାପି ଏକ ପରିପୂର୍ଣ୍ଣ ଆଲୋକପାତ ବୋଲି କହିପାରିବା ନାହିଁ, କାରଣ ଆପଣାର ଗବେଷଣା-ପରିସରରେ ପଦାର୍ଥବିଜ୍ଞାନ ମଧ୍ୟରେ ସ୍ୱଭାବତଃ ନାନା ଅପୂର୍ଣ୍ଣତା ରହିଛି ଏବଂ ପରମା ଶକ୍ତିର ରହସ୍ୟମୟ ଗତିକ୍ରିୟାଗୁଡ଼ିକୁ ବୁଝିବାଲାଗି ତାହାପାଖରେ କୌଣସି ଉପଯୁକ୍ତ ସାଧନ ମହଜୁଦ ନାହିଁ ।

'oaob.nitrkl.ac.in' images reprocessed

ଲାଗି ଆପଣାର ପ୍ରତିକ୍ରିୟା ବ୍ୟକ୍ତ କରି ପାରିବାକୁହିଁ ଆମେ ଜୀବନର ଅସ୍ତିତ୍ୱ ସମ୍ବନ୍ଧରେ ଏକ ସୁନିଶ୍ଚିତ ସଙ୍କେତରୂପେ ଗ୍ରହଣ କରିବା । ଏହି ଅବସ୍ଥାରଗୁଡ଼ିକର ସିଦ୍ଧାନ୍ତଗୁଡ଼ିକୁ ଗ୍ରହଣ କରାଗଲେ ତାହା ଜଡ଼ସ୍ଥ ପ୍ରାଣର ସମସ୍ୟାଟି ଉପରେ ଏକ ଗମ୍ଭୀର ଆଲୋକପାତ କରିପାରିବ । ସ୍ୱଦତ୍ତ ତଥ୍ୟଗୁଡ଼ିକ ଦ୍ୱାରା ସେ ବିଶେଷତଃ ଉଦ୍ଭିଦ-ଜଗତର ନାନା ଜୀବନବ୍ୟାପାରକୁ ଆଲୋକର ପରିସର ଭିତରକୁ ଆଣି ପାରିଛନ୍ତି । ଉଦ୍ଭିଦ-ଜୀବନର ନାନା ସୂକ୍ଷ୍ମ କ୍ରିୟାବିକ୍ରିୟାକୁ ସେ ନାନା ଦୃଷ୍ଟାନ୍ତ ଦେଇ ଦେଖାଇ ଦେଇଛନ୍ତି । ମାତ୍ର ଆମେ ଏକଥା ମଧ୍ୟ କଦାପି ଭୁଲି ଯିବାନାହିଁ ଯେ ତାଙ୍କର ପ୍ରଧାନ ପ୍ରଧାନ ତଥ୍ୟଗୁଡ଼ିକରେ ସେ ଉଦ୍ଭିଦ-ଜୀବନ ବିଷୟରେ ଯାହାସବୁ ପ୍ରମାଣ କରିଛନ୍ତି, ଧାତୁଜଗତରେ ମଧ୍ୟ ଆମେ ମୂଳତଃ ସେହିଗୁଡ଼ିକୁହିଁ ସତ୍ୟ ବୋଲି ଗ୍ରହଣ କରିବା । ଜୀବନୀଶକ୍ତି, ଉତ୍ତପ୍ରେରକ ସମ୍ମୁଖରେ ପ୍ରତିକ୍ରିୟା, ଜୀବନରୂପୀ ଭାବାତ୍ମକ ତଥା ମରଣରୂପୀ ଅଭାବାତ୍ମକ ଅବସ୍ଥାଗୁଡ଼ିକର କ୍ଷେତ୍ରରେ ସେ ଉଦ୍ଭିଦ ବିଷୟରେ ଯାହା କହିଛନ୍ତି, ଧାତୁଜଗତରେ ମଧ୍ୟ ସେଗୁଡ଼ିକ ଠିକ୍ ସେହିପରି ସମାନଭାବରେ ଲାଗୁ ହୋଇପାରିବ । ଅବଶ୍ୟ ଧାତୁର କ୍ଷେତ୍ରରେ ସେଭଳି ପ୍ରଚୁର ପ୍ରମାଣ ଦେବା ସମ୍ଭବ ହେବ ନାହିଁ, ଉଦ୍ଭିଦ ତଥା ଧାତୁର ଜଗତରେ ଜୀବନର ସଂଗଠନ ଅବିକଳ ଏକାପରି ବୋଲି ଦେଖାଇବା ଆଦୌ ସମ୍ଭବ ହେବ ନାହିଁ । ମାତ୍ର ଏକଥା ହୁଏତ ସମ୍ଭବ ଯେ ଆବଶ୍ୟକ ସୂକ୍ଷ୍ମତାବିଶିଷ୍ଟ ବୀକ୍ଷଣ ଓ ପରୀକ୍ଷଣର ଉପଯୁକ୍ତ ସାଧନର ଉଦ୍ଭାବନ ହୋଇପାରିଲେ ଧାତୁ ଓ ଉଦ୍ଭିଦର ଜୀବନ ମଧ୍ୟରେ ରହିଥିବା ହୁଏତ ଅଧିକ ସାମଞ୍ଜସ୍ୟମାନ ଆବିଷ୍କୃତ ହୋଇପାରିବ । ଏବଂ ଏପରି ନହୋଇ ପାରିଲେ ମଧ୍ୟ ହୁଏତ ଏହି ଦୁଇଟି ଜଗତ୍ ମଧ୍ୟରେ ସମାନଧର୍ମୀ ଜୀବନ-ସଂଗଠନ ମହଜୁଦ୍ ନାହିଁ ଅଥବା ଆଦୌ କୌଣସି ଜୀବନ-ସଂଗଠନ ମହଜୁଦ୍ ନାହିଁ ବୋଲି ଜଣା ପଡ଼ିଯିବ; ମାତ୍ର ଜୀବନୀଶକ୍ତିର ପ୍ରଥମ ଉନ୍ମେଷମାନ ଅବଶ୍ୟ ମହଜୁଦ୍ ରହିଛି ବୋଲି ସୂଚନା ମିଳିବ । ମାତ୍ର ଯେତେ ଅସ୍ପଷ୍ଟ ଓ ପ୍ରାଥମିକ ଲକ୍ଷଣାବସ୍ଥାରେ ହେଉ ପଛକେ, ଧାତୁ ଭିତରେ ଯଦି ଜୀବନ ମହଜୁଦ୍ ରହିଥାଏ, ତେବେ ମୃତ୍ତିକା ଭିତରେ ତଥା ଧାତୁର ସମଜାତୀୟ ଅନ୍ୟାନ୍ୟ ଜଡ଼ପଦାର୍ଥରେ ବି ସମ୍ଭବତଃ ସଂବୃତ, ପ୍ରାଥମିକ ଅଥବା ଉପାଦାନଗତ ଭାବରେ ହେଲେ ମଧ୍ୟ ଜୀବନ ତଥାପି ମହଜୁଦ୍ ରହିଛି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ଆମ ଗବେଷଣାର ତାତ୍କାଳିକ ସାଧନମାନ କାମ ଦେବାରେ ଅସମର୍ଥ ହୋଇପଡ଼ିବା ମାତ୍ରକେ ଅଟକିଯିବାକୁ ବାଧ୍ୟ ନହୋଇ ଆମର ଅନୁସନ୍ଧାନଗୁଡ଼ିକରେ ଆଉଟିକିଏ ଆଗକୁ ଯାଇପାରିଲେ, ପ୍ରକୃତ ବିଷୟରେ ଆମର ଆଗରୁ ଯେଉଁ ନିଶ୍ଚିତ ଅଭିଜ୍ଞତାମାନ ରହିଛି, ସେଥିରୁ ଆମେ ହୁଏତ ନିଶ୍ଚିତଭାବରେ କହିପାରିବା ଯେ ପ୍ରକୃତିର କୌଣସି ଦୁଇଟି ଜଗତସ୍ତର ମଧ୍ୟରେ କେଉଁଠିହେଲେ କୌଣସି ବ୍ୟବଚ୍ଛେଦ ପଡ଼ିଯାଇ ନାହିଁ ବୋଲି ଆମର ଗବେଷଣା ପରିଶେଷରେ ସ୍ପଷ୍ଟ

'oaob.nitrkl.ac.in' images reprocessed

ପ୍ରମାଣ କରିଦେବ । ମୃତ୍ତିକା ତଥା ମୃତ୍ତିକାରେହିଁ ଜାତ ହେଉଥିବା ଧାତୁଭିତରେ, ଅଥବା ଧାତୁଜଗତ୍ ତଥା ଉଦ୍ଭିଦଜଗତ୍ ଭିତରେ କୋଉଠିହେଲେ କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ଟାଣି ଦିଆହୋଇ ନାହିଁ । ଏବଂ ସମନ୍ୱୟସୂତ୍ର ଏହି ସୂତ୍ରଟି ଧରି ଆହୁରି ଆଗକୁ ଗଲେ ଆମେ ଏକଥା ମଧ୍ୟ ଜାଣିବାକୁ ପାଇବା ଯେ ମୃତ୍ତିକା ତଥା ଧାତୁକୁ ରୂପ ଦେଇଥିବା ଉପାଦାନ ଓ ଅଣୁଗୁଡ଼ିକ ସହିତ ଉପାଦାନ ଓ ଅଣୁଗୁଡ଼ିକୁ ସମ୍ଭାରି ଧରିଥିବା ମୃତ୍ତିକା ଓ ଧାତୁର ମଧ୍ୟ କୌଣସି ପାର୍ଥକ୍ୟ କେଉଁଠିହେଲେ ନାହିଁ । ଅସ୍ତିତ୍ୱରୂପୀ ଏହି ସୋପାନକ୍ରମର ପ୍ରତ୍ୟେକ ସୋପାନ ପରବର୍ତ୍ତୀ ସୋପାନଟିର ପ୍ରସ୍ତୁତି କରିବାରେ ଲାଗିଛି; ପରବର୍ତ୍ତୀ ସୋପାନଟିରେ ଯାହା ଆବିର୍ଭୂତ ହେବାକୁ ଯାଉଛି, ଏହି ସୋପାନଟି ସେଇଟିକୁ ଆପଣାଭିତରେ ଧାରଣ କରି ରହିଛି । ଜୀବନ ସର୍ବବ୍ୟାପୀ ଓ ସର୍ବଗତ ହୋଇ ରହିଛି; ପ୍ରଚ୍ଛନ୍ନ ହେଉ ବା ପ୍ରକାଶିତ ରୂପରେ ହେଉ, ସୁଗଠିତ ହେଉ ବା ପ୍ରାଥମିକ ଅବସ୍ଥାରେ ହେଉ, କିମ୍ବା ସଂବୃତ ଅଥବା ବିବୃତ ଯେଉଁଭଳି ହେଉ ପଛକେ, ଜୀବନ ସର୍ବବ୍ୟାପ୍ତ ହୋଇ ରହିଛି, ଅବିନାଶୀଭାବେ ବର୍ତ୍ତମାନ ରହିଛି । କେବଳ ରୂପରେ ପାର୍ଥକ୍ୟ ରହିଛି, କେବଳ ଗଠନରେହିଁ ଭେଦ ରହିଛି ।

ଏକଥା ଅବଶ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ କୌଣସି ଉତ୍ତେଜକ ଅଭିଘାତଲାଗି ବାହ୍ୟପ୍ରତିକ୍ରିୟା ବ୍ୟକ୍ତ କରିବା ଜୀବନର କେବଳ ଏକ ବହିରଙ୍ଗ ସଙ୍କେତ ମାତ୍ର । ଆମ ଭିତରେ ଚାଲିଥିବା ଶ୍ୱାସକ୍ରିୟା ଓ ରକ୍ତସଞ୍ଚାଳନ ଯେପରି ଏକ ବହିରଙ୍ଗ ସଙ୍କେତ ମାତ୍ର, ଠିକ୍ ସେହିପରି । ପ୍ରୟୋଗକର୍ତ୍ତା କୌଣସି ଏକ ବିଶେଷ ଉତ୍ତେଜକର ପ୍ରୟୋଗ କରିଥା'ନ୍ତି, ସେଇଥିରୁ ସ୍ପଷ୍ଟ ପ୍ରତିକ୍ରିୟାମାନ ବ୍ୟକ୍ତ ହୋଇଥାଏ ଓ ସେହି ପ୍ରତିକ୍ରିୟାଗୁଡ଼ିକୁହିଁ ଆମେ ପ୍ରୟୋଗର ନିମିତ୍ତ ମଧ୍ୟରେ ଅବସ୍ଥିତ ଜୀବନୀଶକ୍ତିର ଏକ ସୂଚକ ବୋଲି ଚିହ୍ନିଥାଉ । ମାତ୍ର ଆପଣାର ସମଗ୍ର ଅସ୍ତିତ୍ୱକାଳ ମଧ୍ୟରେ ଉଦ୍ଭିଦ ଆପଣା ପରିବେଶରୁ ନିରନ୍ତର ଆସୁଥିବା କେତେକେତେ ଉତ୍ତେଜକ ପ୍ରତି ନିରନ୍ତର ଆପଣାର ପ୍ରତିକ୍ରିୟା ବ୍ୟକ୍ତ କରିବାରେ ଲାଗିଛି । ଅର୍ଥାତ୍ ଏହା ଭିତରେ ଏପରି ଏକ ଶକ୍ତି ବିଧୃତ ହୋଇ ରହିଛି, ଯାହାକି ଏହାର ପ୍ରତିବେଶରୁ ଅଭିଘାତରୂପେ ପ୍ରୟୋଗ କରାଯାଉଥିବା ଶକ୍ତିକୁ ସତତ ଆପଣାର ପ୍ରତିକ୍ରିୟା ବ୍ୟକ୍ତ କରିବାରେ ସମର୍ଥ ହେଉଛି । କେହି କେହି ଏକଥା ମଧ୍ୟ କହିଛନ୍ତି ଯେ ଏହିସବୁ ବୈଜ୍ଞାନିକ ଅନୁସନ୍ଧାନ ତଥା ପ୍ରୟୋଗ ଉଦ୍ଭିଦ ଅଥବା ଅନ୍ୟାନ୍ୟ ଜୀବଦେହ ଭିତରେ ପ୍ରାଣଶକ୍ତି ବୋଲି କୌଣସି ପଦାର୍ଥ ନାହିଁ ବୋଲି ପ୍ରମାଣ କରି ଦେଇଛନ୍ତି । ମାତ୍ର ଯେତେବେଳେ ଆମେ ଉଦ୍ଭିଦ ଉପରେ ଏକ ଉତ୍ତେଜକର ପ୍ରୟୋଗ କରାଗଲା ବୋଲି କହୁଛୁ, ସେତେବେଳେ ତଦ୍ୱାରା ଆମେ ଏହାହିଁ ଅବଶ୍ୟ କହିବାକୁ ଚାହୁଁଛୁ ଯେ ଗତିଶୀଳ ସ୍ପନ୍ଦନ-ବିଶିଷ୍ଟ ଏକ ସକ୍ରିୟ ଶକ୍ତିକୁ ସେହି ପଦାର୍ଥଟି ଉପରକୁ ନିର୍ଦ୍ଦେଶିତ କରି

'oaob.nitrkl.ac.in' images reprocessed

ଦିଆଯାଇଛି । ଏବଂ ସେଥିରୁ ଏକ ପ୍ରତିକ୍ରିୟା ହେଉଛି ବୋଲି ଆମେ ଯେତେବେଳେ କହୁଛୁ, ସେତେବେଳେ ଆମେ ତଦ୍ଦ୍ୱାରା ଅବଶ୍ୟ ଏହାହିଁ କହିବାକୁ ଚାହୁଁଛୁ ଯେ ଗତିଶୀଳ ସ୍ପନ୍ଦନ ତଥା ଗ୍ରହଣଶୀଳ କମ୍ପନର ସମର୍ଥ ହେଉଥିବା ଏକ ସକ୍ରିୟ ଶକ୍ତି ସେହି ଅଭିଘାତର ପ୍ରତ୍ୟୁତ୍ତର ଦେଇପାରୁଛି । ଅର୍ଥାତ୍ ଏହି କ୍ଷେତ୍ରରେ ଏକ କମ୍ପନଶୀଳ ଗ୍ରହଣ ତଥା ପ୍ରତ୍ୟୁତ୍ତର ବର୍ତ୍ତମାନ ରହିଛି, ତଥା ବଞ୍ଚିରହିବାର ଓ ବର୍ଦ୍ଧିତ ହେବାର ଏକ ସଂକଳ୍ପ ମଧ୍ୟ ବର୍ତ୍ତମାନ ରହିଛି; ଏବଂ ସେଇଥିରୁହିଁ ସତ୍ତାର ଏହି ରୂପଟି ମଧ୍ୟରେ ଚିତ୍‌ଶକ୍ତିର ଏକ ଅବଚେତନ ଓ ପ୍ରାଣଜଡ଼ମୟ ଏକ ବ୍ୟବସ୍ଥା ପ୍ରଚ୍ଛନ୍ନ ହୋଇ ରହିଥିବାର ସୂଚନା ମିଳିଯାଉଛି । ଏଥିରୁ ଏହି ସତ୍ୟଟିର ସଙ୍କେତ ମିଳୁଛି ଯେ ଅଳ୍ପବହୁତ ସୂକ୍ଷ୍ମ ଓ ସ୍ଥୂଳ ଭାବରେ ବିଭିନ୍ନ ଭୌତିକ ରୂପ ଗ୍ରହଣ କରୁଥିବା ଏକ ସତତ ଗତିସ୍ପନ୍ଦନଶୀଳ ଶକ୍ତି ଯେପରି ଏହି ବିଶ୍ୱରେ ପରିବ୍ୟାପ୍ତ ହୋଇ ରହିଛି, ସେହିପରି ପ୍ରତ୍ୟେକ ଭୌତିକ ଶରୀର ତଥା ପଦାର୍ଥରେ ମଧ୍ୟ ଠିକ୍ ସେହି ସତତ ଗତିଶୀଳ ଶକ୍ତିର ଏକ ସକ୍ରିୟ ଭଣ୍ଡାର ମହଜୁଦ ରହିଛି । ଉଦ୍ଭିଦ, ପ୍ରାଣୀ କିମ୍ବା ଧାତୁ ଯାହାହେଉ ପଛକେ, ଏହି ଶକ୍ତି ସବୁରିଭିତରେ ରହିଛି । ଏହି ଉଭୟର ପରସ୍ପର-ବିନିମୟର ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବା ପ୍ରସଙ୍ଗକୁ ଆମେ ପ୍ରାଣ ବୋଲି କହୁଛୁ । ଏହି କ୍ରିୟାଟିକୁହିଁ ଆମେ ପରମା ପ୍ରାଣଶକ୍ତିର କ୍ରିୟାରୂପେ ଜାଣୁଛୁ; ଏବଂ ଯାହା ଏପରି ଭାବରେ ନିଜକୁ ନିଜେ ଶକ୍ତିସମ୍ବଳିତ ଅର୍ଥାତ୍ କ୍ରିୟାଶୀଳ କରିବାରେ ଲାଗିଛି, ତାହାହିଁ ପ୍ରାଣଶକ୍ତି । ମନଃଶକ୍ତି, ପ୍ରାଣଶକ୍ତି ଏବଂ ଜଡ଼ଶକ୍ତି,—ଏଗୁଡ଼ିକ ସେହି ଗୋଟିଏ ବିଶ୍ୱଶକ୍ତିର ବିଭିନ୍ନ ଗତିପ୍ରକାଶ ମାତ୍ର ।

ଆମ ଆଖିରେ ମୃତ ପରି ଦିଶୁଥିବା ଯେକୌଣସି ରୂପରେ ମଧ୍ୟ ଏହି ଶକ୍ତି ତଥାପି ଅନ୍ତର୍ନିହିତ ହୋଇରହିଛି । ଅବଶ୍ୟ ଏଥିରେ ରହିଥିବା ପ୍ରାଣଶକ୍ତିର ଅଭ୍ୟସ୍ତ କ୍ରିୟାଗୁଡ଼ିକ ଆପାତତଃ ସ୍ଥଗିତ ହୋଇରହିଛି ଏବଂ ସ୍ଥାୟୀରୂପେ ନିଃଶେଷିତ ହେବାକୁ ବସିଛି । କେତେକ ପରିସ୍ଥିତିରେ ମୃତକୁ ମଧ୍ୟ ପୁନରୁଜ୍ଜୀବିତ କରାଯାଇ ପାରିବ । ଅଭ୍ୟସ୍ତ କ୍ରିୟା ଓ ପ୍ରତିକ୍ରିୟାଗୁଡ଼ିକୁ ଏବଂ ସକ୍ରିୟ ଶକ୍ତିର ସଞ୍ଚାଳନକୁ ପୁନର୍ବାର ସଂସ୍ଥାପିତ କରାଇବା ସମ୍ଭବ ହେବ । ଏବଂ ଏଥିରୁ ପ୍ରମାଣ ମିଳୁଛି ଯେ ଯାହାକୁ ଆମେ ପ୍ରାଣ ବୋଲି କହୁଛୁ, ତାହା ସେହି ଶରୀର ମଧ୍ୟରେ ତଥାପି ଅନ୍ତର୍ନିହିତ ହୋଇ ରହିଥିଲା । ଅର୍ଥାତ୍ ଆପଣାର ସାଧାରଣ ଓ ଅଭ୍ୟସ୍ତ ରୀତିରେ ତାହା ସକ୍ରିୟଭାବେ ନଥିଲା । ଆପଣାର ସାଧାରଣ ଶାରୀରିକ ଆଚାର, ଆପଣାର ସ୍ନାୟୁଗତ କ୍ରିୟା ଓ ପ୍ରତିକ୍ରିୟା ତଥା ଆପଣାର ପ୍ରାଣୀସ୍ୱଭାବଗତ ସଚେତନ ମାନସିକ ପ୍ରତିକ୍ରିୟାର ଅଭ୍ୟାସଗୁଡ଼ିକରେ ତାହା ସକ୍ରିୟ ନଥିଲା । ମାତ୍ର ଏହି କଥାଟିକୁ ମାନିନେବା ଆଦୌ ସହଜ ନୁହେଁ ଯେ ଏହି କ୍ଷେତ୍ରରେ ପ୍ରାଣରୂପକ

'oaob.nitrkl.ac.in' images reprocessed

କୌଣସି ଏକ ବିଶେଷ ବସ୍ତୁ ଦେହଭିତରୁ ଏକାବେଳେକେ ବାହାରକୁ ଚାଲିଯାଇଛି, ଏବଂ ସେହି ଦେହକୁ କେହି ଜଣେ ପୁଣି ଉଦ୍‌ପ୍ରେରିତ କରୁଛି ବୋଲି ଅନୁଭବ କରିବାମାତ୍ରକେ ଏହି ପ୍ରାଣ ଦେହ ଭିତରକୁ ପୁଣି ଫେରି ଆସିବ । କାରଣ ଦେହ ସହିତ ପ୍ରାଣକୁ ପୁଣି ଯୋଡ଼ି ଦେବାଲାଗି କୋଉଠି କିଛି ନ ଥିଲେ ଏହା କିପରି ସମ୍ଭବ ହେବ ? ଅପସ୍ମାର ବା ମୂର୍ଚ୍ଛାରୋଗ ସଦୃଶ କେତେକ ସ୍ଥିତିରେ ଦେଖିବାକୁ ମିଳେ ଯେ ଜୀବନର ବାହ୍ୟ ଶାରୀରିକ ସଙ୍କେତ ଓ କ୍ରିୟାମାନ ପ୍ରମିତ ପ୍ରାୟ ରହିଯାଏ, ମାତ୍ର ମନ ସମ୍ପୂର୍ଣ୍ଣଭାବେ ସ୍ୱତନ୍ତ୍ର ଓ ସଚେତନ ରହିଥାଏ । କେବଳ ଦେହର ମାଧ୍ୟମରେ ଆପଣାର ପ୍ରତିକ୍ରିୟାଗୁଡ଼ିକୁ ବ୍ୟକ୍ତ କରିବାର ସାମର୍ଥ୍ୟଟିହିଁ ଲୁପ୍ତ ହୋଇ ଯାଇଥାଏ । ସେତେବେଳେ ଆମେ ଏକଥା କଦାପି କହିପାରିବା ନାହିଁ ଯେ ମୂର୍ଚ୍ଛାରୋଗକବଳିତ ଏହି ମଣିଷଟିର କେବଳ ଦେହଟାହିଁ ମରିଯାଇଛି, ଅର୍ଥାତ୍ ତା'ର ଦେହଭିତରୁ ପ୍ରାଣ ଚାଲିଯାଇଛି, ମାତ୍ର ମନ ଜୀବିତ ରହିଛି, ଏବଂ ତଥାପି ସେହି ଦେହଭିତରେହିଁ ବାସକରୁଛି । ସେତେବେଳେ ଆମେ କେବଳ ଏତିକି କହିପାରିବା ଯେ ଏହି କ୍ଷେତ୍ରରେ କେବଳ ସାଧାରଣ ଦେହକ୍ରିୟା ବନ୍ଦ ହୋଇଯାଇଛି; ମାତ୍ର ମନୋଭୂମିଟି ତଥାପି କ୍ରିୟାଶୀଳ ରହିଛି ।

ସମାଧିର କେତେକ ଅବସ୍ଥାରେ ମଧ୍ୟ ସେହିପରି ଶାରୀରିକ କ୍ରିୟାବିକ୍ରିୟା ଓ ମାନସିକ ବହିଃଚେତନା ବନ୍ଦହୋଇ ଯାଇଥାଏ, ମାତ୍ର ପରେ ପୁନର୍ବାର କାର୍ଯ୍ୟ କରିବାକୁ ଆରମ୍ଭ କରେ । ବେଳେବେଳେ ଅବଶ୍ୟ ଏଥିଲାଗି କୌଣସି ବାହ୍ୟ ଉଦ୍‌ପ୍ରେରକର ପ୍ରୟୋଜନ ହୋଇଥାଏ, ମାତ୍ର ସାଧାରଣତଃ ଆମ ଭିତରୁହିଁ ଅଧିକତର ଭାବରେ ଏକ ସ୍ୱତଃସ୍ଫୂର୍ତ୍ତ କ୍ରିୟାଶୀଳତା ପୁନର୍ବାର ଉନ୍ମେଷିତ ହୋଇ ଆସିଥାଏ । ଏସବୁ ଘଟଣାରେ ଯାହା ଯଥାର୍ଥତଃ ଘଟିଥାଏ, ତାହା ହେଉଛି : ଉପରିଭାଗରେ ବିଚରଣ କରୁଥିବା ମନଃଶକ୍ତି ଅବଚେତନ ମାନସସ୍ତରକୁ ଅପସାରିତ ହୋଇ ଯାଇଥାଏ ତଥା ଉପରିଭାଗରେ ସଞ୍ଚାରିତ ହେଉଥିବା ପ୍ରାଣଶକ୍ତିଟି ମଧ୍ୟ ଅନ୍ତସ୍ଥର ପ୍ରାଣଶକ୍ତି ଭିତରକୁ ଅପସାରିତ ହୋଇ ଯାଇଥାଏ । ହୁଏତ ସମଗ୍ର ମଣିଷଟି ଅବଚେତନ ସତ୍ତା ଭିତରକୁ ଅପସରି ଯାଇଥାଏ ଅଥବା ସେ ତା'ର ବହିର୍ଗତ ସକଳ ଜୀବନସ୍ଫୁରଣାକୁ ଅବଚେତନ ଭିତରକୁ ଅପସାରିତ କରି ନେଇଥାଏ ଏବଂ ତା'ର ଅନ୍ତର୍ଗତ ସତ୍ତାଟି ଅତିଚେତନ ଭିତରକୁ ଉନ୍ନୀତ ହୋଇ ଯାଇଥାଏ । ମାତ୍ର ଆମର ଆଲୋଚ୍ୟ ସର୍ବପ୍ରଧାନ କଥାଟି ହେଉଛି ଯେ ଶରୀର ଭିତରେ ପ୍ରାଣକୁ ଗତିଶୀଳ କରି ରଖିଥିବା ଏହି ଶକ୍ତିଟି ସ୍ୱରୂପତଃ ଯାହା ହୋଇଥାଉ ନା କାହିଁକି, ତାହା ନିଃସନ୍ଦେହ ଭାବରେ ଆପଣାର ବାହ୍ୟ ସକଳ କ୍ରିୟାବିକ୍ରିୟାକୁ ସ୍ଥଗିତ କରି ଦେଇଥାଏ, ମାତ୍ର ତଥାପି ଭିତରେ ଭିତରେ ଦେହପିଣ୍ଡଟିକୁ ଭେଦକରି ରହିଥାଏ ।

'oaob.nitrkl.ac.in' images reprocessed

ଅବଶ୍ୟ ଅବଶେଷରେ ଏଭଳି ଗୋଟିଏ ଅବସ୍ଥା ଆସି ପହଞ୍ଚେ ଯେତେବେଳେ କି ସ୍ଥଗିତ ହୋଇଯାଇଥିବା କ୍ରିୟାଗୁଡ଼ିକୁ ପୁନର୍ବାର ସଞ୍ଚାରିତ କରିପାରିବା ତାହା-ପକ୍ଷରେ ଆଉ ସମ୍ଭବ ହୁଏ ନାହିଁ । ଯେତେବେଳେ ଶରୀର ଉପରେ ଏପରି କୌଣସି ଆଘାତ ଆସି ପହଞ୍ଚେ ଯାହାଦ୍ୱାରା କି ଆପଣାର ଅଭ୍ୟସ୍ତ କ୍ରିୟାନିର୍ବାହ ଲାଗି ଶରୀର ସମ୍ପୂର୍ଣ୍ଣରୂପେ ଅଯୋଗ୍ୟ ଓ ଅସମର୍ଥ ହୋଇପଡ଼େ, ସେତିକବେଳେ ତାହା ଘଟିଥାଏ । କିମ୍ବା ଶରୀରକୁ ସେଭଳି କୌଣସି ଜଖମ ଆସି ନ ପହଞ୍ଚି ଥିଲେ ମଧ୍ୟ ଯେତେବେଳେ ଶରୀରଦ୍ରବ୍ୟଗୁଡ଼ିକର ବିନାଶ ଆରମ୍ଭ ହୋଇଯାଏ, ଅର୍ଥାତ୍ ଯେଉଁ ଅନ୍ତର୍ନିହିତ ଶକ୍ତିଟିହିଁ ପ୍ରାଣକ୍ରିୟାର ପୁନଃସଞ୍ଚାର କରାଇ ପାରନ୍ତା, ତାହା ସମ୍ପୂର୍ଣ୍ଣ ଭାବରେ ସାମର୍ଥ୍ୟହୀନ ହୋଇ ପଡ଼ିବାରୁ ତାହା ଘଟେ । ଯେଉଁ ପରିବେଶ-ଶକ୍ତିର ଉତ୍ପ୍ରେରଣା-ପୁଞ୍ଜ ସହିତ ଏହାର ସତତ ଆଦାନପ୍ରଦାନ ଲାଗି ରହିଥିଲା, ତାହାର ରୂପ ସମ୍ମୁଖରେ ଜୀବନହୀନ ହୋଇ ପଡ଼ିବାରୁ ସେଥିରେ ଏହି ସାମର୍ଥ୍ୟହୀନତା ଆସିଥାଏ । ତଥାପି ସେତେବେଳେ ମଧ୍ୟ ଶରୀର ମଧ୍ୟରେ ପ୍ରାଣ ଥାଏ, ମାତ୍ର ସେହି ଶକ୍ତି ବର୍ତ୍ତମାନ କେବଳ ଶରୀରରୂପୀ ଗୃହଟିକୁ ଭାଙ୍ଗିଦେବାର କାର୍ଯ୍ୟରେହିଁ ବ୍ୟସ୍ତ ରହିଥାଏ । ଏହି ପ୍ରକ୍ରିୟାଟି ଫଳରେ ଶରୀରର ଉପାଦାନଗୁଡ଼ିକ ସେଥିରୁ ବାହାରିଯାଇ ଆଉକୌଣସି ନୂତନ ଶରୀର-ଗଠନରେ ବ୍ୟବହୃତ ହୋଇ ପାରିବା ଲାଗି ମୁକ୍ତ ହୋଇ ରହେ । ରୂପଟିକୁ ଠୁଳ ଓ ଏକତ୍ର କରି ରଖିଥିବା ବିଶ୍ୱଶକ୍ତିର ସଙ୍କଳ୍ପ ଆପଣାର ଏହି କାର୍ଯ୍ୟରୁ ଅବସର ଗ୍ରହଣ କରେ ଓ ଶରୀରକୁ ଭାଙ୍ଗିବାର କାର୍ଯ୍ୟଟିରେ ଆପଣାର ସମର୍ଥନ ଜଣାଏ । ଏବଂ ସେପର୍ଯ୍ୟନ୍ତ ଶରୀରର ଯଥାର୍ଥ ମୃତ୍ୟୁ ସମ୍ଭବ ହୁଏ ନାହିଁ ।

ତେଣୁ ଏହି ଜୀବନ ହେଉଛି ବିଶ୍ୱଶକ୍ତିର ଏକ ଗତିଶୀଳ ଲୀଳାମାତ୍ର । ବିଶ୍ୱଗତ ଏହି ଶକ୍ତିଟି ଭିତରେ ମାନସିକ ଚେତନା ତଥା ସ୍ନାୟୁଗତ ପ୍ରାଣବୃତ୍ତି କୌଣସି ନା କୌଣସି ଆକାରରେ କିମ୍ବା ଅନ୍ତତଃ ତତ୍ତ୍ୱଗତ ଭାବରେ ସର୍ବଦା ଅନ୍ତର୍ନିହିତ ହୋଇ ରହିଥା'ନ୍ତି, ଏବଂ ସେହି କାରଣରୁ ସେଗୁଡ଼ିକ ଆମର ଏହି ଜଗତରେ ଜଡ଼ର ଆକାରଗୁଡ଼ିକ ଭିତରେ ଆସି ଦେଖାଦିଅନ୍ତି ଏବଂ ଆପଣାକୁ କାର୍ଯ୍ୟକାରୀ କରନ୍ତି । ଆପଣାର ଗଠିତ ବିଭିନ୍ନ ରୂପଗୁଡ଼ିକ ଭିତରେ ଉତ୍ପ୍ରେରଣା ତଥା ଉତ୍ପ୍ରେରଣାଜନିତ ପ୍ରତିକ୍ରିୟାର ଏକ ଆଦାନପ୍ରଦାନରୂପେ ବିଶ୍ୱଶକ୍ତିର ପ୍ରାଣଲୀଳାଟି ଆପଣାକୁ ପ୍ରକାଶିତ କରିଥାଏ । ସେହି ରୂପଗୁଡ଼ିକ ମଧ୍ୟରେହିଁ ତାହା ଆପଣାର ନିରନ୍ତର ଗତିଶୀଳ ସ୍ପନ୍ଦନଟିକୁ ଅବାରିତ କରି ରଖିଥାଏ । ଜଗତର ପ୍ରତ୍ୟେକ ରୂପ ସେହି ସାଧାରଣ ଶକ୍ତିର ନିଃଶ୍ୱାସ ଏବଂ ପ୍ରାଣସାମର୍ଥ୍ୟଟିକୁ ସର୍ବଦା ଗ୍ରହଣ କରୁଛି ଓ ତ୍ୟାଗ କରୁଛି, ନାନା ବିଚିତ୍ର ସାଧନର ମାଧ୍ୟମରେ ପ୍ରତ୍ୟେକ ରୂପ ଏହି ଶକ୍ତିକୁହିଁ ଆପଣାର ଆହାର ଓ ପୁଷ୍ଟିରୂପେ ଗ୍ରହଣ କରୁଛି । କେତେବେଳେ

'oaob.nitrkl.ac.in' images reprocessed

ପରୋକ୍ଷଭାବେ ଏହି ଶକ୍ତି ଗଚ୍ଛିତ ହୋଇ ରହିଥିବା ଅନ୍ୟ ରୂପଗୁଡ଼ିକୁ ଆହାର କରୁଛି ଓ ଆଉ କେତେବେଳେ ପ୍ରତ୍ୟକ୍ଷଭାବେ ବାହାରେ ବିଚ୍ଛୁରିତ ହୋଇ ରହିଥିବା ସକ୍ରିୟ ଶକ୍ତିଟିକୁ ଆପଣା ଭିତରକୁ ଟାଣି ନେଉଛି । ଏସବୁ କେବଳ ପ୍ରାଣଶକ୍ତିର ଲୀଳା । ମାତ୍ର ଯେତେବେଳେ ସେହି ଶକ୍ତିର ଅପେକ୍ଷାକୃତ ଅଧିକ ବାହ୍ୟ ତଥା ଜଟିଳ କ୍ରିୟାଗୁଡ଼ିକ ଆମର ଅବଧାରଣାକୁ ଆସିପାରିବା ଭଳି ଯଥେଷ୍ଟ ପରିମାଣରେ ସଂହତ ଓ ସଂଗଠିତ ହୋଇ ରହିଥାଏ, ଏବଂ ବିଶେଷତଃ ଯେତେବେଳେ ଆମର ସକଳ ଅବୟବରେ ସନ୍ନିବିଷ୍ଟ ରହିଥିବା ତଥା ବସ୍ତୁଜଗତ୍ ସହିତ ଆମର ସକଳ ସଂସ୍ପର୍ଶକୁ ସମ୍ଭବ କରାଉଥିବା ସ୍ନାୟବିକ ସଂଗଠନଟିର ମଧ୍ୟଦେଇ ସେହି ପ୍ରାଣଶକ୍ତି ପ୍ରକାଶିତ ହୋଇଥାଏ, ପ୍ରଧାନତଃ ସେତିକବେଳେ ଆମେ ତାହାର ପରିଚୟ ଲାଭ କରିଥାଉ । ଏହି କାରଣରୁହିଁ ଉଦ୍‌ଭିଦ ମଧ୍ୟରେ ପ୍ରାଣ ରହିଛି ବୋଲି ସ୍ୱୀକାର କରିବାକୁ ଆମେ ସଙ୍ଗେ ସଙ୍ଗେ ରାଜି ହୋଇଯାଉ । ଜୀବନର ପ୍ରତିଭାସଟି ସେଠାରେ ସ୍ପଷ୍ଟ ଦୃଷ୍ଟିଗୋଚର ହୋଇଥାଏ । ଏବଂ ସ୍ନାୟବିକ କ୍ରିୟାଶୀଳତାର ଲକ୍ଷଣଗୁଡ଼ିକୁ ପ୍ରକାଶ କରିବାଲାଗି ଏହି ଉଦ୍‌ଭିଦର ସାମର୍ଥ୍ୟ ରହିଛି ଏବଂ ଉଦ୍‌ଭିଦ ତଥା ଆମ ଭିତରେ ପ୍ରାଣର ଗଠନକ୍ରମ ଓ କାର୍ଯ୍ୟପ୍ରଣାଳୀରେ ମୂଳତଃ ଖୁବ୍‌ବେଶୀ ପ୍ରଭେଦ ନାହିଁ ବୋଲି କେହି ଆମକୁ ପ୍ରମାଣ କରି ଦେଖାଇଦେଲେ ଏହା ଆହୁରି ସହଜ ହୋଇଥାଏ । ମାତ୍ର ଧାତୁ, ମୃତ୍ତିକା ତଥା ରାସାୟନିକ ଅଣୁ ଭିତରେ ପ୍ରାଣ ରହିଛି ବୋଲି ସ୍ୱୀକାର କରିବାଲାଗି ଆମେ ଅନିଚ୍ଛୁକତା ଦେଖାଉ । କାରଣ ସେସବୁ କ୍ଷେତ୍ରରେ ଏହିସବୁ ବାହ୍ୟ ବିକାଶକ୍ରିୟାଗୁଡ଼ିକୁ ଠଉରାଇ ପାରିବାଲାଗି ଆୟାସ ସ୍ୱୀକାର କରିବାକୁ ପଡ଼ିଥାଏ ଏବଂ ବାହାରୁ ଦେଖିଲେ ଏହା ସେଗୁଡ଼ିକ ଭିତରେ ପ୍ରକୃତରେ ଅବସ୍ଥିତ ରହିଛି ବୋଲି ଆଦୌ ମନେହୁଏ ନାହିଁ ।

ମାତ୍ର ଏହି ପାର୍ଥକ୍ୟଟିକୁ ଏକ ମୌଳିକ ପାର୍ଥକ୍ୟ ବୋଲି ମାନିବାଲାଗି ପ୍ରକୃତରେ କୌଣସି ଔଚିତ୍ୟ ରହିଛି କି ? ଉଦାହରଣସ୍ୱରୂପ, ଆମଭିତରେ ରହିଥିବା ପ୍ରାଣ ଏବଂ ଉଦ୍‌ଭିଦ ଭିତରେ ରହିଥିବା ପ୍ରାଣ ମଧ୍ୟରେ କି ପାର୍ଥକ୍ୟ ଅଛି ? ଆମେ କହିବା, ଏଠାରେ ଦୁଇଟି ପାର୍ଥକ୍ୟ ରହିଛି । ପ୍ରଥମତଃ, ଆମେ ଏଠିକୁ ସେଠିକୁ ଯାଇଆସି ପାରୁଛୁ, ମାତ୍ର ଉଦ୍‌ଭିଦ ତାହା କରିପାରୁ ନାହିଁ । ମାତ୍ର ସ୍ପଷ୍ଟତଃ ଏହି ସାମର୍ଥ୍ୟଟିକୁ ପ୍ରାଣକ୍ରିୟାର ଗୋଟିଏ ମୂଳ ଲକ୍ଷଣ ବୋଲି ମୋଟେ କୁହାଯାଇ ପାରିବ ନାହିଁ । ଦ୍ୱିତୀୟତଃ, ଆମ ଭିତରେ ସଚେତନ ବୋଧଶକ୍ତି ରହିଛି ଏବଂ ଆମେ ଯେତେଦୂର ଜାଣିଛୁ, ଏପର୍ଯ୍ୟନ୍ତ ଉଦ୍‌ଭିଦ ମଧ୍ୟରେ ସେହି ଶକ୍ତିଟିର ବିକାଶ ହୋଇ ନାହିଁ । ସବଦା ଓ ସବତୋଭାବେ ନହେଲେ ମଧ୍ୟ ଆମର ସ୍ନାୟୁଗତ ପ୍ରତିକ୍ରିୟାଗୁଡ଼ିକ ଅନେକ ପରିମାଣରେ ଆମ ମନ ଭିତରେ ମଧ୍ୟ ସଚେତନ

'oaob.nitrkl.ac.in' images reprocessed

ଇନ୍ଦ୍ରିୟବୋଧର ଏକ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଆମର ମନ ଲାଗି, ସ୍ନାୟୁମଣ୍ଡଳ ଲାଗି ଏବଂ ସ୍ନାୟବିକ କ୍ରିୟାଦ୍ୱାରା ଆଲୋଡ଼ିତ ହେଉଥିବା ଆମର ଦେହ ଲାଗି ସେହି ପ୍ରତିକ୍ରିୟାଗୁଡ଼ିକର ଅବଶ୍ୟ ଏକ ମୂଲ୍ୟ ରହିଛି । ଉଦ୍ଭିଦ ଭିତରେ ମଧ୍ୟ ସ୍ନାୟୁଗତ ବୋଧର ଲକ୍ଷଣମାନ ରହିଥିବା ପରି ମନେହୁଏ; ଆପଣା ଜୀବନରେ ଯାହାକୁ ଆମେ ଦେହଗତ ସୁଖ ଓ ଦୁଃଖ, ଜାଗ୍ରତାବସ୍ଥା ଓ ନିଦ୍ରାବସ୍ଥା, ଉଲ୍ଲାସ, ଅବସାଦ ଅଥବା ଶ୍ରାନ୍ତି ବୋଲି କହୁ, ଉଦ୍ଭିଦ ଭିତରେ ମଧ୍ୟ ସେହିଗୁଡ଼ିକ ରହିଛି ବୋଲି ବୋଧହୁଏ । ସ୍ନାୟବିକ କ୍ରିୟାଦ୍ୱାରା ଆମର ଦେହ ପରି ଉଦ୍ଭିଦର ଦେହ ମଧ୍ୟ ଆଲୋଡ଼ିତ ହୋଇଥାଏ, ମାତ୍ର ସଚେତନ ମାନସିକ ବୋଧର ସ୍ପଷ୍ଟ ପ୍ରମାଣ ଦେବାଭଳି ସେଥିରେ ଆଦୌ କୌଣସି ସଙ୍କେତ ନଥାଏ । ମାତ୍ର ମନ ବା ପ୍ରାଣର ଯେଉଁକ୍ଷେତ୍ରରେ ଏହି ବୋଧଟି ଅନୁଭୂତ ହେଉ ପଛକେ, ଏହି ବୋଧକୁ କେବଳ ବୋଧ ବୋଲିହିଁ ସ୍ୱୀକାର କରିବାକୁ ପଡ଼ିବ, ଏବଂ ବୋଧ ହେଉଛି ଚେତନାର ଏକ ଅନ୍ୟତମ ରୂପ । କୌଣସି ସଂସ୍ପର୍ଶର ବଶବର୍ତ୍ତୀ ହୋଇ ଯେତେବେଳେ ଏକ ସ୍ପର୍ଶକାତର ଉଦ୍ଭିଦ ନିଜକୁ ସଙ୍କୁଚିତ କରିଆଣେ, ସେତେବେଳେ ସେହି ସଂସ୍ପର୍ଶ ତାହାର ସ୍ନାୟୁମଣ୍ଡଳ ଭିତରକୁ ବି ସଞ୍ଚାରିତ ହୋଇ ଯାଇଥିବା ପରି ମନେହୁଏ; ସତେଯେପରି ଉଦ୍ଭିଦ ଭିତରେ ରହିଥିବା କୌଣସି ଏକ ଉପାଦାନ ଏହି ସଂସ୍ପର୍ଶଟିକୁ ଆଦୌ ସ୍ୱାଗତ କରୁ ନାହିଁ ଓ ସେହି କାରଣରୁହିଁ ଆପଣାକୁ ସଙ୍କୁଚିତ କରିନେଉଛି ବା ଅପସରାଇ ନେଇଯାଉଛି, ସେହିପରି ମନେ ହୋଇଥାଏ । ଅର୍ଥାତ୍ ଆମଭିତରେ ଯେଉଁଭଳି ଏକ ଅବଚେତନ କାର୍ଯ୍ୟ କରୁଛି, ଉଦ୍ଭିଦ ଭିତରେ ମଧ୍ୟ ସେହିଭଳି ଏକ ଅବଚେତନ-ବୋଧ ବର୍ତ୍ତମାନ ରହିଛି । ଏହିସବୁ ଅବଚେତନ-ବୋଧ ଘଟିବାର ଅନେକ ସମୟ ପରେ ଏବଂ ସ୍ନାୟୁସଂଗଠନ ଉପରେ ସେଗୁଡ଼ିକର ବହିକ୍ରିୟା ବନ୍ଦ ହୋଇଯିବା ପରେ ମଧ୍ୟ ମନୁଷ୍ୟର ଜୀବନ-କ୍ଷେତ୍ରରେ ସେହି ବୋଧ ଓ ତଜ୍ଜନିତ ଅବଧାରଣାଗୁଡ଼ିକୁ ଚୈତନ୍ୟର ବହିର୍ଦ୍ଦେଶକୁ ଆହରଣ କରି ଆଣିବା ଆଦୌ ଅସମ୍ଭବ ନୁହେଁ । ଏବଂ ଆମଭିତରେ ଆମ ସଚେତନ ମନଃସ୍ତରଠାରୁ ଅଧିକ ବୃହତ୍ ତଥା ଅଧିକ ବ୍ୟାପକ ଏକ ଅବଚେତନ ମାନସସ୍ତର ନିଶ୍ଚୟ ରହିଛି ବୋଲି ଅକାଟ୍ୟ ଭାବରେ ଘୋଷଣା କରୁଥିବା ପ୍ରମାଣଗୁଡ଼ିକର ସ୍ତୂପଟି ଦିନକୁଦିନ ଅଧିକରୁ ଅଧିକ ଉଚ୍ଚ ହେବାରେ ଲାଗିଛି । କିନ୍ତୁ ଉଦ୍ଭିଦ ଭିତରେ ବାହାରକୁ ସତର୍କ ଓ ସଚେତନ ବୋଲି ଦେଖାଯାଉଥିବା ଏପରି କୌଣସି ମନ ନାହିଁ ଯାହାକୁ କି ଆପଣାର ଅବଚେତନ ବୋଧଗୁଡ଼ିକର ମୂଲ୍ୟାଙ୍କନ କରିବାଲାଗି ଜାଗ୍ରତ କରାଯାଇ ପାରିବ । ମାତ୍ର କେବଳ ଏହି କାରଣଟିରୁହିଁ ଆମେ ବୋଧଗତ ମୂଳଭୂତ ଏକତାଟିକୁ ଭୁଲ ବୋଲି କହି କାଟିଦେଇ ପାରିବା ନାହିଁ । ମନୁଷ୍ୟ ତଥା ଉଦ୍ଭିଦ ଉଭୟଙ୍କ ଭିତରେ ସେହି ଅବଚେତନ-ବୋଧ ବର୍ତ୍ତମାନ ରହିଛି । ତେଣୁ ସେଗୁଡ଼ିକ ଯାହାକୁ ପ୍ରକାଶ

'oaob.nitrkl.ac.in' images reprocessed

କରୁଛନ୍ତି, ତାହା ମଧ୍ୟ ଅବଶ୍ୟ ସମାନଧର୍ମୀ ହୋଇ ରହିବ; ଅର୍ଥାତ୍ ମଣିଷର ଏକ ଅବଚେତନ ମନ ରହିଛି ବୋଲି ସ୍ୱୀକାର କଲେ ଉଦ୍ଭିଦ ଭିତରେ ମଧ୍ୟ ତାହାର ଅବସ୍ଥିତିକୁ ସ୍ୱୀକାର କରିନେବାକୁ ପଡ଼ିବ । ଏବଂ ଏକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରେ ଯେ ଧାତୁ ମଧ୍ୟରେ ବି ଅବଚେତନ ବୋଧର ଏକ ପ୍ରାଣଲୀଳା ବଡ଼ ଅସ୍ପଷ୍ଟଭାବରେ ବର୍ତ୍ତମାନ ରହିଛି । ଅବଶ୍ୟ ଧାତୁଭିତରେ ସ୍ନାୟୁଗତ ପ୍ରତିକ୍ରିୟାର ସମବାଚୀ କୌଣସି ଶାରୀରିକ ଆଲୋଡ଼ନ ଆଦୌ ଦୃଷ୍ଟିଗୋଚର ହେଉ ନାହିଁ । ମାତ୍ର ଉଦ୍ଭିଦ ଭିତରେ ଏଠୁ ସେଠାକୁ ଯିବାଆସିବା କରିପାରିବାର ସାମର୍ଥ୍ୟ ନାହିଁ ବୋଲି ଯେପରି ତଦ୍ଦ୍ୱାରା ତାହାଭିତରେ ଅବସ୍ଥିତ ପ୍ରାଣଶକ୍ତିରେ କୌଣସି ମୌଳିକ ପାର୍ଥକ୍ୟ ଘଟୁ ନାହିଁ, ସେହିଭଳି ଧାତୁରେ କୌଣସି ଶାରୀରିକ ଆଲୋଡ଼ନ ପରିଲକ୍ଷିତ ହେଉ ନାହିଁ ବୋଲି ତଦ୍ଦ୍ୱାରା ତାହା ଭିତରେ ଅବସ୍ଥିତ ପ୍ରାଣଶକ୍ତି ବିଷୟରେ ଆଦୌ କୌଣସି ପାର୍ଥକ୍ୟ ଉପୁଜିବ ନାହିଁ ।

ଯେତେବେଳେ ଏହି ଶରୀର ଭିତରେ ଚେତନ ଅବଚେତନରେ ପରିଣତ ହୁଏ କିମ୍ବା ଯେତେବେଳେ ଅବଚେତନ ଚେତନରେ ପରିଣତ ହୁଏ, ସେତେବେଳେ କ'ଣସବୁ ଘଟେ ? ଅସଲ ପାର୍ଥକ୍ୟଟି ହେଉଛି ଯେ ଚିତ୍‌ଶକ୍ତି ଆପଣା କର୍ମ ସଞ୍ଚାରଣର ଗୋଟିଏ ଅଂଶରେ ଆପଣାକୁ ଅଭିନିବିଷ୍ଟ କରି ରଖେ, ସେହିଥିରେ ମୋଟାମୋଟି ଏକାନ୍ତଭାବେ କେନ୍ଦ୍ରୀଭୂତ ହୋଇ ରହେ । ଏହି ଚିତ୍‌ଶକ୍ତିର କେତେକ ବିଶେଷ କେନ୍ଦ୍ରୀଭୂତ ଅବସ୍ଥାରେ ପ୍ରଜ୍ଞାନର ଯେଉଁ ବୃତ୍ତିଟିକୁ ଆମେ ମନଶ୍ଚେତନା ବୋଲି କହୁ, ତାହାର ସଚେତନ ସକଳ କ୍ରିୟାଶୀଳତା ପ୍ରାୟ ବା ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଯାଏ । ଅଥଚ ଶରୀର, ସ୍ନାୟୁମଣ୍ଡଳ ତଥା ଇନ୍ଦ୍ରିୟବୋଧ ଅଦୃଶ୍ୟଭାବେ ସତତ କାର୍ଯ୍ୟ କରିବାରେ ଲାଗିଥାଏ । ଅର୍ଥାତ୍ ସବୁ ଅବଚେତନରେ ପରିଣତ ହୋଇ ଯାଇଥାଏ, ଏବଂ କେବଳ ଗୋଟିଏ ମାତ୍ର କ୍ରିୟା ବା କ୍ରିୟାପ୍ରବାହରେ ମନ ସକ୍ରିୟ ଓ ସଜାଗ୍ର ହୋଇ ରହିଥାଏ । ମୁଁ ଲେଖୁଥିବା ସମୟରେ ଲେଖିବାର ଶାରୀରିକ କାର୍ଯ୍ୟଟି ଅଧିକାଂଶତଃ କିମ୍ବା ବେଳେବେଳେ ସମ୍ପୂର୍ଣ୍ଣରୂପେ ଅବଚେତନ ମନଟିଦ୍ୱାରାହିଁ ସମାହିତ ହେବାରେ ଲାଗିଥାଏ । ଆମ ଭାଷାରେ କହିଲେ ସେତେବେଳେ ଶରୀରରେ ଅଚେତନ ଭାବରେ କେତେକ ସ୍ନାୟବିକ କ୍ରିୟା ଚାଲିଥାଏ; ମନ କେବଳ ଭାବନାଟି-ଦ୍ୱାରା ଅଧିକୃତ ହୋଇ ରହିଥାଏ, ଖାଲି ତାହାର ଭିତରେହିଁ ଜାଗ୍ରତ ହୋଇ ରହିଥାଏ । ବସ୍ତୁତଃ ସମଗ୍ର ମନୁଷ୍ୟଟି ହୁଏତ ଅବଚେତନ ଭିତରେ ନିମଜ୍ଜିତ ହୋଇ ରହିପାରେ, ତଥାପି ମନର କ୍ରିୟାକୁ ସୂଚିତ କରାଇ ଦେଉଥିବା ଅଭ୍ୟସ୍ତ ସ୍ପନ୍ଦନଗୁଡ଼ିକ ଅବ୍ୟାହତ ରହିପାରେ । ନିଦ୍ରାର ଅନେକ ଅବସ୍ଥାରେ ଠିକ୍ ଏହିପରି ଘଟିଥାଏ । ଅଥବା ସେ ହୁଏତ ଅତିଚେତନ ମଧ୍ୟକୁ ଆପଣାକୁ ଉତ୍ତୀର୍ଣ୍ଣ କରି ନେଇପାରେ, ଏବଂ ତଥାପି

'oaob.nitrkl.ac.in' images reprocessed

ସ୍ୱଶରୀରସ୍ଥ ଅଧିଚେତନ ମନରେ ସନ୍ନିସ୍ଥ ହୋଇ ରହିପାରେ । ଯୋଗସମାଧିର କେତେକ ଅବସ୍ଥାରେ ଏଭଳି ପରିଲକ୍ଷିତ ହୋଇଥାଏ । ତେଣୁ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଉଦ୍‌ଭିଦର ବୋଧଭୂମି ତଥା ଆମର ବୋଧଭୂମି ମଧ୍ୟରେ କେବଳ ଏତିକିମାତ୍ର ପାର୍ଥକ୍ୟ ରହିଛି : ଉଦ୍‌ଭିଦ ଭିତରେ ଆପଣାକୁ ବିଶ୍ୱରୂପେ ପ୍ରକାଶିତ କରୁଥିବା ଚେତନଶକ୍ତି ତଥାପି ସମ୍ପୂର୍ଣ୍ଣଭାବରେ ଆପଣାର ଜଡ଼ତନ୍ଦ୍ରାରୁ ବାହାରି ଆସିପାରି ନଥାଏ । ଅର୍ଥାତ୍ ବିସ୍ତାରିତ ଶକ୍ତିଟି ଜଡ଼ ଭିତରେ ଏଭଳି ଅଭିନିବିଷ୍ଟ ବା ଜଡ଼ସହିତ ଏପରି ତଦ୍‌ଗତଚିତ୍ତ ହୋଇ ରହିଥିଲା ଯେ ତାହା ତଦ୍ୱାରା ଅତିଚେତନ ଜ୍ଞାନରେ ଅବସ୍ଥିତ ରହିଥିବା ଆପଣା କର୍ମର ମୂଳ ଉତ୍ସଟିରୁ ପୂରାପୂରି ପୃଥକ୍ ହୋଇ ପଡ଼ିଥିଲା । ଉଦ୍‌ଭିଦର ଜୀବନସ୍ତରକୁ ଆସି ମଧ୍ୟ ଏହି ଅଭିନିବେଶଟି ତଥାପି ଭାଙ୍ଗି ନଥିଲା । ତେଣୁ ଯେତେବେଳେ ସେହି ଶକ୍ତି ମନୁଷ୍ୟ ମଧ୍ୟକୁ ଆସି ଜଡ଼ସ୍ତରୀୟ ଅଭିନିବେଶରୁ ମୁକ୍ତ ହୋଇ ଆସିବାକୁ ଇଚ୍ଛା କରିବ, ଏବଂ ତଥାପି ପରୋକ୍ଷଭାବେ ହେଲେ ମଧ୍ୟ ଆପଣା ଆତ୍ମଜ୍ଞାନ ଭିତରେ ଜାଗ୍ରତ ହେବାକୁ ଆରମ୍ଭ କରିବ, ସେତେବେଳେ ତାହା ସଚେତନ ଭାବରେ ଯାହା କରିବ, ବର୍ତ୍ତମାନ ଉଦ୍‌ଭିଦ ମଧ୍ୟରେ ଅବଚେତନ ଭାବରେ ସିଏ କେବଳ ତାହାହିଁ କରୁଛି । ଅର୍ଥାତ୍ ଉଭୟ ପର୍ଯ୍ୟାୟରେହିଁ ତାହାର ସେହି ଗୋଟିଏ ଲୀଳା ଅବ୍ୟାହତ ରହିଛି, କେବଳ ଭାବରେ ଭେଦ ରହିଛି ଏବଂ ଚେତନାର ଦୃଷ୍ଟିରୁ ବିଚାର କଲେ ମୂଳରେ ମଧ୍ୟ ଭେଦ ରହିଛି ।

ବର୍ତ୍ତମାନ ଏହି କଥାଟିର ଧାରଣା କରିପାରିବା ସମ୍ଭବ ହୋଇ ଆସୁଛି ଯେ କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ଭିତରେ ମଧ୍ୟ ଏଭଳି ଏକ ତତ୍ତ୍ୱ ରହିଛି ଯାହାକି ଆମ ଭିତରକୁ ଆସି ଏକ ଇଚ୍ଛାଶକ୍ତି ଓ ଏକ ବାସନାରୂପେ ବିକଶିତ ହେଉଛି । ଅଣୁର ଆକର୍ଷଣ-ବିକର୍ଷଣ ଏବଂ ଆମର ଅନୁରାଗ-ବିରାଗ ବହିଃପ୍ରକାଶରେ ଭିନ୍ନ ହେଲେ ମଧ୍ୟ ମୂଳତଃ ଅଭିନ୍ନ,—ଅଣୁର କ୍ଷେତ୍ରରେ ଏହା କେବଳ ଅଚେତନ ବା ଅବଚେତନ ଅବସ୍ଥାରେ ରହିଛି ବୋଲି ଆମେ କହିଥାଉ । ଇଚ୍ଛା ଓ ବାସନାର ଏହି ମୂଳ ସତ୍ୟଟି ବିଶ୍ୱପ୍ରକୃତିର ସର୍ବତ୍ର ସ୍ପଷ୍ଟଭାବରେ ଅବସ୍ଥିତ ରହିଛି । କେବଳ ଆମର ଆଖିକୁହିଁ ତାହା ସ୍ପଷ୍ଟଭାବରେ ପରିଦୃଷ୍ଟ ହେଉନାହିଁ । ସମାନଭାବରେ ପରିବ୍ୟାପ୍ତ ହୋଇ ରହିଥିବା ଏକ ଅବଚେତନ ବୋଧ ଅଥବା ବୁଦ୍ଧି ସହିତ ଅନ୍ତରଙ୍ଗଭାବେ ସମ୍ପୃକ୍ତ ହୋଇ ରହିଛି, ହୁଏତ ତାହାର ରୂପକୁହିଁ ପ୍ରକଟ କରୁଛି । ଇଚ୍ଛା କଲେ ଏହାକୁ ଆମେ ଅବଚେତନ ବୋଲି ନକହି ନିଶ୍ଚେତନ ଅଥବା ସମ୍ପୂର୍ଣ୍ଣରୂପେ ସଚେତ ବୋଲି ବି କହିପାରିବା । ଜଡ଼ର ପ୍ରତ୍ୟେକ ଅଣୁରେ ଅବସ୍ଥିତ ରହିଥିବାରୁ ସେହି ଅଣୁର ସମଷ୍ଟିଦ୍ୱାରା ତିଆରି ହୋଇଥିବା ପ୍ରତ୍ୟେକ ବସ୍ତୁରେ ମଧ୍ୟ ଏସବୁ ଅବଶ୍ୟ ଅବସ୍ଥିତ ରହିଛି । ଏବଂ ସେଗୁଡ଼ିକ ଅଣୁ ଭିତରେ ରହିଛନ୍ତି, କାରଣ ଅଣୁକୁ ଗଢ଼ିଥିବା ଓ ଅଣୁରେ ରହିଥିବା ଶକ୍ତିଟି

'oaob.nitrkl.ac.in' images reprocessed

ଭିତରେ ବି ସେମାନେ ଅବସ୍ଥିତ ରହିଛନ୍ତି । ଏହି ଶକ୍ତି ହେଉଛି ମୂଳତଃ ବେଦାନ୍ତର ଚିତ୍-ତପସ୍ ଅଥବା ଚିତ୍ଶକ୍ତି, ଅର୍ଥାତ୍ ଚିତ୍ସତ୍ତା ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଚେତନଶକ୍ତି । ଉଦ୍ଭିଦ ଭିତରେ ଅବମାନସବୋଧଦ୍ୱାରା ସମ୍ୟକ୍ଭାବରେ ପରିସ୍ପନ୍ଦିତ ସ୍ନାୟୁଗତ ଶକ୍ତିରୂପେ ଏହି ଶକ୍ତିହିଁ ଆପଣାକୁ ପ୍ରକାଶିତ କରୁଛି, ପ୍ରଥମ ସ୍ତରର ପ୍ରାଣୀଜଗତରେ ବାସନାବୋଧ ଓ ବାସନାଗତ ଇଚ୍ଛାଶକ୍ତିରୂପେ ପ୍ରକାଶିତ ହେଉଛି, ଉଚ୍ଚସ୍ତରସ୍ଥ ପ୍ରାଣୀମାନଙ୍କ ଭିତରେ ଆତ୍ମସଚେତବୋଧ ଓ ଶକ୍ତି ହୋଇ ପ୍ରକଟ ହେଉଛି ଏବଂ ଏକ ମନୋମୟ ଇଚ୍ଛା ତଥା ମନୋମୟ ଶକ୍ତିରୂପେ ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଅଗ୍ରସର ହୋଇଥିବା ମନୁଷ୍ୟ ଭିତରେ ଆତ୍ମପ୍ରକାଶ କରୁଛି । ପ୍ରାଣରୂପୀ ବିଶ୍ୱମୟୀ ଶକ୍ତିର ଏହି ସୋପାନକ୍ରମରେ ଅଚେତନରୁ ଆରମ୍ଭ କରି ସଚେତନ ଯାଏ ଯାବତୀୟ ପରିବର୍ତ୍ତନ-କ୍ରମର ମାର୍ଗ ସଂଯୋଜିତ ହୋଇ ରହିଛି । ପ୍ରାଣକୁ ଆମେ ବିଶ୍ୱମୟୀ ଶକ୍ତିର ମଧ୍ୟବର୍ତ୍ତୀ ପର୍ଯ୍ୟାୟ ବୋଲି କହିବା, ଯାହାକି ଜଡ଼ ଭିତରେ ପ୍ରଚ୍ଛନ୍ନ ବା ନିମଜ୍ଜିତ ହୋଇ ରହିଛି, ଆପଣା ଶକ୍ତିଦ୍ୱାରାହିଁ ଅବମାନସ ସତ୍ତା ଭିତରକୁ ଅଙ୍କୁରିତ ହୋଇଉଠୁଛି, ଏବଂ ପରିଶେଷରେ ମନଃଶକ୍ତିର ଉନ୍ମେଷ ହେବା ସଙ୍ଗେସଙ୍ଗେ ଆପଣା ଗତିଲୀଳାର ପୂର୍ଣ୍ଣତମ ସମ୍ଭାବନା ଭିତରକୁ ଉନ୍ନୀତ ହୋଇଯାଉଛି ।

ଅନ୍ୟ ସକଳ ବିଷୟକୁ ବାଦ ଦେଇ କେବଳ ବିବର୍ତ୍ତନବାଦର ଆଲୋକରେ କେବଳ ଉପରିସ୍ତରରେହିଁ ଉନ୍ମେଷିତ ହୋଇ ଉଠୁଥିବା ପ୍ରାଣର ସେହିସବୁ ପ୍ରକ୍ରିୟାକୁ ପର୍ଯ୍ୟବେକ୍ଷଣ କରି ମଧ୍ୟ ଆମେ ନ୍ୟାୟତଃ ଠିକ୍ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ବାଧ୍ୟ ହେବା । ଏକଥା ସ୍ୱତଃ ସ୍ପଷ୍ଟ ହୋଇଯାଉଛି ଯେ ଉଦ୍ଭିଦ ଭିତରେ ରହିଥିବା ପ୍ରାଣଶକ୍ତି ପ୍ରାଣୀଜଗତ୍ ତୁଳନାରେ ଅନ୍ୟପ୍ରକାରେ ସଂଗଠିତ ଓ ସଂରଚିତ ହୋଇଥିଲେ ମଧ୍ୟ ତଥାପି ସେହି ଏକ ଶକ୍ତିରହିଁ ପ୍ରତିନିଧିତ୍ୱ କରୁଛି । ପ୍ରାଣୀଜଗତ୍ ପରି ଉଦ୍ଭିଦ-ଜଗତରେ ମଧ୍ୟ ଜନ୍ମ, ବୃଦ୍ଧି ଓ ମୃତ୍ୟୁ ରହିଛି; ବୀଜରୁ ବଂଶବୃଦ୍ଧି ହେଉଛି, ଅବକ୍ଷୟ, ବ୍ୟାଧି ଓ ହିଂସାବୃତ୍ତିରୁ ମୃତ୍ୟୁହେଉଛି; ଏବଂ ବାହାରୁ ପୁଷ୍ଟିକ ଉପାଦାନଗୁଡ଼ିକର ଆହରଣ ଦ୍ୱାରା ଜୀବନର ସଂରକ୍ଷଣ ହେଉଛି । ଉଭୟେ ଆଲୋକ ତଥା ଉତ୍ତାପ ଉପରେ ନିର୍ଭର କରୁଛନ୍ତି, ଉଭୟ ସ୍ତରରେ ଉର୍ବରତ୍ୱ ତଥା ବନ୍ଧ୍ୟାତ୍ୱ ରହିଛି, ଏପରିକି ନିଦ୍ରା ଓ ଜାଗରଣର ଅବସ୍ଥାଦ୍ୱୟ ବି ରହିଛି, ଜୀବନର ଗତିଶୀଳ ପ୍ରକ୍ରିୟାଟି ଭିତରେ ଶକ୍ତିମତ୍ତା ଓ ଅବସାଦ ଉଭୟ ରହିଛି, ଶୈଶବରୁ ପରିପକ୍ୱତା ଓ ବାର୍ଦ୍ଧକ୍ୟଯାଏ ବାଟ ଚାଲିବାର ଗତିଟି ମଧ୍ୟ ରହିଛି । ପୁଣି ଉଦ୍ଭିଦ ଭିତରେ ଜୀବନୀଶକ୍ତିର ମୂଳ ଉପାଦାନମାନ ଅନ୍ତର୍ଗତ ରହିଛି ଓ ତେଣୁ ତାହା ପ୍ରାଣୀଜଗତର ସ୍ୱାଭାବିକ ଖାଦ୍ୟରୂପେ ବ୍ୟବହୃତ ହେଉଛି । ଉଦ୍ଭିଦ ଭିତରେ ସ୍ନାୟୁମଣ୍ଡଳ ରହିଛି, ଉତ୍ପ୍ରେରଣାରେ ପ୍ରତିକ୍ରିୟା ପ୍ରକଟ କରିବାର ସାମର୍ଥ୍ୟ ରହିଛି ଏବଂ ଅବମାନସ ଅଥବା ବିଶୁଦ୍ଧ ପ୍ରାଣଗତ ବୋଧର

'oaob.nitrkl.ac.in' images reprocessed

ଏକ ଉନ୍ମେଷ କିମ୍ବା ଅନ୍ତଃପ୍ରବାହ ରହିଛି ବୋଲି ଯଦି ସ୍ୱୀକାର କରାଯାଏ, ତେବେ ଦୁଇ ସ୍ତରର ଏକାତ୍ମକତାଟି ଆହୁରି ଘନିଷ୍ଠ ହୋଇଯାଏ । ମାତ୍ର ତଥାପି ଉଦ୍ଭିଦ-ଜଗତକୁ ପ୍ରାଣୀ-ସତ୍ତ୍ୱ ଏବଂ 'ନିର୍ଜୀବ' ଜଡ଼ର ପର୍ଯ୍ୟାୟ ଦୁଇଟି ମଧ୍ୟରେ ଜୀବନ-ବିବର୍ତ୍ତନର ସ୍ପଷ୍ଟତଃ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ହୋଇହିଁ ରହିବାକୁ ହୁଏ । ଜଡ଼ର ସ୍ତରରୁ ବିବର୍ତ୍ତିତ ହୋଇ ପରିଶେଷରେ ମନର ସ୍ତରରେ ଉପନୀତ ହେଉଥିବା ଏକ ଶକ୍ତିରୂପେ ଯଦି ପ୍ରାଣର କଳ୍ପନା କରାଯାଏ, ତେବେ ସେଥିରୁ କେବଳ ତାହାହିଁ ପ୍ରତ୍ୟାଶା କରାଯାଇ ପାରିବ । ଏବଂ ଯଦି ଏହା ତାହାହିଁ ହୁଏ, ତେବେ ଆମେ ଏହି ଅନୁମାନଟିକୁ କରିବାକୁ ବାଧ୍ୟ ହେବା ଯେ ଏହି ପ୍ରାଣଶକ୍ତି ଜଡ଼ୀଭୂତ ଅବଚେତନ ଅଥବା ଅଚେତନ ଅବସ୍ଥାରେ ଜଡ଼ଭିତରେ ପୂର୍ବରୁହିଁ ମଗ୍ନ ବା ସୁପ୍ତ ହୋଇ ରହିଛି । କାରଣ ତା'ନହେଲେ ଆଉ କେଉଁଠାରୁ ଏହାର ଆବିର୍ଭାବ ହେବା ସମ୍ଭବ ହେବ ? ଜଡ଼ଭିତରେ ପ୍ରାଣଶକ୍ତିର ବିବର୍ତ୍ତନକୁ ସ୍ୱୀକାର କଲେହିଁ ଆମକୁ ତାହା ଆଗରୁ ମଧ୍ୟ ସେଇଥିରେହିଁ ସଂବୃତ ହୋଇ ରହିଥିଲା ବୋଲି ସ୍ୱୀକାର କରିବାକୁ ପଡ଼ିବ । ଅବଶ୍ୟ ଏହା କୌଣସି କୁହୁକର ସାହାଯ୍ୟରେ ନୂତନଭାବେ ସୃଷ୍ଟ ହୋଇଛି ଏବଂ ବିନା କାରଣରେ ପ୍ରକୃତି ଭିତରେ ପ୍ରବିଷ୍ଟ ହୋଇଛି ବୋଲି କହିଲେ ତାହା ଅନ୍ୟ କଥା ହେବ । ଏବଂ ଯଦି ତାହାହିଁ ହୋଇଥାଏ ତେବେ ହୁଏତ ଶୂନ୍ୟଭିତରୁ ଏହାର ସୃଷ୍ଟି ହୋଇଛି ଅଥବା ଜଡ଼ର ଏଭଳିସବୁ କ୍ରିୟାର ପରିଣାମସ୍ୱରୂପ ସମ୍ଭବ ହୋଇଛି ବୋଲି କହିବାକୁ ପଡ଼ିବ, ସେହି କ୍ରିୟାଗୁଡ଼ିକର ମାଧ୍ୟମରେ ଯାହାର କାରଣ ଖୋଜି ବାହାର କରାଯାଇ ପାରିବ ନାହିଁ ବା ସେଗୁଡ଼ିକ ମଧ୍ୟରେ ଅବସ୍ଥିତ କୌଣସି ସମଜାତୀୟ ଉପାଦାନରୁ ମଧ୍ୟ ସେଗୁଡ଼ିକ ଜାତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ । ଅଥବା ଏହାକୁ ଉପରୁ ଅବତରଣ କରିଥିବା ଏକ ତତ୍ତ୍ୱରୂପେ ବି କଳ୍ପନା କରାଯାଇ ପାରିବ, ଏହି ଭୌତିକ ବିଶ୍ୱର ଊର୍ଦ୍ଧ୍ୱରେ ଅବସ୍ଥିତ ଏକ ଅତିଭୌତିକ ଭୂମିରୁ ଓହ୍ଲାଇ ଆସିଛି ବୋଲି କୁହାଯିବ । ଆଦ୍ୟ ଅନୁମାନ ଦୁଇଟିକୁ ଆମେ ଯୁକ୍ତିହୀନ କଳ୍ପନା ବୋଲି କାଟି ଦେଇପାରିବା । ମାତ୍ର ତୃତୀୟ ଅନୁମାନଟିର ଅବଶ୍ୟ ଏକ ସମ୍ଭାବନା ରହିଛି, ଏବଂ ଏହାର କଳ୍ପନା ଭିତରେ ଏକ ସଂଗତି ମଧ୍ୟ ରହିଛି । ବିଶ୍ୱସ୍ତରର ଉପରେ ରହିଥିବା ପ୍ରାଣର ଅନ୍ୟକୌଣସି ଭୂମିରୁ ଉତ୍ପନ୍ନ ହୋଇଥିବା ଏକ ଚାପର ସାହାଯ୍ୟରେହିଁ ଏଠାରେ ଯେ ଜୀବନର ଉନ୍ମେଷ ହୋଇଛି, ଗୁପ୍ତ-ଲୋକବିଦ୍ୟାର ଦୃଷ୍ଟିକୋଣରୁ ଆମେ ଏହାକୁ ସତ୍ୟ ବୋଲି ବି କହିପାରିବା । ମାତ୍ର ଏକ ସର୍ବପ୍ରଥମ ଓ ଅପରିହାର୍ଯ୍ୟ ଗତିସ୍ପନ୍ଦନରୂପେ ଜଡ଼ରୁହିଁ ଯେ ପ୍ରାଣର ଉତ୍ପତ୍ତି ହୋଇଛି, ଏହି ମତଟି ତଦ୍ଦ୍ୱାରା ଆଦୌ ଖଣ୍ଡିତ ହେଉନାହିଁ । କାରଣ ଯଦି ପ୍ରାଣଲୋକ ଜଡ଼ମଧ୍ୟରେ ସୃଷ୍ଟିକ୍ଷମ ଅବସ୍ଥାରେ ପ୍ରଚ୍ଛନ୍ନ ହୋଇ ରହି ନଥା'ନ୍ତା, ତେବେ କେବଳ ତାହାର ଊର୍ଦ୍ଧ୍ୱଦେଶରେ ଏକ ପ୍ରାଣମୟ ଜଗତ୍ ଅଥବା ପ୍ରାଣଭୂମି ଅବସ୍ଥିତ ରହିଥିଲେ

'oaob.nitrkl.ac.in' images reprocessed

ମଧ୍ୟ କିମ୍ବା ତାହାର ପ୍ରଭାବ ସେହି ଊର୍ଦ୍ଧ୍ୱଦେଶରୁ ନିମ୍ନକୁ ଅବତରଣ କରି ଆସିଲେ ମଧ୍ୟ ତଥାପି ଜଡ଼ମଧ୍ୟରେ ପ୍ରାଣର ଉନ୍ମେଷ ସମ୍ଭବ ହୁଅନ୍ତା ନାହିଁ । ବସ୍ତୁତଃ ଚିତ୍‌ସତ୍ତା ଆପଣାର ନାନା ସ୍ତର ଓ ନାନା ଶକ୍ତିର ମଧ୍ୟଦେଇ ଅବତରଣ କରି ପ୍ରାଣଶକ୍ତି ସମେତ ଆପଣାର ସକଳ ଶକ୍ତି ସହିତ ନିଶ୍ଚେତନ ଜଡ଼ଭିତରେ ସମ୍ବୃତ ହୋଇ ରହିଛି ଏବଂ ପରେ ଉନ୍ମେଷିତ ଓ ପ୍ରକାଶିତ ହେବାଲାଗି ଅପେକ୍ଷା କରିଛି । ଭୌତିକ ବସ୍ତୁଗୁଡ଼ିକ ଭିତରେ ତଥାପି ଅସଂଗଠିତ ଅଥବା ପ୍ରାଥମିକ ଅବସ୍ଥାରେ ରହିଥିବା ଏହି ସମ୍ବୃତ ଓ ନିମଜ୍ଜିତ ପ୍ରାଣଶକ୍ତିର ସଙ୍କେତମାନ ଦେଖିବାକୁ ମିଳିଥାଏ କିମ୍ବା ସେଥିରେ ସେଭଳି କୌଣସି ସଙ୍କେତ ବିଦ୍ୟମାନ ନଥାଏ, ତାହା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବା ମୁଖ୍ୟ ପ୍ରଶ୍ନ ଆଦୌ ନୁହେଁ । ଯେଉଁ ଜଡ଼ଶକ୍ତି ବସ୍ତୁ ଗଢ଼ିବାର ଦ୍ରବ୍ୟଗୁଡ଼ିକୁ ଏକତ୍ର କରୁଛି, ସେଥିରୁ ବସ୍ତୁଗୁଡ଼ିକୁ ରୂପ ଦେଉଛି ଏବଂ ତା'ପରେ ପୁନର୍ବାର ସବୁ ଭାଙ୍ଗିଦେଉଛି,* ଆପଣାର ଆଉ ଏକ ସୋପାନରେ ସେହି ଶକ୍ତିହିଁ ଜନ୍ମ, ବୃଦ୍ଧି ତଥା ମୃତ୍ୟୁରୂପେ, ଆପଣାକୁ ପ୍ରକାଶିତ କରୁଥିବା ପ୍ରାଣଶକ୍ତିରୂପେ ଆବିର୍ଭୂତ ହେଉଛି । ଅବଚେତନର ସ୍ୱପ୍ନସଞ୍ଚରଣ ମଧ୍ୟରେ ସେହି ଶକ୍ତି ଆପଣାର ଅଜ୍ଞାତସାରରେ ବୁଦ୍ଧିର କାର୍ଯ୍ୟ କରୁଥାଏ, ପୁଣି ତାହାହିଁ ଅନ୍ୟ ଏକ ଭୂମିରେ ଆପଣାକୁ ମନରୂପେ ଅବତୀର୍ଣ୍ଣ କରାଏ । ଏହି ଜଡ଼ଶକ୍ତିର ସ୍ୱଭାବଟିକୁ ଅବଲୋକନ କଲେ ଜଣାଯାଏ ଯେ ଏହା ମନ ତଥା ପ୍ରାଣର ଅବତରିତ ସାମର୍ଥ୍ୟଗୁଡ଼ିକୁ ମଧ୍ୟ ନିଜ ଭିତରେ ଧାରଣ କରି ରଖିଛି । ଆପଣାର ବିଶିଷ୍ଟ ଆକାର ପ୍ରକାଶଧାରାରେ ପ୍ରକାଶିତ ହୋଇନଥିଲେ ମଧ୍ୟ ସେଗୁଡ଼ିକ ତାହାର ଭିତରେ ରହିଛନ୍ତି ।

ତେଣୁ ଆମେ ଜାଣିରଖିବା ଯେ ଅଣୁଠାରୁ ଆରମ୍ଭ କରି ମନୁଷ୍ୟଯାଏ ପ୍ରାଣଶକ୍ତି ମୂଳତଃ ଏକ ଓ ଅଭିନ୍ନ ଭାବରେହିଁ ଆପଣାକୁ ପ୍ରକାଶିତ କରିଥାଏ । ସତ୍ତାର ଯେଉଁ

---

* ଜୀବନର ଜନ୍ମ, ବୃଦ୍ଧି ଓ ବିନାଶକୁ ସେଗୁଡ଼ିକର ବାହ୍ୟ ଦୃଷ୍ଟିରୁ ଆମେ ଏକତ୍ରୀକରଣ, ରୂପାୟନ ତଥା ବିଘଟନର ପ୍ରକ୍ରିୟା ବୋଲି ଅବଶ୍ୟ କହିପାରିବା । ଅବଶ୍ୟ ସେଗୁଡ଼ିକର ଅନ୍ତର ପ୍ରକ୍ରିୟା ତଥା ମହତ୍ତ୍ୱ କେବଳ ତାହାହିଁ ନୁହେଁ । ଏସବୁ ବିଷୟରେ ଗୁପ୍ତଲୋକ ବିଦ୍ୟାର ବ୍ୟାଖ୍ୟାଟି ଯଦି ଠିକ୍ ହୋଇଥାଏ, ତେବେ ଚୈତ୍ୟପୁରୁଷର ଶରୀରଧାରଣର ପ୍ରସଙ୍ଗଟି ମଧ୍ୟ ବାହାରୁ ଦେଖିବାକୁ ଠିକ୍ ଏହିଭଳି ଘଟେ । କାରଣ ଜନ୍ମଗ୍ରହଣ ଲାଗି ଇଚ୍ଛୁକ ଚୈତ୍ୟପୁରୁଷ ଜନ୍ମସମୟରେ ଆପଣାର ଚତୁର୍ଦ୍ଦିଗରେ ମନୋମୟ, ପ୍ରାଣମୟ ତଥା ଅନ୍ନମୟ କୋଷର ଉପାଦାନଗୁଡ଼ିକୁ ଆକର୍ଷିତ ଓ ସମାହୃତ କରି ରଖିଥାଏ, ଜୀବନରେ ଏହିସବୁ ଆକାର ବା ରୂପର ବର୍ଦ୍ଧନ କରାଇଥାଏ, ଏବଂ ପ୍ରସ୍ଥାନ ବା ମୃତ୍ୟୁ ସମୟରେ ପୁଣି ଏହି ଉପାଦାନଗୁଡ଼ିକୁ ଛାଡ଼ି ଚାଲିଯାଏ, ସେଗୁଡ଼ିକୁ ଭାଙ୍ଗି ଦେଇଯାଏ, ଏବଂ ଆପଣାର ଅନ୍ତଃଶକ୍ତିଗୁଡ଼ିକୁ ପୁଣି ଆପଣା ଭିତରକୁ ଟାଣି ଆଣେ । ଏବଂ ପୁନର୍ଜନ୍ମରେ ଏହି ମୂଳ ପ୍ରକ୍ରିୟାଟିର ପୁନରାବୃତ୍ତି ହେବାଯାଏ ସେହିଭଳି ଅବସ୍ଥାନ କରୁଥାଏ ।



'oaob.nitrkl.ac.in' images reprocessed

ଉପାଦାନ ଓ ସ୍ପନ୍ଦନଗୁଡ଼ିକ ଅବଚେତନ ଭାବେ ଅଣୁଭିତରେ ଅବସ୍ଥିତ ରହିଥାଏ, ପ୍ରାଣୀର ସ୍ତରକୁ ଆସି ତାହାହିଁ ଚେତନାରୂପେ ପ୍ରକାଶିତ ହୁଏ । ଏହି ବିବର୍ତ୍ତନ-ପ୍ରକ୍ରିୟାଟିରେ ଉଦ୍ଭିଦର ଜୀବନ ମାର୍ଗସ୍ଥ ଏକ ମଧ୍ୟବର୍ତ୍ତୀ ବିନ୍ଦୁରୂପେ କାର୍ଯ୍ୟ କରେ । ପ୍ରାଣଶକ୍ତି ଯଥାର୍ଥତଃ ଚିତ୍‌ଶକ୍ତିରହିଁ ଏକ ବିଶ୍ୱଗତ କ୍ରିୟାତ୍ମକ ରୂପ, ଯାହାକି ଜଡ଼ଉପରେ ତଥା ଜଡ଼ଭିତରେ ଅବଚେତନଭାବେ କାର୍ଯ୍ୟ କରୁଛି । ଏହି କ୍ରିୟାତ୍ମକତା ରୂପ ବା ଶରୀରସମୂହର ସୃଷ୍ଟି କରୁଛି, ସମ୍ଭାଳି ରଖିଛି, ଭାଙ୍ଗୁଛି ଏବଂ ପୁନର୍ବାର ସୃଷ୍ଟି କରୁଛି ଏବଂ ସ୍ନାୟବିକ ଶକ୍ତିର ଲୀଳାସଞ୍ଚାର ଦ୍ୱାରା ଅର୍ଥାତ୍ ଉତ୍ପ୍ରେରଣଶୀଳ ଶକ୍ତିପ୍ରବାହର ଆଦାନପ୍ରଦାନ ଦ୍ୱାରା ସେହିସବୁ ଶରୀରରେ ଚେତନାବୋଧକୁ ଜାଗ୍ରତ କରାଇବା ଲାଗି ଚେଷ୍ଟା କରୁଛି । ଏହି କ୍ରିୟାଟିରେ ତିନୋଟି ସୋପାନ ରହିଛି : ନିମ୍ନତମ ସୋପାନଟିରେ ଜଡ଼ନିଦ୍ରା ଭିତରେ ସକଳ କମ୍ପନ ନିଷ୍ପନ୍ଦ ହୋଇ ରହିଛି, ସମ୍ପୂର୍ଣ୍ଣରୂପେ ଅବଚେତନ ରହିଛି ଓ ତେଣୁ ସତେଅବା ଯନ୍ତ୍ରଚାଳିତ ପରି ମନେହେଉଛି । ମଝି ସୋପାନଟିରେ ଏଥିରେ ପ୍ରତିକ୍ରିୟାର ସାମର୍ଥ୍ୟ ଉପୁଜୁଛି; ଏହା ତଥାପି ଅବମାନସ ସ୍ତରରେ ରହିଛି, ତଥାପି ଚେତନଶୀଳତାର ବେଳାଭୂମିରେ ଆସି ପହଞ୍ଚିଯାଉଛି । ଏବଂ ଉଚ୍ଚତମ ସୋପାନଟିରେ ମନର ଭାଷାରେ ବୁଝି ହେଉଥିବା ନାନା ବୋଧର ରୂପରେ ସଚେତନ ମନୋଭୂମିର ବିକାଶ ହେଉଛି । ଏବଂ ସେଇଥିରୁହିଁ ଇନ୍ଦ୍ରିୟମନ ଓ ବୁଦ୍ଧିର ଆଧାର ଗଢ଼ାହୁଏ । ମଝି ସୋପାନଟିରେ ଆମେ ଜଡ଼ ତଥା ମନଠାରୁ ଏକ ପୃଥକ୍ ତତ୍ତ୍ୱରୂପେ ପ୍ରାଣର ଅବଧାରଣା କରିବାକୁ ସମର୍ଥ ହେଉ, ମାତ୍ର ବସ୍ତୁତଃ ତାହା ସକଳ ସୋପାନରେ କେବଳ ସମାନରୂପେହିଁ ରହିଥାଏ । ମନ ଓ ଜଡ଼ମଧ୍ୟରେ ସଂଯୋଗକାରୀ ଏକ ମଧ୍ୟବର୍ତ୍ତୀ ଚରଣ ହୋଇ ରହିଥାଏ, ଜଡ଼ର ଉପାଦାନ ଓ ମନର ଆଶ୍ରୟ ବା ମୂଳସ୍ୱଭାବ ହୋଇ ରହିଥାଏ । ଆମେ ପ୍ରାଣକୁ ଚିତ୍‌ଶକ୍ତିର ଏକ କ୍ରିୟା ବୋଲି ନିଶ୍ଚୟ କହିବା ସତ, ମାତ୍ର ତଥାପି ଦ୍ରବ୍ୟର କେବଳ ଏକ ରୂପଗଠନ ବୋଲି କହିବା ନାହିଁ କିମ୍ବା ଦ୍ରବ୍ୟ ତଥା ରୂପକୁ ଜ୍ଞାନବିଷୟରୂପେ ଗ୍ରହଣ କରି ଚାଲିଥିବା କେବଳ ଏକ ମାନସିକ କ୍ରିୟା ବୋଲି ବି କହିବା ନାହିଁ । ଏହାକୁ ଆମେ ବରଂ ଚେତନ ସତ୍ତାର ଗତିଯୁକ୍ତ ଏବଂ କ୍ରିୟାଶୀଳ ହେବାକୁହିଁ ବୁଝିବା ଏବଂ ଏହି କ୍ରିୟାଶୀଳ ହେବାକୁହିଁ ବସ୍ତୁର ରୂପସୃଷ୍ଟିରେ କାରଣ ତଥା ଆଧାର ବୋଲି ଜାଣିରଖିବା, ସଚେତନ ମାନସିକ ଜ୍ଞାନର ଏକ ମଧ୍ୟବର୍ତ୍ତୀ ଉତ୍ପତ୍ତିସ୍ଥଳ ତଥା ଆଧାର ବୋଲି ଜାଣିବା । ସଚେତନ ସତ୍ତାର ଏହି ମଧ୍ୟବର୍ତ୍ତୀ ଗତିଯୁକ୍ତତା ଓ କ୍ରିୟାଶୀଳତାରୂପେ ପ୍ରାଣ ବୋଧଗତ କ୍ରିୟା ତଥା ପ୍ରତିକ୍ରିୟା ରୂପେ ସତ୍ତାର ସେହି ସୃଜନସାମର୍ଥ୍ୟକୁ ମୁକ୍ତ କରିଦିଏ, ଯାହାକି ଆଗରୁ ତାହାର ଆପଣା ସତ୍ତ୍ୱମଧ୍ୟରେହିଁ ନିମଜ୍ଜିତ ହୋଇ ରହିଥାଏ ଏବଂ ଅବଚେତନ ଅଥବା ନିଶ୍ଚେତନ ଭାବରେ କାର୍ଯ୍ୟ କରିବାରେ ଲାଗିଥାଏ । ସତ୍ତାର ଯେଉଁ ପ୍ରଜ୍ଞାନ ଚେତନାକୁ

'oaob.nitrkl.ac.in' images reprocessed

ଆମେ ମନ ବୋଲି କହୁ, ତାହାର ଆଧାରରୂପେ ଅବସ୍ଥିତ ରହି ପ୍ରାଣ ତାହାକୁ ମଧ୍ୟ ମୁକ୍ତ କରି ଦେଇଥାଏ ଏବଂ ତାହାକୁ ଏକ ଗତିଶୀଳ ନିର୍ମିତିରୂପ ଆଣିଦିଏ, ଯାହାଫଳରେ କି ମନ କେବଳ ଆପଣାର ନାନା ବୃତ୍ତିକୁ ନେଇ ନୁହେଁ, ମାତ୍ର ପ୍ରାଣ ତଥା ଜଡ଼ର ରୂପଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟ କରିବାକୁ ସମର୍ଥ ହୁଏ । ଏକ ମଧ୍ୟବର୍ତ୍ତୀ ସଂଯୋଜକ ବା ସେତୁରୂପେ ଅବସ୍ଥିତ ରହି ପ୍ରାଣ ମନ ଓ ଜଡ଼ ଭିତରେ ସଂସ୍ପର୍ଶ ବ୍ୟାପାର ଓ ବିନିମୟର ଆଧାର ହୋଇ ରହେ । ପ୍ରାଣର ସେଇଁ ସ୍ପନ୍ଦନମୟ ସ୍ନାୟବିକ ସାମର୍ଥ୍ୟ ରୂପାୟିତ ବସ୍ତୁର ଶକ୍ତିକୁ ଏକ ବୋଧରୂପେ ମନପାଖରେ ନେଇ ପହଞ୍ଚାଇ ଦିଏ ଏବଂ ତଦ୍ଦ୍ୱାରା ମନ ଭିତରେ ଆବଶ୍ୟକ ସଂସ୍କାର ଆଣିଥାଏ, ପୁଣି ମନର ଶକ୍ତିକୁ ଏକ ଇଚ୍ଛାରୂପେ ବସ୍ତୁପାଖକୁ ବହନ କରିଆଣେ ଓ ତଦ୍ଦ୍ୱାରା ବସ୍ତୁରେ ଆବଶ୍ୟକ ସଂସ୍କାରମାନ ଘଟାଇଥାଏ, ସେହି ସ୍ନାୟବିକ ସାମର୍ଥ୍ୟର ଅବିରତ ପ୍ରବାହକୁହିଁ ପ୍ରାଣ ବ୍ୟାପାର ତଥା ବିନିମୟର ଏହି ସାଧନଟିକୁ ନେଇ ଯୋଗାଇ ଦିଏ । ତେଣୁ ପ୍ରାଣର କଥା କହିଲାବେଳେ ଆମେ ସାଧାରଣତଃ ଏହି ସ୍ନାୟବିକ ସାମର୍ଥ୍ୟଟିକୁହିଁ ଭାବିଥାଉ । ଭାରତୀୟ ଦର୍ଶନଧାରାରେ ଏହାକୁହିଁ ପ୍ରାଣ ବା ପ୍ରାଣଶକ୍ତି ବୋଲି କୁହାଯାଇଛି । ମାତ୍ର ପ୍ରାଣୀର ସ୍ତରକୁ ଆସି ପ୍ରାଣ ଯେଉଁ ବିଶେଷ ରୂପଟି ଧାରଣ କରିଥାଏ, ସ୍ନାୟବିକ ସାମର୍ଥ୍ୟ କହିଲେ କେବଳ ତାହାକୁହିଁ ବୁଝାଏ । ସେହି ଏକ ପ୍ରାଣସାମର୍ଥ୍ୟ ଅଣୁପର୍ଯ୍ୟନ୍ତ ଯାବତୀୟ ରୂପରେହିଁ ଅବସ୍ଥିତ ରହିଛି, କାରଣ ସବୁଠାରେ ମୂଳତଃ ତାହାହିଁ ଅବସ୍ଥିତ ରହିଛି ଏବଂ ଚିତ୍‌ଶକ୍ତିର ସେହି ଏକ ନିମ୍ନାରୂପେହିଁ କାର୍ଯ୍ୟ କରୁଛି । ସେହି ଏକ ଶକ୍ତିହିଁ ନିଜର ବିବିଧ ବସ୍ତୁରୂପକୁ ଧାରଣ କରି ବର୍ତ୍ତମାନ ରହିଛି, ସେଗୁଡ଼ିକରେ ଆବଶ୍ୟକ ସଂସ୍କାର ଓ ବିପରିଣାମମାନ ଘଟାଉଛି । ମାତ୍ର ପ୍ରଥମ ଅବସ୍ଥାରେ ସେହି ଶକ୍ତିଭିତରେ ବୋଧ ଓ ମନ କେବଳ ଗୁପ୍ତଭାବରେ କାର୍ଯ୍ୟ କରୁଛି, ରୂପମଧ୍ୟରେ ସଂବୃତ ହୋଇ ରହିଛି, ବାହାରି ଆସିବାକୁ ପ୍ରସ୍ତୁତ ହେଉଛି ଏବଂ ପରିଶେଷରେ ସଂବୃତର ସେହି ଅବସ୍ଥାଟିରୁ ବାହାରି ଆସୁଛି । ଏହାହିଁ ହେଉଛି ବସ୍ତୁମୟ ବିଶ୍ୱର ପ୍ରକାଶ ଘଟାଇଥିବା ଏବଂ ତାହାରି ଭିତରେ ନିବାସ କରୁଥିବା ସେହି ସର୍ବଗତ ପ୍ରାଣଶକ୍ତିର ପରିପୂର୍ଣ୍ଣ ତାତ୍ପର୍ଯ୍ୟ ।

'oaob.nitrkl.ac.in' images reprocessed

ବିଂଶ ପରିଚ୍ଛେଦ

# ମୃତ୍ୟୁ, ବାସନା ଓ ଅସମର୍ଥତା

ନୈବେହ କିଞ୍ଚନାଗ୍ର ଆସୀତ୍ ମୃତ୍ୟୁନା ଏବେଦମାବୃତମାସୀତ୍ ।
ଅଶନାୟୟା ଅଶନାୟା ହି ମୃତ୍ୟୁଃ
ତନ୍ମନୋଽକୁରୁତ ଆତ୍ମନ୍ୱୀ ସ୍ୟାମିତି ॥

—ବୃହଦାରଣ୍ୟକ ଉପନିଷଦ, ୧ । ୨ । ୧

ପ୍ରଥମେ ମୃତ୍ୟୁରୂପୀ ବୁଭୁକ୍ଷାଦ୍ୱାରହିଁ ସବୁକିଛି ଆଚ୍ଛାଦିତ ହୋଇ ରହିଥିଲା । ଆତ୍ମାର ଅଧିକାର ଲାଭ କରିବାର ଅଭିଳାଷରେ ସେ ଆପଣାଲାଗି ମନର ସୃଷ୍ଟି କଲେ ।

ଯଂ ମର୍ତ୍ତ୍ୟଃ ପୁରୁସ୍ପୃହଂ ବିଦଦ୍‌ବିଶ୍ୱସ୍ୟ ଧାୟସେ ।
ପ୍ର ସ୍ୱାଦନଂ ପିତୃନାମସ୍ତତାତିଂ ଚିଦାୟବେ ॥

—ଋକ୍‌ବେଦ, ୫ । ୭ । ୬

ଏହାହିଁ ସେହି ମହାସାମର୍ଥ୍ୟ, ମର୍ତ୍ତ୍ୟର ସତ୍ତା ଯାହାର ସନ୍ଧାନ ପାଇଛି । ସମୁଦାୟ ବିଶ୍ୱକୁ ଧରି ରଖିପାରିବ ବୋଲି ତା' ଭିତରେ ବହୁବିଚିତ୍ର ବାସନା ରହିଛି । ସକଳ ଅନ୍ନର ସ୍ୱାଦକୁ ସେଇ ଗ୍ରହଣ କରୁଛି, ଜୀବସକାଶେ ଏକ ବସତି ବାନ୍ଧୁଛି ।

ଗତ ଅଧ୍ୟାୟରେ ଜଡ଼ସତ୍ତାର ଦୃଷ୍ଟିକୋଣରୁ ପ୍ରାଣଶକ୍ତିର ଆଲୋଚନା କରାଯାଇଛି । ଜଡ଼ଭିତରେ କିପରି ପ୍ରାଣର ଆବିର୍ଭାବ ହେଲା ଏବଂ କିପରି କାର୍ଯ୍ୟ କରିବାକୁ ଆରମ୍ଭକଲା, ଆମେ ସେଇକଥାଟି ବୁଝିବାକୁ ଚେଷ୍ଟା କରିଛୁ । ଏହି ବିବର୍ତ୍ତନଶୀଳ ପାର୍ଥିବ ସତ୍ତାର ଦିଉ ତଥ୍ୟଗୁଡ଼ିକରୁହିଁ ଆମେ ଏହି ଆଲୋଚନାଟି କରିଛୁ । ମାତ୍ର ଆମକୁ ସେବିଷୟରେ ଗୋଟିଏ କଥା ସ୍ପଷ୍ଟଭାବରେ ମନେ ରଖିବାକୁ ପଡ଼ିବ ଯେ ଯେଉଁଠି ହେଲେ ପ୍ରାଣର ଆବିର୍ଭାବ ହେଉ କିମ୍ବା ଯେଭଳି ପରିସ୍ଥିତିରେ ଯେଭଳି ଭାବରେ ଏହା କାର୍ଯ୍ୟ କରୁଥାଉ ପଛକେ, ସବୁଠାରେ କେବଳ ସେହି ଗୋଟିଏ ସାଧାରଣ ତତ୍ତ୍ୱକୁହିଁ ସ୍ୱୀକାର କରିନେବାକୁ ପଡ଼ିବ । ପ୍ରାଣ ହେଉଛି ସେହି ବିଶ୍ୱମୟୀ ଶକ୍ତି, ଯାହାକି ଈଶ୍ୱର ରୂପସକଳକୁ ସୃଷ୍ଟି କରୁଛି, ସାମର୍ଥ୍ୟଦ୍ୱାରା ପୁଷ୍ଟ କରୁଛି, ସେଗୁଡ଼ିକର ରକ୍ଷଣ କରୁଛି, ସେଗୁଡ଼ିକରେ ଆବଶ୍ୟକ ସଂସ୍କାର ତଥା

'oaob.nitrkl.ac.in' images reprocessed

ରୂପାନ୍ତର ଘଟାଉଛି, ପ୍ରୟୋଜନ ହେଲେ ସେଗୁଡ଼ିକୁ ଭାଙ୍ଗିଦେଉଛି ଓ ନୂଆ କରି ଗଢ଼ୁଛି । ବ୍ୟକ୍ତ କିମ୍ବା ଅବ୍ୟକ୍ତ ଯେଉଁଭଳି ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ମୂଳସ୍ୱଭାବତଃ ଏକ ଚୈତନ୍ୟମୟୀ ଶକ୍ତି ହିସାବରେ ଏହା ରୂପ ସହିତ ରୂପର ଲୀଳା ଓ ପାରସ୍ପରିକ ବ୍ୟାପାର ବନ୍ଧନମୟକୁ ଅବ୍ୟାହତ ରଖିଛି । ଆମେ ବାସକରୁଥିବା ଏହି ଭୌତିକ ଜଗତରେ ମନ ପ୍ରାଣଭିତରେ ସମ୍ବୃତ ତଥା ଅବଚେତନ ଭାବରେ ରହିଛି; ଯେପରି ଅତିମାନସ ମନ ଭିତରେ ସମ୍ବୃତ ଓ ଅବଚେତନ ଭାବରେ ରହିଛି, ଠିକ୍ ସେହିପରି । ଏବଂ ଏକ ସମ୍ବୃତ ଓ ଅବଚେତନ ମନ ସହିତ ସ୍ୱୟଂ ପ୍ରାଣରୂପୀ ଏହି ମୂଳସ୍ୱଭାବଟି ବି ଜଡ଼ଭିତରେ ସମ୍ବୃତ ହୋଇ ରହିଛି । ତେଣୁ ଏଠାରେ ଜଡ଼ ଆଧାର ଓ ଆପାତତଃ ଏକ ଆରମ୍ଭଭୂମିରୂପେ କାର୍ଯ୍ୟ କରୁଛି; ଉପନିଷଦର ଭାଷାରେ କହିବାକୁ ଗଲେ 'ପୃଥିବୀ ପାଜସ୍ୟମ୍' ଅର୍ଥାତ୍ ପୃଥିବୀହିଁ ଆମର ପାଦଭୂମି ଅର୍ଥାତ୍ ଭିତ୍ତି ହୋଇ ରହିଛି । ଶକ୍ତିଦ୍ୱାରା ପରିପୂରିତ ହୋଇ ରୂପାୟିତ ଅଣୁରୁ ଏହି ଭୌତିକ ଜଗତର ଆରମ୍ଭ ହେଉଛି । ସେହି ଅଣୁଭିତରେ ଅବଚେତନ ବାସନା, ଇଚ୍ଛା ଓ ବୁଦ୍ଧିର ଅଗଠିତ ଉପାଦାନଗୁଡ଼ିକ ଭର୍ତ୍ତି ହୋଇ ରହିଛି । ଏହି ଜଡ଼ରୁହିଁ ଦୃଶ୍ୟମାନ ପ୍ରାଣର ପ୍ରକାଶ ଘଟୁଛି ଏବଂ ଆପଣା ଭିତରେ ଅବରୁଦ୍ଧ ହୋଇ ରହିଥିବା ମନକୁ ସେହି ପ୍ରାଣ ଜୀବନ୍ତ ଦେହର ସାହାଯ୍ୟରେ ମୁକ୍ତ କରିଦେଉଛି, ଅର୍ଥାତ୍ ବାହାରେ ପ୍ରକାଶ କରୁଛି । ମନର ସକଳ କ୍ରିୟାଭିତରେ ଯେଉଁ ଅତିମାନସ ପ୍ରଚ୍ଛନ୍ନ ହୋଇ ରହିଛି, ମନକୁ ମଧ୍ୟ ଦିନେ ସେଇଟିକୁ ମୁକ୍ତ କରିଦେବାକୁ ହେବ ଅର୍ଥାତ୍ ବାହାରେ ପ୍ରକାଶ କରିବାକୁ ହେବ । ମାତ୍ର ଆମେ ଅନ୍ୟଭାବରେ ଗଠିତ ଏପରି ଏକ ଜଗତର ବି କଳ୍ପନା କରିପାରିବା, ଯେଉଁଠି କି ପ୍ରଥମ ଅବସ୍ଥାରେ ମନ ଏଠିକାପରି ଅବଚେତନ ବା ସମ୍ବୃତ ନରହି ପରିସ୍ଫୁଟ ଅବସ୍ଥାରେ ରହିଥାଏ ତଥା ମୌଳିକ ବସ୍ତୁରୂପମାନ ସୃଷ୍ଟି କରିବାରେ ଆପଣାର ଅନ୍ତର୍ନିହିତ ଶକ୍ତିକୁ ବ୍ୟବହାର କରୁଥାଏ । ଏଭଳି ଏକ ଜଗତର କାର୍ଯ୍ୟରୀତି ଆମର ଏହି ଜଗତଟିର ତୁଳନାରେ ସମ୍ପୂର୍ଣ୍ଣ ପୃଥକ୍ ହେଲେ ମଧ୍ୟ, ତଥାପି ସେଠାରେ ମଧ୍ୟ ମନ ଓ ରୂପର ମଧ୍ୟବର୍ତ୍ତୀ ତତ୍ତ୍ୱରୂପେ ଏହି ପ୍ରାଣହିଁ ସର୍ବଦା କ୍ରିୟାଶକ୍ତିର ବାହନ ହୋଇ ରହିବ । ଏପରିକି ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ବିପରୀତ ରୀତିରେ ଗତି କରୁଥିଲେ ମଧ୍ୟ ମୂଳ ଶକ୍ତିଟି ତଥାପି ତାହାହିଁ ହୋଇ ରହିଥିବ ।

ଏଥିରୁ ଆମେ ସଙ୍ଗେ ସଙ୍ଗେ ଏକଥାଟି ମଧ୍ୟ ଜାଣିପାରିବା ଯେ ମନକୁ ଅତିମାନସର ଶେଷ କ୍ରିୟାଭୂମି ଅଥବା ଅନ୍ତିମ ବିଭୂତି ବୋଲି କହିଲାପରି ଆମେ ପ୍ରାଣକୁ ମଧ୍ୟ ଚିତ୍‌ଶକ୍ତିର କେବଳ ଏକ ଶେଷ କ୍ରିୟାଭୂମି ବୋଲି କହିପାରିବା ଏବଂ ପରମ ସତ୍ୟକଳ୍ପନାକୁ ସେହି ଚିତ୍‌ଶକ୍ତିର ବିଧାୟକ ରୂପ ତଥା ସୃଷ୍ଟିଶୀଳ ସାଧନ ବୋଲି କହିପାରିବା । ଶକ୍ତିରୂପୀ ଚୈତନ୍ୟ ହେଉଛି ପରମସତ୍ତାଙ୍କର ନିଜ ପ୍ରକୃତି, ଏବଂ ଏକ ସୃଷ୍ଟିଶୀଳ ଜ୍ଞାନମୟ ଇଚ୍ଛାଶକ୍ତିରୂପେ ପ୍ରକାଶିତ ହେଉଥିବା ଏହି ଚିତ୍‌ସତ୍ତା

'oaob.nitrkl.ac.in' images reprocessed

ହେଉଛି ପରମ ସତ୍ୟକଳ୍ପନା ବା ଅତିମାନସ । ଯେତେବେଳେ ସେହି ଚିତ୍‌ଶକ୍ତି ଏକ ଶୃଙ୍ଖଳାବଦ୍ଧ ସୌଷମ୍ୟରେ ଅଖଣ୍ଡ ସତ୍ତାର ନାନାବିଧ ରୂପସୃଷ୍ଟି ନିମିତ୍ତ କ୍ରିୟାଶୀଳ ହୁଏ, ସେତେବେଳେ ତାହା ଅତିମାନସ ଜ୍ଞାନସଂକଳ୍ପରେ ପରିଣତ ହୁଏ ଏବଂ ସେହି ସୌଷମ୍ୟର ପ୍ରକାଶକୁହିଁ ଆମେ ଜଗତ୍ ବା ବିଶ୍ୱ ବୋଲି କହୁ । ଠିକ୍ ସେହିପରି ମନ ତଥା ପ୍ରାଣ ମଧ୍ୟ ସେହି ଚିତ୍‌ଶକ୍ତି ଓ ଜ୍ଞାନସଂକଳ୍ପର ରୂପାୟନ ବ୍ୟତୀତ ଆଉକିଛି ନୁହନ୍ତି । ଏକପ୍ରକାର ସୀମାନିର୍ଦ୍ଧାରଣ, ବିରୋଧ ଓ ବିନିମୟର ପ୍ରଣାଳୀଦ୍ୱାରା ବିଶିଷ୍ଟ ବ୍ୟଷ୍ଟିରୂପର ସୃଷ୍ଟି ତଥା ସଂରକ୍ଷଣ କରିବା ହେଉଛି ଏହି ରୂପାୟନର ଉଦ୍ଦେଶ୍ୟ । ଏହି ସୀମାନିର୍ଦ୍ଧାରଣ, ବିରୋଧ ଓ ବିନିମୟର ପ୍ରଣାଳୀ ଭିତରେହିଁ ପ୍ରତ୍ୟେକ ବ୍ୟଷ୍ଟି ଜୀବ ଆପଣାର ମନ ଓ ପ୍ରାଣକୁ ଏପରି ଭାବରେ ଫୁଟାଇ ଦେଇଥା'ନ୍ତି ଯାହାଦ୍ୱାରା କି ସେଗୁଡ଼ିକ ଅନ୍ୟ ସକଳ ମନ ଓ ପ୍ରାଣଠାରୁ ଭିନ୍ନ ବୋଲି ଦେଖାଯାଆନ୍ତି । ମାତ୍ର ବସ୍ତୁତଃ ସେମାନେ ପରସ୍ପରଠାରୁ କେବେହେଲେ ଭିନ୍ନ ନୁହନ୍ତି,—ସେମାନେ ହେଉଛନ୍ତି ଗୋଟିଏ ସତ୍ୟର ବିଭିନ୍ନ ଆକାର ଭିତରେ ରହିଥିବା କେବଳ ଗୋଟିଏ ଆତ୍ମା, ଗୋଟିଏ ମନ ତଥା ଗୋଟିଏ ପ୍ରାଣର ଲୀଳା ମାତ୍ର । ଅନ୍ୟପ୍ରକାରେ କହିଲେ ସକଳ ସଂଜ୍ଞାନ ଓ ପ୍ରଜ୍ଞାନର ସ୍ୱରୂପ ସେହି ଅତିମାନସର ବ୍ୟଷ୍ଟି ଭାବ ପ୍ରକାଶଲୀଳାର ଶେଷ ପର୍ଯ୍ୟାୟରେହିଁ ମନର ଆବିର୍ଭାବ ହୋଇଛି, ମନରୂପୀ କ୍ରିୟାଧାରାଟିକୁ ଅବଲମ୍ବନ କରି ଚୈତନ୍ୟ ବ୍ୟଷ୍ଟିଭାବ ସହିତ ଯୁକ୍ତ ହେଉଛି । ପ୍ରତ୍ୟେକ ରୂପର ଯଥାଯଥ ଦୃଷ୍ଟିଭଙ୍ଗୀର ମଧ୍ୟଦେଇ ଏବଂ ସେହି ଦୃଷ୍ଟିଭଙ୍ଗୀଟିରୁ ବିଶ୍ୱରେ ଜାତ ହେଉଥିବା ସମ୍ବନ୍ଧ ସକଳକୁ ନେଇ ତାହା କାର୍ଯ୍ୟ କରିବାରେ ଲାଗିଛି । ସେହିପରି ଚିନ୍ମୟ ସତ୍ତାର ଯେଉଁ ଶକ୍ତିଟି ବିଶ୍ୱବ୍ୟାପୀ ଅତିମାନସର ସର୍ବସମାବେଶକ ଓ ସର୍ବସୃଷ୍ଟିକାରୀ ସଂକଳ୍ପ ମଧ୍ୟରେ ନିରନ୍ତର କ୍ରିୟାଶୀଳ ହୋଇ ରହିଛି, ପ୍ରାଣକୁ ଆମେ ତାହାର ଏକ ଶେଷପର୍ଯ୍ୟାୟୀ କ୍ରିୟା ବୋଲି କହିପାରିବା । ପ୍ରାଣକୁହିଁ ଅବଲମ୍ବନ କରି ସେହି ଶକ୍ତି ବିଶ୍ୱର ବ୍ୟଷ୍ଟିରୂପଗୁଡ଼ିକୁ ସାମର୍ଥ୍ୟରେ ପରିପୂର୍ଣ୍ଣ କରିଦିଏ, ସେଗୁଡ଼ିକର ପୋଷଣ ଓ ସଂରକ୍ଷଣ କରେ, ଗଠନ ଓ ପୁନର୍ଗଠନ କରେ । ଏହି ଶକ୍ତିର କ୍ରିୟାଟିକୁ ଭିତ୍ତିକରିହିଁ ଏହିଭଳି ଭାବରେ ରୂପାୟିତ ହେଉଥିବା ବ୍ୟଷ୍ଟିଚେତନାର ଯାବତୀୟ କ୍ରିୟା ସମ୍ପାଦିତ ହେଉଥାଏ । ପରମସତ୍ତାର ଏହି ପ୍ରାଣରୂପୀ ଶକ୍ତି ସତେଯେପରି ଏକ ଡାଇନାମୋ ପରି ଆପଣାକୁ ସତତ ନାନା ରୂପରେ ବିଚ୍ଛୁରିତ କରିଦେବାରେ ଲାଗିଛି । ଚତୁର୍ଦ୍ଦିଗରେ ଅବସ୍ଥିତ ରୂପସମୂହ ଉପରେ ଆପଣା ଅଭିଘାତଗୁଡ଼ିକର କେବଳ ଏକ ବିକର୍ଷଣଶୀଳ ଶକ୍ତିପ୍ରବାହରୂପେ ପ୍ରବାହିତ ହୋଇ ତାହାର ଲୀଳା ସରି ଯାଏ ନାହିଁ, ମାତ୍ର ଚତୁର୍ଦ୍ଦିଗରେ ତାହାକୁ ପରିବେଷ୍ଟିତ କରି ରହିଥିବା ବିଶ୍ୱଗତ ସକଳ ଜୀବନରୁ ଅଜାଡ଼ି ହୋଇପଡ଼ି ବାହାରୁ ଆସି ତାହାର ମର୍ମଭେଦ କରୁଥିବା ସକଳ ଅଭିଘାତକୁ ମଧ୍ୟ ସେ ଗ୍ରହଣ କରିବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

ଏହି ଦୃଷ୍ଟିରୁ ଦେଖିଲେ ପ୍ରାଣକୁ ଜଡ଼ଉପରେ ମନର କ୍ରିୟାଲାଗି ଉପଯୁକ୍ତ ଚିତ୍‌ଶକ୍ତିର ଏକ ମଧ୍ୟବର୍ତ୍ତୀ ରୂପବୋଲି ମନେହୁଏ । ଶୁଦ୍ଧଭାବ ସହିତ ଆପଣାକୁ ସମ୍ବନ୍ଧିତ କରି ନରଖି ଯେତେବେଳେ ମନ ଆପଣା ସୃଷ୍ଟିକ୍ରିୟାର ମଧ୍ୟଦେଇ ଶକ୍ତିର ପ୍ରବାହ ତଥା ବସ୍ତୁର ରୂପ ସହିତ ଯୁକ୍ତ ହୁଏ, ସେତେବେଳେ ଆମେ ଗୋଟାଏ ଅର୍ଥରେ ପ୍ରାଣକୁ ମନର ଏକ ଶକ୍ତିଶୀଳ ବିଭାବ ବୋଲି ବି କହିପାରିବା । ମାତ୍ର ଏଥିସହିତ ଆଉଗୋଟିଏ କଥା ଅବଶ୍ୟ ମନେ ରଖିବାକୁ ପଡ଼ିବ । ଯେପରି ମନ ଆଦୌ ଏକ ସ୍ୱତନ୍ତ୍ର ସତ୍ତା ନୁହେଁ, ଏହା ପଛରେ ଯେପରି ଅତିମାନସର ସମଗ୍ର ସତ୍ତାଟି ଅବସ୍ଥିତ ରହିଛି ଏବଂ ଆପଣା ବ୍ୟଷ୍ଟିଭାବର ଶେଷ କ୍ରିୟାଫଳରୂପେ ଯେପରି ଏହି ଅତିମାନସହିଁ ମନରେ ପରିଣତ ହୋଇଛି, ସେହିପରି ପ୍ରାଣ ମଧ୍ୟ କୌଣସି ପୃଥକ୍ ସତ୍ତା କିମ୍ବା ଗତିସ୍ପନ୍ଦନ ଆଦୌ ନୁହେଁ । ପ୍ରାଣର ଯାବତୀୟ କ୍ରିୟାପଛରେ ଚିତ୍‌ଶକ୍ତିହିଁ ବିଦ୍ୟମାନ ରହିଛି । ବସ୍ତୁତଃ କେବଳ ସେହି ଚିତ୍‌ଶକ୍ତିହିଁ ବର୍ତ୍ତମାନ ରହିଛି ଏବଂ ସକଳ ସୃଷ୍ଟ ପଦାର୍ଥରେ କେବଳ ତାହାରି କ୍ରିୟାହିଁ ଚାଲିଛି । ଦେହ ଓ ମନର ମଧ୍ୟବର୍ତ୍ତୀ ମାର୍ଗବିନ୍ଦୁରୂପେ ଅବସ୍ଥିତ ରହିଥିବା ପ୍ରାଣକୁ ଆମେ ଏହି ଚିତ୍‌ଶକ୍ତିର ଶେଷ କ୍ରିୟା ବା ଅନ୍ତିମ ବିଭୂତିରୂପେ ଜାଣିରଖିବା । ତେଣୁ ପ୍ରାଣ ବିଷୟରେ ଆମେ ଯେତେବେଳେ ଯାହାକିଛି କହିବା, ସେଗୁଡ଼ିକ ପ୍ରାଣର ଏହି ପରତନ୍ତ୍ରତାରୁ ଉତ୍ପନ୍ନ ବିଶେଷ ସୀମାଗୁଡ଼ିକ ଉପରେହିଁ ନିର୍ଭରଶୀଳ ହୋଇ ରହିବାକୁ ବାଧ୍ୟ ହେବ । ପ୍ରାଣ ଭିତରେ ଯେଉଁ ଚିତ୍‌ଶକ୍ତିଟି ନିରନ୍ତର କାର୍ଯ୍ୟ କରୁଛି, ପ୍ରାଣ କେବଳ ତାହାର ଏକ ବାହ୍ୟ ବିଭାବମାତ୍ର, ଏକ ନିମିତ୍ତମାତ୍ର । ତେଣୁ ଏହି ଚିତ୍‌ଶକ୍ତିଟି ବିଷୟରେ ସଚେତନ ହୋଇନଥିବା ପର୍ଯ୍ୟନ୍ତ ପ୍ରାଣର ସ୍ୱଭାବ ଓ ପ୍ରକ୍ରିୟା ସମ୍ବନ୍ଧରେ ଆମେ ଯଥାର୍ଥରେ କିଛିହେଲେ ଜାଣିପାରିବା ନାହିଁ । କେବଳ ସେତିକିବେଳେ ଯାଇ ଆମେ ପ୍ରଜ୍ଞାର ସହିତ ଦେଖିପାରିବା, ଦିବ୍ୟ ସତ୍ତାର ବ୍ୟକ୍ତପ୍ରତିଷ୍ଠ ଆତ୍ମାରୂପେ ତଥା ମନୋମୟ ଏବଂ ଶାଶ୍ୱତିକ ନିମିତ୍ତରୂପେ ପ୍ରଜ୍ଞାର ସହିତ ଭଗବତ୍-ଇଚ୍ଛାକୁ ଜୀବନ ମଧ୍ୟରେ ସଂପ୍ରେରିତ କରିପାରିବା । କେବଳ ସେତିକିବେଳେହିଁ ପ୍ରାଣ ତଥା ମନର କ୍ଷେତ୍ରରେ ଅଜ୍ଞାନର ବନ୍ଧ ଓ କୁଟିଳ ବିକୃତିମାନ ହ୍ରାସ ହେବାକୁ ଆରମ୍ଭ କରିବ, ଏବଂ ଆମ ନିଜ ଭିତରେ ତଥା ସକଳ ବସ୍ତୁଭିତରେ ଅବସ୍ଥାନ କରୁଥିବା ଯେଉଁ ସତ୍ୟଟି କ୍ରମେ ଅଧିକରୁ ଅଧିକ ସରଳ ହେବାରେ ଲାଗିଛି, ତାହାରି ଗତିସ୍ପନ୍ଦନ ଅନୁସାରେ ମନ ଓ ପ୍ରାଣ ତାହାରି ପଥରେ ଅଗ୍ରସର ହେବାକୁ ସମର୍ଥ ହୋଇ ପାରିବେ । କେବଳ ଅବିଦ୍ୟାର ପ୍ରାଦୁର୍ଭାବରୁହିଁ ଅତିମାନସରୁ ବିଚ୍ୟୁତ ହୋଇ ପଡ଼ିଥିବା ମନକୁ ଯେପରି ସଚେତନ ଭାବରେ ସେହି ଅତିମାନସ ସହିତ ଏକାତ୍ମତା ଅର୍ଜନ କରିବାକୁ ପଡ଼ିବ, ଠିକ୍ ସେହିପରି ପ୍ରାଣକୁ ମଧ୍ୟ ଚିତ୍‌ଶକ୍ତି ବିଷୟରେ ସଜାଗ ଓ ସଚେତନ ହେବାକୁ ପଡ଼ିବ । ମନ ଯେପରି ପ୍ରାଣ ଓ ଜଡ଼କୁ ମନଶ୍ଚେତନାଯୁକ୍ତ

'oaob.nitrkl.ac.in' images reprocessed

କରିବାର କାର୍ଯ୍ୟଟିରେହିଁ ଆତ୍ମବିସ୍ମୃତପ୍ରାୟ ନିମଗ୍ନ ହୋଇ ରହିଛି, ସେହିପରି ପ୍ରାଣ ମଧ୍ୟ କେବଳ ବଞ୍ଚି ରହିବାର କାର୍ଯ୍ୟଟିରେ ଆପଣାକୁ ଅଭିନିବିଷ୍ଟ କରିରଖିଛି ଓ ସେଇଥିରେ ବୁଡ଼ିରହିଛି । ଚିତ୍‌ଶକ୍ତି ତାହା ଭିତରେ କେଉଁ ଉଦ୍ଦେଶ୍ୟ ଓ କେଉଁ ତାତ୍ପର୍ଯ୍ୟଟି ସହିତ କାର୍ଯ୍ୟ କରୁଛି, ସେ ବିଷୟରେ ପ୍ରାଣର କୌଣସି ଜ୍ଞାନ ନାହିଁ । ତଥାପି ଅନ୍ଧକାର ତଥା ଅଜ୍ଞାନ ମଧ୍ୟରେ ରହି ସେ ଅନ୍ଧଭାବରେ ସେହି ଉଦ୍ଦେଶ୍ୟଟିର ସାଧନଲାଗି ତତ୍ପର ରହିଛି । ଯେଉଁ ଜ୍ଞାନ, ଶକ୍ତି ଓ ଆନନ୍ଦ ଭିତରେ ଆପଣାକୁ ସ୍ୱୟଂସମ୍ପୂର୍ଣ୍ଣ କରିନେବାର ସାମର୍ଥ୍ୟ ଭରପୂର ହୋଇ ରହିଛି, ସେହି ଜ୍ଞାନ, ଶକ୍ତି ଓ ଆନନ୍ଦକୁ ପୂର୍ଣ୍ଣ ଜ୍ଞାନଦୀପ୍ତ ଭାବରେ ଗ୍ରହଣ କରିନେଇ ଏହି ପ୍ରାଣକୁ ମୁକ୍ତିଲାଭ କରିବାକୁ ହେବ, ପରିପୂର୍ଣ୍ଣ ହେବାକୁ ପଡ଼ିବ ।

ତମୋମୟ ମନର ବିଭାଜନଧର୍ମୀ କାର୍ଯ୍ୟର ଅଧୀନ ହୋଇ ରହିଥିବାରୁ ବସ୍ତୁତଃ ପ୍ରାଣ ବି ତମୋମୟ ଓ ବିଭକ୍ତ ହୋଇ ରହିଥାଏ । ତେଣୁ ବଦ୍ଧ ଓ ସୀମାୟିତ ସୃଷ୍ଟ-ମନ ଯେଉଁ ମୃତ୍ୟୁ, ସୀମାବଦ୍ଧତା, ଶକ୍ତିହୀନତା, ସନ୍ତାପଦ୍ୱେଗ ତଥା ଅଜ୍ଞାନମୟ କାର୍ଯ୍ୟ ପ୍ରଭୃତି ଦୋଷର ଜନକ ତଥା କାରଣ ହୋଇଥାଏ, ପ୍ରାଣକୁ ମଧ୍ୟ ସେହିସବୁର ଦାସତା ମଧ୍ୟଦେଇ ଯିବାକୁ ପଡ଼ିଥାଏ । ଆତ୍ମ-ଅଜ୍ଞାନର ପାଶରେ ଆବଦ୍ଧ ହୋଇପଡ଼ି ବ୍ୟକ୍ତି-ଆତ୍ମା ଆପେ ଆପଣାକୁ ନାନାପ୍ରକାର ସୀମା ଭିତରେ ବାନ୍ଧି ପକାଇବାରୁହିଁ କିପରି ଏହି ବିକୃତିର ଆଦ୍ୟ ସୂତ୍ରପାତ ହୁଏ, ଆମେ ସେ କଥା ଆଗରୁ ଆଲୋଚନା କରିଛୁ । କାରଣ ଆପଣାର ବିନ୍ଦୁଟି ଉପରେହିଁ ଆପଣାକୁ ଅତିରିକ୍ତଭାବରେ କେନ୍ଦ୍ରୀଭୂତ କରି ରଖି ବ୍ୟକ୍ତି-ଆତ୍ମା ଆପଣାକୁ ଏକ ସ୍ୱତନ୍ତ୍ର ଓ ସ୍ୱୟଂପୂର୍ଣ୍ଣ ସତ୍ତାରୂପେ ବିଚାର କରିବାକୁ ଲାଗେ । ଆପଣାକୁ ସେହି ପରମ ଅଦ୍ୱୟର ଏକ ସଚେତନ ରୂପ ହିସାବରେ ଏବଂ ସକଳ ଚେତନା, ସକଳ ଜ୍ଞାନ ଓ ସଙ୍କଳ୍ପ, ସକଳ ଶକ୍ତି, ସମ୍ଭୋଗ ତଥା ସତ୍ତାକୁ ଆପଣା ସହିତ ଏକାତ୍ମକ କରି ଦେଖିବା ପରିବର୍ତ୍ତିରେ ସେ ଆପଣା'ର ବ୍ୟକ୍ତିଗତ ଚେତନା, ବ୍ୟକ୍ତିଗତ ଜ୍ଞାନ ଓ ସଙ୍କଳ୍ପ, ବ୍ୟକ୍ତିଗତ ସାମର୍ଥ୍ୟ, ସମ୍ଭୋଗ ତଥା ସୀମାୟିତ ସଙ୍କୀର୍ଣ୍ଣ ଦୃଷ୍ଟିରେ ଯେଉଁପରି ଦେଖିଥାଏ, ବିଶ୍ୱର ସକଳ କ୍ରିୟାବିକ୍ରିୟାକୁ ସେ କେବଳ ତାହାହିଁ ବୋଲି ଭ୍ରମ କରେ । ମନରୂପକ କାରାଗାରରେ ବନ୍ଦୀ ହୋଇ ରହିଥିବା ଆତ୍ମାଟିର ଶାସନ ମାନ ଆମ ଭିତରେ ଅବସ୍ଥିତ ବିଶ୍ୱଗତ ପ୍ରାଣଟି ବି ସ୍ୱୟଂ କେବଳ ଏକ ବ୍ୟକ୍ତିଗତ କ୍ରିୟାସୀମା ଭିତରେ ବନ୍ଦୀ ହୋଇପଡ଼େ । ନାନା ସୀମା ଭିତରେ ଆବଦ୍ଧ ଆପଣାର ଅଯଥେଷ୍ଟ ସାମର୍ଥ୍ୟଟିକୁ ନେଇ ତାହା ଏକ ବିଚ୍ଛିନ୍ନ ପ୍ରାଣସତ୍ତା ପରି ପଡ଼ି ରହିଥାଏ ଓ କାର୍ଯ୍ୟ କରୁଥାଏ । ଆପଣାର ଚତୁର୍ଦ୍ଦିଗରେ ରହିଥିବା ବିଶ୍ୱଗତ ସମସ୍ତ ପ୍ରାଣର ରୂପ ତଥା ଅଭିଘାତମାନ ଆସି ତା'ଦେହରେ ବାଜୁଥାଏ ସତ, ମାତ୍ର ସେ ମୁକ୍ତଭାବରେ ସେଗୁଡ଼ିକୁ ଆଦୌ ଗ୍ରହଣ କରିପାରେ ନାହିଁ । ଏହି ବିଶ୍ୱରେ ଏକ ଦରିଦ୍ର,

'oaob.nitrkl.ac.in' images reprocessed

ଅଳ୍ପସମ୍ବଳ, ସୀମାବଦ୍ଧ ଓ ବ୍ୟକ୍ତିଗତ ସତ୍ତ୍ୱରୂପେ ପରମା ଶକ୍ତିର ନିରନ୍ତର ଓ ବିଶ୍ୱଗତ ଆଦାନପ୍ରଦାନର କ୍ଷେତ୍ର ଭିତରକୁ ନିକ୍ଷିପ୍ତ ହୋଇ ପ୍ରାଣ ପ୍ରଥମେ ସେହି ଶକ୍ତିଲୀଳାର ପ୍ରଚଣ୍ଡ ଶାସନକୁ ଅସହାୟ ଭାବରେ ମାନିନେବାକୁ ଓ ସହ୍ୟ କରିନେବାକୁ ବାଧ୍ୟ ହୋଇଥାଏ; ତାହା ଉପରେ ଅଜାଡ଼ି ହୋଇ ପଡୁଥିବା ସକଳ ଆକ୍ରମଣ, ସକଳ ଗ୍ରାସ ଓ ସମ୍ଭୋଗ ତଥା ତାହାକୁ କାମରେ ଲଗାଉଥିବା ଓ ଅଡ଼ାଇ ନେଉଥିବା ସକଳ କ୍ରିୟାର ଅଭିଘାତ ଆଗରେ କେବଳ ଏକ ଯନ୍ତ୍ରବତ୍ ପ୍ରତିକ୍ରିୟା ଦେଖାଇବା ବ୍ୟତୀତ ତାହାର ଆଉ ଉପାୟାନ୍ତର ନଥାଏ । ମାତ୍ର ଚେତନାର ପ୍ରବୋଧଧର୍ମୀ ବିକାଶ ସଙ୍ଗେ ସଙ୍ଗେ ଓ ସମ୍ବୃତ୍ତ ନିଦ୍ରାର ଜଡ଼ ଅନ୍ଧାର ଭିତରୁ ତା'ର ଆପଣା ସତ୍ତାର ଅଳ୍ପେକିଛି କ୍ରମେ ନିର୍ଗତ ହେବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିର ସତ୍ତା ଆପଣା ଭିତରେ ନିହିତ ରହିଥିବା ଶକ୍ତିଟି ବିଷୟରେ ବଡ଼ କ୍ଷୀଣଭାବରେ ଜାଗରୁକ ହେବାକୁ ମଧ୍ୟ ଆରମ୍ଭ କରେ । ପ୍ରଥମେ ଆପଣାର ନାଡ଼ୀମଣ୍ଡଳଦ୍ୱାରା ଏବଂ ତା'ପରେ ଆପଣାର ମନଦ୍ୱାରା ସେ ବିଶ୍ୱଲୀଳାକୁ ନିଜ ବଶକୁ ଆଣିବାକୁ ଚାହେଁ, ତାହାକୁ ଅନୁଭବ ଓ ବ୍ୟବହାର କରିବାକୁ ଚାହେଁ । ସ୍ୱଚ୍ଛ ଶକ୍ତି ବିଷୟରେ ଏହିପରି ଜାଗ୍ରତ ହୋଇ ଉଠିବାଦ୍ୱାରା ସେ କ୍ରମେ ନିଜ ପାଖରେ ମଧ୍ୟ ଜାଗ୍ରତ ହୋଇଉଠେ । କାରଣ ପ୍ରାଣ ହେଉଛି ଶକ୍ତି, ଶକ୍ତିହିଁ ସାମର୍ଥ୍ୟ, ପୁଣି ସାମର୍ଥ୍ୟ ହେଉଛି ସଂକଳ୍ପ ଏବଂ ସଂକଳ୍ପ ହେଉଛି ଈଶ୍ୱରଚୈତନ୍ୟର କ୍ରିୟା । ବିଶ୍ୱର ପ୍ରଭୁ ବା ଈଶ୍ୱରସ୍ୱରୂପ ସେହି ସଚ୍ଚିଦାନନ୍ଦଙ୍କର ସଂକଳ୍ପ ଶକ୍ତି ବ୍ୟତୀତ ସିଏ ଯେ ଆଉ କିଛି ନୁହେଁ, ବ୍ୟକ୍ତି ଭିତରେ ଅବସ୍ଥିତ ପ୍ରାଣ ଆପଣାର ଗଭୀରରେ ଏହି ବିଷୟରେହିଁ ଅଧିକରୁ ଅଧିକ ସଚେତନ ହେବାକୁ ଆରମ୍ଭ କରେ ଏବଂ ସେ ନିଜେ ମଧ୍ୟ ଜଣେ ବ୍ୟକ୍ତି ହିସାବରେ ତା'ର ଆପଣା ବିଶ୍ୱର ପ୍ରଭୁ ହେବାଲାଗି ଆକାଙ୍କ୍ଷା ପୋଷଣ କରେ । ଆପଣାର ଜଗତଟିକୁ ଜାଣିବାଲାଗି ଆପଣାର ଶକ୍ତିକୁ ଅନୁଭବ କରି ତାହାକୁ ଆପଣାର ବଶକୁ ଆଣିବା,—ସକଳ ବ୍ୟକ୍ତି ପ୍ରାଣରେ ଏହି ଆକାଙ୍କ୍ଷା ବା ଆକୂତିଟିହିଁ ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଥାଏ । ଭଗବାନ ଯେ ଏହି ବିଶ୍ୱରେ ଅଧିକରୁ ଅଧିକ ଭାବରେ ଆପଣାକୁ ପ୍ରକାଶ କରିବାକୁ ଚାହାନ୍ତି, ଏହି ଆକୂତିଟି ହେଉଛି ତାହାର ମର୍ମପରିଚୟ ।

ପ୍ରାଣହିଁ ଶକ୍ତି, ଏବଂ ବ୍ୟକ୍ତିପ୍ରାଣର ଅଭିବୃଦ୍ଧି କହିଲେ ତାହା କେବଳ ବ୍ୟକ୍ତି-ଶକ୍ତିରହିଁ ଅଭିବୃଦ୍ଧିକୁ ବୁଝାଇବ;—ଏକଥା ସତ ହେଲେ ମଧ୍ୟ ବ୍ୟକ୍ତି-ପ୍ରାଣ ଓ ବ୍ୟକ୍ତି-ଶକ୍ତି ଭେଦ-ଭାବାପନ୍ନ ହୋଇଥିବାରୁ ବ୍ୟକ୍ତି-ଜୀବ କଦାପି ସ୍ୱୟଂ ଆପଣା ଭୁବନର ପ୍ରଭୁରୂପେ ପ୍ରତିଷ୍ଠିତ ହୋଇପାରିବ ନାହିଁ । କାରଣ ତାହା ସର୍ବଶକ୍ତି ଓ ସର୍ବସାମର୍ଥ୍ୟର ପ୍ରଭୁ ବା ଈଶ୍ୱର ହେବାକୁ ବୁଝାଇବ, ଏବଂ ଏକ ବିଭକ୍ତ, ବ୍ୟକ୍ତିଗତ ଓ ତେଣୁ ସୀମାଦ୍ୱାରା ଆବଦ୍ଧ ସାମର୍ଥ୍ୟ ଓ ସଂକଳ୍ପବିଶିଷ୍ଟ ଏକ ବିଭକ୍ତ ତଥା ବ୍ୟକ୍ତିଗତ

'oaob.nitrkl.ac.in' images reprocessed

ଚେତନା ପକ୍ଷରେ ସର୍ବସାମର୍ଥ୍ୟର ପ୍ରଭୁ ହୋଇପାରିବା କଦାପି ସମ୍ଭବ ହେବ ନାହିଁ । କେବଳ ସର୍ବସଂକଳ୍ପମୟ ସତ୍ତାହିଁ ସର୍ବସାମର୍ଥ୍ୟର ପ୍ରଭୁ ହୋଇପାରିବ, ଏବଂ କେବଳ ସର୍ବସଂକଳ୍ପମୟ ଓ ସର୍ବଶକ୍ତିମୟ ସତ୍ତାଟି ସହିତ ପୁନର୍ବାର ଏକାତ୍ମତା ଅର୍ଜନ କରି ପାରିଲେହିଁ ବ୍ୟକ୍ତି ସେହି ସାମର୍ଥ୍ୟଟିର ଅଧିକାରୀ ହୋଇପାରିବ । ନ ହେଲେ ବ୍ୟକ୍ତି-ରୂପରେ ଆତଯାତ ବ୍ୟକ୍ତିଜୀବନ ଆବହମାନକାଳ ଯାବତ୍ ଆପଣା ସୀମାବଦ୍ଧତାର ଦାସ ହୋଇ ରହିଥିବ; ମୃତ୍ୟୁ, ବାସନା ଓ ଅସମର୍ଥତାରୂପୀ ତିନୋଟିଯାକ ଦାସତ୍ୱଚିହ୍ନକୁ ବହନ କରିବାରେ ଲାଗିଥିବ ।

ଆପଣା ସତ୍ତାର ସ୍ୱାଭାବିକ ସୀମାଗୁଡ଼ିକର ବଶବର୍ତ୍ତୀ ହୋଇ ତଥା ଏହି ବିଶ୍ୱରେ ଆପଣାକୁ ପ୍ରକାଶିତ କରୁଥିବା ସର୍ବଶକ୍ତିମାନ୍ ସତ୍ତା ସହିତ ଆପଣାର ସମ୍ବନ୍ଧଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହୋଇ ବ୍ୟକ୍ତି-ଜୀବନ ମୃତ୍ୟୁର ଭାର ବହନ କରିବାଲାଗି ବାଧ୍ୟ ହୋଇଥାଏ । କାରଣ ବ୍ୟକ୍ତିଜୀବନ ହେଉଛି ଶକ୍ତିର ଏକ ବିଶିଷ୍ଟ ଲୀଳାମାତ୍ର । ଯେଉଁ ଗଣନାତୀତ କୋଟି କୋଟି ରୂପ ଆପଣାର ସ୍ୱକାଳ, ସ୍ୱ-ଦେଶ ତଥା ସ୍ୱ-ପରିଧି ମଧ୍ୟରେ ଅବସ୍ଥିତ ରହି ବିଶ୍ୱର ଏହି ସମଗ୍ର ଲୀଳାଟିର ପରିଚର୍ଯ୍ୟା କରିବାରେ ତତ୍ପର ଅଛନ୍ତି, ବ୍ୟକ୍ତି-ଜୀବନ ସେଥିମଧ୍ୟରୁ କେବଳ ଗୋଟିଏ ମାତ୍ର ରୂପକୁ ଧରିରଖିଛି, ତାହାର ରକ୍ଷା କରୁଛି, ତାହାକୁ ସାମର୍ଥ୍ୟଯୁକ୍ତ କରୁଛି ଓ ତାହାର ପ୍ରୟୋଜନଟି ସରିଗଲେ ତାହାକୁ ଧ୍ୱଂସ କରିଦେଉଛି । ଏହିସବୁ କାର୍ଯ୍ୟର ନିର୍ବାହଲାଗି ତାହା ବିଶେଷଭାବେ ଉଦ୍ଦିଷ୍ଟ ହୋଇ ରହିଛି । ଶରୀରସ୍ଥ ପ୍ରାଣଶକ୍ତିକୁ ତାହାର ବାହାରେ ଏହି ବିଶ୍ୱରେ ଅବସ୍ଥିତ ରହିଥିବା ଅନ୍ୟସକଳ ଶକ୍ତିର ଆକ୍ରମଣ ଓ ଅଭିଘାତକୁ ଆପଣା ଉପରେ ବହନ କରିନେବାକୁ ହେଉଛି । ସେଗୁଡ଼ିକୁ ଆପଣା ଭିତରକୁ ଟାଣିନେଇ ତାହା ସେଗୁଡ଼ିକ ଦ୍ୱାରା ଆପଣାକୁ ସମ୍ପୁଷ୍ଟ କରୁଛି ଏବଂ ସ୍ୱୟଂ ବି ସେଗୁଡ଼ିକ ଦ୍ୱାରା ସତତ ଭକ୍ଷିତ ହେବାରେ ଲାଗିଛି । ଉପନିଷଦରେ ସକଳ ଭୂତକୁ ଅନ୍ନ ବୋଲି କୁହାଯାଇଛି । 'ଭକ୍ଷଣ କରୁଥିବା ଭକ୍ଷକ ସ୍ୱୟଂ ଭକ୍ଷିତ ହେଉଛି',— ଏହାହିଁ ଭୂତଜଗତର ବିଧାନ । ଶରୀର ଭିତରେ ସଂଗଠିତ ହେଉଥିବା ପ୍ରାଣ ବହିଃସ୍ଥ ପ୍ରାଣର ଆକ୍ରମଣ ଫଳରେ ବିଚୂର୍ଣ୍ଣ ହୋଇଯିବାର ସମ୍ଭାବନାଟିର ସମ୍ମୁଖରେ ସର୍ବଦା ଉନ୍ମୋଚିତ ହୋଇ ରହିଛି । ଅଥବା, ଏହାର ଗ୍ରାସ ବା ଭକ୍ଷଣ କରିବାରେ ଶକ୍ତି ଯଥେଷ୍ଟ ହୋଇ ନଥିବାରୁ, ବା ଏହାକୁ ଯଥେଷ୍ଟ ପରିମାଣରେ ଆହାର ମିଳୁ ନଥିବାରୁ କିମ୍ବା ଏକ ପକ୍ଷରେ ଆପଣାର ଭକ୍ଷଣସାମର୍ଥ୍ୟ ଏବଂ ଅନ୍ୟ ପକ୍ଷରେ ବାହାରେ ଅବସ୍ଥିତ ରହିଥିବା ପ୍ରାଣକୁ ଭକ୍ଷ୍ୟ ଯୋଗାଇବାର ସାମର୍ଥ୍ୟ ଓ ପ୍ରୟୋଜନୀୟତା ମଧ୍ୟରେ ଯଥାର୍ଥ ଭାରସାମ୍ୟ ରହୁ ନଥିବାରୁ ଦେହସ୍ଥ ପ୍ରାଣ ଆପଣାକୁ ରକ୍ଷା କରିବାକୁ ଅସମର୍ଥ ହୋଇପଡ଼ୁଛି ଏବଂ ଅନ୍ୟର ଗ୍ରାସରେ ପଡ଼ିଯାଉଛି ।

'oaob.nitrkl.ac.in' images reprocessed

ଆପଣାକୁ ପୁନରୁଜ୍ଜୀବିତ କରିବାଲାଗି ଅକ୍ଷମ ହୋଇ ତାହା ବିନଷ୍ଟ ଓ ବିଚୂର୍ଣ୍ଣ ହୋଇଯାଉଛି । ପୁନର୍ଜୀବନ ବା ଏକ ନୂତନ ଦେହଗଠନ ନିମିତ୍ତ ସେ ମୃତ୍ୟୁର ପ୍ରକ୍ରିୟାଟିର ମଧ୍ୟଦେଇ ଗତି କରିବାକୁ ବାଧ୍ୟ ହେଉଛି ।

କେବଳ ଏତିକି ନୁହେଁ, ମାତ୍ର ପୁଣି ସେହି ଉପନିଷଦ୍‌ର ଭାଷାରେ କହିଲେ ପ୍ରାଣଶକ୍ତି ହେଉଛି ଶରୀରର ଅନ୍ନ ଏବଂ ଶରୀର ହେଉଛି ପ୍ରାଣଶକ୍ତିର ଅନ୍ନ । ଅଥବା, ଆମ ଭିତରେ ରହିଥିବା ପ୍ରାଣଶକ୍ତି ଆବଶ୍ୟକ ଉପାଦାନଟିକୁ ଯୋଗାଇଦେଇ ରୂପର ଗଠନ କରୁଛି, ତାହାର ସଂରକ୍ଷଣ କରୁଛି ଏବଂ ସେହି ରୂପକୁ ପୁଣି ନୂଆକରି ଗଢ଼ୁଛି; ଏବଂ ପୁଣି ଏକାଧାରରେ ଆପେ ଏହିପରି ଭାବରେ ଗଢ଼ିଥିବା ତଥା ସଂରକ୍ଷିତ କରି ରଖିଥିବା ଆପଣା ରୂପଟିର ଉପାଦାନଟିକୁ ସ୍ୱୟଂ ନିରନ୍ତର ଆତ୍ମସାତ୍ କରିନେଉଛି । ଏହି ଉଭୟ କ୍ରିୟାମଧ୍ୟରେ ସମ୍ପୂର୍ଣ୍ଣ ଭାରସାମ୍ୟ ରହି ନପାରିଲେ, ଏଥିରେ କୌଣସି ବ୍ୟାଘାତ ଉପୁଜିଲେ, କିମ୍ବା ପ୍ରାଣଶକ୍ତିର ବିଭିନ୍ନ ପ୍ରବାହଗୁଡ଼ିକ ମଧ୍ୟରେ ଚାଲିଥିବା ସୁଶୃଙ୍ଖଳିତ ଲୀଳାଟି ଯଦି ଆପଣାର ଛନ୍ଦଟିକୁ ହରାଇବସେ, ତେବେ ସେଇଥିରୁହିଁ ମୃତ୍ୟୁ ଆସି ପହଞ୍ଚେ, ସେଇଥିରୁ କ୍ଷୟ ଆସି ପହଞ୍ଚେ ଏବଂ ବିଘଟନ ଓ ବିନାଶର ପ୍ରକ୍ରିୟାଟି ଆରମ୍ଭ ହୋଇଯାଏ । ପୁଣି ସଚେତନ ପ୍ରଭୁତ୍ୱଲାଭର ପ୍ରଚେଷ୍ଟା ଏବଂ ଏପରିକି ମନଃଶକ୍ତିର ଅଭିବୃଦ୍ଧି ମଧ୍ୟ ପ୍ରାଣଶକ୍ତିର ସଂରକ୍ଷଣକୁ ଆହୁରି ଆୟାସସାଧ୍ୟ କରିଦିଏ । କାରଣ ସେହି କ୍ଷେତ୍ରରେ ପ୍ରାଣଶକ୍ତି ଦେହଠାରୁ ଅଧିକରୁ ଅଧିକ ଦାବି କରିବାରେ ଲାଗିଥାଏ; ଦେହ ଭିତରକୁ ମୂଳତଃ ଯେତିକି ଶକ୍ତି ଯୋଗାଇ ଦିଆଯାଉଥାଏ, ଏହି ଦାବି ତାହାଠାରୁ ଅତିରିକ୍ତ ହୋଇପଡ଼େ, ଏବଂ ଏହା ଫଳରେ ଚାହିଦା ଏବଂ ଯୋଗାଣ ଭିତରେ ରହିଥିବା ମୂଳ ଭାରସାମ୍ୟଟି ନଷ୍ଟ ହୋଇଯାଏ । ଏବଂ ଏକ ନୂତନ ଭାରସାମ୍ୟ ପ୍ରତିଷ୍ଠିତ ହୋଇପାରିବା ପୂର୍ବରୁ ସୁଷମତାର ବିରୁଦ୍ଧାଚରଣ କରୁଥିବା ନାନା ବିଶୃଙ୍ଖଳା ଆସି ପଶିଯାଏ, ଆୟୁଃକ୍ଷୟକାରୀ ନାନା ବିଭ୍ରାଟ ଆସି ପହଞ୍ଚେ । ପୁଣି ପ୍ରଭୁତ୍ୱଲାଭର ପ୍ରଚେଷ୍ଟା ଫଳରେ ପରିପୂର୍ଣ୍ଣତା ହାସଲ କରିବାର ଅଭିଳାଷ ରଖିଥିବା ନାନା ଶକ୍ତିଦ୍ୱାରା ଭରି ରହିଥିବା ପରିବେଶଟିରେ ମଧ୍ୟ ତଦନୁସାରୀ ଏକ ପ୍ରତିକ୍ରିୟା ଜାତ ହୁଏ । ପରିବେଶସ୍ଥ ସେହି ଶକ୍ତିଗୁଡ଼ିକ କ୍ରମେ ଅସହିଷ୍ଣୁ ହୋଇ ପଡ଼ନ୍ତି, ସେଗୁଡ଼ିକ ଉପରେ ପ୍ରଭୁ ହୋଇ ବସିବାକୁ ଚେଷ୍ଟା କରୁଥିବା ଦେହଟି ବିରୁଦ୍ଧରେ ବିଦ୍ରୋହ କରନ୍ତି ଏବଂ ଘେରିଆଡୁ ଆସି ତାହାକୁ ଆକ୍ରାନ୍ତ କରିପକାନ୍ତି । ସେଠାରେ ମଧ୍ୟ ଏକ ଭାରସାମ୍ୟ ନଷ୍ଟ ହୋଇଯାଏ, ଏବଂ ସେଥିରୁ ଏକ ତୀବ୍ରତର ସଂଘର୍ଷର ସୂତ୍ରପାତ ହୁଏ । ପ୍ରଭୁତ୍ୱପ୍ରୟାସୀ ପ୍ରାଣଟି ଯେତେବେଶୀ ଶକ୍ତିଶାଳୀ ହୋଇଥାଉ ନା କାହିଁକି, ଯଦି ତାହା ଅସୀମଶକ୍ତିସମ୍ପନ୍ନ ନହୋଇଥାଏ ଅଥବା ଆପଣାର ପରିବେଶଟି ସହିତ ଏକ ନୂତନ ସୌଷମ୍ୟାବସ୍ଥାର ପ୍ରତିଷ୍ଠା

'oaob.nitrkl.ac.in' images reprocessed

କରିବାକୁ ଅକ୍ଷମ ହୋଇପଡ଼େ, ତେବେ ପ୍ରତିରୋଧ କରି ପାରିବାକୁ ମଧ୍ୟ ତା'ଭିତରେ ସବୁବେଳେ ଶକ୍ତି ନଥାଏ । ସେ ଆଉ ଜୟଲାଭ କରିପାରେ ନାହିଁ; ତେଣୁ ଯେକୌଣସି ଦିନେ ପରାଭବ ସ୍ୱୀକାର କରିବାକୁ ବାଧ୍ୟ ହୁଏ ଏବଂ ବିଚୂର୍ଣ୍ଣ ହୋଇଯାଏ ।

ମାତ୍ର ଏହିସବୁ ଆବଶ୍ୟକତା ବ୍ୟତୀତ ଦେହଗତ ପ୍ରାଣର ସ୍ୱଭାବ ତଥା ଉଦ୍ଦେଶ୍ୟଗତ ଆଉ ଗୋଟିଏ ମୌଳିକ ଆବଶ୍ୟକତା ମଧ୍ୟ ରହିଛି ଏହି ଆବଶ୍ୟକତାଟି ହେଉଛି ସୀମାର ଆଧାର ଉପରେ ଅସୀମ ତଥା ଅନନ୍ତ ଅନୁଭୂତିର ଅନୁସନ୍ଧାନ କରିବା । ମାତ୍ର ପ୍ରାଣର ଆଧାରସ୍ୱରୂପ ରହିଥିବା ଦେହଟି ସ୍ୱଭାବତଃ ଏପରି ଭାବରେ ରଚିତ ହୋଇଥାଏ ଯେ ତଦ୍ଦ୍ୱାରା ସେହି ଅନୁଭୂତିର ସମ୍ଭାବନାଟି ସର୍ବଦା ଭାରି ସୀମାବଦ୍ଧ ହୋଇ ରହିବାକୁ ବାଧ୍ୟ ହୁଏ । ତେଣୁ ସେଥିଲାଗି ଏହି ଦେହଟିକୁ ଭାଙ୍ଗିଦେଇ ନୂତନ ଦେହର ଅନୁସନ୍ଧାନ କରିବାକୁ ପଡ଼େ । କାଳ ଓ ଦେଶର ସ୍ୱକୀୟ କ୍ଷଣ ଓ କ୍ଷେତ୍ରଟି ଉପରେ ଆପଣାକୁ କେନ୍ଦ୍ରୀଭୂତ କରି ରଖିବାଦ୍ୱାରା ବ୍ୟକ୍ତିର ଆତ୍ମା ଆପଣାକୁ ଆଗରୁ ସୀମାଭିତରେ ବାନ୍ଧି ପକାଇଥାଏ । ତେଣୁ ଆପଣାର ଅନନ୍ତତାକୁ ଫେରି ପାଇବାଲାଗି ତାହାକୁ ଅନୁବୃତ୍ତି ଅର୍ଥାତ୍ ଏକ କ୍ରମାନ୍ୱୟୀ ତତ୍ତ୍ୱର ସାହାଯ୍ୟ ନେବାକୁ ହୁଏ । କ୍ଷଣ ସହିତ କ୍ଷଣର ଯୋଗ କରି ସେ ଏକ କାଳାନୁସାରୀ ଅନୁଭୂତିକୁ ସଞ୍ଚୟ କରି ରଖେ ଏବଂ ତାହାକୁ ଆପଣାର ଅତୀତ ବୋଲି କହେ । କାଳର ସେହି ପ୍ରସାରଣଟି ଭିତରେ ସେ ପୂର୍ବାପର କ୍ରମରେ ସଂଯୋଜିତ ହୋଇ ରହିଥିବା କେତେ କ୍ଷେତ୍ର, କେତେ ଅନୁଭୂତି ଓ କେତେ ଜୀବନ ଭିତରେ ବିଚରଣ କରୁଥାଏ, ପୂର୍ବାପର କ୍ରମରେ ସଂଗୃହୀତ ହୋଇ ରହିଥିବା କେତେ ଜ୍ଞାନ, ସାମର୍ଥ୍ୟ ଓ ସମ୍ଭୋଗ ଭିତରେ ଚରି ବୁଲୁଥାଏ । ଏବଂ ଏହି ସକଳ ସଂଗ୍ରହ ଓ ସଞ୍ଚୟକୁ ସେ କାଳର କ୍ଷେତ୍ରଟି ଭିତରେ ଆପଣାର ଅତୀତ ଉପାର୍ଜନର ଭଣ୍ଡାରରୂପେ ଅବଚେତନ ଅଥବା ଅତିଚେତନ ସ୍ମୃତିଭିତରେ ସାଇତି କରି ରଖିଥାଏ । ଏହି ପ୍ରକ୍ରିୟାଟି ସକାଶେ ଦେହରୂପର ପରିବର୍ତ୍ତନ ଅତ୍ୟାବଶ୍ୟକ ହୋଇପଡ଼େ, ଏବଂ ବ୍ୟକ୍ତିର ଶରୀର ଭିତରେ ନିବାସ କରୁଥିବା ଆତ୍ମା ଲାଗି ରୂପର ପରିବର୍ତ୍ତନ କହିଲେ ଶରୀରର ବିନାଶକୁହିଁ ବୁଝାଇଥାଏ । ଏହି ଭୂତଜଗତରେ ସର୍ବପ୍ରାଣମୟ ସତ୍ତାର ବିଧାନ ତଥା ବାଧ୍ୟତାଗୁଡ଼ିକର ଅଧୀନ ହୋଇ ରହିଥିବା ଶରୀରର ବିନାଶକୁହିଁ ବୁଝାଇଥାଏ । ଦେହରଚନାର ଉପାଦାନ ଯୋଗାଇଦେବା ଏବଂ ସେହି ଦେହଠାରୁ ଏହି ଉପାଦାନଗୁଡ଼ିକର ଦାବି କରୁଥିବା ତାର ସେହି ନିୟମଟିର, ପାରସ୍ପରିକ ସତତ ଅଭିଘାତ ଏବଂ ପାରସ୍ପରିକ ଗ୍ରାସର ଏହି ଜଗତରେ ବଞ୍ଚି ରହିବାପାଇଁ ଦେହଗତ ପ୍ରାଣର ସତତ ସଂଗ୍ରାମର ସେହି ନିୟମଟିର ଅଧୀନ ହୋଇ ରହିଥିବା ଶରୀରର ବିନାଶକୁହିଁ ବୁଝାଇଥାଏ । ଏବଂ ମୃତ୍ୟୁର ବିଧାନ କହିଲେ କେବଳ ଏହାହିଁ ବୁଝାଏ ।

'oaob.nitrkl.ac.in' images reprocessed

ତେଣୁ ଏଇଥିରୁହିଁ ମୃତ୍ୟୁର ଆବଶ୍ୟକତା ତଥା ଔଚିତ୍ୟ ପ୍ରତିପାଦିତ ହୋଇଯାଉଛି । ମୃତ୍ୟୁ କହିଲେ ଜୀବନର ଅଭାବକୁ ବୁଝାଏ ନାହିଁ, ଜୀବନର ଏକ ଅନ୍ୟତମ ପ୍ରକ୍ରିୟାକୁହିଁ ବୁଝାଏ । ମୃତ୍ୟୁ ଅତ୍ୟାବଶ୍ୟକ, କାରଣ ରୂପର ନିରନ୍ତର ପରିବର୍ତ୍ତନ ବ୍ୟତୀତ ଏହି ସୀମାନୁବନ୍ଧ ଜୀବଦେହ ଅନ୍ୟ କୌଣସି ପ୍ରକାର ଅମରତ୍ୱର ଆକାଂକ୍ଷାହିଁ କରିପାରିବ ନାହିଁ ଏବଂ ଦେହ ଭିତରେ ଛନ୍ଦିହୋଇ ରହିଥିବା ଆମର ସୀମାଶାସିତ ମନ ପକ୍ଷରେ ଅନୁଭୂତିର ନିରନ୍ତର ପରିବର୍ତ୍ତନ ବ୍ୟତୀତ ଅନ୍ୟ କୌଣସି ଅନନ୍ତତାର ଉପଲବ୍ଧି କରିବା କଦାପି ସମ୍ଭବ ହେବ ନାହିଁ । ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଆମର ସେହି ଗୋଟିଏ ଶରୀରରେ କେତେ କେତେ ନୂଆ ରୂପ ଫୁଟିବାରେ ଲାଗିଛି । ମାତ୍ର ଆଲୋଚିତ କ୍ଷେତ୍ରରେ ରୂପ-ପରିବର୍ତ୍ତନ କହିଲେ କେବଳ ଗୋଟିଏ ଶରୀରରେ ନୂଆ ନୂଆ ରୂପ ଧାରଣ କରି ଯାଉଥିବାର ପ୍ରକ୍ରିୟାଟି ଆଦୌ ଯଥେଷ୍ଟ ହେବ ନାହିଁ । କାରଣ ମୂଳ ରୂପାବରଣଟିର ପରିବର୍ତ୍ତନ ନହେଲେ ଏବଂ ଅନୁଭୂତିକ୍ଷମ ମନଟି କାଳ, ଦେଶ ତଥା ପରିବେଷ୍ଟନୀର ନୂତନ ପରିବେଶରେ ନୂତନ ରୂପରେ ଅବତୀର୍ଣ୍ଣ ନହେଲେ ଦେଶ ଓ କାଳର କ୍ଷେତ୍ରରେ ଅନୁଭୂତିର ସେହି ସ୍ୱଭାବସିଦ୍ଧ ଆବଶ୍ୟକ ପରିବର୍ତ୍ତନ ଆଦୌ ସାଧିତ ହେବ ନାହିଁ । ତେଣୁ ସେଇଥି ସକାଶେ ମୃତ୍ୟୁ ବା ଦେହନାଶର ଆବଶ୍ୟକତା ରହିଛି, ପ୍ରାଣ ପ୍ରାଣକୁ ଭକ୍ଷଣ କରିବାର ଆବଶ୍ୟକତା ରହିଛି । ଏହି ମୃତ୍ୟୁ ଭିତରେ ଆମେ କେବଳ ଅସ୍ୱାଚ୍ଛନ୍ଦ୍ୟହିଁ ଦେଖୁ, କେବଳ ଏକ ଅକାଟ୍ୟ ନିୟତିକୁ ଦେଖୁ, ସଂଗ୍ରାମ, ଯନ୍ତ୍ରଣା ଏବଂ ଅନାତ୍ମା ବୋଲି ପ୍ରତୀତ ହେଉଥିବା ଏକ ଶାସନର ଦାସତ୍ୱକୁ ଅନନ୍ୟୋପାୟ ହୋଇ ମାନିନେବାର ଏକ ଦୁର୍ଦ୍ଦଶାକୁହିଁ ଦେଖୁ । ତେଣୁ ଆମଲାଗି କେବଳ ମଙ୍ଗଳର ବିଧାୟକ ହୋଇ ଆସୁଥିବା ସେହି ଆବଶ୍ୟକ ପରିବର୍ତ୍ତନଟି ଆମକୁ ଏପରି ଭୟଙ୍କର ଓ ବିକଟାଳ ଦେଖାଯାଏ, ଆମର ମରଣାଧୀନ ମନୋଭୂମି ଆଗରେ କେବଳ ଅବାଞ୍ଛିତ ପରି ମନେହୁଏ । ମୃତ୍ୟୁ ଏକ ଭକ୍ଷକରୂପେ ଆସେ, ମୃତ୍ୟୁ ଗିଳିପକାଏ, ଚୂର୍ଣ୍ଣ କରିଦିଏ, ଆମକୁ ଏହି ଜଗତରୁ ଛିନ୍ନ କରି ନେଇଯାଏ; ସେଇଥିଲାଗି ମୃତ୍ୟୁକୁ ଆମେ ଏକ ଦଂଶନ ପରି ମନେକରିଥାଉ । ଏପରିକି ମୃତ୍ୟୁ ଅନ୍ତେ ବି ଆମେ ଆଉଏକ ଅନ୍ୟଲୋକରେ ନିଶ୍ଚୟ ବଞ୍ଚିରହିବା, ଏହିପରି ଏକ ଆଶ୍ୱାସନା ମଧ୍ୟ ସେହି ଦଂଶନର ଜ୍ୱାଳାକୁ ସମ୍ପୂର୍ଣ୍ଣରୂପେ ନିର୍ବାପିତ କରିପାରେ ନାହିଁ ।

ପାରସ୍ପରିକ ଭକ୍ଷଣର ଯେଉଁ ରୀତିଟି ଜଡ଼ଗତ ପ୍ରାଣର ସର୍ବମୂଳ ନିୟମରୂପେ ପ୍ରତିଷ୍ଠିତ ରହିଛି, ସେହି ନିୟମରୁହିଁ ମୃତ୍ୟୁର ଏହି ପ୍ରକ୍ରିୟାଟି ଆବଶ୍ୟକ ହୋଇପଡ଼େ । ଉପନିଷଦରେ ପ୍ରାଣକୁ ମୃତ୍ୟୁରୂପୀ ବୁଭୁକ୍ଷା ବୋଲି କୁହାଯାଇଛି ଏବଂ ଏହି 'ଅଶନାୟା ମୃତ୍ୟୁଃ' ଅର୍ଥାତ୍ ମୃତ୍ୟୁରୂପୀ ବୁଭୁକ୍ଷାଦ୍ୱାରା ଜଡ଼ଜଗତର ସୃଷ୍ଟି ହୋଇଛି । କାରଣ

'oaob.nitrkl.ac.in' images reprocessed

ପ୍ରାଣ ଏଠାରେ ଆପଣା ନିବାସର ଆବରଣରୂପେ ଜଡ଼ର ଉପାଦାନକୁ ଗ୍ରହଣ କରୁଛି ଏବଂ ଜଡ଼ର ଉପାଦାନ କହିଲେ ଅନନ୍ତ ଭାଗରେ ବିଭକ୍ତ ହୋଇଥିବା ଅନନ୍ତ ଭାବରେ ଆପଣାକୁ ସମଷ୍ଟିଭୂତ ଓ ସମାହୃତ କରି ଆଣିବାକୁ ଚାହୁଁଥିବା ସେହି ପରମ ସତ୍ତାକୁହିଁ ବୁଝାଉଛି । ଅନନ୍ତ ବିଭାଜନ ତଥା ଅନନ୍ତ ସମଷ୍ଟିକରଣର ପ୍ରକ୍ରିୟା ଦୁଇଟି ମଧ୍ୟରେ ବିଶ୍ୱର ଭୌତିକ ସତ୍ତା ସୃଷ୍ଟ ହେବାରେ ଲାଗିଛି । ଆପଣାର ସଂରକ୍ଷଣ ତଥା ଅଭିବର୍ଦ୍ଧନ ଲାଗି ବ୍ୟକ୍ତି ଅର୍ଥାତ୍ ଜୀବନଧାରୀ ଶରୀର ପ୍ରୟାସକୁ ଆମେ ବାସନାର ସମଗ୍ର ଅର୍ଥ ବୋଲି କହିବା । ଆପଣାର ଅନୁଭୂତିକୁ ଅଧିକରୁ ଅଧିକ ସର୍ବପ୍ରସାରୀ କରିବାକୁ ଚେଷ୍ଟାକରି ଆପଣାର ଦେହ, ପ୍ରାଣ, ମନ ଓ ମନୁଷ୍ୟତ୍ୱର ଅଭିବୃଦ୍ଧି ସାଧନ କରିବା, ସକଳ ବିଶ୍ୱକୁ ଆପଣାର ବେଢ଼ ଭିତରକୁ ଆଣିବା, ତାହାକୁ ଆପଣା ମଧ୍ୟରେ ସମ୍ମିଳିତ କରିନେବା ଓ ଆପଣାର କରିନେବା ତଥା ସକଳ ବିଶ୍ୱକୁ ଉପଭୋଗ କରିବାଦ୍ୱାରା ଆପଣାର ଦେହ, ପ୍ରାଣ, ମନ ଓ ମନୁଷ୍ୟତ୍ୱରେ ସମୃଦ୍ଧି ଆଣିଦେବା,—ଏହାହିଁ ହେଉଛି ବ୍ୟକ୍ତିର ଅପରିହାର୍ଯ୍ୟ, ସର୍ବମୂଳ ତଥା ଅନିର୍ବାଣ ଆକୂତି । ଏକଦା ବିଭକ୍ତ ହୋଇ ବ୍ୟକ୍ତିସୀମା ଭିତରେ କେନ୍ଦ୍ରୀଭୂତ ହୋଇ ପଡ଼ିଥିଲେ ମଧ୍ୟ ବ୍ୟକ୍ତିଭିତରେ ଅବସ୍ଥିତ ସେହି ପରମ ସତ୍ତା ଯେ ଆପଣାର ସର୍ବଗ୍ରାହୀ ଓ ସର୍ବସମାବେଶକାରୀ ଅନନ୍ତତା ବିଷୟରେ ତଥାପି ପ୍ରଚ୍ଛନ୍ନରୂପେ ସଚେତନ ହୋଇ ରହିଥିବ, ଏଥିରେ ଆଉ ସନ୍ଦେହ କରିବାର କ'ଣ ଅଛି ? ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଚେତନାଟିର ଉପଲବ୍ଧି,—ତାହାହିଁ ହେଉଛି ପ୍ରତ୍ୟେକ ବ୍ୟକ୍ତିଜୀବ ମଧ୍ୟରେ ଅବସ୍ଥିତ ରହିଥିବା ବିଶ୍ୱଗତ ଦିବ୍ୟ ପୁରୁଷର ଆକୂତି, ତାହାହିଁ ଦେହଗତ ପରମାତ୍ମାର କାମନା । ଏବଂ ପ୍ରଥମେ ପ୍ରାଣଶକ୍ତିର ଅଭିବୃଦ୍ଧି ଓ ସଂପ୍ରସାରଣ ଦ୍ୱାରାହିଁ ଯେ ବ୍ୟକ୍ତି ସେହି ଚେତନାର ଉପଲବ୍ଧି କରିବାକୁ ଇଚ୍ଛା କରିବ, ଏହା ଅପରିହାର୍ଯ୍ୟ, ଯୁକ୍ତିଯୁକ୍ତ ଓ ମଙ୍ଗଳକାରକ । କେବଳ ଆପଣାର ପରିବେଶକୁ ସ୍ୱକବଳିତ କରି ଏବଂ ଅନ୍ୟମାନଙ୍କୁ ତଥା ଅନ୍ୟମାନଙ୍କର ଅଧିକୃତ ସମ୍ପଦକୁ ଆତ୍ମସାତ୍ କରିହିଁ ଭୌତିକ ଜଗତରେ ଏହା ସାଧିତ ହୋଇପାରିବ । ଏବଂ ଏହି ଆବଶ୍ୟକତାଟିହିଁ ସକଳ ପ୍ରକାରର ବୁଭୁକ୍ଷାର ଔଚିତ୍ୟଟିକୁ ପ୍ରତିପାଦିତ କରିଦେଉଛି । ମାତ୍ର ଯିଏ ଭକ୍ଷଣ କରୁଛି, ତାହାକୁ ମଧ୍ୟ ଭକ୍ଷିତ ହେବାକୁ ପଡ଼ିବ । କାରଣ ପାରସ୍ପରିକ ପରିବର୍ତ୍ତନ, କ୍ରିୟା ଓ ପ୍ରତିକ୍ରିୟା, ସୀମିତ ସାମର୍ଥ୍ୟ ଏବଂ ତାହାର ଫଳସ୍ୱରୂପ ଏକ ଚରମ ନିଃଶେଷିତତା, ପରାଭବ-ସ୍ୱୀକାର ଓ ମୃତ୍ୟୁ,—ଏହିଗୁଡ଼ିକର ନିୟମହିଁ ଭୌତିକ ଜଗତର ସକଳ ଜୀବନକୁ ପରିଚାଳିତ ଓ ପ୍ରଶାସିତ କରୁଛି ।

ଅବଚେତନ ମଧ୍ୟରେ ଯାହା କେବଳ ଏକ ପ୍ରାଣଭୂମିଗତ କ୍ଷୁଧା ହୋଇ ରହିଥିଲା, ମନର ଚେତନ ପର୍ଯ୍ୟାୟକୁ ଆସି ସେହି କ୍ଷୁଧା ନାନା ଉଚ୍ଚତର ଆକାରରେ ରୂପାନ୍ତରିତ ହୋଇଯାଏ । ପ୍ରାଣଭୂମିରେ ଯାହା କେବଳ ଏକ କ୍ଷୁଧାରୂପେ ରହିଥିଲା,

'oaob.nitrkl.ac.in' images reprocessed

ମନୋଗତ ଜୀବନସ୍ତରରେ ତାହା ବାସନାର ଆକାଙ୍କ୍ଷାରୂପେ ପରିଣତ ହୁଏ, ବୁଦ୍ଧିପ୍ରଣୋଦିତ ଓ ବିଚାରମୟ ଜୀବନସ୍ତରରେ ତାହା ଇଚ୍ଛାଶକ୍ତିର ଆବେଗରୂପେ ପରିଣତ ହୁଏ । ବ୍ୟକ୍ତି ପରିଶେଷରେ ସ୍ୱୟଂ ଆପଣାର ଶାସକ ହୋଇପାରିବା ପର୍ଯ୍ୟନ୍ତ ଓ ଅନନ୍ତ ସହିତ ଅଧିକରୁ ଅଧିକ ଏକାତ୍ମକତାର ଉପଲବ୍ଧି ଦ୍ୱାରା ଏହି ବିଶ୍ୱର ଅଧିକାର ପ୍ରାପ୍ତ ହେବାପର୍ଯ୍ୟନ୍ତ ତାହାକୁ ଉତ୍ତରୋତ୍ତର ଆପଣାର ଅଭିବୃଦ୍ଧି ସାଧନ କରିବାକୁ ହୁଏ ଏବଂ ଆଗକୁ ବଢ଼ିଯିବାକୁ ହୁଏ; ଏବଂ ସେପର୍ଯ୍ୟନ୍ତ ଏହି ବାସନାର ଗତି ଓ କ୍ରିୟା ଅବଶ୍ୟ ବର୍ତ୍ତିମାନ ଥାଏ, ବର୍ତ୍ତିମାନ ରହିବା ଆବଶ୍ୟକ ହୋଇଥାଏ । ବାସନାକୁ ଆଶ୍ରୟ ବା ନିମିତ୍ତରୂପେ ବ୍ୟବହାର କରିହିଁ ଦିବ୍ୟ ପ୍ରାଣତତ୍ତ୍ୱ ବିଶ୍ୱଜଗତରେ ଆପଣାକୁ ସ୍ୱୀକୃତ ଓ ପ୍ରତିଷ୍ଠିତ କରି ରଖିବାର ସ୍ୱକୀୟ ଉଦ୍ଦେଶ୍ୟଟି ସାଧନ କରେ । ତେଣୁ ନିଷ୍କର୍ମତାକୁ ବଜାୟ ରଖିବାର ଅଭିଳାଷରେ ସେହି ବାସନାଟିକୁ ନିର୍ବାପିତ କରିଦେବାକୁ ଚେଷ୍ଟା କଲେ ତଦ୍ଦ୍ୱାରା ଦିବ୍ୟ ପ୍ରାଣତତ୍ତ୍ୱଟିକୁ ଅସ୍ୱୀକାର କରାଯାଇଥାଏ । ଏହି ଚେଷ୍ଟା ହେଉଛି ଆପଣାର ସକଳ ଇଚ୍ଛାରୁ ଅସତ୍ ଅର୍ଥାତ୍ କିଛି ନହେବାର ଇଚ୍ଛା ଉପରେ ପର୍ଯ୍ୟବସିତ କରି ରଖିବାର ଚେଷ୍ଟା, ତେଣୁ ଅବିଦ୍ୟା । କାରଣ କେବଳ ଅନନ୍ତ ଭିତରେ ପ୍ରବିଷ୍ଟ ହୋଇହିଁ ଆପଣାର ବ୍ୟକ୍ତିରୂପ ସତ୍ତାଟିକୁ ନିର୍ବାପିତ କରିପାରିବା ସମ୍ଭବ ହୋଇଥାଏ । ଆପଣାକୁ କେବଳ ଅନନ୍ତର ବାସନାରେ ପରିଣତ କରିପାରିଲେହିଁ ବାସନାର ଯଥାର୍ଥ ନିଷ୍କ୍ରମଣ ବା ପର୍ଯ୍ୟବସାନ ସମ୍ଭବ ହୁଏ । ଦିବ୍ୟ ପରିପୂର୍ଣ୍ଣତା ଭିତରେ ସ୍ଥାନ ପାଇ ଏବଂ ଅନନ୍ତର ସର୍ବାବେଶୀ ଆନନ୍ଦ ଭିତରେ ଅନନ୍ତ ଚରିତାର୍ଥତା ଲାଭକରିହିଁ ବାସନା ଆପଣାକୁ ଚରିତାର୍ଥ କରିଥାଏ । ପୁଣି ଆପଣାର ଯାତ୍ରା-କ୍ରମରେ ଏହି ବାସନାକୁ ପରସ୍ପରକୁ ଗ୍ରାସ କରିବାଲାଗି ଉଦ୍ୟତ ରହିଥିବା କ୍ଷୁଧାର ସ୍ତରକୁ ଅତିକ୍ରମ କରି ପାରସ୍ପରିକ ଆତ୍ମଦାନ ଓ ଆଦାନପ୍ରଦାନର ଏକ ଉତ୍ତରୋତ୍ତର ଆନନ୍ଦମୟ ଆତ୍ମୋତ୍ସର୍ଗର ସ୍ତରରେ ଯାଇ ଉପନୀତ ହେବାକୁ ହୁଏ । ବ୍ୟକ୍ତି ଆପଣାକୁ ଅନ୍ୟ ବ୍ୟକ୍ତିମାନଙ୍କ ଲାଗି ସମର୍ପିତ କରିରଖେ ଏବଂ ତାହାର ପ୍ରତିଦାନସ୍ୱରୂପ ସେମାନଙ୍କୁ ଆପଣା ଭିତରେ ଫେରିପାଏ । ଏବଂ ନିମ୍ନ ଭୂମିଟି ଉଚ୍ଚତର ଭୂମି ନିକଟରେ ଆପଣାକୁ ସମର୍ପିତ କରିଦିଏ ଏବଂ ଉଚ୍ଚତର ଭୂମିଟି ମଧ୍ୟ ନିମ୍ନ ଆଡ଼କୁ ଓହ୍ଲାଇ ଆସେ ଏବଂ ଏହାର ପରିଣାମସ୍ୱରୂପ ଉଭୟେ ଉଭୟଙ୍କ ମଧ୍ୟରେ ପରିପୂର୍ଣ୍ଣତା ଲାଭ କରନ୍ତି । ମଣିଷ ନିଜକୁ ଦିବ୍ୟପୁରୁଷ ହାତରେ ଢଳାଇଁଦିଏ ଏବଂ ଦିବ୍ୟ ପୁରୁଷ ନିଜକୁ ମଣିଷ ପାଖରେ ଧରି ଦିଅନ୍ତି । ବ୍ୟକ୍ତି ଭିତରେ ରହିଥିବା ସର୍ବଗତତାଟି ଆପଣାକୁ ବିଶ୍ୱ-ଭିତରେ ରହିଥିବା ସର୍ବଗତତା ପାଖରେ ସମର୍ପଣ କରିଦିଏ ଏବଂ ଏହି ସମର୍ପଣର ଦିବ୍ୟ ପ୍ରତିଦାନସ୍ୱରୂପ ଆପଣାର ଉପଲବ୍ଧ ବିଶ୍ୱଗତତାଟିକୁ ଲାଭ କରିଥାଏ । ତେଣୁ ଏକ କ୍ରମପର୍ଯ୍ୟାୟରେ ବୁଭୁକ୍ଷାର ବିଶ୍ୱନିୟମଟିକୁ ପ୍ରେମର ବିଶ୍ୱନିୟମରୂପେ ଆପଣାକୁ ରୂପାନ୍ତରିତ କରିଦେବା

'oaob.nitrkl.ac.in' images reprocessed

ଆବଶ୍ୟକ ହୁଏ, ଏହି ଆବଶ୍ୟକତାରେ ପଡ଼ି ବିଶ୍ୱଜନର ବିଶ୍ୱନିୟମଟି ଏକଦିନର ବିଶ୍ୱନିୟମରୂପେ ରୂପାନ୍ତରିତ ହୋଇଯାଏ, ମୃତ୍ୟୁର ବିଧାନଟି ଅମରତ୍ୱର ବିଧାନରେ ରୂପାନ୍ତରିତ ହୋଇଯାଏ । ଏହି ବିଶ୍ୱଭୁବନ ଭରି କାର୍ଯ୍ୟ କରୁଥିବା ବାସନାଟିର ଏହାହିଁ ଅଦୃଷ୍ଟ, ଏହାହିଁ ତା'ର ଔଚିତ୍ୟ, ଏହାହିଁ ହେଉଛି ତା'ର ଆତ୍ମପରିପୂର୍ଣ୍ଣତାର ଚରମ ଉପଲବ୍ଧି ।

ଆପଣାର ମୂଳଭୂତ ଅମରତ୍ୱଟିକୁ ପ୍ରତିଷ୍ଠିତ କରିବାକୁ ଚାହୁଥିବା ସୀମାଶାସିତ ସତ୍ତାର ଗତିସ୍ପନ୍ଦନରୁହିଁ ପ୍ରାଣକୁ ମୃତ୍ୟୁରୂପୀ ଏହି ମୁଖାଟିକୁ ପିନ୍ଧିବାକୁ ପଡ଼ିଥାଏ । ଠିକ୍ ସେହିପରି ବାସନାକୁ ମଧ୍ୟ ଆମେ ସେହି ସହଜପ୍ରେରଣା ବୋଲି କହିବା, ଯାହାଦ୍ୱାରା ଚାଳିତ ହୋଇ ପ୍ରାଣ ଭିତରେ ବ୍ୟକ୍ତି-ରୂପ ଧାରଣ କରିଥିବା ପରମ ସତ୍ତାଶକ୍ତି ଏକ ପର୍ଯ୍ୟାୟକ୍ରମରେ କାଳର ପୂର୍ବାପରତା ତଥା ଦେଶର ବ୍ୟାପ୍ତି ଉପରେ ଆପଣାର ସୀମାସିଦ୍ଧ ଭୂମିକାଟିରେ ଆପଣାର ଅନନ୍ତ ଆନନ୍ଦ ଅର୍ଥାତ୍ ସଚ୍ଚିଦାନନ୍ଦର ଆନନ୍ଦଟିକୁ ପ୍ରତିଷ୍ଠିତ କରିବାକୁ ଚାହୁଥାଏ । ପ୍ରାଣର ଏକ ଚୂଡ଼ାନ୍ତ ପ୍ରତିଭାସରୁ ଅର୍ଥାତ୍ ଏହାର ଅସମର୍ଥତାରୂପୀ ବିଧାନଟିରୁହିଁ ସେହି ସହଜପ୍ରେରଣାଟି ଧାରଣ କରିଥିବା ବାସନାର ମୁଖାବରଣଟି ସିଧା ଆସି ଉପଗତ ହୋଇଥାଏ । ପ୍ରାଣକୁ ଆମେ ସୀମାର ଭୂମିଉପରେ କାର୍ଯ୍ୟ କରୁଥିବା ଏକ ସୀମାହୀନ ଶକ୍ତି ବୋଲି କହିପାରିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୀମାର ଭୂମିଉପରେ ତାହାର ବାହ୍ୟ ବ୍ୟକ୍ତି-ସମାବିଷ୍ଟ କ୍ରିୟାର ସକଳ ପର୍ଯ୍ୟାୟରେ ତାହାର ସର୍ବଶକ୍ତିମତ୍ତା ମଧ୍ୟ କେବଳ ଏକ ସୀମିତ ସାମର୍ଥ୍ୟ ଓ ଆଂଶିକ ଶକ୍ତିହୀନତା ପରି ଦେଖାଯିବାକୁ ଏବଂ କାର୍ଯ୍ୟ କରିବାକୁ ବାଧ୍ୟ ହେବ । ଅବଶ୍ୟ ଏକଥା ସତ ଯେ ବ୍ୟକ୍ତିର ଯାବତୀୟ କ୍ରିୟା ଯେତେ ଶକ୍ତିହୀନ, ନିରର୍ଥକ କିମ୍ବା ଦୋଷଯୁକ୍ତ ପରି ମନେ ହେଉଥିଲେହେଁ ତାହା ଭିତରେ ତଥାପି ଅନନ୍ତ ସର୍ବଶକ୍ତିମତ୍ତାର ସମଗ୍ର ଅତିଚେତନ ତଥା ଅବଚେତନ ଉପସ୍ଥିତି ଓ ଆବେଶଟି ସର୍ବଦା ଅବଶ୍ୟ ବର୍ତ୍ତମାନ ରହିଥିବ । କାରଣ ପଶ୍ଚାଦ୍ଦେଶରେ ଅବସ୍ଥିତ ସେହି ଉପସ୍ଥିତିଟି ବ୍ୟତୀତ ଏହି ବିଶ୍ୱରେ କ୍ଷୁଦ୍ରାଦପି କ୍ଷୁଦ୍ର ଗତିସ୍ପନ୍ଦନଟି ମଧ୍ୟ କଦାପି ସମ୍ଭବ ହେବ ନାହିଁ । ଯେଉଁ ସର୍ବଶକ୍ତିମାନ ସର୍ବଜ୍ଞତା ଅତିମାନସରୂପେ ବିଶ୍ୱର ପ୍ରତ୍ୟେକ ସତ୍ତାର ମର୍ମ ଭେଦି ରହିଛନ୍ତି, କେବଳ ତାହାର ପ୍ରଶାସନ ଓ ନିୟନ୍ତ୍ରଣଦ୍ୱାରାହିଁ ପ୍ରତ୍ୟେକ ଗତି ଓ ପ୍ରତ୍ୟେକ କ୍ରିୟା ବିଶ୍ୱକ୍ରିୟାର ସମଷ୍ଟି ଭିତରେ ଅବସ୍ଥାପିତ ହୋଇ ରହିଛି । ମାତ୍ର ଆପଣାର ଚେତନା ଭିତରେ ବ୍ୟକ୍ତିନ୍ୟସ୍ତ ପ୍ରାଣଶକ୍ତି ନିଜକୁ ସୀମାବଦ୍ଧ ଓ ନାନା ଅସାମର୍ଥ୍ୟ ଦ୍ୱାରା ପୂର୍ଣ୍ଣ ବୋଲି ଅନୁଭବ କରୁଛି । କାରଣ ଏହାକୁ ଯେ କେବଳ ତାହାର ଚାରିପାଖରେ ଘେରି ରହିଥିବା ବ୍ୟକ୍ତି-ରୂପ ଅନ୍ୟ ପ୍ରାଣଶକ୍ତିଗୁଡ଼ିକର ସମ୍ମୁଖରେ ରହି କାର୍ଯ୍ୟ କରିବାକୁ

'oaob.nitrkl.ac.in' images reprocessed

ହେଉଛି ତା' ନୁହେଁ, ତାହାକୁ ସ୍ୱୟଂ ଅନନ୍ତ ପ୍ରାଣଶକ୍ତିର ନିୟନ୍ତ୍ରଣ ତଥା ନିଷେଧ-ଗୁଡ଼ିକର ବି ଅଧୀନ ହୋଇ ରହିବାକୁ ପଡ଼ୁଛି । ଅନନ୍ତ ପ୍ରାଣଶକ୍ତିର ସମଗ୍ର ଇଚ୍ଛାଶକ୍ତି ଓ ପ୍ରବୃତ୍ତି ସହିତ ତା'ର ଆପଣାର ଇଚ୍ଛାଶକ୍ତି ଓ ପ୍ରବୃତ୍ତିର ହୁଏତ ସବୁବେଳେ ଆଦୌ ମେଳ ରହୁ ନାହିଁ । ତେଣୁ ଶକ୍ତିର ସୀମିତତା ଏବଂ ଅସମର୍ଥତା—ବ୍ୟକ୍ତିନ୍ୟସ୍ତ ଓ ବିଭାଜିତ ପ୍ରାଣଶକ୍ତିର ଏହିଦୁଇଟି ଲକ୍ଷଣ ଭିତରୁ ଆମେ ଏଇଟିକୁ ଏକ ତୃତୀୟ ଲକ୍ଷଣ ବୋଲି ମାନିନେବା । ମାତ୍ର ଅପର ପକ୍ଷରେ ଆପଣାର ପ୍ରସାରଣ ଲାଗି ତଥା ଆପଣା ଭିତରେ ସକଳକୁ ସମାବିଷ୍ଟ କରି ରଖିବାର ଯେଉଁ ସହଜ ପ୍ରେରଣାଟି ପ୍ରାଣ ଭିତରେ ରହିଛି, ତାହା ସେହିଭଳି ରହିଥାଏ ଓ ପ୍ରାଣ ତାହାକୁ ଆପଣା ଶକ୍ତି ଓ ସାମର୍ଥ୍ୟର ବର୍ତ୍ତମାନ ସୀମାବଦ୍ଧତା ଦ୍ୱାରା କୌଣସି ପ୍ରକାରେ ମାପିବାର କିମ୍ବା ସୀମାବଦ୍ଧ କରିଦେବାର କୌଣସି ଚେଷ୍ଟା କରେ ନାହିଁ, ଅଥବା 'ସେହିଭଳି କୌଣସି ଉଦ୍ଦେଶ୍ୟ ମଧ୍ୟ ରଖି ନଥାଏ । ତେଣୁ ଆପଣା ଭିତରେ ସମାବିଷ୍ଟ କରି 'ରଖିବାର ସହଜପ୍ରେରଣା ଏବଂ ସମାବିଷ୍ଟ କରି ରଖିବାର ଶକ୍ତି ଭିତରେ ରହିଯାଉଥିବା ବ୍ୟବଧାନଟିରୁହିଁ ଅସମର୍ଥତାର ଜନ୍ମ ହୁଏ । କାରଣ ସେହି କ୍ଷେତ୍ରରେ ଯଦି ପ୍ରକୃତରେ ଏଭଳି କୌଣସି ବ୍ୟବଧାନ କିମ୍ବା ଅସଙ୍ଗତି ଆଦୌ ନ ଥା'ନ୍ତା ଏବଂ ଶକ୍ତି ରହିବା ମାତ୍ରକେ ଆପଣାର ଆକାଙ୍‌କ୍ଷିତ ବସ୍ତୁଟିକୁ ଯଦି ଆପଣା ଭିତରେ ସମାବିଷ୍ଟ କରିନେଇ ପାରୁଥା'ନ୍ତା, ଆପଣାର ଆକାଙ୍‌କ୍ଷାଟିକୁ ଯଦି ତତ୍‌କ୍ଷଣାତ୍ ପୂର୍ଣ୍ଣ କରି ପାରୁଥା'ନ୍ତା ତେବେ ବାସନାର ଆବିର୍ଭାବ ଲାଗି ଆଉ କୌଣସି ପ୍ରସଙ୍ଗହିଁ ନ ଥା'ନ୍ତା । ପରମସତ୍ତାର ଦିବ୍ୟ ଇଚ୍ଛାଶକ୍ତି ପରି କେବଳ ଏକ ପ୍ରଶାନ୍ତ ଏବଂ ଆକାଙ୍‌କ୍ଷାରହିତ ଆତ୍ମସମାବିଷ୍ଟ ଇଚ୍ଛାଶକ୍ତିହିଁ ବିରାଜମାନ କରୁଥା'ନ୍ତା ।

ବ୍ୟକ୍ତିରୂପେ ନ୍ୟସ୍ତ ହୋଇଥିବା ଶକ୍ତିଟି ଯଦି ଏକ ଅଜ୍ଞାନମୁକ୍ତ ମନର ଶକ୍ତିରୂପେହିଁ ପ୍ରତିଷ୍ଠିତ ରହିଥା'ନ୍ତା, ତେବେ ସେହି କ୍ଷେତ୍ରରେ ଏଭଳି କୌଣସି ସୀମାବଦ୍ଧତା କିମ୍ବା ବାସନାର କୌଣସି ଅପରିହାର୍ଯ୍ୟତା କଦାପି ଆମର ବାଟ ଓଗାଳିବାକୁ ଆସୁନଥା'ନ୍ତା । କାରଣ ଅତିମାନସ ସହିତ ଯେଉଁ ମନର କୌଣସି ବିଚ୍ଛେଦ ଘଟି ନାହିଁ ଓ ଯେଉଁ ମନ ଦିବ୍ୟ ଜ୍ଞାନର ଅଧିକାରୀ ହୋଇରହିଛି ତାହା ଆପଣାର ଯାବତୀୟ କ୍ରିୟାର ଅଭିପ୍ସିତ, ଏହାର ପରିସର ତଥା ଅନିବାର୍ଯ୍ୟ ପରିଣାମଟିକୁ ଜାଣିବାକୁ ବି ସର୍ବଦା ସମର୍ଥ ହେଉଥା'ନ୍ତା । ସେହି ମନ କୌଣସି ଆକାଙ୍‌କ୍ଷା ରଖନ୍ତା ନାହିଁ କିମ୍ବା କୌଣସି ସଂଗ୍ରାମରେ ଲିପ୍ତ ହୋଇ ପଡ଼ନ୍ତା ନାହିଁ । ଅଥବା ଉପସ୍ଥିତ ଉଦ୍ଦେଶ୍ୟଟିର ସିଦ୍ଧିଲାଗି କେବଳ ଯେତିକି ଶକ୍ତିର ଯେଉଁଭଳି ପ୍ରୟୋଜନ ରହିଛି, ସେ ସ୍ୱଭାବଗତ ଭାବରେ କେବଳ ସେତିକି ଶକ୍ତିକୁ କାର୍ଯ୍ୟରେ ଲଗାଇ ପାରୁଥା'ନ୍ତା । ଇଚ୍ଛା କରିବା ମାତ୍ରକେ ଏହି ମନ ବର୍ତ୍ତମାନର ସୀମାଗୁଡ଼ିକୁ ଡେଇଁ ଆପଣାକୁ କେତେ



'oaob.nitrkl.ac.in' images reprocessed

କୁଆଡ଼େ ପ୍ରସାରିତ କରିଦେଇ ପାରୁଥା'ନ୍ତା, ବର୍ତ୍ତମାନ କ୍ଷଣଟିର ଠିକ୍ ପରବର୍ତ୍ତୀ ରୂପେ ଉଦ୍ଦିଷ୍ଟ ହୋଇ ରହିଥିବା ଗତିସ୍ପନ୍ଦନଟିକୁ ଛାଡ଼ି ତାହା ଆଉ କେତେକେତେ ଗତିସ୍ପନ୍ଦନକୁ ମଧ୍ୟ ସମ୍ଭବ କରାଇ ପାରୁଥା'ନ୍ତା, ତଥାପି କୌଣସି ବାସନା କିମ୍ବା ସୀମାଶାସନର ଅଧୀନ ହୋଇ ପଡ଼ନ୍ତା ନାହିଁ । କାରଣ ଦିବ୍ୟ କ୍ରିୟାର ବିଫଳତା-ଗୁଡ଼ିକ ମଧ୍ୟ ସେହି ସର୍ବଜ୍ଞ ସର୍ବଶକ୍ତିମନ୍ତର ଇଚ୍ଛାକୃତ କ୍ରୀଡ଼ା ମାତ୍ର; ଆପଣାର ଯାବତୀୟ ବିଶ୍ୱକ୍ରିୟା କେଉଁ ଯଥାର୍ଥ ମୁହୂର୍ତ୍ତ ତଥା ଯଥାର୍ଥ ପରିବେଶରେ ଆରମ୍ଭ ହେବ, ସେଥିରେ କିଭଳି ପରିବର୍ତ୍ତନମାନ ଘଟିବ ଏବଂ ତା'ର ତାତ୍କାଳିକ ତଥା ଚରମ ପରିଣତିଗୁଡ଼ିକ କ'ଣ ହେବ, ସର୍ବଜ୍ଞ ସତ୍ତାଲାଗି ସେସବୁ ଆଦୌ ଅବିଦିତ ନଥାଏ । ଦିବ୍ୟ ଅତିମାନସ ସହିତ ଯୁକ୍ତ ହୋଇ ରହିଥିବାରୁ ଜ୍ଞାନମୟ ମନ ମଧ୍ୟ ଏହି ବିଜ୍ଞାନ ତଥା ସର୍ବବୋଧାତ୍ମିକା ଶକ୍ତିସହିତ ସହଯୋଗ କରିବ । ମାତ୍ର ଆମେ ପୂର୍ବରୁ ଜାଣିଛୁ ଯେ ଏହି ଜଗତରେ ଯେଉଁ ବ୍ୟକ୍ତିଭାବାପନ୍ନ ପ୍ରାଣଶକ୍ତି କାର୍ଯ୍ୟ କରୁଛି ତାହା ହେଉଛି ବ୍ୟକ୍ତିଭାବର ଆବେଶ ସୃଷ୍ଟି କରୁଥିବା ଅଜ୍ଞାନବଶ ମନର ଏକ ଶକ୍ତି ମାତ୍ର । ଏହି ମନ ଆପଣା ଅତିମାନସର ଜ୍ଞାନଭୂମିରୁ ବିଚ୍ୟୁତ ହୋଇ ତଳକୁ ଖସିପଡ଼ିଛି । ତେଣୁ ଏହି ମନର ପ୍ରାଣଗତ ସମ୍ବନ୍ଧଗୁଡ଼ିକରେ ଅସମର୍ଥତା ରହିବହିଁ ରହିବ, ସ୍ୱଭାବତଃ ଅନିବାର୍ଯ୍ୟ ହୋଇପଡ଼ିବ । କାରଣ କୌଣସି ସୀମାବଦ୍ଧ ବ୍ୟାବହାରିକ କ୍ଷେତ୍ରରେ ମଧ୍ୟ ଏକ ଅଜ୍ଞାନବଶ ଶକ୍ତିଲାଗି କୌଣସି ସର୍ବଶକ୍ତିମତ୍ତା ଯେ ସମ୍ଭବ ହୋଇପାରିବ, ଆମେ ତାହାର କଳ୍ପନାହିଁ କରି ପାରିବା ନାହିଁ । କାରଣ ସେହି କ୍ଷେତ୍ରରେ ଏଭଳି ଏକ ଶକ୍ତି ଦିବ୍ୟ ଓ ସର୍ବଜ୍ଞ ସର୍ବଶକ୍ତିମନ୍ତର ବିରୁଦ୍ଧାଚରଣ କରିବାରେ ଲାଗିଯିବ ଏବଂ ବିଶ୍ୱର ବିଧିନିୟନ୍ତ୍ରିତ ଯୋଜନାକୁ ବିପର୍ଯ୍ୟସ୍ତ କରି ପକାଇବ । ଆମେ ଏଭଳି ଏକ ବିଶ୍ୱସ୍ଥିତିର ସମ୍ଭାବନାକୁ ମଧ୍ୟ କଳ୍ପନା କରିପାରିବା ନାହିଁ । ତେଣୁ ସହଜପ୍ରେରିତ ତଥା ସଚେତନ ବାସନାର ପ୍ରେରକା ଶକ୍ତି ଦ୍ୱାରା ଚାଳିତ ହୋଇ ସୀମାବଦ୍ଧ ଶକ୍ତିଗୁଡ଼ିକ ଯେଉଁ ସଂଗ୍ରାମ କରୁଛନ୍ତି ଏବଂ ସେହି ସଂଗ୍ରାମଦ୍ୱାରାହିଁ ଆପଣାର ସାମର୍ଥ୍ୟରେ ବୃଦ୍ଧିସାଧନ କରୁଛନ୍ତି, ଆମେ ତାହାକୁହିଁ ପ୍ରାଣର ପ୍ରଥମ ନିୟମ ବୋଲି କହିବା । ବାସନାର କ୍ଷେତ୍ରରେ ଯାହା ଘଟୁଛି, ଏହି ଦ୍ୱନ୍ଦ୍ୱ ଓ ସଂଘାତର କ୍ଷେତ୍ରରେ ମଧ୍ୟ ତାହାହିଁ ଘଟୁଛି । ଆପଣାର କ୍ଷେତ୍ରରୁ ଉନ୍ନୀତ ହୋଇ ଏହି ଦ୍ୱନ୍ଦ୍ୱ ବା ସଂଘାତକୁ ମଧ୍ୟ ପରସ୍ପର-ସହାୟକ ଏପରି ଏକ ଶକ୍ତିପରୀକ୍ଷାର କ୍ଷେତ୍ରରେ ଯାଇ ପ୍ରବେଶ କରିବାକୁ ପଡ଼ିବ, ସହୋଦର-ଶକ୍ତିଗୁଡ଼ିକ ମଧ୍ୟରେ ସେଠାରେ ଏପରି ଏକ ମଲ୍ଲଯୁଦ୍ଧ ଆରମ୍ଭ ହୋଇଯିବ, ଯେଉଁଥିରେ କି ବିଜେତା ତଥା ବିଜିତ, କିମ୍ବା ଅଧିକ ଯଥାର୍ଥ ଭାବରେ କହିଲେ, ଉପରୁ ଆପଣାର କ୍ରିୟାଦ୍ୱାରା ଯାହା ପ୍ରଭାବ ବିସ୍ତାର କରୁଛି, ଏବଂ ତଳେ ଥାଇ ଯାହା ପ୍ରତିକ୍ରିୟାଦ୍ୱାରା ଆପଣାର ପ୍ରଭାବ ପକାଉଛି, ଉଭୟଙ୍କର ସମାନ ଭାବରେ ଲାଭ ହେବ; ଉଭୟଙ୍କର ଆତ୍ମବୃଦ୍ଧି ହେବ । ଏବଂ ପରିଶେଷରେ ଏହି ଦ୍ୱନ୍ଦ୍ୱକୁ ଦିବ୍ୟ ଭାବର ଏକ

'oaob.nitrkl.ac.in' images reprocessed

ଆନନ୍ଦବନ୍ଧନମସୃର ଉଚ୍ଛ୍ୱାସରେ ପରିଣତ ହେବାକୁ ପଡ଼ିବ, ସଂଘାତର ବିକ୍ଷୋଭ ପ୍ରେମର ନିବିଡ଼ ଆଲିଙ୍ଗନକୁ ସ୍ଥାନ ଛାଡ଼ିଦେବ । ତଥାପି ସଂଘାତ ଆବଶ୍ୟକ, ଆରମ୍ଭ କାଳରେ ଏହା ମଙ୍ଗଳରହିଁ ବାର୍ତ୍ତାବହ । ମୃତ୍ୟୁ, ବାସନା ଓ ସଂଘାତ,— ଏମାନେ ହେଉଛନ୍ତି ବିଭାଜିତ ଜୀବନର ନିସ୍ପୀତତ୍ତ୍ୱ, ବିଶ୍ୱଗତ ଆତ୍ମପ୍ରତିଷ୍ଠା ଲାଗି ଆପଣାର ପ୍ରଥମ ରଚନାରେ ଦିବ୍ୟ ପ୍ରାଣତତ୍ତ୍ୱର ତିନୋଟି ମୁଖାବରଣ ।

'oaob.nitrkl.ac.in' images reprocessed

## ଏକବିଂଶ ପରିଚ୍ଛେଦ

# ପ୍ରାଣଶକ୍ତିର ଊର୍ଦ୍ଧ୍ୱାୟନ

ପ୍ର ଦେବତ୍ରା ବ୍ରହ୍ମଣେ ଗାତୁରେତ୍ୱପୋ ଅଚ୍ଛା ମନସୋ ନ ପ୍ରଯୁକ୍ତି······
ଅଗ୍ନେ ଦ୍ରବୋ ଅର୍ଣ୍ଣମଚ୍ଛା ଜିଗାସ୍ୟଚ୍ଛା ଦେବାଁ ଊଚିଷେ ଧିଷ୍ଣ୍ୟା ଯେ ।
ଯା ରୋଚନେ ପରସ୍ତାତ୍ସୂର୍ଯ୍ୟସ୍ୟ ଯାଶ୍ଚାବସ୍ତାଦୁପତିଷ୍ଠନ୍ତ ଆପଃ ॥

—ଋକ୍‌ବେଦ, ୧୦ । ୩୦ । ୧, ୩ । ୨୨ । ୩

ବାକ୍ ବା ବାଣୀର ପଥ ଦେବତାମାନଙ୍କ ପାଖକୁ ବହନ କରି ନେଇଯାଉ, ମାନସକ୍ରିୟାର ଆଗ୍ରହରେ 'ଅପ୍'ଲୋକର ଅଭିମୁଖରେ ଅଗ୍ରସର କରାଇନେଉ । ··· ହେ ଅଗ୍ନିଶିଖା, ତୁମର ଯାତ୍ରା ସ୍ୱର୍ଗସମୁଦ୍ରକୁ, ଦେବତାମାନଙ୍କ ଆଡ଼କୁ । ନାନା ଦ୍ରବ୍ୟ ଲୋକର ଦେବତାମାନଙ୍କୁ ତୁମେ ଏକତ୍ର ସମ୍ମିଳିତ କରାଅ, ସୂର୍ଯ୍ୟ ସେପାଖରେ ଜ୍ୟୋତିର୍ଲୋକରେ ଅବସ୍ଥାନ କରୁଥିବା 'ଅପ୍'ଗଣଙ୍କୁ ନିମ୍ନଦେଶରେ ରହିଥିବା 'ଅପ୍'ଗୁଡ଼ିକ ସହିତ ସମ୍ମିଳିତ କରାଅ ।

···ତୃତୀୟଂ ଧାମ ମହିଷଃ ସିଷାସନ୍ତ୍ସୋମୋ ବିରାଜମନୁ ରାଜତି ଷ୍ଟୁପ୍ ।
ଚମୂଷଚ୍ଛ୍ୟେନଃ ଶକୁନୋ ବିଭୃତ୍ୱା ଗୋବିନ୍ଦୁର୍ଦ୍ରପ୍ସ ଆୟୁଧାନି ବିଭ୍ରତ୍ ।
ଅପାମୂର୍ମିଂ ସଚମାନଃ ସମୁଦ୍ରଂ ତୁରୀୟଂ ଧାମ ମହିଷୋ ବିବକ୍ତି ॥

—ଋକ୍‌ବେଦ, ୯ । ୯୬ । ୧୮-୧୯

ଆନନ୍ଦର ଅଧୀଶ୍ୱର ତୃତୀୟ ଧାମଟିକୁ ଜୟ କରନ୍ତି । ବିରାଟର ଅମୃଧାରରେ ସେ ନିୟନ୍ତ୍ରଣ ଓ ଶାସନ କରନ୍ତି । ଶ୍ୟେନ ଓ ଶକୁନ ପରି ସେ ଆଧାରରେ ଅବସ୍ଥାନ କରନ୍ତି ଓ ତାହାକୁ ଉପରକୁ ଉଠାଇ ନିଅନ୍ତି । ଜ୍ୟୋତିକୁ ଲାଭ କରି ସେ ତୁରୀୟ ବା ଚତୁର୍ଥ ଧାମଟିକୁ ପ୍ରକାଶ କରନ୍ତି ଏବଂ 'ଅପ୍'ର ଊର୍ମିମାଳାରେ ଉଜ୍ଜ୍ୱଳ ହେଉଥିବା ମହାସମୁଦ୍ର ଭିତରେ ସେ ସଂସକ୍ତ ହୋଇ ରହିଥା'ନ୍ତି ।

ଇଦଂ ବିଷ୍ଣୁର୍ବି ଚକ୍ରମେ ତ୍ରେଧା ନି ଦଧେ ପଦମ୍ । ସମୂଳ୍ହମସ୍ୟ ପାଂସୁରେ ॥
ତ୍ରୀଣି ପଦା ବି ଚକ୍ରମେ ବିଷ୍ଣୁର୍ଗୋପା ଅଦାଭ୍ୟଃ । ଅତୋ ଧର୍ମାଣି ଧାରୟନ୍ ॥
ବିଷ୍ଣୋଃ କର୍ମାଣି ପଶ୍ୟତ ଯତୋ ବ୍ରତାନି ପସ୍ପଶେ । ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା ॥

'oaob.nitrkl.ac.in' images reprocessed

ତଦ୍ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ । ଦିବୀବ ଚକ୍ଷୁରାତତମ୍ ॥
ତଦ୍ବିପ୍ରାସୋ ବିପନ୍ୟବୋ ଜାଗୃବାଂସଃ ସମିନ୍ଧତେ । ବିଷ୍ଣୋର୍ୟତ୍
ପରମଂ ପଦମ୍ ॥

—ଋକ୍‌ବେଦ, ୧ । ୨୨ । ୧୭-୨୧

ବିଷ୍ଣୁ ତିନୋଟି ପାଦ ପକାଇଲେ, ଆଦିମ ମୂଳମୃତ୍ତିକାରୁ ଅପଣାର ପାଦଟିକୁ ଠେକି ଧରିଲେ । ସେ ତିନୋଟି ପାଦ ପକାଇଛନ୍ତି । ସେ ରକ୍ଷକ, ସେ ଅଜେୟ; ସେପାଖରେ ରହି ସେ ସେଗୁଡ଼ିକର ବିଧାନକୁ ଧରି ରଖିଛନ୍ତି । ବିଷ୍ଣୁଙ୍କର କ୍ରିୟାଗୁଡ଼ିକୁ ବିଶ୍ଳେଷଣ କରି ଦେଖ; ଦେଖ ସେ କେଉଁଠାରୁ ସେଗୁଡ଼ିକର ବିଧାନକୁ ପ୍ରକାଶିତ କରି ରଖିଛନ୍ତି । ତାହାହିଁ ବିଷ୍ଣୁଙ୍କର ପରମ ପଦ, ଆକାଶରେ ବିସ୍ତୃତ ହୋଇ ରହିଥିବା ଚକ୍ଷୁଟି ପରି ଋଷିମାନେ ନିତ୍ୟକାଳ ଧରି ସେହି ପଦଟିକୁ ଦେଖୁଛନ୍ତି । ଜାଗ୍ରତ ବିପ୍ରମାନେ ତାହାକୁହିଁ ଉଜ୍ଜ୍ୱଳ ଅଗ୍ନିଶିଖାରୂପେ ପ୍ରଜ୍ୱଳିତ କରନ୍ତି,—ବିଷ୍ଣୁଙ୍କର ସେହି ପରମ ପଦକୁ ।

ସୀମାବଦ୍ଧତା, ଅଜ୍ଞାନ ଓ ଦ୍ୱନ୍ଦ୍ୱାଭାସର ଜନକସ୍ୱରୂପ ଏହି ବିଭକ୍ତ ମର୍ତ୍ତ୍ୟ ମନ ଯେ ଅତିମାନସର କେବଳ ଏକ ଗୌଣରୂପ ବ୍ୟତୀତ ଆଉ କିଛି ନୁହେଁ, ଆମେ ସେ କଥା ଜାଣିଛୁ । ଅତିମାନସରୂପୀ ଆତ୍ମଜ୍ୟୋତିର୍ମୟ ଦିବ୍ୟ ଚେତନା ଯେଉଁ କ୍ରିୟାଧାରାର ଅନୁସରଣ କରି ଆପଣାର ଏକ ଅଭାବାତ୍ମକ ପ୍ରତିଭାସରୁହିଁ ଆମର ଏହି ବିଶ୍ୱବ୍ୟବସ୍ଥାର ପ୍ରଥମ ସୂତ୍ରପାତ କରନ୍ତି, ମନ ହେଉଛି ତାହାର ପ୍ରଥମ ଅଭିବ୍ୟକ୍ତି । ଠିକ୍ ସେହିପରି ଆମର ଏହି ଭୌତିକ ବ୍ରହ୍ମାଣ୍ଡରେ ଜଡ଼ ଭିତରେ ଆବଦ୍ଧ, ନିମଗ୍ନ ଓ ଅବଚେତନ ଭାବରେ ରହିଥିବା ବିଭକ୍ତ ମନର ଏକ ଶକ୍ତିରୂପେ ପ୍ରାଣର ମଧ୍ୟ ଉଦ୍‌ଭବ ହୋଇଛି । ଏହି ପ୍ରାଣ ମୃତ୍ୟୁ, କ୍ଷୁଧା ତଥା ଅସମର୍ଥତାର ଜନକରୂପେ କାର୍ଯ୍ୟ କରୁଛି । ଏହି ପ୍ରାଣକୁ ମଧ୍ୟ ଆମେ ଦିବ୍ୟ, ଅତିଚେତନ ପରମାଶକ୍ତିର କେବଳ ଏକ ଗୌଣରୂପ ବୋଲି ଜାଣିଛୁ । ଅମର୍ତ୍ତ୍ୟତା, ତୃପ୍ତିମୟ ଆନନ୍ଦ ଓ ସର୍ବସମର୍ଥତା ହେଉଛି ସେହି ଶକ୍ତିର ପରମ ସ୍ୱରୂପ । ପରମାଶକ୍ତି ସହିତ ପ୍ରାଣଶକ୍ତିର ରହିଥିବା ଏହି ସମ୍ବନ୍ଧଟିରୁହିଁ ବିଶ୍ୱରୂପୀ ସେହି ବୃହତ୍ ବିଶ୍ୱଲୀଳାର ସ୍ୱଭାବଟି ନିରୂପିତ ହୁଏ । ଆମେ ସମସ୍ତେ ଏହି ବିଶ୍ୱରହିଁ ଅଂଶରୂପେ ଅବସ୍ଥାନ କରି ରହିଥାଉ । ଏହି ସମ୍ବନ୍ଧଟିହିଁ ଆମ ବିବର୍ତ୍ତନ-କ୍ରମର ଆଦ୍ୟ, ମଧ୍ୟ ତଥା ଅନ୍ତ୍ୟ ତିନୋଟିଯାକ ସୋପାନର ନିର୍ଦ୍ଧାରଣ କରିଥାଏ । ପ୍ରାଣଶକ୍ତିର ପ୍ରଥମ ସୋପାନଟିରେ ତାହା କେବଳ ବହୁଭାବରେ ବିଭକ୍ତ ହୋଇ ରହିଥାଏ । ଏକ ଅନ୍ଧଶକ୍ତିଦ୍ୱାରା ପରିଚାଳିତ ଅବଚେତନ ଇଚ୍ଛାରୂପେ ଏହା ଅବସ୍ଥିତ ଥାଏ ସତ, ମାତ୍ର ଏକ ଇଚ୍ଛାଶକ୍ତିରୂପେ ବାହାରକୁ ପ୍ରକାଶିତ ନହୋଇ କେବଳ ଜଡ଼ଶକ୍ତିର ଏକ ଅନ୍ଧ ଆବେଗ ପରି ଅନୁଭୂତ ହେଉଥାଏ । ରୂପ ଓ ତାହାର

'oaob.nitrkl.ac.in' images reprocessed

ପରିବେଶ ଭିତରେ ଲାଗିରହିଥିବା ପାରସ୍ପରିକ ବିନିମୟ-ପ୍ରକ୍ରିୟାଟିର ନିୟନ୍ତ୍ରଣ କରୁଥିବା ଯାନ୍ତ୍ରିକ ନିୟମଲୀଳାଟିର ଦାସ ହୋଇ ରହିଥିବାରୁ ପ୍ରାଣ ଏହି ପ୍ରଥମ ସ୍ତରରେ ଅଶକ୍ତ ଓ ସାର୍ଥହୀନ ହୋଇ ରହିଥାଏ । ପ୍ରାଣର ଏହି ଅଚେତନତା ଏବଂ ଶକ୍ତିର ଏହି ଅନ୍ଧ ଅଥଚ ଅନ୍ତର୍ନିହିତ-ସାମର୍ଥ୍ୟମୟ କ୍ରିୟା,—ଭୌତିକ ଜଗତ୍ କହିଲେ ପଦାର୍ଥବିଜ୍ଞାନୀ ଏହିଭଳି ଏକ କଳ୍ପନାକୁ ବୁଝିଥାଏ । ଏହି ଜଡ଼ଦର୍ଶନକୁହିଁ ସେ ବିଶ୍ୱର ସମଗ୍ର ତତ୍ତ୍ୱଦର୍ଶନ ବୋଲି ବୁଝିଥାଏ । ଆମେ ଏହାକୁ ଅନ୍ନମୟ ଚୈତନ୍ୟ ଅଥବା ଅନ୍ନମୟ ଜୀବନର ଏକ ପ୍ରତିଷ୍ଠିତ ରୂପ ବୋଲି କହିପାରିବା । ମାତ୍ର ଏହି ଜଡ଼କ୍ରିୟା ତଥା ଜଡ଼ଲୀଳାକୁ ଅତିକ୍ରମ କରି ପ୍ରାଣର ଆଉ ଏକ ସ୍ଥିତି ମଧ୍ୟ ରହିଛି । ଏହି ଜଡ଼ରୂପର ସୀମାବନ୍ଧନରୁ ମୁକ୍ତ ହୋଇ ସଚେତନ ମନୋଲୀଳା ଆଡ଼କୁ ପ୍ରାଣଶକ୍ତି ଯେତିକି ଯେତିକି ଅଗ୍ରସର ହେବାକୁ ଆରମ୍ଭ କରେ, ପ୍ରାଣ ସେତିକି ସେତିକି ଏକ ଅଭିନବ ଭାବସଞ୍ଚାରଦ୍ୱାରା ପ୍ରଭାବିତ ହୁଏ ଓ ଏହି ଭାବସଞ୍ଚାର ସେତିକି ସେତିକି ବଢ଼ିବାରେ ଲାଗିଥାଏ । ପ୍ରାଣର ଏହି ମଧ୍ୟମ ଅବସ୍ଥାରେ ମୃତ୍ୟୁ ରହିଥାଏ, ପରସ୍ପର ପରସ୍ପରକୁ ଗ୍ରାସ କରିବାର ପ୍ରକ୍ରିୟାଟି ଲାଗି ରହିଥାଏ, କ୍ଷୁଧା ଓ ସଚେତନ ବାସନା ରହିଥାଏ, କ୍ଷେତ୍ର ଓ ସାମର୍ଥ୍ୟ ବିଷୟରେ ଏକ ସୀମିତତାବୋଧ ଦେଖାଦିଏ; ଏବଂ ଆପଣାର ବୃଦ୍ଧି କରାଇବାଲାଗି, ଆପଣାକୁ ସମ୍ପ୍ରସାରିତ କରିବାଲାଗି ଓ ଅନ୍ୟ ଉପରେ ବିଜୟ ହାସଲ କରି ତାହାକୁ କବଳିତ କରିନେବା ଲାଗି ସଂଗ୍ରାମ ଲାଗିଥାଏ । ମୃତ୍ୟୁ, ବାସନା ଓ ସଂଗ୍ରାମର ତିନି ଆଧାର ଉପରେ ଦଣ୍ଡାୟମାନ ଏହି କ୍ରମବିବର୍ତ୍ତନ-ବାଦଟିକୁ ଡାରଉଇନ୍‌ଙ୍କର ସିଦ୍ଧାନ୍ତହିଁ ମାନବିକ ଜ୍ଞାନକ୍ଷେତ୍ରରେ ସ୍ପଷ୍ଟ କରି ଦେଖାଇ ଦେଇଛି । କାରଣ ଆମେ ଯାହାକୁ ମୃତ୍ୟୁ ବୋଲି କହୁ, ସେହି ଅବସ୍ଥାଟି ଭିତରେ ମଧ୍ୟ ବଞ୍ଚିରହିବା ଲାଗି ସଂଗ୍ରାମ କରିବାର ଏକ ଇଚ୍ଛା ଅନ୍ତର୍ଗତ ହୋଇ ରହିଛି । କାରଣ ମରଣରୂପୀ କେବଳ ଏକ ଅଭାବାତ୍ମକ ସ୍ଥିତି ଭିତରେ ଆତ୍ମଗୋପନ କରିହିଁ ପ୍ରାଣଶକ୍ତି ଅମରତ୍ୱର ଅନୁସନ୍ଧାନ ଲାଗି ଆପଣାର ଭାବାତ୍ମକ ସତ୍ତାଟିକୁ ପ୍ରବର୍ତ୍ତାଇବାରେ ଲାଗିଥାଏ । କ୍ଷୁଧା ତଥା ବାସନା ଭିତରେ ମଧ୍ୟ ତୃପ୍ତି ଓ ନିରାପତ୍ତାର ଭୂମିରେ ଯାଇ ପହଞ୍ଚିପାରିବାଲାଗି ଏକ ନିରନ୍ତର ସଂଗ୍ରାମ ନିହିତ ହୋଇ ରହିଥାଏ । କାରଣ ଅତୃପ୍ତ କ୍ଷୁଧାର ଅଭାବାତ୍ମକତାକୁ ପାରହୋଇ ସତ୍ତାଜନିତ ଆନନ୍ଦର ପରିପୂର୍ଣ୍ଣ ଅଧିକାର ଲାଭ କରିବାଲାଗି ପ୍ରାଣ ଭିତରେ ଆପଣାର ଭାବାତ୍ମକ ସତ୍ତାଟିକୁ ଉଦ୍‌ବୁଦ୍ଧ କରି ରଖିବାର ଯେଉଁ ପ୍ରଚେଷ୍ଟା ନିୟତ ଲାଗି ରହିଥାଏ, ବାସନା ସେହି ପ୍ରଚେଷ୍ଟାରେ କେବଳ ଉତ୍ପ୍ରେରକରୂପେହିଁ କାର୍ଯ୍ୟ କରିଥାଏ । ସୀମାବଦ୍ଧ ସମର୍ଥତାର ପ୍ରସଙ୍ଗରୁ ଆତ୍ମ-ପ୍ରସାରଣ, ପ୍ରଭୁତ୍ୱ ଓ ଅଧିକାର ପ୍ରତିଷ୍ଠା ଲାଗି ସଂଗ୍ରାମ କରିବାର ଆକାଂକ୍ଷା ଜନ୍ମଲାଭ କରିଥାଏ, ଆପଣାକୁ ସମ୍ପୂର୍ଣ୍ଣରୂପେ ସ୍ୱାଧିକାରବଶ କରିପାରିବାର ଏବଂ ସ୍ୱପରିବେଶ ଉପରେ ବିଜୟହାସଲ କରିବାର ଆକାଂକ୍ଷା ଜନ୍ମଲାଭ କରିଥାଏ ।

'oaob.nitrkl.ac.in' images reprocessed

କାରଣ ସୀମାବଦ୍ଧତା ତଥା ଅପୂର୍ଣ୍ଣତାକୁ ଆମେ କେବଳ ଏକ ଅଭାବାତ୍ମକ ସ୍ଥିତି ବୋଲି କହିପାରିବା, ଯାହାଦ୍ୱାରା ପ୍ରେରିତ ହୋଇ ପ୍ରାଣ ସ୍ୱସାମର୍ଥ୍ୟ ମଧ୍ୟରେ ଶାଶ୍ୱତ କାଳଲାଗି ଅନ୍ତର୍ନିହିତ ହୋଇ ରହିଥିବା ପରିପୂର୍ଣ୍ଣତା ତଥା ସ୍ୱାଧିକାରପ୍ରତିଷ୍ଠା ଉଦ୍ଦେଶ୍ୟରେ ସଂଗ୍ରାମ କରିବାପାଇଁ ଆପଣାର ଭାବାତ୍ମକ ସତ୍ତାଟିକୁ ଉଦ୍‌ବୁଦ୍ଧ କରିବାରେ ଲାଗିଥାଏ । ଜୀବନର ସଂଗ୍ରାମକୁ ଆମେ କଦାପି ଖାଲି ବଞ୍ଚିରହିବାଲାଗି ଏକ ସଂଗ୍ରାମ ବୋଲି କହିପାରିବା ନାହିଁ, ଆମେ ଏହାକୁ ପରିପୂର୍ଣ୍ଣତା ତଥା ସ୍ୱାଧିକାର ପ୍ରତିଷ୍ଠା ଲାଗି ଏକ ସଂଗ୍ରାମ ବୋଲି ବି କହିପାରିବା । କାରଣ ଅଳ୍ପ ହେଉ କିମ୍ବା ବହୁତ ହେଉ, ଆପଣାର ପରିବେଶଟିକୁ ଆପଣାର ଆୟତ୍ତ ଭିତରକୁ ଆଣିହିଁ ଆମେ ଆମ ଜୀବନର ବଞ୍ଚିରହିବାକୁ ଏକ ନିରାପଦ ଭୂମି ଉପରେ ପ୍ରତିଷ୍ଠିତ କରିପାରିବା । ପରିବେଶ ସହିତ ଆପଣାକୁ ଅନୁକୂଳିତ କରିନେଇ ଅଥବା ପରିବେଶକୁ ଆପଣାର ଅନୁକୂଳ କରିନେଇହିଁ ଆମେ ବଞ୍ଚି ରହିବାଲାଗି ଏକ ସୁଦୃଢ଼ ଭିତ୍ତିସ୍ଥାପନ କରିପାରିବା । ଏଥିଲାଗି ପରିବେଶକୁ ସ୍ୱୀକାର କରିନେବାକୁ ପଡ଼େ, ପରିବେଶର ଅନୁଗତ ହୋଇ ରହିବାକୁ ପଡ଼େ, କିମ୍ବା ପରିବେଶ ଉପରେ ବିଜୟ ହାସଲ କରିବାକୁ ପଡ଼େ ବା ତାହାକୁ ବଦଳାଇ ଦେବାକୁ ହୁଏ । ଏବଂ ଏକଥା ମଧ୍ୟ ସତ ଯେ ଆମେ ଯେତିକି ଯେତିକି ପରିପୂର୍ଣ୍ଣତା ହାସଲ କରିବାକୁ ସମର୍ଥ ହେଉଥିବା, ଆମର ବଞ୍ଚିରହିବା ସେତିକି ସେତିକି ସ୍ଥାୟୀ ଓ ସୁନିଶ୍ଚିତ ହେବାରେ ବି ଲାଗିଥିବ । 'କେବଳ ଯୋଗ୍ୟତମହିଁ ବଞ୍ଚିରହିବାକୁ ସମର୍ଥ ହେବ',—ଆପଣାର ଏହି ସିଦ୍ଧାନ୍ତଟି ଜରିଆରେ ଡାରୱିନ୍ କେବଳ ସେହି ସତ୍ୟଟିକୁହିଁ ପ୍ରକାଶ କରିବାକୁ ଇଚ୍ଛା କରିଥିଲେ ।

ଯେଉଁ ଯାନ୍ତ୍ରିକ ନିୟମସୂତ୍ରଟିର ସାହାଯ୍ୟରେ ଜଡ଼ବିଜ୍ଞାନୀ ମନ ସମ୍ପୂର୍ଣ୍ଣ ସଙ୍ଗତିର ସହିତ ଜଡ଼ସ୍ଥ ଅସ୍ତିତ୍ୱ ତଥା ଜଡ଼ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଯାନ୍ତ୍ରିକ ଚେତନାଟିକୁ ବୁଝିବାଲାଗି ଚେଷ୍ଟା କରୁଥିଲା, ସେହି ସୂତ୍ରଟିକୁ ପ୍ରସାରିତ କରିଦେଇ ସେ ପ୍ରାଣଶକ୍ତିର କ୍ରିୟାସ୍ୱଭାବଟିକୁ ବୁଝିବାକୁ ବି ମନ ବଳାଇଲା । ପ୍ରାଣଶକ୍ତିର ସଞ୍ଚାର-କ୍ଷେତ୍ରରେ ଯେ ଏକ ନୂତନ ନିୟମସୂତ୍ର କାର୍ଯ୍ୟ କରୁଛି ଓ ତାହା ଯେ ସ୍ୱଭାବତଃ ଯାନ୍ତ୍ରିକ ନିୟମସୂତ୍ରଟିକୁ ଆପଣାର ଅଧୀନସ୍ଥ କରି ରଖିବାକୁହିଁ ଚେଷ୍ଟା କରୁଛି, ଜଡ଼ବିଜ୍ଞାନୀ ମନ ଆଉ ସେକଥାଟି ଦେଖି ପାରିଲା ନାହିଁ । ଠିକ୍ ସେହିପରି ଡାରୱିନଙ୍କର ସିଦ୍ଧାନ୍ତସୂତ୍ରଟି ମଧ୍ୟ ପ୍ରାଣର ଯୁଯୁତ୍ସୁ ଅର୍ଥାତ୍ ଆକ୍ରମକ ଉକ୍ତିଟି ଉପରେ ମଧ୍ୟ ଅତିରିକ୍ତ ମହତ୍ତ୍ୱ ଆଣି ଲଦିଦେଲା । ବ୍ୟକ୍ତିର ପ୍ରାଣସ୍ୱଭାବଗତ ସ୍ୱାର୍ଥପରତାଟିକୁ ଅତି ବଡ଼ କରି ଦେଖାଇଲା, ଆପଣାକୁ ଯେକୌଣସି ପ୍ରକାରେ ବଞ୍ଚାଇ ରଖିବାର ମୂଳସ୍ୱଭାବ ଏବଂ ପ୍ରବୃତ୍ତିଟିକୁ ସର୍ବମୂଳ ବୋଲି କହିଲା, ଆତ୍ମସତ୍ତା ଜାହିରକରି ରଖିବାକୁ ତଥା ଆକ୍ରମଣପରାୟଣ ଭାବରେ ଜୀବନ ବଞ୍ଚାଇବାକୁ ସର୍ବପ୍ରଧାନ ବୋଲି ଘୋଷଣା

'oaob.nitrkl.ac.in' images reprocessed

କଲା । କାରଣ ପ୍ରାଣଗତ ଜୀବନର ଏହି ଦୁଇଟି ଆଦ୍ୟସୋପାନ ଭିତରେହିଁ ଏପରି ଏକ ନୂତନ ପ୍ରେରକତତ୍ତ୍ୱ ଓ ଏପରି ଏକ ପରବର୍ତ୍ତୀ ସମ୍ଭାବ୍ୟ ଅବସ୍ଥାର ବୀଜ ନିହିତ ହୋଇ ରହିଛି, ପ୍ରାଣର ସୃଷ୍ଟି ଦେଇ ମନ ଜଡ଼ ଭିତରୁ ମୁକ୍ତ ହୋଇ ବାହାରି ଆପଣାର ସ୍ୱଭାବସୃଷ୍ଟିର ଶାସନ ଭିତରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଯାହାର ଅନୁପାତରେ ଅବଶ୍ୟ ବୃଦ୍ଧି ହେବାରେ ଲାଗିଥିବ । ପୁଣି ଆପଣାର ଊର୍ଦ୍ଧ୍ୱାୟନ-କ୍ରମରେ ଯେପରି ପ୍ରାଣ ମନର ଅଭିମୁଖରେ ବିବର୍ତ୍ତିତ ହେବାରେ ଲାଗିଛି, ସେହିପରି ମନ ମଧ୍ୟ ସେହି ଆରୋହଣ ପଥଟି ଧରି ଅଧିମାନସ ତଥା ଆତ୍ମାର ଅଭିମୁଖରେ ବିବର୍ତ୍ତିତ ହେବାକୁ ଆରମ୍ଭ କଲେ ସକଳ ବସ୍ତୁରେ ଆହୁରି ଅଧିକ ପରିବର୍ତ୍ତନ ଓ ରୂପାନ୍ତର ସଙ୍ଘଟିତ ହେବ । ମୃତ୍ୟୁରୂପୀ ମହାନିଯମଦ୍ୱାରାହିଁ ବଞ୍ଚି ରହିବାର ସକଳ ସଂଗ୍ରାମ ଏବଂ ଅମର କିମ୍ବା ନିତ୍ୟପ୍ରତିଷ୍ଠିତ ରହିବାର ସକଳ ଆକାଙ୍‌କ୍ଷା ପରାଭୂତ ଓ ପ୍ରତିହତ ହୋଇଯାଉଛି; ଏବଂ ଠିକ୍ ସେହି କାରଣରୁହିଁ ବ୍ୟକ୍ତିର ଜୀବନ ଆଉ କେବଳ ଆପଣାଲାଗି ଅମରତ୍ୱ ହାସଲ କରିବାକୁ ମନ ନ ବଳାଇ ଆପଣାର ସମଗ୍ର ଜୀବଗୋଷ୍ଠୀଟି ସକାଶେ ତାହା ହାସଲ କରିବାର ପ୍ରୟାସ କରିବାକୁ ଓ ସେହି ପ୍ରୟାସରେ ଆପଣାକୁ ନିୟୋଜିତ କରି ରଖିବାକୁ ବାଧ୍ୟ ହେଉଛି । ମାତ୍ର ଅନ୍ୟମାନଙ୍କର ସହଯୋଗ ବ୍ୟତୀତ ସେ ଏହି ଦିଗରେ କଦାପି ଅଗ୍ରସର ହୋଇ ପାରିବ ନାହିଁ । ସେଇଥିରୁ ସହଯୋଗ-ବୃତ୍ତି ଓ ପାରସ୍ପରିକ ସାହାଯ୍ୟର ଉଦ୍ଭବ ହେଉଛି । ସେଇଥିଲାଗି ମନୁଷ୍ୟ ଅନ୍ୟମାନଙ୍କୁ ଚାହୁଁଛି, ଆପଣାର ସ୍ତ୍ରୀ ଓ ସନ୍ତାନମାନଙ୍କୁ ଚାହୁଁଛି, ବନ୍ଧୁର ସଖ୍ୟ ଲୋଡ଼ୁଛି, ସାହାଯ୍ୟକାରୀର ସାହାଯ୍ୟ ଲୋଡ଼ୁଛି । ସେ ଏଇଥିଲାଗି ସମ୍ମିଳିତ ସମୂହକୁ ବି ଲୋଡ଼ୁଛି, ସମୂହଭିତରେ ସମ୍ମିଳିତ ହେଉଛି, ସଚେତନ ଭାବରେ ଅନ୍ୟମାନଙ୍କ ସହିତ ଯୁକ୍ତ ହେଉଛି, ଓ ପାରସ୍ପରିକ ଆଦାନପ୍ରଦାନର ସମ୍ବନ୍ଧରେ ଆବଦ୍ଧ ହେଉଛି । ଏହିସବୁ ବୀଜରୁହିଁ ପ୍ରେମର ଜୀବନତତ୍ତ୍ୱଟି ମୁକୁଳିତ ହୋଇଉଠୁଛି । ଏକଥାଟି ବେଶ୍ ସ୍ୱୀକାର କରାଯାଇ ପାରିବ ଯେ ପ୍ରଥମ ଅବସ୍ଥାରେ ପ୍ରେମଭିତରେ ଆତ୍ମପରାୟଣତା ବା ସ୍ୱାର୍ଥପରତାର ସଂପ୍ରସାରଣ ବ୍ୟତୀତ ହୁଏତ ଆଉ କିଛିହେଲେ ନଥାଏ, ହୁଏତ ଏହି ସ୍ୱାର୍ଥପରତାର ପ୍ରାଦୁର୍ଭାବଟାହିଁ ପ୍ରବଳ ଓ ସର୍ବପ୍ରଧାନ ହୋଇ ରହିଥାଏ । ବିବର୍ତ୍ତନ-କ୍ରମର ଉଚ୍ଚତର ଅବସ୍ଥାଗୁଡ଼ିକରେ ଆମେ ବସ୍ତୁତଃ ତଥାପି ଏହାରି ପ୍ରାଧାନ୍ୟଟାକୁହିଁ ଦେଖିବାକୁ ପାଇଥାଉ । ମାତ୍ର ମନର କ୍ରମବିବର୍ତ୍ତନ ସଙ୍ଗେସଙ୍ଗେ ଏହାର ଆତ୍ମପରିଚୟ ଯେତିକି ଅଗ୍ରସର ହେବାରେ ଲାଗିଥାଏ, ଜୀବନ, ପ୍ରେମ ଓ ପାରସ୍ପରିକ ସାହାଯ୍ୟର ଉତ୍ତରୋତ୍ତର ଅଭିଜ୍ଞତାରୁ ତାହା ବ୍ୟକ୍ତିର ଜୀବନକୁ ସମଗ୍ର ଜୀବନର ଏକ ଗୌଣ ବିଭୂତିରୂପେ ବୁଝିବାକୁ ଆରମ୍ଭ କରେ, କେବଳ ବିଶ୍ୱସତ୍ତାର ସମଗ୍ରତା ଭିତରେହିଁ ବ୍ୟକ୍ତିର ସତ୍ତା ତିଷ୍ଠି ରହିଛି ବୋଲି ଅନୁଭବ କରିଥାଏ । ଏକ ମନୋମୟ ସତ୍ତା ହିସାବରେ ଏହି ସତ୍ୟଟିର ଆବିଷ୍କାର ନକରି ମନୁଷ୍ୟର ଆଉ ଉପାୟ ନଥାଏ, ଏବଂ

'oaob.nitrkl.ac.in' images reprocessed

ପରେ ଏହି ସତ୍ୟଟିର ଆବିଷ୍କାର କରିପାରିଲେ ତାହାରିଦ୍ୱାରାହିଁ ତା'ର ସମଗ୍ର ନିୟତିଟି ଅବଧାରିତ ହେବାକୁ ଆରମ୍ଭ କରେ । କାରଣ ଏଠାରେ ପହଞ୍ଚି ସେ ଏପରି ଏକ ସୋପାନରେ ଆସି ଉପନୀତ ହୋଇଥାଏ, ଯେଉଁଠାରେକି ମନ ମାନସାତୀତ ଏକ ସତ୍ୟର ଅବସ୍ଥିତି ପାଖରେ ଆପଣାକୁ ଉନ୍ମୋଚିତ କରିଦିଏ । ଏବଂ ଯେତେ ଅସ୍ପଷ୍ଟ କିମ୍ବା ଧୀର ହେଲେ ମଧ୍ୟ ସେହି ମୁହୂର୍ତ୍ତରୁ ତାହାର ବିବର୍ତ୍ତନ ପୂର୍ବ-ନିର୍ଦ୍ଧାରିତମତେ ଏବଂ ଅନିବାର୍ଯ୍ୟଭାବେ ସେହି ଉଚ୍ଚତର ସତ୍ୟାତ୍ମା, ଅତିମାନସ ଏବଂ ଅତିମାନବତାର ଅଭିମୁଖରେ ଧାବିତ ହେବାକୁ ଆରମ୍ଭ କରେ ।

ତେଣୁ ଆପଣାର ଆଧାରଭୂତ ସ୍ୱଭାବଦ୍ୱାରାହିଁ ପ୍ରାଣ ଏକ ତୃତୀୟ ଅବସ୍ଥାର ଉପଲବ୍ଧି ଲାଗି ପୂର୍ବୋଦ୍ଦିଷ୍ଟ ହୋଇ ରହିଛି, ଆତ୍ମ-ଅଭିବ୍ୟକ୍ତିର ଏକ ତୃତୀୟ ପର୍ବଲାଗି ତାହା ଆଗରୁ ଉଦ୍ଦିଷ୍ଟ ହୋଇଛି । ପ୍ରାଣର ଊର୍ଦ୍ଧ୍ୱାୟନକ୍ରମଟିକୁ ପରୀକ୍ଷା କରି ଦେଖିଲେ ଏହାର ସ୍ୱାଭାବିକ ପରିଣତିର ଯେଉଁ ଶେଷ ପର୍ଯ୍ୟାୟଟିକୁ ଆମେ ଏହାର ତୃତୀୟ ପର୍ଯ୍ୟାୟ ବୋଲି କହିଛୁ, ଆପାତଦୃଷ୍ଟିରେ ସେଇଟି ଆମକୁ ଏହାର ପ୍ରଥମ ଦୁଇଟି ପର୍ଯ୍ୟାୟର ଏକାନ୍ତ ବିରୋଧୀ ତଥା ବିପରୀତ ବୋଲି ହଠାତ୍ ନିଶ୍ଚୟ ମନେହେବ । ମାତ୍ର ବସ୍ତୁତଃ ଏଇଟି ହେଉଛି ପ୍ରଥମ ଦୁଇଟିର ପରିପୂର୍ଣ୍ଣରୂପ, କେବଳ ସେହି ଦୁଇଟିର ରୂପାନ୍ତର । ଚରମ ବିଭାଜନବୃତ୍ତି ଓ ଜଡ଼ର କଠିନ ରୂପରେହିଁ ପ୍ରାଣର ଆଦି ସୂତ୍ରପାତ ହୁଏ, ଏବଂ ସକଳ ଜଡ଼ରୂପର ଆଧାରସ୍ୱରୂପ ଅଣୁହିଁ ଏହି କଠିନସୂତ୍ରୀ ବିଭାଜନକ୍ରିୟାର ପ୍ରତୀକ ହୋଇ ରହିଥାଏ । ଅନ୍ୟ ଅଣୁଗୁଡ଼ିକ ସହିତ ସମ୍ମିଳିତ ହୋଇ ରହିଥିବା ଅବସ୍ଥାରେ ମଧ୍ୟ ଅଣୁ ତଥାପି ଅନ୍ୟମାନଙ୍କଠାରୁ ଅସଂଲଗ୍ନ ହୋଇ ରହିଥାଏ, ସାଧାରଣ କୌଣସି ଶକ୍ତିର ପ୍ରୟୋଗ କରି ଏହାର ମୃତ୍ୟୁ କିମ୍ବା ବିଲୟ ଘଟାଇବା ଆଦୌ ସମ୍ଭବ ହୁଏ ନାହିଁ । ଆମର ବିଭକ୍ତ ଅହଂ ମଧ୍ୟରେ ବି ଏହି ଜଡ଼ ଅଣୁର ଏକ ସମଜାତୀୟ ବୈଶିଷ୍ଟ୍ୟ ପରିଦୃଷ୍ଟ ହୋଇଥାଏ; କାରଣ ସବୁକିଛିକୁ ଏକାଠି ମିଳାଇ ଦେବାର ଯେଉଁ ଶକ୍ତି ଓ ତତ୍ତ୍ୱଟି ପ୍ରକୃତି ଭିତରେ କାର୍ଯ୍ୟକାରୀ ହୋଇ ରହିଛି, ଅହଂ ତାହାର ବିରୁଦ୍ଧରେହିଁ ଆପଣାର ବିଶିଷ୍ଟ ଓ ବିଚ୍ଛିନ୍ନ ଅସ୍ତିତ୍ୱଟିକୁ ଘୋଷଣା କରିବାରେ ଲାଗିଥାଏ । ମାତ୍ର ପ୍ରକୃତି ଭିତରେ ବିଭାଜନର ପ୍ରକ୍ରିୟାଟି ଯେତିକି ଶକ୍ତିଶାଳୀ ଭାବରେ କାର୍ଯ୍ୟକରୁଛି, ଏକତ୍ୱର ତତ୍ତ୍ୱ ତଥା ପ୍ରକ୍ରିୟାଟି ମଧ୍ୟ ଠିକ୍ ସେତିକି ଶକ୍ତିଶାଳୀ ଭାବରେ କାର୍ଯ୍ୟ କରିବାରେ ଲାଗିଛି । ଏକତ୍ୱର ତତ୍ତ୍ୱଟିକୁହିଁ ଯଥାର୍ଥରେ ସର୍ବନିୟାମକ ତତ୍ତ୍ୱ ବୋଲି କୁହାଯାଇ ପାରିବ, ବିଭାଜନର ତତ୍ତ୍ୱଟି ଯାହାର କେବଳ ଏକ ଅଧୀନସ୍ଥ ବା ଆଜ୍ଞାକାରୀ ତତ୍ତ୍ୱରୂପେହିଁ କାର୍ଯ୍ୟ କରୁଛି । ତେଣୁ ଏଥିରେ ଆଉ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ଯେ ବିଭକ୍ତ ପ୍ରତ୍ୟେକ ରୂପ ମଧ୍ୟ କୌଣସି ନା କୌଣସି ରୀତିରେ ଆପଣାକୁ ସେହି ଏକତ୍ୱତତ୍ତ୍ୱଟିର ଅଧୀନ କରି ରଖିବାକୁ ବାଧ୍ୟ ହେବ । କୌଣସି ଯାନ୍ତ୍ରିକ ସୂତ୍ରର ଅନିବାର୍ଯ୍ୟତାଦ୍ୱାରା ବାଧ୍ୟ ହୋଇ ହେଉ, ବା ଆପଣାର

'oaob.nitrkl.ac.in' images reprocessed

ସମ୍ମତି କିମ୍ବା ଅନ୍ୟକାହାର ପ୍ରବର୍ତ୍ତନାଦ୍ୱାରା ପ୍ରେରିତ ହୋଇ ହେଉ ପଛକେ, ଏହା ହେବହିଁ ହେବ । ଆପଣାର ସଂଯୋଜନ ଓ ପରିଯୋଜନର ପ୍ରକ୍ରିୟାଲାଗି ପ୍ରଧାନତଃ ଏକ ଦୃଢ଼ଭିତ୍ତି ଏବଂ ରୂପଗୁଡ଼ିକ ସକାଶେ ଏକ ନିର୍ଦ୍ଦିଷ୍ଟ ବୀଜର ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରକୃତି ଆପଣାର ପ୍ରୟୋଜନରୁହିଁ ବଳସ୍ବଦ୍ୱାରା ସବୁକିଛୁକୁ ଏକତ୍ର ସମାହିତ କରିଦେବାର ସ୍ୱପ୍ରକ୍ରିୟାଟିର ପ୍ରତିରୋଧ କରିବାଲାଗି ସାଧାରଣତଃ ଅଣୁକୁ ଏକ ସ୍ୱାତନ୍ତ୍ର୍ୟ ଦେଇଥାଏ । ମାତ୍ର ଅନ୍ୟପକ୍ଷରେ ତାହା ପୁଞ୍ଜୀଭୂତ ହୋଇ ତା'ର ସମ୍ମିଶ୍ରଣର ସ୍ଥିତିଟିକୁ ମାନିବାଲାଗି ମଧ୍ୟ ଅଣୁକୁ ବାଧ୍ୟ କରିଥାଏ । ଅଣୁ ହେଉଛି ଜଡ଼ପ୍ରକୃତିର ପ୍ରଥମ ପୁଞ୍ଜୀଭୂତ ରୂପ, ଏହା ପୁଞ୍ଜୀଭୂତ ଏକକଗୁଡ଼ିକର ମଧ୍ୟ ପ୍ରଥମ ଭିତ୍ତି ।

ଯେତେବେଳେ ପ୍ରାଣ ଆମେ ପ୍ରାଣଶକ୍ତି ବୋଲି ବୁଝୁଥିବା ଦ୍ୱିତୀୟ ଅବସ୍ଥାଟିରେ ଆସି ପହଞ୍ଚେ, ସେତେବେଳେ ଏକ ବିପରୀତ ଧାରା ପ୍ରଧାନ ଧାରାରେ ପରିଣତ ହୁଏ, ଏବଂ ପ୍ରାଣମୟ ଅହଂର ଭୌତିକ ଆଧାରସ୍ୱରୂପ ଏହି ଦେହ ବିଲୟ ବା ବିନାଶକୁ ସ୍ୱୀକାର କରିନେବାକୁ ବାଧ୍ୟ ହୁଏ । ଗୋଟିଏ ପ୍ରାଣର ଉପାଦାନକୁ କାମରେ ଲଗାଇ ଆଉ ଅନ୍ୟ ପ୍ରାଣଗୁଡ଼ିକର ଉପାଦାନର ରଚନାକୁ ସମ୍ଭବ କରାଇବାଲାଗି ଏହା ଭିତରେ ରହିଥିବା ଉପାଦାନଗୁଡ଼ିକୁ ଚୂର୍ଣ୍ଣ କରି ଦିଆଯାଏ । ପ୍ରକୃତି-ଜଗତରେ କାର୍ଯ୍ୟ କରୁଥିବା ଏହି ନିୟମଟିର ସମ୍ପୂର୍ଣ୍ଣ ପ୍ରଭାବକ୍ଷେତ୍ରଟିକୁ ଏପର୍ଯ୍ୟନ୍ତ ଯଥେଷ୍ଟ ଭାବରେ ସ୍ୱୀକାର କରାଯାଇ ନାହିଁ । ଭୌତିକ ଜୀବନ ତଥା ଜଡ଼ର ଅସ୍ତିତ୍ୱ ସମ୍ବନ୍ଧରେ ଆମର ବର୍ତ୍ତମାନ ବିଜ୍ଞାନକୁ ଆମେ ଯେପରି ଏକ ଦୃଢ଼ ଭିତ୍ତି ଉପରେ ଠିଆ କରାଇଦେଇ ପାରିଛୁ, ମାନସିକ ଜୀବନ ତଥା ଆଧ୍ୟାତ୍ମିକ ଅସ୍ତିତ୍ୱର ଏକ ବିଜ୍ଞାନକୁ ସେହିପରି ଦୃଢ଼ ଭିତ୍ତିଉପରେ ପ୍ରତିଷ୍ଠିତ କରି ନ ପାରିବା ପର୍ଯ୍ୟନ୍ତ ତାହା ବସ୍ତୁତଃ କଦାପି ସମ୍ଭବ ହେବ ନାହିଁ । ତଥାପି ଆମେ ଏକଥାଟିକୁ ମୋଟାମୋଟି ଭାବରେ ବେଶ୍ ବୁଝିପାରିବା ଯେ, କେବଳ ଆମ ଭୌତିକ ଶରୀରର ଉପାଦାନଗୁଡ଼ିକ ନୁହେଁ, ମାତ୍ର ଆମ ସୂକ୍ଷ୍ମତର ପ୍ରାଣସତ୍ତାର ଉପାଦାନଗୁଡ଼ିକ ମଧ୍ୟ, ଅର୍ଥାତ୍ ଆମର ପ୍ରାଣଶକ୍ତି, ବାସନାଶକ୍ତି, ଆମର ସବଂବିଧ ସକଳ ସାମର୍ଥ୍ୟ, ଉଦ୍ୟମ ଓ ଭାବ ସଂବେଦନାଗୁଡ଼ିକ ମଧ୍ୟ ଆମ ଜୀବନ-କାଳରେ ତଥା ଆମର ମୃତ୍ୟୁ ଅନ୍ତେ ଅନ୍ୟମାନଙ୍କର ପ୍ରାଣସତ୍ତା ମଧ୍ୟରେ ନିଶ୍ଚୟ ପ୍ରବେଶ କରିଥାଏ । ଭୌତିକ ଶରୀରପରି ଆମର ଏକ ପ୍ରାଣଶରୀର ମଧ୍ୟ ରହିଛି, ମୃତ୍ୟୁପରେ ଭୌତିକ ଶରୀରଟି ପରି ଏହି ପ୍ରାଣଶରୀର ମଧ୍ୟ ଆପଣାକୁ ଚୂର୍ଣ୍ଣୀଭୂତ କରିଦିଏ ଏବଂ ଅନ୍ୟ ପ୍ରାଣଶରୀରର ଗଠନରେ ଉପାଦାନରୂପେ ବ୍ୟବହୃତ ହୁଏ ବୋଲି ଏକ ପ୍ରାଚୀନ ଗୁପ୍ତବିଦ୍ୟା ବି ଆମକୁ ସୂଚନା ଦେଇଥାଏ । ଆମ ଜୀବଦ୍ଦଶାରେ ମଧ୍ୟ ଆମର ପ୍ରାଣଶକ୍ତି ତଥା ଅନ୍ୟ ଜୀବମାନଙ୍କର ପ୍ରାଣଶକ୍ତି ମଧ୍ୟରେ ସତତ ମିଶ୍ରଣ ଓ ବିମିଶ୍ରଣ ଲାଗି ରହିଥାଏ । ଭାବନାକ୍ଷମ ଅନ୍ୟ ପ୍ରାଣୀମାନଙ୍କର ମାନସିକ ଜୀବନ ସହିତ ଆମ

'oaob.nitrkl.ac.in' images reprocessed

ମାନସିକ ଜୀବନର ଯେଉଁସବୁ ପାରସ୍ପରିକ ସମ୍ବନ୍ଧ ରହିଛି, ସେଗୁଡ଼ିକ ମଧ୍ୟ ସେହିଭଳି ଆଉ ଏକ ନିୟମର ଶାସନଦ୍ୱାରା ନିୟନ୍ତ୍ରିତ ହେଉଥାଏ । ମନ ସହିତ ମନର ନିରନ୍ତର ଅଭିଘାତ ଲାଗି ରହିଥାଏ, ନିରନ୍ତର ଆନ୍ତର୍ବିନିମୟ ଲାଗି ରହିଥାଏ, ଉପାଦାନ ସହିତ ଉପାଦାନର ମିଶ୍ରଣ ଲାଗି ରହିଥାଏ । ଏବଂ ତାହାର ପରିଣାମସ୍ୱରୂପ ବିଘଟ୍ଟଣ, ବିକ୍ଷେପଣ ତଥା ପୁନର୍ଗଠନର ପ୍ରକ୍ରିୟାଗୁଡ଼ିକ ମଧ୍ୟ ନିରନ୍ତର ଚାଲିଥାଏ । ସତ୍ତ୍ୱ ଓ ସତ୍ତ୍ୱ ମଧ୍ୟରେ ପାରସ୍ପରିକ ବିନିମୟ, ପାରସ୍ପରିକ ମିଶ୍ରଣ ତଥା ପାରସ୍ପରିକ ସମାବେଶନ ଲାଗି ରହିଥାଏ; ଏହାହିଁ ପ୍ରାଣର ପ୍ରକ୍ରିୟା, ଏହାର ଅସ୍ତିତ୍ୱଟିକୁ ସମ୍ଭବ କରାଉଥିବା ମୂଳ ନିୟମ ।

ସୁତରାଂ ଆମେ ପ୍ରାଣଭିତରେ ଦୁଇଟି ନିୟମ କାର୍ଯ୍ୟ କରୁଥିବାର ଦେଖିବାକୁ ପାଉଛୁ । ଗୋଟିଏ ହେଉଛି ଆପଣାର ସ୍ୱତନ୍ତ୍ର ଓ ବିଶିଷ୍ଟ ପରିଚୟରେ ବଞ୍ଚିରହିବା ପାଇଁ ବିଚ୍ଛିନ୍ନ ଅହଂର ଆବଶ୍ୟକତା ବା ଇଚ୍ଛା, ଆପଣାର ସ୍ୱତନ୍ତ୍ର ପରିଚୟଟିକୁ ବଜାୟ ରଖିବାର ଆବଶ୍ୟକତା ବା ଇଚ୍ଛା; ଦ୍ୱିତୀୟଟି ହେଉଛି ଅନ୍ୟମାନଙ୍କ ସହିତ ଆପଣାକୁ ଏକଲୀନ କରି ଦେବାଲାଗି ତା'ଉପରେ ପ୍ରକୃତିଦ୍ୱାରା ଲଦି ଦିଆଯାଉଥିବା ଅନିବାର୍ଯ୍ୟତା । ଭୌତିକ ଜଗତରେ ପ୍ରକୃତି ପ୍ରଥମ ପ୍ରବୃତ୍ତି ବା ନିୟମଟି ଉପରେହିଁ ଅଧିକ ଜୋର ଦେଇଥାଏ । କାରଣ ସେ ସ୍ଥାୟୀ ଓ ସ୍ୱତନ୍ତ୍ର ବିଶେଷରୂପଗୁଡ଼ିକର ସୃଷ୍ଟି କରିବାକୁ ଚାହୁଁଥାଏ । କାରଣ ଏହାହିଁ ହେଉଛି, ପ୍ରକୃତିର ପ୍ରଥମ କାର୍ଯ୍ୟ, ତା'ର ପ୍ରଥମ ସମସ୍ୟା । ମହାଶକ୍ତିର ଅବିରାମ ଗତିପ୍ରବାହ ତଥା ଅନନ୍ତ ସତ୍ତ୍ୱାର ଏକତ୍ୱ ମଧ୍ୟରେ ସ୍ୱତନ୍ତ୍ର ଓ ବିଶିଷ୍ଟ ବ୍ୟକ୍ତି-ଅସ୍ତିତ୍ୱକୁ ସମ୍ଭବ କରିବା ଏବଂ ତାହାଲାଗି ଏକ ଆପାତସ୍ଥାୟୀ ରୂପର ସୃଷ୍ଟି କରି ତାହାକୁ ସୁରକ୍ଷିତ କରି ରଖିବାକୁ ଆମେ ବସ୍ତୁତଃ ପ୍ରକୃତିର ସବୁଠାରୁ ଅଧିକ କଠିନ ସମସ୍ୟା ବୋଲି କହିପାରିବା । ତେଣୁ ଜୀବନର ଅଣୁଗତ ପର୍ଯ୍ୟାୟରେ ବ୍ୟକ୍ତି-ରୂପ ଆଧାରରୂପେ ବର୍ତ୍ତମାନ ରହିଥାଏ, ଅନ୍ୟ ଅଣୁଗୁଡ଼ିକ ସହିତ ଆପଣାକୁ ସମାହୃତ କରି ଏହା ଅଳ୍ପବହୁତ ଅଧିକ ସ୍ଥାୟୀ ସମଷ୍ଟିଭୂତ ରୂପଚୟର ରଚନା ଓ ପ୍ରତିଷ୍ଠା କରେ, ଏବଂ ତାହାହିଁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାଣମୟ ତଥା ମନୋମୟ ବ୍ୟଷ୍ଟିଭାବର ଭିତ୍ତିରୂପେ ବ୍ୟବହୃତ ହୁଏ । ମାତ୍ର ଆପଣାର ଏହି ପ୍ରୟୋଜନମୂଳକ କ୍ରିୟାଗୁଡ଼ିକୁ ନିରାପଦ ଭାବରେ ଅବ୍ୟାହତ ରଖି ପାରିବାଲାଗି ପ୍ରକୃତି ଏକ ଯଥେଷ୍ଟ ଦୃଢ଼ଭିତ୍ତିର ପ୍ରତିଷ୍ଠା କରି ରଖିବାରେ ସମର୍ଥ ହେବାମାତ୍ରକେ ତାହାର ପ୍ରକ୍ରିୟା ବଦଳିଯାଏ; ଅର୍ଥାତ୍ ତାହାର ବିପରୀତ ପ୍ରକ୍ରିୟାଟି ମଧ୍ୟ ଆରମ୍ଭ ହୋଇଯାଏ । ବ୍ୟକ୍ତିଭୂତ ରୂପର ବିନାଶ ଓ ବିଲୟ ଆରମ୍ଭ ହୁଏ ଏବଂ ବିଲୟ ଲଭୁଥିବା ଏହି ରୂପଟିର ଉପାଦାନଗୁଡ଼ିକଦ୍ୱାରା ସମଷ୍ଟିଭୂତ ପ୍ରାଣର ପୁଷ୍ଟି ହୁଏ । ମାତ୍ର ଏହାକୁ ମଧ୍ୟ ସର୍ବଶେଷ ଅବସ୍ଥା ବୋଲି କଦାପି କୁହାଯାଇ ପାରିବ ନାହିଁ । ଯେତେବେଳେ ଦୁଇଟିଯାକ ନିୟମତତ୍ତ୍ୱ ମଧ୍ୟରେ ପରିପୂର୍ଣ୍ଣ ସାମଞ୍ଜସ୍ୟର

'oaob.nitrkl.ac.in' images reprocessed

ପ୍ରତିଷ୍ଠା ହୁଏ, ଆପଣାର ବ୍ୟକ୍ତି-ଚେତନାରେ ଅବସ୍ଥିତ ଓ ପ୍ରତିଷ୍ଠିତ ରହି ମଧ୍ୟ ଯେତେବେଳେ ବ୍ୟକ୍ତି ଆପଣାକୁ ଅନ୍ୟମାନଙ୍କ ସହିତ ଅବାଧରେ ସମ୍ମିଳିତ କରିଦେବାକୁ ସମର୍ଥ ହୁଏ, ଏବଂ ତଦ୍ଦ୍ୱାରା ତଥାପି ସଂରକ୍ଷଣାତ୍ମକ ସମତାବସ୍ଥାରେ କୌଣସି ବିଘ୍ନ ଉପସ୍ଥିତ ହୁଏ ନାହିଁ କିମ୍ବା ବଞ୍ଚିରହିବାର ସମ୍ଭାବନାଟି ମଧ୍ୟ କୌଣସି ପ୍ରକାରେ ବ୍ୟାହତ ହୁଏ ନାହିଁ,—କେବଳ ସେତିକବେଳେହିଁ ପ୍ରାଣ ତାହାର ସର୍ବଶେଷ ପରିଣାମଟିକୁ ଲାଭ କରିଥାଏ ।

ଏହି ସାମଞ୍ଜସ୍ୟ-ସାଧନା ହେଉଛି ପ୍ରାଣର ସମସ୍ୟା । ମାତ୍ର ପ୍ରାଣର କ୍ଷେତ୍ରରେ ମନଃଶକ୍ତିର ପରିପୂର୍ଣ୍ଣ ଆବିର୍ଭାବ ବିନା ଏହି ସମସ୍ୟାଟିର ସମାଧାନ ଅସମ୍ଭବ । କାରଣ କେବଳ ପ୍ରାଣଶକ୍ତି ରହିଥିବ, ଅଥଚ ଚେତନ ମନ ନ ଥିବ,—ତା'ହେଲେ କୌଣସି ସାମ୍ୟ ବା ସମୀକରଣ ସମ୍ଭବ ହେବ ନାହିଁ । ଏହାଦ୍ୱାରା ହୁଏତ ସାମୟିକ ଭାବରେ କେବଳ ଏକ ଅସ୍ଥାୟୀ ସମାବସ୍ଥା ସମ୍ଭବ ହୋଇପାରିବ,—ଶରୀରର ମୃତ୍ୟୁରେ ଏହି ସମତାବସ୍ଥାର ଶେଷ ପରିଣତି ଘଟିବ, ବ୍ୟକ୍ତି-ଦେହ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ ଏବଂ ଏହାର ଉପାଦାନଗୁଡ଼ିକ ବିଶ୍ୱଦେହ ଭିତରେ ମିଳାଇଯିବ । କୌଣସି ବ୍ୟଷ୍ଟିରୂପ ଯେଉଁସବୁ ଅଣୁର ସମାହାରଦ୍ୱାରା ଗଠିତ ହୋଇଥାଏ, ବଞ୍ଚିରହିବା ଲାଗି ଓ ତେଣୁ ସେହି ବ୍ୟଷ୍ଟିରୂପରେ ଅବିରତ ତିଷ୍ଠି ରହିବା ଲାଗି ଅଣୁଗୁଡ଼ିକ ପରି ତାହାଭିତରେ ସମାନ ପରିମାଣରେ କୌଣସି ଅନ୍ତର୍ନିହିତ ଶକ୍ତି ଆଦୌ ବର୍ତ୍ତମାନ ନଥାଏ । ଭୌତିକ ଜୀବନର ସ୍ୱଭାବଧର୍ମ ତାହା ଆଦୌ ସମ୍ଭବ କରାଇ ଦିଏ ନାହିଁ । କେବଳ ମନୋମୟ ପୁରୁଷ ପକ୍ଷରେହିଁ ଏହା ସମ୍ଭବ ହୋଇପାରେ । ଏକ ମନୋମୟ ମର୍ମକୋଷ ଏହି ମନୋମୟ ପୁରୁଷକୁ ଧାରଣ କରି ରହିଥାଏ ଏବଂ ଏହି ମର୍ମକୋଷ ଭିତରେ ପ୍ରଚ୍ଛନ୍ନ ଆତ୍ମା ପ୍ରକାଶିତ ରହିଥା'ନ୍ତି ଅଥବା ପ୍ରକାଶିତ ହେବାକୁ ଆରମ୍ଭ କରୁଥା'ନ୍ତି । ଅବିଚ୍ଛିନ୍ନତାର ଏକ ପ୍ରବାହ ଭିତରେ ମନୋମୟ ପୁରୁଷହିଁ ଅତୀତକୁ ଭବିଷ୍ୟତ ସହିତ ଏକତ୍ର ସଂଯୋଜିତ କରି ରଖିପାରେ ଓ ତାହାରି ସାହାଯ୍ୟରେ ଆପଣାର ଅସ୍ତିତ୍ୱକୁ ଅଖଣ୍ଡଭାବରେ ବଜାୟ ରଖିପାରେ । ରୂପଶରୀରଟି ଭାଙ୍ଗି ଗଲାବେଳେ ଏହି ଅବିଚ୍ଛିନ୍ନତାଟି କେବଳ ଶାରୀରିକ ସ୍ମୃତିର କ୍ଷେତ୍ରରେ ଭାଙ୍ଗି ଯାଇପାରେ ସତ, ମାତ୍ର ମନୋମୟ ପୁରୁଷର ସ୍ମୃତିରେ ତାହା ତଥାପି ଅବ୍ୟାହତ ରହିଯାଏ । ଏବଂ ଶରୀରର ମୃତ୍ୟୁ ଓ ଦେହାନ୍ତର ଗ୍ରହଣ ଶାରୀରିକ ସ୍ମୃତିର କ୍ଷେତ୍ରରେ ଯେଉଁ ବ୍ୟବଧାନଟି ଆଣି ଘଟାଇଥାଏ, ଆପଣାର ଏକ ପରବର୍ତ୍ତୀ ବିକାଶସାଧନଦ୍ୱାରା ସେହି ବ୍ୟବଧାନ ଉପରେ ଏକ ସେତୁ ସ୍ଥାପନ କରି ପାରିବାଲାଗି ମଧ୍ୟ ମନୋମୟ ପୁରୁଷର ସାମର୍ଥ୍ୟ ରହିଥାଏ । ଏପରିକି ଯେତେ ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ବର୍ତ୍ତମାନ ବି ଶରୀରସ୍ଥ ମନରେ ଯେତିକି ପରିମାଣରେ ବିକାଶ ହୋଇପାରିଛି,

'oaob.nitrkl.ac.in' images reprocessed

ସେତିକର ସାହାଯ୍ୟରେ ମନୋମୟ ପୁରୁଷ ଶାରୀରିକ ଜୀବନସୀମାର କ୍ଷେତ୍ରଟିକୁ ଅତିକ୍ରମ କରି ଏକ ଅତୀତ ତଥା ଏକ ବର୍ତ୍ତମାନ କେତେକେତେ ଦୂରକୁ ପ୍ରଲମ୍ବିତ ଓ ପ୍ରସାରିତ ହୋଇ ରହିଛି ବୋଲି ସ୍ଥୂଳତଃ ସଚେତନ ଭାବରେ ବେଶ୍ ଅନୁଭବ କରିପାରୁଛି । ତା'ର ନିଜର ଏକ ବ୍ୟକ୍ତିଗତ ଅତୀତ ରହିଛି ବୋଲି ସେ ଅନୁଭବ କରିପାରୁଛି; ଯେଉଁ ବ୍ୟକ୍ତିଜୀବନଗୁଡ଼ିକ ତା'ର ଜୀବନକୁ ତିଆରି କରିଛନ୍ତି, ଯେଉଁଗୁଡ଼ିକର ବିବର୍ତ୍ତନ ଓ ପୁନର୍ପରିଣତିର ଫଳସ୍ୱରୂପ ତା' ବ୍ୟକ୍ତିଗତ ଜୀବନର ଆବିର୍ଭାବ ହୋଇଛି, ଏବଂ ଆପଣାଭିତରୁ ସିଏ ଯେଉଁ ବ୍ୟକ୍ତିଜୀବନଗୁଡ଼ିକୁ ସୃଷ୍ଟି କରିବାରେ ଲାଗିଛି, ସେଗୁଡ଼ିକୁ ସେ ବେଶ୍ ଅନୁଭବ କରିପାରୁଛି । ଅତୀତ ଓ ଭବିଷ୍ୟତକୁ ଏକତ୍ର କରି ଯେଉଁ ସମଷ୍ଟିଗତ ଜୀବନ ଭିତରେ ତା'ର ଆପଣା ଜୀବନର ଅସ୍ତିତ୍ୱ ପ୍ରବାହଟି କେବଳ ଗୋଟିଏ ତନ୍ତୁ ପରି ହୋଇ ରହିଛି, ମନୋମୟ ପୁରୁଷ ଆପଣାର ଚେତନା ଭିତରେ ସେଇଟିକୁ ବି ଅନୁଭବ କରିପାରୁଛି । ଆଧୁନିକ ଭୌତିକ ବିଜ୍ଞାନ ଯାହାକୁ ବଂଶାନୁକ୍ରମଣର ଅଭିବ୍ୟକ୍ତି ବୋଲି ଜାଣୁଛି, ଏକ ପ୍ରବହମାନ ବ୍ୟକ୍ତିତ୍ୱର ଧାରଣାଭୂମି ଉପରେ ମନୋମୟ ପୁରୁଷର ଅନ୍ତରାଳରେ ରହିଥିବା ବିକାଶମାନ ଆତ୍ମାର ଦୃଷ୍ଟିକୁ ମଧ୍ୟ ସେଗୁଡ଼ିକ ସ୍ପଷ୍ଟରୂପେ ପ୍ରତୀତ ହୋଇ ଯାଉଛି, ସୁତରାଂ ଜୀବାତ୍ମାର ଚେତନାକୁ ପ୍ରକାଶିତ କରୁଥିବା ମନୋମୟ ପୁରୁଷକୁହିଁ ଆମେ ବ୍ୟଷ୍ଟିଭୂତ ତଥା ସମଷ୍ଟିଭୂତ ପ୍ରାଣର ସ୍ଥାୟିତ୍ୱକୁ ଧାରଣ କରି ରଖିଥିବା ଗ୍ରନ୍ଥିବୋଲି କହି ପାରିବା । ଏହି ମନୋମୟ ପୁରୁଷର ଭୂମି ଉପରେହିଁ ସେହି ଉଭୟ ମଧ୍ୟରେ ମିଳନ ସମ୍ଭବ ହେଉଛି, ଦୁହିଁଙ୍କ ମଧ୍ୟରେ ସାମଞ୍ଜସ୍ୟ ସମ୍ଭବ ହୋଇ ପାରୁଛି ।

ସଂଯୋଗସ୍ଥାପନ ହେଉଛି ଏହି ନୂତନ ସମ୍ବନ୍ଧର ଧାରା, ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ରହିଥିବା ଏହି ନୂତନ ସମ୍ବନ୍ଧର ସାରବାର୍ତ୍ତା । ପ୍ରେମ ହେଉଛି ଏହି ସଂଯୋଗ-ସ୍ଥାପନର ଗୁପ୍ତ ତତ୍ତ୍ୱ, ସେହି ପ୍ରେମହିଁ ତାହାର ବିକାଶମାନ ଶିଖରଦେଶ । ତେଣୁ ପ୍ରେମମୟ ସଂଯୋଗସ୍ଥାପନ ହେଉଛି ପ୍ରାଣପରିଣାମର ତୃତୀୟ ସୋପାନଟିରେ ତାହାର ନିୟାମକ ଶକ୍ତି । ଏଣେ ବ୍ୟକ୍ତିଭାବଟି ସମ୍ପୂର୍ଣ୍ଣ ସଚେତନ ଭାବରେ ସଂରକ୍ଷିତ ହୋଇ ରହିଥିବ, ଏବଂ ତେଣେ ପାରସ୍ପରିକ ଆତ୍ମବିନିମୟ, ଆତ୍ମଦାନ ତଥା ଆତ୍ମଲୀନ ହୋଇଯିବାର ଆବଶ୍ୟକତା ଏବଂ ଆକାଙ୍କ୍ଷାଟିକୁ ମଧ୍ୟ ସଚେତନ ଭାବରେ ସ୍ୱୀକାର କରାଯାଉଥିବ,—ପ୍ରେମତତ୍ତ୍ୱର କାର୍ଯ୍ୟକାରିତାକୁ ସମ୍ଭବ କରାଇବାକୁ ହେଲେ ଏହି ଦୁଇଟି ଯାକର ଆବଶ୍ୟକତା ରହିଛି । କାରଣ ଦୁଇଟି ମଧ୍ୟରୁ କୌଣସି ଗୋଟିକର ଖିଅ ଛିଡ଼ିଗଲେ ମଧ୍ୟ ପ୍ରେମର ବିକଳ୍ପସ୍ୱରୂପ ଆଉ ଯାହାକିଛି ଆସୁ ପଛକେ, ମାତ୍ର ପ୍ରେମ ଅଟକି ରହିଯାଏ । ପ୍ରେମର ପୂର୍ଣ୍ଣତା ନିମିତ୍ତ ଚରମ ଆତ୍ମ ପ୍ରତ୍ୟାଖ୍ୟାନ, ଏପରିକି ପୂର୍ଣ୍ଣ ଆତ୍ମ-ବିଲୋପର ଯେଉଁ ଭ୍ରାନ୍ତି ତାହା ମନୋମୟ ପୁରୁଷର ଏକ ଧାରଣା,

'oaob.nitrkl.ac.in' images reprocessed

ମନୋମୟ ପୁରୁଷର ଏକ ଆବେଗ ମାତ୍ର । କିନ୍ତୁ ତାହା ପ୍ରାଣର ତୃତୀୟ ସୋପାନଟିର ଊର୍ଦ୍ଧ୍ୱସ୍ଥ ଏକ ବିକାଶକୁ ଅଙ୍ଗୁଳି ନିର୍ଦ୍ଦେଶ କରେ । ପରସ୍ପରର ଭକ୍ଷଣ ଓ କବଳନ ଦ୍ୱାରା ଯେଉଁଠି ଜୀବନସଂଗ୍ରାମ ଜାରି ରହିଥାଏ ଏବଂ ଏହି ସଂଗ୍ରାମର ଫଳସ୍ୱରୂପ ଯେଉଁଠି କେବଳ ଯୋଗ୍ୟତମ ଅର୍ଥାତ୍ ବଳିଷ୍ଠତମହିଁ ବଞ୍ଚି ରହିବାକୁ ଯୋଗ୍ୟ ବୋଲି ସାବ୍ୟସ୍ତ ହୁଏ, ପ୍ରାଣବିକାଶର ତୃତୀୟ ପର୍ଯ୍ୟାୟଟିକୁ ଆସି ଆମେ ତାହାର ସୀମାଗୁଡ଼ିକୁ ଅତିକ୍ରମ କରି ଚାଲି ଯାଇଥାଉ । କାରଣ ଏହି ପର୍ଯ୍ୟାୟରେ ପାରସ୍ପରିକ ସାହାଯ୍ୟଦ୍ୱାରାହିଁ ବଞ୍ଚି ରହିବାର ତତ୍ତ୍ୱଟି ଅଧିକ ପରିମାଣରେ ସ୍ୱୀକୃତ ହୁଏ; ପାରସ୍ପରିକ ଅନୁକୂଳନ, ପାରସ୍ପରିକ ଆଦାନପ୍ରଦାନ ଓ ସମ୍ମିଳନଦ୍ୱାରାହିଁ ଆପଣାକୁ ସାମର୍ଥ୍ୟସମ୍ପୂର୍ଣ୍ଣ କରିବା ସମ୍ଭବ ବୋଲି ଘୋଷଣା କରାଯାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜୀବନ ହେଉଛି ଜୀବର ଆତ୍ମପ୍ରତିଷ୍ଠା, ଏପରିକି ଏହାକୁ ଆମେ ଅହଂର ଏକ ବିକାଶ ଓ ପୁଷ୍ଟିଧର୍ମୀ ପରିଣତି ବୋଲି ବି କହିପାରିବା । ମାତ୍ର ଏହି ଜୀବର ଅନ୍ୟ ଜୀବମାନଙ୍କ ଲାଗି ମଧ୍ୟ ଆବଶ୍ୟକତା ରହିଛି । ଏହି ଜୀବ ଅନ୍ୟ ଜୀବମାନଙ୍କୁ ମଧ୍ୟ ଲୋଡ଼ିବାକୁ ବାଧ୍ୟ । ଏହି ଅହଂଲାଗି ଅନ୍ୟ ଅହଂଗୁଡ଼ିକୁ ଲୋଡ଼ିବାର ଆବଶ୍ୟକତା ରହିଛି, ସେଗୁଡ଼ିକ ସହିତ ସମ୍ମିଳିତ ହେବାର, ସେଗୁଡ଼ିକୁ ଆପଣା ଜୀବନରେ ଅନ୍ତର୍ଭୁକ୍ତ କରି ରଖିବାର ତଥା ସେମାନଙ୍କର ଜୀବନରେ ଆପେ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିବାର ଆବଶ୍ୟକତା ରହିଛି । ଯେଉଁ ବ୍ୟକ୍ତି ଏବଂ ଯେଉଁ ଗୋଷ୍ଠୀମାନେ ସଂଯୋଗସ୍ଥାପନର ଏହି ଜୀବନ-ନିୟମଟିର ସର୍ବୋତ୍ତମ ତଥା ସର୍ବାଧିକ ବିକାଶସାଧନ କରିପାରିବେ, ପ୍ରେମ, ପାରସ୍ପରିକ ସାହାଯ୍ୟ, ଦୟାବୁଦ୍ଧି, ସ୍ନେହ ଓ ସହଚରଭାବନା ତଥା ଏକତାର ଜୀବନ-ନିୟମଟିର ସର୍ବୋତ୍ତମ ବିକାଶସାଧନ କରିପାରିବେ, ଆପଣାକୁ ବଞ୍ଚାଇ ରଖିବା ଏବଂ ପରସ୍ପରଲାଗି ଆପଣାକୁ ଉତ୍ସର୍ଗ କରି ରଖିବା ଭିତରେ ଯେଉଁମାନେ ସର୍ବୋତ୍ତମ ସମନ୍ୱୟର ସ୍ଥାପନା କରିପାରିବେ, ଯେଉଁଠାରେ ଗୋଷ୍ଠୀଦ୍ୱାରା ବ୍ୟକ୍ତିର ସମୃଦ୍ଧି ହେଉଥିବ ଏବଂ ବ୍ୟକ୍ତିଦ୍ୱାରା ଗୋଷ୍ଠୀର ବି ସମୃଦ୍ଧି ହେଉଥିବ, ପାରସ୍ପରିକ ଆଦାନପ୍ରଦାନ ଦ୍ୱାରା ଯେଉଁଠି ବ୍ୟକ୍ତି ବ୍ୟକ୍ତିର ଏବଂ ଗୋଷ୍ଠୀ ଗୋଷ୍ଠୀର ସମୃଦ୍ଧି ଘଟାଉଥିବ, ପରିଣତିର ଏହି ତୃତୀୟ ସୋପାନକୁ ଆସି ସେହିମାନେହିଁ ବଞ୍ଚି ରହିବେ, ସେହି ବ୍ୟକ୍ତି ତଥା ସେହି ଗୋଷ୍ଠୀ-ସକଳହିଁ ଯୋଗ୍ୟତମ ଓ ବଳିଷ୍ଠତମ ସାବ୍ୟସ୍ତ ହେବେ ।

ଏଠାରେ ମନଃଶକ୍ତି ଯେ କ୍ରମେ ଅଧିକରୁ ଅଧିକ ପ୍ରଭାବ ଓ ପ୍ରାଧାନ୍ୟ ବିସ୍ତାର କରିବାକୁ ଆରମ୍ଭ କରେ, ଏହି ପରିଣତିଟିରୁ ଆମକୁ ତାହାର ସ୍ପଷ୍ଟ ସୂଚନା ମିଳିଥାଏ । ଏହି କ୍ଷେତ୍ରରେ ମନଃଶକ୍ତି *ହିଁ ଭୌତିକ ସତ୍ତ୍ୱାଉପରେ ଆପଣାର ନିୟମଗୁଡ଼ିକୁ

* ଯେଉଁ ମନ ଜୀବନରେ ପ୍ରତ୍ୟକ୍ଷଭାବରେ କାର୍ଯ୍ୟ କରେ ଅର୍ଥାତ୍ ହୃଦୟର ମାର୍ଗ ଦେଇ ପ୍ରାଣମୟ ପୁରୁଷ ଉପରେ ପ୍ରତ୍ୟକ୍ଷଭାବେ କାର୍ଯ୍ୟ କରେ, ଏଠାରେ ସେହି ମନର କଥା

'oaob.nitrkl.ac.in' images reprocessed

କ୍ରମଶଃ ଅଧିକରୁ ଅଧିକ ଲବ୍ଧଦେବାରେ ଲାଗିଥାଏ । କାରଣ ମନ ଧର୍ମତଃ ଏକ ସୂକ୍ଷ୍ମତର ଉପାଦାନରେ ଗଠିତ ହୋଇଥିବାରୁ ଆପଣାର ଆହାର, ସମ୍ଭୋଗ ଓ ପୁଷ୍ଟି ଲାଗି ତାହାକୁ ଅପରକୁ ଗ୍ରାସ କରିବାକୁ ପଡ଼େ ନାହିଁ । ବରଂ ଏହା ଆପଣାକୁ ଯେତିକି ଅଧିକ ପରିମାଣରେ ଦେଇପାରେ, ତାହା ସେତିକି ଅଧିକ ପରିମାଣରେ ପାଏ, ସେତିକି ଅଧିକ ପରିମାଣରେ ସମୃଦ୍ଧ ହୁଏ । ଏହା ଆପଣାକୁ ଯେତିକି ଅଧିକ ସାର୍ଥକ ଭାବରେ ଅନ୍ୟମାନଙ୍କ ଭିତରେ ବିଲୀନ କରିଦିଏ, ତାହା ଅନ୍ୟମାନଙ୍କୁ ଆଣି ଆପଣାଭିତରେ ବିଲୀନ କରିଦେବାରେ ସେତିକି ବେଶୀ ସମର୍ଥ ହୁଏ ଏବଂ ଆପଣା ଅଧିକାରର ପରିସରକୁ ସେତିକି ଅଧିକ ପରିବ୍ୟାପ୍ତ କରିଦିଏ । ଆପଣାକୁ ଅତ୍ୟଧିକ ପରିମାଣରେ ଦେବାକୁ ବସିଲେ ଜଡ଼ସ୍ଥ ପ୍ରାଣ ଆପଣାକୁ ନିଃଶେଷିତ କରିଦିଏ, ଅତ୍ୟଧିକ ଗ୍ରାସ କରିବାକୁ ମନ କଲେ ଆପଣାକୁ ବିନାଶ ଓ ମୃତ୍ୟୁଆଡ଼କୁ ଟାଣିନିଏ । ଭୌତିକ ସ୍ତରର ଏହି ବିଧାନଟି ଅନୁସାରେ ମନକୁ ମଧ୍ୟ କେତେକ ପରିମାଣରେ ବାନ୍ଧିହୋଇ ରହିବାକୁ ପଡ଼େ ଏବଂ ସେହି ଅନୁପାତରେ ମନକୁ ମଧ୍ୟ ସେହିସବୁ ସୀମାବଦ୍ଧତାର ପ୍ରମାଦ ସହ୍ୟ କରିବାକୁ ପଡ଼େ, ମାତ୍ର ଆପଣାର ସ୍ୱକୀୟ ବିଧାନର ପରିସର ଭିତରକୁ ବିକଶିତ ହୋଇଉଠିବା ସଙ୍ଗେସଙ୍ଗେ ମନଭିତରେ ସେହି ସୀମାବଦ୍ଧତାକୁ ଅତିକ୍ରମ କରି ଚାଲିଯିବାର ପ୍ରବୃତ୍ତିଟି ବି ଜନ୍ମଲାଭ କରିଥାଏ । ଏବଂ ଏହିସବୁ ସୀମାବଦ୍ଧତାର ଦାସତ୍ୱ କଟି ଯାଉଥିବା ସଙ୍ଗେସଙ୍ଗେ ଦେବା ଆଉ ଗ୍ରହଣ କରିବା ଭିତରେ ରହିଥିବା ପାର୍ଥକ୍ୟଟି ମଧ୍ୟ ନିଶ୍ଚିହ୍ନ ହୋଇ ଆସେ । କାରଣ ପ୍ରକାଶରୂପ ସଚ୍ଚିଦାନନ୍ଦଙ୍କର ଦିବ୍ୟ ବିଧାନଟି ମଧ୍ୟରେ ଭେଦଭିତରେ ଅବିଚ୍ଛିନ୍ନ ଅଭେଦର ଯେଉଁ ସଚେତନ ସତ୍ୟବିଧାନ ବର୍ତ୍ତମାନ ରହିଛି, ଆପଣାର ଊର୍ଦ୍ଧ୍ୱାୟନରେ ମନ ତାହାରି ଅଭିମୁଖରେ ଅଗ୍ରସର ହେବାରେ ଲାଗିଥାଏ ।

ପ୍ରାଣଗତ ମୂଳ ଅବସ୍ଥାର ଦ୍ୱିତୀୟ ପର୍ଯ୍ୟାୟଟି ହେଉଛି ଅବଚେତନ ଇଚ୍ଛାଶକ୍ତିର ପର୍ଯ୍ୟାୟ, ମଧ୍ୟାବସ୍ଥାକୁ ଆସି ସେହି ଇଚ୍ଛାଶକ୍ତି କ୍ଷୁଧା ଓ ସଚେତନ ବାସନାର ରୂପ ଧାରଣ କରିଥାଏ । କ୍ଷୁଧା ଓ ବାସନା ହେଉଛନ୍ତି ସଚେତନ ମନର ପ୍ରଥମ ବୀଜସ୍ୱରୂପ ।

---

ବୁଝାଯାଉଛି । ପ୍ରେମରୂପୀ ପରମ ତତ୍ତ୍ୱଟି ନୁହେଁ, ମାତ୍ର ଜାଗତିକ ଜୀବନରେ ଏକ ଆପେକ୍ଷିକ ତତ୍ତ୍ୱରୂପେ ପରିଦୃଷ୍ଟ ହେଉଥିବା ପ୍ରେମକୁ ଆମେ ମନର ଧର୍ମ ନକହି ପ୍ରାଣର ଏକ ଧର୍ମ ବୋଲି କହିବା । ମାତ୍ର କେବଳ ମାନସିକ ଆଲୋକ ସମାବେଶର ଭୂମିରେ ପ୍ରତିଷ୍ଠ ହୋଇ ପାରିଲେହିଁ ଏହି ପ୍ରେମ ସ୍ୱାଧିକାରଯୁକ୍ତ ତଥା ସ୍ଥାୟୀ ହେବାକୁ ସମର୍ଥ ହୁଏ । ଅପର ପକ୍ଷରେ ଦେହ ଓ ପ୍ରାଣର କ୍ଷେତ୍ରରେ ଯାହାକୁ ପ୍ରେମ ବୋଲି ବୁଝାଯାଏ, ଅଧିକାଂଶ କ୍ଷେତ୍ରରେ ତାହା କେବଳ ଏକ ପ୍ରାଣଗତ କ୍ଷୁଧା ବ୍ୟତୀତ ଆଉ କିଛି ନୁହେଁ, ଏବଂ ଏଥିରେ କେବେହେଲେ କୌଣସି ସ୍ଥାୟିତ୍ୱ ନଥାଏ ।

'oaob.nitrkl.ac.in' images reprocessed

ସଂଯୋଗସ୍ଥାପନର ସ୍ୱରୂପଟି ଧରି ଓ ପ୍ରେମଦ୍ୱାରା ପୁଷ୍ଟ ହୋଇ ପ୍ରାଣ ଆପଣାର ତୃତୀୟ ସୋପାନଟିକୁ ଉନ୍ନୀତ ହୋଇ ଆସିବା ପରେ ମଧ୍ୟ ବାସନାର ନିୟମଟି ବିଲୁପ୍ତ ହୋଇଯାଏ ନାହିଁ; ମାତ୍ର ତାହାର ରୂପାନ୍ତର ଘଟେ, ତାହା ପରିପୂର୍ଣ୍ଣତା ଲାଭ କରେ । ଅନ୍ୟମାନଙ୍କ ପାଇଁ ଆପଣାକୁ ସମର୍ପିଦେବା ଏବଂ ତାହାର ବଦଳରେ ଅନ୍ୟମାନଙ୍କୁ ଆପଣାଭିତରେ ପାଇବା,—ଏହାହିଁ ହେଉଛି ପ୍ରେମର ସ୍ୱଭାବ । ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ଏହି ସମ୍ବନ୍ଧ-ବଣିଜକୁହିଁ ଆମେ ପ୍ରେମ ବୋଲି କହୁବା । ମାତ୍ର ଅନ୍ନମୟ ଜୀବନସ୍ତରରେ ଆପଣାକୁ ଦେବାଲାଗି କୌଣସି ବାସନା ନଥାଏ; ଅନ୍ନମୟ ଜୀବନ କେବଳ ପାଇବାକୁ ଚାହେଁ, କେବଳ ଆତ୍ମସାତ୍ କରିବାକୁ ଇଚ୍ଛା କରୁଥାଏ । ଅବଶ୍ୟ ଏକଥା ସତ ଯେ ଏହା ଦେବାଲାଗି ବାଧ୍ୟ ହୋଇଥାଏ; କାରଣ କେବେହେଲେ କିଛି ଦେଉନଥିବା ଓ କେବଳ ଗ୍ରହଣ କରିବାରେ ଲାଗିଥିବା ଜୀବନଲାଗି ପରିଶେଷରେ ବନ୍ଧ୍ୟା ହୋଇ ଶୁଖି ମରିବା ବ୍ୟତୀତ ଆଉ କୌଣସି ଗତି ନଥାଏ । ଇହଜଗତ ବା ଅନ୍ୟକୌଣସି ଜଗତରେ କେବଳ ଗ୍ରହଣ କରୁଥିବା ଏକ ଜୀବନ ସମଗ୍ରତଃ କେଉଁଠି ସମ୍ଭବ ହେଲେ ମଧ୍ୟ ତାହାକୁ ଏହି ଦଶାଟିହିଁ ଭୋଗିବାକୁ ହୁଏ । ମାତ୍ର ଅନ୍ନମୟ ସ୍ତରର ଏହି ଜୀବନ ଖାଲି ବାଧ୍ୟ ହୁଏ, ସ୍ୱେଚ୍ଛାରେ କେବେହେଲେ କିଛି ଦିଏ ନାହିଁ । ପ୍ରକୃତିର ଅବଚେତନ ଆବେଗଟିକୁହିଁ କେବଳ ମାନିବାରେ ଲାଗିଥାଏ, ସଚେତନ ଭାବରେ ପ୍ରକୃତି ସହିତ ସହଯୋଗ କରିବାକୁ କିମ୍ବା ପ୍ରକୃତିର କାର୍ଯ୍ୟରେ ସମଭାଗୀ ହେବାକୁ କଦାପି ସମର୍ଥ ହୁଏ ନାହିଁ । ଏପରିକି ଶ୍ରଦ୍ଧାଭାବର ଉଦୟ ହେବାପରେ ମଧ୍ୟ ଆପଣାକୁ ଦେବାର ଏହି ପ୍ରବୃତ୍ତି ଭିତରେ ପ୍ରଥମ ଅବସ୍ଥାରେ ଅଣୁମଧ୍ୟରେ ରହିଥିବା ଅବଚେତନ ଇଚ୍ଛାର ଯାନ୍ତ୍ରିକ ସ୍ୱଭାବଟି ତଥାପି ଅନେକ ପରିମାଣରେ ଅବଶିଷ୍ଟ ରହି ଯାଇଥାଏ । ପ୍ରଥମ ଅବସ୍ଥାରେ ପ୍ରେମ ବା ଶ୍ରଦ୍ଧା ମଧ୍ୟ କ୍ଷୁଧାର ନିୟମଟି ଦ୍ୱାରାହିଁ ପରିଚାଳିତ ହେଉଥାଏ; ଅନ୍ୟମାନଙ୍କଠାରୁ ଯାହା ଗ୍ରହଣ ବା ଆତ୍ମସାତ୍ କରୁଥାଏ ସେଥିରେ ଆତ୍ମପ୍ରସାଦ ଲାଭ କରୁଥାଏ । ପ୍ରଧାନତଃ ଆପଣାର ବାଞ୍ଛିତ ବସ୍ତୁଗୁଡ଼ିକର ଆବଶ୍ୟକ ମୂଲ୍ୟସ୍ୱରୂପ ତାକୁ ଯେତିକି ଦେବା ଓ ସମର୍ପଣ କରିବାକୁ ପଡ଼ୁଥାଏ, ସେଥିରୁ ତାହା କୌଣସି ଆନନ୍ଦ ପାଏ ନାହିଁ । ମାତ୍ର ଏହି କ୍ଷେତ୍ରରେ ପ୍ରେମ ତଥାପି ଆପଣାର ଯଥାର୍ଥ ସ୍ୱଭାବଟିର ଉପଲବ୍ଧି କରି ନଥାଏ । ଆପଣାକୁ ଦେବାର ଆନନ୍ଦ ଓ ଅନ୍ୟମାନଙ୍କଠାରୁ ଗ୍ରହଣ କରିବାର ଆନନ୍ଦ ଭିତରେ ଯେତେବେଳେ କୌଣସିପ୍ରକାର ତାରତମ୍ୟ ଆଦୌ ରହେ ନାହିଁ, ସମ୍ବନ୍ଧର ସେହି ସମତୁଲ ବଣିଜର ପ୍ରତିଷ୍ଠାଦ୍ୱାରାହିଁ ପ୍ରେମର ଯଥାର୍ଥ ସ୍ୱଭାବ ଉପଲବ୍ଧ ହୁଏ । ଏହି ବଣିଜ ଆଗକୁ ଯାଇ ଦେବାର ଆନନ୍ଦକୁ ଗ୍ରହଣ କରିବାର ଆନନ୍ଦ ଅପେକ୍ଷା ଅଧିକ କରିଦେବାର ପ୍ରବୃତ୍ତି ମଧ୍ୟ ରଖିଥାଏ । ମାତ୍ର ଯେତେବେଳେ ଅନ୍ତର୍ଗତ ଚୈତ୍ୟପୁରୁଷର ଶିଖାଟିଦ୍ୱାରା ଅନୁପ୍ରେରିତ ହୋଇ ପ୍ରେମ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରିଯାଏ

'oaob.nitrkl.ac.in' images reprocessed

ଏବଂ ପରମ ଏକରସତ୍ତାର ପରିପୂର୍ଣ୍ଣତାକୁ ଉପଲବ୍ଧି କରିବାର ଅଭିମୁଖରେ ଧାବମାନ ହୁଏ, କେବଳ ସେତିକବେଳେ ଯାଇ ଦେବାର ଆନନ୍ଦକୁ ପାଇବାର ଆନନ୍ଦଠାରୁ ଅଧିକ କରିବାର ବାସନା ଜନ୍ମେ । ଆପଣାର ଆତ୍ମାଠାରୁ ଏପର୍ଯ୍ୟନ୍ତ ଯାହା ଅପର ବୋଲି ମନେ ହେଉଥିଲା, ଏହି ପର୍ଯ୍ୟାୟଟିକୁ ଆସି ତାହା ଆପଣାର ବ୍ୟକ୍ତିରୂପ ଅପେକ୍ଷା ମଧ୍ୟ ବୃହତ୍ତର ତଥା ଅଧିକ ପ୍ରିୟ ବୋଲି ଅନୁଭୂତ ହେବାକୁ ଲାଗେ । ଆପଣାର ପ୍ରାଣମୂଳରେ ପ୍ରେମର ବିଧାନଟି ଅନ୍ୟମାନଙ୍କ ମଧ୍ୟରେ ଓ ଅନ୍ୟମାନଙ୍କଦ୍ୱାରା ଆପଣାର ଉପଲବ୍ଧି କରିବା ତଥା ଆପଣାକୁ ପରିପୂର୍ଣ୍ଣ କରିବାର ଆବେଗଟିକୁହିଁ ବୁଝାଏ । ଅନ୍ୟମାନଙ୍କୁ ସମ୍ପଦବାନ୍ ଓ ସମୃଦ୍ଧ କରି ଆପେ ସମ୍ପଦବାନ୍ ତଥା ସମୃଦ୍ଧ ହେବାକୁ ବୁଝାଏ; ଅଧିକାର କରିବା ଓ ଅଧିକୃତ ହେବାକୁ ବୁଝାଏ । କାରଣ ଆପେ ଅଧିକୃତ ନହେବା ପର୍ଯ୍ୟନ୍ତ ଆପଣାଉପରେ ମଧ୍ୟ ଯଥାର୍ଥ ଅଧିକାରଲାଭ ଆଦୌ ସମ୍ଭବ ହୁଏ ନାହିଁ ।

"ଆପଣାକୁ ଆପଣାର ଅଧିକାର ଭିତରେ ରଖିବାଲାଗି ଅଣୁଗତ ଜୀବନସ୍ତରର ଜଡ଼ବତ୍ ଅସମର୍ଥତା, ଅନାତ୍ମ ପଦାର୍ଥପୁଞ୍ଜ ପାଖରେ ଜଡ଼ମୟ ବ୍ୟକ୍ତିରୂପର ଅଧୀନତା, —ଏସବୁ ପ୍ରାଣଶକ୍ତିର ପ୍ରଥମ ସୋପାନର ବ୍ୟାପାର । ପରବର୍ତ୍ତୀ ଦ୍ୱିତୀୟ ଅବସ୍ଥାରେ ବ୍ୟକ୍ତି ଆପଣାର ଅସମର୍ଥତା ଓ ସୀମାଗୁଡ଼ିକ ବିଷୟରେ ସଚେତନତା ଲାଭ କରେ, ଆପଣାକୁ ତଥା ଅପରକୁ ଆପଣାର ଅଧିକାର ଭିତରକୁ ଆଣି ଉଭୟ ଉପରେ ପ୍ରଭୁତ୍ୱ ଅର୍ଜନ କରିବାଲାଗି ସଂଗ୍ରାମ କରେ । ଏହି ପର୍ଯ୍ୟାୟରେ ତୃତୀୟ ସୋପାନଟିର ଉନ୍ମେଷ ହେବା ସଙ୍ଗେ ସଙ୍ଗେ ମୂଳ ଅବସ୍ଥାଗୁଡ଼ିକରେ ଏକ ରୂପାନ୍ତର ଘଟେ, ବିରୋଧାଭାସ ଓ ପୁନରାବୃତ୍ତିର ପ୍ରତୀତି ଭିତରେ ମଧ୍ୟ ଏକ ପରିପୂର୍ଣ୍ଣତା ଓ ସୌଷମ୍ୟର ସଞ୍ଚାର ହୁଏ । ସଂଯୋଗସ୍ଥାପନ ଓ ଶୃଙ୍ଖଳାର ପ୍ରତିଷ୍ଠାଦ୍ୱାରା ଅପର ଅର୍ଥାତ୍ ଅନ୍ୟ-ଆତ୍ମାକୁ ବୃହତ୍ତର ଆତ୍ମା ବୋଲି ସ୍ୱୀକାର କରିନେବାର ସାମର୍ଥ୍ୟ ଆସି ପହଞ୍ଚେ ଏବଂ ତାହାର ବିଧାନ ଓ ପ୍ରୟୋଜନ ପାଖରେହିଁ ବ୍ୟକ୍ତି ସଚେତନ ଭାବରେ ଆପଣାକୁ ସମର୍ପିତ କରିଦିଏ । ସମଷ୍ଟିଭୂତ ଜୀବନ ଭିତରେ ବ୍ୟକ୍ତି-ଜୀବନକୁ ଆତ୍ମସାତ୍ କରିନେବା ଲାଗି ରହିଥିବା କ୍ରମବର୍ଦ୍ଧମାନ ଆବେଗଟିର ତୃପ୍ତିସାଧନ ବି ହୁଏ । ପୁଣି ବ୍ୟକ୍ତି ମଧ୍ୟ ଅନ୍ୟମାନଙ୍କର ଜୀବନକୁ ତା'ର ଆପଣାର ଜୀବନରୂପେ ଲାଭ କରେ, ଅନ୍ୟମାନଙ୍କର ଜୀବନ ତାକୁ ଦେଉଥିବା ସକଳ ବିତ୍ତକୁ ସେ ଆପଣାର ବିତ୍ତରୂପେହିଁ ଲାଭ କରେ । ଅନ୍ୟ ସକଳକୁ ଆତ୍ମସ୍ଥ କରିବାର ଯେଉଁ ବିପରୀତ ଆବେଗଟି ବ୍ୟକ୍ତିଭିତରେ ରହିଥାଏ, ଏହାଦ୍ୱାରା ସେଇଟି ମଧ୍ୟ ତୃପ୍ତ ହୋଇଯାଏ । ମାତ୍ର ଯେତେଦିନ ଯାଏ ଜୀବ ଜୀବ ତଥା ସମଷ୍ଟି ସମଷ୍ଟି ଭିତରେ ମଧ୍ୟ ପ୍ରେମର ସେହି ସମ୍ବନ୍ଧଟି ପ୍ରତିଷ୍ଠିତ ହୋଇପାରି ନଥାଏ, ସେପର୍ଯ୍ୟନ୍ତ ଜୀବ-ବ୍ୟକ୍ତି ଏବଂ ତା'ର ଜଗତ୍ ମଧ୍ୟରେ ପ୍ରତିଷ୍ଠିତ

'oaob.nitrkl.ac.in' images reprocessed

ପାରସ୍ପରିକତାର ଏହି ସମ୍ବନ୍ଧଟି ବି ପ୍ରକାରର କୌଣସି ବାଟ ପାଏ ନାହିଁ, ପରିପୂର୍ଣ୍ଣ ହୋଇପାରେ ନାହିଁ ଏବଂ ଏହାର ଭିତ୍ତି ମଧ୍ୟ ଦୃଢ଼ ହୋଇପାରେ ନାହିଁ । ଆତ୍ମପ୍ରତିଷ୍ଠା ଓ ମୁକ୍ତି ମଧ୍ୟରେ ସୌଷମ୍ୟ ଆଣିବାଲାଗି ହିଁ ମନୁଷ୍ୟ ତା'ର ଯାବତୀୟ ଆପ୍ରାଣଚେଷ୍ଟା କରିବାରେ ଲଗିଥାଏ । ଏହି ସୌଷମ୍ୟଦ୍ୱାରାହିଁ ସେ ଆପଣା ଉପରେ ଆପଣାର ଅଧିକାର ଲାଭ କରିବାକୁ ଚାହୁଁଥାଏ । ଏଇଥିଲାଗି ନାନା ସଂଯୋଗର ଖିଅ ଯୋଡ଼େ, ପ୍ରେମ, ଭ୍ରାତୃତ୍ୱ ଓ ସହଯୋଗିତାର ସମ୍ବନ୍ଧ ସ୍ଥାପନ କରେ । ଅନ୍ୟମାନଙ୍କ ପାଖରେ ଆପଣାକୁ ଦିଏ । ସୁଷମ ସମତାବସ୍ଥା, ନ୍ୟାୟ, ପାରସ୍ପରିକତା ଓ ସମତା ପ୍ରଭୃତିର ଅନୁଶୀଳନ ଦ୍ୱାରା ସେ ନିରନ୍ତର କେବଳ ଏହି ଦୁଇ ବିପରୀତ ଆକୃତି ଓ ଆବେଗ ମଧ୍ୟରେହିଁ ଏକ ସ୍ଥିରସାମ୍ୟ ସୃଷ୍ଟି କରିବାରେ ଲଗିଥାଏ । ମାତ୍ର ଯଥାର୍ଥତଃ ଏସବୁ କରି ସେ ପ୍ରକୃତିର ପୂର୍ବନିର୍ଦ୍ଧାରିତ ପଥଟିକୁହିଁ ଅନୁସରଣ କରୁଥାଏ, ପ୍ରକୃତିର ସେହି ମୂଳ ଦ୍ୱନ୍ଦ୍ୱ ବା ସମସ୍ୟାଟିରେ ଏକ ସମାଧାନହିଁ ବାହାର କରୁଥାଏ । ପ୍ରକୃତିର ଏହି ମୂଳ ସମସ୍ୟାଟି ପ୍ରାଣଶକ୍ତିର ବି ମୂଳ ସମସ୍ୟା । ପ୍ରାଣର ଜଡ଼ସ୍ତରୀୟ ଭିତ୍ତିଟିରେ ଯେଉଁ ଦୁଇ ବିରୋଧୀ ତତ୍ତ୍ୱ ବିଦ୍ୟମାନ ରହିଥା'ନ୍ତି, ମନୁଷ୍ୟ ତାହାର ମଧ୍ୟରେ ଉପୁଜିଥିବା ସମସ୍ୟାଟିରହିଁ ସମାଧାନ କରିବାରେ ଲଗିଥାଏ । ମନୋମୟ ସ୍ତରର ଉଚ୍ଚତର ତତ୍ତ୍ୱଟି ଦ୍ୱାରା ସେ ଏହି ସମାଧାନର ଚେଷ୍ଟା କରୁଥାଏ । କାରଣ କେବଳ ମନୋମୟ ପୁରୁଷହିଁ ଅଭିଳଷିତ ସମନ୍ୱୟରେ ଯାଇ ଉପନୀତ ହେବାର ପଥଟିକୁ ଖୋଜି ବାହାର କରିପାରିବ । ଅବଶ୍ୟ ଏକଥା ସତ ଯେ ଯେଉଁ ଶକ୍ତିମତ୍ତା ଭିତରେ ଏହି ସମନ୍ୱୟଟି ନିହିତ ହୋଇ ରହିଛି ତାହା ମଧ୍ୟ ଆମ ପହଞ୍ଚର ବାହାରେ ରହିଛି । ଆପଣାର ବର୍ତ୍ତମାନ ସୀମାଗୁଡ଼ିକୁ ଡେଇଁଯାଇ ପାରିଲେ ଯାଇ ଆମେ ସେହି ଶକ୍ତିମତ୍ତାର ଉପଲବ୍ଧି କରିପାରିବୁ ।

କାରଣ, ଯେଉଁସବୁ ତଥ୍ୟର ସାହାଯ୍ୟରେ ଆମେ ଏହି ଆଲୋଚନାଟି ଆରମ୍ଭ କରିଛୁ, ଯଦି ସେସବୁ ସତ୍ୟ ହୁଏ, ତେବେ ମନ ଆପଣାର ସୀମାଗୁଡ଼ିକୁ ପାରହୋଇ କେବଳ ଏକ ମାନସାତୀତ କ୍ଷେତ୍ରରେ ପହଞ୍ଚିପାରିଲେ ଯାଇ ଏହି ଯାତ୍ରାଟି ପୂର୍ଣ୍ଣ ହୋଇ ପାରିବ, ଅର୍ଥାତ୍ ପଥଶେଷରେ ପହଞ୍ଚି ହେବ, ସିଦ୍ଧିଲାଭ ସମ୍ଭବ ହେବ । କାରଣ ଏହି ମନ ହେଉଛି ସେହି ମାନସାତୀତ ଅର୍ଥାତ୍ ଅତିମାନସର କେବଳ ଏକ ନିମ୍ନତର ଭୂମି ମାତ୍ର; ପ୍ରଥମତଃ ରୂପ ଓ ବ୍ୟକ୍ତିଭାବ ଭିତରକୁ ଓହ୍ଲାଇ ଆସିବାଲାଗି ଏବଂ ଦ୍ୱିତୀୟତଃ ସେହି ରୂପର ମାଧ୍ୟମରେ ଶରୀରଧାରଣ କରିଥିବା ଓ ସେହି ବ୍ୟକ୍ତିଭାବର ଅନ୍ତର୍ନିହିତ ସତ୍ୟରୂପେ ବିରାଜମାନ ରହିଥିବା ସ୍ୱରୂପସତ୍ୟଟି ମଧ୍ୟକୁ ପୁନର୍ବାର ଉନ୍ନୀତ ହୋଇ ଯିବାଲାଗି ମନ କେବଳ ଏକ ନିମିତ୍ତ ମାତ୍ର । ତେଣୁ କେବଳ ପ୍ରେମପ୍ରେରିତ ସଂଯୋଗସ୍ଥାପନ, ଆଦାନପ୍ରଦାନ କିମ୍ବା ଅନୁକୂଳନଦ୍ୱାରା ପ୍ରାଣଭୂମିଗତ ସମସ୍ୟାଟିର

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ସମାଧାନ ହେଲାପରେ କୌଣସି ସମ୍ଭାବନା ରହିଥିବାର ଆଦୌ ଦେଖା ଯାଉନାହିଁ । କେବଳ ମନ ବା ହୃଦୟର ନିୟମକୁ ଅନୁସରଣ କରି ଏହି ସମାଧାନ କରାଯାଇ ପାରିବ ନାହିଁ । ପ୍ରାଣର ଏକ ଚତୁର୍ଥ ସୋପାନର ଉପଲବ୍ଧି ଦ୍ୱାରାହିଁ ତାହା ହୋଇପାରିବ । ସେହି ଚତୁର୍ଥ ସୋପାନରେହିଁ ଆତ୍ମାର ମଧ୍ୟଦେଇ ବହୁର ଶାଶ୍ୱତ ଏକତ୍ୱର ଉପଲବ୍ଧି ହେବ । ଦେହଗତ ଯାବତୀୟ ଖଣ୍ଡଭାବନା, ପ୍ରାଣଗତ ଯାବତୀୟ ବାସନା ଓ ବୁଭୁକ୍ଷା କିମ୍ବା ମନୋଗତ କୌଣସି ସମାହାର ଅଥବା ଅସମ୍ପୂର୍ଣ୍ଣ ସମନ୍ୱୟସ୍ଥାପନାକୁ ଆଶ୍ରୟ ଓ ଅବଲମ୍ବନ କରି ସେତେବେଳେ ଆଉ ଜୀବନର ଯାବତୀୟ କ୍ରିୟାକୁ ଠିଆ ହେବାର ଚେଷ୍ଟା କରିବାକୁ ପଡ଼ିବ ନାହିଁ, ଏସବୁର ସମଷ୍ଟି ବା ସମବାୟ ଉପରେ ମଧ୍ୟ ଜୀବନର ସଚେତନ ଭିତ୍ତିସ୍ଥାପନ ହେବ ନାହିଁ । ପରମ ଚତ୍ସ୍ୱରୂପର ଏକତ୍ୱ ତଥା ମୁକ୍ତ ଭିତରେହିଁ ଜୀବନ ପ୍ରତିଷ୍ଠିତ ହୋଇ ରହିବ ।

୨|୪

'oaob.nitrkl.ac.in' images reprocessed

## ଦ୍ୱାବିଂଶ ପରିଚ୍ଛେଦ

# ପ୍ରାଣର ସମସ୍ୟା

ତସ୍ମାତ୍ ସର୍ବାତ୍ମୁଷମ୍ ଉଚ୍ୟତେ ।

—ତୈତ୍ତିରୀୟ ଉପନିଷଦ, ୨ । ୩

ଏହାକୁହିଁ ବିଶ୍ୱାତ୍ମକ ବୋଲି ବର୍ଣ୍ଣନା କରାଯାଇଛି ।

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ······ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ॥

—ଗୀତା, ୧୮ । ୬୧

ଈଶ୍ୱର ସର୍ବଭୂତର ହୃଦୟଦେଶରେ ଅଧିଷ୍ଠିତ ରହିଛନ୍ତି । ଆପଣାର ମାୟା ଦ୍ୱାରା ସେ ଯନ୍ତ୍ରାରୂଢ଼ ସର୍ବଭୂତଙ୍କୁ ଆବର୍ତ୍ତିତ କରାଉଛନ୍ତି ।

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ । ଯୋ ବେଦ········· ।
ସୋଽଶ୍ନୁତେ ସର୍ବାନ୍ କାମାନ୍ ସହ ବ୍ରହ୍ମଣା ବିପଶ୍ଚିତା ॥

—ତୈତ୍ତିରୀୟ ଉପନିଷଦ, ୨ । ୧

ବ୍ରହ୍ମ ହେଉଛନ୍ତି ସତ୍ୟ, ସେ ଜ୍ଞାନ, ସେ ଅନନ୍ତସ୍ୱରୂପ । ଯିଏ ସେହି ବ୍ରହ୍ମଙ୍କୁ ଜାଣନ୍ତି, ସେ ସର୍ବଜ୍ଞାନମୟ ବ୍ରହ୍ମସହିତ ସକଳ କାମ୍ୟସମ୍ପଦର ଉପଭୋଗ କରନ୍ତି ।

କେତେକ ବିଶ୍ୱବ୍ୟବସ୍ଥାଗତ ପରିବେଶର ଆବଶ୍ୟକତାଦ୍ୱାରା ଆତ୍ମପ୍ରେରିତ ହୋଇ ଏକ ଚିତ୍ଶକ୍ତିର ପ୍ରକାଶକୁହିଁ ଆମେ ପ୍ରାଣ ବୋଲି ଜାଣିଛୁ । ଏହି ଚିତ୍ଶକ୍ତି ସ୍ୱରୂପତଃ ଅନନ୍ତ, ପରମ, ବନ୍ଧନରହିତ, ଆପଣାର ଏକତ୍ୱ ତଥା ଆନନ୍ଦ ଭିତରେ ଅବିଚ୍ଛିନ୍ନ ଭାବରେ ସନ୍ନିବିଷ୍ଟ । ତାହାହିଁ ସଚ୍ଚିଦାନନ୍ଦଙ୍କର ଚିତ୍ଶକ୍ତି । ଅଜ୍ଞାନାଚ୍ଛନ୍ନ ମନର ମୂଳସୂତ୍ରଟି ଧରି ଅନନ୍ତସତ୍ତାର ଅବିଭକ୍ତ ଶକ୍ତିହିଁ ସେହି ବିଶ୍ୱଲୀଳାକୁ ପ୍ରକଟ କରିବାରେ ଲାଗିଛି, ଓ ଆପାତଦୃଷ୍ଟିରେ ତାହା ସେହି ଶୁଦ୍ଧସ୍ୱରୂପଠାରୁ ଭିନ୍ନ ଓ ବିସଦୃଶ ବୋଲି ପ୍ରତୀତ ହେଉଛି । ମୂଳତଃ ଏକ ଅବିଭକ୍ତ ଶକ୍ତିମତ୍ତାର ଏହି ବିଭାଜନଧର୍ମୀ ନିସ୍ସାରୁ

ଯାବତୀୟ ଦ୍ୱନ୍ଦ୍ୱ ଓ ବିରୋଧର ଗ୍ରନ୍ଥିରୂପମାନ ଉପୁଜିବାରେ ଲାଗିଛି । ଏଗୁଡ଼ିକୁ ମନ ଯଥାର୍ଥ ସତ୍ୟ ବୋଲି ଭ୍ରମ କରୁଛି, ଏଗୁଡ଼ିକ ସଚ୍ଚିଦାନନ୍ଦଙ୍କର ସତ୍ୟସ୍ୱରୂପଟିକୁ ଖଣ୍ଡନ କରିଦେଉଛି ବୋଲି ସେ ଭାବୁଛି । ମାତ୍ର ମନରୂପୀ ଆବରଣଟିର ପଛରେ ଯେଉଁ ଦିବ୍ୟ ବିଶ୍ୱଚେତନାଟି ପ୍ରଚ୍ଛନ୍ନ ହୋଇ ରହିଛି, ଆପଣାର ଦୃଷ୍ଟିରେ ତାହା ଏଗୁଡ଼ିକୁ କେବଳ ଏକ ପ୍ରତିଭାସ ବୋଲି ଜାଣୁଛି, ଯାହାକି ବହୁରୂପାୟିତ ପରମ ସତ୍ୟକୁ ବିକୃତ ରୂପରେ ଦେଖାଇବାର ପ୍ରୟାସ କରିବାରେ ଲାଗିଛି । ତେଣୁ ଏହି ଜଗତକୁ ଆମେ ପରସ୍ପରବିରୋଧୀ ନାନା ସତ୍ୟ ମଧ୍ୟରେ ଲାଗିଥିବା ଏକ ସଂଘାତ ପରି ଦେଖିବାକୁ ପାଉଛୁ; ପ୍ରତ୍ୟେକ ସତ୍ୟର ଆପଣାକୁ ପରିପୂର୍ଣ୍ଣ କରିବାଲାଗି ପୂର୍ଣ୍ଣ ଅଧିକାର ରହିଛି, ତେଣୁ ପ୍ରତ୍ୟେକେ ଆପଣାକୁ ପରିପୂର୍ଣ୍ଣ ଓ ସାର୍ଥକ କରିବାର ପ୍ରୟାସରେ ଲାଗିଛନ୍ତି । ଏଇଥିରୁ ହିଁ ସମାଧାନ ଦାବି କରି ନାନା ସମସ୍ୟା ଓ ନାନା ରହସ୍ୟର ଉଦ୍‌ଭବ ହେଉଛି । କାରଣ ପ୍ରକଟିତ ହେଉଥିବା ଏହିସବୁ ଯାବତୀୟ ଭ୍ରାନ୍ତି ଓ ବିସଂଘାତ ପଛରେ ପ୍ରଚ୍ଛନ୍ନ ହୋଇ ରହିଥିବା ସତ୍ୟ ଓ ଏକତା ସ୍ୱୟଂ ହିଁ ଏକ ସମାଧାନରେ ଆସି ପହଞ୍ଚିବା ଲାଗି ଜୋର୍ ଦେବାରେ ଲାଗିଛି, ବିଶ୍ୱରେ ଆପଣାର ଅନାବୃତ ପ୍ରକାଶ ନିମିତ୍ତ ତାହା ଏହି ସମାଧାନକୁ ଅତ୍ୟାବଶ୍ୟକ ବୋଲି ଅନୁଭବ କରୁଛି ।

କେବଳ ମନକୁ ହିଁ ଏହି ସମାଧାନର ସନ୍ଧାନ କରିବାକୁ ହେବ, ମାତ୍ର ତଥାପି ମନ ଏକୁଟିଆ ହୋଇ କଦାପି ଏହି ସମାଧାନଲାଗି ସମର୍ଥ ହେବ ନାହିଁ । ମନର ସମାଧାନଟିକୁ ଜୀବନରେ ରୂପ ଦେବାକୁ ପଡ଼ିବ, ଚେତନା ଓ କର୍ମର ଭୂମି ଉପରେ ମଧ୍ୟ ଏହି ସମାଧାନଟିକୁ ଫୁଟାଇବାକୁ ପଡ଼ିବ । ପରମ ଚୈତନ୍ୟ ହିଁ ପରମାଶକ୍ତିର ରୂପଧାରଣ କରି ଏହି ବିଶ୍ୱରେ ଯାବତୀୟ ଗତିସ୍ପନ୍ଦନ ଓ ତଜ୍ଜନିତ ସମସ୍ୟାଗୁଡ଼ିକର ସୃଷ୍ଟି କରିଛି, ଏବଂ ପରମାଶକ୍ତିର ରୂପଧାରଣ କରି ସେହି ଚୈତନ୍ୟକୁ ହିଁ ଆପଣାର ଛିଆଇଥିବା ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପଡ଼ିବ, ସେହି ଶକ୍ତିରୂପୀ ଚୈତନ୍ୟ ହିଁ ବିଶ୍ୱସ୍ପନ୍ଦନକୁ ତାର ଅନ୍ତର୍ନିଗୂଢ଼ ତାତ୍ପର୍ଯ୍ୟ ତଥା କ୍ରମବିକାଶମାନ ସତ୍ୟର ଅନିବାର୍ଯ୍ୟ ପରିପୂର୍ଣ୍ଣତା ମଧ୍ୟକୁ ବହନ କରି ନେଇଯିବ । ମାତ୍ର ଏହି ପ୍ରାଣ ଗୋଟିକ ପରେ ଗୋଟିଏ ତିନୋଟି ରୂପ ଧାରଣ କରି ଆସିଛି । ଏହାର ପ୍ରଥମ ରୂପଟି ହେଉଛି ଜଡ଼ଗତ ରୂପ; ଏହାର ସ୍ୱକୀୟ ବହିରଙ୍ଗ ପ୍ରକାଶକ୍ରିୟା ଓ ପ୍ରକାଶିତ ଶକ୍ତିରୂପ ମଧ୍ୟରେ ସେଠାରେ ଏକ ମଗ୍ନଚୈତନ୍ୟ ପ୍ରଚ୍ଛନ୍ନ ହୋଇ ରହିଛି । କାରଣ ସେହି କ୍ରିୟାରୁ ସ୍ୱୟଂ ଚେତନାଟି ଅନ୍ତର୍ହିତ ହୋଇ ରହିଛି, ରୂପ ଭିତରେ ଅଦୃଶ୍ୟ ହୋଇ ଯାଇଛି । ଦ୍ୱିତୀୟ ରୂପଟି ପ୍ରାଣଭୂମି,—ବାହାରକୁ ଆସିବାକୁ 'ଚାହୁଁଥିବା ଏକ ଅର୍ଦ୍ଧପ୍ରକାଶିତ ଚେତନା ସେଠାରେ ପ୍ରାଣଶକ୍ତି ତଥା ପ୍ରାଣରୂପର ପୁଷ୍ଟି, କ୍ରିୟା ଓ କ୍ଷୟର ପ୍ରତିକ୍ରିୟାରୂପେ ଉନ୍ମେଷଲାଭ କରୁଛି । ଆପଣାର ଆଦିକାରାଗାରଟିରୁ ଏହାର

'oaob.nitrkl.ac.in' images reprocessed

କେବଳ ଅର୍ଦ୍ଧେକ ପାଶମୁକ୍ତ ଘଟିଛି । ପ୍ରାଣଗତ ଆକର୍ଷଣ, ତୃପ୍ତିସାଧନ ଓ ବିକର୍ଷଣ ରୂପେ ଏଥିରେ ଶକ୍ତିର କର୍ମନିସଂସ୍କାର ହୋଇପାରିଛି ସତ, ମାତ୍ର ଆପଣାର ଅସ୍ତିତ୍ୱ ତଥା ପରିବେଶଟି ସମ୍ବନ୍ଧରେ ଏହାର ଜ୍ଞାନ ପ୍ରଥମ ଅବସ୍ଥାରେ ଆଦୌ ପରିସ୍ଫୁଟ ହୋଇ ନାହିଁ, ଏବଂ ତା'ପରେ କେବଳ ଅପୂର୍ଣ୍ଣଭାବରେହିଁ ପରିସ୍ଫୁଟ ହୋଇଛି । ତୃତୀୟଟି ହେଉଛି ତାହାର ମନୋମୟ ରୂପ,—ଏହି ସୋପାନଟିରେ ଏକ ଚେତନାମୟ ପ୍ରକାଶ ଜୀବନର ବସ୍ତୁସତ୍ୟ ଓ ଘଟଣାଗୁଡ଼ିକୁ ଏକ ମାନସିକ ବୋଧରୂପେ ପ୍ରତ୍ୟକ୍ଷ କରୁଛି । ବହିର୍ଜଗତର ଅଭିଘାତରୁ ଇନ୍ଦ୍ରିୟବୋଧ ଜନ୍ମୁଛି, ସେଥିରୁ ଭାବନାର ଜନ୍ମ ହେଉଛି ଏବଂ ଭାବନାରୂପୀ ଏହି ନୂତନ ଚେତନା ଜୀବନ-ସତ୍ୟରେ ପରିଣତ ହେବାକୁ ଚେଷ୍ଟା କରୁଛି । ଜୀବର ଅନ୍ତର୍ଗତ ଅସ୍ତିତ୍ୱରେ ଏହା କେତେ ପ୍ରକାରର ପରିମାର୍ଜନ ଆଣୁଛି ଓ ସେହି ଅନୁସାରେ ତାହାର ବହିର୍ଗତ ଅସ୍ତିତ୍ୱକୁ ବି ପରିମାର୍ଜିତ କରିବାର ଉଦ୍ୟମ କରୁଛି । ଏହି ମନୋମୟ କ୍ଷେତ୍ରରେ ଚୈତନ୍ୟର କାରାଗାରବଦ୍ଧତା କଟିଯାଉଛି, ଆପଣା ଶକ୍ତିର ସକଳ କ୍ରିୟା ଓ ରୂପର ପାଶ ଭିତରୁ ତାହା ମୁକ୍ତ ହୋଇଯାଉଛି । ମାତ୍ର ତଥାପି ସ୍ୱକ୍ରିୟା ତଥା ସ୍ୱରୂପ ଉପରେ ପ୍ରଭୁତ୍ୱ ଅର୍ଜନ କରିବାକୁ ଏହାର ସାମର୍ଥ୍ୟ ଆସି ନାହିଁ, କାରଣ ଏକ ବ୍ୟକ୍ତିଚେତନା ରୂପେହିଁ ଏହାର ଉଦ୍‌ଭବ ହୋଇଛି, ତେଣୁ ଆପଣାର ସମଗ୍ର କ୍ରିୟାଭୂମିଟିର କେବଳ ଏକ ଆଂଶିକ ଗତିସ୍ପନ୍ଦନକୁହିଁ ଜାଣିବାଲାଗିହିଁ ଏହାର ସାମର୍ଥ୍ୟ ରହିଛି ।

ମନୁଷ୍ୟଜୀବନର ଅସଲ ଗଣ୍ଠି ଓ ସକଳ ବାଧା ଏଇଠି ରହିଛି । ମନୁଷ୍ୟ ଏହି ଜଗତରେ ମନୋମୟ ସ୍ତରର ଏକ ଜୀବରୂପେ ବିଚରଣ କରୁଛି, ତାହାର ମନଶ୍ଚେତନା ମନଃଶକ୍ତିରୂପେ କାର୍ଯ୍ୟ କରୁଛି । କେତେକାଂଶରେ ତାହା ବିଶ୍ୱଶକ୍ତି ଓ ବିଶ୍ୱଗତ ପ୍ରାଣର ବି ପରିଚୟ ପାଉଛି ଓ ଆପଣାକୁ ତାହାର ଅଂଶ ବୋଲି ଜାଣୁଛି । ମାତ୍ର ଆପଣାକୁ ଏକ ବିଶ୍ୱବ୍ୟାପ୍ତି ସତ୍ୟ ବୋଲି ଜାଣି ନ ଥିବାରୁ, ଏବଂ ଏପରିକି ଆପଣା ସତ୍ତ୍ୱାର ସମଗ୍ରତା ବିଷୟରେ ମଧ୍ୟ ଏହାର କୌଣସି ଜ୍ଞାନ ନଥିବାରୁ ସମଗ୍ର ଜୀବନକୁ ଅଥବା ତା'ର ଆପଣାର ଜୀବନକୁ ମଧ୍ୟ ସେ ସାର୍ଥକରୂପେ ପରିଚାଳିତ କରିପାରୁ ନାହିଁ ଏବଂ ପ୍ରଭୁରୂପେ ସେଗୁଡ଼ିକୁ ଆପଣାର ଆୟତ୍ତକୁ ଆଣିବାରେ ବଡ଼ ଅସମର୍ଥ ହୋଇପଡ଼ୁଛି । ଜଡ଼ପରିବେଶଟି ଉପରେ ପ୍ରଭୁତ୍ୱ ଅର୍ଜନ କରିବାଲାଗି ସେ ଜଡ଼କୁ ଜାଣିବାକୁ ଚାହୁଁଛି, ପ୍ରାଣମୟ ଅସ୍ତିତ୍ୱଟି ଉପରେ ପ୍ରଭୁତ୍ୱ ଅର୍ଜନ କରିବାଲାଗି ସେ ପ୍ରାଣଶକ୍ତିକୁ ମଧ୍ୟ ଜାଣିବାକୁ ଚାହୁଁଛି, ପୁଣି ମହାନ୍ ଅଥଚ ରହସ୍ୟାବୃତ ମନୋଗତ ସଞ୍ଚାଳନଭୂମିଟିକୁ ଆପଣାର ଆୟତ୍ତ କରି ରଖିବାଲାଗି ସେ ମନକୁ ମଧ୍ୟ ଜାଣିବାକୁ ଇଚ୍ଛା କରୁଛି । ପଶୁର ମନ ପରି ମନୁଷ୍ୟର ମନକୁ ଆମେ ଆତ୍ମଚେତନାର କେବଳ ଏକ କ୍ଷୁଦ୍ର ଝଲକ ବୋଲି କହିପାରିବା ନାହିଁ, ବରଂ ଦିନକୁ ଦିନ ଅଧିକ ଦୀପ୍ତ

'oaob.nitrkl.ac.in' images reprocessed

ହୋଇ ଉଠୁଥିବା ଏକ ଜ୍ଞାନଶିଖା ବୋଲି କହିବା । ଏଣୁ ଆପଣାକୁ ମଧ୍ୟ ଆପଣାର ଆୟତ୍ତରେ ରଖିବାଲାଗି ମନୁଷ୍ୟ ଆପଣାକୁ ବି ଜାଣିବାକୁ ଚାହୁଁଛି, ଜଗତ ଉପରେ ପ୍ରଭୁତ୍ୱ ଅର୍ଜନ କରିବାଲାଗି ଜଗତକୁ ମଧ୍ୟ ଜାଣିବାକୁ ଚାହୁଁଛି । ତାହାର ଏହି ଆକାଂକ୍ଷାକୁ ଆମେ ତାହାରି ଭିତରେ ରହିଥିବା ପରମସତ୍ତାର ଆକାଂକ୍ଷା ବୋଲି କହିବା, ତାହାରି ଚୈତନ୍ୟସ୍ୱରୂପରହିଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି କହିବା । ତାହାରି ଭିତରେ ପ୍ରାଣ ହୋଇ ଫୁଟି ଉଠୁଥିବା ପରମା ଶକ୍ତି ବୋଲି କହିବା, ଏହି ଜଗତରେ ବ୍ୟକ୍ତିର ମଧ୍ୟ ଦେଇ ଆବିର୍ଭୂତ ହୋଇଥିବା ସଚ୍ଚିଦାନନ୍ଦଙ୍କର ପ୍ରଚ୍ଛନ୍ନ ଅଭିଳାଷ ବୋଲି କହିବା । ସଚ୍ଚିଦାନନ୍ଦ ଏହି ଜଗତରେ ଆପଣାକୁ ଅଭିବ୍ୟକ୍ତ କରୁଛନ୍ତି ସତ, ମାତ୍ର ତଥାପି ସତେ ଅବା ଆପଣାକୁ ଏହି ଜଗତରୁ ଦୂରେଇ କରି ରଖିଛନ୍ତି । ଯେଉଁ ଭଳି ପରିବେଶରେ ଏହି ଆକାଂକ୍ଷା ଓ ଆକୂତିର ଚରିତାର୍ଥତା ସମ୍ଭବ ହୋଇପାରିବ, ସେହିଭଳି ପରିବେଶଗୁଡ଼ିକୁ ଖୋଜି ବାହାର କରିବା ହେଉଛି ମନୁଷ୍ୟର ଅସଲ ସମସ୍ୟା ଏବଂ ମନୁଷ୍ୟକୁହିଁ ଏହି ସମସ୍ୟାର ସମାଧାନ ଲାଗି ନିରନ୍ତର ଚେଷ୍ଟା କରିବାକୁ ପଡ଼ିବ । ତା'ର ଆପଣା ଅସ୍ତିତ୍ୱର ସ୍ୱଭାବଟିହିଁ ତାକୁ ଏହି ସମାଧାନଟି ପାଇବାଲାଗି ବାଧ୍ୟ କରୁଥିବ, ତା' ଭିତରେ ଅଧିଷ୍ଠିତ ରହିଥିବା ଦେବତା ମଧ୍ୟ ତାକୁ ଏଥିଲାଗି ବାଧ୍ୟ କରିବାରେ ଲାଗିଥିବେ । ଏବଂ ସମସ୍ୟାଟିର ସମାଧାନ ନହେବା ପର୍ଯ୍ୟନ୍ତ ଏବଂ ଏହି ଆବେଗଟିର ତୃପ୍ତିସାଧନ ନହେବା ପର୍ଯ୍ୟନ୍ତ ଏହି ସାଧନାରୁ ମନୁଷ୍ୟଜାତିକୁ କେବେହେଲେ ବିଶ୍ରାମ ମିଳିବ ନାହିଁ । ଆପଣା ଭିତରେ ଅବସ୍ଥିତ ରହିଥିବା ଦିବ୍ୟ ଆକାଂକ୍ଷାଟିକୁ ତୃପ୍ତ କରି ମନୁଷ୍ୟ ହୁଏତ ଆପଣାକୁ ପରିପୂର୍ଣ୍ଣ କରିବ କିମ୍ବା ସିଏ ଆପଣାଭିତରୁ ଏପରି ଏକ ନୂତନ ଓ ବୃହତ୍ତର ସତ୍ତାକୁ ଜନ୍ମ ଦେବ, ଯିଏ କି ସେହି ଆକାଂକ୍ଷାଟିର ତୃପ୍ତି କରିବାରେ ଅଧିକ ସମର୍ଥ ହୋଇ ପାରିବ । ହୁଏତ ମନୁଷ୍ୟ ସ୍ୱୟଂ ଏକ ଦିବ୍ୟ ମାନବସତ୍ତାରୂପେ ରୂପାନ୍ତରିତ ହୋଇଯିବ କିମ୍ବା ଅତିମାନବକୁ ବାଟ ଛାଡ଼ିଦେବ ।

ବାସ୍ତବ ବସ୍ତୁଗତ ଓ ବସ୍ତୁନିଷ୍ଠ ଦୃଷ୍ଟିରୁ ଆମେ ଏହାକୁ ଏକ ନ୍ୟାଯ୍ୟୋଚିତ ପରିଣାମ ବୋଲିହିଁ କହିବା । କାରଣ ମନୁଷ୍ୟର ମନଶ୍ଚେତନା ଏପର୍ଯ୍ୟନ୍ତ ଜଡ଼ସ୍ତରର ଅନ୍ଧକାର ଭିତରୁ ସମ୍ପୂର୍ଣ୍ଣରୂପେ ନିର୍ମୁକ୍ତ ହୋଇପାରି ନାହିଁ ଏବଂ ପୂର୍ଣ୍ଣପ୍ରଜ୍ଞସ୍ୱର ଚୈତନ୍ୟରୂପେ ପ୍ରସ୍ଫୁଟିତ ହୋଇପାରି ନାହିଁ । ମାତ୍ର ସେହି ବିରାଟ ଉନ୍ମୋଚନର ମହାପର୍ବ ଭିତରେ ତାହା ସୋପାନ ପରେ ସୋପାନ ଅତିକ୍ରମ କରି କ୍ରମଶଃ ଅଗ୍ରସର ହେବାରେ ଲାଗିଛି । ତେଣୁ ମନୁଷ୍ୟ ବର୍ତ୍ତମାନ ଯେଉଁ ବିନ୍ଦୁଟିରେ ଆସି ପହଞ୍ଚିପାରିଛି, କ୍ରମବିକାଶମାନ ସୃଷ୍ଟିର ଧାରାଟି ଠିକ୍ ସେହିପର୍ଯ୍ୟନ୍ତ ଆସି କଦାପି ଅଟକି ଯିବ ନାହିଁ । ସେହି ଧାରା ମନୁଷ୍ୟ ଭିତରେ ରହିଥିବା ତାହାର ବର୍ତ୍ତମାନ ସୋପାନଟିକୁ ହୁଏତ ପାର ହୋଇ ଆଗକୁ ଚାଲିଯିବ, କିମ୍ବା ଅଧିକ ଆଗକୁ ଯାଇପାରିବା

ଲାଗି ମଣିଷ ଭିତରେ ଉପଯୁକ୍ତ ଶକ୍ତି ନ ଥିଲେ ତାହା ମନୁଷ୍ୟଙ୍କୁ ଏଇଠି ଛାଡ଼ିଯିବ ଓ ସ୍ୱୟଂ ଆଗକୁ ଚାଲିଯିବ । ଜୀବନର ସତ୍ୟରେ ପରିଣତ ହେବାକୁ ଚେଷ୍ଟା କରୁଥିବା ଏହି ମନୋମୟ ଲୀଳାର ଅଗ୍ରଗତି କଦାପି ବନ୍ଦ ହେବ ନାହିଁ । ଆପଣା ଉପରୁ ଗୋଟିକପରେ ଗୋଟିଏ କରି ସକଳ ଆବରଣକୁ ଖସାଇ ଦେଇ ଯେପର୍ଯ୍ୟନ୍ତ ଏହା ସତ୍ତାର ସମଗ୍ର ସତ୍ୟରେ ରୂପାନ୍ତରିତ ନହୋଇଛି, ଚୈତନ୍ୟର ଆଲୋକ ଫଳନରେ କ୍ରମଶଃ ପରିପୂର୍ଣ୍ଣ ହୋଇ ଯେପର୍ଯ୍ୟନ୍ତ ଏହାର ପୂର୍ଣ୍ଣ ପ୍ରକାଶ ନଘଟିଛି ଓ ପରିପୂର୍ଣ୍ଣ ଶକ୍ତିମତ୍ତାର ଉଲ୍ଲାସରେ ଯେପର୍ଯ୍ୟନ୍ତ ଏହା ପୂର୍ଣ୍ଣରୂପେ ଜାଗି ନଉଠିଛି, ଏହି ମନୋମୟ ଆରୋହଣଯାତ୍ରା ସେପର୍ଯ୍ୟନ୍ତ ଅବଶ୍ୟ ଚାଲିଥିବ । କାରଣ ଶକ୍ତି ଓ ଆଲୋକ ଏହି ଦୁଇଟିର ଭୂମିରେ ଓ ଏହି ଦୁଇଟିର ମଧ୍ୟଦେଇହିଁ ପରମସତ୍ତା ଆପଣାକୁ ପ୍ରକାଶିତ କରନ୍ତି, କାରଣ ଚୈତନ୍ୟ ଓ ଶକ୍ତିହିଁ ସତ୍ତାର ସ୍ୱଭାବସତ୍ୟ । ମାତ୍ର ଯେଉଁ ଊର୍ଦ୍ଧ୍ୱସ୍ଥ ଭୂମିଟିରେ ତାହାର ଏହି ଦୁଇଟି ତତ୍ତ୍ୱ ପରସ୍ପର ସହିତ ମିଳିତ ହୋଇ ପରସ୍ପର ସହିତ ଏକଲୀନ ହୋଇଯାଆନ୍ତି ଓ ଶେଷରେ ପରିପୂର୍ଣ୍ଣତା ଲାଭ କରନ୍ତି, ସେଇ ଭୂମିଟି ହେଉଛି ତାହାର ନିତ୍ୟତୃପ୍ତ ଆନନ୍ଦରୂପ । ଆମର ଏହି କ୍ରମପରିଣତିଶୀଳ ଜୀବନକୁ ଆପଣାର ଅନିବାର୍ଯ୍ୟ ଚରମ ସାର୍ଥକତାରେ ଯାଇ ଉପନୀତ ହେବାକୁ ହେଲେ ଏହାର ସର୍ବାଙ୍ଗସ୍ଥ ଜନ୍ମର ବୀଜରୂପେ ନିହିତ ହୋଇ ରହିଥିବା ଆତ୍ମାଟିର ପରିଚୟ ଲାଭ କରିବାକୁହିଁ ପଡ଼ିବ, ଏବଂ ସେହି ଆତ୍ମପରିଚୟ ଲାଭ କରି ଏହି ଜୀବନର ଉଦ୍‌ଗମସ୍ଥଳରୂପେ ବିଦ୍ୟମାନ ରହିଥିବା ଚିତ୍‌ଶକ୍ତିର ଗତିସ୍ପନ୍ଦନ ଭିତରେ ଗଚ୍ଛିତ ସକଳ ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକର ପରିପୂର୍ଣ୍ଣ ବିକାଶସାଧନ କରିବାକୁ ପଡ଼ିବ । ସଚ୍ଚିଦାନନ୍ଦହିଁ ଆମ ମନୁଷ୍ୟଜୀବନର ଅନ୍ତର୍ନିହିତ ସମ୍ଭାବନାରୂପେ ବିରାଜିତ ରହିଛନ୍ତି । ମନୁଷ୍ୟ ଭିତରେ ରହି ସେହି ସଚ୍ଚିଦାନନ୍ଦ ଏକ ସୁଷମତାର ସାଧନାରେ ଆପଣାକୁ ଉପଲବ୍ଧି କରିବାରେ ଲାଗିଛନ୍ତି । ଯେପରିକି ମନୁଷ୍ୟଜାତି ମଧ୍ୟ ଏକ ସର୍ବସାମାନ୍ୟ ଚେତନା, ସର୍ବସାମାନ୍ୟ ଶକ୍ତିମତ୍ତା ଏବଂ ସର୍ବସାମାନ୍ୟ ଆନନ୍ଦର ଉପଲବ୍ଧି ଭୂମି ଉପରେ ବିଶ୍ୱମୟ ବସ୍ତୁରୂପରେ ଆପଣାକୁ ପରିବ୍ୟାପ୍ତ କରି ରଖିଥିବା ସେହି ବିଶ୍ୱାତୀତ ଅନିର୍ବାଚ୍ୟ ଈପ୍‌ସିତକୁ ପ୍ରକାଶ କରିବାଲାଗି ସମର୍ଥ ହେବ, ସଚ୍ଚିଦାନନ୍ଦ ସେଇଥି ସକାଶେ ବ୍ୟକ୍ତି-ଜୀବନ ଓ ବିଶ୍ୱଗତ ଜୀବନକୁ ଏକ ପରମ ଏକତ୍ୱର ସୂତ୍ରରେ ଏକତ୍ର ଗ୍ରଥିତ କରି ରଖିବାରେ ଲାଗିଛନ୍ତି ।

ପ୍ରାଣର ଉପାଦାନ ହେଉଛି ଚୈତନ୍ୟ; ତେଣୁ ଯାବତୀୟ କ୍ଷେତ୍ରରେ ଏହି ଚୈତନ୍ୟହିଁ ଯେଉଁଭଳି ଭାବରେ ଅବସ୍ଥିତ ରହିଥିବ, ପ୍ରାଣର ପ୍ରକାଶଧର୍ମ ମୂଳତଃ ତାହାରି ଉପରେ ନିର୍ଭର କରିବ । କାରଣ ଚୈତନ୍ୟର ପ୍ରକୃତିହିଁ ଶକ୍ତିଲୀଳାର ଗତିଟିକୁ ନିୟନ୍ତ୍ରିତ କରି ରଖିଥିବ । ଯେଉଁଠାରେ ଚୈତନ୍ୟ ଅନନ୍ତ ଓ ଅଖଣ୍ଡ

'oaob.nitrkl.ac.in' images reprocessed

ରୂପେ ବିଦ୍ୟମାନ ରହିଥିବ, ଆପଣାର କ୍ରିୟା ଓ ରୂପଗୁଡ଼ିକୁ ଆବୋରି ଧରି ସେଗୁଡ଼ିକୁ ପ୍ରେରିତ, ସଂଗଠିତ ତଥା ନିୟୋଜିତ କରିବାରେ ଲାଗିଥିଲେ ମଧ୍ୟ ତଥାପି କ୍ରିୟାତୀତ ଓ ରୂପାତୀତ ହୋଇ ରହିଥିବ, ଅର୍ଥାତ୍ ସଚ୍ଚିଦାନନ୍ଦଙ୍କର ଚେତନା ସଦୃଶ ବିଦ୍ୟମାନ ଥିବ, ସେଠାରେ ଶକ୍ତି ମଧ୍ୟ ଆପଣା ପରିସରରେ ଅନନ୍ତ ହୋଇ ରହିଥିବ, ଆପଣାର ଯାବତୀୟ କ୍ରିୟାରେ ଏକ ହୋଇ ରହିଥିବ, ଆପଣା ସାମର୍ଥ୍ୟ ତଥା ଆତ୍ମଜ୍ଞାନର ଅଧୀନ ହୋଇ ରହିଥିବ। ଜଡ଼ଭୂମିର ପ୍ରକୃତି ପରି ଯେଉଁଠାରେ ଚୈତନ୍ୟ ନିମଗ୍ନ ଓ ଆତ୍ମବିସ୍ମୃତ ହୋଇ ରହିଥିବ, ସତେଅବା ଆତ୍ମଜ୍ଞାନଶୂନ୍ୟ ହୋଇ କେବଳ ଆପଣା ଶକ୍ତିର ସ୍ରୋତ ଉପରେ ଭାସି ଭାସି ଚାଲିଯାଉଥିବ, ଶକ୍ତି ଓ ଚୈତନ୍ୟ ମଧ୍ୟରେ ରହିଥିବା ଶାଶ୍ୱତ ସମ୍ବନ୍ଧଟିର ପ୍ରକୃତିଗତ ଧର୍ମ ଅନୁସାରେ ସେହି ଚୈତନ୍ୟହିଁ ତାହାର ଶକ୍ତିସ୍ରୋତକୁ ନିୟନ୍ତ୍ରିତ କରିବା ଉଚିତ ବୋଲି ଯେଉଁଠି ତା'ର କୌଣସି ଜ୍ଞାନହିଁ ନଥିବ, ସେଠାରେ ଶକ୍ତି ମଧ୍ୟ ଅନୁରୂପ ଅବସ୍ଥା ଧାରଣ କରିବ। କେବଳ ଜଡ଼ତା ଏବଂ ନିଶ୍ଚେତନାର ଏକ ଭ୍ରମକାରୀ ଗତିସ୍ପନ୍ଦନରୂପେ ଶକ୍ତି ଅବସ୍ଥିତ ରହିଥିବ, ଆପଣାର ଅନ୍ତର୍ଗତ ବସ୍ତୁଗୁଡ଼ିକ ବିଷୟରେ ତାହାର କୌଣସି ଜ୍ଞାନ ନଥିବ, କେବଳ ଏକ ଅନ୍ଧକଠୋର ଆକସ୍ମିକତା ଦ୍ୱାରା ଏହା ଯନ୍ତ୍ରବତ୍ ଏକ ଅପରିହାର୍ଯ୍ୟ ଅନୁକୂଳ ଦୈବବିଧାନର ବଶବର୍ତ୍ତୀ ହୋଇ ଆପଣାକୁ ପରିପୁଷ୍ଟ କରିବାରେ ଲାଗିଛି ବୋଲି ମନେ ହେଉଥିବ। ମାତ୍ର, ବସ୍ତୁତଃ ତା'ର ସକଳ କ୍ରିୟାଭିତରେ ପ୍ରଚ୍ଛନ୍ନରୂପେ ଅବସ୍ଥିତ ରହିଥିବା ଚୈତନ୍ୟମୟ ପରମ ପୁରୁଷଙ୍କର ଇଚ୍ଛାଦ୍ୱାରାହିଁ ସେ ପରିଚାଳିତ ହେଉଥିବ, ଏବଂ କୌଣସି ବ୍ୟତିକ୍ରମ ନଘଟାଇ ତାଙ୍କରିଦ୍ୱାରା ନିର୍ଦ୍ଧାରିତ ଋତ ଓ ସତ୍ୟର ବିଧାନଟିକୁହିଁ ଅନୁସରଣ କରୁଥିବ। ଏବଂ ମନୋମୟ କ୍ଷେତ୍ର ଭଳି ଯେଉଁଠି ଚୈତନ୍ୟ ଆତ୍ମବିଭାଜିତ ହୋଇ ରହିଥିବ, ଆପଣାକୁ ନାନା କେନ୍ଦ୍ରରେ ସୀମାବଦ୍ଧ କରି ରଖିଥିବ, ଅନ୍ୟ କେନ୍ଦ୍ରଗୁଡ଼ିକରେ କ'ଣ ରହିଛି ଅଥବା ସେଗୁଡ଼ିକ ସହିତ ଏଇଟିର କିଭଳି ସମ୍ବନ୍ଧ ଅଛି, ସେବିଷୟରେ କୌଣସି ଜ୍ଞାନ ନଥାଇ ସେଠି ପ୍ରତ୍ୟେକ କେନ୍ଦ୍ର ଆପଣାକୁ ପରିପୁଷ୍ଟ କରିବାକୁ ଇଚ୍ଛା କରୁଥିବ, ଯେଉଁଠି ସେଗୁଡ଼ିକର ଆପାତବିଭକ୍ତତା ଓ ପାରସ୍ପରିକ ବିରୋଧ ଦେଇହିଁ ବସ୍ତୁ ଓ ଶକ୍ତିସମୂହ ସହିତ ପରିଚୟ ସ୍ଥାପନ କରାଯାଇଥିବ ଏବଂ ସେଗୁଡ଼ିକ ମଧ୍ୟରେ ଅବସ୍ଥିତ ଯଥାର୍ଥ ଏକତ୍ୱ ବିଷୟରେ ଆଦୌ କୌଣସି ଜ୍ଞାନ ନଥିବ, ସେଠାରେ ଶକ୍ତି ମଧ୍ୟ ତଦନୁରୂପ ହେବାକୁ ବାଧ୍ୟ ହେବ। ବର୍ତ୍ତମାନ ଆମେ ଯେଉଁ ସ୍ତରର ଜୀବନଯାପନ କରୁଛୁ ଏବଂ ଆମ ଚତୁର୍ଦ୍ଦିଗରେ ଯେଉଁଭଳି ଜୀବନ ଦେଖୁଛୁ, ସେତେବେଳେ ଶକ୍ତି ସେହିଭଳି ଏକ ଜୀବନକୁ ନେଇ ଆବର୍ତ୍ତିତ ହେଉଥିବ। ଅନ୍ୟ ବ୍ୟକ୍ତିଜୀବନ ସହିତ ଆପଣାର କୌଣସି ଅନ୍ତର୍ନିହିତ ସମ୍ବନ୍ଧର କୌଣସି ଜ୍ଞାନ ନଥାଇ ସେତେବେଳେ ପ୍ରତ୍ୟେକ ବ୍ୟକ୍ତିଜୀବନ ଆପଣାର ପରିପୂର୍ଣ୍ଣତାକୁହିଁ

'oaob.nitrkl.ac.in' images reprocessed

ଲେଢ଼ିବାରେ ବ୍ୟସ୍ତ ଥିବେ ଏବଂ ତେଣୁ ପରସ୍ପର ସହିତ ଧକ୍କା ଖାଉଥିବେ, ପରସ୍ପର ସହିତ କେବଳ ଛନ୍ଦହୋଇ ରହିଥିବେ । ସେହି କ୍ଷେତ୍ରରେ ନାନା ବିଭକ୍ତ, ବିରୋଧମୟ ତଥା ପରସ୍ପରଭିନ୍ନ ଶକ୍ତିଭିତରେ ଅହରହ ସଂଘର୍ଷ ଚାଲିଥିବ ଏବଂ ଅତିକଷ୍ଟରେ ସେମାନଙ୍କ ମଧ୍ୟରେ ହୁଏତ କୌଣସି ପାରସ୍ପରିକ ଅନୁକୂଳନ ସମ୍ଭବ ହେଉଥିବ । ସେହିପରି ମନର ଭୂମିରେ ମଧ୍ୟ ବିଭକ୍ତ, ବିରୋଧୀ ତଥା ପରସ୍ପରବିମୁଖ କେତେ ଧାରଣା ଓ ଭାବନା ମଧ୍ୟରେ କେତେକେତେ ମିଶ୍ରଣ, ସଂଘାତ, ସଂଘର୍ଷ ଓ ଅନିଶ୍ଚିତ ସମାହାର ଲାଗି ରହିଥିବ । ସେହି ଧାରଣା ଓ ଭାବନାଗୁଡ଼ିକର ଯେ ପରସ୍ପର ପାଖରେ ପରସ୍ପରର କୌଣସି ଆବଶ୍ୟକତା ରହିଛି, ସେବିଷୟରେ ସେଗୁଡ଼ିକର କୌଣସି ଜ୍ଞାନ ନଥାଏ । ପଛରେ ରହି ସକଳକୁ ସମାବିଷ୍ଟ କରି ଧରିଥିବା ଯେଉଁ ପରମ ଏକତ୍ୱ ସେଗୁଡ଼ିକର ମଧ୍ୟଦେଇ ଆପଣାକୁ ବ୍ୟକ୍ତ କରିବାରେ ଲାଗିଛି ଏବଂ ଯାହାରି ଭିତରେହିଁ ସେଗୁଡ଼ିକର ସକଳ ବିରୋଧ ଓ ବିସମ୍ବାଦର ଉପଶମ ହୋଇପାରିବ, ଏହି ଭାବନା ଓ ଧାରଣାସବୁ ଆପଣାକୁ ସେହି ଏକତ୍ୱର ଅନ୍ତର୍ଗତ ଉପାଦାନରୂପେ ଆଦୌ ହୃଦୟଙ୍ଗମ କରିପାରନ୍ତି ନାହିଁ । ମାତ୍ର ଯେଉଁଠାରେ ଚୈତନ୍ୟ ବହୁତ୍ୱ ତଥା ଏକତ୍ୱ ଉଭୟର ଅଧିକାରୀ ହୋଇ ରହିଥାଏ ଏବଂ ଯେଉଁଠି ଏକତ୍ୱର ଚକ୍ଷୁଟିହିଁ ବହୁତ୍ୱକୁ ଆପଣା ଭିତରେ ଧାରଣ କରି ତାହାର ଶାସନ କରୁଥାଏ, ଯେଉଁଠି ଚୈତନ୍ୟ ଏକାଧାରରେ ସବଂମସ୍ତ ସତ୍ତାର ବିଧାନ, ସତ୍ୟ ଓ ରୀତିକୁ ଜାଣିବା ସଙ୍ଗେ ସଙ୍ଗେ ବ୍ୟକ୍ତିର ଜୀବନବିଧାନ, ସତ୍ୟ ଓ ରୀତିକୁ ମଧ୍ୟ ଅନୁଭବ କରି ପାରୁଥାଏ ଏବଂ ଏକ ପାରସ୍ପରିକ ଏକତ୍ୱ ମଧ୍ୟରେହିଁ ଉଭୟ ଜ୍ଞାନ ସଚେତନ ଭାବରେ ସମନ୍ୱିତ ହୋଇ ରହିଥା'ନ୍ତି, ଯେଉଁଠି ଚୈତନ୍ୟର ସ୍ୱଭାବଗତ ସମଗ୍ର ଭୂମିଟି ଉପରେ ପରମ ଏକ ଆପଣାକୁ ବହୁରୂପେ ଜାଣୁଥାଏ ତଥା ବିବିଧ ବହୁ ଆପଣାକୁ ପରମ ଏକ ବୋଲି ଜାଣୁଥା'ନ୍ତି, ସେଠାରେ ଶକ୍ତିର ସ୍ୱାଭାବିକ ଗତି ମଧ୍ୟ ଠିକ୍ ସେହିଭଳି ହେବ । ପ୍ରାଣରୂପେ ଅବତୀର୍ଣ୍ଣ ସେହି ଶକ୍ତି ସଚେତନ ଭାବରେ ପରମ ଏକତ୍ୱର ବିଧାନଟିକୁ ମାନି ଚାଲୁଥିବ, ଏବଂ ତଥାପି ବୈଚିତ୍ର୍ୟ ଭିତରେ ଅବସ୍ଥିତ ପ୍ରତ୍ୟେକ ବସ୍ତୁ ବିଷୟକୁ ତା'ର ଆପଣାର ସ୍ୱବିଧାନ ଓ ସ୍ୱଧର୍ମ ଅନୁସାରେ ପରିପୂର୍ଣ୍ଣ ହେବାକୁ ଦେଉଥିବ । ପ୍ରାଣର ଏହି କ୍ଷେତ୍ରଟିରେ ସକଳ ବ୍ୟକ୍ତି ଏକାଧାରରେ ଆପଣାଭିତରେ ତଥା ପରସ୍ପର ଭିତରେ ଅନେକ ଆତ୍ମାରେ ଅଧିଷ୍ଠିତ ଏକ ସଚେତନ ଆତ୍ମସ୍ୱରୂପ ଭଳି ବଞ୍ଚିବାକୁ ସମର୍ଥ ହେଉଥିବେ । ଅନେକ ମନରେ ଚେତନାର ଗୋଟିଏ ଶକ୍ତି ଭଳି ଜୀବନ ବଞ୍ଚୁଥିବେ, ଅନେକ ଜୀବନରେ କାର୍ଯ୍ୟ କରୁଥିବା କେବଳ ଗୋଟିଏ ସାମର୍ଥ୍ୟର ଆନନ୍ଦକୁ ପ୍ରକାଶ କରୁଥିବେ । ଅନେକ ହୃଦୟ ଓ ଅନେକ ଶରୀର ଭିତରେ ଆପଣାକୁ ପରିପୂର୍ଣ୍ଣ କରୁଥିବା ଗୋଟିଏ ଆନନ୍ଦର ସତ୍ୟ ହିସାବରେ ସେମାନେ ଫୁଟିଉଠି ପାରୁଥିବେ ।

'oaob.nitrkl.ac.in' images reprocessed

ଏହି ଚାରୋଟିଯାକ ସ୍ଥିତିରୁ ପ୍ରଥମଟିକୁ ଆମେ ଚୈତନ୍ୟ ଓ ଶକ୍ତି ମଧ୍ୟରେ ରହିଥିବା ଯାବତୀୟ କ୍ରମବର୍ଦ୍ଧମାନ ସମ୍ବନ୍ଧସକଳର ଉତ୍ପତ୍ତି ସ୍ଥାନ ବୋଲି କହିବା । ଏହି ସ୍ଥିତିଟି ସଚ୍ଚିଦାନନ୍ଦର ସ୍ୱରୂପସତ୍ତା ମଧ୍ୟରେ ଅବସ୍ଥିତ ରହିଛି, ସେଠାରେ ଶକ୍ତି ଓ ଚୈତନ୍ୟ ପରସ୍ପର ସହିତ ଏକଲୀନ ରହିଛି । କାରଣ ସେଠାରେ ଶକ୍ତିହିଁ ସତ୍ତାର ଚୈତନ୍ୟରୂପେ କାର୍ଯ୍ୟ କରୁଛି ଓ ସଦାଚୈତନ୍ୟରୂପେ ପ୍ରତିଷ୍ଠିତ ରହିଛି; ଏବଂ ସେହିପରି ଚୈତନ୍ୟ ମଧ୍ୟ ସତ୍ତାରହିଁ ଜ୍ୟୋତିର୍ମୟୀ ଶକ୍ତିରୂପେ ଅବସ୍ଥିତ ରହିଛି, ଆତ୍ମଜ୍ଞାନ ତଥା ଆତ୍ମାନନ୍ଦରେ ତାହା ନିତ୍ୟଜାଗରୂକ ରହିଛି ଏବଂ ପରିପୂର୍ଣ୍ଣ ଆଲୋକ ତଥା ସ୍ୱପ୍ରତିଷ୍ଠାର ଶକ୍ତିରେ ନିତ୍ୟପ୍ରତିଷ୍ଠିତ ରହିଛି । ଦ୍ୱିତୀୟ ସ୍ଥିତିର ସମ୍ବନ୍ଧଟି ହେଉଛି ଜଡ଼ ପ୍ରକୃତିର ସମ୍ବନ୍ଧ । ଭୌତିକ ବିଶ୍ୱଜଗତରେ ସତ୍ତାର ଏହି ସ୍ଥିତିଟିକୁ ଆମେ ସଚ୍ଚିଦାନନ୍ଦ ସତ୍ତେଅବା ଆପେ ଆପଣାକୁ ଅସ୍ୱୀକାର କରୁଥିବା ମହାନ୍ ସ୍ଥିତି ବୋଲି କହିପାରିବା । ମାତ୍ର ଏଠାରେ ଆପାତଦୃଷ୍ଟିରେ ଶକ୍ତି ଚୈତନ୍ୟଠାରୁ ଏକାବେଳେକେ ବିଚ୍ଛିନ୍ନ ହୋଇଯାଇଛି । ଏଠାରେ ନିଶ୍ଚେତନାହିଁ ଭ୍ରମଶୂନ୍ୟଭାବରେ ସକଳ ବିଶ୍ୱର ଶାସନ କରୁଛି ଓ ଆପଣାର ବିଶ୍ୱବ୍ୟାପୀ ଇନ୍ଦ୍ରଜାଲକୁ ବିସ୍ତାର କରି ରଖିଛି । ଯଥାର୍ଥତଃ ଏହି ନିଶ୍ଚେତନ ଲୀଳା ଏକ ବହିରାବରଣ ବା ମୁଖା ବ୍ୟତୀତ ଆଉ କିଛି ନୁହେଁ, ମାତ୍ର ଆଧୁନିକ ଜ୍ଞାନ ଏହାକୁହିଁ ବିଶ୍ୱଦେବତାଙ୍କର ଅସଲ ମୁଖରୂପେ ଗ୍ରହଣ କରିଥିବାର ଭ୍ରମରେ ପଡ଼ିଯାଇଛି । ମନୋମୟ ଓ ପ୍ରାଣମୟ ଭୂମିର ସ୍ଥିତିଟିକୁ ଆମେ ତୃତୀୟ ସମ୍ବନ୍ଧଟିରୂପେ ଜାଣିଛୁ । ଏହି ସ୍ଥିତିଟିରେ ସଚ୍ଚିଦାନନ୍ଦଙ୍କର ଅସ୍ୱୀକୃତିରୂପୀ ନିଶ୍ଚେତନା କଟିଯାଇଛି ସତ, ମାତ୍ର ତଥାପି ନିଦ୍ରାବଶତାର ଅବଶେଷ ରହିଛି, ତଜ୍ଜନିତ ବିମୂଢ଼ତା ତଥାପି କଟି ନାହିଁ । ନିଶ୍ଚେତନ ଜଡ଼ପାଖରେ କାକୁସ୍ଥ ଆତ୍ମସମର୍ପଣ କରିଦେଇ ପୂର୍ଣ୍ଣଭାବରେ ବିଲୁପ୍ତ ହୋଇଯିବା ତାହାପକ୍ଷରେ ଯେପରି ସମ୍ଭବ ହୋଇ ପାରୁନାହିଁ, ସେହିପରି ଅନ୍ୟଦିଗରେ ଆପଣା ଭୂମିଗତ ସକଳ ସମସ୍ୟାର ସମାଧାନ କରିପାରିବାଭଳି କୌଣସି ନିର୍ମଳ ଜ୍ଞାନ କିମ୍ବା ସହଜାତ ସଂସ୍କାର ମଧ୍ୟ ଏଥିରେ ନାହିଁ । ଭୌତିକ ବିଶ୍ୱଜଗତର ସର୍ବଶକ୍ତିମୟ ନିଶ୍ଚେତନତା ଭିତରୁ ବାହାରକୁ ବାହାରି ଆସି ହତବୁଦ୍ଧିକର ସହସ୍ର ସମସ୍ୟାର ସମ୍ମୁଖରେ ମନୁଷ୍ୟରୂପୀ ଏହି ଜୀବପ୍ରତିଭାସଟି ଆପଣାର ସଚେତନ ଅଥଚ ସୀମାବଦ୍ଧ ଶକ୍ତିକୁହିଁ ସମ୍ବଳ କରି କେବଳ ସଂଗ୍ରାମ କରିବାରେ ଲାଗିଛି । ସତ୍ତାର ଚତୁର୍ଥ ସ୍ଥିତିଟି ହେଉଛି ଅତିମାନସ ସମ୍ବନ୍ଧର ସ୍ଥିତି । ସମଗ୍ର ଅସ୍ୱୀକୃତିର ନିଶ୍ଚେତନା ଭିତରୁ ମୁକ୍ତିଲାଭ କରିଥିବା ମାନବଜୀବନରୂପୀ ଆଂଶିକ ସ୍ୱୀକୃତି ତଥା ପ୍ରକାଶରୁ ଯେଉଁସବୁ ଜଟିଳ ସମସ୍ୟାର ସୃଷ୍ଟି ହୋଇଛି, ଅତିମାନସର ପରିପୂର୍ଣ୍ଣ ସିଦ୍ଧି ଅବସ୍ଥାଟିରେ ଉପନୀତ ହୋଇ ପରିଶେଷରେ ସେଗୁଡ଼ିକର ପୂର୍ଣ୍ଣ ସମାଧାନ ସାଧିତ ହେବ । କେବଳ ପରିପୂର୍ଣ୍ଣ ସ୍ୱୀକୃତିର ଏକମାତ୍ର ସମ୍ଭାବ୍ୟ ମାର୍ଗରେହିଁ ଏହି ସମାଧାନ ସାଧିତ ହେବ । ଅନ୍ତର୍ନିହିତ ସମ୍ଭାବନାରୂପେ ଯାହାକିଛି

'oaob.nitrkl.ac.in' images reprocessed

ସଂଗୁପ୍ତ ଓ ଅବ୍ୟକ୍ତ ହୋଇ ରହିଛି, ଏବଂ ନିଶ୍ଚେତନାରୂପୀ ସେହି ମହାନ୍ ଅସ୍ୱୀକୃତିର ମୁଖାବରଣ ତଳେ ନିମ୍ନପ୍ରକାଶିତ ହେବାଲାଗି ଯାହାକିଛି ନିର୍ବାଶିତ ହୋଇ ରହିଛି, ସେହିଗୁଡ଼ିକର ପରିପୂର୍ଣ୍ଣ ପ୍ରକାଶ ସାଧନ କରି ସେହି ସମାଧାନ ସାଧିତ ହେବ । ଯଥାର୍ଥ ମନୁଷ୍ୟର ସେହି ଯଥାର୍ଥ ଜୀବନରେ ଯାଇ ପହଞ୍ଚିବା ସକାଶେହିଁ ଏହି ଆଂଶିକ ଜୀବନ ଓ ଏହି ଆଂଶିକ ଅପରିପୂର୍ଣ୍ଣ ମନୁଷ୍ୟଟାର ନିରନ୍ତର ସାଧନା ଲାଗିରହିଛି । ଆମଭିତରେ ଯେଉଁ ତଥାକଥିତ ପରମ ନିଶ୍ଚେତନ ଅବସ୍ଥିତ ରହିଛି, ତାହାରି ପରିପୂର୍ଣ୍ଣ ଜ୍ଞାନ ତଥା ମାର୍ଗଦର୍ଶନରେ ଆମର ଆଗକୁ ଯିବାର ଏହି ସାଧନା ଚାଲିଛି । ମାତ୍ର ଆମ ଜୀବନର ସଚେତନ ପ୍ରଦେଶଗୁଡ଼ିକରେ ଆମେ ଏହି ସମ୍ଭାବନାର କେବଳମାତ୍ର ଏକ ଅସ୍ପଷ୍ଟ ଓ ଆୟାସଲବ୍ଧ ଆଭାସହିଁ ପାଇବାକୁ ସମର୍ଥ ହେଉଛୁ । କେବେ କେବେ ଆମକୁ ସେହି ଉପଲବ୍ଧିର କେବଳ ଏକ ଆଂଶିକ କ୍ଷେତ୍ରମାତ୍ର ଦିଶିଯାଇଛି, ସେହି ଆଦର୍ଶସ୍ଥିତିର କେବଳ ଏକ ଝଲକମାତ୍ର ଆଖି ଆଗରେ ନାଚିଯାଇଛି । କବି, ଯୁଗଦ୍ରଷ୍ଟା, କାନ୍ତଦର୍ଶୀ, ଅତୀନ୍ଦ୍ରିୟଜ୍ଞାନନିଷ୍ଠ ତତ୍ତ୍ୱଦ୍ରଷ୍ଟା ଓ ତତ୍ତ୍ୱଜ୍ଞ ଏବଂ ମାନବଇତିହାସର କେତେକେତେ ମହାଜ୍ଞାନୀ ଓ ମହାତ୍ମାମାନଙ୍କର ଅନୁପ୍ରେରଣା ଭିତରେ ଆମେ ତାହାକୁହିଁ ହଠାତ୍ ଉନ୍ମୋଚିତ ହୋଇ ଗଲାପରି ଅନୁଭବ କରିଛୁ, ତାହାରି ସଙ୍କେତ ପାଇଛୁ ।

ଆମ ସମ୍ମୁଖରେ ରହିଥିବା ତଥ୍ୟଗୁଡ଼ିକରୁ ଆମେ ଦେଖିପାରୁଛୁ ଯେ ମନୁଷ୍ୟ ତା'ର ବର୍ତ୍ତମାନ ସ୍ଥିତିରେ ପ୍ରାଣ ଓ ମନର ଯେଉଁ ଭୂମିଟିରେ ଆସି ପହଞ୍ଚିଛି ସେଠାରେ ଚୈତନ୍ୟ ଏବଂ ଶକ୍ତି ଅପୂର୍ଣ୍ଣଭାବେ ଅବସ୍ଥିତ ରହିଥିବା ହେତୁ ପ୍ରଧାନତଃ ତିନୋଟି ଅସୁବିଧା ଉପୁଜୁଛି । ପ୍ରଥମ ଅସୁବିଧାଟି ହେଉଛି, ମନୁଷ୍ୟ ତା'ର ଆପଣା ସତ୍ତାର ଏକ ଅତିକ୍ଷୁଦ୍ର ଅଂଶ ସହିତ ପରିଚିତ ହୋଇପାରୁଛି । କେବଳ ତା'ର ଉପରିଭାଗସ୍ଥ ମନ, ଉପରିଭାଗସ୍ଥ ଜୀବନ ଓ ଉପରିଭାଗସ୍ଥ ଦେହସତ୍ତାଟି ବ୍ୟତୀତ ହୁଏତ ସେ ଆଉ କିଛିହେଲେ ଜାଣିପାରୁ ନାହିଁ, ଏପରିକି କେବଳ ସେତିକ ସମ୍ବନ୍ଧରେ ମଧ୍ୟ ତା'ର ସମ୍ପୂର୍ଣ୍ଣ ଜ୍ଞାନ ନାହିଁ । ତଳଦେଶରେ ତା'ର ଅବଚେତନ ଓ ଅଧିଚେତନ ମନର ରହସ୍ୟତରଙ୍ଗମୟ ସମୁଦ୍ର ବିସ୍ତାରିତ ହୋଇ ରହିଛି, ତା'ର ଅବଚେତନ ଓ ଅଧିଚେତନ ଜୀବନାବେଗମାନ ତଥା ତା'ର ଅବଚେତନ ଦେହଧାରଣ ବିସ୍ତାରିତ ହୋଇ ରହିଛି । ତା'ର ଆପଣା ଜୀବନସତ୍ତାର ସେହି ବିପୁଳ ଓ ବୃହତ୍ ଭାଗଟି ବିଷୟରେ ସେ ଆଦୌ କିଛି ଜାଣି ନାହିଁ, ସେଗୁଡ଼ିକୁ ସେ ସ୍ୱଶାସନର ଆୟତନ ଭିତରକୁ ଆଣିପାରି ନାହିଁ । ବରଂ ଅପରପକ୍ଷରେ ସେହି ବୃହତ୍ ଭାଗଟିହିଁ ହୁଏତ ତାକୁ ଜାଣିଛି ଓ ତାକୁ ଆପଣାର ଶାସନରେ ରଖିଛି । କାରଣ, ସତ୍ତା, ଚୈତନ୍ୟ ଓ ଶକ୍ତି ମୂଳତଃ ଏକ ହୋଇଥିବାରୁ କେବଳ ଆତ୍ମଜ୍ଞାନ ଅର୍ଥାତ୍ ଆତ୍ମସଚେତନତା ଦ୍ୱାରା

'oaob.nitrkl.ac.in' images reprocessed

ଆମେ ଆମ ଜୀବନର ଯେତିକ ଅଂଶ ସହିତ ଯୁକ୍ତ ହୋଇପାରିବା, କେବଳ ସେତିକ ଉପରେ କୌଣସି ଯଥାର୍ଥ ଶକ୍ତି ଅର୍ଜନ କରିବାକୁ ସମର୍ଥ ହୋଇପାରିବା । ଏବଂ ଆମ ଜୀବନର ଅବଶିଷ୍ଟ ଅଂଶଟି ତା'ର ଆପଣାର ଚେତନାଦ୍ୱାରା ନିୟନ୍ତ୍ରିତ ଓ ଶାସିତ ହେଉଥିବ । ଉପରିଭାଗସ୍ଥ ଆମର ଏହି ମନ, ପ୍ରାଣ ତଥା ଦେହଲାଗି ତାହା ଅଧିଚେତନ ହୋଇ ରହିଥିବ । ଏବଂ ତଥାପି, ଏହି ଦୁଇଟିଯାକ ପରସ୍ପରଠାରୁ ବିଚ୍ଛିନ୍ନ ଦୁଇଟି ଭିନ୍ନଭିନ୍ନ ଗତିସ୍ପନ୍ଦନ ନହୋଇ କେବଳ ଗୋଟିଏ ଜୀବନଭୂମିର ଗତିସ୍ପନ୍ଦନରୂପେ କାର୍ଯ୍ୟ କରୁଥିବାରୁ ଆମଭିତରେ ଯେଉଁ ଭାଗଟି ଅଧିକ ବୃହତ୍ତ୍ ଓ ଅଧିକ ବଳଶାଳୀ, ସେଇଟିହିଁ ପରିଣାମତଃ କ୍ଷୁଦ୍ରତର ତଥା କମ୍ ଶକ୍ତିଶାଳୀ ଭାଗଟିକୁ ଅବଶ୍ୟ ଶାସନ ଓ ନିୟନ୍ତ୍ରଣ କରିବାରେ ଲାଗିଯିବ । ତେଣୁ ଆମ ଜୀବନସତ୍ତାର ସଚେତନ ଭାଗଟିରେ ମଧ୍ୟ ଆମେ ଅବଚେତନ ଓ ଅଧିଚେତନର ନିୟନ୍ତ୍ରଣାଧୀନ ହୋଇ ରହିବା, ଏବଂ ଆମଭିତରେ ଆମକୁ ଯାହା ନିଶ୍ଚେତନ ବୋଲି ମନେହୁଏ, ଆମର ଆତ୍ମସ୍ୱାମିତ୍ୱ ଓ ଆତ୍ମପରିଚାଳନାର କ୍ଷେତ୍ରରେ ମଧ୍ୟ ଆମେ କେବଳ ତାହାର ହାତରେ ଏକ ଯାନ୍ତ୍ରିକ ନିମିତ୍ତରୂପେ ଚାଳିତ ହେବାକୁ ବାଧ୍ୟ ହେବା ।

ଆପଣାର ନିର୍ମୁକ୍ତ ଇଚ୍ଛାଦ୍ୱାରାହିଁ ମନୁଷ୍ୟ କର୍ତ୍ତାରୂପେ ସକଳ କାର୍ଯ୍ୟ ସ୍ୱୟଂ କରୁଛି ବୋଲି କଳ୍ପନା କରୁଥାଏ, ମାତ୍ର ପ୍ରକୃତ କ୍ଷେତ୍ରରେ ପ୍ରକୃତିହିଁ ତା'ର ସକଳ କାର୍ଯ୍ୟକୁ ନିୟନ୍ତ୍ରିତ କରି ରଖିଥାଏ; ଏବଂ ଏପରିକି ପ୍ରଜ୍ଞା ଓ ଜ୍ଞାନସମ୍ପନ୍ନ ବ୍ୟକ୍ତିମାନେ ମଧ୍ୟ କେବଳ ଆପଣା ପ୍ରକୃତିର ଅନୁସରଣ କରିବାକୁହିଁ ବାଧ୍ୟ ହୋଇଥା'ନ୍ତି,—ଏପରି କହି ପ୍ରାଚୀନ ଜ୍ଞାନ ତାହାହିଁ କହିବାକୁ ଇଚ୍ଛା କରିଛି । ମାତ୍ର ଆମଭିତରେ ଅବସ୍ଥିତ ଯେଉଁ ପରମ ସତ୍ତା ଆପାତଦୃଷ୍ଟିରେ ଆପଣାକୁ ଅସ୍ୱୀକାର କରି ଆପଣାର ଏକ ପ୍ରତୀପ ଗତିରେ ଆପଣାକୁ ଏକ ମୁଖାବରଣଦ୍ୱାରା ଘୋଡ଼ାଇ ରଖିଛନ୍ତି, ପ୍ରକୃତି କହିଲେ କେବଳ ତାଙ୍କରି ଚୈତନ୍ୟର ସୃଜନମୟୀ ଶକ୍ତିକୁହିଁ ବୁଝାଉଛି । ତେଣୁ ଜ୍ଞାନୀମାନେ ତାଙ୍କ ଚୈତନ୍ୟର ସେହି ସୃଷ୍ଟିଶୀଳ ପ୍ରତୀପ ଗତିକୁ ସେହି ପରମ ପ୍ରଭୁଙ୍କର ମାୟା ବୋଲି କହିଛନ୍ତି । ସେମାନଙ୍କ ଭାଷାରେ ପରମପ୍ରଭୁ ସକଳ ସୃଷ୍ଟିର ହୃଦୟରେ ସମାସୀନ ରହିଛନ୍ତି ଏବଂ ମାୟାଦ୍ୱାରା ଯନ୍ତ୍ରାରୂଢ଼ ସର୍ବଭୂତକୁ ଆବର୍ତ୍ତିତ କରିବାରେ ଲାଗିଛନ୍ତି । ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ମନୁଷ୍ୟ ଆତ୍ମଜ୍ଞାନଦ୍ୱାରା ପରମେଶ୍ୱରଙ୍କ ସହିତ ସଂଯୁକ୍ତ ହୋଇ ପାରିବାଲାଗି ଆପଣା ମନର ସୀମାଗୁଡ଼ିକୁ ଯେତିକ ପରିମାଣରେ ଅତିକ୍ରମ କରି ଯାଇପାରିବ, କେବଳ ସେତିକ ପରିମାଣରେହିଁ ସେ ଆପେ ଆପଣାର ପ୍ରଭୁ ହୋଇପାରିବ । ମାତ୍ର ନିଶ୍ଚେତନ କିମ୍ବା ଅବଚେତନର ଭୂମିରେ ଏହା କଦାପି ସମ୍ଭବ ହେବ ନାହିଁ, ପଛମୁହାଁ ହୋଇ ନିଶ୍ଚେତନର ଗହ୍ୱର ଭିତରକୁ ଡେଇଁପଡ଼ିଲେ ଆଦୌ କୌଣସି ଲାଭ ହେବ ନାହିଁ । ତେଣୁ ଭିତରେ

'oaob.nitrkl.ac.in' images reprocessed

ଯେଉଁଠି ପରମ ପ୍ରଭୁ ଆସନ ଉପରେ ଅଧିଷ୍ଠିତ ରହିଛନ୍ତି, ସେଇଠାକୁ ଗଲେହିଁ ସିଦ୍ଧି ମିଳିବ; ଆମଲାଗି ତଥାପି ଏକ ଅତିଚେତନ ଭୂମିରୂପେ ଅବସ୍ଥିତ ରହିଥିବା ଅତିମାନସର ରାଜ୍ୟ ଭିତରକୁ ଆରୋହଣ କରି ଯାଇପାରିଲେହିଁ ଏହି ଏକତ୍ୱର ପୂର୍ଣ୍ଣପ୍ରତିଷ୍ଠା ହୋଇପାରିବ । କାରଣ, ପରମ ସ୍ୱୀକୃତିର ଅଭିଳାଷ ରଖି ବିଦ୍ୟମାନ ରହିଥିବା ପରମ ଅସ୍ୱୀକୃତିର ଆବେଷ୍ଟନୀ ମଧ୍ୟରେ ନିମ୍ନତର ମାୟାଶକ୍ତିଦ୍ୱାରା ପ୍ରେରିତ ହୋଇ ଅବଚେତନ ସ୍ତରରେ ଯାହା ଆପଣାକୁ କାର୍ଯ୍ୟକାରୀ କରିବାରେ ଲାଗିଛି, ଉଚ୍ଚତର ଦିବ୍ୟ ମାୟାଶକ୍ତିର ଋତ ଓ ସତ୍ୟ ମଧ୍ୟରେହିଁ ତାହାର ଚୈତନ୍ୟମୟ ଜ୍ଞାନ ସଦାବିରାଜିତ ରହିଛି । କାରଣ ଊର୍ଦ୍ଧ୍ୱତର ସ୍ତରରେ ଅବସ୍ଥିତ ପ୍ରକୃତିର ଜ୍ଞାନ ଓ ଅଭିଳାଷଗୁଡ଼ିକହିଁ ନିମ୍ନତର ପ୍ରକୃତିରେ କାର୍ଯ୍ୟକାରୀ ହେଉଛି । ଦିବ୍ୟ ଜ୍ଞାନର ଯେଉଁ ପରମା ମାୟାଶକ୍ତି ବିଶ୍ୱଜଗତରେ ପ୍ରତିଭାସର ସୃଷ୍ଟି କରିବାରେ ବ୍ୟାପୃତ ରହିଛି, ତାହା କେବଳ ସେହି ଜ୍ଞାନର ପରମା ସତ୍ୟଶକ୍ତିଦ୍ୱାରାହିଁ ନିୟନ୍ତ୍ରିତ ହେଉଛି । ପ୍ରତିଭାସପଟଳର ଅନ୍ତରାଳରେ ରହିଥିବା ସତ୍ୟଟି ବିଷୟରେ ତାହାର ପରିପୂର୍ଣ୍ଣ ଜ୍ଞାନ ରହିଛି । ଏବଂ ଯେଉଁ ପରମ ସ୍ୱୀକୃତିଲାଗି ଏହିସବୁ ପ୍ରତିଭାସଲୀଳାର ଉପସ୍ଥାପନା କରାଯାଇଛି, ଦିବ୍ୟ ଜ୍ଞାନ ଆମଲାଗି ତାହାକୁହିଁ ପ୍ରସ୍ତୁତ କରି ରଖିଛି । ସେଇଠାରେ ପହଞ୍ଚି ଏହି ଭୂମିର ଅର୍ଦ୍ଧସ୍ଫୁଟ ଓ ଅପୂର୍ଣ୍ଣ ମନୁଷ୍ୟ ସମ୍ପୂର୍ଣ୍ଣ ତଥା ଯଥାର୍ଥ ମନୁଷ୍ୟର ଦର୍ଶନ ପାଇବ । ଆପଣାର ବିଶ୍ୱଗତ ବିବର୍ତ୍ତନ ଓ ପ୍ରକ୍ରିୟାସମୂହର ସର୍ବବିତ୍ ସ୍ୱାମୀରୂପେ ଯେଉଁ ସ୍ୱୟଂଭବ ପୁରୁଷ ନିତ୍ୟ ବିରାଜିତ ରହିଛନ୍ତି, ତାଙ୍କର ସହିତ ପରିପୂର୍ଣ୍ଣ ଏକତ୍ୱ ଅର୍ଜନ କରି ମନୁଷ୍ୟ ସେହି ଭୂମିରେ ପରିପୂର୍ଣ୍ଣ ଆତ୍ମଜ୍ଞାନର ଅଧିକାର ଲାଭ କରିପାରିବ ।

ତେଣୁ ଆପଣାକୁ ଯଥାର୍ଥରୂପେ ଜାଣି ନଥିବା ହେଉଛି ମନୁଷ୍ୟର ପ୍ରଥମ ସଙ୍କଟ । ତା'ର ଦ୍ୱିତୀୟ ସଙ୍କଟ ହେଉଛି ଯେ ସେ ତା' ଜୀବନର ମନ, ପ୍ରାଣ ଓ ଦେହ, ଧନୋଟିଯାକ ଭୂମିରେ ବିଶ୍ୱସହିତ ସଂଯୋଗ ହରାଇ ବସିଛି ଓ ବିଶ୍ୱଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛି । ତେଣୁ ଆପଣାକୁ ନଜାଣିଥିଲା ପରି ସେ ତା'ର ସହିତ ଅପରସକଳଙ୍କୁ ଜାଣିବାରେ ବି ଅସମର୍ଥ ହୋଇ ରହିଛି, ହୁଏତ ଅଧିକ ଅସମର୍ଥ ହୋଇ ରହିଛି । ଆପଣାର ଅନୁମାନ, ତତ୍ତ୍ୱସିଦ୍ଧାନ୍ତ, ପର୍ଯ୍ୟବେକ୍ଷଣ ଏବଂ ସହାନୁଭୂତି ଲାଗି ତା'ଭିତରେ ବଡ଼ ଅପୂର୍ଣ୍ଣ ଭାବରେ ରହିଥିବା ଯନ୍ତ୍ରକଳ୍ପିତ ସାମର୍ଥ୍ୟ ଦ୍ୱାରା ସେ ସେମାନଙ୍କ ବିଷୟରେ ସାଧାରଣତଃ ମୋଟାମୋଟି ମାନସିକ ଧାରଣାର ଏକ ଜାଲ ବୁଣିକରି ରଖିଥାଏ ସତ, ମାତ୍ର ଏହାକୁ ଆମେ ଜ୍ଞାନ ବୋଲି କଦାପି କହିପାରିବା ନାହିଁ । କେବଳ ସଚେତନ ଏକାତ୍ମତା ଦ୍ୱାରାହିଁ ଜ୍ଞାନ ସମ୍ଭବ ହୋଇଥାଏ । ଆପଣାକୁ ଜାଣିଥିବା ସତ୍ତା, ଅର୍ଥାତ୍ ଆତ୍ମଜ୍ଞାନସମ୍ପନ୍ନତା,—ଏହାହିଁ ହେଉଛି ଏକମାତ୍ର ଯଥାର୍ଥ ଜ୍ଞାନ । ଆମେ ସଚେତନ ଭାବରେ ଆପଣାକୁ ଯେତିକି ଅନୁଭବ କରିପାରିବା,

'oaob.nitrkl.ac.in' images reprocessed

ଆପଣାର ସତ୍ୟସ୍ୱରୂପ ବିଷୟରେ ଆମେ କେବଳ ସେତିକି ଜ୍ଞାନ ଲାଭ କରିପାରିବା । ଅବଶିଷ୍ଟ ଆଉସବୁ ଆମଠାରୁ ଅଗୋଚର ଓ ଅଜ୍ଞାତ ହୋଇ ରହିଥିବ । ଠିକ୍ ସେହିପରି ଆପଣାର ଚୈତନ୍ୟଭୂମିରେ ଆମେ ଯାହାସହିତ ଏକାତ୍ମକତା ଅର୍ଜନ କରିପାରିବା, କେବଳ ତାହାକୁହିଁ ଯଥାର୍ଥଭାବରେ ଜାଣିପାରିବା; ଯେତିକି ଏକାତ୍ମ ହୋଇପାରିବା, କେବଳ ସେତିକି ଜାଣିବା । ଜ୍ଞାନର ସାଧନଗୁଡ଼ିକ ଅପ୍ରତ୍ୟକ୍ଷ ଓ ଅପୂର୍ଣ୍ଣ ରହିଥିବାପର୍ଯ୍ୟନ୍ତ ଆମର ଯାବତୀୟ ଲବ୍ଧ ଜ୍ଞାନ ମଧ୍ୟ କେବଳ ଅପ୍ରତ୍ୟକ୍ଷ ଓ ଅପୂର୍ଣ୍ଣ ହୋଇ ରହିଥିବ । ଏହାଦ୍ୱାରା ବଡ଼ ଶୋଚନୀୟ ଓ ଅଳ୍ପପୂର୍ଣ ଭାବରେ ଆମେ କେତେକ ସୀମାବଦ୍ଧ ବ୍ୟାବହାରିକ ଉଦ୍ଦେଶ୍ୟ କିମ୍ବା ଆବଶ୍ୟକତାକୁ ହୁଏତ ପୂର୍ଣ୍ଣ କରିପାରିବା, କେତେକ ବ୍ୟାବହାରିକ ସୁବିଧା ହାସଲ କରିବାକୁ ହୁଏତ ସମର୍ଥ ହେବା ଅଥବା ଆମର ଜ୍ଞାତ ପୃଥିବୀଟି ସହିତ କେତେକ ପରିମାଣରେ ଏକ ଅପୂର୍ଣ୍ଣ ଓ ଅନିଶ୍ଚିତ ସମ୍ବନ୍ଧଗତ ସମନ୍ୱୟ ସ୍ଥାପନ କରିବାରେ ହୁଏତ ସମର୍ଥ ହେବା ସତ, ଏବଂ ଆମର ମନୋମୟ ଜୀବନଦୃଷ୍ଟି ଏହାକୁହିଁ ଯଥେଷ୍ଟ ଓ ସମ୍ପୂର୍ଣ୍ଣ ବୋଲି ଗ୍ରହଣ କରିନେବ ସତ, ମାତ୍ର ଏହା ସହିତ କେବଳ ଏକ ସଚେତନ ଏକାତ୍ମତା ଅର୍ଜନ କରିହିଁ ଆମେ ଆମର ସମ୍ବନ୍ଧଗୁଡ଼ିକୁ ପରିପୂର୍ଣ୍ଣ କରିପାରିବା । ତେଣୁ ଆମର ସହିତ ବିଶ୍ୱ ଅପର ସକଳଙ୍କ ସହିତ ସଚେତନ ଏକାତ୍ମତା ଅର୍ଜନ କରିବାକୁହିଁ ପଡ଼ିବ । କେବଳ ଭଲପାଇବାରୁ ଉପୁଜୁଥିବା ସହାନୁଭୂତି କିମ୍ବା କେବଳ ମାନସିକ ଜ୍ଞାନରୁ ଉତ୍ପନ୍ନ ବୁଝିବାଦ୍ୱାରା ଆଦୌ କାମ ଚଳିବ ନାହିଁ । ମାନସିକ ଜ୍ଞାନ କହିଲେ ସର୍ବଦା କେବଳ ସେମାନଙ୍କ ଜୀବନ ସମ୍ବନ୍ଧରେ ଅଗଭୀର ଓ ଉପରଠାଉରିଆ ଭାବରେ କିଛିନା ଜ୍ଞାନ ଲାଭ କରିବାକୁହିଁ ବୁଝାଇବ । ତେଣୁ ସେହି ଜ୍ଞାନ ସ୍ୱଭାବତଃ ଅପୂର୍ଣ୍ଣ ହୋଇ ରହିଥିବ, ଏବଂ ସେମାନଙ୍କର ତଥା ଆମର ଅବଚେତନ ଓ ଅଧିଚେତନ ଭୂମିରୁ ଉତ୍ଥିତ ହେଉଥିବା ନାନା ଅଜ୍ଞାତ ଓ ଅବଶୀକୃତ ଭାବରେ ସ୍ରୋତସଙ୍କୁଳତା ଭିତରେ ପଡ଼ି ତାହା ଖଣ୍ଡିତ ଓ ବ୍ୟର୍ଥ ହୋଇଯିବାର ଆଶଙ୍କାଟି ମଧ୍ୟ ସର୍ବଦା ବର୍ତ୍ତମାନ ରହିଥିବ । ମାତ୍ର ଯେଉଁ ବିଶ୍ୱାତ୍ମକତା ମଧ୍ୟରେ ଆମେ ଅପର ସମସ୍ତଙ୍କ ସହିତ ଏକ ହୋଇ ରହିଛୁ, କେବଳ ତାହାରି ଭିତରେ ପ୍ରବେଶ କରିହିଁ ଆଲୋଚିତ ସଚେତନ ଏକାତ୍ମତାଟି ପ୍ରତିଷ୍ଠିତ ହୋଇ ପାରିବାର ସମ୍ଭାବନା ରହିଥିବ । ଏବଂ ଆମ ଲାଗି ଅତିଚେତନ ହୋଇ ରହିଥିବା କେବଳ ସେହି ଅତିମାନସ ଭିତରେହିଁ ବିଶ୍ୱାତ୍ମବୋଧର ଚେତନାଟି ପରିପୂର୍ଣ୍ଣ ଭାବରେ ବିକଶିତ ହୋଇ ରହିଛି । କାରଣ ଏଠି ଆମର ନିତ୍ୟନୈମିତ୍ତିକ ଇହଜୀବନରେ ଏହାର ଅଧିକାଂଶ ଭାଗଟି କେବଳ ଅବଚେତନ ଅବସ୍ଥାରେହିଁ ରହିଛି, ଏବଂ ସେହି କାରଣରୁ ଆମ ମନ, ପ୍ରାଣ ଓ ଦେହର ଏହି ସାଧାରଣ ଇହସ୍ଥିତିରେ ତାହାକୁ ଉପଲବ୍ଧି କରିପାରିବାର ଆଦୌ କୌଣସି ସମ୍ଭାବନା ନାହିଁ । ଆମ ଚେତନ-ସ୍ୱଭାବର ନିମ୍ନତର ଭାଗଟି ତା'ର ସକଳ କ୍ରିୟାକଳାପରେ କେବଳ ଅହଂ ସହିତହିଁ

'oaob.nitrkl.ac.in' images reprocessed

ବାନ୍ଧିହୋଇ ରହିଛି, ବିବିକ୍ତ ବ୍ୟକ୍ତିଭାବର ଖୁଣ୍ଟରେ ଢନସର ଦଉଡ଼ିରେ ଛନ୍ଦାହୋଇ ପଡ଼ିଛି । ଏକମାତ୍ର ଅତିମାନସହିଁ ବସ୍ତୁଭିତରେ ଏକତ୍ୱଜ୍ଞାନର ଅଧିକାରୀ ହୋଇ ରହିଛି ।

ଜୀବର କ୍ରମବିବର୍ତ୍ତନ-କ୍ଷେତ୍ରରେ ଶକ୍ତି ଓ ଚୈତନ୍ୟ ମଧ୍ୟରେ ରହିଥିବା ବିଭେଦ ଓ ବିଚ୍ଛେଦଟି ହେଉଛି ତୃତୀୟ ସଙ୍କଟ । ପ୍ରଥମତଃ, କ୍ରମବିବର୍ତ୍ତନର ପ୍ରକ୍ରିୟାଟିହିଁ ଯଥାକ୍ରମେ ଜଡ଼, ପ୍ରାଣ ତଥା ମନକୁ ସେଗୁଡ଼ିକର ଆକାର ଦେବାକୁ ଯାଇ ଏକ ବିଭେଦର ସୃଷ୍ଟି କରିଛି, ଏବଂ ସେଗୁଡ଼ିକର ବୃତ୍ତି ଓ କ୍ରିୟାକୁ ମଧ୍ୟ ପୃଥକ୍ କରି ଦେଇଛି । ପ୍ରାଣ ସହିତ ଦେହର ଯୁଦ୍ଧ ଚାଲିଛି, ଆପଣାର ବାସନା ତଥା ଆବେଗଗୁଡ଼ିକର ତୃପ୍ତିସାଧନ ଲାଗି ପ୍ରାଣ ଦେହକୁ ବାଧ୍ୟ କରି ରଖିବାକୁ ଚେଷ୍ଟା କରୁଛି; ଏବଂ ଦେହର ଅତିସୀମାବଦ୍ଧ ସାମର୍ଥ୍ୟଠାରୁ ଏଭଳି ଦାବିମାନ କରିବାରେ ଲାଗିଛି ଯାହାର ପୂରଣ କରିବା କେବଳ ଏକ ଅମର ଓ ଦିବ୍ୟ ଦେହପକ୍ଷରେହିଁ ସମ୍ଭବ ହେଉଥା'ନ୍ତା । ଏବଂ ପ୍ରାଣର ଦାସତ୍ୱ ଓ ଉତ୍ପୀଡ଼ନଦ୍ୱାରା କାବୁ ହୋଇ ରହିଥିବା ଦେହ ବିଚରା ସତତ ଯନ୍ତ୍ରଣା ଭୋଗ କରିବାରେ ଲାଗିଛି ଏବଂ ପ୍ରାଣର ପ୍ରବଳ ଦାବିଗୁଡ଼ିକ ବିରୁଦ୍ଧରେ କେବଳ ମୂକ ବିଦ୍ରୋହହିଁ କରୁଛି । ଦେହ ଓ ପ୍ରାଣ ଉଭୟ ସହିତ ମନର ଯୁଦ୍ଧ ଲାଗିଥାଏ । କେତେବେଳେ ଏହି ମନ ଦେହ ବିରୁଦ୍ଧରେ ପ୍ରାଣର ସହାୟକ ବନ୍ଧୁର ରୂପ ଧରି ଠିଆ ହୋଇଯାଏ, ପୁଣି କେତେବେଳେ ପ୍ରାଣର ବାସନା, ତୀବ୍ରାକାଙ୍କ୍ଷା ତଥା ଅତିଚାଳିତ ପରାକ୍ରମର କବଳରୁ ଦେହର ଘରଟିକୁ ରକ୍ଷା କରିବାକୁ ଯାଇ ତାହା ପ୍ରାଣଶକ୍ତିକୁ ଶାନ୍ତ ଓ ନିବୃତ୍ତ କରି ରଖେ । ପ୍ରାଣଶକ୍ତିକୁ ଆତ୍ମସାତ୍ କରି ତାହାକୁ ଆପଣାର ଅଧିକାର ଓ ଆୟତ୍ତରେ ରଖିବାକୁ ମଧ୍ୟ ମନ ଚେଷ୍ଟା କରିଥାଏ ଓ ପ୍ରାଣର ଶକ୍ତିକୁ ଆପଣା କାମରେ ଲଗାଇବାକୁ ବି ମନ ବଳାଇଥାଏ । ସ୍ୱକ୍ରିୟାରୁ ଯଥାସମ୍ଭବ ଅଧିକ ଆନନ୍ଦ ଲାଭ କରିବାଲାଗି, ମନ, ସୌନ୍ଦର୍ଯ୍ୟବୋଧ ତଥା ସମ୍ବେଗକ୍ଷେତ୍ରର ନାନା ଉଦ୍ଦେଶ୍ୟକୁ ଚରିତାର୍ଥ କରିବାଲାଗି ଏବଂ ମନୁଷ୍ୟର ଜୀବନଭୂମିରେ ସେଗୁଡ଼ିକୁ ପରିପୂର୍ଣ୍ଣ କରିବାଲାଗି ମଧ୍ୟ ମନ ପ୍ରାଣଶକ୍ତିକୁ ଆପଣାର କାମରେ ଲଗାଇଥାଏ । ଏହାଦ୍ୱାରା ପ୍ରାଣ ବି ମନର ଦାସ ହୋଇ ରହେ ଓ ମନଦ୍ୱାରା ନାନା ଅକାର୍ଯ୍ୟ ଓ ଅପାତ୍ରରେ ବ୍ୟବହୃତ ହେବାର ଦଶା ଭୋଗ କରୁଥାଏ । ଆପଣା ଉପରେ ଆସନ ମାଡ଼ି ବସିଥିବା ଅଜ୍ଞାନ ଓ ଅର୍ଦ୍ଧପକ୍ୱ ଉତ୍ପୀଡ଼କଟି ବିରୁଦ୍ଧରେ ସେ ଅହରହ ବିଦ୍ରୋହ ବି କରିବାରେ ଲାଗିଥାଏ । ଆମ ଜୀବନରେ ଦେହ, ପ୍ରାଣ ଓ ମନଭିତରେ ସତତ ଲାଗି ରହିଥିବା ଏହି ସଂଘର୍ଷକନ୍ଦଳକୁ ସନ୍ତୋଷଜନକ ଭାବରେ ସମାଧାନ କରି ପାରିବାଲାଗି ମନର ଯଥେଷ୍ଟ ସାମର୍ଥ୍ୟ ନଥାଏ; କାରଣ ମର୍ତ୍ତ୍ୟଜୀବନ ଓ ମର୍ତ୍ତ୍ୟ ଦେହର ଭୂମିଉପରେ ଏକ ଅମର୍ତ୍ତ୍ୟ ସତ୍ତାର ଅଭୀପ୍ସାରୂପୀ ଏହି ସମସ୍ୟାଟି ଆଗରେ ମନର କୌଣସି କଳ ବା ବୁଦ୍ଧି ଆଦୌ ଖଟିପାରେ ନାହିଁ । ତେଣୁ ତାହା ଅଗତ୍ୟା କେବଳ ଗୋଟିକ ପରେ

'oaob.nitrkl.ac.in' images reprocessed

ଗୋଟିଏ ସାଲିଶ କରିବାରେ ଲାଗିଥାଏ, ଅଥବା ଜଡ଼ବାଦୀର କାନ ଧରି ଆମର ଏହି ଦୃଶ୍ୟମାନ ଅସ୍ତିତ୍ୱଟିର ମରଣଶୀଳତା ପାଖରେ ବଶ୍ୟତା ସ୍ୱୀକାର କରି କିମ୍ବା ବୈରାଗ୍ୟବାଦୀ ତଥା ଧର୍ମବାଦୀର କାନ ଧରି ଇହଜୀବନର ପ୍ରତ୍ୟାଖ୍ୟାନ ଓ ନିନ୍ଦାଗାନ କରି ଏବଂ ଆପଣାଭିତରେ ସହଜତର କୌଣସି ସୁଖାଶ୍ରୟକ୍ଷେତ୍ରକୁ ଅପସରି ଯାଇ ସମସ୍ୟାଟିର ବର୍ଜନ ଦ୍ୱାରାହିଁ ସମସ୍ୟାଟିରେ ପୂର୍ଣ୍ଣଚ୍ଛେଦ ପକାଇଦିଏ । ମାତ୍ର ମନୋଭୂମିର ଅତୀତ ଏକ ତତ୍ତ୍ୱର ଆବିଷ୍କାର କରିହିଁ ଆମେ ସମସ୍ୟାଟିର ଯଥାର୍ଥ ସମାଧାନ କରିପାରିବା । ଅମରତ୍ୱହିଁ ଯେଉଁ ତତ୍ତ୍ୱର ଅନ୍ତର୍ବିଧାନ ହୋଇ ରହିଛି, ତାହାରିଦ୍ୱାରାହିଁ ଆମ ବର୍ତ୍ତମାନ ଜୀବନର ମରଣଶୀଳତାକୁ ଜୟ କରି ଆମେ ସମସ୍ୟାଟିର ଉପଯୁକ୍ତ ସମାଧାନ କରିବା ।

ମାତ୍ର ଆମ ଭିତରେ ମଧ୍ୟ ପ୍ରକୃତିର ଶକ୍ତି ଏବଂ ସଚେତନ ସତ୍ତା ଭିତରେ ଏକ ମୌଳିକ ବିଭେଦ ରହିଛି, ଯାହାକି ଏହି ଅସାମର୍ଥ୍ୟର ସର୍ବମୂଳ କାରଣରୂପେ କାର୍ଯ୍ୟ କରୁଛି । ଆମ ଜୀବନରେ କେବଳ ଯେ ମନୋଗତ, ପ୍ରାଣଗତ ଓ ଦେହଗତ ଭୂମିଗୁଡ଼ିକରେ ଏକ ବିଭେଦ ରହିଛି ତାହା ନୁହେଁ, ଏହି ଉନୋଟିଯାକ ଭୂମି ପ୍ରତ୍ୟେକେ ବି ଆପଣାଭିତରେ ଆତ୍ମବିଭକ୍ତ ହୋଇ ରହିଛନ୍ତି । ସହଜାତ ସ୍ୱଭାବଗତ ଆତ୍ମା ଅର୍ଥାତ୍ ସଚେତନ ସତ୍ତାର ସାମର୍ଥ୍ୟ ତୁଳନାରେ ଦେହର କମ୍ ସାମର୍ଥ୍ୟ ରହିଛି, ଅର୍ଥାତ୍ ଦେହମଧ୍ୟରେ ଅବସ୍ଥିତ ଦେହପୁରୁଷର ସାମର୍ଥ୍ୟ ତୁଳନାରେ ଦେହର କମ୍ ସାମର୍ଥ୍ୟ ରହିଛି । ପ୍ରାଣାବେଗମୟ ଆତ୍ମା ଅର୍ଥାତ୍ ପ୍ରାଣମଧ୍ୟରେ ଅବସ୍ଥିତ ପ୍ରାଣସଚେତନ ପୁରୁଷଟିର ସାମର୍ଥ୍ୟ ତୁଳନାରେ ପ୍ରାଣର ବି କମ୍ ସାମର୍ଥ୍ୟ ରହିଛି । ବୁଦ୍ଧି ଓ ସଂବେଗସମ୍ପନ୍ନ ଆତ୍ମା ଅର୍ଥାତ୍ ମନଭିତରେ ଅବସ୍ଥିତ ମନୋମୟ ପୁରୁଷର ସାମର୍ଥ୍ୟ ତୁଳନାରେ ମାନସିକ ଶକ୍ତିର କମ୍ ସାମର୍ଥ୍ୟ ରହିଛି । କାରଣ ଆତ୍ମା କହିଲେ ସର୍ବଦା ଏକ ଅନ୍ତର୍ଚେତନାକୁ ବୁଝାଇବ, ଯାହାଭିତରେକି ପରିପୂର୍ଣ୍ଣ ଆତ୍ମୋପଲବ୍ଧି ଲାଗି ଏକ ଅଭୀପ୍ସା ସଦାସଚଳ ହୋଇ ରହିଛି । ତେଣୁ କାଳର କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ମୂର୍ତ୍ତିରୂପ ଲାଭ କରୁଥିବା ଯେକୌଣସି ବ୍ୟକ୍ତିଭାବ ତୁଳନାରେ ତାହାର ଯେ ଅଧିକ ସାମର୍ଥ୍ୟ ରହିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏବଂ ଏହି ମୂର୍ତ୍ତିରୂପଟିର ରଚନାରେ ଯେଉଁ ପରମା ଶକ୍ତି ବ୍ୟକ୍ତିଭାବ ମଧ୍ୟରେ ଆପଣାକୁ ଅଧିଷ୍ଠିତ କରି ରଖିଛି, ତାହାର ଅନ୍ତରାତ୍ମାହିଁ ତାହାକୁ ତାହାର ସ୍ୱାଭାବିକ ସ୍ଥିତିସୀମାର ବାହାରକୁ ଅର୍ଥାତ୍ ଏହାର ସୀମାତୀତ ଓ କଳନାତୀତ ଆଉଏକ ଭୂମିକୁ ସତତ ଟାଣିନେଇ ଯିବାପାଇଁ ଚେଷ୍ଟା କରୁଛି । ଅନ୍ତରାତ୍ମାର ଏହି ନିରନ୍ତର ଅଭୀପ୍ସା-ଘାତରେ ଉପଯୁକ୍ତ ପ୍ରତ୍ୟୁତ୍ତର ଦେଇପାରିବା ଶକ୍ତି ପକ୍ଷରେ ଆଦୌ ସହଜ ହୁଏ ନାହିଁ; ବିଶେଷତଃ ଆପଣାର ବର୍ତ୍ତମାନ ଧାନସୀମାରୁ ଏକ ବୃହତ୍ତର ସାମର୍ଥ୍ୟ ଭିତରକୁ ଉତ୍ତୀର୍ଣ୍ଣ ହୋଇଯିବାକୁ ଆହ୍ୱାନ ଆସିବାବେଳେ ତାହାର ପ୍ରତ୍ୟୁତ୍ତର ଦେବା ଅଦ୍ଭୁତ

'oaob.nitrkl.ac.in' images reprocessed

ଅଧିକ ଆୟାସସାଧ୍ୟ ହୋଇପଡ଼େ । ଦେହ, ପ୍ରାଣ ଓ ମନର ଉନ୍ନୋତିଯାକ ଭୂମିରେ ଅନ୍ତରାତ୍ମାର ଦାବିଗୁଡ଼ିକୁ ପୂରଣ କରିବାର ଜଞ୍ଜାଳ ଭିତରେ ପଡ଼ି ଏହି ଶକ୍ତି ଅନେକ ସମୟରେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼େ ଏବଂ ଭ୍ରମିଯାଇ ଗୋଟିଏ ସହଜାତ ସଂସ୍କାରକୁ ଆଉଗୋଟିଏ ସହଜାତ ସଂସ୍କାରର ବିରୁଦ୍ଧରେ ଲଗାଇଦିଏ, ଗୋଟିଏ ଆବେଗକୁ ଆଉଗୋଟିଏ ଆବେଗ ବିରୁଦ୍ଧରେ ଏବଂ ଗୋଟିଏ ସଂବେଗକୁ ଆଉ ଗୋଟିଏ ସଂବେଗ ବିରୁଦ୍ଧରେ ଲଗାଇଦିଏ । ଗୋଟିଏ ଭାବନାକୁ ଆଉଗୋଟିଏ ଭାବନା ବିରୁଦ୍ଧରେ ଲଗାଇଦିଏ; ଏଇଟିର ତୃପ୍ତିସାଧନ କରେ ଓ ସେଇଟିକୁ ବଞ୍ଚିତ କରି ରଖେ । ତା'ପରେ ଆପଣାର ଅକର୍ମଲାଗି ଅନୁତାପ କରେ, କୃତ କର୍ମଟିର ସଂଶୋଧନ ଲାଗି ପୁଣି ପଛକୁ ଫେରି ଆସିବାକୁ ବସେ, ପ୍ରତ୍ୟେକ ବିଷୟକୁ ପୁଣିଥରେ ନୂଆପ୍ରକାରେ ଅନୁକୂଳିତ କରିବାକୁ ଚେଷ୍ଟା କରେ, ଏଠି ସେଠି କ୍ଷତିପୂରଣ କରିବାକୁ ଧାଏଁ । ଏହିପରି ଭାବରେ ଅନୁକୂଳନ ପୁନରନୁକୂଳନ କରିବାର ଅସରନ୍ତି ପ୍ରଚେଷ୍ଟା ଲାଗି ରହିଥାଏ ସତ, ମାତ୍ର ତାହାପକ୍ଷରେ ସବୁଟିକୁ ଏକତ୍ର ଧରିରଖିବା ଭଳି କୌଣସି ସମାବେଶୀ ଏକତ୍ୱ ତତ୍ତ୍ୱରେ ପହଞ୍ଚିପାରିବା କଦାପି ସମ୍ଭବ ହୁଏ ନାହିଁ । ପୁଣି ମନଭିତରେ ଅବସ୍ଥିତ ଯେଉଁ ଚେତନଶକ୍ତି ପ୍ରକୃତରେ ସମନ୍ୱୟ-ସାଧନ ଓ ଏକତ୍ୱ-ଉପଲବ୍ଧିର ଏକ ନିମିତ୍ତରୂପେ ବ୍ୟବହୃତ ହୋଇପାରୁଥାନ୍ତା, ତାହା ଯେ କେବଳ ଆପଣାର ଜ୍ଞାନ ଓ ଇଚ୍ଛାଶକ୍ତିରେ ସୀମାବଦ୍ଧ ହୋଇ ପଡ଼ିଥାଏ ସେତିକି ନୁହେଁ, ମାତ୍ର ସେହି ଜ୍ଞାନ ଓ ଇଚ୍ଛାଶକ୍ତି ମଧ୍ୟରେ ବି ତାରତମ୍ୟ ରହି ଯାଇଥାଏ ଏବଂ ଅନେକ ସମୟରେ ସେହି ଦୁହିଁଙ୍କ ଦ୍ୱନ୍ଦ୍ୱ ଲାଗି ରହିଥାଏ । ଅଭିଳଷିତ ଏହି ଏକତ୍ୱତତ୍ତ୍ୱଟି ଊର୍ଦ୍ଧ୍ୱଭୂମିରେ ରହିଛି, ଅର୍ଥାତ୍ ଅତିମାନସର ଭୂମିରେ ରହିଛି; କାରଣ କେବଳ ସେହିଠାରେହିଁ ସକଳ ବିଚିତ୍ରତା ଓ ବିବିଧତା ମଧ୍ୟରେ ଏକ ସଚେତନ ଏକତ୍ୱ ପ୍ରତିଷ୍ଠିତ ହୋଇ ରହିଛି । ସେହିଠାରେହିଁ ଇଚ୍ଛାଶକ୍ତି ତଥା ଜ୍ଞାନ ସମାନ ଅନୁପାତରେ ପରିପୂର୍ଣ୍ଣ ସମନ୍ୱିତ ଅବସ୍ଥାରେ ରହିଛନ୍ତି, କେବଳ ସେହିଠାରେହିଁ ଚୈତନ୍ୟ ଓ ଶକ୍ତି ଆପଣାର ଦିବ୍ୟ ସମୀକରଣରେ ଉପନୀତ ହୋଇପାରିଛନ୍ତି ।

ଏକ ଆତ୍ମସଚେତନ ଓ ଯଥାର୍ଥରେ ବିମୃଶଶୀଳ ଜୀବ ହିସାବରେ ମନୁଷ୍ୟ ଯେତିକି ପରିମାଣରେ ବିକଶିତ ହେବାରେ ଲାଗିଥାଏ, ଆପଣା ଜୀବନର ବିଭିନ୍ନ ଭୂମିରେ ରହିଥିବା ଏହିସବୁ ବିସଙ୍ଗତି ତଥା ବିଷମତା ବିଷୟରେ ସେ ସେତିକି ଗଭୀର ଜ୍ଞାନ ଲାଭ କରିବାକୁ ସମର୍ଥ ହୁଏ; ଆପଣାର ମନ, ପ୍ରାଣ ତଥା ଦେହଭିତରେ ଏକ ସୁଷମ ସ୍ଥିତି ସମ୍ଭବ କରିବାଲାଗି ସେ ସେତିକି ପଥ ଖୋଜିବାରେ ଲାଗିଥାଏ । ଆପଣାର ଜ୍ଞାନ, ଇଚ୍ଛା ତଥା ସଂବେଗ ଭିତରେ, ଆପଣା ଜୀବନର ସକଳ ଭୂମିରେ ଏକ ସମନ୍ୱୟସ୍ଥାପନ ଲାଗି ପ୍ରୟାସ କରୁଥାଏ । କେବଳ କାମ ଚଳିଯିବା ଭଳି ଏକ

'oaob.nitrkl.ac.in' images reprocessed

ସାଲ୍‌ସ୍‌ ଫଳରେ ଏକ ଆପେକ୍ଷିକ ଆପାତ ଶାନ୍ତି ଆସିଗଲେ ସେ ବେଳେ ବେଳେ ସେଇଥିରେ ସନ୍ତୁଷ୍ଟ ହୋଇଯାଏ, ତା'ର ବାସନା ସେଇ ଅଧ ବାଟରେ ଅଟକିଯାଏ । ମାତ୍ର ସାଲ୍‌ସ୍‌ କହିଲେ ସବୁକ୍ଷେତ୍ରରେ କେବଳ ଅଧ ବାଟରେ ଆସି ଅଟକିଯିବାକୁହିଁ ବୁଝାଇବ, କାରଣ ଆମର ବହୁମୁଖୀ ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକର ସର୍ବାଙ୍ଗୀନ ବିକାଶ ଏକାଠି ଗୋଟିଏ ପରିପୂର୍ଣ୍ଣ ସୁଷମତାରେ ଫୁଟିଉଠି ନପାରିଲା ପର୍ଯ୍ୟନ୍ତ ଅନ୍ତର ଭିତରର ଦେବତା କଦାପି ସନ୍ତୁଷ୍ଟ ହୋଇ ପାରିବେ ନାହିଁ । ସେପର୍ଯ୍ୟନ୍ତ ନଯାଇ ବାଟରେ କେଉଁଠି ଅଟକିଗଲେ ତାହା ସମସ୍ୟାଟିକୁ କେବଳ ଏଡ଼ି ଦେଲାପରିହିଁ ହେବ ସିନା, ତଦ୍ୱାରା ସମସ୍ୟାଟିର ସମାଧାନ ହୋଇପାରିବ ନାହିଁ । ଅଥବା ଏହାଦ୍ୱାରା ସମସ୍ୟାଟିର କେବଳ ଏକ ଅସ୍ଥାୟୀ ସମାଧାନ କରାଯିବ, ଯାହାକି ଆତ୍ମାର ଅବିଶ୍ରାନ୍ତ ଆତ୍ମ-ପ୍ରସାରଣ ଓ ଆରୋହଣ ଯାତ୍ରାରେ ତାହାକୁ ଘଡ଼ିଏ ବିଶ୍ରାମ କରିବାଲାଗି ଏକ ସ୍ଥାନ ଯୋଗାଇଦେବ । ଅଭିଳଷିତ ପରିପୂର୍ଣ୍ଣ ସୁଷମତାଟିକୁ ପ୍ରାପ୍ତ କରିବାଲାଗି ଏକ ପରିପୂର୍ଣ୍ଣ ମନୋଭୂମି ଅତ୍ୟାବଶ୍ୟକ ହେବ, ପ୍ରାଣଶକ୍ତିକୁ ପରିପୂର୍ଣ୍ଣ ଭାବରେ ଲଗାଇ ପାରିବାକୁ ହେବ, ଏବଂ ଏକ ପରିପୂର୍ଣ୍ଣ ଦେହର ଉପଲବ୍ଧି କରିବାକୁ ପଡ଼ିବ । ମାତ୍ର ଯାହା ମୂଳତଃ ଅପୂର୍ଣ୍ଣ ଓ ମୂଳତଃ ଦୋଷଯୁକ୍ତ, ତାହାଭିତରେ ଆମେ ପୂର୍ଣ୍ଣତାର ବିଧାନ ଓ ଶକ୍ତିକୁ କୁଆଡ଼ୁ ଖୋଜି ପାଇବା ? ବିଭାଜନ ଏବଂ ସୀମାବଦ୍ଧତା ଭିତରେ ପୋତାହୋଇ ରହିଥିବା ଏହି ମନଟି ଆମକୁ କଦାପି ପରିପୂର୍ଣ୍ଣତା ଆଣିଦେଇ ପାରିବ ନାହିଁ, ଅଥବା ଖାଲି ନାନା ସୀମିତତା ଭିତରେ ବାନ୍ଧି ଦେଉଥିବା ବିଭାଜନଧର୍ମୀ ମନର ସାମର୍ଥ୍ୟଶକ୍ତି ଓ ନିର୍ଦ୍ଦେଶ ପର କାର୍ଯ୍ୟ କରୁଥିବା ଏହି ପ୍ରାଣ ଓ ଦେହ ମଧ୍ୟ ଆମକୁ ତାହାର ଉପଲବ୍ଧିରେ କୌଣସି ସାହାଯ୍ୟ କରିବେ ନାହିଁ । ଏକଥା ସତ ଯେ ଆମର ଅବଚେତନ ଭିତରେ ମଧ୍ୟ ପରିପୂର୍ଣ୍ଣତାର ବିଧାନ ଓ ସାମର୍ଥ୍ୟ ଅନ୍ତର୍ନିହିତ ହୋଇ ଅବଶ୍ୟ ରହିଛନ୍ତି, ମାତ୍ର ସେଠାରେ ସେମାନେ ନିମ୍ନତର ମାୟାର ଆବରଣରେ ଆବୃତ ହୋଇ ରହିଛନ୍ତି, ଏକ ଅନୁପଲବ୍ଧ ଆଦର୍ଶର ନିର୍ବାକ ପୁରଃସୂଚନାରୂପେ ରହିଛନ୍ତି । ତେଣେ ଊର୍ଦ୍ଧ୍ୱଦେଶର ଅତିଚେତନ ଭୂମିରେ ସେମାନେ ଉନ୍ମୋଚିତ ତଥା ଶାଶ୍ୱତ ଭାବରେ ଉପଲବ୍ଧ ରୂପରେ ଆମ ଲାଗି ଅପେକ୍ଷା କରି ରହିଛନ୍ତି, ମାତ୍ର ଆମର ଆତ୍ମ-ଅଜ୍ଞାନର ଆବରଣ ଦ୍ୱାରା ଆମଠାରୁ ତଥାପି ବିଚ୍ଛିନ୍ନ ହୋଇ ରହିଛନ୍ତି । ତେଣୁ ଆମର ବର୍ତ୍ତମାନ ସ୍ଥିତିଭୂମିରେ ଏହାର ସନ୍ଧାନ ମିଳିବ ନାହିଁ, ନିମ୍ନଦେଶକୁ ଗଲେ ମଧ୍ୟ ତାହା ତଥାପି ଅପ୍ରାପ୍ତ ହୋଇ ରହିଥିବ । ସମନ୍ୱୟକାରୀ ଶକ୍ତି ଓ ଜ୍ଞାନର ଉପଲବ୍ଧି ଲାଗି କେବଳ ଊର୍ଦ୍ଧ୍ୱଦେଶକୁହିଁ ଖୋଜି ବାହାରି କରିବାକୁ ପଡ଼ିବ ।

ସେହିପରି, ଆପଣାର ଉତ୍ତରୋତ୍ତର ବିକାଶ ସଙ୍ଗେ ସଙ୍ଗେ ମନୁଷ୍ୟ ଏହି ଜଗତ୍ ସହିତ ତା'ର ସମ୍ବନ୍ଧସକଳକୁ ନିୟନ୍ତ୍ରଣ କରୁଥିବା ବିସଙ୍ଗତି ଓ ଅଜ୍ଞାନ ବିଷୟରେ ମଧ୍ୟ

'oaob.nitrkl.ac.in' images reprocessed

ବଡ଼ ତୀବ୍ରଭାବରେ ସଚେତନ ହେବାରେ ଲାଗିଥାଏ । ଏହି ବିରୋଧ ଓ ଦ୍ୱନ୍ଦ୍ୱକୁ ସେ କ୍ରମେ ଅସହ୍ୟ ମନେକରିବାକୁ ଲାଗେ ଏବଂ ଅଧିକରୁ ଅଧିକ ବ୍ୟାକୁଳ ହୋଇ ସୁଷମତା, ଶାନ୍ତି, ଆନନ୍ଦ ଓ ଏକତ୍ୱର ଏକ ଆଶ୍ରୟଦାୟୀ ତତ୍ତ୍ୱର ସନ୍ଧାନ କରୁଥାଏ । ମାତ୍ର ଏହି ଆଶ୍ରୟଟିକୁ ମଧ୍ୟ ସେ କେବଳ ଊର୍ଦ୍ଧ୍ୱଦେଶରୁହିଁ ପାଇପାରିବ । ଅନ୍ୟମାନଙ୍କର ତଥା ଆପଣା ମନ ବିଷୟରେ ଯଥାର୍ଥ ଜ୍ଞାନ ଲାଭ କରିବାକୁ ସମର୍ଥ ହେଉଥିବା ଏକ ମନର ବିକାଶ କରିବାକୁ ପଡ଼ିବ, ଆମର ପାରସ୍ପରିକ ସକଳ ଅଜ୍ଞାନ ତଥା ଭ୍ରାନ୍ତିବୋଧରୁ ଏହି ମନକୁ ସର୍ବଥା ମୁକ୍ତ ରହିବାକୁ ପଡ଼ିବ । ଅନ୍ୟମାନଙ୍କର ଇଚ୍ଛାଶକ୍ତିକୁ ଅନୁଭବ କରି ପାରୁଥିବା ତଥା ସେଗୁଡ଼ିକ ସହିତ ଏକାତ୍ମତା ଅର୍ଜନ କରି ପାରୁଥିବା ଏକ ଇଚ୍ଛାଶକ୍ତିର ଅନୁଶୀଳନ କରିବାକୁ ପଡ଼ିବ, ଅନ୍ୟମାନଙ୍କର ଅନ୍ତର-ସଂବେଗଗୁଡ଼ିକୁ ଆପଣାର କରି ଧରି ରଖିପାରୁଥିବା ଏକ ସଂବେଗଶୀଳ ହୃଦୟର ବିକାଶ କରିବାକୁ ପଡ଼ିବ । ଅନ୍ୟମାନଙ୍କର ଶକ୍ତି ଓ ସାମର୍ଥ୍ୟକୁ ସହଜଭାବେ ଆଘ୍ରାଣ କରିପାରୁଥିବା, ସେଗୁଡ଼ିକୁ ଆପଣାର କରି·ଗ୍ରହଣ କରିପାରୁଥିବା ଏବଂ ଆପଣାର ଶକ୍ତିରୂପେ ସେଗୁଡ଼ିକୁ ପରିପୂର୍ଣ୍ଣ କରି ପାରୁଥିବା ଏକ ପ୍ରାଣଶକ୍ତିର ବିକାଶ କରିବାକୁ ହେବ । ଏବଂ ଯେଉଁ ଦେହ କୌଣସି କାରାଗାରର ଗୋଟାଏ ଉଚ୍ଚ କାନ୍ଥ ପରି ଠିଆ ହୋଇ ରହି ନଥିବ, ବୃହତ୍ତର ପୃଥିବୀ ବିରୁଦ୍ଧରେ ଗୋଟାଏ ଦୁର୍ଗପ୍ରାଚୀର ପରି କାର୍ଯ୍ୟ କରୁନଥିବ, ସେହିଭଳି ଏକ ଦେହର ବିକାଶ କରିବାକୁ ହେବ । କିନ୍ତୁ ଆମର ତଥା ଅନ୍ୟମାନଙ୍କର ମନ, ଇଚ୍ଛାଶକ୍ତି, ସଂବେଗ ଓ ପ୍ରାଣସାମର୍ଥ୍ୟଗୁଡ଼ିକୁ ସଂକୀର୍ଣ୍ଣ କରି ରଖିଥିବା ଏହିସବୁ ଭ୍ରମ ଓ ପ୍ରମାଦ, ପାପ ଓ ମିଥ୍ୟାକୁ ଅତିକ୍ରମ କରି ଯାଇପାରୁଥିବା ଦିବ୍ୟ ଜ୍ୟୋତି ତଥା ଦିବ୍ୟ ସତ୍ୟର ବିଧାନ ଅନୁସାରେହିଁ ସେହିସବୁ ବିକାଶ ପରିଚାଳିତ ହେବ । ତେବେଯାଇ ମନୁଷ୍ୟର ଜୀବନ ତା'ର ସହଯାତ୍ରୀ ସମସ୍ତଙ୍କ ସହିତ ଆଧ୍ୟାତ୍ମିକ ତଥା ବ୍ୟାବହାରିକ ଉଭୟ କ୍ଷେତ୍ରରେ ଏକାତ୍ମ ଓ ଏକରସ ହେବାରେ ସମର୍ଥ ହୋଇପାରିବ, ତେବେଯାଇ ବ୍ୟକ୍ତି ତା'ର ସ୍ୱକୀୟ ବିଶ୍ୱଗତ ଆତ୍ମାର ପୁନରଧିକାର ଲାଭ କରିବ । ଏହି ସର୍ବଗତ ଆତ୍ମା ଅବଚେତନ ଭିତରେ ଯେପରି ରହିଛି, ଅତିଚେତନ ଭିତରେ ମଧ୍ୟ ଠିକ୍ ସେହିପରି ରହିଛି । ମାତ୍ର ଉଭୟ କ୍ଷେତ୍ରରେ ତାହା ଯେପରି ଅବସ୍ଥାରେ ରହିଛି, ସେହି ଦୃଷ୍ଟିରୁ ଆମର ଗତିକୁ କେବଳ ଊର୍ଦ୍ଧ୍ୱାଭିମୁଖୀ କରିପାରିଲେ ଯାଇ ଆମେ ତାହାର ଉପଲବ୍ଧି କରିପାରିବା । କାରଣ "ଅନ୍ଧକାର ଭିତରେ ଅନ୍ଧକାର ଗୁଡ଼ାଇହୋଇ ରହିଥିବା ସେହି ଅଚେତ ମହାସମୁଦ୍ର" (ତମ ଆସୀତ୍ ତମସା ଗୂଢ଼ମଗ୍ରେ ଅପ୍ରକେତ ସଲିଲଂ ସର୍ବମ୍,— ଋକ୍‌ବେଦ, ୧୦।୧୨୯।୩ ) ଭିତରେ ସଂଗୁପ୍ତ ବ୍ରହ୍ମର ଅଭିମୁଖରେ ନୁହେଁ, ମାତ୍ର ଆମ ଜୀବନସତ୍ତାର ଉଚ୍ଚତମ ବ୍ୟୋମଦେଶରେ "ଶାଶ୍ୱତ ଜ୍ୟୋତିର ସମୁଦ୍ର ଭିତରେ ଆସୀନ ରହିଥିବା" (ଯା ରୋଚନେ ପରସ୍ତାତ୍ ସୂର୍ଯ୍ୟସ୍ୟ ଯାଶ୍ଚାବସ୍ତାଦୁପତିଷ୍ଠନ୍ତ ଆପଃ,

'oaob.nitrkl.ac.in' images reprocessed

—ଋକ୍‌ବେଦ, ୩।୨।୨୩ )ବ୍ରହ୍ମର ଅଭିମୁଖରେହିଁ ବିବର୍ତ୍ତିମାନ ଆତ୍ମାକୁ ଊର୍ଦ୍ଧ୍ୱାଭିମୁଖୀ କରି ଆମର ଏହି ମନୁଷ୍ୟଲୋକ ପର୍ଯ୍ୟନ୍ତ ବହନ କରି ଆଣିଥିବା ସେହି ଆଦିମୂଳ ଉତ୍ପ୍ରେରଣାର ନିରବଚ୍ଛିନ୍ନ ଅଭିଯାନ ଲାଗିରହିଛି ।

ତେଣୁ ମନୁଷ୍ୟଯାତ୍ରୀର ଏହି ବାହିନୀ ଯଦି ଅଧବାଟରେ ଅଟକିଯିବାକୁ ଚାହୁଁନଥାଏ ଏବଂ ଉତ୍ସୁକା ଓ ଜନନଯନ୍ତ୍ରଣାବିଧୂରା ବିଶ୍ୱଜନନୀର ଆଉ କେଉଁ ନୂତନ ସୃଷ୍ଟିର ହାତରେ ବିଜୟର ଗୌରବଟିକୁ ସମର୍ପିଦେବାକୁ ଇଚ୍ଛା କରୁନଥାଏ, ତେବେ ତାକୁ ଏହି ଆରୋହଣ ଲାଗି ସ୍ପର୍ଦ୍ଧା ରଖିବାକୁହିଁ ପଡ଼ିବ । ପ୍ରେମ, ଉଦ୍‌ଭାସିତ ମନର ଆଲୋକ, ଅଧିକାରସ୍ପୃହାର ପ୍ରାଣାବେଗ ତଥା ଆତ୍ମଦାନଦ୍ୱାରାହିଁ ସେ ଏହି ଆରୋହଣରେ ଆପଣାକୁ ପରିଶୃଙ୍ଖଳିତ କରିନେବ ସତ, ମାତ୍ର ଏସବୁକୁ ଅତିକ୍ରମ କରି ଯାଉଥିବା ଏବଂ ଏଗୁଡ଼ିକରେ ପରିପୂର୍ଣ୍ଣତା ଆଣି ଦେଉଥିବା ଅତିମାନସ ଏକତ୍ୱ ଆଡ଼କୁହିଁ ଏହି ଆରୋହଣ ଆମକୁ ବାଟ ଦେଖାଇ ନେଉଥିବ । ଅଖଣ୍ଡ ଅଦ୍ୱୟ ସହିତ ସଚେତନ ଏକତ୍ୱର ଅତିମାନସ ଉପଲବ୍ଧିରେ ମନୁଷ୍ୟର ଜୀବନକୁ ପ୍ରତିଷ୍ଠିତ କରିବା ଏବଂ ତଦ୍ଦ୍ୱାରା ଆମର ତଥା ସକଳର ଜୀବନଭୂମିରେ ସକଳ ସହିତ ଏକାତ୍ମକତା ଅର୍ଜନ କରିବା,—ମନୁଷ୍ୟଜଗତ୍ ଏହାକୁହିଁ ଆପଣାର ପରମ ମଙ୍ଗଳ ବୋଲି ଜାଣିବ ଓ ଏଇଥିରେହିଁ ଆପଣାଲାଗି ମୁକ୍ତିର ସନ୍ଧାନ କରିବ । ଦିବ୍ୟୋପଲବ୍ଧିର ଆରୋହଣ ପଥରେ ଆମେ ଏହାକୁହିଁ ପ୍ରାଣର ଚତୁର୍ଥ ବା ତୁରୀୟ ଅବସ୍ଥାରୂପେ ବର୍ଣ୍ଣନା କରିଛୁ ।

'oaob.nitrkl.ac.in' images reprocessed

ତ୍ରୟୋବିଂଶ ପରିଚ୍ଛେଦ

# ମାନବର ଦ୍ୱିବିଧ ଆତ୍ମା

ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା…… ।

—କଠୋପନିଷଦ, ୪ । ୧୨; ଶ୍ୱେତାଶ୍ୱତର ଉପନିଷଦ, ୩ । ୧୩

ଏହି ପୁରୁଷ, ଏହି ଅନ୍ତରାତ୍ମା, କେବଳ ଏହି ବୁଢ଼ାଆଙ୍ଗୁଠି ପରିମାଣର……

ଯ ଇମଂ ମଧ୍ୱଦଂ ବେଦ ଆତ୍ମାନଂ ଜୀବମନ୍ତିକାତ୍ ।
ଈଶାନଂ ଭୂତଭବ୍ୟସ୍ୟ ନ ତତୋ ବିଜୁଗୁପ୍ସତେ ॥

—କଠୋପନିଷଦ, ୪ । ୫

ଜୀବନର ମଧୁକୁ ପାନ କରୁଥିବା ଏବଂ ଭୂତ ତଥା ଭବ୍ୟର ନିୟନ୍ତାରୂପେ ଅବସ୍ଥିତ ଏହି ଆତ୍ମାକୁ ଯିଏ ଜାଣିଛି, ସେ ସକଳ ଜୁଗୁପ୍ସାରୁ ମୁକ୍ତ ହୋଇଯାଇଛି ।

ତତ୍ର କୋ ମୋହଃ କଃ ଶୋକ ଏକତ୍ୱମନୁପଶ୍ୟତଃ ॥

—ଈଶୋପନିଷଦ, ୭

ସବୁଠାରେ ଏକତ୍ୱର ଦର୍ଶନ କରୁଥିବା ବ୍ୟକ୍ତିର ମୋହ ବା ଶୋକ ପୁଣି କୁଆଡ଼ୁ ଆସିବ ?

ଆନନ୍ଦଂ ବ୍ରହ୍ମଣୋ ବିଦ୍ୱାନ୍ ନ ବିଭେତି କୁତଶ୍ଚନ ।

—ତୈତ୍ତିରୀୟ ଉପନିଷଦ, ୨ । ୯

ଯିଏ ବ୍ରହ୍ମାନନ୍ଦର ପରିଚୟ ପାଇଛି, ତାହାର ଆଉ ଭୟ କରିବାର କୌଣସି କାରଣ ନାହିଁ ।

ସ୍ଫୁରଣର ପ୍ରଥମ ପର୍ବରେ ଆମେ ପ୍ରାଣକୁ ଏକ ମୂଢ଼ ଅଚେତନ ଏକ ଅନ୍ଧ ପ୍ରବେଗରୂପେ ଦେଖିଛୁ । ସତେଯେପରି କୌଣସି ଏକ ଇଚ୍ଛାଶକ୍ତି ଭୌତିକ ଅର୍ଥାତ୍ ଆଣବିକ ଅସ୍ତିତ୍ୱର ଭିତରେ ଅବଲୁପ୍ତ ହୋଇ ରହିଛି, ସତେଯେପରି

'oaob.nitrkl.ac.in' images reprocessed

ଏହାର ଆପଣାର କୌଣସି ସ୍ୱାତନ୍ତ୍ର୍ୟ ନାହିଁ; ଆପଣା ଉପରେ, ଆପଣାର ବିସୃଷ୍ଟି ଓ ତା'ର ପରିଣାମଗୁଡ଼ିକ ଉପରେ ମଧ୍ୟ ଏହାର କୌଣସି ପ୍ରଭୁତ୍ୱ ନାହିଁ । ମାତ୍ର କେବଳ ଏକ ବିଶ୍ୱମୟ ଗତିସ୍ପନ୍ଦନଦ୍ୱାରାହିଁ ଏହା ସମ୍ପୂର୍ଣ୍ଣରୂପେ ଅଧିକୃତ ହୋଇ ରହିଛି ଏବଂ ତାହାର ଭିତରେ ଏହା ବ୍ୟକ୍ତିଭାବର ଏକ ଅସ୍ପଷ୍ଟ ଓ ଅନାକୃତ ବୀଜରୂପେ ଆବିର୍ଭୂତ ହେଉଛି । ବାସନା ହେଉଛି ପ୍ରାଣଗତ ଦ୍ୱିତୀୟ ପର୍ବଟିର ମୂଳବୀଜ; ସେହି ଅବସ୍ଥାରେ ପ୍ରାଣ ଅଧିକାର ଓ ଆତ୍ମସାତ୍ କରିବାଲାଗି ସଦା ଉତ୍ସୁକ, ମାତ୍ର ଆପଣାର ଶକ୍ତିରେ ବଡ଼ ଅପୂର୍ଣ୍ଣ, ବଡ଼ ଅସମର୍ଥ ! ପ୍ରାଣର ତୃତୀୟ ପର୍ବର ସ୍ତବକଟି ପ୍ରେମରୂପେ ପ୍ରସ୍ଫୁଟିତ ହୋଇ ଉଠୁଛି, ସେହି ପ୍ରେମ ଆତ୍ମସାତ୍ କରିବାକୁ ଚାହୁଁଛି, ଆତ୍ମଦାନ ବି କରିବାକୁ ଚାହୁଁଛି, ଅଧିକାର କରିବାକୁ ଚାହୁଁଛି, ଅଧିକୃତ ହେବାକୁ ବି ଚାହୁଁଛି । ନେବାକୁ ଚାହୁଁଛି; ଦେବାକୁ ମଧ୍ୟ ଚାହୁଁଛି । ଚତୁର୍ଥ ଅର୍ଥାତ୍ ତୁରୀୟ ସୋପାନଟିର କୁସୁମ ପର୍ଯ୍ୟାୟରେ ପ୍ରାଣ ଆପଣା ପରିପୂର୍ଣ୍ଣତାର ସକଳ ସଙ୍କେତ ସହି ଆବିର୍ଭୂତ ହେଉଛି । ଏହି ପର୍ବଟିରେ ଆଦିମୂଳ ଇଚ୍ଛାଟିର ଶୁଦ୍ଧ ଆତ୍ମପ୍ରକାଶର ଧାରାଟି ପରିପୂର୍ଣ୍ଣ ହେଉଛି । ମଧ୍ୟବର୍ତ୍ତୀ ସୋପାନର ବାସନାଟି ଏଇଠି ଆସି ପ୍ରଭାସ୍ୱର ପରିପୂର୍ଣ୍ଣତା ଲାଭ କରୁଛି, ପ୍ରେମର ସଚେତନ ଆଦାନପ୍ରଦାନ ମଧ୍ୟ ଆପଣାର ଉଚ୍ଚତମ ତଥା ଗଭୀରତମ ପରିତୃପ୍ତି ଲାଭ କରୁଛି । ସକଳ ଆତ୍ମାର ଦିବ୍ୟ ଏକତ୍ୱ ମଧ୍ୟରେ ଭୋକ୍ତା ଓ ଭୋଗ୍ୟ ମଧ୍ୟରେ ଆଗରୁ ରହିଥିବା ସକଳ ବିଭେଦ ପରସ୍ପର ସହିତ ଏକଲୀନ ହୋଇ ଯାଉଛି । ଏହି ଏକତ୍ୱ ହେଉଛି ଅତିମାନସ ଜୀବନର ମୂଳ ଭୂମି । ଏହି ସୋପାନଗୁଡ଼ିକୁ ସାବଧାନତାର ସହିତ ନିରୀକ୍ଷଣ କଲେ ଆମେ ଦେଖିବାକୁ ପାଇବା ଯେ ଏହିସବୁ ଆକାର ଓ ଅବସ୍ଥାଗୁଡ଼ିକ ମଧ୍ୟଦେଇ ଆମ ଅନ୍ତରପୁରୁଷହିଁ ବ୍ୟକ୍ତି ତଥା ସମଷ୍ଟି ଉଭୟ କ୍ଷେତ୍ରରେ ସେହି ପରମାନନ୍ଦର ଅନ୍ୱେଷଣ କରିବାରେ ଲାଗିଛି । ପ୍ରାଣର ଆରୋହଣ ହେଉଛି ମୂଳସ୍ୱଭାବତଃ ସୃଷ୍ଟିର ବିଷୟଗୁଡ଼ିକୁ ବାହନ କରି ଦିବ୍ୟ ଆନନ୍ଦସ୍ୱରୂପରହିଁ ଆରୋହଣ । ଜଡ଼ଭିତରେ ଆମକୁ ସେହି ଆନନ୍ଦର କେବଳ ଏକ ଅବ୍ୟକ୍ତ ସୂଚନାହିଁ ମିଳୁଛି; ଏବଂ ତା'ପରେ ନାନା ଅଦଳବଦଳ ଓ ବିରୋଧ-ବିପର୍ଯ୍ୟୟର ମଧ୍ୟପଥ ଅତିକ୍ରମ କରି ତାହା ପରମଚୈତନ୍ୟର ତେଜୋମୟ ସ୍ୱରୂପାନନ୍ଦ ମଧ୍ୟରେ ସର୍ବାଙ୍ଗ ସମୃଦ୍ଧି ଲାଭ କରୁଛି ।

ଏହି ବିଶ୍ୱଜଗତର ସ୍ୱଭାବ ଦୃଷ୍ଟିରୁ ବିଚାର କଲେ, ଉକ୍ତ ପରିଣତିରେ କିଛି ଅନ୍ୟଥା ହେବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ । କାରଣ ଏହି ଜଗତକୁ ଆମେ ସଚ୍ଚିଦାନନ୍ଦଙ୍କର କେବଳ ଏକ ଆବୃତ ରୂପ ବୋଲହିଁ କହିବା । ପୁଣି ସଚ୍ଚିଦାନନ୍ଦ ଚୈତନ୍ୟର ସ୍ୱଭାବଟି ମଧ୍ୟ କେବଳ ସେହି ସର୍ବବ୍ୟାପୀ ଆତ୍ମାନନ୍ଦସ୍ୱରୂପ ଦିବ୍ୟ ପରମାନନ୍ଦ ବ୍ୟତୀତ ଆଉକିଛି ନୁହେଁ । ତେଣୁ ସଚ୍ଚିଦାନନ୍ଦଙ୍କର ଶକ୍ତି ବି ଯେଉଁ ବସ୍ତୁରେ ଅବସ୍ଥାନ କରିବ ଓ ଯାହା ମଧ୍ୟଦେଇ ଆପଣାର ଉଦ୍ଦେଶ୍ୟ ପୂର୍ଣ୍ଣ କରିବ,

'oaob.nitrkl.ac.in' images reprocessed

ତାହା ମଧ୍ୟ ଆନନ୍ଦସ୍ୱରୂପ । ପ୍ରାଣଶକ୍ତି ହେଉଛି ତାଙ୍କର ଚିନ୍ମୟ ସାମର୍ଥ୍ୟର ଏକ ଶକ୍ତି, ତେଣୁ ଏହା ନିଃସନ୍ଦେହରୂପେ କୁହାଯାଇପାରେ ଯେ ସର୍ବବସ୍ତୁଗତ ଏକ ପ୍ରଚ୍ଛନ୍ନ ଆନନ୍ଦ ପ୍ରାଣଗତ ସକଳ ଗତିସ୍ପନ୍ଦନ ଭିତରେ ପ୍ରେରକଶକ୍ତିରୂପେ କାର୍ଯ୍ୟ କରିବାରେ ଲାଗିଛି; ସେହି ଆନନ୍ଦହିଁ ଏକାଧାରରେ ପ୍ରାଣର କାରଣ, ଅଭିପ୍ରାୟ ଓ ଉଦ୍ଦେଶ୍ୟ ହୋଇ ରହିଛି ଅହଂଗତ ବିଭାଜନବୋଧଦ୍ୱାରା ଆମେ ସେହି ଆନନ୍ଦରୁ ପ୍ରବଞ୍ଚିତ ହୋଇ ରହୁଛୁ ସତ, ଏକ ଆବରଣର ଅନ୍ତରାଳରେ ଏହା ଆମଠାରୁ ଗୁପ୍ତ ହୋଇ ରହିଯାଉଛି ଏବଂ ମୃତ୍ୟୁର ଆବରଣଦ୍ୱାରା ଜୀବନ ଗୁପ୍ତହୋଇ ରହିଗଲା ପରି, ଚୈତନ୍ୟ ଅଚେତନତା ପରି ଦେଖାଗଲା ପରି ଏବଂ ଅସାମର୍ଥ୍ୟର ଛଦ୍ମରୂପରେ ଶକ୍ତି ଆପଣାର ସ୍ୱରୂପ କଲାପରି ଏହି ଆନନ୍ଦ ମଧ୍ୟ ଏହାର ବିପରୀତ ଏକ ନିରାନନ୍ଦ ରୂପେ ପ୍ରତୀତ ହେଉଛି ସତ; ତଥାପି ଏ ଜଗତରେ ଯାହାକିଛି ପ୍ରାଣଧାରଣ କରି ରହିଛି, ତାହା ଯେପର୍ଯ୍ୟନ୍ତ ଏହି ସାର୍ବଭୌମ ଆନନ୍ଦର ସାକ୍ଷାତ ଲାଭ ନ କରିଛି, ସେପର୍ଯ୍ୟନ୍ତ ତାହାର କଦାପି ତୃପ୍ତିବିଧାନ ହେବ ନାହିଁ, ସେପର୍ଯ୍ୟନ୍ତ ତାହା ଆପଣାର କର୍ମପ୍ରବେଗ ଭିତରୁ ଶାନ୍ତି ପାଇପାରିବ ନାହିଁ କିମ୍ବା ତାହାର କର୍ମଗତ ଗତିସ୍ପନ୍ଦନ ସେପର୍ଯ୍ୟନ୍ତ ପୂର୍ଣ୍ଣତାପ୍ରାପ୍ତ ହେବ ନାହିଁ । ଏହି ସାର୍ବଭୌମ ଆନନ୍ଦ ହେଉଛି ଏକାଧାରରେ ପ୍ରାଣଧାରୀ ପ୍ରତ୍ୟେକ ସତ୍ତାର ସମଗ୍ର ଆନନ୍ଦସ୍ୱରୂପ; ପୁଣି ଏହାହିଁ ବିଶ୍ୱୋତ୍ତୀର୍ଣ୍ଣ ତଥା ବିଶ୍ୱଗତ ସଚ୍ଚିଦାନନ୍ଦଙ୍କର ସର୍ବମୂଳ, ସର୍ବବ୍ୟାପ୍ତ, ସର୍ବପ୍ରେରକ ଓ ସର୍ବାଧାର ଆନନ୍ଦ । ତେଣୁ ଆନନ୍ଦର ଅଭୀପ୍ସା ଏବଂ ଆନନ୍ଦର ଅନ୍ୱେଷଣ ହେଉଛି ସକଳ ପ୍ରାଣଗତ ଭୂମିର ସର୍ବମୂଳ ଆବେଗ, ସର୍ବମୂଳ ତାତ୍ପର୍ଯ୍ୟ । ଏହି ଆନନ୍ଦର ଦର୍ଶନ ଲାଭ କରିବା, ଏହି ଆନନ୍ଦର ଅଧିକାରୀ ହେବା ଓ ଏହାକୁ ପରିପୂର୍ଣ୍ଣ କରିବା ହେଉଛି ପ୍ରାଣଗତ ଅଭିପ୍ରାୟର ସମଗ୍ର ଇତିକଥା ।

ମାତ୍ର ଆମ ଭିତରେ ଏହି ଆନନ୍ଦତତ୍ତ୍ୱଟିର ଅଧିଷ୍ଠାନ କେଉଁଠି ? ପରମା ଚିନ୍ମୟୀ ଶକ୍ତିର ତତ୍ତ୍ୱଟି ଯେପରି ଆପଣାର ବିଶ୍ୱବ୍ୟବସ୍ଥାରେ ପ୍ରାଣର ପ୍ରକାଶ କରାଉଛି ଓ ତାହାକୁ କାର୍ଯ୍ୟରେ ଲଗାଉଛି, ଯେପରି ଅତିମାନସ ତତ୍ତ୍ୱ ମଧ୍ୟ ମନୋଭୂମିଟିକୁ ପ୍ରକାଶିତ କରାଇ ତାହାକୁ କାର୍ଯ୍ୟରେ ଲଗାଉଛି, ସେହିପରି ଆମ ଜୀବନଭୂମିର ଠିକ୍ କେଉଁ ତତ୍ତ୍ୱଟିର ମଧ୍ୟ ଦେଇ ଏହି ଆନନ୍ଦ ଆପଣାକୁ ପ୍ରକାଶିତ ଓ ପରିପୂର୍ଣ୍ଣ କରୁଛି ? ଏହି ବିଶ୍ୱଜଗତର ସୃଷ୍ଟି କରୁଥିବା ଦିବ୍ୟ ପରମ ସତ୍ତାରେ ଆମେ ଚାରୋଟି ବିଭବତତ୍ତ୍ୱ ରହିଥିବାର ନିର୍ଣ୍ଣୟ କରିଛୁ । ସେଗୁଡ଼ିକ ହେଉଛି : ସତ୍ତା, ଚିତ୍‌ଶକ୍ତି, ଆନନ୍ଦ ଏବଂ ଅତିମାନସ । ଭୌତିକ ବିଶ୍ୱରେ ଆମେ ଅତିମାନସକୁ ବ୍ୟାପ୍ତ ହୋଇ ରହିଥିବାର ଜାଣିଛୁ । ତାହା ଏହି ବିଶ୍ୱର ସବୁଠାରେ ରହିଛି, ମାତ୍ର ପ୍ରଚ୍ଛନ୍ନ ଓ ଆବୃତ ଅବସ୍ଥାରେ ରହିଛି । ସମଗ୍ର ବସ୍ତୁବିଶ୍ୱର ବାସ୍ତବ ପ୍ରତିଭାସର ଅନ୍ତରାଳରେ

'oaob.nitrkl.ac.in' images reprocessed

ରହି ତାହା ସେଠାରେ ଆପଣାକୁ କେବଳ ସଂଗୁପ୍ତ ଭାବରେ ପ୍ରକାଶିତ କରୁଛି, କିନ୍ତୁ ଆପଣାର ପ୍ରଭାବକୁ ଅନୁଭୂତ କରାଇବାର ଅଭିପ୍ରାୟରେ ତାହା ଆପଣାର ଅଧିସ୍ତନ ବିଭୂତିରୂପେ ଅବସ୍ଥିତ ରହିଥିବା ମନକୁହିଁ ନିମିତ୍ତରୂପେ ବ୍ୟବହାର କରୁଛି । ଏହି ଭୌତିକ ବିଶ୍ୱଜଗତରେ ଦିବ୍ୟ ଚିତ୍‌ଶକ୍ତି ମଧ୍ୟ ସର୍ବତ୍ର ପରିବ୍ୟାପ୍ତ ହୋଇରହିଛି । ମାତ୍ର ତାହା ପ୍ରଚ୍ଛନ୍ନ ଓ ଆବୃତ ଅବସ୍ଥାରେ ରହିଛି । ଏହା ବାସ୍ତବ ବିଶ୍ୱପ୍ରତିଭାସର ଅନ୍ତରାଳରେ ରହି କାର୍ଯ୍ୟ କରୁଛି ଏବଂ ଆପଣାର ଗୌଣ ବିଭୂତି ପ୍ରାଣର ମଧ୍ୟଦେଇ ଆପଣାକୁ ବିଶେଷ ଭାବରେ ପ୍ରକାଶିତ କରୁଛି । ଏବଂ, ଜଡର ତତ୍ତ୍ୱଟିକୁ ଆମେ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବରେ ପରୀକ୍ଷା କରି ଦେଖି ନଥିଲେ ମଧ୍ୟ, ଆମେ ତଥାପି ବେଶ୍ ଦେଖିପାରୁଛୁ ଯେ ଦିବ୍ୟ ସର୍ବମୟ ସତ୍ତା ଏହି ଜଡରୂପ ବିଶ୍ୱଭୂମିରେ ମଧ୍ୟ ସର୍ବତ୍ର ବିଦ୍ୟମାନ ରହିଛନ୍ତି । ମାତ୍ର ସେ ପ୍ରଚ୍ଛନ୍ନ ଓ ଆବୃତ ଅବସ୍ଥାରେ ରହିଛନ୍ତି, ବସ୍ତୁବିଶ୍ୱର ବାସ୍ତବ ପ୍ରକାଶ-ମଞ୍ଚଟିରୁ ଅନ୍ତରାଳ ହୋଇ ରହିଛନ୍ତି ଏବଂ ଉନ୍ମେଷର ପ୍ରଥମ ପର୍ବରେ ଆପଣାର ଗୌଣ ବିଭୂତି ଦ୍ରବ୍ୟୋପାଦାନ, ପଦାର୍ଥଗତ ଆକାର ଅଥବା ଜଡଧାତୁ ରୂପେ ଆପଣାକୁ ପ୍ରକାଶିତ କରୁଛନ୍ତି । ଏବଂ ଦିବ୍ୟ ଆନନ୍ଦର ତତ୍ତ୍ୱଟି ମଧ୍ୟ ଠିକ୍ ସେହିଭଳି ଭାବରେ ବିଶ୍ୱର ସର୍ବତ୍ର ବିଦ୍ୟମାନ ରହିଛି । ଅବଶ୍ୟ ଏହା ପ୍ରଚ୍ଛନ୍ନ ଓ ଆବୃତ ଅବସ୍ଥାରେ ରହିଛି, ପ୍ରତିଭାସଚୟର ବାସ୍ତବ ବିଶ୍ୱର ଅନ୍ତରାଳରେ ଏହା ଆପଣାକୁ ଧାରଣ କରି ରଖିଛି । ମାତ୍ର ତଥାପି ଆପଣାର କୌଣସି ପ୍ରଚ୍ଛନ୍ନ ଗୌଣ ବିଭୂତିର ମାଧ୍ୟମରେ ଏହା ଆପଣାକୁ ଅବଶ୍ୟ ପ୍ରକାଶିତ କରିବାରେ ଲାଗିଛି । ସେହି ଗୌଣ ବିଭୂତିଟିଦ୍ୱାରାହିଁ ସେହି ଆନନ୍ଦର ସାକ୍ଷାତଲାଭ କରିବାକୁ ପଡିବ, ତାହାରିଦ୍ୱାରାହିଁ ବିଶ୍ୱର ସକଳ କର୍ମରେ ତାହାର ଉପଲବ୍ଧି କରିବାକୁ ପଡିବ ।

ସେହି ଗୌଣ ବିଭୂତିଟି ଆମର ଭିତରେହିଁ ରହିଛି । ଏକ ବିଶେଷ ଅର୍ଥରେ ଆମେ ତାହାକୁ ବେଳେ ବେଳେ ଆତ୍ମା ବୋଲି କହିଥାଉ ଅର୍ଥାତ୍ ଏହାକୁ ଆମେ ଜୀବଚେତନାଗତ ଏକ ଆନ୍ତରିକ ତତ୍ତ୍ୱରୂପେ ବୁଝିଥାଉ । ଏହା ପ୍ରାଣ ନୁହେଁ କି ମନ ନୁହେଁ, ଏହାକୁ ଦେହ ବୋଲି କହିବାର ପ୍ରଶ୍ନହିଁ ଉଠୁ ନାହିଁ । ମାତ୍ର ତଥାପି ଏହା ଆପଣା ଭିତରେ ଉକ୍ତ ତିନୋଟିଯାକର ମର୍ମଗତ ଉନ୍ମେଷ ଓ ଉନ୍ମୋଚନକୁ ଧାରଣ କରି ରଖିଛି । ଏଗୁଡିକର ଯେଉଁ ମର୍ମସତ୍ୟ ଆପଣା ଆପଣାର ବିଶିଷ୍ଟ ଆତ୍ମାନନ୍ଦ, ଆଲୋକ, ପ୍ରେମ, ଉଲ୍ଲାସ, ସୌନ୍ଦର୍ଯ୍ୟ ଓ ସତ୍ତାର ଶୁଦ୍ଧ ସ୍ୱରୂପ ଅଭିମୁଖରେ ପ୍ରସ୍ଫୁଟିତ ହୋଇ ଚାଲିଛି, ଏହି ଅନ୍ତର୍ବୃତ୍ତିଟି ତାହାର ପ୍ରକ୍ରିୟାକୁ ଆପଣା ଭିତରେ ଧାରଣ କରି ରଖିଛି । ଅବଶ୍ୟ ବସ୍ତୁତଃ ଆମର ଏହି ଆତ୍ମା ବା ଚୈତ୍ୟସତ୍ତାର ଦୁଇଟି ରୂପ ରହିଛି; ଏହି ବିଶ୍ୱର ଅନ୍ୟ ସକଳ ତତ୍ତ୍ୱର ବି ଆମ ଭିତରେ ଯେମିତି ଦୁଇଟି ରୂପ ରହିଛି, ଠିକ୍ ସେମିତି । କାରଣ ଆମ ଭିତରେ ଦୁଇଟି ମନ ବି ରହିଛି ।

'oaob.nitrkl.ac.in' images reprocessed

ଗୋଟିଏ ହେଉଛି ଆମର ବହିର୍ଭାଗସ୍ଥ ମନ, ଆମ ଭିତରେ ଗଢ଼ିଥିବା ବିବର୍ତ୍ତିତ ନହିସ୍ଥାର ପ୍ରକାଶରୂପ ଅହଂର ମନ । ଜଡ଼ ଭିତରୁ ବାହାରି ଆସିବା ସମୟରେ ଏହି ବହିଷ୍ଟର ମନୋଭୂମିଟି ଆମଦ୍ୱାରା ତିଆରି ହୋଇଛି । ଅନ୍ୟଟି ହେଉଛି ଅଧିଚେତନ ମନ, ଯାହାକି ଆମର ପ୍ରାକୃତ ମାନସିକ ଜୀବନଦ୍ୱାରା କୌଣସି ପ୍ରକାରେ ବାଧାପ୍ରାପ୍ତ ହେଉ ନାହିଁ, ତାହାର ସୁକଠୋର ସୀମାବନ୍ଧନଗୁଡ଼ିକ ଦ୍ୱାରା ଆଦୌ ବ୍ୟାହତ ହେଉ ନାହିଁ । ଏହା ଏକ ବୃହତ୍ତର ମନ, ଶକ୍ତି ଓ ଆଲୋକର ଆଧାର ସ୍ୱରୂପ । ମାନସିକ ବା ମନୋଗତ ଅସ୍ମିତାର ଯେଉଁ ଉପରଭାଗୀୟ ଆକାରଟାକୁ ଆମେ ଆମ ନିଜର ଅସଲ ସ୍ୱରୂପ ବୋଲି ଭ୍ରମ କରିଥାଉ, ଅଧିଚେତନ ମନ ହେଉଛି ତାହାରି ଅନ୍ତରାଳରେ ରହିଥିବା ଯଥାର୍ଥ ମନୋମୟ ସତ୍ତା । ଠିକ୍ ସେହିପରି ଆମର ପ୍ରାଣ ମଧ୍ୟ ଦୁଇଟି । ଗୋଟିଏ ହେଉଛି ବହିଃସ୍ଥ ପ୍ରାଣ, ଯାହାକି ଏହି ଜଡ ଶରୀର ସହିତ ଛନ୍ଦିହୋଇ ରହିଛି, ଜଡ଼ ମଧ୍ୟରେ ଏହାର ଅତୀତ ବିବର୍ତ୍ତନଧାରାଟି ଦ୍ୱାରା ଏବେ ମଧ୍ୟ ନିୟନ୍ତ୍ରିତ ହେଉଛି । ଏହି ପ୍ରାଣ ବର୍ତ୍ତମାନ ଜୀବନରେ ଅଛି, ଦିନେ ଏହାର ଜନ୍ମ ହୋଇଥିଲା, ଓ ଦିନେ ଏହାର ମୃତ୍ୟୁ ବି ଘଟିବ । ଅନ୍ୟ ପ୍ରାଣଟି ହେଉଛି ଏକ ପ୍ରାଣର ଅଧିଚେତନ ଶକ୍ତି, ଯାହାକି ଆମ ଦେହଗତ ଜନ୍ମମୃତ୍ୟୁର ସଂକୀର୍ଣ୍ଣ ସୀମାଗୁଡ଼ିକ ଭିତରେ ଆଦୌ ଆବଦ୍ଧ ହୋଇ ରହି ନାହିଁ । ଅଜ୍ଞାନତାର ବଶବର୍ତ୍ତୀ ହୋଇ ପ୍ରାଣର ଯେଉଁ ରୂପଟିକୁ ଆମେ ଆମର ଅସଲ ଜୀବନ ବୋଲି ଭ୍ରମ କରିଥାଉ, ଏହି ପ୍ରକୃତ ପ୍ରାଣମୟ ସତ୍ତାଟି ତାହାର ଅନ୍ତରାଳରେ ବିଦ୍ୟମାନ ରହିଛି । ଏପରିକି ଆମ ଜୀବନର ଜଡ଼ ଉପାଦାନଟିରେ ମଧ୍ୟ ଦ୍ୱୈତତା ରହିଛି । କାରଣ ଆମର ଏହି ଦୃଶ୍ୟମାନ ଶରୀରଟି ପଛରେ ଆମର ଆଉ ଏକ ସୂକ୍ଷ୍ମତର ଶରୀରସତ୍ତା ରହିଛି, ଯାହାକି କେବଳ ଆମ ଶରୀରରୂପୀ ଖୋଳଟିକୁହିଁ ଉପାଦାନ ଯୋଗାଇ ଦେଉଛି, ତାହା ନୁହେଁ, ତାହା ଆମର ପ୍ରାଣମୟ ତଥା ମନୋମୟ କୋଷଗୁଡ଼ିକୁ ମଧ୍ୟ ଉପାଦାନ ଯୋଗାଇ ଦେଉଛି । ତେଣୁ ଭ୍ରମରେ ପଡ଼ି ଆମେ ଏହି ଯେଉଁ ଶରୀର ରୂପଟିକୁ ଆମ ଆତ୍ମାର ସମଗ୍ର ଘର ବୋଲି କଳ୍ପନା କରି ପକାଇଥାଉ, ଉକ୍ତ ସୂକ୍ଷ୍ମତର ଶରୀରସତ୍ତାହିଁ ଯଥାର୍ଥ ଉପାଦାନରୂପେ ତାହାର ପୋଷଣ କରୁଛି । ଠିକ୍ ସେହିପରି ଆମର ଏହି ଚୈତ୍ୟ ସତ୍ତାର ମଧ୍ୟ ଦୁଇଟି ରୂପ ରହିଛି । ଗୋଟିଏ ହେଉଛି ଉପରଭାଗସ୍ଥ ସେହି କାମନା-ଆତ୍ମା, ଯାହାକି ଆମର ପ୍ରାଣଗତ ସକଳ ଏଷଣା ଓ ସଂବେଗରେ କାର୍ଯ୍ୟ କରୁଛି, ସୌନ୍ଦର୍ଯ୍ୟବୋଧଗତ ସକଳ ସାମର୍ଥ୍ୟ ଭିତରେ ରହିଛି । ଆମର ମନୋଗତ ଆଧାର ଉପରେ ଶକ୍ତି, ଜ୍ଞାନ ଓ ସୁଖର ସକଳ ଅନ୍ୱେଷଣରେ ତାହା ବିଦ୍ୟମାନ ରହିଛି । ଅନ୍ୟଟି ହେଉଛି ଅଧିଚେତନ ଚୈତ୍ୟସତ୍ତା; ଆଲୋକ, ପ୍ରେମ, ଆନନ୍ଦ ତଥା ସତ୍ତାଗତ ଶୁଦ୍ଧସ୍ୱରୂପର ଏକ ଶୁଦ୍ଧ ଶକ୍ତିମତ୍ତା । ଚୈତ୍ୟସତ୍ତାର ଯେଉଁ ବହିଃରୂପଟିକୁ ଆମେ ଆତ୍ମା ବୋଲି

'oaob.nitrkl.ac.in' images reprocessed

କରି ତାହାର ମର୍ଯ୍ୟାଦାକୁ ବଢ଼ାଇ ଦେଇଥାଉ, ସେହି ବହିଃରୂପଟିର ଅନ୍ତରାଳରେହିଁ ଏହି ଅସଲ ଆତ୍ମାଟି ଅବସ୍ଥିତ ରହିଛି । ଏହି ବୃହତ୍ତର ଓ ଶୁଦ୍ଧତର ଚୈତ୍ୟ ଆତ୍ମାର କିୟଦଂଶ ଯେତେବେଳେ ଉପରଭାଗରେ ପ୍ରତିଫଳିତ ହେବାକୁ ଲାଗେ, ସେତିକିବେଳେ ଆମେ କୌଣସି ମନୁଷ୍ୟର ଆତ୍ମା ରହିଛି ବୋଲି କହିଥାଉ । ପୁଣି ଯେତେବେଳେ ତାହା ତା'ର ବହିଃସ୍ଥ ଜୀବନଚେତନାରେ ଆଦୌ ନଥିଲାପରି ଲାଗେ, ସେତେବେଳେ ତାହାର କୌଣସି ଆତ୍ମା ନାହିଁ ବୋଲି କହୁ ।

ଆମ ଜୀବନର ବହିଃରୂପଗୁଡ଼ିକ ହେଉଛି ଆମ କ୍ଷୁଦ୍ର ଅହଂଚର ଅସ୍ତିତ୍ୱରହିଁ ରୂପ । ଅଧିଚେତନ ମଧ୍ୟରେହିଁ ଆମ ବୃହତ୍ତର ଯଥାର୍ଥ ବ୍ୟକ୍ତିସତ୍ତାର ରୂପଗୁଡ଼ିକ ବର୍ତ୍ତମାନ ରହିଛି । ତେଣୁ ଆମ ଜୀବନସତ୍ତାର ଏହି ପ୍ରଚ୍ଛନ୍ନ କ୍ଷେତ୍ରରେହିଁ ଆମର ବ୍ୟକ୍ତିତ୍ୱ ଆମ ବିଶ୍ୱଗତ ପରିଚୟଟିର ଅତି ସମୀପବର୍ତ୍ତୀ ହୋଇ ରହିଛି, ତାହାକୁ ସ୍ପର୍ଶ କରିପାରୁଛି ଓ ତାହାସହିତ ସତତ ସମ୍ବନ୍ଧ ଓ ବ୍ୟାପାରରେ ଆବଦ୍ଧ ହୋଇ ରହିଛି । ଆମର ଅଧିଚେତନ ମନଟି ବିଶ୍ୱମନର ବିଶ୍ୱଗତ ଜ୍ଞାନ ସମ୍ମୁଖରେ ଉନ୍ମୋଚିତ ହୋଇ ରହିଛି,ଆମର ଅଧିଚେତନ ପ୍ରାଣ ବିଶ୍ୱପ୍ରାଣର ବିଶ୍ୱଗତ ସାମର୍ଥ୍ୟ ଆଗରେ ଉନ୍ମୋଚିତ ହୋଇ ରହିଛି । ଆମ ଅଧିଚେତନ ଦେହଭୂମିଟି ମଧ୍ୟ ବୃହତ୍ ବିଶ୍ୱଜଡ଼ର ବିଶ୍ୱମୟ ଶକ୍ତିରଚନା ଆଗରେ ଉନ୍ମୋଚିତ ହୋଇ ରହିଛି । ଯେଉଁ ମୋଟା ମୋଟା କାନ୍ଥସବୁ ଆମର ଉପରିଭାଗସ୍ଥ ମନ, ପ୍ରାଣ ଓ ଦେହକୁ ଏସବୁଥିରୁ ବିଚ୍ଛିନ୍ନ କରି ରଖିଛି, ତାହାକୁ ଭେଦ କରି ପାରିବାଲାଗି ପ୍ରକୃତିକୁ କେତେ ଆୟାସ ସ୍ୱୀକାର କରିବାକୁ ପଡ଼ୁଛି, କେତେଭଳି ଅପୂର୍ଣ୍ଣ ଭାବରେ କୁଶଳ-ଅକୁଶଳ କେତେ ସ୍ଥୂଳ ଉପାୟର ଆଶ୍ରୟ ନେବାକୁ ପଡ଼ୁଛି । ମାତ୍ର ଅଧିଚେତନ ଭିତରେ ସେହି କାନ୍ଥସବୁ ଏକାଧାରରେ ବିଚ୍ଛିନ୍ନ କରି ରଖିବାର ତଥା ସଂଯୋଗ ସ୍ଥାପନ କରିବାର ସୂକ୍ଷ୍ମ ମାଧ୍ୟମ ପରି କାର୍ଯ୍ୟ କରୁଛନ୍ତି । ଠିକ୍ ସେହିପରି ଆମଭିତରେ ରହିଥିବା ଅଧିଚେତନ ଆତ୍ମାଟି ମଧ୍ୟ ବିଶ୍ୱମୟ ଆନନ୍ଦ ଆଡ଼କୁ ଉନ୍ମୋଚିତ ହୋଇ ରହିଛି । ଆପଣାର ସ୍ୱରୂପ ସତ୍ତାରେ ତଥା ତାହାର ପ୍ରକାଶସ୍ୱରୂପ କୋଟି କୋଟି ଆତ୍ମାର ସତ୍ତାରେ ମଧ୍ୟ ବିଶ୍ୱମୟ ଆତ୍ମା ସେହି ବିଶ୍ୱମୟ ଆନନ୍ଦର ପାନ କରିବାରେ ଲାଗିଛନ୍ତି । ପୁଣି ମନ, ପ୍ରାଣ ଓ ଦେହର ଯେଉଁ ଯାବତୀୟ କ୍ରିୟାଧାରା ମଧ୍ୟଦେଇ ସେଗୁଡ଼ିକର ବିବର୍ତ୍ତନ ଓ ବିକାଶଲୀଳାରେ ପ୍ରକୃତି-ବି ଆପଣାକୁ ନିମିତ୍ତରୂପେ ବ୍ୟବହାର କରୁଛି, ସେଥିରେ ମଧ୍ୟ ବିଶ୍ୱାତ୍ମାର ଏହି ଆନନ୍ଦପାନ ଲାଗିରହିଛି । ମାତ୍ର ଆପଣାର ଅତିସ୍ଥୂଳ ଅହଂପ୍ରାଚୀରଗୁଡ଼ିକଦ୍ୱାରା ଉପରିଭାଗସ୍ଥ ଆତ୍ମା ଏହି ବିଶ୍ୱମୟ ଆନନ୍ଦର ଅଧିକାରରୁ ବଞ୍ଚିତ ହୋଇ ରହିଛି । ଯେତେ ସ୍ଥୂଳ ହେଲେ ମଧ୍ୟ ଏହିସବୁ ପ୍ରାଚୀରରେ ପ୍ରାଚୀରଟିକୁ ଭେଦ କରି ପାରିବାର ଛିଦ୍ରଦ୍ୱାର ଅବଶ୍ୟ ରହିଛି, ମାତ୍ର ସେହିସବୁ ଛିଦ୍ରରେ ପ୍ରବେଶ କଲାବେଳକୁ ଦିବ୍ୟ ବିଶ୍ୱାନନ୍ଦର

'oaob.nitrkl.ac.in' images reprocessed

ସ୍ପର୍ଶଗୁଡ଼ିକ ବଡ଼ ଖଣ୍ଡୀକୃତ ହୋଇ ପଡ଼ୁଛି; ବଡ଼ ବିକୃତ ହୋଇ ପଡ଼ୁଛି କିମ୍ବା ଆପଣାର ବିପରୀତ ଭାବଗୁଡ଼ିକର ଛଦ୍ମ ଆବରଣ ପିନ୍ଧି ଆସିବାକୁ ପଡ଼ୁଛି ।

ଅର୍ଥାତ୍ ଉପରଭାଗର ଏହି କାମନା-ଆତ୍ମାଟିରେ ଅସଲ ଆତ୍ମାର ଯଥାର୍ଥ ସତ୍ୟରୂପ ଜୀବନଟି ଆଦୌ ବ୍ୟକ୍ତ ହୋଇପାରୁ ନାହିଁ । ଫଳଟି ଚୈତ୍ୟ ଭୂମିଟି କେବଳ ବିକୃତ ଓ ଉପସର୍ଗମୟ ହୋଇପଡ଼ୁଛି । ବିଶ୍ୱସହିତ ସ୍ପର୍ଶ ରହିଛି ସତ, ମାତ୍ର ଭିତରକୁ ଆସି ସେସବୁ ସତେଅବା ଠିକ୍ ଓଲଟା ହୋଇଯାଉଛି । ବ୍ୟକ୍ତି ଏଠି ତା'ର ଅସଲ ଆତ୍ମାର ପରିଚୟ ପାଇପାରୁ ନାହିଁ, ଏହାହିଁ ହେଉଛି ଏହି ଜଗତର ସର୍ବମୂଳ ବ୍ୟାଧି । ଏବଂ ବହିର୍ବିଶ୍ୱର ବିଷୟସକଳକୁ ଆପଣାର ବାହୁବେଢ଼ ଭିତରେ ଆଲିଙ୍ଗନ କରି ଧରି ରଖୁଥିଲେ ମଧ୍ୟ ମନୁଷ୍ୟ ତଥାପି ସେ ବାସ କରୁଥିବା ଏହି ବିଶ୍ୱର ଅସଲ ଆତ୍ମାଟିର ସାକ୍ଷାତ ପାଇପାରୁ ନାହିଁ,—ଏଇଟି ହେଉଛି ସେହି ବ୍ୟାଧିର ସର୍ବମୂଳ କାରଣ ।। ଏହି ବିଶ୍ୱରେ ସେ ଜୀବନସତ୍ତାର ସାରମର୍ମ ଖୋଜିବୁଲୁଛି; ସାମର୍ଥ୍ୟ, ଚେତନ ସତ୍ତା ଓ ଆନନ୍ଦର ସାରମର୍ମ ଖୋଜିବୁଲୁଛି, ମାତ୍ର କେବଳ ଖାଲି ନାନା ବିରୁଦ୍ଧ ସ୍ପର୍ଶ ଓ ପ୍ରତ୍ୟୟର କଣ୍ଟାଟଣ୍ଟା ବ୍ୟତୀତ ସେ ହିଏତ କିଛିହେଲେ ପାଇ ନାହିଁ । ଖୋଜୁଥିବା ସେହି ସାରମର୍ମଟିକୁ ପାଇପାରିଲେ ସେ ଏହିସବୁ ସ୍ପର୍ଶ ଓ ପ୍ରତ୍ୟୟର ଏହି ଅଦ୍ଭୁତକାୟ ସମାହାର ଭିତରେ ମଧ୍ୟ ବିଶ୍ୱମୟ ଅଦ୍ୱୟ ସତ୍ତା, ଅଦ୍ୱୟ ଶକ୍ତି, ଅଦ୍ୱୟ ଚେତନା ତଥା ଅଦ୍ୱୟ ଆନନ୍ଦର ବି ପରିଚୟ ଲାଭ କରିପାରନ୍ତା । ଏହିସବୁ ସ୍ପର୍ଶର ମାଧ୍ୟମରେ ଆମ ଜୀବନର ଆୟତନ ଭିତରେ ଆସି ପହଞ୍ଚୁଥିବା ପରମ ସତ୍ୟର ଏକତ୍ୱ ଏବଂ ସମନ୍ୱୟ ଭିତରେ ଆପାତ ପ୍ରତିଭାସ-ଗୁଡ଼ିକର ସକଳ ବିରୋଧ ସମାହିତ ହୋଇ ଯାଆନ୍ତା । ଏବଂ ତାହା ସହିତ ମନୁଷ୍ୟ ତା'ର ଆପଣାର ଅସଲ ଆତ୍ମା ଓ ଅସଲ ଜୀବନ-ନିଳୟଟିକୁ ବି ଚହ୍ନିନେଇ ପାରନ୍ତା; କାରଣ ତା'ର ଅସଲ ଆତ୍ମା ହେଉଛି ତା'ର ଜୀବନ-ନିଳୟରହିଁ ପ୍ରତିନିଧିସ୍ୱରୂପ, ଏବଂ ତା'ର ଜୀବନଭୂମି ଓ ବିଶ୍ୱର ଜୀବନଭୂମି ମୂଳତଃ ଅଭିନ୍ନ । ମାତ୍ର ସେ ଏକଥା କରିବା ଲାଗି ଆଦୌ ସମର୍ଥ ହୋଇପାରୁ ନାହିଁ, କାରଣ ତା'ର ମନୋଗତ ଭାବନା ଭିତରେ ଓ ହୃଦୟସ୍ଥ ସଂବେଗ ଭିତରେ ଅହଂଜନିତ ନାନା ଅଜ୍ଞାନ ଭର୍ତ୍ତି ହୋଇ ରହିଛି । ଏହି ଅଜ୍ଞାନ ହେତୁହିଁ ତା'ର ଇନ୍ଦ୍ରିୟବୋଧ ବିଶ୍ୱର ସାହସିକ ତଥା ପୂର୍ଣ୍ଣପ୍ରାଣ ଆଲିଙ୍ଗନଦ୍ୱାରା ବିଶ୍ୱମୟ ସ୍ପର୍ଶର ପ୍ରତ୍ୟୁତ୍ତର ଦେବାରେ ଅସମର୍ଥ ହୋଇ ପଡ଼ୁଛି । ସେହି ସ୍ପର୍ଶ ତାକୁ ଯେପରି ସୁଖକର ବା ଅସୁଖକର ମନେ ହେଉଛି, ଆଶ୍ୱାସନା ଦେଉଛି କିମ୍ବା ଆତଙ୍କିତ କରିପକାଉଛି, ତାହାର ତୃପ୍ତି କିମ୍ବା ଅତୃପ୍ତି ସାଧନ କରୁଛି, ସେ ସେହି ଅନୁସାରେ ସେଗୁଡ଼ିକ ସମକ୍ଷରେ ନାନା ସମୟରେ ନାନାଭଳି ପ୍ରତିକ୍ରିୟା ଦେଖାଉଛି । କେତେବେଳେ ପାଖକୁ ଧାଉଁଛି ତ ଆଉ କେତେବେଳେ

'oaob.nitrkl.ac.in' images reprocessed

ସଙ୍କୋଚ ସହିତ ଦୂରକୁ ପଳାଉଛୁ; କେତେବେଳେ ପାଦ ଟିପିଟିପି ପଳାଉଛୁ ତ ଆଉ କେତେବେଳେ ବ୍ୟାକୁଳହୋଇ ଦଉଡ଼ିବାରେ ଲାଗିଛୁ । କେତେବେଳେ ଦୁଃଖୀ ହୋଇ ପଡ଼ୁଛୁ, କେତେବେଳେ ଅସନ୍ତୁଷ୍ଟ ହୋଇ ପଡ଼ିରହୁଛୁ, ପୁଣି କେତେବେଳେ ତ୍ରାସ ଓ କ୍ରୋଧରେ ବାହୁଡ଼ି ଆସିବାରେ ଲାଗିଛୁ । ଏହିଭଳି ପ୍ରମାଦପୂର୍ଣ୍ଣ ଭାବରେ ଜୀବନକୁ ଗ୍ରହଣ କରି ଏହି କାମନା-ଆତ୍ମା ବିଶ୍ୱଗତ ଆନନ୍ଦ ଅର୍ଥାତ୍ ରସକୁ ଭିନ୍ନପ୍ରକାରେ ବିକୃତ କରିପକାଇବାର କାରଣ ହୋଇ ରହୁଛି । ତେଣୁ ସତ୍ତ୍ୱର ଶୁଦ୍ଧ ଓ ମର୍ମଗତ ଆନନ୍ଦଟିକୁ ମୂର୍ତ୍ତିମନ୍ତ କରିବା ପରିବର୍ତ୍ତିରେ ସେହି ରସ ତାହାପାଖରେ କେବଳ ସୁଖ, ଦୁଃଖ ଓ ଉଦାସୀନତାର ତ୍ରିବିଧ ରୂପରେ ବିଷମ ଭାବରେହିଁ ଉପସ୍ଥିତ ହେବାରେ ଲାଗିଛି ।

ପରମ ସତ୍ତ୍ୱର ଆନନ୍ଦ ସହିତ ବିଶ୍ୱର ସମ୍ବନ୍ଧ ନିରୂପଣ କଲାବେଳେ ଆମେ ଦେଖିବାକୁ ପାଉଛୁ ଯେ ଆମର ସୁଖ, ଦୁଃଖ ତଥା ଉପେକ୍ଷାଭାବର ମାନଦଣ୍ଡ ଗୁଡ଼ିକରେ ପ୍ରକୃତରେ କୌଣସି ସର୍ବମାନ୍ୟତା ନାହିଁ, କୌଣସି ମର୍ମଗତ ପ୍ରାମାଣିକତା ମଧ୍ୟ ନାହିଁ । ସେଗୁଡ଼ିକୁ ଗ୍ରହଣ କରୁଥିବା ଚେତନାଟିହିଁ ସମ୍ପୂର୍ଣ୍ଣ ଆତ୍ମକେନ୍ଦ୍ରିତ ରହି ସେଗୁଡ଼ିକର ନିର୍ଣ୍ଣୟ କରିଥାଏ, ଏବଂ ସୁଖ ତଥା ଦୁଃଖ ଉଭୟର ମାତ୍ରାକୁ ବୃଦ୍ଧି ବା ହ୍ରାସର ଚରମ ସୀମାରେ ଆଣି ପହଞ୍ଚାଇବା କିମ୍ବା ସେଗୁଡ଼ିକର ଆପାତଦୃଷ୍ଟ ସ୍ୱଭାବଗୁଡ଼ିକୁ ଏକାବେଳେକେ ବିଲୁପ୍ତ କରିଦେବା ମଧ୍ୟ ଆଦୌ ଅସମ୍ଭବ ନୁହେଁ । ସୁଖ ଅତି ସହଜରେ ଦୁଃଖରେ ପରିଣତ ହୋଇପାରିବ ଓ ଦୁଃଖ ମଧ୍ୟ ଅତି ସହଜରେ ସୁଖରେ ପରିଣତ ହୋଇପାରିବ, କାରଣ ସେମାନଙ୍କର ଅନ୍ତର୍ନିହିତ ସତ୍ୟରୂପରେ ସେମାନେ ପରସ୍ପରଠାରୁ ଆଦୌ ଭିନ୍ନ ନୁହନ୍ତି । କେବଳ ଇନ୍ଦ୍ରିୟଗ୍ରାହ୍ୟତା ଓ ସଂବେଗର ଭୂମି ଉପରେହିଁ ସେଗୁଡ଼ିକର ଭିନ୍ନ ଭିନ୍ନ ପ୍ରକାଶ ଘଟିଥାଏ । ପୁଣି ଆପଣାର ମନ, ଇନ୍ଦ୍ରିୟଭାବ, ସଂବେଗ ଓ ଆକାଂକ୍ଷାଗତ ଉଦ୍ୟମରେ ବିଷୟସୃଷ୍ଟ ରସ ପ୍ରତି ଉପରିଭାଗସ୍ଥ କାମନା-ଆତ୍ମାର କୌଣସି କାରଣରୁ ଧ୍ୟାନବିକର୍ଷଣ ଘଟିଲେ, ତାହାକୁ ଗ୍ରହଣ କରି ତାହାର ପ୍ରତ୍ୟୁତ୍ତର ଦେବାକୁ ଏହି ଆତ୍ମା ଅସମର୍ଥ ହୋଇ ପଡ଼ିଲେ, ଉପରିଭାଗରେ ତାହାପ୍ରତି କୌଣସି ପ୍ରତିକ୍ରିୟା ବ୍ୟକ୍ତ କରିବାକୁ ନାସ୍ତି କରିଦେଲେ କିମ୍ବା ସୁଖ ବା ଦୁଃଖ କିଛିହେଲେ ଗ୍ରହଣ କରିବ ନାହିଁ ବୋଲି କହି ସେ ଯଦି ଆପଣାର ଇଚ୍ଛାଶକ୍ତିଦ୍ୱାରା ସୁଖ ଓ ଦୁଃଖକୁ ବହିଷ୍କୃତ ବା ଚୂର୍ଣ୍ଣବିଚୂର୍ଣ୍ଣ କରିଦିଏ, ସେଇଥିରୁହିଁ ଉଦାସୀନତା ଅଥବା ଉପେକ୍ଷାଭାବରେ ଜନ୍ମ ହୁଏ । ମାତ୍ର ଏହି ସକଳ କ୍ଷେତ୍ରରେ ଫଳତଃ କେବଳ ଗୋଟିଏ କଥାହିଁ ଘଟେ । ଯାହା ତଥାପି ଅଧିଚେତନ ସ୍ତରରେ କ୍ରିୟାଶୀଳ ହୋଇ ରହିଥାଏ, ସକାରାତ୍ମକ ଭାବରେ ତାହାକୁହିଁ ଅସ୍ୱୀକାର କରିଯାଏ କିମ୍ବା ନକାରାତ୍ମକ ଭାବରେ ତାହାଲାଗି ପ୍ରସ୍ତୁତ ନ ରହିବାକୁହିଁ ନିଷ୍ପତ୍ତି କରି ନିଆଯାଏ, ଅଥବା ବହିଶ୍ଚେତନାର ସ୍ତରରେ ତାହାକୁ ସକାରାତ୍ମକ ଭାବରେ କୌଣସି

'oaob.nitrkl.ac.in' images reprocessed

ପ୍ରକାରେ ପ୍ରକାଶିତ ବା ଅବତୀର୍ଣ୍ଣ କରାଇବାଲାଗି ଏକ ଅସମର୍ଥତାହିଁ ପ୍ରକାଶ କରାଯାଏ ।

କାରଣ, ମନୋବିଜ୍ଞାନର ପରୀକ୍ଷଣ ଓ ପ୍ରୟୋଗରୁ ଆମେ ଏବେ ଜାଣିବାକୁ ପାଇଲୁଣି ଯେ ଯେଉଁସବୁ ବିଶ୍ୱସ୍ପର୍ଶକୁ ଆମର ଉପରିଭାଗସ୍ଥ ମନ ଉପେକ୍ଷା କରେ ବା ଏଡ଼ିଦେଇ ଚାଲିଯାଏ, ଆମ ଅଧିଚେତନ ମନଟି ସେଗୁଡ଼ିକୁ ମଧ୍ୟ ଗ୍ରହଣ କରିଥାଏ ଓ ମନେ ରଖିଥାଏ । ଠିକ୍ ସେହିପରି ଅରୁଚି କିମ୍ବା ଅସ୍ୱୀକୃତି ହେତୁ ଆମର ଉପରିଭାଗସ୍ଥ କାମନା-ଆତ୍ମା ଯାହାସବୁ ବର୍ଜନ କରି ଆସିଥାଏ ଅଥବା ଉଦାସୀନ ରହି ଉପେକ୍ଷା କରେ, ଆମ ଅଧିଚେତନ ଆତ୍ମା ସେହିସବୁ ବସ୍ତୁର ରସ ବା ଅନୁଭୂତି-ସାରକୁ ନିର୍ଭୁଲଭାବେ ଗ୍ରହଣ କରିଥାଏ । ଆମ ବହିଶ୍ଚେତନ ମନର ସୀମାଗୁଡ଼ିକୁ ପାର ହୋଇ ଗଭୀରକୁ ଯାଇ ନପାରିଲେ ଆତ୍ମଜ୍ଞାନ କଦାପି ସମ୍ଭବ ନୁହେଁ । ବହିର୍ବିଶ୍ୱଗତ ଅନୁଭୂତିରୁ କେବଳ ନିର୍ବାଚିତ ଗୋଟିଏ ଅଂଶମାତ୍ରକୁ ନେଇହିଁ ଆମ ବହିଶ୍ଚେତନାର କ୍ଷେତ୍ରଟି ଗଠିତ ହୋଇଥାଏ । ଏହାକୁ ଆମେ ଏକ ଅର୍ଦ୍ଧସାମର୍ଥ୍ୟଯୁକ୍ତ ବାଦ୍ୟଯନ୍ତ୍ର ବୋଲି କହିପାରିବା,—ଏଥିରେ ସବୁ ପ୍ରକାର ଶବ୍ଦ ଓ ସ୍ୱରର ଝଙ୍କାରଲାଗି ଆବଶ୍ୟକ ଶକ୍ତି ଆଦୌ ନଥାଏ । ଆମର ଜୀବନକ୍ଷେତ୍ର କହିଲେ ଯେଉଁ ବିପୁଳ ରାଜ୍ୟବିସ୍ତୃତିଟିକୁ ବୁଝାଏ, ଅତି ତରତର ଓ ଅଯୋଗ୍ୟ ଭାବରେ ତାହାର କେବଳ ଏକ ଅତିକ୍ଷୁଦ୍ର ଅଂଶର ଖଣ୍ଡିତ ଭାଷାନ୍ତର ମାତ୍ରହିଁ ଏହି ବହିଶ୍ଚେତନାରେ ଫୁଟି ଉଠିଥାଏ । ତେଣୁ ଏହି ପରସ୍ତଟିକୁ ଭେଦ ଗଭୀରକୁ ନଗଲେ, ଆମ ଅନୁସନ୍ଧାନର ସୂତାକୁ ଅବଚେତନ ଯାଏ ଲମ୍ବାଇ ନ ଦେଲେ ଓ ଅତିଚେତନ ଲାଗି ଆପଣାକୁ ଉନ୍ମୋଚିତ କରି ନ ରଖିଲେ ସେଗୁଡ଼ିକ ସହିତ ଆମ ବହିଶ୍ଚେତନାର ସମ୍ବନ୍ଧ-ନିରୂପଣ ଆମ ପକ୍ଷରେ କଦାପି ସମ୍ଭବ ହେବ ନାହିଁ ଏବଂ ତେଣୁ ଆତ୍ମଜ୍ଞାନ ମଧ୍ୟ ଅପହଞ୍ଚ ହୋଇ ରହିଯିବ । କାରଣ ଅବଚେତନା, ଜାଗ୍ରତ ବହିଶ୍ଚେତନା ଓ ଅତିଚେତନା,—ଏହି ତିନୋଟି କ୍ଷେତ୍ର ଭିତରେହିଁ ଆମର ଜୀବନ ସଞ୍ଚାରିତ ହେଉଥାଏ, ତିନୋଟିଯାକକୁ ଏକାଠି ଧରିପାରିଲେହିଁ ତାହା ଆପଣାର ସମଗ୍ରତାଟିକୁ ଉପଲବ୍ଧି କରିଥାଏ । ଆମ ଭିତରେ ରହିଥିବା ଅତିଚେତନ ବିଶ୍ୱାତ୍ମା ସହିତ ଏକୀଭୂତ ହୋଇ ରହିଥାଏ ଏବଂ ପ୍ରାତିଭାସିକ କୌଣସି ବିଭେଦନ ଓ ବିଭିନ୍ନତା ଦ୍ୱାରା ତାହା ଆଦୌ ନିୟନ୍ତ୍ରିତ ହୁଏ ନାହିଁ । ତେଣୁ ବିଶ୍ୱବିଷୟର ଯଥାର୍ଥ ସତ୍ୟ ଓ ଯଥାର୍ଥ ଆନନ୍ଦ ତା' ଭିତରେ ଭରପୂର ହୋଇ ରହିଥାଏ । ମାତ୍ର ଅପର ପକ୍ଷରେ ଆମେ ଯାହାକୁ ଅବଚେତନ ବୋଲି କହୁ, ଏବଂ ଯାହାର ଜ୍ୟୋତିର୍ମୟ ମସ୍ତକଦେଶକୁ ଅଧିଚେତନରୂପେ ଅଭିହିତ କରିଥାଉ, ତାହା ଆମ ଅନୁଭୂତିସକଳର ଯଥାର୍ଥ ଅଧିକାରୀ ନୁହେଁ, ତାହା ସେଗୁଡ଼ିକର ଏକ ଜମିଖି ମାତ୍ର । ବିଶ୍ୱାତ୍ମା ସହିତ ବାସ୍ତବତଃ ଏହାର କୌଣସି ଏକତ୍ୱ ସ୍ଥାପିତ ହୋଇ ନାହିଁ, ମାତ୍ର ଆପଣାର ବିଶ୍ୱାନୁଭୂତି ମଧ୍ୟ ଦେଇ ଏହି

'oaob.nitrkl.ac.in' images reprocessed

ତଥାକଥିତ* ଅବଚେତନ ବିଶ୍ୱାତ୍ମା ଲାଗି ଉନ୍ମୋଚିତ ହୋଇ ରହିଛି । ଅଧିଚେତନ ଆତ୍ମା ଅନ୍ତର ଭିତରେ ବିଶ୍ୱପଦାର୍ଥର ରସ ବିଷୟରେ ସର୍ବଦା ସଚେତନ ରହିଥାଏ ଏବଂ ବିଶ୍ୱ ସହିତ ଆପଣାର ସକଳ ସ୍ପର୍ଶରେ ସମାନ ଭାବରେ ଆନନ୍ଦ ପାଉଥାଏ । ବହିଶ୍ଚେତନ କାମନା-ଆତ୍ମାଟିର ମୂଲ୍ୟ ଓ ମାନଗୁଡ଼ିକ ସମ୍ବନ୍ଧରେ ମଧ୍ୟ ସେ ସଚେତନ ଥାଏ ଏବଂ ସେହି ଅନୁସାରେ ଆପଣାର ବହିର୍ଭାଗଟି ଉପରେ ସୁଖ, ଦୁଃଖ ତଥା ଉପେକ୍ଷାର ସ୍ପର୍ଶଗୁଡ଼ିକୁ ବେଶ୍ ଅନୁଭବ କରୁଥାଏ । ମାତ୍ର ସର୍ବବିଧ ସ୍ପର୍ଶରେ ତାହା କେବଳ ସମାନ ଆନନ୍ଦହିଁ ଅନୁଭବ କରୁଥାଏ । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ଅନ୍ତରସ୍ଥ ଆମର ଯଥାର୍ଥ ଆତ୍ମାଟି ଆପଣାର ସର୍ବବିଧ ଅନୁଭୂତିଜନିତ ଆନନ୍ଦକୁ ଆସ୍ୱାଦନ କରୁଥାଏ, ସେହିଗୁଡ଼ିକରୁ ଶକ୍ତି ସଂଗ୍ରହ କରେ, ସୁଖ ଓ ଜ୍ଞାନ ଆହରଣ କରେ, ଏବଂ ସେଗୁଡ଼ିକ ଦ୍ୱାରା ଆପଣାର ଭଣ୍ଡାରଟିକୁ ଅଧିକରୁ ଅଧିକ ସମ୍ପନ୍ନ ଓ ସମୃଦ୍ଧ କରିବାରେ ଲାଗିଥାଏ । ଆମ ଭିତରେ ଥିବା ଏହି ଅସଲ ଆତ୍ମାହିଁ ସଙ୍କୁଚିତ କାମନା-ଆତ୍ମାଟିକୁ ତାହାର ପ୍ରତିତ ଦୁଃଖକୁ ସ୍ୱୀକାର କରିନେବା ଲାଗି, ଏବଂ ଏପରିକି ଦୁଃଖ ଭିତରେହିଁ ସୁଖକୁ ଲୋଡ଼ିବା ଓ ଅନୁଭବ କରିବାଲାଗି ବାଧ୍ୟ କରେ । ଆପଣାର ତଥାକଥିତ ସୁଖକୁ ବର୍ଜନ କରିବାକୁ ବାଧ୍ୟ କରେ, ଏହାର ମୂଲ୍ୟଗୁଡ଼ିକରେ ପରିବର୍ତ୍ତନ ଆଣିବାକୁ ଓ ସେହି ମୂଲ୍ୟଗୁଡ଼ିକୁ ଏକାବେଳେକେ ଓଲଟାଇ ଦେବାକୁ ବାଧ୍ୟ କରେ । ଉଦାସୀନ ରହି ସବୁ ବିଷୟକୁ ସମାନ ଭାବେ ଦେଖିବାକୁ ବାଧ୍ୟ କରେ, ଜୀବନର ବୈଚିତ୍ର୍ୟରୂପୀ ଆନନ୍ଦ ଭିତରେହିଁ ସେଗୁଡ଼ିକୁ ସମାନଭାବେ ଦେଖିବାଲାଗି ବାଧ୍ୟ କରେ । ସକଳ ପ୍ରକାର ଅନୁଭୂତି ଦ୍ୱାରା ଆପଣାର ଯଥାର୍ଥ ପ୍ରକୃତିଟିକୁ ପୁଷ୍ଟ ଓ ସମୃଦ୍ଧ କରିବାକୁ ବିଶ୍ୱଗତ ଆତ୍ମାଦ୍ୱାରା ଅନୁପ୍ରେରିତ ହୋଇହିଁ ଅଧିଚେତନ ଆତ୍ମା ଏଭଳି କରିଥାଏ । ମାତ୍ର ଅନ୍ୟ ପକ୍ଷରେ କେବଳ ସେହି ଉପରିଭାଗସ୍ଥ କାମନା-ଆତ୍ମାକୁହିଁ ସର୍ବସାର ଓ ସର୍ବସ୍ୱ ବୋଲି ଗ୍ରହଣ କରି ଆମେ ଯଦି ଜୀବନ ବଞ୍ଚିବାକୁ ବାଧ୍ୟ ହୋଇ ଆସିଥାଉ, ତେବେ ଉଦ୍‌ଭିଦ କିମ୍ବା ପ୍ରସ୍ତରର ପର୍ଯ୍ୟାୟରୁ ଆମେ ଏତେ ଟିକିଏ ହେଲେ ଆଗକୁ ଯାଇ ପାରି ନଥାନ୍ତୁ କିମ୍ବା ଆପଣାର ଜୀବନକ୍ଷେତ୍ରରେ ଏତେ

---

* ଯଥାର୍ଥ ଅବଚେତନଟି ଏକ ନିମ୍ନଭାଗୀୟ କ୍ଷୀଣ ଚେତନା ଭାବରେ ନିଶ୍ଚେତନର ଅତ୍ୟନ୍ତ ସମୀପବର୍ତ୍ତୀ ହୋଇ ରହିଥାଏ । ଅଧିଚେତନ ହେଉଛି ଏକ ଚେତନା, ଏବଂ ଆମ ଉପରିଭାଗୀୟ ଜୀବନଟିର ତୁଳନାରେ ଏହା ଏକ ବୃହତ୍ତର ଭୂମିରେ ବିଚରଣ କରୁଥାଏ । ମାତ୍ର ଉଭୟେ ହେଉଛନ୍ତି ଆମ ସତ୍ତାର ଅନ୍ତର୍ରାଜ୍ୟ ମଧ୍ୟରେ ରହିଥିବା ଦୁଇଟି କ୍ଷେତ୍ର, ଯାହା ବିଷୟରେ କି ଆମ ଉପରିଭାଗୀୟ ଜୀବନର ଆଦୌ କୌଣସି ଜ୍ଞାନ ନ ଥାଏ । ତେଣୁ ଆମର ସାଧାରଣ କଳ୍ପନା ଓ କଥୋପକଥନରେ ଆମେ ଅଧିକାଂଶ ସମୟରେ ଏହି ଦୁଇଟିକୁ ଗୋଟିଏ ଚିଜ୍ ବୋଲିହିଁ ଭ୍ରମ କରିଥାଉ ।

'oaob.nitrkl.ac.in' images reprocessed

ଟିକିଏ ହେଲେ ପରିବର୍ତ୍ତିନ ଘଟାଇପାରି ନଥାନ୍ତି । ଉଦ୍‌ଭିଦ ଓ ପଥର ଭିତରେ ପ୍ରାଣର କୌଣସି ବହିଶ୍ଚେତନା ନାହିଁ ବୋଲି ପ୍ରଚ୍ଛନ୍ନ ଭୂତାଲ୍ପରାସ୍ଥା ସେମାନଙ୍କର ଗତିହୀନତା ଏବଂ ଗତାନୁଗତିକତା ମଧ୍ୟରେ ଏପର୍ଯ୍ୟନ୍ତ ବି କୌଣସି ଯନ୍ତ୍ର ବା ସାଧନାର ଆବିଷ୍କାର କରିବାକୁ ସମର୍ଥ ହୋଇନାହାନ୍ତି, ଯାହାଦ୍ୱାରା କି ସେଗୁଡ଼ିକ ଯେଉଁ ଅପରିବର୍ତ୍ତିନୀୟ ଓ ଅତିସଂକୀର୍ଣ୍ଣ ଜୀବନାୟତନ ଭିତରେ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କୁ ସେ ତାହା ଭିତରୁ ଉଦ୍ଧାର କରି ନେଇଯାଇ ପାରିବେ । କାମନା-ଆତ୍ମାର ରଜ୍ଜୁଗୁଡ଼ିକୁ ଗୋଟାପୁଚ୍ଛା ତା'ର ଆପଣା ହାତରେ ଛାଡ଼ିଦେଲେ ତାହା ଚିରକାଳ ଲାଗି କେବଳ ଗୋଟିଏ ଗୁଳା ଭିତରେ ଆବର୍ତ୍ତିତ ହେବାରେହିଁ ଲାଗିଥିବ ।

ପ୍ରାଚୀନ ଦାର୍ଶନିକ ମତଗୁଡ଼ିକର ଦୃଷ୍ଟିରେ ସୁଖ ଓ ଦୁଃଖ ଭିତରେ ଯଥାର୍ଥରେ କୌଣସି ଅନ୍ତର ନାହିଁ । ସତ୍ୟ ଓ ମିଥ୍ୟା, ସାମର୍ଥ୍ୟ ଓ ଅସାମର୍ଥ୍ୟ ତଥା ଜନ୍ମ ଓ ମୃତ୍ୟୁ ପରି ଦୁଃଖ ଓ ସୁଖ ମଧ୍ୟ ପରସ୍ପରଠାରୁ ଅଭିନ୍ନ ହୋଇ ରହିଛନ୍ତି । ତେଣୁ କେବଳ ସମଗ୍ର ଭାବରେ ସେଗୁଡ଼ିକ ପ୍ରତି ଉଦାସୀନ ରହିପାରିଲେହିଁ ସେଗୁଡ଼ିକ ହାତରୁ ରକ୍ଷା ପାଇବା ସମ୍ଭବ ହୋଇପାରିବ । ଅର୍ଥାତ୍ ବିଶ୍ୱସତ୍ତାର କୌଣସି ଉଦ୍‌ବେଳନରେ କୌଣସି ପ୍ରକାର ପ୍ରତିକ୍ରିୟା ନ ଦେଖାଇପାରିଲେ ସେଗୁଡ଼ିକୁ ଏଡ଼ି ଦିଆଯାଇ ପାରିବ । କିନ୍ତୁ ଏହି ଦୃଷ୍ଟିଟି ଜୀବନର କେବଳ ଉପରି ଭାଗସ୍ଥ ଘଟଣାଗୁଡ଼ିକ ଉପରେ ଆଧାରିତ ହୋଇ ରହିଛି, ଏବଂ ଏକ ସୂକ୍ଷ୍ମତର ମନସ୍ତତ୍ତ୍ୱମୂଳକ ଜ୍ଞାନର ସାହାଯ୍ୟ ନେଇ ବିଗ୍ଭର କଲେ ଆମେ ବେଶ୍ ସହଜରେ ଦେଖିବାକୁ ପାଇବା ଯେ ଏହି ଦୃଷ୍ଟିଟି ଦ୍ୱାରା ସମସ୍ୟାଟିର ସକଳ ସମ୍ଭାବନା ଆଦୌ ନିଃଶେଷିତ ହୋଇ ଯାଉ ନାହିଁ । ଆମର ଯଥାର୍ଥ ଓ ଅସଲ ଆତ୍ମାଟିକୁ ଚେତନାର ବହିର୍ଭୂମିକୁ ଆଣିପାରିଲେ ଓ ଆମ ସୁଖଦୁଃଖର ଅହଂସମାଚ୍ଛନ୍ନ ମାନଗୁଡ଼ିକର ସ୍ଥାନରେ ଏକ ସମତ୍ୱଭାବାପନ୍ନ, ସର୍ବଗ୍ରାହୀ ଏବଂ ଏକାଧାରରେ ବ୍ୟକ୍ତିସାପେକ୍ଷ ତଥା ବ୍ୟକ୍ତିନିରପେକ୍ଷ ଆନନ୍ଦକୁ ଆଣି ବସାଇପାରିଲେ ସୁଖଦୁଃଖଜନିତ ସମସ୍ୟାଟିର ସମାଧାନ ହୋଇପାରିବ । ଯିଏ ପ୍ରକୃତିକୁ ଭଲପାଏ, ସିଏ ଠିକ୍ ଏହାହିଁ କରିଥାଏ । ସମଗ୍ରଭାବେ ପ୍ରକୃତିର ସକଳ ଦୃଶ୍ୟରୁହିଁ ସେ ଆନନ୍ଦ ଲାଭ କରିଥାଏ । ତା'ର ଏହି ଭଲ ପାଇବାରେ ବିରକ୍ତି ବା ଭୟଭୀତି ଲାଗି କୌଣସି ସ୍ଥାନ ନ ଥାଏ, ରୁଚି ବା ଅରୁଚିଲାଗି ମଧ୍ୟ କୌଣସି ସ୍ଥାନ ନ ଥାଏ । ଅନ୍ୟମାନଙ୍କୁ ଯାହା ହେୟ ଓ ତୁଚ୍ଛ ବୋଲି ଦେଖାଯାଏ, ଶୂନ୍ୟ ବା ବନ୍ୟ ବୋଲି ଲାଗେ କିମ୍ବା ଭୀତିଦାୟକ ଓ ବିରକ୍ତିକର ମନେହୁଏ, ପ୍ରକୃତିରସିକ ସେଠାରେ ମଧ୍ୟ ସୌନ୍ଦର୍ଯ୍ୟର ସନ୍ଦର୍ଶନ କରିଥାଏ । ସୌନ୍ଦର୍ଯ୍ୟାନୁଭୂତିର ଉତ୍ପ୍ରେରଣା ଦେଉଥିବା ସକଳପ୍ରକାର ସଂବେଗ ଭିତରେ ବିଶ୍ୱରସର ଅନ୍ୱେଷଣ କଲାବେଳେ କଳାକାର ଓ କବି ମଧ୍ୟ ତାହାହିଁ କରିଥାଏ ।

'oaob.nitrkl.ac.in' images reprocessed

ସୌନ୍ଦର୍ଯ୍ୟକୁ ପ୍ରତିବିମ୍ବିତ କରୁଥିବା କେତୋଟି ଧାତୁ ଓ ଯେକୌଣସି ମାନସ ରୂପାୟନ ମଧ୍ୟରେ ସେ ରସର ଅନ୍ୱେଷଣ କରୁଥାଏ । ସାଧାରଣ ମଣିଷ ହୁଏତ କେଉଁଠି ପାଖରୁ ନାକ ଟେକି ପଳାଇଯିବାକୁ ଚାହେଁ ଓ ପୁଣି ସୁଖର ଆସ୍ୱାଦନ ଲାଗି ଆଉ କେଉଁଠି ପାଖରେ ଲାଗି ରହିବାକୁ ମନ ବଳାଏ; ମାତ୍ର କବି ଓ କଳାକାର କୌଣସି ପ୍ରକାର ବୈକଲ୍ୟ ନ ରଖି ଉଭୟଟିର ଅନ୍ତର୍ଗତ ବ୍ୟଞ୍ଜନା ଓ ବଳିଷ୍ଠତା ଭିତରୁ ରସର ଅନ୍ୱେଷଣ କରିବାଲାଗି ବାହାରିପଡ଼େ । ଯିଏ ଜ୍ଞାନର ଅନ୍ୱେଷଣ କରୁଥାଏ, ଯେଉଁ ଈଶ୍ୱରପ୍ରେମୀ ସର୍ବତ୍ର ସକଳ ଆଧାରରେ ଆପଣା ପ୍ରେମାସ୍ପଦର ସାକ୍ଷାତ୍କାର ଲାଭ କରୁଥାଏ, ସିଏ ମଧ୍ୟ ଠିକ୍ ତାହାହିଁ କରେ । ଅଧ୍ୟାତ୍ମ ପଥର ପଥିକ, ବୁଦ୍ଧିର ଅନୁଶୀଳନ ଦ୍ୱାରା ଜୀବନ ଓ ଜଗତକୁ ଜାଣିବାର ପ୍ରୟାସ କରୁଥିବା ମନୁଷ୍ୟ, ଭୋଗର ଆଗ୍ରହୀ ଅଥବା ସୌନ୍ଦର୍ଯ୍ୟର ଉପାସକ ସମସ୍ତେ ଆପଣା ଆପଣାର କ୍ଷେତ୍ରରେ ଏହାହିଁ କରନ୍ତି, ଏବଂ ଆପଣାର ଅନ୍ୱେଷିତ ଓ ଇଷ୍ଟ ଜ୍ଞାନ, ସୌନ୍ଦର୍ଯ୍ୟ, ଆନନ୍ଦ ତଥା ଦିବ୍ୟତ୍ୱର ଉପଲବ୍ଧି କରିବାକୁ ହେଲେ ସେମାନଙ୍କୁ ଏହାହିଁ କରିବାକୁ ହୁଏ । କେବଳ ଆମ ଜୀବନର ଯେଉଁ ଭାଗଟିରେ ଅତିକ୍ଷୁଦ୍ର ଅହଂଟି ସାଧାରଣତଃ ଆମଠାରୁ ଅଧିକ ବଳଶାଳୀ ହୋଇ ବସିଥାଏ, ସେହିଠାରେହିଁ ଦିବ୍ୟ ତତ୍ତ୍ୱଟିର ପ୍ରୟୋଗ କରିବା ଅତ୍ୟନ୍ତ ଆୟାସସାଧ୍ୟ ହୋଇପଡ଼େ, ଏବଂ ଅନେକଙ୍କୁ ସମ୍ପୂର୍ଣ୍ଣ ଅସମ୍ଭବ ଓ ଏପରିକି ବଡ଼ ଭୟଙ୍କର ଓ ବିରକ୍ତିକର ବୋଲି ମନେହୁଏ । ପ୍ରବଳ ଅହଂର ସେହି ପ୍ରାଦୁର୍ଭୂତ କ୍ଷେତ୍ରରେ ଯେଉଁଠି ଆମେ ଶରୀର ତଥା ସଂବେଗର ଭୂମି ଉପରେ ହର୍ଷ ଓ ଯନ୍ତ୍ରଣା-ଭୋଗର ଅଧୀନ ହୋଇ ରହିଥାଉ କିମ୍ବା ଜୀବନରେ ଦୁଃଖ ଓ ସୁଖର ଅନୁଭବ କରୁଥାଉ, ସେହିଠାରେହିଁ ଦିବ୍ୟ ତତ୍ତ୍ୱଟିର ପ୍ରୟୋଗ ଅସାଧ୍ୟ ବୋଲି ମନେହୁଏ । ସେହିସବୁ ହର୍ଷ ଓ ଯନ୍ତ୍ରଣା, ସୁଖ ଓ ଦୁଃଖର ସମ୍ମୁଖରେ ଆମର କାମନା-ଆସକ୍ତି ବଡ଼ ଶକ୍ତିହୀନ ହୋଇ ପଡ଼ିରହେ, ଶିଶୁ ପରି ବିମୂଢ଼ ହୋଇପଡ଼େ । ଅଜ୍ଞାନତାର ବଶବର୍ତ୍ତୀ ହୋଇ ଏହି କ୍ଷେତ୍ରରେ ଅହଂ ବ୍ୟକ୍ତିନିରପେକ୍ଷତାର ତତ୍ତ୍ୱଟିକୁ ପ୍ରୟୋଗ କରିବାଲାଗି ଅସମ୍ମତ ହୋଇ ରହେ । ମାତ୍ର ତେଣେ ବିଜ୍ଞାନ, କଳା ଓ ଏପରିକି ସମ୍ପୂର୍ଣ୍ଣରୂପେ ପରିପକ୍ୱ ହୋଇ ନଥିବା ଆଧ୍ୟାତ୍ମିକ ଜୀବନଯାପନର କୌଣସି କୌଣସି କ୍ଷେତ୍ରରେ ମଧ୍ୟ ଏହି ତତ୍ତ୍ୱଟିର ପ୍ରୟୋଗରେ ସେଭଳି କୌଣସି ବାଧା ଆଦୌ ଉପୁଜି ନଥାଏ । କାରଣ ସେସବୁ କ୍ଷେତ୍ରରେ ବ୍ୟକ୍ତିନିରପେକ୍ଷତାର ଏହି ତତ୍ତ୍ୱଟି ଉପରିଭାଗସ୍ଥ ଆତ୍ମା ପୋଷଣ କରିଥିବା ବାସନାଗୁଡ଼ିକର କୌଣସି ବିରୁଦ୍ଧାଚରଣ କରେ ନାହିଁ । ଉପରିଭାଗସ୍ଥ ମନଟି ଦ୍ୱାରା କଳ୍ପିତ ବାସନାମୂଳକଗୁଡ଼ିକ ଉପରେ ମଧ୍ୟ ତାହା କୌଣସି ପ୍ରକାର ଆକ୍ରମଣ କରିବାକୁ ଯାଏ ନାହିଁ, ଏବଂ ଆମର ବହିର୍ଜୀବନ ଏହିସବୁ ବାସନା-ଗୁଡ଼ିକ ପ୍ରତିହିଁ ଏକାନ୍ତଭାବେ ଅନୁରକ୍ତ ହୋଇ ରହିଥାଏ । ଅଧ୍ୟାତ୍ମଚେତନାର ସୂକ୍ଷ୍ମତର ଏବଂ ଉଚ୍ଚତର ପ୍ରକାଶକ୍ଷେତ୍ରରେ ଆମଠାରୁ ଏହି ସମତ୍ୱବୋଧ ଓ



'oaob.nitrkl.ac.in' images reprocessed

ନୈର୍ବ୍ୟକ୍ତିକତାର କେବଳ ଏକ ବିଶେଷ ଅଂଶମାତ୍ରହିଁ ଦାବି କରାଯାଇଥାଏ । ଚେତନା ଓ ସାଧନାର ସେହି ଭୂମିଟି ଲାଗି ଯେତିକି ଆବଶ୍ୟକ, କେବଳ ସେତିକି ଦାବି କରା ଯାଇଥାଏ । ମାତ୍ର ତଥାପି ଆମ ବ୍ୟାବହାରିକ ଜୀବନର ଅହଂଶାସିତ ଆଧାରଟି ଆଗରୁ ଯେଉଁଭଳି ଥିଲା ଠିକ୍ ସେହିଭଳି ରହିଥାଏ, ସେଥିରେ କୌଣସି ରୂପାନ୍ତର ଘଟେ ନାହିଁ । ମାତ୍ର ନୈର୍ବ୍ୟକ୍ତିକ ବୋଧଟିକୁ ତଳକୁ ଅବତୀର୍ଣ୍ଣ କରାଇଆଣି ତାହାଲାଗି ଜାଗା ଛାଡ଼ିଦେବାକୁ ହେଲେ ଆମ ଜୀବନର ସମଗ୍ର ଭିତ୍ତିଟିକୁହିଁ ବଦଳାଇଦେବା ଅତ୍ୟାବଶ୍ୟକ ହୋଇଥାଏ, ଏବଂ ଆମର କାମନା-ଆତ୍ମା ତାହାକୁ ଅସାଧ୍ୟ ଓ ଅସମ୍ଭବ ବୋଲି ମନେ କରୁଥାଏ ।

ଆମ ଭିତରେ ଅବସ୍ଥିତ ଥିବା ଅସଲ ସତ୍ୟଆତ୍ମାକୁ ଆମେ ଅଧିଚେତନ ବୋଲି କହିଛୁ । ମାତ୍ର ଏହି ଶବ୍ଦଟିଦ୍ୱାରା ଅର୍ଥଭ୍ରଂଶ ହେବାର ମଧ୍ୟ ଯଥେଷ୍ଟ ଭୟ ରହିଛି । କାରଣ ଏହି ଅଧିଚେତନ ମନଟି ଜାଗ୍ରତ ଓ ଚେତନ ମନର ଦ୍ୱାରଦେଶଠାରୁ ଆହୁରି ତଳକୁ ଅଧିଷ୍ଠିତ ହୋଇ ରହି ନାହିଁ । ବରଂ ହୁଏତ ଏଭଳି କହିବାକୁ ହେବ ଯେ ଏକ ଅଜ୍ଞାନାଚ୍ଛନ୍ନ ମନ, ପ୍ରାଣ ଓ ଦେହର ଘନ ଆବରଣଟିର ଅନ୍ତରାଳରେ ହୃଦୟ-ମନ୍ଦିରର ଅନ୍ତରତମ ମଣ୍ଡପଟି ଉପରେ ଏହି ଅଧିଚେତନର ଦୀପଶିଖା ପ୍ରଜ୍ୱଳିତ ହୋଇ ରହିଛି । ଏହାକୁ ଅଧିଚେତନ ନକହି ହୁଏତ ଆବରଣର ପଛରେ ଅବସ୍ଥିତ ବୋଲି କୁହାଯିବ । ଆବରଣର ସେପାଖରେ ରହିଥିବା ଏହି ଚୈତ୍ୟ ସତ୍ତାକୁ ଆମେ ଆମ ଭିତରେ ନିରନ୍ତର ପ୍ରଜ୍ୱଳିତ ରହିଥିବା ବ୍ରହ୍ମଜ୍ୟୋତି ବୋଲି ବୁଝିବା । ଭିତରେ ରହିଥିବା କୌଣସି ଅଧ୍ୟାତ୍ମ ସତ୍ତାର ସେହି ଯେଉଁ ଗଭୀର ଅଚେତନା ଆମର ବହିଃ-ପ୍ରକୃତିକୁ ଅନ୍ଧକାରାଚ୍ଛନ୍ନ କରି ରଖିଛି, ତାହାର ସମକ୍ଷରେ ମଧ୍ୟ ଉକ୍ତ ଜ୍ୟୋତିଟି ଅନିର୍ବାଣ ହୋଇ ଜଳୁଛି । ବ୍ରହ୍ମସତ୍ତାରୁହିଁ ଏହି ଜ୍ୟୋତିର ଜନ୍ମ ହୋଇଛି ଏବଂ ମହାଅଜ୍ଞାନରୂପୀ ସାମ୍ରାଜ୍ୟଟିରେ ବାସ କରୁଥିଲେ ମଧ୍ୟ ଏହି ପ୍ରଭାସ୍ୱର ଜ୍ୟୋତିଟି ତାହାରି ମଧ୍ୟରେହିଁ ସମୃଦ୍ଧ ହେବାରେ ଲାଗିଛି ଏବଂ ପରିଶେଷରେ ତାହାକୁହିଁ ମହାଜ୍ଞାନ ଆଡ଼କୁ ମୁହାଁଇ ଦେବାକୁ ସମର୍ଥ ହେଉଛି । ଏହି ଚୈତ୍ୟପୁରୁଷହିଁ ଆମର ପ୍ରଚ୍ଛନ୍ନ ସାକ୍ଷୀ ଓ ଶାସନକର୍ତ୍ତା, ଆମର ଅନ୍ତର୍ଯାମୀ । ସକ୍ରେଟିସ୍ ଏହାକୁହିଁ ଅନ୍ତଃପୁରୁଷ (Daemon) ବୋଲି କହିଛନ୍ତି, ରହସ୍ୟବାଦୀମାନେ ଅନ୍ତର୍ଜ୍ୟୋତି ଓ ଅନ୍ତରବାଣୀ ବୋଲି କହିଛନ୍ତି । ଏହି ଜ୍ୟୋତିରେ କେବେହେଲେ କୌଣସି କ୍ଷୟ ହେଉ ନାହିଁ, ଆମର ଜନ୍ମକ୍ଷଣଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏହା ଆମ ଭିତରେ ଅବିନଶ୍ୱର ରହିଛି । ମୃତ୍ୟୁ, ଅବକ୍ଷୟ କିମ୍ବା କୌଣସି ପ୍ରକାର ସଂକ୍ରମଣବିକାର ଏହାକୁ ସ୍ପର୍ଶ କରିପାରୁ ନାହିଁ, ଦିବ୍ୟସତ୍ତାର ଏକ ସ୍ଫୁଲିଙ୍ଗରୂପେ ଏହା ସକଳ ଧ୍ୱଂସକୁ ଅସ୍ୱୀକାର କରି ଅନିର୍ବାଣ ହୋଇ ଜଳୁଛି । ଏହି ଜ୍ୟୋତିକୁ ଆମେ ଅଜ ବା ଜନ୍ମରହିତ ଆତ୍ମା ବୋଲି କଦାପି କହିପାରିବା ନାହିଁ, କାରଣ

'oaob.nitrkl.ac.in' images reprocessed

ବ୍ୟକ୍ତିଜୀବନର ଅଧିଶାସୀ କର୍ତ୍ତା ହୋଇ ବସିଥିଲା ବେଳେ ମଧ୍ୟ ଆତ୍ମା ତଥାପି ଆପଣାର ବିଶ୍ୱଗତତା ଏବଂ ବିଶ୍ୱାତୀତତା ବିଷୟରେ ସର୍ବଦା ସଚେତନ ରହିଥାଏ । ତଥାପି ଏହା ପ୍ରକୃତିର ରୂପାୟନଗୁଡ଼ିକରେ ସେହି ଆତ୍ମାରହିଁ ପ୍ରତିନିଧିରୂପେ କାର୍ଯ୍ୟ କରେ । ଏହାକୁ ଆମେ ବ୍ୟକ୍ତି-ଆତ୍ମା ବୋଲି କହିବା, ଚୈତ୍ୟପୁରୁଷ ବୋଲି କହିବା । ଏହାହିଁ ମନ, ପ୍ରାଣ ଓ ଦେହର ଧର୍ତ୍ତା; ଆମ ଭିତରେ ଥିବା ମନୋଗତ, ପ୍ରାଣଗତ ତଥା ସୂକ୍ଷ୍ମ ଦେହଗତ ସତ୍ତ୍ୱଗୁଡ଼ିକର ପଛରେ ଠିଆହୋଇ ସେଗୁଡ଼ିକୁ ଧାରଣ କରି ରହିଛି, ସେଗୁଡ଼ିକର ବିକାଶ ଓ ଅନୁଭୂତିକୁ ନିରୀକ୍ଷଣ କରୁଛି ଏବଂ ତଦ୍ୱାରା ଆପେ ମଧ୍ୟ ଲାଭବାନ୍ ହେଉଛି, ଯଥାର୍ଥରେ ଦେଖିଲେ ମନୁଷ୍ୟ ମଧ୍ୟରେ ଅବସ୍ଥିତ ଏହିସବୁ ଅନ୍ୟ ବ୍ୟକ୍ତି-ଶକ୍ତିଗୁଡ଼ିକ, ଅର୍ଥାତ୍ ତାହାର ସତ୍ତ୍ୱଭିତରେ ରହିଥିବା ଏହି ପୁରୁଷଗୁଡ଼ିକ ମଧ୍ୟ କେବଳ ଆବୃତଭାବେହିଁ ରହିଛନ୍ତି । ମାତ୍ର ସେଗୁଡ଼ିକ ଯେଉଁ ଅସ୍ଥାୟୀ ବ୍ୟକ୍ତିଭାବଗୁଡ଼ିକର ଉପସ୍ଥାପନା କରୁଛନ୍ତି, ତାହାରଦ୍ୱାରା ଆମ ବହିର୍ବ୍ୟକ୍ତିତ୍ୱର ରଚନା ହେଉଛି ଏବଂ ସେଗୁଡ଼ିକର ବହିରଙ୍ଗ ବୃତ୍ତି ତଥା ସ୍ଥିତିର ସମାହାରଟିକୁହିଁ ଆମେ ନିଜର ସ୍ୱରୂପ ବୋଲି କହୁଛୁ । ଆମ ଭିତରେ ଚୈତ୍ୟପୁରୁଷର ରୂପଗ୍ରହଣ କରୁଥିବା ଏହି ଅନ୍ତରତମ ସତ୍ତ୍ୱଟି ମଧ୍ୟ ଚୈତ୍ୟଭୂମିଗତ ଏକ ବ୍ୟକ୍ତିତ୍ୱର ଉପସ୍ଥାପନା କରୁଛି, ଯାହାକି ଜନ୍ମରୁ ଜନ୍ମାନ୍ତର ଦେଇ ପରିବର୍ଦ୍ଧିତ ହେଉଛି, ବଢ଼ିବାରେ ଲାଗିଛି ଓ ବିକଶିତ ହେଉଛି । କାରଣ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଏହାହିଁ ପଥିକରୂପେ ପଥ ଚାଲିବାରେ ଲାଗିଛି । ଆମର ପ୍ରକୃତିଗତ ଅଂଶଗୁଡ଼ିକୁ କେବଳ ବହୁ ବିଚିତ୍ର ଓ ନିତ୍ୟପରିବର୍ତ୍ତନଶୀଳ ଅଙ୍ଗବସ୍ତ୍ର ବୋଲିହିଁ କୁହାଯାଇ ପାରିବ । ଆମର ମନ, ପ୍ରାଣ ତଥା ଦେହର ମଧ୍ୟଦେଇ ଚୈତ୍ୟପୁରୁଷ ପ୍ରଥମ ଅବସ୍ଥାରେ କେବଳ ପ୍ରଚ୍ଛନ୍ନ, ଆଂଶିକ ଓ ପରୋକ୍ଷଭାବରେହିଁ କାର୍ଯ୍ୟ କରିପାରେ । କାରଣ ଆତ୍ମପ୍ରକୃତିର ଏହିସବୁ ଅଂଶଗୁଡ଼ିକୁ ତାହାକୁ ପ୍ରଥମେ ଆତ୍ମପ୍ରକାଶର ଯୋଗ୍ୟ ସାଧନରୂପେ ବିକଶିତ କରାଇବାକୁ ପଡ଼େ, ଏବଂ ସେଗୁଡ଼ିକର ଏହି ବିକାଶପର୍ବ ଭିତରେହିଁ ତାହାକୁ ଦୀର୍ଘକାଳ ଅଟକି ରହିବାକୁ ହୁଏ । ଅଜ୍ଞାନଜଡ଼ିତ ମନୁଷ୍ୟକୁ ଦିବ୍ୟ ପରମ ଚେତନାର ଆଲୋକମୟତା ମଧ୍ୟକୁ ବାଟ ଦେଖାଇ ନେଇଯିବାର ବ୍ରତ ଧରି ଆସିଥିବାରୁ ଚୈତ୍ୟପୁରୁଷ ଅଜ୍ଞାନ ଭିତରୁ ଲବ୍ଧ ଅଭିଜ୍ଞତାଗୁଡ଼ିକରୁ ମଧ୍ୟ ସାରସଂଗ୍ରହ କରିବାରେ ଲାଗିଥାଏ, ଏବଂ ସେଇଥିରୁ ପ୍ରକୃତିଟି ଭିତରେ ଆତ୍ମାର ଅଭିବୃଦ୍ଧି ଲାଗି ଏକ ସଞ୍ଚାରକ କେନ୍ଦ୍ରର ପ୍ରତିଷ୍ଠା କରିନିଏ । ଅଭିଜ୍ଞତାସମୂହର ଅବଶିଷ୍ଟାଂଶକୁ ତାହା ଭବିଷ୍ୟତ୍ ସାଧନ-ନିର୍ମାଣର ସାମଗ୍ରୀରୂପେ ବ୍ୟବହାର କରେ ଏବଂ ଦେହ, ପ୍ରାଣ ଓ ମନର ସକଳ ସାଧନ ପରମପୁରୁଷର ଦିବ୍ୟ ସାଧନରୂପେ ପ୍ରସ୍ତୁତ ହୋଇ ନଉଠିଲା ପର୍ଯ୍ୟନ୍ତ ସେ ସେହି ସାଧନଗୁଡ଼ିକୁହିଁ କାମରେ ଲଗାଉଥାଏ । ପ୍ରଚ୍ଛନ୍ନ ରହିଥିବା ଏହି ଚୈତ୍ୟପୁରୁଷ ହେଉଛି ଆମ ଭିତରେ କାର୍ଯ୍ୟ କରୁଥିବା ଯଥାର୍ଥ ଓ ସର୍ବମୂଳ ଆତ୍ମବିବେକ । ନୀତିବାଦୀର ପରମ୍ପରାଗତ

'oaob.nitrkl.ac.in' images reprocessed

ବିବେକଭିଆଣଠାରୁ ଏହା ଆହୁରି ଅଧିକ ଗଭୀରରେ ଅବସ୍ଥିତ ରହିଛି, କାରଣ ଅନ୍ତରସ୍ଥ ଏହି ମୂଳ ବିବେକଟିହିଁ ନିରନ୍ତର ପରମ ସତ୍ୟ, ପରମ ଋତ ତଥା ପରମ ସୌନ୍ଦର୍ଯ୍ୟ ଆଡ଼କୁ ଅଙ୍ଗୁଳିସଙ୍କେତ କରିବାରେ ଲାଗିଛି। ଆମକୁ ପରମ ପ୍ରେମ ଓ ପରମ ସମାବେଶଟି ଆଡ଼କୁ ଆକର୍ଷଣ କରିନେଉଛି। ଦିବ୍ୟ ସମ୍ଭାବନାରୂପେ ଆମ ଭିତରେ ଯାହାକିଛି ଅନ୍ତର୍ନିହିତ ଓ ଅପେକ୍ଷମାଣ ହୋଇ ରହିଛି, ଏହି ବିବେକ ଆମର ଧ୍ୟାନକୁ ତାହାରି ଆଡ଼କୁ ମୁହାଁଇ ଦେଉଛି। ଏବଂ ଏହିସବୁ ସମ୍ପଦହିଁ ଆମ ପ୍ରକୃତିର ସର୍ବପ୍ରଧାନ ଆବଶ୍ୟକତାରେ ପରିଣତ ହୋଇ ନଯିବା ପର୍ଯ୍ୟନ୍ତ ଏହା ଆମର କେଡ଼ ଗୁଡ଼ାଇବାକୁ ମଧ୍ୟ ରାଜି ହେଉ ନାହିଁ। ଏହି ଚୈତ୍ୟ ବ୍ୟକ୍ତିହିଁ ଆମ ଭିତରେ ସାଧକ, ଋଷି ଓ ଦ୍ରଷ୍ଟାରୂପେ ମୁକୁଳିତ ହୋଇଉଠେ। ଏବଂ ଯେତେବେଳେ ଏହା ଆମ ଭିତରେ ଆପଣାକୁ ପୂର୍ଣ୍ଣବଳରେ ପ୍ରତିଷ୍ଠିତ କରିପାରୁଛି, ସେତେବେଳେ ଆମର ଜୀବନକୁ ଆତ୍ମାର ଜ୍ଞାନ ଆଡ଼କୁ ମୁହାଁଇ ଦେଉଛି, ଦିବ୍ୟ ତତ୍ତ୍ୱ ତଥା ପରମ ସତ୍ୟ ଆଡ଼କୁ ମୁହାଁଇ ଦେଉଛି, ପରମ ଶିବ, ପରମ ସୌନ୍ଦର୍ଯ୍ୟ, ପ୍ରେମ ତଥା ଆନନ୍ଦ ଆଡ଼କୁ ଆମର ଧ୍ୟାନ ଢେରାଇ ରଖୁଛି ଓ କେତେ ଦିବ୍ୟ ଶିଖର ଏବଂ ମହିମାବିଶାଳ ରାଜ୍ୟ ଆଡ଼କୁ ଆମର ଆଖିକୁ ଟେକି ଧରୁଛି। ଏବଂ ଆଧ୍ୟାତ୍ମିକ ସଂବେଦନା, ବିଶ୍ୱାତ୍ମକତା ତଥା ଏକତ୍ୱର ସ୍ପର୍ଶ ଲାଗି ଆମକୁ ଉନ୍ମୋଚିତ କରି ଦେଉଛି। ମାତ୍ର ଅନ୍ୟପକ୍ଷରେ ଯେଉଁଠି ଚୈତ୍ୟପୁରୁଷ ଅଶକ୍ତ, ଅଶୋଧିତ ଓ ଅବିକଶିତ ଅବସ୍ଥାରେ ରହିଛି ସେଠାରେ ଆମ ଭିତରେ ଥିବା ସୂକ୍ଷ୍ମତର ଅଂଶ ତଥା କ୍ରିୟାଗୁଡ଼ିକ ଚରିତ୍ର ଓ ଶକ୍ତିର ବିକାଶ ଦୃଷ୍ଟିରୁ କେବଳ ଅଭାବଗ୍ରସ୍ତ କିମ୍ବା ଦୁର୍ବଳ ହୋଇ ପଡ଼ିଛନ୍ତି। ହୁଏତ ମନ ଅତ୍ୟନ୍ତ ଶକ୍ତିଶାଳୀ ଓ ପ୍ରଖର ହୋଇ ରହିଛି, ପ୍ରାଣସଂବେଗର ଅଧିଷ୍ଠାନ ହୃଦୟଟି ମଧ୍ୟ ଶକ୍ତ, ଶକ୍ତିମାନ୍ ଓ ପ୍ରଭାବଶାଳୀ ହୋଇ ରହିଛି, ପ୍ରାଣଶକ୍ତି ମଧ୍ୟ ଆପଣାର ପ୍ରାଧାନ୍ୟ ବିସ୍ତାର କରିପାରୁଛି ଓ ସଫଳତା ହାସଲ କରିପାରୁଛି, ଶରୀରଟି ବି ସଂପୁଷ୍ଟ ଓ ସୌଭାଗ୍ୟବନ୍ତ ହୋଇ ରହିଛି, ହୁଏତ ବାହାରୁ ଦେଖିଲାବେଳକୁ ତାହାକୁ ସତେଅବା ସର୍ବେଶ୍ୱର ଓ ସର୍ବବିଜୟୀ ପରି ମନେହେଉଛି। ତଥାପି ସେଠାରେ ଚୈତ୍ୟ-ପୁରୁଷର ଛଦ୍ମବେଶ ଧରି କେବଳ ବହିଷ୍ଟର କାମନା-ଆତ୍ମାଟିହିଁ ରାଜତ୍ୱ ଚଳାଉଛି ଏବଂ ଚୈତ୍ୟଭୂମିଗତ ଇଙ୍ଗିତ ଓ ଏଷଣା ସମ୍ବନ୍ଧରେ ଏହାର ଭ୍ରମପୂର୍ଣ୍ଣ ବ୍ୟାଖ୍ୟାଗୁଡ଼ିକୁ, ଏହାର ଅନୁମାନ, ଆଦର୍ଶ, ବାସନା ଓ ଅଭୀପ୍ସାଗୁଡ଼ିକୁ ଆମେ ଚୈତ୍ୟପୁରୁଷର ନିର୍ଦ୍ଦେଶ ଓ ଆଧ୍ୟାତ୍ମିକ ଅନୁଭୂତିର* ସାରସମ୍ପଦ ବୋଲି ଭୁଲ କରୁଛୁ। ଯଦି ପ୍ରଚ୍ଛନ୍ନ

* ଦୈନନ୍ଦିନିଆ ଚଳନ୍ତି ଭାଷାରେ Psychic କହିଲେ ପ୍ରଧାନତଃ କାମନା-ଆତ୍ମାର ବୃତ୍ତିଗୁଡ଼ିକୁ ବୁଝାଇଥାଏ। ମନୋଭୂମିଗତ ତଥା ଅନ୍ୟାନ୍ୟ ଅପ୍ରାକୃତ ବ୍ୟାପାରକୁ Psychic ବୋଲି କହିଲାବେଳେ ଶବ୍ଦଟିର ପ୍ରୟୋଗକୁ ଅନେକ ଅଧିକ ଶିଥିଳ କରିଦିଆଯାଇ।

'oaob.nitrkl.ac.in' images reprocessed

ଚୈତ୍ୟପୁରୁଷଟି ଆମ ଜୀବନର ପୁରୋଭାଗକୁ ଆସିପାରିବ ଏବଂ କାମନା-ଆତ୍ମାର ସ୍ଥାନ ଅଧିକାର କରିପାରିବ, କେବଳ ଆଂଶିକ ଭାବରେ କିମ୍ବା ଆବରଣର ଅନ୍ତରାଳରେ ଥାଇ ନୁହେଁ, ମାତ୍ର ସମ୍ପୂର୍ଣ୍ଣ ଓ ପ୍ରକାଶ୍ୟ ଭାବରେ ଏହା ମନ, ପ୍ରାଣ ଓ ଦେହର ଏହି ବହିଃପ୍ରକୃତିଟିର ଶାସନ କରିପାରିବ, ତେବେ ଆମ ଜୀବନର ଏହିସବୁ ଉପାଦାନ ସତ୍ୟ, ଶିବ ଓ ସୁନ୍ଦରର ବିଗ୍ରହରୂପେ ମୂର୍ତ୍ତି ହୋଇଉଠିବ ଏବଂ ପରିଶେଷରେ ଆମର ସମଗ୍ର ସ୍ୱଭାବଟି ମଧ୍ୟ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ନିର୍ଦ୍ଦିଷ୍ଟ ହୋଇପାରିବ, ସେହି ପରମ ବିଜୟ ଓ ଅଧ୍ୟାତ୍ମଜୀବନ ଭିତରକୁ ଆରୋହଣ ଲାଗି ଉନ୍ମୁଖ ହୋଇ ରହିବ ।

ମାତ୍ର ଏଥିରୁ ହୁଏତ ଏଭଳି ମନେ ହୋଇପାରେ ଯେ ଆମ ଭିତରେ ଅବସ୍ଥିତ ଏହି ଅସଲ ଆତ୍ମା ଅର୍ଥାତ୍ ଚୈତ୍ୟପୁରୁଷକୁ ପୁରୋଭାଗକୁ ଆଣି ଏବଂ ତାହାରି ହାତରେହିଁ ନେତୃତ୍ୱ ଓ ଶାସନ ଛାଡ଼ିଦେଇ ଆମେ ଆମର ଅଭିଳଷିତ ସକଳ ସ୍ୱାଭାବିକ ପରିପୂର୍ଣ୍ଣତା ହାସଲ କରିପାରିବା ଏବଂ ଅଧ୍ୟାତ୍ମରାଜ୍ୟର ସକଳଦ୍ୱାର ଖୋଲିଦେଇ ପାରିବା । ଏବଂ ଯୁକ୍ତି ଦେଖାଇ ଏକଥା ମଧ୍ୟ କୁହାଯାଇପାରେ ଯେ ଦିବ୍ୟସ୍ଥିତି କିମ୍ବା ଦିବ୍ୟ ପରିପୂର୍ଣ୍ଣତାଟିର ପ୍ରାପ୍ତି ଦିଗରେ ଆମର ସହାୟତା କରିବାଲାଗି ଆଉ କୌଣସି ଉଚ୍ଚତର ଋତଚିତ୍ ଅଥବା ଅତିମାନସ ତତ୍ତ୍ୱର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ତଥାପି, ଆମ ଜୀବନର ସମଗ୍ର ରୂପାନ୍ତର ଲାଗି ଚୈତ୍ୟ-ଭୂମିଗତ ରୂପାନ୍ତରଟିକୁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି ମାନିଲେ ମଧ୍ୟ ଏକଥା ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ପ୍ରଶସ୍ତତମ ଆଧ୍ୟାତ୍ମିକ ପରିବର୍ତ୍ତନର ସକଳ ଆବଶ୍ୟକତାକୁ ଏହା କଦାପି ପୂରଣ କରିପାରିବ ନାହିଁ । ପ୍ରଥମତଃ ଚୈତ୍ୟ-ପୁରୁଷ ପ୍ରକୃତିରେ ଅବସ୍ଥିତ ବ୍ୟକ୍ତପୁରୁଷ ହୋଇଥିବାରୁ ଆମ ସତ୍ତାର ପ୍ରଚ୍ଛନ୍ନ

---

ଏହିସବୁ ବ୍ୟାପାର ଆମର ଅଧିଚେତନ ଭୂମିରେ ଅନ୍ତର୍ମନ, ଅନ୍ତଃପ୍ରାଣ ତଥା ସୂକ୍ଷ୍ମ ଅନ୍ତର୍ଦ୍ଦେହଟି ସହିତ ପ୍ରକୃତରେ ସମ୍ବନ୍ଧିତ ହୋଇ ରହିଥାଏ ସତ, ମାତ୍ର ତଥାପି ଏଗୁଡ଼ିକୁ ଚୈତ୍ୟପୁରୁଷର ପ୍ରତ୍ୟକ୍ଷ କ୍ରିୟା ବୋଲି କୁହାଯାଇ ପାରିବ ନାହିଁ । ଅଶରୀରୀର ଶରୀର ଧାରଣ କରିବା ଓ ପୁଣି ଅଶରୀରୀ ହୋଇ ମିଳାଇଯିବା ପ୍ରଭୃତି ବ୍ୟାପାରକୁ ମଧ୍ୟ Psychic ର ଅନ୍ତର୍ଭୁକ୍ତ କରାଯାଏ । ଏସବୁ ସତ୍ୟ ବୋଲି ପ୍ରମାଣିତ ହେଲେ ମଧ୍ୟ ତଥାପି ଏସବୁକୁ ଚୈତ୍ୟପୁରୁଷର କ୍ରିୟା ବୋଲି କହିବା ଉଚିତ ହେବ ନାହିଁ । ଚୈତ୍ୟପୁରୁଷର ପ୍ରକୃତି ଓ ସ୍ଥିତି ବିଷୟରେ ଏସବୁ ବ୍ୟାପାର କୌଣସି ଆଲୋକପାତ କରିପାରିବେ ନାହିଁ । ବରଂ ଆମେ ଏସବୁକୁ ଅଲୌକିକ ସୂକ୍ଷ୍ମ ଭୂତପ୍ରକୃତିର ଏକପ୍ରକାର ଅସାଧାରଣ ବିଭୂତି ବୋଲି କହିବା । ପ୍ରାକୃତ ଜଗତରେ ସ୍ଥୂଳ ଆଧାରରେ ଅବତୀର୍ଣ୍ଣ ହୋଇ ତାହା ସ୍ଥୂଳକୁ ଆପଣାପରି ଏକ ସୂକ୍ଷ୍ମ ସତ୍ତାରେ ରୂପାନ୍ତରିତ କରେ ଏବଂ ପୁନର୍ବାର ତାକୁ ସ୍ଥୂଳ ଭୂତର ବିଗ୍ରହ ଭିତରକୁ ଫେରାଇଆଣେ ।

'oaob.nitrkl.ac.in' images reprocessed

ଦିବ୍ୟତର ସୀମାଗୁଡ଼ିକ ଆଡ଼କୁ ଉନ୍ମୁକ୍ତ ହୋଇ ଯିବାଲାଗି ଏବଂ ସେଗୁଡ଼ିକର ଆଲୋକ, ଶକ୍ତି ତଥା ଅନୁଭୂତିଗୁଡ଼ିକର ଗ୍ରହଣ ଓ ପ୍ରତିଫଳନ କରିବାଲାଗି ଏହାର ଅବଶ୍ୟ ସାମର୍ଥ୍ୟ ରହିଛି; ମାତ୍ର ଦ୍ୱିତୀୟତଃ ଆତ୍ମୋପଲବ୍ଧିର ବିଶ୍ୱଗତ ତଥା ବିଶ୍ୱାତୀତ ମହିମାରେ ପ୍ରତିଷ୍ଠିତ ହେବାକୁ ହେଲେ ଉପରୁ ମଧ୍ୟ ଏକ ଆଧ୍ୟାତ୍ମିକ ରୂପାନ୍ତରର ଆବଶ୍ୟକତା ରହିଛି । ତାକୁ ତା'ର ଆପଣା ଇଚ୍ଛାରେ ଛାଡ଼ିଦେଲେ ଚୈତ୍ୟପୁରୁଷ ଉପଲବ୍ଧିର କୌଣସି ଏକ ସୋପାନରେ ହୁଏତ ସ୍ୱଳବ୍ଧ ସତ୍ୟ, ଶିବ ଓ ସୁନ୍ଦରର ଏକ ବ୍ୟୂହ ରଚନା କରିବାକୁ ମନକରି ସେଇଥିରେ ସନ୍ତୁଷ୍ଟ ହୋଇ ରହିବ ଏବଂ ସେଇଠାରେହିଁ ଡେରିପକାଇ ରହିଯିବ । ଅଥବା ଆଉ ଏକ ଉଚ୍ଚତର ସୋପାନରେ ସାମର୍ଥ୍ୟହୀନ ଭାବରେ ବିଶ୍ୱାତ୍ମାର ବଶ ଭିତରକୁ ଆସି ବିଶ୍ୱର ସତ୍ତ୍ୱା, ଚେତନା, ଶକ୍ତି ଓ ଆନନ୍ଦକୁ କେବଳ ଏକ ଦର୍ପଣ ପରି ଗ୍ରହଣ କରିନେବ, ମାତ୍ର ସେଗୁଡ଼ିକର ସମ୍ଭୋଗରେ ପୂର୍ଣ୍ଣରୂପେ ଭାଗ ନେଇପାରିବ ନାହିଁ କିମ୍ବା ସେଗୁଡ଼ିକ ଉପରେ ପୂର୍ଣ୍ଣ ଅଧିକାର ଲାଭ କରିପାରିବ ନାହିଁ । ଜ୍ଞାନରେ, ଆବେଗରେ ଏବଂ ଏପରିକି ଇନ୍ଦ୍ରିୟବୋଧରେ ବିଶ୍ୱବ୍ୟାପ୍ତ ଚେତନାଟି ସହିତ ସୁନିବଡ଼ ଓ ରୋମାଞ୍ଚୋତ୍ଫୁଲ୍ଲ ଭାବରେ ସମ୍ମିଳିତ ହୋଇପାରିଲେ ମଧ୍ୟ ତଥାପି ଏହା କେବଳ ନିଷ୍କ୍ରିୟଭାବେ ଗ୍ରହଣ କରିବାର ଦୁର୍ଦ୍ଦଶା ଭିତରେହିଁ ବାନ୍ଧିହୋଇ ରହିଯାଇପାରେ, ଏବଂ ବିଶ୍ୱଭୂମିର ସକଳ ସ୍ୱାମିତ୍ୱ ଓ ସକଳ ସକ୍ରିୟତା ହୁଏତ ତା' ଲାଗି ସୁଦୂରପରାହତ ହୋଇ ରହିପାରେ, ଅଥବା, ଏହି ବିଶ୍ୱବ୍ୟବସ୍ଥାର ଅନ୍ତରାଳରେ ରହିଥିବା ସଦାସ୍ଥିର ପରମ ସତ୍ୟଟି ସହିତ ଅଭେଦତା ଅର୍ଜନ କରି ଏହା ତଥାପି ଅନ୍ତର୍ଗତ କ୍ଷେତ୍ରରେ ବିଶ୍ୱମୟ ଗତିସ୍ପନ୍ଦନଟିରୁ ବିଚ୍ଛିନ୍ନ ହୋଇ ରହିଯାଇପାରେ ଓ ସେହି ହେତୁରୁ ଆପଣା ବ୍ୟକ୍ତିଭାବର ପରିନିର୍ବାଣ ଘଟାଇ ଆପଣାର ଆଦି ଉତ୍ପତ୍ତି ସ୍ଥାନଟିରେ ପ୍ରତ୍ୟାହୃତ ହୋଇ ରହିପାରେ; ଏବଂ ଆପଣାର ପ୍ରକୃତିକୁ ତା'ର ଦିବ୍ୟ ଉପଲବ୍ଧି ଆଡ଼କୁ ପରିଚାଳିତ କରି ନେଇଯିବାର ପରମ ଧ୍ୟେୟଟି ଲାଗି ତା' ଭିତରେ ଇଚ୍ଛା ଓ ଶକ୍ତିର ଅଭାବ ମଧ୍ୟ ଘଟିପାରେ । କାରଣ ଦିବ୍ୟ ଆତ୍ମା ଓ ଦିବ୍ୟ ସତ୍ତ୍ୱାରୁହିଁ ପ୍ରକୃତି ଭିତରେ ଚୈତ୍ୟପୁରୁଷର ଆବିର୍ଭାବ ହୋଇଛି, ତେଣୁ ଏହା ଇଚ୍ଛାକଲେ ପ୍ରକୃତିର ଏହି ଭୂମିଟିକୁ ପରିତ୍ୟାଗ କରି ଦିବ୍ୟ ଆତ୍ମାର ନୈଃଶବ୍ଦ୍ୟ ତଥା ଏକ ପରମ ଆଧ୍ୟାତ୍ମିକ ନିଶ୍ଚଳତାର ମଧ୍ୟଦେଇ ପୁଣି ସେହି ଦିବ୍ୟ ସତ୍ତ୍ୱାର ନୈଃଶବ୍ଦ୍ୟ ଭିତରକୁ ବେଶ୍ ଫେରି ଯାଇପାରେ । ପୁଣି, ଦିବ୍ୟ ପରମ ସତ୍ତ୍ୱାର ଏକ ସନାତନ ଅଂଶ (ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ,—ଗୀତା, ୧୫।୭) ହୋଇଥିବାରୁ ପରମ ଅନନ୍ତତତ୍ତ୍ୱର ବିଧାନ ଅନୁସାରେ ଏହି ଚୈତ୍ୟପୁରୁଷକୁ ଆମେ ତାହାର ଦିବ୍ୟ ସମଗ୍ରତାଟିରୁ କୌଣସି ପ୍ରକାରେ ବିଚ୍ଛିନ୍ନ କରିପାରିବା ନାହିଁ । ଏହାର ପୁରୋଭାଗସ୍ଥ ଦୃଶ୍ୟରୂପ ଏବଂ ପୁରୋଭାଗସ୍ଥ ବିଭେଦଧର୍ମୀ ଅନୁଭୂତିଟିକୁ ବାଦ ଦେଲେ ଆମେ ଏହାକୁହିଁ ସମଗ୍ର

'oaob.nitrkl.ac.in' images reprocessed

ପରମତତ୍ତ୍ୱ ବୋଲି ବେଶ୍ କହିପାରିବା । ତେଣୁ ଏହି ସତ୍ୟଜ୍ଞାନଟିକୁ ଆପଣା ଭିତରେ ଜାଗ୍ରତ କରି ଚୈତ୍ୟପୁରୁଷ ତାହାରି ଭିତରକୁ ଡେଇଁପଡ଼ି ଆପଣାକୁ ଆପାତଭାବେ ବିଲୁପ୍ତ କରି ଦେଇପାରେ, କିମ୍ବା ଅନ୍ତତଃ ଆପଣାର ବ୍ୟକ୍ତିସତ୍ତାଟିକୁ ବିଲୁପ୍ତ କରି ଦେଇପାରେ । ଆମ ପ୍ରକୃତିର ବିପୁଳ ଅଜ୍ଞାନବିସ୍ତାର ମଧ୍ୟରେ ଏକ ଅତିକ୍ଷୁଦ୍ର କେନ୍ଦ୍ରବୀଜ ପରି ଅବସ୍ଥିତ ରହିଥିବା ଏହି ଚୈତ୍ୟପୁରୁଷକୁ ଉପନିଷଦରେ କେବଳ ଏକ ବୁଢ଼ା ଆଙ୍ଗୁଠିର ପ୍ରମାଣ ବୋଲି ବର୍ଣ୍ଣନା କରାଯାଇଛି । ମାତ୍ର ଆଧ୍ୟାତ୍ମିକ ପ୍ରବାହଟିକୁ ଆପାଣା ଭିତରକୁ ସଞ୍ଚାରିତ କରି ଆଣି ଏହା ଆପଣାକୁ ବହୁ ବିସ୍ତୃତ କରିପାରେ ଏବଂ ହୃଦୟ ଓ ମନଦ୍ୱାରା ସମଗ୍ର ବିଶ୍ୱକୁ ଆଲିଙ୍ଗନ କରି ତାହା ସହିତ ଘନିଷ୍ଠଭାବରେ ଯୁକ୍ତ ଓ ଏକରସ ହୋଇଯାଇପାରେ । ଅଥବା, ଆପଣାର ଶାଶ୍ୱତ ପରମସଙ୍ଗୀର ସନ୍ଧାନ ପାଇ ତାହାର କ୍ରୋଡ଼ର ଆବେଶ ଓ ସାନ୍ନିଧ୍ୟ ଭିତରେ ସର୍ବଦିନ ପାଇଁ ବାସ କରିବାକୁ ମନ କରିପାରେ, ଶାଶ୍ୱତ ପ୍ରେମିକ ଓ ଶାଶ୍ୱତ ପ୍ରେମାସ୍ପଦର ଏକ ଅବିଚ୍ଛେଦ୍ୟ ମିଳନ ଓ ଏକତ୍ୱ ଭିତରେ ଆବଦ୍ଧ ହୋଇ ରହିପାରେ । ସୌନ୍ଦର୍ଯ୍ୟ ଓ ଆନନ୍ଦର ପରମାପଦରେ ବିସ୍ତୃତ କରି ଆମେ ଏହି ମିଳନକୁହିଁ ସକଳ ଆଧ୍ୟାତ୍ମିକ ଅନୁଭୂତି ମଧ୍ୟରେ ଗଭୀରତମ ଓ ନିବିଡ଼ତମ ବୋଲି କହିପାରିବା । ଆମର ଆଧ୍ୟାତ୍ମିକ ଆତ୍ମ-ପରିଚୟରେ ଉପଲବ୍ଧିର ମଧୁରତା ଓ ମହିମାରେ ଏଗୁଡ଼ିକ ମଧ୍ୟରୁ କେହି କାହାରିଠାରୁ କୌଣସି ଗୁଣରେ ଆଦୌ କମ୍ ନୁହନ୍ତି; ମାତ୍ର ତଥାପି ଆମେ ସେଗୁଡ଼ିକୁ ସର୍ବଶେଷ କିମ୍ବା ସମ୍ପୂର୍ଣ୍ଣ ଉପଲବ୍ଧି ବୋଲି କଦାପି ଦାବି କରି କହି ପାରିବା ନାହିଁ । ଏହାର ଆହୁରି ଆଗକୁ ମଧ୍ୟ ଆହୁରି କେତେ ସମ୍ଭାବନା ରହିଛି ।

କାରଣ, ଏସବୁ ହେଉଛି ମନୁଷ୍ୟ ଭିତରେ ଆଧ୍ୟାତ୍ମିକ ମନୋଭୂମିର ସିଦ୍ଧି; ଏସବୁଥିରେ ମନ ଆପଣାକୁ ଅତିକ୍ରମ କରି ବ୍ରହ୍ମର ଐଶ୍ୱର୍ଯ୍ୟ ଓ ମହିମା ଭିତରେ ପ୍ରବେଶ କରେ ସତ, ତଥାପି କେବଳ ଆପଣାର ଭୂମିଟି ଉପରେହିଁ ବିଚରଣ କରୁଥାଏ । ଆମର ବର୍ତ୍ତମାନ ମନୋଭୂମିର ଯୋଜନ ଯୋଜନ ଉପରକୁ ଉଠିଯାଇ ଆପଣାର ଉଚ୍ଚତମ ସୋପାନଗୁଡ଼ିକରେ ଉପନୀତ ହୋଇପାରିବା ପରେ ମଧ୍ୟ ମନ ତଥାପି ସ୍ୱଭାବତଃ ବିଭେଦଧର୍ମୀ ହୋଇ ରହିଥାଏ । ସେତେବେଳେ ମନ ଶାଶ୍ୱତ ତତ୍ତ୍ୱର ବିଭାବଗୁଡ଼ିକୁ ଆଘ୍ରାଣ କରିବାକୁ ସମର୍ଥ ହୁଏ ସତ, ମାତ୍ର ପ୍ରତ୍ୟେକଟି ବିଭାବକୁ ଶାଶ୍ୱତ ପରମ ସତ୍ତାର ସମଗ୍ର ସତ୍ୟରୂପେ ଭ୍ରମ କରୁଥାଏ ଏବଂ ପ୍ରତ୍ୟେକଟି ମଧ୍ୟରେହିଁ ଆପଣାର ସର୍ବସିଦ୍ଧିମସ୍ତ ପରିପୂର୍ଣ୍ଣତା ଦେଖିବାକୁ ପାଏ । ହୁଏତ ତାହା ସେଗୁଡ଼ିକୁ ପରସ୍ପରର ବିରୋଧୀ ତତ୍ତ୍ୱ ହିସାବରେ ସଜାଇ ଠିଆ କରିଦିଏ, ଏବଂ ଏହିସବୁ ଦ୍ୱନ୍ଦ୍ୱଦ୍ୱନ୍ଦ୍ୱର ଖିଅମତ ଏକ ସମାହାର ସୃଷ୍ଟି କରି ରଖେ । ଯଥା ପରମତତ୍ତ୍ୱର ନିଶ୍ଚଳତା ଓ ଗତିଶୀଳତା; ପ୍ରପଞ୍ଚାତୀତ, ନିର୍ବିଶେଷ, ନିର୍ଗୁଣ ଓ ନିଷ୍କ୍ରିୟ ବ୍ରହ୍ମ ଏବଂ

'oaob.nitrkl.ac.in' images reprocessed

ଜଗତ୍‌ପ୍ରବିଷ୍ଟ, ସବିଶେଷ, ସଗୁଣ ଓ ସକ୍ରିୟ ବ୍ରହ୍ମ; ପରିବର୍ତ୍ତନରହିତ ସତ୍ତା ଓ ପରିବର୍ତ୍ତନଧର୍ମୀ ସମ୍ଭୂତି, ଦିବ୍ୟ ପୁରୁଷ ଓ ନୈର୍ବ୍ୟକ୍ତିକ ଶୁଦ୍ଧ ସତ୍ତା;—ଏହିପରି କେତେ କେତେ ଅମେଳ ଦ୍ୱୟକଳ୍ପନାର ସୃଷ୍ଟି ହୁଏ । ଏବଂ ତା'ପରେ ଇଚ୍ଛା କଲାମାତ୍ରକେ ସେ ଗୋଟିକରୁ ସକଳ ସମ୍ପର୍କ ଛିନ୍ନ କରିଦେଇ ଅନ୍ୟଟିକୁହିଁ ସତ୍ତାର ଏକମାତ୍ର ସ୍ଥାୟୀ ସତ୍ୟରୂପେ ଗ୍ରହଣ କରି ତାହାରି ଭିତରକୁ ଡେଇଁପଡ଼େ । କେତେବେଳେ ପରମତତ୍ତ୍ୱର ବ୍ୟକ୍ତିକଳ୍ପନାକୁ ଏକମାତ୍ର ସତ୍ୟ ବୋଲି ଧରିନିଏ ଓ ପୁଣି କେତେବେଳେ କେବଳ ନୈର୍ବ୍ୟକ୍ତିକ ତତ୍ତ୍ୱଟିକୁହିଁ ଏକମାତ୍ର ସତ୍ୟ ବୋଲି କହେ । କେତେବେଳେ ପରମ ପ୍ରେମିକକୁ ଶାଶ୍ୱତ ପରମ ପ୍ରେମର ପ୍ରକାଶ ଲାଗି କେବଳ ଏକ ସାଧନ ବୋଲି କହେ, ପୁଣି କେତେବେଳେ ପ୍ରେମକୁ କେବଳ ପରମ ପ୍ରେମିକର ଆତ୍ମ-ଅଭିବ୍ୟକ୍ତିରୂପେ ବର୍ଣ୍ଣନା କରେ । କେତେବେଳେ ଏହି ଜୀବସକଳଙ୍କୁ ଏକ ନୈର୍ବ୍ୟକ୍ତିକ ପରମ ସତ୍ତାର ବ୍ୟକ୍ତିଭୂତ ସାମର୍ଥ୍ୟ ବୋଲି କହେ, ପୁଣି କେତେବେଳେ ନୈର୍ବ୍ୟକ୍ତିକ ସତ୍ତାକୁ ମଧ୍ୟ ଅନନ୍ତ ପୁରୁଷରୂପୀ ଅଦ୍ୱିତୀୟ ପରମ ସତ୍ତାର କେବଳ ଏକ ଅନ୍ୟତମ ଅବସ୍ଥା ବୋଲି ବର୍ଣ୍ଣନା କରେ । ତେଣୁ ତାହାରି ଆଧ୍ୟାତ୍ମିକ ଉପଲବ୍ଧି ଏବଂ ପରମ ସିଦ୍ଧିର ପରିକ୍ରମଣ-ପଥଟି ମଧ୍ୟ ଏହି ବିଭେଦଧର୍ମୀ ଗୀତଗୁଡ଼ିକୁ ଅନୁସରଣ କରିବାକୁ ବାଧ୍ୟ ହୁଏ । ମାତ୍ର ଆଧ୍ୟାତ୍ମିକ ମନର ଏହି ସଂସ୍କାର-ପଥର ସେପାଖରେ ଅଧିମାନସ ଋତଚିତ୍ତର ଉଚ୍ଚତର ଅନୁଭୂତିଟି ବର୍ତ୍ତମାନ ରହିଛି । ସେଠାରେ ପହଞ୍ଚିଲେ ଏହିସବୁ ଦ୍ୱୟଦ୍ୱନ୍ଦ୍ୱ କୁଆଡ଼େ ଅନ୍ତର୍ହିତ ହୋଇଯାଏ ଏବଂ ଶାଶ୍ୱତ ପରମ ସତ୍ତାର ପରମ ଓ ସମ୍ପୂର୍ଣ୍ଣ ଉପଲବ୍ଧିରୂପୀ ସମ୍ମିଳିତଶକ୍ତି ସମଗ୍ରତା ଭିତରେ ଏହିସବୁ ଏକଦେଶଦର୍ଶିତା କୁଆଡ଼େ ପରିତ୍ୟକ୍ତ ହୋଇ ରହେ । ଆମେ ଏହି ଲକ୍ଷ୍ୟଟିରହିଁ କଳ୍ପନା କରିଛୁ; ଆପଣାକୁ ସେହି ଅଧିମାନସ ଋତଚିତ୍ତର ଭୂମିକୁ ଉନ୍ନୀତ କରିନେଇ ଓ ଆମର ପ୍ରକୃତି ଭିତରକୁ ତାହାକୁ ଅବତୀର୍ଣ୍ଣ କରାଇ ଆଣି ଆମେ ଆମ ଜୀବନକୁ ପରିପୂର୍ଣ୍ଣ କରିବାର ଅଭୀପ୍ସା ରଖିଛୁ । ଆଧ୍ୟାତ୍ମିକ ପରିବର୍ତ୍ତନର କ୍ଷେତ୍ରକୁ ଉନ୍ନୀତ ହୋଇ ଆମକୁ ଆଗ ଆମର ଚୈତ୍ୟ ରୂପାନ୍ତର ଘଟାଇବାକୁ ହେବ, ଏବଂ ତା'ପରେ ଏକ ଅଧିମାନସ ରୂପାନ୍ତରଦ୍ୱାରା ପ୍ରଥମ ରୂପାନ୍ତରଟିକୁ ପରିପୂର୍ଣ୍ଣ କରିବାକୁ ପଡ଼ିବ, ଏହାକୁ ଏକ ପ୍ରସାରିତ ଓ ସମଗ୍ର ବ୍ୟଞ୍ଜନା ଦେଇ ଉଦ୍ଭାସିତ କରିନେବାକୁ ପଡ଼ିବ । ଅଧିମାନସ ରୂପାନ୍ତରହିଁ ଆମ ତ୍ରିଭୂମିଗତ ରୂପାନ୍ତରଟିକୁ ଆମ ଆରୋହୀ ସାଧନାର ସର୍ବୋଚ୍ଚ ଶିଖରକୁ ବହନ କରି ନେଇଯିବ ।

ବିଶ୍ୱର ବିସୃଷ୍ଟିରୂପେ ପ୍ରକାଶିତ ହୋଇଥିବା ପରମସତ୍ତାର ଅନ୍ୟାନ୍ୟ ବିଭକ୍ତ ତଥା ବିରୋଧଗ୍ରସ୍ତ ବିଭବଗୁଡ଼ିକର କ୍ଷେତ୍ରରେ ଯାହା, ଆମର ପ୍ରାକୃତ ଜୀବନରେ କେବଳ ସ୍ପନ୍ଦନରହିତ ଚେତନାରୂପେ ବ୍ରହ୍ମର ସ୍ଥିତି ଏବଂ ବିଶ୍ୱସ୍ପନ୍ଦନରୂପେ ପ୍ରତୀୟମାନ

ହୋଉଥିବା ତାହାର ଗତିଶୀଳତା ମଧ୍ୟରେ ପ୍ରଗତି ହୋଉଥିବା ବିରୋଧଟିର କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । ଏହି ବିରୋଧ କେବଳ ଏକ ଆପାତ ବିରୋଧ ଏବଂ ଅଜ୍ଞାନରୁହିଁ ଏହାର ଉତ୍ପତ୍ତି । ଏବଂ ଏକ ଅତିମାନସ ଚୈତ୍ୟଶକ୍ତିହିଁ ଏହି ଦୁଇଟି ବିରୋଧ ଧାରଣା ମଧ୍ୟରେ ପୂର୍ଣ୍ଣ ସମନ୍ୱୟର ପ୍ରତିଷ୍ଠା କରିପାରିବ । ଅଜ୍ଞାନଗ୍ରସ୍ତ ପ୍ରକୃତି ଆପଣାର ପ୍ରଚ୍ଛନ୍ନ ଆଧ୍ୟାତ୍ମିକ ଆତ୍ମସତ୍ତାଟିକୁ ନୁହେଁ, ମାତ୍ର ତାହାର ଏକ ସ୍ଥାନାପନ୍ନରୂପେ କାର୍ଯ୍ୟ କରୁଥିବା ଅହଂତତ୍ତ୍ୱଟିକୁହିଁ ଆପଣାର ମନୋଭୂମିଗତ ସକଳ କ୍ରିୟାର କେନ୍ଦ୍ରରୂପେ କଳ୍ପନା କରିଥାଏ । ଏକ ପ୍ରକାର ଅହଂକେନ୍ଦ୍ରିକତାର ଆଧାର ଉପରେହିଁ ଆମେ ସାଧାରଣତଃ ଆମର ଅନୁଭୂତି ଓ ସମ୍ବନ୍ଧଗୁଡ଼ିକୁ ଏକାଠି ବାନ୍ଧିକରି ରଖିଥାଉ । ଆମେ ବାସ କରୁଥିବା ଏହି ପୃଥିବୀର ଯାବତୀୟ ଜଟିଳ ସମ୍ପର୍କ, ବିରୋଧ, ଦ୍ୱନ୍ଦ୍ୱ ଓ ଅସଙ୍ଗତି ଭିତରେ ଆମେ ଆମର ଅନୁଭୂତିଗୁଡ଼ିକୁ ସେହି ଅହଂକେନ୍ଦ୍ରିକତା ପାଖରେ ନେଇ ଠୁଳ କରି ରଖିଥାଉ । ଅନନ୍ତ ବିଶ୍ୱନିସ୍ପନ୍ଦିତତାର କବଳରୁ ଆପଣାକୁ ବଞ୍ଚାଇ ରଖିବାକୁ ଆମେ ତାହାକୁହିଁ ଏକ ନିରାପଦ ଦୁର୍ଗଶୈଳରୂପେ ମାନି ନେଇଥାଉ । ମାତ୍ର ଆମ ଆଧ୍ୟାତ୍ମିକ ପରିବର୍ତ୍ତନଟିର ପର୍ଯ୍ୟାୟରେ ଆମକୁ ଏହି ରକ୍ଷାପ୍ରାଚୀରଟିକୁ ଅସ୍ୱୀକାର କରିବାକୁ ହୁଏ, ଅହଂର ବିଲୋପସାଧନ କରିବାକୁ ହୁଏ । ମନୁଷ୍ୟ ସତେ ଅବା ଏକ ନୈର୍ବ୍ୟକ୍ତିକ ଅତିବିସ୍ତାର ଭିତରେ ବିଚୂର୍ଣ୍ଣ ହୋଇ ଗଲପରି ଅନୁଭବ କରିଥାଏ ଏବଂ ଏହି ନୈର୍ବ୍ୟକ୍ତିକତା ମଧ୍ୟରେ ସେ ପ୍ରଥମ ଅବସ୍ଥାରେ କ୍ରିୟାର ଏକ ସୁସଂବଦ୍ଧ ଗତିଶୀଳତା ଲାଗି ସତେ ଯେପରି କୌଣସି ଗ୍ରନ୍ଥିକାଠିହିଁ ପାଏ ନାହିଁ । ଏହି ଅବସ୍ଥାରେ ସାଧାରଣତଃ ବ୍ୟକ୍ତି ଆପଣାକୁ ଦୁଇଟି ସତ୍ତାରେ ବିଭକ୍ତ କରିପକାଏ; ଭିତରେ ଆଧ୍ୟାତ୍ମିକ ସତ୍ତାଟିକୁ ଧରି ରଖେ ଓ ବାହାରେ ପ୍ରାକୃତ ସତ୍ତାର ବୋଲି ମାନୁଥାଏ । ଏକ ପରିପୂର୍ଣ୍ଣ ଓ ଅନ୍ତର୍ଗତ ମୁକ୍ତିବୋଧ ଭିତରେ ସେ ଆପଣାର ଦିବ୍ୟ ଉପଲବ୍ଧିଟିକୁ ପ୍ରଥମଟି ଉପରେ ବସାଇ ରଖିଥାଏ; କିନ୍ତୁ ତେଣେ ପ୍ରାକୃତ ଅଂଶଟି ମଧ୍ୟ ପ୍ରକୃତିର ପୂର୍ବ କ୍ରିୟାଗୁଡ଼ିକର ଅନୁସରଣ କରିବାରେ ଲାଗିଥାଏ, ଅତୀତ ସାମର୍ଥ୍ୟର ଏକ ଯନ୍ତ୍ରବତ୍ ସଞ୍ଚାରଣ ଦ୍ୱାରା ସେ ପ୍ରକୃତିର ଅଭ୍ୟସ୍ତ ସଂସ୍କାରଗତ ଆବେଗଗୁଡ଼ିକୁ ଅବ୍ୟାହତ ରଖିଥାଏ । ଏପରିକି, ଯଦି ସୀମିତ ବ୍ୟକ୍ତିଚେତନା ଓ ପୂର୍ବର ଅହଂକେନ୍ଦ୍ରିକ ବ୍ୟବସ୍ଥାଟିର ସମ୍ପୂର୍ଣ୍ଣ ବିଲୟ ଘଟେ, ସେତେବେଳେ ସକଳ ଅନ୍ତର୍ଚେତନା ଆତ୍ମାର ଆଲୋକରେ ଉଦ୍‌ଭାସିତ ହୋଇ ଉଠିଲେ ମଧ୍ୟ ବାହ୍ୟ ପ୍ରକୃତି ତଥାପି ଏକ ଆପାତ ଅସଙ୍ଗତିର କ୍ଷେତ୍ରରୂପେ ବର୍ତ୍ତମାନ ରହିବାର ଆଶଙ୍କା ରହିଯାଏ । ଏପରି କ୍ଷେତ୍ରରେ ଆମେ ବହିଃସ୍ଥର ଜୀବନରେ 'ଜଡ଼ବତ୍' ଓ ନିଷ୍କ୍ରିୟ ହୋଇ ରହୁ, ଆତ୍ମଗତିଶୀଳତାର ସକଳ ସାମର୍ଥ୍ୟ ହରାଇବସୁ ଏବଂ କେବଳ ବାହ୍ୟ ପରିବେଶ ଓ ଶକ୍ତିଗୁଡ଼ିକ ଦ୍ୱାରା ଚାଳିତ ହେବାରେ ଲାଗୁ । ମାତ୍ର ତେଣେ ଭିତରେ ଅନ୍ତର୍ଚେତନାଟି ଆତ୍ମାର ଆଲୋକରେ ଉଦ୍ଦୀପ୍ତ ହୋଇ

'oaob.nitrkl.ac.in' images reprocessed

ରହିଥାଏ । ଅଥବା ଚେତଣେ ଭିତରେ ପୂର୍ଣ୍ଣ ଆତ୍ମଜ୍ଞାନ ମହଜୁଦ ରହିଥିଲେ ମଧ୍ୟ ବାହାରେ ଆମେ 'ବାଲବତ୍' ଅର୍ଥାତ୍ ଅବୋଧ ପିଲାଟିପରି ଆଚରଣ କରିପାରୁ । କିମ୍ବା ଭିତରେ ନିସ୍ତରଙ୍ଗ ପ୍ରଶାନ୍ତ ବିରାଜ ରହିଥିଲେ ମଧ୍ୟ ବାହ୍ୟ ଭାବନା ଓ ଆବେଗରେ ଆମେ 'ଉନ୍ମତ୍ତବତ୍' ହୋଇ ରହିପାରୁ । ଅଥବା ଏପରି ହୋଇପାରେ ଯେ ଭିତରେ ଶୁଦ୍ଧ ଓ ଆତ୍ମସମାହିତ ରହି ମଧ୍ୟ ବାହାରେ 'ପିଶାଚବତ୍' ବ୍ୟବହାର କରିପାରୁ ଅର୍ଥାତ୍ ସକଳ ସୁରୁଚିତା ଓ ଶୃଙ୍ଖଳା ହରାଇ ବସିପାରୁ । ଅଥବା ଯଦି ଜୀବନର ବାହ୍ୟ ପ୍ରକୃତିରେ ଏକ ସୁଶୃଙ୍ଖଳ ଗତିଶୀଳତା ତଥାପି ମହଜୁଦ ରହିଥାଏ, ତେବେ କେବଳ ବହିଷ୍ଟର ଅହଂପ୍ରଣୋଦିତ କ୍ରିୟାର ଏକ ଧାରାବାହିକତାରୂପେ ତାହା ମହଜୁଦ ରହିପାରେ । ଅନ୍ତର୍ତଳର ଆତ୍ମା ତାହାର ସାକ୍ଷୀ ହୋଇ ରହେ ସତ, ମାତ୍ର ତାହାକୁ ସ୍ୱୀକାର କରେ ନାହିଁ । କିମ୍ବା ମାନସିକ କ୍ରିୟାସ୍ପନ୍ଦନ ଭିତରେ ଗତିଶୀଳତା ରହିଥିଲେ ମଧ୍ୟ ହୁଏତ ତାହା ତଥାପି ଅନ୍ତର୍ଭୂମିର ଆଧ୍ୟାତ୍ମିକ ଉପଲବ୍ଧିଟିକୁ ସମ୍ପୂର୍ଣ୍ଣଭାବେ ପ୍ରକାଶ କରିପାରେ ନାହିଁ । କାରଣ ସେତେବେଳେ ମନର କ୍ରିୟା ଏବଂ ଆତ୍ମାର ସ୍ଥିତି ଭିତରେ ଶକ୍ତି ଓ ସାମର୍ଥ୍ୟର ଭୂମି ଉପରେ ଆଉ କୌଣସି ଭାରସାମ୍ୟ ରହେ ନାହିଁ । ଏପରିକି ଯେଉଁଠି ଆମର ବାହ୍ୟ ଅସ୍ତିତ୍ୱଟି ଅପରୋକ୍ଷ ଭାବରେ ମଧ୍ୟ ଅନ୍ତର୍ଜ୍ୟୋତିଟି ଦ୍ୱାରା ପରିଚାଳିତ ହେଉଥାଏ, ସେଠାରେ ମଧ୍ୟ କ୍ରିୟାତ୍ମକ ଜୀବନର ଗତିଶୀଳତା ଉପରେ ଏହାର ପ୍ରକାଶ ଭିତରେ ତଥାପି ମନ, ପ୍ରାଣ ଓ ଦେହର ଅପୂର୍ଣ୍ଣତାମାନ ପରିଲକ୍ଷିତ ହେଉଥାଏ । ଅର୍ଥାତ୍ ରାଜା ରାଜ-ଆସନରେ ବସିଥାଆନ୍ତି ସତ, ମାତ୍ର ତାଙ୍କର ମନ୍ତ୍ରୀମାନେ ବଡ଼ ଅଯୋଗ୍ୟ ହୋଇ ରହିଥା'ନ୍ତି; ଅଜ୍ଞାନର ମୂଲ୍ୟଭୂମି ଉପରେ ଜ୍ଞାନ ଆପଣାକୁ ପ୍ରକାଶିତ କରୁଥାଏ । ତେଣୁ ସତ୍ୟଜ୍ଞାନ ଓ ସତ୍ୟସଂକଳ୍ପର ସମ୍ପୂର୍ଣ୍ଣ ଏକତ୍ୱ ସାଧନ କରିଥିବା କେବଳ ସେହି ଅତିମାନସର ଅବତରଣ ଦ୍ୱାରାହିଁ ଆମର ବହିର୍ଜୀବନ ତଥା ଅନ୍ତର୍ଜୀବନ ଉଭୟ କ୍ଷେତ୍ରରେ ଆତ୍ମାର ସେହି ପରମ ସମତା ପ୍ରତିଷ୍ଠିତ ହୋଇପାରିବ । କାରଣ କେବଳ ଅତିମାନସହିଁ ଅଜ୍ଞାନର ମୂଲ୍ୟଗୁଡ଼ିକୁ ଜ୍ଞାନର ମୂଲ୍ୟରେ ରୂପାନ୍ତରିତ କରିଦେଇ ପାରିବ ।

ମନ ଓ ପ୍ରାଣରୂପୀ ଆମର ଜୀବନାଙ୍ଗଗୁଡ଼ିକର ପରିପୂର୍ଣ୍ଣତା ଓ ସାର୍ଥକତା ଲାଭ କରିବାର ବ୍ୟାପାରରେ ଯାହା, ଆମ ଚୈତ୍ୟପୁରୁଷର ପରିପୂର୍ଣ୍ଣତା ଓ ସାର୍ଥକତା-ଲାଭର ପ୍ରସଙ୍ଗରେ ମଧ୍ୟ ଠିକ୍ ସେଇଆ;—ଅର୍ଥାତ୍ ଏହାର ଦିବ୍ୟ ଉତ୍ସମୂଳଟି ସହିତ ଏହାର ଖିଅ ଲଗାଇଦେଇ ପାରିଲେ, ଅର୍ଥାତ୍ ପରମ ସତ୍ୟପୁରୁଷ ଭିତରେ ରହିଥିବା ଏହାର ଯଥୋଚିତ ସତ୍ୟଟି ସହିତ ଏହାର ସଂଯୋଗ ଘଟାଇ ପାରିଲେ ଯାଇ ଚୈତ୍ୟପୁରୁଷ ପରିପୂର୍ଣ୍ଣତା ଲାଭ କରିବ । ଏହା ଅପରିହାର୍ଯ୍ୟ । ଏବଂ ସେହି କ୍ଷେତ୍ରଟି ଭଳି ଏଠାରେ ମଧ୍ୟ କେବଳ ଅତିମାନସର ଶକ୍ତିଦ୍ୱାରାହିଁ ସମଗ୍ର ଓ ସମ୍ପୂର୍ଣ୍ଣ ଭାବରେ

'oaob.nitrkl.ac.in' images reprocessed

ଏହି ମିଳନସାଧନ ସମ୍ଭବ ହୋଇପାରିବ, ଏବଂ ମିଳନର ଅନ୍ତରଙ୍ଗତାକୁ ସେହି ଅତିମାନସହିଁ ଏକ ଯଥାର୍ଥ ତଦାତ୍ମକତାରେ ପରିଣତ କରିପାରିବ । କାରଣ ଏହି ଅତିମାନସହିଁ ଅଦ୍ୱୟ ପରମ ସତ୍ତ୍ୱର ଊର୍ଦ୍ଧ୍ୱତର ଓ ଅଧଃତର ଏହି ଦୁଇ ମଣ୍ଡଳ ଭିତରେ ସେତୁ ପରି ହୋଇ ରହିଛି । ଅତିମାନସରେହିଁ ସେହି ସର୍ବସମାବେଶକାରୀ ପରମ ଆଲୋକ ବର୍ତ୍ତମାନ ରହିଛି, ପରିପୂର୍ଣ୍ଣତା ଦେଇ ପାରିବାର ପରମ ସାମର୍ଥ୍ୟ ବର୍ତ୍ତମାନ ରହିଛି; ପରମ ଆନନ୍ଦରେ ପ୍ରବେଶ କରିବା ଲାଗି ଅତିମାନସରେହିଁ ଆମର ଉପଯୁକ୍ତ ଦ୍ୱାରଟି ଉନ୍ମୁକ୍ତ ଓ ପ୍ରଶସ୍ତ ହୋଇ ରହିଛି । ସେହି ପରମ ପ୍ରକାଶ ଓ ପରମ ସାମର୍ଥ୍ୟର ସାହାଯ୍ୟରେହିଁ ଚୈତ୍ୟପୁରୁଷ ଆପଣାର ପୂର୍ଣ୍ଣ ପଥଟିକୁ ଉଠି ଚାଲିଯାଇ ପାରିବ ଏବଂ ଆପଣାର ଆଦି ଉଦ୍‌ଗମସ୍ଥାନ ସତ୍ତ୍ୱର ସେହି ସର୍ବମୂଳ ପରମ ଆନନ୍ଦଟି ସହିତ ଆପଣାକୁ ଯୁକ୍ତ କରିଦେଇ ପାରିବ । ସେତେବେଳେ ଦୁଃଖ ଓ ସୁଖର ସକଳ ଦ୍ୱନ୍ଦ୍ୱ କଟିଯିବ; ମନ, ପ୍ରାଣ ଓ ଦେହ ସକଳ ଗ୍ରନ୍ଥି ଓ ସକଳ ସଙ୍କୋଚରୁ ମୁକ୍ତି ଲାଭ କରିବେ । ଦିବ୍ୟ ପରମାନନ୍ଦର ସମାବେଶ ଭିତରେ ଚୈତ୍ୟ-ପୁରୁଷ ଆପଣା ଜୀବନର ସକଳ ସମ୍ପର୍କ ତଥା ସ୍ପର୍ଶକୁ ନୂତନ ଭାବେ ଗଢ଼ିନେବାକୁ ସମର୍ଥ ହେବ ।

'oaob.nitrkl.ac.in' images reprocessed

# ଚତୁର୍ବିଂଶ ପରିଚ୍ଛେଦ

## ଜଡ଼

ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ ।

—ତୈତ୍ତିରୀୟ ଉପନିଷଦ୍, ୩ । ୨

ସେ ଅନ୍ନକୁ ବ୍ରହ୍ମ ବୋଲି ଜାଣିଲେ ।

ପ୍ରାଣ ଯେ ଏକ ଅନିର୍ବଚନୀୟ ସ୍ୱପ୍ନ ନୁହେଁ କିମ୍ବା ବେଦନାମୟ ବାସ୍ତବ ସଂସାରର ରୂପ ଗ୍ରହଣ କରିଥିବା ଏକ ଅସାଧ୍ୟ ଅନର୍ଥକଳ୍ପନା ମଧ୍ୟ ନୁହେଁ, ଆମେ ଏହାକୁ ଯେ ଦିବ୍ୟ ସର୍ବସତ୍ତ୍ୱମୟ ସତ୍ୟର ବିପୁଳ ଚିତ୍ସ୍ପନ୍ଦନରୂପେ ଅନୁଭବ କରିବା; ଏପର୍ଯ୍ୟନ୍ତ କରାଯାଇଥିବା ଆଲୋଚନାରୁ ଆମେ ଏତିକି ବୁଦ୍ଧିଗତ ପ୍ରତ୍ୟୟ ନିଶ୍ଚୟ ଲାଭ କରିପାରିଛୁ । ଏହାର ଭିତ୍ତି ଓ ଏହାର ତତ୍ତ୍ୱଟି ବିଷୟରେ କିଛି କିଛି ଆମ ଆଖିରେ ଅବଶ୍ୟ ପଡ଼ିଥାଏ, ଏବଂ ଏହା ଭିତରେ ଯେଉଁ ମହାନ୍ ସମ୍ଭାବନାଟି ଅନ୍ତର୍ନିହିତ ରହିଛି, ପରିଶେଷରେ ତାହା ଯେ ଏକ ଦିବ୍ୟ ସ୍ପଷ୍ଟରୂପେ ବିକଶିତ ହୋଇଉଠିବ, ଆମେ ସେଇଥିଲାଗି ଅପେକ୍ଷା କରି ରହିଛୁ । ମାତ୍ର ସର୍ବନିମ୍ନରେ ରହିଥିବା ଗୋଟିଏ ତତ୍ତ୍ୱ ବିଷୟରେ ଆମେ ଏପର୍ଯ୍ୟନ୍ତ ଯଥେଷ୍ଟ ଭାବରେ ବିଚାର କରି ନାହୁଁ । ସେହି ତତ୍ତ୍ୱଟି ହେଉଛି ଜଡ଼ର ତତ୍ତ୍ୱ; ଏହି ଜଡ଼ର ପୀଠ ଉପରେହିଁ ପ୍ରାଣର ତତ୍ତ୍ୱଟି ଛିଡ଼ା ହୋଇ ରହିଛି, ଏବଂ ଏହି ଜଡ଼ର ଅନ୍ତରସ୍ଥ ବୀଜଟିରୁହିଁ ବହୁଶାଖା ବିସ୍ତାର କରିଥିବା ଏକ ବୃକ୍ଷ ରୂପରେ ପ୍ରାଣ ବିକଶିତ ହୋଇ ଉଠିଛି । ମନୁଷ୍ୟର ମନ, ପ୍ରାଣ ଓ ଶରୀର ଜଡ଼ରୂପୀ ଭୌତିକ ତତ୍ତ୍ୱଟି ଉପରେ ନିର୍ଭର କରି ରହିଛନ୍ତି । ପ୍ରାଣର ଉନ୍ମୋଚନକୁହିଁ ଆମେ ମନଭିତରକୁ ବିବର୍ତ୍ତିତ ହେଉଥିବା ଏବଂ ତା'ପରେ ଆପଣାକୁ ଅଧିକ ପ୍ରସାରିତ କରି ତଥା ଆହୁରି ଊର୍ଦ୍ଧ୍ୱକୁ ଆରୋହଣ କରି ଅତିମାନସ ସତ୍ତ୍ୱର ବିପୁଳତା ମଧ୍ୟରେ ସ୍ୱକୀୟ ସତ୍ୟଟିର ଅନୁସନ୍ଧାନ କରିବା ପରମ ଚୈତନ୍ୟସତ୍ତ୍ୱର ପରିଣାମ ବୋଲି କହିଲେ ମଧ୍ୟ ତଥାପି ସେହି ଚୈତନ୍ୟ ଦେହରୂପୀ ଆଧାର ଓ ଜଡ଼ରୂପୀ ଏହି ଭିତ୍ତିଟି ଦ୍ୱାରା ସର୍ବଦା ନିୟନ୍ତ୍ରିତ ହେଉଥିବା ପରି ମନେ ହୋଇଥାଏ । ଏହି ସମଗ୍ର ପ୍ରକ୍ରିୟାଟିରେ ଦେହର ମହତ୍ତ୍ୱ ଓ ଆବଶ୍ୟକତାଟିକୁ କଦାପି ବୁଝାଇ କହିବାକୁ ପଡ଼ିବ ନାହିଁ ।

'oaob.nitrkl.ac.in' images reprocessed

ମନୁଷ୍ୟ ଆପଣା ଭିତରେ ଏକ ଦେହ ଓ ମସ୍ତିଷ୍କର ବିକାଶ କରିଇପାରିଛି, ଅଥବା ସେ ଏକ ଦେହ ମସ୍ତିଷ୍କର ଅଧିକାର ପାଇଛି; ଏହି ଦେହ ଓ ମସ୍ତିଷ୍କ ଏକ ପ୍ରଗତିଶୀଳ ମନର ଆଲୋକକୁ ଗ୍ରହଣ କରିପାରୁଛନ୍ତି ଓ ତାହାର କାମରେ ଲାଗିପାରୁଛନ୍ତି । ଏବଂ ସେହି କାରଣରୁହିଁ ମନୁଷ୍ୟ ପଶୁର ସ୍ତରରୁ ଉପରକୁ ଉଠିବାକୁ ସମର୍ଥ ହୋଇଛି । ଠିକ୍ ସେହିପରି, ଯେତେବେଳେ ସେ ଆହୁରି ଊର୍ଦ୍ଧ୍ୱରେ ଥିବା ଏକ ଆଲୋକକୁ ଗ୍ରହଣ କରିବା ଓ ତାହାରି କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବା ଭଳି ଏକ ଦେହର କିମ୍ବା ଦେହଯନ୍ତ୍ରରେ ଅନ୍ତତଃ ତଦନୁରୂପ କ୍ରିୟାଶକ୍ତିର ବିକାଶ କରିପାରିବ, କେବଳ ସେତିକବେଳେହିଁ ସେ ଆପଣାର ବର୍ତ୍ତମାନ ଭୂମିଟିରୁ ଆହୁରି ଉପରକୁ ଉଠିଯାଇ ପାରିବ । ଏବଂ କେବଳ ଆପଣାର ଭାବନାରେ କିମ୍ବା ଅନ୍ତରସ୍ଥ ଭୂମିଟିରେ ନୁହେଁ, ମାତ୍ର ଆପଣାର ସମଗ୍ର ଜୀବନରେ ସେ ଏକ ପରିପୂର୍ଣ୍ଣ ଦିବ୍ୟ ମନୁଷ୍ୟତ୍ୱର ଉପଲବ୍ଧି କରିପାରିବ । ତାହା ନହେଲେ ହୁଏତ ପ୍ରାଣଠାରୁ ପ୍ରତ୍ୟାଶିତ ସକଳ ସମ୍ଭାବନା ବ୍ୟର୍ଥ ହୋଇଗଲା ଓ ତାହାର ସକଳ ସାର୍ଥକତା ନଷ୍ଟ ହୋଇଗଲା ବୋଲି ବୁଝିବାକୁ ହେବ । ସେତେବେଳେ କେବଳ ଆପଣାକୁ ବିଲୁପ୍ତ କରି ହିଁ ସଚ୍ଚିଦାନନ୍ଦର ଉପଲବ୍ଧି କରିବା ବ୍ୟତୀତ ଏହି ମର ଅସ୍ତିତ୍ୱଟି ଲାଗି ଆଉ କୌଣସି ବାଟ ରହିବ ନାହିଁ, ଓ ମନ, ପ୍ରାଣ ତଥା ଦେହକୁ ପରିତ୍ୟାଗ କରି କେବଳ ଶୁଦ୍ଧ ଅନନ୍ତତତ୍ତ୍ୱଟି ଭିତରକୁ ବାହୁଡ଼ି ଆସିବାକୁ ପଡ଼ିବ । ଅଥବା ମାନିନେବାକୁ ପଡ଼ିବ ଯେ ଏକ ଦିବ୍ୟ ସାଧନରୂପେ ବ୍ୟବହୃତ ହେବାଲାଗି ମନୁଷ୍ୟ ସଂସାରକୁ ଆସି ନାହିଁ, ସଂସାରର ସକଳ ଇତର ପ୍ରାଣୀଙ୍କଠାରୁ ତାକୁ ସ୍ୱତନ୍ତ୍ର କରି ଚହ୍ଲାଇ ଦେଇଥିବା ପ୍ରଗତିଶୀଳ ଚୈତନ୍ୟଶକ୍ତିରେ ତଥାପି ଏକ ବିଧିନିର୍ଦ୍ଦିଷ୍ଟ ସୀମା ଅବଶ୍ୟ ରହିଛି; ଏବଂ ଅନ୍ୟ ସକଳ ପ୍ରାଣୀଙ୍କୁ ପଛକୁ ଠେଲିଦେଇ ବର୍ତ୍ତମାନ ମନୁଷ୍ୟ ଯେପରି ସମସ୍ତଙ୍କର ପୁରୋଭାଗରେ ରହିଛି, ଠିକ୍ ସେହିପରି ସମୟକ୍ରମେ ଆଉ କୌଣସି ଏକ ପ୍ରାଣୀ ମନୁଷ୍ୟକୁ ମଧ୍ୟ ହଟାଇଦେବାକୁ ନିଶ୍ଚୟ ଆସିବ ଏବଂ ତାହାର ଉତ୍ତରାଧିକାରଟିକୁ ହସ୍ତଗତ କରିନେବ ।

ଅବଶ୍ୟ ଏକଥା ସତ ଯେ ଏହି ଶରୀର ଆରମ୍ଭରୁହିଁ ଆତ୍ମାର ପଥରେ ଏକ ବଡ଼ ପ୍ରତିବନ୍ଧକ ବୋଲି ପ୍ରତୀତ ହୋଇଥାଏ । ଆତ୍ମାର ଆଧ୍ୟାତ୍ମିକ ଯାତ୍ରାପଥରେ ଏହି ଦେହଟାର ବାଧା ଉପରେହିଁ ବାରବାର ଝୁଣ୍ଟିବାକୁ ପଡ଼େ ବୋଲି ମନେ ହୋଇଥାଏ, ଏହି ଦେହର ପଥର ଉପରେହିଁ ଆତ୍ମାର ନଉକାଟି ବାଜି ଚୂନା ହୋଇ-ଯିବ ବୋଲି ସବୁବେଳେ ଭୟ ରହିଥାଏ । ସେଇଥିଲାଗି ଆଧ୍ୟାତ୍ମିକ ଉପଲବ୍ଧିର ଅତିବ୍ୟାକୁଳ ସାଧକ ଏହି ଦେହ ବିରୁଦ୍ଧରେହିଁ ଆପଣାର ବହିଷ୍କାର-ଘୋଷଣା କରିଆସିଛି ଏବଂ ଆପଣାର ଜାଗତିକ ବିରକ୍ତିରେ ସେ ଏହି ବିଶ୍ୱବସ୍ତୁଟିକୁହିଁ ଆପଣା ଘୃଣାର ଏକ ବିଶେଷ ଆଧେୟସ୍ୱରୂପେ ବାଛିନେଇଛି । ଦେହରୂପୀ ଏହି ଅବୋଧ

'oaob.nitrkl.ac.in' images reprocessed

ଶରୀରଟିକୁ ସେ ସବୁବେଳେ ଦୁର୍ବହ ମଣିଛି, ଏବଂ ଏହି ଦେହରୂପୀ ଅବାଧ ସ୍ଥୂଳତା ଦ୍ୱାରା ତାଡ଼ିତ ହୋଇ ସେ ସେଥିରୁ ମୁକ୍ତି ପାଇବାଲାଗି ବୈରାଗୀର ଜୀବନ ଆଡ଼କୁ ଦଉଡ଼ି ପଳାଇଛି । ଏପରିକି ଦେହାଧୀନତାର ଦାଉରୁ ରକ୍ଷା ପାଇବାଲାଗି ସେ ଦେହର ଅସ୍ତିତ୍ୱଟାକୁହିଁ ସ୍ୱୀକାର କରିବାକୁ ନାସ୍ତି କରିଦେଇଛି, ଏହି ଭୌତିକ ବିଶ୍ୱଜଗତର ସତ୍ୟଟିକୁ ମଧ୍ୟ ଅସ୍ୱୀକାର କରିଛି । ଅଧିକାଂଶ ଧର୍ମ ଏହି ଜଡ଼ ଉପରେହିଁ ଆପଣାର ଧିକ୍କାର ପ୍ରହାର କରିଛନ୍ତି ଏବଂ ଦେହଗତ ଜୀବନର ବର୍ଜନ ଅଥବା ଉଦାସୀନ ରହି ଦେହରୂପୀ ଏହି ଅସ୍ଥାୟୀ ଅନାବଶ୍ୟକତାଟିକୁ ଯେକୌଣସି ପ୍ରକାରେ ସହି ନେବାକୁହିଁ ସେମାନେ ଧର୍ମଗତ ସତ୍ୟ ତଥା ଆଧ୍ୟାତ୍ମିକତାର ପ୍ରମାଣ ବୋଲି ମାନିଛନ୍ତି । ପ୍ରାଚୀନ ଯୁଗର ଧର୍ମଗୁଡ଼ିକ ମଧ୍ୟରେ ହୁଏତ ଏତେଦୂର ଅସହିଷ୍ଣୁତା ନଥିଲା, ସେଗୁଡ଼ିକର ବିଶ୍ୱରରେ ଅଧିକ ଗଭୀରତା ରହିଥିଲା । କାଳର ସନ୍ତାପଦ୍ୱାରା ଘାରି ହେଉଥିବା ଚଉର ଉତ୍ପୀଡ଼ନ ଓ କ୍ଲାନ୍ତିକାନ୍ତ ଅସହିଷ୍ଣୁତା ଦ୍ୱାରା ସେମାନେ ଆଦୌ ବିଚଳିତ ହୋଇପଡ଼ି ନଥିଲେ ଏବଂ ଡେଣ୍ଡ ମଝିରେ ଏଡ଼େବଡ଼ ଏକ ପାଚେରି ବସାଇ ଜୀବନକୁ ଏପରି ପ୍ରବଳ ଭାବରେ ବିଭକ୍ତ କରିଦେଇ ନଥିଲେ । ସେମାନେ ପୃଥିବୀକୁ ଜନନୀ ରୂପେ ଓ ସ୍ୱର୍ଗକୁ ପିତାରୂପେ ସ୍ୱୀକାର କରିଥିଲେ ଏବଂ ଦୁହିଁଙ୍କପ୍ରତି ସମାନ ଶ୍ରଦ୍ଧା ଓ ଭକ୍ତି ରଖିଥିଲେ । ମାତ୍ର ଆମର ଦୃଷ୍ଟିକୁ ସେହିସବୁ ପ୍ରାଚୀନ ସତ୍ୟରହସ୍ୟ ଏବେ ଅସ୍ପଷ୍ଟ ଓ ଅନଧିଗମ୍ୟ ପରି ମନେହେଉଛି । ଆମେ ଜଡ଼ବାଦୀ କିମ୍ବା ଅଧ୍ୟାତ୍ମବାଦୀ ଯାହା ହୋଇଥାଉ ପଛକେ, ଆମେ ବି ଗୋଟାଏ ଚୋଟରେ ସମସ୍ୟାଟିର ଏହି ଜଟିଳ ଗଣ୍ଠିଟିକୁ କାଟିଦେଇ ସନ୍ତୁଷ୍ଟ ହୋଇଯାଉଛୁ । ଏକ ଶାଶ୍ୱତ ଆନନ୍ଦଭିତରକୁ ଚମ୍ପଟ କରି କିମ୍ବା ଏକ ଶାଶ୍ୱତ ବିଲୁପ୍ତି ଭିତରେ ଆପଣାକୁ ପରିସମାପ୍ତ କରିଦେଇ ଅଥବା ଏକ ଶାଶ୍ୱତ ନିଷ୍ଫଳତା ଭିତରକୁ ଡେଇଁପଡ଼ି ସମସ୍ୟାଟିର ସମାଧାନ ହୋଇଯିବ ବୋଲି ମାନି ନେଉଛୁ ।

ଆମ ଆଧ୍ୟାତ୍ମିକ ସମ୍ଭାବନାଗୁଡ଼ିକ ବିଷୟରେ ସଚେତନ ହେବା ସଙ୍ଗେସଙ୍ଗେ ଯେ ଏହି ଦ୍ୱନ୍ଦ୍ୱଟି ଉପୁଜିଛି, ସେକଥା ନୁହେଁ; ଜୀବନର ଆବିର୍ଭାବକ୍ଷଣରୁହିଁ ଜଡ଼ ସହିତ ଏହି କଳହଟି ଆରମ୍ଭ ହୋଇଯାଇଛି । ଜଡ଼ର ଜଡ଼ତ୍ୱ, ତାହାର ନିଶ୍ଚେତନତା ଏବଂ ତାହାର ଅଣୁଗତ ବିକର୍ଷଣ ଶକ୍ତି,—ଜଡ଼ତତ୍ତ୍ୱ ମଧ୍ୟରେ ଅବସ୍ଥିତ ପ୍ରାଣଚେତନାର ମହାଅସ୍ୱୀକୃତିରୂପୀ ଏହି ଶକ୍ତିଗୁଡ଼ିକ ବିରୁଦ୍ଧରେ ନିଯୁତ ସଂଗ୍ରାମ କରି ପ୍ରାଣ ସୃଜିଯିବା-ଗୁଡ଼ିକର ପ୍ରତିଷ୍ଠା କରିବାକୁ ଚାହୁଁଛି ଓ ପ୍ରାଣରୂପର ସ୍ଥାୟୀ ସମାହାରମାନ ରଚନା କରିବାରେ ଲାଗିଛି । ଅର୍ଥାତ୍ ପ୍ରାଣ ଓ ଜଡ଼ ମଧ୍ୟରେ ନିରନ୍ତର ଏକ ଯୁଦ୍ଧ ଲାଗିରହିଛି, ଏବଂ ପ୍ରାଣର ଆପାତ ପରାଭବରେ ସର୍ବଦା ଏହି ଯୁଦ୍ଧଟିର ମୀମାଂସା ହେଉଥିବା ପରି ମନେହେଉଛି । ଖଣ୍ଡ ଖଣ୍ଡ ହୋଇ ତଳକୁ ଅର୍ଥାତ୍ ଭୌତିକ ତତ୍ତ୍ୱର ମହାଗ୍ରାସ

'oaob.nitrkl.ac.in' images reprocessed

ଭିତରକୁ ପ୍ରାଣର ଏହି ଭଙ୍ଗ ପଡ଼ିବାର ବିପର୍ଯ୍ୟୟଟିକୁ ଆମେ ମୃତ୍ୟୁ ବୋଲି କହିଥାଉ ମନର ଆବିର୍ଭାବ ପରେ ଏହି ବିବାଦ ଓ ବିସଂବାଦ ଆହୁରି ଘନୀଭୂତ ହେଉଛି । କାରଣ ପ୍ରାଣ ଓ ଦେହ ଦୁହିଁଙ୍କ ସହିତ ମନର ଏକ ଆପଣା କଳହ ମଧ୍ୟ ରହିଛି । ପ୍ରାଣ ଓ ଦେହର ସୀମାବଦ୍ଧତା ସହିତ ମନକୁ ନିତ୍ୟ ଯୁଝିବାକୁ ପଡ଼ୁଛି । ଜଡ଼ଦେହର ସ୍ଥୂଳତା ଓ ଜଡ଼ତା ଓ ପ୍ରାଣଭୂମିର ଆବେଗଝଞ୍ଜା ଓ ବେଦନାବିକ୍ଷୁବ୍ଧତାର ନିତ୍ୟ ଅଧୀନ ହୋଇ ରହିଥିବା ମନ ସେହିଗୁଡ଼ିକର ବିରୁଦ୍ଧରେହିଁ ନିତ୍ୟ ବିଦ୍ରୋହ କରିବାରେ ଲାଗିଛି । ଏବଂ ସଂପୂର୍ଣ୍ଣ ନିଶ୍ଚିତ ଭାବରେ ନହେଲେ ମଧ୍ୟ ମନର ଏକ ଆଂଶିକ ବିଜୟଲାଭ ଦ୍ୱାରା ଏହି ଯୁଦ୍ଧର ମୀମାଂସା ହେଲାପରି ମନେହେଉଛି, ମାତ୍ର ଏଥିଲାଗି ମନକୁ ଏକ ବଡ଼ ମୂଲ୍ୟ ବି ଦେବାକୁ ପଡ଼ୁଛି । ପ୍ରାଣଗତ ଆକାଙ୍‌କ୍ଷାଗୁଡ଼ିକୁ କବଳନ, ଦମନ ଅଥବା ଏପରିକି ସଂହାର କରି ମନ ଏହି ବିଜୟ ହାସଲ କରୁଛି । ମାତ୍ର ଏହାଦ୍ୱାରା ସେ ଏକ ବୃହତ୍ତର ମାନସିକ କ୍ରିୟାଶୀଳତା ଏବଂ ଏକ ଉଚ୍ଚତର ନୀତିସଚେତନ ଅସ୍ତିତ୍ୱର ସ୍ୱାର୍ଥରକ୍ଷା କରିବାକୁ ଯାଇ ଦୈହିକ ଶକ୍ତିକୁ କ୍ଷତିଗ୍ରସ୍ତ କରି ପକାଉଛି ଓ ଦେହଗତ ସ୍ୱରସାମ୍ୟଟିକୁ ବିକଳ କରିଦେଉଛି । ଏହିପରି ଭାବରେ ଏହି ସଂଗ୍ରାମଟିରୁ ଜୀବନପ୍ରତି ଅସହିଷ୍ଣୁତା ଜାତ ହେଉଛି, ଦେହପ୍ରତି ବିତୃଷ୍ଣା ଜନ୍ମୁଛି ଓ ଏହି ଉଭୟ ଭୂମିରୁ ଅପସରି ଯାଇ ଏକ ଶୁଦ୍ଧ ମାନସିକ ଓ ନୀତିଶାସିତ ଜୀବନଯାପନ କରିବାର ଆକାଙ୍‌କ୍ଷା ଦେଖାଦେଉଛି । ପୁଣି ମନର ଅତୀତ ଆଉ ଏକ ଜୀବନ ଲାଗି ସଚେତନତା ଜାଗ୍ରତ ହେବାପରେ ମନୁଷ୍ୟ ଭିତରେ ଏହି ବିରୋଧ ଆହୁରି ପ୍ରବଳ ହୋଇଯାଏ । ସେତେବେଳେ ମନ, ପ୍ରାଣ, ଦେହ ସମସ୍ତଙ୍କୁ ଦୁଃଖମୟ ଇହଜଗତ୍, ପାତକୀ ବାସନାମୟ ମାଂସପିଣ୍ଡ ଓ ଶଇତାନ ବୋଲି କହି ଲାଞ୍ଛିତ କରାଯାଏ । ମନକୁ ମଧ୍ୟ ଆମର ସକଳ ଭବବ୍ୟାଧିର ମୂଳ ବୋଲି କହି ନିନ୍ଦିତ କରି ରଖାଯାଏ । ଆତ୍ମା ଏବଂ ତାହାର ସାଧନଗୁଡ଼ିକ ମଧ୍ୟରେ ଯୁଦ୍ଧ ଘୋଷଣା କରି ଦିଆଯାଏ; ଏବଂ ଆପଣାର ସଂକୀର୍ଣ୍ଣ ଆବାସଭୂମିଟିକୁ ତ୍ୟାଗ କରି, ମନ, ପ୍ରାଣ ତଥା ଦେହକୁ ବର୍ଜନ କରି ତଥା ଆପଣା ସ୍ୱରୂପର ଅନନ୍ତତାଗୁଡ଼ିକ ଭିତରେ ଆତ୍ମସଂହରଣ କରି ତଦ୍ୱାରା ଆତ୍ମାରେ ଅଧିଷ୍ଠିତ ରହିଥିବା ପୁରୁଷର ବିଜୟ ହେଲା ବୋଲି କୁହାଯାଏ । ଏହି ଜଗତ୍ ହେଉଛି ଦ୍ୱନ୍ଦ୍ୱର ଏକ ଅନ୍ୟ ନାମ; ତେଣୁ ଏହି ଦ୍ୱନ୍ଦ୍ୱତତ୍ତ୍ୱଟିକୁ ତା'ର ଚରମ ସମ୍ଭାବନା ପର୍ଯ୍ୟନ୍ତ ପ୍ରଲମ୍ବିତ କରିନେଇ, ଜଗତ୍ ସହିତ ଲାଗିଥିବା ଦଉଡ଼ିଟିକୁ କାଟିଦେଇ ଏବଂ ତଦ୍ୱାରା ଜଗତଠାରୁ ସଂପୂର୍ଣ୍ଣରୂପେ ବିଚ୍ଛିନ୍ନ ହୋଇପାରିଲେ ଯାଇ ଏହି ଦ୍ୱନ୍ଦ୍ୱଜନିତ ଜଟିଳତାଗୁଡ଼ିକର ସମାଧାନ ହୋଇପାରିବ,—ଏହିପରି ଅନୁମାନ କରାଯାଏ ।

ମାତ୍ର ଏହି ପରାଜୟ ଓ ବିଜୟଗୁଡ଼ିକୁ ଆମେ କେବଳ ଏକ ଭ୍ରମ ବୋଲି କହିବା, ଏହି ସମାଧାନକୁ ସମାଧାନ ନ କହି ସମସ୍ୟା ପାଖରୁ ପଳାଇ

'oaob.nitrkl.ac.in' images reprocessed

ଯିବା ବୋଲି କହିବା । ପ୍ରାଣ ଜଡ଼ଦ୍ୱାରା କେବେହେଲେ ପରାଭୂତ ହୁଏ ନାହିଁ, ପ୍ରାଣର ଗତିକୁ ଅବ୍ୟାହତ ରଖିବା ଉଦ୍ଦେଶ୍ୟରେ ମୃତ୍ୟୁକୁ ସାଧନରୂପେ ବ୍ୟବହାର କରି ପ୍ରାଣ ଜଡ଼ ସହିତ କେବଳ ଏକ ଆପୋଷ ମୀମାଂସାହିଁ କରିଥାଏ । ପ୍ରାଣ ଓ ଜଡ଼ ଉପରେ ମନ ପ୍ରକୃତରେ କୌଣସି ଜୟଲାଭ କରେ ନାହିଁ, ଆପଣାର ଅନ୍ତର୍ନିହିତ କେତେକ ସମ୍ଭାବନାକୁ ବର୍ଜନ କରି ମନ କେବଳ ଆଉ କେତେକ ସମ୍ଭାବନାକୁ ବଡ଼ ଅପୂର୍ଣ୍ଣଭାବରେ ବିକଶିତ କରିବାକୁହିଁ ସମର୍ଥ ହୋଇଥାଏ । ପ୍ରାଣ ଓ ଦେହକୁ ଅଧିକ ଯଥାର୍ଥ ଭାବରେ କାର୍ଯ୍ୟରେ ଲଗାଇଥିଲେ, ଯେଉଁସବୁ ସମ୍ଭାବନା ଅବିକଶିତ ଓ ବର୍ଜିତ ହୋଇ ରହିଗଲା, ହୁଏତ ସେଗୁଡ଼ିକର ବିକାଶ ମଧ୍ୟ ସମ୍ଭବ ହୋଇ ପାରିଥା'ନ୍ତା । ମନ, ପ୍ରାଣ ଓ ଦେହର ନିମ୍ନତର ତିନି ତତ୍ତ୍ୱ ଉପରେ ବ୍ୟକ୍ତି-ଆତ୍ମା ପ୍ରକୃତରେ କୌଣସି ବିଜୟ ହାସଲ କରେ ନାହିଁ, ଏହା କେବଳ ତା'ର ଆପଣା ଉପରେ ସେଗୁଡ଼ିକର ଦାବିକୁ ପ୍ରତ୍ୟାଖ୍ୟାନ କରିଦିଏ ଏବଂ ବିଶ୍ୱରୂପରେ ପ୍ରଥମେ ପ୍ରତିଷ୍ଠିତ ହେବା ସମୟରେ ଆତ୍ମା ଯେଉଁ କାର୍ଯ୍ୟଟି ସମ୍ପନ୍ନ କରିବାର ଦାୟିତ୍ୱ ଗ୍ରହଣ କରିଥିଲା, ସେହି କାର୍ଯ୍ୟଟିକୁ ଛାଡ଼ି ପଳାଇଯାଏ । ତେଣୁ ସମସ୍ୟାଟି ଅସମାହିତ ହୋଇ ରହିଯାଏ, କାରଣ ଏହି ବିଶ୍ୱରେ ଦିବ୍ୟ ପୁରୁଷର କର୍ମ ତଥାପି ଲାଗି ରହିଥାଏ । ମାତ୍ର ସମସ୍ୟାଟିର କୌଣସି ସନ୍ତୋଷଜନକ ସମାଧାନ ହୋଇ ନଥାଏ ଏବଂ ଦିବ୍ୟ ପୁରୁଷର କର୍ମରେ ମଧ୍ୟ କୌଣସି ବିଜୟସିଦ୍ଧି ଉପଲବ୍ଧ ହୁଏ ନାହିଁ । ଏହି ଆଲୋଚନାଟିରେ ଆମ ନିଜର ଦୃଷ୍ଟିକୋଣଟି ହେଉଛି ଯେ ସଚ୍ଚିଦାନନ୍ଦହିଁ ଆଦି, ମଧ୍ୟ ଏବଂ ଅନ୍ତ୍ୟସ୍ୱରୂପ; ଏବଂ ସେହି ସଂଗ୍ରାମ ଓ ସେହି ବିସମ୍ବାଦକୁ ଆମେ ତାଙ୍କ ସ୍ୱରୂପସତ୍ତାର ଶାଶ୍ୱତ କିମ୍ବା ମୌଳିକ ତତ୍ତ୍ୱବୋଲି କଦାପି କହିପା'ରିବା ନାହିଁ । ବରଂ ଏଗୁଡ଼ିକର ଅସ୍ତିତ୍ୱହିଁ ଏକ ପରିପୂର୍ଣ୍ଣ ସମାଧାନ ଓ ବିଜୟଲାଭ ଉଦ୍ଦେଶ୍ୟରେ ଏକ ପ୍ରୟାସ ଅବ୍ୟାହତ ରହିଛି ବୋଲି ଆମକୁ ଯଥେଷ୍ଟ ସଙ୍କେତ ଦେଉଛି । ତେଣୁ ଜଡ଼ ଉପରେ ପ୍ରାଣର ଏକ ଯଥାର୍ଥ ବିଜୟ ଭିତରେହିଁ ଆମେ ସେହି ସମାଧାନଟିକୁ ଖୋଜିବାକୁ ଯିବା । ପ୍ରାଣ ଏହି ଦେହକୁ ମୁକ୍ତ ଓ ପରିପୂର୍ଣ୍ଣ ଭାବରେ ଆପଣାର କାର୍ଯ୍ୟରେ ଲଗାଇ ପାରିଲେ ସେହି ଯଥାର୍ଥ ବିଜୟ ସମ୍ଭବ ହେବ । ପ୍ରାଣ ଓ ଜଡ଼ ଉପରେ ମନର ଯଥାର୍ଥ ବିଜୟଦ୍ୱାରା ଆମେ ସମସ୍ୟାଟିର ସମାଧାନ କରିପାରିବା, ଏବଂ ମନ ପ୍ରାଣଶକ୍ତି ତଥା ପ୍ରାଣରୂପକୁ ମୁକ୍ତ ଓ ପରିପୂର୍ଣ୍ଣ ଭାବରେ ଆପଣାର କାର୍ଯ୍ୟରେ ଲଗାଇ ପାରିଲେ ସେହି ଯଥାର୍ଥ ବିଜୟ ସମ୍ଭବ ହେବ । ମନ, ପ୍ରାଣ ଓ ଦେହର ତିନି ତତ୍ତ୍ୱ ଉପରେ ପରମ ଆତ୍ମାର ଯଥାର୍ଥ ବିଜୟଦ୍ୱାରା ସମସ୍ୟାଟର ସମାଧାନ ହେବ, ଏବଂ ସଚେତନ ଆତ୍ମା ମନ, ପ୍ରାଣ ଓ ଦେହକୁ ମୁକ୍ତ ଓ ପରିପୂର୍ଣ୍ଣ ଭାବରେ ଅଧିକାର କରିପାରିଲେ ସେହି ଯଥାର୍ଥ ବିଜୟ ସମ୍ଭବ ହେବ । ଏବଂ ଆମର ପ୍ରତିପାଦିତ ଦୃଷ୍ଟିକୋଣଟି ଅନୁସାରେ କେବଳ ଏହି ଶେଷୋକ୍ତ ବିଜୟଟି ଦ୍ୱାରାହିଁ ଅନ୍ୟ

'oaob.nitrkl.ac.in' images reprocessed

ବିଜୟଗୁଡ଼ିକ ଯଥାର୍ଥରେ ସମ୍ଭବ ହୋଇପାରିବ । ଯଥାର୍ଥ ଜ୍ଞାନର ପରିଚୟ ଲାଭ କରିବାକୁ ଯାଇ ଆମେ ଏଥିପୂର୍ବରୁ ମନ, ଆତ୍ମା ଓ ପ୍ରାଣର ଯଥାର୍ଥ ରୂପଗୁଡ଼ିକୁ ଆବିଷ୍କାର କରିସାରିଛୁ; ଠିକ୍ ସେହିପରି ଏଠାରେ ଆଲୋଚିତ ବିଜୟଗୁଡ଼ିକ ପ୍ରକୃତରେ ଆଦୌ ଅଥବା ସମ୍ପୂର୍ଣ୍ଣଭାବରେ ସମ୍ଭବ କି ନାହିଁ, ସେଇଟି ଜାଣିବା ସକାଶେ ଆମକୁ ବର୍ତ୍ତମାନ ଜଡ଼ର ସ୍ୱରୂପଟିକୁ ମଧ୍ୟ ଆବିଷ୍କାର କରିବାକୁ ପଡ଼ିବ ।

ଗୋଟିଏ ଅର୍ଥରେ ବିଚାର କଲେ ଜଡ଼ର କୌଣସି ଯାଥାର୍ଥ୍ୟ ନାହିଁ, କୌଣସି ଯଥାର୍ଥ ଅସ୍ତିତ୍ୱ ନାହିଁ । ଅର୍ଥାତ୍, ଜଡ଼ ସମ୍ବନ୍ଧରେ ବର୍ତ୍ତମାନ ଆମର ଯେତିକି ଜ୍ଞାନ, ଅବଧାରଣା ବା ଅନୁଭୂତି ରହିଛି, ତାହା କଦାପି ଜଡ଼ର ସତ୍ୟପରିଚୟ ନୁହେଁ; ଏହାକୁ ଆମେ ବିଚରଣ କରୁଥିବା ଏହି ଜଗତ୍ ଓ ଆମର ଇନ୍ଦ୍ରିୟଗୁଡ଼ିକ ମଧ୍ୟରେ ରହିଥିବା ଏକ ବିଶେଷ ସମ୍ବନ୍ଧରୁ ଉତ୍ପନ୍ନ କେବଳ ଏକ ପ୍ରତିଭାସ ବୋଲି କୁହାଯାଇ ପାରିବ । ଜଡ଼ ଶକ୍ତିରେ ପର୍ଯ୍ୟବସିତ ହୁଏ ବୋଲି ଆବିଷ୍କାର କରି ବିଜ୍ଞାନ ଏକ ମୌଳିକ ବିଶ୍ୱସତ୍ୟର ଉଦ୍‌ଘାଟନ କରିପାରିଛି; ଠିକ୍ ସେହିପରି କେବଳ ଚୈତନ୍ୟର ବସ୍ତୁଫଳିତ ପ୍ରତିଭାସରୂପେହିଁ ଜଡ଼ର କୌଣସି ଅସ୍ତିତ୍ୱ ରହିଛି ଏବଂ ଆତ୍ମା ଅର୍ଥାତ୍ ଶୁଦ୍ଧ ଚେତନାମୟ ସତ୍ତାହିଁ ଏକମାତ୍ର ସତ୍ୟ ବୋଲି ଆବିଷ୍କାର କରି ଦର୍ଶନ ତା'ଠାରୁ ଏକ ବୃହତ୍ତର, ପରିପୂର୍ଣ୍ଣତର ଓ ଅଧିକ ମୌଳିକ ଏକ ସତ୍ୟର ଉଦ୍‌ଘାଟନ କରିଦେଇଛି । ମାତ୍ର ଶକ୍ତି କାହିଁକି କେବଳ ଶକ୍ତିପ୍ରବାହରୂପେ ଅବସ୍ଥିତ ନରହି ଜଡ଼ରୂପ ଗ୍ରହଣ କରୁଛି, ଏବଂ ଯିଏ ଯଥାର୍ଥରେ ଶୁଦ୍ଧାତ୍ମସ୍ୱରୂପ, ସିଏ କାହିଁକି ଚିନ୍ମୟ ସତ୍ତାର ପ୍ରଶାନ୍ତ ସ୍ଥିତି, ଉନ୍ମେଷହୀନ ଆକାଙ୍‌କ୍ଷା ଓ ଆନନ୍ଦର ନିରାଲମ୍ବ ବିଳାସ ମଧ୍ୟରେ ନିଶ୍ଚିନ୍ତ ହୋଇ ନରହି ଜଡ଼ସୃଷ୍ଟିର ଏହି ଖେଳ ଖେଳିବାରେ ଲାଗିଛନ୍ତି, ଏହି ପ୍ରଶ୍ନଟି ତଥାପି ଅସମାହିତ ରହିଯାଉଛି । କେହି କେହି ଏହାକୁ ମନର ଏକ ଖେଳ ବା କ୍ରୀଡ଼ାବ୍ୟାପାର ବୋଲି କହନ୍ତି; ଅଥବା ସ୍ପଷ୍ଟତଃ ଭାବନା ପ୍ରତ୍ୟକ୍ଷ ଭାବରେ ପଦାର୍ଥର ଜଡ଼ରୂପକୁ ସୃଷ୍ଟି କରୁ ନଥିବାରୁ କିମ୍ବା ତାହାକୁ ଅନୁଭବ କରୁ ନ ଥିବାରୁ ଆମର ଇନ୍ଦ୍ରିୟଗ୍ରାମହିଁ ଏହି ସୃଷ୍ଟିର ଭିଆଣ କରିଛି ବୋଲି ସେମାନେ କହିଥା'ନ୍ତି । ସେମାନଙ୍କ ମତରେ ଇନ୍ଦ୍ରିୟଗତ ମନ ଆପଣାର ପ୍ରତୀତ ଅନୁଭୂତିଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ ରୂପଗୁଡ଼ିକର ସୃଷ୍ଟି କରୁଛି । ଏବଂ ଭାବନାଗତ ମନର ସମ୍ମୁଖରେ ଇନ୍ଦ୍ରିୟଗତ ମନ ଯେଉଁ ରୂପଗୁଡ଼ିକୁ ଆଣି ଥୋଇଦେଉଛି, ଭାବନାଗତ ମନ ତାହାକୁ ପୁଞ୍ଜି କରି ଆପଣାର କାର୍ଯ୍ୟ ଆରମ୍ଭ କରିଦେଉଛି । ମାତ୍ର ଏକଥା ସ୍ପଷ୍ଟ ହୋଇଯିବା ଉଚିତ ଯେ ଶରୀରସ୍ଥ ବ୍ୟଷ୍ଟି-ମନ କଦାପି ଜଡ଼ର ସୃଷ୍ଟି କରୁ ନାହିଁ । ଏହି ବିଶ୍ୱଜଗତକୁ ଆମେ କଦାପି ମନୁଷ୍ୟମନର ପ୍ରସୂତ ବୋଲି କହିପାରିବା ନାହିଁ, କାରଣ ମନୁଷ୍ୟର ମନ ସ୍ୱୟଂ ହେଉଛି ଏହି ବିଶ୍ୱଜଗତର ଏକ ପରିଣାମ । କେବଳ



'oaob.nitrkl.ac.in' images reprocessed

ଆମର ମନ ଭିତରେହିଁ ଏହି ବିଶ୍ୱର ଯାହାକିଛି ଅସ୍ତିତ୍ୱ ରହିଛି ବୋଲି କହିଲେ ଆମେ କେବଳ ଏକ ଅବାସ୍ତବ ଅସତ୍ୟରହିଁ ଘୋଷଣା କରିଥାଉ ଏବଂ ଆମ ନିଜର ସ୍ତରଗତ ଅସ୍ପଷ୍ଟତାଟିକୁ ବ୍ୟକ୍ତ କରିଥାଉ । କାରଣ ମନୁଷ୍ୟର ଆବିର୍ଭାବ ହେବା ପୂର୍ବରୁ ମଧ୍ୟ ଏହି ଭୌତିକ ବିଶ୍ୱଜଗତ ଅବସ୍ଥିତ ରହିଥିଲା, ଏବଂ ମଣିଷ ଏଠୁ ଅନ୍ତର୍ହିତ ହୋଇଯିବା ପରେ ବି ଏବଂ ଏପରିକି ପରମ ଅନନ୍ତ ମଧ୍ୟରେ ଏକଲୀନ ହୋଇ ଆମର ବ୍ୟକ୍ତି-ମନ ଆପଣାକୁ ବିଲୁପ୍ତ କରିଦେବା ପରେ ମଧ୍ୟ ଏହି ବିଶ୍ୱଜଗତ ତଥାପି ରହିଥିବ । ତେଣୁ ଏକ ସାର୍ବଭୌମ ବିଶ୍ୱମନ* ଅବଶ୍ୟ ରହିଛି ବୋଲି ମାନିନେବାକୁ ପଡ଼ିବ । ଏହା ଆମ ଲାଗି ବିଶ୍ୱର ରୂପ ଭିତରେ ଅବଚେତନ ହୋଇ ରହିଛି ଏବଂ ଏହାର ଆତ୍ମଗତ ସ୍ୱରୂପରେ ଆମ ଲାଗି ଅତିଚେତନ ହୋଇ ରହିଛି । ଏହି ବିଶ୍ୱମନ ଆପଣାର ସଦନରୂପେ ବିଶ୍ୱରୂପର ରଚନା କରିଛି । ନ୍ୟାୟତଃ ସୃଷ୍ଟିକର୍ତ୍ତାହିଁ ତାଙ୍କ ସୃଷ୍ଟିର ଆଗରୁ ଅବତୀର୍ଣ୍ଣ ହୋଇଥିବେ ଏବଂ ତା'ଠାରୁ ଅଧିକ ସାମର୍ଥ୍ୟସମ୍ପନ୍ନ ହୋଇଥିବେ, ତେଣୁ ସ୍ୱୀକାର କରିବାକୁ ହେବ ଯେ ଏକ ଅତିଚେତନ ମନ ଆପଣାର ସାର୍ବଭୌମ ବୋଧରୂପୀ କର୍ମସାମର୍ଥ୍ୟ ଦ୍ୱାରା ଆପଣା ଭିତରେ ରୂପ ସହିତ ରୂପର ସମ୍ବନ୍ଧବୈଚିତ୍ର୍ୟ ସୃଷ୍ଟି କରିବାକୁ ପ୍ରବୃତ୍ତ ହୋଇଛି ଏବଂ ଏହି ଭୌତିକ ବିଶ୍ୱଜଗତର ଛନ୍ଦୋମୟତାଟିର ରଚନା କରିଛି । ତଥାପି ଏତିକରେ ଆମେ କଦାପି ସମ୍ପୂର୍ଣ୍ଣ ସମାଧାନ ପାଇପାରିବା ନାହିଁ । ଜଡ଼କୁ ଏହା ଚୈତନ୍ୟରହିଁ ଏକ ସୃଷ୍ଟି ବୋଲି କହୁଛି ସତ, ମାତ୍ର ବିଶ୍ୱରଚନାର ଭିତ୍ତିରୂପେ ଚୈତନ୍ୟ କିଭଳି ଭାବରେ ଜଡ଼ର ସୃଷ୍ଟି କରିଛି, ସେଥିରେ ଆମକୁ ତାହାର କୌଣସି ବ୍ୟାଖ୍ୟା ମିଳୁ ନାହିଁ ।

* ଆମେ ମନକୁ ଯେଉଁଭଳି ଜାଣିଛୁ, ସେହି ଦୃଷ୍ଟିରୁ ତା'ର ସୃଷ୍ଟି କରିବାର ଶକ୍ତି କେବଳ ଆପେକ୍ଷିକ । ଏହି ସୃଷ୍ଟିକାର୍ଯ୍ୟରେ ମନ କେବଳ ଏକ ସାଧନରୂପେ କାମରେ ଲାଗିଥାଏ । ମନ ଭିତରେ ଯୋଡ଼ିବିଯୋଡ଼ି କରିବାର ଅସୀମ ସାମର୍ଥ୍ୟ ରହିଥିଲେହେଁ ଏହାର ସୃଷ୍ଟିଶୀଳ କଳ୍ପନା ଓ ମୂଳ ଆକାରଗୁଡ଼ିକ ଉପରୁ ଏହା ପାଖକୁ ଆସିଥାଏ । ମନ, ପ୍ରାଣ ଓ ଦେହର ଅତୀତ ହୋଇ ଅବସ୍ଥିତ ରହିଥିବା ପରମ ଅନନ୍ତତତ୍ତ୍ୱରେହିଁ ସକଳ ସୃଷ୍ଟ ରୂପର ଆଧାର ପ୍ରତିଷ୍ଠିତ ହୋଇ ରହିଛି; ଏହି ଜଗତରେ ସେଗୁଡ଼ିକର କେବଳ ପୁନର୍ରଚନା ହୋଇଛି, ପ୍ରତିଫଳନ ହୋଇଛି, ହୁଏତ ଅଧିକାଂଶତଃ ବିକୃତ ରଚନାହିଁ ହୋଇଛି । ସେଗୁଡ଼ିକର ମୂଳ ଉପରେ ରହିଛି, ଶାଖାପ୍ରଶାଖା ତଳଆଡ଼କୁ ଲମ୍ବି କରି ରହିଛି,—ଋକ୍‌ବେଦରେ ଜଗତର ଏହିପରି ବର୍ଣ୍ଣନା କରାଯାଇଛି । ଆମେ ଯାହାକୁ ଅତିଚେତନ ମନ ବୋଲି କହୁଛୁ, ତାହାକୁ ହୁଏତ ଅଧିକ ଯୁକ୍ତିଯୁକ୍ତ ଭାବରେ ଅଧିମାନସ ବୋଲି କୁହାଯାଇପାରେ । ଆତ୍ମାର ନାନା ସାମର୍ଥ୍ୟର ସ୍ତରଗତ ସୋପାନକ୍ରମରେ ଏହାର ସ୍ଥାନ ଅତିମାନସର କୌଣସି ଏକ ସମାଶ୍ରିତ ଭୂମିରେ, ଯେଉଁଠି କି ତାହା ଅତିମାନସ ଚେତନା ଉପରେ ପ୍ରତ୍ୟକ୍ଷଭାବେ ନିର୍ଭରଶୀଳ ହୋଇ ରହିଛି ।

'oaob.nitrkl.ac.in' images reprocessed

ବସ୍ତୁନିଚୟର ମୂଳ ତତ୍ତ୍ୱଟି ପାଖକୁ ଫେରିଯାଇ ପାରିଲେ ଆମେ ଏସବୁ କଥା ଆହୁରି ଭଲ କରି ବୁଝିପାରିବା । ଚିତ୍‌ଶକ୍ତି ହେଉଛି ଶୁଦ୍ଧ ସତ୍ତ୍ୱର କ୍ରିୟାତ୍ମକ ରୂପ, ଏବଂ ସେହି ଚିତ୍‌ଶକ୍ତିହିଁ ତା'ର ଆତ୍ମକୃତିଗୁଡ଼ିକୁ ତାହାରି ଆତ୍ମଚେତନା ଭିତରେ ବିବିଧ ରୂପାୟନରେ ପ୍ରକାଶିତ କରି ଦେଇଥାଏ । ପୁଣି ଶକ୍ତି ହେଉଛି ଅଦ୍ୱୟରୂପେ ବିରାଜିତ ରହିଥିବା ଚିନ୍ମୟ ପରମ ସତ୍ତ୍ୱର କ୍ରିୟାତ୍ମକ ସ୍ପନ୍ଦନ ମାତ୍ର । ତେଣୁ ତାହାର ପରିଣାମସକଳ ମଧ୍ୟ ସେହି ଚିନ୍ମୟ ପରମ ସତ୍ତ୍ୱର ରୂପାୟନ ବ୍ୟତୀତ ଆଉ ଅନ୍ୟକିଛି ହୋଇପାରିବ ନାହିଁ । ତେଣୁ ବସ୍ତୁ ବା ଜଡ଼କୁ ଆମେ କେବଳ ବ୍ରହ୍ମ ବା ଆତ୍ମାରହିଁ ଏକ ରୂପ ବୋଲି କହିବା । ବ୍ରହ୍ମର ଏହି ରୂପଟି ଆମର ଇନ୍ଦ୍ରିୟବୋଧକୁ ଯେଉଁଭଳି ଭାବରେ ଦୃଷ୍ଟିଗୋଚର ହୋଇଥାଏ, ମନର ବିଭାଜନଧର୍ମୀ କ୍ରିୟାଟିର ପରିଣାମସ୍ୱରୂପହିଁ ତାହା ଘଟିଥାଏ । ଏହି ମନରୁହିଁ ଆମେ ସକଳ ଜଗତ୍‌ପ୍ରତିଭାସର ଏକ ଯୁକ୍ତିସଙ୍ଗତ ବ୍ୟାଖ୍ୟା ପାଇବାକୁ ସମର୍ଥ ହୋଇଛୁ । ପ୍ରାଣଶକ୍ତିକୁ ଆମେ ଚିତ୍‌ଶକ୍ତିର ଏକ କ୍ରିୟା ବୋଲି ଜାଣିଛୁ ଏବଂ ଭୌତିକ ରୂପଗୁଡ଼ିକୁ ଏହାର ପରିଣାମ ବୋଲି ଜାଣିଛୁ । ସେହି ରୂପଗୁଡ଼ିକ ଭିତରେ ନିହିତ ରହିଥିବା ପ୍ରାଣଶକ୍ତି ସେଗୁଡ଼ିକ ଭିତରେ ପ୍ରଥମେ ନିଶ୍ଚେତନ ଶକ୍ତିରୂପେ ଆବିର୍ଭୂତ ହେଉଛି ଏବଂ ପୁନର୍ବିବର୍ତ୍ତିତ ହୋଇ ଶକ୍ତିର ଯଥାର୍ଥ ଆତ୍ମାରୂପେ ଅବସ୍ଥିତ ରହିଥିବା ଚୈତନ୍ୟକୁହିଁ ପୁଣି ମନରୂପେ ପ୍ରକାଶିତ କରୁଛି । ଏହି ଚୈତନ୍ୟ ଶକ୍ତି ଭିତରେ ସବୁବେଳେ ଅବସ୍ଥିତ ରହିଥିଲା, ପ୍ରକାଶିତ ହେବା ପୂର୍ବରୁ ମଧ୍ୟ ଏହା ତାହାରି ଭିତରେ ଅବ୍ୟକ୍ତଭାବେ ଅବସ୍ଥାନ କରୁଥିଲା । ଆମେ ମନକୁ ମଧ୍ୟ ମୂଳ ସଚେତନ ଜ୍ଞାନ ଅଥବା ଅତିମାନସର ଏକ ଗୌଣ ଶକ୍ତି ବୋଲି ଜାଣିଛୁ, ପ୍ରାଣ ମଧ୍ୟ ଏହି ଅତିମାନସ ଶକ୍ତିର ଏକ ସାଧନ-ଶକ୍ତିରୂପେ କାର୍ଯ୍ୟ କରୁଛି । କାରଣ ଅତିମାନସର ସେତୁ ଦେଇ ଅବତରଣ କରିବାପରେ ଚିତ୍ ମନରୂପେ ପ୍ରକାଶିତ ହେଉଛି, ଚୈତନ୍ୟର ସାମର୍ଥ୍ୟ ଅର୍ଥାତ୍ ତପସ୍ ପ୍ରାଣଶକ୍ତିରୂପେ ପ୍ରକାଶିତ ହେଉଛି । ଅତିମାନସରେ ଅବସ୍ଥିତ ଆପଣାର ଉଚ୍ଚତର ସତ୍ୟଟିରୁ ବିଚ୍ଛିନ୍ନ ହୋଇ ପ୍ରାଣଭିତରେ ବିଭାଜନର ପ୍ରତୀତି ଓ ପ୍ରତିଭାସ ଆଣିଦେଉଛି ଏବଂ ଆପଣାର ପ୍ରାଣସାମର୍ଥ୍ୟରେ ଅଧିକ ସଂବୃତ ରୂପଧାରଣ କରି ଏହା ପ୍ରାଣର ଭୂମିରେ ଅବଚେତନ ହୋଇ ରହୁଛି ଏବଂ ଏହିପରି ଭାବରେ ପ୍ରାଣର ଭୌତିକ କ୍ରିୟାଭୂମିରେ ଏହା ବାହାରକୁ ଏକ ନିଶ୍ଚେତନ ଶକ୍ତି ଭଳି ଦେଖାଯାଉଛି । ତେଣୁ ଜଡ଼ର ନିଶ୍ଚେତନା, ଜଡ଼ତା କିମ୍ବା ଅଣୁଗତ ବିକୀରଣ-ପ୍ରବୃତ୍ତି ଯାହା କହ ପଛକେ, ଆମର ଏହି ବିଶ୍ୱଜଗତକୁ ରୂପ ଦେଇଥିବା ମନଃସତ୍ତ୍ୱର ଏହି ସର୍ବବିଭାଜକ ଓ ଆତ୍ମବିବର୍ତ୍ତିକ କ୍ରିୟାଭିତରୁହିଁ ସେସବୁର ଉତ୍ପତ୍ତି ହୋଇଛି । ସୃଷ୍ଟି ଅଭିମୁଖରେ ଅବତରଣ କରି ଆସିବାର କ୍ରମରେ ମନ ଅତିମାନସର କେବଳ ଏକ ଶେଷ ପର୍ଯ୍ୟାୟର କ୍ରିୟା ହୋଇଥିବାରୁ ଏବଂ ପ୍ରାଣ ମନର ଏହି ଅବତରଣଦ୍ୱାରା ସଂଘଟିତ ଅଜ୍ଞାନମୟ ପରିବେଶରେ କାର୍ଯ୍ୟ କରୁଥିବା ଚୈତନ୍ୟ

'oaob.nitrkl.ac.in' images reprocessed

ଶକ୍ତିରହିଁ ଏକ କ୍ରିୟା ହୋଇଥିବାରୁ ଆମେ ଜଡ଼କୁ ମଧ୍ୟ ସେହି କ୍ରିୟାଶୀଳତାର ପରିଣାମସ୍ୱରୂପ ଚେତନ ସତ୍ତା ଧାରଣ କରୁଥିବା କେବଳ ଏକ ଶେଷ ପର୍ଯ୍ୟାୟର ରୂପ ବୋଲି ଜାଣିବାକୁ ପାଉଛୁ । ଏକ ସାର୍ବଭୌମ ବିଶ୍ୱମନର* କ୍ରିୟାଦ୍ୱାରା କେବଳ ପ୍ରତିଭାସର ଭୂମି ଉପରେ ଆପଣା ଭିତରେ ବହୁଧା ବିଭକ୍ତ ହୋଇ ପଡ଼ିଥିବା ସେହି ଅଦ୍ୱୟ ଚେତନ ସତ୍ତାର ଉପାଦାନ,—ଜଡ଼ କହିଲେ ଆମେ ତାହାକୁହିଁ ଜାଣିବା । ବ୍ୟକ୍ତି-ମନ ସେହି ବିଭାଜନର ପୁନରାବୃତ୍ତି କରୁଥାଏ ଓ ତାହାରି ଭିତରେ ଅଧିଷ୍ଠାନ କରୁଥାଏ । ମାତ୍ର ପରମ ଆତ୍ମାର, ପରମା ଶକ୍ତିର ଏକତ୍ୱ ତଥା ଜଡ଼ର ଯଥାର୍ଥ ଏକତ୍ୱରେ ଏହି ବିଭାଜନ କ୍ରିୟା କୌଣସି ହସ୍ତକ୍ଷେପ କରେ ନାହିଁ, ତାହାକୁ କୌଣସି ପ୍ରକାରେ ବିଲୁପ୍ତ କିମ୍ବା ନ୍ୟୂନ କରିଦିଏ ନାହିଁ ।

କିନ୍ତୁ ଏକ ଅବିଭାଜ୍ୟ ପରମ ସତ୍ତା ଭିତରେ ପୁଣି ଏହି ପ୍ରାତିଭାସିକ ଓ ବ୍ୟାବହାରିକ ବିଭାଜନ କାହିଁକି ? କାରଣ ବହୁତ୍ୱର ତତ୍ତ୍ୱଟିକୁ ଏହାର ସର୍ବଶେଷ ଅନ୍ତର୍ନିହିତ ସମ୍ଭାବନା ପର୍ଯ୍ୟନ୍ତ ବହନ କରିନେବାର ଦାୟିତ୍ୱଟି ମନ ଉପରେହିଁ ନ୍ୟସ୍ତ ହୋଇ ରହିଛି, ଏବଂ କେବଳ ବିଚ୍ଛିନ୍ନ ଓ ବିଭକ୍ତ କରିବାଦ୍ୱାରାହିଁ ଏହି ଦାୟିତ୍ୱଟି ସମ୍ପନ୍ନ କରାଯାଇପାରେ । ବହୁତ୍ୱ ଲାଗି ବହୁରୂପର ସୃଷ୍ଟି କରିବା ଉଦ୍ଦେଶ୍ୟରେ ମନକୁ ତୀବ୍ର ବେଗରେ ପ୍ରାଣ ଭିତରେ ପ୍ରବେଶ କରିବାକୁ ହୁଏ ଏବଂ ଏକ ବିଶୁଦ୍ଧ ଅର୍ଥାତ୍ ସୂକ୍ଷ୍ମ ତତ୍ତ୍ୱର ପରିବର୍ତ୍ତିରେ ସତ୍ତାର ସାର୍ବଭୌମ ତତ୍ତ୍ୱଟିକୁ ଏକ ସ୍ଥୂଳ ଓ ଭୌତିକ ଉପାଦାନର ପ୍ରତୀତି ଦେବାକୁ ହୁଏ । ଅର୍ଥାତ୍ ତାହାକୁ ପରମ ସତ୍ତାକୁ ଏପରି ଏକ ପ୍ରତୀତି ଦେବାକୁ ହୁଏ ଯାହାକି ସ୍ଥାୟୀ ବହୁତ୍ୱ ମଧ୍ୟରେ ଅବସ୍ଥିତ ସ୍ଥାୟୀ ବସ୍ତୁ ବା ବିଷୟରୂପେ ମନକୁ ସ୍ପର୍ଶ କରିବାଲାଗି ସମର୍ଥ ହୋଇପାରେ । କାରଣ ଯାହା ଶୁଦ୍ଧ ଚୈତନ୍ୟର ସମ୍ପର୍କରେ ଆସି ଆପଣାର ଶୁଦ୍ଧ ଶାଶ୍ୱତ ସତ୍ତା ଏବଂ ସତ୍ୟର କେବଳ କେତେକ ପରିମାଣରେ ଏକ ବୋଧ ଜାଗୃତ କରିପାରେ ଅଥବା ଚିନ୍ମୟ ସତ୍ତାର କୌଣସି ତତ୍ତ୍ୱକୁ ସୂକ୍ଷ୍ମ ଇନ୍ଦ୍ରିୟ ପାଖରେ କେବଳ ସ୍ୱଚ୍ଛନ୍ଦ ଭାବରେ ପ୍ରକାଶ କରିପାରେ, ଏଠାରେ ତାହାଦ୍ୱାରା ଆଦୌ କାମ ଚଳେ ନାହିଁ । ବିଷୟ-ଜଗତ୍ ସହିତ ମନର ସମ୍ପର୍କ ଘଟିଲେ ସେଥିରୁ ଇନ୍ଦ୍ରିୟବୋଧର ସୃଷ୍ଟି ହୁଏ । ମାତ୍ର ଏହି କ୍ଷେତ୍ରରେ ଏହାକୁ ଏକ ଅସ୍ପଷ୍ଟ ବହିର୍ମୁଖୀ ଇନ୍ଦ୍ରିୟବୋଧରେ ପରିଣତ ହେବାକୁ ପଡ଼େ, ଯାହାକିକି ତାହାର ସମ୍ପର୍କରେ ଆସୁଥିବା ସକଳ ପଦାର୍ଥର ବାସ୍ତବତା

---

* ଏଠାରେ ମନକୁ ଅମେ ସେହି ଶବ୍ଦଟିର ପ୍ରଶସ୍ତତମ ଅର୍ଥରେ ବ୍ୟବହାର କରିଛୁ । ଅତିମାନସ ଋତଚିତ୍‌ର ନିକଟତମ ହୋଇ ଅବସ୍ଥାନ କରୁଥିବା ଏବଂ ପରମ ଅଜ୍ଞାନର ସୃଷ୍ଟିରେ ପ୍ରଥମ ଉଦ୍‌ଗମ ସ୍ଥାନରୂପେ କାର୍ଯ୍ୟ କରୁଥିବା ଏକ ଅଧିମାନସ ଶକ୍ତିର କ୍ରିୟା ମଧ୍ୟ ଏହାରି ଭିତରେ ଅନ୍ତର୍ଭୁକ୍ତ ହୋଇ ରହିଛି ।

'oaob.nitrkl.ac.in' images reprocessed

ସମ୍ବନ୍ଧରେ ସମ୍ପୂର୍ଣ୍ଣ ନିଃସଂଶୟ ହେବାକୁ ହୋଇଥାଏ । ଅଧିମାନସ ଜରିଆରେ ମନ ଓ ପ୍ରାଣର ଭୂମିକୁ ସଚ୍ଚିଦାନନ୍ଦର ଅବତରଣ ସହିତ ତାହାର ଏକ ଅନିବାର୍ଯ୍ୟ ପରବର୍ତ୍ତୀ ପ୍ରକ୍ରିୟାରୂପେ ଶୁଦ୍ଧ ଧାତୁକୁ ମଧ୍ୟ ଜଡ଼ଧାତୁରୂପେ ଓହ୍ଲାଇ ଆସିବାକୁ ପଡ଼େ । ଏହି ଓହ୍ଲାଇ ଆସିବାଟି ସେହି ଇଚ୍ଛାର ଏକ ଅବଶ୍ୟମ୍ଭାବୀ ପରିଣାମରୂପେ ଘଟିଥାଏ, ଯେଉଁ ଇଚ୍ଛା ଏକ ସତ୍ତାକୁ ବହୁରେ ପରିଣତ କରିଥାଏ ଓ ଚେତନାର ବିଭିନ୍ନ କେନ୍ଦ୍ରରୁ ବିଷୟଗୁଡ଼ିକର ଜ୍ଞାନ ଲାଭ କରିଥାଏ ଏବଂ ଏହାକୁହିଁ ନିମ୍ନସ୍ତରର ଏହି ଭୂମିଟିରେ ଅବସ୍ଥିତ ରହି ସତ୍ତାର ଅନୁଭୂତି ଲାଭ କରିବାକୁ ଆପଣାର ପ୍ରଥମ ସାଧନ ହିସାବରେ ବ୍ୟବହାର କରେ । ବିଷୟସକଳର ଆଧ୍ୟାତ୍ମିକ ଆଧାରଭୂମି ଉପରକୁ ଫେରିଗଲେ ଆମେ ଦେଖିବାକୁ ପାଇବା ଯେ ବସ୍ତୁ ବା ଜଡ଼ର ପରିପୂର୍ଣ୍ଣ ଶୁଦ୍ଧ ସତ୍ତା ସେହି ଶୁଦ୍ଧ ଚିନ୍ମୟ ସ୍ୱୟମ୍ଭୂ ସତ୍ତା ଭିତରେ ମିଳାଇଯାଏ, ଯାହାକି ଆପଣାର ଆତ୍ମଜ୍ୟୋତିରେହିଁ ଆପଣାର ପରିଚୟ ସମ୍ବନ୍ଧରେ ସଚେତନ ରହିଥାଏ, ମାତ୍ର ତଥାପି ଆପଣାର ଚେତନାରେ ଆପଣାକୁ ଆପଣା ଜ୍ଞାନର ବିଷୟରୂପେ ଦେଖିବାକୁ ସମର୍ଥ ହୋଇ ନଥାଏ । ଏକତ୍ୱ ବା ତାଦାତ୍ମ୍ୟବୋଧଜନିତ ଅଧିମାନସ ଏହି ଆତ୍ମଜ୍ଞାନକୁ ଉପାଦାନ ଏବଂ ଆତ୍ମବିସୃଷ୍ଟିର ଆଲୋକରୂପେ ସଂରକ୍ଷିତ କରି ରଖେ, ମାତ୍ର ସୃଷ୍ଟିକାର୍ଯ୍ୟ ନିମିତ୍ତ ସତ୍ତାକୁ ତାହାର ଆପଣା ଚୈତନ୍ୟ ମଧ୍ୟରେହିଁ ବିଷୟୀ ତଥା ବିଷୟ ଅର୍ଥାତ୍ ଏକ ଓ ବହୁ ଉଭୟ ରୂପେ ଉପସ୍ଥାପିତ କରିଥାଏ । ବିଷୟୀରୂପୀ ପରମସତ୍ତା ସେଠାରେ ଏକ ପରମ ଜ୍ଞାନରେ ବିଧୃତ ହୋଇ ରହିଥା'ନ୍ତି, ଯାହାକି ଆପଣାର ସଂଜ୍ଞାନ ଶକ୍ତିଦ୍ୱାରା ଆପଣାକୁ ଆପଣା ଭିତରେ ଜ୍ଞାତା ଓ ଜ୍ଞେୟ ଉଭୟରୂପରେ ଦେଖିବାକୁ ସମର୍ଥ ହୁଅନ୍ତି, ପୁଣି ଯୁଗପତ୍ ଭାବରେ ଆପଣାର ପ୍ରଜ୍ଞାନ ଶକ୍ତିଦ୍ୱାରା ଆପଣା ଚେତନାର ପରିଧି ଭିତରେ ଆପଣାକୁ ଏକ ଜ୍ଞେୟ ବସ୍ତୁ କିମ୍ବା ଜ୍ଞେୟ ବସ୍ତୁସମୂହରୂପେ ପ୍ରକ୍ଷେପିତ କରି ରଖିବାକୁ ବି ସମର୍ଥ ହୁଅନ୍ତି । ଏହି ଜ୍ଞେୟ ବସ୍ତୁକୁ ସେ ନିଜଠାରୁ ଭିନ୍ନ ରୂପରେ ନୁହେଁ, ମାତ୍ର ନିଜର ଅଂଶ ଅଥବା ଅଂଶସମୂହରୂପେ ପ୍ରତ୍ୟକ୍ଷ କରନ୍ତି, ସତେ ଅବା ଆପଣା ଭିତରୁ ପୃଥକ୍ କରି କାଢ଼ି ନିଆଯାଇଥିବା ଏକ ଅଂଶରୂପେ ପ୍ରତ୍ୟକ୍ଷ କରନ୍ତି । ଅର୍ଥାତ୍, ଦୃଷ୍ଟିର ଏଭଳି ଏକ କେନ୍ଦ୍ରରୁ ଆପଣାକୁ ଦେଖିବାକୁ ଲାଗନ୍ତି, ଯେଉଁଠାରେ କି ସେ ଆପଣାକୁ ଜ୍ଞାତା, ସାକ୍ଷୀ ଅଥବା ପୁରୁଷରୂପେ କେନ୍ଦ୍ରୀଭୂତ କରିଥା'ନ୍ତି । ଏହି ପ୍ରଜ୍ଞାନରୁ କିପରି ମନଃସତ୍ତାର ଗତିସ୍ପନ୍ଦନ ଆରମ୍ଭ ହୁଏ, ଆମେ ସେକଥା ଆଲୋଚନା କରି ଦେଖିସାରିଛୁ । ଏହି ଗତିସ୍ପନ୍ଦନଦ୍ୱାରା ଚାଳିତ ହୋଇ ବ୍ୟଷ୍ଟିଚୈତନ୍ୟ ଆପଣା ସମଷ୍ଟିସତ୍ତାର ଏକ ଅନ୍ୟ ରୂପକୁ ଆପଣାଠାରୁ ସତେ ଅବା ଭିନ୍ନ ବୋଲି ମନେ କରିବାକୁ ଲାଗେ । ମାତ୍ର ଦିବ୍ୟ ମନ ଭିତରେ ସଙ୍ଗେସଙ୍ଗେ ବା ଯୁଗପତ୍ ଭାବରେ ଆଉ ଏକ ଅନ୍ୟ କ୍ରିୟା ଅଥବା ସେହି ଏକ କ୍ରିୟାର ବିପରୀତମୁଖୀ ଆଉ ଗୋଟିଏ ଧାରା ଲାଗି ରହିଥାଏ, ଯାହାକି ସତ୍ତାର ଅଖଣ୍ଡତା ସହିତ ନିରନ୍ତର ସଂଯୋଗ ରକ୍ଷା କରିଥାଏ, ତଦ୍ଦ୍ୱାରା ଏହି ପ୍ରାତିଭାସିକ

'oaob.nitrkl.ac.in' images reprocessed

ବିଭାଜନକୁ ନିଷ୍କଳୁଷ କରି ରଖେ ଏବଂ ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ ଏହି ବିଭାଜନକୁ ଜ୍ଞାତାର ଆଖିକୁ ସତ୍ୟ ପ୍ରତୀତ ହେବାକୁ ଦିଏ ନାହିଁ । ଦିବ୍ୟ ମନର ଏହି ସଚେତନ ମିଳନଟି ବିଭାଜନଧର୍ମୀ ଅଜ୍ଞାନାଚ୍ଛନ୍ନ ମନର ଦୃଷ୍ଟିରେ ବିକୃତ ଓ ସମ୍ପୂର୍ଣ୍ଣ ବହିର୍ମୁଖୀ ପରି ଦେଖାଯାଏ ଏବଂ ଚୈତନ୍ୟ ପାଖରେ ବିଭକ୍ତ ସତ୍ତା ଓ ବିଚ୍ଛିନ୍ନ ବସ୍ତୁସକଳର ସଂସ୍ପର୍ଶରୂପେ ପ୍ରତୀତ ହୁଏ । ପୁଣି ଆମ ଜୀବନକ୍ଷେତ୍ରକୁ ଆସି ବିଭକ୍ତ ଚେତନାର ଏହି ସଂସ୍ପର୍ଶ ମୂଳତଃ ଇନ୍ଦ୍ରିୟବୋଧର ଆକାର ଧାରଣ କରେ । ଇନ୍ଦ୍ରିୟବୋଧର ଏହି ଆଧାର ଉପରେ ଏବଂ ଭେଦବୃତ୍ତିର ଅଧୀନ ଏହି ମିଳନ ବା ସଂସ୍ପର୍ଶ ଉପରେ ଆମର ଭାବନାଗତ ମନ ଆପଣାକୁ ପ୍ରତିଷ୍ଠିତ କରି ରଖେ ଏବଂ ସେଇଠାରୁହିଁ ବିଭାଜନକୁ ଏକତ୍ୱର ଅଧୀନ ଓ ଅଧସ୍ତନ କରି ରଖାଯାଇଥିବା ପରମ ସମ୍ମିଳନର ଭିତରର ତତ୍ତ୍ୱଟି ମଧ୍ୟକୁ ପୁଣି ବାହୁଡ଼ି ଯିବାଲାଗି ଆପଣାକୁ ପ୍ରସ୍ତୁତ କରେ । ଅର୍ଥାତ୍, ଆମେ ଯାହାକୁ ଜଡ଼ବସ୍ତୁ ବୋଲି ଜାଣିଛୁ, ତାହାରି ରୂପାଧାର ଉପରେହିଁ ମନ ଇନ୍ଦ୍ରିୟକ୍ରିୟାର ମାଧ୍ୟମରେ ସେହି ଚେତନ ପରମ ସତ୍ତା ସହିତ ସମ୍ପର୍କ ଲାଭ କରିବାକୁ ଉଦ୍ୟତ ହୋଇଥାଏ, ଯାହାର ଏକ ଜ୍ଞାନମୟ ଗତିସ୍ପନ୍ଦନରୂପେହିଁ ଏହି ମନର ଉଦୟ ହୋଇଥାଏ ।

ମାତ୍ର ଆପଣାର ସ୍ୱଭାବଦ୍ୱାରା ପରିଚାଳିତ ହୋଇ ମନ ଚେତନସତ୍ତାର ଉପାଦାନଟିକୁ ତାହାର ଏକତା କିମ୍ବା ସମଗ୍ରତା ଦେଇ ଜାଣିବାକୁ କିମ୍ବା ଦେଖିବାକୁ ଇଚ୍ଛାକରେ ନାହିଁ, ମନ ତାହାକୁ ବିଭାଜନଧର୍ମୀ ତତ୍ତ୍ୱଟି ମଧ୍ୟଦେଇ ଦେଖିଥାଏ । ମନ ତାହାକୁ ସତତ ଅବା ଅଜସ୍ର ଓ ଅଗଣିତ କ୍ଷୁଦ୍ର ବିନ୍ଦୁରେ ପ୍ରତ୍ୟକ୍ଷ କରିଥାଏ ଏବଂ ଏକ ସମଗ୍ର ଅବଧାରଣାରେ ଉପନୀତ ହେବାଲାଗି ତାହା ସେଗୁଡ଼ିକୁ ଏକାଠି ଗଅଁଠାଇ ଧରିବାକୁ ଚେଷ୍ଟା କରେ । ଏବଂ ଏହିସବୁ ଦୃଷ୍ଟି-ବିନ୍ଦୁ ଓ ଦୃଷ୍ଟି-ସମାହାର ଭିତରେ ପ୍ରବେଶ କରି ବିଶ୍ୱମନ ତାହାରି ଭିତରେ ଅବସ୍ଥାନ କରୁଥାଏ । ସର୍ବମୟ ପରମ ସତ୍ତା ଯେପରି ତାଙ୍କର ଆତ୍ମବିଭାବଗୁଡ଼ିକୁ ତାଙ୍କର ସୃଜନଧର୍ମୀ ଚୈତନ୍ୟଶକ୍ତିର ନାନା ବିଚିତ୍ର ସାମର୍ଥ୍ୟରେ ପରିଣତ କରି ଦିଅନ୍ତି, ସେହିପରି ସେଠାରେ ଅବସ୍ଥିତ ରହିଥିବା ବିଶ୍ୱମନ ଆପଣାର ସକଳ ଅନୁଭବକୁ ପ୍ରାଣଶକ୍ତିରେ ପରିଣତ କରିଦେବାର ତାହାର ଆପଣା ସ୍ୱଭାବଟି ଦ୍ୱାରା ପରିଚାଳିତ ହୋଇ ସାର୍ବଭୌମ ଅସ୍ତିତ୍ୱର ଏହି ସକଳ ବିଚିତ୍ର ଦୃଷ୍ଟିଭଙ୍ଗୀକୁ ବିଶ୍ୱପ୍ରାଣର ନାନା ଭଙ୍ଗୀରେ ପରିଣତ କରିଦିଏ । ଜଡ଼ର ସ୍ତରରେ ବିଶ୍ୱମନ ସେଗୁଡ଼ିକୁ ଆଣବିକ ଅସ୍ତିତ୍ୱରେ ନାନା ରୂପରେ ପରିଣତ କରିଦିଏ, ସେଗୁଡ଼ିକୁ ବିଭିନ୍ନ ରୂପ ଦେଉଥିବା ପ୍ରାଣଶକ୍ତିରେ ପୂର୍ଣ୍ଣ କରିଦିଏ ଏବଂ ସେଗୁଡ଼ିକୁ ଏହି ରୂପାୟନକୁ ସମ୍ଭବ କରୁଥିବା ମନ ଓ ଇଚ୍ଛାଶକ୍ତିର ନିୟନ୍ତ୍ରଣାଧୀନ କରି ରଖେ । ପୁଣି ଏହା ଘଟିବା ସଙ୍ଗେସଙ୍ଗେ ରୂପାୟିତ ଆଣବିକ ଅସ୍ତିତ୍ୱଗୁଡ଼ିକ ମଧ୍ୟ ସ୍ୱପ୍ରକୃତିର ବଶବର୍ତ୍ତୀ ହୋଇ ପରସ୍ପର ସହିତ ଏକତ୍ର ଓ ସମାହୃତ ହେବାକୁ ଇଚ୍ଛା କରନ୍ତି; ଏବଂ ଏହିଭଳି

'oaob.nitrkl.ac.in' images reprocessed

ଭାବରେ ସମ୍ଭବ ହେଉଥିବା ପ୍ରତ୍ୟେକଟି ସମଷ୍ଟି ମଧ୍ୟ ସେଗୁଡ଼ିକୁ ଆକୃତି ଦେଇଥିବା ପ୍ରଚ୍ଛନ୍ନ ପ୍ରାଣଶକ୍ତି ତଥା ସେଗୁଡ଼ିକୁ ସମ୍ଭବ କରାଇଥିବା ପ୍ରଚ୍ଛନ୍ନ ମନ ଓ ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହୋଇ ଏକ ସ୍ୱତନ୍ତ୍ର ବ୍ୟକ୍ତିଗତ ଅସ୍ତିତ୍ୱର ମିଥ୍ୟାଧାରଣାକୁ ବହନ କରିବାରେ ଲାଗିଥା'ନ୍ତି । ଏହିଭଳି ଭାବରେ ସମ୍ଭବ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଭାବାପନ୍ନ ବସ୍ତୁ ବା ଅସ୍ତିତ୍ୱ ଆପଣାର ଯନ୍ତ୍ରଭାବାପନ୍ନ ଅହଂଶକ୍ତିଟି ଦ୍ୱାରା ଆଶ୍ରିତ ହୋଇ ରହିଥାଏ । ଏହା ଭିତରେ ଅବସ୍ଥିତ ମନଟି ପ୍ରଚ୍ଛନ୍ନ ଓ ଅନଭିବ୍ୟକ୍ତ ଅବସ୍ଥାରେ ରହିଥିବା ସମୟରେ ଏପରି ହୋଇଥାଏ ଏବଂ ସେହି ଅହଂଶକ୍ତି ମଧ୍ୟରେ ଜୀବନରୂପେ ପ୍ରକାଶିତ ହୋଇ ଉଠିବାର ଇଚ୍ଛାଟି ନିର୍ବାକ୍ ଓ ଅବରୁଦ୍ଧ ଅଥଚ ପ୍ରବଳ ହୋଇ ରହିଥାଏ । ମାତ୍ର ଯେଉଁଠି ଅନ୍ତର୍ଗତ ମନଟି ବ୍ୟକ୍ତ ଓ ପ୍ରକାଶିତ ଅବସ୍ଥାକୁ ଆସି ଯାଇଥାଏ, ସେଠାରେ ଏହା ଆପଣାର ଆତ୍ମସଚେତନ ମାନସିକ ଅହଂଟି ଦ୍ୱାରା ଆଶ୍ରିତ ହୋଇ ରହିଥାଏ । ଏହି ଅହଂଟି ଭିତରେ ଜୀବନରୂପେ ପ୍ରକାଶିତ ହୋଇ ଉଠିବାର ଇଚ୍ଛାଟି ମୁକ୍ତିଲାଭ କରିଥାଏ ଏବଂ ସଚେତନ ଓ ସ୍ୱତନ୍ତ୍ର ଭାବେ କ୍ରିୟାଶୀଳ ହୋଇ ଯାଇଥାଏ ।

ତେଣୁ ଶାଶ୍ୱତ ଓ ମୂଳ ଜଡ଼ସତ୍ତାର କୌଣସି ଶାଶ୍ୱତ କିମ୍ବା ମୂଳ ବିଧାନ ନୁହେଁ, ମାତ୍ର ବଳମନର କ୍ରିୟାସ୍ୱଭାବଟିକୁହିଁ ଆମେ ଆଣବିକ ଅସ୍ତିତ୍ୱର କାରଣ ବୋଲି ଜାଣିବା । ଜଡ଼ ହେଉଛି ଏକ ବିସୃଷ୍ଟି ମାତ୍ର, ଏବଂ ଏହି ବିସୃଷ୍ଟିର ଆଦିବିନ୍ଦୁ ବା ଆଧାରରୂପେହିଁ ପରମ ଅନନ୍ତର ଅଗଣିତ ଓ ଅତିକ୍ଷୁଦ୍ର ଆଣବିକତାରୂପେ ବିଭକ୍ତ ହେବାର ପ୍ରୟୋଜନ ରହିଥିଲା । ଜଡ଼ର ପ୍ରାପ୍ୟ ଏକ ଆଧ୍ୟାତ୍ମିକ ଆଶ୍ରୟରୂପେ ଏକ ଅକ୍ଷର ସ୍ଥିତିରେ ଆକାଶ ବା ବ୍ୟୋମ ହୁଏତ ବର୍ତ୍ତମାନ ଥାଇପାରେ କିମ୍ବା ହୁଏତ ବର୍ତ୍ତମାନ ରହିଛି, ମାତ୍ର ଏକ ପ୍ରତିଭାସରୂପେ ଅନ୍ତତଃ ଆମର ବର୍ତ୍ତମାନ ଜ୍ଞାନସାଧନ ଦ୍ୱାରା ଆମେ ଏହାକୁ ଏକ ଜଡ଼ରୂପେ ଧରିପାରିବାକୁ ଏପର୍ଯ୍ୟନ୍ତ ସମର୍ଥ ହୋଇ ନାହୁଁ । ଦୃଶ୍ୟମାନ ବା ଆକୃତିବିଶିଷ୍ଟ ଅଣୁକୁ ପୁଣି ନାନା ମୌଳିକ ଅଣୁରେ ବିଭକ୍ତ କରାଯାଇ ପାରେ, ଏହାର ସତ୍ତାକୁ ଅଗଣିତ ଅତିକ୍ଷୁଦ୍ର ରେଣୁରେ ଭାଙ୍ଗି ଦିଆଯାଇପାରେ; ମାତ୍ର ଯେଉଁ ମନ ଓ ପ୍ରାଣଶକ୍ତି ଦ୍ୱାରା ସେଗୁଡ଼ିକର ନିର୍ମାଣ ହୋଇଛି, ତାହାର ସ୍ୱଭାବଦ୍ୱାରା ପରିଚାଳିତ ହୋଇ ଆମେ ତଥାପି କେବଳ ଏକ ଚରମ ଆଣବିକ ଅସ୍ତିତ୍ୱରେହିଁ ଆସି ଉପନୀତ ହେବା । ଏହି ଅବସ୍ଥାରେ ହୁଏତ ଏହା ସଦା ଅସ୍ଥିର ହୋଇ ରହିଥିବ, ମାତ୍ର ଶକ୍ତିର ଶାଶ୍ୱତ ପ୍ରବହମାନତା ଭିତରେ ଏହା ଆପଣାକୁ ଅବିରାମ ଭାବରେ କୌଣସି ନା କୌଣସି ଆକାରରେ ପୁନର୍ଗଠିତ କରିବାରେ ଲାଗିଥିବ, ମାତ୍ର କଦାପି ଶୂନ୍ୟଗର୍ଭ ଏକ ଅଣୁଭାବ ବର୍ଜିତ ଶୁଦ୍ଧ ବ୍ୟାପ୍ତିରେ ପର୍ଯ୍ୟବସିତ ହୋଇଯିବ ନାହିଁ । ବସ୍ତୁର ଅଣୁଭାବଶୂନ୍ୟ ବ୍ୟାପ୍ତି, ଯେଉଁଠି କେବଳ ବ୍ୟାପ୍ତି ରହିଛି, ମାତ୍ର ବିଭକ୍ତ ପଦାର୍ଥର କୌଣସି ସମଷ୍ଟି ନାହିଁ; ଏକ ସଙ୍ଗେ ବହୁର ସହାବସ୍ଥାନ ରହିଛି, ମାତ୍ର

'oaob.nitrkl.ac.in' images reprocessed

ଦେଶର ଭୂମି ଉପରେ ପୃଥକ୍ ଆକାରରେ ବିଚରିତ ହୋଇ ରହି ନାହିଁ;—ଏସବୁକୁ ଆମେ ବିଶୁଦ୍ଧ ସତ୍ତ୍ୱା ବା ବିଶୁଦ୍ଧ ବସ୍ତୁର ଧର୍ମ ବୋଲି ଜାଣିବା । ଏହିସବୁ ସତ୍ୟଜ୍ଞାନ କେବଳ ଅତିମାନସ ମଧ୍ୟରେହିଁ ତାହାର କ୍ରିୟାଶୀଳତାର ଏକ ତତ୍ତ୍ୱରୂପେ ଅବସ୍ଥିତ ରହିଛି, ବିଭାଜନଧର୍ମୀ ମନର ଏକ ସୃଜନାତ୍ମକ କଳ୍ପନାରୂପେ ଅବସ୍ଥିତ ରହି ନାହିଁ । ଅବଶ୍ୟ ଆପଣା କ୍ରିୟାଜାଲର ଅନ୍ତରାଳରେ ରହିଥିବା ଏଗୁଡ଼ିକୁ ଅନୁଭବ କରିବା ଲାଗି ମନ ଭିତରେ ବି ସାମର୍ଥ୍ୟ ରହିଛି । ଏହିସବୁ ସତ୍ୟ ଜଡ଼ର ଭିତ୍ତିରୂପେ ପ୍ରତିଷ୍ଠିତ ହୋଇଛି ସତ, ମାତ୍ର ଯେଉଁ ପ୍ରାତିଭାସିକ ଜଗଦ୍‌ବ୍ୟାପାରଟିକୁ ଆମେ ଜଡ଼ ବୋଲି କହୁ, ଏହା ତାହା ନୁହେଁ । ମନ, ପ୍ରାଣ ତଥା ଜଡ଼ ସେହି ଶୁଦ୍ଧ ସତ୍ତ୍ୱସ୍ୱରୂପ ଓ ତାହାର ଚିନ୍ମୟ ବ୍ୟାପ୍ତିରୂପୀ ଅବିଚଳ ସତ୍ୟଟି ସହିତ ଆପଣାର ଏକତ୍ୱ ଅନୁଭବ କରିବାକୁ ଅବଶ୍ୟ ସମର୍ଥ ହେବେ, ମାତ୍ର ଆପଣାର କ୍ରିୟାଶୀଳତା, ଆତ୍ମ-ଅବଧାରଣା ଏବଂ ଆତ୍ମରୂପାୟନରେ ସେହି ଏକତ୍ୱଭାବଟିକୁ ବହନ କରି କାର୍ଯ୍ୟ କରିବାକୁ ଆଦୌ ସମର୍ଥ ହେବେ ନାହିଁ ।

ତେଣୁ ଜଡ଼ର ସତ୍ୟ ବିଷୟରେ ଆମେ ବର୍ତ୍ତମାନ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିବା : ଶୁଦ୍ଧ ସତ୍ତ୍ୱସ୍ୱରୂପ ମଧ୍ୟରେ ଯେଉଁ ଅନ୍ତଃସଚେତନ ଆତ୍ମପ୍ରସାରଣର ସହଜ ଧର୍ମ ରହିଛି, ତାହାହିଁ ବିଶ୍ୱଲୀଳାରେ ବିଶ୍ୱ ଉପାଦାନ ବା ଚିଦ୍‌ବିଷୟରୂପେ ପ୍ରକାଶିତ ହୁଏ; ଏବଂ ବିଶ୍ୱମନ ଓ ବିଶ୍ୱପ୍ରାଣ ଆପଣାର ସୃଷ୍ଟିଧର୍ମୀ କ୍ରିୟାରେ ତାହାକୁହିଁ ଆଣବିକ ବିଭାଜନ ଓ ସମଷ୍ଟିକରଣର ଆକାରରେ ପ୍ରକଟ କରି ଦିଅନ୍ତି । ଏବଂ ଆମେ ତାହାକୁହିଁ ଜଡ଼ ବୋଲି ଜାଣୁ । ମାତ୍ର ମନ ଓ ପ୍ରାଣ ପରି ଏହି ଜଡ଼ ମଧ୍ୟ ଆପଣାର ଆତ୍ମସୃଷ୍ଟିମୂଳକ କ୍ରିୟାରେ ତଥାପି ପରମ ସତ୍ତ୍ୱା ଅର୍ଥାତ୍ ବ୍ରହ୍ମରୂପେ ଅବସ୍ଥିତ ରହିଥାଏ । ଜଡ଼ ହେଉଛି ଚିନ୍ମୟ ସତ୍ତ୍ୱାଗତ ସାମର୍ଥ୍ୟର ଏକ ଆକାର ମାତ୍ର; ମନ ଏହି ଆକାରକୁ ରୂପ ଦେଇଥାଏ ଓ ପ୍ରାଣ ତାହାକୁ ବସ୍ତୁରୂପେ ଫୁଟାଇ ଦେଇଥାଏ । ଆପଣାର ଯଥାର୍ଥ ସତ୍ୟରୂପେ ଏହା ଆପଣାଠାରୁ ପ୍ରଚ୍ଛନ୍ନ ରହିଥିବା ଚେତନାକୁହିଁ ଆପଣା ଭିତରେ ଧାରଣ କରିଥାଏ । ସେହି ଚେତନା ଏହାର ସ୍ୱକୀୟ ଆତ୍ମରୂପାୟନର ପରିଣାମଟି ଭିତରେ ଜଡ଼ିତ ଓ ନିମଜ୍ଜିତ ହୋଇ ରହିଥାଏ, ତେଣୁ ଆତ୍ମବିସ୍ମୃତ ହୋଇ ବି ରହିଥାଏ । ଏବଂ, ଜଡ଼କୁ ଆମେ ଯେତେ ଅଚେତନ ଓ ବୋଧ-ଶୂନ୍ୟ ବୋଲି ମନେକରୁ ନା କାହିଁକି, ତଥାପି ଆପଣା ଭିତରେ ରହିଥିବା ଅନ୍ତର୍ଗୂଢ଼ ଚେତନାଟିର ଗୋପନ ଅନୁଭବ ନିକଟରେ ଏହା ସତ୍ତ୍ୱାର ଆନନ୍ଦ ସହିତ ଏକରୂପ ହୋଇ ରହିଥାଏ । ସେହି ପ୍ରଚ୍ଛନ୍ନ ଦିବ୍ୟ ସତ୍ତ୍ୱାକୁ ତାହାର ସଂଗୁପ୍ତ ନିବାସଟିରୁ ବାହାରି ଆସି ପ୍ରକଟରୂପ ଧାରଣ କରିବା ଲାଗି ପ୍ରଲୁବ୍ଧ କରିବା ଉଦ୍ଦେଶ୍ୟରେ ଜଡ଼ହିଁ ଏହି ପ୍ରଚ୍ଛନ୍ନ ଚେତନା ପାଖରେ ଆପଣାକୁ ଇନ୍ଦ୍ରିୟଅନୁଭବର ବିଷୟରୂପେ ସମର୍ପିତ କରି ରଖିଥାଏ । ପରମସତ୍ତ୍ୱା ବସ୍ତୁଗତ ଉପାଦାନରୂପେ

'oaob.nitrkl.ac.in' images reprocessed

ପ୍ରକଟ ହେଉଛନ୍ତି, ପରମସତ୍ତ୍ୱର ସାମର୍ଥ୍ୟ ଆପଣାକୁ ରୂପାୟିତ କରିବାରେ ଲାଗିଛି, ସେହି ପ୍ରଚ୍ଛନ୍ନ ଆତ୍ମଚୈତନ୍ୟ ଆତ୍ମବ୍ୟାକୃତିର ନାନା ରୂପରେ ଫୁଟି ଉଠୁଛି, ଆନନ୍ଦ ଆପଣାର ଚୈତନ୍ୟ ସମ୍ମୁଖରେ ଆପଣାକୁ ଏକ ବିଷୟରୂପେ ଉତ୍ସର୍ଗ କରି ରଖୁଛି, —ଏହା ସଚ୍ଚିଦାନନ୍ଦ ବ୍ୟତୀତ ଆଉ କ'ଣ ହୋଇପାରେ ? ଜଡ଼ହିଁ ସଚ୍ଚିଦାନନ୍ଦ, ଜଡ଼ହିଁ ବ୍ରହ୍ମ । ସଚ୍ଚିଦାନନ୍ଦର ମନୋମୟ ଅନୁଭବ ଲାଗି ବହିର୍ଜଗତର ଜ୍ଞାନ, କ୍ରିୟା ଓ ଆନନ୍ଦମୟ ସତ୍ତ୍ୱର ଏକ ଆକାରପରିଧୃତ ଆଧାରରୂପେ ସ୍ୱୟଂ ତାହାର ଅଭିବ୍ୟକ୍ତି, —ତାହାକୁହିଁ ଆମେ ଜଡ଼ ବୋଲି ଜାଣିବା ।

'oaob.nitrkl.ac.in' images reprocessed

## ପଞ୍ଚବିଂଶ ପରିଚ୍ଛେଦ

# କଢ଼ର ଗଣ୍ଠି

ନାହଂ ଯାତୁଂ ସହସା ନ ଦ୍ୱୟେନ ଋତଂ ସପାମ୍ୟରୁଷସ୍ୟ ବୃଷ୍ଣଃ ।
···କେ ଧାସିମଗ୍ନେ ଅନୃତସ୍ୟ ପାନ୍ତି କ ଆସତୋ ବଚସଃ ସନ୍ତି ଗୋପାଃ ॥

—ଋକ୍‌ବେଦ, ୫।୧୨।୨,୪

ନିଜ ବଳରେ ଅଥବା ନିଜର ଦ୍ୱୈତବୁଦ୍ଧି ନେଇ ମୁଁ ସେହି ଜ୍ୟୋତିର୍ମୟ ପ୍ରଭୁଙ୍କର ସତ୍ୟ ଭିତରକୁ ଯାଇପାରୁ ନାହିଁ ।···ମିଥ୍ୟାର ଭିତ୍ତିକୁ କେଉଁମାନେ ଏପରି ସଂରକ୍ଷିତ କରି ରଖିଛନ୍ତି ? ଅନୃତବାଣୀକୁ କେଉଁମାନେ ପହରା ଦେଇ ଜଗି ରହିଛନ୍ତି ?

ନାସଦାସୀତ୍ ନୋଽସଦାସୀତ୍ ତଦାନୀଂ ନାସୀଦ୍ରଜୋ ନୋ ବ୍ୟୋମା
ପରୋ ଯତ୍ ।
କିମାବରୀବଃ କୁହ କସ୍ୟ ଶର୍ମନ୍ନମ୍ଭଃ କିମାସୀଦ୍ ଗହନଂ ଗଭୀରମ୍ ॥
ନ ମୃତ୍ୟୁରାସୀଦମୃତଂ ନ ତର୍ହି ନ ରାତ୍ର୍ୟା ଅହ୍ନ ଆସୀତ୍ ପ୍ରକେତଃ ।
ଆନୀଦବାତଂ ସ୍ୱଧୟା ତଦେକଂ ତସ୍ମାଦ୍ଧାନ୍ୟନ୍ନ ପରଃ କିଂ ଚନାସ ॥
ତମ ଆସୀତ୍ତମସା ଗୂଳ୍ହମଗ୍ରେଽପ୍ରକେତଂ ସଲିଳଂ ସର୍ବମା ଇଦମ୍ ।
ତୁଚ୍ଛ୍ୟେନାଭ୍ୱପିହିତଂ ଯଦାସୀତ୍ ତପସସ୍ତନ୍ମହିନାଜାୟତୈକମ୍ ॥
କାମସ୍ତଦଗ୍ରେ ସମବର୍ତ୍ତତାଧି ମନସୋ ରେତଃ ପ୍ରଥମଂ ଯଦାସୀତ୍ ।
ସତୋ ବନ୍ଧୁମସତି ନିରବିନ୍ଦନ୍ ହୃଦି ପ୍ରତୀଷ୍ୟା କବୟୋ ମନୀଷା ॥
ତିରଶ୍ଚୀନୋ ବିତତୋ ରଶ୍ମିରେଷାମଧଃ ସ୍ୱିଦାସୀଦୁପରି ସ୍ୱିଦାସୀତ୍ ।
ରେତୋଧା ଆସନ୍ ମହିମାନ ଆସନ୍ତ୍ସ୍ୱଧା ଅବସ୍ତାତ୍ ପ୍ରୟତିଃ ପରସ୍ତାତ୍ ॥

—ଋକ୍‌ବେଦ, ୧୦।୧୨୯।୧-୫

ସେତେବେଳେ ସତ୍ ନଥିଲା, ଅସତ୍ ବି ନଥିଲା; ଅନ୍ତରୀକ୍ଷ ନଥିଲା, ଆକାଶ ନଥିଲା, ଅଥବା ଆକାଶ ଉପରେ ଯାହା ରହିଛି ତାହା ମଧ୍ୟ ନଥିଲା । ସେତେବେଳେ ଏହି ସକଳକୁ ଆବୃତ କରି କଣ ବିଦ୍ୟମାନ ରହିଥିଲା ? ତାହା କେଉଁଠି ଥିଲା,

'oaob.nitrkl.ac.in' images reprocessed

କାହାକୁ ଆଶ୍ରୟ କରି ରହିଥିଲା ? ସେହି ଗହନ ଓ ଗମ୍ଭୀର ସମୁଦ୍ରରୂପେ କ'ଣ ବିଦ୍ୟମାନ ଥିଲା ? ସେତେବେଳେ ମୃତ୍ୟୁ ନଥିଲା, ଅମୃତ ବି ନଥିଲା; ଦିନ ବା ରାତିର ଜ୍ଞାନ ମଧ୍ୟ ନଥିଲା । ସେହି ନିଶ୍ୱାସଶୂନ୍ୟ ପରମ ଏକ କେବଳ ଆପଣା ବିଧାନରେହିଁ ବିଦ୍ୟମାନ ରହିଥିଲେ । ସେତିକି ବ୍ୟତୀତ ଆଉ କିଛି ନଥିଲା, ତାହାର ଅତୀତ ମଧ୍ୟ କିଛି ନଥିଲା । ସେହି ଆଦିକ୍ଷଣରେ ଅନ୍ଧକାର ଅନ୍ଧକାର ଦ୍ୱାରା ଆଚ୍ଛନ୍ନ ହୋଇ ରହିଥିଲା, ଏହି ସକଳ କେବଳ ନିଶ୍ଚେତନାର ଏକ ମହାସମୁଦ୍ରରୂପେ ପଡ଼ି ରହିଥିଲା । ବିଶ୍ୱସତ୍ତା ବିଖଣ୍ଡିତତା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ବେଳେ ଆପଣା ତପଃଶକ୍ତିର ସାମର୍ଥ୍ୟ ଓ ମହିମା ଧାରଣ କରି ସେହି ପରମ ଏକର ଆବିର୍ଭାବ ହେଲା । ଅନ୍ତର୍ଗତ କାମନାରୂପେ ସେହି ଏକ ଆପଣାର ପ୍ରଥମ ସଞ୍ଚାଳନ ଘଟାଇଲେ, ଏହି କାମନାହିଁ ମନର ଆଦି ବୀଜ ହୋଇ ରହିଥିଲା । ସତ୍ୟଦ୍ରଷ୍ଟା ଋଷିମାନେ ହୃଦୟର ଏଷଣା ଓ ମନୀଷା ଦେଇ ଅସତ୍ ମଧ୍ୟରେ ସତ୍ ସଂଗଠନକୁ ଖୋଜି ବାହାର କଲେ, ସେମାନଙ୍କର ରଶ୍ମି ଭୂମି ସହିତ ସମାନ୍ତର ଭାବରେ ଗତି କରି ଚତୁର୍ଦ୍ଦିଗକୁ ବ୍ୟାପ୍ତ ହୋଇଗଲା । ମାତ୍ର ନିମ୍ନ ଭାଗରେ କ'ଣ ଥିଲା ? ଉପରିଭାଗରେ ବା କ'ଣ ଥିଲା ? ସେଠାରେ ରେତୋଧାବୀମାନେ ରହିଥିଲେ, ମହାନ୍ ଓ ମହିମାମୟମାନେ ରହିଥିଲେ । ତଳ ଭାଗରେ ଆତ୍ମବିଧାନ ରହିଥିଲା, ଏବଂ ଉପରେ ପରମ ଇଚ୍ଛାଶକ୍ତି ରହିଥିଲା ।

ଆମର ପ୍ରାପ୍ତ ସିଦ୍ଧାନ୍ତଟି ଯଦି ସତ୍ୟ ହୁଏ,—ଏବଂ ଆମେ ଯେଉଁ ତଥ୍ୟଗୁଡ଼ିକର ସାହାଯ୍ୟ ନେଇ ବିଚାର କରିଆସିଛୁ, ସେଥିରୁ ଅନ୍ୟ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ସମ୍ଭବ ନୁହେଁ, — ତେବେ ବ୍ୟାବହାରିକ ଅଭିଜ୍ଞତା ଓ ମନର ଦୀର୍ଘସଂସ୍କାରଗତ ଅଭ୍ୟାସ ଚୈତନ୍ୟ ସତ୍ତା ଏବଂ ଜଡ଼ ମଧ୍ୟରେ ଯେଉଁ ତୀକ୍ଷ୍ଣ ବିରୋଧଟି ସୃଷ୍ଟି କରି ରଖିଛନ୍ତି, ସେହି ବିରୋଧଟି ଲାଗି ଆଉ କୌଣସି ମୌଳିକ ଯଥାର୍ଥତା ରହେ ନାହିଁ । ବହୁ ଓ ବିଚିତ୍ର ମଧ୍ୟରେ ଅଖଣ୍ଡ, ନାନା ଓ ଅନେକ ମଧ୍ୟରେ ଏକ,—ବିଶ୍ୱଜଗତ୍ କହିଲେ ମୂଳତଃ ଏହାହିଁ ବୁଝାଏ । ବିଶ୍ୱ କହିଲେ ନାନା ଶାଶ୍ୱତ ବିସଙ୍ଗତି ଭିତରେ ଯେକୌଣସି ପ୍ରକାରେ ଗୋଟାଏ ସାଲିସ୍ କରି ରଖିବାର ସତତ ଚେଷ୍ଟା କିମ୍ବା ନାନା ଅମେଳ ଦ୍ୱନ୍ଦ୍ୱ ଭିତରେ ଏକ ଲଗାତାର ସଂଘର୍ଷକୁ ଆଦୌ ବୁଝାଏ ନାହିଁ । ଅନନ୍ତ ବହୁବିଚିତ୍ରତାକୁ ଜନ୍ମ ଦେଉଥିବା ଏକ ଅବିଭାଜ୍ୟ ଏକତ୍ୱ ହେଉଛି ଏହି ଜଗତର ମୂଳଭିତ୍ତି, ଏବଂ ଏଇଥିରୁହିଁ ଜଗତର ଆରମ୍ଭ । ଆପାତ ବିଭାଗ ଓ ସଂଘର୍ଷ ପଛରେ ରହିଥିବା ଏକ ସତତ ସମନ୍ୱୟପ୍ରୟାସ ସକଳପ୍ରକାର ବୈଷମ୍ୟକୁ ପରସ୍ପର ସହିତ ଏକତ୍ର ଗୁନ୍ଥିଦେବାରେ ଲାଗିଛି,—ଏହାହିଁ ତା'ର ମଧ୍ୟପର୍ବଟିର ସତ୍ୟ-ପରିଚୟ ବୋଲି ମନେହୋଇଥାଏ । ସର୍ବଦା ଏକ ଓ ଅଖଣ୍ଡ ହୋଇ ରହିଥିବା ଏବଂ ସ୍ୱକୀୟ ଜଟିଳ ବିଶ୍ୱବିସ୍ତାର ସ୍ୱାମୀରୂପେ ଅଧିଷ୍ଠିତ ଥିବା ପ୍ରଚ୍ଛନ୍ନ ଓ ପରମ ଚୈତନ୍ୟ ତଥା ଇଚ୍ଛାଶକ୍ତି ମଧ୍ୟରେ ଯେଉଁସବୁ ମହାନ୍ ଉଦ୍ଦେଶ୍ୟ ନିହିତ ହୋଇ ରହିଥାଏ, ତାହାର ସାଧନଲାଗିହିଁ ମଧ୍ୟପର୍ବରେ ବୈଷମ୍ୟଗୁଡ଼ିକୁ ନେଇ

'oaob.nitrkl.ac.in' images reprocessed

ଯାବତୀୟ ଗୁନ୍ଥିବା ଓ ଗଢ଼ ଠାଇ ଦେବା ଲାଗି ରହିଥାଏ । ତେଣୁ ସେହି ପ୍ରକାଶମୁଖୀ ପରମ ଇଚ୍ଛା ଓ ଚୈତନ୍ୟର ପରିପୂର୍ଣ୍ଣତା ଏବଂ ଏକ ସର୍ବବିଜୟୀ ସମନ୍ୱୟ ହେଉଛି ଏହାର ଶେଷ ପର୍ବ,—ଏକଥା ଆମକୁ ଅନୁମାନ କରି ନେବାକୁହିଁ ପଡ଼ିବ । ଏହି ଚିତ୍‌ଶକ୍ତି ଆପଣାର ଯେଉଁ ରୂପଟିକୁ ନେଇ କାର୍ଯ୍ୟ କରୁଥାଏ, ତାହାହିଁ ହେଉଛି ବସ୍ତୁ ବା ଉପାଦାନ । ଏହି ଉପାଦାନର ଗୋଟିଏ ପ୍ରାନ୍ତରେ ଜଡ଼ ଓ ଅନ୍ୟ ପ୍ରାନ୍ତରେ ଚିନ୍ମୟ ସତ୍ତା । ଦୁହେଁ ପରସ୍ପରଠାରୁ ଅଭିନ୍ନ । ଆମେ ଯାହାକୁ ଜଡ଼ ବୋଲି ଅନୁଭବ କରୁଛୁ, ଚିନ୍ମୟ ସତ୍ତା ହେଉଛି ତାହାର ଆତ୍ମା ଓ ତାହାର ଅନ୍ତର୍ଗତ ସତ୍ୟ । ଆମେ ଯାହାକୁ ଚିନ୍ମୟ ସତ୍ତା ବୋଲି ଅନୁଭବ କରୁଛୁ, ଜଡ଼ ହେଉଛି ତାହାର ଏକ ରୂପ, ତାହାର ଏକ ଶରୀର ।

ଏକଥା ନିଶ୍ଚିତ ଯେ ଦୁଇଟି ଭିତରେ ବ୍ୟାବହାରିକ ଭେଦ ଅନେକ ରହିଛି, ଏବଂ ସେହିସବୁ ଭେଦର ଆଧାର ଉପରେ ଏହି ବିଶ୍ୱ-ଜୀବନମଞ୍ଚର ଯାବତୀୟ ଅବିଚ୍ଛେଦ୍ୟ ପରମ୍ପରା ତଥା ସତତ-କ୍ରମାରୋହୀ ସୋପାନଗୁଡ଼ିକ ସୃଷ୍ଟି ରହିଛି । ଆମେ ଆଗରୁ କହିଛୁ ଯେ ଚିନ୍ମୟ ସତ୍ତା ଆପଣାକୁ ଆଣି ଆପଣାର ଅନୁଭବ ଆଗରେ ଏକ ବିଷୟରୂପେ ଉପସ୍ଥାପିତ କରେ, ଏବଂ ତାହାହିଁ ବସ୍ତୁ ବା ଉପାଦାନରୂପେ ପ୍ରତିଭାତ ହୁଏ । ଏହି ପ୍ରକ୍ରିୟାଟିରୁ ଯେତିକି ଇନ୍ଦ୍ରିୟଗତ ଅନୁଭୂତି ପ୍ରତିଷ୍ଠିତ ହୋଇଥାଏ, ତାହାକୁ ଭିତ୍ତି କରିହିଁ ବିଶ୍ୱରଚନା ଓ ବିଶ୍ୱପ୍ରଗତିର ଲୀଳା ଆରମ୍ଭ ହୁଏ । ମାତ୍ର ଏଥିଲାଗି କେବଳ ଯେ ଗୋଟିଏ ଭିତ୍ତି ରହିବ, ଇନ୍ଦ୍ରିୟଅନୁଭୂତି ଓ ଉପାଦାନ ମଧ୍ୟରେ ଗୋଟିଏ ମାତ୍ର ଅପରିବର୍ତ୍ତନୀୟ ମୌଳିକ ସମ୍ବନ୍ଧତତ୍ତ୍ୱ ପ୍ରତିଷ୍ଠିତ ରହିବ, ସେହିପରି ଅନୁମାନ କରିବାର କୌଣସି କାରଣ ନାହିଁ । ବରଂ ଏଥିରେ ମଧ୍ୟ ଏକ କ୍ରମାରୋହୀ ଓ କ୍ରମପରିଣତିଶୀଳ ପରମ୍ପରା ସଦାବର୍ତ୍ତମାନ ରହିଛି । ଆମ ଜାଣିବାରେ ଆଉ ଏକ ବସ୍ତୁକୁ ମଧ୍ୟ ମନ ଆପଣାର ସ୍ୱଭାବଗତ ମାଧ୍ୟମରୂପେ ବ୍ୟବହାର କରି କାର୍ଯ୍ୟ କରୁଛି । ଆମର ଭୌତିକ ଇନ୍ଦ୍ରିୟବୋଧ ଦ୍ୱାରା ଆମେ ଯାହାକିଛିକୁ ଜଡ଼ ବୋଲି କହୁଛୁ, ଏହି ବସ୍ତୁଟି ତା'ଠାରୁ ଅଧିକ ସୂକ୍ଷ୍ମ, ଅଧିକ ନମନୀୟ ଓ ଅଧିକ ସ୍ଥିତିସ୍ଥାପକ । ଏଠାରେ ଆମେ ଏକ ମନୋମୟ ବସ୍ତୁ ବା ପଦାର୍ଥର ଉଲ୍ଲେଖ କରିପାରୁ, କାରଣ ଏକ ସୂକ୍ଷ୍ମତର ମାଧ୍ୟମ ଅଥବା ପରିଭୂମିରେ ଯେ ରୂପର ଉଦ୍‌ଭବ ହୁଏ ଏବଂ କ୍ରିୟା ଆପଣାକୁ ପରିଚାଳିତ କରେ, ଆମର ଅଭିଜ୍ଞତା ଆମକୁ ତାହାର ଖବର ଆଣି ଅବଶ୍ୟ ଦେଇପାରେ । ସେହିପରି ଆମେ ଶୁଦ୍ଧ ଓ କ୍ରିୟାଶୀଳ ଏକ ପ୍ରାଣଶକ୍ତିମୟ ବସ୍ତୁ ରହିଛି ବୋଲି ମଧ୍ୟ କହିପାରିବା, ଯାହାକି ସୂକ୍ଷ୍ମତମ ଜଡ଼ କିମ୍ବା ଇନ୍ଦ୍ରିୟଗ୍ରାହ୍ୟ ଜଡ଼ଶକ୍ତିପ୍ରବାହଠାରୁ ଭିନ୍ନ ଓ ଅନ୍ୟ ପ୍ରକାରର । ସ୍ୱୟଂ ଚିତ୍‌ଶକ୍ତି ମଧ୍ୟ ସତ୍ତାର ଏକ ଶୁଦ୍ଧ ବସ୍ତୁସ୍ୱରୂପ; ଅବଶ୍ୟ ଭୌତିକ କିମ୍ବା ମନପ୍ରାଣଗତ ଇନ୍ଦ୍ରିୟବୋଧ

'oaob.nitrkl.ac.in' images reprocessed

ଲାଗି ଏହି ଚିତ୍‌ଶକ୍ତି ଆପଣାକୁ ଆଉ ଏକ ବିଷୟରୂପେ ଉପସ୍ଥାପିତ କରେ ନାହିଁ । ମାତ୍ର ଏକ ଶୁଦ୍ଧ ଓ ଅଧ୍ୟାତ୍ମବୋଧଗତ ଜ୍ଞାନର ସମ୍ମୁଖରେ ଆପଣାକୁ ଏକ ବିଷୟରୂପେ ଆଣି ଉପସ୍ଥାପିତ କରେ, ଯେଉଁଥିରେକି ବିଷୟୀ ଆପଣାକୁହିଁ ଆପଣାର ବିଷୟରୂପେ ବ୍ୟବହାର କରେ, ଅର୍ଥାତ୍ ଯେଉଁଥିରେକି ଦେଶକାଳାତୀତ ପରମ ସତ୍ତ୍ୱସକଳ ଜୀବନର ଆଧାର ଓ ଆଦ୍ୟଉପାଦାନରୂପେ ଏକ ଶୁଦ୍ଧ, ଆଧ୍ୟାତ୍ମିକ ଓ ଆତ୍ମକଳ୍ପନାମୟ ଆତ୍ମପ୍ରସାରଣ ଭିତରେ ଆପଣାର ପରିଚୟ ଲାଭ କରିଥାଏ । ଏହି ଭିତ୍ତିଟିର ସୀମାତିକ୍ରମ କରିଗଲେ ଏକ ପରମ ତାଦାତ୍ମ୍ୟ ଭିତରେ ବିଷୟୀ ଓ ବିଷୟ ମଧ୍ୟରେ ରହିଥିବା ଯାବତୀୟ ସଚେତନ ଭେଦବୋଧ ସମ୍ପୂର୍ଣ୍ଣରୂପେ ଅନ୍ତର୍ହିତ ହୋଇଯାଏ, ଏବଂ ସେଠାରେ ଆମ ଲାଗି ପରମ ବସ୍ତୁର ପ୍ରସଙ୍ଗଟି ଉଠାଇବା ଲାଗି ଆଉ କୌଣସି ଅବକାଶ ରହେ ନାହିଁ ।

ତେଣୁ ଏହି ଭେଦ ହେଉଛି ଏକ ଆଧ୍ୟାତ୍ମିକ କଳ୍ପନାଜନିତ ଭେଦ,— ଏହାକୁ ଆମେ ମନୋମୟ କଳ୍ପନାର ପ୍ରସୂତ ବୋଲି କଦାପି କହିବା ନାହିଁ । ଏକ ବ୍ୟାବହାରିକ ଭେଦରେହିଁ ସେହି ଭେଦର ପର୍ଯ୍ୟବସାନ ଘଟିଛି; ଏବଂ ଏହି ଭେଦ ଦର୍ଶନଟିରୁହିଁ ଚିନ୍ମୟ ଆତ୍ମସ୍ଥିତିରୁ ଆରମ୍ଭ ହୋଇ ମନର ମାର୍ଗ ଦେଇ ଜଡ଼ଯାଏ ଓହ୍ଲାଇ ଆସିଥିବା ଏବଂ ପୁଣି ଜଡ଼ରୁ ମନ ଦେଇ ଚିନ୍ମୟ ଆତ୍ମସ୍ଥିତି ଯାଏ ଆରୋହଣ କରି ଯାଇଥିବା ସୋପାନକ୍ରମଟିର ସୃଷ୍ଟି ହୋଇଛି । ମାତ୍ର ତଥାପି ଯଥାର୍ଥ ଏକତ୍ୱଟି କେବେହେଲେ ବିଲୁପ୍ତ ହୋଇ ଯାଉ ନାହିଁ । ଏବଂ ମୂଳ ତଥା ସମଗ୍ର ଜୀବନଦୃଷ୍ଟିର ଆସ୍ଥାନଟିକୁ ଫେରିଯାଇ ଆମେ ବେଶ୍ ଦେଖିବାକୁ ପାଉଛୁ ଯେ ଏହି ଏକତ୍ୱ ଯଥାର୍ଥତଃ କୌଣସି ପରିସ୍ଥିତିରେ ମଧ୍ୟ ଊଣା ହୋଇ ଯାଉ ନାହିଁ କିମ୍ବା କୌଣସି ପ୍ରକାରେ ବିପର୍ଯ୍ୟସ୍ତ ବି ହେଉ ନାହିଁ । ଏପରିକି ଜଡ଼ସ୍ତରର ସ୍ଥୂଳତମ ସଘନତା ଭିତରେ ମଧ୍ୟ ତାହା ବିପର୍ଯ୍ୟସ୍ତ ହୋଇ ପଡୁନାହିଁ । ବ୍ରହ୍ମ ଯେ କେବଳ ଏହି ବିଶ୍ୱର କାରଣ, ଆଶ୍ରୟ ଓ ଅନ୍ତର୍ଗତ ତତ୍ତ୍ୱ ତାହା ନୁହେଁ, ତାଙ୍କୁ ଆମେ ଏହାର ଉପାଦାନ ବୋଲି ମଧ୍ୟ ଜାଣିବା, ଏହି ବିଶ୍ୱର ଏକମାତ୍ର ଉପାଦାନ ବୋଲି ଜାଣିବା । ଜଡ଼ ମଧ୍ୟ ବ୍ରହ୍ମ ବ୍ୟତୀତ ଆଉ କିଛି ନୁହେଁ, ତାହାଠାରୁ ଭିନ୍ନ ବା ଅନ୍ୟ ଆଉ କିଛି ହେଲେ ନୁହେଁ । ଏପରିକି ଜଡ଼କୁ ଚିନ୍ମୟ ସ୍ଥିତିରୁ ଖଣ୍ଡିତ କରି ରଖିବା ସମ୍ଭବ ହେଉଥିଲେ ମଧ୍ୟ ଜଡ଼ ତଥାପି ବ୍ରହ୍ମଠାରୁ ଭିନ୍ନ ହୁଅନ୍ତା ନାହିଁ । ମାତ୍ର ଆମେ ଆଲୋଚନା କରି ଜାଣିସାରିଛୁ ଯେ ଜଡ଼ ହେଉଛି ତଦ୍‌ବ୍ୟ ପରମସତ୍ତ୍ୱର ଏକ ଅନ୍ତପର୍ଯ୍ୟାୟର ରୂପାୟନ ମାତ୍ର, ବିଷୟଗତ ଏକ ବିଗ୍ରହମାତ୍ର । ଏହା ଭିତରେ ସମ୍ପୂର୍ଣ୍ଣ ଈଶ୍ୱରସତ୍ତ୍ୱଟି ସଦାବିଦ୍ୟମାନ ହୋଇ ରହିଛି, ଏହା ତାହାର ଅନ୍ତସ୍ତଳରେ ଠିଆ ହୋଇ ରହିଛି । ଆପାତ ନିର୍ମମ ଓ ଜୀବନହୀନ ଏହି ଜଡ଼କୁ ଆମେ ବିଶ୍ୱମୟ ବ୍ୟାପ୍ତ ହୋଇ ରହିଥିବାର ଦେଖୁଛୁ, ପ୍ରାଣହୀନ ଏକ

'oaob.nitrkl.ac.in' images reprocessed

ପ୍ରବଳ ଓ ଗତିମାନ୍ ଶକ୍ତିଦ୍ୱାରା ଏହା ସର୍ବଦା ଅନୁପ୍ରେରିତ ହୋଇ ରହିଛି । ଏହି ଗତିମାନ୍ ଅଥଚ ଅଚେତନ ପରି ଦେଖା ଯାଉଥିବା ପ୍ରାଣଶକ୍ତିରୁ ଏକ ସତତ-କ୍ରିୟାଶୀଳ ଅଥଚ ସଂଗୁପ୍ତ ମନର ଉତ୍ସରଣ ହେଉଛି ଏବଂ ସେହି ମନର ଅପ୍ରତ୍ୟକ୍ଷ କ୍ରିୟାଗୁଡ଼ିକହିଁ ପ୍ରାଣର ସାମର୍ଥ୍ୟରୂପେ ପ୍ରକଟ ହେବାରେ ଲାଗିଛି । ପୁଣି ଅଜ୍ଞାନାଚ୍ଛନ୍ନ, ଅନାଲୋକିତ ତଥା ଅନ୍ଧ ଏହି ଶରୀରସ୍ଥ ମନ ଆପଣାର ଯଥାର୍ଥ ଆତ୍ମସ୍ୱରୂପ ଅତିମାନସଦ୍ୱାରାହିଁ ଆଶ୍ରିତ ଓ ନିୟନ୍ତ୍ରିତ ହୋଇ ରହିଛି । ଏବଂ ଏହି ଅତିମାନସ ମନୋଭୂମିର ପହୁଞ୍ଚ ଭିତରକୁ ପ୍ରବେଶ କରି ନଥିବା ଜଡ଼ ଭିତରେ ମଧ୍ୟ ସମାନ ଭାବରେ ଅଧିଷ୍ଠିତ ରହିଥାଏ । ତେଣୁ ସକଳ ଜଡ଼ ଓ ସକଳ ପ୍ରାଣ, ମନ ଓ ଅତିମାନସ—ଏସବୁ କେବଳ ସେହି ଶାଶ୍ୱତ ବ୍ରହ୍ମର ବୈଭବ ମାତ୍ର । ପରମ ଆତ୍ମସ୍ୱରୂପ ସେହି ସଚ୍ଚିଦାନନ୍ଦ ବ୍ରହ୍ମ କେବଳ ଯେ ସେସବୁର ଭିତରେ ଅବସ୍ଥାନ କରୁଛନ୍ତି ତାହା ନୁହେଁ, ଏଥିମଧ୍ୟରୁ କୌଣସି ଗୋଟିକୁ ତାଙ୍କର ସମୁଦାୟ ପରମ ସତ୍ତା ବୋଲି କୁହାଯାଇ ନ ପାରିଲେ ମଧ୍ୟ ସେ ସେହିସବୁ ରୂପରେହିଁ ଅଭେଦ୍ୟ ଭାବରେ ବିରାଜି ରହିଛନ୍ତି ।

ମାତ୍ର ତଥାପି ଏହି କଳ୍ପନାଗତ ପାର୍ଥକ୍ୟ ଓ ବ୍ୟାବହାରିକ ଭେଦ ଅବଶ୍ୟ ରହିଛି । ଏବଂ ଯଥାର୍ଥତଃ ଜଡ଼ ଚିଦାତ୍ମାଠାରୁ ଖଣ୍ଡିତ ବା ଛିନ୍ନ ହୋଇ ରହି ନଥିଲେ ମଧ୍ୟ ତଥାପି ବ୍ୟାବହାରିକ ଦୃଷ୍ଟିରୁ ଏପରି ସୁନିଶ୍ଚିତ ଭାବରେ ଏହା ତା'ଠାରୁ ଖଣ୍ଡିତ ହୋଇ ରହିଥିଲା ପରି ମନେହେଉଛି, ଏପରି ବିସଦୃଶ ଓ ଆପଣାର ବିଧାନରେ ଏଭଳି ବିରୁଦ୍ଧାତ୍ମକ ହୋଇ ରହିଛି, ଅର୍ଥାତ୍ ଭୌତିକ ଜୀବନଭୂମିଟି ସକଳ ଆଧ୍ୟାତ୍ମିକ ଜୀବନର ଦୃଷ୍ଟିକୋଣରୁ ବିଚାର କଲେ ଏତେଦୂର ଅଭାବାତ୍ମକ ଓ ଓଲଟା ବୋଧ ହେଉଛି ଯେ ଏହି ଅଡ଼ୁଆରୁ ଅଳପକେ ବାହାରି ଯାଇପାରିବା ପାଇଁ ଭୌତିକ ଜୀବନକୁ ଅସାରମଣି ବର୍ଜନ କରି ଚାଲିଯିବାଟାକୁହିଁ ଏକ ଆଶୁ ସମାଧାନ ବୋଲି ମନେକରିବା ଆଦୌ ଅସ୍ୱାଭାବିକ ହେବ ନାହିଁ । ଏହା ଯେ ଏକ ଆଶୁ ସମାଧାନ ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ଅଳପ ହେଉ, ଆଶୁ ହେଉ ବା ଅନ୍ୟ ଯାହାକିଛି ହେଉ, ବର୍ଜନ କରିଯିବାକୁ ଆଦୌ କୌଣସି ସମାଧାନ ବୋଲି କୁହାଯିବ ନାହିଁ । ତଥାପି ସେହି ଜଡ଼ ଭିତରେହିଁ ନିଃସନ୍ଦେହ ଭାବରେ ଅସଲ ଗଣ୍ଠି ବା ଗୋଲକ ଧନ୍ଦାଟି ରହିଛି । ବାଧାଟି ସେଇଠାରୁ ଉପୁଜୁଛି । କାରଣ ଏହି ଜଡ଼ ସକାଶେହିଁ ପ୍ରାଣଶକ୍ତି ଏପରି ସ୍ଥୂଳ ଓ ସୀମାବଦ୍ଧ ହୋଇ ପଡ଼ିଛି, ମୃତ୍ୟୁ ଓ ବେଦନା ଦ୍ୱାରା ଏପରି ଜର୍ଜର ହୋଇ ରହିଛି । ଜଡ଼ ହେତୁହିଁ ଆମର ମନଟା ମଧ୍ୟ ଏପରି ପ୍ରାୟାନ୍ଧ ହୋଇ ରହିଛି, ତାହାର ଡେଣାଗୁଡ଼ିକ ଏପରି କାଟିହୋଇ ଯାଇଛି, ତା'ର ଗୋଡ଼ ଦୁଇଟାକୁ ଏପରି ଭିଡ଼ିକରି ବାନ୍ଧି ଦିଆଯାଇଛି । ମୁଣ୍ଡ ଉପରେ ବ୍ୟାପ୍ତ ହୋଇ ରହିଥିବା ବିଶାଳତା ଓ ମୁକ୍ତି ବିଷୟରେ ସେ ସଚେତନ ରହିଛି,

'oaob.nitrkl.ac.in' images reprocessed

ମାତ୍ର ତାହା ଭିତରକୁ ଉଡ଼ିଯିବାର ସ୍ୱାଧୀନତା ନାହିଁ । ତେବେ ସବୁଛାଡ଼ି କେବଳ ଅଧ୍ୟାତ୍ମ ଲୋଡ଼ି ବାହାରିଥିବା କୌଣସି ସାଧକ ଯଦି ଜଡ଼ର କର୍ଦ୍ଦମାକ୍ତତା ପ୍ରତି ବୀତଶ୍ରଦ୍ଧ ହୋଇ, ପ୍ରାଣର ପାଶବିକ ସ୍ଥୂଳତା ବିରୁଦ୍ଧରେ ବିଦ୍ରୋହ କରି, ମନର ଆପେ ବରି ନେଇଥିବା ଏହି ସଙ୍କୀର୍ଣ୍ଣ କାରାବଦ୍ଧତା ଓ ଅଧୋମୁଖୀ ଦୃଷ୍ଟିଦ୍ୱାରା ଧୈର୍ଯ୍ୟ ହରାଇବସି ଏହିସବୁର ଦଉଡ଼ିକୁ ଛିଣ୍ଡାଇ ଦେଇ ନୈଷ୍କର୍ମ୍ୟ ଓ ନୈଃଶବ୍ଦ୍ୟର ମାର୍ଗରେ ପରମ ଆତ୍ମସତ୍ତାର ନିଶ୍ଚଳ ମୁକ୍ତି ଭିତରକୁ ଫେରିଯିବାର ସଙ୍କଳ୍ପ କରି ବସେ, ତେବେ ତାହାର ଆପଣା ଦୃଷ୍ଟିରୁ ତା'ର ଏହିଭଳି କରିବାଟିକୁ ଆମେ ଅବଶ୍ୟ ଉଚିତ ବୋଲି କହିବା । ମାତ୍ର ତଥାପି ତାହା ସମ୍ପୂର୍ଣ୍ଣ ଦୃଷ୍ଟି ନୁହେଁ । ଅଥବା ନାନା ଉଜ୍ଜ୍ୱଳ ଓ ଆଦର୍ଶ ଜୀବନ ଦୃଷ୍ଟାନ୍ତଦ୍ୱାରା ଏହା ଗୃହୀତ ବା ଗୌରବମଣ୍ଡିତ ହୋଇଛି ବୋଲି ଆମେ ଏହାକୁ ସମଗ୍ର ଓ ପରମ ପ୍ରଜ୍ଞା ବୋଲି ସ୍ୱୀକାର କରିବାକୁ ଆଦୌ ବାଧ ହେବା ନାହିଁ । ବରଂ ଏହାଠାରୁ ଏକ ପ୍ରଶସ୍ତତର ପଥ ହେଉଛି, ସକଳ ଅତ୍ୟୁତ୍ସୁକତା ତଥା ବିଦ୍ରୋହଭାବରୁ ଆପଣାକୁ ମୁକ୍ତ କରି ଆମେ ଏହି ବିଶ୍ୱଗତ ଦ୍ରବ୍ୟ ବ୍ୟବସ୍ଥାଟିର ଯଥାର୍ଥ ତାତ୍ପର୍ଯ୍ୟଟିକୁ ଗମ୍ଭୀର ଭାବରେ ବିଚାର କରି ଦେଖିବା । ଏବଂ ଜଡ଼ରୂପୀ ଏହି ବିରାଟ ଗ୍ରନ୍ଥିଜାଲ ବିଷୟରେ ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଆମେ ଏହାର ଖିଅଗୁଡ଼ିକୁ ଭଲକରି ଦେଖିବା, ସେଗୁଡ଼ିକୁ ପରସ୍ପର ଠାରୁ ଅଲଗା କରି ଦେଖିବାକୁ ଚେଷ୍ଟା କରିବା, ଯେପରିକି ଏକ ସଙ୍ଗତ ସମାଧାନ ଦ୍ୱାରା ଆମେ ସେହି ଗ୍ରନ୍ଥିଟିକୁ ଶିଥିଳ କରିଦେଇ ପାରିବା, ଓ କୌଣସି ଅସ୍ତ୍ରାଘାତଦ୍ୱାରା ତାକୁ ଆଉ ଏକାବେଳେକେ ମଝିରୁ କାଟି ପକାଇବାକୁ ବାଧ ହେବା ନାହିଁ । ଆଗ ଅଡ଼ୁଆଟିକୁ ସୁସ୍ପଷ୍ଟଭାବରେ କହିପାରିବାକୁ ସମର୍ଥ ହେବା, ପ୍ରଥମେ ବିରୋଧଟିର ନିରୂପଣ କରିବା; ବାଧାଟିର ତୀବ୍ରତାଟିକୁ କୌଣସି ପ୍ରକାରେ ଲଘୁ କରି ନଦେଇ ପ୍ରୟୋଜନ ହେଲେ ବରଂ ଟିକିଏ ଅତିରଞ୍ଜିତ କରି ଦେଖିବା, ଏବଂ ସେଇଠୁ ସମାଧାନଟି ଖୋଜି ବାହାରିବା ।

ଅଜ୍ଞାନତତ୍ତ୍ୱଟିର ଚରମ ପ୍ରାନ୍ତକୁ ଆସି ଜଡ଼ର ଉଦୟ ହୋଇଛି,—ଏଇଟି ହେଲା ଚିନ୍ମୟ ଆତ୍ମସତ୍ତା ସହିତ ଜଡ଼ର ପ୍ରଥମ ଓ ମୌଳିକ ବିରୋଧ । ଅତିଶକ୍ତ ଭାବରେ ଲିପ୍ତ ଓ ନିମଜ୍ଜିତ ହୋଇପଡ଼ିଲେ ବ୍ୟକ୍ତି ଯେପରି ସେ କିଏ କେବଳ ଯେ ସେତିକି ଭୁଲିଯାଏ ତାହା ନୁହେଁ, ମାତ୍ର ତାହାର ଅସ୍ତିତ୍ୱଟିକୁହିଁ ଭୁଲିଯାଏ ଏବଂ ସେହି ସମୟଟି ସକାଶେ କରାଯାଉଥିବା କାର୍ଯ୍ୟ ଓ ସେହି କାର୍ଯ୍ୟଟିକୁ କରୁଥିବା ଶକ୍ତିଟି ସହିତ ଏକରୂପ ହୋଇ ରହିଥାଏ, ସେହିପରି ଜଡ଼ର ଭୂମିକୁ ଅବତରଣ କରି ପରମ ଚୈତନ୍ୟ ମଧ୍ୟ ଆପଣାକୁ ହରାଇ ପକାଏ ଓ ଆପଣାର ନାନା କ୍ରିୟାର ରୂପଟି ମଧ୍ୟରେ ଆତ୍ମବିସ୍ମୃତ ହୋଇ ରହେ । ଶକ୍ତିର ଯାବତୀୟ କ୍ରିୟାକଳାପର ଅନ୍ତରାଳରେ ନିଦ୍ରାମଗ୍ନରୂପେ ଅବସ୍ଥିତ ରହିଥିବା ଅନନ୍ତ

'oaob.nitrkl.ac.in' images reprocessed

ଆତ୍ମଜ୍ଞାନସମ୍ପନ୍ନ ଆତ୍ମପ୍ରକାଶପର ଅଖଣ୍ଡ ଆତ୍ମା ଜଡ଼ଭୂମିରୁ ସତେ ଅବା ବିଦାୟ ନେଇ ଅନ୍ୟତ୍ର କେଉଁଆଡ଼େ ଚାଲିଯାଇଥିବା ପରି ମନେହୁଏ, ବା ହୁଏତ କେଉଁଠି ହେଲେ ନଥିବା ପରି ଲାଗେ । ଅଥବା, ଏପରି ପ୍ରତୀତ ହୁଏ ଯେ ସେ ହୁଏତ କୋଉଠି ରହିଛନ୍ତି, ମାତ୍ର ଏଠାରେ ସେ ସତେ ଯେପରି କେବଳ ଏହି ନିର୍ମମ ଓ ନିଶ୍ଚେତନ ଜଡ଼ଶକ୍ତି ବ୍ୟତୀତ ଆଉ କିଛି ହେଲେ ରଖି ଯାଇ ନାହାନ୍ତି । ସତେ ଯେପରି ଏହି ଜଡ଼ଶକ୍ତିହିଁ ଏଠି ପ୍ରଭୁ ହୋଇ ବସି ଶାଶ୍ୱତ ଭାବରେ ସୃଷ୍ଟି କରୁଛି, ପୁଣି ଶାଶ୍ୱତ ଭାବରେ ଧ୍ୱଂସ କରିବାରେ ଲାଗିଛି; ଆପଣା ସମ୍ବନ୍ଧରେ ତାହାର କୌଣସି ଜ୍ଞାନ ନାହିଁ । ସିଏ ଏଠି କ'ଣସବୁ ଗଢ଼ୁଛି, କାହିଁକି ବା ଗଢ଼ୁଛି ଏବଂ ଆପେ ଗଢ଼ିଥିବା ବିଷୟଗୁଡ଼ିକୁ ପୁଣି କାହିଁକି ଭାଙ୍ଗିଦେଉଛି, ସେବିଷୟରେ ସେ କିଛି ହେଲେ ଜାଣି ନାହିଁ । କାରଣ ଏହା ଭିତରେ କୌଣସି ମନଃଶକ୍ତି କାର୍ଯ୍ୟ କରୁ ନାହିଁ । ମାତ୍ର ସେଥିପ୍ରତି ତା'ର କୌଣସି ଭ୍ରୂକ୍ଷେପ ନାହିଁ, କାରଣ ତା' ଭିତରେ କୌଣସି ହୃଦୟ ନାହିଁ । ଏବଂ ତାହାହିଁ ଯଦି ଏହି ଭୌତିକ ବିଶ୍ୱଟି ବିଷୟରେ ମଧ୍ୟ ଯଥାର୍ଥ ସତ୍ୟ ନ ହୋଇଥାଏ, ଯଦି ଏହିସବୁ ମିଥ୍ୟାପ୍ରତିଭାସ ପଛରେ ଏକ ମନ, ଏକ ଇଚ୍ଛାଶକ୍ତି ଏବଂ ମନ ତଥା ମନୋଗତ ଇଚ୍ଛାଶକ୍ତିଠାରୁ ବୃହତ୍ତର କୌଣସି ସତ୍ତା ଅବସ୍ଥିତ ରହିଥାଏ, ତଥାପି ଏକଥାଟି ଅବଶ୍ୟ ମାନିନେବାକୁ ପଡ଼ିବ ଯେ ଜଡ଼ସ୍ଥ ଚେତନାହୀନତାର ଗର୍ଭଭିତରୁ ଉଦ୍ଭୂତ ହୋଇଥିବା ଚୈତନ୍ୟଟି ପାଖରେ ସତ୍ୟ କେବଳ ଏହି ଜଡ଼ବିଶ୍ୱର ତାମସୀ ମୂର୍ତ୍ତିରୂପେ ଅବଶେଷ ରହିଛି । ଏବଂ ଏହା ସତ୍ୟ ନ ହୋଇ ଯଦି ଏକ ମିଥ୍ୟା ବୋଲି ପ୍ରତିପାଦିତ ହୁଏ, ତଥାପି ଆମେ ଏହାକୁ ଏକ ସାର୍ଥକ ଓ ପରିଣାମସମ୍ପନ୍ନ ମିଥ୍ୟା ବୋଲି କହିବା, କାରଣ ଏହାହିଁ ଆମ ପ୍ରାତିଭାସିକ ଜୀବନର ପାରିବେଶିକ ସୀମାଗୁଡ଼ିକୁ ନିର୍ଦ୍ଧିଷ୍ଟ କରି ଦେଇଥାଏ ଏବଂ ଆମର ସକଳ ଆକାଙ୍‌କ୍ଷା ଓ ଉଦ୍ୟମକୁ ଅବରୁଦ୍ଧ କରି ରଖିଥାଏ ।

ଏହି ଅମନ ଭିତରୁ, ଅର୍ଥାତ୍ ଯାହା ମନ ନୁହେଁ, ସେହିଭଳି ଏକ ପଦାର୍ଥ ଭିତରୁହିଁ ଏକ ମନ ବା ଅନ୍ତତଃ ବହୁ ମନର ଉଦୟ ହୋଇଛି, ଏହି ମନଗୁଡ଼ିକ ବଡ଼ ମ୍ରିୟମାଣ ଭାବରେ ଆଲୋକର ଆକାଙ୍‌କ୍ଷା ନେଇ ଦଉଡ଼ୁଛନ୍ତି । ବ୍ୟକ୍ତିଗତ ବିଚ୍ଛିନ୍ନ ଭାବରେ ଏମାନେ ପ୍ରତ୍ୟେକେ ବଡ଼ ଅସହାୟ; ମାତ୍ର ବିଶ୍ୱର ବିଧାନରୂପେ ସକଳ ବିଶ୍ୱକୁ ଅଧିକାର କରି ରହିଥିବା ଏକ ରାକ୍ଷସୀ ଅବିଦ୍ୟା ବା ଅଜ୍ଞାନ ସମ୍ମୁଖରେ ଆତ୍ମରକ୍ଷା କରିବାକୁ ଯାଇ ଯେତେବେଳେ ଏଗୁଡ଼ିକ ଆପଣାର ବ୍ୟକ୍ତିଗତ କ୍ଷୀଣ ସାମର୍ଥ୍ୟଗୁଡ଼ିକୁ ଏକାଠି କରିଦିଅନ୍ତି, କେବଳ ସେତିକିବେଳେହିଁ ସେମାନଙ୍କର ଅସହାୟତା କିଞ୍ଚିତ୍ ପରିମାଣରେ ଲଘୁ ହୋଇଥାଏ । ଏହାହିଁ ଆମର କରାଳ ନିୟତି, ଏହି ଭୌତିକ ବିଶ୍ୱର ନିର୍ମମ ଓ ରୁଦ୍ର ଭାନୁମତୀ-ଖେଳ । ଏହି ହୃଦୟହୀନ ନିଶ୍ଚେତନତା ଭିତରୁ ଏବଂ ଏହାରି କଠୋର ଶାସନର ସୀମାଭିତରେ କେତେ

'oaob.nitrkl.ac.in' images reprocessed

ଆକୃତିପୂର୍ଣ୍ଣ ହୃଦୟର ଜନ୍ମ ହୋଇଛି, ଏବଂ ଜଡ଼ରୂପୀ ଲୌହମୟ ସତ୍ତାର ଅନ୍ଧ ଓ ଅଚେତନ ନିଷ୍ଠୁରତାର ଭାରରେ ଗୃପି ହୋଇ ସେଗୁଡ଼ିକୁ କେତେ ପ୍ରକାରେ ଉତ୍ପୀଡ଼ିତ ଓ ରକ୍ତାକ୍ତ ହେବାକୁ ପଡ଼ୁଛି । ଏହି ନିଷ୍ଠୁରତା ଆପଣାର ବିଧାନଭାରକୁ ନେଇ ସେଗୁଡ଼ିକ ଉପରେ ଲଦି ଦେଇଛି, ଏବଂ ସେଗୁଡ଼ିକର ଚେତନ ସ୍ପର୍ଶଦ୍ୱାରା ସ୍ୱୟଂ ଚେତନ ହୋଇଉଠିଛି, ନୃଶଂସ, ଭୀଷଣ ଓ ହିଂସ୍ର ହୋଇଉଠିଛି । ମାତ୍ର ପ୍ରତିଭାସର ଅନ୍ତରାଳରେ ଅବସ୍ଥିତ ରହି ରହସ୍ୟ ବୋଲି ପ୍ରତୀତ ହେଉଥିବା ଏସବୁକୁ ଆମେ ପ୍ରକୃତରେ କ'ଣ ବୋଲି କହିବା ? ଆମେ ବେଶ୍ ବୁଝିପାରୁଛୁ ଯେ ଏଠାରେ ଆତ୍ମବିସ୍ମୃତ ଚୈତନ୍ୟହିଁ ଏହିଭଳି ଭାବରେ ଆପଣାକୁ ଫେରି ପାଇବାକୁ ଚେଷ୍ଟା କରୁଛି । ପ୍ରଥମେ ଆପଣାର ଭ୍ରମବଶୀଳ ଆତ୍ମବିସ୍ମୃତି ଭିତରୁ ଅତ୍ୟନ୍ତ ଧୀରେ ଧୀରେ ନାନା ଯନ୍ତ୍ରଣାରେ କ୍ଷତବିକ୍ଷତ ହୋଇ ଏହା ବୋଧଶକ୍ତିର ସମ୍ଭାବନା ବହନ କରି ପ୍ରାଣଶକ୍ତିରୂପେ ଉନ୍ମେଷ ଲାଭ କରୁଛି । ତା'ପରେ ତା'ଭିତରେ କ୍ରମେ ବୋଧଶକ୍ତିର ଉନ୍ମେଷ ହେଉଛି । ପ୍ରଥମେ ଅର୍ଦ୍ଧୋନ୍ମେଷ ହେଉଛି, ତା'ପରେ କ୍ଷୀଣ ଉନ୍ମେଷ ଓ ସମ୍ପୂର୍ଣ୍ଣ ଉନ୍ମେଷ ହେଉଛି । ଏବଂ ତା'ପରେ ଏହା ବୋଧଶକ୍ତିର ଆୟତନକୁ ଅତିକ୍ରମ କରି ଯିବାଲାଗି ସଂଗ୍ରାମ କରୁଛି, ଦିବ୍ୟ ଭୂମି ଉପରେ ପୁଣି ଆତ୍ମଚେତନ, ମୁକ୍ତ, ଅନନ୍ତ ଓ ଅମର ହେବାର ପ୍ରୟାସ କରୁଛି । ମାତ୍ର ଏସବୁର ସମ୍ପୂର୍ଣ୍ଣ ବିପରୀତ ଏକ ବିଧାନର ଅଧୀନ ରହି ଏହାକୁ ଏହିଭଳି ଭାବରେ ଅଗ୍ରସର ହେବାକୁ ପଡ଼ୁଛି । ଜଡ଼ର ପରିବେଶସୀମା ଭିତରେ ଅର୍ଥାତ୍ ଅବିଦ୍ୟାର ପାଶବନ୍ଧନଟିକୁ କାଟି କାଟି ଆଗକୁ ଯିବାକୁ ହେଉଛି । ଏହାକୁ ଯେଉଁସବୁ ଗତିପଥର ଅନୁସରଣ କରିବାକୁ ହେବ ଏବଂ ଯେଉଁସବୁ ସାଧନକୁ ବ୍ୟବହାର କରିବାକୁ ହେବ, ଏହି ନିର୍ମମ ଓ ବିଭକ୍ତ ଜଡ଼ହିଁ ତା'ଲାଗି ସେସବୁକୁ ଖଞ୍ଜି ଦେଉଛି ଓ ତିଆରି କରି ଦେଉଛି; ତାହାର ପ୍ରତ୍ୟେକ ପଦକ୍ଷେପରେ ତା'ଉପରେ ଅବିଦ୍ୟା ଓ ସୀମାବଦ୍ଧତାର କେତେ ସଙ୍କୋଚକୁ ଆଣି ଲଦିଦେଉଛି ।

ଜଡ଼ ଓ ଆତ୍ମା ଭିତରେ ଦ୍ୱିତୀୟ ମୌଳିକ ବିରୋଧଟି ହେଉଛି ଯେ ଯାନ୍ତ୍ରିକ ନିୟନ୍ତ୍ରଣବଦ୍ଧତାଟି ଜଡ଼ ଭୂମିକୁ ଆସି ଏହାର ଚରମ ସୀମାରେ ପହଞ୍ଚିଛି । ତେଣୁ ମୁକ୍ତିର ସକଳ ଆକାଂକ୍ଷା ପ୍ରତି ଜଡ଼ ଆପଣାର ବିରୋଧ ପ୍ରକଟ କରିଥାଏ, ମୁକ୍ତିକାଂକ୍ଷୀ ସକଳ ତତ୍ତ୍ୱ ବିରୁଦ୍ଧରେ ତାହା ଏକ ଅତିକାୟ ଜଡ଼ତାରୂପରେ ଆସି ଠିଆହୁଏ । ଜଡ଼ ବା ଭୂତସତ୍ତା ସ୍ୱୟଂ ଜୀବନହୀନ ନୁହେଁ; ଏହାକୁ ଆମେ ବରଂ ଏକ ଅନ୍ତହୀନ ଗତିସ୍ରୋତ, ଏକ ଅକଳନୀୟ ସାମର୍ଥ୍ୟ ଓ ଏକ ସୀମାହୀନ କ୍ରିୟାତ୍ମକତା ବୋଲି କହିପାରିବା, ଯାହାର ବିଶାଳ ଗତିସ୍ପନ୍ଦନମାନ ଆମକୁ ହୁଏତ କେବଳ ବିସ୍ମୟ ଦ୍ୱାରା ଅଭିଭୂତ କରି ରଖିବ । ମାତ୍ର ଆତ୍ମସତ୍ତା ହେଉଛି ଏକ ମୁକ୍ତ ସତ୍ତା, ଏହା ନିଜେହିଁ ନିଜର ତଥା ନିଜ କ୍ରିୟାଗୁଡ଼ିକର ନିୟନ୍ତ୍ରଣ କରେ, ସେଗୁଡ଼ିକ

ଭିତରେ କଦାପି ଆବଦ୍ଧ ହୋଇପଡ଼େ ନାହିଁ । ଏହା ବିଧାନ ତିଆରି କରେ, ବିଧାନର ଦାସ ହୋଇ ରହେ ନାହିଁ । ଅପର ପକ୍ଷରେ ଭୌମଶକ୍ତି ଜଡ଼ ଏକ ଅନମନୀୟ ଯାନ୍ତ୍ରିକ ବିଧାନର ଶୃଙ୍ଖଳଦ୍ୱାରା ବଡ଼ କଠୋର ଭାବରେ ବାନ୍ଧି ହୋଇ ପଡ଼ିଥାଏ । ଏହି ବିଧାନଟି ତା'ଉପରେ ଲଦି ଦିଆ ଯାଇଥାଏ । ଏହି ବିଧାନଟିକୁ ସେ ଆଦୌ ବୁଝିପାରେ ନାହିଁ କିମ୍ବା କଳ୍ପନା ବି କରିପାରେ ନାହିଁ । ମାତ୍ର କେବଳ ଏକ ଯନ୍ତ୍ର ବୋଲି ଅନୁସାରେ କାର୍ଯ୍ୟ କଲାପରି ଏହା ଅନ୍ଧଭାବରେ କାର୍ଯ୍ୟ କରିବାରେ ଲାଗିଥାଏ; ଏବଂ କିଏ ତାହାକୁ କିପରି ଓ କାହିଁକି ସୃଷ୍ଟି କରିଥିଲା, ସେ ବିଷୟରେ ସେ କିଛି ଜାଣି ନଥାଏ । ମାତ୍ର ଯେତେବେଳେ ପ୍ରାଣଶକ୍ତିର ଜାଗରଣ ହୁଏ, ଯେତେବେଳେ ଏହା ଜଡ଼ରୂପ ଓ ଜଡ଼ଶକ୍ତି ଉପରେ ଆରୂଢ଼ ହୋଇ ଆପଣାର ଇଚ୍ଛା ଅନୁସାରେ ଓ ଆପଣାର ପ୍ରୟୋଜନସିଦ୍ଧି ଲାଗିହିଁ ସକଳପଦାର୍ଥକୁ କାମରେ ଲଗାଇବାକୁ ଇଚ୍ଛା କରେ, ଯେତେବେଳେ ମନଃଶକ୍ତିର ଉନ୍ମେଷ ହୁଏ ଓ ଯେତେବେଳେ ଏହା ଆପଣା ତଥା ସକଳ ପଦାର୍ଥ ବିଷୟରେ କିଏ, କାହିଁକି ଓ କିପରିର ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାକୁ ଆରମ୍ଭ କରେ ଏବଂ ସର୍ବୋପରି ପଦାର୍ଥଗୁଡ଼ିକ ଉପରେ ଆପଣାର ମୁକ୍ତତର ବିଧାନ ଓ ଆତ୍ମନିୟନ୍ତ୍ରିତ କର୍ମଧାରାଟିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଆପଣାର ଲବ୍ଧ ଜ୍ଞାନର ବ୍ୟବହାର କରିବାକୁ ଇଚ୍ଛା କରେ, ସେତେବେଳେ ଭୌତିକ ପ୍ରକୃତି ବଶ୍ୟତା ସ୍ୱୀକାର କରିଯିବା ପରି ମନେହୁଏ । ଏପରିକି ତାହାର ସମର୍ଥନ କରୁଥିବା ଓ ସହାୟକରୂପେ କାର୍ଯ୍ୟ କରୁଥିବା ପରି ମନେହୁଏ । ଅବଶ୍ୟ ପ୍ରଥମେ ପ୍ରତିବାଦ କରେ, ପ୍ରତିରୋଧ ବି କରେ; ତା'ପରେ ସତେ ଯେପରି କୁଣ୍ଠାର ସହିତ ମାନିନେବାକୁ ଯାଏ ଏବଂ କେବଳ କେତେକ ପରିମାଣରେହିଁ ମାନି ନେଇଥାଏ । ମାତ୍ର କେବଳ ଏତିକିର ସୀମାବାହାରେ ଏହା ତଥାପି ଏକ ଅବୋଧ ଓ ଅନମନୀୟ ଜଡ଼ତା ବା ଅନିଚ୍ଛୁକତାର ପ୍ରଦର୍ଶନ କରୁଥାଏ, ବାଧା ଦେଉଥାଏ, ନକାରାତ୍ମକ ହୋଇ ରହିଥାଏ । ଏପରିକି ପ୍ରାଣ ଓ ମନ ଆଉ ଅଧିକ ଦୂରକୁ କଦାପି ଯାଇ ପାରିବେ ନାହିଁ ଓ ଶେଷ ପର୍ଯ୍ୟନ୍ତ ଆପଣାର ଆଂଶିକ ବିଜୟର ମାର୍ଗରେ ଅବିଚଳ ରହିପାରିବେ ନାହିଁ ବୋଲି ସେମାନଙ୍କୁ ମିଛ ପ୍ରବଞ୍ଚନା ଦେଉଥାଏ ଓ ପଛକୁ ଟାଣୁଥାଏ । ପ୍ରାଣଶକ୍ତି ବିସ୍ତାରଲାଭ କରିବାକୁ ଚାହୁଥାଏ, ଆପଣାକୁ ଅଧିକ କାଳ ବଞ୍ଚାଇ ରଖିବାକୁ ଚାହୁଥାଏ, ଏବଂ ଏଥିରେ ତାହା ସଫଳ ହୁଏ । ମାତ୍ର ଚରମ ବ୍ୟାପ୍ତି ଓ ଅମରତ୍ୱର ଅନ୍ୱେଷଣ କରି ବାହାରିବା ମାତ୍ରକେ ତାହାର ସମ୍ମୁଖରେ ଜଡ଼ରୂପୀ ଲୌହ-ପ୍ରତିବନ୍ଧକଟି ଆସି ଠିଆହୁଏ । ସେତିକବେଳେହିଁ ପ୍ରାଣ ଆପଣାକୁ ସଙ୍କୀର୍ଣ୍ଣତା ଓ ମୃତ୍ୟୁଦ୍ୱାରା ଆବଦ୍ଧ ରହିଥିବାର ଦେଖିବାକୁ ପାଏ । ମନ ପ୍ରାଣକୁ ସାହାଯ୍ୟ କରିବାକୁ ଚାହୁଥାଏ; ସକଳ ଜ୍ଞାନର ଅଧିକାରୀ ହେବାଲାଗି ତା'ଭିତରେ ଯେଉଁ ଆକୂତି ରହିଛି, ସେଇଟିକୁ ପୂର୍ଣ୍ଣ କରିବାକୁ ଚାହୁଥାଏ ।

'oaob.nitrkl.ac.in' images reprocessed

ଆଲୋକମୟ ହେବାକୁ ଚାହୁଁଥାଏ, ସତ୍ୟର ଅଧିକାରୀ ହୋଇ ସତ୍ୟରେହିଁ ପରିଣତ ହେବାକୁ ଚାହୁଁଥାଏ, ପ୍ରେମ ଓ ଆନନ୍ଦର ପ୍ରତିଷ୍ଠା କରି ପ୍ରେମ ଓ ଆନନ୍ଦରେ ପରିଣତ ହେବାକୁ ଚାହୁଁଥାଏ । ମାତ୍ର ତାହାକୁ ସର୍ବଦା ଜଡ଼ଜୀବନଗତ ସହଜାତ ସ୍ୱଭାବଗୁଡ଼ିକର ବିରୋଧ, ଭ୍ରାନ୍ତି ତଥା ସ୍ଥୂଳତାସବୁର ସମ୍ମୁଖୀନ ହେବାକୁ ପଡ଼େ, ଜଡ଼ବୋଧ ତଥା ଜଡ଼ ସାଧନଗୁଡ଼ିକର ଅସ୍ୱୀକୃତି ତଥା ବାଧାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼େ । ଏହାର ଜ୍ଞାନ ସହିତ ଭ୍ରାନ୍ତି ଅନବରତ ଲାଗି ରହିଥାଏ, ଅନ୍ଧକାର ଏହାର ଆଲୋକ ସହିତ ସତେ ଅବା ଅବିଚ୍ଛିନ୍ନଭାବରେ ଏକ ସହଚର ଓ ପୃଷ୍ଠଭୂମି ହୋଇ ରହିଥାଏ । ମନ ସଫଳ ଭାବରେ ସତ୍ୟର ଅନୁସନ୍ଧାନ କରୁଥାଏ ସତ, ମାତ୍ର ସେହି ସତ୍ୟକୁ ପାଇବା ପରେ ସେ ଦେଖିବାକୁ ପାଏ ଯେ ଯାହା ସେ ପାଇଛି, ତାହା ଯଥାର୍ଥରେ ସତ୍ୟ ନୁହେଁ । ତେଣୁ ଆପଣାର ଅନ୍ୱେଷଣକୁ ସେ ପୁଣି ଅବ୍ୟାହତ ରଖିବାରେ ଲାଗିପଡ଼େ । ପ୍ରେମ ତାହା ପାଖରେ ରହିଥାଏ ସତ, ମାତ୍ର ଆପଣାକୁ ତୃପ୍ତି ଦେଇପାରେ ନାହିଁ । ଆନନ୍ଦ ବି ରହିଥାଏ, ମାତ୍ର ତାହା ଆପଣା ଉପସ୍ଥିତିର ଯାଥାର୍ଥ୍ୟଟିକୁ ପ୍ରମାଣ କରିପାରେ ନାହିଁ । ଏବଂ ସତେ ଅବା ଆପଣାର ଶୃଙ୍ଖଳରୂପେ ଦୁହେଁ ଆପଣାର ବିପରୀତ ତତ୍ତ୍ୱଗୁଡ଼ିକୁ,—କ୍ରୋଧ, ଘୃଣା ଓ ଉଦାସୀନତା; ଭୋଗକ୍ଳାନ୍ତି, ଦୁଃଖ ଓ କଷ୍ଟକୁ,—ଟାଣିବାରେ ଲାଗିଥା'ନ୍ତି, କିମ୍ବା ଆପଣାର ହ୍ରାସରୂପେ ଏଗୁଡ଼ିକୁ ପ୍ରତିଫଳିତ କରିବାରେ ଲାଗିଥା'ନ୍ତି । ଯେଉଁ ଜଡ଼ତା ଓ ଅତିକୁଣ୍ଠାଦ୍ୱାରା ଜଡ଼, ମନ ତଥା ପ୍ରାଣର ଦାବିଗୁଡ଼ିକର ପ୍ରତ୍ୟୁତ୍ତର ଦେଇଥାଏ, ତାହାହିଁ ଅବିଦ୍ୟାକୁ ଜୟ କରିବାରେ ଏକ ନିଷେଧକ ଓ ପ୍ରତିବନ୍ଧକ ହୋଇ ଠିଆହୁଏ, ଅବିଦ୍ୟାର ଶକ୍ତିରୂପୀ ସେହି ନିର୍ମମ ପ୍ରବଳତାକୁ ଜୟ କରିବାର ସକଳ ପ୍ରଚେଷ୍ଟାକୁ ପ୍ରତିହତ କରି ରଖେ ।

ଏବଂ ଏପରି ହେବାର କାରଣ ଖୋଜିବାକୁ ଯାଇ ଆମେ ଦେଖିଥାଉ ଯେ ଜଡ଼ସ୍ଥ ଏକ ଭିତ୍ତିସ୍ଥ ସାମର୍ଥ୍ୟ ସକାଶେହିଁ ଏହି ଜାଡ୍ୟ ଓ ଏହି ବାଧା ଏପରି ସଫଳ ଭାବରେ ଆପଣାର ପରାକ୍ରମ ବିସ୍ତାର କରିବାକୁ ସମର୍ଥ ହୁଏ । ଜଡ଼ ମଧ୍ୟରେହିଁ ବିଭାଜନ ଓ ସଂଘର୍ଷର ତତ୍ତ୍ୱଟି ଆପଣା ଚରମ ପ୍ରାନ୍ତସୀମାରେ ଆସି ପହଞ୍ଚିଥାଏ,—ଏହାହିଁ ହେଉଛି ଚିଦାତ୍ମାର ସମ୍ମୁଖରେ ଜଡ଼ ଉପସ୍ଥାପିତ କରୁଥିବା ମୌଳିକ ଭିତ୍ତିସ୍ଥ ବିରୋଧ । ଆପଣାର ଯଥାର୍ଥ ସ୍ୱଭାବସତ୍ୟରେ ଜଡ଼ଧାତୁ ଅବିଭାଜ୍ୟ ହୋଇଥିଲେ ମଧ୍ୟ ବିଭାଜ୍ୟତାକୁହିଁ ଆମେ ଜଡ଼ନିସ୍ଥାର ସମଗ୍ର ଆଧାରରୂପେ ଜାଣିରଖିବା । ମନେହୁଏ, ସତେଯେପରି ବିଭାଜ୍ୟତାର ଏହି ଧର୍ମଟିକୁ ପରିତ୍ୟାଗ କରିବା ଜଡ଼ ଲାଗି ନିଷିଦ୍ଧ ହୋଇ ରହିଛି ! କାରଣ ଏକକଗୁଡ଼ିକୁ ଏକତ୍ର କରି ଏକ ସମାହାର ଗଠନ କରିବା କିମ୍ବା ଗୋଟିକୁ ଆଉ ଗୋଟିକର ଗ୍ରାସ ଭିତରକୁ ଟାଣିଆଣି ତଦ୍ୱାରା ଏକପ୍ରକାର ଏକାବସ୍ଥିତତା ହାସଲ କରିବା,—କେବଳ ଏହି ଦୁଇଟି ଉପାୟକୁ ଛାଡ଼ିଦେଲେ

'oaob.nitrkl.ac.in' images reprocessed

ଜଡ଼ ପାଖରେ ଏକତ୍ୱସାଧନର ଅନ୍ୟ କୌଣସି ଗତିହିଁ ନାହିଁ । ଏବଂ ଏହି ଦୁଇଟିଯାକ ଗତି ମୂଳତଃ ଶାଶ୍ୱତ ବିଭାଜନର ମାର୍ଗଟିକୁହିଁ ମାନି ନେଉଛନ୍ତି । କାରଣ ପ୍ରଥମଟି ପ୍ରକୃତରେ କୌଣସି ଏକତ୍ୱ ଘଟାଉ ନାହିଁ, ଏହା କେବଳ ଗୋଟିକୁ ଆଣି ଆଉ ଗୋଟିକ ସହିତ ଯୋଡ଼ି ଦେଉଛି; ଅର୍ଥାତ୍ ଆପଣା ଗତିର ସ୍ୱଭାବଟି ଅନୁସାରେ ପରସ୍ପରଠାରୁ ପୁଣି ଅସଂଲଗ୍ନ ହୋଇଯିବା କିମ୍ବା ଏକାବେଳେକେ ବିଲୁପ୍ତ ହୋଇଯିବାର ସମ୍ଭାବନା ଓ ତେଣୁ ତାହାର ଚରମ ଆବଶ୍ୟକତାଟିକୁ ତାହା ସ୍ୱୀକାରହିଁ କରିନେଉଛି । ଦୁଇଟିଯାକ ଗତି ମୃତ୍ୟୁକୁହିଁ ଆଶ୍ରୟ କରି ରହିଛନ୍ତି, ଗୋଟିକରେ ମୃତ୍ୟୁ ଜୀବନରକ୍ଷାର ସାଧନ ଓ ଅନ୍ୟଟିରେ ଜୀବନର ଏକ ଆବଶ୍ୟକ ସର୍ତ୍ତରୂପେ କାର୍ଯ୍ୟ କରୁଛି । ଏବଂ ବିଶ୍ୱଜୀବନର ସର୍ତ୍ତ ହିସାବରେ ଦୁହେଁଯାକ ବିଭକ୍ତ ଏକକ ଗୁଡ଼ିକର ପାରସ୍ପରିକ ସଂଘର୍ଷକୁହିଁ ଏକ ମୂଳ ସତ୍ୟରୂପେ ମାନି ନେଉଛନ୍ତି । ଏହି ସଂଘର୍ଷରେ ପ୍ରତ୍ୟେକଟି ଏକକ ଆପେ ତିଷ୍ଠି ରହିବାକୁ ଚେଷ୍ଟା କରୁଛି, ଆପଣାର ସମାହାରଗୁଡ଼ିକୁ ବଜାୟ ରଖିବାକୁ ଚେଷ୍ଟା କରୁଛି; ଯାହାକିଛି ତାହାର ପ୍ରତିରୋଧ କରିବାକୁ ଆସୁଛି, ସେ ତାହାକୁ ଆପଣାର ପ୍ରୟୋଜନସିଦ୍ଧି ଲାଗି ବାଧ୍ୟ କରୁଛି କିମ୍ବା ନଷ୍ଟ କରି ପକାଉଛି । ଅନ୍ୟମାନଙ୍କୁ ଆପଣାର ଦେହ ଭିତରକୁ ଟାଣି ଆଣି ସେ ସେଗୁଡ଼ିକୁ ଆପଣାର ଭକ୍ଷ୍ୟରୂପେ ବ୍ୟବହାର କରୁଛି । ମାତ୍ର ନିଜେ କୌଣସିପ୍ରକାରେ ବାଧ୍ୟ ହେବାକୁ ଚାହୁଁ ନାହିଁ, ବାଧ୍ୟ ହେବାର ସକଳ ଅବସରରୁ ଦୌଡ଼ି ପଳାଇ ଯାଉଛି ବା ବିଦ୍ରୋହ କରି ବାହାରୁଛି । ଯେତେବେଳେ ଅନ୍ୟ କେହି ତାକୁ ସଂହାର ବା ଭକ୍ଷଣ କରିବାକୁ ଆସୁଛି, ସେତେବେଳେ ସେ ସେହି କ୍ଷେତ୍ରରୁ ପଳାଇ ଯାଉଛି ବା ତା' ବିରୁଦ୍ଧରେ ବିଦ୍ରୋହ କରୁଛି । ଯେତେବେଳେ ଜଡ଼ରେ ପ୍ରାଣତତ୍ତ୍ୱର କ୍ରିୟାପ୍ରକାଶ ହୁଏ, ସେତେବେଳେ ସେହି ଜଡ଼କୁହିଁ ପ୍ରାଣତତ୍ତ୍ୱ ଆପଣାର ସକଳ କ୍ରିୟାର ଆଧାରରୂପେ ପ୍ରତ୍ୟକ୍ଷ କରିଥାଏ ଏବଂ ତାହାର ଯୁଆଳି ତଳେ ଆପଣାର ବେକଟି ଆଣି ରଖିଦେବାକୁ ସେ ଆପଣାକୁ ବାଧ୍ୟ ବୋଲି ଅନୁଭବ କରେ । ସେତେବେଳେ ପ୍ରାଣ ମୃତ୍ୟୁ, ବାସନା ଓ ସୀମାବଦ୍ଧତାର ନିୟମଗୁଡ଼ିକୁ ମାନିବାକୁ ବାଧ୍ୟ ହୁଏ; ଗ୍ରାସ କରିବା, ଆତ୍ମସାତ୍ କରିବା ଓ କବଳାୟତ୍ତ କରି ରଖିବାର ନିୟତ ସଂଗ୍ରାମଟିକୁ ବି ମାନିନିଏ । ପ୍ରାଣର ପ୍ରଥମ ବିଭବରୂପେ ଆମେ ଆଗରୁ ଏସବୁର ଆଲୋଚନା କରିଛୁ । ଏବଂ ଯେତେବେଳେ ଜଡ଼ ଭିତରେ ମନଃଶକ୍ତିର କ୍ରିୟାପ୍ରକାଶ ହୁଏ, ସେତେବେଳେ ମନକୁ ମଧ୍ୟ ଏହି ଜଡ଼ମୟ ଉପାଦାନଟିକୁ ଆଦରି ନେବାକୁ ଏବଂ ଜଡ଼ର ଗ୍ରନ୍ଥି ଭିତରେ ସୀମାବଦ୍ଧ ରହି କାର୍ଯ୍ୟ କରିବାକୁ ପଡ଼େ । ମନ ସେତେବେଳେ କେବଳ ଚାହିଁବାରେ ଲାଗିଥାଏ; ମାତ୍ର ଯାହା ଚାହୁଁଥାଏ, ନିଶ୍ଚିତ ଭାବରେ ହୁଏତ ତାହାର କିଛି ହେଲେ ପାଇପାରେ ନାହିଁ । ତାହାର ସକଳ ପାଇବା ଓ କାର୍ଯ୍ୟ କରିବା ଭିତରେ ଯୋଡ଼ିବା ଓ କାଢ଼ିନେବାର ଅର୍ଥାତ୍ ସଂଯୋଜନ ଓ

'oaob.nitrkl.ac.in' images reprocessed

ବିଯୋଜନର ନିତ୍ୟ ଧନ୍ଦା ଲାଗି ରହିଥାଏ । ତେଣୁ ଏକ ମନୋମୟ ପ୍ରାଣୀ ହିସାବରେ ମନୁଷ୍ୟ ଯେଉଁ ଜ୍ଞାନ ଲାଭ କରେ, ସେହି ଜ୍ଞାନ କଦାପି ଚରମ ବା ସଂଶୟରହିତ ହୋଇପାରେ ନାହିଁ, ଖଣ୍ଡିତ ହୋଇଯିବାର ଶଙ୍କାରୁ କେବେହେଲେ ପରିତ୍ରାଣ ପାଏ ନାହିଁ । ମନୁଷ୍ୟର ସକଳ ଶ୍ରମ ଓ ଆୟାସ ସେତେବେଳେ କ୍ରିୟା ଓ ପ୍ରତିକ୍ରିୟା ଭିତରେ କେବଳ ଏପାଖସେପାଖ ହେବାରେ ଲାଗିଥାଏ, ଭାଙ୍ଗିବା ଓ ଗଢ଼ିବାର ଦୁଇ ବିନ୍ଦୁ ଭିତରେ ଆବର୍ତ୍ତିତ ହେଉଥାଏ । ତାହାର ସକଳ ସୃଷ୍ଟି କେବଳ କ୍ଷଣକ ଲାଗି ପୁଷ୍ଟି ଲାଭ କରେ, କେବଳ ଘଡ଼ିକ ପାଇଁ ସଂରକ୍ଷିତ ହୋଇ ରହେ; ଏବଂ ତା'ପରେ 'ମହତୀ ବିନଷ୍ଟି'ର ପଥରେ କୁଆଡ଼େ ଭାଙ୍ଗିରୁଜି ଯାଏ । ତେଣୁ କୌଣସି ନିଶ୍ଚିତ ଓ ନିର୍ଭରଯୋଗ୍ୟ ଧ୍ରୁବ ପ୍ରଗତି ଲାଗି ଆଉ କୌଣସି ସ୍ଥାନ ରହେ ନାହିଁ ।

ଜଡ଼ସତ୍ତାର ଅଜ୍ଞାନ, ଜାଡ୍ୟ ଓ ବିଭାଜନବୃତ୍ତି ଆପଣା ଭିତରେ ଉଦ୍‌ଭୂତ ହେଉଥିବା ପ୍ରାଣ ଓ ମନୋଗତ ଅସ୍ତିତ୍ୱଭୂମି ଉପରେ ଦୁଃଖ ଓ ଯନ୍ତ୍ରଣାଭୋଗର ଯେଉଁ ଅଦୃଷ୍ଟ ବିଧାନଟିକୁ ଆଣି ଲଦି ଦିଅନ୍ତି ଏବଂ ତଦ୍ଦ୍ୱାରା ଅସନ୍ତୋଷର ଯେଉଁ ସତତ-ଅଶାନ୍ତି ଘଟାଇଥା'ନ୍ତି, ଆମେ ତାହାକୁହିଁ ଏହି କ୍ଷେତ୍ରରେ ଏକ ବିଶେଷ ଓ ସବୁଠାରୁ ଅଧିକ ଘାତକ ଏକ ପରିଣାମ ବୋଲି କହିବା । ଜଡ଼ସ୍ୱଭାବସ୍ଥ ଅଜ୍ଞାନ, ଜାଡ୍ୟ ଓ ବିଭାଜନ-ବୃତ୍ତିରୁହିଁ ଏହି ସତତ ଅସନ୍ତୋଷ ଜନ୍ମ ଲାଭ କରିଥାଏ । ଯଦି ଆମର ମାନସିକ ଚେତନାଟି ସଂପୂର୍ଣ୍ଣଭାବେ ଅଜ୍ଞାନଗ୍ରସ୍ତ ହୋଇ ରହିଥା'ନ୍ତା, ଯଦି ଆପଣାର ଅଜ୍ଞାନ ତଥା ଆପଣାର ଅସ୍ତିତ୍ୱଟିକୁ ଘେରି ରହିଥିବା ଚେତନା ଓ ଜ୍ଞାନରୂପୀ ଅନନ୍ତ ମହାସମୁଦ୍ରଟି ବିଷୟରେ ସଂପୂର୍ଣ୍ଣ ଅଜ୍ଞ ରହି ମନ ସଂସ୍କାର ଓ ରୂଢ଼ିଗତ କୌଣସି ଖୋଳ ଭିତରେ ସନ୍ତୁଷ୍ଟ ହୋଇ ରହିଯାଇ ପାରୁଥା'ନ୍ତା, ତେବେ ତାକୁ ଅଜ୍ଞାନଜନିତ ଅସନ୍ତୋଷର କୌଣସି ତୀବ୍ର ଜ୍ୱାଳା ଆଦୌ ସହିବାକୁ ପଡ଼ୁ ନଥାନ୍ତା । ମାତ୍ର ଜଡ଼ ଭିତରେ ଜାଗ୍ରତ ହେଉଥିବା ଚୈତନ୍ୟ ଭିତରେ ଖାସ୍ ଏହି ସଚେତନାଟିହିଁ ଜାତ ହୋଇଥାଏ । ପ୍ରଥମତଃ ଆପେ ବାସ କରୁଥିବା ଜଗତଟି ବିଷୟରେ ଆପଣାର ଅଜ୍ଞତା ସମ୍ବନ୍ଧରେ ସେ ସଚେତନ ହୋଇଉଠେ, କାରଣ ସୁଖୀ ହୋଇ ବାସ କରିବା ଲାଗି ଏହାକୁ ଏହି ଜଗତଟିକୁହିଁ ଜାଣିବା ଓ ଆପଣାର ଆୟତ୍ତକୁ ଆଣିବାକୁ ପଡ଼ିଥାଏ । ଦ୍ୱିତୀୟତଃ ମନ ଜଗତ୍‌ବିଷୟକ ଏହି ଜ୍ଞାନର ଚରମ ଅସାର୍ଥକତା ଓ ସୀମାବଦ୍ଧତାଟିକୁ ବି କ୍ରମେ ହୃଦୟଙ୍ଗମ କରିବାକୁ ଆରମ୍ଭ କରେ; ଏହି ଜ୍ଞାନ ଯେଉଁ ତଥାକଥିତ ସାମର୍ଥ୍ୟ ଓ ସୁଖ ଆଣିଦିଏ ତାହାର ଅତିସ୍ୱଳ୍ପତା ଓ ଅନିଶ୍ଚିତତା ବିଷୟରେ ବି ସଚେତନ ହେବାକୁ ଲାଗେ, ଏବଂ ତା'ଭିତରେ ଏକ ଅନ୍ତର୍ହିତ ଚେତନାବସ୍ଥିତତା, ଜ୍ଞାନ ତଥା ଯଥାର୍ଥ ଜୀବନସତ୍ତାର ବୋଧ ବି କ୍ରମେ ଜାଗ୍ରତ ହେବାକୁ ଆରମ୍ଭ କରେ । ଏବଂ କେବଳ ସେହି ଚେତନା, ଜ୍ଞାନ ଓ ଯଥାର୍ଥ ଜୀବନର

'oaob.nitrkl.ac.in' images reprocessed

ଅଧିକାର ଲାଭ କରିବାରେ ଯେ ଅସଲ ବିଜୟ ଓ ଅନନ୍ତ ସୁଖ ନିହିତ ହୋଇ ରହିଛି, ମନ ସେକଥାଟି ମଧ୍ୟ ଅନୁଭବ କରିଥାଏ । ପୁଣି ଜଡ଼ ଭିତରେ ଉନ୍ମେଷଲାଭ କରୁଥିବା ପ୍ରାଣର ବୋଧଟି ମଧ୍ୟ ଏକାବେଳେକେ ଜୀବନହୀନ ହୋଇ ରହିଥିଲେ, ଯେଉଁ ଅନନ୍ତ ସାମର୍ଥ୍ୟ ଓ ଅମର ସତ୍ତା ମଧ୍ୟରେ ପ୍ରାଣ ଏକ ଅଂଶରୂପେ ମାତ୍ର ତଥାପି ତାହାଠାରୁ ବିଚ୍ଛିନ୍ନ ରହି ଅବସ୍ଥିତ କରୁଛି, ତାହା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହି ସେ ନିଜର ଅର୍ଦ୍ଧଚେତନ ଏବଂ ସୀମାବଦ୍ଧ ଜୀବନବନ୍ଧଟି ଭିତରେ ସନ୍ତୁଷ୍ଟଭାବେ ରହି ପାରୁଥିଲେ, କିମ୍ବା ସେହି ଅନନ୍ତ ଓ ଅମର ସତ୍ୟଭୂମିର ସମ୍ଭୋଗଲୀଳାରେ ଯଥାର୍ଥରେ ଭାଗ ନେଇପାରିବା ଲାଗି ପ୍ରୟାସ କରିବାକୁ ଏହାର ଭିତରେ ରହିଥିବା କୌଣସି ଶକ୍ତି ଏହାକୁ ଅନୁଧାବିତ କରି ରଖୁ ନଥିଲେ, ଜଡ଼ଭୂମିଗତ ଜାଡ୍ୟର ପ୍ରତିବନ୍ଧକଟି ପ୍ରାଣ ଭିତରେ ଆଦୌ କୌଣସି ଅଶାନ୍ତି, କିମ୍ବା ଅସନ୍ତୋଷ ସୃଷ୍ଟି କରୁ ନଥା'ନ୍ତା । ମାତ୍ର ଯାବତୀୟ ପ୍ରାଣସତ୍ତା ପ୍ରଥମରୁହିଁ ଠିକ୍ ଏଇଟିକୁହିଁ ଅନୁଭବ କରିଥାଏ, ଠିକ୍ ଏଇଟିରହିଁ ସନ୍ଧାନ କରୁଥାଏ । ଆପଣାର ଅନିଶ୍ଚିତତାକୁ ଅନୁଭବ କରୁଥାଏ, ତାହାର ଭିତରେ ତଥାପି ତିଷ୍ଠି ରହିବାର ଓ ଆପଣାକୁ ସଂରକ୍ଷିତ କରି ରଖିବାର ଆବଶ୍ୟକତାଟି ଅନୁଭବ କରୁଥାଏ ଓ ସେଇଥିଲାଗି ସଂଗ୍ରାମ କରୁଥାଏ । ଏବଂ ପରିଶେଷରେ ସତେ ଅବା ନିଦରୁ ଉଠିଲା ପରି ସେ ଆପଣା ଜୀବନର ସୀମାବଦ୍ଧତା ବିଷୟରେ ସଚେତନ ହୋଇଉଠେ । ବୃହତ୍ ହେବା ଲାଗି ଓ ସ୍ଥାୟୀ ହୋଇପାରିବା ଲାଗି ଭିତରୁ ଏକ ପ୍ରବଳ ଆକାଂକ୍ଷା ଅନୁଭବ କରିବାକୁ ଆରମ୍ଭ କରେ, ଅନନ୍ତ ଓ ଅବିନଶ୍ୱରର ଆହ୍ୱାନ ଶୁଣିବାକୁ ଲାଗେ ।

ଏବଂ ଯେତେବେଳେ ମନୁଷ୍ୟ ଭିତରେ ଏହି ପ୍ରାଣଶକ୍ତି ସମ୍ପୂର୍ଣ୍ଣ ଆତ୍ମସଚେତନ ହୋଇଉଠେ, ସେତେବେଳେ ଏହି ଅନିବାର୍ଯ୍ୟ ସଂଗ୍ରାମ, ପ୍ରୟାସ ଓ ଆକାଂକ୍ଷା ସତେ ଅବା ସେଗୁଡ଼ିକର ତୁଙ୍ଗତମ ସୀମାକୁ ଆସି ସ୍ପର୍ଶ କରନ୍ତି । ସେତେବେଳେ ପୃଥିବୀର ବେଦନା ଓ ବିସଙ୍ଗତିଗୁଡ଼ିକ ଏତେ ତୀବ୍ରଭାବରେ ଦଂଶନ କରିବାକୁ ଲାଗନ୍ତି ଯେ ସନ୍ତୁଷ୍ଟ ରହି ସେଗୁଡ଼ିକୁ ସହନ କରିନେବା ଆଉ ମୋଟେ ସମ୍ଭବ ହୁଏ ନାହିଁ । ହଁ, ଆପଣାର ସୀମାବଦ୍ଧତା ଅର୍ଥାତ୍ ଅସମର୍ଥତାଗୁଡ଼ିକ ସହିତ ସନ୍ତୁଷ୍ଟ ହୋଇ ରହିବାକୁ ଇଚ୍ଛା କରି ମନୁଷ୍ୟ ବେଶ୍ ଅନେକ କାଳପର୍ଯ୍ୟନ୍ତ ଆପଣାକୁ ଚୁପ୍ କରି ରଖିପାରେ, ଅଥବା ସେ ବାସ କରୁଥିବା ଏହି ଭୌତିକ ଜଗତ୍ ଉପରେ ଯଥାଶକ୍ତି ଆପଣାର ପ୍ରଭୁତ୍ୱ ବିସ୍ତାର କରିବାରେହିଁ ଆପଣାର ସଂଘର୍ଷକୁ ସୀମାବଦ୍ଧ କରି ରଖିପାରେ, କିମ୍ବା ଅଧିକରୁ ଅଧିକ ଜ୍ଞାନ ହାସଲ କରି ସେ ତଦ୍ୱାରା ଏହି ଜଡ଼ ଜଗତର ଅଚେତନ ଅନ୍ଧବିଧାନଗୁଡ଼ିକ ଉପରେ ମାନସିକ ଅଥବା ଭୌତିକ ବିଜୟ ବି ଲାଭ କରିପାରେ ବା ତା'ର ଅତିକ୍ଷୁଦ୍ର ଏବଂ ଅଳ୍ପାୟୁତନ ମଧ୍ୟରେ ଆପଣାକୁ କେନ୍ଦ୍ରୀଭୂତ କରି ରଖିଥିବା ସଚେତନ ଇଚ୍ଛାଶକ୍ତି ଓ ସାମର୍ଥ୍ୟଦ୍ୱାରା ଏହି ଜଗତର

'oaob.nitrkl.ac.in' images reprocessed

ଅନ୍ଧଶକ୍ତି-ପରିଚାଳିତ ବିପୁଳ ଓ ମୂଢ଼ ଶକ୍ତିଗୁଡ଼ିକୁ କେତେକ ପରିମାଣରେ ଆପଣାର ଅଧୀନକୁ ଆଣିପାରେ ଓ ସେଇଥିରୁ ଏକପ୍ରକାର ସନ୍ତୋଷ ମଧ୍ୟ ଲାଭ କରିପାରେ । ମାତ୍ର ଏଠାରେ ମଧ୍ୟ ସେ ସେହି ସୀମାବଦ୍ଧତାଟିକୁହିଁ ଅନୁଭବ କରିଥାଏ, ସେ ହାସଲ କରୁଥିବା ସର୍ବୋତ୍ତମ ବିଜୟଗୁଡ଼ିକର ବି ଦୀନତା ତଥା ଅନର୍ଣ୍ଣିତତାମାନ ତାକୁ ସତେ ଅବା ଜଳଜଳ ହୋଇ ଦେଖାଯାଏ, ଏବଂ ସେ ଦୃଷ୍ଟିପ୍ରସାରଣ କରି ଆହୁରି ଦୂରକୁ ଦେଖିବା ଲାଗି ବାଧ୍ୟ ହୁଏ । ଆପଣାଠାରୁ ବୃହତ୍ତର ଆଉ ଏକ ସୀମା ମଧ୍ୟ ରହିଛି କିମ୍ବା ସବୁ ସୀମାକୁ ଅତିକ୍ରମ କରି ଆପଣାର ସବୁକିଛିର ସେପାଖରେ ଏକ ଅସୀମ ଅବସ୍ଥାନ କରୁଛି, ଏବଂ ଇଚ୍ଛାକଲେ ତାହାରି ଲାଗି ଆକାଂକ୍ଷା ରଖିବାର ଅଧିକାର ମଧ୍ୟ ଅବଶ୍ୟ ପ୍ରାପ୍ତ ହୋଇପାରିବ,—ଏହିଭଳି ଏକ ସଚେତନତା ଦ୍ୱାରା ସଂପ୍ରେରିତ ହୋଇ ରହିଥିବାଯାଏ ସୀମା କଦାପି ସବୁକାଳ ଲାଗି ଚୁପ୍ ହୋଇ ରହି ପାରିବ ନାହିଁ, କଦାପି ସନ୍ତୁଷ୍ଟ ହୋଇ ରହିପାରିବ ନାହିଁ । ଏବଂ ସେ ଏହିଭଳି ଭାବରେ କେବେହେଲେ ତଥାପି ସନ୍ତୁଷ୍ଟ ହୋଇ ରହିଗଲେ ମଧ୍ୟ, ତା'ଭିତରେ ଯେଉଁ ତଥାକଥିତ ସୀମାବଦ୍ଧତାଟି ଏକ ସୀମାସ୍ଥିତ ଅନନ୍ତତାକୁହିଁ ଆପଣା ବିଷୟରେ ଯଥାର୍ଥ ସତ୍ୟ ବୋଲି ଅନୁଭବ କରୁଥିବ ଅଥବା ଆପଣା ଭିତରେ ଅଧିଷ୍ଠିତ ଅନନ୍ତ ସତ୍ତ୍ୱଟିର କେବଳ ଅବସ୍ଥିତି, ଆବେଗ ଓ ଆନ୍ଦୋଳନଟିକୁହିଁ ଅନୁଭବ କରୁଥିବ, ସେଇଟି କଦାପି ସନ୍ତୁଷ୍ଟ ହୋଇ ରହିପାରିବ ନାହିଁ; ଯେଉଁଭଳି ଭାବରେ ହେଉ ବା ଯେତିକି ଟିକିଏହେଲେ ହେଉ ପଛକେ, ଦୁଇଟି ମଧ୍ୟରେ ଏକ ସମନ୍ୱୟ ସ୍ଥାପିତ ନହେବା ପର୍ଯ୍ୟନ୍ତ, ତାହାକୁ ଅଧିକାର ନକରିବା ପର୍ଯ୍ୟନ୍ତ ଓ ତାହାରି ପାଖରେ ଆପଣାକୁ ଧରି ନଦେବା ପର୍ଯ୍ୟନ୍ତ ସିଏ କଦାପି ସନ୍ତୁଷ୍ଟ ରହିପାରିବ ନାହିଁ । ସୀମାବଦ୍ଧ ବୋଲି ପ୍ରତୀତ ହେଉଥିବା ଏକ ଅସୀମତା,—ତାହାହିଁ ମନୁଷ୍ୟର ଯଥାର୍ଥ ପରିଚୟ, ତେଣୁ ଅସୀମର ଅନ୍ୱେଷଣ ନକରି ସିଏ କଦାପି ଅସ୍ଥି ହୋଇ ରହିପାରିବ ନାହିଁ । ମନୁଷ୍ୟ ହେଉଛି ପୃଥିବୀର ପ୍ରଥମ ସନ୍ତାନ, ଯିଏକି ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ଆପଣା ଭିତରେ ଅବସ୍ଥିତ ଦିବ୍ୟ ପୁରୁଷର ଅନୁଭବ କରିପାରୁଛି । ମନୁଷ୍ୟହିଁ ସର୍ବପ୍ରଥମେ ଆପଣାର ଅମରତ୍ୱ ଓ ସେହି ଅମରତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତାଟିକୁ ଅନୁଭବ କରିଛି, ସେହି ବିଷୟରେ ସଚେତନ ହୋଇପାରିଛି । ଏବଂ ଏହି ସଚେତନତା ଅର୍ଥାତ୍ ଏହି ଜ୍ଞାନହିଁ ତା'ଲାଗି ଗ୍ରନ୍ଥି ପରି କାମ କରୁଛି ଓ ତାକୁ ଆଗକୁ ଯିବାକୁ ବାଧ୍ୟ କରୁଛି । ଏହି ଜ୍ଞାନହିଁ ତା'ଲାଗି ଆତ୍ମୋତ୍ସର୍ଗର ଯୂପରୂପେ କାର୍ଯ୍ୟ କରୁଛି । ମନୁଷ୍ୟ ଏହି ଜ୍ଞାନକୁ ଯେପର୍ଯ୍ୟନ୍ତ ଅନ୍ତହୀନ ଆଲୋକ, ଆନନ୍ଦ ଓ ସାମର୍ଥ୍ୟର ଉତ୍ସରୂପେ ରୂପାନ୍ତରିତ କରିଦେବାକୁ ସମର୍ଥ ନହୋଇଛି, ସେପର୍ଯ୍ୟନ୍ତ ଏହି ଜ୍ଞାନ ତାକୁ ବେତ ମାରି ଆଗକୁ ନେଇ ଯାଉଥିବ, ଆତ୍ମୋତ୍ସର୍ଗର ନାନା ଅବସର ମଧ୍ୟ ଦେଇ ତାକୁ ଯୋଗ୍ୟରୁ ଯୋଗ୍ୟତର କରିବାରେ ଲାଗିଥିବ ।

'oaob.nitrkl.ac.in' images reprocessed

ଜଡ଼ର ମୂଳପିଣ୍ଡରେ ଯଦି କଠୋର ଭେଦ ବା ବିଭାଜନର ତତ୍ତ୍ୱଟି ନଥା'ନ୍ତା, ତେବେ ଜଡ଼ର ଅଜ୍ଞାନତା ଓ ଜାଡ଼୍ୟ ଭିତରେ ଆପଣାକୁ ହରାଇ ବସିଥିବା ଦିବ୍ୟଚେତନା ଏବଂ ଶକ୍ତି, ଜ୍ଞାନ ଓ ସଂକଳ୍ପ ଉତ୍ତରୋତ୍ତର ଭାବରେ କ୍ରମପରିଣତ ତଥା କ୍ରମପ୍ରକାଶିତ ହୋଇ ଆନନ୍ଦର କ୍ଷେତ୍ରରୁ ବୃହତ୍ତର ଆନନ୍ଦର କ୍ଷେତ୍ରକୁ ଅଗ୍ରସର ହୋଇ ପାରୁଥା'ନ୍ତା ଏବଂ ପରିଶେଷରେ ଅନନ୍ତ ଆନନ୍ଦ ମଧ୍ୟରେ ପୂର୍ଣ୍ଣପ୍ରସନ୍ନ ହୋଇ ଫୁଟିଉଠି ପାରନ୍ତା । ଆମ ବ୍ୟକ୍ତିଜୀବନ ଆପଣାର ବିଚ୍ଛିନ୍ନ ଓ ସୀମାବଦ୍ଧ ମନ, ପ୍ରାଣ ତଥା ଶରୀରର ସଂକୀର୍ଣ୍ଣ ଓ ବ୍ୟକ୍ତିଗତ ଚେତନା ଭିତରେ କଳହୋଇ ରହିଥିବାରୁହିଁ ଆମେ ଆମ ସ୍ୱାଭାବିକ ବିକାଶର ବିଧାନଟିରୁ ବଞ୍ଚିତ ହୋଇ ରହିଛୁ । ଏହିପରି କଳହୋଇ ରହିବା ଫଳରେ ଆମର ଏହି ଶରୀର ଆକର୍ଷଣ ଓ ବିକର୍ଷଣ, ଆତ୍ମରକ୍ଷା ଓ ଆକ୍ରମଣ ଏବଂ ବିସଙ୍ଗତି ଓ ଯନ୍ତ୍ରଣା ପ୍ରଭୃତି ନିୟମର ଅଧୀନ ହୋଇ ରହିଛି । କାରଣ ପ୍ରତ୍ୟେକ ଶରୀର ଏକ ସୀମାବଦ୍ଧ ଚେତନଶକ୍ତି ହିସାବରେ ଆପଣାକୁ ବିଚ୍ଛିନ୍ନ କରି ରଖିଥିବାରୁ ତାହା ତାହାର ପରି ଅନ୍ୟ ସୀମାବଦ୍ଧ ଚେତନଶକ୍ତି ଅଥବା ବିଶ୍ୱଗତ ଶକ୍ତିର ଆକ୍ରମଣ, ଅଭିଘାତ ଓ ଶକ୍ତିଶାଳୀ ସଂସ୍ପର୍ଶ ସମ୍ମୁଖରେ ଆପଣାକୁ ସତେ ଅବା ଆପନ୍ନ ବୋଲି ମନେକରୁଛି, ଓ ଏସବୁଥିରୁ ଆପଣାକୁ ରକ୍ଷା କରିବାଲାଗି ସତତ ତିଆରି ହୋଇ ରହୁଛି । ଏବଂ ଯେତେବେଳେ ବାହାରର ପ୍ରବଳ ଚାପରେ ଆପେ ଭାଙ୍ଗି ପଡ଼ିବା ପରି ଅନୁଭବ କରୁଛି କିମ୍ବା ବାହାରୁ ଆସୁଥିବା ଓ ତାହାକୁ ଗ୍ରହଣ କରୁଥିବା ଦୁଇ ଚେତନା ମଧ୍ୟରେ ସମନ୍ୱୟ ରଖିବାକୁ ଅସମର୍ଥ ହୋଇପଡ଼ୁଛି, ସେତେବେଳେ ସେ ଅଶାନ୍ତି ଭୋଗ କରୁଛି, ଯନ୍ତ୍ରଣା ପାଉଛି, ନାନାଭାବେ ଆପଣାକୁ ଆକର୍ଷିତ ଓ ବିକର୍ଷିତ କରୁଛି, ଏବଂ ବାହାରର ଆକ୍ରମଣରୁ ଆପଣାକୁ ରକ୍ଷା କରିବାକୁ ଚେଷ୍ଟା କରୁଛି ଓ ପ୍ରତିଆକ୍ରମଣ ବି କରୁଛି । ଯାହା ଭୋଗିବା ଲାଗି ସେ ଅନିଚ୍ଛୁକ ହୋଇ ରହିଥାଏ ଓ ଯାହା ଭୋଗିବା ଲାଗି ତାହାର ସାମର୍ଥ୍ୟ ନଥାଏ, ତାହାକୁ ତାହାହିଁ ଭୋଗ କରିବାକୁ ପଡ଼େ । ହୃଦୟ ଓ ଇନ୍ଦ୍ରିୟମନର କ୍ଷେତ୍ରରେ ମଧ୍ୟ ବିଭାଜନର ବିଧାନଟି ଜୀବନର ଉଚ୍ଚତର ମୂଲ୍ୟଗୁଡ଼ିକର ସ୍ତରରେ ସେହି ଏକାଭଳି ପ୍ରତିକ୍ରିୟାମାନ ସୃଷ୍ଟି କରେ ଏବଂ ହର୍ଷ ଓ ଶୋକ, ଅନୁରାଗ ଓ ବିରାଗ, ତଥା ଉତ୍ପୀଡ଼ନ ଓ ଅବସାଦର ଦ୍ୱନ୍ଦ୍ୱଗୁଡ଼ିକୁ ବହନ କରିଆଣେ । ଏସବୁ ବାସନାର ଗ୍ରନ୍ଥି ଭିତରେ ଡଳା ହୋଇ ରହିଥାଏ, ବାସନା ସେଗୁଡ଼ିକୁ ପ୍ରାଣାନ୍ତ ପ୍ରୟାସର ବ୍ୟାକୁଳତାରେ ପରିଣତ କରିଦିଏ, ଏବଂ ଏହି ପ୍ରୟାସକ୍ରମରୁ କେତେବେଳେ ଶକ୍ତି ଅତ୍ୟଧିକ ହୋଇଗଲା ପରି ଲାଗେ ତ ପୁଣି କେତେବେଳେ ଊଣା ହୋଇଗଲା ପରି ଲାଗେ । କେତେବେଳେ ଆପଣାକୁ ଅସମର୍ଥ ବୋଲି ମନେହୁଏ, ଏବଂ ନିରନ୍ତର ସିଦ୍ଧି-ଅସିଦ୍ଧି ତଥା ଲାଭ-ଅଲାଭର ଆନ୍ଦୋଳନ ଲାଗି ରହିଥାଏ । ସଂଘର୍ଷ, ପୀଡ଼ା ଓ ଅଶାନ୍ତି କେତେବେଳେ ହେଲେ ପାଖ ଛାଡ଼େ ନାହିଁ । ସମଗ୍ରତଃ ମନ ଭିତରେ ମଧ୍ୟ

'oaob.nitrkl.ac.in' images reprocessed

ଠିକ୍ ସେହି ଭଳି ଦ୍ୱନ୍ଦ୍ୱମାନ ଲାଗି ରହିଥାଏ । ବିଶ୍ୱର ଦିବ୍ୟ ବିଧାନଟି ହେଉଛି ଯେ ସଙ୍କୀର୍ଣ୍ଣତର ସତ୍ୟ ସାଧାରଣତଃ ବୃହତ୍ତର ସତ୍ୟ ସହିତ ଯାଇ ସମ୍ମିଳିତ ହୋଇଯିବ, କ୍ଷୀଣତର ଆଲୋକ ବୃହତ୍ ଜ୍ୟୋତିର ବିପୁଳତର ଆଲୋକ ଭିତରେ ମିଶିଯିବ, ନିମ୍ନସ୍ତରର ଇଚ୍ଛାଶକ୍ତି ରୂପାନ୍ତରକାରୀ ଉଚ୍ଚତର ଇଚ୍ଛାଶକ୍ତି ପାଖରେ ଆପଣାକୁ ସମର୍ପଣ କରିଦେବ, କ୍ଷୁଦ୍ର ତୃପ୍ତିସାଧନା ଅଧିକ ଉଦାତ୍ତ ତଥା ଅଧିକ ପରିପୂର୍ଣ୍ଣ ତୃପ୍ତି ଭିତରକୁ ଆପଣାକୁ ଉତ୍ତୀର୍ଣ୍ଣ କରି ନେଇଯିବ । ମାତ୍ର ଜଡ଼ପ୍ରକୃତି ଆମର ମନୋଲୋକରେ ମଧ୍ୟ ସତ୍ୟ ଓ ମିଥ୍ୟା, ଆଲୋକ ଓ ଅନ୍ଧକାର, ତଥା ଶକ୍ତି ଓ ଅଶକ୍ତତାର ସେହି ଚିରନ୍ତନ ଦ୍ୱନ୍ଦ୍ୱଟିକୁ ଆଣି ଲଗାଇ ଦିଏ । ଏଷଣା ଓ ତାହାର ଚରିତାର୍ଥତା ସୁଖ ଆଣିଦିଏ, ମାତ୍ର ଲବ୍ଧ ସମ୍ପଦର ସମ୍ଭୋଗ ବିତୃଷ୍ଣା ଓ ଅତୃପ୍ତିଜନିତ ଦୁଃଖ ମଧ୍ୟ ବହନ କରି ନେଇଆସେ । ଆପଣାର ବିକଳ ଓ ବ୍ୟାଧିତ ଅବସ୍ଥାଟି ସଙ୍ଗେ ସଙ୍ଗେ ପ୍ରାଣ ଓ ଦେହର ବିକଳତା ଓ ବ୍ୟାଧିଗୁଡ଼ିକ ମଧ୍ୟ ମନକୁ ପୀଡ଼ିତ କରି ରଖେ, ଏବଂ ପ୍ରକୃତିର ଅଧୀନ ହୋଇ ରହିଥିବା ଆମର ଏହି ଜୀବନଟିର ବିବିଧ ଦୋଷ ଓ ହୀନତା ବିଷୟରେ ସେ ବଡ଼ ସଚେତନ ହୋଇଉଠେ । ଏହିସବୁ ଦୁର୍ଦ୍ଦଶା ଭୋଗ କରୁଥିବା ବେଳେ ପରମ ଆନନ୍ଦତତ୍ତ୍ୱରୁ ନିର୍ବାସିତ ହୋଇ ରହିବାକୁ ପଡ଼େ । ସଚ୍ଚିଦାନନ୍ଦର ତିନୋଟିଯାକ ତତ୍ତ୍ୱସମ୍ପଦକୁ ନାସ୍ତିକରି ଦିଆଯାଏ; ଏବଂ ସେହି କାରଣରୁ ଏହି ନକାରାତ୍ମକତାଟିକୁ ଡେଇଁଯିବା ଯେତେବେଳେ ଅସମ୍ଭବ ହୋଇପଡ଼େ, ସେତେବେଳେ ଜୀବନ ଅସାର ଓ ବ୍ୟର୍ଥ ହୋଇଯାଏ । କାରଣ ଚୈତନ୍ୟ ଓ ଶକ୍ତିର ଲୀଳା ମଧ୍ୟରେ ଆପଣାକୁ ସମର୍ପିତ କରିଦେଇ ଜୀବନସତ୍ତାକୁ ଯେ କେବଳ ଆପଣା ଲାଗିହିଁ ସେହି ଗତିସ୍ପନ୍ଦନର ଅନ୍ୱେଷଣ କରିବାକୁ ହୁଏ ତା' ନୁହେଁ, ସେହି ଲୀଳା ଭିତରୁ ତାକୁ ତୃପ୍ତିର ସନ୍ଧାନ ବି କରିବାକୁ ହୋଇଥାଏ । ଏବଂ ସେହି ଲୀଳାରୁ ଯଥାର୍ଥ ତୃପ୍ତିର ଆସ୍ୱାଦନ ସମ୍ଭବ ନହେଲେ ଶେଷରେ ତାହାକୁ ଏକ ବ୍ୟର୍ଥ ପ୍ରୟାସ ମଣି ଛାଡ଼ିଦେଇ ଆସିବାକୁ ପଡ଼େ, ଏକ ବିରାଟ ଭୁଲ ତଥା ଦେହ ଭିତରେ ଆପଣାକୁ ଅବତୀର୍ଣ୍ଣ କରାଇଥିବା ଚିଦାତ୍ମାର ଏକ ପ୍ରଳାପ ମନେକରି ବର୍ଜନ କରିବାକୁ ହୁଏ ।

ଆମ ପୃଥିବୀ ବିଷୟରେ ରହିଥିବା ନିରାଶାବାଦୀ ସିଦ୍ଧାନ୍ତଟି ଲାଗି ଏହାହିଁ ହେଉଛି ସମଗ୍ର ଆଧାର । ଏହି ପୃଥିବୀର ବାହାରେ ଆଉ କେଉଁ ପୃଥିବୀ କିମ୍ବା ଆଉ କେଉଁ ଦଶା ଲାଗି ଏହାକୁ ହୁଏତ ଏକ ଆଶାବାଦୀ ସିଦ୍ଧାନ୍ତ ବୋଲି କୁହାଯାଇପାରେ, ମାତ୍ର ଏହି ପୃଥିବୀର ଜୀବନ ତଥା ଭୌତିକ ଜଗତ୍ ସହିତ ମନୋମୟ ଜୀବର ସକଳ ସମ୍ପର୍କ ଓ ତାହାର ଅଦୃଷ୍ଟକୁ ବିଚାର କଲେ ଆମେ ସିଦ୍ଧାନ୍ତଟିକୁ କେବଳ ନିରାଶାବାଦୀ ବୋଲିହିଁ କହିବା । ଭୌତିକ ଜଗତ୍ ସ୍ୱଭାବତଃ ବିଭାଜନଧର୍ମୀ ହୋଇଥିବାରୁ ଏବଂ ଆତ୍ମସୀମିତତା, ଅଜ୍ଞାନ ଓ ଅହଂବୋଧହିଁ

'oaob.nitrkl.ac.in' images reprocessed

ଶରୀରସ୍ଥ ମନର ଉତ୍ପ୍ରେରକ ବୀଜ ହୋଇଥିବାରୁ ଏହି ସଂସାରରେ ଆତ୍ମାର ତୃପ୍ତି ଲୋଡ଼ିବସିବାର କିମ୍ବା ଏହି ବିଶ୍ୱଲୀଳା ଭିତରେ ଦିବ୍ୟ ଆକୃତି ତଥା ସିଦ୍ଧିର କୌଣସି ନିଦର୍ଶନ ଖୋଜିବାକୁ ଯିବାର ସକଳ ପ୍ରୟାସକୁ କେବଳ ଏକ ମିଥ୍ୟାଦମ୍ଭ ଓ ଭ୍ରମ ବୋଲିହିଁ କୁହାଯାଇ ପାରିବ,—ନିରାଶାବାଦୀ ସିଦ୍ଧାନ୍ତ ଅତି ଦୃଢ଼ଭାବରେ ଏହିଭଳି ଏକ ଘୋଷଣା କରିଥାଏ । ଏହି ସଂସାରରେ ଓ ସଂସାରର ପ୍ରାତିଭାସିକ କର୍ମବ୍ୟାପାରରେ ନୁହେଁ, ମାତ୍ର କେବଳ ଶୁଦ୍ଧ ଆତ୍ମାର କୌଣସି ଏକ ସ୍ୱର୍ଗରେ କିମ୍ବା ଚିଦାତ୍ମାର ଯଥାର୍ଥ ପ୍ରଶାନ୍ତି ଭିତରେହିଁ ଆମେ ଆମର ସତ୍ତା ଓ ଚେତନାକୁ ନେଇ ଦିବ୍ୟ ଆତ୍ମାନନ୍ଦ ସହିତ ସମ୍ମିଳିତ କରି ଦେଇପାରିବା । ସୀମା ଭିତରେ ଆପଣାକୁ ଉପଲବ୍ଧି କରିବାର ସ୍ୱକୀୟ ସକଳ ଚେଷ୍ଟାକୁ ଏକ ଭ୍ରମ ଓ ପ୍ରମାଦ ଜାଣି ପ୍ରତ୍ୟାଖ୍ୟାନ କରିପାରିଲେହିଁ ପରମ ଅନନ୍ତ ତତ୍ତ୍ୱ ଆପଣାର ସତ୍ୟସ୍ୱରୂପଟିକୁ ଫେରିପାଇ ପାରିବ । ଭୌତିକ ବିଶ୍ୱଜଗତରେ ମନଶ୍ଚେତନାର ଉନ୍ମେଷ ମଧ୍ୟ ଦିବ୍ୟ ପରିପୂର୍ଣ୍ଣତାର କୌଣସି ପ୍ରତିଶ୍ରୁତି ଦେଇପାରିବ ନାହିଁ । କାରଣ ବିଭାଜନ ଜଡ଼ର ଧର୍ମ ନୁହେଁ, ଏହା ମନର ଧର୍ମ । ଜଡ଼ ହେଉଛି ମନର କେବଳ ଏକ ଭ୍ରମ ବା ମାୟା ମାତ୍ର, ଯାହା ଭିତରେ କି ସେ ଆପଣାର ଖଣ୍ଡଭାବ ଓ ଅଜ୍ଞାନକୁ ଆରୋପିତ କରି ରଖିଛି । ତେଣୁ ମନୋମାୟାର ଏହି ଜଗତରେ ଯାବତୀୟ ଏଷଣା ମଧ୍ୟରେ ମନ ବାରବାର କେବଳ ଆପଣାକୁହିଁ ଫେରି ପାଉଥିବ, ଆପେ ତିଆରିଥିବା ଖଣ୍ଡବିଭକ୍ତ ଜୀବନଟିର ନିସୃତ ଭିତରେହିଁ ସେ ବିଚରଣ କରିବାକୁ ବାଧ୍ୟ ହେଉଥିବ, ଏବଂ ସେଠାରେ ଶୁଦ୍ଧ ଆତ୍ମାର ଅଖଣ୍ଡତା କିମ୍ବା ଆଧ୍ୟାତ୍ମିକ ଜୀବନସତ୍ୟର କୌଣସି ପରିଚୟ ଲାଭ କରିବା ଲାଗି ମନ କଦାପି ସମର୍ଥ ହେବ ନାହିଁ ।

ଜଡ଼ଗତ ଜୀବନ ଭିତରକୁ ଆପଣାକୁ ନିକ୍ଷେପିତ କରି ଏହି ବିଭାଜନଧର୍ମୀ ମନହିଁ ଯେ ଜଡ଼ ଭିତରେ ବିଭାଜନର ବିଧାନଟିକୁ ପ୍ରବିଷ୍ଟ କରାଇଛି, ଏଥିରେ କୌଣସି ସନ୍ଦେହ ନାହିଁ । କାରଣ ସେହି ଜଡ଼ଗତ ଜୀବନ ଭିତରେ କୌଣସି ଆତ୍ମସତ୍ତା ନାହିଁ । ଜଡ଼କୁ ଆମେ ଏକ ମୌଳିକ ପ୍ରତିଭାସ ବୋଲି ବି କହିପାରିବା ନାହିଁ । ସବୁକିଛୁକୁ ବିଭକ୍ତ ଓ ଖଣ୍ଡ ଖଣ୍ଡ କରି ଦେଉଥିବା ଏକ ମନର କଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଯାଇ ସବୁକିଛୁକୁ ବିଭକ୍ତ ଓ ଖଣ୍ଡ ଖଣ୍ଡ କରି ଦେଉଥିବା ପ୍ରାଣଶକ୍ତି ଯାହାକିଛୁ ସୃଷ୍ଟି କରୁଛି, ଜଡ଼ ହେଉଛି ତାହାର କେବଳ ଏକ ଅନ୍ୟତମ ରୂପ । ଶୁଦ୍ଧସତ୍ତାକୁ ଜଡ଼ହିଁର ଅଜ୍ଞାନ, ଜାଡ଼୍ୟ ଏବଂ ଖଣ୍ଡଜ୍ଞାନର ଏହିସବୁ ପ୍ରତିଭାସରେ ପରିଣତ କରି ବିଭାଜକ ମନ ଆପଣା ଗଢ଼ା ଏକ କାରାଗାରି ଭିତରେ ଆପଣାକୁ ହରାଇଦେଇଛି, ସେଠାରେ ଆପଣାକୁ ବନ୍ଦୀ କରି ରଖିଛି ଏବଂ ଆପଣାର ଗଢ଼ା ଶୃଙ୍ଖଳରେହିଁ ଆପଣାକୁ ବାନ୍ଧି ରଖିଛି । ଏହି ବିଭାଜକ ମନକୁହିଁ ଯଦି ବିଶ୍ୱଜଗତର

'oaob.nitrkl.ac.in' images reprocessed

ଆଧାରତତ୍ତ୍ୱ ବୋଲି ମାନି ନିଆଯାଏ, ତେବେ ତାହାକୁହିଁ ଏହି ସୃଷ୍ଟିର ଚରମ ସିଦ୍ଧିରୂପେ ବି ମାନିନେବାକୁ ପଡ଼ିବ । ଏବଂ ଏହି ଯେଉଁ ମନଃସତ୍ତ୍ୱଟି ପ୍ରାଣ ଓ ଜଡ଼ ସହିତ ଏକ ବ୍ୟର୍ଥ ସଂଗ୍ରାମରେ ରତ ହୋଇ ରହିଛି, କେବଳ ସେଗୁଡ଼ିକ ଦ୍ୱାରା ଆପେ କବଳାୟିତ ହୋଇ ରହିବାକୁହିଁ ସେଗୁଡ଼ିକୁ ଆପଣାର କବଳାୟିତ କରିବାରେ ଲାଗିଛି ଏବଂ ଅବିରାମ ଭାବରେ ଏକ ନିଷ୍ଫଳ ଚକ୍ରରହିଁ ପୁନରାବୃତ୍ତି କରୁଛି, ତାହାକୁହିଁ ବିଶ୍ୱସତ୍ତାର ଚରମ ଓ ସର୍ବୋଚ୍ଚ ସମ୍ଭାବନା ବୋଲି ସ୍ୱୀକାର କରିବାକୁ ପଡ଼ିବ । ମାତ୍ର ଅପର ପକ୍ଷରେ, ଅମର ଓ ଅନନ୍ତ ବିଶୁଦ୍ଧ ସତ୍ତ୍ୱସ୍ୱରୂପହିଁ ଯେ ଜଡ଼ୋପାଦାନର ଘନାବରଣ ପରିଚ୍ଛଦ ଦ୍ୱାରା ଆପଣାକୁ ଆବୃତ କରି ରଖିଛି, ସେଇଠାରେ ଅବସ୍ଥିତ ରହି ତାହା ଅତିମାନସର ପରମ ସୃଜନ ଶକ୍ତି ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରୁଛି ଏବଂ ପରମ ବସ୍ତୁ ମଧ୍ୟରେ ପରମ ଅଦ୍ୱୟତତ୍ତ୍ୱର ଏକ ସୁନିଶ୍ଚିତ ପରିଣତିମୂଳକ ଲୀଳାରେ କେବଳ ପ୍ରଥମସୋପାନୀୟ ବ୍ୟବସ୍ଥାରୂପେହିଁ ମନୋଗତ ବିଭାଜନ ଓ ନିମ୍ନତମ ତତ୍ତ୍ୱ ଏହି ଜଡ଼କୁ ରାଜତ୍ୱ କରିବାର ଅଧିକାର ଦେଇଛି, ଏଭଳି ଏକ ତତ୍ତ୍ୱକୁ ମୂଳରୂପେ ମାନି ନେଲେ ଆଉ ସେପରି କୌଣସି ପରିଣାମଦ୍ୱାରା ବାଧ୍ୟ ହେବାକୁ ପଡ଼ିବ ନାହିଁ । ଅର୍ଥାତ୍, ଏହି ବିଶ୍ୱମୟ ରୂପ ଭିତରେ କେବଳ ଏକ ମନଃସତ୍ତାହିଁ ସଂଗୁପ୍ତ ହୋଇ ରହିଛି ବୋଲି ମାନି ନନେଇ ଅନନ୍ତ ପରମ ସତ୍ତା, ପରମ ଜ୍ଞାନ ଓ ପରମ ଇଚ୍ଛାଶକ୍ତି ସଂଗୁପ୍ତ ହୋଇ ରହିଛନ୍ତି ବୋଲି ମାନିନେଲେ, ସେହି ସତ୍ତାହିଁ ପ୍ରଥମେ ପ୍ରାଣରୂପେ ଓ ତା'ପରେ ମନରୂପେ ପ୍ରକାଶିତ ହେଉଛନ୍ତି ଏବଂ ଏହାର ପରବର୍ତ୍ତୀ ପ୍ରକାଶରୂପଗୁଡ଼ିକୁ ସେ ଅପ୍ରକଟ କରି ରଖିଛନ୍ତି ବୋଲି ସ୍ୱୀକାର କରିନେଲେ, ଆମକୁ ଏକଥାଟି ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଆପାତ ଅଚେତନାରୁ କେବଳ ଚେତନାର ଆବିର୍ଭାବରେହିଁ ଏହି ପରିଣାମର ଲୀଳାଟି କଦାପି ସମାପ୍ତ ହୋଇ ଯିବ ନାହିଁ, ଏବଂ ଆଉ ଏକ ପୂର୍ଣ୍ଣତର ଚେତନାର ପ୍ରକାଶ ଘଟିବହିଁ ଘଟିବ । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଅତିମାନସ ଅଧ୍ୟାତ୍ମସତ୍ତାର ଆବିର୍ଭାବ ଅବଶ୍ୟ ହେବ; ଖଣ୍ଡଧର୍ମୀ ମନର ସ୍ଥାନାପନ୍ନ ଭାବରେ ସେହି ସତ୍ତା ଆପଣାର ମନୋମୟ, ପ୍ରାଣଗତ ତଥା ଦେହଗତ କ୍ରିୟାଲୀଳା ଉପରେ ଏକ ଉଚ୍ଚତର ବିଧାନର ସ୍ଥାପନା କରାଇବେ । ସେତେବେଳେ ଏହା ଆଦୌ ଅସମ୍ଭବ ହୋଇ ରହିବ ନାହିଁ । ବରଂ ତାହାହିଁ ଏହି ବିଶ୍ୱପ୍ରକୃତିର ସ୍ୱାଭାବିକ ଓ ଅପରିହାର୍ଯ୍ୟ ପରିଣାମରୂପେ ପ୍ରତିଷ୍ଠିତ ହେବ ।

ଆମେ ଆଗରୁ ଜାଣିଛୁ ଯେ ଏହିଭଳି ଏକ ଅତିମାନସ ସତ୍ତା ମନକୁ ତାର ବିଭକ୍ତ ଜୀବନର ଗଣ୍ଡିଭିତରୁ ଉନ୍ମୋଚିତ କରିଦେବ ଏବଂ ବ୍ୟକ୍ତି-ଭାବରୂପେ ଅବତୀର୍ଣ୍ଣ ହୋଇ-ଥିବା ମନକୁ ସର୍ବସମାବେଶକ ଅତିମାନସସତ୍ତାର କେବଳ ଏକ ପ୍ରୟୋଜନୀୟ ଗୌଣ କ୍ରିୟାରୂପେ କାର୍ଯ୍ୟରେ ଲଗାଇବ । ସେହି ଅତିମାନସ ସତ୍ତା ପ୍ରାଣକୁ ମଧ୍ୟ ତା'ର ବିଭକ୍ତ

'oaob.nitrkl.ac.in' images reprocessed

ଜୀବନର ଗ୍ରନ୍ଥିଭିତରୁ ମୁକ୍ତକରି ନେଇଯିବ ଏବଂ ବ୍ୟକ୍ତି-ଭାବରୂପେ ଅବତୀର୍ଣ୍ଣ ହୋଇଥିବା ପ୍ରାଣକୁ ସେ ବସ୍ତୁ ମଧ୍ୟରେ ପ୍ରକଟିତ ଏକତ୍ୱର ଅଖଣ୍ଡତା ଭିତରେ ଆପଣାର ସତ୍ତା ତଥା ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ପରମ ଓ ଅଦ୍ୱୟ ଚିତ୍‌ଶକ୍ତିର କେବଳ ଏକ ପ୍ରୟୋଜନୀୟ ଗୌଣ କ୍ରିୟାରୂପେ ବ୍ୟବହାର କରିବ । ଏବଂ ସେହି ଅତିମାନସ ସତ୍ତା ଏହି ଶରୀରକୁ ମଧ୍ୟ ମୃତ୍ୟୁ, ବିଭାଜନ ଓ ପରସ୍ପର-ଗ୍ରାସର ବର୍ତ୍ତମାନ ନିୟମଜଞ୍ଜାଳ ଭିତରୁ ମୁକ୍ତକରି ନେଇ ବ୍ୟକ୍ତିଭାବରେ ଅବତୀର୍ଣ୍ଣହୋଇଥିବା ଶରୀରକୁ କାହିଁକି ସେ ସୀମା ଭିତରେ ପରମ ଅସୀମର ଆନନ୍ଦବିଧାନ ଲାଗି ସେହି ଏକ ଦିବ୍ୟ ଚିତ୍‌ଶକ୍ତିର କେବଳ ଏକ ପ୍ରୟୋଜନୀୟ ଗୌଣ କ୍ରିୟାରୂପେ ବ୍ୟବହାର ନକରିବ, ଏଭଳି ଅନୁମାନ କରିବା ଲାଗି ପ୍ରକୃତରେ କୌଣସି ଯୁକ୍ତି ଅଛି କି ? ଏବଂ ଦେହ ଓ ରୂପର ସାର୍ବଭୌମ 'ଅଧିଷ୍ଠାତା ହୋଇ ରହିଥିବାବେଳେ ଏହି ଚିନ୍ମୟ ଆତ୍ମା ଯେ ତଥାପି ସ୍ୱତନ୍ତ୍ର ଓ ମୁକ୍ତ ହୋଇ ରହିବ, ଜଡ଼ଦେହରୂପୀ ପରିଚ୍ଛଦବଦଳାରେ ମଧ୍ୟ ସେ ତଥାପି ସଚେତନ ଭାବେ ଅମୃତତ୍ୱ ମଧ୍ୟରେ ଅବସ୍ଥାନ କରୁଥିବ, ଏବଂ ଏକତ୍ୱ, ପ୍ରେମ ତଥା ସୌନ୍ଦର୍ଯ୍ୟର ନିୟମଦ୍ୱାରା ନିୟନ୍ତ୍ରିତ ହୋଇ ରହିଥିବା ଏକ ଜଗତରେ ସେ ଯେ ସ୍ୱକୀୟ ଆତ୍ମାନନ୍ଦରେହିଁ ପ୍ରତିଷ୍ଠିତ ହୋଇ ରହିଥିବ,—ଏଭଳି କାହିଁକି ନ ହେବ ? ଏବଂ ଏହି ଜଗତର ଅଧିବାସୀ ହୋଇ ରହିଥିବା ଏହି ମନୁଷ୍ୟକୁ ନିମିତ୍ତରୂପେ ବ୍ୟବହାର କରିହିଁ ଯଦି ମାନସସତ୍ତାରୁ ଅତିମାନସ ସତ୍ତାକୁ ସେହି ରୂପାନ୍ତରଟି ସଂଘଟିତ ହେବ, ତେବେ ଏକଥାଟି ବି କ'ଣ ପ୍ରକୃତରେ ସମ୍ଭବ ନୁହେଁ ଯେ ଏକ ଦିବ୍ୟ ମନ ଓ ଦିବ୍ୟ ପ୍ରାଣର ସଙ୍ଗେ ସଙ୍ଗେ ମନୁଷ୍ୟ ଭିତରେ ଏକ ଦିବ୍ୟ ଦେହର ମଧ୍ୟ ବିକାଶ ହୋଇପାରିବ ? ଅଥବା, ଏସବୁ ଶରୀର ବ୍ୟବହାର କରିବା ଯଦି ମନୁଷ୍ୟର ନିହିତ ଶକ୍ତି ସମ୍ବନ୍ଧରେ ଆମର ସୀମାବଦ୍ଧ ବର୍ତ୍ତମାନ କଳ୍ପନାଗୁଡ଼ିକ ଲାଗି ଏକାନ୍ତ ଅଦ୍ଭୁତ କିମ୍ବା ଅସମ୍ଭବ ପରି ମନେ ହେଉଥାଏ, ତେବେ ଆମେ କ'ଣ କେବଳ ଏତିକିମାତ୍ର କହିପାରିବା ନାହିଁ ଯେ ଆପଣାର ଯଥାର୍ଥ ସତ୍ତା ଏବଂ ଏହି ସତ୍ତାର ସ୍ୱାଭାବିକ ଆଲୋକ, ଆନନ୍ଦ ତଥା ସାମର୍ଥ୍ୟକୁ ବିକଶିତ କରି ମନୁଷ୍ୟ ହୁଏତ ଆପଣାର ମନ, ପ୍ରାଣ ତଥା ଶରୀରକୁ ଦିବ୍ୟ ଇଚ୍ଛାପୂରଣର ସାଧନରୂପେ ବ୍ୟବହାର କରିବାକୁ ସମର୍ଥ ହେବ, ଯାହାଦ୍ୱାରା କି ରୂପ ମଧ୍ୟରେ ପରମ ଆତ୍ମସ୍ୱରୂପର ଅବତରଣ ମାନବୀୟ ତଥା ଦିବ୍ୟ ଉଭୟ ଭୂମି ଉପରେ ମଧ୍ୟ ଯଥାର୍ଥ ବୋଲି ପ୍ରତିପାଦିତ ହୋଇପାରିବ ?

ଏହି ଚରମ ପାର୍ଥିବ ପରିଣାମଟିର ପଥରେ କେବଳ ଗୋଟିଏ କଥା ପ୍ରତିବନ୍ଧକ ହୋଇ ଠିଆହେବ । ଜଡ଼ ଓ ଜଡ଼ର ବିଧାନ ସମ୍ବନ୍ଧରେ ରହିଥିବା କେବଳ ଆମର ବର୍ତ୍ତମାନ ଦୃଷ୍ଟିଟିକୁହିଁ ଯଦି ଆମେ ଇନ୍ଦ୍ରିୟ ଓ ଇନ୍ଦ୍ରିୟବିଷୟ ତଥା ଦିବ୍ୟ ପରମସତ୍ତାଙ୍କର ଜ୍ଞାତା ଓ ଜ୍ଞେୟରୂପଟି ମଧ୍ୟରେ ରହିଥିବା ଏକମାତ୍ର ସମ୍ବନ୍ଧ ବୋଲି କହିବା, କିମ୍ବା ଅନ୍ୟାନ୍ୟ ସମ୍ବନ୍ଧ ସମ୍ଭବ ହେଲେ ମଧ୍ୟ ସେସବୁ ଏପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ଏଠାରେ କଦାପି ସମ୍ଭବ ହେବ ନାହିଁ ଏବଂ ତେଣୁ ସତ୍ତାର ଆଉ କୌଣସି ଉଚ୍ଚତର କ୍ଷେତ୍ରରେହିଁ ସେଗୁଡ଼ିକର ଅନ୍ୱେଷଣ କରିବାକୁ ପଡ଼ିବ ବୋଲି ଦାବି କରିବା, ତେବେ ପ୍ରତିବନ୍ଧକ ଉପୁଜିବ । ଏବଂ ସେପରି କ୍ଷେତ୍ରରେ ଏହି ଜଗତର ବାହାରେ ଅବସ୍ଥିତ ଅନ୍ୟାନ୍ୟ ସ୍ୱର୍ଗମାନଙ୍କରେହିଁ ଆମେ ଆମ ଦିବ୍ୟ ସମ୍ଭାବନାର ସମଗ୍ର ଉପଲବ୍ଧିର ଅନ୍ୱେଷଣ କରିବାକୁ ବାଧ୍ୟ ହେବା । ତେବେ ଭଗବତ୍‌ସାମ୍ରାଜ୍ୟ ଅର୍ଥାତ୍ ଏହି ପୃଥିବୀରେ ପୂର୍ଣ୍ଣପରିଣତ ଓ ପୂର୍ଣ୍ଣସିଦ୍ଧିପ୍ରାପ୍ତ ମନୁଷ୍ୟର ରାଜ୍ୟ ପ୍ରତିଷ୍ଠିତ ହେବାର ସକଳ କଳ୍ପନାକୁ କେବଳ ଏକ ମିଥ୍ୟାଭ୍ରମରୂପେ ବର୍ଜନ କରିବାକୁ ପଡ଼ିବ ବୋଲି ଆମ ପୃଥିବୀର ବିଭିନ୍ନ ଧର୍ମ ଯେଉଁଭଳି ଦାବି କରି କହୁଛନ୍ତି, ତାହାକୁହିଁ ସତ୍ୟ ବୋଲି ମାନିନେବାକୁ ହେବ । ଏହି ପୃଥିବୀରେ ଆମେ କେବଳ ଆମ ଅନ୍ତରଟାକୁ ପ୍ରସ୍ତୁତ କରିବାକୁ ଚେଷ୍ଟା କରିପାରୁ, ହୁଏତ କେବଳ ସେହି କ୍ଷେତ୍ରରେହିଁ କିଞ୍ଚିତ୍ ସିଦ୍ଧି ଲାଭ କରିପାରୁ । ଏବଂ ତା'ପରେ ଭିତରେ ରହିଥିବା ମନ, ପ୍ରାଣ ଓ ଆତ୍ମାକୁ ମୁକ୍ତ କରି ଏହି ଅପରାଜିତ ଓ ଅପରାଜେୟ ଜଡ଼ତତ୍ତ୍ୱର ଭୂମିଟିରୁ ଏବଂ ନବଜୀବନ ଲାଭ କରିବାର ସକଳ ସମ୍ଭାବନା ହରାଇ ବସିଥିବା ଏହି ଅନମନୀୟ ପୃଥିବୀରୁ ଅପସରି ଯାଇ ଆମେ ହୁଏତ ଆଉ କେଉଁଠି ଆମ ଦିବ୍ୟପରିଚୟଟିକୁ ଲାଭ କରିବାର ଚେଷ୍ଟା କରିପାରୁ । ମାତ୍ର ଆମର ପାର୍ଥିବ ଜୀବନକୁ ଏହିଭଳି ଭାବରେ ଏକାନ୍ତ ସୀମାୟିତ କରିବାର ସିଦ୍ଧାନ୍ତଟିକୁ ଯେ ଗ୍ରହଣ କରିବାକୁହିଁ ପଡ଼ିବ, ଏଭଳି ଆଦୌ କୌଣସି କାରଣ ନାହିଁ । କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଜଡ଼ର ମଧ୍ୟ ଆହୁରି ଅନ୍ୟାନ୍ୟ ଅବସ୍ଥାମାନ ରହିଛି । ବସ୍ତୁର ଦିବ୍ୟ ସୋପାନପରମ୍ପରାରେ ଏକ ଆରୋହଣଧର୍ମୀ କ୍ରମ ଅବଶ୍ୟ ରହିଛି । ସ୍ୱବିଧାନଠାରୁ ଉଚ୍ଚତର ଏକ ବିଧାନକୁ ଗ୍ରହଣ କରିନେଇ ଆପଣାର ରୂପାନ୍ତର ଘଟାଇ ପାରିବା ଲାଗି ଭୌତିକ ସତ୍ତା ଭିତରେ ଅବଶ୍ୟ ଏକ ସମ୍ଭାବନା ରହିଛି । ସେହି ଉଚ୍ଚତର ବିଧାନଟିକୁ ମଧ୍ୟ ଆମେ ତାହାର ଆପଣାର ବିଧାନ ବୋଲି କହିପାରିବା, କାରଣ ତା'ଭିତରେ ସେଇଟି ସର୍ବଦା ଅନ୍ତର୍ନିହିତ ହୋଇ ରହିଛି, ଏବଂ ଆପଣାର ଅବ୍ୟକ୍ତ କେତେ ସମ୍ଭାବନା ଓ ଶକ୍ତିକୁ ସେଇଠି ନିଗୂଢ଼ କରି ରଖିଛି ।

## ଷଡ଼୍‌ବିଂଶ ପରିଚ୍ଛେଦ

# ବସ୍ତୁର ଉତ୍‌କ୍ରମଣ

ସ ବା ଏଷ ପୁରୁଷୋଽନ୍ନରସମୟଃ ।……
ତସ୍ମାଦ୍‌ ବା ଏତସ୍ମାଦନ୍ନରସମୟାଦ୍‌ ଅନ୍ୟୋଽନ୍ତର ଆତ୍ମା ପ୍ରାଣମୟଃ ।
ତେନୈଷ ପୂର୍ଣ୍ଣଃ ।……
ଅନ୍ୟୋଽନ୍ତର ଆତ୍ମା ମନୋମୟଃ ।……
ଅନ୍ୟୋଽନ୍ତର ଆତ୍ମା ବିଜ୍ଞାନମୟଃ ।……
ଅନ୍ୟୋଽନ୍ତର ଆତ୍ମାନନ୍ଦମୟଃ । ତେନୈଷ ପୂର୍ଣ୍ଣଃ ॥

—ତୈତ୍ତିରୀୟ ଉପନିଷଦ, ୨।୧, ୨, ୩, ୪, ୫

ଏକ ଅନ୍ନରସମୟ ଆତ୍ମା ଅଛନ୍ତି । …ଏହି ଅନ୍ନରସମୟ ଆତ୍ମାର ଅନ୍ତର ଭିତରେ ରହି ଆଉ ଏକ ପ୍ରାଣମୟ ଆତ୍ମା ତାହାକୁ ପୂର୍ଣ୍ଣ କରି ରଖିଛନ୍ତି । ପ୍ରାଣମୟ ଆତ୍ମା ଭିତରେ ମନୋମୟ ଓ ମନୋମୟ ଆତ୍ମା ଭିତରେ ବିଜ୍ଞାନମୟ ଓ ବିଜ୍ଞାନମୟ ଆତ୍ମା ଭିତରେ ଆନନ୍ଦମୟ ଆତ୍ମା ଅବସ୍ଥାନ କରୁଛନ୍ତି ଓ ତାହାକୁ ପୂର୍ଣ୍ଣ କରି ରଖିଛନ୍ତି ।

ବ୍ରହ୍ମାଣସ୍ତ୍ୱା ଶତକ୍ରତ ଉଦ୍‌ବଂଶମିବ ଯେମିରେ ॥
ଯତ୍ ସାନୋଃ ସାନୁମାରୁହଦ୍ ଭୂର୍ଯସ୍ପଷ୍ଟ କର୍ତ୍ତ୍ୱମ୍ ।
ତଦିନ୍ଦ୍ରୋ ଅର୍ଥଂ ଚେତତି……॥

—ଋକ୍‌ବେଦ, ୧।୧୦।୧, ୨

ସେମାନେ ଏକ ଶିଡ଼ିପରି ଇନ୍ଦ୍ରଙ୍କର ଅନ୍ୱେଷଣ କରନ୍ତି । ଶୃଙ୍ଗରୁ ଶୃଙ୍ଗକୁ ଅନ୍ୱେଷଣ କରି ଯାଉଥିବା ସଙ୍ଗେ ସଙ୍ଗେ ତଥାପି ବାକି ରହିଥିବା କରଣୀୟ ଆଉ କେତେ ସ୍ପଷ୍ଟ ଦୃଷ୍ଟିଗୋଚର ହୋଇଯାଏ । ଇନ୍ଦ୍ର ଲକ୍ଷ୍ୟରୂପେ ସେହି 'ଋତ୍' ର ଚେତନାକୁ ଆଣିଦିଅନ୍ତି ।

ଚମୂଷଚ୍ଛ୍ୟେନଃ ଶକୁନୋ ବିଭୃତ୍ୱା ଗୋବିନ୍ଦୁର୍ଦ୍ରପ୍ସ ଆୟୁଧାନି ବିଭ୍ରତ୍ ।
ଅପାମୂର୍ମିଂ ସଚମାନଃ ସମୁଦ୍ରଂ ତୁରୀୟଂ ଧାମ ମହିଷୋ ବିବକ୍ତି ॥

'oaob.nitrkl.ac.in' images reprocessed

ମର୍ଯୋ ନ ଶୁଭ୍ରସ୍ତନ୍ୱଂ ମୃଜାନୋଽତ୍ୟୋ ନ ସୃତ୍ୱା ସନୟେ ଧନାନାମ୍ ।
ବୃଷେବ ଯୂଥା ପରି କୋଶମର୍ଷନ୍ କନିକ୍ରଦଚ୍ଚମ୍ୱୋରା ବିବେଶ ॥

—ଋକ୍‌ବେଦ, ୯ । ୯୬ । ୧୯, ୨୦

ଶ୍ୟେନ ଓ ଶକୁନ ପରି ସେ ଆଧାର ଉପରେ ଅଧିଷ୍ଠିତ ହୁଅନ୍ତି ଏବଂ ତାହାକୁ ଊର୍ଦ୍ଧ୍ୱକୁ ଟେକି ଧରନ୍ତି । ଆପଣାର ଗତିପ୍ରବାହ ମଧ୍ୟରେ ସେ କାରଣବଜ୍ରର ଅଳଙ୍କାର କରନ୍ତି, କାରଣ ସେ ଆପଣାର ସକଳ ଆୟୁଧକୁ ସଙ୍ଗରେ ନେଇ ଚାଲୁଥାନ୍ତି । ଅପ୍‌ର ସମୁଦ୍ରଊର୍ମିରେ ସେ ସଂସକ୍ତ ହୋଇ ରହିଥାନ୍ତି, ମହେଶ୍ୱରରୂପେ ତୁରୀୟ ଧାମର ପ୍ରକାଶ କରନ୍ତି । ମରଣଶୀଳ ଜୀବ ଯେପରି ଦେହକୁ ମାର୍ଜିତ କରେ, ଦୁର୍ବାର ଅଶ୍ୱ ଯେପରି ବିପୁଳ ଧନ ଅର୍ଜନ ଲାଗି ଧାବମାନ ହେଉଥାଏ, ସେ ସେହିପରି ଗର୍ଜନ କରି ସକଳ କୋଷର ମଧ୍ୟ ଦେଇ ଆପଣାକୁ ଅଜାଡ଼ି ଦିଅନ୍ତି ଏବଂ ଏହିସବୁ ଆଧାରରେ ଅନୁପ୍ରବିଷ୍ଟ ହୁଅନ୍ତି ।

ଜଡ଼ର କେଉଁସବୁ ଧର୍ମ ଜଡ଼ର ଜଡ଼ତ୍ୱ ସମ୍ବନ୍ଧରେ ଆମକୁ ସର୍ବାଧିକ ପରିଚୟ ଦେଇଥା'ନ୍ତି, ସେଗୁଡ଼ିକର ବିଚାର କରି ବସିଲେ ଆମେ ଦେଖିବାକୁ ପାଇବା ଯେ ଜଡ଼କୁ ଆମେ ଜଡ଼ ବୋଲି ଜାଣୁଛୁ, କାରଣ ଏହାର କାଠିନ୍ୟ ରହିଛି, ସ୍ପଷ୍ଟ ଓ ଇନ୍ଦ୍ରିୟ ଗ୍ରାହ୍ୟ ଏକ ରୂପ ରହିଛି, କ୍ରମବୃଦ୍ଧିଶୀଳ ପ୍ରତିରୋଧଶକ୍ତି ରହିଛି, ଆମର ସ୍ପର୍ଶେନ୍ଦ୍ରିୟ ଲାଗି ଜଡ଼ ଭିତରେ ଏକ ତୀବ୍ର ଗ୍ରହଣଶୀଳତା ରହିଛି ଓ ପ୍ରତ୍ୟୁତ୍ତର ଦେବାର ସାମର୍ଥ୍ୟ ମଧ୍ୟ ରହିଛି । ଯେଉଁ ବସ୍ତୁ ଆମକୁ ଯେତିକି କଠିନ ଭାବରେ ଆପଣାର ପ୍ରତିରୋଧ ଦେଖାଇଥାଏ, ଏବଂ ସେହି ପ୍ରତିରୋଧଦ୍ୱାରା ଆମର ଚେତନା ତାହା ଉପରେ ସ୍ଥିର ହୋଇ ରହିବା ଭଳି ଇନ୍ଦ୍ରିୟଗ୍ରାହ୍ୟ ରୂପର ଯେତିକି ସ୍ଥାୟିତ୍ୱ-ବୋଧ ଉତ୍ପନ୍ନ କରିଥାଏ, ଆମେ ସେହି ବସ୍ତୁକୁ ସେତିକି ଅଧିକ ଜଡ଼ଭାବାପନ୍ନ ଓ ବାସ୍ତବ ବୋଲି ମନେ କରିଥାଉ । ମାତ୍ର ଯେଉଁ ବସ୍ତୁ ଆମକୁ ଅଧିକ ସୂକ୍ଷ୍ମ ବୋଧହୁଏ, ଯାହା କମ୍ ସଘନ ଭାବରେ ପ୍ରତିରୋଧ ଦେଖାଇଥାଏ କିମ୍ବା ଇନ୍ଦ୍ରିୟବୋଧରେ କମ୍ ସ୍ଥାୟୀରୂପେ ବିଧୃତ ହୋଇ ରହେ, ତାହା ଆମକୁ ଅପେକ୍ଷାକୃତ କମ୍ ଜଡ଼ଭାବାପନ୍ନ ବୋଲି ଲାଗେ । ଜଡ଼ ସମ୍ବନ୍ଧରେ ଆମ ସାଧାରଣ ଚେତନାର ଏହି ଯେଉଁ ଦୃଷ୍ଟିଭଙ୍ଗୀଟି ରହିଛି, ତାହାହିଁ ଜଡ଼ସୃଷ୍ଟିର ଅସଲ ଉଦ୍ଦେଶ୍ୟଟି ଲାଗି ଏକ ପ୍ରତୀକ ପରି କାର୍ଯ୍ୟ କରୁଛି ବୋଲି କୁହାଯାଇ ପାରିବ । ବସ୍ତୁକୁ ନେଇ କାର୍ଯ୍ୟ କରୁଥିବା ଚେତନାର ସମ୍ମୁଖରେ ନିଶ୍ଚିତଭାବେ ଧରି ରଖିପାରିବା ଭଳି ସ୍ଥାୟୀ ପ୍ରତିରୂପମାନ ଆଣି ଉପସ୍ଥାପିତ କରିବା ଉଦ୍ଦେଶ୍ୟରେହିଁ ବସ୍ତୁ ଜଡ଼ରୂପ ଧାରଣ କରିଥାଏ । ଏହି ସ୍ଥାୟୀ ପ୍ରତିରୂପଗୁଡ଼ିକୁ ଆଶ୍ରୟ କରି ମନ ଆପଣାର କାର୍ଯ୍ୟ କରିଥାଏ ଏବଂ ଏହିଗୁଡ଼ିକର ଅନ୍ତତଃ ଏକ ଆପେକ୍ଷିକ ସ୍ଥାୟିତ୍ୱ ଉପରେ ନିର୍ଭର କରି

'oaob.nitrkl.ac.in' images reprocessed

ପ୍ରାଣ ସେଗୁଡ଼ିକୁ ଆପଣା କାର୍ଯ୍ୟରେ ବ୍ୟବହାର କରିଥାଏ । ତେଣୁ ପୃଥିବୀ ଅର୍ଥାତ୍ କ୍ଷିତିରେହିଁ ଦ୍ରବ୍ୟର କାଠିନ୍ୟ ଧର୍ମଟି ସବୁଠାରୁ ଅଧିକ ପରିମାଣରେ ରହିଛି ବୋଲି ପ୍ରାଚୀନ ବୈଦିକ ସୂତ୍ର ଅନୁସାରେ ତାହାକୁ ଜଡ଼ତତ୍ତ୍ୱର ପ୍ରତୀକରୂପେ ଗ୍ରହଣ କରାଯାଇଥିଲା । ଏବଂ ସେହି କାରଣରୁ ମଧ୍ୟ ଆମେ ସ୍ପର୍ଶକୁ ଆମ ଇନ୍ଦ୍ରିୟବୋଧର ମୂଳ ଭିତ୍ତିରୂପେ ଗ୍ରହଣ କରିନେଇଛୁ । ସ୍ୱାଦନ, ଘ୍ରାଣ, ଶ୍ରବଣ ଓ ଦର୍ଶନରୂପୀ ଅନ୍ୟ ଚାରୋଟିଯାକ ଶାରୀରିକ ଇନ୍ଦ୍ରିୟବୋଧ କ୍ରମଶଃ ଓ ବିଷୟ ମଧ୍ୟରେ ଅଧିକରୁ ଅଧିକ ସୂକ୍ଷ୍ମ ଏବଂ ପରୋକ୍ଷ ସଂସ୍ପର୍ଶର ଏକ କ୍ରମ ଉପରେ ଆଧାରିତ ହୋଇ ରହିଛି । ସେହିପରି ବ୍ୟୋମଠାରୁ କ୍ଷିତି ପର୍ଯ୍ୟନ୍ତ ବସ୍ତୁର ପାଞ୍ଚୋଟିଯାକ ମୂଳ ଉପାଦାନ ଭିତରେ ସାଂଖ୍ୟଦର୍ଶନ ଯେଉଁ ଶ୍ରେଣୀବିଭାଗ କରିଛି, ଆମେ ସେଥିରେ ମଧ୍ୟ ଅଧିକ ସୂକ୍ଷ୍ମରୁ ଅପେକ୍ଷାକୃତ କମ୍ ସୂକ୍ଷ୍ମ ଆଡ଼କୁ ଏକ ନିରନ୍ତର କ୍ରମଗାଢ଼କତାର ଲକ୍ଷଣ ଦେଖିବାକୁ ପାଇବା । ସବା ଉପରେ ବ୍ୟୋମ ବା ଆକାଶର ସୂକ୍ଷ୍ମ କମ୍ପନ ଓ ସବା ତଳେ କ୍ଷିତିରୂପ କଠିନ ବସ୍ତୁଅବସ୍ଥାର ସ୍ଥୂଳ ସଘନତା ଦେଖିବାକୁ ପାଇବା । ତେଣୁ ବିଶ୍ୱସମ୍ବନ୍ଧର ଏକ ଆଧାର ଅଭିମୁଖରେ ଗତି କରୁଥିବା ବିଶୁଦ୍ଧ ସତ୍ତାର ସଞ୍ଚରଣ ପଥରେ ଆମେ ଜଡ଼କୁହିଁ ସର୍ବଶେଷ ପର୍ଯ୍ୟାୟ ବୋଲି ଗ୍ରହଣ କରିବା । ଚିନ୍ମୟ ଆତ୍ମା ନୁହେଁ, ମାତ୍ର ରୂପହିଁ ଏହି ପର୍ଯ୍ୟାୟର ସର୍ବମୁଖ୍ୟ ବ୍ୟାପାର,—ଯେଉଁ ରୂପ କି ଏଠାରେ ଘନୀଭୂତ ହେବାର, ପ୍ରତିରୋଧ କରିବାର, ସ୍ଥାୟୀ ସ୍ଥୂଳ ରୂପ ଗ୍ରହଣ କରିବାର ଓ ପରସ୍ପର ପାଖରେ ଅଭେଦ୍ୟ ହୋଇ ରହିବାର ବିକାଶଗତ ଚରମ ସମ୍ଭାବ୍ୟ ସୀମାରେ ଆସି ପହଞ୍ଚିପାରିଛି ଏବଂ ବିଭେଦନ, ବିଚ୍ଛେଦନ ତଥା ବିଭାଜନର ଚୂଡ଼ାନ୍ତ ଅବସ୍ଥା ଲାଭ କରିପାରିଛି । ଏହାହିଁ ହେଉଛି ଏହି ଜଡ଼ଜଗତର ଅଭିପ୍ରାୟ ଓ ସ୍ୱଭାବ, ଏହାହିଁ ପୂର୍ଣ୍ଣତାପ୍ରାପ୍ତ ବିଭାଜ୍ୟତାର ଆଦର୍ଶସୂତ୍ର ।

ଯଦି ବସ୍ତୁ ମଧ୍ୟରେ ଜଡ଼ରୁ ଚିତ୍ ପର୍ଯ୍ୟନ୍ତ ଏକ ଆରୋହୀ ପରମ୍ପରା ରହିଥାଏ,—ବସ୍ତୁଜଗତର ପ୍ରକୃତ ଦୃଷ୍ଟିରୁ ବିଚାର କଲେ ଯାହା ଅବଶ୍ୟ ରହିଥିବ ବୋଲି ମନେହେଉଛି,—ତେବେ ସେହି ପରମ୍ପରା ବା ସୋପାନକ୍ରମଟିରେ ଆମେ ଉଠି ଉଠି ଯେତିକି ଉପରକୁ ଯାଉଥିବା, ଜଡ଼ତତ୍ତ୍ୱର ସ୍ୱଭାବଗତ ଏହି ସାମର୍ଥ୍ୟଲକ୍ଷଣଗୁଡ଼ିକ ସେତିକି ସେତିକି ହ୍ରାସ ହୋଇ ଯାଉଥିବ ଏବଂ ଆମକୁ ଶୁଦ୍ଧ ଆଧ୍ୟାତ୍ମିକ ଆତ୍ମପ୍ରସାରଣର ସୂତ୍ରଟି ଆଡ଼କୁ ବହନ କରି ନେଇ ଯାଉଥିବା ବିପରୀତ ସାମର୍ଥ୍ୟ ଲକ୍ଷଣଗୁଡ଼ିକ ସେତିକି ସେତିକି ବୃଦ୍ଧି ପାଇବାରେ ଲାଗିଥିବ । ଅର୍ଥାତ୍ ସେଗୁଡ଼ିକ ରୂପର ଦାସତ୍ୱ ଭିତରେ ଅଧିକରୁ ଅଧିକ କମ୍ ବାନ୍ଧିହୋଇ ରହୁଥିବେ, ବସ୍ତୁ ଓ ଶକ୍ତିର ସୂକ୍ଷ୍ମତା ଓ ସ୍ଥିତିସ୍ଥାପକତା ସେତିକି ସେତିକି ବେଶୀ ହେଉଥିବ, ପରସ୍ପର ସହିତ ସମ୍ମିଳିତ ହେବା, ପରସ୍ପରକୁ ଭେଦ କରିବା ଓ ସମାବିଷ୍ଟ କରି ରଖିବା

'oaob.nitrkl.ac.in' images reprocessed

ସେତିକି ଅଧିକ ହେବାରେ ଲାଗିଥିବ । ଆଦାନପ୍ରଦାନ ଓ ପରିବର୍ତ୍ତନ କରିବାର, ରୂପାନ୍ତରିତ ଓ ଏକୀଭୂତ ହେବାର ସାମର୍ଥ୍ୟ ସେତିକି ବଢ଼ି ଚାଲିଥିବ । ରୂପର ସ୍ଥାୟିତ୍ୱକାଠିନ୍ୟରୁ ଦୂରକୁ ଦୂରକୁ ଅପସରି ଯାଉଥିବା ସଙ୍ଗେ ସଙ୍ଗେ ଆମେ ସତ୍ୟସତ୍ତାର ଚିରନ୍ତନତା ଆଡ଼କୁ ଅଧିକରୁ ଅଧିକ ଆକର୍ଷିତ ହୋଇ ଯିବାରେ ଲାଗିଥିବା । ଭୌତିକ ଜଡ଼ସ୍ଥିତିର ଅକାଟ୍ୟ ବିଚ୍ଛିନ୍ନତା ଓ ପ୍ରତିରୋଧର ପର୍ଯ୍ୟାୟଟିରୁ ଦୂରକୁ ଦୂରକୁ ଅପସରି ଯାଉଥିବା ସଙ୍ଗେ ସଙ୍ଗେ ଆମେ ଚିନ୍ମୟ ପରମସତ୍ତାର ଅନନ୍ତତା, ଏକତା ଓ ଅବିଭାଜ୍ୟତାର ଉଚ୍ଚତମ ଦିବ୍ୟ ସ୍ଥିତିଟି ଆଡ଼କୁ ସେତିକି ସେତିକି ଆକର୍ଷିତ ହୋଇ ଆସୁଥିବା । ସ୍ଥୂଳ ବସ୍ତୁ ଏବଂ ଶୁଦ୍ଧ ଅଧ୍ୟାତ୍ମ ବସ୍ତୁ ମଧ୍ୟରେ ଏହାକୁହିଁ ସର୍ବମୂଳ ବୈଷମ୍ୟ ବୋଲି କୁହାଯାଇ ପାରିବ । ଜଡ଼ଭୂମିରେ ଅବସ୍ଥିତ ସମୟରେ ଚିତ୍‌ଶକ୍ତି ସେହି ଚିତ୍‌ଶକ୍ତିର ଅନ୍ୟ ସ୍ୱରୂପୀକୃତ ରୂପଗୁଡ଼ିକ ବିରୁଦ୍ଧରେ ପ୍ରତିରୋଧ ଓ ସଂଗ୍ରାମ କରିବା ଲାଗି ଆପଣାକୁ ଅଧିକରୁ ଅଧିକ ସ୍ୱରୂପୀକୃତ କରିବାରେ ଲାଗିଥାଏ । ମାତ୍ର ପରମ ଆତ୍ମବସ୍ତୁରେ ଅବସ୍ଥିତ କାଳରେ ଶୁଦ୍ଧ ଚୈତନ୍ୟ ଏପରିକି ଆପଣା ଶକ୍ତିର ବହୁବିଚିତ୍ରତମ ଲୀଳାରେ ମଧ୍ୟ ତଥାପି ଏକ ମୌଳିକ ଅବିଭାଜ୍ୟତା ଏବଂ ସତତ ସଂଯୁକ୍ତ କରି ଦେଉଥିବା ଏକ ଅନ୍ତର୍ବିନିମୟକୁ ବଜାୟ ରଖି ଆତ୍ମବୋଧର ଭୂମି ଉପରେ ଆପଣାକୁ ଅବାଧ ଓ ମୁକ୍ତଭାବରେ ମୂର୍ତ୍ତ କରିବାରେ ଲାଗିଥାଏ । ଏବଂ ଏହି ଦୁଇଟି ପ୍ରାନ୍ତବିନ୍ଦୁ ମଧ୍ୟରେ ଏକ ଅନନ୍ତ ସୋପାନବିନ୍ୟାସର ସମ୍ଭାବନା ନିହିତ ହୋଇ ରହିଥାଏ ।

ପୂର୍ଣ୍ଣସିଦ୍ଧିପ୍ରାପ୍ତ ମନୁଷ୍ୟାତ୍ମାର ଦିବ୍ୟ ଜୀବନ ଓ ଦିବ୍ୟ ମନ ଏବଂ ପ୍ରାକୃତ ବାସ୍ତବ ଜୀବନରେ ଆମେ ବିଚରଣ କରୁଥିବା ଅତ୍ୟନ୍ତ ସ୍ଥୂଳ ଆପାତ-ଅଦିବ୍ୟ ଭୌତିକ ଶରୀରଟି ମଧ୍ୟରେ ରହିଥିବା ସମ୍ଭାବ୍ୟ ସମ୍ବନ୍ଧଟିର ବିଚାର କଲାବେଳେହିଁ ଉପରେ କରାଯାଇଥିବା ଆଲୋଚନାଗୁଡ଼ିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇପଡ଼େ । ଇନ୍ଦ୍ରିୟ ଓ ଇନ୍ଦ୍ରିୟ-ବିଷୟ ମଧ୍ୟରେ ରହିଥିବା ଯେଉଁ ନିର୍ଦ୍ଦିଷ୍ଟ ସମ୍ବନ୍ଧଟିରୁ ଭୌତିକ ବିଶ୍ୱଜଗତର ଆରମ୍ଭ ହୋଇଛି, ଆମ ପ୍ରାକୃତ ଜୀବନର ସମ୍ବନ୍ଧସୂତ୍ରଟି ମଧ୍ୟ ସେଇଥିରୁ ଜନ୍ମଲାଭ କରିଛି । ମାତ୍ର କେବଳ ଏହି ସମ୍ବନ୍ଧଟିକୁହିଁ ସମ୍ଭାବ୍ୟ ଏକମାତ୍ର ସମ୍ବନ୍ଧ ବୋଲି କୁହାଯାଇ ପାରିବ ନାହିଁ, ତେଣୁ ସେହି ସୂତ୍ରଟିକୁ ମଧ୍ୟ ଆମେ ସମ୍ଭାବ୍ୟ ଏକମାତ୍ର ସୂତ୍ରରୂପେ ଗ୍ରହଣ କରିପାରିବା ନାହିଁ । ବସ୍ତୁ ସହିତ ସମ୍ପୂର୍ଣ୍ଣ ଏକ ଅନ୍ୟପ୍ରକାର ସମ୍ବନ୍ଧ ସ୍ଥାପନ କରି ମଧ୍ୟ ପ୍ରାଣ ଓ ମନ ଆପଣାକୁ ବେଶ୍ ପ୍ରକାଶିତ କରିପାରିବେ, ଯାହାଫଳରେ କି ସେମାନେ 'ସମ୍ପୂର୍ଣ୍ଣ ଅନ୍ୟପ୍ରକାର ଭୌତିକ ନିୟମସବୁର ଉଦ୍‌ଭବ କରାଇପାରିବେ, ଅନ୍ୟ ଓ ଅଧିକ ପ୍ରଶସ୍ତ ପରମ୍ପରାଗୁଡ଼ିକର ବିକାଶ କରାଇପାରିବେ । ସେମାନେ ହୁଏତ ଶରୀର ଲାଗି ମଧ୍ୟ ଏକ ସମ୍ପୂର୍ଣ୍ଣ ଭିନ୍ନ ଉପାଦାନକୁ ବ୍ୟବହାର କରିପାରିବେ, ଯାହାଦ୍ୱାରା କି ଶରୀରେନ୍ଦ୍ରିୟଗୁଡ଼ିକ ଅଧିକ

'oaob.nitrkl.ac.in' images reprocessed

ମୁକ୍ତଭାବରେ କାର୍ଯ୍ୟ କରିବେ, ପ୍ରାଣ ଓ ମନ ବି ଅଧିକ ମୁକ୍ତଭାବରେ କାର୍ଯ୍ୟ କରିପାରିବେ । ମୃତ୍ୟୁ, ବିଭାଜନ ଏବଂ ସେହି ଏକ ଚେତନ ପ୍ରାଣଶକ୍ତିରୁ ଉଦ୍‌ଭୂତ ହୋଇ ବିଭିନ୍ନ ଶରୀର ଧାରଣ କରିଥିବା ପିଣ୍ଡଗୁଡ଼ିକ ମଧ୍ୟରେ ପାରସ୍ପରିକ ପ୍ରତିରୋଧ ଓ ବହିଷ୍କରଣ,—ଏହିଗୁଡ଼ିକୁହିଁ ଆମେ ଆମର ଶାରୀରିକ ଅସ୍ତିତ୍ୱକୁ ନିୟନ୍ତ୍ରିତ କରୁଥିବା ବିଧାନ ବୋଲି କହିବା । ଏହି ଅସ୍ତିତ୍ୱର ସଙ୍କୀର୍ଣ୍ଣ ଆୟତନଟି ମଧ୍ୟରେ ଇନ୍ଦ୍ରିୟକ୍ରିୟାର ଲୀଳାଟି ମଧ୍ୟ ସଙ୍କୀର୍ଣ୍ଣ ଓ ସୀମାବଦ୍ଧ ହୋଇ ରହିଛି, ଆପଣା ବିଚରଣକ୍ଷେତ୍ରର ଏକ କ୍ଷୁଦ୍ର ବୃତ୍ତ ମଧ୍ୟରେହିଁ ସେହି ଅସ୍ତିତ୍ୱ ଆବଦ୍ଧ ଓ ନିୟନ୍ତ୍ରିତ ହୋଇ ରହିଛି, ତାହାର ଆୟୁ ତଥା ଶକ୍ତି ମଧ୍ୟ ସୀମାବଦ୍ଧ ହୋଇ ରହିଛି । ମନଟା ବି ପଙ୍ଗୁ ଓ ତମସାଚ୍ଛନ୍ନ ହୋଇ ରହିଛି, ମନର କ୍ରିୟାଟି ନାନାପ୍ରକାରେ ବ୍ୟାହତ ଓ ସଙ୍କୁଚିତ ହୋଇ ରହିଛି । ପ୍ରାଣୀଶରୀରରେ ପ୍ରକଟ ହେଉଥିବା ସେହି ଅସ୍ତିତ୍ୱସୃଷ୍ଟି ଜୀବନର ଉଚ୍ଚତର ତତ୍ତ୍ୱଗୁଡ଼ିକର କାନ୍ଧ ଉପରେ ଯୁଆଳି ପରି ଲଦିହୋଇ ରହିଛି । ମାତ୍ର ଏହିଗୁଡ଼ିକୁହିଁ ବିଶ୍ୱପ୍ରକୃତିର ଏକମାତ୍ର ଛନ୍ଦ ଓ ଏକମାତ୍ର ରୀତି ବୋଲି କଦାପି କୁହାଯାଇ ପାରିବ ନାହିଁ । କାରଣ ଏହାଠାରୁ ଊର୍ଦ୍ଧ୍ୱତର ଅବସ୍ଥାମାନ ବି ରହିଛି, ଊର୍ଦ୍ଧ୍ୱତର କେତେକେତେ ଜଗତ୍ ରହିଛି; ଏବଂ ମନୁଷ୍ୟର କୌଣସି ପ୍ରଗତିଦ୍ୱାରା କିମ୍ବା ତା'ର ବର୍ତ୍ତମାନ ଅପରିପୂର୍ଣ୍ଣତା ଭିତରୁ ଆମ ଜୀବନବସ୍ତୁର କୌଣସି ପ୍ରକାରେ ମୁକ୍ତିଲାଭ କରିବାଦ୍ୱାରା ଯଦି ସେହିସବୁ ଊର୍ଦ୍ଧ୍ୱତର ବିଶ୍ୱର ବିଧାନଗୁଡ଼ିକୁ ଆମ ଅସ୍ତିତ୍ୱର ଏହି ଦେହରୂପୀ ଗ୍ରହଣଶୀଳ ସାଧନଟି ଉପରେ ସଞ୍ଚାରିତ କରାଯାଇପାରେ, ତେବେ ଏହି ଜଗତର ଦେହଗତ ଭୂମି ଉପରେ ମଧ୍ୟ ଦିବ୍ୟ ମନ ଓ ଦିବ୍ୟ ଇନ୍ଦ୍ରିୟର କାର୍ଯ୍ୟ କରିବା ନିଶ୍ଚୟ ସମ୍ଭବ ହୋଇପାରିବ, ମନୁଷ୍ୟଜୀବନର ଏହି ପଞ୍ଜରାଟି ଉପରେ ଦିବ୍ୟ ଜୀବନର ଶରୀରଗତ କ୍ରିୟା ବି ଆରମ୍ଭ ହୋଇପାରିବ, ଏବଂ ଇହଜଗତରେ ଏପରି ଏକ ଦେହର ବିକାଶ ହେବ, ଯାହାକୁ କି ଆମେ ହୁଏତ ଦିବ୍ୟକଳାବିଶିଷ୍ଟ ମନୁଷ୍ୟଦେହ ବୋଲି କହିପାରିବା । ହୁଏତ ଏପରି ଏକ ଦିନ ବି ଆସିବ, ଯେତେ-ବେଳେ କି ମନୁଷ୍ୟର ଏହି ଦେହର ରୂପ ବି ସମ୍ପୂର୍ଣ୍ଣରୂପେ ବଦଳିଯିବ, ହୁଏତ ବିଶ୍ୱଜନନୀ ମଧ୍ୟ ଆମର ଭିତରେ ତାଙ୍କର ଈଶ୍ୱରୀୟ ରୂପଟିକୁ ପ୍ରକଟ କରିବା ଲାଗି ମନ ବଳାଇବେ ।

ଭୌତିକ ବିଶ୍ୱଜଗତର ଅସ୍ତିତ୍ୱସୃଷ୍ଟି ମଧ୍ୟରେ ବି ଜଡ଼ଭୂମିର ଏଭଳି ଏକ ଆରୋହଣଧର୍ମୀ ସୋପାନକ୍ରମ ରହିଛି, ଯାହାକି ଆମକୁ ଅଧିକ ଘନ ଓ ଅଧିକ ସ୍ଥୂଳଭିତରୁ ଅପେକ୍ଷାକୃତ କମ୍ ଘନ ତଥା କମ୍ ସ୍ଥୂଳ ଆଡ଼କୁ ପରିଚାଳିତ କରି ନେଇ ଯାଉଛି, କମ୍ ସୂକ୍ଷ୍ମରୁ ଅଧିକ ସୂକ୍ଷ୍ମ ଭିତରକୁ ବାଟ ଦେଖାଇ ଦେଉଛି । ଏହି ସୋପାନଶ୍ରେଣୀକୁ ପାର ହୋଇ ଯେଉଁଠି ଆମେ ସର୍ବୋଚ୍ଚ ସୋପାନଟିରେ ଆସି ପହଞ୍ଚୁ, ଅର୍ଥାତ୍ ଭୌତିକ ବସ୍ତୁ ଅଥବା ଶକ୍ତି-ରୂପାୟନର ସୂକ୍ଷ୍ମତମ ମହାବ୍ୟୋମ

'oaob.nitrkl.ac.in' images reprocessed

ସ୍ତରରେ ଆସି ପହଞ୍ଚୁ, ତାହାର ଆହୁରି ସେପାଖରେ ଆମେ ପ୍ରକୃତରେ କ'ଣ ଦେଖିବାକୁ ପାଉ ? କେବଳ ଏକ ମହାଶୂନ୍ୟ କିମ୍ବା ପରମ ନାସ୍ତିତ୍ୱ ଦେଖିବାକୁ ପାଉ ନ ? ନା, କଦାପି ନୁହେଁ; କାରଣ ପରମଶୂନ୍ୟ ବା ଯଥାର୍ଥ ନାସ୍ତିତ୍ୱ ବୋଲି କୌଣସି ଅବସ୍ଥା ପ୍ରକୃତରେ ଆଦୌ କେଉଁଠି ହେଲେ ନାହିଁ । ଆମର ଇନ୍ଦ୍ରିୟ-ଗ୍ରାହ୍ୟତା, ଆମର ମନ କିମ୍ବା ଆମର ସୂକ୍ଷ୍ମତମ ଚେତନାଟିର ଦଉଡ଼ି ପକାଇ ମଧ୍ୟ ଆମେ ଯାହାସବୁକୁ ଧରି ପାରିବାରେ ସମର୍ଥ ନ ହେଉ, ସେଇଗୁଡ଼ିକୁହିଁ ଆମେ ସେହିସବୁ ନାମରେ ଅଭିହିତ କରିଥାଉ । ଆମ ପହଞ୍ଚ ବା ହସ୍ତପ୍ରସାରର ସେପାଖରେ ଯେ ଆଦୌ କିଛି ନାହିଁ, ସେକଥା ମଧ୍ୟ ସତ୍ୟ ନୁହେଁ । କିମ୍ବା ଜଡ଼ର କୌଣସି ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୂପାଦାନକୁ ମଧ୍ୟ ଆମେ ବିଶ୍ୱସକଳର ଆଦିଭୂତ ଶାଶ୍ୱତ୍‌ପଦାର୍ଥ ବୋଲି କଦାପି କହିପାରିବା ନାହିଁ । କାରଣ ଜଡ଼ ତଥା ଜଡ଼ସ୍ଥ ଶକ୍ତିକୁ ଆମେ ଶୁଦ୍ଧବସ୍ତୁ ତଥା ଶୁଦ୍ଧ ଶକ୍ତିର କେବଳ ଏକ ଶେଷ ପର୍ଯ୍ୟାୟର ପରିଣାମ ବୋଲି ଜାଣିଛୁ । ଶୁଦ୍ଧ ବସ୍ତୁ ଓ ଶୁଦ୍ଧ ଶକ୍ତି ଭିତରେ ଅବସ୍ଥାନ କରୁଥିବାବେଳେ ଚୈତନ୍ୟ ଏକ ଜ୍ୟୋତିର୍ମୟତା ମଧ୍ୟରେ ଆତ୍ମସଚେତନ ଓ ଆତ୍ମସ୍ଥ ହୋଇ ରହିଛି, ମାତ୍ର ଜଡ଼ର ସ୍ତରଟିକୁ ଆସି ତାହା ସତେ ଅବା ଏକ ଅଚେତନ ନିଦ୍ରା ଓ ସ୍ପନ୍ଦନସ୍ପନ୍ଦନ ଗତିଶୀଳତା ଭିତରେ ଆପଣାକୁ ହରାଇ ବସୁଛି । ତେବେ ଏହି ଭୌତିକ ବସ୍ତୁ ଓ ସେହି ଶୁଦ୍ଧ ବସ୍ତୁର ମଝିରେ ଆଉ କ'ଣସବୁ ରହିଛି ? କାରଣ ଗୋଟିକରୁ ଆଉଗୋଟିକୁ ଯିବାକୁ ହେଲେ ଆମକୁ କଦାପି ଏଠୁ ସେଠାକୁ ଗୋଟାଏ ଡିଆଁରେ ଡେଇଁ ପଡ଼ିବାକୁ ହୁଏ ନାହିଁ, ନିଶ୍ଚେତନ ଭିତରୁ ପରମ ଚେତନାକୁ ଏକାବେଳେକେ ଡେଇଁପଡ଼ିବା ସମ୍ଭବ ହୁଏ ନାହିଁ । ତେଣୁ ଜଡ଼ ଓ ଶୁଦ୍ଧ ଆତ୍ମାର ତତ୍ତ୍ୱଦୁଇଟି ମଧ୍ୟରେ ଯେପରି ସଂଯୋଜକ ଏକ ସୋପାନକ୍ରମ ରହିଛି, ସେହିପରି ନିଶ୍ଚେତନ ବସ୍ତୁ ଏବଂ ସମ୍ପୂର୍ଣ୍ଣଭାବେ ଆତ୍ମଚେତନ ସେହି ଆତ୍ମପ୍ରସାରଣ ଭିତରେ ଏକ ସୋପାନକ୍ରମ ଅବଶ୍ୟ ରହିବ ଓ ରହିଛି ।

ଏହି ବ୍ୟବଧାନରୂପୀ ମହାଗହ୍ୱର ଭିତରେ ଅଧିଗମିବାକୁ ଯେଉଁମାନେ ସମର୍ଥ ହୋଇଛନ୍ତି, ସେମାନେ ସମସ୍ତେ ଏକମତ ହୋଇ ଏହି କଥାଟିର ସାକ୍ଷ୍ୟ ଦେଉଛନ୍ତି ଯେ ସେଠାରେ ଅଧିକରୁ ଅଧିକ ସୂକ୍ଷ୍ମ ଅବସ୍ଥା ଧାରଣ କରୁଥିବା ବସ୍ତୁର ଏକ ସୋପାନକ୍ରମ ଅବଶ୍ୟ ରହିଛି, ଯାହାକି ଏହି ଭୌତିକ ବିଶ୍ୱଜଗତର ଶାସନ-ବିଧାନଟିଠାରୁ କ୍ରମଶଃ ଦୂରକୁ ଦୂରକୁ ଚାଲିଯାଇଛି ଓ ଶେଷରେ ତାହାର ପହଞ୍ଚର ବାହାରକୁ ମଧ୍ୟ ଚାଲିଯାଇଛି । ଆମର ବର୍ତ୍ତମାନ ପ୍ରକରଣଟି ଲାଗି ଅତିରିକ୍ତ ରହସ୍ୟପୂର୍ଣ୍ଣ ଓ ଅଭେଦ୍ୟ ହୋଇ ରହିଥିବା ପ୍ରସଙ୍ଗଗୁଡ଼ିକର ଗଭୀରକୁ ନଯାଇ ଓ ଆମ ଚର୍ଚ୍ଚାର ଆଧାରସୂତ୍ରଟି ସହିତ ସଙ୍ଗତି ରକ୍ଷା କରି ଆମେ କେବଳ ଏତିକି କହିପାରିବା ଯେ ସେଗୁଡ଼ିକର ସ୍ୱକୀୟ ସୋପାନବିନ୍ୟାସର ଏକ ମହତ୍ତ୍ୱପୂର୍ଣ୍ଣ ବାସ୍ତବରେ ବସ୍ତୁର

'oaob.nitrkl.ac.in' images reprocessed

ଏହିସବୁ ସୋପାନ ସହିତ ଜଡ଼, ପ୍ରାଣ, ମନ, ଅତିମାନସ ତଥା ସଚ୍ଚିଦାନନ୍ଦରୂପୀ ସେହି ଅନ୍ୟ ଊର୍ଦ୍ଧ୍ୱତର ଦିବ୍ୟ ତ୍ରୟୀତତ୍ତ୍ୱକୁ ଏକାଠି ଗୁନ୍ଥି ରଖିଥିବା ଆରୋହୀ ସୋପାନକ୍ରମଟିର ଏକ ସ୍ପଷ୍ଟ ସାମଞ୍ଜସ୍ୟ ରହିଛି । ଅର୍ଥାତ୍ ଆପଣାର ଆରୋହଣକ୍ରମରେ ବସ୍ତୁ ଏହି ତତ୍ତ୍ୱଗୁଡ଼ିକରୁ ପ୍ରତ୍ୟେକଟି ଉପରେ ଆପଣାକୁ ଆଧାରିତ କରି ରଖୁଛି, ଏବଂ ସେହିଗୁଡ଼ିକର ଆରୋହୀ ଧାରାରେହିଁ ସେମାନଙ୍କର ବିଶ୍ୱବ୍ୟାପ୍ତ ଆତ୍ମରୂପାୟନର ବିଶିଷ୍ଟ ବାହାନରୂପେ ଆପଣାକୁ ପ୍ରକାଶିତ କରିବାରେ ଲାଗିଛି ।

ଭୌତିକ ଇହଜଗତରେ ସବୁକିଛି ଜଡ଼ବସ୍ତୁର ସୃଷ୍ଟିକୁ ଆଶ୍ରୟ କରି ରହିଛି । ପ୍ରାଚୀନ ତତ୍ତ୍ୱବିତ୍‌ମାନେ ଯାହାକୁ ପୃଥ୍ୱୀଶକ୍ତି ବୋଲି କହିଛନ୍ତି, ତାହାରି ଉପରେହିଁ ଇନ୍ଦ୍ରିୟବୋଧ, ପ୍ରାଣ ଓ ବିଚାର ଆପଣାକୁ ପ୍ରତିଷ୍ଠିତ କରି ରଖିଛନ୍ତି । ସେଇଥିରୁ ଆପଣାର ଯାତ୍ରା ଆରମ୍ଭ କରୁଛନ୍ତି, ତାହାରି ନିୟମଗୁଡ଼ିକୁ ମାନି ଚାଲୁଛନ୍ତି, ଏହି ମୂଳତତ୍ତ୍ୱଟି ସହିତ ଆପଣାର ଯାବତୀୟ କ୍ରିୟାକୁ ଅନୁକୂଳିତ କରି ରଖୁଛନ୍ତି, ତାହାରି ଅଭିବ୍ୟକ୍ତିର ସୀମା ଭିତରେ ଆପଣାକୁ ସୀମିତ କରି ରଖୁଛନ୍ତି । ଏବଂ ଆପଣାର ଅନ୍ୟାନ୍ୟ ସମ୍ଭାବନାଗୁଡ଼ିକୁ ବିକଶିତ କରିବାକୁ ବସିଲେ ମଧ୍ୟ ସେମାନଙ୍କୁ ସେହି ବିକାଶକ୍ରିୟାରେ ମୂଳ ତତ୍ତ୍ୱଟିର ଉଦ୍ଦେଶ୍ୟ ଏବଂ ଦିବ୍ୟ ପରିଣତିସାଧନା ଉପରେ ରହିଥିବା ତାହାରି ଦାବିଟିକୁ ମାନି ଚାଲିବାକୁ ହେଉଛି । ଆମର ଇନ୍ଦ୍ରିୟ-ବୋଧ ଦେହଗତ ସାଧନଗୁଡ଼ିକର ମାଧ୍ୟମରେ କାର୍ଯ୍ୟ କରୁଛି, ଆମର ପ୍ରାଣ ଏକ ଦେହଗତ ସ୍ନାୟୁମଣ୍ଡଳ ତଥା ପ୍ରାଣର ସହାୟକ ହୋଇ ରହିଥିବା ଦେହଗତ ଅବୟବ ଗୁଡ଼ିକ ଜରିଆରେ କାର୍ଯ୍ୟ କରୁଛି । ଦେହକୁ ଭିତ୍ତି କରି ଓ ଦେହର ସାଧନଗୁଡ଼ିକୁ ବ୍ୟବହାର କରି ମନର ଯାବତୀୟ ସଞ୍ଚରଣ ସମ୍ଭବ ହେଉଛି, ଏପରିକି ଏହାର ବିଶୁଦ୍ଧ ମାନସିକ କ୍ରିୟାଗୁଡ଼ିକୁ ମଧ୍ୟ ଜଡ଼ର କ୍ଷେତ୍ର ଓ ଉପାଦାନରୁହିଁ ସଂଗୃହୀତ ତଥ୍ୟକୁ ନେଇ ଚାଲିବାକୁ ହେଉଛି । ମାତ୍ର ମନ, ଇନ୍ଦ୍ରିୟ ତଥା ପ୍ରାଣର ମୂଳ ସ୍ୱଭାବ ଭିତରେ ଏପରି କୌଣସି ଅନିବାର୍ଯ୍ୟ ଆବଶ୍ୟକତା ନାହିଁ ଯାହାଦ୍ୱାରା କି ସେମାନେ ଏଭଳି ଭାବରେ ସୀମାବଦ୍ଧ ହୋଇ କାର୍ଯ୍ୟ କରିବାକୁ ବାଧ୍ୟ ହେବେ । କାରଣ ଆମର ଭୌତିକ ଇନ୍ଦ୍ରିୟଗୁଡ଼ିକ କଦାପି ଆମ ଇନ୍ଦ୍ରିୟଗତ ବୋଧକୁ ଜନ୍ମ ଦେଇ ନାହାନ୍ତି । ବରଂ ସେମାନେ ସ୍ୱୟଂ ବିଶ୍ୱଗତ ଇନ୍ଦ୍ରିୟବୋଧ ଦ୍ୱାରା ସୃଷ୍ଟ ହୋଇଛନ୍ତି, ଏହି ଜଗତରେ ତାହାରି ପ୍ରୟୋଜନରେ ଲାଗୁଥିବା ଏକ କାର୍ଯ୍ୟସାଧକ ନିମିତ୍ତରୂପେ ତାହାରି ସାଧନ ହିସାବରେ ବ୍ୟବହୃତ ହେଉଛନ୍ତି । ଆମର ନାଡ଼ୀଚକ୍ର କିମ୍ବା ପ୍ରାଣର ସହାୟକ ଦେହଗତ ଅବୟବଗୁଡ଼ିକ ମଧ୍ୟ ପ୍ରାଣର କ୍ରିୟାପ୍ରତିକ୍ରିୟାଗୁଡ଼ିକୁ ଜନ୍ମ ଦେଇ ନାହାନ୍ତି, ଓଲଟି ସେମାନେ ସ୍ୱୟଂହିଁ ବିଶ୍ୱଗତ ପ୍ରାଣଶକ୍ତିଦ୍ୱାରା ସୃଷ୍ଟ ହୋଇଛନ୍ତି, ଏହି ଜଗତରେ ତାହାରି ପ୍ରୟୋଜନରେ ଲାଗୁଥିବା ଏକ କାର୍ଯ୍ୟସାଧକ ନିମିତ୍ତରୂପେ

'oaob.nitrkl.ac.in' images reprocessed

ତାହାର ସାଧନ ହିସାବରେ ବ୍ୟବହୃତ ହେଉଛନ୍ତି । ଆମର ମସ୍ତିଷ୍କ ଆମର ଭାବନା ଓ ବିଚାରକୁ ଜନ୍ମ ଦେଉ ନାହିଁ; ଓଲଟି ସ୍ୱୟଂ ବିଶ୍ୱମନ ଦ୍ୱାରାହିଁ ସୃଷ୍ଟ ହୋଇଛି, ଏବଂ ଏହି ଜଗତରେ ତାହାର ପ୍ରୟୋଜନରେ ଲାଗୁଥିବା ଏକ କାର୍ଯ୍ୟସାଧକ ଯନ୍ତ୍ରରୂପେ ତାହାରି ସାଧନ ହିସାବରେ ବ୍ୟବହୃତ ହେଉଛି । ତେଣୁ ଇନ୍ଦ୍ରିୟବୋଧ, ପ୍ରାଣ ଓ ବିଚାର ପକ୍ଷରେ ଜଡ଼ ଦେହର ନିୟମକୁ ମାନି ଚାଲିବାର ଆବଶ୍ୟକତାକୁ ଆମେ ଏକ ପରମ ଆବଶ୍ୟକତା ବୋଲି କହିବା ନାହିଁ, ଏକ ବିଶେଷ ଉଦ୍ଦେଶ୍ୟସିଦ୍ଧି ବା ଇଚ୍ଛାପୂରଣର ଆବଶ୍ୟକତାରୁହିଁ ଏପରି ହେଉଛି ବୋଲି କହିବା । ଏକ ଦିବ୍ୟ ବିଶ୍ୱଗତ ପରମଇଚ୍ଛା ଏହି ଭୌତିକ ବିଶ୍ୱଜଗତରେ ଇନ୍ଦ୍ରିୟ ତଥା ଇନ୍ଦ୍ରିୟବିଷୟ ମଧ୍ୟରେ ଏକ ଭୌତିକ ସମ୍ବନ୍ଧ ସ୍ଥାପନ କରି ରଖିବାକୁ ଚାହୁଁଛି, ଏଠାରେ ପରମ ଚିତ୍‌ଶକ୍ତିର ଏକ ଭୌତିକ ସୃଜନକୁ ପ୍ରତିଷ୍ଠିତ କରିବାରେ ଲାଗିଛି ଏବଂ ଏହାରିଦ୍ୱାରା ଆମରି ଏହି ପୃଥିବୀର ପ୍ରଥମ, ପ୍ରଧାନ ଓ ବିଧାୟକ ସତ୍ୟରୂପେ କାମରେ ଲାଗି ପାରିବାକୁ ଚିତ୍‌ଶକ୍ତିର ଭୌତିକ ପ୍ରତିରୂପମାନ ସୃଷ୍ଟି କରୁଛି । ଏହି ବିଧାନକୁ ଆମେ ସତ୍‌ସ୍ୱରୂପର ଏକ ମୌଳିକ ଓ ଶାଶ୍ୱତ ବିଧାନ ବୋଲି କହିବା ନାହିଁ; ଚୈତନ୍ୟ ଯେପରିକି ଜଡ଼ ଭିତରେ ପ୍ରକାଶିତ ହୋଇପାରିବ, ସେହି ପ୍ରୟୋଜନଟିର ସାଧନ ଲାଗିହିଁ ଏହି ବିଧାନଟିର ରଚନା ହୋଇଛି ।

ବସ୍ତୁର ପରବର୍ତ୍ତୀ ସୋପାନରେ ବସ୍ତୁଗତ ରୂପ ଓ ସାମର୍ଥ୍ୟ ଆଉ ପ୍ରଥମ, ପ୍ରଧାନ ଓ ବିଧାୟକ ସତ୍ୟ ହୋଇ ରହେ ନାହିଁ, ଏଠାରେ ପ୍ରାଣ ଓ ସଚେତନ କାମନା ତାହାର ସ୍ଥାନ ଅଧିକାର କରେ । ତେଣୁ ଏହି ଭୌତିକ ସ୍ତରର ସେପାଖରେ ଅବସ୍ଥିତ ଜଗତକୁ ଏକ ସଚେତନ ଓ ବିଶ୍ୱଗତ ପ୍ରାଣଶକ୍ତି ଉପରେ ଆଧାରିତ ହୋଇ ରହିବାକୁ ପଡ଼େ । ପ୍ରାଣର ଏଷଣାଶକ୍ତି, ବାସନା ଶକ୍ତି ଏବଂ ସେଗୁଡ଼ିକର ଆତ୍ମପ୍ରକାଶ ଉପରେ ଜଗତ୍‌ ଆଧାରିତ ହୋଇ ରହେ, ମାତ୍ର ଏକ ଭୌତିକ ସାମର୍ଥ୍ୟ କିମ୍ବା ଶକ୍ତିର ରୂପଧାରଣ କରୁଥିବା କୌଣସି ନିଶ୍ଚେତନ ବା ଅବଚେତନ ଇଚ୍ଛାଶକ୍ତି ଉପରେ ଆଧାରିତ ହୋଇ ରହେ ନାହିଁ । ସେହି ଜଗତର ସକଳ ରୂପ, ଦେହ, ଓ ସାମର୍ଥ୍ୟ, ପ୍ରାଣ, ଇନ୍ଦ୍ରିୟ ତଥା ବିଚାରଗତ ସକଳ ଗତିସ୍ପନ୍ଦନ, ସକଳ ବିକାଶ, ସକଳ ସିଦ୍ଧି ଓ ଆତ୍ମପରିପୂର୍ଣ୍ଣତା ଏହି ଚେତନାମୟ ପ୍ରାଣଶକ୍ତିର ପ୍ରଥମ ସତ୍ୟଟି ଦ୍ୱାରାହିଁ ଶାସିତ ଓ ପରିଚାଳିତ ହେବାକୁ ବାଧ୍ୟ ହୁଏ । ଏଠାରେ ଜଡ଼ ଓ ମନ ପ୍ରାଣର ଅଧୀନ ହୋଇ ରହନ୍ତି, ପ୍ରାଣରୁହିଁ ଆପଣାର ଯାତ୍ରାରମ୍ଭ କରନ୍ତି, ପ୍ରାଣକୁ ଭିତ୍ତିରୂପେ ମାନିନିଅନ୍ତି, ପ୍ରାଣର ବିଧାନଦ୍ୱାରାହିଁ ସଙ୍କୁଚିତ ହୁଅନ୍ତି ଅଥବା ପ୍ରସାର ଲାଭ କରନ୍ତି; ପ୍ରାଣର ସାମର୍ଥ୍ୟ, ଶକ୍ତି ଓ ସୀମାଗୁଡ଼ିକ ଦ୍ୱାରା ଆତଯାତ ହେଉଥା'ନ୍ତି । ଏହି ପର୍ଯ୍ୟାୟରେ ସେଠାରେ ଅବସ୍ଥିତ ରହିଥିବା ମନ ତଥାପି ଉଚ୍ଚତର ସମ୍ଭାବନା

'oaob.nitrkl.ac.in' images reprocessed

ଗୁଡ଼ିକର ବିକାଶସାଧନ କରାଇବାକୁ ବାଟ ଖୋଜୁଥାଏ ସତ, ମାତ୍ର ତଥାପି ତାହାକୁ କାମନାଶକ୍ତିର ମୂଳ ପ୍ରାଣତତ୍ତ୍ୱଟିକୁ ମାନିକରି ରହିବାକୁ ପଡ଼େ, ଦିବ୍ୟ ପ୍ରକାଶର କ୍ଷେତ୍ରରେ ମଧ୍ୟ ପ୍ରାଣର ଉଦ୍ଦେଶ୍ୟ ଓ ଦାବିଟିକୁ ଜାଣି ସେହି ଅନୁସାରେ ଆଗଭର ହେବାକୁ ହୁଏ ।

ପରବର୍ତ୍ତୀ ଉଚ୍ଚତର ସୋପାନଗୁଡ଼ିକରେ ମଧ୍ୟ ସେଇଆ ହୁଏ । ପରବର୍ତ୍ତୀ ସୋପାନଟି ମନର ପ୍ରଧାନ ଓ ବିଧାୟକ ସତ୍ୟଟିଦ୍ୱାରା ନିୟନ୍ତ୍ରିତ ହୁଏ । ଯେଉଁସବୁ ରୂପକୁ ଆଣି ମନ ବସ୍ତୁ ଉପରେ ଲଦି ଦେଉଥାଏ, ସେଗୁଡ଼ିକୁ ଗ୍ରହଣ କରି ପାରିବାଲାଗି ଏଠାରେ ବସ୍ତୁକୁ ଯଥେଷ୍ଟ ପରିମାଣରେ ସୂକ୍ଷ୍ମ ଏବଂ ସ୍ଥିତିସ୍ଥାପକ ହେବାକୁ ପଡ଼େ । ବସ୍ତୁକୁ ମନର କ୍ରିୟାସକଳ ମାନିକରି ରହିବାକୁ ପଡ଼େ, ଆତ୍ମପ୍ରକାଶ ଓ ଆତ୍ମପରିପୂର୍ତ୍ତି ଲାଗି ମନର ଦାବିଗୁଡ଼ିକ ସମ୍ମୁଖରେ ବସ୍ତୁ ଆପଣାକୁ ଅଧୀନ କରି ରଖିଥାଏ । ଇନ୍ଦ୍ରିୟ ଓ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକ ମଧ୍ୟ ସେହିପରି ଭାବରେ ସୂକ୍ଷ୍ମ ଓ ସ୍ଥିତିସ୍ଥାପକ ହୋଇଯାଏ । ଏହି ସମ୍ବନ୍ଧଗୁଡ଼ିକ ସ୍ଥୂଳ ଇନ୍ଦ୍ରିୟ ସହିତ ଜଡ଼ ବସ୍ତୁର ରହିଥିବା ସମ୍ବନ୍ଧଗୁଡ଼ିକ ଦ୍ୱାରା ନିୟମିତ ନହୋଇ ମନ ସହିତ ମନ ଯେଉଁସବୁ ସୂକ୍ଷ୍ମ ବସ୍ତୁ ଉପରେ କାର୍ଯ୍ୟ କରୁଥାଏ ତାହାର ସମ୍ବନ୍ଧଦ୍ୱାରା ନିରୂପିତ ହୋଇଥାଏ । ଏହିପରି ଏକ ଜଗତର ଜୀବନଯାତ୍ରା ମନରହିଁ ଅଧୀନ ହୋଇ ରହେ, ଏବଂ ଆମର ଏହି ଦୁର୍ବଳ ମନ ଓ ସୀମିତ, ସ୍ଥୂଳ ଓ ବଦ୍ରୋହ୍ମ ପ୍ରାଣବୃତ୍ତିଟି ମଧ୍ୟ ତାହାର କୌଣସି ସ୍ପଷ୍ଟ ଧାରଣା କରିବା ଲାଗି ସମର୍ଥ ହୁଏ ନାହିଁ । ସେହି ଜଗତର ସର୍ବମୂଳ ସୂତ୍ରଟି ହିସାବରେ ମନରହିଁ ରାଜତ୍ୱ ଚାଲିଥାଏ, ମନର ଅଭିପ୍ରାୟଟିହିଁ ବଳବତ୍ତର ରହିଥାଏ, ଦିବ୍ୟ ପ୍ରକାଶର ବିଧାନରେ ମନର ଦାବିଗୁଡ଼ିକହିଁ ଅନ୍ୟସକଳ ଦାବି ଉପରେ ଅଗ୍ରାଧିକାର ପାଇଥାଏ । ଏଠାରୁ ଉଠି ଆହୁରି ଗୋଟିଏ ପାହାଚ ଉପରକୁ ଚାଲିଗଲେ ଅତିମାନସର କ୍ଷେତ୍ର ଆସି ପହଞ୍ଚେ । ଅବଶ୍ୟ ମନ ଓ ଅତିମାନସର ମଧ୍ୟବର୍ତ୍ତୀ ପଥଟିରେ ଅତିମାନସର ସ୍ପର୍ଶ ପାଇଥିବା ଆହୁରି କେତେ କେତେ ତତ୍ତ୍ୱବିଦ୍ୟମାନ ରହିଥାଏ, ଏବଂ ଅତିମାନସକୁ ଡେଇଁ ଆହୁରି ଉପରକୁ ଉଠିଯାଇ ପାରିଲେ ସେଠାରେ ଏକ ଶୁଦ୍ଧ ଆନନ୍ଦ, ଶୁଦ୍ଧ ଚିତ୍‌ଶକ୍ତି ବା ଶୁଦ୍ଧ ସ୍ୱରୂପସତ୍ତା ବିଧାୟକ ପ୍ରଧାନ ତତ୍ତ୍ୱରୂପେ ମନର ସ୍ଥାନାପନ୍ନଭାବରେ ଅବସ୍ଥିତ ରହିଥାଏ । ଏବଂ ଏଠାରେ ଆମେ ବିଶ୍ୱସତ୍ତାର ସେହିସବୁ ବିସ୍ତାର ମଧ୍ୟରେ ପ୍ରବେଶ କରିଥାଉ, ପ୍ରାଚୀନ ବୈଦିକ ସତ୍ୟଦ୍ରଷ୍ଟାମାନେ ଯାହାକୁ କି ଜ୍ୟୋତିର୍ମୟ ଦିବ୍ୟ ସତ୍ତାର ଜଗତତ୍ରୟରୂପେ ପ୍ରତ୍ୟକ୍ଷ କରି ଯାଇଛନ୍ତି । ସେହି ଜଗତତ୍ରୟକୁ ସେମାନେ ଅମୃତର ଆଧାରଭୂମି ବୋଲି ଘୋଷଣା କରିଛନ୍ତି । ପରବର୍ତ୍ତୀ କାଳର ଭାରତୀୟ ଧର୍ମପର୍ଯ୍ୟାୟଗୁଡ଼ିକ ସେଗୁଡ଼ିକୁ ବ୍ରହ୍ମଲୋକ ଓ ଗୋଲୋକରୂପେ କଳ୍ପନା କରିଛନ୍ତି । ସେହିସବୁ ଲୋକରେହିଁ ଶୁଦ୍ଧ ଆତ୍ମାରୂପ ପରମ ସତ୍ତାଙ୍କର ପରମ ଆତ୍ମପ୍ରକାଶ ଘଟିଛି, ଆପଣାର ସର୍ବୋଚ୍ଚ

'oaob.nitrkl.ac.in' images reprocessed

ସିଡ଼ି ଭିତରେ ମୁକ୍ତିଲାଭ କରି ଆତ୍ମା ତାହାରି ଭିତରେ ଶାଶ୍ୱତ ଈଶ୍ୱରପୁରୁଷର ଅନନ୍ତ ପରମାନନ୍ଦର ଅଧିକାରୀ ହୋଇ ରହିଛି ।

ବିଶ୍ୱଜଗତର ବସ୍ତୁଗତ ଗଠନସୀମାଟିକୁ ଅତିକ୍ରମ କରି ଏହିପରି ଅବିରାମ ଭାବରେ ଆରୋହଣ କରି ଚାଲି ଯାଇଥିବା ଅନୁଭୂତି ଓ ପ୍ରବୋଦ୍ଧୃଷ୍ଟି ମଧ୍ୟରେ ଏକ ସାଧାରଣ ମୂଳ ତତ୍ତ୍ୱ ଅନ୍ତର୍ନିହିତ ହୋଇ ରହିଛି । ସେହି ମୂଳ ତତ୍ତ୍ୱଟି ଯାବତୀୟ ବିଶ୍ୱସତ୍ତାକୁ ଏକ ଅନେକ ଗ୍ରନ୍ଥିବିଶିଷ୍ଟ ସମନ୍ୱୟ ବା ସମାବେଶରୂପେ ସ୍ୱୀକାର କରୁଛି । ମନୁଷ୍ୟର ନିତ୍ୟନୈମିତ୍ତିକ ମନ ଓ ପ୍ରାଣ ଚେତନାର ଯେଉଁ ଅତିସୀମାବଦ୍ଧ ଭୂମିଟି ଭିତରେ କାରାରୁଦ୍ଧ ହୋଇ ରହିବାକୁ ସନ୍ତୋଷ ମଣିଛି, ବିଶ୍ୱସତ୍ତାର ଆୟତନଟି ସେତିକ ଭିତରେ ଆଦୌ ସୀମାବଦ୍ଧ ହୋଇ ରହି ନାହିଁ । ସତ୍ତା, ଚେତନା, ଶକ୍ତି ଓ ବସ୍ତୁ ଅନେକ କାଠି ରହିଥିବା ଏକ ସିଡ଼ିରେ ତଳକୁ ଓହ୍ଲାଇବାରେ ଓ ଉପରକୁ ଉଠିବାରେ ଲାଗିଛନ୍ତି । ଆରୋହଣର ପ୍ରତ୍ୟେକ ସୋପାନରେ ସତ୍ତା ଏକ ଅଧିକ ପ୍ରଶସ୍ତ ଆତ୍ମପ୍ରସାରଣ ଲାଭ କରୁଛି, ଚୈତନ୍ୟ ବିସ୍ତାରଭୂମି, ମହିମା ତଥା ଆନନ୍ଦର ଏକ ପ୍ରଶସ୍ତତର ଅନୁଭୂତି ପାଉଛି, ଶକ୍ତି ଅଧିକ ସଘନ ହେଉଛି ଏବଂ ଏକ ଅଧିକ ବେଗବାନ୍ ତଥା ଆନନ୍ଦମୟ ସାମର୍ଥ୍ୟ ଲାଭ କରୁଛି, ଏବଂ ବସ୍ତୁ ଆପଣାର ଆଦ୍ୟ ସତ୍ୟଟିକୁ ଅଧିକ ସୂକ୍ଷ୍ମ, ସ୍ଥିତିସ୍ଥାପକ, ନମନୀୟ ଓ ସାବଲୀଳଭାବରେ ପ୍ରତିବିମ୍ବିତ କରିବାରେ ଲାଗିଛି । କାରଣ ଅଧିକ ସୂକ୍ଷ୍ମ ହେବାହିଁ ଅଧିକ ଶକ୍ତି ହାସଲ କରିବାକୁ ମଧ୍ୟ ବୁଝାଇଥାଏ; ଏହାକୁ ସେହି ଅନୁସାରେ ଅଧିକ ବାସ୍ତବ ବୋଲି ବି କୁହାଯାଇ ପାରିବ । ସ୍ଥୂଳ ଅପେକ୍ଷା ସୂକ୍ଷ୍ମ କମ୍ ଆବଦ୍ଧ ହୋଇ ରହିଥାଏ, ଏହାର ସତ୍ତାରେ ଅଧିକ ସ୍ଥାୟିତ୍ୱ ରହିଥାଏ, ଅନ୍ତର୍ନିହିତ ଅଧିକ ଶକ୍ତି ରହିଥାଏ, ଅଧିକ ସ୍ଥିତିସ୍ଥାପକତା ଥାଏ ଓ ଆପଣାର ସମ୍ପ୍ରତିକ୍ଷେତ୍ରରେ ଅଧିକ ସମ୍ଭାବନା ମଧ୍ୟ ରହିଥାଏ । ସତ୍ତାରୂପୀ ପର୍ବତଟିର ପରବର୍ତ୍ତୀ ପ୍ରତ୍ୟେକ ଅଧିତ୍ୟକା କ୍ରମଶଃ ଅଧିକ ପ୍ରଶସ୍ତ ହୋଇ ଯାଉଥିବା ଆମର ଅନୁଭୂତିକୁ ଆମ ଚୈତନ୍ୟର ଏକ ଉଚ୍ଚତର ଭୂମିର ପରିଚୟ ଆଣି ଦେଇଯାଏ ଏବଂ ଆମ ଜୀବନ ଲାଗି ଏକ ବିପୁଳତର ଐଶ୍ୱର୍ଯ୍ୟଭୂମିର ଅଧିକାର ଆଣି ଦେଇଯାଏ ।

ମାତ୍ର ଆମ ଭୌତିକ ଅସ୍ତିତ୍ୱର ସମ୍ଭାବନାଗୁଡ଼ିକୁ ଏହି ଆରୋହୀ ସୋପାନକ୍ରମଟି କିପରି ଭାବରେ ପ୍ରଭାବିତ କରିଥାଏ ? ଯଦି ଚେତନାର ପ୍ରତ୍ୟେକ ଭୂମି, ସତ୍ତାର ପ୍ରତ୍ୟେକ ଜଗତ, ବସ୍ତୁର ପ୍ରତ୍ୟେକ ସ୍ତର ଓ ବିଶ୍ୱସାମର୍ଥ୍ୟର ପ୍ରତ୍ୟେକ ମାତ୍ରାଟି ତାହାର ପୂର୍ବବର୍ତ୍ତୀ ତଥା ପରବର୍ତ୍ତୀ ଭୂମି, ଜଗତ୍, ସ୍ତର ଓ ମାତ୍ରାଗୁଡ଼ିକରୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ ହୋଇ ରହିଥାନ୍ତା, ତେବେ ଆମର ଜୀବନ ଉପରେ ଏହି ସୋପାନକ୍ରମଟିର ଆଦୌ କୌଣସି ପ୍ରଭାବ ପଡ଼ି ନଥା'ନ୍ତା । ମାତ୍ର ବସ୍ତୁତଃ ତାହାର

'oaob.nitrkl.ac.in' images reprocessed

ଠିକ୍ ବିପରୀତଭାବେ ଘଟିଥାଏ । ଶୁଦ୍ଧ ଚେତନସ୍ୱରୂପର ଅଭିବ୍ୟକ୍ତିକୁ ଆମେ ଏକ ବିଚିତ୍ର ବସ୍ତୁବିନ୍ୟାସ ବୋଲି କହିପାରିବା, ଯେଉଁଠାରେ କି କୌଣସି ଗୋଟିଏ ତତ୍ତ୍ୱର କର୍ମ ଓ ରୂପଟି ଭିତରେ ଅନ୍ୟସକଳ କର୍ମ ଓ ରୂପ ଏକ ଆଧ୍ୟାତ୍ମିକ ସମଗ୍ରତାର ବିଭିନ୍ନ ଉପାଦାନରୂପେ ପ୍ରବିଷ୍ଟ ହୋଇ ରହିଛି । ଆମର ଏହି ଭୌତିକ ଜଗତଟିର ସୃଷ୍ଟିରେ ଅନ୍ୟ ସକଳ ତତ୍ତ୍ୱର ଅବଦାନ ସମ୍ମିଳିତ ହୋଇଛି, କାରଣ ଏହି ଭୌତିକ ବିଶ୍ୱଟିର ରଚନା ସକାଶେ ଅନ୍ୟ ସକଳ ତତ୍ତ୍ୱ ଜଡ଼ଭୂମି ଭିତରକୁ ଅବତରଣ କରି ଆସିଛନ୍ତି । ଏବଂ ଯାହାକୁ ଆମେ ଅଭ୍ୟସ୍ତ ଭାବରେ ଜଡ଼ ବୋଲି କହୁଛୁ, ତାହାର ପ୍ରତ୍ୟେକ ଅଣୁରେ ସେହି ସକଳ ତତ୍ତ୍ୱ ପ୍ରଚ୍ଛନ୍ନଭାବରେ ଅବସ୍ଥିତ ରହିଛି । ତା'ର ଅସ୍ତିତ୍ୱର ପ୍ରତ୍ୟେକ ମୁହୂର୍ତ୍ତ ଓ ତା'ର କ୍ରିୟାର ପ୍ରତ୍ୟେକ ଗତିସ୍ପନ୍ଦନ ମଧ୍ୟରେ ସେହିସବୁର ସଂଗୁପ୍ତ କ୍ରିୟା କାର୍ଯ୍ୟକାରୀ ହେବାରେ ଲାଗିଛି । ଜଡ଼କୁ ଆମେ ଯେପରି ଅବତରଣ-କ୍ରମଟିର ଶେଷ ଆସ୍ଥାନ ବୋଲି କହିବା, ସେହିପରି ଆରୋହଣକ୍ରମରେ ଏହାକୁ ସର୍ବପ୍ରଥମ ଆସ୍ଥାନ ବୋଲି ମଧ୍ୟ କହିପାରିବା । ଏହି ସମସ୍ତ ଭୂମି, ଜଗତ୍‌, ସ୍ତର ଓ ମାତ୍ରାର ସାମର୍ଥ୍ୟମାନ ଯେପରି ଜଡ଼-ଅସ୍ତିତ୍ୱଟି ଭିତରେ କ୍ରିୟାତ୍ମକଭାବରେ ରୁଦ୍ଧ ହୋଇ ପଡ଼ିଛନ୍ତି, ଠିକ୍ ସେହିପରି ଭାବରେ ସେଥିରୁ ବାହାରକୁ ବିବର୍ତ୍ତିତ ହୋଇଯିବାର ସାମର୍ଥ୍ୟ ମଧ୍ୟ ସେଗୁଡ଼ିକ ମଧ୍ୟରେ ସର୍ବଦା ବର୍ତ୍ତମାନ ରହିଛି । ଏହି କାରଣରୁହିଁ ଭୌତିକ ଅସ୍ତିତ୍ୱର ଭୂମିଟି ବାଷ୍ପ, ରାସାୟନିକ ଯୌଗିକ, ଭୌତିକ ଶକ୍ତି ଓ ଗତିସ୍ପନ୍ଦନକୁ ଆରମ୍ଭ ହେଉ ନାହିଁ କିମ୍ବା ସେଠିକରେ ଶେଷ ହୋଇ ଯାଉ ନାହିଁ; ସୂର୍ଯ୍ୟ, ଗ୍ରହନକ୍ଷତ୍ର ଓ ନୀହାରିକାର ସମାହାରଗୁଡ଼ିକ ମଧ୍ୟ ଏହାର ପ୍ରଥମ ଓ ଶେଷ କଥା ଆଦୌ ନୁହେଁ । ମାତ୍ର- ଏହି ଜଡ଼ଗତ ଭୌତିକ ଅସ୍ତିତ୍ୱରୁହିଁ ପ୍ରାଣର ଉଦ୍‌ଭବ ହେଉଛି, ମନର ଉଦ୍‌ଭବ ହେଉଛି; ସମୟକ୍ରମେ ଏଇଥିରୁହିଁ ଅତିମାନସର ଉଦ୍‌ଭବ ହେବ, ଏବଂ ଆଧ୍ୟାତ୍ମିକ ଜୀବନସମୂହର ଅନ୍ୟାନ୍ୟ ଉଚ୍ଚତର ସ୍ତରଗୁଡ଼ିକର ଉଦ୍‌ଭବ ହେବ । ଭୌତିକ ଜଡ଼ସ୍ତର ଉପରେ ପଡ଼ୁଥିବା ଜଡ଼ାତୀତ ସ୍ତରଗୁଡ଼ିକର ଅବିରାମ ଚାପ ଫଳରେହିଁ ଯାବତୀୟ ବିବର୍ତ୍ତନ ସମ୍ଭବ ହେଉଛି, ଏହି ଚାପହିଁ ଜଡ଼କୁ ଆପଣା ଭିତରୁ ସେହି ଅନ୍ୟ ସ୍ତରଗୁଡ଼ିକର ତତ୍ତ୍ୱ ଓ ସାମର୍ଥ୍ୟଗୁଡ଼ିକୁ ମୁକ୍ତ ଦେବାକୁ ବାଧ୍ୟ କରୁଛି । ସେପରି ହେଉ ନଥିଲେ ସେହି ତତ୍ତ୍ୱ ଏବଂ ସାମର୍ଥ୍ୟଗୁଡ଼ିକ ହୁଏତ ଜଡ଼ରଚନାର କଠିନ ସୂତ୍ରବିବର ଭିତରେ ସୁପ୍ତ ଓ କାରାରୁଦ୍ଧ ହୋଇ ରହି ଯାଉଥା'ନ୍ତେ । ମାତ୍ର ଏଭଳି ଘଟିବାଟା ମଧ୍ୟ କଦାପି ସମ୍ଭବ ହେଉ ନଥା'ନ୍ତା, କାରଣ ଜଡ଼ ମଧ୍ୟରେ ସେହିସବୁ ପରତତ୍ତ୍ୱର ଅବସ୍ଥିତିହିଁ ଆମକୁ ସେଗୁଡ଼ିକର ସମ୍ଭାବ୍ୟ ପ୍ରମୁକ୍ତିର ସୂଚନା ଦେଇଯାଉଛି । ମାତ୍ର ନିମ୍ନସ୍ତରର ଏହି ଆବଶ୍ୟକତା ଲାଗି ଏକ ସମାନଧର୍ମୀ ଉଚ୍ଚତର ସ୍ତରରୁ ପଡ଼ୁଥିବା ଚାପ ଯେ ସହାୟକରୂପେ କାର୍ଯ୍ୟ କରିଥାଏ, ସେଥିରେ କୌଣସି ସନ୍ଦେହ ନାହିଁ ।

'oaob.nitrkl.ac.in' images reprocessed

ଅନଚ୍ଛୁକ ଜଡ଼ଶକ୍ତିର କୁଣ୍ଠିତ ଭୂମିଟି ଉପରେ ପ୍ରାଣ, ମନ, ଅତିମାନସ ଓ ସଚ୍ଚିଦାନନ୍ଦର ଏକ ଅତି କ୍ଷୀଣ ପ୍ରାଥମିକ ଅଭିବ୍ୟକ୍ତିରେ ଯେ ଏହି ପରିଣତିକ୍ରମଟି ସମ୍ପୂର୍ଣ୍ଣ ହୋଇଯିବ, ଏକଥା ମଧ୍ୟ କଦାପି ସତ୍ୟ ନୁହେଁ । କାରଣ ସେଗୁଡ଼ିକ ବିକଶିତ ଓ ଜାଗ୍ରତ ହୋଇ ଉଠିବା ସଙ୍ଗେସଙ୍ଗେ, ଆପଣାର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକୁ ନେଇ ସେଗୁଡ଼ିକ ଅଧିକ କ୍ରିୟାଶୀଳ ଓ ଉତ୍ସୁକ ହୋଇଉଠିବା ସଙ୍ଗେସଙ୍ଗେ ସେମାନଙ୍କ ଉପରେ ଉପର ସ୍ତରଗୁଡ଼ିକରୁ ପଡ଼ୁଥିବା ଚାପରେ ମଧ୍ୟ ଉତ୍ତରୋତ୍ତର ବୃଦ୍ଧି ହେବାରେ ଲାଗିଥାଏ । ଜଗତ୍‌ସକଳର ଅସ୍ତିତ୍ୱ, ସେଗୁଡ଼ିକ ମଧ୍ୟରେ ରହିଥିବା ଘନିଷ୍ଠ ସମ୍ବନ୍ଧ ଓ ସେଗୁଡ଼ିକର ପାରସ୍ପରିକ ନିର୍ଭରଶୀଳତାକୁ ସମ୍ଭବ କରାଇବା ଲାଗି ସର୍ବଦା ଅବସ୍ଥିତ ରହିଥିବା ଏହି ଚାପ ଅଧିକରୁ ଅଧିକ ଅବ୍ୟାହତ, ଶକ୍ତିମାନ୍ ଓ ପ୍ରଭାବଶାଳୀ ହେବାରେ ଲାଗିଥାଏ । ଏହିସବୁ ତତ୍ତ୍ୱ କେବଳ ଯେ ନିମ୍ନତର କ୍ଷେତ୍ରଟିରୁ ବଡ଼ ସଙ୍କୁଚିତ ଓ ସୀମାବଦ୍ଧ ଭାବରେ ଆତ୍ମପ୍ରକାଶ କରିବାକୁ ବାଧ୍ୟ ହେବେ ତାହା ନୁହେଁ, ମାତ୍ର ସେମାନଙ୍କୁ ଆପଣାର ବିଶେଷ ସାମର୍ଥ୍ୟ ଓ ପୂର୍ଣ୍ଣ ସମ୍ଭାବନାର ବିକାଶସମ୍ଭକ ସମ୍ଭାର ନେଇ ଜଡ଼ ଅସ୍ତିତ୍ୱ ଭିତରକୁ ମଧ୍ୟ ଉପରୁ ଓହ୍ଲାଇ ଆସିବାକୁ ପଡ଼ିବ । ଜଡ଼ଭୂମିରେ ସେମାନଙ୍କର ଲୀଳାକୁ ଅଧିକରୁ ଅଧିକ ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ଜଡ଼ଜୀବ ଆପଣାକୁ ଖାଲି ଉନ୍ମୋଚିତ କରି ଦେଉଥିବ । ଏଥିଲାଗି କେବଳ ଏକ ଉପଯୁକ୍ତ ଗ୍ରହଣପାତ୍ର ଦରକାର, ଏକ ଉପଯୁକ୍ତ ବାହନ ଓ ସାଧନ ଦରକାର । ଏବଂ ମନୁଷ୍ୟର ଶରୀର, ପ୍ରାଣ ତଥା ଚେତନା ଭିତରେ ସେହି ଗ୍ରହଣପାତ୍ର, ବାହନ ତଥା ସାଧନଟିକୁ ଯୋଗାଇ ଦିଆଯାଇଛି ।

ଆମ ଶରୀରଗତ ଇନ୍ଦ୍ରିୟ ଏବଂ ଭୌତିକ ମନୋଭୂମି ସାଧାରଣତଃ ସ୍ଥୂଳ ଶରୀରଟିର ସମ୍ଭାବନାଗୁଡ଼ିକ ବ୍ୟତୀତ ଆଉ କୌଣସି ବିଷୟକୁ ସତ୍ୟ ବୋଲି ଗ୍ରହଣ କରିବାକୁ ସମ୍ମତ ହୁଅନ୍ତି ନାହିଁ । ମାତ୍ର ଯଦି ଆମର ଶରୀର, ପ୍ରାଣ ଓ ଆମର ଚେତନା କେବଳ ସେତିକି ସମ୍ଭାବନା ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥା'ନ୍ତେ, ତେବେ ଏଥିରେ ଆଉ କୌଣସି ସନ୍ଦେହ ନାହିଁ ଯେ ଆମ ବିକାଶର ସମ୍ଭାବନାକ୍ଷେତ୍ରଟି ମଧ୍ୟ ତଦ୍ଦ୍ୱାରା ବଡ଼ ସଙ୍କୀର୍ଣ୍ଣ ହୋଇପଡ଼ନ୍ତା, ଏବଂ ମନୁଷ୍ୟ ବର୍ତ୍ତମାନ ଯେତିକି ହାସଲ କରିପାରିଛି, ତା'ଠାରୁ ପ୍ରକୃତରେ ଅଧିକ କିଛିହେଲେ ହାସଲ କରିବାଲାଗି ସେ ଆଉ କୌଣସି ଆଶା କରିପାରନ୍ତା ନାହିଁ । ମାତ୍ର ଏହି ଶରୀରକୁ ଯେ ଆମ ଭୌତିକ ସତ୍ତାର ବି ସମଗ୍ର ସାମଗ୍ରୀ ବୋଲି କଦାପି କୁହାଯାଇ ପାରିବ ନାହିଁ, ପ୍ରାଚୀନ ଗୁପ୍ତବିଦ୍ୟାର ବିଜ୍ଞାନ ଆମକୁ ତାହା ଆବିଷ୍କାର କରି ଦେଖାଇ ଦେଇଛି । ଆମ ଶରୀରରୂପୀ ଏହି ସ୍ଥୂଳ ସଘନତା ଆମ ଜୀବନବସ୍ତୁର ସବୁକିଛି ନୁହେଁ । ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ,—ପ୍ରାଚୀନତମ ବେଦାନ୍ତଦର୍ଶନ

'oaob.nitrkl.ac.in' images reprocessed

ଆମ ସତ୍ତାର ଏହି ପାଞ୍ଚୋଟି ପାହାଚ ବିଷୟରେ ଉଲ୍ଲେଖ କରିଯାଇଛି; ଏବଂ ଆମ ଏହି ପାଞ୍ଚୋଟି ସ୍ତରର ପ୍ରତ୍ୟେକଟି ସ୍ତରରେ ଆମ ବସ୍ତୁର ମଧ୍ୟ ତଦନୁରୂପ ଏକ ସ୍ତର ରହିଛି ବୋଲି କହିଛି । ପ୍ରାଚୀନ ଆଲଙ୍କାରିକ ପରିଭାଷାରେ ଏହିସବୁ ସ୍ତରକୁ ଗୋଟିଏ ଗୋଟିଏ କୋଷ ବୋଲି କୁହାଯାଇଛି । ପରବର୍ତ୍ତୀ କାଳର ଏକ ମନୋବିଦ୍ୟା ଆମ ଜୀବନବସ୍ତୁର ଏହି ପାଞ୍ଚୋଟିଯାକ ସ୍ତର ବା କୋଷର ଉପାଦାନକୁ ନେଇ ଆମର ତିନୋଟିଯାକ ଶରୀର,—ସ୍ଥୂଳ, ସୂକ୍ଷ୍ମ ତଥା କାରଣ ଶରୀର,—ଗଠିତ ହୋଇଛି ବୋଲି ଘୋଷଣା କରିଛି । ଏହି ପ୍ରତ୍ୟେକଟି ଶରୀରରେ ଆତ୍ମା ବର୍ତ୍ତମାନ ରହିଛି, ପ୍ରତ୍ୟେକଟିରେ ଯୁଗପତ୍ ଭାବରେ ରହିଛି । ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ମୁହୂର୍ତ୍ତକୁ ନେଇ ଚାଲୁଥିବା ଆମର ଇହଜଗତରେ ଆମର ବହିଷ୍ଟର ଚେତନାରେ ଆମେ କେବଳ ଆମ ଜଡ଼ ଦେହଟି ସମ୍ବନ୍ଧରେହିଁ ସଚେତନ ରହିପାରୁଛୁ । ମାତ୍ର ଆମେ ଚାହିଲେ ଆମର ଅନ୍ୟ ଶରୀରଗୁଡ଼ିକ ବିଷୟରେ ମଧ୍ୟ ସମାନଭାବରେ ସଚେତନ ହୋଇ ପାରିବା । ଏବଂ ବସ୍ତୁତଃ ସ୍ଥୂଳ ଶରୀର ଓ ସେହି ଅନ୍ୟଦୁଇଟି ଶରୀର ମଧ୍ୟରେ ରହିଥିବା ଆବରଣଟି ଅପସରି ଗଲେହିଁ ଆମର ଅନ୍ନମୟ, ମନୋମୟ, ଓ ବିଜ୍ଞାନମୟ ପୁରୁଷ ମଧ୍ୟରେ ରହିଥିବା ବ୍ୟବଧାନଟି ମଧ୍ୟ ଘୁଞ୍ଚିଯାଇ ପାରିବ । ତାହାର ପରିଣାମ ସ୍ୱରୂପ ଯେଉଁସବୁ 'ଭୌତିକ' ବା 'ଗୁପ୍ତଲୋକଗତ' ବ୍ୟାପାରମାନ ଦୃଷ୍ଟିଗୋଚର ହେବାର ସମ୍ଭାବନା ରହିଛି, ବର୍ତ୍ତମାନ ସେହିଗୁଡ଼ିକୁ ପରୀକ୍ଷା କରି ଦେଖିବାଲାଗି କ୍ରମଶଃ ଆଗ୍ରହ ବଢ଼ିବାରେ ଲାଗିଛି । ଏପର୍ଯ୍ୟନ୍ତ ସେସବୁ ମଧ୍ୟରେ ଖୁବ୍ କମ୍ ଯଥାର୍ଥ ପ୍ରବେଶ ସମ୍ଭବ ହୋଇଛି, ସେହିସବୁ ପରୀକ୍ଷା ବଡ଼ ଅକୁଶଳ ଭାବରେ ଚାଲିଛି ଓ ଯେତିକି ତଥ୍ୟ ଉପଲବ୍ଧ ହୋଇଛି, ସେସବୁକୁ ନେଇ ଅତିମାତ୍ରାରେ ଢୋଲ ପିଟାହେଉଛି । ପ୍ରାଚୀନ ଭାରତର ହଠଯୋଗୀ ଓ ତନ୍ତ୍ରସାଧକମାନେ ବହୁକାଳ ପୂର୍ବେ ମନୁଷ୍ୟଜୀବନର ପ୍ରାଣ ଓ ଦେହଗତ ଏହି ଉଚ୍ଚତର ବ୍ୟାପାରଗୁଡ଼ିକୁ ଏକ ବିଜ୍ଞାନରୂପେ ସୂତ୍ରବଦ୍ଧ କରି ଦେଇଥିଲେ । ସେମାନେ ଏହି ସ୍ଥୂଳ ଶରୀରରେ ଛଅଟି ନାଡ଼ୀଚକ୍ରର ଆବିଷ୍କାର କରିଥିଲେ ଓ ତଦନୁସାରେ ସୂକ୍ଷ୍ମ ଦେହରେ ମଧ୍ୟ ପ୍ରାଣ ଓ ମନର ଛଅଟି କେନ୍ଦ୍ର ନିରୂପିତ କରି ଦେଇଥିଲେ । ପୁଣି ଏପରି କେତେକ ସୂକ୍ଷ୍ମ ଶାରୀରିକ ଅଭ୍ୟାସ ଦେଖାଇଦେଇ ଯାଇଥିଲେ ଯାହାର ସାହାଯ୍ୟରେ କି ବର୍ତ୍ତମାନ ବୁଜିହୋଇ ରହିଥିବା ସେହି ଚକ୍ର ବା ପଦ୍ମଗୁଡ଼ିକୁ ଉନ୍ମୀଳିତ ଅର୍ଥାତ୍ କ୍ରିୟାଶୀଳ କରିବା ସମ୍ଭବ ହୋଇପାରିବ । ସେତେବେଳେ ମନୁଷ୍ୟ ଆମ ସୂକ୍ଷ୍ମ ସତ୍ତାର ଉପଯୋଗୀ ଏକ ଉଚ୍ଚତର ଚିଦ୍‌ଗତ ଜୀବନ ଭିତରେ ପ୍ରବେଶ କରିବାକୁ ସମର୍ଥ ହେବ, ଏବଂ ବିଜ୍ଞାନମୟ ଓ ଆନନ୍ଦମୟ ସତ୍ତାର ଉପଲବ୍ଧି ଲାଗି ରହିଥିବା ଶରୀର ଓ ପ୍ରାଣଗତ ସକଳ ପ୍ରତିବନ୍ଧକ ବିନଷ୍ଟ ହୋଇଯିବ । ହଠଯୋଗୀମାନେ ସ୍ଥୂଳ ପ୍ରାଣଶକ୍ତିକୁ ମଧ୍ୟ ଆପଣାର ବଶକୁ ଆଣିପାରିବେ ଏବଂ ତାହାଫଳରେ ଭୌତିକ ବିଜ୍ଞାନ ଦେହଗତ ପ୍ରାଣର କ୍ରିୟା ସହିତ

'oaob.nitrkl.ac.in' images reprocessed

ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ହୋଇ ରହିଛି ବୋଲି ମନେକରୁଥିବା କେତେକ ଚିରାଚରିତ ଅଭ୍ୟାସ ଅଥବା ତଥାକଥିତ ନିୟମ ଭିତରୁ ଆପଣାକୁ ମୁକ୍ତ କରି ରଖିପାରିବେ,—ଏହାକୁ ସେମାନେ ଆପଣା ସାଧନାର ଏକ ପ୍ରଧାନ ଫଳ ବୋଲି ଦାବି କରିଥା'ନ୍ତି ଏବଂ ତାହାକୁ ନାନାପ୍ରକାରେ ପ୍ରମାଣ କରି ଦେଖାଇଥା'ନ୍ତି,—ଏହାକୁ ଏକ ଉଲ୍ଲେଖଯୋଗ୍ୟ ବ୍ୟାପାର ହିସାବରେ ମନେରଖିବାକୁ ପଡ଼ିବ ।

ପ୍ରାଚୀନ ମନୋଦେହଗତ ବିଜ୍ଞାନର ଏହିସବୁ ତଥ୍ୟ ପଛରେ ଆମେ ଆମ ଜୀବନସତ୍ତ୍ୱଟି ସମ୍ବନ୍ଧରେ ଏକ ମହାନ୍ ସତ୍ୟ ଓ ବିଧାନର ସଙ୍କେତ ପାଇଥାଉ । ଏହି ଜଡ଼ସ୍ତରୀୟ ପରିଣତିକ୍ରମରେ ଏହି ସତ୍ତ୍ୱର ରୂପ, ଚୈତନ୍ୟ ଓ ସାମର୍ଥ୍ୟ ଅସ୍ଥାୟୀ ଭାବରେ ଯେଉଁଭଳି ଅବସ୍ଥାରେ ରହିଥାଉ ପଛକେ, ଏହାର ଅନ୍ତରାଳରେ ଏକ ମହତ୍ତର ଏବଂ ସତ୍ୟତର ସତ୍ତା ଅବଶ୍ୟ ବିଦ୍ୟମାନ ରହିବ ଓ ରହିଛି । ଆମର ବର୍ତ୍ତମାନ ଇହ-ସତ୍ତ୍ୱଟିକୁ ଆମେ ସେହି ମହତ୍ତର ସତ୍ତ୍ୱର କେବଳ ଏକ ବାହ୍ୟ ପରିଣାମ ଓ ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ ବିଭବରୂପେ ଜାଣିରଖିବା । ଏହି ସ୍ଥୂଳ ଭୌତିକ ଶରୀରଟିରେହିଁ ଆମର ଜୀବନବସ୍ତୁ ସରିଯାଇ ନାହିଁ । ଏହି ଶରୀର କେବଳ ଏକ ଇହଜାଗତିକ ପାଦଭୂମିରୂପେ କାର୍ଯ୍ୟ କରୁଛି, ଏକ ପାର୍ଥିବ ଆଧାର ଓ ସେହି ଜୀବନବସ୍ତୁର ଯାହାରେ କେବଳ ଏକ ଜଡ଼ସ୍ତରୀୟ ଆରମ୍ଭବିନ୍ଦୁ ହୋଇ ରହିଛି । ଆମ ଜାଗ୍ରତ ମନର ଅନ୍ତରାଳରେ ତାହାକୁ ଅବଚେତନ ତଥା ଅତିଚେତନ ବୋଲି ପ୍ରତୀତ ହେଉଥିବା କେତେ କେତେ ଚୈତନ୍ୟଭୂମି ବିସ୍ତୀର୍ଣ୍ଣ ହୋଇ ରହିଛି । ବେଳେବେଳେ ଅର୍ଥାତ୍ ଜୀବନର ସ୍ୱାଭାବିକ ଅବସ୍ଥାଭିତରୁ ବାହାରି ଯାଉଥିବା ବେଳେ ଆମେ ସେହିସବୁ ଭୂମିର କିଞ୍ଚିତ୍ ପରିଚୟମାନ ପାଇପାରୁଛୁ । ଠିକ୍ ସେହିପରି ଆମର ଏହି ସ୍ଥୂଳ ଭୌତିକ ସତ୍ତ୍ୱଟିର ଅନ୍ତରାଳରେ ବସ୍ତୁର ଆଉ କେତେ ସୂକ୍ଷ୍ମତର ଭୂମିମାନ ବିସ୍ତୀର୍ଣ୍ଣ ହୋଇ ରହିଛି । ସେସବୁ ମଧ୍ୟରେ ଏକ ସୂକ୍ଷ୍ମତର ନିୟମ କାର୍ଯ୍ୟ କରୁଛି, ଏକ ବୃହତ୍ତର ଶକ୍ତି ବି କାର୍ଯ୍ୟ କରୁଛି । ସେହି ନିୟମ ଓ ସେହି ଶକ୍ତିହିଁ ଏହି ଘନତର ଶରୀରଟିକୁ ଧାରଣ କରି ରହିଛି । ଏବଂ ଆମେ ସେଗୁଡ଼ିକର ଚୈତନ୍ୟସ୍ତର ମଧ୍ୟରେ ପ୍ରବେଶ କରିପାରିଲେ ସେହି ବିଧାନ ଓ ସେହି ସାମର୍ଥ୍ୟ ଆମର ଏହି ସଘନ ଜଡ଼ବସ୍ତୁ ଉପରେ ମଧ୍ୟ ପ୍ରବର୍ତ୍ତିତ ହୋଇପାରିବ, ଆମର ବର୍ତ୍ତମାନ ଭୌତିକ ଜୀବନ, ଭୌତିକ ଆବେଗ ଓ ଭୌତିକ ଅଭ୍ୟାସଗୁଡ଼ିକର ସ୍ଥୂଳତା ଓ ସୀମାବଦ୍ଧତାଗୁଡ଼ିକୁ ଦୂର କରି ତାହା ବଦଳରେ ଆପଣା ସତ୍ତ୍ୱର ଶୁଦ୍ଧତର, ଉଚ୍ଚତର ଓ ଅଧିକ ସାମର୍ଥ୍ୟସମ୍ପନ୍ନ ବିଧାନଗୁଡ଼ିକୁ ପ୍ରତିଷ୍ଠା କରିପାରିବ । ଯଦି ସେକଥା ସତ୍ୟ ହୋଇଥାଏ, ତେବେ ପ୍ରାଣୀଜୀବନଗତ ଜନ୍ମ, ଜୀବନଧାରଣ ଓ ମୃତ୍ୟୁର ଇତରସାଧାରଣ ଅବସ୍ଥାଗୁଡ଼ିକ ଦ୍ୱାରା କୌଣସିପ୍ରକାରେ ସୀମାବଦ୍ଧ ହୋଇ ରହି ନଥିବା ଏକ ସୌମ୍ୟତର ଭୌତିକ

'oaob.nitrkl.ac.in' images reprocessed

ଜୀବନସତ୍ତାର ସମ୍ଭାବ୍ୟ ପରିଣତିକୁ ଆମେ ଆଉ ସ୍ୱପ୍ନ ବା ମରୀଚିକା ବୋଲି କହି ଉଡ଼ାଇଦେଇ ପାରିବା ନାହିଁ । ପ୍ରାଣୀଜୀବନଗତ ଏହି ସ୍ତରଟିରେ କେତେ କଷ୍ଟକୃଚ୍ଛ୍ର କରି ଆପଣାକୁ ବଞ୍ଚାଇ ରଖିବାକୁ ପଡ଼ୁଛି, ଜୀବନ ଲାଗି ଏଥିରେ କେତେ କମ୍ ସୁଯୋଗ ଓ ଅସ୍ଥାନ ରହିଛି । ଏବଂ ତଥାପି କେତେ ବିଶୃଙ୍ଖଳା ଓ ବ୍ୟାଧିର ସମ୍ମୁଖୀନ ହେବାକୁ ପଡ଼ୁଛି, କେତେ ଦୈନ୍ୟଜର୍ଜର ଓ ଅପରିତୃପ୍ତ ପ୍ରାଣବାସନାର ଦାସ ହୋଇ ରହିବାକୁ ପଡ଼ୁଛି । ଏହିସବୁ କ୍ଳିଷ୍ଟତା ଅପସାରିତ ହୋଇ ଏକ ସୌମ୍ୟତର ଭୌତିକ ଜୀବନଯାତ୍ରା ଯେ ସମ୍ଭବ ହୋଇପାରିବ, ତାହା ଏକ ଯୁକ୍ତିଯୁକ୍ତ ତଥା ଦାର୍ଶନିକ ସତ୍ୟ ଉପରେହିଁ ପ୍ରତିଷ୍ଠିତ ହୋଇ ରହିଛି । ଅଦ୍ୟାବଧି ଉପାର୍ଜିତ ଆମର ଯାବତୀୟ ଜ୍ଞାନ ସହିତ ଏହାର ପୂର୍ଣ୍ଣ ସଙ୍ଗତି ରହିଛି । ଆମ ସତ୍ତାର ପ୍ରକାଶିତ ତଥା ପ୍ରଚ୍ଛନ୍ନ ସତ୍ୟ ବିଷୟରେ ଆମେ ଏପର୍ଯ୍ୟନ୍ତ ଯାହାକିଛି ଅନୁଭବ କରିଛୁ ଅଥବା ଭାବିବାକୁ ସମର୍ଥ ହୋଇଛୁ, ତାହା ସହିତ ଏହାର ପୂର୍ଣ୍ଣ ସଙ୍ଗତି ରହିଛି ।

ବୁଦ୍ଧିର ତରଫରୁ ଉପରେ ତଉଲି ଦେଖିଲେ ମଧ୍ୟ ଠିକ୍ ଏହାହିଁ ହେବା ଉଚିତ । କାରଣ ଆମ ସତ୍ତାଗତ ତତ୍ତ୍ୱଗୁଡ଼ିକର ସୋପାନକ୍ରମଟି ଏପରି ଅବିଚ୍ଛିନ୍ନ ଓ ଅବ୍ୟାହତ ଭାବରେ ପରସ୍ପର ସହିତ ସଂଲଗ୍ନ ହୋଇ ରହିଛି ଯେ ସେଥିରୁ କେବଳ ଗୋଟିଏ ସୋପାନ ବର୍ଜିତ ଓ ବିଚ୍ଛିନ୍ନ ହୋଇ ରହିଯିବ ଏବଂ ଅନ୍ୟଗୁଡ଼ିକ ଦିବ୍ୟ ମୁକ୍ତିଲାଭର ସାମର୍ଥ୍ୟ ଲାଭ କରିବେ, ତାହା କଦାପି ସମ୍ଭବ ନୁହେଁ । ଜଡ଼ଭୂମିରୁ ଅତିମାନସ ଭୂମିଯାଏ ମନୁଷ୍ୟର ଆରୋହଣକ୍ରମଟି ବସ୍ତୁର ବିଭିନ୍ନ ସ୍ତରରେ ମଧ୍ୟ ଏକ ଅନୁରୂପ ଆରୋହଣର ସମ୍ଭାବନାଟିକୁ ଉନ୍ମୁକ୍ତ କରି ଦେବ । ଏହି ଆରୋହଣ ଫଳରେ ଆମର ସ୍ଥୂଳ ଶରୀର ଆମ ଅତିମାନସ ସତ୍ତାର ଉପଯୁକ୍ତ ସେହି କାରଣ-ଶରୀରକୁ ରୂପାନ୍ତରିତ ହୋଇଯିବ । ଅତିମାନସ ଆମ ଜୀବନର ନିମ୍ନତର ତତ୍ତ୍ୱଗୁଡ଼ିକ ଉପରେ ବିଜୟୀ ହେବ, ଏବଂ ଏକ ଦିବ୍ୟ ଜୀବନ ଓ ଦିବ୍ୟ ମାନସର ରାଜ୍ୟ ଭିତରକୁ ଅତିମାନସ ସେଗୁଡ଼ିକୁ ମୁକ୍ତ କରିଦେବ। ସଙ୍ଗେ ସଙ୍ଗେ ସେହି ଅତିମାନସ ବସ୍ତୁର ସାମର୍ଥ୍ୟ ଓ ତତ୍ତ୍ୱଦ୍ୱାରା ଆମ ଭୌତିକ ସୀମାବଦ୍ଧତାଗୁଡ଼ିକୁ ଜୟ କରିନେବା ମଧ୍ୟ ସମ୍ଭବ ହେବ । ଅର୍ଥାତ୍ ଏହାଦ୍ୱାରା ଯେ କେବଳ ଏକ ବନ୍ଧନମୁକ୍ତ ଚୈତନ୍ୟ ଏବଂ ଜଡ଼ଗତ ଅହଂର ଘୃଣିକାନ୍ଥ ଭିତରେ କଳିହୋଇ ରହି ନଥିବା କିମ୍ବା ଆମର ଭୌତିକ ଇନ୍ଦ୍ରିୟଗୁଡ଼ିକହିଁ ଆମକୁ ଆଣି ଦେଉଥିବା ଜ୍ଞାନର ଦୁର୍ବଳ ଆଧାରଟିକୁ କାମୁଡ଼ି ରହି ନଥିବା ଏକ ମନ ଓ ଇନ୍ଦ୍ରିୟସାମର୍ଥ୍ୟର ବିକାଶ ସମ୍ଭବ ହେବ ତାହା ନୁହେଁ, ମାତ୍ର ମରଜୀବନର ସୀମାଗୁଡ଼ିକ ଭିତରୁ ଅଧିକରୁ ଅଧିକ ମୁକ୍ତିଲାଭ କରୁଥିବା ଏକ ପ୍ରାଣଶକ୍ତି ମଧ୍ୟ ବିକଶିତ ହୋଇପାରିବ, ଏକ ଦିବ୍ୟ ଅଧିବାସୀର ଯୋଗ୍ୟ ସଦନରୂପେ ଏହି ଭୌତିକ ଜୀବନର ବିକାଶ ମଧ୍ୟ ସମ୍ଭବ ହେବ । ଏବଂ, ଆମର

'oaob.nitrkl.ac.in' images reprocessed

ବର୍ତ୍ତମାନ ଦେହଟି ଭିତରେ ଆସକ୍ତ ଏବଂ ସୀମାବଦ୍ଧ ହୋଇ ପଡ଼ିରହିବା ଅର୍ଥରେ ନୁହେଁ, ମାତ୍ର ଭୌତିକ ଶରୀରର ବ୍ୟଧାନସୀମାକୁ ଉତ୍ତୀର୍ଣ୍ଣ ହୋଇଯିବା ଅର୍ଥରେହିଁ ମନୁଷ୍ୟ ମୃତ୍ୟୁକୁ ଜୟ କରିବ, ଏକ ଇହଅମରତ୍ୱ ଲାଭ କରିବ । କାରଣ ସେହି ଦିବ୍ୟ ଆନନ୍ଦ, ସତ୍ତାର ସେହି ଆଦ୍ୟ ଆନନ୍ଦ ଭିତରୁହିଁ ଅମୃତତ୍ତ୍ୱର ସେହି ପରମ-ଦେବତା ମନୋମୟ ପ୍ରାଣଭୂତର ଏହି ଶରୀରଖଣ୍ଡଗୁଡ଼ିକରେ ଆନନ୍ଦରସମୟ ସେହି ସୋମଧାରାକୁ ଅବିରାମ ଅଜାଡ଼ି ଦେବାରେ ଲାଗିଛନ୍ତି; ଅନ୍ନମୟ ସତ୍ତା ଓ ଅନ୍ନମୟ ପ୍ରକୃତିର ଏକ ସମଗ୍ର ରୂପାନ୍ତର ଘଟାଇବା ଲାଗି ସେଇ ଶାଶ୍ୱତ ଓ ସୁନ୍ଦର ରୂପରେ ବସ୍ତୁର ଏହି ପ୍ରତ୍ୟେକଟି କୋଷରେ ପ୍ରବିଷ୍ଟ ହେଉଛନ୍ତି ।

'oaob.nitrkl.ac.in' images reprocessed

## ସପ୍ତବିଂଶ ପରିଚ୍ଛେଦ

# ସତ୍ତାର ସାତୋଟି ଖିଅ

ପାକଃ ପୃଚ୍ଛାମି ମନସାବିଜାନନ୍ ଦେବାନାମେନା ନିହିତା ପଦାନି ।
ବତ୍ସେ ବଷ୍କୟେଽଧି ସପ୍ତ ତନ୍ତୂନ୍ ବି ତତ୍ନିରେ କବୟ ଓତବା ଉ ॥

—ଋକ୍‌ବେଦ, ୧ । ୧୬୪ । ୫

*ଅପକ୍ୱ ମନର ଅଜ୍ଞାନରେ ମୁଁ ଅନ୍ତର ଭିତରେ ପ୍ରତିଷ୍ଠିତ ରହିଥିବା ଏହି ଦେବପାଦଗୁଡ଼ିକ ବିଷୟରେ ଜାଣିବାକୁ ଚାହୁଁଛି । ସର୍ବବିତ୍ ଦେବତାମାନେ ବର୍ଷକର ଶିଶୁଟିକୁ ନେଇ ତାହାର ଚାରିପାଖରେ ସାତଖିଅବିଶିଷ୍ଟ ଏହି ଜାଲଟିକୁ ବୁଣି ରଖିଛନ୍ତି ।*

ଯେଉଁ ସାତୋଟି ମହାନ୍ ତତ୍ତ୍ୱକୁ ପ୍ରାଚୀନ ଋଷିମାନେ ସକଳ ବିଶ୍ୱସତ୍ତାର ଆଧାର ଓ ସାତୋଟି ପ୍ରକରଣରୂପେ ଘୋଷଣା କରିଥିଲେ, ଆମେ ସେହିଗୁଡ଼ିକୁ ଭିନ୍ନ ଭିନ୍ନ କରି ପରୀକ୍ଷା କରି ଦେଖିଛୁ, ସଂବୃତ୍ତ ତଥା ବିବର୍ତ୍ତନର କ୍ରମଟିକୁ ନିରୂପଣ କରି ପାରିଛୁ ଏବଂ ଆମର ଈପ୍‌ସିତ ଜ୍ଞାନରେ ଏକ ଥଳ ପାଇବାକୁ ସମର୍ଥ ହୋଇଛୁ । ଏହି ବିଶ୍ୱବ୍ୟବସ୍ଥାରେ ଯାହାକିଛି ବର୍ତ୍ତମାନ ରହିଛି, ତାହାର ଉତ୍ସମୂଳ ଓ କ୍ଷେତ୍ରରୂପେ ତାହାର ପ୍ରଥମ ତଥା ପରମ ସତ୍ୟରୂପେ ଆମେ ସତ୍, ଚିତ୍ ଓ ଆନନ୍ଦର ବିଶ୍ୱୋତ୍ତୀର୍ଣ୍ଣ ଓ ଅନନ୍ତ ତ୍ରୟୀତତ୍ତ୍ୱଟିକୁ ପ୍ରତିଷ୍ଠିତ କରିଛୁ ଏବଂ ସତ୍, ଚିତ୍ ତଥା ଆନନ୍ଦକୁହିଁ ଦିବ୍ୟ ସତ୍ତାର ସ୍ୱରୂପ ବୋଲି କହିଛୁ । ଚିତ୍‌ର ଦୁଇଟି ବିଭାବ ରହିଛି; ଗୋଟିଏ ଏହାର ପ୍ରକାଶକ ବିଭାବ ଓ ଅନ୍ୟଟି କାର୍ଯ୍ୟକାରୀ ବିଭାବ । ଗୋଟିଏ ହେଉଛି ଆତ୍ମଜ୍ଞାନର ସାମର୍ଥ୍ୟ ରଖିଥିବା ଅବସ୍ଥା ଓ ଅନ୍ୟଟି ଆତ୍ମଶକ୍ତିର ସାମର୍ଥ୍ୟ ରଖିଥିବା ଅବସ୍ଥା । ଆପଣାର ସ୍ଥିତିଶୀଳ ଓ ଗତିଶୀଳ ଉଭୟ ସ୍ଥିତିରେହିଁ ପରମସତ୍ତା ଏହି ଦୁଇଟିଯାକ ବିଭାବଦ୍ୱାରା ଆପଣାକୁ ଅଧିକାର କରି ରହିଥାଏ । କାରଣ ଆପଣାର ସୃଜନାତ୍ମକ କ୍ରିୟାରେ ଆପଣାର ସର୍ବଶକ୍ତିମାନ୍ ଆତ୍ମଚୈତନ୍ୟ ଦ୍ୱାରା ଏହା ଆପଣା ଭିତରେ ଅନ୍ତର୍ନିହିତ ରହିଥିବା ସକଳ ସାମଗ୍ରୀର ଜ୍ଞାନ ଲାଭକରେ, ଏବଂ ଏକ ସର୍ବବିତ୍ ଆତ୍ମଶକ୍ତିଦ୍ୱାରା ଅନ୍ତର୍ନିହିତ ଶକ୍ତିଗୁଡ଼ିକର ସମଗ୍ର ଜଗତଟିକୁ ସୃଷ୍ଟି କରି ତାହାର ଶାସନ କରିବାକୁ ସମର୍ଥ ହୋଇଥାଏ । ଅତିମାନସ ଅଥବା ପରମ ସତ୍ୟକଳ୍ପନାର ଚତୁର୍ଥ ଓ

'oaob.nitrkl.ac.in' images reprocessed

ମଧ୍ୟବର୍ତ୍ତୀ ଚତୁଷ୍ଟୟରେହିଁ ସବସତ୍ତ୍ୱମାନ୍‌ର ଏହି ସୃଜନାତ୍ମକ କ୍ରିୟାଟିର ତତ୍ତ୍ୱକନ୍ଦର ନିହିତ ହୋଇ ରହିଛି । ସେଠାରେ ଏକ ଦିବ୍ୟଜ୍ଞାନ ଆତ୍ମସତ୍ତ୍ୱା ଓ ଆତ୍ମଜ୍ଞାନ ସହିତ ଏକୀଭୂତ ହୋଇ ରହିଛି, ଏବଂ ଏକ ଦିବ୍ୟ ଇଚ୍ଛା ସେହି ଜ୍ଞାନଟି ସହିତ ସମ୍ପୂର୍ଣ୍ଣଭାବେ ସମ୍ମିଳିତ ହୋଇ ରହିଛି । କାରଣ ଆପଣାର ଉପାଦାନ ଓ ସ୍ୱଭାବରେ ଅତିମାନସକୁ ଆମେ ସେହି ଚିନ୍ମୟ ସତ୍ତ୍ୱାର କେବଳ ଏକ ଜ୍ୟୋତିର୍ମୟ କ୍ରିୟା ଓ ଏକ ଗତିଶୀଳରୂପ ବୋଲିହିଁ ଜାଣିଛୁ । ଜ୍ଞାନ ଓ ସଂକଳ୍ପର ଏହି ଯୁଗଳଲୀଳାହିଁ ବିଶ୍ୱବିଷୟର ଗତି, ରୂପ ଓ ଧର୍ମକୁ ନିର୍ଭୁଲ ଭାବରେ ବିକଶିତ କରିବାରେ ଲାଗିଛି । ବିଷୟଗୁଡ଼ିକର ଆତ୍ମସତ୍ତ୍ୱାମାନ୍ ପରମ ସତ୍ୟଟି ଅନୁସାରେ ଓ ଏହି ସତ୍ୟର ପ୍ରକାଶଗତ ସକଳ ତାତ୍ପର୍ଯ୍ୟ ସହିତ ପୂର୍ଣ୍ଣ ସୌଷମ୍ୟ ରକ୍ଷା କରି ଏହି ବିକାଶ ଲାଗିରହିଛି ।

ଏକତ୍ୱ ଓ ବହୁତ୍ୱର ଦ୍ୱିତତ୍ତ୍ୱ ଉପରେ ଏହି ସୃଷ୍ଟିକ୍ରିୟା ନିର୍ଭର କରି ରହିଛି ଏବଂ ଏହି ଦୁଇଟି ମଧ୍ୟରେହିଁ ଏହା ସତତ ଗତି କରିବାରେ ଲାଗିଛି । ଏକ ମୂଳଗତ ଏକତ୍ୱକୁ ପ୍ରକାଶ କରି ସୃଷ୍ଟିର ମାଧ୍ୟମରେ ଭାବ, ଶକ୍ତି ଓ ରୂପର ଏକ ବହୁତ୍ୱଲୀଳା ଲାଗିରହିଛି । ବିସୃଷ୍ଟ ଅନେକ ବିଶ୍ୱର ଭିତ୍ତି ଓ ଯଥାର୍ଥ ସତ୍ୟରୂପେ ଏହି ଶାଶ୍ୱତ ଏକତ୍ୱ ବିଦ୍ୟମାନ ରହିଛି ଓ ସେଗୁଡ଼ିକର ଲୀଳାକୁ ସମ୍ଭବ କରୁଛି । ସେହି କାରଣରୁ ଅତିମାନସକୁ ସଂଜ୍ଞାନ ଓ ପ୍ରଜ୍ଞାନ ଦୁଇଟିଯାକ ସାମର୍ଥ୍ୟକୁ ନେଇ ଗତି କରିବାକୁ ପଡ଼ୁଛି । ମୂଳଗତ ଏକତ୍ୱତତ୍ତ୍ୱରୁ ପରିଣତ ବହୁତ୍ୱ ମଧ୍ୟକୁ ଗତି କଲାବେଳେ ଅତିମାନସ ସକଳ ବିଶ୍ୱକୁ ଆପଣା ଭିତରେ ଅନୁଭବ କରୁଛି, ଆପଣାକୁ ଏହି ବହୁଭୂତ ବିଭାବ ମଧ୍ୟରେ ଆତ୍ମପ୍ରକାଶ କରୁଥିବା ପରମ ଅଦ୍ୱୟରୂପେ ଅନୁଭବ କରୁଛି, ଏବଂ ସକଳ ବିଷୟକୁ ସ୍ୱତନ୍ତ୍ର ଭାବରେ ମଧ୍ୟ ଆପଣା ଭିତରେ ଆପଣା ଇଚ୍ଛାଶକ୍ତି ଓ ଜ୍ଞାନର ବିଷୟରୂପେ ଅନୁଭବ କରୁଛି । ତା'ର ଆପଣାର ଆଧାରଭୂତ ଆତ୍ମଜ୍ଞାନ ପାଖରେ ସକଳ ବିଶ୍ୱ କେବଳ ଗୋଟିଏ ସତ୍ତ୍ୱା, ଗୋଟିଏ ଚେତନା, ଗୋଟିଏ ଇଚ୍ଛାଶକ୍ତି ଓ ଗୋଟିଏ ଆତ୍ମାନନ୍ଦରୂପେ ଏବଂ ବିଶ୍ୱର ସମସ୍ତ ଗତିସ୍ପନ୍ଦନ କେବଳ ଅବିଭାଜ୍ୟ ଗୋଟିଏ ଗତିସ୍ପନ୍ଦନରୂପେ ଅନୁଭବ ହେଉଛି ସତ, ମାତ୍ର ଆପଣାର କ୍ରିୟାଶୀଳ ପର୍ଯ୍ୟାୟରେ ଏହାକୁ ଏକରୁ ବହୁ ଓ ବହୁରୁ ଏକ ଭିତରକୁ ଗତି କରିବାକୁ ହେଉଛି, ସେଗୁଡ଼ିକ ମଧ୍ୟରେ ସୁବ୍ୟବସ୍ଥିତ ସମ୍ବନ୍ଧ ସ୍ଥାପନ କରିବାକୁ ପଡ଼ୁଛି । ଏହା ବିଭାଜନକୁ ଏକ ସ୍ଥାୟୀ ସତ୍ୟରୂପେ ନୁହେଁ, ମାତ୍ର ଏକ ପ୍ରତୀତିରୂପେ ପ୍ରତିଷ୍ଠିତ କରୁଛି, ଅର୍ଥାତ୍ ଖଣ୍ଡଗୁଡ଼ିକୁ ପରସ୍ପରଠାରୁ ଆଦୌ ବିଚ୍ଛିନ୍ନ କରି ଦେଉନଥିବା ଏକ ସୂକ୍ଷ୍ମ ବିଭାଜନର ଅବତାରଣା କରାଉଛି । ବରଂ ଏପରି କହିଲେ ଆହୁରି ଯଥାର୍ଥ ହେବ ଯେ ଅବିଭାଜ୍ୟ ଓ ଅଖଣ୍ଡ ମଧ୍ୟରେ ଏହା ସତେ ଅବା କେତେଟା ଗାର ଟାଣି ଦେଉଛି ବା ଏହାକୁ କେତେଟା ଛେଦଦ୍ୱାରା ସୂଚିତ କରି ଦେଉଛି । ଅତିମାନସରୂପୀ ଦିବ୍ୟ ବିଜ୍ଞାନ ଏହି

'oaob.nitrkl.ac.in' images reprocessed

ବିଶ୍ୱସକଳର ସୃଷ୍ଟି କରୁଛି, ସେଗୁଡ଼ିକର ଶାସନ କରୁଛି ଓ ସେଗୁଡ଼ିକୁ ଧରିରଖିଛି । ଅତିମାନସର ଅନ୍ତର୍ଗୂଢ଼ ପ୍ରଜ୍ଞାହିଁ ଆମର ପରମ ଜ୍ଞାନ ତଥା ପରମ ଅଜ୍ଞାନକୁ ଧାରଣ କରି ରଖିଛି ।

ଆମେ ଏକଥାଟି ମଧ୍ୟ ଦେଖିବାକୁ ପାଉଛୁ ଯେ ଆମର ଏହି ଜଗତ୍ ଭିତରେ ଅଜ୍ଞାନର ଅଧୀନ ହୋଇ ରହିଥିବା ମନ, ପ୍ରାଣ ଓ ଜଡ଼, ତିନୋଟିଯାକ ବସ୍ତୁ ଏହିସବୁ ଉଚ୍ଚତର ତତ୍ତ୍ୱର କ୍ରିୟାରୁ ଜାତ ହୋଇଛନ୍ତି । ବହିଃକ୍ଷେତ୍ରରେ ଆପଣାର ବିଭାଜନ ଓ ବହୁତ୍ୱକୁ ନେଇ କ୍ରୀଡ଼ାରତ ରହିବା ଅଦ୍ୱୟ ଓ ପରମ ଏକ ସତେ ଅବା ନିଜେ ନିଜକୁ ଭୁଲି ଯାଇଛନ୍ତି । ଏହି ତିନୋଟିଯାକକୁ ଆମେ ଯଥାର୍ଥତଃ ଦିବ୍ୟ ତତ୍ତ୍ୱ-ଚତୁଷ୍ଟୟର କେବଳ ଗୋଟିଏ ଗୋଟିଏ ଗୌଣ ଶକ୍ତି ବୋଲି କହିବା । ମନ ହେଉଛି ଅତିମାନସର ଏକ ଗୌଣ ଶକ୍ତି; ଏହି କ୍ଷେତ୍ରରେ ମନ ଆପଣାକୁ ବିଭାଜନ ଓ ଖଣ୍ଡତାର ଭୂମିରେ ଆଣି ଉପସ୍ଥାପିତ କରିଛି, ଅନ୍ତରାଳରେ ଅବସ୍ଥିତ ଏକତ୍ୱଟିକୁ ଏହା ପ୍ରକୃତରେ ପାସୋରି ଦେଇଛି; ମାତ୍ର ଅତିମାନସଦ୍ୱାରା ପୁନରୁଦ୍ଭାସିତ ହୋଇ ସେହି ଏକତ୍ୱ ମଧ୍ୟକୁ ପୁଣି ବାହୁଡ଼ି ଯିବାଲାଗି ଏହାର ତଥାପି ସାମର୍ଥ୍ୟ ରହିଛି । ଠିକ୍ ସେହିପରି ପ୍ରାଣ ହେଉଛି ସଚ୍ଚିଦାନନ୍ଦଙ୍କର ଶକ୍ତିମୟ ବିଭବଟିର ଏକ ଗୌଣ ସାମର୍ଥ୍ୟ ମାତ୍ର । ପ୍ରାଣରୂପୀ ଶକ୍ତି ରୂପର ସୃଷ୍ଟି କରିବାରେ ଲାଗିଛି, ମନଦ୍ୱାରା ବିସୃଷ୍ଟ ବିଭାଜନର ଦୃଷ୍ଟିକୋଣଟିରୁ ଚେତନଶକ୍ତିର ଲୀଳା ରଚିବାରେ ଲାଗିଛି । ସେହିପରି ଯେତେବେଳେ ସଚ୍ଚିଦାନନ୍ଦ ସ୍ୱୟଂ ଆପଣାର ସ୍ୱକୀୟ ଚୈତନ୍ୟ ଓ ଶକ୍ତିମତ୍ତାର ପ୍ରାତିଭାସିକ ପ୍ରକାଶର ଅଧୀନ ହୋଇ ରହିବାକୁ ଇଚ୍ଛା କରୁଛନ୍ତି, ସେତେବେଳେ ତାଙ୍କର ସତ୍ତାବସ୍ତୁର ରୂପ ଜଡ଼ ହୋଇ ଆତ୍ମପ୍ରକାଶ କରୁଛି ।

ଏତଦ୍‌ବ୍ୟତୀତ ମନ, ପ୍ରାଣ ଓ ଦେହର ଗଣ୍ଠି ପଡ଼ିଥିବା ଏହି କେନ୍ଦ୍ରଟିରେ ଏକ ଚତୁର୍ଥ ତତ୍ତ୍ୱର ବି ଆବିର୍ଭାବ ହେଉଛି, ଯାହାକୁ କି ଆମେ ଆତ୍ମା ବୋଲି କହୁଛୁ । ମାତ୍ର ଏହି ଆତ୍ମାର ଆବିର୍ଭାବ ଦୁଇପ୍ରକାରେ ହେଉଛି । ପୁରୋଭାଗରେ ରହିଛି କାମନାତ୍ମା ଯିଏକି ବିଷୟଗୁଡ଼ିକୁ ଅଧିକାର ଓ ସମ୍ଭୋଗ କରିବା ଲାଗି ଚେଷ୍ଟା କରୁଛି । ଏବଂ ଅନ୍ତରାଳରେ, ହୁଏତ କାମନାତ୍ମାଟିଦ୍ୱାରା ଅନେକାଂଶରେ ଅଥବା ସମ୍ପୂର୍ଣ୍ଣଭାବେ ଆବୃତ ହୋଇ ରହିଥିବା ଅସଲ ଚୈତ୍ୟପୁରୁଷଟି ଅବସ୍ଥିତ ରହିଛି, ଯାହାକି ବିଶୁଦ୍ଧ ଆତ୍ମାର ଯାବତୀୟ ଅନୁଭୂତିର ଭଣ୍ଡାରରୂପେ କାର୍ଯ୍ୟ କରୁଛି । ଏବଂ ଆମେ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚୁଛୁ ଯେ ମନୁଷ୍ୟଜୀବନର ଏହି ଚତୁର୍ଥ ତତ୍ତ୍ୱଟି ଅନନ୍ତ ପରମାନନ୍ଦରୂପୀ ସେହି ତୃତୀୟ ଦିବ୍ୟ ତତ୍ତ୍ୱଟିର କେବଳ ଏକ ପ୍ରକ୍ଷେପଣ ମାତ୍ର, କେବଳ ଏକ ଛାୟା ମାତ୍ର । ମାତ୍ର ଆମର ଚୈତନ୍ୟର ଜାତିଗତ ଆୟତନ ମଧ୍ୟରେ ଏବଂ ଏହି ବିଶ୍ୱଜଗତରେ ଜୀବବିବର୍ତ୍ତନର ଅବସ୍ଥା ଓ ବିଧାନଗତ ପରିବେଶ ମଧ୍ୟରେ

'oaob.nitrkl.ac.in' images reprocessed

ଏହି ନିଷ୍ପତ୍ତି ହେବାରେ ଲାଗିଛୁ । ଦିବ୍ୟପୁରୁଷଙ୍କର ସତ୍ତା ସ୍ୱଭାବତଃ ଏକ ଅନନ୍ତ ଚେତନା ଓ ସେହି ଚେତନାର ଆତ୍ମସାମର୍ଥ୍ୟକୁହିଁ ବୁଝାଇବ, ତେଣୁ ତାଙ୍କର ଅନନ୍ତ ଚେତନା ସ୍ୱଭାବତଃ ଶୁଦ୍ଧ ଓ ଅନନ୍ତ ଆନନ୍ଦକୁ ମଧ୍ୟ ବୁଝାଇବ । ତାଙ୍କର ଆତ୍ମାନନ୍ଦ ମୂଳତଃ ତାଙ୍କର ଭିତରେ ପ୍ରତିଷ୍ଠିତ ଓ ସମାବିଷ୍ଟ ହୋଇ ରହିଛି, ତାହା ଆତ୍ମଜ୍ଞାନ-ସମ୍ପନ୍ନ ହୋଇ ରହିଛି । ଏହି ବିଶ୍ୱସୃଷ୍ଟିକୁ ମଧ୍ୟ ଆମେ ଦିବ୍ୟ ଆତ୍ମାନନ୍ଦର ଏକ ଲୀଳା ବୋଲି କହିବା, ଏବଂ ବିଶ୍ୱମସ୍ତ ପରମସତ୍ତାହିଁ ସେହି ଲୀଳାଜନିତ ଆନନ୍ଦକୁ ସମ୍ପୂର୍ଣ୍ଣଭାବେ ଅଧିକାର କରି ରହିଛନ୍ତି । ମାତ୍ର ଅଜ୍ଞାନ ଓ ବିଭାଜନର ଅଧୀନ ହୋଇ ରହିବାରୁ ବ୍ୟକ୍ତିର ଜୀବନରେ ଏହି ଆନନ୍ଦ ତା'ର ଅବଚେତନ ତଥା ଅତିଚେତନ ସତ୍ତାଭିତରେ ଅପସୃତ ହୋଇ ରହିଯାଇଛି । ଆମର ବହିରଙ୍ଗ ଜୀବନରେ ମଧ୍ୟ ଏହାର ଅଭାବ ରହିଛି । ସେହି ଆନନ୍ଦର ଅନ୍ୱେଷଣ କରିବାକୁ ପଡ଼ିବ, ଆମ ବ୍ୟକ୍ତିଜୀବନର ଆସ୍ପୃତନ ଭିତରେ ସଙ୍କୁଚିତ ହୋଇ ରହିଥିବା ଚେତନାକୁ ବିଶ୍ୱାତ୍ମକତା ଓ ବିଶ୍ୱୋତ୍ତୀର୍ଣ୍ଣତାର ଅଭିମୁଖରେ ବିକଶିତ କରାଇ ଆମକୁ ସେହି ଆନନ୍ଦର ଉପଲବ୍ଧି କରିବାକୁ ହେବ ଓ ତାହାର ଅଧିକାରରେ ଅଧିକାରୀ ହୋଇ ରହିବାକୁ ପଡ଼ିବ ।

ତେଣୁ ଆମେ ଇଚ୍ଛା କଲେ ସାତୋଟି ସ୍ଥାନରେ ଆଠଗୋଟି ତତ୍ତ୍ୱର* ଅବଧାରଣା କରିପାରିବା । ତା'ହେଲେ ଆମେ ଆମର ଏହି ଜୀବନସତ୍ତାକୁ ଦିବ୍ୟ ଅସ୍ତିତ୍ୱର ଏକ ସ୍ୱରୂପ-ବିଚ୍ଛୁରଣରୂପେ କଳ୍ପନା କରିପାରିବା । ଆରୋହଣ ଓ ଅବରୋହଣର କ୍ରମରେ ସଜାଇ ଦେଲେ ତାହା ଏହିପରି ଦିଶିବ :

| | |
|---|---|
| ସତ୍ | ଜଡ଼ |
| ଚିତ୍-ଶକ୍ତି | ପ୍ରାଣ |
| ଆନନ୍ଦ | ଚିତ୍ତାତ୍ମା ବା ଚୈତ୍ୟପୁରୁଷ |
| ଅତିମାନସ | ମନ |

ଚିତ୍ଶକ୍ତି, ଆନନ୍ଦ ଓ ଅତିମାନସର ସୃଜନଶୀଳ ମାଧ୍ୟମଟି ଦେଇ ଦିବ୍ୟପୁରୁଷ ଶୁଦ୍ଧ ସତ୍ତାରୁ ବିଶ୍ୱସତ୍ତାକୁ ଓହ୍ଲାଇ ଆସନ୍ତି । ଏକ ବିକାଶାକାଂକ୍ଷୀ ପ୍ରାଣ, ଚୈତ୍ୟ-ପୁରୁଷ, ମନ ଓ ଅତିମାନସର ଉଦ୍ଭାସକ ମାଧ୍ୟମଟି ଦେଇ ଆମେ ଜଡ଼ ଭୂମିରୁ ଦିବ୍ୟପୁରୁଷ ଆଡ଼କୁ ଆରୋହଣ କରିଯାଉ । ଯେଉଁଠି ଆପଣା ମଧ୍ୟରେ ଏକ ପର୍ଦ୍ଦାର ବ୍ୟବଧାନ ରଖି ମନ ଓ ଅତିମାନସର ଭେଟ ହୁଏ, ସେଇଠି ପରାର୍ଦ୍ଧ ଓ ଅପରାର୍ଦ୍ଧ

* ବୈଦିକ ଋଷିମାନେ ସାତୋଟି କିରଣରେଖାର ଉଲ୍ଲେଖ କରିଛନ୍ତି, ମାତ୍ର ଅଠୋଟି, ନଅଟି, ଦଶଟି ଓ ବାରଗୋଟି କିରଣରେଖାର ବି ଉଲ୍ଲେଖ କରିଛନ୍ତି ।

'oaob.nitrkl.ac.in' images reprocessed

ଅର୍ଥାତ୍ ତଳ ମଣ୍ଡଳ ଓ ଉପର ମଣ୍ଡଳଟି ଭିତରେ ଗଣ୍ଠି ପଡ଼ିଥାଏ । ଏହି ପର୍ଦ୍ଦା ବା ଆବରଣଟିକୁ ବିଦୀର୍ଣ୍ଣ କରିଦେଇ ପାରିଲେହିଁ ମନୁଷ୍ୟଭୂମିରେ ଦିବ୍ୟଜୀବନ ସମ୍ଭବ ହୁଏ । କାରଣ ସେହି ଆବରଣଟିକୁ ଛିନ୍ନ କରିଦେଲେ, ଅର୍ଥାତ୍ ନିମ୍ନତର ସତ୍ତାର ସ୍ୱଭାବ ଭିତରକୁ ଊର୍ଦ୍ଧ୍ୱତର ସତ୍ତାଟିର ଉଦ୍‌ଭାସକ ଅବତରଣ ହୋଇପାରିଲେ ଏବଂ ମଧ୍ୟବର୍ତ୍ତୀ ପାହାଚଗୁଡ଼ିକରେ ଉଠି ନିମ୍ନତର ସତ୍ତା ଊର୍ଦ୍ଧ୍ୱତର ସତ୍ତାର ସ୍ୱଭାବ ଭିତରକୁ ପୂର୍ଣ୍ଣ ବେଗ ଓ ସାମର୍ଥ୍ୟର ସହିତ ପ୍ରବେଶ କରି ପାରିଲେହିଁ ସର୍ବ-ସମାବେଶକ ଅତିମାନସ ମଧ୍ୟରେ ମନ ଆପଣାର ଦିବ୍ୟ ଆଲୋକଟିକୁ ଫେରିପାଏ, ସର୍ବାଧିକାଙ୍କ୍ଷ ଓ ସର୍ବସୁଖଦାୟକ ପରମାନନ୍ଦ ମଧ୍ୟରେ ଆତ୍ମା ନିଜର ଦିବ୍ୟ ଆତ୍ମାଟିର ଉପଲବ୍ଧି କରିବାକୁ ସମର୍ଥ ହୁଏ । ଦିବ୍ୟ ପରମ ସତ୍ତାର ଏକ ରୂପାୟନ ଭାବରେ ଆପଣାର ଦିବ୍ୟ ମୁକ୍ତି ଲାଗି ଉନ୍ମୋଚିତ ରହିଥିବା ସର୍ବଶକ୍ତିମାନ୍ ଚିତ୍‌ଶକ୍ତି ଏବଂ ଜଡ଼ ସତ୍ତାର ଲୀଳା ଭିତରେ ପ୍ରାଣ ଆପଣା ଦିବ୍ୟ ସାମର୍ଥ୍ୟର ପୁନରଧିକାର ଲାଭ କରେ । ଇହଜଗତର ବିବର୍ତ୍ତନକ୍ରମଟି ମନୁଷ୍ୟର ସ୍ତରକୁ ଆସି ବର୍ତ୍ତମାନ ଶୀର୍ଷଦେଶରେ ପହଞ୍ଚିଛି । ଏହାର ସିଦ୍ଧିକ୍ରମରେ ମନୁଷ୍ୟହିଁ ମୁକୁଟରୂପେ ବିରାଜିତ ରହିଛି । ମାତ୍ର ସେହି ବିବର୍ତ୍ତନ ସତେ ଅବା ଏକ ଲକ୍ଷ୍ୟହୀନ ଆବର୍ତ୍ତ ମଧ୍ୟରେ ଆସି ପଡ଼ିଯାଇଛି; କେବଳ କେତେକ ବ୍ୟକ୍ତିବିଶେଷ ଏହି ଆବର୍ତ୍ତନରୁ ପଳାୟନ କରି ଆପଣାକୁ ହୁଏତ ରକ୍ଷା କରିପାରିବା ବ୍ୟତୀତ ଏଥିରେ ଆଉ କୌଣସିପ୍ରକାର ଉଦ୍ଧାରପଥ ନାହିଁ । ମାତ୍ର ଅପର ପକ୍ଷରେ ସକଳ ପ୍ରାଣୀଙ୍କ ଭିତରେ କେବଳ ଏହି ମନୁଷ୍ୟହିଁ ଚିତ୍ ଓ ଜଡ଼ ଭିତରେ ଏକ ସେତୁ ପକାଇ ପାରିବାର ସାମର୍ଥ୍ୟ ବହନ କରି ଉଭୟ ତତ୍ତ୍ୱ ମଧ୍ୟରେ ଦଣ୍ଡାୟମାନ ରହିଛି । ସେହି ବିବର୍ତ୍ତନକ୍ରମର ଯଦି କୌଣସି ଯଥାର୍ଥ ଉଦ୍ଦେଶ୍ୟ ରହିଥାଏ, ଏବଂ ପରିଶେଷରେ ଇହଜୀବନମୟ ଭ୍ରାନ୍ତି ଓ ମାୟାରୁ କେବଳ ନିରାଶା ଓ ବିଶ୍ୱପ୍ରୟାସ ପ୍ରତି କେବଳ ଏକ ବିରକ୍ତି ଓ ଘୃଣାଦ୍ୱାରା ଜର୍ଜର ହୋଇ ସତେ ଅବା ହଠାତ୍ ନିଦ ଭାଙ୍ଗି ଉଠିବା ଏବଂ ଏହାକୁ ଅଲୀକ ମଣି ସମ୍ପୂର୍ଣ୍ଣରୂପେ ବର୍ଜନ କରି ପକାଇବା ବ୍ୟତୀତ ମନୁଷ୍ୟରୂପୀ ପ୍ରାଣୀର ଅନନ୍ତ ଅନ୍ତର୍ନିହିତ ସାମର୍ଥ୍ୟରେ ଯଦି ପ୍ରକୃତରେ ଆଉ କୌଣସି ସାର୍ଥକତା ରହିଥାଏ, ତେବେ ଏହିପରି ଏକ ପ୍ରଭାସ୍ୱର ଓ ସାମର୍ଥ୍ୟାନୁକୂଳ ରୂପାନ୍ତର ଏବଂ ପ୍ରାଣୀର ଜୀବନକୁ ଧନ୍ୟ କରି ତାହାରି ଭୂମିଟି ଉପରେହିଁ ଦିବ୍ୟପୁରୁଷର ପ୍ରକାଶକୁହିଁ ଆମେ ସେହି ଯଥାର୍ଥ ଉଦ୍ଦେଶ୍ୟ ବୋଲି କହିପାରିବା, ମନୁଷ୍ୟଜୀବନର ପରମ ସାର୍ଥକତା ବୋଲି କହିପାରିବା ।

ମାତ୍ର ଯେଉଁ ମନୋଗତ ତଥା ବାସ୍ତବ ପରିବେଶଗୁଡ଼ିକର ସୃଷ୍ଟି ହୋଇ ପାରିଲେ ଯାଇ ଏହିଭଳି ଏକ ରୂପାନ୍ତର କେବଳ ଏକ ଆଧାରଭୂତ ସମ୍ଭାବନା ହୋଇ ନରହି ଏକ ଗତିଶୀଳ ଓ କ୍ରିୟାତ୍ମକ ସମ୍ଭୂତିରେ ପରିଣତ ହୋଇ ପାରିବ, ସେଗୁଡ଼ିକର ଆଲୋଚନା କରିବା ପୂର୍ବରୁ ଆମର ଆହୁରି ଅନେକ ବିଷୟ ବିଚାର

'oaob.nitrkl.ac.in' images reprocessed

କରିବାକୁ ରହିଛି । କାରଣ କେବଳ ସଚ୍ଚିଦାନନ୍ଦଙ୍କର ବିଶ୍ୱସତ୍ତା ମଧ୍ୟକୁ ଅବତରଣ କରିବାର ମୌଳିକ ତତ୍ତ୍ୱଗୁଡ଼ିକୁ ବିଶଦ ଭାବରେ ଦେଖାଇଦେଲେ ତାହା ଆଦୌ ଯଥେଷ୍ଟ ହେବ ନାହିଁ (ଏଇଟି ଆମେ କରିସାରିଛୁ ।), ମାତ୍ର ଏହି ଜଗତରେ ଦିବ୍ୟ ବ୍ୟବସ୍ଥାର ସୁପ୍ରଶସ୍ତ ଯୋଜନାଟି କିଭଳି ଆପଣାକୁ କାର୍ଯ୍ୟକାରୀ କରିବ, ଏବଂ ଆମ ବର୍ତ୍ତମାନ ଜୀବନଭୂମିର ପରିବେଶଟିକୁ ଆପଣାର ଶାସନଦ୍ୱାରା ଧାରଣ କରି ରଖିଥିବା ପ୍ରକାଶରୂପ ସେହି ଚିନ୍ମୟ ଶକ୍ତିର ସାମର୍ଥ୍ୟଟିର ସ୍ୱଭାବ ତଥା କ୍ରିୟାଗୁଡ଼ିକ ପ୍ରକୃତରେ କିପରି ହେବ, ଆମକୁ ସେସବୁର ବି ଆଲୋଚନା କରିବାକୁ ପଡ଼ିବ । ଆମେ ପରୀକ୍ଷା କରି ଦେଖିଥିବା ସାତୋଟି ଅଥବା ଆଠୋଟିଯାକ ତତ୍ତ୍ୱ ସକଳପ୍ରକାର ବିଶ୍ୱସୃଜନ ଲାଗି ଏକାନ୍ତ ଆବଶ୍ୟକ; ପ୍ରକାଶିତ କିମ୍ବା ପ୍ରଚ୍ଛନ୍ନ ଯେଉଁଭଳି ହେଉପଛକେ, ସେହି ତତ୍ତ୍ୱଗୁଡ଼ିକ ଆମରି ଭିତରେ ରହିଛନ୍ତି, ଆମ ଭିତରର ଏହି 'ବରପକର ଶିଶୁ'ଟି ଭିତରେ ରହିଛନ୍ତି,—ବର୍ତ୍ତମାନ ଆମେ ସର୍ବପ୍ରଥମେ ଏଇ କଥାଟିକୁହିଁ ମନେରଖିବା । ଆମେ ଯଥାର୍ଥରେ ମଧ୍ୟ ଏପର୍ଯ୍ୟନ୍ତ କେବଳ ବରପକର ଶିଶୁଟିଏ ହୋଇ ରହିଛୁ, କାରଣ ବିବର୍ତ୍ତନଶୀଳ ଏହି ପ୍ରକୃତି ଭିତରେ ଆମର ହେଉ ପାଇବାକୁ ଆହୁରି ଅନେକ ବାଟ ବାକୀ ରହିଛି । ଉପରେ ରହିଥିବା ସେହି ପରମ ତ୍ରୟୀତତ୍ତ୍ୱଟି ସକଳ ସତ୍ତାଗତ ଜୀବନ ତଥା ଜୀବନଲୀଳାର ଉତ୍ସମୂଳ ଓ ଆଧାର ହୋଇ ବିଦ୍ୟମାନ ରହିଛି, ଏବଂ ସକଳ ବିଶ୍ୱ କେବଳ ତାହାର ଅସଲ ସତ୍ୟଟିର ପ୍ରକାଶିତ ଓ କ୍ରିୟାତ୍ମକ ରୂପରେହିଁ ପ୍ରତିଭାସିତ ହେଉଛି । ଆମେ ଏଭଳି କୌଣସି ବିଶ୍ୱର କଳ୍ପନା କରି ପାରିବା ନାହିଁ ଯାହାକି କେବଳ ଏକ ପରମ ଶୂନ୍ୟଗର୍ଭ ଅସତ୍ ମଧ୍ୟରୁ ଉଦ୍‌ଭୂତ ହୋଇଛି, ଶୂନ୍ୟଗର୍ଭ ଅସତ୍ ମଧ୍ୟରେହିଁ ଆପଣାର ରଚନା କରିଛି ଏବଂ କେବଳ ଏକ ସତ୍ତାହୀନ ଶୂନ୍ୟ ଭିତରେହିଁ ଅବସ୍ଥିତ ରହିଛି । ଯେକୌଣସି ବିଶ୍ୱକୁ ସକଳ ଆକାର-କଳ୍ପନାତୀତ ଅନନ୍ତ ପରମ ସତ୍ତା ମଧ୍ୟରେ ହୁଏତ ସତ୍ତାକଳ୍ପନାର ଏକ ରୂପାୟନ ହେବାକୁ ପଡ଼ିବ, ଅଥବା ଏହାକୁ ସ୍ୱୟଂହିଁ ସର୍ବସତ୍ତାମାନ୍ ହେବାକୁ ପଡ଼ିବ । ବିଶ୍ୱସତ୍ତା ସହିତ ଆପଣାର ଆତ୍ମସତ୍ତାଟିକୁ ସମ୍ପୂର୍ଣ୍ଣଭାବେ ସଂଯୁକ୍ତ କରିଦେଇ ଆମେ ଏହି ବିଶ୍ୱକୁ ବସ୍ତୁତଃ ଏକାଧାରରେ ଉଭୟରୂପେ ପ୍ରତ୍ୟକ୍ଷ କରିଥାଉ । ଅର୍ଥାତ୍, ସର୍ବସତ୍ତାମାନ୍‌ରୂପେ ଏହା କାଳ ଓ ଦେଶରୂପେ ଆପଣାର କଳ୍ପନାତ୍ମକ ସମ୍ପ୍ରସାରଣ ଘଟାଇ ଅନନ୍ତ ଛନ୍ଦତରଙ୍ଗରେ ଆପଣାକୁହିଁ ରୂପାୟିତ କରିବାରେ ଲାଗିଥାଏ । ପୁଣି ଆମେ ଏକଥା ମଧ୍ୟ ଦେଖିବାକୁ ପାଇବା ଯେ ସେହିସବୁ ରୂପ ତଥା ଗତିସ୍ପନ୍ଦନକୁ ନିଷ୍ପନ୍ନ ଓ ନିୟନ୍ତ୍ରିତ କରୁଥିବା ପରମ ସତ୍ତାରୂପୀ ଏକ ଅନନ୍ତ ଶକ୍ତିର ଲୀଳାବ୍ୟତୀତ ବି ଏହି ବିଶ୍ୱରଚନା ଅଥବା ଯେକୌଣସି ବିଶ୍ୱରଚନା ଆଦୌ ସମ୍ଭବ ହେବ ନାହିଁ । ଏବଂ ସେହି ଅନନ୍ତ ଶକ୍ତିକୁ ସ୍ୱୀକାର କଲେ ଏକ ଅନନ୍ତ ଚେତନାକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ, ଅର୍ଥାତ୍ ଏହି ଶକ୍ତିକୁ ସେହି ଚୈତନ୍ୟରହିଁ କ୍ରିୟା ବୋଲି

'oaob.nitrkl.ac.in' images reprocessed

ମନିବାକୁ ପଡ଼ିବ । କାରଣ ଏହି ଶକ୍ତିର ସ୍ୱଭାବ ମଧ୍ୟରେ ଆମେ ଏକ ବିଶ୍ୱଇଚ୍ଛା ବା ବିଶ୍ୱସଙ୍କଳ୍ପ ରହିଥିବାର ଦେଖିବାକୁ ପାଇଥାଉ ଯାହାକି ତା'ର ଆପଣା ଚେତନାର ବିଧାନଦ୍ୱାରା ସକଳ ସମ୍ବନ୍ଧ ଓ ସକଳ କ୍ରିୟାକୁ ପୂର୍ବନିର୍ଦ୍ଦିଷ୍ଟ ଓ ପୂର୍ବକଳ୍ପିତ କରି ରଖୁଛି । ମାତ୍ର ଚେତନାର ସେହି ବିଧାନଟିର ପଛରେ ଯଦି ଏକ ସର୍ବସମାବେଶକାରୀ ଚେତନା ଅବସ୍ଥିତ ରହି ନ ଥା'ନ୍ତା, ତେବେ ଏଭଳି ନିର୍ଣ୍ଣୟ ଓ ନିର୍ଦ୍ଦେଶନ ଆଦୌ ସମ୍ଭବ ହୁଅନ୍ତା ନାହିଁ । ସେହି ଚେତନାହିଁ ପରମ ସତ୍ତାର ପରିଣତ ଓ ସମ୍ଭୂତିକ୍ଷେତ୍ର ଏହି ବିଶ୍ୱର ଯାବତୀୟ ସମ୍ବନ୍ଧ ଓ କ୍ରିୟାକୁ ଧାରଣ କରି ରହିଛି, ସେଗୁଡ଼ିକୁ ସ୍ଥିରପ୍ରତିଷ୍ଠିତ କରି ରଖିଛି ଓ ସେଗୁଡ଼ିକୁ ପ୍ରତିଫଳିତ କରିବାରେ ଲାଗିଛି ।

ପରମ ଚେତନା ହେଉଛି ସର୍ବବିତ୍ ଓ ସର୍ବଶକ୍ତିମାନ୍ ଚେତନା, ଆପଣା ଉପରେ ତାହାର ପ୍ରଭୁତ୍ୱର ସ୍ୱାଧିକାର ନିତ୍ୟବର୍ତ୍ତମାନ ରହିଛି । ପୁଣି ଏହି ପ୍ରଭୁତ୍ୱର ସ୍ୱାଧିକାରସମ୍ପନ୍ନତାକୁ ଆମେ ସ୍ୱଭାବତଃ ପରମାନନ୍ଦ ବୋଲି କହିପାରିବା । କାରଣ, ଏକ ବୃହତ୍ ଓ ବିଶ୍ୱଗତ ଆତ୍ମାନନ୍ଦ ବ୍ୟତୀତ ଆଉ କିଛିହେଲେ ଏହି ବିଶ୍ୱସତ୍ତାର କାରଣ, ସ୍ୱରୂପ ଓ ଉଦ୍ଦେଶ୍ୟ କଦାପି ହୋଇପାରିବ ନାହିଁ । ପ୍ରାଚୀନ ତତ୍ତ୍ୱଦ୍ରଷ୍ଟା କହିଛନ୍ତି : "ଆପଣା ଭିତରେ ସକଳ ସମସ୍ତଙ୍କୁ ଧାରଣ କରି ରହିଥିବା ସତ୍ତାନନ୍ଦରୂପୀ ଏହି ଆକାଶ ଯଦି ବିଦ୍ୟମାନ ରହି ନଥା'ନ୍ତା ଓ ଆମେସବୁ ଯଦି ତାହାରି ଭିତରେ ରହି ନଥା'ନ୍ତୁ ସେହି ଆନନ୍ଦହିଁ ଯଦି ଆମର ଆକାଶରୂପେ ଅବସ୍ଥିତ ନଥା'ନ୍ତା, ତେବେ ଏଠି କେହିହେଲେ ନିଃଶ୍ୱାସ ନେଇପାରନ୍ତେ ନାହିଁ, କେହିହେଲେ ଜୀବନଧାରଣ କରିପାରନ୍ତେ ନାହିଁ ।" ଉପରୁ ଦେଖିବାକୁ ଏହି ଆତ୍ମାନନ୍ଦ ହୁଏତ ଅବଚେତନ ହୋଇ ରହିଯାଇପାରେ କିମ୍ବା ଅନ୍ତର୍ହିତ ହୋଇଗଲା ପରି ବୋଧ ହୋଇପାରେ; ମାତ୍ର ଆମ ଜୀବନର ଗଭୀର ଅଙ୍କୁର ମୂଳରେ ଏହା ସେ ସର୍ବଦା ବିଦ୍ୟମାନ ରହିଛି, କେବଳ ତାହାହିଁ ନୁହେଁ, ମାତ୍ର ତାହାରି ଆବିଷ୍କାର ଓ ଅଧିକାର ଲାଭ ପାଇଁ ଆକାଙ୍‌କ୍ଷିତ ଓ ଉଦ୍ୟତ ହୋଇ ରହିବାକୁହିଁ ଆମେ ସକଳ ବିଶ୍ୱସତ୍ତାର ସର୍ବମୂଳ ତାତ୍ପର୍ଯ୍ୟ ବୋଲିହିଁ କହିବା । ଏବଂ, ଆପଣାର ଇଚ୍ଛାଶକ୍ତି କିମ୍ବା ସାମର୍ଥ୍ୟରେ ହେଉ, ଆଲୋକ କିମ୍ବା ଜ୍ଞାନରେ ହେଉ, ସତ୍ତାର ସ୍ଥିତି କିମ୍ବା ବ୍ୟାପ୍ତିରେ ହେଉ, ଅଥବା ପ୍ରେମ ବା ଆନନ୍ଦ ଭିତରେହିଁ ହେଉ ପଛକେ, ଏହି ବିଶ୍ୱଜଗତରେ ଜୀବ ଯେତିକି ଆତ୍ମପରିଚୟ ଲାଭ କରୁଛି, ସେହି ଅନୁପାତରେହିଁ ସେ ସେହି ଗୁହାଶୟସ୍ଥିତ ସ୍ୱରୂପାନନ୍ଦର ଅଭିଭୂତି ଭିତରେ ଜାଗ୍ରତ ହୋଇଉଠୁଛି । ସତ୍ତାର ଉଲ୍ଲାସ, ଜ୍ଞାନୋପଲବ୍ଧି ଜନିତ ଆନନ୍ଦ, ସଙ୍କଳ୍ପ, ଇଚ୍ଛାଶକ୍ତି ଅର୍ଥାତ୍ ସୃଜନଶୀଳ ସାମର୍ଥ୍ୟଦ୍ୱାରା ସେହି ସମ୍ପଦଟିର ଅଧିକାରୀ ହେବାର ମହାସୁଖ, ତଥା ପ୍ରେମ ଓ ଆନନ୍ଦ ଭିତରେ ଏକରସ ଓ ଏକୀଭୂତ ହୋଇଯିବାର ଆନନ୍ଦମୟ ଆତ୍ମବିସ୍ତୃତି,—ଏହିଗୁଡ଼ିକ ହେଉଛି

'oaob.nitrkl.ac.in' images reprocessed

ଆପଣାକୁ ଉତ୍ତରୋତ୍ତର ପ୍ରସାର ଦେଉଥିବା ଜୀବନର ପରମ ସିଦ୍ଧି । କାରଣ ସେହିଗୁଡ଼ିକହିଁ ଜୀବନର ମୂଳସତ୍ୟ ସ୍ୱରୂପ; ଜୀବନର ପ୍ରଚ୍ଛନ୍ନ ମୂଳଗୁଡ଼ିକରେ ତଥା ଏପର୍ଯ୍ୟନ୍ତ ନସ୍ଫୁଟନପଥାରୂଢ଼ ହୋଇ ନଥିବା ଏହାର ଶିଖରଗୁଡ଼ିକରେ ଏହାହିଁ ଏହାର ମୂଳସତ୍ୟ । ତେଣୁ ବିଶ୍ୱଗତ ସତ୍ତା ଯେଉଁଠାରେ ବି ଆପଣାକୁ ପ୍ରକାଶିତ କରୁ ପଛକେ, ସେଠି ତାହା ପଛରେ ଓ ତାହାର ଭିତରେ ମଧ୍ୟ ସେହି ଦିବ୍ୟତ୍ରୟୀ ଅବଶ୍ୟ ବର୍ତ୍ତମାନ ରହିଥିବେ ।

୮ ମାତ୍ର, ପ୍ରକୃତରେ କେଉଁ ଆବଶ୍ୟକତାର ବଶବର୍ତ୍ତୀ ହୋଇ ପରମ ସତ୍ତା, ଚୈତନ୍ୟ ଓ ଆନନ୍ଦ କାହିଁକି ଆପଣାକୁ ପ୍ରତତ୍ତ୍ୱସରୂପେ ଏହି ସୃଷ୍ଟି ଭିତରକୁ ନିକ୍ଷିପ୍ତ କରିବେ ? ଅଥବା ସେ ଯଦି ଆପଣାକୁ ଏହିପରି ଭାବରେ ସୃଷ୍ଟିରୂପେ ପ୍ରକାଶିତ କରିବେ, ତେବେ ସେହି ସୃଷ୍ଟିକୁ କଦାପି ଏକ ବିଶ୍ୱରୂପ ସୃଷ୍ଟି ବୋଲି କୁହାଯିବ ନାହିଁ; କୌଣସି ନିର୍ଦ୍ଦିଷ୍ଟ ଶୃଙ୍ଖଳା ଓ ସମ୍ବନ୍ଧ ନଥିବା ଏକ ଅନ୍ତହୀନ ରୂପମୟତାରେହିଁ ଏହି ସୃଷ୍ଟି ପର୍ଯ୍ୟବସିତ ହୋଇ ରହିବ । ତେଣୁ ସିତତ୍ତ୍ୱ ମଧ୍ୟରୁ ଅତିମାନସ ଅର୍ଥାତ୍ ଦିବ୍ୟ ବିଜ୍ଞାନର ଚତୁର୍ଥ ତତ୍ତ୍ୱଟିର ବିକାଶ ଓ ପ୍ରକାଶ ହୋଇଛି । ଯେକୌଣସି ବିଶ୍ୱସୃଷ୍ଟି ଓ ବିଶ୍ୱବ୍ୟବସ୍ଥାରେ ଏକ ପରମ ଜ୍ଞାନ ଓ ପରମ ସଙ୍କଳ୍ପର ଶକ୍ତି ଅବଶ୍ୟ ରହିଥିବ, ଯାହାକି ଅନ୍ତହୀନ ସମ୍ଭାବନାଗୁଡ଼ିକ ମଧ୍ୟରୁ ନିର୍ଦ୍ଦିଷ୍ଟ ସମ୍ବନ୍ଧଗୁଡ଼ିକର ନିରୂପଣ କରିପାରୁଥିବ, ବୀଜମଧ୍ୟରୁ ପରିଣାମଟିର ବିକାଶ କରୁଥିବ, ବିଶ୍ୱବିଧାନର ବିପୁଳ ଛନ୍ଦଗୁଡ଼ିକୁ ଲୀଳାୟିତ କରିପାରୁଥିବ, ଏବଂ ବିଶ୍ୱସକଳର ଶାଶ୍ୱତ ତଥା ଅନନ୍ତ କବି ଓ ମନୀଷୀରୂପେ (କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂଃ—ଈଶୋପନିଷଦ, ଅଷ୍ଟମ ଶ୍ଲୋକ) ସେଗୁଡ଼ିକର ଅବଲୋକନ ଓ ଶାସନ କରୁଥିବ । ଯଥାର୍ଥରେ ବୁଝିଲେ ଏହି ଶକ୍ତି ସ୍ୱୟଂ ସଚ୍ଚିଦାନନ୍ଦ ବ୍ୟତୀତ ଆଉ କିଛି ନୁହେଁ, କାରଣ ଏହା ଆପଣାର ସ୍ୱୟମ୍ଭୂସତ୍ତା ମଧ୍ୟରେ ଅବସ୍ଥିତ ନଥିବା କିଛିହେଲେ କଦାପି ସୃଷ୍ଟି କରେ ନାହିଁ । ଏବଂ ସେଥିଲାଗି ଯଥାର୍ଥ ଓ ଯାବତୀୟ ବିଶ୍ୱବିଧାନ ପ୍ରକୃତରେ ବାହାରୁ ଆଉ କୌଣସିଠାରୁ ତାହା ଉପରେ ଲଦି ଦିଆଯାଏ ନାହିଁ, ଏସବୁ କେବଳ ତାହାରି ଭିତରୁହିଁ ଉଦ୍‌ଭୂତ ହୁଏ । ସେଠାରେ ସକଳ ବିକାଶ ହେଉଛି ଆତ୍ମବିକାଶ, ସକଳ ବୀଜ ଓ ସକଳ ପରିଣାମ ହେଉଛି ଏକ ସତ୍ତାସତ୍ୟର ବୀଜ ଏବଂ କେବଳ ଆପଣାର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକରୁହିଁ ନିରୂପିତ ହେଉଥିବା ସେହି ବୀଜର ପରିଣାମ । ଏବଂ ସେଇଥିଲାଗି ଏହି ବିଶ୍ୱର କୌଣସି ବିଧାନ ଏକ ସ୍ୱୟଂସ୍ଥ ଓ ପରମ ବିଧାନ ନୁହେଁ, କାରଣ କେବଳ ସେହି ଅନନ୍ତ ସତ୍ତା ହେଉଛନ୍ତି ସ୍ୱୟଂସ୍ଥ ଓ ପରମ । ଏବଂ ପ୍ରତ୍ୟେକ ବିଷୟଟି ମଧ୍ୟରେ ତାହାର ନିରୂପିତ ରୂପ ଓ ଗତିପଥଟି ବ୍ୟତୀତ ବି ଆହୁରି ଅଶେଷ ସମ୍ଭାବନା ଅନ୍ତର୍ନିହିତ ହୋଇ ରହିଛି । ଆପଣାର ଅନ୍ତର୍ଗତ ଅନନ୍ତ ସ୍ୱତନ୍ତ୍ରତାଦ୍ୱାରା ପରିଚାଳିତ ହୋଇ ପରମ ବିଜ୍ଞାନ ବା ସତ୍ୟକଳ୍ପନା ଆପଣାକୁ ସୀମାସୂଚିତ କରିବାଲାଗି ପ୍ରବୃତ୍ତ ହୋଇଥିବାରୁହିଁ

'oaob.nitrkl.ac.in' images reprocessed

ସେହି ରୂପ ଓ ସେହି ଗତିପଥଟି କେବଳ ସେହିପରି ଭାବରେ ନିରୂପିତ ହୋଇଛି । ଆପଣାକୁ ସୀମା ଭିତରେ ବାନ୍ଧିଦେବାର ଏହି ସାମର୍ଥ୍ୟଟି ସୀମାହୀନ ସର୍ବସତ୍ତ୍ୱମାନ୍ ମଧ୍ୟରେ ଅବଶ୍ୟ ଅନ୍ତର୍ନିହିତ ହୋଇ ରହିଛି । ବହୁବିଚିତ୍ର ସୀମିତତା ମଧ୍ୟରେ ଆପଣାକୁ ପ୍ରକଟ କରିପାରିବାର ସାମର୍ଥ୍ୟ ନଥିଲେ ପରମ ଅନନ୍ତ ସତ୍ତ୍ୱକୁ ଆମେ କଦାପି ପରମ ଅନନ୍ତ ବୋଲି କହିନ୍ତେ ନାହିଁ । ଆପଣାର ଜ୍ଞାନ, ସାମର୍ଥ୍ୟ, ସଙ୍କଳ୍ପ ଓ ଆତ୍ମରୂପାୟନରେ ଆତ୍ମନିରୂପଣର ଅଶେଷ ସମର୍ଥତାରୁ ବଞ୍ଚିତ ରହିଥିଲେ ପରମ ସତ୍ତ୍ୱ କଦାପି ପରମ ହୋଇ ରହି ନଥା'ନ୍ତେ । ତେଣୁ ଆମେ ଅତିମାନସକୁ ପରମ ସତ୍ୟ ଅର୍ଥାତ୍ ପରମ ବିଜ୍ଞାନ ବୋଲି ଜାଣିବା । ସର୍ବମୟ ସକଳ ଶକ୍ତି ଓ ସକଳ ସତ୍ତ୍ୱ ମଧ୍ୟରେ ଏହି ଅତିମାନସ ଅନ୍ତର୍ନିହିତ ହୋଇ ରହିଛି ଏବଂ ପ୍ରୟୋଜନବଶ ଭାବରେ ସ୍ୱୟଂ ଅନନ୍ତରୂପେ ସଦାବସ୍ଥିତ ରହି ଏହି ବିଶ୍ୱରୂପାୟନର ନିରୂପଣ କରିବାରେ ଲାଗିଛି, ତାହାର ସମ୍ବନ୍ଧ, ଶୃଙ୍ଖଳା ଓ ମହାନ୍ ରୂପରେଖଗୁଡ଼ିକୁ ପରସ୍ପର ସହିତ ଆଣି ଯୋଡ଼ିଦେଉଛି ଓ ସେଗୁଡ଼ିକୁ ଧାରଣ କରି ରହିଛି । ବୈଦିକ ଋଷିମାନଙ୍କର ଭାଷାରେ କହିବାକୁ ଗଲେ ସକଳ ନାମର ଅତୀତ ସେହି ଅନିର୍ବଚନୀୟକୁ ଆମେ ଯେପରି ପରମ ସତ୍, ପରମ ଚିତ୍ ଓ ପରମ ଆନନ୍ଦରୂପେ ତିନୋଟି ସର୍ବୋଚ୍ଚ ଓ ଓ ପ୍ରଚ୍ଛନ୍ନ ନାମରେ ଅଭିହିତ କରିପାରିବା, ଠିକ୍ ସେହିଭଳି ଅତିମାନସକୁ ମଧ୍ୟ ତାହାର ଚତୁର୍ଥ ନାମରୂପେ* ଗ୍ରହଣ କରିପାରିବା । ତତ୍ସ୍ୱରୂପକୁ ତାହାର ଅବରୋହଣ-କ୍ରମରେ ଚତୁର୍ଥ, ଏବଂ ଆମ ଲାଗି ଆମର ଆରୋହଣ-କ୍ରମରେ ମଧ୍ୟ ଚତୁର୍ଥ ।

ମାତ୍ର ନିମ୍ନତର ତ୍ରିତତ୍ତ୍ୱର ମନ, ପ୍ରାଣ ଓ ଜଡ଼;—ବିଶ୍ୱସତ୍ତ୍ୱ ଲାଗି ସେଗୁଡ଼ିକର ମଧ୍ୟ ଅପରିହାର୍ଯ୍ୟ ଆବଶ୍ୟକତା ରହିଛି । ଅବଶ୍ୟ ଏହି ପୃଥିବୀରେ ଅର୍ଥାତ୍ ଏହି ଭୌତିକ ବିଶ୍ୱଜଗତରେ ଆମେ ସେଗୁଡ଼ିକର ଯେଉଁ ରୂପ, କ୍ରିୟା ବା ଅବସ୍ଥାଗୁଡ଼ିକ ସହିତ ପରିଚିତ ହୋଇଥାଉ, ସେହି ରୂପ, କ୍ରିୟା କିମ୍ବା ଅବସ୍ଥାରେ ନୁହେଁ, ମାତ୍ର ଯେତେବେଶୀ ପ୍ରଭାସ୍ୱର, ଯେତେବେଶୀ ଶକ୍ତିସମ୍ପନ୍ନ ଅଥବା ସୂକ୍ଷ୍ମ ହେଲେ ମଧ୍ୟ କୌଣସି ନା କୌଣସି ପ୍ରକାର କ୍ରିୟାତ୍ମକ ରୂପରେ ସେଗୁଡ଼ିକର ଅତ୍ୟାବଶ୍ୟକତା ଅବଶ୍ୟ ରହିଛି । ଅତିମାନସର ଯେଉଁ ସାମର୍ଥ୍ୟଟି ମାପି ଦେଇପାରୁଛି ଓ ସୀମାଦ୍ୱାରା ନିରୂପିତ କରିଦେଇ ପାରୁଛି, ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରବିନ୍ଦୁର ଅବସ୍ଥାପନା କରି ସେହିଠାରୁହିଁ ବିଶ୍ୱସ୍ପନ୍ଦନ ଓ ତାହାର ପାରସ୍ପରିକ କ୍ରିୟାବିକ୍ରିୟାଗୁଡ଼ିକୁ ଅବଲୋକନ କରିପାରୁଛି, ମନ କହିଲେ ମୂଳତଃ ଆମେ ସେହି ସାମର୍ଥ୍ୟଟିକୁହିଁ ବୁଝିବା । ହୁଏତ

---

* ତୁରୀୟଂ ସ୍ୱିଦ୍—ତୁରୀୟ ବା ଚତୁର୍ଥ ଏକ ପଦାର୍ଥ; ଏହାକୁ ଚତୁର୍ଥ ଧାମ ବା ସତ୍ତ୍ୱର ଚତୁର୍ଥ ସ୍ଥିତି ବୋଲି ମଧ୍ୟ କୁହାଯାଇଛି ।

'oaob.nitrkl.ac.in' images reprocessed

କୌଣସି ଏକ ଜଗତ୍, ଭୂମି କିମ୍ବା ବିଶ୍ୱବ୍ୟବସ୍ଥାରେ ମନଲାଗି ସୀମାବଦ୍ଧ ହୋଇ ରହିବାର କୌଣସି ଆବଶ୍ୟକତା ନଥିବ, ଅଥବା ଆପଣାର ଏକ ଅଧସ୍ତନ ଶକ୍ତିରୂପେ ମନକୁ କାମରେ ଲଗାଉଥିବା ସତ୍ତ୍ୱା ଅନ୍ୟ କେନ୍ଦ୍ର ତଥା ଦୃଷ୍ଟିର ଅନ୍ୟ ବିନ୍ଦୁଗୁଡ଼ିକରୁ ମଧ୍ୟ ବିଶ୍ୱଜଗତର ଅବଲୋକନ କରିପାରିବାକୁ ଆଦୌ ଅସମର୍ଥ ହୋଇ ପଡ଼ୁ ନଥିବେ, ଅଥବା ସକଳ ଜଗତର ସେହି ଯଥାର୍ଥ ପରମ କେନ୍ଦ୍ରଟିରୁ କିମ୍ବା ବିଶ୍ୱବ୍ୟାପ୍ତ ଆତ୍ମବିସ୍ତାରଣର ବୃହତ୍ତ ଭୂମିଟିରେ ଅବସ୍ଥିତ ରହି ମଧ୍ୟ ସିଏ ବିଶ୍ୱ ଉପରେ ଦୃଷ୍ଟିପାତ କରି ପାରୁଥିବେ;—ଏପରି ଏକ ଅନୁମାନ କରିନେଲେ ମଧ୍ୟ ତଥାପି ଦିବ୍ୟ କ୍ରିୟାତ୍ମକତାର ବିଶିଷ୍ଟ ପ୍ରୟୋଜନ ଦୃଷ୍ଟିରୁ ଆପଣାର ନିଜସ୍ୱ ବିଶିଷ୍ଟ କ୍ଷେତ୍ରଟିରେ ଆପଣାକୁ ଦୃଢ଼ରୂପେ ପ୍ରତିଷ୍ଠିତ କରିପାରିବା ଲାଗି ଯଦି ସାଧାରଣତଃ ତାଙ୍କର କୌଣସି ସାମର୍ଥ୍ୟ ନଥାଏ, ଯଦି କେବଳ ଏକ ସାର୍ବଭୌମ ଆତ୍ମବିସ୍ତାରଣ କିମ୍ବା ଅନନ୍ତ କେନ୍ଦ୍ରମାନହିଁ ରହିଥାଏ, ମାତ୍ର କୌଣସି କେନ୍ଦ୍ରରେ ଆପଣାକୁ ନିରୂପିତ କରି ରଖିବାର ବା ମୁକ୍ତ ଭାବରେ ଆପଣାକୁ ସୀମିତ କରି ରଖିବାର କୌଣସି କ୍ରିୟାତ୍ମକତା ନଥାଏ, ତେବେ ସେପରି କ୍ଷେତ୍ରରେ କୌଣସି ବିଶ୍ୱବ୍ୟବସ୍ଥା ସମ୍ଭବ ହେବ ନାହିଁ ଏବଂ କେବଳ ଏକ ପରମ ସତ୍ତ୍ୱା ଅନନ୍ତକାଳ ଲାଗି ଆପଣା ଭିତରେ ଚିନ୍ତାମଗ୍ନ ହୋଇହିଁ ରହିଥିବେ । ସୃଷ୍ଟି କରିବାର କୌଣସି ନିର୍ଦ୍ଦିଷ୍ଟ କର୍ମରେ ଅଗ୍ରସର ହେବା ପୂର୍ବରୁ କୌଣସି ସୃଷ୍ଟିକାରୀ କିମ୍ବା କବି ଯେପରି ମୁକ୍ତଭାବରେ କେବଳ ଚିନ୍ତାମଗ୍ନ ହୋଇ ରହିଥାଏ, ମାତ୍ର ତାର ଭାବନା ଯେପରି କୌଣସି ବିଶେଷ ରୂପରେଖାର ସହଜତା ଲାଭ କରିନଥାଏ, ଠିକ୍ ସେହିପରି । ସତ୍ତ୍ୱାର କେଉଁ ଅନନ୍ତ ପରିବ୍ୟାପ୍ତି ଭିତରେ ସେହିଭଳି ଏକ ଅବସ୍ଥା ଅବଶ୍ୟ ବର୍ତ୍ତମାନ ରହିଛି ସତ, ମାତ୍ର ଆମ ବୁଝିବାରେ ଆମେ ଏହାକୁ କଦାପି ଏକ ବିଶ୍ୱବ୍ୟବସ୍ଥା ବୋଲି କହିପାରିବା ନାହିଁ । ଏହା ଭିତରେ ହୁଏତ ଯାହାକିଛି ବ୍ୟବସ୍ଥା ଥିବ, ତାହା କେବଳ ଅନିରୂପିତ ଓ ଅନସୃତ ହୋଇ ରହିଥିବ । ଏକ ନିରୂପିତ ବିକାଶ, ପରିମିତ-ନିର୍ଣ୍ଣୟ ଓ ପାରସ୍ପରିକ ସମ୍ବନ୍ଧସକଳର କ୍ରିୟାବିକ୍ରିୟା ଆଡ଼କୁ ପ୍ରବୃତ୍ତ ହେବା ପୂର୍ବରୁ ଅତିମାନସ ଯେଉଁ ଅବସ୍ଥାରେ ରହିଥାଏ, ହୁଏତ ସେହିଥିରୁହିଁ ତାହା ଏପରି ଏକ ଅନିରୂପିତ ବ୍ୟବସ୍ଥାର ସୃଷ୍ଟି କରିପାରିବ । ସେହି ପରିମିତ-ନିର୍ଣ୍ଣୟ ତଥା ପାରସ୍ପରିକ କ୍ରିୟାବିକ୍ରିୟା ଲାଗିହିଁ ମନର ପ୍ରୟୋଜନ ରହିଛି । କେବଳ ଆପଣାକୁ ଅତିମାନସର ଏକ ଗୌଣ ବା ଅଧସ୍ତନ କ୍ରିୟାରୂପେ ଜାଣିବା ବ୍ୟତୀତ ସେତେବେଳେ ଏହି ମନର ହୁଏତ ଆଉ କୌଣସି ପ୍ରକାର ଆତ୍ମସଚେତନତା ନଥିବ, କିମ୍ବା ପାର୍ଥିବ ପ୍ରକୃତିରେ କାର୍ଯ୍ୟକାରୀ ହେଉଥିବା ଓ ଆପଣାକୁ ଏକ କାରାଗାରରେ ଆବଦ୍ଧ କରି ରଖିଥିବା ଅହଂବୋଧର ଆଧାର ଉପରେ ପାରସ୍ପରିକ ସମ୍ବନ୍ଧର କ୍ରିୟାପ୍ରତିକ୍ରିୟାର ବିକାଶ ଲାଗି ମଧ୍ୟ କୌଣସି ପ୍ରୟୋଜନ ନଥିବ ।

'oaob.nitrkl.ac.in' images reprocessed

ମନ ଆସିଲେ ତାହା ସଙ୍ଗେ ପ୍ରାଣ ଓ ବସ୍ତୁର ରୂପ ମଧ୍ୟ ଆସିଯିବ । କାରଣ ଆମେ ପ୍ରାଣକୁ ଚୈତନ୍ୟର ଅନେକ ନିରୂପିତ କେନ୍ଦ୍ରବିନ୍ଦୁରୁ ଶକ୍ତିର ସାମର୍ଥ୍ୟ ଓ କ୍ରିୟା, ତଥା ସମ୍ବନ୍ଧ ଓ କ୍ରିୟାପ୍ରତିକ୍ରିୟାର କେବଳ ବିଶିଷ୍ଟ ପ୍ରକାଶ ବୋଲି ହିଁ ଜାଣିଛୁ । ଏହି କେନ୍ଦ୍ରଗୁଡ଼ିକୁ ଯେ ଦେଶ ଓ କାଳ ମଧ୍ୟରେ ହିଁ ଅବଶ୍ୟ ନିରୂପିତ ହୋଇ ରହିବାକୁ ପଡ଼ିବ, ତାହା ଆଦୌ ନୁହେଁ; ମାତ୍ର ଏକ ବିଶ୍ୱସୌଷମ୍ୟକୁ ଧାରଣ କରି ରହିଥିବା ସେହି ଶାଶ୍ୱତ ପରମ ତତ୍ତ୍ୱର ସତ୍ତ୍ୱସମୂହ ବା ଆତ୍ମରୂପଗୁଡ଼ିକର ଅବିଚ୍ଛିନ୍ନ ସହାବସ୍ଥିତି ମଧ୍ୟରେ ହିଁ ସେହି କେନ୍ଦ୍ରଗୁଡ଼ିକ ନିରୂପିତ ହୋଇ ରହିବେ । ଆମେ ଏଠାରେ ଯେଉଁ ପ୍ରାଣକୁ ଜାଣୁଛୁ ବା କଳ୍ପନା କରିପାରୁଛୁ, ସେହି ପ୍ରାଣ ଏହାଠାରୁ ହୁଏତ ଅତ୍ୟନ୍ତ ଅନ୍ୟପ୍ରକାରର ହୋଇଥିବ; ମାତ୍ର ଏଠାରେ ପ୍ରାଣଶକ୍ତି ରୂପେ ଯେଉଁ ତତ୍ତ୍ୱଟି କାର୍ଯ୍ୟ କରୁଛି, ସେଠାରେ ମଧ୍ୟ ଠିକ୍ ସେହି ତତ୍ତ୍ୱଟି କାର୍ଯ୍ୟ କରୁଥିବ । ପ୍ରାଚୀନ ଭାରତୀୟ ଦାର୍ଶନିକମାନେ ଏହି ତତ୍ତ୍ୱଟିକୁ ପ୍ରାଣ ବା ବାୟୁ ବୋଲି କହିଯାଇଛନ୍ତି । ଜୀବନର ଉପାଦାନରୂପେ ଏହି ପ୍ରାଣ, ବସ୍ତୁ ମଧ୍ୟରେ ରହିଥିବା ସଙ୍କଳ୍ପ ଓ ବିଶ୍ୱମୟ ଶକ୍ତିସମ୍ପନ୍ନତାହିଁ ନିର୍ଦ୍ଦିଷ୍ଟ ରୂପ, କ୍ରିୟା ଏବଂ ସଚେତନ ଗତିଶୀଳତାକୁ ପ୍ରକାଶିତ କରୁଛି । ଭୌତିକ ରୂପ କହିଲେ ଆମେ ସାଧାରଣତଃ ତାହାର ଅର୍ଥକୁ ଯେଉଁ ଦୃଷ୍ଟିରେ ଗ୍ରହଣ କରିଥାଉ, ସେଠାରେ ବସ୍ତୁ ମଧ୍ୟ ତା'ଠାରୁ ଭିନ୍ନରୂପେ ଅବସ୍ଥିତ ରହିଥିବ; ହୁଏତ ଅଧିକ ସୂକ୍ଷ୍ମ ହୋଇଥିବ, ଆତ୍ମବିଭାଜନ ଓ ପାରସ୍ପରିକ ପ୍ରତିରୋଧର ସ୍ୱ ସ୍ୱଭାବଗତ ଧର୍ମରେ ଏହା ହୁଏତ ସେତେ କଠୋର ଭାବରେ ବନ୍ଧା ହୋଇ ରହି ନଥିବ । ସେଠାରେ ଦେହ ବା ରୂପ ହୁଏତ ଏକ ବନ୍ଦୀଶାଳା ନହୋଇ ଏକ ସାଧନ ବା ଯନ୍ତ୍ର ହୋଇ ରହିଥିବ । ତଥାପି ବିଶ୍ୱବ୍ୟବସ୍ଥାଗତ କ୍ରିୟା ଓ ପ୍ରତିକ୍ରିୟା ଲାଗି ରୂପ ତଥା ଉପାଦାନର ନିରୂପଣ ସର୍ବଦା କେତେକାଂଶରେ ଅବଶ୍ୟ ଆବଶ୍ୟକ ହେଉଥିବ । ଏପରିକି ଏହା କେବଳ ଏକ ମନୋମୟ ରୂପ ଅଥବା ମୁକ୍ତତମ ମନୋମୟ ରୂପଠାରୁ ଆହୁରି ଅଧିକ ଜ୍ୟୋତିର୍ମୟ, ସୂକ୍ଷ୍ମ ଏବଂ ମୁକ୍ତ ଓ ସାମର୍ଥ୍ୟଶୀଳଭାବରେ ପ୍ରତ୍ୟୁତ୍ତରକ୍ଷମ ଆଉ କିଛି ହୋଇଥିଲେ ମଧ୍ୟ ଏହି ନିରୂପଣ ତଥାପି ଆବଶ୍ୟକ ହେଉଥିବ ।

ଅର୍ଥାତ୍ ଯେଉଁଠାରେ ବିଶ୍ୱବ୍ୟବସ୍ଥା ରହିଛି, ସେଠାରେ ଏହି ସାତୋଟିଯାକ ତତ୍ତ୍ୱ ମଧ୍ୟ ଅବସ୍ଥିତ ରହିଛି । ଏପରିକି ଯଦି ପ୍ରଥମ ଅବସ୍ଥାରେ କେବଳ ଗୋଟିଏ ତତ୍ତ୍ୱହିଁ ଦୃଶ୍ୟ ହେଉଛି, ଏବଂ ପ୍ରଥମ ଅବସ୍ଥାରେ ଯଦି ତାହାହିଁ ବିଶ୍ୱବିଷୟର ଏକମାତ୍ର ନିହିତ ତତ୍ତ୍ୱ ବୋଲି ବୋଧ ହେଉଛି ଏବଂ ହୁଏତ ପରବର୍ତ୍ତୀ ପର୍ଯ୍ୟାୟରେ ବିଶ୍ୱରେ ଆବିର୍ଭୂତ ହେଉଥିବା ଅନ୍ୟ ଯାବତୀୟ ତତ୍ତ୍ୱ ଓ ବିଷୟ କେବଳ ଏହି ପ୍ରଥମଟିରହିଁ ରୂପ ଓ ପରିଣାମ ବୋଲି ମନେହେଉଛି ଓ ବିଶ୍ୱର ତିଷ୍ଠିରହିବା ଲାଗି ସେଗୁଡ଼ିକ

'oaob.nitrkl.ac.in' images reprocessed

ପ୍ରକୃତରେ ଅପରିହାର୍ଯ୍ୟ ବୋଲି ଆଦୌ ମନେହେଉ ନାହିଁ, ତେବେ ବୁଝିବାକୁ ହେବ ସତ୍ତ୍ୱ ଏହି କ୍ଷେତ୍ରରେ କେବଳ ଭ୍ରାନ୍ତିର ମୁଖାଟିଏ ପିନ୍ଧି ଆମ ସମ୍ମୁଖରେ ଦଣ୍ଡାୟମାନ ରହିଛି ଓ ଯଥାର୍ଥ ସତ୍ୟଟିକୁ ଆମଠାରୁ ଅନ୍ତରାଳ କରି ରଖିଛି । ଯେଉଁଠି ବିଶ୍ୱବ୍ୟବସ୍ଥାରେ କେବଳ ଗୋଟିଏ ତତ୍ତ୍ୱର ପ୍ରକାଶ ଘଟିଛି, ସେଠାରେ ଯେ ଅନ୍ୟ ଗୁଡ଼ିକ ମଧ୍ୟ ଅବଶ୍ୟ ଅବସ୍ଥିତ ରହିଛନ୍ତି କିମ୍ବା ନିଷ୍କ୍ରିୟ ଭାବରେ ଅନ୍ତର୍ନିହିତ ଅଛନ୍ତି, ତାହା ନୁହେଁ, ସେଗୁଡ଼ିକ ପ୍ରଚ୍ଛନ୍ନ ରହି କାର୍ଯ୍ୟ କରିବାରେ ବି ଲାଗିଛନ୍ତି । କୌଣସି ଏକ ନିର୍ଦ୍ଦିଷ୍ଟ ଜଗତରେ ଏହାର ସମଗ୍ର ଭୂମି ଓ ସତ୍ତ୍ୱସୌଷମ୍ୟରେ ହୁଏତ ସାତୋଟିଯାକ ତତ୍ତ୍ୱ ପ୍ରକାଶିତ ରୂପରେ ଅବସ୍ଥିତ ରହିଛନ୍ତି; ଏହାର ସ୍ୱକୀୟ କ୍ରିୟାତ୍ମକତାର ଉଚ୍ଚତର କିମ୍ବା ନିମ୍ନତର ଭୂମିରେ ଏଗୁଡ଼ିକ ବିଭିନ୍ନଭାବେ ଅବସ୍ଥିତ ରହିଛନ୍ତି । ହୁଏତ ଆଉ କେଉଁ ଜଗତରେ ସେଗୁଡ଼ିକ ଏକାଠି ଗୋଟିକ ଭିତରେ ସମ୍ବୃତ ରହିଛନ୍ତି ଓ ସେହି ଗୋଟିକ ତତ୍ତ୍ୱହିଁ ସେହି ଜଗତର ବିବର୍ତ୍ତନରେ ପ୍ରଥମ ଓ ମୂଳଭୂତ ତତ୍ତ୍ୱରୂପେ କାର୍ଯ୍ୟକାରୀ ହେଉଛି । ମାତ୍ର ସେଥି ସହିତ ସମ୍ବୃତ ତତ୍ତ୍ୱଗୁଡ଼ିକର ବିବର୍ତ୍ତନ ମଧ୍ୟ ଲାଗିରହିଛି । କେବଳ ଗୋଟିଏ ଶକ୍ତିଭିତରେହିଁ ଅନ୍ୟଗୁଡ଼ିକୁ ସମ୍ବୃତ ରଖି ଆପାତ ଦୃଷ୍ଟିରେ ଯେଉଁ ବିଶ୍ୱର କ୍ରିୟା ଆରମ୍ଭ ହେଉଛି, ସେଠାରେ ମଧ୍ୟ ଦିନେ ନା ଦିନେ ସତ୍ତ୍ୱର ସାତୋଟିଯାକ ଶକ୍ତି ବିକଶିତ ହୋଇଉଠିବେ, ସେଠାରେ ମଧ୍ୟ ସେହି ବିଶ୍ୱର ନିୟତିରୂପେ ସପ୍ତରଶ୍ମି ବିଶିଷ୍ଟ ପରମ ନାମଟି ଉପଲବ୍ଧ ହେବ* । ତେଣୁ ଆପଣାର ସ୍ୱଭାବଦ୍ୱାରା ପରିଚାଳିତ ହୋଇହିଁ ଏହି ଭୌତିକ ବିଶ୍ୱଜଗତ ଆପଣାର ପ୍ରଚ୍ଛନ୍ନ ପ୍ରାଣସ୍ତରରୁ ପ୍ରକାଶିତ ପ୍ରାଣସ୍ତରକୁ ବିବର୍ତ୍ତିତ ହେବାକୁ ବାଧ୍ୟ ହୋଇଛି, ଆପଣାର ପ୍ରଚ୍ଛନ୍ନ ମନଃସ୍ତରରୁ ପ୍ରକାଶିତ ମନସ୍ତରକୁ ବି ବିବର୍ତ୍ତିତ ହେବାକୁ ବାଧ୍ୟ ହୋଇଛି; ଏବଂ ସେହି ସ୍ୱଭାବଦ୍ୱାରା ପ୍ରେରିତ ଓ ପରିଚାଳିତ ହୋଇ ସେ ଦିନେ ଆପଣାର ପ୍ରଚ୍ଛନ୍ନ ଅତିମାନସ ସ୍ତରରୁ ପ୍ରକାଶିତ ଅତିମାନସ ସ୍ତରକୁ ମଧ୍ୟ ବିବର୍ତ୍ତିତ ହୋଇ ଆସିବାକୁ ବାଧ୍ୟ ହେବ, ଏବଂ ଆପଣା ଭିତରେ ପ୍ରଚ୍ଛନ୍ନ ରହିଥିବା ସଚ୍ଚିଦାନନ୍ଦର ସ୍ତରରୁ ସଚ୍ଚିଦାନନ୍ଦରୂପୀ ଦିବ୍ୟଭାବର ଗୌରବୋଜ୍ଜ୍ୱଳ ମହିମାକୁ ବି ପ୍ରକାଶିତ କରିଦେବ । ଏହି କ୍ଷେତ୍ରରେ କେବଳ ଗୋଟିଏ ମାତ୍ର ପ୍ରଶ୍ନ ରହିଛି; ଆମର ଏହି ପୃଥିବୀ ସେହି ମହିମାମୟ ସୃଷ୍ଟିର ଏକ କ୍ଷେତ୍ରରୂପେ ବ୍ୟବହୃତ ହେବ କି ? ଅର୍ଥାତ୍ ଏହି ପୃଥିବୀର କିମ୍ବା ଆଉ ଅନ୍ୟ କୌଣସି ପୃଥିବୀର ମନୁଷ୍ୟ ମହାକାଳର ବିରାଟ ଆବର୍ତ୍ତନ ମଧ୍ୟରେ

---

* ଏକଥା ବି ସମ୍ଭବ ହୋଇପାରେ ଯେ କୌଣସି ଏକ ବିଶେଷ ଜଗତରେ ଅନ୍ୟ ତତ୍ତ୍ୱଗୁଡ଼ିକ ଗୋଟିଏ ତତ୍ତ୍ୱ ଭିତରେ ସମ୍ବୃତ ହୋଇ ନରହି ହୁଏତ କେବଳ ତାହାର ଅଧସ୍ତନ ହୋଇ ରହିବେ କିମ୍ବା ଗୋଟିକ ଭିତରେ କେବଳ ଅନ୍ତର୍ଗତ ହୋଇ ରହିବେ । ସେପରି ଏକ ଜଗତରେ ବିବର୍ତ୍ତନ ଲାଗି ଆଉ କୌଣସି ଅବଶ୍ୟକତାହିଁ ନଥିବ ।

'oaob.nitrkl.ac.in' images reprocessed

ଅବସ୍ଥିତ ଏହି ଯୁଗଟିରେ ଅଥବା ଅନ୍ୟ ଆଉକେଉଁ ଯୁଗରେ ସେହି ମହାନ୍ ଘଟଣାର ସାଧନ ଓ ବାହନରୂପେ ବ୍ୟବହୃତ ହୋଇପାରିବ କି ? ପ୍ରାଚୀନ ସତ୍ୟଦ୍ରଷ୍ଟାମାନେ ମନୁଷ୍ୟର ଏହି ସମ୍ଭାବନାଟିରେ ବିଶ୍ୱାସ ରଖିଥିଲେ ଏବଂ ଏହାକୁହିଁ ତାହାର ଦିବ୍ୟ ଓ ଈଶ୍ୱରନିର୍ଦ୍ଦିଷ୍ଟ ନିୟତି ବୋଲି ଘୋଷଣା କରିଥିଲେ । ଆଧୁନିକ ବିଚାରକମାନେ ହୁଏତ ଏହାର କଳ୍ପନାହିଁ କରିପାରୁ ନାହାନ୍ତି, ଅଥବା କଳ୍ପନା କରିପାରିଲେ ମଧ୍ୟ ତାହାକୁ ଅସ୍ୱୀକାର କରୁଛନ୍ତି ଓ ସେହି ବିଷୟରେ ସଂଶୟ ପ୍ରକଟ କରୁଛନ୍ତି । ଅତିମାନସର କୌଣସି ଦୂରକଳ୍ପନାକୁ ଆପଣାର ଆଖି ଆଗରେ ଉପସ୍ଥାପିତ କଲାବେଳେ ଆଧୁନିକ ବିଚାରକ ତାହାକୁ ମନୋମୟ ତଥା ପ୍ରାଣମୟ ଭୂମିର କେବଳ ଏକ ବହୁଗୁଣିତ ବୃହତ୍ତର ସଂସ୍କରଣରୂପେହିଁ ଦେଖିବାକୁ ପାଉଛି । ଏହାଛଡ଼ା ଆଉ କୌଣସି ଆବିର୍ଭାବ କିମ୍ବା ବିବର୍ତ୍ତନ ସମ୍ଭବ ବୋଲି ସେ ସ୍ୱୀକାର କରିପାରୁ ନାହିଁ, ମନ ତଥା ପ୍ରାଣର ସୀମାକୁ ଅତିକ୍ରମ କରି ସେ ଆଉ କିଛିହେଲେ ଦେଖିପାରୁ ନାହିଁ । କାରଣ ଖାସ୍ ଏହି ସୀମାଗୁଡ଼ିକହିଁ ଏପର୍ଯ୍ୟନ୍ତ ଆମଲାଗି ଆମର ସୀମା ଓ ବିଚରଣବ୍ୟୂହଟିକୁ ଅଙ୍କିତ କରିଦେଇ ଆସିଛନ୍ତି । ପ୍ରଗତିଧର୍ମୀ ଏହି ପୃଥିବୀରେ, ଯେଉଁଠି କି ଏହି ମନୁଷ୍ୟପ୍ରାଣୀର ଚିତ୍ତ ଭିତରେ ଦିବ୍ୟ ଜ୍ୟୋତିର ଏକ କଣାକୁ ପ୍ରଜ୍ୱଳିତ କରି ରଖାଯାଇଛି, ସେଠି କେବଳ ସେହି ଊର୍ଦ୍ଧ୍ୱାଭିମୁଖୀ ଉଚ୍ଚତର ଆକାଙ୍କ୍ଷାଟିକୁ ଆପଣା ଭିତରେ ସନ୍ଦୀପିତ ରଖିହିଁ ଆମେ ଯଥାର୍ଥ ପ୍ରଜ୍ଞାର ପରିଚୟ ଦେଇପାରିବା । ମାତ୍ର ସେହି ଆକାଙ୍କ୍ଷାଟିକୁ ଅସ୍ୱୀକାର କଲେ କିମ୍ବା ଆମ ଜୀବନପ୍ରୟାସର ଏହି ମଧ୍ୟବର୍ତ୍ତୀ ଘରଟିକୁ ଆକାର ଦେଇ ରଖିଥିବା ଆପାତ ସମ୍ଭାବନାର ସେହି ଅପ୍ରଶସ୍ତ ପ୍ରାଚୀରଗୁଡ଼ିକ ଭିତରେହିଁ ଆପଣାକୁ ବନ୍ଦୀ ରଖିଥିବା ଆଶାଟିକୁହିଁ ଆମ ସକଳ ଆଶାର ଏକମାତ୍ର ଭୂମିରୂପେ ଗ୍ରହଣ କରିନେଲେ ଆମେ ନିଜକୁହିଁ ଉପେକ୍ଷିତ କରି ରଖିବା । ଆଧ୍ୟାତ୍ମିକ ସାଧନା ଓ ସନ୍ଧାନର କ୍ଷେତ୍ରରେ ଆପଣାର ଦୃଷ୍ଟି ଓ ଆକାଙ୍କ୍ଷାକୁ ଆମେ ଯେତେ ଉଚ୍ଚ କରି ରଖିପାରିବା, ଆମେ ଜୀବନ ଭିତରକୁ ଓହ୍ଲାଇ ଆସିବା ଲାଗି ଖୋଜୁଥିବା ସତ୍ୟଟିକୁ ଆମେ ସେତିକି ମହିମାନ୍ୱିତ କରିପାରିବା । କାରଣ ସେହି ସତ୍ୟ ଅନାଦିକାଳରୁହିଁ ଆମର ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି, ଏବଂ ବ୍ୟକ୍ତ ପ୍ରକୃତିର ଆବରଣ ତଳୁ ମୁକ୍ତ ହୋଇ ଆସିବା ଲାଗି ନିରନ୍ତର ଆହ୍ୱାନ ଜଣାଉଛି ।

'oaob.nitrkl.ac.in' images reprocessed

ଅଷ୍ଟବିଂଶ ପରିଚ୍ଛେଦ

# ଅତିମାନସ, ମାନସ ଓ ଅଧିମାନସୀ ମାୟା

ଋତେନ ଋତମପିହିତଂ ଧ୍ରୁବଂ ବାଂ ସୂର୍ଯ୍ୟସ୍ୟ ଯତ୍ର ବିମୁଚନ୍ତ୍ୟଶ୍ୱାନ୍ ।
ଦଶ ଶତା ସହ ତସ୍ଥୁସ୍ତଦେକଂ ଦେବାନାଂ ଶ୍ରେଷ୍ଠଂ ବପୁଷାମପଶ୍ୟମ୍ ॥

—ଋକ୍‌ବେଦ, ୫।୬୨।୧

ଋତଦ୍ୱାରା ଋତ ବା ଧ୍ରୁବ ଅପିହିତ ହୋଇ ରହିଛି, ଯେଉଁଠାରେ କି ସୂର୍ଯ୍ୟ ତାଙ୍କର ଅଶ୍ୱମାନଙ୍କୁ ବିମୁକ୍ତ କରି ଦେଉଛନ୍ତି । ସେହି ସୂର୍ଯ୍ୟର ସହସ୍ର କିରଣ ଏକତ୍ର ହେଲେ, —ତାହାହିଁ ତତ୍, ତାହାହିଁ ଏକ । ମୁଁ ଶ୍ରେଷ୍ଠ ଦେବମୂର୍ତ୍ତିକୁ ଦେଖିବାକୁ ପାଇଲି ।

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ତତ୍ ତ୍ୱଂ ପୂଷନ୍ ଅପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ॥
ପୂଷନ୍ନେକର୍ଷେ····· ବ୍ୟୂହ ରଶ୍ମୀନ୍ ସମୂହ ।
···ଯତ୍ତେ ରୂପଂ କଲ୍ୟାଣତମଂ ତତ୍ତେ ପଶ୍ୟାମି ।
ଯୋଽସାବସୌ ପୁରୁଷଃ ସୋଽହମସ୍ମି ॥

—ଈଶୋପନିଷଦ, ୧୫ଶ ଓ ୧୬ଶ ଶ୍ଳୋକ

ଏକ ହିରଣ୍ମୟ ପାତ୍ରଦ୍ୱାରା ସତ୍ୟର ମୁଖ ଅପିହିତ ହୋଇ ରହିଛି । ପୋଷଣକାରୀ ହେ ସୂର୍ଯ୍ୟ ! ତୁମେ ସେହି ପାତ୍ରଟିକୁ ଅପାବୃତ କର, ଅପସାରିଇ ଦିଅ; ସତ୍ୟଧର୍ମ ଓ ଦୃଷ୍ଟିର ପଥକୁ ଉନ୍ମୋଚିତ କର । ହେ ସୂର୍ଯ୍ୟ, ହେ ଏକର୍ଷି, ତୁମର ରଶ୍ମିସମୂହକୁ ତୁମେ ବ୍ୟୂହ ଭିତରକୁ ଠେଲି କରିଅଣ । ମୁଁ ତୁମର କଲ୍ୟାଣତମ ରୂପଟିକୁହିଁ ଦେଖିବାକୁ ଚାହୁଁଛି । ସେଇ ଯେଉଁ ଚୈତନ୍ୟମୟ ପୁରୁଷ ସର୍ବତ୍ର ବ୍ୟାପ୍ତ ହୋଇ ରହିଛନ୍ତି, ତାହାହିଁ ମୁଁ ।

ସତ୍ୟଂ ଋତଂ ବୃହତ୍··· ।

—ଅଥର୍ବବେଦ, ୧୨।୧।୧

ସତ୍ୟ······ଋତ······ବୃହତ୍ ।

'oaob.nitrkl.ac.in' images reprocessed

ଅଭବତ୍‌...ସତ୍ୟଂ ଚାନୃତଂ ଚ ସତ୍ୟମଭବତ୍‌ । ଯଦିଦଂ କିଂ ଚ ॥

—ତୈତ୍ତିରୀୟ ଉପନିଷଦ, ୨ । ୬

ତାହା ସତ୍ୟ ଓ ଅନୃତ ଉଭୟ ଆକାର ଧାରଣ କଲେ । ସେ ସତ୍ୟରୂପେ ଅବିର୍ଭୂତ ହେଲେ; ଏଇ ଯାହାକିଛି ରହିଛି, ସିଏ ସବୁ ହେଲେ ।

ଆମ ଆଲୋଚନାରେ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବା ଗୋଟିଏ ବିଷୟକୁ ସ୍ପଷ୍ଟରୂପେ ବୁଝାଇଦେବା ତଥାପି ବାକି ରହିଯାଇଛି । ସେହି ବିଷୟଟି ହେଉଛି : ଶୁଦ୍ଧ ପରମତତ୍ତ୍ୱ ସଚ୍ଚିଦାନନ୍ଦ ଏହି ଅଜ୍ଞାନ ବା ଅବିଦ୍ୟା ଭିତରକୁ କିପରି ସ୍ଖଳିତ ହୋଇ ପଡ଼ିଲେ ? କାରଣ ଆମେ ଦେଖିସାରିଛୁ ଯେ ମନ, ପ୍ରାଣ ତଥା ଜଡ଼ର ମୂଳସ୍ୱଭାବ ମଧ୍ୟରେ ଏପରି କୌଣସି ପଦାର୍ଥ ନାହିଁ ଯାହାକି ପରମ ଜ୍ଞାନରୁ ଏକ ସ୍ଖଳନକୁ ଅବଶ୍ୟମ୍ଭାବୀ କରି ଦେଉଛି । ଏକଥା ମଧ୍ୟ ପ୍ରତିପାଦିତ ହୋଇସାରିଛି ଯେ ଚେତନା ଖଣ୍ଡିତ ଓ ବିଭାଜିତ ହୋଇପଡ଼ିବାରୁହିଁ ଅଜ୍ଞାନର ସୃଷ୍ଟି ହେଉଛି । ବିଶ୍ୱଚେତନା ଓ ବିଶ୍ୱୋତ୍ତର ଚେତନାରୁ ବ୍ୟକ୍ତିଚେତନା ଖଣ୍ଡିତ ଓ ବିଚ୍ଛିନ୍ନ ହୋଇପଡ଼ୁଛି ; ମାତ୍ର ଅସଲ ଅର୍ଥରେ ଦେଖିଲେ ବ୍ୟକ୍ତିଚେତନା ତଥାପି ତାହାର ଏକ ଘନିଷ୍ଠ ଅଙ୍ଗ ହୋଇ ରହିଛି, ତାହାଠାରୁ ଅବିଚ୍ଛିନ୍ନ ହୋଇ ରହିଛି । ଯଥାର୍ଥତଃ ଅତିମାନସର ଏକ ଗୌଣ କ୍ରିୟାରୂପେ କାର୍ଯ୍ୟ କରୁଥିଲେହେଁ ମନ ଅତିମାନସ ସତ୍ୟରୁ ବିଭକ୍ତ ଓ ବିଚ୍ଛିନ୍ନ ହୋଇଯାଉଛି । ମୂଳସ୍ଥ ଆଦିଶକ୍ତିର ଏକ ଶକ୍ତିରୂପ ବିଭୂତି ହୋଇଥିଲେ ମଧ୍ୟ ପ୍ରାଣ ସେହି ଆଦିଶକ୍ତିଠାରୁ ବିଭକ୍ତ ହୋଇପଡ଼ୁଛି, ମୂଳ ସଦ୍‌ବସ୍ତୁର କେବଳ ଏକ ଅନ୍ୟତମ ବସ୍ତୁରୂପ ହୋଇଥିଲେ ମଧ୍ୟ ଜଡ଼ ସେହି ସଦ୍‌ବସ୍ତୁରୁ ବିଚ୍ଛିନ୍ନ ହୋଇଯାଉଛି, ମାତ୍ର ଅବିଭାଜ୍ୟ ମଧ୍ୟରେ ଏହି ବିଭାଜନବୃତ୍ତିଟିର କିପରି ସଞ୍ଚାର ହେଲା, ପରମସତ୍ତା ମଧ୍ୟରେ ପରମା ଚିତ୍‌ଶକ୍ତିର କେଉଁ ବିଶେଷ ଆତ୍ମ-ସଙ୍କୋଚକାରୀ ବା ଆତ୍ମବିଲୟକାରୀ କ୍ରିୟାଟି ଫଳରେ ତାହା ଘଟିଲା, ଏହି କଥାଟିକୁ ପରିଷ୍କାର କରିଦେବା ତଥାପି ବାକି ରହିଛି । କାରଣ ଯଦି ସକଳ ବିଶ୍ୱଜଗତ୍‌ କେବଳ ସେହି ପରମାଶକ୍ତିର ଗତିସ୍ପନ୍ଦନ ମାତ୍ର ହୁଏ, ତେବେ ଆପଣାର ସମ୍ପୂର୍ଣ୍ଣ ଆଲୋକ ଓ ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଲୁକ୍‌କାୟିତ କରି ରଖୁଥିବା କେବଳ ଏହିପରି କୌଣସି କ୍ରିୟାଦ୍ୱାରାହିଁ ଏହି ସଂଘଟିତ ଅଜ୍ଞାନର ଗତିଶୀଳ ଓ ପ୍ରଭାବାତ୍ମକ ପ୍ରସଙ୍ଗଟିର ଆବିର୍ଭାବ ଲାଗି ହୁଏତ କୌଣସି ଅବସର ସୃଷ୍ଟି ହୋଇଥିବ । ମାତ୍ର ଆମ ଚେତନାକୁ ଆଲୋକ ଓ ଅନ୍ଧକାରର ଏକ ତରଳତଣ୍ଡୁଳରୂପୀ ସମ୍ମିଶ୍ରଣ କରି ରଖିଥିବା, ଅତିମାନସ ସତ୍ୟର ପରିପୂର୍ଣ୍ଣ ଦିବାଲୋକ ଏବଂ ଭୌତିକ ଅଜ୍ଞାନରାତ୍ରିର ଘନତମିସ୍ରା ମଧ୍ୟରେ ଏକ ଅଧାଆଲୁଅ ଓ ଅଧାଅନ୍ଧାରରେ ପରିଣତ କରି ରଖିଥିବା ଜ୍ଞାନ ଓ ଅଜ୍ଞାନର ଦ୍ୱୈତ ଜଗଦ୍‌ବ୍ୟାପାରଟିକୁ ଅଧିକ ବିଶଦ ଭାବରେ ପରୀକ୍ଷା କରି ଦେଖିବାପର୍ଯ୍ୟନ୍ତ ଆମେ

'oaob.nitrkl.ac.in' images reprocessed

ଉକ୍ତ ସମସ୍ୟାଟିର ଆଲୋଚନାଟିକୁ ଗଡ଼ାଇ ରଖିବା । ବର୍ତ୍ତମାନ କେବଳ ଏତିକ ଉଲ୍ଲେଖ କରି ରଖିବାକୁ ପଡ଼ିବ ଯେ ପରମ ଚିତ୍ସତ୍ତାର କେବଳ ଗୋଟିଏ ଗତିସ୍ପନ୍ଦନ ଓ ଗୋଟିଏ ଅବସ୍ଥା ଉପରେ ଅତିଶକ୍ତ ଜୋର୍ ଦେବାଦ୍ୱାରାହିଁ ଏବଂ ଆପଣାର ଦୃଷ୍ଟିକୁ ତାହାରି ଉପରେ ଅତିଶକ୍ତ କେନ୍ଦ୍ରିତ କରି ରଖିବାଦ୍ୱାରାହିଁ ମୂଳତଃ ଏହି ସମସ୍ୟାଟି ଦେଖାଦେଉଛି ; ଏପରି ଏକ ଏକଦର୍ଶୀ ଅଭିନିବେଶ ଦ୍ୱାରା ଚେତନା ଓ ସତ୍ତାର ଅବଶିଷ୍ଟ ସକଳ କ୍ଷେତ୍ର କେବଳ ଅନ୍ତରାଳରେ ରହିଯାଉଛି ଏବଂ କେବଳ ଗୋଟିଏ ଗତିସ୍ପନ୍ଦନକୁ ଅନୁଭବ କରିବାକୁ ଜାତ ହେଉଥିବା ବର୍ତ୍ତମାନର ଆଂଶିକ ଖଣ୍ଡଜ୍ଞାନରୁ ତାହା ଲୁକ୍କାୟିତ ହୋଇ ରହୁଛି ।

ତଥାପି ସମସ୍ୟାଟିର ଗୋଟିଏ ଦିଗକୁ ଆଶୁ ବିଚାର କରିବାକୁ ପଡ଼ିବ । ମୂଳତଃ ମନ ହେଉଛି ଅତିମାନସ ଋତଚିତ୍ର ଏକ ଗୌଣ ପ୍ରକ୍ରିୟା ମାତ୍ର,—ସେକଥା ଆମେ ଆଗରୁ ଆଲୋଚନା କରି ଦେଖିଛୁ । ଏହି ଅତିମାନସ ଋତଚିତ୍ ଓ ଆମର ପରିଚିତ ମନଟି ଭିତରେ ଯେଉଁ ବ୍ୟବଧାନ ବା ଖାଇଟି ସୃଷ୍ଟି ହୋଇ ରହିଛି, ଏଠାରେ ଆମେ ତାହାରି ବିଚାର କରିବା । କାରଣ ଏହା ଏକ ଦୀର୍ଘ ବ୍ୟବଧାନ, ଏବଂ ଚେତନାର ଏହି ଦୁଇଟି ସ୍ତର ମଧ୍ୟରେ ଯଦି କୌଣସି ପ୍ରକାର ସୋପାନକ୍ରମ ବି ନଥାଏ, ତେବେ ଜଡ଼ ଭିତରକୁ ବିଶୁଦ୍ଧ ଆତ୍ମାର ଅବତରଣକାଳୀନ ଫଳୁଚିବେଳେ ଅଥବା ଶୁଦ୍ଧ ଆତ୍ମା ଭିତରକୁ ଲେଉଟି ଯାଉଥିବା ଲୁକ୍କାୟିତ ସ୍ତରଗୁଡ଼ିକର ଜଡ଼ଧାରାରେ ବିବର୍ତ୍ତନର ତଦନୁବାଚୀ ପର୍ଯ୍ୟାୟଟି ସଂଘଟିତ ହେଉଥିବାବେଳେ ଗୋଟିକରୁ ପାର ହୋଇ ଅନ୍ୟଟିରେ ପ୍ରବେଶ କରିବାଟା ଅସମ୍ଭବ ନହେଲେ ମଧ୍ୟ ନିଶ୍ଚୟ ଅତ୍ୟନ୍ତ ଅସାଧ୍ୟ ବୋଲି ମନେହେବ । ମନକୁ ଆମେ ସତ୍ୟର ସନ୍ଧାନ କରୁଥିବା ଅଜ୍ଞାନର ଏକ ଶକ୍ତି ବୋଲି ଜାଣିଛୁ ; ସତ୍ୟକୁ ଲୋଡ଼ୁଥିବା ଏହି ଅଜ୍ଞାନ କେତେ ଆୟାସ ସହକାରେ ପଥ ଖୋଜିବାରେ ଲାଗିଛି; ଆପଣାର ଧାରଣା ମଧ୍ୟରେ ସେ ଯାହାସବୁ ପାଉଛି କିମ୍ବା ବାକ୍ୟଦ୍ୱାରା ଯାହାସବୁ ପ୍ରକାଶ କରୁଛି, ସେସବୁ କେବଳ ମନଦ୍ୱାରା ରଚିତ ସତ୍ୟର ପୁତ୍ତଳିକା ମାତ୍ର, ମନ ଓ ଇନ୍ଦ୍ରିୟବୋଧର ତୂଳିକାଦ୍ୱାରା ଟଣା ହୋଇଥିବା ରେଖାଙ୍କିତ ଛବିମୟତା ମାତ୍ର । ଏସବୁ ଦ୍ୱାରା ସେ ଯାହାକିଛି ପାଉଛି, ତାହାକୁ ଆମେ କେବଳ ଅତିଦୂରର କୌଣସି ସତ୍ୟବସ୍ତୁର ଝଲମଲ ଅଥବା ଅସ୍ପଷ୍ଟ ଛାୟାଚିତ୍ର ବ୍ୟତୀତ ଆଉ କିଛି ଅଧିକ ବୋଲି କଦାପି କହି ପାରିବା ନାହିଁ । ଅପର ପକ୍ଷରେ ଅତିମାନସ ସତ୍ୟର ଯଥାର୍ଥ ଓ ସ୍ୱାଭାବିକ ଅଧିକାରୀ ହୋଇ ରହିଛି, ତେଣୁ ଏହାର ରଚନାଗୁଡ଼ିକୁ ଆମେ ନିଃସନ୍ଦେହ ଭାବରେ ସତ୍ୟର ରୂପ ବୋଲି କହିପାରିବା, କେବଳ ଖିଆଲଦ୍ୱାରା ଗଢ଼ା ହୋଇଥିବା ଛବି କିମ୍ବା ପ୍ରତିବିମ୍ବ ବୋଲି କହି ଉଡ଼ାଇ ଦେଇପାରିବା ନାହିଁ । ଏକଥା ସତ ଯେ

'oaob.nitrkl.ac.in' images reprocessed

ଏହି ପ୍ରାଣ ଓ ଦେହର ତମସାଚ୍ଛନ୍ନତା ଭିତରେ ବନ୍ଦୀ ହୋଇ ରହିଛି ବୋଲି ଆମର ଏହି କ୍ରମବିକାଶମାନ ମନ ବଡ଼ ବାଧାପ୍ରାପ୍ତ ହୋଇ ରହିଛି, ଏବଂ ସବୃଦ୍ଧକାଳୀନ ଅବତରଣର ଉଚ୍ଚତର ସାମର୍ଥ୍ୟସମ୍ପନ୍ନ ମୂଳ ମନଃସ୍ତରଗୁଡ଼ିକ ଭିତରୁ ଏପର୍ଯ୍ୟନ୍ତ ଆମର ପହଞ୍ଚ ଭିତରକୁ ଆସି ନାହିଁ । ସେହି ମୂଳ ମନଟି ଆପଣା କ୍ଷେତ୍ରରେ ସମ୍ପୂର୍ଣ୍ଣ ମୁକ୍ତ ଓ ସ୍ୱତନ୍ତ୍ର ରହି କାର୍ଯ୍ୟ କରିପାରେ, ଏହାର ରଚନାଗୁଡ଼ିକରେ ଉଚ୍ଚତର ସତ୍ୟଟିର ଅଧିକ ଆଭାସ ଓ ଉଦ୍‌ଭାସ ଭରି ରହିଥାଏ, ଏହାର ରୂପଗୁଡ଼ିକରେ ଊର୍ଦ୍ଧ୍ୱତର ସମ୍ଭାବନାଗୁଡ଼ିକର ଅଧିକ ଅନୁପ୍ରେରଣା ଥାଏ, ଏହାର ସୃଷ୍ଟ ଓ ଅର୍ଥସମୃଦ୍ଧ ରୂପାୟନ-ଗୁଡ଼ିକରେ ପରମ ସତ୍ୟର ଆଲୋକ ଅବସ୍ଥିତ ରହିଥାଏ ଓ ଆପଣାର ସ୍ପର୍ଶ ଦେଇ ଯାଉଥାଏ । ତଥାପି ସେଇଟି ମଧ୍ୟ ଆପଣାର ସ୍ୱଭାବଗତ କ୍ରିୟାରେ ମୂଳତଃ ଭିନ୍ନ ହେବ ବୋଲି ସେପରି କୌଣସି ସମ୍ଭାବନା ନଥାଏ, କାରଣ ଏଇଟି ମଧ୍ୟ ଅଜ୍ଞାନ ଭିତରକୁ ଗତି କରୁଥାଏ ଏବଂ ଏପର୍ଯ୍ୟନ୍ତ ବୃତ୍ତଚକ୍ରର ଏକ ଅବିଭକ୍ତ ଅଂଶରେ ପରିଣତ ହୋଇ ନଥାଏ । ତେଣୁ ପରମ ସତ୍ତାର ଅବରୋହଣ ତଥା ଆରୋହଣ-କ୍ରମରେ କେଉଁଠି ହେଲେ ଚେତନାର ଏକ ମଧ୍ୟବର୍ତ୍ତୀ ଶକ୍ତି ଓ ସ୍ତର ଅବଶ୍ୟ ରହିଛି, ହୁଏତ ତା'ଠାରୁ ଅଧିକ କିଛି ରହିଛି, ଯାହା ଭିତରେ କି ଏକ ମୌଳିକ ସୃଜନ-ସାମର୍ଥ୍ୟ ବିଦ୍ୟମାନ ଅଛି, ଏବଂ ଏହି ସ୍ତରଟିର ମଧ୍ୟ ଦେଇ ପରମ ଜ୍ଞାନରେ ଅବସ୍ଥିତ ରହିଥିବା ମନ ଆପଣାର ସବୃଦ୍ଧକ୍ରମରେ ଅଜ୍ଞାନ ମଧ୍ୟରେ ଅବସ୍ଥିତ ରହିଥିବା ମନରେ ପରିଣତ ଓ ପରିବର୍ତ୍ତିତ ହୋଇପାରିଛି, ଏବଂ ପୁନର୍ବାର ଏହାରି ମଧ୍ୟ ଦେଇ ବିବର୍ତ୍ତନମୂଳକ ଓ ଆରୋହଣଧର୍ମୀ ସେହି ବିପରୀତ ପରିଣତିଟି ବି ସଂଘଟିତ ହେଉଛି ବୋଲି କହିଲେ ତାହା ଅଧିକ ବୋଧଗମ୍ୟ ଓ ସମ୍ଭବ ଲାଗିବ । ସବୃଦ୍ଧକାଳୀନ ପରିଣତିରେ ଏହି ମଧ୍ୟବର୍ତ୍ତୀ ଅବସ୍ଥାଟି ଅବଶ୍ୟ ବର୍ତ୍ତମାନ ରହିବ ଓ ଏହାକୁ ନ୍ୟାୟତଃ ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି ମାନି ନେବାକୁ ପଡ଼ିବ । ଏବଂ ଆରୋହଣକାଳୀନ ପରିଣତି ଲାଗି ଏହାକୁ ଏକ ବ୍ୟାବହାରିକ ପ୍ରୟୋଜନ ବୋଲି ଗ୍ରହଣ କରାଯିବ । କାରଣ ଆରୋହଣର ପର୍ଯ୍ୟାୟଗୁଡ଼ିକରେ ବସ୍ତୁତଃ ଅନେକ ମୌଳିକ ପରିବର୍ତ୍ତନ ଦେଖା ଦେଇଥାଏ; ଅନିର୍ଦ୍ଦେଶ୍ୟ ଶକ୍ତିଭିତରୁ ସଂଗଠିତ ଓ ବ୍ୟୂହବଦ୍ଧ ଜଡ଼ର ପରିଣତି ଘଟେ, ପ୍ରାଣହୀନ ଜଡ଼ ଭିତରୁ ପ୍ରାଣର ଉଦ୍‌ଭବ ହୁଏ, ଏକ ଅବଚେତନ ଓ ଅବମାନସ ପ୍ରାଣରୁ ବୋଧ ଓ ଅନୁଭୂତିସମ୍ପନ୍ନ କ୍ରିୟାଶୀଳ ପ୍ରାଣ ଜାଗ୍ରତ ହୋଇଉଠେ, ଆଦିମ ପ୍ରାଣୀମନରୁ ବିଚାର ଓ କଳ୍ପନାକ୍ଷମ ମନୁଷ୍ୟ ମନର ଆବିର୍ଭାବ ହୁଏ । ଏହି ମନ ଚତୁର୍ଦ୍ଦିଗସ୍ଥ ପ୍ରାଣର ପର୍ଯ୍ୟବେକ୍ଷଣ ଓ ପ୍ରଶାସନ କରିବା ସଙ୍ଗେ ସଙ୍ଗେ ଆପଣାକୁ ଅବଲୋକନ କରିପାରିବାର ସାମର୍ଥ୍ୟ ବି ଲାଭ କରିଥାଏ । ଏହା ଏକ ସ୍ୱତନ୍ତ୍ର ସତ୍ତାରୂପେ କାର୍ଯ୍ୟ କରିପାରେ ଏବଂ ଏପରିକି ସଚେତନ ଭାବରେ ଆପଣାର ନିର୍ଦ୍ଦିଷ୍ଟ ସୀମାଗୁଡ଼ିକୁ ଅତିକ୍ରମ କରିଯିବା ସକାଶେ

'oaob.nitrkl.ac.in' images reprocessed

ମଧ୍ୟ ବାଟ ଖୋଜୁଥାଏ । ଏସବୁକୁ ଆମେ ଗୋଟିଏ ଗୋଟିଏ ଲମ୍ଫପ୍ରଦାନ ବୋଲି କହିପାରିବା । ମାତ୍ର ଏହିସବୁ ଲମ୍ଫପ୍ରଦାନ ଯେତେ ମହତ୍ତ୍ୱପୂର୍ଣ୍ଣ ଓ ଦୀର୍ଘ ହେଲେ ମଧ୍ୟ ସେଗୁଡ଼ିକ ନାନା ଧୀର ଓ ସୂକ୍ଷ୍ମ କ୍ରମରେ ଆପଣାକୁ ତଥାପି କେତେକାଂଶରେ ପ୍ରସ୍ତୁତ କରିବାରେ ଲାଗିଥାଏ ଏବଂ ସେଇଥିଲାଗି ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଯିବା କେବେହେଲେ ଅକଳ୍ପନୀୟ ବା ଅସମ୍ଭବ ବୋଲି ମନେହୁଏ ନାହିଁ । ତେଣୁ ଅତିମାନସ ଋତଚିତ୍ ଏବଂ ଅଜ୍ଞାନସ୍ଥ ମନ ଭିତରେ ସୋପାନଗତ ଯେତେ ବଡ଼ ଓ ଦୁସ୍ତର ବ୍ୟବଧାନ ରହିଛି ବୋଲି ସାଧାରଣତଃ ମନେ ହୋଇଥାଏ, ତାହା ପ୍ରକୃତରେ କଦାପି ସେତେବେଶୀ ଦୁସ୍ତର ହୋଇ ନ ପାରେ ।

ମାତ୍ର ଅତିମାନସ ଓ ମନ ଭିତରେ ମଧ୍ୟବର୍ତ୍ତୀ ସୋପାନମାନ ରହିଛି ବୋଲି ଯଦି ସ୍ୱୀକାର କରି ନଆଯାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେଗୁଡ଼ିକ ମନୁଷ୍ୟର ମନ ଲାଗି ଅତିଚେତନ ହୋଇ ରହିବ ଏବଂ ଆପଣାର ନିତ୍ୟନୈମିତ୍ତିକ ବିଚରଣଭୂମିରେ ସତ୍ୱର ଏହିସବୁ ଉଚ୍ଚତର ସ୍ତରଗୁଡ଼ିକରେ ପ୍ରବେଶ କରିବା ଲାଗି ଏହି ମନର ସାଧାରଣତଃ କୌଣସି ସାମର୍ଥ୍ୟ ରହିବ ନାହିଁ । ମନୁଷ୍ୟର ମନ ମନୁଷ୍ୟର ଚେତନାକୁ ମଧ୍ୟ ସୀମାବଦ୍ଧ କରିଦେଇଛି, ଏପରିକି କୁହାଯାଇପାରେ ଯେ ଏହି ଚେତନା ତା' ମନର କେବଳ ଏକ ନିର୍ଦ୍ଦିଷ୍ଟ ସ୍ତରଭୂମି ଦ୍ୱାରାହିଁ ସୀମାବଦ୍ଧ ରହିଛି । ତା'ର ମନଃସ୍ତରର ତଳକୁ ଯାହାସବୁ ଅବସ୍ଥିତ ରହିଛି, ଅବମାନସ ହୋଇ ରହିଛି, କିମ୍ବା ମନୋଭୂମିର ସୀମା ଭିତରେ ରହିଥିଲେ ମଧ୍ୟ ତା'ର ସୋପାନଟିର ତଳକୁ ରହିଛି, ତାକୁ ସେସବୁ ସ୍ପଷ୍ଟତଃ ଅବଚେତନ ବୋଲି ବୋଧହେଉଛି, ଏବଂ ସମ୍ପୂର୍ଣ୍ଣ ନିଶ୍ଚେତନାଠାରୁ ତାହାର ହୁଏତ କୌଣସି ପ୍ରଭେଦ ରହିଛି ବୋଲି ମଧ୍ୟ ସେ ଆଦୌ ଠଉରାଇ ପାରୁ ନାହିଁ । ତା'ର ମନଃସ୍ତରଟିଠାରୁ ଯାହାକିଛି ଉପରେ ରହିଛି, ତାହା ତା'ଲାଗି ଅତିଚେତନ ହୋଇ ରହିଛି ଏବଂ ସେଇଟିକୁ ବି ଅନୁଭବଶୂନ୍ୟ ବୋଲି କହିବାକୁ ମଧ୍ୟ ସେ ପ୍ରାୟ କୌଣସି ଦ୍ୱିଧା ବୋଧ କରୁ ନାହିଁ, ତାହାକୁ ସେ ସତେ ଅବା ଏକ ଜ୍ୟୋତିର୍ମୟ ନିଶ୍ଚେତନା ବୋଲି ଧରିନେଉଛି । ଆପଣା ଇନ୍ଦ୍ରିୟବୋଧର ସୀମା ଅନୁସାରେ ସେ କେବଳ ଏକ ନିର୍ଦ୍ଦିଷ୍ଟ ଭୂମିଆୟତନର ଶବ୍ଦସ୍ପନ୍ଦନ ଶୁଣିପାରୁଛି ବା ଏକ ନିର୍ଦ୍ଦିଷ୍ଟ ଆୟତନର ବର୍ଣ୍ଣସ୍ପନ୍ଦନହିଁ ତା'ର ଦୃଷ୍ଟିରେ ଆସି ଧରାଦେଇ ପାରୁଛି । ଏହି ଆୟତନଟିର ଊର୍ଦ୍ଧ୍ୱରେ କିମ୍ବା ନିମ୍ନରେ ଯେଉଁସବୁ ଶବ୍ଦ ବା ବର୍ଣ୍ଣର ସ୍ପନ୍ଦନ ହେଉଛି, ସେଗୁଡ଼ିକ ସେ ଆଦୌ ଶୁଣିପାରୁ ନାହିଁ ବା ଦେଖିପାରୁ ନାହିଁ, ଅଥବା ଅନ୍ତତଃ ସେ ସେଗୁଡ଼ିକର କୌଣସି ସ୍ୱତନ୍ତ୍ର ବୋଧ ପାଇପାରୁ ନାହିଁ । ତା'ର ମାନସିକ ଚେତନାର ଆୟତନଟିରେ ମଧ୍ୟ ଠିକ୍ ତାହାହିଁ ଘଟୁଛି । ଊର୍ଦ୍ଧ୍ୱ ତଥା ନିମ୍ନ ଉଭୟ

'oaob.nitrkl.ac.in' images reprocessed

ପ୍ରାନ୍ତରେ ତା'ର ମନଶ୍ଚେତନା ଏକ ଅସମର୍ଥତା ଦ୍ୱାରା ସୀମାବଦ୍ଧ ହୋଇ ରହିଛି, ଏବଂ ତାହାହିଁ ତା' ମନୋବିଚରଣର ଉପର ଓ ତଳ ସୀମାଗୁଡ଼ିକୁ ନିରୂପିତ କରି ଦେଇଛି । ମନଃସ୍ତରରେ ମନୁଷ୍ୟେତର ଯେଉଁ ପ୍ରାଣୀସବୁକୁ ଆମେ ମନୁଷ୍ୟର ପ୍ରାୟ ସଗୋତ୍ର ବୋଲି କହିପାରିବା, ସେମାନଙ୍କ ସହିତ ଭାବବିନିମୟ ଓ ମାନସିକ ସଂଯୋଗ ସ୍ଥାପନ କରି ପାରିବାକୁ ମଧ୍ୟ ତା' ପାଖରେ ଆବଶ୍ୟକ ସାଧନ ନାହିଁ । ପୁଣି ସେ ନିଜେ ଆପଣା ଭିତରେ ଓ ଅନ୍ୟ ମଣିଷଙ୍କ ଭିତରେ ଯେଉଁ ମନୋଗତ ସ୍ଥିତିଗୁଡ଼ିକ ସହିତ ଅଭ୍ୟସ୍ତ ଓ ପରିଚିତ ରହିଛି, ତା'ର ସଗୋତ୍ର ଅନ୍ୟ ପ୍ରାଣୀର ସ୍ଥିତିଗୁଡ଼ିକ ତା' ତୁଳନାରେ ଭିନ୍ନ ଅଥବା ଅଧିକ ଅପ୍ରଶସ୍ତ ହୋଇଥିବାରୁ ମନୁଷ୍ୟ ସେହି ପ୍ରାଣୀ ଭିତରେ କୌଣସି ମନ ବା ଯଥାର୍ଥ ଚୈତନ୍ୟଶକ୍ତି ଆଦୌ ନାହିଁ ବୋଲି ବି କହିପାରୁଛି । ବାହାରେ ଥାଇ ସେ ଅବମାନସ ସତ୍ତା ଉପରେ ଦୃଷ୍ଟିପାତ କରିପାରୁଛି ସତ, ମାତ୍ର ସେଇଟି ସହିତ କୌଣସି ସଂଯୋଗ ସ୍ଥାପନ କରିପାରୁ ନାହିଁ କିମ୍ବା ତାହାର ସ୍ୱଭାବ ଭିତରକୁ ଘନିଷ୍ଠ ଭାବରେ ପ୍ରବେଶ ବି କରିପାରୁ ନାହିଁ । ଠିକ୍ ସେହିପରି ଅତିଚେତନର ଦ୍ୱାରଟି ମଧ୍ୟ ତା' ଲାଗି ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଛି । ତାକୁ ସେ ସତେ ଅବା ମୁଦାହୋଇ ପଡ଼ିଥିବା ଏକ ବହି ବୋଲି ବିଚାରୁଛି ଏବଂ ସେଥିରେ କେବଳ ଖାଲି ପୃଷ୍ଠାଗୁଡ଼ିକ ବ୍ୟତୀତ ହୁଏତ ଆଉ କିଛି ନାହିଁ ବୋଲି ଅନୁମାନ କରୁଛି । ତେଣୁ ହଠାତ୍ ଦେଖିଲେ ମନେହେଉଛି, ଚେତନାର ଏହିସବୁ ଉଚ୍ଚତର ଭୂମିଗୁଡ଼ିକ ସହିତ ସତେ ଯେପରି ତାହାର କୌଣସି ସମ୍ପର୍କହିଁ ନାହିଁ । ଯଦି ତାହାହିଁ ସତ୍ୟ ହୋଇଥାଏ, ତେବେ ଏକଥା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ସେହିସବୁ ଭୂମି ତା' ଲାଗି କୌଣସି ସେତୁ ଅଥବା ସଂଯୋଗକାରୀ ସୋପାନରୂପେ ଆଦୌ କାର୍ଯ୍ୟ କରିପାରିବେ ନାହିଁ, ଏବଂ ମାନସ ଭୂମିରେ ସେ ଏପର୍ଯ୍ୟନ୍ତ କେବଳ ଯେତିକିଯାଏ ଆସିଛି, ତା'ର ପରିଣତିକ୍ରମ ଓ ବିକାଶ ସେଇଠାରେହିଁ ଅଟକି ରହିବ ଓ ବନ୍ଦ ହୋଇଯିବ, ତାହା ତା'ର ବର୍ତ୍ତମାନ ସୀମାଟିକୁ ଆଦୌ ଡେଇଁଯାଇ ପାରିବ ନାହିଁ । ଏହିସବୁ ନିର୍ଣ୍ଣାୟକ ଗାରଗୁଡ଼ିକୁ ଟାଣିଦେଇ ପ୍ରକୃତି ସତେ ଯେପରି ତା'ର ସକଳ ଆରୋହଣକାମୀ ପ୍ରୟାସରେ ଏକ ଶେଷ ଗଣ୍ଠି ପକାଇ ଦେଇଛି, ସତେ ଯେପରି 'ଇତି' ବୋଲି ଲେଖିରଖିଛି ।

ମାତ୍ର ଗଭୀରତର ଦୃଷ୍ଟିରେ ଦେଖିଲେ ସ୍ୱାଭାବିକ ବୋଲି ବୁଝାଯାଉଥିବା ମନୁଷ୍ୟର ଏହି ମନଃସ୍ଥିତି କେବଳ ଏକ ପ୍ରବଞ୍ଚନାକାରୀ ସ୍ଥିତି ବୋଲି ଧରା ପଡ଼ିଯିବ, ଏବଂ ମନୁଷ୍ୟର ମନ ବସ୍ତୁତଃ ଏକାଧିକ ଦିଗରେ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରିପାରୁଛି ଓ ଆପଣାର ଆୟତନ ଅପେକ୍ଷା ଅଧିକ ବିସ୍ତୃତି ଲାଭ କରିବାପାଇଁ ଏହି ମନର ଏକ ସହଜାତ ପ୍ରବୃତ୍ତି ରହିଛି ବୋଲି ବି ଆମେ ଜାଣିବାକୁ ପାଇବା ।

'oaob.nitrkl.ac.in' images reprocessed

ଠିକ୍ ଏହି ଆବଶ୍ୟକ ସମ୍ବନ୍ଧସୂତ୍ର ତଥା ଆବୃତ ଅଥବା ଅର୍ଦ୍ଧାବୃତ ମାର୍ଗଗୁଡ଼ିକ ଦ୍ୱାରାହିଁ ଆତ୍ମପ୍ରକାଶମୟ ତତ୍ତ୍ୱସ୍ୱରୂପଙ୍କର ଉଚ୍ଚତର ଚେତନାସୋପାନଗୁଡ଼ିକ ସହିତ ମନର ଖିଅ ଲାଗିଯାଇ ପାରୁଛି । ପ୍ରଥମତଃ ମନୁଷ୍ୟର ଜ୍ଞାନସାଧନକ୍ଷେତ୍ରରେ ବୋଧିର ଯେଉଁ ସ୍ଥାନ ରହିଛି, ଆମେ ଆଗରୁ ତାହାର ଆଲୋଚନା କରିସାରିଛୁ । ଏବଂ ଏହି ବୋଧି ହେଉଛି ସ୍ୱଭାବତଃ ଅଜ୍ଞାନାଚ୍ଛନ୍ନ ମନ ଉପରେ ଏହିସବୁ ଉଚ୍ଚତର ଚେତନା-ସୋପାନର ସ୍ୱଭାବଗତ କ୍ରିୟାର ଏକ ପ୍ରକ୍ଷେପଣ ମାତ୍ର । ଏକଥା ସତ ଯେ ଆମର ତଥାକଥିତ ସାଧାରଣ ବୁଦ୍ଧିର ନାନା ହସ୍ତକ୍ଷେପଦ୍ୱାରା ମନୁଷ୍ୟର ମନୋଭୂମିରେ ଏହି ବୋଧିର କ୍ରିୟା ପ୍ରଧାନତଃ ପ୍ରଚ୍ଛନ୍ନରୂପେହିଁ ଅବସ୍ଥିତ ରହିଛି, ତେଣୁ ଶୁଦ୍ଧ ବୁଦ୍ଧି ଓ ଶୁଦ୍ଧ ବୋଧି ଆମର ମନୋଗତ କ୍ରିୟାତ୍ମକତା ଲାଗି ପ୍ରକୃତରେ ଏକ ବ୍ୟତନ୍ତ୍ର ଘଟଣା ହୋଇ ରହିଛି । କାରଣ ପ୍ରତ୍ୟକ୍ଷ ଜ୍ଞାନର ଯେଉଁ ପ୍ରକାଶବନ୍ଦୁଟି ଆମକୁ ସିଧା ଆସି ସ୍ପର୍ଶ କରିଯାଉଛି ମାତ୍ର ଯାହାର ସ୍ପର୍ଶ ବାଜିବା ମାତ୍ରକେହିଁ ଆମର ମନୋଭୂମିଗତ ଉପାଦାନ ତାହାକୁ ସାଧାରଣତଃ ଆପଣାର ଆବରଣଦ୍ୱାରା ଗ୍ରାସ କରି ପକାଉଛି, ଆମେ ତାହାକୁହିଁ ବୋଧି ବୋଲି କହିଥାଉ । ତେଣୁ ଆପଣା ଧର୍ମ ଓ ସ୍ୱଭାବରେ ସମଗ୍ରତଃ ବୁଦ୍ଧିଗତ ହୋଇ ରହିଥିବା ଏକ ଅବଧାରଣାରେ ଏହି ବୋଧି କେବଳ ଏକ ଅଦୃଶ୍ୟ ଅଥବା ଅତକ୍ଷୁଦ୍ର ଦ୍ରୁତକେନ୍ଦ୍ରରୂପେହିଁ କାର୍ଯ୍ୟ କରୁଛି, ଅଥବା ବୋଧିର ଝଲକଟି ସ୍ପଷ୍ଟଭାବେ ପ୍ରକାଶିତ ହେବାର ସୁଯୋଗ ପାଇବା ପୂର୍ବରୁ ଅନୁକରଣଧର୍ମୀ ମନର ଦ୍ରୁତଗତି ଅନ୍ୟ କୌଣସି ସଂସ୍କାର, ଅନ୍ତର୍ଦୃଷ୍ଟି କିମ୍ବା ଖରଗତି ଅନୁଭୂତି ତତ୍‌କ୍ଷଣାତ୍ ଆସି ତାହାର ସ୍ଥାନ ଅଧିକାର କରି ବସୁଛି ଅଥବା ତାହାର ଖିଅଟିକୁ କାଟିଦେଇ ଯାଉଛି । ଅଥବା ଏପରି ବି ସମ୍ଭବ ହୋଇପାରେ ଯେ ଏହି ନବାଗତ ବୋଧିଟି ଦ୍ୱାରାହିଁ ଉଦ୍ଦୀପିତ ହୋଇଥିବା କୌଣସି ଖାଦ୍ୟ ବେଗବାନ୍ ଭାବନାର ପ୍ରତିକ୍ରିୟା ମଝିରେ ଠିଆହୋଇ ତାହାର ଗତିରୋଧ କରୁଛି, ଅଥବା ସତ୍ୟ ବା ମିଥ୍ୟା ଏକ ମାନସିକ କଳ୍ପନାଦ୍ୟୋତନା ଦ୍ୱାରା ତାହାକୁ ଘୋଡ଼ାଇ ପକାଉଛି । ମାତ୍ର ଉଭୟ କ୍ଷେତ୍ରରେ ଯଥାର୍ଥ ବୋଧିର କ୍ରିୟାଟି ବ୍ୟାହତ ହୋଇ ରହିଯାଉଛି । ତଥାପି ଊର୍ଦ୍ଧ୍ୱରାଜ୍ୟର ଏକ ଚେତନା ଆସି ଯେ ଆମର ମାନସ ଚେତନା ଭିତରେ ସଞ୍ଚାରିତ ହୋଇପାରୁଛି, ଆମର ଯାବତୀୟ ମୌଳିକ ଭାବନା ଓ ଯଥାର୍ଥ ବିଷୟଜ୍ଞାନର ପଛରେ ଯେ ଏକ ଆବୃତ, ଅର୍ଦ୍ଧାବୃତ ବା ଆପଣାକୁ ହଠାତ୍ ଅନାବୃତ କରି ଦେଉଥିବା ବୋଧିର ଏକ ଉପାଦାନ ଅବଶ୍ୟ ବର୍ତ୍ତମାନ ରହିଛି, ମନ ଏବଂ ମନର ଆହୁରି ଉପରକୁ ଅବସ୍ଥିତ ରହିଥିବା ଭୂମିଗୁଡ଼ିକ ମଧ୍ୟରେ ଏକ ସଂଯୋଗସୂତ୍ରର ପ୍ରତିଷ୍ଠା କରିବାଲାଗି ତାହାହିଁ ଯଥେଷ୍ଟ । ଏହାହିଁ ସଂଯୋଗସ୍ଥାପନର ଏକ ବାଟ ଫିଟାଇ ଦେଇଥାଏ ଏବଂ ଲୋକୋତ୍ତର ଅଧ୍ୟାତ୍ମଭୂମିର ନାନା ଆୟତନ ଭିତରକୁ ଏକ ପ୍ରବେଶଦ୍ୱାରର ଉନ୍ମୋଚନ କରିଦିଏ । ଆମର ମନ ମଧ୍ୟ ବ୍ୟକ୍ତିଗତ ଅହଂସୀମାଟିକୁ



'oaob.nitrkl.ac.in' images reprocessed

ଅତିକମ କରି ଏକପ୍ରକାର ବ୍ୟକ୍ତିସଙ୍କୀର୍ଣ୍ଣତାବିମୁକ୍ତ ଓ ବିଶ୍ୱଗତ ଦୃଷ୍ଟିରେ ଯାବତୀୟ ଜଗତକୁ ଦେଖିପାରିବା ଲାଗି ପ୍ରୟାସ କରେ। ନୈର୍ବ୍ୟକ୍ତିକ ହେବା ଅର୍ଥାତ୍ ବ୍ୟକ୍ତିଭାବଗତ ସକଳ ସଙ୍କୀର୍ଣ୍ଣତାରୁ ବିମୁକ୍ତ ହେବା ହେଉଛି ବିଶ୍ୱଗତ ଆତ୍ମାର ପ୍ରଥମ ଲକ୍ଷଣ। ବିଶ୍ୱତୋ-ଦୃଷ୍ଟି ଅର୍ଥାତ୍ ସୀମାରେଖା ଟାଣି ଦେଉଥିବା କୌଣସି ଗୋଟିଏ ଦୃଷ୍ଟିର ସୀମାଭିତରେ ଆବଦ୍ଧ ହୋଇ ନ ରହିବା ହେଉଛି ବିଶ୍ୱଗତ ବୋଧ ଓ ବିଶ୍ୱଗତ ଜ୍ଞାନର ଲକ୍ଷଣ। ତେଣୁ ଯେତେ ଅବିକଶିତ ଓ ପ୍ରଥମସ୍ତରୀୟ ହେଲେ ମଧ୍ୟ ଏହି ପ୍ରବୃତ୍ତିଟିହିଁ ସୀମାୟିତ ମାନସକ୍ଷେତ୍ରଗୁଡ଼ିକୁ ବିଶ୍ୱଭାବ ଆଡ଼କୁ ପ୍ରସାରିତ କରି ନେଇଯାଏ, ଉଚ୍ଚତର ମନଃସ୍ତର ଗୁଡ଼ିକର ସ୍ୱଭାବଲକ୍ଷଣ ହୋଇ ରହିଥିବା ଏକ ଗୁଣାବଚ୍ଛିନ୍ନ ଆଡ଼କୁ ପ୍ରସାରିତ କରିନଏ, ସେହି ଅତିଚେତନ ବିଶ୍ୱମନ ଆଡ଼କୁ ପ୍ରସାରିତ କରି ନେଇଯାଏ। ବିଶ୍ୱର ସ୍ୱଭାବଧର୍ମ ଦୃଷ୍ଟିରୁ ବିଚାର କଲେ ଏହି ବିଶ୍ୱମନକୁ ଯେ ଆମେ ମନଃସତ୍ତ୍ୱର ଆଦିପ୍ରକାଶ ବୋଲି କହିବା ଏବଂ ଆମ ପ୍ରାକୃତ ମନଟିକୁ ଯେ କେବଳ ତାହାରିଠାରୁ ସମ୍ଭୂତ ତା'ର ଏକ ନିମ୍ନତର ପ୍ରକ୍ରିୟା ବୋଲି କହିବା, ଆମେ ଆଗରୁ ତାହା ସୂଚିତ କରିଦେଇଛୁ। ପୁଣି ଊର୍ଦ୍ଧ୍ୱତର କ୍ଷେତ୍ରଗୁଡ଼ିକରୁ ଆସି କିଛିହେଲେ ଯେ ଆମ ମନୋରାଜ୍ୟର ସୀମାଭେଦ କରୁଛି, ସେକଥା କଦାପି କୁହାଯାଇ ପାରିବ ନାହିଁ। ପ୍ରତିଭାର ବ୍ୟାପାରଟିକୁ ଆମେ ଏହିପରି ଏକ ସୀମାଭେଦ ବା ସୀମାବତରଣର ପରିଣାମ ବୋଲି କହିପାରିବା। ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରତିଭା କେବଳ ଆବୃତ ରୂପରେ ମନୁଷ୍ୟ ଭିତରେ କାର୍ଯ୍ୟ କରୁଛି, କାରଣ ଊର୍ଦ୍ଧ୍ୱତର ଚେତନାର ଦୀପ୍ତିଟି ଏହି କ୍ଷେତ୍ରରେ ବଡ଼ ସଙ୍କୀର୍ଣ୍ଣ ସୀମାଚକ୍ରର ଭିତରେ ଆବଦ୍ଧ ରହି ସାଧାରଣତଃ କୌଣସି ଏକ ବିଶେଷ କ୍ଷେତ୍ରରେହିଁ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛି, ଏହାର ସ୍ୱାଭାବିକ ବିଶେଷ ଶକ୍ତିଗୁଡ଼ିକର କୌଣସି ଶୃଙ୍ଖଳିତ ସ୍ୱତନ୍ତ୍ର ସଂଗଠନ ମଧ୍ୟ ସମ୍ଭବ ହେଉ ନାହିଁ। ତେଣୁ ତାହା ସତେଯେପରି କୌଣସି ଶୃଙ୍ଖଳାହୀନ ଅସ୍ଥିର ଖିଆଲର ବଶବର୍ତ୍ତୀ ହୋଇ ବଡ଼ ଭ୍ରାନ୍ତିପୂର୍ଣ୍ଣ ଭାବରେ ଏବଂ ଦାୟିତ୍ୱବୋଧଶୂନ୍ୟ କୌଣସି ଅତିପ୍ରାକୃତ ବା ଅପ୍ରାକୃତ ଶାସନଦ୍ୱାରା ପରିଚାଳିତ ହେଉଥିବା ପରି କ୍ରିୟା କରୁଛି। କେବଳ ତାହାହିଁ ନୁହେଁ, ମାତ୍ର ମନ ଭିତରେ ପ୍ରବେଶ କରି ଏହି ପ୍ରତିଭା ଆପଣାକୁ ମନର ଅଧୀନ ଓ ଅନୁକୂଳିତ କରି ରଖୁଛି, ଯାହାଫଳରେକି ଆମ ପାଖରେ କ୍ରିୟାଶୀଳ ରୂପରେ ଆସି ପହଞ୍ଚିଲା ବେଳକୁ ତାହା ଅନେକ ପରିମାଣରେ ବଦଳିଯାଉଛି ଓ ସଙ୍କୀର୍ଣ୍ଣ ହୋଇପଡ଼ୁଛି। ଏବଂ ଆମେ ଯାହାକୁ ଆମ ଜୀବନସୀମାର ଊର୍ଦ୍ଧ୍ୱଦେଶରେ ଅବସ୍ଥିତ ବୃହତ୍ତର ଚୈତନ୍ୟର ମୂଳ ଦିବ୍ୟ ଜ୍ୟୋତିର୍ମୟ ସାମର୍ଥ୍ୟ ବୋଲି କହିଆଉ, ଏହି ପ୍ରତିଭା ମଧ୍ୟରେ ଆଉ ତାହାର କୌଣସି ଅବଶେଷହିଁ ନଥାଏ। ମାତ୍ର ତଥାପି ଏହି ମନ ଉପରେ ସତେ ଅବା ଈଶ୍ୱରୀୟ ପ୍ରେରଣା ଲାଭ କଲାପରି ଲାଗେ, ହଠାତ୍ କାହାର ସାକ୍ଷାତ୍କାର ହୋଇଗଲା ପରି ମନେହୁଏ, ବୋଧିଗତ ବୋଧ ତଥା

'oaob.nitrkl.ac.in' images reprocessed

ବୋଧିଗତ ଦୃଷ୍ଟିର ଦ୍ୱାର ଖୋଲିଯାଏ,—ଏହିସବୁ ବ୍ୟାପାର ଆମର ଅନ୍ତରର ସ୍ୱଭାବେ ଆଲୋକିତ ଅନ୍ତରର ସାମର୍ଥ୍ୟସମ୍ପନ୍ନ ନିତ୍ୟନୈମିତ୍ତିକ ମନୋଗତ ନିୟମର ବାଡ଼ ଓ ବାଡ଼କୁ ଲୁଆଡ଼େ ଅତିକ୍ରମ କରି ଚାଲି ଯାଇଥାଏ । ମାତ୍ର ତଥାପି ସେଗୁଡ଼ିକ ଘଟେ ଏବଂ ସେଗୁଡ଼ିକର ଉତ୍ସ ବିଷୟରେ କାହାରି କୌଣସି ଭୁଲ ରହିବା ଉଚିତ ନୁହେଁ । ପରିଶେଷରେ, ତତ୍ତ୍ୱଦୃଷ୍ଟିଗତ ଓ ଆଧ୍ୟାତ୍ମିକ ଅନୁଭୂତିର ସେହି ବୃହତ୍ ଓ ବହୁବିଚିତ୍ର କ୍ଷେତ୍ରଟିର ଦୃଷ୍ଟାନ୍ତ ମଧ୍ୟ ଆମ ଆଗରେ ରହିଛି । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ଆମର ଚୈତନ୍ୟଟିକୁ ତାହାର ବର୍ତ୍ତମାନ ସୀମାଗୁଡ଼ିକର ବାହାରକୁ ମଧ୍ୟ ପ୍ରସାରିତ କରିଦେବାର କେତେ ସମ୍ଭାବନାଦ୍ୱାର ଉନ୍ମୁକ୍ତ ଓ ପ୍ରଶସ୍ତ ହୋଇ ରହିଛି । ଅବଶ୍ୟ ଏକ ଉନ୍ମୋଚନବିରୋଧୀ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଆମେ ଯେ ଅନ୍ୱେଷଣର ସକଳ ଆକାଂକ୍ଷାକୁ ଅସ୍ୱୀକାର କରି ପକାଇବା ଏବଂ ଆମ ମାନସିକ ନିତ୍ୟନୈମିତ୍ତିକତାର ସୀମାଗୁଡ଼ିକ ସହିତ ଆସକ୍ତ ରହି ସେହିସବୁ ଅନୁଭୂତିରୁ ଆପଣାକୁ କାଟି ରଖିବା ଅଥବା ସେଗୁଡ଼ିକ ଆମ ଆଗରେ ଉନ୍ମୋଚିତ କରି ଧରିଥିବା ବିପୁଳ ସମ୍ଭାବ୍ୟତାଗୁଡ଼ିକ ପ୍ରତି ବିମୁଖ ହୋଇ ରହିଯିବା, ଏଠାରେ ମଧ୍ୟ ସେଭଳି ଏକ ପ୍ରମାଦ ସବୁବେଳେ ରହିଛି । ମାତ୍ର ଆମର ବର୍ତ୍ତମାନ ତତ୍ତ୍ୱଜିଜ୍ଞାସା ଓ ତତ୍ତ୍ୱାଲୋଚନାରେ ମନୁଷ୍ୟପ୍ରୟାସର ଏହିସବୁ ଉପଲବ୍ଧି ଯାହା ଆମ ନିକଟକୁ ବହନ କରି ଆଣିଥିବା ସମ୍ଭାବନାଗୁଡ଼ିକୁ ଆମେ କଦାପି ଉପେକ୍ଷା କରିପାରିବା ନାହିଁ । ଅଥବା ଆମ ଆପଣା ବିଷୟରେ ଏବଂ ଆମ ଭିତରେ ଫଲ୍ଗୁ ସ୍ୱରୂପେ ଅବସ୍ଥିତ ରହିଥିବା ଦିବ୍ୟ ସତ୍ୟଟି ବିଷୟରେ ସେମାନେ ମନୁଷ୍ୟର ମନଲାଗି ଯେଉଁ ଗଭୀରତର ଜ୍ଞାନ ପ୍ରଦାନ କରୁଛନ୍ତି, ଆପଣାର ଯେଉଁ ବୃହତ୍ତର ଆଲୋକଦ୍ୱାରାହିଁ ସେହିସବୁ ସମ୍ଭାବନା ଆମ ଉପରେ କାର୍ଯ୍ୟକାରୀ ହେବାର ଅଧିକାର ରଖିଛନ୍ତି ଓ ଯେଉଁ ଆଲୋକ ସେଗୁଡ଼ିକର ଅସ୍ତିତ୍ୱର ଅନ୍ତର୍ନିହିତ ସାମର୍ଥ୍ୟରୂପେ ଅବସ୍ଥିତ ରହିଛି, ଆମେ କଦାପି ସେସବୁର ଅବହେଳା କରିପାରିବା ନାହିଁ ।

ଆମ ଚେତନ ସତ୍ତାର ଉଚ୍ଚତର ଭୂମିଗୁଡ଼ିକ ଲାଗି ବାଟ ବା ପ୍ରବେଶାଧିକାର ପାଇବାଲାଗି ଚେତନାର ପୂର୍ବାପର ସ୍ତରରେ ଅବସ୍ଥିତ ରହିଥିବା ଦୁଇଟି ଗତିସ୍ପନ୍ଦନ ରହିଛି । ସେଗୁଡ଼ିକ ଆୟାସସାଧ୍ୟ ହୋଇଥିଲେ ମଧ୍ୟ ଆମ ସାମର୍ଥ୍ୟର ଆଦୌ ବାହାରେ ନୁହେଁ । ପ୍ରଥମଟି ହେଉଛି ଏକ ଅନ୍ତର୍ମୁଖୀ ଗତି, ଯେଉଁଟିର ଅନୁଶୀଳନ କରିପାରିଲେ ଆମ ଉପରିଭାଗୀୟ ବହିସ୍ତର ମନର ଭୂମିଟିରେ ପଡ଼ି ନରହି ଆମେ ଆମର ବାହ୍ୟ ଅସ୍ତିତ୍ୱ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଗୂଢ଼ ଓ ଅଧିଚେତନ ଅବସ୍ଥାରେ ରହିଥିବା ଅସ୍ତିତ୍ୱର ମଧ୍ୟବର୍ତ୍ତୀ ପ୍ରାଚୀରଟିକୁ ଭାଙ୍ଗିଦେବାରେ ସମର୍ଥ ହୋଇଥାଉ । ନିୟତ ଚେଷ୍ଟା ଓ ସାଧନାଦ୍ୱାରା ଏହା ହୁଏତ ଧୀରେ ଧୀରେ ସମ୍ଭବ ହୋଇପାରେ

'oaob.nitrkl.ac.in' images reprocessed

ଅଥବା ଏକ ପ୍ରବଳ ଶକ୍ତିସମ୍ପନ୍ନ ପରିବର୍ତ୍ତନ ଦ୍ୱାରା ବି ସମ୍ଭବ ହୋଇପାରେ, ଏପରିକି ଅନେକ ସମୟରେ ପ୍ରବଳ ଶକ୍ତିପ୍ରୟୋଗ ଦ୍ୱାରା ଏହି ପ୍ରାଚୀରଟି ସଚେତ ଅବା ଅତର୍କିତ ଭାବରେ ଭାଙ୍ଗି ଯାଇପାରେ । ଆପଣାର ପରିଚିତ ସୀମାଗୁଡ଼ିକ ମଧ୍ୟରେ ନିରାପଦ ହୋଇ ବିଚରଣ କରିବାରେ ଅଭ୍ୟସ୍ତ ହୋଇ ରହିଥିବା ସୀମାବଦ୍ଧ ମନୁଷ୍ୟମନ ଲାଗି ଏହି ଦ୍ୱିତୀୟ ପ୍ରଣାଳୀଟିକୁ ଆମେ କଦାପି ପ୍ରମାଦଶୂନ୍ୟ ବୋଲି କହିବା ନାହିଁ । ମାତ୍ର ନିରାପଦ ହେଉ ବା ଆପଦପୂର୍ଣ୍ଣ ହେଉ, ମନୁଷ୍ୟଦ୍ୱାରା ଏଇଟି ଅବଶ୍ୟ ସମ୍ଭବ । ପ୍ରାଚୀର ଭାଙ୍ଗି ଭିତରେ ପ୍ରବେଶ କଲେ ଆମେ ଆମ ଚେତନାର ଏହି ନିଗୂଢ଼ ପ୍ରଦେଶରେ ଏକ ଅନ୍ତରତର ଆତ୍ମାର ଆବିଷ୍କାର କରିବା । ଏହି ଅନ୍ତରାତ୍ମା, ଅନ୍ତର୍ମନ ଅନ୍ତର୍ଜୀବନ ଅର୍ଥାତ୍ ଅନ୍ତରସ୍ଥ ଏକ ସୂକ୍ଷ୍ମଭୌତିକ ସତ୍ତା ଆମର ଉପରସ୍ତରୀୟ ବାହ୍ୟ ମନ, ବାହ୍ୟ ପ୍ରାଣ ତଥା ବାହ୍ୟ ଦେହଟି ତୁଳନାରେ ଅଧିକ ଅନ୍ତର୍ନିହିତ ଶକ୍ତିସମ୍ପନ୍ନ, ଅଧିକ ନମନୀୟ, ଅଧିକ ସମର୍ଥ ଏବଂ ବହୁବିଧ ଜ୍ଞାନ ଓ ଗତିଶୀଳତାର କ୍ଷେତ୍ରରେ ଅଧିକ ଦକ୍ଷ ଓ ଅଧିକ ନିପୁଣ । ବିଶେଷତଃ ବିଶ୍ୱଗତ ଶକ୍ତିସମୂହ, ଗତିସ୍ପନ୍ଦନ ଓ ବିଶ୍ୱର ଯାବତୀୟ ବିଷୟ ସହିତ ପ୍ରତ୍ୟକ୍ଷ ସଂଯୋଗ କରିବା ଲାଗି ଏହା ଭିତରେ ପୂର୍ଣ୍ଣ ସାମର୍ଥ୍ୟ ରହିଛି, ସେହି ବିଷୟଗୁଡ଼ିକୁ ଏହା ପ୍ରତ୍ୟକ୍ଷ ଭାବରେ ଅନୁଭବ କରିପାରୁଛି ଏବଂ ସେଗୁଡ଼ିକ ଭିତରେ ସିଧା ପ୍ରବେଶ କରିପାରୁଛି । ସେଗୁଡ଼ିକ ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିପାରୁଛି ଏବଂ ବ୍ୟକ୍ତିସୀମା ଦ୍ୱାରା ଆବଦ୍ଧ ହୋଇ ରହିଥିବା ମନ, ପ୍ରାଣ ଓ ଦେହର ଆୟତନକୁ ଅତିକ୍ରମ କରି ନିଜକୁ ମଧ୍ୟ ପ୍ରସାରିତ କରିଦେଇ ପାରୁଛି । ଫଳରେ ଅଧିକରୁ ଅଧିକ ପରିମାଣରେ ଏହା ଆପଣାକୁ ଏକ ବିଶ୍ୱଗତ ଓ ବିଶ୍ୱଭାବାପନ୍ନ ସତ୍ତାରୂପେ ଅନୁଭବ କରୁଛି । ଆମର ଅତିସଂକୀର୍ଣ୍ଣ ମାନସିକ ଓ ଦେହପ୍ରାଣଗତ ସତ୍ତାର ବର୍ତ୍ତମାନ ପ୍ରାଚୀରଗୁଡ଼ିକ ଦ୍ୱାରା ଏହାକୁ ଆଉ ଆବଦ୍ଧ ହୋଇ ରହିବାକୁ ପଡ଼ୁ ନାହିଁ । ଆପଣାକୁ ଏହିଭଳି ପ୍ରସାରିତ କରି ଆମେ କ୍ରମେ ବିଶ୍ୱମନର ସଂପୂର୍ଣ୍ଣ ଚୈତନ୍ୟରାଜ୍ୟଟି ମଧ୍ୟକୁ ବି ନିଜକୁ ପ୍ରସାରିତ କରିଦେଇ ପାରିବା, ବିଶ୍ୱଜୀବନ ସହିତ ଏକତ୍ୱ ଅନୁଭବ କରିପାରିବା, ଏପରିକି ବିଶ୍ୱଗତ ଜଡ଼ ସହିତ ବି ଐକ୍ୟାନୁଭୂତି ଲାଭ କରିବାକୁ ସମର୍ଥ ହେବା । ମାତ୍ର ତଥାପି ତାହାକୁ ମଧ୍ୟ କେବଳ ଏକ ନିମ୍ନତର ବିଶ୍ୱସତ୍ୟ ଅଥବା ବିଶ୍ୱଗତ ପରମ ଅଜ୍ଞାନ ସହିତ ଏକରସତା ଅର୍ଜନ କରିବା ବୋଲି ବୁଝାଯାଇ ପାରିବ ।

ମାତ୍ର ଅନ୍ତରସ୍ଥିତ ଏହି ସତ୍ତା ଭିତରେ ଥରେ ପ୍ରବେଶ କରିପାରିଲେ ଅନ୍ତରାତ୍ମା ଉପରକୁ ବାଟ ପାଇଯାଏ, ଆମ ବର୍ତ୍ତମାନ ମାନସିକ ସ୍ତରର ଆହୁରି ଉପରେ ରହିଥିବା ଜଗତସକଳ ଆଡ଼କୁ ଆରୋହଣ କରିପାରିବାର ସାମର୍ଥ୍ୟ ଲାଭ କରେ । ଏଇଟି ହେଉଛି ଆମ ଭିତରେ ରହିଥିବା ଆଧ୍ୟାତ୍ମିକ ଦ୍ୱିତୀୟ ସମ୍ଭାବନା । ଏହି ପର୍ଯ୍ୟାୟର ଏକ ପ୍ରାଥମିକ ଅତିସାଧାରଣ ପରିଣାମରୂପେ ଆମେ ଆପଣା ଭିତରେ ଏକ ବୃହତ୍ତ୍ୱ ଓ

'oaob.nitrkl.ac.in' images reprocessed

ସ୍ଥିରପ୍ରଶାନ୍ତ ଆତ୍ମାର ଆବସ୍ଥାର କରିଥାଉ, ତାହାକୁହିଁ ଆମର ପ୍ରକୃତ ଓ ଆଧାରଭୂତ ଆତ୍ମା ବୋଲି ଅନୁଭବ କରୁ, ଆମର ଅବଶିଷ୍ଟ ଯାବତୀୟ ଜୀବନପରିଚୟର ଭିତ୍ତିରୂପେ ଅନୁଭବ କରୁ । ଏଠାରେ ଉପନୀତ ହୋଇ ଆମର କ୍ରିୟାଶୀଳ ସତ୍ତାର ହୁଏତ ନିର୍ବାପନ ଘଟିପାରେ, ଆମର ଆତ୍ମଅସ୍ତିତ୍ୱର ଅନୁଭୂତିଟି ଏକ ଅନିର୍ଦ୍ଦେଶ୍ୟ ଓ ଅନିର୍ବଚନୀୟ ପରମସତ୍ତ୍ୟ ମଧ୍ୟରେ ନିର୍ବାଣ ବି ଲଭ କରିପାରେ । ମାତ୍ର ଏହି ଆତ୍ମାଟି ଯେ କେବଳ ଆମ ନିଜର ଆଧ୍ୟାତ୍ମିକ ସତ୍ତା ତାହା ନୁହେଁ, ଏହାହିଁ ଅନ୍ୟ ସମସ୍ତଙ୍କର ବି ଯଥାର୍ଥ ଆତ୍ମା ଓ ଯଥାର୍ଥ ସତ୍ତା,—ଅପର ପକ୍ଷରେ ଆମର ଏଭଳି ଏକ ଉପଲବ୍ଧି ମଧ୍ୟ ହୋଇପାରେ । ଏହିଭଳି ଭାବରେ ଏହା ଆମର ମନର ସମକ୍ଷରେ ବିଶ୍ୱସତ୍ତାର ଅନ୍ତର୍ନିହିତ ସ୍ୱତଃସତ୍ୟଟିରୂପେ ପ୍ରତିଭାତ ହେବାରେ ଲାଗେ । ସକଳ ବ୍ୟକ୍ତିବୋଧର ଓ ବ୍ୟକ୍ତିଭାବର ଏକ ନିର୍ବାଣମୟ ସ୍ଥିତିରେ ଅବସ୍ଥାନ କରିବା ଆଦୌ ଅସମ୍ଭବ ନୁହେଁ, ଏକ ପରମ ସ୍ଥିତିଶୀଳତାର ଉପଲବ୍ଧିରେ ଅଟକିଯାଇ ବିଶ୍ୱର ଯାବତୀୟ ସ୍ପନ୍ଦନ ଓ ସଞ୍ଚରଣକୁ ନିଃଶବ୍ଦ ପରମାତ୍ମା ଉପରେ ନ୍ୟସ୍ତ ହୋଇ ରହିଥିବା କେବଳ ଏକ ବହିର୍ଲୀଳା ବା ମାୟା ବୋଲି ଅନୁଭବ କରିବା ଆଦୌ ଅସମ୍ଭବ ନୁହେଁ, ଏହି ବିଶ୍ୱର ସୀମାକୁ ପାରହୋଇ କୌଣସି ପରମ ଅବିଚଳ ଓ ପରିବର୍ତ୍ତନରହିତ ସ୍ଥିତି ଭିତରେ ପ୍ରବେଶ କରିବା ମଧ୍ୟ ଆଦୌ ଅସମ୍ଭବ ନୁହେଁ । ମାତ୍ର ଏଠାରେ ଆମ ଆଗରେ ଏହାଠାରୁ କମ୍ ନିକାରାତ୍ମକ ଅତିପ୍ରାକୃତ ଅନୁଭୂତିର ଆଉ ଗୋଟିଏ ଧାରା ମଧ୍ୟ ଉନ୍ମୁକ୍ତ ହୋଇରହିଛି । କାରଣ ଏହି ସୋପାନଟିରେହିଁ ଆମର ଶାନ୍ତ ଓ ନୀରବ ଆତ୍ମାଟି ଭିତରକୁ ଆଲୋକ, ଜ୍ଞାନ, ଶକ୍ତି, ଆନନ୍ଦ ଓ ଅତିପ୍ରାକୃତ କେତେ ସାମର୍ଥ୍ୟ ଏକ ବୃହତ୍ ଗତିଶୀଳ ଧାରାରେ ଉପରୁ ଅବାଡ଼ି ହୋଇପଡ଼ୁଛି, ଏବଂ ପରମ ଚିତ୍‌ସ୍ୱରୂପର ଉଚ୍ଚତର ଭୂମିଗୁଡ଼ିକୁ ଆରୋହଣ କରି ଯାଇପାରିବା ଲାଗି ଆମ ଭିତରେ ବି ସାମର୍ଥ୍ୟ ରହିଛି । ସେହି ଉଚ୍ଚତର ଭୂମିଗୁଡ଼ିକରେ ତାହାର ଅବିଚଳ ଅବସ୍ଥିତିହିଁ ସେହିସବୁ ବିଶାଳ ଜ୍ୟୋତିର୍ମୟ ସାମର୍ଥ୍ୟର ଭିତ୍ତି ହୋଇ ରହିଛି । ଅଜ୍ଞାନର ବଶବର୍ତ୍ତୀ ହୋଇ ରହିଥିବା ମନଟିର ଆୟତନକୁ ପାର ହୋଇ ଆମେ ଯେ ଏକ ଆଧ୍ୟାତ୍ମିକ ସ୍ଥିତି ଭିତରକୁ ଉତ୍ତୀର୍ଣ୍ଣ ହୋଇ ଚାଲିଯାଇ ପାରୁଛୁ, ଉଭୟ କ୍ଷେତ୍ରରେ ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି । ମାତ୍ର ଦ୍ୱିତୀୟ ଧାରା ବା ଦ୍ୱିତୀୟ ସମ୍ଭାବନାଟିରେ ପରିଣାମତଃ ପରମ ଚିତ୍‌ଶକ୍ତିର ଯେଉଁ ବୃହତ୍ତର କ୍ରିୟାଟି ସଂଘଟିତ ହେବ, ସେଇଟି ଭିତରେ ବି ଦୁଇପ୍ରକାର ପ୍ରବୃତ୍ତି ଦେଖା ଦେଇପାରେ : ଏହା ଆମ ଲାଗି କେବଳ ଏକ ଶୁଦ୍ଧ ଆଧ୍ୟାତ୍ମିକ ଗତିଶୀଳତାରୂପେ ଦେଖା ଦେଇ ପାରେ ମାତ୍ର ଏହାର ସ୍ୱଭାବ କିମ୍ବା ପରିସରରେ ଅନ୍ୟତଃ କୌଣସି ନିର୍ଦ୍ଦେଶ୍ୟତା ନଥାଇପାରେ; ଅଥବା ଏହା ଏକ ଆଧ୍ୟାତ୍ମିକ ମାନସକ୍ଷେତ୍ରକୁ ପ୍ରକଟିତ କରି ଦେଇପାରେ, ଯେଉଁଠାରେ କି ପରମ ସତ୍ୟଟି ବିଷୟରେ ମନର ଆଉ କୌଣସି

'oaob.nitrkl.ac.in' images reprocessed

ଅଜ୍ଞାନତା ନଥାଏ । ମନର ଏହି ସ୍ତରଟିକୁ ଆମେ ଅବଶ୍ୟ ଅତିମାନସ ସ୍ତର ବୋଲି ବି କହିପାରିବା ନାହିଁ, ମାତ୍ର ଅତିମାନସ ଋତଚିତ୍ତରୁହିଁ ଏହା ସମ୍ଭୂତ ହୋଇଥାଏ ଏବଂ ସେହି ଅତିମାନସଜ୍ଞାନର ଜ୍ୟୋତିରେ ତଥାପି କେତେକାଂଶରେ ଉଦ୍‌ଭାସିତ ହୋଇ ରହିଥାଏ ।

ଏହି ଦ୍ୱିତୀୟ ସମ୍ଭାବନାଟିରେହିଁ ଆମକୁ ଆମର ଲୋଡ଼ୁଥିବା ଗୁପ୍ତ ଧନଟି ମିଳିଯାଏ । ଏହି ସୋପାନଟିରୁ ସେହି ସୋପାନଟିକୁ ପାରି ହୋଇଯିବାର ସାଧନ ମିଳିଯାଏ, ଏକ ଅତିମାନସ ରୂପାନ୍ତର ଲାଗି ଆବଶ୍ୟକ ସାହାଯ୍ୟ ବି ମିଳିଯାଏ । କାରଣ ଏଠାରେ ପହଞ୍ଚି ଆମେ ଆମର ଆରୋହଣପଥରେ ଗୋଟିକପରେ ଗୋଟିଏ କରି ଧୀରେ ଧୀରେ ଉଠିଯାଇଥିବା ପାହାଚଗୁଡ଼ିକୁ ଦେଖିବାକୁ ପାଉ, ଉପରୁ ଅଜାଡ଼ି ହୋଇ ପଡ଼ୁଥିବା ଅଧିକରୁ ଅଧିକ ଗଭୀର ଓ ବିପୁଳ ଏକ ଆଲୋକ ଏବଂ ଶକ୍ତି ସହିତ ବି ସଂଯୋଗସ୍ଥାପନ ହୋଇଯାଏ; ସତେ ଅବା ଏକ ସୋପାନକ୍ରମରେ ଚୈତନ୍ୟ ମଧ୍ୟ କ୍ରମେ ତୀବ୍ରତର ଓ ସଘନତର ହେଉଥିବା ପରି ଅନୁଭୂତ ହୁଏ ଯାହାକି କି ମନର ଆରୋହଣ ପଥରେ ଅଥବା ମାନସାତୀତ ତତ୍ତ୍ୱସ୍ୱରୂପର ମନ ଭିତରକୁ ଓହ୍ଲାଇ ଆସିବାର ମାର୍ଗରେ ଗୋଟିଏ ଗୋଟିଏ ପାହାଚ ପରି ଅନୁଭବ କରାଯାଇ ପାରେ । ଆମେ ଅନୁଭବ କରୁ, ସ୍ୱତଃସ୍ଫୂର୍ତ୍ତ ଜ୍ଞାନର ଭାସମାନ ଖଣ୍ଡମାନ ସତେ ଅବା ଏକ ସମୁଦ୍ରପ୍ଲାବନ ପରି ଆମ ଉପରେ ଅଜାଡ଼ି ହୋଇପଡ଼ୁଛି ଓ ଆମ ଭିତରେ ଭାବନାର ସ୍ୱଭାବ ଧାରଣ କରୁଛି । ମାତ୍ର ଭାବନାର ଯେଉଁ ପ୍ରକ୍ରିୟାଟି ସହିତ ଆମେ ସାଧାରଣତଃ ଅଭ୍ୟସ୍ତ ହୋଇ ରହିଥାଉ, ଏହା ତା'ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଧରଣର । କାରଣ ଏହି କ୍ଷେତ୍ରରେ ଲୋଡ଼ିବାର କୌଣସି ଆୟାସ ନଥାଏ, ମନର ସୀମା ଦେଇ ରଚିତ ହୋଇଥିବା କୌଣସି ରଚନାର ଗନ୍ଧହିଁ ନଥାଏ, ଅନୁମାନ, ଅନ୍ଦାଜ ଓ ଆୟାସମସ୍ତ ଆବିଷ୍କାରର ଶ୍ରମ କରିବାକୁ ପଡ଼େ ନାହିଁ । ଜ୍ଞାନ ଏଠାରେ ସ୍ୱୟଂକ୍ରିୟ, ସେ ଆପଣାଛାଏଁ ଆସେ, ସ୍ୱତଃସ୍ଫୂର୍ତ୍ତିଭାବରେ ଆସେ; ପରମ ସତ୍ୟର ଉପଲବ୍ଧି କରିଥିବା ଓ ପ୍ରଚ୍ଛନ୍ନ ତଥା ପ୍ରତ୍ୟାହୃତ ସତ୍ୟତତ୍ତ୍ୱଗୁଡ଼ିକ ଲାଗି ସକଳ ଆକୁଳତାକୁ ପାରି ହୋଇ ଯାଇଥିବା ଏକ ଉଚ୍ଚତର ମନରୁହିଁ ଏହି ଜ୍ଞାନ ଉତ୍ସାରିତ ହୋଇଆସେ । ଗୋଟିଏ ମାତ୍ର ଦୃଷ୍ଟିରେ ଯେ ଏହି ମହତ୍ତ୍ୱ ଭାବନା ଆମର ସାଧାରଣ ମନ ତୁଳନାରେ ଏକାବେଳକେ ଅନେକ ଅଧିକ ଜ୍ଞାନସାମଗ୍ରୀକୁ ଆପଣାର ଅନ୍ତର୍ଗତ କରିଦେଇ ପାରେ, ସେ କଥାର ପ୍ରମାଣ ମିଳିଯାଏ । ଏହି ମହତ୍ତ୍ୱ ଭାବନା ଭିତରେ ବ୍ୟକ୍ତିଭାବସଙ୍କୁଚିତ ଖଣ୍ଡଭାବନାର କୌଣସି ନିଦର୍ଶନ ନଥାଏ, ଏହା ସ୍ୱଭାବତଃ ଏକ ବିଶ୍ୱଗତ ଭାବନାପରି କାର୍ଯ୍ୟ କରୁଥାଏ । ଏହି ପରମ ସତ୍ୟପ୍ଲୁତ ଭାବନାର ଉପର ପାହାଚଟିରେ ପହଞ୍ଚି ଆମେ ଅଧିକତର ଶକ୍ତି, ସଘନତା ଓ ଆଗକୁ ଚାଳିତ କରି ନେଇଯିବାର ସାମର୍ଥ୍ୟସମ୍ପନ୍ନ ଏକ ବୃହତ୍ତର ଜ୍ୟୋତିର୍ଭାସ୍ୱରତାର ଦର୍ଶନ ଲାଭ କରିବା ।

'oaob.nitrkl.ac.in' images reprocessed

ସତ୍ୟଦର୍ଶନ ହେଉଛି ଏହି ଜ୍ୟୋତିର୍ମୟତାର ଅସଲ ସ୍ୱଭାବ, ଭାବନାରଚନ ତା' ଉପରେ ନିର୍ଭର କରି ରହିଥିବା ଏକ ଗୌଣ ଓ ଅପ୍ରଧାନ କ୍ରିୟା ମାତ୍ର । ବେଦରେ ସତ୍ୟସୂର୍ଯ୍ୟ ବୋଲି ବର୍ଣ୍ଣିତ ହୋଇଥିବା ଯେଉଁ କଳ୍ପନାଟି ରହିଛି, ଏହି ସୋପାନର ଅନୁଭୂତିରେ ତାହା ଏକ ବାସ୍ତବ ସତ୍ୟରୂପେ ପରିଣତ ହେଉଛି । ବେଦର ସେହି କଳ୍ପନାଟିକୁ ଗ୍ରହଣ କଲେ ଆମେ ପରମ ଉଚ୍ଚତର ମନର କ୍ରିୟାଟିକୁ ଏକ ସ୍ଥିରପ୍ରଶାନ୍ତ ସୂର୍ଯ୍ୟଜ୍ୟୋତି ସହିତ ତୁଳନା କରିପାରିବା, ଏବଂ ତାହାର ପରବର୍ତ୍ତୀ ସୋପାନରେ ଅବସ୍ଥିତ ଜ୍ୟୋତିର୍ମୟ ପରମ ମନର ସାମର୍ଥ୍ୟକୁ ଜ୍ୱଳନ୍ତ ସୂର୍ଯ୍ୟବସ୍ତୁରୁ ପ୍ରପତିତ ହେବାରେ ଲାଗିଥିବା ବିଦ୍ୟୁତ୍‌ପୁଞ୍ଜ ସହିତ ତୁଳନା କରିପାରିବା । ସେଠୁ ଆହୁରି ପାହାଚେ ଅତିକ୍ରମ କରିଗଲେ ଆମେ ପରମ ସତ୍ୟ-ଶକ୍ତିର ଏକ ଆହୁରି ବିଶାଳତର ସାମର୍ଥ୍ୟର ସାକ୍ଷାତ୍ ଲାଭ କରିବା; ଏକ ଅନ୍ତରଙ୍ଗ ଓ ବିଶୁଦ୍ଧ ସତ୍ୟ-ଦୃଷ୍ଟି, ସତ୍ୟ-ଭାବନା, ସତ୍ୟବୋଧ, ସତ୍ୟ-ସଂବେଦନା ଓ ସତ୍ୟ-କ୍ରିୟାର ଭେଟ ପାଇବା, ଯାହାକୁ କି ଏକ ବିଶେଷ ଅର୍ଥରେ ଆମେ ପରମ ବୋଧି ବା ପରମ ପ୍ରତିବୋଧ ବୋଲି କହିପାରିବା । କାରଣ ଏକଥା ମାନିବାକୁ ପଡ଼ିବ ଯେ ଏକ ଯଥାର୍ଥତର ଶବ୍ଦର ଅଭାବରୁହିଁ ବୁଦ୍ଧିଗତ ସାଧନସୀମାର ଅତୀତ କୌଣସି ପ୍ରତ୍ୟକ୍ଷ ଜ୍ଞାନସାଧନକୁ ବୁଝାଇବା ଲାଗି ଆମେ ବୋଧି ଶବ୍ଦଟିର ପ୍ରୟୋଗ କରିଛୁ; ମାତ୍ର ବୋଧି କହିଲେ ଆମେ ସାଧାରଣତଃ ଯାହା ବୋଲି ବୁଝିଥାଉ, ତାହା ହେଉଛି ଆତ୍ମସମ୍ଭୂତ ଜ୍ଞାନର ଏକ ବିଶେଷ ଗତିସ୍ପନ୍ଦନ ମାତ୍ର । ବୋଧିର ଏହି ନୂତନ ରାଜ୍ୟଟି ତାହାର ଉତ୍ସମୂଳ; ଆମର ବୋଧିଗତ ଜ୍ଞାନଗୁଡ଼ିକୁ ଏହା ଆପଣା ବିଶେଷ ସ୍ୱଭାବର କେତେକ ସମ୍ପନ୍ନତା ଅବଶ୍ୟ ଆଣି ଦେଇଥାଏ ଏବଂ ଯେଉଁ ବୃହତ୍ତର ପରମ ସତ୍ୟ-ଜ୍ୟୋତି ସହିତ ସଂଯୋଗସ୍ଥାପନ କରିବାଲାଗି ଆମ ମନର କୌଣସି ସମର୍ଥତା ନଥାଏ, ତାହା ସ୍ପଷ୍ଟତଃ ତାହାର ଏକ ମଧ୍ୟବର୍ତ୍ତୀ ପ୍ରତିନିଧି ପରି କାର୍ଯ୍ୟ କରୁଥାଏ । ଏହି ପରମ ବୋଧିର ଉତ୍ସସନ୍ଧାନ କରି ଆମେ ଏକ ଅତିଚେତନ ବିଶ୍ୱଗତ ମନର ଆବିଷ୍କାର କରିଥାଉ । ଅତିମାନସ ଋତଚିତ୍ ସହିତ ଏହି ବିଶ୍ୱଗତ ମନଟିର ପ୍ରତ୍ୟକ୍ଷ ସମ୍ପର୍କ ରହିଥାଏ, ଏକ ମୂଳଗତ ଓ ସଘନ ସମର୍ଥତାରୂପେ ତାହାହିଁ ନିମ୍ନସ୍ଥ ସକଳ ଗତିସ୍ପନ୍ଦନ ତଥା ସକଳ ମାନସିକ ଶକ୍ତିର ନିୟନ୍ତ୍ରଣ କରୁଥାଏ । ଏହି ବିଶ୍ୱଗତ ମନ ସହିତ ଆମେ ଆମର ପରିଚିତ ମନର କୌଣସି ସାଦୃଶ୍ୟ କରି ବସିବା ନାହିଁ, ଏହାକୁ ଆମେ ଏକ ଅଧିମାନସରୂପେ ଅନୁଭବ କରିବା, ଯାହାକି 'ଦେବତୋଧା' ଆଦିପୁରୁଷ ପରି ସତେ ଅବା ଆପଣାର ବିଶାଳ ଡେଣାଗୁଡ଼ିକଦ୍ୱାରା ଏହି ଅପରାର୍ଦ୍ଧର ବିଦ୍ୟା-ଅବିଦ୍ୟାକୁ ଆବୃତ କରି ରହିଛି; ଏହାକୁ ବୃହତ୍ତର ଋତଚିତ୍ ସହିତ ସଂଲଗ୍ନ କରି ଦେଉଛି, ଅଥଚ ଆପଣାର ହିରଣ୍ମୟ ପାତ୍ରଟିଦ୍ୱାରା ସେହି ଉଚ୍ଚତର ପରମ ସତ୍ୟର ମୁଖଟିକୁ ଆମର ଦୃଷ୍ଟି ସମକ୍ଷରୁ ବାରିତ କରି ରଖିଛି । ଅର୍ଥାତ୍

'oaob.nitrkl.ac.in' images reprocessed

ଆପଣା ସତ୍ତ୍ୱର ଆଧ୍ୟାତ୍ମିକ ବିଧାନଟିର ଆମ ଅନ୍ୱେଷଣଯାତ୍ରାରେ ଏଥିରେ ଅନ୍ତର୍ନିହିତ ଅନନ୍ତ ସମ୍ଭାବନାର ପ୍ଳାବନ ଆମ ଲାଗି ଏକାଧାରରେ ଏକ ପ୍ରତିବନ୍ଧକ ଓ ଏକ ସଂଯୋଗକାରୀ ମାର୍ଗରୂପେ ମଧ୍ୟ କାର୍ଯ୍ୟ କରେ । ଏବଂ ସେହି ଆଧ୍ୟାତ୍ମିକ ବିଧାନର ସନ୍ଧାନ କରିବା ହେଉଛି ଆମ ଜୀବନସତ୍ତ୍ୱର ଉଚ୍ଚତମ ଲକ୍ଷ୍ୟ, ଏହାର ସଗୁପ୍ତ ସତ୍ୟ । ଆମେ ଏପର୍ଯ୍ୟନ୍ତ ଏହି ଗୁପ୍ତମାର୍ଗଟିରହିଁ ସନ୍ଧାନ କରି ଆସିଛୁ, ଏହି ପରମ ସାମର୍ଥ୍ୟହିଁ ପରମ ଜ୍ଞାନ ଓ ବିଶ୍ୱରୂପ ଅବିଦ୍ୟାକୁ ଏକାଧାରରେ ପରସ୍ପର ସହିତ ସଂଲଗ୍ନ କରିଦେଉଛି, ପୁଣି ପରସ୍ପରଠାରୁ ବିଚ୍ଛିନ୍ନ ମଧ୍ୟ କରିଦେଉଛି ।

ଆପଣାର ସ୍ୱଭାବ ଓ ବିଧାନ ଅନୁସାରେ ଅଧିମାନସ ଅତିମାନସ ପରମଚେତନାର ଏକ ପ୍ରତିନିଧିରୂପେ କାର୍ଯ୍ୟ କରୁଛି, ଅବିଦ୍ୟାର ରାଜ୍ୟ ଭିତରେ ତାହାର ଦୂତ ପରି କାର୍ଯ୍ୟ କରୁଛି । ଅଥବା ଆମେ ଏହାକୁ ଏକ ରକ୍ଷାକାରୀ ଦ୍ୱୈତଭାବ ବୋଲି ବି କହିପାରିବା କିମ୍ବା ଅସମ ସମତାର ଏକ ପର୍ଦ୍ଦା ବୋଲି କହିପାରିବା, ଯାହାର ମାଧ୍ୟମରେ କି ଅତିମାନସ ଅବିଦ୍ୟା ଉପରେ ପରୋକ୍ଷ ଭାବରେ କାର୍ଯ୍ୟ କରି ପାରୁଛି । ଅତିମାନସ ଏହି ଅବିଦ୍ୟା ଉପରେ କେବଳ ପରୋକ୍ଷ ଭାବରେହିଁ କାର୍ଯ୍ୟ କରି ପାରିବ, କାରଣ ଅବିଦ୍ୟାର ଅନ୍ଧାର ଅତିମାନସରୂପୀ ଏକ ପରମ ଆଲୋକର ସମ୍ପାତକୁ ସିଧା ଗ୍ରହଣ କରିବାଲାଗି କଦାପି ସମର୍ଥ ହେବ ନାହିଁ । ଏପରିକି ଅଧିମାନସର ଏହି ପ୍ରଭାସ୍ୱର ଜ୍ୟୋତିର୍ମଣ୍ଡଳର ପ୍ରକ୍ଷେପଣ ଦ୍ୱାରାହିଁ ଅବିଦ୍ୟା ଭିତରେ ଏକ ନ୍ୟୂନତର ଆଲୋକର ବିକୀରଣ ସମ୍ଭବପର ହୋଇଛି, ଏବଂ ସେହି ବିକୀରଣ ଏପରି ଏକ ବିପରୀତଧର୍ମୀ ଗ୍ରସ୍ତାର ସୃଷ୍ଟି କରୁଛି ଯାହାକି ସକଳ ଆଲୋକକୁ ଆପଣାର ଗର୍ଭ ଭିତରକୁ ନିକ୍ଷେପ କରିଦେଉଛି । ଏବଂ ଏହାରିଦ୍ୱାରାହିଁ ନିଶ୍ଚେତନା ଜନ୍ମଲାଭ କରୁଛି । କାରଣ ଅତିମାନସ ଆପଣାର ସକଳ ସତ୍ୟକୁ ଅଧିମାନସ ଉପରେ ନ୍ୟସ୍ତ କରିଦେଉଛି ମାତ୍ର ଐକ୍ୟସତ୍ତ୍ୱ ସତ୍ୟକୁ ଗତିସ୍ପନ୍ଦନରେ ପରିଣତ କରିବାର କାର୍ଯ୍ୟଟିକୁ ସେ ସେହି ଅଧିମାନସ ଉପରେ ଛାଡ଼ିଦେଉଛି । ଯେଉଁ ବିଶ୍ୱଚେତନାର ସାହାଯ୍ୟ ନେଇ ଅଧିମାନସ ଏହି କାର୍ଯ୍ୟଟି କରୁଛି, ତାହା ତଥାପି ସେହି ପରମ ସତ୍ୟରହିଁ ଏକ ଦୃଷ୍ଟି ହୋଇ ରହିଛି, ମାତ୍ର ତହିଁ ସଙ୍ଗେ ସଙ୍ଗେ ଅବିଦ୍ୟାର ପ୍ରଥମ ଜନକରୂପେ ବି କାର୍ଯ୍ୟ କରୁଛି । ଅତିମାନସ ଓ ଅଧିମାନସ ମଧ୍ୟରେ ରହିଥିବା ଏକ ରେଖା ଉଭୟଙ୍କୁ ପରସ୍ପରଠାରୁ ବିଭକ୍ତ କରି ରଖିଛି, ମାତ୍ର ଏହି ରେଖା ଉପରେ ମୁକ୍ତ ଓ ସ୍ୱଚ୍ଛନ୍ଦ ଯାତାୟାତ ମଧ୍ୟ ଲାଗି ରହିଛି । ଏହି ରେଖାଟିର ଉପରଦେଇହିଁ ନିମ୍ନତର ଶକ୍ତି ଆପଣାର ଯାବତୀୟ ସମ୍ପଦ ଓ ଯାବତୀୟ ଦୃଷ୍ଟିକୁ ସେହି ଉଚ୍ଚତର ଶକ୍ତିଭିତରୁ ଆହରଣ କରି ଆଣୁଛି, ମାତ୍ର ସେପାଖରୁ ଏପାଖକୁ ଆସିବାର ମାର୍ଗରେହିଁ ସେଥିରେ ଏକ ପରିବର୍ତ୍ତନ ବି ଘଟିବାକୁ ବାଧ୍ୟ ହେଉଛି । ଅତିମାନସର ସମଗ୍ରତାଟିହିଁ ବିଶ୍ୱଗତ

'oaob.nitrkl.ac.in' images reprocessed

ସକଳ ଯଥାର୍ଥ ସତ୍ୟକୁ ଧାରଣ କରି ରଖିଛି, ଆପଣାର ସମଗ୍ର ସତ୍ୟଟି ସହିତ ଆପଣାର ବ୍ୟକ୍ତିଭାବାପନ୍ନ ଆତ୍ମରୂପାୟନର ସତ୍ୟଟିକୁ ବଡ଼ ସୁସ୍ପଷ୍ଟଭାବରେ ଏକତ୍ର ଗୁନ୍ଥି ରଖିଛି । ଏହା ଉଭୟ ମଧ୍ୟରେ ଏକ ଅବିଚ୍ଛିନ୍ନ ଏକତ୍ୱ ଅବ୍ୟାହତ ରଖିଛି । ଦୁହେଁ ସମ୍ପୂର୍ଣ୍ଣ ଅନ୍ତରଙ୍ଗ ଭାବରେ ପରସ୍ପରକୁ ଭେଦ କରି ପ'ଶୁଛନ୍ତି, ପରସ୍ପର ସମ୍ମୁଖରେ ମୁକ୍ତ ଓ ପୂର୍ଣ୍ଣଭାବରେ ସଚେତନ ରହିଛନ୍ତି । ମାତ୍ର ଅଧିମାନସକୁ ଆସି ଏହି ସମଗ୍ରତାଟିକୁ ଆମେ ଆଉ ଦେଖିବାକୁ ପାଇବା ନାହିଁ । ତଥାପି ଅଧିମାନସ ମଧ୍ୟରେ ବିଷୟଗୁଡ଼ିକର ମର୍ମସତ୍ୟଟି ବେଶ୍ ସଚେତନ ଭାବରେ ବିଦ୍ୟମାନ ରହିଛି, ଆପଣାର ଚେତନା ଭିତରେ ସେ ସମଗ୍ରତାଟିକୁ ତଥାପି ଆଲିଙ୍ଗନ କରି ରହିଛି । ବ୍ୟକ୍ତିଭାବାପନ୍ନ ଆତ୍ମରୂପାୟନଗୁଡ଼ିକୁ ଅଧିମାନସ କାମରେ ଲଗାଉଛି ସତ, ମାତ୍ର ସେସବୁଦ୍ୱାରା ଆଦୌ ବାନ୍ଧି ହୋଇପଡ଼ୁ ନାହିଁ । ମାତ୍ର ସେହି ରୂପାୟନଗୁଡ଼ିକର ମୂଳଗତ ଏକତ୍ୱଟିକୁ ଜାଣିଥିଲେ ମଧ୍ୟ, ଏବଂ ଏକ ଆଧ୍ୟାତ୍ମିକ ଜ୍ଞାନଦ୍ୱାରା ତାହାର ଉପଲବ୍ଧି କରିବାକୁ ସମର୍ଥ ହେଉଥିଲେ ମଧ୍ୟ ସେହି ଅଧିମାନସର ଗତିଶୀଳ ସ୍ପନ୍ଦନଟି ଆପଣାର ଦୃଢ଼ପ୍ରତିଷ୍ଠା ଲାଗି ସେହି ଏକତ୍ୱ ଉପରେ ଆଶ୍ରୟ କରି ରହୁଛି ସତ, ମାତ୍ର ସେହି ଏକତ୍ୱଦ୍ୱାରା ସିଧା ନିୟନ୍ତ୍ରିତ ହେଉ ନାହିଁ । ସମଗ୍ର, ଅବିଭାଜ୍ୟ ତଥା ସର୍ବସମାବେଶକ ପରମ ଏକତ୍ୱର ସାମର୍ଥ୍ୟ ଓ ବିଭାବଗୁଡ଼ିକୁ ନାନାଭାବେ ବିଭକ୍ତ ଓ ସଂଯୁକ୍ତ କରି ପାରିବାର ଏକ ଅସୀମ ସମର୍ଥତାର ମାଧ୍ୟମରେହିଁ ଅଧିମାନସ ଶକ୍ତି ଆପଣାକୁ ପ୍ରକାଶିତ କରିଥାଏ । ଏହା ପରମ ଏକତତ୍ତ୍ୱର କୌଣସି ଗୋଟିଏ ବିଭାବ ଅଥବା ସାମର୍ଥ୍ୟକୁ ନେଇ ସେଥିରେ ଏକ ସ୍ୱତନ୍ତ୍ର କ୍ରିୟାତ୍ମକତା ସଞ୍ଚାର କରି ଦେଇଥାଏ, ଯାହାଦ୍ୱାରା କି ସେହି ବିଭାବ ଏବଂ ସାମର୍ଥ୍ୟ ଏକ ସମ୍ପୂର୍ଣ୍ଣ ଓ ସ୍ୱତନ୍ତ୍ର ମହତ୍ତ୍ୱ ଅର୍ଜନ କରିଥାଏ ଏବଂ ଏକଥା ମଧ୍ୟ କୁହାଯାଇ ପାରିବ ଯେ ଆପଣାର ସୃଷ୍ଟିଜଗତଟିକୁ କାର୍ଯ୍ୟକାରୀ ମଧ୍ୟ କରିଥାଏ । ଅତିମାନସସୌଷମ୍ୟର ଭୂମି ଉପରେ ପୁରୁଷ ଓ ପ୍ରକୃତି ଦୁଇଟି ବିଭାବବିଶିଷ୍ଟ ଗୋଟିଏ ସତ୍ୟରୂପେ ଅବସ୍ଥିତ ରହିଥା'ନ୍ତି, ଯଥାକ୍ରମେ ପରମ ସତ୍ୟର ସତ୍ତା ଏବଂ ଗତିଶୀଳତାର ପ୍ରତିନିଧିତ୍ୱ କରୁଥା'ନ୍ତି । ସେଠାରେ ସେହି ଅବସ୍ଥାରେ ଆମେ ଦୁହିଁଙ୍କ ମଧ୍ୟରେ କୌଣସିପ୍ରକାର ଅସମାବସ୍ଥାର କଳ୍ପନା କରିପାରିବା ନାହିଁ, ଅଥବା ଉଭୟ ମଧ୍ୟରୁ କୌଣସି ଗୋଟିଏ ତତ୍ତ୍ୱ କେବେହେଲେ ଅନ୍ୟଟି ଉପରେ ପ୍ରାଧାନ୍ୟ ବା ପ୍ରଭୁତ୍ୱ ବିସ୍ତାର କଲେ ବୋଲି ମଧ୍ୟ କହିପାରିବା ନାହିଁ । ମାତ୍ର ଏହି ଅଧିମାନସର ଭୂମିରେହିଁ ପୁରୁଷ ଓ ପ୍ରକୃତି ମଧ୍ୟରେ ବିଭେଦର ଉନ୍ମେଷ ହୁଏ । ସାଂଖ୍ୟଦର୍ଶନରେ ଆମେ ଏହିପରି ଏକ ତୀକ୍ଷ୍ଣ ବିଭେଦ କରାଯାଇଥିବାର ଦେଖିବାକୁ ପାଇବା, ଯେଉଁଠିକି ଉଭୟ ତତ୍ତ୍ୱକୁ ଦୁଇଟି ଭିନ୍ନଭିନ୍ନ ସ୍ୱତନ୍ତ୍ର ତତ୍ତ୍ୱରୂପେ ଛିଡ଼ା କରାଇ ଦିଆଯାଇଛି । ସେଠାରେ ପ୍ରକୃତି ପୁରୁଷ ଉପରେ ପ୍ରାଧାନ୍ୟ ବିସ୍ତାର କରିବାକୁ ସମର୍ଥ ହେଉଛି, ତାହାର ସ୍ୱାତନ୍ତ୍ର୍ୟ ତଥା

'oaob.nitrkl.ac.in' images reprocessed

ସାମର୍ଥ୍ୟକୁ ଆଚ୍ଛନ୍ନ କରି ପକାଉଛି, ତାହାକୁ କେବଳ ଏକ ସାକ୍ଷୀରୂପେହିଁ ପରିଣତ କରିଦେଉଛି, କେବଳ ପ୍ରକୃତିର ରୂପ ଓ କ୍ରିୟାଗୁଡ଼ିକୁ ଗ୍ରହଣ କରିବା ବ୍ୟତୀତ ପୁରୁଷର ଆଉ କୌଣସି କାର୍ଯ୍ୟହିଁ ରହୁ ନାହିଁ । ଅପର ପକ୍ଷରେ ପ୍ରକୃତିର ଆଚ୍ଛନ୍ନକାରୀ ମୂଳ ଭୌତିକ ତତ୍ତ୍ୱଟିକୁ ବର୍ଜନ କରି ପୁରୁଷ ମଧ୍ୟ ଆପଣାର ସ୍ୱତନ୍ତ୍ର ସତ୍ତା ଭିତରକୁ ଫେରିଆସି ପାରୁଛି ଏବଂ ଆପଣାର ବିମୁକ୍ତ ଆତ୍ମ-ସାର୍ବଭୌମତାରେ ସେଠାରେ ଅବସ୍ଥାନ କରିପାରୁଛି । ଦିବ୍ୟ ପରମ ସତ୍ୟର ଅନ୍ୟ ଯାବତୀୟ ବିଭାବ ତଥା ସାମର୍ଥ୍ୟର କ୍ଷେତ୍ରରେ,—ପରମ ବସ୍ତୁ ତଥା ପରମ ଏକ, ଦିବ୍ୟ ବ୍ୟକ୍ତିସତ୍ତା ତଥା ଦିବ୍ୟ ନୈର୍ବ୍ୟକ୍ତିକତା ପ୍ରଭୃତିର କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ଘଟୁଛି । ଏଗୁଡ଼ିକରୁ ପ୍ରତ୍ୟେକଟି ସେହି ଏକ ପରମସତ୍ୟର ଗୋଟିଏ ଗୋଟିଏ ବିଭାବ ଏବଂ ସାମର୍ଥ୍ୟ ହୋଇ ରହିଛି, ମାତ୍ର ସମଗ୍ର ମଧ୍ୟରେ ଅବସ୍ଥିତ ଥାଇ ମଧ୍ୟ ଏକ ସ୍ୱତନ୍ତ୍ର ତତ୍ତ୍ୱପରି କାର୍ଯ୍ୟ କରିବାଲାଗି ସେପରି ପ୍ରତ୍ୟେକର ତଥାପି ଶକ୍ତି ରହିଛି ! ପ୍ରତ୍ୟେକଟି ଆପଣା ସ୍ୱତନ୍ତ୍ର ପ୍ରକାଶର ପରିପୂର୍ଣ୍ଣ ସମ୍ଭାବନାଗୁଡ଼ିକର ଉପଲବ୍ଧି କରିପାରୁଛି ଏବଂ ସେହି ସ୍ୱାତନ୍ତ୍ର୍ୟର ଗତିଶୀଳ ପରିଣାମଗୁଡ଼ିକର ବିକାଶ ମଧ୍ୟ କରିପାରୁଛି ! ମାତ୍ର ତହିଁ ସଙ୍ଗେ ସଙ୍ଗେ ଅଧିମାନସ ଭୂମିରେ ଏହି ସ୍ୱାତନ୍ତ୍ର୍ୟଟି ଏକ ଅନ୍ତର୍ନିହିତ ଏକତ୍ୱବ୍ୟଞ୍ଜନାର ଆଧାର ଉପରେ ତଥାପି ପ୍ରତିଷ୍ଠିତ ହୋଇ ରହିଛି । ବିଭକ୍ତ ସକଳ ସାମର୍ଥ୍ୟ ଓ ବିଭାବଗୁଡ଼ିକ ଭିତରେ ଯାବତୀୟ ସଂଯୋଗ ଓ ସମ୍ବନ୍ଧର ସକଳ ସମ୍ଭାବନା ରହିଛି, ଓ ସେଗୁଡ଼ିକର ଶକ୍ତି ଭିତରେ ସକଳ ଆଦାନପ୍ରଦାନ ଏବଂ ପାରସ୍ପରିକତାମାନ ସମ୍ପୂର୍ଣ୍ଣ ମୁକ୍ତଭାବେ ସଂଗଠିତ ହେବାର ସମ୍ଭାବନା ବି ରହିଛି ଏବଂ ବାସ୍ତବ କ୍ଷେତ୍ରରେ ସେଗୁଡ଼ିକ ସର୍ବଦା କାର୍ଯ୍ୟରେ ବି ପରିଣତ ହେଉଛି ।

ପରମ ସତ୍ୟର ବିଭିନ୍ନ ସାମର୍ଥ୍ୟଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ଦେବତା ବୋଲି କଳ୍ପନା କଲେ ଆମେ କହିପାରିବା ଯେ ଅଧିମାନସ କର୍ମର ଲୀଳାଭୂମି ଉପରେ ନିୟୁତ ଦେବତାଙ୍କର ଅବତରଣ କରାଉଛି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେବତା ତାଙ୍କର ଆପଣା ଜଗତଟିର ସୃଷ୍ଟି କରିବା ଲାଗି ଶକ୍ତିସମ୍ପନ୍ନ ହୋଇ ଆସିଛନ୍ତି, ଏବଂ ଅନ୍ୟ ଜଗତଗୁଡ଼ିକ ସହିତ ସମ୍ବନ୍ଧ, ସଂଯୋଗସ୍ଥାପନ ତଥା ପାରସ୍ପରିକ ଲୀଳା ଲାଗି ଏହି ସୃଷ୍ଟ ପ୍ରତ୍ୟେକ ଜଗତର ପୂର୍ଣ୍ଣ ସାମର୍ଥ୍ୟ ରହିଛି । ଦେବତାମାନଙ୍କର ସ୍ୱଭାବ ବିଷୟରେ ବେଦରେ ଭିନ୍ନଭିନ୍ନ ବର୍ଣ୍ଣନ ରହିଛି । ସେହି ଦେବତାମାନେ କେବଳ ଗୋଟିଏ ସତ୍ତ୍ୱରେ ଅବସ୍ଥିତ ରହିଛନ୍ତି, ମାତ୍ର ବିପ୍ରାଃ ବହୁଧା ବଦନ୍ତି,—ପଣ୍ଡିତମାନେ ସେମାନଙ୍କୁ ନାନା ନାମରେ ଅଭିହିତ କରନ୍ତି ବୋଲି କୁହାଯାଇଛି । ମାତ୍ର ପ୍ରତ୍ୟେକ ଦେବତାଙ୍କର ଏଭଳି ଆରାଧନା କରାଯାଇଛି, ସତେଯେପରି କେବଳ ସେଇ ଏକାକୀହିଁ ସେହି ପରମ ସତ୍ତାର ଏକମାତ୍ର ସ୍ୱରୂପ, ଯେପରି ଅନ୍ୟ ସକଳ

'oaob.nitrkl.ac.in' images reprocessed

ଦେବତାଙ୍କୁ ଏକତ୍ର କରି ସେହି ଦେବତାଟି ଅବସ୍ଥାନ କରୁଛନ୍ତି ଏବଂ ସେମାନଙ୍କୁ ଆପଣାର ସତ୍ତା ଭିତରେ ଧାରଣ କରି ରହିଛନ୍ତି । ପୁଣି ପ୍ରତ୍ୟେକ ଦେବତା ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଦେବତାରୂପେ ମଧ୍ୟ ପ୍ରତିଷ୍ଠିତ ରହିଛନ୍ତି; କେତେବେଳେ ଅନ୍ୟ ସଙ୍ଗୀଦେବତାଙ୍କ ସହିତ ଏକାଠି ମିଶି କାର୍ଯ୍ୟ କରୁଛନ୍ତି, କେତେବେଳେ ଏକୁଟିଆ କାର୍ଯ୍ୟ କରୁଛନ୍ତି । ପୁଣି କେତେବେଳେ ସତେ ଅବା ସେହି ଏକ ପରମ ସତ୍ତାରେ ଅବସ୍ଥିତ ରହିଥିବା ଅନ୍ୟ ଦେବତାମାନଙ୍କର ବିରୋଧ ଆଚରଣ କଲାଭଳି ମଧ୍ୟ କାର୍ଯ୍ୟ କରୁଛନ୍ତି । ଅଧିମାନସର ଭୂମିରେ ଆମେ ଏହି ସକଳ ବିଚିତ୍ରତାକୁ ଏକାଠି ମିଶାଇ ଗୋଟିଏ କଥାରେ ସେହି ଏକ ପରମ ସତ୍ତାର ସୌଷମ୍ୟ ଲୀଳା ବୋଲି କହିପାରିବ; ଅଧିମାନସ ଭୂମିରେ ଏହି ଢନୋଟିଯାକରୁ ପ୍ରତ୍ୟେକଟି ଅବସ୍ଥାକୁ ଏକ ସ୍ୱତନ୍ତ୍ର ଜିସ୍ଥା ବା ଜିସ୍ଥାର ଆଧାରରୂପେ ବେଶ୍ କଳ୍ପନା କରାଯାଇ ପାରିବ, ପ୍ରତ୍ୟେକଟିର ବିକାଶ ଓ ପରିଣାମଗତ ସ୍ୱକୀୟ ଓ ସ୍ୱତନ୍ତ୍ର ତତ୍ତ୍ୱ ମଧ୍ୟ ରହିପାରିବ, ମାତ୍ର ପ୍ରତ୍ୟେକଟି ମଧ୍ୟରେ ଅନ୍ୟମାନଙ୍କ ସହିତ ଏକ ସମଗ୍ରତର ସମନ୍ୱୟରେ ସଂଯୁକ୍ତ ହୋଇ ପାରିବାର ଶକ୍ତି ବି ମହଜୁଦ ରହିଥିବ । ପରମ ଅଦ୍ୱୟ ସତ୍ତା ବେଳକୁ ଯାହା, ତାଙ୍କର ପରମ ଚେତନା ଓ ପରମା ଶକ୍ତି ବେଳକୁ ମଧ୍ୟ ଠିକ ସେଇଆ । ସେଇ ଗୋଟିଏ ପରମ ଚେତନାହିଁ ଚେତନା ଓ ଜ୍ଞାନର ନାନା ସ୍ୱତନ୍ତ୍ର ରୂପରେ ପରସ୍ପରଠାରୁ ଭିନ୍ନ ହୋଇଯାଏ, ପ୍ରତ୍ୟେକଟି ସତ୍ୟର ସ୍ୱକୀୟ ମାର୍ଗଟିର ଅନୁସରଣ କରେ ଏବଂ ସେହି ସତ୍ୟଟିର ଉପଲବ୍ଧି ଲାଗି ପ୍ରୟାସ କରୁଥାଏ । ସେହିପରି ଅଖଣ୍ଡ ତଥା ବହୁମୁଖ ପରମ ସତ୍ୟକଳ୍ପନାଟି ମଧ୍ୟ ଆପଣାର ବହୁ ଭାବରେ ବିଭକ୍ତ ହୋଇଯାଏ; ପ୍ରତ୍ୟେକ ଭାବ ଏକ ସ୍ୱତନ୍ତ୍ର ଜ୍ଞାନଶକ୍ତିରେ ପରିଣତ ହୁଏ, ଏବଂ ଆପଣାକୁ ଉପଲବ୍ଧି କରିବାର ସାମର୍ଥ୍ୟଦ୍ୱାରା ସମ୍ପନ୍ନ ହୋଇ ରହିଥାଏ । ସେହି ଗୋଟିଏ ପରମା ଚିତ୍ଶକ୍ତି ଆପଣାର ବହୁ ସହସ୍ର ଶକ୍ତିରେ ଆପଣାକୁ ମୁକୁଳାଇ କରିଦିଏ; ପ୍ରତ୍ୟେକଟି ଶକ୍ତି ଆପଣାକୁ ପରିପୂର୍ତ୍ତି କରିବା ଲାଗି ଅଧିକାରସମ୍ପନ୍ନ ହୋଇ ରହିଥାଏ ଏବଂ ଆବଶ୍ୟକ ହେଲେ ଅନ୍ୟ ଶକ୍ତିଗୁଡ଼ିକ ଉପରେ ଆପଣାର ପ୍ରଭୁତ୍ୱ ବିସ୍ତାର କରିଥାଏ ଏବଂ ସେଗୁଡ଼ିକୁ ଆପଣାର କାର୍ଯ୍ୟସିଦ୍ଧିର ନିମିତ୍ତରୂପେ ବ୍ୟବହାର କରିଥାଏ । ଠିକ୍ ସେହିପରି ପରମ ସତ୍ତାର ଆନନ୍ଦ ମଧ୍ୟ ସମ୍ଭବନୀୟ ଯାବତୀୟ ଆନନ୍ଦର ଧାରାରେ ଆପଣାକୁ ମୁକ୍ତ କରିଦିଏ, ସ୍ୱତନ୍ତ୍ର ଭାବରେ ଆପଣାର ପରିପୂର୍ତ୍ତିତାଟିକୁ ଉପଲବ୍ଧି କରିବା ଲାଗି ଏବଂ ଅନ୍ୟ ଧାରାଗୁଡ଼ିକ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଲାଗି ଏହି ପ୍ରତ୍ୟେକଟି ଭିତରେ ଯଥେଷ୍ଟ ସାମର୍ଥ୍ୟ ରହିଥାଏ । ଏହିପରି ଭାବରେ ଅଧିମାନସ ଅଦ୍ୱୟ ସଚ୍ଚିଦାନନ୍ଦ ମଧ୍ୟରେ ଅନନ୍ତ ସମ୍ଭାବନାର ସମାଗମଟିକୁ ଆଣି ସମାବିଷ୍ଟ କରିଦିଏ । ଏହି ସମ୍ଭାବନାଗୁଡ଼ିକ ମଧ୍ୟରେ ଅଗଣିତ କେତେକେତେ ଜଗତର ସମ୍ଭାବ୍ୟ ବିକାଶ ଲୁକ୍କାୟିତ ହୋଇ ରହିଥାଏ; ଅଥବା ଏଗୁଡ଼ିକୁ ହୁଏତ ଏପରି ଗୋଟିଏ ବ୍ରହ୍ମାଣ୍ଡ

'oaob.nitrkl.ac.in' images reprocessed

ଭିତରେ ଏକାଠି ଠୁଳ କରି ରଖାଯାଇ ପାରେ, ଯେଉଁଥିରେ କି ସେଗୁଡ଼ିକରୁ ସମ୍ଭୂତ ଲୀଳାର ବହୁବିଚିତ୍ର ପରିଣାମ ସେହି ବ୍ରହ୍ମାଣ୍ଡର ସୃଷ୍ଟି, ପ୍ରକ୍ରିୟା, ଗତି ଓ ପରିଣତିକୁ ନିର୍ଦ୍ଦିଷ୍ଟ ଓ ନିୟମିତ କରି ରଖିପାରେ ।

ଶାଶ୍ୱତ ପରମସତ୍ତ୍ୱର ଚିତ୍‌ଶକ୍ତିହିଁ ବିଶ୍ୱର ସୃଷ୍ଟି କରୁଥିବାରୁ, କୌଣସି ଏକ ନିର୍ଦ୍ଦିଷ୍ଟ ଜଗତ୍‌ସୃଷ୍ଟିରେ ସେହି ଚେତନା ଯେଉଁ ବିଶେଷ ଆତ୍ମଛନ୍ଦଟିରେ ଆତ୍ମପ୍ରକାଶ କରିବ, ସେହି ଜଗତର ସ୍ୱଭାବ କେବଳ ତାହାରି ଉପରେହିଁ ନିର୍ଭର କରିବ । ଠିକ୍ ସେହିପରି ପ୍ରତ୍ୟେକ ବ୍ୟକ୍ତିସତ୍ତ୍ୱର ଜୀବନଭୂମିରେ ମଧ୍ୟ, ସିଏ ବାସ କରୁଥିବା ପୃଥିବୀଟିକୁ ଯେ ଯେଭଳି ଭାବରେ ଦେଖିବ ବା ସେହି ପୃଥିବୀଟି ତାହାର ସମକ୍ଷରେ ଯେଭଳି ପ୍ରତୀତ ହେବ, ତାହା ତା' ନିଜ ଭିତରେ ସେହି ପରମ ଚେତନା ଗ୍ରହଣ କରିଥିବା ସ୍ଥିତି ଓ ସ୍ୱଭାବଟି ଉପରେ ସମ୍ପୂର୍ଣ୍ଣ ପରିମାଣରେ ନିର୍ଭର କରିବାକୁ ବାଧ୍ୟ ହେବ । ଆମର ମାନସଚେତନା ଲାଗି ଜଗତ କେବଳ ଯୁକ୍ତିବୁଦ୍ଧି ଓ ଇନ୍ଦ୍ରିୟବୋଧ ଦ୍ୱାରା କାଟିହୋଇ ରହିଥିବା ନାନା ଖଣ୍ଡରୂପେ ପରିଦୃଷ୍ଟ ହୋଇଥାଏ; ସେହି ଖଣ୍ଡଗୁଡ଼ିକୁ ଏକାଠି କରି ଯେଉଁ ସମଷ୍ଟିମାନ ଗଢ଼ାଯାଏ, ସେଗୁଡ଼ିକୁ ମଧ୍ୟ ଆମେ କେବଳ ଗୋଟିଏ ଗୋଟିଏ ଖଣ୍ଡ ବୋଲି କହିପାରିବା । ମନଦ୍ୱାରା ନିର୍ମିତ ହୋଇଥିବା ସଦନଟିରେ ସତ୍ୟର କେବଳ କୌଣସି ଗୋଟିଏ ସାଧାରଣ ଓ ସୁନିବଦ୍ଧ ଖଣ୍ଡରୂପକୁହିଁ ବାସ କରିବାକୁ ଦେବାର ବ୍ୟବସ୍ଥା ରହିଥାଏ । ଅନ୍ୟ ଖଣ୍ଡଗୁଡ଼ିକ ଲାଗି ଏହାର ଦୁଆର ମନାହୋଇ ରହିଥାଏ; କିମ୍ବା ଅନ୍ୟମାନଙ୍କ ମଧ୍ୟରୁ କେବଳ କେତେକଙ୍କୁ ଅତିଥି ଅଥବା ଆଶ୍ରିତରୂପେହିଁ ଆସିବାକୁ ଦିଆଯାଏ । ମାତ୍ର ଅଧିମାନସର ଜ୍ଞାନଭୂମି ମନ ପରି ଖଣ୍ଡିତ ନୁହେଁ, ଏହା ଏକ ସମଗ୍ର ଭୂମି; ଏହି ଭୂମି ଉପରେ ମୂଳତଃ ଭିନ୍ନ ବୋଲି ଦେଖା ଯାଉଥିବା ଅନେକ ତତ୍ତ୍ୱଲାଗି ଏକାଠି ସ୍ଥାନର ବ୍ୟବସ୍ଥା ହୋଇପାରେ, ଏହି ଭୂମି ସେଗୁଡ଼ିକୁ ଏକ ସମନ୍ୱୟୀ ଦୃଷ୍ଟି ଭିତରେ ଧାରଣ କରି ରଖିପାରେ । ଏହିପରି ଭାବରେ ମନର ଯୁକ୍ତିବୁଦ୍ଧି ପରମ ବ୍ୟକ୍ତିସତ୍ତ୍ୱ ଓ ପରମ ନୈର୍ବ୍ୟକ୍ତିକତାକୁ ପରସ୍ପରର ବିପରୀତ ବୋଲି ଅନୁଭବ କରୁଥାଏ । ମନ ଏପରି ଏକ ନୈର୍ବ୍ୟକ୍ତିକ ପରମସତ୍ତ୍ୱର କଳ୍ପନା କରେ, ଯେଉଁଥିରେ କି ବ୍ୟକ୍ତି ତଥା ବ୍ୟକ୍ତିସତ୍ତ୍ୱ କେବଳ ଅଜ୍ଞାନକଳ୍ପନା ଅଥବା ଅସ୍ଥାୟୀ ମନୋରଚନାରୂପେ ଅବସ୍ଥିତ ରହିଥାଏ । ଅଥବା, ଅପର ପକ୍ଷରେ ଏହି ମନ ପରମପୁରୁଷଙ୍କୁ ସର୍ବମୂଳ ସତ୍ୟରୂପେ ଏବଂ ନୈର୍ବ୍ୟକ୍ତିକତାକୁ କେବଳ ଏକ କପୋଳକଳ୍ପନାରୂପେ ବି ଦେଖିପାରେ, ଏହାକୁ ସେ ଆତ୍ମପ୍ରକାଶର କେବଳ ଏକ ସାମଗ୍ରୀ ବା ସାଧନ ହିସାବରେ ବି ଦେଖିପାରେ । ଅଧିମାନସ ବୁଦ୍ଧି ଏଗୁଡ଼ିକୁ ଏକ ପରମସତ୍ତ୍ୱର ବିଭାଜ୍ୟ ଶକ୍ତିରୂପେ ପ୍ରତ୍ୟକ୍ଷ କରିଥାଏ । ଏହି ଶକ୍ତିଗୁଡ଼ିକ ଆପଣାର ସ୍ୱତନ୍ତ୍ର ଆତ୍ମପ୍ରତିଷ୍ଠାର ଅନୁଧାବନ କରିପାରନ୍ତି, ଆପଣା କ୍ରିୟାର ସ୍ୱତନ୍ତ୍ର ଖାତଗୁଡ଼ିକୁ ପରସ୍ପର ସହିତ ସମ୍ମିଳିତ ବି କରିପାରନ୍ତି ଏବଂ ଆପଣାର

'oaob.nitrkl.ac.in' images reprocessed

ସ୍ୱତନ୍ତ୍ରତା ତଥା ଆପଣାର ସମ୍ମେଳନରେ ଚେତନା ଓ ସତ୍ତାର ଭିନ୍ନ ଭିନ୍ନ ଅବସ୍ଥାର ସୃଷ୍ଟି କରିପାରନ୍ତି । ସେହିସବୁ ଅବସ୍ଥାର ପ୍ରତ୍ୟେକଟି ପ୍ରାମାଣିକ ବି ହୋଇପାରେ ଓ ପରସ୍ପର ସହିତ ସହାବସ୍ଥାନ ବି କରିପାରେ । ଏକ ବିଶୁଦ୍ଧ ନୈର୍ବ୍ୟକ୍ତିକ ସତ୍ତା ଓ ଚୈତନ୍ୟ ଅବଶ୍ୟ ସତ୍ୟ ଓ ସମ୍ଭବ, ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଭାବାପନ୍ନ ଚୈତନ୍ୟ ଓ ସତ୍ତା ମଧ୍ୟ ସେହିପରି ସମାନ ଭାବରେ ସତ୍ୟ ଓ ସମ୍ଭବ । ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତା ଅର୍ଥାତ୍ ନିର୍ଗୁଣ ବ୍ରହ୍ମ ଏବଂ ବ୍ୟକ୍ତିଭାବାପନ୍ନ ଦିବ୍ୟ ପରମ ସତ୍ତା ଅର୍ଥାତ୍ ସଗୁଣ ବ୍ରହ୍ମ ଅଧିମାନସର ଭୂମି ଉପରେ ସେହି ପରମ ଶାଶ୍ୱତର ସମାନ ତାତ୍ପର୍ଯ୍ୟପୂର୍ଣ୍ଣ ଓ ସହାବସ୍ଥିତ ଦୁଇଟି ବିଭାବ ମାତ୍ର । ବ୍ୟକ୍ତିଭାବାପନ୍ନତାକୁ ଆପଣାର ଏକ ଗୌଣ ପ୍ରକାଶମାଧ୍ୟମ ରୂପେ ବ୍ୟବହାର କରି ପରମ ନୈର୍ବ୍ୟକ୍ତିକତା ଆପଣାକୁ ଅବଶ୍ୟ ପ୍ରକାଶିତ କରିପାରେ, ମାତ୍ର ଠିକ୍ ସେହିପରି ଭାବରେ ପରମ ବ୍ୟକ୍ତିଭାବାପନ୍ନତା ମଧ୍ୟ ଆପଣାକୁ ସତ୍ୟରୂପେ ପ୍ରତିଷ୍ଠିତ କରିପାରେ ଓ ନୈର୍ବ୍ୟକ୍ତିକତାକୁ ଆପଣା ସ୍ୱଭାବର ଏକ ଗୌଣ ବିଭଙ୍ଗରୂପେ ବ୍ୟବହାର କରିପାରେ । ଚେତନ ପରମସତ୍ତାର ଅନନ୍ତ ବୈଚିତ୍ର୍ୟ ମଧ୍ୟରେ ପ୍ରକାଶର ଏହି ଦୁଇଟିଯାକ ବିଭାବ ସତେ ଅବା ପରସ୍ପରର ସମ୍ମୁଖୀନ ହୋଇ ଦଣ୍ଡାୟମାନ ରହିଛନ୍ତି । ମନର ବୁଦ୍ଧିପସର ଭିତରେ ଯେଉଁସବୁ ତତ୍ତ୍ୱ ଅମେଳ ଓ ଏକାନ୍ତ ଭିନ୍ନ ବୋଲି ଅନୁଭୂତ ହେଉଛନ୍ତି, ଅଧିମାନସର ବୁଦ୍ଧିଭୂମିରେ ସେଗୁଡ଼ିକ ପରସ୍ପର ସହିତ ଏକାଠି ଅବସ୍ଥାନ କରୁଥିବା ପରସ୍ପରସମ୍ବନ୍ଧିତ ତତ୍ତ୍ୱରୂପେ ବିଦ୍ୟମାନ ରହିଛନ୍ତି । ମନଲାଗି ଯାହା ପରସ୍ପରର ବିପରୀତ ପରି ମନେ ହେଉଛନ୍ତି, ଅଧିମାନସ ସେଗୁଡ଼ିକୁ ପରସ୍ପରର ଅନୁପୂରକରୂପେହିଁ ଦେଖୁଛି । ଆମ ମନର ଦେଖିବାକୁ ସକଳ ପଦାର୍ଥ ଜଡ଼ ବା ଜଡ଼ ଶକ୍ତିରୁହିଁ ଜନ୍ମଲାଭ କରୁଛି, ସେହି ଜଡ଼ରେହିଁ ଅବସ୍ଥିତ ରହୁଛି ଓ ଶେଷରେ ସେହି ଜଡ଼ ଭିତରକୁହିଁ ଫେରି ଯାଉଛି । ତେଣୁ ଜଡ଼କୁହିଁ ଏହି ମନ ସର୍ବଶାଶ୍ୱତ ମୂଳତତ୍ତ୍ୱ ବୋଲି ମାନିନେଉଛି, ଆଦ୍ୟ ଓ ପରମ ସତ୍ୟ ଅର୍ଥାତ୍ ବ୍ରହ୍ମ ବୋଲି ମାନିନେଉଛି । ଅଥବା ଏହା ସକଳ ପଦାର୍ଥକୁ ପ୍ରାଣ କିମ୍ବା ମନରୁ ସମ୍ଭୂତହୋଇଥିବା ପରି ଦେଖୁଛି । ତା' ଦେଖିବାରେ ସେସବୁ ପ୍ରାଣ ବା ମନଦ୍ୱାରାହିଁ ଜୀବନଧାରଣ କରୁଛି ଓ ଶେଷରେ ବିଶ୍ୱଗତ ପ୍ରାଣ ବା ମନ ଭିତରକୁହିଁ ଫେରିଯାଉଛି । ସେଇଥିରୁ ମନ ସିଦ୍ଧାନ୍ତ କରି ପକାଉଛି ଯେ ଏହି ଜଗତ୍ ବିଶ୍ୱବ୍ୟାପ୍ତ ପ୍ରାଣ, ଏକ ବିଶ୍ୱବ୍ୟାପ୍ତ ମନ କିମ୍ବା ପରମ ଶବ୍ଦରୁହିଁ ତିଆରି ହୋଇଛି । ପୁଣି ସେ ହୁଏତ ଏହି ଜଗତକୁ ପରମ ଚିନ୍ମୟ ଆତ୍ମାର ପରମ ସତ୍ୟକଳ୍ପନା ଅଥବା ପରମ ଜ୍ଞାନସଂକଳ୍ପରୁ ସୃଷ୍ଟ ହୋଇଥିବାର, ତାହାରିଦ୍ୱାରା ଧୃତ ରହିଥିବାର ଓ ଶେଷକୁ ତାହାରି ଭିତରକୁ ବା ସ୍ୱୟଂ ପରମ ଚିନ୍ମୟ ଆତ୍ମା ଭିତରକୁ ଫେରି ଯାଉଥିବାର ଦେଖୁଛି, ଏବଂ ସେଇଥିରୁ ସେ ଏହି ବିଶ୍ୱଜଗତ ସମ୍ବନ୍ଧରେ ଏକ ଆଦର୍ଶବାଦୀ ଅଥବା ଆଧ୍ୟାତ୍ମିକ ଦର୍ଶନରେ ଆସି ଉପନୀତ ହେଉଛି । ମନ ଇଚ୍ଛାକଲେ ଦେଖିବାର ଏହି ନାନା

'oaob.nitrkl.ac.in' images reprocessed

ଖଣ୍ଡଗୁଡ଼ିକ ଭିତରୁ ଯେକୌଣସିଟିକୁ ଆପଣାର ବୋଲି ମାନିନେଇ ପାରିବ, ମାତ୍ର ଏହାର ଦୃଷ୍ଟି ସ୍ୱଭାବତଃ ଖଣ୍ଡଧର୍ମୀ ହୋଇଥିବାରୁ ଗୋଟିଏ ଖଣ୍ଡକୁ ଗ୍ରହଣ କରି ଏହା ଅନ୍ୟ ସକଳ ଖଣ୍ଡକୁ କେବଳ ବହିଷ୍କୃତହିଁ କରି ରଖିବ । ପ୍ରତ୍ୟେକଟି ଦୃଷ୍ଟି ବା ଖଣ୍ଡକୁ ସେ ପ୍ରତିଷ୍ଠିତ କରି ରଖିଥିବା ତତ୍ତ୍ୱଟିର ନିଜସ୍ୱ ଦୃଷ୍ଟିରୁ ଅବଶ୍ୟ ସତ୍ୟ ବୋଲି କହିବାକୁ ହେବ, ଅଧିମାନସ ଚେତନା ସେଗୁଡ଼ିକ ବିଷୟରେ ଏହିପରି ଅନୁଭବ କରିଥାଏ । ଅଧିମାନସ ଚେତନା ସ୍ପଷ୍ଟ ଦେଖିପାରେ ଯେ ଏହି ବିଶ୍ୱଜଗତର ଏକ ଜଡ଼ଭୂମିଗତ ସୂତ୍ର ରହିଛି, ଏକ ପ୍ରାଣଭୂମିଗତ ସୂତ୍ର ରହିଛି, ଏକ ମନୋଭୂମିଗତ ଓ ଏକ ଆଧ୍ୟାତ୍ମିକ ସୂତ୍ର ମଧ୍ୟ ରହିଛି । ଏବଂ ଆପଣାଆପଣାର ରଚିତ ଭୁବନରେ ଏଗୁଡ଼ିକର ପ୍ରତ୍ୟେକର ପ୍ରାଧାନ୍ୟ ରହିଛି, ପୁଣି ଗୋଟିଏ ଭୁବନର ନିର୍ମାଣକାରୀ ଶକ୍ତି ହିସାବରେ ପରସ୍ପର ସହିତ ସମ୍ମିଳିତ ହୋଇପାରିବା ଲାଗି ମଧ୍ୟ ଏଗୁଡ଼ିକର ପ୍ରତ୍ୟେକର ସାମର୍ଥ୍ୟ ରହିଛି । ଆମର ଏହି ଜଗତ୍ ଚିତ୍‌ଶକ୍ତିର ଯେଉଁ ଆତ୍ମରୂପ ସୃଜନ ଭିତରେ ପ୍ରକାଶିତ ହୋଇଛି, ଏକ ଆପାତ-ପ୍ରତୀୟମାନ ପରମ ନିଶ୍ଚେତନା ତାହାର ଭିତ୍ତିରୂପେ ପ୍ରତିଷ୍ଠିତ ରହିଛି । ଏହି ନିଶ୍ଚେତନାଟି ଆପଣା ଭିତରେ ପରମ ଚିତ୍‌ସତ୍ତାକୁ ପ୍ରଚ୍ଛନ୍ନ କରି ରଖିଛି ଏବଂ ଆପଣାର ନିଶ୍ଚେତନ ଗୁହା ଭିତରେ ପରମସତ୍ତାର ସକଳ ସାମର୍ଥ୍ୟକୁ ସଂଗୁପ୍ତଭାବେ ଧାରଣ କରି ରଖିଛି । ବିଶ୍ୱଗତ ଜଡ଼ଧାତୁର ଏକ ଜଗତ୍ ଆପଣା ଭିତରେହିଁ ପ୍ରାଣ, ମାନସ, ଅଧିମାନସ, ଅତିମାନସ ଏବଂ ସଚ୍ଚିଦାନନ୍ଦର ଉପଲବ୍ଧି କରିବାରେ ଲାଗିଛି; ପ୍ରତ୍ୟେକେ ଆପଣା ଆପଣା କ୍ଷେତ୍ରରେ ଅବଶିଷ୍ଟ ଅନ୍ୟଗୁଡ଼ିକୁ ଆପଣା ଆତ୍ମପ୍ରକାଶର ସାଧନରୂପେ ବ୍ୟବହାର କରୁଛନ୍ତି । ଆଧ୍ୟାତ୍ମିକ ଦୃଷ୍ଟିଭୂମିରେ ପରମ ଜଡ଼ ମଧ୍ୟ ସର୍ବଦା ସେହି ପରମ ଚିନ୍ମୟ ସତ୍ତାର କେବଳ ଏକ ପ୍ରକାଶରୂପେ ରହି ଆସିଥିବାର ପ୍ରମାଣ କରିଦେଉଛି । ଅଧିମାନସ ଦୃଷ୍ଟିରେ ସତ୍‌ସ୍ୱରୂପର ଏହି ସର୍ବବିଧ ଆତ୍ମରୂପାୟନ ଅତ୍ୟନ୍ତ ସ୍ୱାଭାବିକ ଦିଶୁଛି ଓ ଅତ୍ୟନ୍ତ ସହଜଭାବରେ ଅନୁଭୂତ ହେଉଛି । ଆପଣାର ବ୍ୟୁତ୍ପତ୍ତି ତଥା ଆପଣା କାର୍ଯ୍ୟକାରୀ ଗତିଶୀଳତାର ପ୍ରକ୍ରିୟାଜନିତ ସାମର୍ଥ୍ୟରେ ଅଧିମାନସ ପରମ ସତ୍ତାର ଯାବତୀୟ ସମ୍ଭାବନାଗୁଡ଼ିକୁ ସଂଗଠିତ କରିପାରୁଛି । ଏହିସବୁ ସମ୍ଭାବନା ଆପଣା ଆପଣାର ସ୍ୱକୀୟ ସତ୍ୟରେ ପ୍ରତିଷ୍ଠିତ ରହିଛନ୍ତି, ମାତ୍ର ତଥାପି ନାନା ବିଭିନ୍ନ ଖଣ୍ଡରେ ତଥା ଯୁଗପତ୍‌ଭାବରେ ସେମାନେ ଆପଣାକୁ ପରସ୍ପର ସହିତ ସଂଲଗ୍ନ କରିଦେବାରେ ବି ସମର୍ଥ ହେଉଛନ୍ତି । ଅଧିମାନସର ନିପୁଣତାକୁ ଆମେ ସେହି କାରିଗର ହାତର ଅଲୌକିକ କୁଶଳତା ସହିତ ତୁଳନା କରିପାରିବା ଯିଏ ସତେ ଅବା ଏକ ଯାଦୁକର ପରି ଏହି ବହୁବିଚିତ୍ର ବିଶ୍ୱରେ ଗୋଟିଏ ତତ୍ତ୍ୱର ବହୁଧା ପ୍ରକାଶରୂପୀ ଟାଣି ଓ ଭରଣୀକୁ ନେଇ ଏକ ବିଚିତ୍ରବର୍ଣ୍ଣ ବସ୍ତ୍ର ବୁଣି ଥୋଇଦେଇ ପାରୁଛି ।

'oaob.nitrkl.ac.in' images reprocessed

ଅଗଣିତ ସ୍ୱତନ୍ତ୍ର ଅଥବା ସଂଲଗ୍ନ ଶକ୍ତି ଓ ସମ୍ଭାବନାଗୁଡ଼ିକୁ ନେଇ ଲାଗି ରହିଥିବା ଏହି ଯୁଗପତ୍ ବିବର୍ତ୍ତନ ଓ ବିକାଶଲୀଳାରେ ତଥାପି କୌଣସି ଅରାଜକତା ଉପୁଜୁ ନାହିଁ, କୌଣସି ଦ୍ୱନ୍ଦ୍ୱ ବା ସଂଘାତ ହେଉ ନାହିଁ କିମ୍ବା ପରମ ସତ୍ୟ ଓ ପରମ ଜ୍ଞାନରୁ କୌଣସି ବିଚ୍ୟୁତି କେବେହେଲେ ଘଟୁ ନାହିଁ, କିମ୍ବା ଅନ୍ତତଃ ଏପର୍ଯ୍ୟନ୍ତ ସେପରି କେବେହେଲେ ଘଟି ନାହିଁ । ଅଧିମାନସ କେବଳ ସତ୍ୟଗୁଡ଼ିକରହିଁ ସୃଷ୍ଟି କରୁଛି, ମିଥ୍ୟା ବା ବିଭ୍ରମର ଅପସୃଷ୍ଟି କରୁ ନାହିଁ । କୌଣସି ଏକ ବିଶେଷ ଅଧିମାନସଗତ ଶକ୍ତିମନ୍ତ୍ର ବା ଗତିସ୍ପନ୍ଦନ ଭିତରେ ଯାହାକିଛି କାର୍ଯ୍ୟକାରୀ ହେଉଛି, ତାହାକୁ କେବଳ ସେହି ପରମ ସତ୍ତାର ସମ୍ପୃକ୍ତ ଏକ ବିଶେଷ ବିଭବ ବ୍ୟତୀତ ଆମେ ଆଉ କିଛିହେଲେ କହିପାରିବା ନାହିଁ । ଏଥିରେ ସେହି ପରମ ଶକ୍ତି, ପରମ ବିଜ୍ଞାନ, ସାମର୍ଥ୍ୟ ଓ ଆନନ୍ଦକୁହିଁ ସ୍ୱତନ୍ତ୍ର କ୍ରିୟାଶୀଳ ରୂପରେ ଉନ୍ମୁକ୍ତ କରି ଦିଆଯାଇଛି, ଏବଂ ସେହି ସ୍ୱତନ୍ତ୍ରତା ମଧ୍ୟରେ ଏହାରି ସତ୍ୟଟିର ପରିଣାମଗୁଡ଼ିକହିଁ କାର୍ଯ୍ୟକାରୀ ହେଉଛି । ଗୋଟିଏ ଏକମାତ୍ର ଓ ସମ୍ପୂର୍ଣ୍ଣ ସତ୍ତାସତ୍ୟ ବୋଲି ଦାବି କରି ଅନ୍ୟଗୁଡ଼ିକୁ ଗୌଣ ଓ ଅଧୀନସ୍ଥ ସତ୍ୟପରି ଦେଖିବା ଲାଗି ଏହା ଭିତରେ ଆଦୌ କୌଣସି ଏକଦେଶୀୟତା ରହୁ ନାହିଁ । ଏଠି ପ୍ରତ୍ୟେକ ଦେବତା ବା ପ୍ରତ୍ୟେକ ବିଧାତା ଅନ୍ୟସକଳ ଦେବତା ତଥା ବିଧାତାମାନଙ୍କୁ ଯଥାର୍ଥଭାବେ ଜାଣୁଛନ୍ତି ଏବଂ ସମଗ୍ର ସଂହତି ଭିତରେ ସେମାନଙ୍କର ସ୍ଥାନଗୁଡ଼ିକର ବି ନିରୂପଣ କରିପାରୁଛନ୍ତି । ପ୍ରତ୍ୟେକ ସତ୍ୟକଳ୍ପନା ଅନ୍ୟସକଳ ସତ୍ୟକଳ୍ପନା ଲାଗି ଆପଣାର ଦ୍ୱାରକୁ କଦାପି ବନ୍ଦକରି ରଖୁ ନାହିଁ ଏବଂ ସେଗୁଡ଼ିକର ପ୍ରତିଷ୍ଠିତ ହୋଇ ରହିବାର ଅଧିକାରକୁ ଆଦୌ କ୍ଷୁଣ୍ଣ କରି ଦେଉ ନାହିଁ । ପ୍ରତ୍ୟେକ ଶକ୍ତି ଅନ୍ୟ ସକଳ ଶକ୍ତିଲାଗି ସ୍ଥାନ ଛାଡ଼ିଦେଉଛି, ସେମାନଙ୍କର ସତ୍ୟ ଓ ପରିଣାମଗୁଡ଼ିକ ଲାଗି ବି ସ୍ଥାନ ଛାଡ଼ିଦେଉଛି । ଆପଣାକୁ ସ୍ୱତନ୍ତ୍ରଭାବେ ଉପଲବ୍ଧି କରିଥିବା କୌଣସି ସତ୍ତା କିମ୍ବା ସ୍ୱତନ୍ତ୍ର ଅନୁଭୂତିର ଆନନ୍ଦ ଅନ୍ୟ ସତ୍ତା କିମ୍ବା ଅନ୍ୟାନ୍ୟ ଅନୁଭୂତିର ଆନନ୍ଦକୁ କୌଣସିପ୍ରକାରେ ଅସ୍ୱୀକାର କରୁ ନାହିଁ, କୌଣସିପ୍ରକାରେ ନିନ୍ଦିତ କରିପକାଉ ନାହିଁ । ଅଧିମାନସ ହେଉଛି ବିଶ୍ୱଗତ ପରମ ସତ୍ୟର ଏକ ତତ୍ତ୍ୱ ସ୍ୱରୂପ, ତେଣୁ ଏକ ବୃହତ୍ତ୍ୱ ଓ ଅସୀମ ଉଦାରତାହିଁ ତାହାର ସ୍ୱଭାବ ମଧ୍ୟରେ ଜଡ଼ିତ ହୋଇ ରହିଛି । ତାହାର ଶକ୍ତି ଭିତରେ ଏକ ସର୍ବଗତ ଗତିଶୀଳତା ଓତପ୍ରୋତ ରହିଛି, ପୁଣି ପରସ୍ପରଠାରୁ ଭିନ୍ନ ନାନା ଗତିଶୀଳତାର ଏକ ତତ୍ତ୍ୱ ମଧ୍ୟ ନିହିତ ହୋଇ ରହିଛି । ଏହାକୁ ଆମେ ହୁଏତ ଏକ ସାନ ଅତିମାନସ ବା ଲଘୁ ଅତିମାନସ ବୋଲି କହିପାରିବା । ଅବଶ୍ୟ ଏକଥା ସତ ଯେ ମୂଳତଃ କୌଣସି ପରମ ବା ନିର୍ବିଶେଷ ତତ୍ତ୍ୱ ସହିତ ଏହାର କୌଣସି କାରବାର ନାହିଁ; ଆମେ ଯାହାକୁ ପରମ ସତ୍ୟର ଗତିଶୀଳ ସମ୍ଭାବନା ଅଥବା ପ୍ରୟୋଜନଗତ ସତ୍ୟ ବୋଲି କହିପାରିବା, ଅଧିମାନସ ସେହିଗୁଡ଼ିକରେହିଁ କାର୍ଯ୍ୟ କରୁଛି, ଅଥବା ସେହିସବୁ ପରମ ତତ୍ତ୍ୱରୁ

'oaob.nitrkl.ac.in' images reprocessed

ପ୍ରୟୋଜନଗତ ଅଥବା ସୃଜନାତ୍ମକ ମୂଲ୍ୟଗୁଡ଼ିକୁ ନିଷ୍ପନ୍ନ କରିବା ଉଦ୍ଦେଶ୍ୟରେହିଁ ଅଧିମାନସ ଆପଣାକୁ ପରମ ତତ୍ତ୍ୱଗୁଡ଼ିକ ସହିତ ସମ୍ପୃକ୍ତ କରି ରଖିଛି । ମାତ୍ର ଏଠାରେ ମଧ୍ୟ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଅଧିମାନସର ଧାରଣା ଯେତେ ସମଗ୍ର ନୁହେଁ ତାହା ଅପେକ୍ଷା ଅଧିକ ବିଶ୍ୱବ୍ୟାପ୍ତ, ଯେତେ ପରିପୂର୍ଣ୍ଣ ନୁହେଁ, ତାହା ଅପେକ୍ଷା ଅଧିକ ସମଷ୍ଟିବାଚକ । କାରଣ ବିଶ୍ୱବ୍ୟାପ୍ତ ସମାହାରସୂଚକ ତତ୍ତ୍ୱଗୁଡ଼ିକୁ ନେଇହିଁ ତାହାର ସମ୍ପୂର୍ଣ୍ଣ କ୍ଷେତ୍ରଟି ଗଢ଼ାହୋଇଛି, ଅର୍ଥାତ୍ ଏକତ୍ର ସମ୍ମିଳିତ ଓ ସମାଗତ ହେଉଥିବା ପରସ୍ପରବିଚ୍ଛିନ୍ନ ସ୍ୱତନ୍ତ୍ର ତତ୍ତ୍ୱଗୁଡ଼ିକୁ ନେଇ ଗଢ଼ାହୋଇଛି । ତେଣୁ ଅଧିମାନସ ଆପଣାର ମର୍ମଗତ ଏକତ୍ୱଟିକୁ ସର୍ବଦା ଅନୁଭବ କରି ପାରୁଥିଲେ ଏବଂ ତାହାକୁହିଁ ସକଳ ବିଷୟର ସର୍ବସାମାନ୍ୟ ଆଧାର ଓ ସକଳ ପ୍ରକାଶରେ ଅନ୍ତର୍ବ୍ୟାପ୍ତ ହୋଇ ରହିଥିବା ସତ୍ୟ ବୋଲି ଜାଣୁଥିଲେ ମଧ୍ୟ ତଥାପି ଅତିମାନସ ଯେପରି ଏକାନ୍ତ ଭାବରେ ସେହି ଅଖଣ୍ଡ ତତ୍ତ୍ୱକୁହିଁ ସର୍ବମର୍ମଗତ ସତ୍ୟ ଓ ସଦାବର୍ତ୍ତମାନ ରହସ୍ୟରୂପେ ସର୍ବଦା ଅନୁଭବ କରୁଥାଏ, ତାହାକୁହିଁ ସକଳର ଆଧାର ଓ ପ୍ରଭୁରୂପେ ଦେଖୁଥାଏ, ସକଳ ବିଷୟର କ୍ରିୟା ତଥା ସ୍ୱଭାବର ସୂକ୍ଷ୍ମ ସମଗ୍ରଟିର ସୃଷ୍ଟି କରୁଥିବା ଚିରନ୍ତନ ଓ ଶକ୍ତିମାନ୍ ସ୍ରଷ୍ଟାରୂପେ ଗ୍ରହଣ କରୁଥାଏ, ଅଧିମାନସ ସେପରି କରିପାରେ ନାହିଁ ।

ବିଶ୍ୱବ୍ୟାପ୍ତ ଏହି ଅଧିମାନସ ଚେତନା ଏବଂ କେବଳ ଅସମ୍ପୂର୍ଣ୍ଣ ସମନ୍ୱୟମାନ ସାଧନ କରିପାରୁଥିବା ଆମର ଏହି ବିଭାଜନଧର୍ମୀ ମନଶ୍ଚେତନା ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ବୁଝିବା ବେଳେ ଆମର ଏହି ଭୌତିକ ଜଗତର କ୍ରିୟା-କଳାପ ସମ୍ବନ୍ଧରେ କେବଳ ଆମ ମନର ଦୃଷ୍ଟିକୋଣ ସହିତ ଏକ ସମ୍ଭାବ୍ୟ ଅଧିମାନସ ଦୃଷ୍ଟିକୋଣର ତୁଳନା କରିବା ଦ୍ୱାରା ମଧ୍ୟ ଆମେ ତାହାର ନିକଟବର୍ତ୍ତୀ ହୋଇପାରିବା । ଉଦାହରଣସ୍ୱରୂପ ଅଧିମାନସର ଦୃଷ୍ଟିରେ ପୃଥିବୀର ବିଭିନ୍ନ ଧର୍ମ ସେହି ଏକ ସନାତନ ଧର୍ମର ଭିନ୍ନ ଭିନ୍ନ ବିକାଶରୂପେ ଦୃଷ୍ଟିଗୋଚର ହେବ ଏବଂ ସେଗୁଡ଼ିକର କେବଳ ସେହିଭଳି ପରିଚୟରେହିଁ ଅଧିମାନସୀ ଦୃଷ୍ଟି ସେଗୁଡ଼ିକୁ ଯଥାର୍ଥ ବୋଲି କହିବ । କେବଳ ଆପଣା ଦୃଷ୍ଟିକୋଣରୁ ବିଚାର କରି ଆପଣାର ମେଦନୀଧାରଣାଟି ବିଷୟରେ ଏକ ବିବୃତ୍ତିରୂପେହିଁ ପ୍ରତ୍ୟେକ ଦର୍ଶନ ଆପଣା ଆପଣାର କ୍ଷେତ୍ରରେ ସିଦ୍ଧ ଓ ପ୍ରାମାଣିକ ବୋଲି ପ୍ରତିପାଦିତ ହେବେ । ଯାବତୀୟ ରାଜନୀତିକ ସିଦ୍ଧାନ୍ତ ଓ ସେଗୁଡ଼ିକର ପ୍ରୟୋଗ କହିଲେ ନ୍ୟାୟତଃ ଏକ ବିଜ୍ଞାନ-ଶକ୍ତିକୁ କାର୍ଯ୍ୟକାରୀ କରିବାକୁହିଁ ବୁଝାଇବ ଏବଂ ପ୍ରକୃତିସ୍ଥ ନାନା ସାମର୍ଥ୍ୟରେ ପରିପୂର୍ଣ୍ଣ ଏହି ବିଶ୍ୱଲୀଳାର ଭୂମିରେ ତାହାର ପ୍ରୟୋଗ ଓ ବ୍ୟାବହାରିକ ବିକାଶ କରାଇବାର ଅଧିକାରକୁହିଁ ବୁଝାଇବ । ସତତ ବିଭାଜନବୃତ୍ତିର ଅଧୀନ ହୋଇ ରହିଥିବା ଆମର ଚେତନା ଭିତରେ କେବଳ ମଝିରେ ମଝିରେହିଁ ଉଦାରତା ଓ ବିଶ୍ୱଜନୀନତାର

'oaob.nitrkl.ac.in' images reprocessed

ଜୀବନପ୍ରେରଣାମାନ ବଡ଼ ଅପୂର୍ଣ୍ଣ ଭାବରେ ହଠାତ୍ ଆଭାସ ଦେଇ ପୁଣି ଅନ୍ତର୍ହିତ ହୋଇଯାଏ । ଏହିସବୁ ଆଭାସ ଆମ ଭିତରେ ପରସ୍ପରର ବିରୋଧୀ ଓ ବିପରୀତଧର୍ମୀ ରୂପେ ଆତଯାତ ହେଉଥାଏ । ହୁଏତ ପ୍ରତ୍ୟେକ କେବଳ ଆପଣାକୁହିଁ ସତ୍ୟ ଓ ଯଥାର୍ଥ ବୋଲି ଜାହିର କରୁଥାଏ ଏବଂ ଅନ୍ୟଗୁଡ଼ିକୁ ମିଥ୍ୟା ଓ ଭୁଲ୍ କହି କାଟି ପକାଉଥାଏ । କେବଳ ସ୍ୱୟଂ ପରମସତ୍ୟରୂପେ ଅଧିଷ୍ଠିତ ହୋଇ ରହିବାର ଅଭିପ୍ରାୟରେ ଅନ୍ୟଗୁଡ଼ିକର ଖଣ୍ଡନ ଓ ସଂହାର କରିବାଲାଗି ସତେ ଅବା ପ୍ରତ୍ୟେକଟି ଆଭାସ ଆପଣାକୁ ବାଧ୍ୟ ବୋଲି ଅନୁଭବ କରୁଥାଏ । ପ୍ରତ୍ୟେକେ ଆପଣାକୁ ସମର୍ଥତର ବୋଲି ଦାବି କରୁଥା'ନ୍ତି ଓ କେବଳ ଏକ ନିମ୍ନତର ସ୍ତରର ସତ୍ୟପ୍ରକାଶ ରୂପେ ଅନ୍ୟଗୁଡ଼ିକୁ ଦେଖୁଥା'ନ୍ତି । ଏହା ବ୍ୟତୀତ ସେମାନଙ୍କୁ ଯେପରି ଅନ୍ୟ କୌଣସି ପନ୍ଥା ଜଣା ନଥାଏ । ମାତ୍ର ଅଧିମାନସୀ ବୁଦ୍ଧି ଏତାଦୃଶ ସକଳ କଳ୍ପନାକୁ ଗ୍ରହଣ କରିବାଲାଗି ସିଧା ମନା କରିଦେବ, ମୁହୂର୍ତ୍ତିକଲାଗି ସେ କଦାପି କୌଣସି ଏକଦେଶୀୟତାର ସ୍ରୋତରେ କଦାପି ଭାସିଯିବ ନାହିଁ, ଏହା ସମସ୍ତଙ୍କୁ ସମଗ୍ରଟି ଲାଗି ଆବଶ୍ୟକ ବୋଲି ଜାଣିବ ଓ ସମସ୍ତଙ୍କୁ ତିଷ୍ଠି ରହିବାଲାଗି ବାଟ ଛାଡ଼ିଦେବ । ଅର୍ଥାତ୍ ସେ ପ୍ରତ୍ୟେକଟିକୁ ସମଗ୍ରର କ୍ଷେତ୍ରଟି ଭିତରେ ପ୍ରତ୍ୟେକର ଆପଣା ଆପଣା ଥାନରେ ଥାପି ରଖିବ ବା ପ୍ରତ୍ୟେକଙ୍କୁ ତା'ର ଆପଣା ଉପଲବ୍ଧି ଓ ପ୍ରୟାସର କ୍ଷେତ୍ରଟିକୁ ପ୍ରଦାନ କରି ରଖିବ । ଆମର ବର୍ତ୍ତମାନ ଜୀବନଭୂମିରେ ଚେତନା ଅତି ତଳକୁ ଖସି ଆସିଛି ଓ ବିଭାଜନଧର୍ମୀ ଅଜ୍ଞାନ ଭିତରେ ଆପଣାକୁ ସମ୍ପୂର୍ଣ୍ଣରୂପେ ହରାଇ ଦେଇଛି । ତେଣୁ ପରମ ସତ୍ୟ କହିଲେ ଆମେ ତଦ୍ଦ୍ୱାରା ଏକ ଅନନ୍ତ ତତ୍ତ୍ୱର ସ୍ପର୍ଶକୁ ଆଦୌ ଅନୁଭବ କରିପାରୁ ନାହୁଁ କିମ୍ବା ଅନେକ ସୃଷ୍ଟିର ସମ୍ଭାବନାଦ୍ୱାରା ସମୃଦ୍ଧ ଏକ ବିଶ୍ୱଗତ ସମଗ୍ରର ବି କଳ୍ପନା କରିପାରୁ ନାହୁଁ । ସତ୍ୟ କହିଲେ ଆମେ ଏକ ନିତାନ୍ତ ଅନମନୀୟ ଉଗ୍ରସ୍ୱୀକୃତିକୁ ବୁଝୁଁ, ଯାହାକି ଅନ୍ୟ ସକଳ ସ୍ୱୀକୃତିକୁ ମିଥ୍ୟା ବୋଲି କହି ଦମ୍ଭ କରୁଛି । କାରଣ ସେଗୁଡ଼ିକୁ ତାହା ଆପଣାଠାରୁ ଭିନ୍ନ ବୋଲି ଦେଖୁଛି ଏବଂ ଅନ୍ୟ ସୀମାଗୁଡ଼ିକ ଦ୍ୱାରା ଆବେଷ୍ଟିତ ହୋଇ ରହିଥିବାର ଦେଖୁଛି । ଆପଣାର ବୋଧଭୂମିରେ ଆମର ଏହି ମନୋଗତ ଚେତନାଟି ମଧ୍ୟ ଏକ ସମଗ୍ର ଓ ସର୍ବସମାବେଶକ ବୋଧ ଓ ଉଦାର ଦୃଷ୍ଟି ଲାଭ କରିବାରେ ବେଶ୍ ଅନେକ ଦୂର ଆଗେଇ ଯାଇପାରନ୍ତା, ମାତ୍ର ସେହି ସାମର୍ଥ୍ୟଟିକୁ କର୍ମ ଓ ଜୀବନ ଭିତରେ ଏକ ସଂଗଠିତ ରୂପ ଦେଇପାରିବା ତା' ସାଧ୍ୟସୀମାର ବାହାରେ ବୋଲି ମନେ ହେଉଛି । ବ୍ୟକ୍ତି ତଥା ସମଷ୍ଟି ଭିତରେ ଆପଣାକୁ ପ୍ରକାଶିତ କରୁଥିବା ପରିଣାମଶୀଳ ମନ ନାନାମୁଖୀ କେତେ ଦୃଷ୍ଟିକୋଣ ଓ କେତେକେତେ କର୍ମଧାରାକୁ ଚତୁର୍ଦ୍ଦିଗକୁ ପ୍ରେରଣ କରିଥାଏ, ସେଗୁଡ଼ିକୁ ପରସ୍ପରର ପାର୍ଶ୍ୱବର୍ତ୍ତୀ ଭାବରେ ରହି କିମ୍ବା ପରସ୍ପର ସହିତ ସଙ୍ଘାତ ଘଟାଇ ଅଥବା ପୁଣି କେତେବେଳେ ପରସ୍ପର ସହିତ ସମ୍ମିଶ୍ରିତ

'oaob.nitrkl.ac.in' images reprocessed

ଭିନ୍ନ କାର୍ଯ୍ୟ କରିବାକୁ ଦେଇଥାଏ । ସେଗୁଡ଼ିକ ମଧ୍ୟରୁ କେତୋଟି ବାଛିନେଇ ମନ ସେଗୁଡ଼ିକ ଦ୍ୱାରା ଏକ ସମନ୍ୱୟର ରଚନା ବି କରିପାରେ, ମାତ୍ର ଏକ ଯଥାର୍ଥ ସମଗ୍ରତାର ସୌଷମ୍ୟ ମଧ୍ୟରେ ସମସ୍ତଙ୍କୁ ନିୟନ୍ତ୍ରିତ କରି ରଖିପାରେ ନାହିଁ । ମାତ୍ର ଯେକୌଣସି ସମଗ୍ରତା ପରି ବିଶ୍ୱଗତ ମନକୁ ଏପରିକି ପରିଣାମଶୀଳ ଅଜ୍ଞାନ ଭିତରେ ବି ଏହିଭଳି ଏକ ସୌଷମ୍ୟ ରକ୍ଷା କରିବାକୁ ପଡ଼ିଥାଏ, ଅବଶ୍ୟ ସଙ୍ଗତି ଓ ବିସଙ୍ଗତି ଉଭୟର ସଂଯୋଜନଦ୍ୱାରାହିଁ ସେହି ସୌଷମ୍ୟର ରଚନା ହୋଇଥାଏ । ଏହା ଭିତରେ ଏକତ୍ୱର ଏକ ଗତିଶୀଳତା ମଧ୍ୟ ଅନ୍ତର୍ନିହିତ ହୋଇ ରହିଥାଏ, କିନ୍ତୁ ସେହିସବୁ ସଙ୍ଗତି-ବିସଙ୍ଗତିର ସମ୍ପୂର୍ଣ୍ଣତାଟିକୁ ତାହା ଆପଣାର କେଉଁ ଗଭୀର ପ୍ରଦେଶରେ ଅବଶ୍ୟ ବହନ କରୁଥାଏ, ଖୁବ୍ ସମ୍ଭବ ଅତିମାନସ-ଅଧିମାନସର ମଧ୍ୟବର୍ତ୍ତୀ କେଉଁ ପ୍ରଚ୍ଛନ୍ନ ଭୂମିଟିରେ ସେଗୁଡ଼ିକୁ ତାହା ବହନ କରୁଥାଏ; ମାତ୍ର ବ୍ୟକ୍ତି-ମନର ପରିଣାମକ୍ଷେତ୍ରରେ ସେଇଟିର ପ୍ରକାଶ ହୋଇ ନଥାଏ । ବିଶ୍ୱମନ ସେଇଟିକୁ ଗଭୀର ତଳଦେଶରୁ ଉପରିଭାଗକୁ ଆଣି ନଥାଏ ବା ଏପର୍ଯ୍ୟନ୍ତ ଆଣି ନାହିଁ । ଅଧିମାନସ ଜଗତ କହିଲେ ସୌଷମ୍ୟର ଏକ ଜଗତକୁହିଁ ବୁଝାଇବ । ମାତ୍ର ଯେଉଁ ଅଜ୍ଞାନମୟ ଜଗତଟିରେ ଆମର ଜୀବନ ଆତଯାତ ହେବାରେ ଲାଗିଛି, ତାହା ହେଉଛି ବୈଷମ୍ୟ ଦ୍ୱାରା ଗ୍ରସ୍ତ ହୋଇଥିବା ଏକ ଜଗତ, ତାହା ଏକ ସଂଗ୍ରାମ ଓ ସଂଘାତର ଜଗତ ।

ତଥାପି ଏହି ଅଧିମାନସ ଭିତରେ ଆମେ ଅତି ସ୍ପଷ୍ଟ ଭାବରେ ମୂଳ ବିଶ୍ୱମାୟାର ଦର୍ଶନ ଲାଭ କରିପାରିବା । ଏହି ମାୟା ଅଜ୍ଞାନଜନିତ ମାୟା ନୁହେଁ, ଏହା ଜ୍ଞାନରୁ ଉଦ୍ଭୂତ । ତଥାପି ଏହି ମାୟାଶକ୍ତିହିଁ ଅଜ୍ଞାନକୁ ସମ୍ଭବ କରିଛି, ଏପରିକି ଅବଶ୍ୟମ୍ଭାବୀ କରି ରଖିଛି । କାରଣ ଯଦି କ୍ରିୟାଶୀଳ ପ୍ରତ୍ୟେକଟି ତତ୍ତ୍ୱକୁ ଆପଣାର ସ୍ୱତନ୍ତ୍ର ଧାରାଟିକୁ ଅନୁସରଣ କରି ଆପଣାର ପୂର୍ଣ୍ଣ ପରିଣତିଗୁଡ଼ିକରେହିଁ ପହଞ୍ଚିବାକୁ ହୁଏ, ତେବେ ବିଭେଦର ତତ୍ତ୍ୱଟିକୁ ମଧ୍ୟ ଆପଣାର ସମ୍ପୂର୍ଣ୍ଣ ଗତିପଥଟିକୁ ଅତିକ୍ରମ କରି ଆପଣାର ପରମ ପରିଣତିଟିରେ ଆସି ଉପନୀତ ହେବାକୁ ବାଟ ଛାଡ଼ିଦେବାକୁ ପଡ଼ିବ । ପ୍ରକୃତିର ଅବଶ୍ୟମ୍ଭାବୀ ଅବସର୍ପିଣୀ ଧାରାଟି କହିଲେ ଆମେ କେବଳ ଏହାହିଁ ବୁଝିବା; ଖଣ୍ଡଭାବକୁ ଥରେ ସ୍ୱୀକାର କରି ନେଲେ ଏହି ଧାରାଟିର ଅର୍ଥାତ୍ ଅଗଣିତ ଖଣ୍ଡବିଭାଜନର ସମାବୃତକାରୀ ଧାରାଟିର ଅନୁସରଣ କରି (ତୁଚ୍ଛ୍ୟେନ, ଋକ୍‌ବେଦ, ୧୦ । ୧୨୯ । ୩) ଚେତନା ଅବଶେଷରେ ଜଡ଼ମୟ ପରମ ନିଶ୍ଚେତନା ଭିତରେ ଯାଇ ପ୍ରବେଶ କରିଥାଏ । ଏହି ନିଶ୍ଚେତନାକୁ ଋକ୍‌ବେଦରେ 'ଅପ୍ରକେତ ସଲିଳ' ବୋଲି କୁହାଯାଇଛି । ଏବଂ ଯଦି ଏହି 'ଅପ୍ରକେତ ସଲିଳ' ଭିତରୁହିଁ ସ୍ୱକୀୟ ମହିମାଦ୍ୱାରା ପରମ ଏକର ଜନ୍ମ ହୁଏ, ତଥାପି ପ୍ରଥମ ଅବସ୍ଥାରେ ଏହା ବିବିକ୍ତ ଓ ଖଣ୍ଡିତ ସତ୍ତା ଓ ଚେତନାର ଆବରଣଦ୍ୱାରା ପ୍ରଚ୍ଛନ୍ନ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଖଣ୍ଡଭାବର ଏହି ଆବରଣ ହେଉଛି ଆମର ଇନ୍ଦ୍ରିୟପ୍ରକୃତି, ଯେଉଁଠାରେ କି ଖଣ୍ଡଗୁଡ଼ିକୁ ଯୋଡ଼ି ଯୋଡ଼ି ଆମକୁ ସମଷ୍ଟିରେ ଯାଇ ପହଞ୍ଚିବାକୁ ହୁଏ । ଅତି ମନ୍ଥର ଓ କଷ୍ଟକର ଏହି ଉନ୍ମେଷଟିର ଅନୁଧ୍ୟାନ କଲେ, 'ସଂଗ୍ରାମରୁହିଁ ଏହି ବିଶ୍ୱର ସକଳ ପଦାର୍ଥ ଜନ୍ମଲାଭ କରୁଛି'—ହେରାକ୍ଲିଟସଙ୍କର ଏହି ଉକ୍ତିଟି ଅନେକ ପରିମାଣରେ ସତ୍ୟ ବୋଲି ମନେହୁଏ । କାରଣ ଆପଣା ଅଜ୍ଞାନର ଆବଶ୍ୟକତା ଭିତରେ ପଡ଼ି ଏଠାରେ ପ୍ରତ୍ୟେକ ଭାବନା, ପ୍ରତ୍ୟେକ ଶକ୍ତି, ପରସ୍ପରବିଚ୍ଛିନ୍ନ ପ୍ରତ୍ୟେକ ଚେତନା ଓ ପ୍ରତ୍ୟେକ ପ୍ରାଣୀ କେବଳ ଏକ ସଂଘାତରେହିଁ ଅନ୍ୟମାନଙ୍କୁ ହାବୁଡ଼ିଯିବାକୁ ବାଧ୍ୟ ହୋଇଥାଏ, ଅନ୍ୟମାନଙ୍କର ଉପେକ୍ଷା କରୁଥିବା ଏକ ସ୍ୱତନ୍ତ୍ର ଆତ୍ମପ୍ରତିଷ୍ଠାଦ୍ୱାରାହିଁ ବଞ୍ଚି, ବଢ଼ି, ଆପଣାକୁ ପରିପୂର୍ଣ୍ଣ କରିବାଲାଗି ଚେଷ୍ଟା କରୁଥାଏ, ମାତ୍ର ସତ୍ତାର ଅନ୍ୟ ସକଳଙ୍କ ସହିତ ସୌଷମ୍ୟ ରକ୍ଷା କରି ତାହା ଏସବୁ କରିବାକୁ କୌଣସି ଚେଷ୍ଟା କରୁ ନ ଥାଏ । ତଥାପି ଅତି ଅଜ୍ଞାତ ଭାବରେ ଆମ ଭିତରେ ସେହି ପରମ ଏକତ୍ୱଟି ସର୍ବଦା ପ୍ରଚ୍ଛନ୍ନ ହୋଇ ରହିଥାଏ, ଯାହାକି ଯେତେ ମନ୍ଥର ଭାବରେ ହେଲେ ମଧ୍ୟ ଆମକୁ କୌଣସି ଏକ ସୁଷମତା ଓ ସମନ୍ୱୟ ଲାଗି ପ୍ରୟାସ କରିବାକୁ ବାଧ୍ୟ କରୁଥାଏ; ପରସ୍ପର ଉପରେ ନିର୍ଭର କରିବାକୁ, ବିସଙ୍ଗତିଗୁଡ଼ିକର ସମାଧାନ କରିନେବାକୁ ଏବଂ ଯେତେ ଆୟାସ କରିବାକୁ ପଡ଼ିଲେ ମଧ୍ୟ ଏକ ଏକତ୍ୱରେ ଉପନୀତ ହେବାକୁ ବାଧ୍ୟ କରୁଥାଏ । ମାତ୍ର ଆମ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା କେବଳ ବିଶ୍ୱଗତ ସତ୍ୟର ସେହି ଅତିଚେତନ ସାମର୍ଥ୍ୟଗୁଡ଼ିକର ଉଦ୍‌ବୋଧନ ଓ ବିକାଶ କରାଯାଇ ପାରିଲେ ଯାଇ ଆମ ସତ୍ତାର ମର୍ମେ ମର୍ମେ ଓ ତାହାର ସକଳ ଆତ୍ମପ୍ରକାଶରେ ଆମର ଇପ୍‌ସିତ ସୌଷମ୍ୟ ଓ ଏକତ୍ୱର ଏକ ଗତିଶୀଳ ଉପଲବ୍ଧି ସମ୍ଭବ ହୋଇପାରିବ । ସେହି ବିଶ୍ୱଗତ ସତ୍ୟ ମଧ୍ୟରେହିଁ ସେହି ସାମର୍ଥ୍ୟଗୁଡ଼ିକ ଏକୀଭୂତ ହୋଇ ରହିଛନ୍ତି । ମାତ୍ର ତାହା ନହୋଇ କେବଳ ଅପୂର୍ଣ୍ଣ ଚେଷ୍ଟାଦ୍ୱାରା ତାହା ହେବ ନାହିଁ, ଅସମ୍ପୂର୍ଣ୍ଣ କୃତିଦ୍ୱାରା ହେବ ନାହିଁ କିମ୍ବା ଅହରହ ରଙ୍ଗ ବଦଳାଉଥିବା ପ୍ରାୟସାଧନା ଦ୍ୱାରା ସମ୍ଭବ ହେବ ନାହିଁ । ସେଥିଲାଗି ଆମର ସତ୍ତା ଓ ଚେତନା ଉପରେ ଆଧ୍ୟାତ୍ମିକ ପରମ ମନର ଉଚ୍ଚତର ପ୍ରଦେଶଗୁଡ଼ିକୁ ଉନ୍ମୋଚିତ କରିଦେବାକୁ ପଡ଼ିବ । ଏବଂ ଆଧ୍ୟାତ୍ମିକ ପରମ ମନର ଆହୁରି ଉପରକୁ ଯାହା ସେପାଖରେ ଅବସ୍ଥିତ ରହିଛି, ତାହାକୁ ମଧ୍ୟ ଆମ ଭିତରେ ଆଣି ଅବତୀର୍ଣ୍ଣ କରାଇବାକୁ ପଡ଼ିବ । ତେବେଯାଇ ଆମେ ବିଶ୍ୱଜୀବନ ମଧ୍ୟରେ ଜନ୍ମଗ୍ରହଣ କରିବାର ଦିବ୍ୟ ସମ୍ଭାବନାଟିକୁ ଯଥାର୍ଥରେ ପରିପୂର୍ଣ୍ଣ କରିପାରିବା ।

ଆପଣାର ଅବତରଣ-କ୍ରମରେ ଅଧିମାନସ ଏପରି ଏକ ବିଭାଜନ ରେଖା-ଉପରେ ଆସି ପହଞ୍ଚେ ଯାହାକି ବିଶ୍ୱଗତ ପରମ ସତ୍ୟକୁ ବିଶ୍ୱମୟ ପରମ ଅଜ୍ଞାନଠାରୁ ଅଲଗା କରି ଦେଉଥାଏ । ଏହି ରେଖାଟି ଉପରେହିଁ ପରମ ଚିତ୍‌ଶକ୍ତି ପକ୍ଷରେ ମନକୁ

'oaob.nitrkl.ac.in' images reprocessed

ତାହାର ଉତ୍ସମୂଳ ଅଧିମାନସଠାରୁ ବିଚ୍ଛିନ୍ନ କରିଦେବା ସମ୍ଭବ ହୁଏ । ଅଧିମାନସଦ୍ୱାରା ସୃଷ୍ଟ ହେଉଥିବା ପ୍ରତ୍ୟେକ ସ୍ୱତନ୍ତ୍ର ଗତିସ୍ପନ୍ଦନର ଖଣ୍ଡଭାବଟି ଉପରେ ଜୋର୍ ଦେଇ ଏବଂ ସେଗୁଡ଼ିକର ଅନ୍ତର୍ଗତ ଏକତ୍ୱଟିକୁ ଅନ୍ଧକାରଦ୍ୱାରା ଘୋଡ଼ାଇରଖି ସେଗୁଡ଼ିକ ଉପରେ ଏକାନ୍ତ ଅଭିନିବେଶ ସ୍ଥାପନ କରି ଚିତ୍ତଶକ୍ତି ମନକୁ ବିଭକ୍ତ କରିଦିଏ । ଆଗରୁ ଠିକ୍ ଏହିପରି ଭାବରେ ଅଧିମାନସ ମଧ୍ୟ ତାର ଅତିମାନସ ଉତ୍ସମୂଳଟିରୁ ବିଚ୍ଛିନ୍ନ ହୋଇ ସାରିଥାଏ, ମାତ୍ର ସେଠି ତଥାପି ସେହି ଆବରଣଟିରେ ଏକ ସ୍ୱଚ୍ଛତା ରହି ଯାଇଥାଏ, ଯାହାଫଳରେ କି ଉଭୟ ସ୍ତରଭିତରେ ଭାବର ସଚେତନ ଗମନାଗମନ ତଥାପି ସମ୍ଭବ ହୁଏ, ଦୁଇ ଭୂମି ମଧ୍ୟରେ ଏକ ଜ୍ୟୋତିର୍ମୟ ଆତ୍ମୀୟତା ତଥାପି ତିଷ୍ଠି ରହିଥାଏ । ମାତ୍ର ଏହି କ୍ଷେତ୍ରରେ ଆବରଣଟି ଆପଣାର ସ୍ୱଚ୍ଛତାଟିକୁ ହରାଇ ବସିଥିବାରୁ ମନଲାଗି ଅଭିପ୍ରେତ ଅଧିମାନସର ଯାବତୀୟ ଭାବ-ସଂକ୍ରମଣ ସଚେତନ ଭାବରେ ନହୋଇ କେବଳ ଗୁପ୍ତ ଓ ଅସ୍ପଷ୍ଟ ଭାବରେ ହେବାକୁହିଁ ବାଧ୍ୟ ହୁଏ । ମନ ସତେ ଅବା ଏକ ସ୍ୱତନ୍ତ୍ର ତତ୍ତ୍ୱ ପରି କାର୍ଯ୍ୟ କରୁଥାଏ, ଏବଂ ମନୋମୟ ପ୍ରତ୍ୟେକ ସତ୍ତା, ମନୋଗତ ପ୍ରତ୍ୟେକ ମୂଳଭାବନା, ସାମର୍ଥ୍ୟ ଓ ଶକ୍ତି ଠିକ୍ ସେହିପରି ଭାବରେ ଆପଣାର ସ୍ୱତନ୍ତ୍ର ସତ୍ତାଉପରେହିଁ ଦଣ୍ଡାୟମାନ ରହିଥାଏ । ଯେତେବେଳେ ଏହା ଅନ୍ୟମାନଙ୍କ ସହିତ ସଂଯୋଗସ୍ଥାପନ କରେ, ସେଗୁଡ଼ିକୁ ଏକାଠି କରି ଦେଖିବାକୁ କିମ୍ବା ସେଗୁଡ଼ିକର ସମ୍ପର୍କରେ ଆସିବାକୁ ଚେଷ୍ଟା କରେ ସେତେବେଳେ ତାହା ଅଧିମାନସ କ୍ରିୟାତ୍ମକତାର ଉଦାରଦୃଷ୍ଟିସମ୍ପନ୍ନ ବିଶ୍ୱଭାବନାଦ୍ୱାରା ତାହା କରେ ନାହିଁ, ଅନ୍ତର୍ନିହିତ ଏକତ୍ୱର ଭୂମି ଉପରେ ତାହା କରେ ନାହିଁ; ମାତ୍ର ସେଗୁଡ଼ିକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଏକକରୂପେ ଦେଖି ମନ ସେଗୁଡ଼ିକୁ ପରସ୍ପର ସହିତ ଏକାଠି କରିବାକୁ ଚେଷ୍ଟା କରେ ଓ ସେଇଥିରୁ ଏକ ସ୍ୱତନ୍ତ୍ର ସମଷ୍ଟିର ଗଠନ କରିବାକୁ ଇଚ୍ଛା କରୁଥାଏ । ଏହିପରି ଏକ ଗତିପଥ ଅନୁସରଣ କରିହିଁ ଆମେ ବିଶ୍ୱଗତ ସତ୍ୟରୁ ବିଶ୍ୱମୟ ଅଜ୍ଞାନ ଭିତରେ ପ୍ରବେଶ କରିଥାଉ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ସ୍ତରରେ ବିଶ୍ୱଭୂତ ମନ ଆପଣାର ଏକତ୍ୱଟିକୁ ବୋଧ କରି ପାରୁଥାଏ, ମାତ୍ର ପରମ ତତ୍ତ୍ୱସ୍ୱରୂପ ମଧ୍ୟରେ ରହିଥିବା ଆପଣାର ଉତ୍ସମୂଳ ଓ ଆଧାରଟି ବିଷୟରେ ତାହାର କୌଣସି ଜ୍ଞାନ ନଥାଏ; ଅଥବା ଆପଣାର ଅବିଚ୍ଛିନ୍ନ ଅନୁଭବ ଭିତରେ ନୁହେଁ, ମାତ୍ର କେବଳ ବୁଦ୍ଧି ଦେଇହିଁ ସେ ତାହାର ଯାହାକିଛି ପରିଚୟ ପାଉଥାଏ । ସତେ ଅବା କେବଳ ଆପଣାର ଅଧିକାରଦ୍ୱାରାହିଁ ଅଧିଷ୍ଠିତ ରହିଥିବା ପରି ଏହା କେବଳ ନିଜ କର୍ତ୍ତୃତ୍ୱରେ କାର୍ଯ୍ୟ କରୁଥାଏ । ଆପଣାର ଲବ୍ଧ ସାମଗ୍ରୀ-ଗୁଡ଼ିକୁ ନେଇ ଏହା କାର୍ଯ୍ୟ କରୁଥାଏ ସତ, ମାତ୍ର ସେହି ସାମଗ୍ରୀମାନ ଯେଉଁଠୁ ଆସୁଥାଏ, ସେହି ଉତ୍ସମୂଳଟି ସହିତ ଏହାର କୌଣସି ପ୍ରତ୍ୟକ୍ଷ ଯୋଗାଯୋଗ ନଥାଏ । ଏହାର ଅନ୍ତର୍ଗତ ଏକକଗୁଡ଼ିକ ମଧ୍ୟ ପରସ୍ପର ସମ୍ବନ୍ଧରେ ତଥା ବିଶ୍ୱାୟତନ-ସମଗ୍ରଟି

'oaob.nitrkl.ac.in' images reprocessed

ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ରହି କାର୍ଯ୍ୟ କରୁଥା'ନ୍ତି । ପରସ୍ପରର ସମ୍ପର୍କରେ ଆସି ଓ ପରସ୍ପର ସହିତ ସଂଯୋଗସ୍ଥାପନ କରି ସେଗୁଡ଼ିକ ଯେତିକି ଜ୍ଞାନ ଲାଭ କରିପାରନ୍ତି, କେବଳ ସେତିକ ସେଗୁଡ଼ିକର ସମ୍ବଳ ହୋଇ ରହିଥାଏ । ମାତ୍ର ଏକ ତାଦାତ୍ମ୍ୟବୋଧ ଓ ସେଥିରୁ ଜାତ ହେଉଥିବା ପାରସ୍ପରିକ ଅନ୍ତଃପ୍ରବେଶ ଏବଂ ପରିପୂର୍ଣ୍ଣତର ବୋଧର କୌଣସି ସାମର୍ଥ୍ୟ ସେହି ଜ୍ଞାନରେ ଆଦୌ ନଥାଏ । ଅଜ୍ଞାନରୂପୀ ବିପରୀତ ଭୂମିଟିକୁ ଓ ସେଥିରୁ ଜାତ ହେଉଥିବା ଖଣ୍ଡବୋଧକୁହିଁ ଭିତ୍ତିକରି ଏହି ମନଃଶକ୍ତିର ସକଳ କ୍ରିୟା ଉତ୍ପନ୍ନ ହେଉଥାଏ । ଏବଂ, ସେଗୁଡ଼ିକୁ ଏକପ୍ରକାର ସଚେତନ ଜ୍ଞାନର ପରିଣାମ ବୋଲି କୁହାଗଲେ ମଧ୍ୟ ସେହି ଜ୍ଞାନ ତଥାପି କେବଳ ଆଂଶିକ ହୋଇ ରହିଥାଏ । ଏକ ଯଥାର୍ଥ ଓ ସମଗ୍ର ଆତ୍ମଜ୍ଞାନ ସହିତ ଏହାର କୌଣସି ସାଦୃଶ୍ୟ ନଥାଏ, ଏକ ଯଥାର୍ଥ ଓ ସମଗ୍ର ବିଶ୍ୱଜ୍ଞାନ ସହିତ ମଧ୍ୟ କୌଣସି ସାଦୃଶ୍ୟ ନଥାଏ । ପ୍ରାଣର ଭୂମିରେ ମଧ୍ୟ ଆମେ ଠିକ୍ ଏହି ସ୍ଥିତିଟି ଦେଖିବାକୁ ପାଉଥାଉ, ସୂକ୍ଷ୍ମଜଡ଼ର ସ୍ତରଟିରେ ମଧ୍ୟ ଠିକ୍ ତାହାହିଁ ରହିଥାଏ । ଏବଂ ପରମ ନିଶ୍ଚେତନାର ଗର୍ଭରେ ନିପତିତ ହେବାର ସର୍ବଶେଷ ପର୍ଯ୍ୟାୟଟିରୁ ଜନ୍ମଲାଭ କରୁଥିବା ସ୍ଥୂଳ ଓ ଭୌତିକ ବିଶ୍ୱରେ ସେହି ସ୍ଥିତିର ପୁନରାବିର୍ଭାବ ହୁଏ ।

ତଥାପି ଆମର ଅଧିଚେତନ ଅଥବା ଅନ୍ତର୍ମନର କ୍ଷେତ୍ରପରି ମୂଳ ମନର ଏହି କ୍ଷେତ୍ରଟିରେ ମଧ୍ୟ ସଂଯୋଗସ୍ଥାପନ ଓ ପାରସ୍ପରିକତାର ଏକ ଉଚ୍ଚତର ସାମର୍ଥ୍ୟ ଅବସ୍ଥିତ ରହିଥାଏ । ମନୁଷ୍ୟର ପ୍ରାକୃତ ମନ ଅପେକ୍ଷା ମାନସ ତଥା ଇନ୍ଦ୍ରିୟବୋଧର ଏକ ମୁକ୍ତତର ସାମର୍ଥ୍ୟ ଅବସ୍ଥିତ ରହିଥାଏ । ଏବଂ ଅଜ୍ଞାନ ତଥାପି ସମ୍ପୂର୍ଣ୍ଣରୂପେ ଆଚ୍ଛନ୍ନ କରି ଦେଇ ନଥାଏ । ତେଣୁ ଏକ ସଚେତନ ସୌଷମ୍ୟସ୍ଥାପନ ଓ ଯଥାର୍ଥ ସମ୍ବନ୍ଧଗୁଡ଼ିକର ଏକ ପରସ୍ପର ନିର୍ଭରଶୀଳ ସଂଗଠନ ଲାଗି ମାନସକ୍ଷେତ୍ରରେ ଅଧିକ ସମ୍ଭାବନା ରହିଥାଏ । ଅନ୍ଧ ପ୍ରାଣଶକ୍ତି ଦ୍ୱାରା ମନ ତଥାପି ଅନ୍ଧ ହୋଇ ଯାଇ ନଥାଏ, ପ୍ରତିକ୍ରିୟାଶୂନ୍ୟ ଜଡ଼ଦ୍ୱାରା ତଥାପି ଆଚ୍ଛନ୍ନ ହୋଇ ପଡ଼ି ନଥାଏ । ମୂଳ ମନର ଏହି ଭୂମିଟିକୁ ଆମେ ପରମ ଅଜ୍ଞାନର ଏକ ଭୂମି ବୋଲି ନିଶ୍ଚୟ କହିବା ସତ, ମାତ୍ର ତଥାପି ମିଥ୍ୟା କିମ୍ବା ଭୁଲର ଭୂମି ବୋଲି କହିପାରିବା ନାହିଁ । ବା ଅନ୍ତତଃ ଏତିକି କୁହାଯାଇ ପାରିବ ଯେ ମିଥ୍ୟା ଓ ଭୁଲ ଭିତରେ ନିପତିତ ହେବା ଏପର୍ଯ୍ୟନ୍ତ ତଥାପି ଅନିବାର୍ଯ୍ୟ ହୋଇ ପଡ଼ି ନଥାଏ । ଏହି କ୍ଷେତ୍ରର ଅଜ୍ଞାନ ନାନା ସୀମାବନ୍ଧନ ଭିତରେ ବାନ୍ଧି ପକାଉଥାଏ ସତ, ମାତ୍ର ତଥାପି ମିଥ୍ୟାବିପର୍ଯ୍ୟୟ ଭିତରେ ପକାଇ ଦିଏ ନାହିଁ । ଜ୍ଞାନ ନାନାପ୍ରକାରେ ସୀମାସଙ୍କୁଚିତ ହୋଇଯାଏ, ଏକଦେଶୀ ଓ ଆଂଶିକ କେତେ ସତ୍ୟ ସତେ ଅବା ସଂଗଠିତ ହେବାକୁ ଆରମ୍ଭ କରୁଥା'ନ୍ତି, ମାତ୍ର ତଥାପି ସତ୍ୟ ଓ ଜ୍ଞାନର ବର୍ଜନ ଆରମ୍ଭ ହୋଇ ନଥାଏ କିମ୍ବା ସେଗୁଡ଼ିକର ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ବିପରୀତ କୌଣସି ତତ୍ତ୍ୱର ଆବିର୍ଭାବ ହୋଇ ନଥାଏ । ବିଭେଦଧର୍ମୀ ଜ୍ଞାନର ଏକ ଆଧାର ଉପରେ ଆଂଶିକ ସତ୍ୟଗୁଡ଼ିକର ସଙ୍ଗଠିତ ହେବାର ଏହି ଗତିଟି ପ୍ରାଣ ଓ ସୂକ୍ଷ୍ମ ଜଡ଼ର ସ୍ତରରେ ମଧ୍ୟ ରହିଥାଏ, କାରଣ ସେଗୁଡ଼ିକୁ ବିଭେଦଧର୍ମୀ କ୍ରିୟା ଭିତରେ ବ୍ୟାପୃତ କରି ରଖିଥିବା ଚିତ୍‌ଶକ୍ତିର ଅତିଶକ୍ତ ଅଭିନିବେଶ ମନକୁ ପ୍ରାଣଠାରୁ କିମ୍ବା ମନ ଓ ପ୍ରାଣକୁ ଜଡ଼ଠାରୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ କରିଦିଏ ନାହିଁ ବା ଆବୃତ କରି ପକାଏ ନାହିଁ । କେବଳ ନିଶ୍ଚେତନାର ସ୍ତରରେ ଆସି ପହଞ୍ଚିବା ପରେହିଁ ପୂର୍ଣ୍ଣ ବିଚ୍ଛିନ୍ନତା ଦେଖାଦିଏ ଏବଂ ସେହି ତମୋଗୂଢ଼ ଭୂମିଟିରୁହିଁ ନାନା ଅଜ୍ଞାନର ସମାହାର ଆମର ଏହି ଜଗତଟି ଜନ୍ମଲାଭ କରିଥାଏ । ସବୃତିକ୍ରମର ଏହିସବୁ ଅନ୍ୟ ଭୂମିଗୁଡ଼ିକୁ ଆମେ ବସ୍ତୁତଃ ତଥାପି ଚିତ୍‌ଶକ୍ତିରହିଁ ସୃଷ୍ଟି ବୋଲି ଜାଣିବା । ଏହି ଭୂମିଗୁଡ଼ିକରେ ପ୍ରତ୍ୟେକେ କେବଳ ଆପଣାର କେନ୍ଦ୍ରଟିଦ୍ୱାରା ପ୍ରେରିତ ହୋଇହିଁ ଜୀବନଧାରଣ କରୁଥା'ନ୍ତି, କେବଳ ଆପଣା ସମ୍ଭାବନାଗୁଡ଼ିକର ଅନୁସରଣ କରୁଥା'ନ୍ତି । ମନ, ପ୍ରାଣ ବା ଜଡ଼ ଯେଉଁଟି ଯାହାର ମୁଖ୍ୟ ତତ୍ତ୍ୱ ହୋଇ ରହିଥାଏ, କେବଳ ସେଇଟିହିଁ ଆପଣାର ସ୍ୱତନ୍ତ୍ର ଭିତ୍ତିଟି ଉପରେ ପ୍ରତିଷ୍ଠିତ ରହି କାର୍ଯ୍ୟ କରୁଥାଏ । ମାତ୍ର ଏହିସବୁ କାର୍ଯ୍ୟରେ କେବଳ ତାହାର ନିଜର ସତ୍ୟଗୁଡ଼ିକହିଁ ଫୁଟି ଉଠୁଥାଏ; ଏଥିରେ କୌଣସି ଭ୍ରାନ୍ତି ନଥାଏ, ସତ୍ୟ ଓ ମିଥ୍ୟା, ଅଥବା ଜ୍ଞାନ ଓ ଅଜ୍ଞାନର କୌଣସି ଅଡ଼ୁଆ ବି ନଥାଏ । ମାତ୍ର ଯେତେବେଳେ ଶକ୍ତି ଓ ରୂପ ଉପରେ ଏକାନ୍ତ ଅଭିନିବେଶ ଦ୍ୱାରା ଚିତ୍‌ଶକ୍ତି ବିଶ୍ୱବ୍ୟାପାରର ଭୂମି ଉପରେ ଚେତନାଠାରୁ ଶକ୍ତିକୁ ଅଲଗା କରି ଦେଉଥିବା ପରି ମନେହୁଏ କିମ୍ବା ରୂପ ଏବଂ ଶକ୍ତି ଭିତରେ ଆପଣାକୁ ହରାଇ ଦେଇଥିବା ଏକ ଅନ୍ଧ ନିଦ୍ରା ଭିତରେ ତାହା ଚେତନାକୁ ଗ୍ରସ୍ତ କରି ରଖେ, ସେତେବେଳେ ଏକ ଖଣ୍ଡପରିଣାମର ମାର୍ଗ ଅନୁସରଣ କରି ଏହି ଚେତନା ବହୁ ଆୟାସ ଦ୍ୱାରା ଆପଣା ଭିତରକୁ ଫେରି ଆସିବାକୁ ବାଧ ହୋଇଥାଏ । ଏହାଦ୍ୱାରାହିଁ ଭୁଲ ବା ପ୍ରମାଦଲାଗି ଏକ ଅବସରର ସୃଷ୍ଟି ହୁଏ ଏବଂ ମିଥ୍ୟା ଅନିବାର୍ଯ୍ୟ ହୋଇପଡ଼େ । ତଥାପି ଆମେ ଏଗୁଡ଼ିକୁ ପରମ ଅସତ୍‌ ଭିତରୁ ଉଦ୍‌ଭୂତ ହୋଇଥିବା କେବଳ ଭ୍ରାନ୍ତି ବୋଲି କହିପାରିବା ନାହିଁ । ବରଂ ଏହାକୁ ଆମେ ନିଶ୍ଚେତନାରୁ ଜାତ ହୋଇଥିବା ଏକ ପୃଥିବୀର ଅପରିହାର୍ଯ୍ୟ ସତ୍ୟ ଓ ବିଧାନ ବୋଲି କହିପାରିବା । ମାତ୍ର ଏପର୍ଯ୍ୟନ୍ତ ଅଜ୍ଞାନ କହିଲେ ଯଥାର୍ଥତଃ ନିଶ୍ଚେତନାର ମୂଳ ଆବରଣଟି ପଛରେ ଆପଣାର ଅନ୍ୱେଷଣ କରିବାରେ ଲାଗିଥିବା ଏକ ଜ୍ଞାନ ବୋଲିହିଁ ବୁଝାଯିବ । ଏହା କେତେଥର ହରାଏ, ପୁଣି କେତେଥର ପାଏ । ତେଣୁ ଏହି ଅଜ୍ଞାନର ପରିଣାମଗୁଡ଼ିକ ମଧ୍ୟ ଆପଣା ସ୍ୱଭାବରୁ ଚ୍ୟୁତ ହେବାର ଯଥାର୍ଥ ପରିଣାମ । ଏବଂ ଅନ୍ୟଆଡ଼ୁ କହିବାକୁ ଗଲେ ସ୍ୱଭାବ-ଉପଲବ୍ଧିର ଯଥାର୍ଥ ସାଧନାଟି ମଧ୍ୟ ଠିକ୍‌ ଏହି ମାର୍ଗ ଦେଇ ଗତି କରିଥାଏ । ପରମ୍‌ ସତ୍‌ ସତେଯେପରି ପରମ ଅସତ୍‌ର ଗର୍ଭ ଭିତରେ ଲୀନ

'oaob.nitrkl.ac.in' images reprocessed

ହୋଇଯାଉଛି, ଚେତନା ଏକ ଆପାତ ନିଶ୍ଚେତନାର ଗ୍ରାସରେ ଆସି ପଡ଼ୁଛି, ଏବଂ ସତ୍ତାର ପରମ ଆନନ୍ଦ ସଚେତସେପରି ଏକ ବିଶ୍ୱମୟ ବୋଧହୀନତାର କବଳରେ ପଡ଼ିରହୁଛି,—ଏଗୁଡ଼ିକୁ ଆମେ ସ୍ୱଭାବଚ୍ୟୁତିର ପ୍ରଥମ ପରିଣାମ ବୋଲି ଜାଣିବା । ପୁଣି ଫେରନ୍ତା ପଥରେ ଏକ ଆୟାସମୟ ଖଣ୍ଡିତ ଅନୁଭୂତିର ଅନୁସରଣ କରି ଚୈତନ୍ୟ ସତ୍ୟ ଓ ମିଥ୍ୟା, ଜ୍ଞାନ ଓ ଭ୍ରମ, ଏହି ଦ୍ୱୈତଭାବ ଭିତରେ ପର୍ଯ୍ୟବସିତ ହେଉଛି, ଜୀବନ ଓ ମୃତ୍ୟୁର ଦ୍ୱୈତଭାବ ଭିତରେ ସତ୍ତା ପର୍ଯ୍ୟବସିତ ହୋଇ ରହୁଛି, ଏବଂ ଦୁଃଖ ଓ ସୁଖର ଦ୍ୱୈତଭାବ ଭିତରେ ସତ୍ତାର ଆନନ୍ଦ ପର୍ଯ୍ୟବସିତ ହେଉଛି । ଆତ୍ମ-ଆବିଷ୍କାର ଅର୍ଥାତ୍ ଆପଣାପାଖକୁ ଫେରି ଆସିବାର ସାଧନାରେ ଏହିଗୁଡ଼ିକୁହିଁ ଆମେ ଆବଶ୍ୟକ ପ୍ରକ୍ରିୟାରୂପେ ଜାଣିରଖିବା । ଏହି ଭୂମିର ଯଥାର୍ଥ ବିଷୟସତ୍ୟ ଦୃଷ୍ଟିରୁ ବିଚାର କଲେ ପରମ ସତ୍ୟ, ପରମ ଜ୍ଞାନ, ପରମ ଆନନ୍ଦ ଏବଂ ଅବିନାଶୀ ସତ୍ତାର ବିଶୁଦ୍ଧ ଅନୁଭୂତି ଏଠାରେ କେବଳ ଏକ ସ୍ୱାଭାବିକ ବିରୋଧହିଁ ହୋଇ ରହିଥିବ । ଏହି ଭୂମିର ପରିଣାମାଧୀନ ସକଳ ଜୀବ ସେମାନଙ୍କ ଭିତରେ ଅବସ୍ଥିତ ରହିଥିବା ଚୈତ୍ୟ ଉପାଦାନଗୁଡ଼ିକ ପ୍ରତି ଯଦି ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଭାବରେ ପ୍ରତିସ୍ପନ୍ଦନ ଦେଇ ପାରୁଥା'ନ୍ତେ ଏବଂ ପ୍ରକୃତିର ସକଳ କ୍ରିୟା ମଧ୍ୟରେ ଅବସ୍ଥିତ ଅତିମାନସର ଆହ୍ୱାନଟିକୁ ଅନୁଭବ କରି ତାହାର ଅନୁରୂପ ପ୍ରତ୍ୟୁତ୍ତର ଦେଇ ପାରୁଥା'ନ୍ତେ, କେବଳ ସେତିକବେଳେ ଯାଇ ତାହା ଅନ୍ୟଥା ହୋଇ ପାରୁଥା'ନ୍ତା । ମାତ୍ର ଠିକ୍ ଏଇଠାରେହିଁ ଅଧିମାନସର ସେହି ବିଧାନଟି ଆସି ପହଞ୍ଚେ, ଯେଉଁଥିରେ କି ପ୍ରତ୍ୟେକ ଶକ୍ତି କେବଳ ଆପଣାର ସମ୍ଭାବନାଗୁଡ଼ିକୁହିଁ କାର୍ଯ୍ୟକାରୀ କରିବାରେ ବ୍ୟାପୃତ ହୋଇ ରହିଥାଏ । ଆମର ଏହି ଜଗତରେ ଏକ ମୌଳିକ ନିଶ୍ଚେତନ ଓ ଚୈତନ୍ୟଗତ ବିଭାଜନହିଁ ପ୍ରଧାନ ତତ୍ତ୍ୱରୂପେ କାର୍ଯ୍ୟ କରୁଛି; ତେଣୁ ଏହାର ସ୍ୱାଭାବିକ ସମ୍ଭାବନା ରୂପେ ନାନା ଅନ୍ଧକାରଶକ୍ତିର ଉଦ୍ଭବ ବ୍ୟତୀତ ଏଠାରେ ଆଉ କି ପରିଣାମ ଘଟନ୍ତା ? ମହାନ୍ଧକାରର ଏହି ଶକ୍ତିଗୁଡ଼ିକ ଅଜ୍ଞାନଦ୍ୱାରାହିଁ ବଞ୍ଚି ରହିବେ ଓ ସେଥିଲାଗି ସେହି ଅଜ୍ଞାନକୁହିଁ ପ୍ରତିଷ୍ଠିତ କରି ରଖିବାକୁ ବାଧ୍ୟ ହେବେ । ତଥାପି ସ୍ୱଭାବବଶ ହୋଇ ସେଗୁଡ଼ିକ ମଧ୍ୟରେ ଜାଣିବାର ଏକ ଅଜ୍ଞାନତାମୟ ପ୍ରୟାସ ଜାରି ରହିଥିବ ଓ ସେଇଥିରୁ ମିଥ୍ୟା ଓ ପ୍ରମାଦ ଜନ୍ମଲାଭ କରୁଥିବ । ଭୁଲ ଓ ଅନର୍ଥର ନାନା ଅବକାଶ ସୃଷ୍ଟିକରି ବଞ୍ଚିରହିବାର ଏକ ଅଜ୍ଞାନତାମୟ ସଂଗ୍ରାମ ଲାଗି ରହିଥିବ, ସମ୍ଭୋଗ ଓ ଉପଭୋଗ କରିବାର ଅଭିପ୍ରାୟରେ ଏକ ଅହମିକାପୂର୍ଣ୍ଣ ସଂଗ୍ରାମ ଲାଗିଥିବ । ଏହି ସଂଗ୍ରାମହିଁ ଖଣ୍ଡିତ ହର୍ଷ, ଦୁଃଖ ଓ ଯନ୍ତ୍ରଣାକୁ ଜନ୍ମ ଦେଉଥିବ । ତେଣୁ ଏହିଗୁଡ଼ିକୁହିଁ ଆମେ ଅନିବାର୍ଯ୍ୟ ଓ ପ୍ରଥମ ଖୋଦିତ ଭାଗ୍ୟଲିପି ବୋଲି ଜାଣିରଖିବା । ମାତ୍ର କେବଳ ଏହାହିଁ ଯେ ଆମ ପରିଣାମଶୀଳ ଜୀବନର ଏକମାତ୍ର ସମ୍ଭାବନା,—ଏକଥା ମଧ୍ୟ କଦାପି କୁହାଯାଇ ପାରିବ ନାହିଁ । ଅସଲ୍ ଯଥାର୍ଥରେ କେବଳ ଏକ ପ୍ରଚ୍ଛନ୍ନ

'oaob.nitrkl.ac.in' images reprocessed

ସତ୍ ହୋଇଥିବାରୁ, ନିଶ୍ଚେତନା କେବଳ ଏକ ପ୍ରଚ୍ଛନ୍ନ ଚେତନାହିଁ ହୋଇଥିବାରୁ, ବୋଧଶୂନ୍ୟତା ସେହି ପରମ ଆନନ୍ଦର ଏକ ଆବୃତ ଓ ସୁପ୍ତ ରୂପହିଁ ହୋଇଥିବାରୁ ଏହିସବୁ ପ୍ରଚ୍ଛନ୍ନ ଓ ସଂଗୁପ୍ତ ସତ୍ୟଗୁଡ଼ିକର ତଥାପି ଉନ୍ମେଷ ଘଟିବହିଁ ଘଟିବ; ସଂଗୁପ୍ତ ହୋଇ ରହିଥିବା ଅଧିମାନସ ତଥା ଅତିମାନସ ମଧ୍ୟ ଅବଶେଷରେ ଏକ ଅନ୍ଧକାରମୟ ଅଜ୍ଞାନ ମହାବିସ୍ତାର ମଧ୍ୟରୁ ସମ୍ଭୂତ ହୋଇଥିବା ଏହି ଆପାତ-ବିପରୀତ ବିସୃଷ୍ଟି ମଧ୍ୟରେହିଁ ପ୍ରକାଶିତ ହେବେ ଓ ଆପଣାକୁ ପରିପୂର୍ଣ୍ଣ କରିବେ ।

ଦୁଇଟି କଥା ଏହି ସମ୍ପୂର୍ଣ୍ଣ ସିଦ୍ଧିଲାଭକୁ ଅଧିକ ସହଜ କରିଦିଅନ୍ତି । ଭୌତିକ ସୃଷ୍ଟିଆଡ଼କୁ ଓହ୍ଲାଇ ଆସିବା ସମୟରେ ଅଧିମାନସ ଆପଣା ଭିତରୁ କେତେକ ପର୍ଯ୍ୟାୟ ଅର୍ଥାତ୍ କେତେକ ସହାୟକ ରୂପାନ୍ତର ସୃଷ୍ଟି କରି ରଖିଛି । ଏଥିରୁ ଗୋଟିଏ ହେଉଛି ପ୍ରତିବୋଧ ଅଥବା ବୋଧିମାନସ, ଯାହାକି ବିଶେଷତଃ ଆପଣା ସତ୍ୟର ଅନ୍ତଃପ୍ରବେଶକାରୀ ବିଦ୍ୟୁତ୍‌ଝଲକଦ୍ୱାରା ଆମ ଚେତନାର କେତେ ସ୍ଥାନୀୟ ବିନ୍ଦୁ ଓ କେତେ କ୍ଷେତ୍ରବିସ୍ତାରକୁ ଆଲୋକିତ କରି ଦେଇଥାଏ, ଯାହାକି ବିଷୟଗତ ପ୍ରଚ୍ଛନ୍ନ ସତ୍ୟଗୁଡ଼ିକୁ ଆମ ବୋଧର ନିକଟବର୍ତ୍ତୀ କରାଇ ଆଣିବାକୁ ସମର୍ଥ ହୁଏ, ଏବଂ, ଚେତନାର ଏହିସବୁ ଉଚ୍ଚତର ଭୂମିର ସନ୍ଦେଶମାନ ଶୁଣିପାରିବା ଲାଗି ପ୍ରଥମେ ଆମର ଅନ୍ତର୍ସତ୍ତା ମଧ୍ୟରେ ଆମକୁ ଆହୁରି ପ୍ରଶସ୍ତ ଭାବରେ ଉନ୍ମୋଚିତ କରିଦେଇ ଓ ତା'ପରେ ତତ୍‌ପରିଣାମସ୍ୱରୂପ ଆମର ଉପରିଭାଗସ୍ଥ ବାହ୍ୟ ସତ୍ତାଟିକୁ ମଧ୍ୟ ସେହିପରି ଉନ୍ମୁକ୍ତ କରି ରଖି, ସେହିସବୁ ଉଚ୍ଚତର ଭୂମି ଭିତରକୁ ଆପଣାକୁ ପ୍ରସାରିତ କରିଦେଇ ଆମେ ନିଜେ ମଧ୍ୟ ପ୍ରତିବୋଧ ଓ ଅଧିମାନସସମ୍ପନ୍ନ ହେବାକୁ ସମର୍ଥ ହୋଇଥାଉ । ସେତେବେଳେ ଆଉ କେବଳ ବୁଦ୍ଧି ଓ ଇନ୍ଦ୍ରିୟବୋଧର ଘେରିବାଡ଼ ଭିତରେ ଆବଦ୍ଧ ହୋଇ ରହିବାକୁ ପଡ଼େ ନାହିଁ; ଏକ ବିଳାସ୍ତୃତର ବିଶ୍ୱଗତ ବୋଧର ସାମର୍ଥ୍ୟ ଆସେ, ସତେ ଅବା ଯଥାର୍ଥ ସତ୍ୟର ଆତ୍ମା ଓ ଶରୀରଟିର ପ୍ରତ୍ୟକ୍ଷ ସ୍ପର୍ଶ ବି ମିଳିଯାଏ । ବସ୍ତୁତଃ ଅନେକ ଆଗରୁ ମଧ୍ୟ ଏହିସବୁ ଉଚ୍ଚତର ଭୂମିରୁ ପ୍ରକାର ଉଦ୍ଦୀପନମାନ ଆମ ଭିତରକୁ ଆସିବାକୁ ଆରମ୍ଭ କରିଥାଏ, ମାତ୍ର ଏହି ଅନୁପ୍ରବେଶ ଅଧିକାଂଶତଃ ଖଣ୍ଡିତ, ଅନିୟମିତ ଓ ଆଂଶିକ ଭାବରେ ହୋଇଥାଏ । ସେଗୁଡ଼ିକର ସାଦୃଶ୍ୟ ଅନୁସାରେ ଆପଣାକୁ ସଂପ୍ରସାରିତ କରିବା ଏବଂ ଯେଉଁସବୁ ବୃହତ୍ତର ସତ୍ୟଗୁଡ଼ିକୁ ନିସ୍ପାନ୍ଦିତ କରିବା ଲାଗି ଆମ ଭିତରେ ଅନ୍ତର୍ନିହିତ ସାମର୍ଥ୍ୟ ସବୁବେଳେ ରହିଛି, ସେଗୁଡ଼ିକୁ ସଂବଦ୍ଧ ଓ ସଂଗଠିତ କରିବାର ପ୍ରୟାସ ଆମ ଭିତରେ ତଥାପି ଆରମ୍ଭ ହୋଇ ନଥାଏ । ମାତ୍ର ଆମକୁ ଆଉ ଗୋଟିଏ ଦ୍ୱିତୀୟ କଥା ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ । ଆପଣାର ବିବର୍ତ୍ତିନକ୍ରମରେ ଆମେ ସମସ୍ତେ ଯେଉଁ ପରମ

'oaob.nitrkl.ac.in' images reprocessed

ନିଶ୍ଚେତନାରୁ ଉଦ୍‌ଭୂତ ହୋଇଛି, ଅଧିମାନସ, ପ୍ରତିବୋଧ, ଏବଂ ଏପରିକି ଅତିମାନସର ତତ୍ତ୍ୱଗୁଡ଼ିକ ଯେ ସେହି ନିଶ୍ଚେତନା ଭିତରେ କେବଳ ନିହିତ ଭାବରେ ଅନ୍ତର୍ନିହିତ ଓ ସଂବୃତ ରହିଛନ୍ତି ଓ ସେଇଥିରୁ ଯେ ଅନିବାର୍ଯ୍ୟ ଭାବରେ ଢଳେନାଢଳେ ବିକଶିତ ହୋଇ ଉଠିବେ ତାହା ନୁହେଁ, ମାତ୍ର ସେମାନେ ସେଠାରେ ଗୁପ୍ତରୂପେ ଅଧିଷ୍ଠିତ ରହିଛନ୍ତି ଏବଂ ବିଶ୍ୱଗତ ମନ, ପ୍ରାଣ ଓ ଜଡ଼ର କ୍ରିୟା ମଧ୍ୟରେ ପ୍ରତିବୋଧର ଉଦ୍‌ଭାସଦ୍ୱାରା ପ୍ରକଟିତ ହେବାକୁ ଚାହୁଁଛନ୍ତି । ଏକଥା ସତ୍ୟ ଯେ ସେମାନେ ସେଠାରେ କେବଳ ପ୍ରଚ୍ଛନ୍ନଭାବରେହିଁ କାର୍ଯ୍ୟ କରୁଛନ୍ତି; ଏପରିକି ଯେତେବେଳେ ବାହାରେ ସେମାନଙ୍କର କୌଣସି ପ୍ରକାଶ ଘଟୁଛି, ତାହା କେବଳ ସେମାନେ କାର୍ଯ୍ୟ କରୁଥିବା ଜଡ଼, ପ୍ରାଣ ଓ ମନର ମାଧ୍ୟମ ଦେଇହିଁ ଘଟୁଛି ଏବଂ ସେହି ମାଧ୍ୟମ ଦେଇ ଆସିଲାବେଳେ ସେମାନଙ୍କର ଯଥାର୍ଥ ପ୍ରକାଶରେ କିଛିତ୍ତ ପରିବର୍ତ୍ତନ ବି ଘଟିଯାଉଛି । ତେଣୁ ସେମାନଙ୍କୁ ସହଜରେ ଠଉରାଇ ପାରିବା ବି ସମ୍ଭବ ହେଉ ନାହିଁ । ଅତିମାନସ ଏହି ବିଶ୍ୱରେ ଆରମ୍ଭରୁହିଁ ସ୍ରଷ୍ଟାଶକ୍ତିରୂପେ ନିଜକୁ ପ୍ରକଟ କରିପାରୁ ନାହିଁ । କାରଣ ଯଦି ତାହା ହୋଇ ପାରୁଥା'ନ୍ତା, ତେବେ ପରମ ଅଜ୍ଞାନ ତଥା ପରମ ନିଶ୍ଚେତନା ଲାଗି ଆଉ କୌଣସି ସମ୍ଭାବନାହିଁ ନଥା'ନ୍ତା ଅଥବା ବର୍ତ୍ତମାନ ଆବଶ୍ୟକ ହେଉଥିବା ଧୀର ପର୍ଯ୍ୟାୟବାଚୀ ବିବର୍ତ୍ତନଟିର ପରିବର୍ତ୍ତେ ସବୁ ବଡ଼ କ୍ଷିପ୍ରଭାବରେ ବଦଳି ଯାଉଥା'ନ୍ତା ଓ ରୂପାନ୍ତରିତ ହୋଇ ଯାଉଥା'ନ୍ତା । ତଥାପି ଜଡ଼ଶକ୍ତିର ପ୍ରତ୍ୟେକ ସୋପାନରେ ଆମେ ଅତିମାନସ ସ୍ରଷ୍ଟାର ଅନିବାର୍ଯ୍ୟ ଛାପଟିକୁ ବେଶ୍ ଦେଖିପାରିବା । ଠିକ୍ ସେହିପରି ପ୍ରାଣ ଓ ମନୋଗତ ବିବର୍ତ୍ତନର ପ୍ରତ୍ୟେକ ପର୍ଯ୍ୟାୟରେ ମଧ୍ୟ ନାନା ସମ୍ଭାବନାରେଖା ଓ ସେଗୁଡ଼ିକର ଯାବତୀୟ ସମ୍ମିଳନ ତଥା ସମାହାରର ଲୀଳାରେ ବି ଆମେ ଏହି ଅତିମାନସର ସୂଚନା ପାଇପାରିବା, ସେଠାରେ ମଧ୍ୟ ଅତିମାନସ କାର୍ଯ୍ୟ କରୁଛି ବୋଲି ଅନୁଭବ କରିପାରିବା । ଜଡ଼ର ଭୂମିଟି ଉପରେ ଯେପରି ପ୍ରାଣ ଓ ମନର ଉନ୍ମୋଚନ ଘଟିଛି, ଠିକ୍ ସେହିପରି ଆପଣାର ଉପଯୁକ୍ତ ସମୟ ଅନୁସାରେହିଁ ପ୍ରଚ୍ଛନ୍ନ ପରମ ଦେବତାଙ୍କର ବୃହତ୍ତର ସାମର୍ଥ୍ୟଗୁଡ଼ିକ ମଧ୍ୟ ସଂବୃତିର ଦ୍ୱାରୋନ୍ମୋଚନ କରି ଅବଶ୍ୟ ପ୍ରକଟିତ ହେବ ଏବଂ ଊର୍ଦ୍ଧ୍ୱଦେଶରୁ ଅବତରଣ କରି ସେମାନଙ୍କର ପରମ ଆଲୋକ ଆମର ଜୀବନ ଭିତରେ ପ୍ରବେଶ କରିବ ।

ତେଣୁ ଅଜ୍ଞାନସ୍ଥ ଆମ ବର୍ତ୍ତମାନ ଜୀବନର ସର୍ବୋଚ୍ଚ ପରିଣାମ ଓ ଏହି ଜୀବନଜନିତ ଯାବତୀୟ ଦୁଃଖଭୋଗର ନିଷ୍କ୍ରୟମୂଲ୍ୟରୂପେ ଏକ ଦିବ୍ୟ ପରମଜୀବନର ପ୍ରକାଶ ଯେ କେବଳ ସମ୍ଭବ ତାହା ନୁହେଁ, ମାତ୍ର ଆମର ଆଲୋଚନାଟିରେ ଆମେ



'oaob.nitrkl.ac.in' images reprocessed

ଯାବତୀୟ ବିଷୟକୁ ଯେପରି ଭାବରେ ଦେଖିଛୁ, ତାହା ଯଦି ସତ୍ୟ ହୋଇଥାଏ, ତେବେ ଏହି ପ୍ରକାଶ ଅନିବାର୍ଯ୍ୟ । ଆପଣା କ୍ରମପରିଣତିର ମାର୍ଗ ଦେଇ ପ୍ରକୃତି ଭିତରେ ଯେଉଁ ନିରନ୍ତର ପ୍ରୟାସ ଲାଗି ରହିଛି, ତାହାର ସର୍ବୋତ୍ତମ ପରିପୂର୍ଣ୍ଣତା ଓ ସାର୍ଥକତାରୂପେ ଏହି ପ୍ରକାଶ ଘଟିବହିଁ ଘଟିବ ।

ପ୍ରଥମ ଖଣ୍ଡ ସମାପ୍ତ

'oaob.nitrkl.ac.in' images reprocessed